ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**କରୋନା ମହାମାରୀ ବର୍ତ୍ତମାନ ଗୋଷ୍ଠୀ ସଂକ୍ରମଣ ସ୍ତରରେ, ନିଜକୁ ରକ୍ଷା କରିବାକୁ ହେଲେ, ସଚେତନ ରହନ୍ତୁ, ନିଜର ଯତ୍ନ ନିଅନ୍ତୁ, ସାମାଜିକ ଦୂରତ୍ୱ ପାଳନ କରନ୍ତୁ, ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରନ୍ତୁ ।**

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୬ |
| **କାହାଣୀ ବିଭାଗ** | | **୧୯** |
| ସୁନେଲି ସିଂହ | ଅଶୋକ ବିଶ୍ୱାଳ | ୨୦ |
| ପଣତ | ସୁବଳ ମହାପାତ୍ର | ୩୦ |
| ସହଯୋଗୀ | ମନୋଜ କୁମାର ବେହେରା | ୩୯ |
| ସ୍ୱପ୍ନ | ଆଲୋକ କୁମାର ସାହୁ | ୪୧ |
| ସନା ମା | ତପସ୍ୱିନୀ ବେହେରା | ୪୩ |
| କାଳି ଝିଅ | ଗଦାଧର ବଳ | ୪୮ |
| ଚକୋର ଚକୋରୀ କଥା | ସୋନାଲି ସୁଚରିତା | ୫୭ |
| ଗାଁରେ ଡାକ୍ତର ବାବୁ | ସାଇ ପ୍ରସାଦ ସାହୁ | ୬୨ |
| କଣ୍ଢେଇ | ସୁଦୀପ ରୋହନ୍ ବାଘ | ୬୬ |
| ପ୍ରତୀକ୍ଷା | ଶୁଚିସ୍ମିତା ଗୌଡ଼ | ୬୯ |
| ଚଞ୍ଚଳା | ଆଭାଞ୍ଜଳି ଶତପଥୀ | ୭୨ |
| ସାବତ ମା | ଦେବେନ୍ଦ୍ର ସାମଲ | ୯୪ |
| ବିରହ | ତେଜସ୍ୱିନୀ ସାହୁ | ୧୦୫ |
| ଅତୁଟ ଏ ବନ୍ଧନ | ସଂଜୀବ କୁମାର ଦାସ | ୧୦୯ |
| ଉଦାରତାର ବଳ | ଭବାନୀ ଶଙ୍କର ପଟେଲ | ୧୧୫ |
| ପ୍ରଥମ ପ୍ରେମ | ଇଂ ବିଦ୍ୟାଧର ପଣ୍ଡା | ୧୧୭ |
| ପୁଣି ହସିଲା ପ୍ରକୃତି | ସୁଶ୍ରୀ ଆରତୀ ପଟ୍ଟନାୟକ | ୧୨୬ |
| ନିଷ୍ଠା : ପ୍ରେମର ଅନ୍ୟଏକ ପରିଭାଷା | ନିରୁପମା ପ୍ରଧାନ | ୧୨୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ରହସ୍ୟମୟ ଛୋଟପରଦା | ଶୁଭସ୍ମିତା ପରିଡ଼ା | ୧୩୧ |
| ଭକ୍ତ ଓ ଭଗବାନ | ପ୍ରତାପ କୁମାର | ୧୩୬ |
| ଦାୟୀ କିଏ | ରଞ୍ଜନ କୁମାର ପାଣିଗ୍ରାହୀ | ୧୩୯ |
| ବୈରାଗୀ | ବିନୟ ମହାପାତ୍ର | ୧୪୦ |
| ଅତୀତର ପଦଚିହ୍ନ | ପ୍ରୀତିସୀମା ସ୍ୱାଇଁ | ୧୪୫ |
| ନିଃସଙ୍ଗତା | ଡ଼ା ରାଜେନ୍ଦ୍ର କୁମାର ବେହେରା | ୧୫୧ |
| କାହିଁକି ଲେଖୁଛ ଗଦ୍ୟ କବିତା | ନାରାୟଣ ଚନ୍ଦ୍ର ସେନାପତି | ୧୬୦ |
| ଏମିତି ବି ହୁଏ | ସତ୍ୟବ୍ରତ ସାହୁ | ୧୭୫ |
| ରକ୍ଷା ବନ୍ଧନ | ଲିପ୍‌ସା ଦାସ | ୧୭୯ |
| କରୋନା : ଏକ ପରିବର୍ତ୍ତନ | ପ୍ରିୟଦର୍ଶିନୀ ମହାନ୍ତି | ୧୮୩ |
| ହତଭାଗା ପୁଅ | ଅନନ୍ତ କୁମାର ସାହୁ | ୧୮୭ |
| ପ୍ରଥମ ଚିଠି | ଦୁଷ୍ମନ୍ତ ବେହେରା | ୧୯୦ |
| କରୋନା କାଳର ଚାରୋଟି ଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୯୪ |
| **ଗଳ୍ପସ୍ପର୍ଦ୍ଧା ବିଭାଗ** | | **୨୦୦** |
| **ଦ୍ୱିତୀୟ ଗଳ୍ପସ୍ପର୍ଦ୍ଧା ସୂଚନା** | | **୨୦୧** |
| ଆହା କଣ ହେବ ସେମାନଙ୍କର | ସୁଦୀପ ରୋହନ୍ ବାଘ | ୨୦୩ |
| ଗୁରୁ ପ୍ରତିମ | ତୋଷବନ୍ତ ମେହେର | ୨୦୮ |
| ସୁବିଧାବାଦୀ | ସମ୍ବେଦନା ମିଶ୍ର | ୨୧୯ |
| ସ୍ମୃତିର ଲୁହ | ସୂର୍ଯ୍ୟକାନ୍ତ ମଲିକ | ୨୨୨ |
| ମୋ ନାତୁଣୀ ସବୁ ଜାଣିଛି | ବାପୁଜୀ କୁମାର ସାହୁ | ୨୨୫ |
| ସଉତୁଣୀ | ଧରିତ୍ରୀ ଗୌଡ଼ | ୨୨୮ |
| ଅନୁତପ୍ତ | ବାଦଲ ମହାରଣା | ୨୩୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପିପିଇ କିଟ୍ | ପଲ୍ଲବୀ ଦାସ | ୨୩୫ |
| ଭାବାନ୍ତର | ରୀତା ସାମନ୍ତରାୟ ମଲିକ | ୨୩୮ |
| ମଣିଷ ପଣିଆ | ପ୍ରିୟଦର୍ଶିନୀ ମହାନ୍ତି | ୨୪୨ |
| କରୋନା ଭୟ | ପ୍ରଶାନ୍ତ କୁମାର ନାଥ | ୨୪୬ |
| ସହଯୋଗର ପ୍ରତିଫଳନ ଅଚିହ୍ନା | ଲିମନ୍ | ୨୫୧ |
| ସମ୍ପର୍କର ଅନ୍ତରାଳେ | ଅଶୋକ କୁମାର ସେଠୀ | ୨୫୫ |
| ଜୀବନର ମୂଲ୍ୟାୟନ | ପ୍ରଜ୍ଞାଲୀନ ସାହୁ | ୨୬୫ |
| ଅକୁହା ବେଦନା | ଦମୟନ୍ତୀ ଜେନା | ୨୭୧ |
| କଥାଟି ସତ | ବାସନ୍ତୀଲତା ଜେନା | ୨୭୪ |
| କରୋନାର ଭୟ | ଲୀଳାମୟ ଶତପଥୀ | ୨୭୭ |
| **କବିତା ବିଭାଗ** | | **୨୮୧** |
| ଅମରଜ୍ୟୋତି କାବ୍ୟସ୍ୱୟମ୍ବର | ଦେବଦତ୍ତ ସୁନା | ୨୮୨ |
| ମନେପଡ଼େ ଆଜି ସେହି ପିଲାଦିନ | ପ୍ରଭାତ ମିଶ୍ର | ୨୮୬ |
| ନୀଳ ଆକାଶ | ଅମରନାଥ ବାରିକ | ୨୮୭ |
| କିଛି ଫୁଲ | ପ୍ରିୟଦର୍ଶିନୀ ମହାପାତ୍ର | ୨୮୮ |
| ଝରାଫୁଲ | ସ୍ୱାତୀସ୍ମିତା ବାରିକ | ୨୮୯ |
| ଧନ୍ୟବାଦ | ରାମ ପ୍ରସାଦ ସିଂ | ୨୯୧ |
| ଜୀବନର ନଉକାରେ | ଦୁଷ୍ମନ୍ତ ବେହେରା | ୨୯୨ |
| ସମ୍ପର୍କ | ଅରୁଣ କୁମାର ଦତ୍ତ | ୨୯୪ |
| ନାରୀ | ଅଲେଖ ମେହେର | ୨୯୫ |
| ମହାବାହୁ | ବାସନ୍ତୀଲତା ଜେନା | ୨୯୭ |
| ପାହାନ୍ତି ଖରାବେଳ | ପୁଷ୍ପାଞ୍ଜଳୀ ପଣ୍ଡା | ୨୯୯ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅନନ୍ୟ ଏ ଭାରତବର୍ଷ | ମଧୁସ୍ମିତା ସେନାପତି | ୩୦୧ |
| ସଂପର୍କ | ପ୍ରଶାନ୍ତ କୁମାର ମହାନ୍ତି | ୩୦୩ |
| ଦୁଇ କବିତା ଧାର | ଆଶୁତୋଷ ମେହେର | ୩୦୫ |
| ବିକଶିତ ଭାରତ | ନିର୍ମଳ ଚନ୍ଦ୍ର ସ୍ୱାଇଁ | ୩୦୬ |
| ଫୁଟବଲ୍ | ଶୁଭକାନ୍ତ ସାହୁ | ୩୦୮ |
| ହେ ମୃତ୍ୟୁ ଆଜି ତୁମେ ଖାଲିହାତ ଯାଅ | ଶ୍ରୀମତି ସଂଯୁକ୍ତା ମହାପାତ୍ର | ୩୦୯ |
| ଆମ ଗାଆଁ ବାଉରୀ ପଧାନ | ଡଃ ବିନୟ କୁମାର ପତି | ୩୧୧ |
| ଫୁଲ | ଅନନ୍ତ କୁମାର ସାହୁ | ୩୧୨ |
| ଖୁବ ମଜା | କାହ୍ନୁଚରଣ ସାହୁ | ୩୧୩ |
| ବଦଳିବ ଆମ ସମୟ | ରୋଜାଲୀନ ପଣ୍ଡା | ୩୧୪ |
| ପିଲାଦିନ ସ୍ମୃତି | ରାମଚନ୍ଦ୍ର ପ୍ରଧାନ | ୩୧୫ |
| ମିଛ ପ୍ରେମ | ସୌଭାଗ୍ୟବତୀ ଗିରି | ୩୧୬ |
| ମାଟିର ମଣିଷ | ଫିରୋଜ କୁମାର ପଟେଲ | ୩୧୭ |
| ପ୍ରେମର କୋଣାର୍କ | ପ୍ରଶାନ୍ତ କୁମାର ପ୍ରଧାନ | ୩୧୮ |
| ଭିନ୍ନ ବିଦ୍ରୋହ | ସୁମନ କଲ୍ୟାଣ ଦାଶ | ୩୧୯ |
| ପରିବର୍ତ୍ତନ | କୃଷ୍ଣଚନ୍ଦ୍ର ଡାକୁଆ | ୩୨୦ |
| ଆଶଙ୍କାରେ ଜୀବନ | ପବିତ୍ର ଦାସ | ୩୨୨ |
| ସୈନିକ ମୁଁ ସୀମାନ୍ତଯୋଦ୍ଧା | ହାସ୍ୟମୟୀ ରାଜ | ୩୨୩ |
| ତୁମ ଆଗମନେ | ସମ୍ୟଜିତ ପାତ୍ର | ୩୨୫ |
| ହଁ ତୁମେ ମୋର ବନ୍ଧୁ | କ୍ଷୀରସିନ୍ଧୁ ନାଏକ | ୩୨୬ |
| ମୁଁ ଦାଦନ ଶ୍ରମିକ କହୁଛି | ଦେବାଶିଷ ପଧାନ | ୩୨୮ |
| ଆହ୍ୱାନ | କୁମରଲାଲ ରଣା | ୩୩୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆହ୍ୱାନ | ଶରତ କୁମାର ନାଏକ | ୩୩୧ |
| ବୀର ସଂଗ୍ରାମୀ | ଲୀଳାମୟୀ ଶତପଥୀ | ୩୩୨ |
| ନୂଆ ଏକ ସମ୍ପର୍କ | ବିଶ୍ୱରଞ୍ଜନ ଦାସ | ୩୩୩ |
| ସମ୍ପର୍କର ପରିଭାଷା | ଭାସ୍କର ଚନ୍ଦ୍ର ଖଣ୍ଡା | ୩୩୪ |
| ଅବୁଝା ମନ | ସୁବ୍ରତ କୁମାର ଗିରି | ୩୩୫ |
| ପୁଣି ବର୍ଷା | ଦିଲିପ୍ କୁମାର ତ୍ରିପାଠୀ | ୩୩୬ |
| ଜୀବନସାଥୀ | ରାଜୁ କୁମାର ପାତ୍ର | ୩୩୭ |
| ଏଇ ମୋର ପରିଚୟ | ନେପାଳ କୁମାର ବେହେରା | ୩୪୦ |
| ତୁମ ହସରେ | ଅଜୟ କୁମାର ଜେନା | ୩୪୧ |
| ଏଇ ମୋ ଉତ୍କଳ ଦେଶ | ଅଶୋକ କୁମାର ପ୍ରଧାନ | ୩୪୩ |
| କରୋନା | ଶର୍ମିଳା ସାହୁ | ୩୪୫ |
| ଏଇତ ଜୀବନ | ପ୍ରଭାସିନୀ ସେନାପତି | ୩୪୬ |
| ଅଧୁରା ପ୍ରେମ | ଶିଶିର କୁମାର ସାମଲ | ୩୪୭ |
| ମମତାମୟୀ ମାଆ | ବେଣୁଧର ସୁରୁଜାଳ | ୩୪୮ |
| ବୀର ଜାତକେ ନାହିଁ ଡର ଭୟ | ଆଶିଷ ଜ୍ୟୋତିଷ | ୩୫୨ |
| ବର୍ଷା ହେବାପରେ | ପ୍ରଭାତ ବଳ | ୩୫୪ |
| କର ପ୍ରଭୁ ଶଙ୍ଖନାଦ | ମନୋରଞ୍ଜନ ସୁରୁଜାଳ | ୩୫୬ |
| ଚିତ୍ର କଳ୍ପ | ସୌମ୍ୟରଞ୍ଜନ କ୍ଷେତି | ୩୫୭ |
| ଲୁହ | ପୂର୍ଣ୍ଣିମା ଲେଙ୍କା | ୩୫୮ |
| ଦୁନିଆର ଅଜବତା | ଜ୍ୟୋତିଶ୍ରୀ ପାଣିଗ୍ରାହୀ | ୩୬୦ |
| ବର୍ଷାଭିଜା ପ୍ରିୟା | ରମାକାନ୍ତ ସେଠ | ୩୬୨ |
| ମହାନ ଯୋଦ୍ଧା | ସ୍ମୃତିରଞ୍ଜନ ବାରିକ | ୩୬୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଝଡ଼ି ବରଷା | କୁମାର ଲୋକେଶ୍ | ୩୬୭ |
| ବିଶ୍ୱାସ | ଦେବେନ୍ଦ୍ର ସେଠୀ | ୩୬୮ |
| ତୁମ କଥା ଆଜି ବେଶି ମନେପଡ଼େ | ବାଲାଜୀ ସେଠୀ | ୩୭୦ |
| ମୋ ଜନ୍ମଭୂମି | ଜିତେନ୍ଦ୍ର ପାଣ୍ଡେ | ୩୭୧ |
| ପାହାଡ଼ର ଶବ୍ଦ | ଦମୟନ୍ତୀ ଜେନା | ୩୭୩ |
| ଚାଙ୍ଗୁଡ଼ାଏ ନିଦ | ସୁବ୍ରତ ପାତ୍ର | ୩୭୫ |
| ମହାମାରୀ ବେଳେ | ତପନ କୁମାର ସ୍ୱାଇଁ | ୩୭୬ |
| ତତେ କାହିଁକି ଖୋଜୁଛି ମୁଁ ? | ବୈଦ୍ୟନାଥ ପଣ୍ଡା | ୩୭୭ |
| ହେ ମୋର ପ୍ରିୟା ଚନ୍ଦ୍ରମା | ଲିଟନ୍ କୁମାର ବେହେରା | ୩୭୯ |
| ଖୁସିର ଉଦ୍ୟାନ | ସରୋଜିନୀ ମିଶ୍ର | ୩୮୦ |
| ଆଜି ବି ତୁମେ ସରକାର | ବିଶ୍ୱଜିତ୍ ନାଥ | ୩୮୩ |
| କାରଗିଲ୍ ବିଜୟ ଦିବସ | ଅଭୟ କୁଣ୍ଡ | ୩୮୫ |
| ଏଇ ସମର୍ପିତ ଦିବସ | ଚିତ୍ତରଞ୍ଜନ ବାରିକ | ୩୮୭ |
| ଇନ୍ଦ୍ରଧନୁ | ପୁଷ୍ପଲତା ସାହୁ | ୩୮୯ |
| ପାଦ | ସୌମ୍ୟରଞ୍ଜନ ପାଲ | ୩୯୧ |
| ତୁମେ ମୋର ଜୀବନ ଜୀବିକା | କମଳ ଲୋଚନ ମଲ୍ଲିକ | ୩୯୨ |
| ମୁଁ ଲତା | ଡଃ ମମତା ପ୍ରିୟଦର୍ଶିନୀ ସାହୁ | ୩୯୩ |
| ମୋ ଭାରତ | ଅଜୟ କୁମାର ବେହେରା | ୩୯୪ |
| ନନ୍ଦିଘୋଷ | ଅଜୟ କୁମାର ମହାନ୍ତି | ୩୯୫ |
| ଶ୍ରାବଣୀ | ଦଣ୍ଡାସୀ ପ୍ରଧାନ | ୩୯୬ |
| କର୍ମ | ବିଶ୍ୱରଞ୍ଜନ ବାରିକ | ୪୦୧ |
| ସ୍ମୃତିର ସ୍ମାରକ, ବିଜୟ ମହାନ୍ତି | ଛବିରାଣୀ ପତି | ୪୦୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନାନାମୁନୀ, ନାନା ମତ | ନୂତନ କୁମାର ବେହେରା | ୪୦୪ |
| ଅସହାୟ ଭାରତୀ | ପ୍ରଜ୍ଞାଭାରତୀ ପାଣି | ୪୦୫ |
| କେମିତି ଭୁଲିବି ମୁହିଁ | ରୋହିତ ସେଠୀ | ୪୦୭ |
| ମହାକାଳ | ଶରତ କୁମାର ଦାସ | ୪୦୮ |
| ରାକ୍ଷୀ | ଚିନ୍ମୟ ଶୁଭ୍ରାଂଶୁ | ୪୧୧ |
| ରାକ୍ଷୀ | ମନୋରଞ୍ଜନ ମୁଦୁଲି | ୪୧୨ |
| ରାକ୍ଷୀ | ସମ୍ବେଦନା ମିଶ୍ର | ୪୧୩ |
| ସ୍ୱାର୍ଥପର ମଣିଷ | ବିଜୟଲକ୍ଷ୍ମୀ ଭୋଇ | ୪୧୪ |
| ବିମଳ ସମ୍ପର୍କର ସାକ୍ଷୀ | ଅନାମ ଚରଣ ସାହୁ | ୪୧୫ |
| ଫଳ ନୁହେଁ, କର୍ତ୍ତବ୍ୟ ତୁମ ହାତରେ | ଅନସୂୟା ପଣ୍ଡା | ୪୧୬ |
| ହାଟ ସଉଦା | ନାରାୟଣ ଚନ୍ଦ୍ର ସେନାପତି | ୪୧୯ |
| ସ୍ୱପ୍ନ ସୁନ୍ଦରୀ | ସନ୍ତୋଷ କୁମାର ନାୟକ | ୪୨୨ |
| ଆହ୍ୱାନ ଦେଉଛି ରାକ୍ଷୀ | ଗୌରୀ ପଣ୍ଡା | ୪୨୩ |
| ରାକ୍ଷୀ ପୂନେଇଟା ଲାଗିଲା ଫିକା | ଶିଶିର କୁମାର ପଣ୍ଡା | ୪୨୪ |
| ଜୀବନ ବିନ୍ଦୁ | ମନ୍ମଥ କୁମାର ଦଳେଇ | ୪୨୫ |
| କେମିତି ବଞ୍ଚିବି ତୋ ବିନା | ଚିତ୍ତରଞ୍ଜନ ବେହେରା | ୪୨୭ |
| ଖାଇଲେ ଜାଣିବୁ | ସୌଭାଗ୍ୟରଞ୍ଜନ ମହାପାତ୍ର | ୪୨୯ |
| ଜୀବନ | ଆଶିଷ ବେହେରା | ୪୩୦ |
| ବିରହ | ସୂର୍ଯ୍ୟକାନ୍ତ ମଲ୍ଲିକ | ୪୩୧ |
| ଆକାଂକ୍ଷିତ ମୁହୂର୍ତ୍ତ | ଡଃ ମନୋରଞ୍ଜନ ବିଷୋୟୀ | ୪୩୨ |
| ସ୍ମୃତି ଓ ରୂପାଜହ୍ନ | ଡା ସୌମ୍ୟରଞ୍ଜନ ମିଶ୍ର | ୪୩୩ |
| ବାପା | ରାଜେନ୍ଦ୍ର ବୋଡ଼କିଆ | ୪୩୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କବିର ସ୍ୱାଧୀନତା | ଦୀପକ କୁମାର ଦାଶ | ୪୩୫ |
| ତମେ ଆସିବ ବୋଲି | ମୃତ୍ୟୁଞ୍ଜୟ ପଣ୍ଡା | ୪୩୬ |
| ତୁମେ ଓ ମୁଁ | ସୀତାକାନ୍ତ ମହାପାତ୍ର | ୪୩୭ |
| ମାଆ | ଖଗେନ୍ଦ୍ର ପାତ୍ର | ୪୩୮ |
| ମାଆ | ନିରଞ୍ଜନ ସାହୁ | ୪୩୯ |
| ମାଆ | ଚିତ୍ରକିଶୋର ମାଝୀ | ୪୪୦ |
| ସଂସାରର ଦୁର୍ଦ୍ଦଶା | ଦିବ୍ୟାନ୍ତ ପଟ୍ଟନାୟକ | ୪୪୧ |
| ବଳଦର ଅଭିଶାପ | ଲିମନ୍ | ୪୪୨ |
| ଚେତା | ପରମାନନ୍ଦ ରାଜହଂସ | ୪୪୩ |
| ବାପାଙ୍କ ଉପଦେଶ | ଜଗଦୀଶ ସାହୁ | ୪୪୪ |
| ନାରୀ | ଇତିଶ୍ରୀ ମଲ୍ଲିକ | ୪୪୫ |
| ତଥାପି ବଞ୍ଚିବାର ଆଶା ଅଛି | ସରୋଜ କୁମାର ତରାଇ | ୪୪୬ |
| ମୋ ଓଡ଼ିଶା | ରବୀନ୍ଦ୍ରନାଥ ବାହିନୀପତି | ୪୪୯ |
| ବିଜୟଙ୍କ ସ୍ମୃତିରେ | ପ୍ରକାଶ ଚନ୍ଦ୍ର ପଣ୍ଡା | ୪୫୦ |
| କଳୁଷିତ ସମାଜ | ମୀନକେତନ ବୋଡ଼କିଆ | ୪୫୧ |
| ଧୋକା | ଡମ୍ବୁରୁଧର ଦାଶ | ୪୫୨ |
| ନାୟିକା | ଅବିନାଶ ମାନସିଂ | ୪୫୪ |
| ତୁମେ ପରମେଶ୍ୱର | ଜୟନ୍ତ କୁମାର ସାହୁ | ୪୫୬ |
| ଚିରକାଳ ପ୍ରକୃତି କୋଳରେ | ଡା ନୀଳମାଧବ କର | ୪୫୮ |
| ଅନ୍ତିମ ସତ୍କାର | ଡଃ ଦେବାଶିଷ ମହାପାତ୍ର | ୪୫୯ |
| ମାଆମାଟି କଥା | ଇଂ ବିଦ୍ୟାଧର ପଣ୍ଡା | ୪୬୧ |
| ମହାବାହୁ | ଶିବଶଙ୍କର ସାହୁ | ୪୬୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନାରୀ ମୁଁ | ନିବେଦିତା ଜେନା | ୪୬୪ |
| ଆମ ଭାରତବର୍ଷ | ଦୀପକ ଷଡ଼ଙ୍ଗୀ | ୪୬୫ |
| ଶେଷ ଥର | ଆଶିଷ କୁମାର ବେହେରା | ୪୬୬ |
| ସାଧବବୋହୁ | ରାଧାମୋହନ ପୂଜାହାରୀ | ୪୬୮ |
| ଲକ୍‌ଡାଉନରେ ଝିଅଦେଖା | ଏସ୍ ଶ୍ରୀମନ୍ ନାରାୟଣ ପାତ୍ର | ୪୬୯ |
| ତଫାତ ଏତିକି | ସଂଜୀବ ଦାସ | ୪୭୨ |
| ପୁଷ୍ପପୁର ରମଣୀ | ଲିଟୁ ନାୟକ | ୪୭୫ |
| ରିକ୍ସାବାଲା | ବର୍ଷାରାଣୀ ବିଶ୍ୱାଳ | ୪୭୭ |
| ପବିତ୍ର ଭାରତ ଭୂଇଁ | ସୁଶ୍ରୀ ଆରତୀ ପଟ୍ଟନାୟକ | ୪୭୮ |
| ମୁଁ ଜାଣେନା | ଲକ୍ଷ୍ମଣ ମହାନ୍ତି | ୪୭୯ |
| ଶ୍ରାବଣର ଶ୍ରାବଣୀ | ଅଭିମନ୍ୟୁ ବେହେରା | ୪୮୦ |
| ଯନ୍ତ୍ରଣା | ଡଃ ତନ୍ମୟ କବି | ୪୮୧ |
| ଗୋ କରୋନା ଗୋ | ସୁଧାଂଶୁ ମୋହନ ସାହୁ | ୪୮୨ |
| ଶେଷ ପ୍ରଣାମ | ଅଲିଭା ସାହୁ | ୪୮୪ |
| ସନ୍ଧ୍ୟାତାରା | ଇଂ ସତ୍ୟସୁନ୍ଦର ରାଉତ | ୪୮୫ |
| ତୁମେ ଅଛ ବୋଲି | ପ୍ରକାଶ କୁମାର ଚାନ୍ଦ | ୪୮୬ |
| ବିଦ୍ୟାଳୟର ପ୍ରଥମ ଦିନ | ସେବକାନ୍ତ ନନ୍ଦ | ୪୮୭ |
| ଲୁହ | ବେବିସ୍ମିତା କର | ୪୮୮ |
| ଗଣେଷ ବନ୍ଦନା | କ୍ଷମାନିଧି ସାହୁ | ୪୮୯ |
| ପ୍ରଶ୍ନ - ସନ୍ଦେହ | ସନ୍ତୋଷ କୁମାର ବାରିକ | ୪୯୦ |
| ବ୍ୟାଙ୍କ୍ କର୍ମଚାରୀ | ଡଃ ପ୍ରସନ୍ନ କୁମାର ବଳ | ୪୯୧ |
| ବୃକ୍ଷ | ଭକ୍ତବନ୍ଧୁ ବିଶ୍ୱାଳ | ୪୯୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କୂଳ | ସୁବାସ ଚନ୍ଦ୍ର ମୁଦୁଲି | ୪୯୫ |
| ସଙ୍ଗରୋଧ କେନ୍ଦ୍ର ସ୍ମୃତି | କୈଳାଶ ଚନ୍ଦ୍ର ସାହୁ | ୪୯୬ |
| ହଜିଲା ଶ୍ରାବଣ | ଶୁଚିସ୍ମିତା ଗୌଡ଼ | ୪୯୭ |
| ଅଗଷ୍ଟ ପନ୍ଦର | ଚନ୍ଦ୍ରଶେଖର ଗୌଡ଼ | ୪୯୮ |
| ଅଳିଟିଏ ପ୍ରଭୂ | ସରୋଜିନୀ ଦାସ | ୪୯୯ |
| ଚାଷୀଭାଇ | ଆଲୋକ କୁମାର ସାହୁ | ୫୦୧ |
| ଚିତ୍ରପଟ୍ଟ | ଡଃ କିଶୋର ମହାନ୍ତି | ୫୦୩ |
| ପଲକର ସ୍ୱପ୍ନ | ସରୋଜ କୁମାର ସାହୁ | ୫୦୪ |
| ବର୍ଷା | ସଇରାତ୍ ସତ୍ୟଜିତ | ୫୦୫ |
| ଜ୍ୟୋସ୍ନା | ଆଭାଞ୍ଜଳି ଶତପଥୀ | ୫୦୬ |
| ହେ ବନ୍ଧୁ ବିଦାୟ | ମଞ୍ଜୁରାଣୀ ମିଶ୍ର | ୫୦୮ |
| ବର୍ଷା | ସହଦେବ ପ୍ରଧାନ | ୫୧୧ |
| ସାଥୀ ତୁମ ପାଇଁ | ସୌମ୍ୟରଞ୍ଜନ ପାତ୍ର | ୫୧୪ |
| ପିଲାଦିନ | ଚୈତନ୍ୟ ପ୍ରସାଦ ମେହେର | ୫୧୫ |
| ବର୍ଷାଧାରେ କରୋନା | ଜ୍ୟୋସ୍ନାମୟୀ ପଲେଇ | ୫୧୬ |
| ସୂକ୍ତିସୁଧା | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୫୧୯ |
| ଧୂଆଁ | ସନାତନ ମହାକୁଡ଼ | ୫୨୨ |
| ରାଧୁଆ ମାଧିଆ ଜୀବନଗାଥା | ସନ୍ତୋଷ ପଟ୍ଟନାୟକ | ୫୨୩ |
| ବାପୁଙ୍କ ବାଣୀ ସବୁ ଭୁଲିଗଲେଣି | ସରୋଜ କୁମାର ଜେନା | ୫୨୪ |
| ବାଇ ଚଢ଼େଇ ଓ ପିମ୍ପୁଡ଼ି ଭାଇ | ପୂଜା ପାଣିଗ୍ରାହୀ | ୫୨୫ |
| ଗାଇବୁ ପ୍ରଗତି ଗୀତ | ଶରତ ଚନ୍ଦ୍ର ଜାଲି | ୫୨୭ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## ସମ୍ବଲପୁରୀ ବିଭାଗ ୫୨୯


| | | |
|---|---|---|
| ଗଁଅଲିଆ | ସାଇ ପ୍ରସାଦ ସାହୁ | ୫୩୦ |
| ନୂଆଁଖାଇ | ନୀଳାମ୍ବର ମହାନନ୍ଦ | ୫୩୧ |
| ନୂଆଁଖାଇ ତିହାର୍ | ବେଦବ୍ୟାସ ମାଝୀ | ୫୩୨ |
| ଆସ ଜଗାମା ଗଛ୍ | ହେମନ୍ତ ଦାଶ | ୫୩୪ |
| ମନେ ପଡୁଛେ ମୋର୍ ଗାଁ | ହୃଷିକେଶ ସାହୁ | ୫୩୫ |
| ମୁନୁଷ୍ ଜୀବନ୍ | ବିଶ୍ୱନାଥ ଭୁଏ | ୫୩୬ |
| ବର୍ଷା | ପ୍ରସନ୍ନ ପ୍ରୟାସ ଭୁଏ | ୫୩୭ |
| ତୋର୍ ଲାଗି ମୁଇଁ ଛୁଆ | ସତ୍ୟନାରାୟଣ ମିଶ୍ର | ୫୩୮ |
| ଟୁକେଲ୍ ଦେଖା | କ୍ଷମାନିଧି ସାହୁ | ୫୩୯ |
| ଏକ୍ଲା | ଯୁବରାଜ କୁଦେଇ | ୫୪୨ |
| ହିଟି ପଡୁଥିସି ମୁଇଁ | ଦେବାଶିଷ ପଧାନ | ୫୪୩ |
| ଝରି ଝରି ସରାବନ୍ | ଅରୁଣ କୁଲିହା | ୫୪୫ |
| ଭୋଟ୍ | ଅରୁଣ କୁଲିହା | ୫୪୬ |
| କେତେଟା ସ୍କେଚ୍ କବିତା | ପୁସ୍ତମ୍ ଯୁଆଡ଼ି | ୫୪୭ |
| ସପନ୍ ହଉ ପୂରଣ୍ | ଥବିର ରଣା | ୫୪୯ |
| ଆଶ୍ରମ୍ ଜୀବନ୍ | ଅରୁଣ କୁମାର ଭୋଇ | ୫୫୦ |
| ନିଲି ଆକାଶର୍ ତଲେ | ମନୋରଞ୍ଜନ ସୁରୁଜାଲ | ୫୫୩ |
| ସମିଆଁର୍ କର୍’ପନେ | ମନୋଜ କୁମ୍ଭାର | ୫୫୫ |
| ଆରେ ବର୍ଷା ଆ | ତ୍ରିଲୋଚନ୍ ବୁଢ଼େକ୍ | ୫୫୭ |
| ମୋର୍ ଭାରତ୍ ମହାନ୍ | ରମଣିକାନ୍ତ ସାହୁ | ୫୫୮ |
| ଜୁହାର୍ ମା | ରାଜେଶ ରଥ | ୫୬୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## ପ୍ରବନ୍ଧ ବିଭାଗ ୫୬୧


| | | |
|---|---|---|
| କବିତାରେ ସ୍ୱାଧୀନତା, ଦେଶପ୍ରେମ | କୁଞ୍ଜବିହାରୀ ସାହୁ | ୫୬୨ |
| ରକ୍ଷା ବନ୍ଧନ ଉତ୍ସବ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୫୬୩ |
| ବିସ୍ତାରବାଦ ଉପରେ ବିକାଶବାଦ ଭାରି | ଇଂ ବିଦ୍ୟାଧର ପଣ୍ଡା | ୫୮୪ |
| ଭୟ | ପଙ୍କଜ କୁମାର ପାଣିଗ୍ରାହୀ | ୫୯୨ |
| ଆମେ  କେତେ ସ୍ୱାଧୀନ | ସରୋଜ ପରିଡ଼ା | ୫୯୮ |
| ଲକ୍ ଡାଉନ୍ : ଆତ୍ମସମୀକ୍ଷାରେ ବେଳ | ଦେବଦତ୍ତ ସ୍ୱାଇଁ | ୬୦୨ |
| ଈଶ୍ୱର ଆରାଧନା | ସତ୍ୟନାରାୟଣ ମିଶ୍ର | ୬୦୪ |
| ଗର୍ବ ଓ ଅହଂକାର | ଅରୁଣ କୁମାର ଦତ୍ତ | ୬୦୬ |
| ଆଜିର ଶାସନ ବ୍ୟବସ୍ଥା | ପି ପୁରବୀ ମହାନ୍ତି | ୬୦୭ |
| ଜଣେ ଅଜାତଶତ୍ରୁଙ୍କ ମହାପ୍ରସ୍ଥାନ | ସନାତନ ମହାକୁଡ଼ | ୬୦୯ |
| ଆମେ କେତେ ସଚେତନ | ସୌଭାଗ୍ୟବତୀ ଗିରି | ୬୧୨ |
| ରାଜୀବ ରତ୍ନ ଗାନ୍ଧୀ | ଦେବେନ୍ଦ୍ର ସାମଲ | ୬୧୬ |
| ଶିକ୍ଷକ ଦେଶର ମେରୁଦଣ୍ଡ | ଅଜିତ ପଧାନ | ୬୨୦ |
| **ବିଶେଷ ସୂଚନା** | | **୬୨୨** |



# http://anchor.fm/aahwaan

ଆହ୍ୱାନ ଇ-ପତ୍ରିକାର ନୂତନ ଅନଲାଇନ୍ ପୋଡ଼କାଷ୍ଟ ଚ୍ୟାନେଲକୁ ସବସ୍କ୍ରାଇବ୍ କରନ୍ତୁ ପ୍ରତ୍ୟେକ ମାସରେ ଆହ୍ୱାନରେ ପ୍ରକାଶିତ ଗଳ୍ପ ଓ କବିତାକୁ ଆମେ ଅନଲାଇନ୍ ରେଡ଼ିଓ ଦ୍ୱାରା ପ୍ରସାରଣ କରିବୁ । ଖୁବ୍ ଶୀଘ୍ର ଆପଣମାନେ ଶୁଣିବାକୁ ପାଇବେ ପୋଡ଼କାଷ୍ଟ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଅଗଷ୍ଟ ୨୦୨୦ ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି । ବର୍ତ୍ତମାନର ପରିସ୍ଥିତିକୁ ଆଖି ଆଗରେ ରଖି ଆପଣ ସକୁଶଳେ ଥିବେ ବୋଲି ପ୍ରାର୍ଥନା କରୁଛି ଏବଂ ଆଶା କରୁଛି ଖୁବ୍ ଶୀଘ୍ର କରୋନା ରୂପକ ଏହି କଷ୍ଟ ଆମ ଜୀବନରୁ ଦୂରେଇ ଯାଉ । ଆପଣ ସମସ୍ତଙ୍କୁ ଅନୁରୋଧ ନିଜର ସୁରକ୍ଷା ନିଜେ ସୁନିଶ୍ଚିତ କରନ୍ତୁ । ଅତି ଆବଶ୍ୟକ ନ ହେଲେ ଘରୁ ବାହାରକୁ ଯାଆନ୍ତୁ ନାହିଁ । ଘରୁ ବାହାରିଲେ ମୁହଁରେ ମାସ୍କ ପିନ୍ଧନ୍ତୁ । ଏବଂ କୌଣସି ବ୍ୟକ୍ତି ବା ବସ୍ତୁକୁ ଛୁଅଁନ୍ତୁ ନାହିଁ । ଯଦି ଆବଶ୍ୟକ ହୁଏ ତା ହେଲେ ଛୁଇଁବା ପରେ ସାନିଟାଇଜର୍ ବ୍ୟବହାର କରନ୍ତୁ । ଏବଂ ଘରେ ପହଞ୍ଚିବାପରେ ତୁରନ୍ତ ହାତ ଧୁଅନ୍ତୁ । ଯଥା ସମ୍ଭବ ନିଜ ହାତ ମୁହଁ ଏବଂ ନାକରେ ଲଗାନ୍ତୁ ନାହିଁ । ଯଦି ଆପଣଙ୍କୁ ସାମାନ୍ୟ ଥଣ୍ଡାଜ୍ୱର ଭଳି କୌଣସି ଲକ୍ଷଣ ଦେଖାଯାଏ ତା ହେଲେ ତୁରନ୍ତ ଡାକ୍ତରୀ ପରାମର୍ଶ ଗ୍ରହଣ କରନ୍ତୁ ଏବଂ ସନ୍ଦେହ ହେଉଥିଲେ ନିଜର କୋଭିଡ୍ ପରୀକ୍ଷା କରାଇ ନିଅନ୍ତୁ ।

ଭାରତ ବର୍ତ୍ତମାନ କରୋନା ସଂକ୍ରମଣ ହେତୁ ବହୁତ ଦୁଃଖଦ ସମୟ ଦେଇ ଗତି କରୁଛି । ଦୈନିକ ଅନେକ ଲୋକ କରୋନାରେ ପ୍ରାଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରାଉଛନ୍ତି । ଓଡ଼ିଶାରେ ବି ଅବସ୍ଥା ଖରାପ ଆଡ଼କୁ ଗତି କରୁଛି । ଲୋକଙ୍କ ସଚେତନତା ହିଁ ଏହି ରୋଗରୁ ଆମକୁ ମୁକ୍ତି ଦେଇ ପାରିବ । ଖୁସିର ବିଷୟ କରୋନା ପ୍ରତିରୋଧ କରିବାପାଇଁ ଟୀକା ଋଷିଆ ଦ୍ୱାରା ଆବିଷ୍କାର କରାଯାଇଛି । ଭାରତର ଅନେକ ଔଷଧ ନିର୍ମାଣକାରୀ ସଂସ୍ଥା ମଧ୍ୟ ଟୀକା ପାଇଁ ଗବେଷଣା କରୁଛନ୍ତି । ଆମେ ଆଶା କରିବା ଶୀଘ୍ର ଆମକୁ ସମ୍ପୂର୍ଣ୍ଣ ଦେଶୀ ଜ୍ଞାନକୌଶଳରେ ନିର୍ମିତ ଟୀକା ପ୍ରାପ୍ତ ହେବ ।

ଭାରତର ରାଜନୈତିକ ଗତିବିଧି ଏବଂ ଜନ ସଚେତନତା ଏବେ ବହୁତ ମାତ୍ରାରେ ଅଧିକ ରହିଛି । ସାମାଜିକ ଗଣମାଧ୍ୟମଙ୍କ ଆବିର୍ଭାବ ହେତୁ ଲୋକମାନେ ବିଭିନ୍ନ ଘଟଣା ବିଷୟରେ ସଚେତନ ହେଇ ପାରୁଛନ୍ତି । ବିଗତ ଦିନରେ ବଲିଉଡ଼ର ଜଣେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁପରେ ସୋସିଆଲ୍ ମିଡ଼ିଆ ଯେଉଁଭଳି ଭାବରେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଛି, ଏଥିରୁ ଜଣାପଡୁଛି ଲୋକମାନେ ସମାଜରେ ବିଶାଳ ପରିବର୍ତ୍ତନ ଚାହୁଁଛନ୍ତି । ଏହାର ସଦ୍ୟ ଉଦାହରଣ ବିଗତ ଦିନରେ ହିନ୍ଦୀ ଚଳଚିତ୍ର ସଡକ ୨ ର ଟ୍ରେଲର୍ ୟୁଟ୍ୟୁବରେ ପ୍ରକାଶିତ ହେବାପରେ । ଏହି ଚଳଚ୍ଚିତ୍ର ସହ ସମ୍ବନ୍ଧିତ ଅନେକ ବ୍ୟକ୍ତିତ୍ୱଙ୍କୁ ନାପସନ୍ଦ କରି ଲୋକମାନେ ଚଳଚ୍ଚିତ୍ରର ଟ୍ରେଲରକୁ ଖବର ମିଳିବା ଯାଏଁ ନବେ ଲକ୍ଷ ଲୋକ ୟୁଟ୍ୟୁବରେ ଅନଲାଇକ୍ (ନାପସନ୍ଦ) କରି ରେକର୍ଡ୍ ସୃଷ୍ଟି କରିଛନ୍ତି ।

ଗତ ସପ୍ତାହରେ ଅଯୋଧ୍ୟାଠାରେ ଭବ୍ୟ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ହେତୁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ପାଳିତ ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବରେ ଆୟୋଜିତ କରିଥିଲେ । ସମୁଦାୟ ହିନ୍ଦୁ ସମ୍ପ୍ରଦାୟ ପାଇଁ ଏହା ଏକ ଅତ୍ୟନ୍ତ ଖୁସିର ଖବର । ଦୀର୍ଘ ପାଞ୍ଚଶହ ବର୍ଷ ଏଥିପାଇଁ ହିନ୍ଦୁମାନେ ଅପେକ୍ଷା କରିଥିଲେ ଏବଂ ଏହି ଉତ୍ସବ ସହ ମନ୍ଦିର ପ୍ରତିଷ୍ଠାପାଇଁ ଭିତ୍ତି ସ୍ଥାପନ ହୋଇଥିଲା । ଆଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରାଯାଉଛି, ଆଗାମୀ ତିନିବର୍ଷରେ ଏହି ମନ୍ଦିର ସମ୍ପୂର୍ଣ୍ଣ ହୋଇଯିବ ।

ଚଳିତ ସଂସ୍କରଣ ସହ ଆମେ ଆରମ୍ଭ କରୁଛୁ, ଆହ୍ୱାନ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗିତା । ବିଗତ ବର୍ଷମାନଙ୍କରେ ଏହିଭଳି ସ୍ପର୍ଦ୍ଧାର ଆୟୋଜନ କରାଯାଇ ଅନେକ ଉଦୀୟମାନ ଗାଳ୍ପିକଙ୍କୁ ସୃଷ୍ଟି କରିବାରେ ଆହ୍ୱାନ ଇ-ପତ୍ରିକା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଚଳିତ ସଂସ୍କରଣରେ ଏହି ବର୍ଷର ପ୍ରଥମ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ସମସ୍ତ କାହାଣୀକୁ ସ୍ଥାନ ଦିଆଯାଇଛି । ଏଥିରେ ଅଂଶ ଗ୍ରହଣ କରିଥିବା ଅନେକ ପ୍ରତିଯୋଗୀ ପ୍ରତିଯୋଗିତାର ନିୟମକୁ ସଠିକ୍ ଭାବରେ ଜାଣି ପାରିନଥିବା ହେତୁ ଚଳିତ ମାସରେ ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ମାନପତ୍ର ଦିଆଯିବ, ଆଗାମୀ ସଂସ୍କରଣ ପାଇଁ ସୂଚନା ଏହି ପତ୍ରିକାରେ ଦିଆଯାଇଛି, ଆଗାମୀ ମାସରେ ପ୍ରତିଯୋଗୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରଦାନ କରାଯାଇ ସମ୍ମାନିତ କରାଯିବ ।

ଆଶା କରୁଛି, ଭଗବାନ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ ସହାୟକ ହେବେ । ଓଡ଼ିଶାବାସୀଙ୍କୁ କରୋନାର ପ୍ରକୋପରୁ ରକ୍ଷା କରିବେ । ଏହି ସଂସ୍କରଣ ଆପଣଙ୍କୁ ବିଗତ ସଂସ୍କରଣ ପରି ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

## ମନୋମାଳିନ୍ୟ ଓ ଅନ୍ତିମ ସଂଘର୍ଷ

ଜୟ ଆଉ ବିଜୟ ଭିତରେ ଏବେ ଆଗଭଳିଆ ଭଲ ପଡୁନି । ଏକ ରାଜ୍ୟରେ ଦୁଇ ରାଜା ରହିବା ଅସମ୍ଭବ । ଆଉ ତା ହିଁ ହେଲା ।

ଜୟ ଟିକିଏ ବଡ ଆଉ ବିଜୟ ସାମାନ୍ୟ ସାନ । ଦୁହିଁଙ୍କର ଆକାର ପ୍ରାୟ ସମାନ, ଶକ୍ତିରେ ମଧ୍ୟ ସମାନ । ଦୁହିଁଙ୍କର ଗର୍ଜ୍ଜନରେ ଗିର ପାହାଡ, ଗଛ ବୃକ୍ଷ ସବୁ ଥରିଉଠେ । ଦୁହେଁ ସମାନ ଗତିରେ ଦୌଡନ୍ତି । ବେକର କେଶର ମଧ୍ୟ ଦୁହିଁଙ୍କର ଗାଢା । ଦୁହିଁଙ୍କ ଭିତରେ ବାରିବାର କିଛି ନାହିଁ ।

ସବୁକଥାରେ ଜୟ ଆଗଭର ହୋଇଯାଏ ଆଉ ବିଜୟ ଟିକିଏ ପଛରେ । ସେମିତି ଜୟର ଆଗୁଆ ହୋଇକରିବା ଜନ୍ମରୁ ଅଭ୍ୟାସ । ବିଜୟ ଟିକିଏ ପଛୁଆ ରହେ । କିନ୍ତୁ ଏକଥା ନୁହେଁ ବିଜୟ କିଛି ପାରିବନି ।

ବିଜୟକୁ ଆଜିକାଲି ଟିକେ ଖରାପ ଲାଗୁଛି । ଜୟ ସବୁକଥାରେ ତାକୁ ପଛୁଆ ରଖୁଛି । ଆଗରୁ ଏମିତି ଘଟୁନଥିଲା ।

ଜୟକୁ ଆଜିକାଲି ଟିକିଏ ଟିକିଏ କଥାରେ ରାଗ ଆସୁଛି । ସେ ବିଜୟକୁ ବେଳେ ବେଳେ ଗାଢେଇକରି ଅନାଏ । ଏମିତି କିଛି ବର୍ଷତଳେ ସେମାନଙ୍କ ପିତା ଦୁଇଭାଇଙ୍କୁ ଗାଢେଇକରି ଅନାଇଥିଲା । ବିନା କାରଣରେ ସେମାନେ ଦଳରୁ ବିତାଡିତ ହେଲେ । ସେମାନେ କେତେ କଷ୍ଟ ସହିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୟକୁ ବିଜୟର ସବୁକଥା ଏବେ ଖରାପ ଲାଗୁଛି । କେତେଥର ସେ ମୁହଁ ଛିଂଚାଡିଲାଣି । ଦାନ୍ତ ଦେଖେଇଲାଣି । ବିଜୟ ତାର ସୀମାରେ ରହୁ । ଥରେ ଅଧେ ବିଜୟ ଆଡକୁ ପାଦେ ଦୁଇପାଦ ଖେଦି ଯାଇଛି ।

ବିଜୟ ମଧ୍ୟ ଆଉ ଜୟକୁ ସହିବାକୁ ରାଜି ନୁହେଁ । ସେ କେଉଁ ଗୁଣରେ ଜୟଠାରୁ କମ । ସବୁ କଥାରେ ଜୟକୁ ସହି ହେବନାହିଁ ।

ଶିକାରରେ ସେମାନଙ୍କର ସମାନ ଅଧିକାର ଅଛି । ଆଗରୁ ସେମାନେ ଏକାସମୟରେ ସାଙ୍ଗ ହୋଇ ଖାଉଥିଲେ । କିନ୍ତୁ ଆଜିକାଲି ଜୟ ଟିକିଏ ଗୁରୁଗୁରୁଉଛି ।

ଏଇ ଦୁଇଦିନ ତଳେ ସଂନ୍ଧ୍ୟାରେ ଦଳ ଏକ ସୁଆଦିଆ ନୀଳଗାଇ ଶିକାର କଲା । ନୀଳଗାଇଗୁଡାକ ଖାଇବକୁ ଭଲ ଲାଗନ୍ତି । ଦଳର ସିଂହୀମାନେ ଶିକାର କଲେ । ସେମାନ ଅବଶ୍ୟ ସାହାଯ୍ୟ କରିଛନ୍ତି । ବଡ ନୀଳଗାଇ । ଏତେ ବଡ ନୀଳଗାଇକୁ ମୁଖ୍ୟସିଂହୀ ପକାଇ ପାରିଲା ନାହିଁ । ଆଗଭଳି ଦଳ ନୀଳଗାଇ ମାରିବାକୁ ଛକି ରହିଥିଲା । ଶେଷରେ ଏକ ବଡ ଅଣ୍ଡିରା ନୀଳଗାଇ ସେମାନଙ୍କ ଫାନ୍ଦରେ ପଡିଲା । ସିଂହୀମାନେ ତାକୁ ତଡିଲେ । କିନ୍ତୁ ନୀଳଗାଇଟି ଖୁବ ଶକ୍ତିଶାଳୀ ଥରଲା ସେ ସହଜରେ ହାର ମାନୁ ନଥିଲା । ଦଳର ସିଂହୀ ତା ପିଠି ଉପରକୁ ଡେଇଁ ପଡିଲା । ପଠିକୁ କାମୁଡିନବାକୁ ଚେଷ୍ଟା କଲା । କିନ୍ତୁ ଏତେ ବଡ ଜୀବକୁ ସହଜରେ କାମୁଡି ପକାଇ ପାରିଲା ନାହିଁ । ନୀଳଗାଇ ଖୁବ ଜୋରରେ ପଛଗୋଡ ଛାଟୁଥିଲା ଆଉ ଉପରକୁ ଲମ୍ଫ ଦେଉଥିଲା । ଫଳରେ ନୀଳଗାଇ ଉପରୁ ସିଂହୀ ପଡିଗଲା ।

ନୀଳଗାଇ ଖୁବ ଜୋରରେ ପଛ ଗୋଡ ଛାଟୁଥିଲା । ସେଥିଯୋଗୁଁ କେଉଁ ସିଂହୀ ତା ଉପରକୁ ଲମ୍ଫ ଦେଇପାରିଲେ ନାହିଁ । ନୀଳଗାଇ ଖସି ପଳାଇଥାନ୍ତା । ସବୁ ସିଂହୀମାନେ ସତର୍କ ଥିଲେ ଆଉ ତାକୁ ତଡୁଥିଲେ । କିନ୍ତୁ କିଛି ଲାଭ ହେଉ ନଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୟ ସେପଟେ ପାଖରେ ଛପିଥିଲା । ଅନ୍ୟ ଯାଗାରେ ବିଜୟ ଛପିଥିଲା । ଭାଗ୍ୟକୁ ନୀଳଗାଇ ଜୟ ପାଖଦେଇ ପଳେଇ ଯାଉଥିଲା । ଜୟ ଖୁବ ଜୋରରେ ନୀଳଗାଇକୁ ଖେଦିଲା । ଅଳ୍ପ ଦୂରରୁ ନୀଳଗାଇର ଗତିଠାରୁ ସିଂହର ଗତି ଅଧିକ ହୋଇପାରେ । କେଇ ପାଦ ଖେଦି ଜୟ ନୀଳଗାଇ ଉପରକୁ ଡେଇଁ ପଡିଲା । ତାର ନଖ ନୀଳଗାଇର ଆଗ କାନ୍ଧରେ ଫୁଟି ଯାଇଥିଲା । କିଛି କ୍ଷଣରେ ଜୟ ନୀଳଗାଇର ବେକକୁ ଧରି ନେଲା ଆଉ ତାକୁ ତଳେ ପକାଇ ଦେଲା । ନୀଳଗାଇର ବେକକୁ ଖୁବ ଜୋରରେ ଜୟ ଧରି ରଖିଥିଲା । ନୀଳଗାଇ ବହୁତ ଛାଟିପଟି ହେଲା । କିନ୍ତୁ ଶକ୍ତିଶାଳି ସିଂହ ତାର ତଂଟି ଛାଡିଲା ନାହିଁ ।

ନୀଳଗାଇ ପଡି ଯିବାର ଦେଖି ସବୁ ସିଂହ ଆଉ ସିଂହୀ ପାଖକୁ ଦୌଡି ଆସିଲେ । ଏତେବଡ ନୀଳଗାଇର ବେକକୁ ଜୟ ଧରି ରଖିଥିଲା । ନୀଳଗାଇ ଖୁବ ଜୋରରେ ଛାଟିପିଟି ହେଉଥିଲା ।  ଜୟ ଖୁବ ଜୋରରେ ନୀଳଗାଇର ତଂଟିକୁ ଧରିଥାଏ କିନ୍ତୁ ନୀଳଗାଇର ପ୍ରାଣ ଛାଡୁ ନଥାଏ । ଏମିତି ଅବସ୍ଥା ଦେଖି ବିଜୟ ଜୟକୁ ସାହାଯ୍ୟ କରିବା ପାଇଁ ନୀଳଗାଇର ବେକକୁ କାମୁଡିଲା । ଦୁଇ ପଟୁ କାମୁଡାରେ ନୀଳଗାଇ ସାଙ୍ଗେ ସାଙ୍ଗେ ମରିଯିବ ।

କିନ୍ତୁ ଜୟ ଏତିକିରେ ରାଗିଗଲା । ନୀଳଗାଇକୁ ମାରିବା ପାଇଁ ବିଜୟର ଇଚ୍ଛାକୁ ବୁଝି ପାରିଲା ନାହିଁ । ଜୟର ଆଖି ତରାଟି ହୋଇଗଲା । ତାର ଦାନ୍ତ ସନ୍ଧିଦେଇ ଧାର ଧାର ରକ୍ତ ବୋହି ଆସୁଥିଲା । ମୁହଁସାରା ରକ୍ତ । ଏ ସବୁ ନୀଳଗାଇର ରକ୍ତ । ଜୟର ନୁହେଁ । ଜୟ ମଧ୍ୟ ଆହତ ହୋଇ ନଥିଲା । ଏଣୁ ଜୟର ରାଗିବାର କାରଣ କଣ ?

ଜୟ ଆଖି ତରାଟି ବିଜୟକୁ ଅନାଇଲା । ଯଦି ଜଣେ ଏକ ମହତ୍ୱପୂର୍ଣ୍ଣ କାମ କରୁଛି ତେବେ ସେହି କାମ ସରିବାପର୍ଯ୍ୟନ୍ତ ଅନ୍ୟମାନେ ଅପେକ୍ଷା କରିବା ଉଚିତ । ଏଥରେ ବିଜୟର ଉପରେ ପଡିବାର କିଛି ଆବଶ୍ୟକ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୟକୁ ଲାଗିଲା ବିଜୟ ଆଜିକାଲି ନିଜକୁ ପ୍ରତିପାଦନ କରିବାକୁ ନିରନ୍ତର ଚେଷ୍ଟା ଚଲେଇଛି । ତାକୁ ଆସି ନୀଳଗାଇର ବେକକୁ କାମୁଡିବାର କଣ ଆବଶ୍ୟକ ଅଛି । ନିଜେ ତ ମାରି ପାରିଲା ନାହିଁ । ଏବେ ଆସି ଭଲେଇ ହୋଇ ଅନ୍ୟମାନଙ୍କ ଆଗରେ ନିଜ ପତିଆରା ଜମାଉଛି । ନୀଳଗାଇ ବିଜୟ ପାଖଦେଇ ଦୌଡିଲାବେଳେ ବିଜୟ ଠିକ ସମୟରେ ତା ଉପରକୁ କୁଦି ପାରିଲା ନାହିଁ । ଏବେ ସେ ନୀଳଗାଇକୁ ଧରିଲା ପରେ ନିଜର ପତିଆରା ଦେଖେଇବାକୁ ତାର ବେକ ଧରୁଛି ।

ସେ ଆଖି ତରାଟି ଟିକେ ଗୁରୁଗୁରେଇଲା । ସେ କଥାଟା ଅବଶ୍ୟ କେହି ଜାଣି ପାରିଲେ ନାହିଁ । ସେ ରାଗରେ ଦାନ୍ତକୁ କାମୁଡିବାକୁ ଚେଷ୍ଟା କଲା । ନୀଳଗାଇର ତଂଟି କଣା ହୋଇଗଲାଣି । ସେଥିରୁ ପିଚକାରୀ ଭଳି ରକ୍ତ ବାହାରୁଥିଲା । ସେ ରକ୍ତ ତାର ମୁହଁ ଆଖିକୁ ଓଦା କରି ଦେଉଥିଲା । ସେ ରାଗିକରି ମଧ୍ୟ ନୀଳଗାଇକୁ ଛାଡିଲା ନାହିଁ । ଏକ ସିଂହ ଶିକାରକୁ ଛାଡି ପାରେନା । ଯେତେ ରାଗିଲେ ମଧ୍ୟ ଶିକାର ବେକକୁ ଛାଡି ପାରେନା । ଜୟ ରାଗରେ ପାଗଳ ହେଉଥିଲେ ମଧ୍ୟ ସିଂହ ସମାଜର ନିୟମ ପାଇଁ ନୀଳଗାଇକୁ ଛାଡିଲା ନାହିଁ ।

ଏ ଭିତରେ ଅନ୍ୟମାନେ ପାଖକୁ ଆସିଗଲେ ଆଉ ସମସ୍ତେ ଶିକାରକୁ ମାରିବାରେ ଲାଗିଗଲେ । କିଛି କ୍ଷଣରେ ଶିକାରର ମୃତ୍ୟ ହେଲା । ଗୋଡ ହଲିବା ବନ୍ଦ ହେଲା ପର୍ଯ୍ୟନ୍ତ ଜୟ ସେମିତି ନୀଳଗାଇର ତଂଟିକୁ କାମୁଡି ଧରିଥିଲା ।

ଜୟ ମନରେ କିନ୍ତୁ ରାଗ କମି ନଥିଲା । ଶିକାର ମରିଗଲାପରେ ସେ ତାର ତଂଟିକୁ ଛାଡିଦେଲା । ସେ ଖୁବ ଜୋରରେ ନିଃଶ୍ୱାସ ନେଉଥିଲା । ଏତେ ଲମ୍ବା ସମୟ ଆଂଟି ଧରିଥିବା ହେତୁ ତାର ଶ୍ୱାସ ଫୁଲୁଥିଲା । ଦୁଇଟା ବିରାଟ ଶକ୍ତି ବଳକଷା କଷି ହେଉଥିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ କିଛି ହଲୁ ନଥିଲା ବା ଭାଙ୍ଗୁ ନଥିଲା । ଏ ଯୁଦ୍ଧରେ ଶକ୍ତିର ବିରାଟ କ୍ଷୟ ହୁଏ, କିନ୍ତୁ କିଛି ଦେଖାଯାଉନି ।

ସେ କିଛି ସମୟ ଧକେଇ ହେଲା ।

ବିଜୟ ବୀର ଦର୍ପରେ ଆସି ତା ପାଖରେ ଠିଆ ହୋଇଗଲା । ଜୟ ବିଜୟ ଆଡକୁ ଅନାଇଲା । ଭୀରୁ, ନିର୍ବଳ କେଉଁଠିକାର । ଅନ୍ୟକିଏ ଜିତିଲେ ତାକୁ ନିଜର ବିଜୟ । ଜୟକୁ ଘୃଣା ଆସୁଥିଲା । ଏମିତିଆ ସିଂହ ସହ ରହି ଲାଭ ନାହିଁ । କିନ୍ତୁ ସେ ନିଜର ରାଗକୁ ହଠାତ୍ ଦେଖେଇଲାନି । ତର ମୁହଁଟିକେ ଖୋଲିଗଲା ଆଉ ଥୋଡି କୁଂଚିତ ହୋଇଗଲା । ଏମିତି କରିବାର ଅର୍ଥ ହେଉଛି –ମୂର୍ଖ ଆଉ ଦେଖେଇ ହୁଅନା । ନିଜ ସ୍ଥାନରେ ରୁହ, ପାଖକୁ ଆସି ବିରକ୍ତ କରନା ।

ବିଜୟ ଜୟର ତରାଟୁଥରବା ଆଖର ଦେଖି ଟିକିଏ ଆଶ୍ଚର୍ଯ୍ୟ ହୋଇଗଲା କିନ୍ତୁ ଜୟ ଭିତରେ ଥିବା କ୍ରୋଧକୁ ବୁଝିପାରିଲା ନାହିଁ । ଜୟ ଶିକାରକୁ ଏତେ ସମୟ ତଂଟି ଝୁଣୁଥିବାରୁ ଥକି ଯାଇଛି । ଏଣୁ ଏମିତି ଦାନ୍ତ ଦେଖଉଛି । ଆଉ କିଛି ସମୟ ପରେ ଠିକ ହୋଇଯିବ ।

ଜୟ ବେଶ କିଛି ସମୟ ଧକେଇ ହେଲା । ସିଂହୀମାନେ ଶିକାରକୁ ଖାଇବାକୁ ଚେଷ୍ଟାକଲେ ନାହିଁ । ପ୍ରଥମେ ଦଳର ମୁଖ୍ୟ ସିଂହ ଖାଇବ ତାପରେ ଅନ୍ୟମାନେ ଖାଇବେ । ଯେତେ ଭୋକ ଲାଗୁଥିଲେବି ଦଳର ମୁଖ୍ୟସିଂହ ନଖାଇବା ପର୍ଯ୍ୟନ୍ତ ଅନ୍ୟମାନେ ଖାଇ ପାରିବେ ନାହିଁ ।

ବିଜୟ ମଧ୍ୟ ଖାଇଲା ନାହିଁ । ସେ ଜୟ ପାଖରୁ ଯାଇ ଶିକାର ବେକକୁ ଚାଟିଲା । ସେଠି ରକ୍ତ ସେମିତି ଝରି ଆସୁଥିଲା । ତାଜା ମିଠା ରକ୍ତ । ଏମିତି ମିଠା ରକ୍ତ ପିଇବାକୁ ଭଲ ଲାଗେ । ସେ ନୀଳଗାଈର ବେକ ଚାଟିବାକୁ ଲାଗିଲା । ବୋହୁଥିବା ସବୁ ରକ୍ତ ତାର ଚାଟିକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଥିଲା । ନୀଳଗାଇର ତଂଟି ଖୁବ ସଫା ହୋଇଗଲା ଖାଲି ଦୁଇଟା ବଡ କଣା ଥିଲା । ନୀଳଗାଇର ଦେହରେ କିଛି ବଡ ଖଣ୍ଡିଆ ନାହିଁ । ଲାଗୁଥିଲା ଯେମିତି ନୀଳଗାଇ ସେମିତି ଶୋଇଛି ।

ଏଣେ ଜୟର ନିଶ୍ୱାସ ଧିର ହୋଇ ଆସିଲା । ସେ ଦେଖିଲା ବେଳକୁ ଆଉ ଏକ ସିଂହ ଶିକାର ପାଖରେ । ସେ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ଏମିତି ଦୁଃସାହାସ କିଏ ଦଳରେ କଲା । ତାକୁ ସବୁ ଝାପସା ଦେଖାଯାଉଥିଲା । ତାର ରାଗ ଚରମ ସୀମାକୁ ଯାଉଥିଲା । ଦଳ ଭିତରେ ଏମିତି ବିଶୃଙ୍ଖଳାକୁ ବରଦାସ୍ତ କରାଯାଇ ପାରିବନି ।

ଜୟ ନିଜର କାନ୍ଧକୁ ଖୁବ ଜୋରରେ ହଲାଇଦେଲା । ଆଉ ନୀଳଗାଇର ତଂଟି ପାଖେ ଶୋଇଥିବା ସିଂହ ଆଡକୁ ଖୁବ ଜୋରରେ ଖେଦିଗଲା । ତାକୁ କିଛି ଦେଖା ଯାଉ ନଥିଲା ।

ବିଜୟ ଜୟକୁ ଏମିତି ମାଡି ଆସୁଥିବାର ଦେଖି ଦୁଇପାଦ ପଛକୁ ଡେଇଁପଡିଲା । ଜୟ ଏମିତି ବ୍ୟବହାର କରେନି । କିନ୍ତୁ ଏମିତି କଣ ପାଇଁ ବ୍ୟବହାର କରୁଛି ?

ଜୟ ବିଜୟକୁ ଖେଦିଲା ନାହିଁ । ସେ ଶିକାର ପାଖରେ ବସି ବହି ଆସୁଥିବା ରକ୍ତକୁ ଚାଟିଲା ।

ସେପଟେ ବିଜୟ କିଛି ସମୟ ପାଇଁ ହତ ଚକିତ ହୋଇଗଲା । କିନ୍ତୁ ନିଜକୁ ସମ୍ଭାଳି ନେଲା । ସେମାନେ ଦୁଇଭାଇ । ଏତେଦିନ ସାଥି ହୋଇ ବଢିଛନ୍ତି । ସାଙ୍ଗରେ ଶିକାର କରିଛନ୍ତି, ଖାଇଛନ୍ତି ଆଉ ଖେଳିଛନ୍ତି ।

ସେ କିଛି ପାଦ ଆଗେଇ ଆସିଲା । ଜୟ ସେତେବେଳକୁ ରକ୍ତଚାଟି ଶିକାରର ଚମଡା ଛିଡାଇଲାଣି । ନିଜର ଆଗଦାନ୍ତ ଆଉ ମଝି ଦାନ୍ତ ସାହାର୍ଯ୍ୟରେ ସେ ସହଜରେ ଚମଡା ଛିଡାଉଥିଲା । ଚମଡା ଅଲଗା ହୋଇଗଲା ପରେ ସେ ହରିଣକୁ କାନ୍ଧ ପାଖରୁ ଖାଇବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଲା ।

ବିଜୟ ସେପଟେ ରହି ଶିକାର ପାଖରେ ପେଟେଇ ପଡି ପିଚାପଟୁ ଖାଇବାକୁ ଆରମ୍ଭକଲା । ଜୟ ବିଜୟକୁ ଖୁବ ଗାଢେଇକରି ଅନାଇଲା, ଏହି ଯେମିତି ଜୟ ବିଜୟ ଉପରେ ଆକ୍ରମଣ କରିବ । ବିଜୟକୁ ମାଡି ପଡୁଥିଲା । କିନ୍ତୁ ପେଟରେ ଭୋକ । ସେ ଜୟ ଆଡକୁ ନଅନାଇ ଖାଇଚାଲିଲା । ଜୟକୁ ମଧ୍ୟ ଖୁବ ଭୋକ ଲାଗୁଥିଲା । ସେ ବିଜୟକୁ ଆଉ ଧ୍ୟାନ ଦେଲା ନାହିଁ ।

ସେମାନେ ଆଗଭଳି ଏକାସାଙ୍ଗରେ ଖାଇ ଚାଲିଲେ । କିନ୍ତୁ ଆଜି ଜଣେ ଜଣକୁ ସହି ପାରୁ ନଥିଲା । ସେମାନଙ୍କ ମନରେ କିଛି ଫାଟ ମନକୁ ମନ ତିଆରି ହୋଇ ଯାଇଥିଲା । ସେମାନେ ଗାଢେଇକରି ଜଣେ ଜଣକୁ ଅନାଉଥିଲେ । ହାଲକା ଗର୍ଜ୍ଜନ କରୁଥିଲେ । ସେମାନଙ୍କ ଭିତରେ କିନ୍ତୁ ରାଗ କୁହୁଳୁଥିଲା । ଦିନେ ବିସ୍ଫୋରଣ ହୋଇଯାଇପାରେ ।

ସେମାନେ ଖୁବ ଜଲଦି ଖାଇନେଲ । ପୂଳାପୁଳା କରି ମାଂସ ଛିଣ୍ଡାଇକରି ଖାଇଦେଉଥିଲେ । ତାପରେ ଶିଘ୍ର ଶବ ପାଖରୁ ଚାଲିଗଲେ । ଏକ କୁଦ ଉପରେ ଖାଲି ଯାଗା ଦେଖି ଶୋଇଗଲେ । ଜୟ ବିଜୟ ପାଖରେ ଶୋଇଲାନି । ଟିକିଏ ଦୂରରେ ଶୋଇଲା । ଏ ଭିତରେ ସିଂହୀମାନେ ଣୀଳଗାଇର ଶବ ଉପରେ ଝାମ୍ପି ପଡି ଖାଇବାକୁ ଲାଗିଲେ । ବହୁତ ଦିନର ଭୋକ ପାଇଁ ମାଂସ ପର୍ଯ୍ୟାପ୍ତ ଥିଲା ।

ଜୟ ବିଜୟଙ୍କ ମନ ଫଟା ଫଟି ଆରମ୍ଭ ହୋଇ ଯାଇଥିଲା । ସେମାନେ ଆଗଭଳି ଜଣେ ଜଣକୁ ଛିଗୁଲାଉ ନଥିଲେ । ସେମାନଙ୍କ କେଶର ବି ଗାଢା ହୋଇ ଆସୁଥିଲା । ଦୁଇଜଣଙ୍କ ଦେହରେ ଅମାପ ଶକ୍ତି । ସେମାନଙ୍କ ଗର୍ଜ୍ଜନ ସହ ଆଉ କାହାର ଗର୍ଜନ ସମାନ ହେଉ ନଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦଳରେ ସେମିତି ଶିକାର ହେଉଥିଲା । କେବେ କେବେ ବିଜୟ ଆଗୁଆ ଚାଲିଗଲେ ଜୟ ରାଗ ଦେଖାଉଥିଲା । ପ୍ରାୟ ତା ଆଡକୁ ମାଡି ଯାଉଥିଲା । ବିଜୟକୁ ଏମିତି ବ୍ୟବହାର ଭଲ ଲାଗୁ ନଥିଲା । କିନ୍ତୁ ସେ ସବୁକଥାରେ କଜଳି କଲା ଭଳିଆସିଂହ ନୁହେଁ । ଟିକିଏ ଧିର ସ୍ଥିର । ଜୟ କିନ୍ତୁ କିଛି କଥାରେ ସମ୍ଭାଳି ହୁଏନା । ବିଜୟକୁ ଜୟର ଏମିତି ସବୁଦିନିଆ ବ୍ୟବହାର ଅସହ୍ୟ ହୋଇ ଉଠିଲା ।

ଏମିତି କିଛି ଦିନ ବିତିଗଲାଣି । ଜୟ ଟିକିଏ ଦୂରରେ ଥିଲା । ସେମାନେ ପାରିଧି ଦୁହେଁମିଶି କରିବାକୁ ଚାହୁଁ ନାହାନ୍ତି । କିନ୍ତୁ ପାରିଧିରେ ତ ଯିବାକୁ ହେବ । ଶେଷଥର ପାଇଁ ସେମାନେ ପାରିଧରେ ବାହାରି ଯାଇଥିଲେ । ଫେରୁ ଫେରୁ କିଛି ଦିନ ଲାଗିଗଲା ।

ନିଜ ଦଳକୁ ଦେଖି ବିଜୟ ଖୁବ ଆମୋଦିତ ହୋଇଗଲା ।ଏପର୍ଯ୍ୟନ୍ତ ଜୟର ଅମାନିଆ ବ୍ୟବହାର ତାକୁ ଖୁବ ଆଘାତ ଦେଇଥିଲା । ସେ ଦଳ ଆଡକୁ ଆଗୁଆ ଦୌଡିଗଲା । ଜୟ ପଛରେ ଥିଲା । ସବୁ ସିଂହୀମାନେ ତାକୁ ଦେଖି ଖୁସି ହୋଇଗଲେ ଆଉ ତା ଦେହରେ ଘଷି ହେଲେ ।

ଏକଥା ଜୟର ସହ୍ୟ ହେଲାନି ।

ସବୁଠାରୁ ଶକ୍ତିଶାଳୀ ସିଂହ ପ୍ରଥମେ ଦଳ ସହ ମିଶିବ ଆଉ ପରେ ଦ୍ୱିତୀୟ ସିଂହ ଆସିବ । ଏବେ ବିଜୟ ଜୟକୁ ନକହି ପ୍ରଥମରେ ଦଳ ସହ ଦେଖା କରିବାକୁ ଚାଲି ଯାଇଛି । ବିଜୟକୁ ଏକ ଶିକ୍ଷା ଦେବାକୁ ହେବ ।

ଜୟ ଖୁବ ଜୋରରେ ରାଗିଯାଇଥିଲା । ତାର ବେକର କେଶର ଠିଆ ହୋଗଲା । ମୁଣ୍ଡ ସିଧା ରହିବାରୁ ଖୁବ ବଡ ।ଗୁଥିଲା କାନ୍ଧ ମଧ୍ୟ ଉଠିଗଲା । ସେ ଖୁବ ଜୋରରେ ଦଳ ଆଡକୁ ଆଗେଇ ଆସିଲା । ତାକୁ ଦେଖି ସିଂହୀମାନେ ପାଖକୁ ଆସିଲେ । କିନ୍ତୁ ତାର ଲକ୍ଷ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଂହୀମାନେ ନଥିଲେ । ସେ ବିଜୟ ଉପରେ ଲକ୍ଷ୍ୟ ରଖିଥିଲା ବିଜୟ ଖୁସିରେ ଦଳର ସବୁ ସିଂହୀ ଆଉ ଛୁଆଙ୍କ ସହ ଘଷି ହେଉଥିଲା ।

ସେ ଗର୍ଜ୍ଜନ କରି ବିଜୟ ଆଡକୁ ତଡି ଆସିଲା । ବିଜୟ ଏମିତି ଅବେଳା ଗର୍ଜ୍ଜନର କାରଣ ବୁଝି ପାରିଲାନି । କିନ୍ତୁ ଜୟର ଆକ୍ରମଣମୁଖା ମୁହଁ ଦେଖି ତାର କେଶର ବି ଫୁଲି ଉଠିଲା । ସେ ଦୌଡି ପଳାଇ ନଯାଇ ଠିଆ ହୋଇ ରହିଲା ।

ସେମାନଙ୍କ ଭିତରେ ଖୁବ ଥାବା ଲଢାଇ ପ୍ରଥମେ ହୋଇଗଲା । କାମୁଡିବା ଆଗରୁ ପ୍ରଥମେ ସିଂହମାନେ ଥାବା ଲଢେଇ କରନ୍ତି । ଜଣେ ଜଣଙ୍କ ଶକ୍ତିକୁ ଭଲ ଭାବେ ଆକଳନ କରନ୍ତି ।

ତା ପରେ ଦୁଇ ଭାଇଙ୍କ ମଧ୍ୟରେ ବିରାଟ ଲଢେଇ ହୋଇଗଲା । ଖୁବ କୁସ୍ତା କୁସ୍ତି ଆଉ କାମୁଡା କାମୁଡିର ଲଢେଇ । ଶେଷରେ ସେମାନେ ନିଜର ଆୟୁଧ ଯଥା ନଖ ଆଉ ଦାନ୍ତର ବ୍ୟବହାର କଲେ । କିନ୍ତୁ ସେହି ଲେଢଇ ଜୀବନ ନେବାପାଇଁ ନଥିଲା । ସେମାନେ ଅନେକ ଦିନ ଧରି ଦଳର ଦ୍ୱୈତ କର୍ତା ହୋଇ ରହିଥିଲେ । କିନ୍ତୁ ଏକ ପରିଧି ଭିତରେ ଦୁଇ ସିଂହଙ୍କର ଅନେକ ଦିନ ଧରି ରହିବା କଷ୍ଟ । ସେମାନେ ଏ ଭିତରେ ଖୁବ ବଳଶାଳୀ ହୋଇ ଯାଇଛନ୍ତି । ଏଜାକୀ କେଉଁ ବି ସଂହ କୁ ସେମାନେ ହରାଇ ଦେଇ ପାରନ୍ତି । ଏବେ ଜଣେ ଜଣକର ପରିପୂରକ ନୁହେଁ । କହିବାକୁ ଗଲେ ଜଣଙ୍କ ପାଖରେ ଆଉ ଜଣଙ୍କର ଆବଶ୍ୟକତା ନାହିଁ ।

ଏଣୁ ସେମାନଙ୍କର ଲଢାଇ ହୋଇଗଲା । ଏ ଲଢାଇ ତରାଇବାର ଲଢାଇ ଥିଲା । ସାନ ଭାଇ ବିଜୟ ହାରି ଚାଲି ଗଲା ।

ବଡ ଭାଇ ଆଖିରେ ବିଜୟର ଚିହ୍ନ ଆଉ ସାନଭାଇ ମୁଣ୍ଡ ନୁଆଇଁ ଦୌଡି ପଳାଇଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାକୁ ଏ ଦଳ ଛାଡି ଚାଲି ଯିବାକୁ ହେବ ।

ଆଉଥରେ ଜୀବନ ଏକା ହୋଇଗଲା । ଦେହରେ ଅମାପ ବଳ । ନିଜ ଭାଇ ଜୟ ପାଖରେ ହାରିଗଲେ କଣ ହେଲା ଗୀରର ଅନେକ ସିଂହ ତାଠାରୁ ସହଜରେ ହାରି ଯିବେ ।

ଜୀବନ ଆଉଥରେ ଆରମ୍ଭ କରିବାକୁ ହେବ । ବିଗତ ଦିନ କଥା ଭାବି କିଛି ଲାଭ ନାହିଁ । ସେ ଆଗେଇ ଚାଲିଲା । ମନରେ ଦୁଃଖ । କିନ୍ତୁ ଜୀବନ ଗଡି ଚାଲିବ । ଏବେ ଏକାକୀ ଏକ ସାମ୍ରାଜ୍ୟ ସ୍ଥାପନ କରିବାକୁ ପଡିବ ।

କିଛି ଦୂରରେ ଏକ ସିଂହର ଗର୍ଜ୍ଜନ ଶୁଣାଗଲା । ତାର ଗର୍ଜ୍ଜନ ଭଳି ଗୁରୁ ଗମ୍ଭୀର ନୁହେଁ । କାହିଁ ସେଥିରେ ଗଛ ପତ୍ର ହଲି ଉଠୁନି । ନିଜର ସାମ୍ରାଜ୍ୟ ସ୍ଥାପନା କରିବାର ବେଳ ହୋଇଗଲା । ତାହା ହେବ ବିଜୟର ସାମ୍ରାଜ୍ୟ । ତାର ଆଖି ଉଜ୍ଜ୍ୱଳ ହୋଇଗଲା । ପାଦ ଏବେ ଧପାଲି ପଡୁଥିଲା ।ସେ ଗର୍ଜ୍ଜନ କରୁଥିବା ସିଂହ ଆଡକୁ ବୀରଦର୍ପରେ ଆଗେଇ ଗଲା ।

ସମାପ୍ତ-

ଏଥି ସହିତ ବିଗତ ଅନେକ ମାସଧରି ଧାରାବାହିକ ଭାବରେ ପ୍ରକାଶିତ ହୋଇ ଆସୁଥିବା ସୁନେଲି ସିଂହ କାହାଣୀର ସମାପନ ହେଲା । ଆଗାମୀ ସଂସ୍କରଣରେ ସ୍ରଷ୍ଟାଙ୍କ ରଚିତ ଆଉ ଏକ ଧାରାବାହିକ କାହାଣୀ ପଢ଼ିବାକୁ ପାଇବେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଣତ



ସୁବଳ ମହାପାତ୍ର

ସହରରେ ଥିବା ନିଜ ଘରକୁ ଯିବା ବୋଲି ମାକୁ ଡାକିନେଇ, ବୃଦ୍ଧାଶ୍ରମରେ ପହଞ୍ଚିଲା ପ୍ରତାପ । ଆଗରୁ କଥାବାର୍ତ୍ତା ସାରିଥିଲା ବୃଦ୍ଧାଶ୍ରମ ସହ । ମାସକୁ ରହିବା ଖାଇବା ପାଇଁ ଟଙ୍କା ପାଞ୍ଚହଜାର ଭଡା । ଭଲ ରୁମ, ଫ୍ୟାନ, ଲାଇଟ, ଡାକ୍ତର, ନର୍ସ, କେୟାର ଟେକର, ମନୋରଞ୍ଜନ ପାଇଁ ଟିଭି, ବାହାରେ ବସିବା ପାଇଁ ବେଞ୍ଚ, ବାହାରେ ସୁନ୍ଦର ବଗିଚା, ସବୁକିଛି ଥିଲା ସେ ବୃଦ୍ଧାଶ୍ରମରେ । ଖାଲି ଯାହା ଭଡା ଟିକେ ଅଧିକ । ହଉ ପଛେ, କିନ୍ତୁ ସବୁଦିନ ପାଇଁ ମା ପାଖରୁ ନିସ୍ତାର ମିଳୁ । ବୟସ ଅଧିକ ହେଇନି, କାମଦାମକୁ ପାରୁଛି, ଗାଁରେ ରହିବାକୁ ଇଚ୍ଛା ତାର । କିନ୍ତୁ ଗାଁ ଜମି ନ ବିକିଲେ ଇଏମଆଇ ପଇସା କୁଆଡୁ ଦେବ ? ଏବେ ଏବେ ପଇଁଚାଳିସ ଲକ୍ଷ ଖର୍ଚ୍ଚ କରି ଘରଟେ କିଣିଛି ସେ ଲୋନ ରେ । ଏତେ ପଇସା କୁଆଡୁ ଆସିବ ?

ସହର ର ଚାକଚକ୍ୟ ଭରା ଜୀବନ ଛାଡି ସେ କଣ ଗାଁ କୁ ଯିବ ନା ଗାଁ ରେ ରହିବ ? ? ତାପରେ ସ୍ତ୍ରୀ କେଉଁଠି ରଖେଇ ଦେବ ମା କୁ ? ? ସେ ତ ଶାଶୁ କୁ ଦେଖିଲେ ଖଣ୍ଡେ ଦୂରକୁ ଡିଆଁ ମାରେ, ଖବର ବୁଝିବ କଣ ? ଏପଟେ ମା କୁ ଗାଁ ଘରୁ ଅନ୍ୟତ୍ର ନ ନେଲେ, ଘର ଡିହ ବିକ୍ରି ହୋଇ ପାରିବ ନାହିଁ । ମା କଣ ରାଜି ହେବ ? ତେଣୁ କଳେବଳେ ମା କୁ ଅନ୍ୟତ୍ର ନେଇ ଗଲା ପରେ ସେ ବିକ୍ରି କରି ପାରିବ ଗାଁ ଘର ଖଣ୍ଡକ ବୋଲି ଏତେ ଫନ୍ଦି ଫିକର ।

ମା ସୁନୟନା, ବୃଦ୍ଧାଶ୍ରମର ଫାଟକ ସାମ୍ନାରେ ଥିବା ଫଳକ ଦେଖି ଜାଣିପାରିଲେ ବୋଧେ । ଆଖିରୁ ଧାରଧାର ଲୁହ ବୋହି ପଡୁଥିଲେ ବି ପୁଅ ଖରାପ ବୋଲି ପାଟିରୁ ବାହାରୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନଥିଲା ତାଙ୍କର । ନିଜକୁ ନିଜେ କୋଶି ଚାଲିଥିଲେ । ସଂସ୍କାର ଦେବାରେ କେଉଁଠି କଣ ଉଣା ରହିଗଲା ବୋଲି ନିଜକୁ ଧିକ୍କାରି ସ୍ୱାମୀ ସହଦେଵ ଙ୍କୁ କ୍ଷମା ମାଗୁଥିଲେ ସେ ।

ରେଜିଷ୍ଟର ରେ ଦସ୍ତଖତ କରି ଏକ ମୁହାଁ ହୋଇ ଚାଲି ଆସିଲେ ପ୍ରତାପ ବାବୁ । ମା କୁ ଆଖି ଟେକି ଚାହିଁବାର ସତସାହାସ ଟିକକ ହରେଇ ସାରିଥିଲେ ସେ । ମା ପାଇଁ ଓ ଗାଁ ଘର ପାଇଁ ମନରେ ଟିକେ ଟିକେ ଦୁଃଖ ଆସୁଥିଲେ ବି ସ୍ତ୍ରୀ ଙ୍କ କଥା," ଦେଖ, ଆଜି ଯାଉଛ, ସେ ଜମି ବିକ୍ରି କରି ଫେରିବ, ନହେଲେ ରହିବ ସେଇଠି । ମୁଁ ଆଉ ମୋ ପୁଅ ଏଇଠି ରହିଯିବୁ । ପୁଅ ପାଇଁ କାଲି ସକାଳ କୁ ଘର ଖଣ୍ଡେ ନଥିଲେ ସେ ଚଳିବ କେମିତି ? ?" ଭାବି ଭାବି ଦୁଃଖ ମିଶା ଉର ରେ ବସ ଧରିଲେ ସେ ।

ଦିନ ବାରଟା ବାଜିଲାଣି । ଆଜି ସନ୍ଧ୍ୟା ରେ ଜମି କିଣିବା ପାଇଁ ଲୋକ ଆସିବ । କାଲି ସୁଦ୍ଧା ଘର ର ସବୁ ଆସବାଵ ପତ୍ର ହଟେଇବାକୁ ପଡିବ । ସକାଳୁ ମା କୁ ଧରି ସହର ବାହାରିଥିଲେ ହେଲେ ଖାଇବା କଥା ଭୁଲି ଯାଇଛନ୍ତି ସେ । ମା ବି ସକାଳୁ ଖାଇନି କିଛି । ହେ ଭଗବାନ, କେଉଁଠି କଣ ଟିକେ ମା କୁ ଖାଇବାକୁ ଦେଇ ଦେଇଥିଲେ ହେଇ ନଥାନ୍ତା ? କିନ୍ତୁ ମା କୁ କେମିତି ଛାଡିବେ ବୃଦ୍ଧାଶ୍ରମ ରେ ବୋଲି ଚିନ୍ତା ରେ ଆଉ କିଛି ମନେ ନଥିଲା ତାଙ୍କର । ଯାହା ହେଉ, ମା କିଛି କହିନି । ଭଲରେ ଭଲରେ, ସୁରୁଖୁରୁ ରେ କାମ ହେଇଗଲା । ମା ଏବେ ବୃଦ୍ଧାଶ୍ରମ ରେ, ବାକି କାମ ଆଜି ସାରି କାଲି ସୁଦ୍ଧା ଫେରିବାକୁ ପଡିବ ଘରକୁ । ଭାବି ଭାବି ବସ ଭିତରେ ଶୋଇ ପଡ଼ିଥିଲେ ପ୍ରତାପ ବାବୁ । କଣ୍ଡକ୍ଟର ର ଡାକ ରେ ନିଦ ଭାଙ୍ଗିଲା, ବସ ରୁ ଓହ୍ଲେହି ଘର ମୁହାଁ ହେଲେ ।

ଖାଇବା ବେଳ ଗଡି ଗଲାଣି, ଦିନ ଆସି ତିନିଟା । ଭୋକ ରେ ପେଟ କଁ କଁ ଡାକ ଛାଡୁଥାଏ । ଦୋକାନ ରୁ ଅଣ୍ଡା ଦୁଇଟି ଧରି ଘରକୁ ପଶିଲେ ସେ । ପୋଷାକ ବଦଳି ଦେଇ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଧେଇ ଆସି ଡାକଛାଡିଲେ ସେ,"ମା, ମା, ଖାଇବାକୁ ବାଢ଼ିଲୁ" ।

ହଠାତ ନିଜ ଡାକରେ ଚମକି ପଡିଲେ । ଆରେ, ମା ତ ସେଠି । ଚୁଲି ଲଗେଇ, ଅଣ୍ଡା ଦୁଇଟି ଆମଲେଟ କରି, ହାଣ୍ଡିରୁ ପଖାଳ ବାଢି ନିଜେ ନିଜେ ଖାଇଲେ । ଆଜି ଯାଏଁ ଭାତ ହାଣ୍ଡି କେବେ ବି ଛୁଇଁ ନଥିଲେ ସେ । ମା ର ହାତ ରନ୍ଧା ପଖାଳ ତାଙ୍କୁ ତିରିଶ ବର୍ଷ ତଳକୁ ଠେଲି ନେଉଥିଲା । ଏଇ ଘରେ କେତେ ଅଝଟ, କେତେ ଅଳି ଅର୍ଦଳି କରିଛନ୍ତି ସେ । ସବୁ ସହିଛନ୍ତି ତାଙ୍କ ବାପା ମା । ବାପା ତାଙ୍କର ଥିଲେ ଏକ ଅଫିସ ରେ ଷ୍ଟେନୋ । ସ୍ୱଳ୍ପ ସଞ୍ଚୟ ଭିତରେ ଜମି କିଣି ଏ ଘର ଖଣ୍ଡିକ କରିଥିଲେ ସେ । ପ୍ରତାପ ଙ୍କୁ ପାଠ ପଢ଼ାଉ ପଢ଼ାଉ ସବୁ ଟଙ୍କା ସରି ଯାଉଥିଲା । ହେଲେ ବି କେବେ ଦୁଃଖ ରେ ନଥିଲେ ସେ । ମା ବି ସାଥ ଦେଉଥିଲା ତାଙ୍କର । ମା, ବାପା ଏବେ ମନେ ପଡୁଥିଲେ ତାଙ୍କର ।

ଅଧା ଖାଇ ଉଠିଗଲେ ସେ । ମା ର ଶେଜ ଉପରେ ଗଡ ପଡ଼ ହେଉ ହେଉ ମା କଥା ଭାବୁଥିଲେ ସେ । ଜୀବନ ରେ ବିଚାରୀ କେତେ କଷ୍ଟ ସହି ମଣିଷ କଲା ମୋତେ । ବାପା, ପେଟରୁ କାଟି, ଏଇ ଘର ଖଣ୍ଡିକ ତିଆରି କରିଥିଲେ । ପୁଅ କୁ ବାହା କରୁ କରୁ ବୋହୁ କହିଲା ସହର ରେ ରହିବ, ଗାଁ ରେ ରହି ପାରିବନି । ବାହାଘର ର କିଛି ଦିନ ପରେ ବୋହୁ ଚାଲିଗଲା ସହର କୁ । ବାପା ଚାଲିଲେ ମଶାଣି କୁ । ବାପା ଗଲା ପରେ, ଗାଁ ରେ ମା, ସେମିତି ରହିଲା ପଛେ ବୋହୁ କେବେ ଶାଶୁ କୁ ଡାକିଲାନି କି ଶାଶୁ ଗଲାନି । ଆଉ ଆଜି ? ସେ ଘରକୁ ଯିବାକୁ ଡାକି ଆସିଛି ବୋଲି କେତେ ଶ୍ରଦ୍ଧା ରେ ବାହାରି ଥିଲା, ହେଲେ ପହଞ୍ଚିଲା ବୃଦ୍ଧାଶ୍ରମ ରେ ।

ନିଜକୁ ନିଜେ ବୁଝାଉଥିଲା ପ୍ରତାପ, କଣ ବି କରିଥାନ୍ତା ସେ ? ସେପଟେ ଇଏମଆଇ ଦେବାକୁ ପଇସା ଦରକାର ଥିଲା । ବୋହୁ ତ ଶାଶୁ ସହ ଚଳି ପାରିବନି । ଏପଟେ ପ୍ରତାପ ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏତେ ବି ବଡ ଚାକିରୀ ନୁହେଁ ଯେ ସେ ସବୁ ସମ୍ଭାଳି ପାରିବ ଏକାଥରେ । ତେଣୁ ଶେଷ ନିଷ୍ପତ୍ତି ନେଇଥିଲା ସେ । ସେଇଥିପାଇଁ ତ ଖୋଜିଥିଲା ଭଲ ବୃଦ୍ଧାଶ୍ରମ । ମା କୁ ଭଲ ଗୋଟିଏ ବୃଦ୍ଧାଶ୍ରମ ରେ ଛାଡି ଏ ଘର ଡିହ ଖଣ୍ଡିକ ବିକ୍ରି କରିବାକୁ ବସିଥିଲା ସେ ।

ପ୍ରାୟ ତିନିଘଣ୍ଟା ପରେ ନିଦ ଭାଙ୍ଗିଲା ତାର । ସନ୍ଧ୍ୟା ହୋଇ ଯାଇଥିଲେ ବି କିଣିବା ଲୋକ ଆସି ନଥିଲା ଏଯାଏଁ । ଆଜି ଆଉ ଆସିବନି ବୋଧେ । ତେବେ କାଲି ଆସିବ, ସକାଳୁ । ଘରର ଆସବାବପତ୍ର ସଜାଡି ବାକୁ ପଡିବ । ଆସବାବପତ୍ର କହିଲେ ମା ର ଏ ଛୋଟ ସିଂଧୁକ ଗୋଟେ, ତା'ର ବାସନ କୁସନ ଦୁଇଖଣ୍ଡ ସହ ଚାରିଟି ଲୁଗା । ସେତିକି ଥିଲା ତା'ର ସମ୍ବଳ । ସିନ୍ଧୁକ ଖୋଲି ଗୋଟେ ପରେ ଗୋଟେ ଜିନିଷ ଦେଖି ଚାଲିଲା ସେ ।

ପାଞ୍ଚଶହ ଅଠର ଟଙ୍କା, କିଛି କାଗଜ ପତ୍ର, ମା ଆଉ ବାପାଙ୍କ ବାହାଘର ବେଳର ଫୋଟୋ ସହ ଅଜା ଆଇ ଓ ଜେଜେବାପା ଓ ଜେଜେମା ଙ୍କ ଫୋଟୋ ପାଇଲା ସେ । କାଗଜ ଗୁଡିକ ଅଦରକାରୀ କି ଦରକାରୀ ଦେଖିବାକୁ ଲାଗିଲା ସେ । ବାପା, ଦେଇଥିବା ଚିଠି କେଇଖଣ୍ଡକୁ ସାଇତି ରଖିଥିଲା ମା । ଚିଠି ଗୁଡିକ ଗୋଟେ ପରେ ଗୋଟେ ଖୋଲି ପଢିବାକୁ ଲାଗିଲେ ସେ....

୧.

ସ୍ନେହ ର ମିନି,

ସ୍ନେହ ନେବ । ଏତେ ଦିନର ଅପେକ୍ଷା ଭାରି କଷ୍ଟ ଦେଉଛି । ଖୁବ ଶୀଘ୍ର ଅଫିସ କାମ ସାରି ଘରକୁ ଫେରିବି । ତିନିମାସ ବିତି ଗଲାଣି, ତୁମ କଥା ଭାରି ମନେ ପଡୁଛି ।

....

ହେଲେ ଆମ ନିଜ ଗାଁ ଛାଡି ଅନ୍ୟ ଗାଁ ରେ ଘର କରିବାକୁ ମୁଁ କାଇଁ ଠିକ ବୋଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାବୁନି । ମୁଁ ଜାଣୁଛି ପ୍ରତାପ ର ତୁମେ ସାବତ ମା । ହେଲେ ତାକୁ ନିଜ ମା ଭଳି ସ୍ନେହ ରେ ଲାଳନ ପାଳନ କରୁଛ । କାଳେ କିଏ ତା ଆଗରେ ଏକଥା କହିଦେବ ସେ ଡର ରେ ତୁମେ ଗାଁ ଛାଡିବାକୁ ନିଷ୍ପତ୍ତି ନେଇଛ । ଠିକ ଅଛି ତୁମେ ଯାହା ଭାବୁଛ, ସେଇଆ କର...

....

ଇତି ତୁମର ମୁଁ...

୨.

ସ୍ନେହର ମିନି,

.....

ମୁଁ ଜାଣିଛି, ତୁମେ ଆଉ ଥରେ ମା ହେବାକୁ ଇଚ୍ଛୁକ ନଥିଲ, ହେଲେ ବ୍ୟସ୍ତ ହୁଅନି, ଆମର ଝିଅ ହେବ । ପ୍ରତାପ ତ ଅଛି, ତା ପିଠିକୁ ଝିଅ ଟିଏ ଆସିଲେ ସମସ୍ତେ ଖୁସି ହେବେ ।

.....

ଇତି ତୁମର ମୁଁ...

୩.

ସ୍ନେହ ର ମିନି,

...

ଜୋର କରି ଅନ୍ୟ ଜାଗାରେ ଘର ତିଆରି କରେଇଲ, ପଇସା ସବୁ ଲୋନ ସୁଝିବାରେ ଯାଉଛି । ଏ ମାସରେ ଦରମା ମିଳିନି, ସେପଟେ ଘର ଚଳିବା ପାଇଁ ପଇସା, ଘର କାମ ପାଇଁ ପଇସା, ପ୍ରତାପ ର ଖର୍ଚ୍ଚ,ସବୁ କେମିତି କଣ ହେବ ଭାବି ମୁଣ୍ଡ କାମ କରୁନି । ହଉ ଦେଖିବା କଣ ହଉଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

...

ଇତି ତୁମର..

୪.

ସ୍ନେହ ର ମିନି,

....

ପଇସା ନଥିଲା ବୋଲି ଆର ମାସରେ ତୁମ ଗହଣା ବନ୍ଧା ପକେଇଲ । ପ୍ରତାପ ପାଇଁ ଏବେ ସାଇକେଲ ନ କିଣିଥିଲେ ହୋଇ ନଥାନ୍ତା ? ତୁମ ଯୁକ୍ତି ବି କାଟିବାର ନଥିଲା । କହିଲ କଣ ନା , "ଗୋଟିଏ ବୋଲି ତ ପୁଅ ।"

ଥରେ ଗର୍ଭବତୀ ହେଲ, ହେଲେ ଆଉ ଜଣେ ଆସିଲେ କାଳେ ପ୍ରତାପ ପ୍ରତି ତୁମ ସ୍ନେହ କମିଯିବ, ସେ ଡର ରେ ନିଜେ ଯାଇ ଗର୍ଭପାତ କରେଇ ଆସିଲ । କାରଣ ଶୁଣି ତୁମ ପ୍ରତି ସ୍ନେହ ଓ ଭଲ ପାଇବା ଆହୁରି ବଢ଼ିଗଲା ।

....

ଇତି...

୫.

ସ୍ନେହ ର ମିନି,

....

ଦେଖ, ମୁଁ ବିବାହିତ । ସ୍ତ୍ରୀ, ଅଜଣା ରୋଗରେ ମରି ଯାଇଛି । ପ୍ରତାପ ନାମରେ ମୋର ବର୍ଷକର ପୁଅଟିଏ ଅଛି । ମୋର ଷ୍ଟେନୋ ଚାକିରୀ । ମଝିରେ ମଝିରେ ଚାରି, ଛଅ ମାସ ପାଇଁ କମ୍ପାନୀ କାମରେ ଅନ୍ୟ ବ୍ରାଞ୍ଚ ଅଫିସ କୁ ଯିବାକୁ ପଡେ । ମା ଆଉ ପାରୁନି, ଆଜି ଯାଏଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ସବୁ ଦାୟିତ୍ୱ ନେଉଥିଲା । ତେବେ ତୁମେ ମୋତେ ବାହା ହୋଇ ଆସିଲେ ତୁମକୁ ପୁଅ ର ଦାୟିତ୍ୱ ନେବାକୁ ପଡିବ । ତୁମକୁ, ସାବତ ପୁଅ ର ଧ୍ୟାନ ରଖିବାକୁ ପଡିବ । ହେଲେ ନିଜ ପୁଅ କି ଝିଅ ହେଲା ପରେ ଯେମିତି ୟାକୁ ହତାଦର ନ କର, ଏତିକି ମୁଁ ଆଶା କରିବି ।

....

ଇତି...

୬.

ସ୍ନେହ ର ମିନି,

...

ଘରଟି ପ୍ରତାପ ନାଁ ରେ କଲ, କାଲି କୁ ସୁବିଧା ଅସୁବିଧା ହେଲେ କିଏ ବୁଝିବ ? ମୁଁ ଜାଣିଛି, ଆମ ପୁଅ କେବେବି ଆମକୁ ହତାଦର କରିବନି, କିନ୍ତୁ ଘରଟି ତୁମ ନାଁ ରେ ଥିଲେ ମୁଁ ନିଶ୍ଚିନ୍ତ ରେ ମରି ପାରିଥାନ୍ତି । ଏବେ ସିନା ସେ ବାହା ହେଇନି, ବାହା ହେଲାପରେ କଣ ହେବ କିଏ ଜାଣିଛି ?

...

ଇତି....

୭.

ସ୍ନେ...ହ... ର ମି...ନି...,

...

ଜା...ଣି....ଛି....

ଆଖିରୁ ଲୁହ ବାହାରି ଅକ୍ଷର ସବୁ ଜାଲୁଜାଲୁଆ ଦେଖା ଯାଉଥିଲେ, ଆଉ ପଢ଼ିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଚ୍ଛା ନଥିଲା ପ୍ରତାପ ର । ଥପ ଥପ ହୋଇ ଲୁହ ଭାବେ ଖସି ପଡୁଥିଲା ତା ସ୍ୱାର୍ଥ ର ବଲ୍କଳ । ଚିଠି ଗୁଡିକ ସିରିଆଲି ନ ଥିଲେ ବି ପୁରା ଘଟଣା ସେ ବୁଝି ପାରୁଥିଲା । ଛୋଟ ବେଳର ସ୍ମୃତି ସବୁ ଆଖି ଆଗରେ ଭାସି ବୁଲୁଥିଲେ । ନିଜ ଉପରେ ଖୁବ ରାଗ ଆସୁଥିଲା ତାର । ଚିଠି ସବୁ ପଢି ବହୁତ ଗୁଡିଏ ପ୍ରଶ୍ନ ର ଉତ୍ତର ମିଳୁ ନଥିଲା ତାକୁ । ତେବେ ସେ ଏତିକି ଜାଣିଲା ଯେ....

– ମୁଁ ପ୍ରତାପ, ସୁନୟନା ଙ୍କ ସାବତ ପୁଅ ? ?

ହେଲେ ଏ ଜୀବନ କାଳ ଭିତରେ କେବେବି ମା, ସାବତ ପୁଅ ଭଳି ବ୍ୟବହାର କରିନି । ଯେଉଁ ମା, ସାବତ ପୁଅ କୁ ନିଜ ପୁଅ ଭଳି ପାଳିପାରେ । ଗାଁ ଲୋକ କାଳେ କିଏ ପ୍ରତାପ କୁ କଣ କହିଦେବେ ବୋଲି ଗାଁ ଛାଡି ଅନ୍ୟ ଜାଗାରେ ଘର କରି ଜୀବନ ସାରା ରହିପାରେ । ପଇସା ନଥିଲା ବେଳେ,ଖଣ୍ଡେ ସାଇକେଲ ପାଇଁ ନିଜ ଗହଣା କୁ ବନ୍ଧା ପକେଇ ଦେଇପାରେ । କାଳେ ନିଜର ଛୁଆ ଆସିଲେ ସାବତ ପୁଅ ହତାଦର ହେବ, ସେ ଚିନ୍ତା ରେ ଗର୍ଭବତୀ ହେବାକୁ ଇଚ୍ଛା ପ୍ରକାଶ ନ କରିପାରେ ଆଉ ଗର୍ଭ ରହିଲା ପରେ ବି ଗର୍ଭପାତ କରେଇ ଦେଇ ପାରେ, ସେପରି ମା କୁ ସେ ଆଜି ମାତ୍ର କେତୋଟି ପଇସା ପାଇଁ ଛାଡି ଆସିଛି ବୃଦ୍ଧାଶ୍ରମ ରେ ? ? ଧିକ, ଶତ ଧିକ ଏଭଳି ପୁଅକୁ ।

ନିଜ ଉପରେ ଭାରି ରାଗ ଆସୁଥିଲା ତାକୁ । ନିଜ ମା ତ ଛୁଆଙ୍କ ପାଇଁ ସବୁ କରେ, ହେଲେ ସାବତ ମା ? ଚାହିଁଥିଲେ ତାକୁ ହତାଦର କରି, ଖାଇବାକୁ ନଦେଇ, କେଉଁ ଏକ ମୂଲିଆ ଭଳି ଜୀବନ ବଞ୍ଚିବାକୁ ବାଧ୍ୟ କରି ପାରିଥାନ୍ତା । ଏଭଳି ଦେବୀ ଜଣଙ୍କୁ ସେ ଆଜି ଫୋପାଡ଼ି ଦେଇ ଆସିଛି । ସବୁ କିଛି ଜାଣିଲା ପରେ ବି କାହିଁକି କେଜାଣି ପଦେ କଥା କହି ନଥିଲା ମା । ବୃଦ୍ଧାଶ୍ରମ ରୁ ଫେରିଲା ବେଳେ ମା ର କରୁଣ ଆଖି ଦୁଇଟି ବହୁତ କଥା କହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଥିଲେ ହେଲେ ଅଜ୍ଞାନତା ପାଇଁ ସେ କିଛି ବି ପଢି ପାରି ନଥିଲା....

ଆଖିରୁ ଲୁହ ପୋଛି ଘର ର ଚାରି ପଟକୁ ଚାହିଁଲା ସେ । ଏଇ ଘରେ ସେ ଛୋଟ ରୁ ବଡ ହେଇଛି । ଆଜି ଯାଏଁ ବି ଘରକୁ ଆସିଲେ ଗୋଟେ ବି କାମ କରେନି ସେ । କୂଅରୁ ପାଣି କାଢ଼ିବା, ରୋଷେଇ କରିବା, ବାସନ ମାଜିବା ସହ ପ୍ରତାପ ଗାଧେଇବ ବୋଲି ବି ମା ପାଣି କାଢି ରଖିଥାଏ । ହେଲେ ପୁଅ ହେଇ, ସେ କଲା କଣ ? ?

ମୋବାଇଲ ବାହାର କରି whatsapp ରେ ଲେଖିବାକୁ ଲାଗିଲା ସେ ।

"ମୁଁ ଗାଁ ଘର ବିକ୍ରି ନ କରିବାକୁ ନିଷ୍ପତ୍ତି ନେଇଛି । ଆଜିଠୁ ମୁଁ ଏଇଠି ରହିବି, ମୋ ମା ସହ । ମୋ ପରି, କାଲି ସକାଳୁ ଯଦି ଆମ ପୁଅ ଆମକୁ ବୃଦ୍ଧାଶ୍ରମ ରେ ଛାଡେ, ସେଠି ତୁମେ ଚଳି ପାରିବ ତ ? ତେଣୁ ତୁମେ ଯଦି ମୋ ପାଖେ ରହିବାକୁ ଇଚ୍ଛୁକ, ତେବେ ପୁଅ କୁ ଧରି ଏଠିକି ଆସ । ସହର ରେ ଥିବା ଘର ର ଇଏମଆଇ ମୁଁ ଓଭର ଟାଇମ କରି ସୁଝିବି । କିନ୍ତୁ ମୋ ଜୀବନ ଥିବା ଯାଏଁ ମୁଁ ଏ ଘର କି ମୋ ମା କାହାକୁ ବି ଛାଡି ପାରିବି ନାହିଁ"....

କହିବା ବାହୁଲ୍ୟ...ପରଦିନ ସକାଳୁ ସକାଳୁ ସୁନୟନା ଙ୍କ ପାଇଁ ଏକ ନୂତନ ସୁରୁଜ ଉଦୟ ହୋଇଥିଲା, ମା ପୁଅ ଦୁହେଁ କୋଳାକୋଳି ହୋଇ ଫେରୁଥିଲେ ଘରକୁ....ମା ର ପଣତ କାନି ଆଜି ଆହୁରି ଭଲ ବାସୁଥିଲା...

ଖଲାରୀ, ଅନୁଗୁଳ, ଓଡ଼ିଶା

୯୪୩୭୦୨୫୦୦

subal.mohapatra@gmail.com

Magazine Downloaded from www.aahwaan.com

# ସହଯୋଗୀ



ମନୋଜ କୁମାର ବେହେରା

ନିଜର ଝିଅର ବାହାଘର ହୋଇ ପାରୁନଥିବା ଯୋଗୁଁ ବହୁତ ମନ ଦୁଃଖରେ ଥିଲା ରଶ୍ମି । ଆଉ ରଶ୍ମି ତା'ସ୍ୱାମୀଙ୍କୁ କହିଲା, କେଜାଣି ତା' ଭାଗ୍ୟରେ କ'ଣ ଲେଖା ହୋଇଛି ? ଗୋଟିଏ କୋଣରେ ଭାଗ୍ୟ ଠିଆ ହୋଇ ଏହା ଶୁଣି କରି ବହୁତ ଜୋର୍ରେ ହସିଲା । ତା' ସ୍ୱାମୀ ବରପାତ୍ରଟେ ଖୋଜିବା ପାଇଁ ଏ ସହରରୁ ସେ ସହରକୁ ଧାଉଁଥିଲେ । ଦିନେ ରଶ୍ମି ରାଗରେ ତା' ସ୍ୱାମୀଙ୍କୁ କହିଲା, ତୁମେ ନିଜେ ନଖୋଜି ଏ ପଣ୍ଡିତମାନଙ୍କର ସାହାଯ୍ୟ କାହିଁକି ନେଉଛ ? ଆଉ ସେମାନେ ଯାହା କହୁଛନ୍ତି ତୁମେ ସେଇଆ କରୁଛ । ଘରେ ବସିଲେ କ'ଣ ବର ଆପେ ଆପେ ଆସି ପହଞ୍ଚିଯିବ । ଏହା ଶୁଣି କୋଣରେ ଥିବା କର୍ମ ହୋ ହୋ କରି ହସିବାକୁ ଲାଗିଲା । ମୁଁ ତ ଯାଉଛି ବର ଖୋଜିବା ପାଇଁ କେଉଁଠି ଘରଦ୍ୱାର ଥିଲେ ପରିବାରରେ ସଂସ୍କାର ଦେଖିବାକୁ ମିଳୁନି ଆଉ ପାତ୍ର ଭଲ ମିଳୁଥିଲେ ତାଙ୍କର ସେମିତି ଚଳନିୟ ଘରଦ୍ୱାର ଥାଏ । ବହୁତ ଖୋଜା ଖୋଜି କଲାପରେ ଗୋଟିଏ ଭଲ ବରପାତ୍ର ମିଳିଲା । ପରିବାରରେ ବହୁତ ସଂସ୍କାର ଥିଲା କିନ୍ତୁ ଗୋଟିଏ ଅସୁବିଧା ଥିଲା ଯେ ତାଙ୍କର ନିଜର ଘର ନଥିଲା ସେମାନେ ଦୁଇ ବଖରା ଭଡାଘରେ ରହୁଥିଲେ । ଏହା ଶୁଣି ଭାଗ୍ୟ ତା'ର ବ୍ୟଙ୍ଗ ଦୃଷ୍ଟି ଟିକେ କର୍ମ ଉପରେ ପକାଇଲା ।

ରଶ୍ମି ଏ କଥା ଶୁଣି ଟିକିଏ ଚିନ୍ତାରେ ପଡିଗଲା । ଆଉ ତା' ସ୍ୱାମୀଙ୍କ ଆଡକୁ ଚାହିଁ କହିଲା ଆମ ଝିଅ ସେଠି ମିଳିମିଶି ରହି ପାରିବ ? ତାଙ୍କର ଘରର ଯେତିକି ରୁମ୍ ଆମ ଝିଅର ଷ୍ଟଡି ରୁମ୍ ସାଙ୍ଗେ ସମାନ । କେମିତି ଏମିତି ଛୋଟିଆ ଜାଗାରେ ଝିଅ ରହିବ । ରଶ୍ମି ଏସବୁ ଭାବି ଭାବି ଆହୁରି ଚିନ୍ତିତ ହେବାକୁ ଲାଗିଲେ । ଏହି ସ୍ଥିତରେ ଭାଗ୍ୟ ଉପରେ କର୍ମ ଟିକିଏ ହସି ଦେଲା ।

ତା' ସ୍ୱାମୀ ମଧ୍ୟ ଏହା କହିଲେ ମୁଁ ବି ଏହି କଥାକୁ ଭାବୁଛି ଯେ ଆମ ଝିଅ ସେଠି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ଚଳିବ । ଯଦି କହିବ ମୁଁ ତାଙ୍କୁ ମନା କରିଦେଉଛି,ରଶ୍ମି ଟିକେ ଭାବୁକ ହୋଇ ତା'ସ୍ୱାମୀ ଆଡେ ଚାହିଁଲା ।

ଏହା ଶୁଣି ଭାଗ୍ୟ କର୍ମ ଉପରେ ଟିକେ କୁଟିଳ ହସ ହସିଦେଲା । ଏହି ସମୟରେ ପଣ୍ଡିତ ମହାଶୟ ଆସି ପହଞ୍ଚିଗଲେ ତାଙ୍କ ଘରେ । ଆଉ କହିଲେ ଚିନ୍ତା କରନାହିଁ ଜଜମାନ ! ମୋ ମତରେ ସେଠି ଆମ ଝିଅ ଖୁସିରେ ଆଉ ଶାନ୍ତିରେ ରହିବ । ଏହା ଶୁଣି ଭାଗ୍ୟ ଛାତି ଫାଡି କରି ଠିଆ ହୋଇଗଲା ।

ରଶ୍ମି ଭିତରୁ ଆସି ପଣ୍ଡିତଙ୍କୁ ଦେଖି ପ୍ରଣାମ କଲା, ଆଉ କହିଲା ମୁଁ ଏବେ ଆପଣଙ୍କ ପାଖକୁ ଫୋନ୍ ଲଗେଇଥାନ୍ତି । ଆପଣ ଠିକ୍ ସମୟରେ ଆସିଛନ୍ତି । ରଶ୍ମିର ସ୍ୱାମୀ ପଣ୍ଡିତ ମହାଶୟଙ୍କୁ କହିଲେ କୁଆଡେ କୁଆଡେ ଯାଇ ନଖୋଜିଛୁ ଝିଅ ପାଇଁ ଗୋଟେ ପ୍ରସ୍ତାବ ପାଇଁ । ଠିକ୍ ପାତ୍ରଟେ ମିଳିଲେତ ? କର୍ମ ଶାନ୍ତିରେ ବସିଥିଲେ । କିନ୍ତୁ ଭାଗ୍ୟ ଜୋର୍ରେ ହସି ଉଠିଲା । ଘରର ଗୋଟିଏ କୋଣରେ ଭାଗ୍ୟ ଆଉ କର୍ମ ଦୁହେଁ ଥିଲେ । ସ୍ୱାମୀ-ସ୍ତ୍ରୀଙ୍କର କଥାବାର୍ତ୍ତା ଶୁଣିକରି ନିଜ ଭିତରେ ପାଟି କରୁଥିଲେ । ପଣ୍ଡିତଙ୍କ ସ୍ୱର ଶୁଣି ଦୁହେଁ ଚୁପ୍ ହୋଇଗଲେ ।

ପଣ୍ଡିତ କହିଲେ ଆପଣ ଖାଲି ଏହି ସହର ଭିତରେ ଖୋଜୁଥିଲେ ତେଣୁ ଭଲ ପାତ୍ରଟିଏ ମିଳୁ ନଥିଲା । ଏବେ ଆପଣ ବାହାରକୁ ଯାଇ ଖୋଜିଲେ ଆଉ ଆପଣଙ୍କୁ ଭଲ ପାତ୍ରଟିଏ ମିଳିଗଲା । ଭାଗ୍ୟ ଯେତେ ଭଲ ହେଉ ନା' କାହିଁକି କିନ୍ତୁ ବିନା କର୍ମରେ ସେ ମୂଲ୍ୟହୀନ,ଆଉ କର୍ମ ଯେତେ କଲେ କ'ଣ ହେବ ଭାଗ୍ୟ ନଥିଲେ କିଛି ମିଳିବନି । ପଣ୍ଡିତ ମହାଶୟ ଜାତକ ଦେଖି କରି କହିଲେ ସ୍ୱାମୀ-ସ୍ତ୍ରୀ ଦୁହେଁ କର୍ମଶୀଳ ବ୍ୟକ୍ତି ଅଟନ୍ତି । ଆଉ ତାଙ୍କ ଜାତକ ଦେଖି ମୁଁ କହୁଛି ଟିକେ ଭାଗ୍ୟ ଉପରେ ଭରସା ରଖ ! ଦେଖିବ ଘରରୁ ବଙ୍ଗଳା ହେବା ପାଇଁ ବେଶୀ ସମୟ ଲାଗିବନି । ଏହା ଶୁଣି ଭାଗ୍ୟ ଆଉ କର୍ମ ଦୁହେଁ ଦୁହିଁଙ୍କୁ ଖୁସିରେ କୁଣ୍ଢେଇ ପକେଇଲେ ।

୨୧୭,ୟୁନିଟ-୯(ଫ୍ଲାଟ), ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨, ଫୋନ-୭୯୭୮୮୩୦୬୧୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ଆଲୋକ କୁମାର ସାହୁ

ଝିଅଟିଏ ଜନ୍ମ ହୁଏ ଗୋଟିଏ ଗରିବ ମଧ୍ୟବିତ୍ତ ପରିବାରରେ ଯେଉଁଠି ତାର ବାପା ଏକ କୃଷକ । ଝିଅ ଧୀରେ ଧୀରେ ବଡ ହୁଏ ,ପିଲାବେଳେ ବହୁତ ସ୍ଵପ୍ନ ଥାଏ ଏଇଟା ପିନ୍ଧିବି,ସେଇଟା ପିନ୍ଧବି,ଏଇଟା ଖାଇବି,ସେଇଟା ଖାଇବି ଏମିତି ବହୁତ ସ୍ଵପ୍ନ ଥାଏ । ହେଲେ ଭସା ମେଘ ଭଳି ଭାସିଯାଏ ତାର ସ୍ଵପ୍ନ । ପରିବାରର ପରିସ୍ଥିତି  ନଜରରେ ରଖି ସେ ଚୁପ୍ ରହେ, ହେଲେ ଗରିବ ବାପଟା ଉପରେ କିଛିଟା ଆଶା ରଖିଥାଏ କାଳେ ତାର ସବୁ ଇଚ୍ଛା ତାର ବାପା ପୂରଣ କରିଦେବେ । କିନ୍ତୁ ୫-୫ ଟା ପିଲା ଛୁଆ ମଧ୍ୟରେ ସମସ୍ତଙ୍କ ଖାଇବା ଠିକ୍ କରି ଦେଇପାରୁନଥିବା ବାପା କାହାର ସ୍ୱପ୍ନ ପୂରଣ କରିବା ଆକାଶ ପାତାଳ ଫରକ୍ ।ଝିଅ ର ଆଶା ଆଶାରେ ରହିଗଲା,ଧୀରେ ଧୀରେ ତାର ଭାଇ ବଡ ହେଲା, ରୋଜଗାର କଲା । ତାର ସ୍ଵପ୍ନ କୁ ତା ଭାଇ ପୂରଣ କରିବା ଆଶାରେ ମନୋବଳ ଟିକେ ଦୃଢ଼ ରଖିଲା । କିନ୍ତୁ ଭାଇର ବାହାଘର ପରେ ସେ ଯାଇ ସହରରେ ରହିଲା । ଶେଷରେ ଝିଅଟିର ବାହାଘର ହୋଇଗଲା, ମନେ ମନେ ଭାବୁଥାଏ ଯେଉଁ ସ୍ୱପ୍ନକୁ ତା ବାପା ଆଉ ଭାଇ ପୂରଣ କରିପାରିଲେ ନାହିଁ, ସେଇ ସ୍ୱପ୍ନ କୁ ତାର ସ୍ୱାମୀ ପୂରଣ କରିବାର କ୍ଷମତା ରହିଛି ।

ତାର ସ୍ୱାମୀ ଏକ ମଜୁରିଆ ହୋଇଥିବାରୁ ଦିନେ କାମ କରୁଥିଲା ତା ଆଉ ଦିନେ ଘରେ ରହୁଥିଲା ।ଏମିତି ଭାବରେ ଜୀବନ ବିତି ଚାଲିଲା । ଏକ ପୁତ୍ର ସନ୍ତାନ ଜନ୍ମ ହୁଏ ଏହାର ଲାଳନ ପାଳନ କରି ତାକୁ ବଡ କଲା ।ମାତ୍ର ସେ କରୁଣା ଚେହେରାରେ ଏତେ ସ୍ନେହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଟି ଆସେ ଯେପରିକି ପେଟ ପୁରିଯାଏ ତାକୁ ଦେଖିଲେ, ଦୁଃଖିନୀ ମାର ମନରେ ଏତେ ସ୍ୱପ୍ନ ଅଛି ଯେ ତାହା ପୂରଣ ହୋଇପାରିନି ।ପିଲାଟି ଟା ମାର ସ୍ୱପ୍ନ ବିଷୟରେ ଧୀରେ ଧୀରେ ଜାଣିବାକୁ ପାଇଲା । ପୁଅ ମାର ସ୍ୱପ୍ନ କୁ ପୁରା କରିବା ପାଇଁ ଜିଦ୍ ଧରେ । ପାଠ ପଢି ଚାକିରି ଅନେଶ୍ୱନରେ ବାହାରେ କିନ୍ତୁ ଚାକିରି ଗୋଟେ ବି ମିଳେନି, ମନେ ମନେ ଭାବୁଥାଏ ମୋତେ ମଣିଷ ଜନ୍ମ ଦେଲ କଣ ପାଇଁ ଯେ ଏକ ମାର ସ୍ୱପ୍ନକୁ ପୁରା କରିବାର କ୍ଷମତା ମୋ ପାଖରେ ନାହିଁ । ମା ଏପଟେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି ପିଲାର ମଂଗଳ କାମନା କରି, ହେଲେ ସେ ମାର ମନ ବୁଝନ୍ତିନି ସେ ଠାକୁର ।ସତରେ କଣ ଏ ଦୁନିଆରେ କେବେ କଣ କାହାର ଆଶା ପୂରଣ ହୁଏନାହିଁ ? ମାର ବୟସ ଗଡ଼ିବାରେ ଲାଗିଥାଏ ରୋଗରେ ପୀଡିତ ହୋଇ,ଆଖିରେ ଆଖିଏ ଲୁହ ଧରି ,ମନରେ କେତେ ସ୍ୱପ୍ନ ଭରି ବଞ୍ଚିଆସିଛି ।

ବହୁତ ଦିନର ଚେଷ୍ଟା ପରେ ଭଗବାନ୍ ତାର ଡାକ ଶୁଣିଲେ, ତା ପୁଅର ଗୋଟେ ଭଲ ଜାଗାରେ ଚାକିରି ହେଲା ।ଧୀରେ ଧୀରେ ସେ ମାର ସ୍ୱପ୍ନ ପୂରଣ ହେବାରେ ଲାଗିଲା ।

ଯେଉଁ ଝିଅ ର ସ୍ୱପ୍ନ ତା ବାପା,ଭାଇ ଓ ସ୍ୱାମୀ ପୂରଣ କରିପାରିଲେନି ସେ ମାର ସ୍ୱପ୍ନ କୁ ତା ପୁଅ ପୂରଣ କରିଦେଲା ।

ବିଧାରପୁର, ଗନ୍ଦିଆ, ଢେଙ୍କାନାଳ

ଭ୍ରାମ୍ୟଭାଷ : ୬୩୭୨୬୭୪୮୫୫୨

Magazine Downloaded from www.aahwaan.com

# ସନା ମା'



ତପସ୍ୱିନୀ ବେହେରା

ଖୋଲା ଆକାଶ ଆଡ଼କୁ ଚାହିଁ ବସିଥାଏ ବୁଢ଼ୀଟିଏ ।ଗୋଟେ କଳା ଧଳା ସୂତା ଲୁଗା,ଚାରି ଆଡ଼ୁ ତାଳି ପଡିଛି ।କାନି ପାଖେ ଗୋଟେ ଗଣ୍ଠି ।ଲୁଗାର ଅଧା ଭାଗ ଦେହରେ ଆଉ ଅଧା ତା' ବସିବା ଆସନ ହେଇଛି ।ଲୁଗାକୁ ଦେଖିଲେ ଲାଗିବ କାହିଁ କେବେଠୁ କେଜାଣି ସଫା ହେଇ ନଥିବ ।କେମିତି ଗୋଟେ ଫୁରୁକୁଟିଆ ଗନ୍ଧ ଲୁଗାରୁ ବାହାରି ନାକରେ ବାଜିଲା କ୍ଷଣି ଉକାର ଉଠିଯିବା ପରି ଲାଗିବ ।

ବୟସ ନବେ ପାଖାପାଖି ହେବ ।ପତଳା ଧୁଡୁ ଧୁଡୁ ଲୋଚା କୋଚା ଚମ,ଚାରି ପାଞ୍ଚ ଖଣ୍ଡ ହାଡ଼ ଉପରୁ ମାଂସ ଗୁଡା ସତେକି ଓହଳି ପଡିଛି ।କୋରଡ଼ିଆ ଆଖି ଦୁଇଟାର କଳା କଳା ଜାମୁକୋଳି ଭଳିଆ ଡୋଳା ଦୁଇଟି କେହି ଯେମିତି ଚିକ୍କଣ ପଥର ଉପରେ ଥୋଇ ଦେଇଛି ।ଅଣ୍ଟା ବାଙ୍କି ଛାତି ଆସି ଆଣ୍ଠୁ ପାଖେ ଲାଗିଲାଣି ।ବାଡ଼ି ଖଣ୍ଡେ ନହେଲେ ଚାଖଣ୍ଡେ ପାଦ ପକେଇବା ମୁସ୍କିଲ ।ନୁଆଁଣିଆ ଚାଳଘରର ଗୋଟେ ପାଖ ଫନି ବାତ୍ୟା ପରେ ମାଟି ଛୁଇଁଛି,ଆଉ ଗୋଟେ ପାଖ ବୁଢ଼ୀକୁ ଟିକେ ସାହାରା ଦେବା ପାଇଁ ଅଣ୍ଟା ଭିଡି ଛିଡା ହେଇଛି ।ତାରି ତଳେ ବୁଢ଼ୀ ଉଠା ବସା କରେ ।ଖରାବର୍ଷା,ଶୀତ କାକରର ଏକ ମାତ୍ର ଛାତ ଖଣ୍ଡକ ସେଇଟି ବୁଢ଼ୀର ।

ଦିନଥିଲା ସନା ମା' ନାଁ ରେ ତାକୁ ସମସ୍ତେ ଜାଣୁଥିଲେ ।ଭାତ ମୁଠେ ହଉ କି ପାଣି ଲୋଟାଏ ହଉ,ସନା ମା' ଡାକିଦେଲେ ବୁଢ଼ୀ ଝଟପଟ ହେଇ ଦେଇଦେବ ।ସେମିତି କିନ୍ତୁ ହେଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ସନା' ବୁଢ଼ୀର ବଡ଼ ପୁଅ ଥିଲା କି ବୁଢ଼ୀର ଗୋଟେ ବୋଲି ପୁଅ ଥିଲା । ହେଲେ ବୁଢ଼ୀ ତା ମଝିଆ ପୁଅ ସନାକୁ ବେଶୀ ଭଲ ପାଉଥିଲା ।ରାଜୁଆ ମା' କହି କିଏ ଡାକିଲେ ସେ ପିଠି ପଛ କରି ଚାଲିଯାଏ,ଯେମିତି ସେ ତାକୁ ପୋଷ୍ୟପୁତ୍ର କରିଦେଇଛି ।ଶୁଣେ ତ କେବଳ ସନା ମା' ଡାକ ।ତା'ର ବି କେତେ କାରଣ ଅଛି ।ପ୍ରଥମେ ଯେତେବେଳେ ବଡ଼ପୁଅ ରାଜୁଆ ଜନ୍ମ ହେଇଥିଲା ଭାରି ଗେହ୍ଲାରେ ବଢିଥିଲା ସେ ।ତାକୁ ଏତେ ସ୍ନେହ ମିଳିଲା ଯେ କାହାକୁ ଆଉ ମାନିଲାନି ।ଯାହା ଜିଦ୍ କରୁଥିଲା ସବୁ ପୂରଣ ହେଉଥିଲା ।ବଡ଼ ଟିକେ ହଉ ହଉ ସବୁ ପ୍ରକାର ନିଶାକୁ ପାଣି ଭଳିଆ ପିଇବା ଆରମ୍ଭ କରିଦେଲା ।ଫଳତଃ,ବୁଢା ବୁଢ଼ୀ ତାକୁ ବାଟକୁ ଆଣିବାକୁ ତା ହାତକୁ ଦି ହାତ କରିଦେଲେ ।ଭାବିଲେ ସେ ବଦଳିଯିବ ।କିନ୍ତୁ ଫଳ ଓଲଟା ! !ନିଶା ଖାଇ ରାତି ଅଧରେ ଘରେ ଆସି ସବୁଦିନ ପାଟିତୁଣ୍ଡ କଲା ।ଗୋଟେ ରାତିରେ ତାର ପ୍ରାଦୁର୍ଭାବ ଏତେ ସୀମା ବାହାରକୁ ଚାଲିଗଲା ଯେ ବୁଢା ରାଗିକି କହିଦେଲା,"-ତୁ ଯଦି ଏମିତି ନିଶା ଖାଇବୁ,ନିଜେ ରୋଜଗାର କରି ଖା,ମୋ ପଇସାରେ ନୁହେଁ ।ଏ ଘର ମୋର,ତୋର ଏ ରୋବାବ ଯା ବାହାରେ ଦେଖେଇବୁ" ।ଦିନେ ସକାଳ ପହରୁ ସେ ଘର ଦ୍ୱାର ଛାଡି ସ୍ତ୍ରୀ,ପିଲାଙ୍କୁ ଧରି ଗାଁ ଛାଡି ଚାଲିଗଲା ।

ସାନ ପୁଅ ମନୁଆ ବି ବଡ଼ ଭାଇ ବାଟ ଧରିଲା ।ଯଦିଓ ନିଶା ଖାଇ ନଥିଲା କିନ୍ତୁ ମୁଣ୍ଡକୁ ଯେମିତି ହାତ ପାଇଗଲା,ସେ ନିଜ ଇଚ୍ଛାରେ ଝିଅ ଗୋଟେ ବାଛି ବାହାହେଇଗଲା ।ବୁଢା ପଦୁଟିଏ ସେଦିନ କଣ ଗୋଟେ ଗାଳି ଦେଲା ଯେ ମନୁଆ ସେଦିନ ଠୁ ଆଉ ଗାଁ ମାଟି ମାଡିନି ।ଦାଣ୍ଡେ ଦାଣ୍ଡେ ସ୍ତ୍ରୀକୁ ଧରି ଚାଲିଗଲା ।

ମନୁଆ ଯିବାର ଆଠ ଦିନ ନପୁରୁଣୁ ବୁଢା ହୃଦଘାତରେ ଆରପାରିକୁ ବାଟ କାଟିଲା ।ବୁଢ଼ୀ ଆଉ ମଝିଆ ପୁଅ ସନିଆ ।ସନିଆ କିନ୍ତୁ ସେ ଦୁଇଜଣଙ୍କ ଠାରୁ ସମ୍ପୂର୍ଣ୍ଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଲଗା ଥିଲା ।ଘରର ସବୁ ଅଭାବ,ଅସୁବିଧା ସହ ସେ ବେଶ ଭଲ ଭାବରେ ପରିଚିତ ଥିଲା ।ବୁଢ଼ୀ ବି ଜାଣିଥିଲା,ସନିଆ କେବେ ବି ତା' ଆର ଦୁଇ ଭାଇଙ୍କ ଭଳି ହେବନି ।ବଡ଼ପୁଅ ଜୋର ଜବରଦସ୍ତି ସବୁ କାମ କରୁଥିଲା ଆଉ ସାନ କିଛି ନପଚାରି ସବୁ କାମ କରୁଥିଲା କିନ୍ତୁ ବୁଢ଼ୀର ମଝିଆ ପୁଅ ଛୋଟବେଳୁ ସବୁବେଳେ ବୁଢ଼ାବୁଢ଼ୀଙ୍କ କଥା ମାନି କାମ କରୁଥିଲା ।ସେଇଥିପାଇଁ ବୁଢ଼ୀକୁ ଯିଏ ସନାମା' ନାଁ ରେ ଡାକିଦିଏ ବୁଢ଼ୀ ଦି ଚେନା ଅଧିକ ଖୁସି ହେଇଯାଏ ।ସେ ବି କହିବୁଲେ ସବୁଆଡେ,"ମୋ ସନିଆ ଭଳିଆ ପୁଅ ଏ ଖଣ୍ଡ ମଣ୍ଡଳରେ ନାହାଁନ୍ତି ।"

ବୁଢ଼ୀର ଛାତି ଆହୁରି ଦି ଇଞ୍ଚ ଫୁଲିଗଲା ଯୋଉଦିନ ସନିଆ ଆସି କହିଲା,-"ବୋଉ ମୋର ଚାକିରୀ ହେଇଗଲା କଟକରେ ।ଏଥର ତୁ ମୋ ସହ କଟକ ଯିବୁ ।ଆମେ ସେଇଠି ରହିବା ।"

ବୁଢ଼ୀ ସେଦିନ ଫୁଲେଇ ହେଇ କହୁଥିଲା,"ନାଇଁ ମ, ମୁଁ ଏଇ ଗାଁରେ ଭଲ ।ମୁଁ ତ ବରଡ଼ା ପତର,କେତେବେଳେ ଝଡ଼ିଯିବି ।ଏଇ ଥର ମଗୁଶୁରକୁ ତୋର ବାହାଘର କରି ଦେବି ।ତୁ ତୋ ସ୍ତ୍ରୀ କୁ ନେଇ ରହିବୁ,ଏଇ ମଝିରେ ମଝିରେ ଟିକେ ବୁଲି ଆସିଲେ,ମୋର ସେତିକି ଖୁସି ।"ବୁଢ଼ୀ ଠିକ୍ ଦେଖିଛି ସନିଆ ସେଦିନ ଟିକେ ଲାଜେଇକି ହସି ଦେଇ ଚାଲିଗଲା ।

ବୁଢ଼ୀ କହି ବୁଲୁଥିଲା ପଡିଶାଘର ନଖି ନାନୀକୁ,"ସନିଆ ଚିଠି ଦେଇଛି,ଗାଁ କୁ ଆସିବ ।ଆସିଲେ ଏଥର ତା ହାତକୁ ଦି ହାତ କରିଦେଲେ,ମୋର ଚିନ୍ତା ଯିବ ।"

ରବିବାର ଦିନ ସକାଳଟାରେ ସନିଆ ଆସି ହାଜର ।ସାଥିରେ ଗୋଟେ ଝିଅ ।ସନିଆ ଆଗୁଆ ଯାଇ ବୁଢ଼ୀକୁ କହିଦେଲା," ବୋଉ ଇଏ ଅନିତା,ଏଇ ଆମ ଗାଁ ପାଖ ଆଇତିପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଙ୍କ ସାର୍ ଙ୍କ ଝିଅ ।ଛୋଟ ବେଳୁ ଭଲ ପାଉଥିଲୁ ଦୁହେଁ ।ହେଲେ,ମୋ ଚାକିରୀ ପାଇଁ ମୁଁ ଟିକେ ଅଟକି ଥିଲି ।ତାଙ୍କ ଘରେ ଆମ ବାହାଘର ସରି ଯାଇଛି । ତୋତେ ସର ପ୍ରାଇଜ ଦେବି ବୋଲି କହି ନଥିଲି ।"

ବୁଢ଼ୀକୁ ଦେଖି ଅନିତା ଆଣ୍ଠୁଭାଙ୍ଗି ମୁଣ୍ଡିଆଟେ ମାରିଦେଲା ।ବୁଢ଼ୀର ଅଭିମାନ ଟିକକ ବାହାରି ଆସୁ ଆସୁ ଅନିତାର ସଂସ୍କାରର ଧକ୍କାରେ ଭିତରକୁ ପଶିଗଲା ବୋଧେ ।ବୁଢ଼ୀ କିଛି କହିଲାନି ।

"ହଉ,ମୋ କଥା ପଛେ ନ ହେଲା ନାହିଁ,ନିଜ ପସନ୍ଦ ହଉ ପଛେ,ଭଲ ବୋହୂ ତ ଆଣିଛି"-ବୁଢ଼ୀ ଭାବୁଥିଲା ।

ବୁଢ଼ୀ ସନିଆ ପାଇଁ ଚା' ଆଣି ଅସୁଆସୁ କେତେ ଟା ଶବ୍ଦ ତା' କାନରେ ବାଜିଲା ।

-ଦେଖ ସାନୁ, ମୁଁ ଆଉ ଏଠି ରହିପାରିବିନି ।ତୁମେ ଯାହା ଯାହା କହିଥିଲ ।ମୁଁ ସବୁ ମାନିଲି ।ତୁମ ବୋଉ ପୁରୁଣାକାଳିଆ ସଂସ୍କାରକୁ ଧରିଛନ୍ତି ବୋଲି ତୁମ ଅନୁସାରେ ସବୁ କାମ କଲି ।ହେଲେ,ଏବେ ମୁଁ ଏ ମାଟି ଗୋବର ଲିପା ଘରେ ଗୋଟେ ମୁହୂର୍ତ୍ତ ବି ରହି ପାରିବିନି ।

-ଓଃ ଅନୁ !ମୋତେ ଟିକେ ବୁଝିବାକୁ ଚେଷ୍ଟା କର ।

-"ପ୍ଲିଜ,ଆଉ କିଛି ସମୟ ପାଇଁ ରୁହ ।"

-ତୁମ ଘର ତ ଏଇଠି,ଆମେ ଚାଲି ଯିବାନି ।ଏତେ ବ୍ୟସ୍ତ କାହିଁକି ହଉଛ.. ?

-ସେମିତିରେ ମୋତେ ବି କଣ ଏ ଘର ଭଲ ଲାଗୁଛି କି ! !ବୋଉ ସହ ତୁମକୁ ଭେଟ କରେଇ ବାକୁ ସିନା ଆଣିଥିଲି ।

- ସେମିତିରେ ବି, ତୁମ ଘର ବି ମୋତେ ଭଲ ଲାଗେନି ।କିନ୍ତୁ ମୁଁ ତ ପୁଣି ତୁମ ଘରେ ଘରଜ୍ୱାଇଁ ହେଇ ରହିଛି ।ବୋଉକୁ ମିଛରେ କହିଛି ମୁଁ କଟକରେ ଚାକିରୀ କରିଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସନିଆର ଶେଷ ପଦରେ ଯୋଡି ବୁଢ଼ୀ କହିଦେଲା-"ଭଲକଲୁ,ତୁ ବି ଶେଷକୁ ତୋ ଭାଇ ମାନଙ୍କ ପରି.... ! ! !

-ଯାହାକୁ ନେଇ ମୁଁ ଗର୍ବ କରୁଥିଲି,ତୁ ମୋର ସେଇ ଗର୍ବକୁ ଭାଙ୍ଗିଦେଲୁ ।"

ଚାଲି ଯା' ମୋ ଘରୁ ।ସେ ଦୁଇଜଣ ଯାହା କଲେ ମୋ ସାମ୍ନାରେ କଲେ କିନ୍ତୁ ତୁ ଭୁଲ୍ କରି ମିଛ ବି କହିଲୁ ।(ବୁଢ଼ୀ ମୁଣ୍ଡରେ ହାତ ଦେଇ ବସି ପଡ଼ିଲା)

ସନିଆ ପଦୁଟିଏ ଉଁ କି ଚୁଁ କହିଲାନି ।ଆଗେ ଆଗେ ଅନିତା ପଛେ ପଛେ ସନିଆ ଦୁହେଁ ଚାଲିଗଲେ ।

ସେଇଦିନ ବୁଢ଼ୀର ଶେଷ ଆଶା ଭରସା ଟିକକ ଦଳି ମକଚି ହେଇ ପ୍ରାଣବାୟୁ ଛାଡଗଲା ।ତା'ପରଠୁ ବୁଢ଼ୀ ବହୁତ କମ ସମୟ ଘରୁ ବାହାରେ ।ପିଣ୍ଡାରେ ବସି ନିଜ ସହ ଢେର ବେଳ ଯାଏ କଣ ସବୁ ଗପେ ।କେହି କିଛି ପଚାରିଲେ ଖାଲି ବଲବଲ କରି ଚାହେଁ ।

ବୁଢ଼ୀର ଏବେ ଏବେ ଦେହର ସ୍ଥିତି ବିଗିଡିବାକୁ ଲାଗିଲାଣି ।ଆଖିକୁ ଠିକ୍ ରେ ଦିଶୁନି ।ହାତ ଥରୁଛି ।ଲଗାତାର କାଶ ହେଇ ,କାଶରୁ ରକ୍ତ ପଡୁଛି ।ଆଉ କେହି ଯଦି ସନା ମା' ବୋଲି ଡାକି ଦଉଛି,ତା ଖନିମାରି ଯାଉଥିବା ଅହରହ ଲାଳ ବାହାରୁଥିବା ପାଟିରୁ ସେଇ ପଦକ ବାହାରେ,-

"କ୍ଷୀର ଛାଡିଲେ କି କରିବ ମାଆ

ନଇ ପାରିହେଲେ କି କରିବ ନାଆ"

କିନ୍ତୁ ତା ଓଠର ଅସ୍ପଷ୍ଟ ଶବ୍ଦ ଭିତରେ ସ୍ପଷ୍ଟ ଭାବରେ ପ୍ରତିଧ୍ୱନିତ ହେଉଥିବା ଅନ୍ତଃସ୍ୱର କହୁଥାଏ,"ମୋ ପୁଅମାନେ ଫେରିବେ,କେହି ନହେଲେ ମୋ ସନା ନିଶ୍ଚୟ ଫେରିବ... ।"

କେନ୍ଦ୍ରାପଡା, ଦୂରଭାଷ-୯୫୫୬୬୯୭୩୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଳି ଝିଅ



ଗଦାଧର ବଳ

କଳାକୁ ବାଣ୍ଟିଛ କଳା ଠାକୁର ହେ
କବି ଲେଖନୀ ମୁନରେ
ବୈଜ୍ଞାନିକ କଳା ବିଜ୍ଞାନରେ ଅଛି
ନାରୀ କଳା ଦୁପରାଁରେ ।

ଆମ ସମାଜରେ ଗୋରା ସାବନା ରଙ୍ଗ ମଧ୍ୟରେ ମୁଷ୍ଟିମେୟ କାଳି ଥାଆନ୍ତି । କିନ୍ତୁ କଳା ପୁଅର ଯୋଗ୍ୟତା ବିଚାର କଲା ବେଳେ କାଳୀ ଝିଅର ଦେହର ରଙ୍ଗକୁ ପ୍ରାଧାନ୍ୟ ଦିଆଯାଏ କାହିଁକି ? ଆଦିବାସୀ ସଂପ୍ରଦାୟ ବା ଆଫ୍ରିକାର ନିଗ୍ରୋ ସଂପ୍ରଦାୟରେ କଳା ହିଁ କଳା । କାହିଁ ସେଠାରେ ତ କେହି ଗୋରା ଚେହେରା ଖୋଜନ୍ତି ନାହିଁ ? ସବୁ ଚିରାଚରିତ ଚିନ୍ତାଧାରାର ପ୍ରଭାବ । ଏହାର କଣ ପରିବର୍ତ୍ତନ ହେବନି ?

ମୋ ବଡ଼ ଦେଇ କାଳି ଓରଫ ସୁକାନ୍ତି । ଦେହେ ମନେ ତାର ଉଦ୍ଦାମତା, ଚଳଚଞ୍ଚଳତା । ବଚନେ ପ୍ରଗଲ୍ଭତା, କାମ ଦାମରେ ଅଗ୍ରଣୀ । ପାଠପଢାରେ ସ୍କୁଲରେ ପ୍ରଥମ ହେଉଥିଲା, ଖେଳକୁଦରେ ପ୍ରଥମ । ଗାଁ ରେ କାହା ଘରେ କିଛି ଆପଦ ବିପଦ ପଡିଲେ ସେ ଆଗେ ଯାଇ ହୁଏ ହାଜର, ଅସହାୟ ବୁଢାବୁଢୀଙ୍କର ମୁହଁରେ ସେ ଦିଏ ଆହାର । ଯାଉଣୁ ଆସୁଣୁ ପଚାରେ ଗାଁ ର ମଉସା ମାଉସୀ, ଅଜା ଆଇମାନଙ୍କୁ - କେମିତି ଅଛ ? ଏମିତି ଏକ ଝିଅ ସଭିଙ୍କର ମନ କିଣି ନିଏ, ସେଥିପାଇଁ ଲୋକେ ଖୁସି ମଜାରେ ଡାକନ୍ତି – "ଆମ ଗାଁ ସୁକାନ୍ତି,ବାୟାଣୀ" । କେହି କେହି ସରାଗରେ ଡାକନ୍ତି, "ଆଲୋ କାଳି" ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁକି କେଜାଣି, ଯେତେ ଗୁଡିଏ ବାହାଘର ପ୍ରସ୍ତାବ ଆସେ, ସମସ୍ତେ ଦେଖନ୍ତି ତାର ଦେହର ରଙ୍ଗକୁ । ମୁହଁରେ ଲାବଣ୍ୟ ଓ ଲାଳିତ୍ୟରେ ହସ ଫୁଟି ଉଠିଲେ ବି, ଲୋକେ ଚାହାନ୍ତି ଗୋରା କନିଆଁ ।

ଗାଁ ଲୋକଙ୍କ ପାଖରୁ ଶୁଣିଛି ଦିନେ କାଳି ଦେଇ ମନ୍ଦିର ଯାଇଥିଲା, ପାଖ ଆମ୍ବ ଗଛ ଡାଳରୁ କୋଇଲିର କୁହୁ ତାନ ଶୁଭିଲା । ସମସ୍ତେ ମୁଗ୍ଧ ହୋଇ ଗଛ ଡାଳକୁ ଅନାଇ କୋଇଲିଟିକୁ ଖୋଜିବାରେ ଲାଗିଲେ । ପୂଜାରୀ ଭୋଗ ଖେଚୁଡି ଥାଳିଟି ମଣ୍ଡପରେ ରଖି ପାଣି ଢାଳେ ଆଣିବାକୁ ଗଲା । ହଠାତ୍ ୫/୬ ଟି କାଉ ଆସି ଖେଚୁଡ଼ି ଥାଳି ଚାରିପଟେ ଘେରି ବସିଲେ । ଲୋକେ ହାଆସୁ ହୁଉସୁ କହି କାଉ ଗୁଡାକୁ ଗୋଡାଇ ଟେକା ପଥର ଫିଙ୍ଗିଲେ । କାଳି ଦେଇ ସବୁ ଦେଖୁଥାଏ । କହିଲା- "ହେ ଶିବ ଠାକୁର, ବୁଝିଗଲି ତୁମ ସୃଷ୍ଟିର ଲୀଳା । କୁଆ ଓ କୋଇଲି ଦୁଇ ଜଣକୁ କଳା ରଙ୍ଗରେ ଗଢି ପଠାଇଲ । କୋଇଲିକୁ ଦେଲ ମଧୁର ତାନରେ ଗାଇବାର କଳା । ଲୋକେ ତାର କୁହୁ କୁହୁ ତାନ ଶୁଣିବାକୁ ବ୍ୟାକୁଳ, ତେଣୁ କୋଇଲିକୁ କରନ୍ତି ଆଦର । ମୁଁ ବି କୋଇଲି ହୋଇ ଦୁନିଆକୁ ବ୍ୟାକୁଳିତ କରି ଦେବି । ସେଥିପାଇଁ ମନର ସୌନ୍ଦର୍ଯ୍ୟବୋଧ ତା ଗୁଣରୁ ଜାତ ହେଲେ ତାହା ଅବିନଶ୍ବର । ଶରୀରର ରଙ୍ଗରୁ ଜାତ ସୌନ୍ଦର୍ଯ୍ୟ ଧାରଣା ଗୁଣ ବିନା ଅଳିକ, ନଶ୍ୱର, ଅସାର । କାଳି ଝିଅଟା ସତରେ ଏତେ ବିବେକି ମୁଁ ପ୍ରଥମ ସେଦିନ ଜାଣିଲି, ଯେତେବେଳେ ମୋ ଭଉଣୀ ସୁକାନ୍ତିର ବ୍ୟବହାର ଦେଖି.....ନଖାଇ ନପିଇ ଗୋଟା ଉପାସରେ ଅନେଇଥାଏ ମୋର ସ୍କୁଲ ଫେରିବା ବାଟକୁ । ମୋର ନ ପହଁଞ୍ଚିବା ଯାଏ ପାଣି ଟୋପେ ବି ଛୁଇଁ ନଥାଏ ସେ । ଘରର ବଡ ଝିଅ ସେ ବାପାଙ୍କର ଅତି ଅଲିଅଳି ରାଜଜେମା । ସାମାନ୍ୟ ୟୁ .ପି. ସ୍କୁଲ ମାଷ୍ଟର ଚାକିରିଟିଏରେ ବି ବାପା ତା ବାହାଘରକୁ କିଛି ବି ଊଣା କରି ନ ଥିଲେ ଯୌତୁକ ବାବଦରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଲା ବେଳୁ ଦେଖୁଛି ମୋ କାଳି ଦେଇକୁ । ନାଁ ତାର ସିନା କାଳି ମାତ୍ର ସେଇଟା ତାର ଡାକ ନାଁ । ଭଲ ନାଁ ସୁକାନ୍ତି । ମୁଁ ରାଜଧାନୀର ଏକ ବୋର୍ଡିଙ୍ଗ କଲେଜରେ ଯୁକ୍ତ ଦୁଇର ବିଜ୍ଞାନର ଶେଷ ବର୍ଷର ଛାତ୍ର । ଦ୍ୱିତୀୟ ବର୍ଷ ଫାଇନାଲ ପରୀକ୍ଷା ସରିବା ପରେ ଆସି ଗାଁରେ ରହୁଛି । ବାପା ଗାଁ ପାଖ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ଚାକିରି ଆଉ ମାତ୍ର ଆଠ ମାସ । ଆମେ ଦୁଇ ଭାଇ ଦୁଇ ଭଉଣୀ । ବଡ ଭଉଣୀ ସୁକାନ୍ତି ଓରଫ କାଳି । ଖୁବ ମେଧାବୀ ଥିଲା ପଢିଲା ବେଳେ । ଶିକ୍ଷାରେ ଡିଗ୍ରୀ ସମାପ୍ତି ପରେ ଶିକ୍ଷକତା କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ବାପା ତା ବାହାଘର କରି ଦେଇଥିଲେ ।

ଶୁଣିଛି ସେ କାଳି ଝିଅଟିଏ ବୋଲି ତାର ସ୍ୱାମୀ ତାକୁ ଘରୁ ବାହାର କରିଦେଇଛି । ଘରୁ ବାହାର କରିଦେବା ପରେ ତା ସ୍ୱାମୀ ଦ୍ୱିତୀୟ ବିବାହ ବି କରି ନେଇଛି । ସେବେ ଠୁଁ କାଳି ଦେଇ ମୋର ଆମ ଘରେ ରହୁଛି, ନିଜ ପ୍ରଚେଷ୍ଟାରେ ସରକାରୀ ଚାକିରିଟିଏ ବି କରିଛି ସେ । ପାଖ ଗାଁ ସ୍କୁଲର ଶିକ୍ଷୟତ୍ରି ଅଛି । ବାପା ବି ଅନେକ ଆଡେ ତାର ପ୍ରସ୍ତାବ ପକେଇଲେଣି ବାହାଘର ପାଇଁ । ମାତ୍ର ସେ ତ ଦ୍ୱିତୀୟ ବିବାହ ପାଇଁ ରାଜି ହେଉନାହିଁ, ପୁଣି କାଳୀ ଝିଅଟେ ବୋଲି ଅନେକ ବି ପସନ୍ଦ କରୁ ନାହାନ୍ତି । ତା ପରେ ଆଉ ଗୋଟେ ଭଉଣୀ । ସେ ବି ବାହା ହୋଇ ଯାଇଛି । ମୋ ଉପରେ ବଡ଼ ଭାଇ, ଅବିବାହିତ । ମେଧାବୀ ଛାତ୍ର ସେ, ବମ୍ବେରେ ଇଞ୍ଜିୟରିଂ ଚାକିରି କରିଛି । ଦୀର୍ଘ ଆଠ ଦଶ ବର୍ଷ ହେବ ମୋ ବଡ ଦେଇ କାଳି ଓରଫ ସୁକାନ୍ତି ଆସି ଆମ ଘରେ ରହୁଛି । ବଡ ଭାଇର ବିବାହ ପ୍ରସ୍ତାବ ଚୁଡାନ୍ତ ହୋଇ ଯାଇଛି । ଆସନ୍ତା ଏପ୍ରିଲ ମାସ ୧୫ ତାରିଖ ତାର ବାହାଘର । ତେଣୁ ବାହାଘର ପାଇଁ ଘର ରଙ୍ଗ ଦିଆ ଯାଉଥାଏ । ଘରର ସମସ୍ତ ଆସବାବ ପତ୍ର ବାହାର କରି ଦିଆ ଯାଇଥାଏ । ଘରେ ଥିବା ଗଡରେଜରୁ ସବୁ ଅଳିଆ କାଗଜ ପତ୍ର ବାହାର କରି ଫୋପଡା ଯାଉଥାଏ । ମୋ ବଡ ଦେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଁ ମନ୍ଦିରକୁ ପୂଜା କରିବାକୁ ଯାଇଥାଏ । ପ୍ରଚଣ୍ଡ ଶିବ ଭକ୍ତ ସିଏ । ପ୍ରତି ସୋମବାର ଶିବ ମନ୍ଦିର ଯାଇ ଶିବ ଲିଙ୍ଗରେ ଶହେ ଆଠ ବେଲ ପତ୍ର ନ ଚଢେଇବା ଯାଏ ପାଣି ଟୋପେ ବି ଛୁଏଁ ନି ସେ । ଘରେ ନ ଥିବାରୁ ବାପାଙ୍କ ସହ ମିଶି ମୁଁ ସବୁ କାଗଜ ପତ୍ର ସଜାଡୁ ଥାଏ ।

ଦେଖିଲି ତାର ସ୍ୱାମୀ ତାଙ୍କର ଦ୍ୱିତୀୟ ସ୍ତ୍ରୀର ପୁଅକୁ ସାଥିରେ ଧରି ଆମ ଘରେ ପହଞ୍ଚିଲେ । ଗୋଟିଏ ଅନୁରୋଧ ଓ ଜିଦ ସେ ଆଜି ମୋ କାଳି ଦେଇକୁ ତାଙ୍କ ସହ ଫେରେଇ ନେବେ । ବାପା ବଡ ନିରୁତ୍ତର । ସେ କେବଳ ଯିବାର ନିଷ୍ପତ୍ତି କାଳୀଦେଇ ଉପରେ ଗଡାଇ ଦେଲେ । ଦେଇ ବି ଭାରି ସ୍ୱାଭିମାନୀ ।

"ଏତେ ଦିନ ହେବ କୁଆଡେ ଥିଲ, ଆଜି କାହିଁକି ଆସିଲ" ବୋଲି ଦେଇ ପଚାରି ଥିଲା ।

ତା ସ୍ୱାମୀଙ୍କର ଉତ୍ତର ଥିଲା ।

"ଦେଖ ମୁଁ ତମ ପ୍ରତି ଅନ୍ୟାୟ କରିଛି । ତମ ଗୁଣକୁ ନ ଚିହ୍ନି କେବଳ ରୂପକୁ ଦେଖି ତମ ଠାରୁ ଦୂରେଇ ଯାଇଥିଲି । ମାତ୍ର କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ତମଠାରୁ ଅପେକ୍ଷାକୃତ ସୁନ୍ଦରୀ ଝିଅକୁ ବାହା ବି ହୋଇଥିଲି । ସେ ମୋର ଦ୍ୱିତୀୟ ପତ୍ନୀ ହୋଇ ଯାଇଥିଲା । ତା ଠାରୁ ବି ଏ ପୁଅଟି ଜନ୍ମ ହୋଇଛି । ମାତ୍ର ମୁଁ କରିଥିବା ଭୂଲର ପରିଣାମ ମୋତେ ହିଁ ଭୋଗିବାକୁ ପଡୁଛି । ମୋ ଦ୍ୱିତୀୟ ପତ୍ନୀ ନିଜ ରୂପକୁ ନେଇ ଖୁବ ଗର୍ବିତ ଥିଲା । ମୋତେ ଅନେକ ସମୟରେ ଘୃଣା କରୁଥିଲା । ମୋ ବଡକୁ ଅନେକ ସମୟରେ ଖରାପ ବ୍ୟବହାର ବି କରୁଥିଲା । ମାତ୍ର ତାର ସମସ୍ତକୁ ବ୍ୟବହାରକୁ ମୁଁ ମୁଣ୍ଡ ପାତି ସହି ଯାଉଥିଲି ମୋର ବିଧବା ମାଆ ତଥା ମୋର ଏ ପୁଅ ମୁହଁକୁ ଚାହିଁ । ଅନେକ ସମୟରେ ସେ କାହା ସହ ଫୋନରେ ଦୀର୍ଘ ସମୟ ଧରି ଗପେ । ମୁଁ ପ୍ରତିବାଦ କଲେ ମୋତେ ଡିଭର୍ସର ଧମକ ଦିଏ । ସବୁ ମଥା ପାତି ସହିବା ପରେ ବି ତାର ବ୍ୟବହାରର ପରିବର୍ତ୍ତନ ନ ହୋଇ ବରଂ ବଢି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଥିଲା । ଆତ୍ମ ଗର୍ବରେ ଜର୍ଜରିତ ସେ ତାର ଜଣେ ପୁରୁଷ ବନ୍ଧୁ ସହ କିଛିଦିନ ତଳେ ମୋ ଘର ଛାଡି ପଳାଇ ଯାଇଛି । ମୁଁ ଜାଣି ନ ଥିଲି ତାର ପୂର୍ବ ଚରିତ୍ର ବିଷୟରେ, ବରଂ ମୁଁ ତା ରୂପ ଯୌବନ ତଥା ମାୟା ଜାଲରେ ଛନ୍ଦି ହୋଇ ବିମୋହିତ ହୋଇ ଯାଇଥିଲି । ମୁଁ ମୋ ଭୁଲ ପାଇଁ ଖୁବ ଅନୁତପ୍ତ । ମୋତେ କ୍ଷମା କରି ଦିଅ । ମୋ ମାଆଙ୍କ ଦେହ ଭୀଷଣ ଅସୁସ୍ଥ । ତାଙ୍କର ରୋଗ  ଶଯ୍ୟା ନିକଟରେ ତମର ଉପସ୍ଥିତ ନିହାତି ଜରୁରୀ" ।

ଅନର୍ଗଳ ତା ସ୍ୱାମୀ ନିଜର ଭୁଲ ସ୍ୱୀକାର କରି ଚାଲିଥିଲେ ।

ମାତ୍ର ମୋ ଦେଇ ତାଙ୍କ କଥାରେ ରୋକ ଲଗେଇ କ୍ଷୋଭ ଭରା କଣ୍ଠରେ ଏତିକି କହିଥିଲା,   " ମୁଁ ଯିବି ମାତ୍ର ଗୋଟିଏ ସର୍ତ୍ତରେ । "

"ମାନେ.... ଦେଖ ଯାହାବି ସର୍ତ୍ତ ରଖୁଛ ରଖ । ମାତ୍ର ମୋ ମାଆର ଦେହ ଅସୁସ୍ଥ... । ତମକୁ ମୋ ସହ ଯିବାକୁ ହେବ । ମୁଁ ତମର ସମସ୍ତ ସର୍ତ୍ତରେ ରାଜି" ।

କେବଳ ଦେଇ ଏତିକି କହିଥିଲା, "ତମେ ଯାଅ ! ମୁଁ ଯିବି, ମାତ୍ର ତମେ ମୋତେ ତମ ଘରେ ଅଟକେଇ ରଖିବାକୁ ପ୍ରୟାସ କରିବ ନାହିଁ" ।

ଦେଇ କିନ୍ତୁ ତାଙ୍କ ସହ ନ ଯାଇ ଏକୁଟିଆ ତା ଶଶୁର ଘରକୁ ଯାଇଥିଲା ଓ ସେହି ଦିନ ସନ୍ଧ୍ୟାରେ ପୁଣି ଆମ ଘରକୁ ଫେରି ଆସିଥିଲା । ତାର କାରଣ ମୁଁ କେବେ ବି ତାକୁ ପଚାରି ନାହିଁ କିମ୍ବା ଜାଣିବାକୁ ଚେଷ୍ଟା ବି କରିନି ।

ଆଜି ବଡ ଦେଇର ହାତ ଲେଖା ଚିଠି କିଛି ପାଇଲି । ସୁନ୍ଦର ହସ୍ତାକ୍ଷର ତାର । ଘର ଅଳିଆ ସଫା ବେଳେ ଲୁଚେଇ ନେଇ ମୋ ପଢିବା ଟେବୁଲ ଡ୍ରୟରରେ ରଖି ଆସିଲି ପରେ ପଢିବି ବୋଲି । ରଙ୍ଗ କାମ ସାରିବା ବେଳକୁ ଆମେ ବାପା, ମା, ଭଉଣୀ, ଭାଇ ମିଶି ପୁଣି ଆସବାବ ପତ୍ରକୁ ଯଥା ସ୍ଥାନରେ ରାଖି ଦେଲୁ । ଖାଇ ସାରି ମନ ମୋର ଲାଗୁ ନଥାଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇର ହାତ ଲେଖା ଚିଠି ପଢିବା ପାଇଁ । ତ୍ରୟର ଟାଣି ଦେଇର ହାତ ଲେଖା କାଗଜ ଗୁଡିକ ଆଣି ପଢିବା ପାଇଁ ଦେଖିଲି ସବୁ କାଗଜ ଗୁଡିକ ଦେଇର ଚିଠି ଓ ତାହା ପୁଣି ତାର ସ୍ୱାମୀକୁ ଆଡ୍ରେଶ କରାଯାଇଛି । ତାହା ଭିତରୁ କିଛି ଏନଭଲପ ପୋଷ୍ଟ କରା ଯାଇଥିଲେ ବି ଆଡ୍ରେସି ଏବସେଣ୍ଟ ବା ଅନ୍ୟ କିଛି କାରଣରେ ଫେରି ଆସିଛି । ଲାଗୁଥିଲା ତା ସ୍ୱାମୀ ବୋଧହୁଏ ବାହାରେ ଥିଲେ ଚିଠି ଗୁଡିକ ଫେରି ଆସିଛି । ମନ ହେଲା ଗୋଟେ ଦୁଇଟା  ଖୋଲି ପଢିବା ପାଇଁ । ପଢି ଚାଲିଲି ।

ପ୍ରଥମ ଚିଠିଟିରେ ଦେଇ ଲେଖିଥାଏ ।

“ଆଜି ଆମର ବିବାହ ବାର୍ଷିକ । ତୁମେ ଭୁଲି ଯାଇଥିବ ହେଲେ ମୁଁ ଭୁଲିନି । ଯେଉଁ କାମନା ଓ ଈପ୍ସିତ ଆକାଂଖ୍ୟା ନେଇ ମୁଁ ହାତ ଧରି ତୁମ ପଛେ ପଛେ ଚାଲି ଯାଇଥିଲି ବଧୂ ବେଶରେ, ଆଡେଇ ଦେଇ ଗଲା ପରେ ତୁମର କଣ ଭାବାନ୍ତର ସୃଷ୍ଟି ହେଇ ନ ଥିଲା? ମହ ମହ ମହକୁଥିବା ରାତ୍ରିରେ ତୁମ ପଥ ଚାହିଁ ଅପେକ୍ଷା କରିଥିବା ତୁମ ପତ୍ନୀ କେତେ ବେଳେ ଘୁମେଇ ପଡିଥିଲା । ତୁମେ ଆସିଲ, ପାଦ ଛୁଇଁବା ପାଇଁ ବଢାଇଥିବା ହାତ ଦୁଇଟିକୁ ଉଠାଇବା ପାଇଁ ଯାଉ ଯାଉ ହଠାତ ଅଟକି ଗଲ ତୁମେ । ହଠାତ ବାସର କକ୍ଷ ତ୍ୟାଗ କରି ଚାଲି ଗଲ । କଣ ଘଟିଲା ମୁଁ ଜାଣିବା ପୂର୍ବରୁ ମୁଁ ଅର୍ଦ୍ଧ ମୁର୍ଚ୍ଛିତ ଭାବେ ଆଶ୍ରୟ ନେଲି ଖଟର ବାଡା ପାଖରେ । ସେହି ରାତିରେ ଅଭିସାର ଆଶା ମୋର ମୃତ୍ୟୁ ବରଣ କଲା ପ୍ରତ୍ୟାକ୍ଷାତର ପୀଡାରେ । ମୁଁ ଜାଣି ପାରିଲି ନାହିଁ ମୋର ଭୁଲ କଣ ?

ଅଷ୍ଟମଙ୍ଗଳା ଦିନ ଏକା ଫେରି ଆସିଲି ଆମ ଘରକୁ । ଏଠି ଖବର ପାଇଲି ତମେ ଫେରି ଯାଇଛ କାର୍ଯ୍ୟ କ୍ଷେତ୍ରକୁ । ଆଜି ତୁମେ ମୋର ଅନୁମତି ନେବାକୁ ଆସିଥିଲ ଆଉ ଥରେ ବିବାହ କରିବା ପାଇଁ । କାରଣ ମୁଁ ତୁମକୁ ଛାଡପତ୍ର ଦେଇ ନାହିଁ । କହିଲ ଦେଖି ତମେ

 Magazine Downloaded from www.aahwaan.com

ମୋତେ କେଉଁ ଦିନ ପତ୍ନୀର ମର୍ଯ୍ୟାଦା ଦେଇଥିଲ ? ତୁମ ମୋ ଜୀବନର ପରିଭାଷା କଣ ? ତୁମେ ମୋତେ ଛାଡି ଗଲା ପରେ ମୁଁ ସବୁ ମୁହୁର୍ତ୍ତରେ ଜଳୁଛି, ପ୍ରତ୍ୟାଖ୍ୟାନର ଅଗ୍ନିରେ । ତା ପରେ ବି ତୁମେ ଆହୁରି ଆସିଛ ଜାଳିବାକୁ!!! ନା ଦେଖିବାକୁ ଆସିଛ ଏ କାଳି ଝିଅଟା ଜଳି ଜଳି ଅଙ୍ଗାର ପାଲଟିଛି କି ନାହିଁ ??? ମୁଁ ଅନ୍ୟ ଝିଅ ଠୁଁ କେଉଁ ଗୁଣରେ କମ ନା ? ମୋର ବି ତ ଦେହ ମନ ହୃଦୟ ବୋଲି ଗୋଟେ ଅଛି । ତାହା କଣ  କାଠପଥରରେ ଗଢା? କାଳି ଝିଅର କାମନା, ବାସନା, ପ୍ରେମ, ଅନୁରାଗ, କଣ ଅନ୍ୟମାନଙ୍କ ଠାରୁ ଭିନ୍ନ ? କଳା ଦେହରେ କଣ କୋମଳତା, ଉଷ୍ଣତା ନ ଥାଏ, ସ୍ୱାମୀ ପ୍ରେମ କଣ ତାର ଆବଶ୍ୟକତା ନଥାଏ । ଥରଟିଏ ଯଦି ନଜର ଉଠେଇ ଦେଖି ଥାନ୍ତ, ମୋ ଆଖିରେ ତୁମ ପାଇଁ ପ୍ରେମିଳ ଅଥଳ ସମୁଦ୍ର, ପ୍ରତିଶ୍ରୁତି ଓ ବତୀଘରଟିଏ ଦେଖି ପାରିଥାନ୍ତ । ଜୀବନରେ କଳଙ୍କ କହି ଆଡେଇ ଦେଇଥିବା କଳା ଦାଗଟି ଆଉ କେଇ ଦିନ ପରେ ଅପସରି ଯିବ । କିନ୍ତୁ ତାର ଛାଇ ମୃତ୍ୟୁ ଯାଏ ତୁମକୁ ଛାଡିବ ନାହିଁ କାହିଁକି ନା ମୁଁ ତୁମକୁ .... ....ନା ଏ ସ୍ଥାନ ଏମିତି ଅପୂରଣୀୟ ରହୁ । ...... ଏ ସ୍ଥାନ ଏମିତି ଅପୂରଣୀୟ ରହୁ ଘୃଣା ହେଉ କି ପ୍ରେମ, ଠିକ ମୋ ପରି । କିଛି କଥା ମୋ ପାଇଁ ଲୋପ ପାଇଯାଉ" ।

ଆଉ ଅଧିକ ପଢି ପାରିଲି ନାହିଁ । ଅନ୍ୟ ଏକ ଚିଠି ଖୋଲି ଦେଖିଲି ଲେଖା ଥିଲା,

"ମୋତେ ତମ ଘରକୁ ନେବା ପାଇଁ ଆଜି ତମେ ତମ ପୁଅକୁ ଧରି ଆସିଥିଲ । ଦ୍ୱିତୀୟ ପତ୍ନୀ ସୁନ୍ଦରୀ ଥିଲା, ତଫା ଗୋରୀଟିଏ ବି । କଣ ପାଇଁ ସେ ତମକୁ ପ୍ରତ୍ୟାଖ୍ୟାନ କରି ଚାଲିଗଲା । ଆଜି ଆସିଛ ସମାଜର ଅପନିନ୍ଦା ଭୟରେ ନା ମୋର ଦରମା ଟଙ୍କା ତମକୁ ଏଠିକି ଟାଣି ଆଣିଥିଲା? ପ୍ରତ୍ୟାକ୍ଷାତର ମୋହର ନେଇ ସେଠାରୁ ଫେରିଲା ପରେ ଆଉ କେଉଁଥିପାଇଁ ସେଠାକୁ ଫେରିବି । କିନ୍ତୁ ତୁମେ ମୋ ପାଖକୁ ବାରମ୍ବାର ଫେରିବ ସେ ବ୍ୟବସ୍ଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ କରିଛି । ମୋ ତରଫରୁ ଏଇଟା ତୁମକୁ ଆଜୀବନ ଶାସ୍ତି । କେବଳ ସେଇଥିପାଇଁ ମୁଁ ତୁମକୁ ଆଜି ପର୍ଯ୍ୟନ୍ତ ଛାଡପତ୍ର ଦେଇନି । ସ୍ୱଇଚ୍ଛାରେ ମୋ ଅଧିକାର ଫେରେଇ ନେଇଛି । କୁଆଁରୀ ମନର ସୁକୋମଳ ଆବେଗ ସବୁ ବ୍ୟର୍ଥ ଅଭିସାରର ହାତଡାରେ ମୁଣ୍ଡ ପିତୁଥିଲା ବେଳେ ହିଁ ସେ ନିଷ୍ପତ୍ତି ନେଇଥିଲି । ତମେ ମୋତେ ଛାଡି ଦେଲ ହେଲେ ମୁଁ ତୁମକୁ ଛାଡିନି । ବିବାହ ପ୍ରସ୍ତାବ ପଡିଲା ଦିନୁ ତୁମେ ମୋ ହୃଦୟର ଘର କରି ସାରିଥିଲ । ତୁମେ ମୋତେ ପତ୍ନିତ୍ୱରୁ ବଞ୍ଚିତ କଲ । ମୁଁ ତୁମକୁ ବାନ୍ଧି ରଖିଛି ମୋ ମଥାର ସିନ୍ଦୁର ଓ ହାତର ଶଙ୍ଖାରେ । ତୁମ ଫଟ ଦେଖିଲା ପରେ ମୁଁ ତୁମକୁ ହୃଦୟ ବେଦୀରେ ବସାଇ ଥିଲି ମୋ ଈଶ୍ୱର କରି । ସେ ସ୍ଥାନରେ ତୁମେ ନାହଁ ତ କେହି ନାହିଁ । ମୁଁ ଚାହିଁ ଥିଲେ ତୁମକୁ ଛାଡ ପତ୍ର ଦେଇ ପାରି ଥାଆନ୍ତି । କାରଣ ମୁଁ ଚାକିରି କଲା ପରେ କେହି ନା କେହି ଆଗେଇ ଆସିଥାନ୍ତେ ମୋତେ ପତ୍ନୀର ଆସନରେ ବସାଇବା ପାଇଁ । ସମସ୍ତେ ତ ତମ ପରି ହୃଦୟ ହୀନ ହୋଇ ନଥାନ୍ତେ । କିନ୍ତୁ ମୁଁ ଆଉ କାହାକୁ ମୋ ସ୍ୱାମୀର ଆସନ ଦେଇ ପାରିବି ନାହିଁ । ସେଥି ପାଇଁ ଦୁନିଆ ଆଖିରୁ ନିଜକୁ ବଞ୍ଚାଇ ରଖିବା ପାଇଁ ତୁମ ନାଁରେ ଶଙ୍ଖା ସିନ୍ଦୁରକୁ ସୁରକ୍ଷା କବଚ ଭାବେ ବ୍ୟବହାର କରି ଆସିଛି । ଏହି ଅଦୃଶ୍ୟ ବନ୍ଧନ କେବେ ବି ତୁମକୁ ମୋ ଠାରୁ ଦୂରେଇ ଦେଇ ପାରିବ ନାହିଁ । ହଁ, ତମେ ସଂସାରର କାଳେ ସବୁଠାରୁ ସୁନ୍ଦରୀ ସ୍ତ୍ରୀଟିଏ ପାଇଥିଲା । କଣ ପାଇଁ ସେ ତମକୁ ଛାଡି ଚାଲିଗଲା? କିନ୍ତୁ କେବେ ବି ଏକାନ୍ତ ସମୟରେ ଏହି କାଳି ଝିଅଟି ତମର ମନେ ପଡି ଥିବ ନିଶ୍ଚିତ । ତୁମେ କରିଥିବା ଅନ୍ୟାୟ ତୁମକୁ କେବେ ମଧ୍ୟ ମୋତେ ଭୁଲିବାକୁ ଦେବନି । ତୁମକୁ ଛାଡିନି ବୋଲି ତ ତମ ଘରର ଭଲ ମନ୍ଦରେ ଉପସ୍ଥିତ ହେବାର ଅଧିକାର ରଖିଛି । ଏତକ ଉପସ୍ଥିତ ପାଇଁ ମୁଁ ମୋ ନିଜକୁ ତୁମ ଠାରୁ ଅଲଗା କରିପାରିବି ନାହିଁ । ହାୟ ... ଅବଶୋଶ ତଥାପି ମୁଁ ତୁମକୁ ..................XXXXX

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମର ପ୍ରିୟ ସୁକାନ୍ତି ।

ଚିଠି ବୋଧ ହୁଏ ନାନୀ କମ ଦିନ ତଳେ ଲେଖିଛି । ଚିଠି ସବୁ ଏଣେ ତେଣେ ଉଡୁଥିଲା । ମୁଁ ଦେଖିଲି କାଳି ଅପା ତା ପ୍ରେମର ଧ୍ୱଜା ଉଡେଇ ପରାଜିତ କରିସାରିଛି ତାର ସତ୍ତ୍ୱାକୁ । ସଂସାରକୁ ବାର୍ତ୍ତା ଦେଇଛି କାଳି ଝିଅର ବି ମନ ବୋଲି ଗୋଟେ ଅଛି, ବିବେକ ଅଛି, ସେ ସମାଜ ପାଇଁ ସେତିକି ଆବଶ୍ୟକ ଯେତେ ଅନ୍ୟ ମାନେ ବି । କାଲୀ ଝିଅର ମନ କି ବିବେକ ଆଦୌ କଳା ନୁହଁ ବରଂ ଗୋରା ଝିଅ ଠୁଁ ଅଧିକ ସଫା । ଅଧିକ ପଢି ପାରିଲିନି । ବାପା ସେପଟେ ଡାକ ଛାଡିଲେ ତାଙ୍କ ପାଖକୁ ଯିବା ପାଇଁ.....

ଗଦାଧର ବଳ

ଆଇନଜୀବୀ ,ଭଦ୍ରକ, ୯୪୩୭୧୨୮୮୪୧

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଚକୋର ଚକୋରୀ କଥା



ସୋନାଲି ସୁଚରିତା

ସମ୍ପର୍କର ପରିଭାଷା କେବେ କେବେ ଅବୁଝା ହେଇଯାଏ, ଗୁଡାଏ ଅନାବନା ପ୍ରଶ୍ନରେ ଛନ୍ଦିହେଲେ ସମ୍ପର୍କରେ ଭଟ୍ଟା ପଡ଼ିଯାଏ ବୋଧେ । ଜୀବନର ଲମ୍ବା ରାସ୍ତା ଚାଲୁ ଚାଲୁ କେବେ କୋଉ ମୋଡ଼ରେ କେହି ଜଣେ ଦେଖାହୁଏ, ଅଜଣା ମଣିଷଟା ମନର ସାଧା କାନଭାସରେ ଆଙ୍କିହେଇ ରହିଯାଏ । ଆଖି ଖୋଲିଲେ କି ବନ୍ଦ କଲେ ମନ ଖାଲି ତାକୁ ଦେଖିବାକୁ ଚାହେଁ, ସ୍ୱପ୍ନମୟ ହୁଏ ଜୀବନ, 'ଏଇ ବୋଧେ ପ୍ରେମ', କେବେ ଛଳଛଳ ନଇଟିଏ ତ ପୁଣି କେବେ ଭୟଙ୍କର ସମୁଦ୍ର ... ସବୁର ସାମ୍ନା କରିବାକୁ ହୁଏ, କିନ୍ତୁ ସେଇ ମନର ମଣିଷଟି ବିନା ଜୀବନଶୂନ୍ୟ ଲାଗେ ଯେମିତି । ଏମିତି ଏକ ସମ୍ପର୍କର କାହାଣୀ...ଚକୋର-ଚକୋରି ର କଥା........

ସାରାରାତି ହଷ୍ଟେଲର ସେଇ ଛ'ଫୁଟିଆ ଖଟର ଗୋଟେ କୋଣରେ ପଡ଼ିରହିଥିଲା ଇନ୍ଦୁ , ଆଖିରେ ଆଖିଏ ଲୁହ ଆଉ ଛାତିରେ ଛାତିଏ କୋହ ନେଇ ... ଯେତେ ଚେଷ୍ଟା କଲେ ବି ସେ ଲୁହ ଝରିବା ବନ୍ଦ ହେଉନଥିଲା ,ସେ ଲୁହକୁ ବାର ବାର ପୋଛି ଯେତେ ଆଖି ବନ୍ଦ କଲେ ମଧ୍ୟ ଦିଶିଯାଉଥିଲା ଅତୀତର ସେଇ ମଧୁର ସ୍ମୃତିର ସ୍ୱଷ୍ଟ ଝଲକ । ଆଖି ଖୋଲି ମୋବାଇଲ ଦେଖିଲା , ସମୟ ରାତି ଦୁଇଟା ବାଜି ତିରିଶ ମିନିଟ ... ବାହାରେ ବର୍ଷା ଚାଲିଛି ,ଖୁବ ଅନ୍ଧାର ଏ ରାତି , ଖୋଲା ଝରକା ଦେଇ ମଝିରେ ମଝିରେ ଯାହା ସୌଦାମିନୀ ର ନୀଳ ଆଲୋକ ଅନାୟାସରେ ପଶିଆସୁଛି କ୍ଷଣିକ ପାଇଁ ,ସତେକି ଇନ୍ଦୁ ପାଇଁ ତା'ର ଭାରି ଦରଦ । ଦିନସାରା କିଛି ଖାଇନି ଇନ୍ଦୁ , ଦୁଇକପ ଚାହା ଛଡ଼ା , କେମିତି ଖାଇଥାନ୍ତା ସେ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହାକୁ ଦିନରେ ତିନିଥର ମନେପକେଇବାକୁ ହୁଏ ଠିକ ସମୟରେ ଖାଇବାକୁ ,ସେ ଖାଇଛନ୍ତି କି ନାଇଁ ଇନ୍ଦୁ ତ ଜାଣିନି , ଇନ୍ଦୁ କୁ ଖାଇବା ସମୟରେ ଭିଡିଓ କଲ ରେ ନଦେଖିଲେ ଯାହାର ଖାଇବା ସମୟ ଶାନ୍ତିରେ କଟେନି ,ସେ ଦୁଇଦିନ ହେବ ଶାନ୍ତିରେ ଖାଇଛନ୍ତି କି ନାଇଁ ଇନ୍ଦୁ ନିଜେ ଜାଣିନି । ଅଜାଣତରେ ଇନ୍ଦୁ ହାତ ଯୋଡ଼ିଲା ଠାକୁରଙ୍କ ଉଦ୍ଦେଶ୍ୟରେ ,"ଖାଇ ପିଇ ଶାନ୍ତି ରେ ଥାଆନ୍ତୁ ,ଭଲରେ ରୁହନ୍ତୁ ,ତାଙ୍କର ସବୁ ଦୁଃଖ ମତେ ଦେଇ ନିଜେ ଖୁସି ରେ ରୁହନ୍ତୁ ",ମନେମନେ ଏତିକି କହିଲା ଇନ୍ଦୁ । ଇନ୍ଦୁ ଭାବୁଥିଲା ତା'ର ସେଇ ମନର ମଣିଷଟି ବିଷୟରେ , ଜୀବନଠୁ ଅଧିକ ଭଲପାଉଥିବା ତା' ଆକାଶଙ୍କ ବିଷୟ ରେ । ଏକ ଅଦ୍ଭୁତ ସଂଯୋଗରେ ଆରମ୍ଭ ହୋଇଥିବା ସମ୍ପର୍କଟି ବେସ ହସଖୁସିରେ ଆଗେଇ ଚାଲିଥିଲା ,ସକାଳୁ ଉଠି ଗୁଡ ମୋର୍ଣ୍ଣି କହିବାଠୁ ନେଇ ରାତିରେ ପରସ୍ପର ର ନିଃଶ୍ୱାସ ଶୁଣି ଶୋଇବା ଯାଏଁ ଜୀବନ ଚିରାଚରିତ ଭାବେ ଗତି କରୁଥିଲା , ଡାକ୍ତର ଆକାଶ ହସ୍ପିଟାଲ ଡ୍ୟୁଟି ରୁ ଫ୍ରି ହେବା ମାତ୍ରେ ଇନ୍ଦୁକୁ କଲ କରନ୍ତି ଆଉ ଇନ୍ଦୁ ର ଜୀବନ ତ ଆକାଶମୟ ହୋଇସାରିଥିଲା , ସବୁ କାମ ଆଉ ପାଠପଢ଼ା ଭିତରେ ଆକାଶଙ୍କ ର ହିଁ ଅପେକ୍ଷା କରୁଥିଲା , ଦୂରତା କେବେ ହେଲେ ପ୍ରେମକୁ ରୋକି ପାରିନଥିଲା,ଭବିଷ୍ୟତର ସ୍ୱପ୍ନ ଦେଖୁଦେଖୁ ଦୁହେଁ ଦୁହିଁଙ୍କର କେବେଠୁ ହେଇସାରିଥିଲେ ,ଡାକ୍ତର ଆଭାସ ବେଶି ନୀରବ ରୁହନ୍ତି ,ତାଙ୍କପାଇଁ ଇନ୍ଦୁ ଜାଣିଶୁଣି ପ୍ରଗଳ୍ଭ । ହୁଏ ,ତାଙ୍କ ନୀରବତା କୁ ବୁଝିବାକୁ ସବୁ ଚେଷ୍ଟା କରେ ,ଆଉ ଡାକ୍ତର ଆକାଶ ବି ଇନ୍ଦୁକୁ ଖୁବ ଭଲ ପାଆନ୍ତି । ହେଲେ କୋରନା ରୋଗଟି ଆସିବା ଦିନଠୁ ଡାକ୍ତର ହିସାବରେ ଆକାଶ ଙ୍କ ର କାମ ଖୁବ ବଢିଯାଇଥିଲା , ସେ ବ୍ୟସ୍ତ ରୁହନ୍ତି ,ତଥାପି ସକାଳର ଗୁଡ ମୋର୍ଣ୍ଣି ମେସେଜ ଆଉ ରାତି ରେ ଶୋଇବାବେଳେ କଲ କରିବା କେବେ ବ୍ୟତିକ୍ରମ ହେଇନଥିଲା । ହେଲେ ଏଇ ତିନିଚାରି ଦିନରୁ ଡାକ୍ତର ଆକାଶ ଟିକେ ଟିକେ କଥାରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚିଡୁଥିଲେ , ସବୁବେଳେ ଶାନ୍ତ ରହି ଇନ୍ଦୁକୁ ଗେଲ୍‌ହା କରୁଥିବା ମଣିଷଟି କିଛି କଥା ଶୁଣିବାକୁ ପ୍ରସ୍ତୁତ ବି ନଥିଲେ , ଇନ୍ଦୁ ଚେଷ୍ଟା କରୁଥିଲା ପରିସ୍ଥିତିକୁ ସହଜ କରିବାକୁ , ଅନଲାଇନ ରେ ଲୁଡୋ ଖେଳୁଥିଲେ ସେମାନେ ,ଇନ୍ଦୁ ଗୀତ ଗାଉଥିଲା ଆକାଶ ଙ୍କୁ ଶୁଆଇବାକୁ ,କାହିଁକି ନା ଇନ୍ଦୁ ନିଜକୁ କେବଳ ଆକାଶ ଙ୍କ ଆଖିରେ ଦେଖିଛି , ଆକାଶଙ୍କ ପ୍ରେମିକା ସହ ସେ ତାଙ୍କର ଭଲବନ୍ଧୁଟିଏ ମଧ୍ୟ । ହେଲେ କିଛି ଦିନ ରୁ ବ୍ୟସ୍ତତା କାଇଁ ବଢୁଥିଲା , ଦେଖାହେବାର ପୁରା ନ' ମାସ ଆଉ ସତର ଦିନ ହେଇସାରିଥିଲା , କୋରନା ପରିସ୍ଥିତି ପାଇଁ କେହି କାହା ପାଖକୁ ଯାଇଆସି ପାରୁନଥିଲେ ।ଇନ୍ଦୁ ଗଲା ଦୁଇ ଦିନ ରୁ ବେଶିବେଶି ଝୁରୁଥିଲା ଆକାଶ ଙ୍କୁ ଆଉ ଡାକ୍ତର ଆକାଶ ଏ କଥା ବୁଝନ୍ତୁ ବୋଲି ରୀତା ଚାହୁଁଥିଲା, ରୀତା ସେଦିନ ଖୁବ ଅଭିମାନ ରେ ମୁହଁ ଫୁଲେଇ ବସିଥିଲା , ଛୋଟ ମନଟା ଖୋଜୁଥିଲା ଆକାଶ ଙ୍କର ଦୁଇପଦ ମିଠା କଥା , ଆକାଶ ସକାଳୁ ଫୋନ କଲେ , ଇନ୍ଦୁ ରୁଷି ଥାଏ ,ହେଲେ ଇନ୍ଦୁ ଭିଡିଓ କଲ ରେ ନିଜେ କିଛି କହିବା ଆଗରୁ ଆକାଶ ବୁଝିଗଲେ ବୋଧେ ,କହିଲେ ' ନିଜ ମୁଡ ଠିକ କର ଆଗ ,ଯଦି କିଛି ହଜିଯାଇଛି ଖୋଜିସାର ,ପାଇଗଲେ ,ମନ ବୁଝିଯିବ .. ପରେ କଥା ହେବା' ..ଆଉ ଫୋନ କାଟିଦେଲେ ,ଇନ୍ଦୁ ନିଜ ଆଡୁ ଫୋନ କଲା ,ହେଲେ ଆକାଶ ଆଉ କଥା ହେବାକୁ ଚାହିଁଲେନି । ଇନ୍ଦୁ ଚୁପ ରହିଲା ,ଦିନ ଯାଇ ସନ୍ଧ୍ୟା ହେଲା ,ଆକାଶ ଫୋନ କଲେନି ଆଉ ,ଇନ୍ଦୁ ନିଜ ଆଡୁ ଫୋନ ଲଗେଇଲା ,ଆକାଶ ଶାନ୍ତ ଥିଲେ .. ଇନ୍ଦୁ ଦୁଇପଦ କଥା ହେଇ ରଖିଦେଲା ,ରୋଗୀ ଦେଖୁଥିଲେ ଡାକ୍ତର ଆକାଶ । ତଥାପି ଇନ୍ଦୁର ମନ ବିଚଳିତ ଥିଲା ,ସେ ଆକାଶ ଙ୍କ ଠୁ ଟିକେ ନରମପଣ ଚାହୁଁଥିଲା ,ବୋଧେ ପ୍ରେମିକାର ଅଧିକାର ନେଇ । ରାତି ଦଶଟା କୁ ଆକାଶ କଲ କଲେ ,ଇନ୍ଦୁ ସହ ଖୁବ ସାଧାରଣ ଭାବେ କଥା ହେଲେ ଆଉ ମଜ୍ଜିଗଲେ ସୋସିଆଲ ମିଡିଆ ଆଉ ଗୁଗୁଲ ରେ ନିଉଜ ଦେଖିବାରେ । ଇନ୍ଦୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହୁଁଥିଲା ଆକାଶ ଟିକେ ଇନ୍ଦୁ କୁ ଭଲ କରି ଦେଖନ୍ତୁ,କେବଳ ଇନ୍ଦୁ ସହ ପାଞ୍ଚ ମିନିଟ ଅନ୍ତତଃ ଗପ କରନ୍ତୁ । କିନ୍ତୁ ..... ଆକାଶ ତାଙ୍କ ଦୁନିଆ ରେ ଥିଲେ ,ନୀରବ ଆଉ ସେଇ ବନ୍ଦ ହୃଦୟର ମଣିଷ ଟେ ଭଳି ... ଇନ୍ଦୁ ଅଭିମାନ ଆଉ ରାଗ ରେ କାନ୍ଦି ପକେଇଲା ,ତଥାପି ସେ ଇନ୍ଦୁକୁ କିଛି କହିଲେନି ,ଏବେ ଆକାଶ ରାଗିଗଲେ ,ଇନ୍ଦୁର ଏପ୍ରକାରେ ବ୍ୟବହାର ରେ ଖୁବ ବିରକ୍ତ ହେଲେ ,ଗାଳି ଖାଇଲା ଇନ୍ଦୁ ,ଆକାଶ ଫୋନ କାଟିସାରିଥିଲେ ।... ନିଜକୁ ବୁଝେଇଲା ନିଜେ । କୋରନା ପରେ ସମୟ ହିସାବ ରେ ସବୁ ଠିକ ହୋଇଯିବ ବୋଲି ନିଜକୁ ନିଜେ ଆଶ୍ୱାସନା ଦେଲା ,ଆଉ ଖୁବ ଶୀଘ୍ର ନିଜକୁ ସହଜ କଲା ,ଚେଷ୍ଟା କଲା ଆକାଶ ଙ୍କ ସହ କଥା ହେବାକୁ ସବୁ ଅଭିମାନ ରାଗ ଭୁଲି କି .........

କିନ୍ତୁ ... କିନ୍ତୁ ଏ କ'ଣ !!!!! ହ୍ୱାଟସ୍ଆପ ରେ ଇନ୍ଦୁ ବ୍ଲକ ହେଇସାରିଛି ,ଆକାଶ ତାକୁ ଫୋନ ରେ ମଧ୍ୟ ବ୍ଲକ କରିସାରିଛନ୍ତି , ଆକାଶ ଙ୍କୁ କିଛି କଥା ଭଲ ନଲାଗିଲେ ଅଯଥା ଯୁକ୍ତି ଠୁ ଦୁରେଇ ରହିବାକୁ ସେ ଏମିତି କରନ୍ତି ଇନ୍ଦୁ ଜାଣେ ,କିନ୍ତୁ ଏତେ ନିବିଡ଼ ସମ୍ପର୍କ ରେ ମତାନ୍ତର ହେବା ସ୍ୱାଭାବିକ କଥା ହେଲେ ମନାନ୍ତର ନହେଉ ବୋଲି ଇନ୍ଦୁ ଚାହେଁ ,ଆଉ ମତପାର୍ଥକ୍ୟ ପରସ୍ପର କୁ ଜାଣିବାର ସୁଯୋଗ ଦେଇଥାଏ ,ଏମିତି ବୋଧେ କେବଳ ଇନ୍ଦୁ ଭାବେ .... ବାସ , ତା'ପରଠୁ ଦୁଇ ଦିନ ହେବ ଇନ୍ଦୁ ଏମିତି ଅବସ୍ଥାରେ , କାରଣ ଖୋଜୁଛି ତା' ଭୁଲର ,ଏ ପରିସ୍ଥିତି ର ,ପାଉନି । ଇନ୍ଦୁ ନିଜକୁ ଖୁବ ସୁରକ୍ଷିତ ଭାବେ ଆକାଶ ଙ୍କ ପାଖରେ ,କିନ୍ତୁ ଏମିତିରେ ଇନ୍ଦୁ ନିଜକୁ ସମ୍ଭାଳିପାରୁନି । ଇନ୍ଦୁ ଗୋଟେ ଦୃଢ଼ମନା ଝିଅ ବୋଲି ସମସ୍ତେ ଜାଣନ୍ତି ,କିନ୍ତୁ ଆକାଶଙ୍କ ପାଖେ ସେ ନିଜକୁ ଏମିତି ହଜେଇସାରିଛି ଯେ ,ସେ ନିଜକୁ କେବେ ଖୋଜିନି । ତେଣୁ ହଠାତ ଏମିତି ଗୋଟେ ଘଟଣା ପରେ ଇନ୍ଦୁର ମାନସିକ ଅବସ୍ଥା ଭଲ ନାଇଁ, ଦୁଇ ଦିନରୁ ସେ କେବଳ ଆକାଶ ଙ୍କୁ ଝୁରୁଛି,ତା'ର ଦିନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରମ୍ଭ ହେଉନି ଆକାଶ ଙ୍କ ଗୁଡ ମୋର୍ଣ୍ଣି ମେସେଜ ବିନା ...... ଖୁବ କାନ୍ଦିକାନ୍ଦି ଆଖି ଫୁଲିଯାଇଥାଏ ,ରୁମ ରୁ ବାହାରେନି ଇନ୍ଦୁ । ଖାଇବା ଶୋଇବା ପ୍ରାୟ ଭୁଲିଯାଇଛି ସେ । ଡାକ୍ତର ଆକାଶ ଙ୍କ ର ଜୀବନର ପ୍ରଥମ ଷ୍ଟେଥୋସ୍କୋପ , ଯୋଉଟା ଡାକ୍ତର ଆକାଶ ଓଡିଶା ଛାଡିଲା ବେଳେ ଦେଇଯାଇଥିଲେ ଇନ୍ଦୁକୁ, ଭାରି ଯତ୍ନ ରେ ତାକୁ ସାଇତି ରଖିଥିଲା ,ଏବେ ଇନ୍ଦୁ ଧୀରେ ଶେଜ ରୁ ଉଠିଲା ,ବ୍ୟାଗ ଭିତରୁ ବାହାର କଲା ଷ୍ଟେଥୋ ....କ'ଣ ଭାବି ବହୁତ ଗେଲ କରିପକେଇଲା ସେଇଟାକୁ , ବୁକୁରେ ଚାପି ଧରିଲା....ବିଚଳିତ ମନଟା ଥମ କରି ଚୁପ ହେଇଗଲା ଯେମିତି ..... ମନେପଡ଼ିଗଲା ସେଇ ମୁହୂର୍ତ୍ତ ଯେବେ ନିଜ ନାରୀତ୍ୱ ର ପ୍ରଥମ ଲଜ୍ଜାକୁ ସପ୍ରେମେ ସମର୍ପି ଦେଇଥିଲା ଆକାଶ ଙ୍କ ପାଦତଳେ ସବୁଦିନ ପାଇଁ,ଆଉ ଆକାଶ ତା'ଛାତି ରେ ମୁଣ୍ଡ ରଖି କଥାଦେଇଥିଲେ ସାରାଜୀବନ ଏକାଠି ଚାଲିବାର ...ଭୋର ଚାରିଟା ହେଇସାରିଥିଲା , ବାହାରେ ବର୍ଷା ଛାଡିଯାଇଥିଲା ,ଇନ୍ଦୁର ଲୁହ ବନ୍ଦ ହେଇସାରିଥିଲା ... ଷ୍ଟେଥୋକୁ ଧରି ଧୀରେ ଧୀରେ ଆଖି ପଲକ ରେ ନିଦ ଭରୁଥିଲା ... କାନ କୁ ଶୁଭୁଥିଲା ଖାଲି ଆକାଶ ଙ୍କ ସେ ମଧୁର ଅଥଚ ଗାମ୍ଭୀର୍ଯ୍ୟମୟ ସ୍ୱର ' ତତେ ଛାଡ଼ିକି କୁଆଡେ ଯିବି ଲୋ ମାମା'............,ଇନ୍ଦୁ ଅପେକ୍ଷା କଲା ତା' ଆକାଶ ଙ୍କୁ ,ଯାହା ଛାତିରେ ଲୋଟି ବାରବାର ନିଜକୁ ଭୁଲିଯିବ ,ଝରକା ସେ ପାଖେ ସିନ୍ଦୁରା ଫାଟି ଆସୁଥିଲା ଆକାଶ ରେ , ଏ ପାଖେ ଇନ୍ଦୁ, ଡାକ୍ତର ଆକାଶ ଙ୍କ ହୃଦୟ ରେ ପୁଣିଥରେ ଉଇଁ ଆସିବାର ବିଶ୍ୱାସ ରେ ଶୋଇବାର ଉପକ୍ରମ କରୁଥିଲା....ଆଉ ସେପଟେ ପାହାନ୍ତି ତାରା ଆକାଶର କୋଳରୁ ଆଖିମିଟିକା ମାରି ଦୁଷ୍ଟାମୀ କରୁଥିଲା .....□

ଇ-ମେଲ –sucharita.jj16@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁରେ ଡାକ୍ତରବାବୁ



ସାଇ ପ୍ରସାଦ ସାହୁ

ସେତେବେଳକୁ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥାଏ । ଆମ ଗାଁରେ ଜଣେ ମାତ୍ର ଡାକ୍ତର ଥିଲେ । ସେ କେବଳ ଆମର ନୁହେଁ, ଆମ ଗାଁ ଯାକ ଏବଂ ଏହାର ଆଖପାଖରେ ଥିବା ସମସ୍ତେ ଛୋଟ ଛୋଟ ଗାଁର ଲୋକଙ୍କର ଡାକ୍ତର ଥିଲେ । ଜାତିରେ ସେ ବଙ୍ଗାଳି ଲୋକ । ଗାଁ ମଝିରେ ତାଙ୍କର ଘର ଓ ଘର ଆଗରେ ତାଙ୍କ ନାଁ ସହିତ ଏଲ୍.ଏମ୍ .ପି. - ଅର୍ଥାତ୍; ‘ଲାଇସେନ୍‌ସିଏଟ୍ ମେଡିକାଲ ପ୍ରାକ୍ଟିସନର’ ବୋଲି ଲେଖା ହୋଇଥିଲା । ଡାକ୍ତରବାବୁ ଜଣେ ଅତ୍ୟନ୍ତ ଭଦ୍ର ଓ ସ୍ନେହୀ ବ୍ୟକ୍ତି ଥିଲେ । ତାଙ୍କ ବ୍ୟବହାର ବେଶ୍ ଉଚ୍ଚକୋଟୀର ଓ ପରିମାର୍ଜିତ ଥିଲା । ଖଣ୍ଟି ଓଡିଆରେ ତାଙ୍କ ବଙ୍ଗାଳି ଭାଷା ଶୁଣିବାକୁ ଖୁବ୍ ମିଠା ଓ ମନଛୁଆଁ ଲାଗୁଥିଲା । ବେଶଭୁଷା ଅତ୍ୟନ୍ତ ସରଳ । ଧଳା ପ୍ୟାଣ୍ଟ ସାର୍ଟ ସହିତ ହାତରେ ଗୋଟିଏ ସୋନାଟା ବ୍ରାଣ୍ଡର ହାତଘଣ୍ଟା । ବେକରେ ସଦାବେଳେ ଝୁଲୁଥାଏ ଷ୍ଟେଥୋସ୍କୋପଟିଏ । ଡାକ୍ତରବାବୁଙ୍କ ବାହନ କହିଲେ, ଏକ ପୁରୁଣା ଗ୍ରୀନ୍ ମଡେଲ ଏଟଲାସ୍ ସାଇକେଲ । ହସ ହସ ମୁହଁରେ ସାଇକେଲ ଚଲେଇ ଯାଉଥିବାବେଳେ ବାଟଯାକ ଲୋକମାନେ ସମ୍ମାନର ସହିତ ଡାକ୍ତରବାବୁଙ୍କ ପ୍ରତି ନମସ୍କାର ଜଣାଉଥିଲେ । ବେଳେବେଳେ ସାଇକେଲ ଚଲେଇବା ସମୟରେ ବାଲାନ୍‌ସ ରଖି ନପାରି ସାଇକେଲରୁ ଉତରିପଡି ଲୋକଙ୍କ ସହିତ ସୁଖଦୁଃଖ ହେଉଥିଲେ । ଡାକ୍ତରବାବୁଙ୍କ ଘର ଓ କ୍ଲିନିକ୍ ଗୋଟିଏ ଜାଗାରେ । ଉପର ମହଲାରେ ସେ ଓ ତାଙ୍କ ପରିବାର ରହୁଥିବାବେଳେ ତଳ ମହଲାରେ ତାଙ୍କର କ୍ଲିନିକ୍ । ପ୍ରତିଦିନ ସକାଳୁ ସକାଳୁ କ୍ଲିନିକ୍ ରେ ପାଖଆଖରେ ଥିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଁ ଲୋକମାନଙ୍କର ଭିଡ ଜମୁଥିଲା । ଡାକ୍ତରବାବୁଙ୍କ କ୍ଲିନିକ୍ ରେ ଦୁଇ ଜଣ ଲୋକ କାମ କରୁଥିଲେ । ଜଣେ ପିଅନ ଓ ଆଉ ଜଣେ କମ୍ପାଉଣ୍ଡର । ପିଅନର କାମ ସବୁଦିନ ଡାକ୍ତରବାବୁଙ୍କ ଘର ଓ କ୍ଲିନିକ୍ ସଫାସୁତୁରା କରିବା । କିନ୍ତୁ କମ୍ପାଉଣ୍ଡରବାବୁ ସକାଳୁ ଘରୁ ଆସିଲେ କାଉଣ୍ଟର ରୁମ୍ ରେ ଥିବା କାଠ ଟେବୁଲ୍ ଆଗରେ ଷ୍ଟୁଲଟିଏ ପକେଇ ବସୁଥିଲେ । ଔଷଧ ଦୋକାନ ଭଳି ଟେବୁଲ୍ ଉପରେ ଧାଡି ଧାଡି ହୋଇ ବିଭିନ୍ନ ରଙ୍ଗର ଔଷଧ ବୋତଲଗୁଡିକ ସବୁ ସଜେଇ ହୋଇ ରହିଥାଏ । ଡାକ୍ତରବାବୁଙ୍କ ନିର୍ଦ୍ଦେଶ ଅନୁଯାୟୀ ତିନି / ଚାରି ବୋତଲରୁ ଔଷଧ ମିଶାଇ ଗୋଟିଏ ଛୋଟ ପ୍ଲାଷ୍ଟିକ୍ ଡବାରେ ଭର୍ତ୍ତି କରାଯାଏ । ସେହି ପ୍ଲାଷ୍ଟିକ୍ ଡବା ଉପରେ ଛୋଟ କାଗଜର ଷ୍ଟିକର ମାରି ଦିଆଯାଇଥାଏ ଓ ରୋଗୀକୁ ସେଥିରୁ ଦିନକୁ ଦାଗ ଅନୁସାରେ କେତେ ପାନ ଖାଇବ ବୁଝେଇ ଦିଆଯାଇଥାଏ । ଔଷଧ ସହ ଡାକ୍ତରବାବୁଙ୍କ ଫିସ୍ ଥିଲା ମାତ୍ର ଦଶ ଟଙ୍କା । ପାଖ ଆଖରେ ଥିବା ଛୋଟ ଛୋଟ ଗାଁରୁ ଗରିବ ଲୋକମାନେ ଡାକ୍ତରବାବୁଙ୍କ ପାଖକୁ ଆସୁଥିବା ବେଳେ ଧନୀ ଲୋକମାନେ ଡାକ୍ତରବାବୁଙ୍କୁ ତାଙ୍କ ଘରକୁ ଡାକୁଥିଲେ । ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମୟ ଅତିବାହିତ ହେବା ପରେ ଡାକ୍ତରବାବୁ ତାଙ୍କ ପୁରୁଣା ଗ୍ରୀନ୍ ମଡେଲ ଏଟଲାସ୍ ସାଇକେଲ ଧରି ମୁଣ୍ଡରେ ଧଳା ରଙ୍ଗର ଗୋଟିଏ ଟୋପି ଲଗେଇ ରୋଗୀମାନଙ୍କ ଭିଜିଟ୍ ରେ ବାହାରି ପଡନ୍ତି । ଘରେ ରୋଗୀକୁ ଦେଖିଲା ମାତ୍ରେ ସେ ପ୍ରଥମେ ବାମ ହାତର ମଣିବନ୍ଧକୁ ଧରି ଗୋଟିଏ ରୁ ଦୁଇ ମିନିଟ୍ ପର୍ଯ୍ୟନ୍ତ ଆଖି ବନ୍ଦ କରିଦେବେ । ଅଳ୍ପ କିଛି ସମୟ ପରେ ଷ୍ଟେଥୋସକୋପଟି ପୁରା ଛାତି ଉପରେ ବୁଲେଇ ଆଣିଲା ପରେ , ରୋଗୀକୁ କିଛି ପଚରାଉଚୁରା କରିବେ ; ଗାଧୁଆପାଧୁଆ କେମିତି ,ଖା'ପିଆ କ'ଣ କରୁଛ , ଦେହ କେମିତି ଲାଗୁଛି ଇତ୍ୟାଦି ଇତ୍ୟାଦି । ଔଷଧ ନିୟମିତ ଖାଇବା ସହ ପୂରା ବିଶ୍ରାମ ନେବା ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାକ୍ତରବାବୁ ରୋଗୀକୁ  ପରାମର୍ଶ ଦେବେ । ପ୍ରେସକ୍ରିପ୍ସନ ବୋଲି କିଛି ନ ଥାଏ । ଔଷଧ କହିଲେ ଗୋଟେ କି ଦି'ଟା ଛୋଟ ପ୍ୟାକେଟ୍ ଓ ତା' ସହିତ ନାଲି କି ନେଳି ରଙ୍ଗର ପାଣି ଶିଶିଟିଏ । ଘରକୁ ଆସିବା ପାଇଁ ଡାକ୍ତରବାବୁଙ୍କ ପାଉଣା ଥିଲା ପନ୍ଦର ଟଙ୍କା । ଦେଖନ୍ତୁ ; ପୂର୍ବେ ଡାକ୍ତର ଓ ଡାକ୍ତରୀ ବ୍ୟବସ୍ଥା କେତେ ସରଳ ଥିଲା । ବର୍ତ୍ତମାନ କୁଆଡେ ଗଲେ ସେ ଡାକ୍ତର, ଆଉ କୁଆଡେ ଗଲା ସେ ଚିକିତ୍ସା ବ୍ୟବସ୍ଥା । ଆଜିକାଲି ଟିକେ କ'ଣ ହେଲେ ରୋଗୀ ମାନେ ଧାଇଁ ଯାଉଛନ୍ତି ସ୍ପେସିଆଲିଷ୍ଟ, ସୁପର ସ୍ପେସିଆଲିଷ୍ଟ ଓ ମେଡିସିନ୍ ସ୍ପେସିଆଲିଷ୍ଟମାନଙ୍କ  ପାଖକୁ । ଡାକ୍ତର ଆଉ ରୋଗୀର ଆଖି, ଜିଭ ଓ ଚେହେରାକୁ ଦେଖି ରୋଗ ନିର୍ଣ୍ଣୟ କରିପାରୁନାହାନ୍ତି । ସହରର ବିଭିନ୍ନ ସ୍ଥାନରେ ଥିବା ବଡ ବଡ କ୍ଲିନିକ୍ ମାନଙ୍କରେ ବିଭିନ୍ନ ଟେଷ୍ଟ କରି ରୋଗୀ ଡାକ୍ତରବାବୁଙ୍କୁ ଦେଖାକରିବା ବେଳକୁ ତା'ର ଅଧା ଜୀବନ ଚାଲି ଯାଇଥାଏ । ରୋଗୀ ଆଣିଥିବା ଟେଷ୍ଟ ରିପୋର୍ଟକୁ ଦେଖିବାରେ ଡାକ୍ତରବାବୁ ଏତେ ବ୍ୟସ୍ତ ରହନ୍ତି ଯେ , ରୋଗୀର ଶୁଖିଲା ମୁହଁକୁ  ଚାହିଁ  ଟିକିଏ ହସିଦେବାକୁ ବି ଫୁରସତ ନ ଥାଏ । ରୋଗୀ ସହିତ କଥୋପକଥନର କୌଣସି ଆବଶ୍ୟକତା ନ ଥାଏ । ସତରେ ଯେପରି ବୀଜ ଗଣିତର ଧାରା ଭଳି ; ତୁମର ଟେଷ୍ଟ ରିପୋର୍ଟ ରେ ଏହା ବାହାରିଛି, ଅତଏବ ତୁମେ ଏହି  ମେଡିସିନ୍ ଖାଇବ । ଡାକ୍ତରବାବୁ ନ୍ୟାୟରେ ପ୍ରେସକ୍ରିପସନ ଲେଖିଦେଇ ନେକ୍ସ ଟ୍ କହି ଟେବୁଲ ଉପରେ ରଖାହୋଇ ଥିବା ବେଲ୍ ଘଣ୍ଟି ଟିକୁ ବଜାଇ ଦେବେ । ଆପଣଙ୍କର ଉପସ୍ଥିତି ତାଙ୍କୁ ଅସହ୍ୟ ମନେ ହୁଏ । ଆପଣ ଆଉ ପଦେ ଦି' ପଦ କଥା ଡାକ୍ତରବାବୁଙ୍କ ସହିତ ହେବାକୁ ଚାହୁଁ ଥିଲେ ମଧ୍ୟ ପରିସ୍ଥିତି ଦେଖି  ଆପଣଙ୍କୁ ଉଠିବାକୁ ପଡିଥାଏ । ଡାକ୍ତର ଅଛନ୍ତି, ରୋଗୀ ଅଛନ୍ତି, କିନ୍ତୁ ଡାକ୍ତର ଓ ରୋଗୀଙ୍କ ଭିତରେ ଆଉ ସେ ପୂର୍ବ ଭଳି ଭାବ ନାହିଁ । ଡାକ୍ତରଙ୍କ ପାଇଁ ରୋଗୀ ଜଣେ ଗ୍ରାହକ ହୋଇଗଲାଣି । ଗାଁ ଲୋକେ ରୋଗ ହେଲେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶରୀର ଦେଖାଇବାକୁ ଯାଇ ସହର ମାନଙ୍କରେ ଠକାମୀର ଶିକାର ହେବା ସହ ଗୋଟିଏ କ୍ଲିନିକ୍ ରୁ ଆଉ ଗୋଟିଏ କ୍ଲିନିକ୍ କୁ ବୁଲି ନୟାନ୍ତ ହୋଇପଡିଲେଣି । ବରଂ, ରୋଗ ଥମିବାର ନାଁ ଗନ୍ଧ ନାହିଁ । ଏହି ସମୟରେ ଆମେ ଯଦି ଡାକ୍ତରୀ ଓ ଚିକିତ୍ସା ବ୍ୟବସ୍ଥାରେ କିଛି ପରିବର୍ତ୍ତନ ନ କରିପାରୁଛେ , ତେବେ ଅସହାୟ ହୋଇ ନ ପଡି ଆମ ଜୀବନ ଓ ଜୀବନଶୈଳୀରେ ଯଦି କିଛିଟା ପରିବର୍ତ୍ତନ ଆଣିପାରନ୍ତେ, ତେବେ ହୁଏତ ଆଜିର ଡାକ୍ତରଙ୍କ ଜଞ୍ଜାଳରୁ ଅଧିକାଂଶରେ ମୁକ୍ତି ପାଇ ପାରନ୍ତେ । କିନ୍ତୁ ଏ କଥା ଶୁଣିବାକୁ ବର୍ତ୍ତମାନ ଆଉ କେହି ପ୍ରସ୍ତୁତ ନାହାନ୍ତି ।

(ସ୍ନାତକୋତ୍ତର ବାଣିଜ୍ୟ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ , ସମ୍ବଲପୁର

ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଣ୍ଢେଇ



ସୁଦୀପ ରୋହନ ବାଘ

ଦିନ ଥିଲା କୁମ୍ଭାର ଘର ମାଟି କଣ୍ଢେଇ ରେ ପିଲାଏ ଖେଳୁଥିଲେ, ମାଟିରେ । ତା ପରେ ଆସିଲା ଚିନାମାଟି କଣ୍ଢେଇ, ତା ପରେ ରବର୍ ପ୍ଲାଷ୍ଟିକ କେତେ ରକମର ଭଳିକି ଭଳି କଣ୍ଢେଇ । ଲିପୁନ କିଛି କଣ୍ଢେଇ ଧରି ଖେଳୁଥାଏ । ଠାକୁ ଆଇ ଆସି କହିଲା ଚାଲ୍ ଦେଖିବା ତୋ ମାଇଁ କଣ ସବୁ ଆଣିଚି । କଣ୍ଢେଇ କେତେବେଳେ ଖେଳନା ହୁଏ ତ କେତେବେଳେ କାହା ପାଇଁ ଯନ୍ତ୍ରଣା ବି । ମିତା ର ଯନ୍ତ୍ରଣା ବି ଠିକ୍ ଥିଲା ସେଇଦିନ ।

ମିତା, ନୂଆ ବାହା ହୋଇ ଆସିଥାଏ, ବହୁ ବାଧା ବିଘ୍ନ ପରେ, ମନର ମଣିଷ ଟାକୁ ପାଇଲା ପରେ ଖୁସି ଥାଏ । ନୂଆ ଘର ବି ଚିହ୍ନା ଚିହ୍ନା, ଆପଣାର ଲାଗୁଥାଏ । ଘର ଭିତରକୁ ପଶି ଆସିଲେ ଆଇ ଶାଶୂ ।

- କଣ ଶୋଇଥିଲୁ କି ?

- ନାଁ ଶୋଇନି, ବସିଥିଲି ।

- ତୋ ମା କଣ କଣ୍ଢେଇ ଦେଇନି ? ସେ କଣ ଜାଣିନି କଣ୍ଢେଇ ନଦେଲେ ପିଲା ପିଲି ହେବାରେ ଅସୁବିଧା ହୁଏ ? ତମେ ଯାହା କରୁଛ କର ମୋର ବର୍ଷେ ଭିତରେ ପିଲା ଟିଏ ଦରକାର୍ ।

ଆଇ ଶାଶୂର ରୋକ୍ ଠୋକ୍ କଥାର କି ଉତ୍ତର ଦେବା ଭାବି ପାରିଲାନି, ଏଇତ ସୁମିତ ଆସିଲେଣି, ସବୁ ସମ୍ଭାଳି ନେବେ । କିଛି କହିଲେନି ହସି ଦେଇ ପଳେଇଲେ । ସୁମିତ୍ ର ଏପରି ବ୍ୟବହାର ଆଶା କରି ନଥିଲା ମିତା ।

କିଛି କହିଲାନି ମିତା, ଚାହୁଁ ଚାହୁଁ ହଲ୍ଲା ହେଲା ଘର ଯାକ, ସମସ୍ତେ ନାନା କଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ, ସୁମିତ୍ ବି ଆସି କହିଲେ ଆଉ ୪ ଟା ଦିନ, ଆମେ ପଳେଇବା, କାଇଁ ମନ ଦୁଃଖ କରୁଛ ? ମିତା କୁ ଲାଗିଲା ସୁମିତ ବି କଣ ସମସ୍ତଙ୍କ ସହ ସମାନ ? ସେ ମୋ ପାଇଁ ଏହାର ପ୍ରତିବାଦ କଲାନି କାହିଁକି ? ଏଇଟା ସୁମିତ୍ ଠାରୁ ଆଶା କରୁନଥିଲା ମିତା । ହଉ ଛାଡ଼, ମୋ ଭାଗ୍ୟ, ବାହା ତ ହେଇ ସାରିଲିଣି ।

ଆଉ ତିନି ଦିନ ଏମିତି ଗଲା, ମନ ଭଲ ଲାଗୁ ନଥାଏ ମିତା ର । ସାମାନ୍ୟ କଣ୍ଢେଇ ପାଇଁ ମୋତେ ଏତେ କଥା ସୁଣେଇ ଦେଲେ ? ମୁଁ କଣ ବାଂଝ ? ମୋର କଣ ପିଲା ଛୁଆ ହେବନି ଆମ ଘରୁ କଣ୍ଢେଇ ଆସି ନାହିଁ ବୋଲି ? ଏଇଟା କେମିତିକା ଅନ୍ଧ ବିଶ୍ୱାସ ?ଏମିତି ଭାବୁ ଭାବୁ ଲିପୁନ୍ କହିଲା ମାମୁଁ, ମୋର ଗୋଟେ ନୂଆ କଣ୍ଢେଇ ଆଣିବୁ । ମାଇଁ କୁ କହ, ମିତା କୁ ଲାଗିଲା ସୁମିତ ଛିଗୁଲେଇ କହୁଚି ବୋଧେ ?

ବୋଉ କୋଉଠି ଥିଲେ ଆସି କହିଲେ ଆଣି ଦେ ତା ପାଇଁ, ମାମୁଁ ଟା ହେଇଚୁ କଣ୍ଢେଇ ଦେଇ ପାରିବୁନି । ସୁମିତ୍ ସୁଯୋଗ ଟା ହାତ ଛଡ଼ା କରିବା ପାଇଁ ଚାହୁଁ ନଥିଲା ।

-କାଇଁ କଣ୍ଢେଇ ନଦେଲେ କଣ ଛୁଅ‌ା ହେବନି ?

-ଏଠି ଛୁଆ ହେବା କଥା ଆସିଲା କଣ ପାଇଁ ?

-ତମେ ମାନେ ତ ନେଇକି ଆସିଲା ?

-ଆମେ କଣ ଆଣିଲୁ ? ଏଇଟା ପ୍ରଥା । ସମସ୍ତେ କରନ୍ତି । ତୋତେ ଖରାପ୍ ଲାଗିଲା କି ?

- ଖରାପ୍ ଲାଗିବା ଟା, ତୋ ଠୁ ବେଶୀ ଭଲ ରେ କିଏ ଜାଣିଚି ?

ନୀରବ ହେଇଗଲେ, ସୁମିତ୍ରା ଦେବୀ, ସୁମିତ ଏମିତି କଣ କହିଗଲା ? ପୁଅ ହାତରୁ ଖସି ବୋହୂ ର ହେଇ ଗଲା କି ? କଣ ପାଇଁ ଏମିତି କହିଲା ? ରାତିରେ, ଶୋଇବାକୁ ଗଲା ବେଳେ, ଅଭିଜିତ ପଚାରିଲେ, କଣ ବୋହୂ ହଇରାଣ କରିଛି କି ? ମୁହଁ ଟା ହାଣ୍ଡି ଭଳି କାଇଁ କରିଚ ?

-ନାଇଁ, ସେଇ କଣ୍ଢେଇ କଥା, ବୋହୂ କୁ କହିଲି ବୋଲି ପୁଅ ବୋହୁ ପଟିଆ ହେଇ ମୋତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହୁଚି ।

-କଣ କହିଲା କି ସୁମିତ ?

-କହିଲା ଏମିତି କହିଲେ ଖରାପ୍ ଲାଗେ କି ନାହିଁ, ମୋ ଠୁ ବେଶୀ କିଏ ଜାଣିଚି ?

-ଠିକ୍ ତ କହିଛିି, ତମଠୁ ବେଶୀ କିଏ, ଜାଣିଚି, ନୂଆ ବୋହୂକୁ ତା ବାପା ମା ବିରୁଦ୍ଧ ରେ କହିଲେ, କି ପରିହାସ କଲେ କେତେ ଖରାପ୍ ଲାଗେ । ଲିପୂନ୍ ଆସିବା ଦିନରୁ ଭୁଲି ଗଲ ବୋଧେ । ତମେ କଣ୍ଢେଇ ଦେଇ ନଥିଲ ବୋଲି ତମ ଝିଅ ର ଶାଶୂ ତମକୁ କେମିତି ରୋକ୍ ଠୋକ୍ ଶୁଣେ ଇ ଦେଇ ଥିଲେ ? ଭୁଲି ଗଲ ବୋଧେ ?

-ଆରେ ସତ କଥା, ସମୁଡ଼ିଆଣି କେତେ ଶୁଣାଇ ନଥିଲେ, "ଯଦି ବର୍ଷେ ଭିତରେ ପିଲା ଛୁଆ ନହେଲା, ତାହାଲେ, ଝିଅ କୁ ନେଇଯିବ ।" ଜାଣି ଶୁଣି କେତେ ବଡ଼ ଭୁଲ୍ ଟେ କରିଦେଲି । ଆସୁ ଆସୁ ଝିଅ ଟାର ମନ ଖରାପ୍ କରିଦେଲି ।

-ମୁଁ ବି ସେଇ କଥା ଭାବୁଥିଲି, ଶାଶୂ ଶାଶୂ, କେବେ ମା ହେଇ ପାରିବନି ।

ଅଷ୍ଟ ମଙ୍ଗଳା ଦିନ ଯିବି ବୋଲି ଜିଦ୍ ଧରିଛି ସୁମିତ, ମୁଁ ଆଉ ଛୁଟି ନେଇ ପାରିବି ନାହିଁ । ପୁଅ ବୋହୂ, ଅଷ୍ଟ ମଙ୍ଗଳା ସାରି ଘରକୁ ଫେରି ଯିବାକୁ ଉଦ୍ୟତ ହେଲେ, ଗଲା ବେଳେ, ମିତା କୁ ଡାକି କହିଲେ, ଭୁଲ୍ ବୁଝିବୁ ନାଇଁ, ଆଇ ବୁଢୀ ହେଲାଣି, ତାର ଆଉ କେତେ କାଳ ? କଥା ଧରିବୁନି, ଭଲରେ ଚଳିବୁ । ତମର ଯେତେବେଳେ ଇଚ୍ଛା ସେତେବେଳେ ପିଲାଟି କରିବ । କଣ୍ଢେଇ ମୋର ଦରକାର୍, ମିଛି ମିଛିକା ନୁହେଁ, ତୋ କୋଳର କଣ୍ଢେଇ, ତୋ ବୋଉ ନୁହେଁ, ତୁ ଦବୁ ମୋତେ । ବୁଢ଼ୀ ହେଲେ, ମୋ ଖେଳନା ସିଏ ହେବ ।

ହଉ, ସୁମିତ ର ଖିଆ ପିଆ ଧ୍ୟାନ ଦବୁ, ମିତା ର ମନରେ ଶାଶୂ ଟା ମା ପଲଟୁ ଥିଲା ଧିରେ ଧିରେ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଆଞ୍ଚଳିକ ଶାଖା, ବ୍ରହ୍ମାନଗର, ବ୍ରହ୍ମପୁର
ଇମେଲ୍ : sudeep.bagh@sbi.co.in / sudeeprohan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତୀକ୍ଷା



ଶୁଚିସ୍ମିତା ଗୌଡ଼

( ସାହିତ୍ୟ ମନର ଆଇନା , ସମାଜର ଦର୍ପଣ । ମୋ ମନ ଅଗଣାରେ ଭଉଁରୀ କାଟୁଥିବା କେଇପଦ କଥା....)

କାହିଁ କେତେ ବର୍ଷର ପ୍ରତୀକ୍ଷା ପରେ ଆମର ପ୍ରିୟ ଭାରତ ଭୂମି ସ୍ୱାଧୀନତାର ସ୍ୱାଦ ଚାଖିଥିଲା । କେତେ କେତେ ମହାମାନବ ଆତ୍ମାହୁତି ଦେଇ ଆମ ଦେଶକୁ ଶତ୍ରୁ କବଳରୁ ମୁକ୍ତ କରି ଦୀର୍ଘ ୭୪ ବର୍ଷ ତଳେ ଅଗଷ୍ଟ ମାସ ୧୫ ତାରିଖରେ ଆମକୁ ସ୍ୱାଧୀନତାର ଭେଟି ଦେଇଥିଲେ । ସେହି ଦିନ ଠାରୁ ସ୍ୱାଧୀନତା ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଉତ୍ସବର ଦିନ । ଆଜି ପୁଣି ସେହି ଉତ୍ସବର ଦିନ ଆସିଛି । ଆଜି ମଧ୍ୟ ପ୍ରାଚୀ ଦିଗରେ ଆଦିତ୍ୟ ଅରୁଣ କିରଣ ତେଜି ଦିଗବଳୟ ଉପରକୁ ଉଠିଗଲେଣି ।କିନ୍ତୁ ଆଜି ସମଗ୍ର ଭାରତ ଭୂମିରେ ନିରବତା ଛାଇଯାଇଛି ।

ଏହି ବିଶାଳ ଗମ୍ଭୀରତା ଓ ନିରବତା ଯାହା ପାଇଁ ବି ହଉ ନା କାହିଁକି , ଏହା ଯେ ସମଗ୍ର ଭାରତ ବର୍ଷକୁ କାଳ ର କବଳରେ କବଳିତ କରିଦେଇଛି ତାହା କହିଲେ ଅତ୍ୟୁକ୍ତି ହେବ ନାହିଁ । କେବଳ ପ୍ରତୀକ୍ଷା କେବେ ପୁଣି ସେହି ନୂତନ ସୂର୍ଯ୍ୟର ଅଭ୍ୟୁଦୟ ହେବ କେବେ ପୁଣି ଆମେ ସ୍ୱାଧୀନ ବିହଙ୍ଗ ସଦୃଶ ବିଚରଣ କରିପାରିବା । କେଜାଣି ଏହି ପ୍ରତୀକ୍ଷାର ଅନ୍ତ କେବେ । ହେଲେ ଏକଥା ବି ସେତିକି ସତ ଯେ ଏହି ପ୍ରତୀକ୍ଷାର ଶେଷ କେବଳ ସେହିଦିନ ସମ୍ଭବ ଯେଉଁ ଦିନ ଆମେ ସଚେତନ ହୋଇ ନିଜକୁ ସୁରକ୍ଷା ଦେବା ଓ ଦେଶର ସୁରକ୍ଷା ରେ ସହାୟତାର ହାତ ବଢ଼େଇବା ।

ଦୀର୍ଘ ୨୦୦ ଶହ ବର୍ଷ ର ବିଦେଶୀ ଶାସନର କରୁଣ ଚିତ୍ର ଯେପରି ହୃଦୟକୁ ଭାରାକ୍ରାନ୍ତ କରିପକାଏ ଠିକ୍ ସେହି ପରି ସର୍ବବିଦିତ ମହାମାରୀ । ପ୍ରତ୍ୟେକ ଭାରତୀୟ ଆଜି ମର୍ମାହତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। ମନେପଡୁଚି ଠିକ୍ ସେହି ପରାଧୀନ ବେଳର କଥା , ଯେଉଁଠି ରୋଜଗାର ଥିଲା ହେଲେ ଖାଦ୍ୟ ନଥିଲା, ଯେଉଁଠି ଉତ୍ପାଦନ ତ ଥିଲା ହେଲେ ଉପଭୋଗ ନଥିଲା , ଯେଉଁଠି ଉପାର୍ଜନ ଥିଲା ହେଲେ ସୌଭାଗ୍ୟ ନଥିଲା । ଆଜିର ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଉନ୍ନତ ଶିକ୍ଷା , ସଭ୍ୟତା ପରିପୁଷ୍ଟ ଭାରତ ପାଖରେ ଠିକ୍ ବିପରୀତ ଅବସ୍ଥା ପରିଲକ୍ଷିତ ହେଉଛି । ଆଜି ଏହି ଭାରତ ଭୂମିରେ ପ୍ରତ୍ୟେକ ଭାରତୀୟ ମୁକ୍ତି ଅପେକ୍ଷାରେ ।

ମହାମାରୀ କୋରନା ଯେ ସମସ୍ତଙ୍କ ଅଣ୍ଟା ଭାଙ୍ଗି ଦେଇଛି ତାହା ସତ । ଅର୍ଥନୀତିକୁ ଯେପରି ସେ ଦୋହଲାଇ ଦେଇଛି । ସ୍ୱାଧୀନତାର ପରବର୍ତ୍ତୀ ମୁହୂର୍ତ୍ତରେ ଭାରତ ନିଜର ରାଜନୀତି , ଅର୍ଥନୀତି କୁ ସଡି ଆଣୁଥିବା ସମୟରେ ଏପରି ଏକ ପରିସ୍ଥିତି ବାସ୍ତବିକ ସ୍ୱାଧୀନତା ପୂର୍ବବର୍ତ୍ତୀ ମୁହୂର୍ତ୍ତ କୁ ମନେପକାଇ ଦଉଛି ।ସତରେ ବିଚାର କରି ଦେଖିଲେ ସେହି ଦିନ ଆଉ ଆଜି ଦିନ ଭିତରେ ସେତେ ଅଧିକ ଫରକ୍ ନାହିଁ । ଆଜି ମଧ୍ୟ ଅନାହାର ମୃତ୍ୟୁ ବଢ଼ିଚାଲିଛି । ସମସ୍ତ ଉନ୍ନତି ରେ ଯବନିକା ।

ଶିକ୍ଷା ବ୍ୟବସ୍ଥା କୋରନା ପାଇଁ ଦୋହଲି ଯାଇଛି । ଦୀର୍ଘ ଦିନ ବିଦ୍ୟାଳୟ, ମହାବିଦ୍ୟାଳୟ ଆଦି ବନ୍ଦ ରହିବା ହେତୁ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସଙ୍କଟରେ ପଡ଼ିରହିଛି । ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମଧ୍ୟ ଅନ୍ୟାନ୍ୟ ରୋଗୀ ମାନଙ୍କୁ ଠିକ୍ ଭା ବେ ଚିକିତ୍ସା ମିଳିପାରୁନାହିଁ । ସମସ୍ତ ସରକାରୀ କାର୍ଯ୍ୟାଳୟ ଅଧା ବନ୍ଦ ଅବସ୍ଥାରେ ଅର୍ଦ୍ଧେକ କର୍ମଚାରୀଙ୍କୁ ନେଇ ଚାଲିବା ଫଳରେ ଅନେକ ସରକାରୀ କାର୍ଯ୍ୟରେ ବାଧା ଉପୁଜିଛି ଫଳରେ ସାଧାରଣ ଜନତା ନିରାଶ ହେଉଛନ୍ତି । ବିଭିନ୍ନ ବେସରକାରୀ ଅନୁଷ୍ଠାନ କିମ୍ବା ବୃହତ୍ କମ୍ପାନୀ ଗୁଡ଼ିକ ବନ୍ଦ ହୋଇ ରହିବା ଫଳରେ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ମାଲିକ ମାନେ କ୍ଷତି ସହୁଚନ୍ତି । ଏହା ସିଧା ସଳଖ ଦେଶର ଅର୍ଥନୀତି ଓ ମଜୁରୀ କରି ଚଳୁଥିବା ପରିବାର ଉପରେ ପ୍ରଭାବ ପକାଇଛି । ଯାହା ଅତ୍ୟନ୍ତ ଚିନ୍ତାଜନକ ସମସ୍ୟା ।ଯେଉଁ କେତୋଟି ସେବା ସଂସ୍ଥା କୋରନା ପାଇଁ ଜନସାଧାରଣଙ୍କୁ ବଞ୍ଚାଇ ରଖିବାକୁ ଦିବାନିଶି ପ୍ରୟାସ କରୁଛନ୍ତି ସେମାନଙ୍କ ଜୀବନ ମଧ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଙ୍କଟରେ । ଯେତେ ସବୁ ପର୍ବ ପର୍ବାଣୀ ଆଜି ଫିକା ପଡ଼ିଛି । ସତେ ଯେପରି ବାର ମାସରେ ତେର ପର୍ବ ର ଦେଶ ଓଡ଼ିଶା ଆଜି ଶ୍ରୀହୀନ ଦିଶୁଛି । ମାନବିକତା ମଧ୍ୟ ବଳି ପଡିଗଲାଣି ଆଉ ଏହା ଯୁକ୍ତିଯୁକ୍ତ ହୋଇପାରେ ମଧ୍ୟ କାରଣ ଏହା ଏପରି ଏକ ମହାମାରୀ ଯାହା ସ୍ପର୍ଶ ମାତ୍ରକେ ବ୍ୟାପିଥାଏ ଯାହାର ଫଳ ସ୍ୱରୂପ ଆଜି ବପା ଶବକୁ ମଧ୍ୟ ପୁଅର କାନ୍ଧ ମିଳୁନି ।

ସତରେ ଆଜି ଆମେ ପୁଣିଥରେ ପରାଧୀନ , ଆମେ ଆଜି ସେହି ୭୦ ବର୍ଷ ପଛକୁ ଫେରିଗଲେଣି । ପୁଣି କେବେ ଆମେ ସ୍ୱାଧୀନ ହେବା , ନିଜ ଘରୁ ନିଜେ ମୁକୁଳିବା , ସ୍ନେହ ଶ୍ରଦ୍ଧାର ଡୋର ରେ ବନ୍ଧା ହେବା, କେବେ ନିଜ ନିଜ କର୍ମ ସ୍ଥଳକୁ ଫେରିବା, କେବେ ଭାଇଚାରା ବଜାୟ ରଖି ପର୍ବ ପର୍ବାଣୀ ପାଳିବା, କେବେ ସାରା ପରିବାର ଏକାଠି ହୋଇ ଭୋଜି ଭାତ କରିବା ଆଉ କେବେ ପୁଣି ଜୀବନକୁ ଉପଭୋଗ କରିବା । ଏହି ସବୁ ପ୍ରଶ୍ନ ଯେପରି କୁହେଳିକା ସୃଷ୍ଟି କରୁଛି । କେବେ ସେହି ମୁକ୍ତିର ଦିନ ଆସିବ, ଆମ ପାଇଁ ଆମ ଦେଶ ପାଇଁ, କେବେ ସେହି ଶୁଭ ଶଙ୍ଖ ବାଜିବ ଯେବେ ପୁଣି ଥରେ ଆମ ଦେଶ ସ୍ୱାବଲମ୍ବୀ ହେବ ଆଉ କେବେ ସେହି ପୁଣ୍ୟ ଦିନ ପୁଣି ଫେରିବ ଯେଉଁ ଦିନ ସମସ୍ତ ଭାରତୀୟ ମୁକ୍ତ ଆକାଶ ତଳେ ଭାରତୀୟଙ୍କ ମେଳରେ ଆମ ତ୍ରିରଙ୍ଗା କୁ ଏକାଠି ହୋଇ ସମ୍ମାନ ଦେବା । ଅନ୍ତତଃ ଏହି ସ୍ଵାଧୀନତା ଦିବସ ପରି ଆଉ କୌଣସି ସ୍ଵାଧୀନତା ଦିବସ ନ ଆସୁ ଯେଉଁଦିନ କୌଣସି ଭାରତୀୟ ଜାତୀୟ ପତାକାକୁ ମୁକ୍ତ ଭାବରେ ପବନ ସହ ତାଳ ଦେଇ ଫରଫର କରି ଉଡାଇ ସମସ୍ତଙ୍କୁ ଏକ ରଜ୍ଜୁରେ ବାନ୍ଧି ଏକତାର ମନ୍ତ୍ରରେ ଆବଦ୍ଧ ହେବାରୁ ବଞ୍ଚିତ ହେବ । ସେହି ପ୍ରତିକ୍ଷାରେ ଏହି ଭାରତୀୟ ।

ଭାରତ ମାତା କୀ ଜୟ ।

ଶିକ୍ଷୟିତ୍ରୀ
ସ. ନୂ. ଉ. ପ୍ରା. ବିଦ୍ୟାଳୟ , ଲୁଚୁକିବାହାଲ
ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚଞ୍ଚଳା



ଆଭାଞ୍ଜଳି ଶତପଥୀ

ଘନ ଜଙ୍ଗଲରେ ବାସ କରୁଥିଲା ଗୋଟିଏ ହାତୀ । ନାଁ ଥିଲା ଚଞ୍ଚଳା । ପ୍ରକୃତିର ସେ ମନୋରମ ପ୍ରାଙ୍ଗଣରେ ସେ ତା'ର ବଡ଼ କୁଟୁମ୍ବ ସହ ସୁଖମୟ ଜୀବନ ବିତାଉଥିଲା । ବଣରେ ତାଙ୍କ ସାଙ୍ଗରେ ବିଭିନ୍ନ ପଶୁମାନେ ବି ରହୁଥିଲେ । ସୃଷ୍ଟି କର୍ତ୍ତା ସେମାନଙ୍କୁ ହିଂସ୍ର ପ୍ରକୃତି ଦେଇ ଗଢିଥିଲେ । ହେଲେ ସେମାନେ ନିଜ ନିଜ ଭିତରେ ଥିବା ପଶୁତ୍ୱର ସୀମାକୁ ଉଲଙ୍ଘନ କରୁନଥିଲେ । ନିୟତିର ନୀତିକୁ ଅବମାନନା କରୁନଥିଲେ । ସେଇଥିପାଇଁ ବୋଧେ ଏକ ବୁଝାମଣାର ସହ ସମସ୍ତ ବନ୍ୟପ୍ରାଣୀ ଶାନ୍ତିପୂର୍ଣ୍ଣ ଜୀବନ ବିତାଉଥଲେ । ହାତୀ ପରିବାରର ସଦସ୍ୟ ଥିଲେ ଆବାଳ ବୃଦ୍ଧ ଜନିତା । ସବୁଠାରୁ ବୟସ୍କା ଥିଲା ତା'ର ଆଇ ଯାହାର ନୟନତାରା ଥିଲା ଚଞ୍ଚଳା । ଚଞ୍ଚଳାର ମନଟା ବହୁତ ଚଞ୍ଚଳ ଥିଲା । ସେଥିପାଇଁ ବୋଧେ ତା ଆଇ ତା'ର ନାଁ ଚଞ୍ଚଳା ରଖିଥିଲା । ଚଞ୍ଚଳାର ଚପଳାମିକୁ ତା ଆଇ ସବୁବେଳେ ଆକଟ କରୁଥାଏ । ସବୁବେଳେ ବାସ୍ତବିକତାକୁ ବୋଧ କରାଉଥାଏ ।

ସ୍ୱତନ୍ତ୍ରତାର କବଚ ଓ ସ୍ୱାଭିମାନର ଟୀକା ପିନ୍ଧି ଚଞ୍ଚଳା ତା ପରିବାର ସହିତ ବଣର ପ୍ରତି ପ୍ରାଙ୍ଗଣରେ ବିଚରଣ କରେ । ପାହାଡ଼ କଡର ସେ ନଈଟା ତା'ର ଅତି ପ୍ରିୟ ଥିଲା ପାଣି ପିଇବାକୁ ପୁରା ତା ଗୋଷ୍ଠୀଟା ଯାକ ସାଙ୍ଗ ହେଇ ଯାଆନ୍ତି । ପାଣି ଭିତରେ ପଶିଗଲେ ଆଉ ବାହାରିବାର ନାଁ ନିଏନି । ପୁରା ପରିବାରକୁ ପାଣି ଭିତରକୁ ଟାଣି ନିଏ । କେବେ କେବେ ଚଞ୍ଚଳା ତା ସାଥୀ ସାଥେ ଶୁଣ୍ଢ ଲଢେଇ ତ କେବେ ପାଣିରେ ପିଚକାରୀ ଖେଳି ପ୍ରେମର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହକରେ ପରିବେଶକୁ ମହକିତ କରିଦିଏ । ହଁ ସେ ହାତୀ ପରିବାରର ସ୍ନାନଦୃଶ୍ୟ ତ ଅବର୍ଣ୍ଣନୀୟ । ଝରଝର ଝରଣାର କଳକଳ ନାଦ ସାଙ୍ଗକୁ ତାଙ୍କ କିରି କିରି ହସର ଧ୍ୱନିରେ ଖେଳିଉଠେ ଏକ ଅନୁପମ ସଙ୍ଗୀତ । ଆଉ ସେହି ସଙ୍ଗୀତର ମୂର୍ଚ୍ଛନାରେ ମୂର୍ଚ୍ଛିତ ହୁଅନ୍ତି ସଂସାରର ସମସ୍ତ ପ୍ରକୃତି ପ୍ରେମୀ ମାନେ ।

ତା ଯୌବନଦରିଆରେ ପ୍ରେମର ଲହଡ଼ି । ପ୍ରେମବସନ୍ତର ପ୍ରତିଟି ଦିନ ତା ପାଇଁ ଥିଲା ମଧୁସ୍ମୃତି । ହେଲେ ସେହିଦିନ ତାପାଇଁ ଥିଲା ଅବିସ୍ମରଣୀୟ, ଯେବେ ସେ ଜାଣିପାରିଲା ଯେ ସେ ମା ହେବାକୁ ଯାଉଛି । ସମ୍ବାଦଟି ଖେଳିଗଲା ତା'ର ଗୋଷ୍ଠୀରେ । ପରିବାରର ସମସ୍ତ ସଦସ୍ୟ ତାର ଯତ୍ନ ନେବାକୁ ଲାଗିଲେ । କେବଳ ତାଙ୍କ ଜାତି ନୁହେଁ, ବଣର ଅନ୍ୟ ଜାତିର ପଶୁମାନେ ଓ ବୃକ୍ଷ ଜଗତ ସ୍ନେହ ସହିନୁଭୂତିର ଜଳରେ ତାକୁ ପ୍ଲାବିତ କରିଦେଲେ । ତାର ଖାଇବାରେ ବେଶ ଯତ୍ନ ନିଆଯାଉଥିଲା । ବଣରେ ଯେଉଁ ଗଛର ଡ଼ାଳ ଓ ମୂଳକୁ ସେ ଶୁଣ୍ଢ ବଢାଇଲା, ପରିବାରର ଅନ୍ୟ ସଦସ୍ୟ ମାନେ ତା ସହ ଭାଗ ନବସାଇ ଅନ୍ୟ ଗଛଆଡକୁ ମୁହାଁଉଥିଲେ । ଗର୍ଭବତୀ ବୋଲି ତାର ବିଶେଷ ଯତ୍ନ ନିଆଯାଉଥିଲା ।

ଦିନକର କଥା । ସ୍ନେହ ଶ୍ରଦ୍ଧାର ଫୁଲ ନାଇ, ମନବୀଣାରେ ପ୍ରଫୁଲ୍ଲର ରାଗ ଛନ୍ଦି, ନାଚି ନାଚି, ହସି ହସି ସେ ବଣ ପ୍ରାଙ୍ଗଣରେ ବିଚରଣ କରୁଥିଲା । ମଧୁର ସ୍ୱପ୍ନରେ ସେ ସ୍ୱପ୍ନମନା ହେଇଯାଇଥିଲା । ହଠାତ୍ ଗୋଡ଼ଟି ଖସି ଯାଇଥିଲା ସେ ଆବୁଡା ଖାବୁଡା ପଥରଖୋଲରେ । ନିଜର ଭାର ସମ୍ବରଣ ନକରି ପାରି ପଡ଼ିଗଲା ଏକ ଗାତ ଭିତରେ । ଶୁଣ୍ଢ ହଲାଇ ମାତ୍ର ଥରଟେ ରଡ଼ି ଦେଇଥିଲା ।

ରଡିଶୁଣି ତା ପ୍ରେମୀ ପଛକୁ ଅନାଇ ଦେଖିଲା ତା'ର ଅବସ୍ଥା । ବ୍ୟସ୍ତ ହୋଇ ପୁରା ଗୋଷ୍ଠୀ ପରିବାରକୁ ଡାକି ଆଣୁଥିଲା । ପରିବାର ସମସ୍ତ ସଦସ୍ୟ ଘନ ଘନ ଚେଷ୍ଟା କଲେ ତାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁକୁଳେଇବା ପାଇଁ । ତାଙ୍କ ପ୍ରଚେଷ୍ଟାରେ କି ଶକ୍ତି ଥିଲା ! ସେ ପ୍ରଚେଷ୍ଟାରେ ନଥିଲା କେବଳ ପ୍ରିତିବନ୍ଧନର ସ୍ୱାକ୍ଷର, ହେଲେ ଥିଲା ଅମାପ ମମତା, ତ୍ୟାଗ ଓ ପରୋପକାରର ଆବେଗ । ସେ ଆବେଗର ଆଲୋଡନରେ ତା'ର ପୀଡା କୁଆଡେ ଉଭାନ ହେଇଗଲା । କେତେବେଳେ ସେ ଗାତରୁ ମୁକୁଳି ଆସିଲା, ନିଜେ ବି ଜାଣିପାରିଲାନି ।

ମୁକୁଳି ଆସିଲାପରେ ଗୋଷ୍ଠୀର ବୟୋଜ୍ୟେଷ୍ଠା ଆଇ ତା'ର ଶୁଣ୍ଢରେ ଚଞ୍ଚଳାର କାନ ମୋଡି କହିଲା "ଆଲୋ ହେ ! ଏବେ ତୁ ତୋ ପିଲାଳିଆମି ଛାଡ଼୍ । ସ୍ୱାଧୀନତାର ସଦୁପଯୋଗ କର । ତନୁ ସାଙ୍ଗରେ ମନକୁ ବି କାବୁରେ ରଖ । ତୁ ଏବେ ଏକାନୁହେଁ । ତୋ ସାଙ୍ଗରେ ଅଛି ଆମର ସେ ବଂଶଧର । ଦାୟିତ୍ୱକୁ ବୋଧକରି ଅଧିକ ଯତ୍ନଶୀଳ ହେଇଯା । ମନେରଖ ପ୍ରଲୋଭନ ଠାରୁ ସଦା ଦୂରରେ ରହିବୁ । ପ୍ରଲୋଭନର ଏକ ନିର୍ଦ୍ଦିଷ୍ଟ ମାପ କିମ୍ବା ଧାରା ନଥାଏ । ସ୍ଥାନ କାଳ ପାତ୍ର ନଥାଇ ଯେ କୌଣସି ରୂପରେ ସେ ଆସିପାରେ । ଖାଦ୍ୟ ରୂପରେ ହେଉ, ବା ମମତା ରୂପରେ, ଅବା ଚିରଞ୍ଜୀବୀ ହୋଇଯିବା ରୂପରେ, ଏମିତିକି ମଣିଷ ଜନ୍ମ ପାଇବାର କାମନା ରୂପରେ ବି । "କଣ କହୁଛୁ ଆଇ ତୁ ? ମଣିଷ ଜନ୍ମ... ପ୍ରଲୋଭନ.. ମୁଁ କିଛି ବୁଝି ପାରୁନି ।" ଆଇର ସେ ଦାର୍ଶନିକଭରା ଉପଦେଶଗୁଡା ଏ କାନରେ ପଶି ସେ କାନେ ବାହାରି ପଡ଼ିଲା । ହେଲେ ସ୍ୱଯତ୍ନର ଉପଦେଶଟା ମନଛୁଆଁ ହେଇଥିଲା । ମାତୃତ୍ୱର କର୍ତ୍ତବ୍ୟକୁ ସେ ଠିକ୍ ବୁଝି ପାରିଥିଲା ।

ତା ମନ ପୁଲକିତ ହୋଇଉଠିଲା ମମତାର ଆବେଗରେ । ପ୍ରତି ମୁହୂର୍ତ୍ତରେ ମମତାର ସ୍ପର୍ଶକୁ ଉପଲବ୍ଧି କରିପାରୁଥିଲା । ମମତାର ସେ ମଧୁରସ, ପ୍ରତି ପଶୁପକ୍ଷୀରେ ବି ଦେଖି ପାରୁଥିଲା । ସେ ପାତିମାଙ୍କଡ ଆଉ ତା ଛୁଆର ଖେଳକୁ ଯେମିତି ନିହାରୁଥାଏ ତାକୁ ଶାନ୍ତି ଦେଇହେବ ନାହିଁ । ପାତିମାଙ୍କଡଟା କେମିତି ଛୁଆକୁ ପେଟରେ ପୁରାଇ ଏଡାଳରୁ ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାଳକୁ ଡିଆଁ ମାରୁଥିଲା । ଛୁଆଟା ଟିକେ କୁଁ କୁଁ ହେଲେ ବସିପଡ଼ି କ୍ଷୀର ପିଆଇଦିଏ । ଛୁଆ କ୍ଷୀର ପିଇଲା ବେଳେ, ତା ମୁଣ୍ଡରୁ ଉକୁଣିତକ ଦୁହିଁ ଦେଉଥାଏ । ସେ ହରିଣୀଟା ତା ଛୁଆକୁ ଚାଟି ଚାଟି ଗେଲ କରୁଥିବା ବେଳେ ତା ମନରେ ମମତାର ଝୁଲଣ ଝୁଲୁ ଥାଏ କି ।

ସେ ବାଘୁଣୀର ମାତୃ ପ୍ରେମ ଅତି ବିରଳ । ଭୋକିଲା ପେଟରେ ଦିନ ଦିନ ରାତି ରାତି ଲୁଚିକରି ଛକିଥାଏ ଶିକାରର ନିଶାରେ । ଯେମିତି ଶିକାରଟେ ପାଏ , ପାଟିଏ ମାଉଁସ ଭରି ଦଉଡେ ତା ଶାବକ ପାଖକୁ । ଆଗ ତାକୁ ଖୁଆଇଲା ପରେ ଯୋଉ ମାଉଁସ ବଳେ ତା ପାଟିକୁ ଯାଏ । ଚଞ୍ଚଳା ବେଶ ଅନୁଭବ କରେ ସେ ମାଂସାହାରି ହିଂସ୍ର ବାଘୁଣୀ ଭିତରେ ବି ମମତାର କୋମଳ ପରଶ । ବିଲେଇ ରାଣୀ ହେଟାବାଘ ହାବୁଡ଼ରୁ ଦୌଡ ମାରିଲାବେଳେ ତା ଛୁଆଟା କଥା ଆଗ ଭାବେ । ଛୁଆ ର ତଣ୍ଟି ଧରି ପାଟିରେ ଝୁଲେଇ ଝୁଲେଇ ଦଉଡ଼ିଲା ବେଳେ ଭାବେ ତା ଜୀବନ ଅପେକ୍ଷା ତା ଛୁଆ ଜୀବନ ଅଧିକ ମୂଲ୍ୟ । ଆଉ ସେ ନୀଳ ଗାଇ କଥା କଣ କହିବ । ତା କୁତୁକୁତୁଆ ବାଛୁରିଟା ଦୁଧ ଚୁଚୁମିବା ବେଳେ ମୁଣ୍ଡିଆ ଉପରେ ମୁଣ୍ଡିଆ ମାରୁଥାଏ ।ହେଲେ ନୀଳଗାଇ ଚିଡିବ କଣ ଓଲଟା ଖୁସିରେ ମୁଣ୍ଡ ହଲେଇ ଦେଉଥାଏ ।

ବାଇଆ ଚଢେଇର ଛୁଆ ଯତ୍ନକୁ କିଏ ଅବା ସରିହେବ । ପେଟରେ ଅଣ୍ଡାଟେ ପଶିଲାକି ନାହିଁ, ତା ଶ୍ରମ ଆରମ୍ଭ କରିଦେଲା । ଏମିତି ସେମିତିରେ ଅଣ୍ଡା ଦେଇଦେବ ସେ ? ଅଣ୍ଡା ଦେବା ପାଇଁ ଗୋଟେ ଘରବି ବନେଇ ଦିଏ । ଏକ ଅନୋଖା ଘର ।ତା କୁନି କୁନି ଥଂଟରେ ଝାଟି, ମାଟି, ଘାସ, କାଠ ଛାଲକୁ ନେଇ ଦିନ ଦିନ ଲାଗି ବସା ବାନ୍ଧି ଥାଏ ।କେବେଳ ତା ପିଲାଟି କିପରି ସୁରକ୍ଷିତ ରହିବ ତାର ଏକ ମାତ୍ର ଚିନ୍ତା । ମମତାରେ ଗଢା ବାଇଆ ଚଢ଼େଇର ବସା ଏମିତି ମାତୃତ୍ୱର ସୁଦୃଢ ଯେ, ସ୍ୱୟଂ ପବନ ଦେବତା ବି ତାକୁ ଉଡେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇପାରନ୍ତିନି । ଆଉ ସ୍ୱର୍ଗର ମହାନ ଯନ୍ତ୍ରୀ ବିଶ୍ୱକର୍ମା ବି ତାକୁ ଦେଖି ଆଚମ୍ବିତ ହେଇଯାଆନ୍ତି । ଅଣ୍ଡା ଫୁଟାଇ ଯେମିତି ଛୁଆ ଚିଁ ଚିଁ କରିଛନ୍ତି, କୋଉଠୁ କୋଶେ ଦୂରରୁ ଫଳ, ମୂଳ, ଧାନ, ବୀଜ, ପୋକଯୋଜ ଆଣି ଉଡି ଆସେ ତା ବସାକୁ । କଅଁଳା ଛୁଆଗୁଡାଙ୍କ କୁନିକୁନି ଥଣ୍ଟରେ ତା ଥଣ୍ଟ ପୁରେଇ ଦେବାରେ ତା'ର ଯୋଉ ଆନନ୍ଦ ତାକୁ ଦେଖିବାର କଥା । ଆଉ ସେ ପୋଡାମୁହାଁ ଅଜଗର ସାପଟା ଯେତେବେଳେ ତା ଅଣ୍ଡା ଖାଇବାକୁ ଗଛରେ ଲୁଚି ଲୁଚି ଆସୁଥାଏ ସେ ସମୟରେ ତା କୁନି ଶରୀରରେ ସତେ ଯେମିତି ମା ଦୁର୍ଗାଙ୍କ ସବୁ ଶକ୍ତି ଭରି ଯାଏକି ଆଉ । ଥଂଟରେ ଫୋଡି ଫୋଡି ସେ ତାକୁ ସେଠାରୁ ବାହାର କରିବାକୁ ଅଦମ୍ୟ ଚେଷ୍ଟା କରିଥାଏ । ତା ଶରୀରରେ ପ୍ରାଣଥିବା ଯାଏଁ ହାର ମାନେନି । ତା ଛୁଆ ଡେଣା ମେଲି ଉଡାଣ ମାରିଲା ବେଳେ ପଡିଯାଉଥିବେ । ଆଉ ମା ଥଣ୍ଟରେ ଟେକି ଆଣୁଥିବ । ମା'ର କି ସୁନ୍ଦର ପ୍ରଶିକ୍ଷଣ । ତା'ର ସେ ଅନନ୍ୟ ଦକ୍ଷତା ସାମନାରେ ସଂସାରର ସମସ୍ତ ଗୁରୁ ସମାଜ ତା ପାଖରେ ହାର ମାନିଯିବେ କି ।

ଜୀବନ ଆକାଶରେ ମାତୃତ୍ୱର ଇନ୍ଦ୍ରଧନୁ । ଜୀବନ ପୁସ୍ତକର ଶ୍ରେଷ୍ଠ ଅଧ୍ୟାୟ ସେ ମାତୃତ୍ୱ । ଜ୍ଞାନ, ତ୍ୟାଗ, ଶିକ୍ଷା, ଶକ୍ତି ଓ ଭକ୍ତିର ସମାରୋହର ସେ ଅନନ୍ୟ ପର୍ଯ୍ୟାୟ । ଚଞ୍ଚଳା ଭାଗ୍ୟରେ ବି ଥିଲା ସେ ବିଶେଷ ପର୍ଯ୍ୟାୟରେ ପାଦ ରଖିବାକୁ । ଶୟନ ସପନେ ମାତୃତ୍ୱର ମଧୁର ସ୍ୱପ୍ନ ଦେଖୁଥିଲା ।

ଭ୍ରୁଣଟି ତା ପେଟରେ ଚନ୍ଦ୍ରକଳା ଭଳି ବଢିଚାଲିଲା । ତା ପାଇଁ ସେଇଟା କେବଳ ଗୋଟେ ଭ୍ରୁଣ ନଥିଲା । ଥିଲା ସମ୍ପୂର୍ଣ୍ଣ, ଆକୃତି ପାଇଥିବା ତା ଶିଶୁ, ଯାହାର ଖିଲି ଖିଲି ହସ ଶୁଣି ପାରୁଥିଲା । ଗୁଲୁ ଗୁଲୁ କଥାରେ ଲଥା ଦେଉଥିଲା । ଗୋଇଠା ମାଡ଼ ଖାଇ ଖାଇ ତା ନାଁ ବି ସେ ରଖିଦେଲା ଚଗୁଲୁ । ଚଗୁଲୁର ଗୋଇଠା ମାଡ଼ରେ କି ଆନନ୍ଦ ତା'ର । ଯେମିତିକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ଦେହରେ ମମତାର ବିଜୁଳି ଖେଳିଗଲାକି । ଚଗୁଲୁର ପରିପୋଷଣ ହିଁ ତାର ଏକ ମାତ୍ର ଚିନ୍ତା । ବଣଜଙ୍ଗଲରୁ ଡାଳ ପତ୍ର ଖାଇଲା ବେଳେ ତାକୁ ଯେମିତି ବୋଧ ହେଉଥିଲା ସେ ଖାଉନି ତା ଚଗୁଲୁ ପାଟିକୁ ଯାଉଛି ।

ଆଉ ଗୋଟେ ଦିନର କଥା । ଚଞ୍ଚଳା ହାତୀଗୋଠ ସହ ଚରିବାକୁ ଗଲା । ଚରୁ ଚରୁ ଏମିତି ଗୋଟେ ଜାଗାରେ ପହଞ୍ଚିଗଲା ଯେମିତିକି ଏକ ନୂଆ ରାଇଜ । ଏକ ସୁସଜ୍ଜିତ ଉପବନ । ତାଙ୍କ ବଣଠାରୁ କେତେ ଭିନ୍ନ ସେ ଉପବନଟି । ସବୁଜ କିଆରୀ ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ବର୍ଗ କ୍ଷେତ୍ରରେ ଆବଦ୍ଧ । ଧାନ, ମୁଗ, ବିରି ଇତ୍ୟାଦି ଗଛ ଗୁଡ଼ିକ ନିଜନିଜ କୋଠରୀରେ ଠିଆ ହୋଇ ହାତ ହଲାଉଥାନ୍ତି । ସମସ୍ତେ ହୃଷ୍ଟ ପୃଷ୍ଟ ଆଉ ସମାନଭାବରେ ବଢୁଥାନ୍ତି । ସେ କ୍ଷେତକୁ ଦେଖିଲେ ଲାଗୁଥାଏ କିଏ ଗୋଟେ ଚରଖରେ ନିଜ ହାତବୁଣା ସବୁଜ ଶାଢ଼ୀଟେ ପ୍ରକୃତି ମାକୁ ପିନ୍ଧେଇ ଦେଇଛିକି ।

ଆମ୍ବ, କଦଳୀ, ସପୁରି ,ସପେଟା ଗଛର ଅଲଗା ଅଲଗା ଧାଡ଼ି । ସମାନ ଭାବରେ ଧାଡି ଧାଡ଼ିଆ କ୍ଷେତକୁ ଦେଖି ଚଞ୍ଚଳା ଚକିତ ହୋଇଗଲା । ଭାବିଲା ତାଙ୍କ ବଣରେ ତ ଗଛଗୁଡାର ହୋସ ରହେନି । ଯୋଉଠି ଚାହିଁଲେ ସେଇଠି ମାଡ଼ିଲେ । ଜୋରଯାର ମୂଳକ ତାର । ବଡ଼ ଗଛ ଛୋଟଗଛକୁ ଧକ୍କା ମାରି  ଉପରକୁ ଉଠିଲେ । ଲତା ଯଦି ପାରିଲେ ତ ଗଛ କାନ୍ଧରେ ଭରା ଦେଇ ମାଡ଼ି ଚାଲିଲେ । ନହେଲେ ନାହିଁ । ଛୋଟଗଛ ବଡ଼ଗଛ ଛାଇରେ ସୁରୁଜ ଧାପ ନପାଇ ଚେପା ହେଇଗଲେ । କାହାର ବୋଲ ଅବା ମାନନ୍ତେ । ବାପା ନା ମା କିଏ ଅଛି ତାଙ୍କୁ ସଜାଡ଼ିବ  ।

ଏମିତି ଭାବୁ  ଭାବୁ ତା ଆଖିଟା ପଡ଼ିଗଲା ଏକ ଅଦ୍ଭୁତ ଜୀବ ଉପରେ । ଦୁଇ ଗୋଡ଼ିଆ ଜୀବ । କେଇଟା ଦୁଇ ଗୋଡ଼ିଆ ଜନ୍ତୁ ସେ କ୍ଷେତରେ କଣ କାମ କରୁଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ପଲକ ନମାରି ଆଇକୁ ହୁରି ଛାଡ଼ିଲା । "ଆଇ ! ଆସିଲୁ ଦେଖିଲୁ ଏଇଗୁଡା କିଏ ? ଆଇ ପାଖକୁ ଟିକେ ଚାଲି ଆସି କହିଲା "ଆଲୋ ... ଏମାନେ ପା ହେଲେ ମଣିଷ । ଏଇ ଭୂମିଟା ଈଶ୍ୱରଦତ୍ତ ହେଇପାରେ । ହେଲେ ଯୋଉ ତା'ର ଶସ୍ୟ ଶ୍ୟାମଳା ରୂପଟା ଏହି ମଣିଷ ଦତ୍ତ " । ମଣିଷ । ସେ ଦିନ ଯୋଉ ମଣିଷ ଜନ୍ମ କଥା କହୁଥିଲୁ ସେଇ ମଣିଷ କି ?" ପଚାରିଲା ଚଞ୍ଚଳା ।

ଆଇ କହିଲା" ହଁ ସେଇ ମଣିଷ । ବ୍ରହ୍ମଦେବଙ୍କର ଚୌରାଅଶି କୋଟି ପ୍ରାଣୀଙ୍କ ସୃଷ୍ଟି ମଧ୍ୟରୁ ଭିନ୍ନ ପ୍ରାଣୀ ହେଉଛି ଏହି ମାନବ । ଏମାନେ ହେଲେ ସୃଷ୍ଟିର ସର୍ବ ଶ୍ରେଷ୍ଠ ପ୍ରାଣୀ । ଏମାନଙ୍କ ପରି ଆମ ସବୁ ପ୍ରାଣୀଙ୍କର କ୍ଷୁଧା, ନିଦ୍ରା, ମୈଥୁନ, ପ୍ରାଣ ଅଛି । ଜନ୍ମମୃତ୍ୟୁ ଚକ୍ରରେ ଏମାନେ ମଧ୍ୟ ଆମଭଳି ଗତି କରନ୍ତି । ଏମାନଙ୍କ ଭଳି ଶରୀରରେ ବ୍ୟଥା ମଧ୍ୟ ଅନ୍ୟ ପ୍ରାଣୀ ଅନୁଭବ କରନ୍ତି । ହେଲେ ଅନ୍ୟ ସବୁ ପ୍ରାଣୀଙ୍କ ଠାରୁ ଏମାନେ ଉଚ୍ଚ କାହିଁକି ଅଟନ୍ତି ଜାଣିଛୁ ? କାହିଁକି ନା, ଏହି ବିଶେଷ ପ୍ରାଣୀଙ୍କର ଏକ ବିଶେଷ ଗୁଣ ଅଛି । ତାହା ହେଲା ଜ୍ଞାନକୋଷ । ଏହି ଜ୍ଞାନକୋଷ ଏମାନଙ୍କୁ ଦିଏ ବିଶେଷ ଶକ୍ତି । ଆଉ ସେଇଟା ହେଲା ବିବେକ ଶକ୍ତି, ବିଚାର ଶକ୍ତି । ଏହି ବିବେକ ଶକ୍ତି ପ୍ରଭେଦ କରି ପାରେ ସତ୍ୟଅସତ୍ୟର, କର୍ମ, ଅକର୍ମର, ନ୍ୟାୟ ଅନ୍ୟାୟର । ଆଉ ପରିସ୍ଥିତି ଅନୁଯାଇ କୋଉଟା ଠିକ ଓ କୋଉଟା ଭୁଲ, ତା'ର ବିଚାର ଏଇ ବିବେକ ଥିଲେ ହେଇପାରିବ । ସଭ୍ୟତା, ସଂସ୍କୃତି ଓ ସଂସ୍କାରର ଏମାନେ ମୂଳଧାରା । ମାନବିକତା ଏହି ମାନବଙ୍କର ଅଳଙ୍କାର ।

"ଆଲୋ ଆଇ ତୁ ଏତେ କଥା କେମିତି ଜାଣିଲୁ ?" ଭାବମନା ହେଇ ବୃଦ୍ଧା ଆଇ ଟି ଅତି ସ୍ନେହରେ ଚଞ୍ଚଳାର ପିଠିରେ ଶୁଣ୍ଢଟିକୁ ବୁଲାଇ ପାହାଡ ଆଡକୁ ହାତ ଠାରି ଦେଖେଇଲା ସେ ପାହାଡ କୋଳର ଗୁମ୍ଫାକୁ । ଗୁମ୍ଫା ଆଗରେ ବିରାଟକାୟ ଓସ୍ତ ଗଛ । ଗଛମୂଳେ ମୂର୍ତ୍ତିଟିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସି ତାଙ୍କ ଶିଷ୍ୟମାନଙ୍କୁ ଜ୍ଞାନ ବାଣ୍ଟନ୍ତି । ସବୁଦିନ  ସେଇଠି ପାଠଶାଳା ଚାଲେ ।

ଆଇ କହିଲା" ଦିନକର କଥା । ଯାଇଥିଲି ଚରିବାକୁ । ଠିକ୍ ସେତେବେଳକୁ ପାଠଶାଳା ଚାଲିଥିଲା ।  ପାଖଗଛରୁ ମୁଁ ଡାଳ ଭାଙ୍ଗି ଖାଉଥିଲି ।     ଋଷି  ମହାତ୍ମାଙ୍କ ସ୍ୱର   ମୋ କାନରେ ବାଜିଲା ।ତାଙ୍କ ବାଣୀରେ କି ଶକ୍ତି ଥିଲା କେଜାଣି ,  ମୁଁ  ତାଙ୍କ ପ୍ରବଚନକୁ ଟାଣି ହେଇଗଲି । ସେ ତାଙ୍କ ଶିଷ୍ୟ ମାନଙ୍କୁ କହିଲେ "ଆଜି ମୁଁ ଦର୍ଶନ ଶାସ୍ତ୍ର  ପଢ଼ାଇବାକୁ ଯାଉଛି । ଆଧ୍ୟାତ୍ମିକ ଚେତନା ବିଷୟରେ ମଧ୍ୟ କିଛି କହିବି ।  ସୂକ୍ଷ୍ମ ବିଷୟ । ଟିକେ କଷ୍ଟ ହେଇପାରେ ବୁଝିବାକୁ । ଧ୍ୟାନ ଦେଇ ଶୁଣ ଆଉ  ବୁଝିବାକୁ ଚେଷ୍ଟା କର ।"  କି  ସୁନ୍ଦର ସହଜ କରି ବୁଝେଇ ଦେଉଥିଲେ ମ । ତାଙ୍କରି ବାଣୀକୁ ତ ମୁଁ ତୋତେ କହୁଛି ।"

"ଆଉ  କଣ କହୁଥିଲେ ଆଇ "?  ଆଖି ତରାଟି ପଚାରିଲା ଚଞ୍ଚଳା । "ହଉ ଶୁଣୁ ଆଉ କଣ କହୁଥିଲେ"  । କହିଲା ଆଇ ।" ପୂର୍ବ ଜନ୍ମର  କର୍ମଫଳ ଅନୁଯାଇ  ପ୍ରାଣୀର ଜନ୍ମ ନିର୍ଧାରିତ ହୁଏ ।   ମଣିଷ ଜନ୍ମ ଏକ ସୌଭାଗ୍ୟପୂର୍ଣ୍ଣ ଜନ୍ମ ।ଏହି ଜନ୍ମରେ ହିଁ ମୋକ୍ଷ ପ୍ରାପ୍ତିର ସମ୍ଭାବନା ଅଛି । ଆତ୍ମଜ୍ଞାନର ଜିଜ୍ଞାସା   ଏହି ମଣିଷଙ୍କ ପାଖରେ ଅଛି  । ଆତ୍ମଜ୍ଞାନର ଜିଜ୍ଞାସାରେ ମଣିଷ ପହଞ୍ଚେ  ଆଧ୍ୟାତ୍ମିକତାର ସୋପାନରେ । ସେ ଯାତ୍ରା ଅତି ସୁମଧୁର । ଯେତେ ଆଗକୁ ଯାଉଥିବ  ମନର  ମଇଳା ସେତେ  ସଫା ହେଇ ଯାଉଥାଏ ।

ଯେତେ ମନରେ ଭରି ରହିଥିବା ନକରାତ୍ମକର ମଇଳା ବାହାରୁ ଥାଏ ସେତେ ମନ ସକାରାତ୍ମକରେ  ଭରି ଉଠେ । ଚିତ୍ତ ଶୁଦ୍ଧି ହେଉଥାଏ ।  ଯେତେ   ଚିତ୍ତ ଶୁଦ୍ଧି ହୁଏ,ସେତେ ମନୁଷ୍ୟତ୍ୱର ବିକାଶ ହୁଏ ।ଚିତ୍ତଶୁଦ୍ଧିର ଉଜ୍ଜ୍ୱଳ ରଶ୍ମିରେ ଅଜ୍ଞାନ ରୂପକ ଅନ୍ଧାର  ମିଟିଯାଏ । ଜ୍ଞାନର ଆଲୋକ ବୁଦ୍ଧି ବିବେକକୁ ଆଲୋକିତ କରେ ।ସେ ବୁଝି ପାରେ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ।ସେ ବୁଝି ପାରେ ମୋକ୍ଷ ପ୍ରାପ୍ତି ହିଁ  ମନୁଷ୍ୟ ଜନ୍ମର ଲକ୍ଷ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ମିଟି ମିଟି କରି ଚଞ୍ଚଳା ପଚାରିଲା "ମୋକ୍ଷ ମାନେ ?""ମୁଁ ତୋତେ ବୁଝେଇ ତ ପାରିବିନି । ହେଲେ ସେ ମହର୍ଷି ଯାହା କହୁଥିଲେ ମୁଁ ତୋତେ କହୁଛି । ଶୁଣୁ" ଆଇ ଉତ୍ତର ଦେଲା ।

"ଜନ୍ମ ଆଉ ମୃତ୍ୟୁ ପ୍ରାଣୀର ଅବିରାମ ଚକ୍ର । ଜନ୍ମ ମୃତ୍ୟୁ ଅବିଛେଦ ଚକ୍ରରୁ ଓହରି ଆସିବା ହିଁ ମୋକ୍ଷର ପରିଭାଷା । ମଣିଷ ଜୀବନ ରେ ସୁଖ ଦୁଃଖ ଲାଗିରହିଥାଏ । ଗୋଟିଏ ହେଲା ଚକ ତ ଆରଟି ଅଖ । ସୁଖ ସାଙ୍ଗକୁ ଦୁଃଖ ବି କ୍ଷଣସ୍ଥାୟୀ ।ସୁଖରୁ ମିଳେ ତୃପ୍ତି । ଆଉ ଦୁଃଖ ରୁ ଅତୃପ୍ତି । ତୃପ୍ତି ରୁ ଅତୃପ୍ତି ଆଉ ଅତୃପ୍ତିରୁ ତୃପ୍ତି ରେ ମଣିଷ ଘାଣ୍ଟି ହେଉଥାଏ । ସେଇ ଘଣ୍ଟା ଚକଟା ଭଉଁରୀ ରୁ ମୁକୁଳିବାକୁ କହନ୍ତି ମୋକ୍ଷ ।

ଯିଏ ଆତ୍ମ ଚେତନା ଉପରେ ଚିନ୍ତା କରନ୍ତି ତା'ର ବୁଦ୍ଧି ବିବେକ ବିକଶିତ ହୁଏ । ଆଉ ନିଜ ବୁଦ୍ଧି ବିବେକ ଦ୍‌ୱାରା କ୍ଷଣସ୍ଥାୟୀ ଆଉ ଚିରସ୍ଥାୟୀ ର ପ୍ରଭେଦ ବୁଝିପାରେ । ବୁଝିପାରେ ନିତ୍ୟ ଓ ଅନିତ୍ୟର ପ୍ରଭେଦ ।ସେ ବୁଝି ପାରେ ଯେ ଆତ୍ମା ହିଁ ଚିରସ୍ଥାୟୀ । ସେଇ ଚିରସ୍ଥାୟୀ ଆତ୍ମା ସାଙ୍ଗରେ ସାକ୍ଷାତକାର ହିଁ ମୋକ୍ଷ ର ଅନ୍ୟ ନାମ ।

ଚିତ୍ତଶୁଦ୍ଧି ଦ୍‌ୱାରା ଆତ୍ମଦର୍ପଣ ରେ ଲାଗିଥିବା ନକାରାତ୍ମକ ର ବହଳିଆ ଦାଗ ଗୁଡା ବାହାରି ଯାଏ । ଆତ୍ମଦର୍ପଣ ଉଜ୍ଜ୍ୱଳରେ ଚମକ ମାରେ ।ସେ ଆତ୍ମଦର୍ପଣରେ ସେ ପରମତ୍ମାଙ୍କ ଛବିକୁ ଦେଖେ । ଆତ୍ମାର ସ୍ୱରୂପକୁ ଦେଖେ ଯାହା ସଦା ଆନନ୍ଦ ମୟ - ସତ୍-ଚିତ୍ତ-ଆନନ୍ଦ । ସଚ୍ଚିଦାନନ୍ଦ ।ପରମାତ୍ମରେ ଆତ୍ମାକୁ ଆଉ ଆତ୍ମାରେ ପରମାତ୍ମାକୁ ଦେଖିବାରେ କି ଆନନ୍ଦ । ସେ ପରମ ଆନନ୍ଦର ଆତ୍ମା ପରା ପରମାନନ୍ଦ । ସେହି ପରମାନନ୍ଦଙ୍କୁ ପାଇବା ତ ହିଁ ମୋକ୍ଷ ।

"ବାସ୍ ବାସ୍ । ଆଜି ଏତିକି ଥାଉ ।ଆଉ ମୋ ମୁଣ୍ଡରେ କିଛି ପଶୁନି । ହେଲେ ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ସବୁଦିନ ସେହି ଋଷିଙ୍କରଏହି ବାଣୀ  ଶୁଣେଇବୁ ।ଶୁଣି ଶୁଣି କି ମୋ ମୁଣ୍ଡରେ ଯଦି କିଛି ପଶିଲା ମୁଁ ସେ କଥା ପ୍ରାଞ୍ଜଳ ଭାବେ ବୁଝିପାରିବି ।

"ହେଲେ ଏବେ ମୁଁ ଗୋଟେ କଥା ପଚାରୁଛି । ତୁ କହ " କହିଲା ଚଞ୍ଚଳା ।

" ସବୁ ମଣିଷଙ୍କ  ପାଖରେ  କଣ ବିବେକ ଅଛି ?

ଧର୍ମ, ଅଧର୍ମ, ନ୍ୟାୟ୍ ଅନ୍ୟାୟ୍, ସତ୍ୟ ଅସତ୍ୟର ପ୍ରଭେଦ କଣ ସବୁ ମଣିଷ କରିପାରନ୍ତି ?

ମନୁଷ୍ୟତା କଣ ସବୁ ମଣିଷଙ୍କ ଅଳଙ୍କାର ? ମଣିଷ ଭିତରେ ଜମା ବି ପଶୁତ୍ୱ ନାହିଁ ? ପଶୁତ୍ୱ ଆଉ ମଣିଷତ୍ୱର ମାପଦଣ୍ଡ କଣ ?

ଆଈ ପାଟି ଖୋଲୁଥିଲା କିଛି କହିବାକୁ ।ତା ପାଟି ଖୋଲିବା ପୂର୍ବରୁ ଚଞ୍ଚଳା ପୁଣି ପ୍ରଶ୍ନମୁଣିରୁ ବାହାରିକଲା ଆଉ ଦୁଇଚାରିଟା ପ୍ରଶ୍ନବାଣ ।

ହଁ ତୁ ଯୋଉ ମୋକ୍ଷ କଥା କହୁଥିଲୁ । ମୋକ୍ଷ ପ୍ରାପ୍ତି ପାଇଁ କଣ ମାନବ ଜନ୍ମ ନବାକୁ  ହିଁ ପଡିବ ? ସବୁ ମଣିଷ କଣ ଆତ୍ମ ଜ୍ଞାନ ପାଇବାକୁ  ଆଗ୍ରହ କରନ୍ତି" ?

ପ୍ରଶ୍ନବାଣରେ  ଜର୍ଜରିତ ହେଇଯାଇଥିଲା ତା ବୟୋଜ୍ୟେଷ୍ଠା ଆଈ ।ପ୍ରଶ୍ନ ଗୁଡ଼ିକତ ମୌଳିକ ଥିଲା ।ହେଲେ ସେ  ପ୍ରଶ୍ନର ଉତ୍ତର ତା ଆଈ ପାଖରେ ନଥିଲା

ତା ଶୁଣ୍ଢଟିକୁ ନାତୁଣୀ ଶୁଣ୍ଢରେ ଆଉଁସି ଆଣି କହିଲା  "କେତେ ପ୍ରଶ୍ନ ତୋ ଭିତରେ ରଖିଛୁ କହିଲୁ ? ହେଲେ  ମୁଁ କୁଆଡୁ ଆଣିବି ସେ  ଉତ୍ତର  । କାରଣ ସେଦିନ ସେଇଠି ହିଁ ଋଷିଙ୍କ  ପ୍ରବଚନ ସରିଯାଇଥିଲା" ।

ପୁଣି  ହସି ହସି କହିଲା ,"ଆମ  ହାତୀଗୁଡାଙ୍କ ପାଖରେ ଯଦି  ବୁଦ୍ଧି ,ବିବେକ ଥାନ୍ତା ତେବେ ମୁଁ ନିତି ଦଉଡ଼ି ନଥାନ୍ତି  ସେଇ ଋଷିଙ୍କ ପ୍ରବଚନ ଶୁଣିବାକୁ  ?  ଆମେ ହେଲେ ଗଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ପାଠ ପଢି ଆମର କଣ ହେବ ? ଆମର ପେଟ ଭଲ ତା ଆମେ ଭଲ ।କୋଉଠୁ ଭଲ ଖାଇବା ମିଳିବ ସେଆଡେ ଚାଲ । ସେଇ ଗୋଟେ ଅଧ୍ୟାୟରେ ମୋର ପାଠ ଆରମ୍ଭ ଆଉ ସେଇଠି ଇତି । ତୁ ଯାହା ପଚାରୁଚୁ ମୁଁ କୁଆଡ଼େ ସେ ଉତ୍ତର ପାଇବି ?ତୋ ଉତ୍ତରତ ସେ ମଣିଷ ଦେଇ ପାରିବେ" ।

ପୁଣି ଟାପରା କଲା ଭଳିଆ କହିଲା " ତୋର ଏତେ ପ୍ରଶ୍ନ କଣ ପାଇଁ ? ତୁ କଣ ସିଧା ମଣିଷ ହେଇଯିବୁ ? ତୁ କ'ଣ ନିର୍ବାଣଟା ପାଇଯିବୁ ? ଛାଡେ ସେ ମଣିଷଙ୍କ କଥା । ଉଚ୍ଚ ପ୍ରାଣୀ ସେମାନେ ।ଆମେ ଯୋଉଠି ଅଛନ୍ତି ସେଇଠି ରହିବା । କାହିଁ ତରତର ହେବା ? ଯେତେ ଯୁଗ ଲାଗୁଛି ଲାଗୁ ସେ ଉଚ୍ଚ ପ୍ରାଣୀ ବନିବାକୁ । ପେଟ ପୁରେଇ ଧାନ କେଣ୍ଡା ଚୋବା ।ପାଟିରେ ସପୁରିଟେ ପକା ।"ଏମିତି ସବୁ କଥାଟା କହି ଆଇ ପରିବେଶ କୁ ଟିକେ ହାଲୁକା କରିଦେଲା

ମାତ୍ର ଚଂଚଳା ସେହି ପ୍ରଶ୍ନ ଗୁଡ଼ିକର ଓଜନ ଧରି ମନକୁ ଓଜନିଆ କରି ଦେଇଥିଲା । କାହିଁ କେଜାଣି ମନୁଷ୍ୟ ଜନ୍ମ ପାଇଁ ତା ମନରେ ଇଚ୍ଛା ଜାଗରିତ ହେଇଯାଉଥିଲା ।ଆକର୍ଷିତ ହେଇଯାଇଥିଲା ବୁଦ୍ଧି , ଜ୍ଞାନ ବିଜ୍ଞାନରେ ସଶସ୍ତ୍ର ମାନବଙ୍କୁ । ମାନବଙ୍କର ମାନବିକତାକୁ ।

ଆକର୍ଷଣ ଅବା ପ୍ରଲୋଭନ ? ତା'ର ଅର୍ଥ କେବଳ ସମୟ ହିଁ ବ୍ୟାଖ୍ୟା କରିପାରିବ । ହେଲେ ମାନବିକତାର ସଂଜ୍ଞାର ସ୍ପଷ୍ଟୀକରଣ ହେଇପାରେ । ସ୍ନେହ, ପ୍ରେମ, ସହନଶୀଳତା, ଦୟା କ୍ଷମା ତ ମାନବିକତାର ମୌଳିକ ଗୁଣ । ନ୍ୟାୟ, ଧର୍ମ ତ ମାନବିକତାର ଆଧାର । ସେହି ମାନବିକତାର ଅଳଙ୍କାରରେ ଅଳଙ୍କୃତ ହେଇଥିବା ମାନବ ହିଁ ନିର୍ବାଣପ୍ରାପ୍ତିର ସୁଯୋଗ ପାଇଥାଏ । ସେଇ ମାନବିକତାକୁ ଅନୁଭବ କରିବାକୁ ଚଞ୍ଚଳାର ମନ ଦୀପ ଭଳି ଜଳି

Magazine Downloaded from www.aahwaan.com

ଉଠୁଥିଲା ।

"ଚାଲେ ଘରକୁ ଯିବା । କେତେ ବେଳୁ ଖାଇଲୁଣି" ।ଆଇ ତା'ର ଶୁଣ୍ଡରେ ଚଞ୍ଚଳାକୁ ଭିଡି ନେଲା ।

ଦିନ ଗଡି ଚାଲିଲା । ପେଟରେ ଥାଇ ଚଗୁଲୁ ବଢ଼ିଚାଲୁଥାଏ । ଚଗୁଲୁ ଯେତେ ବଢୁଥାଏ ତା ମାତୃତ୍ୱର ମୋହ ସେତେ ଜମାଟ ବାନ୍ଧୁ ଥାଏ ।ତା ଗୋଇଠାମାଡର ଜୋର ଦିନକୁ ଦିନ ବଢୁଥାଏ । ଆଉ ସେ ଏମିତି ବେହେଲ ହେଇଯାଇଥିଲା ଯେ ,ଦିନେ ଗୋଇଠାମାଡ଼ ନପଡ଼ିଲେ ସତେଯେମିତି ତା ନିଃଶ୍ୱାସ ବନ୍ଦ ହେଇଗଲା କି । ତା ଖନି ଖନି କଥାକୁ କାନେଇ କାନେଇ ତା ଭାଷା ବି ବୁଝିଗଲାଣି ଏବେ । ଚଞ୍ଚଳାର ଦୁନିଆ ତା ଚଗୁଲୁ ପାଖରେ ସୀମିତ ।ଚଗୁଲୁର ପରିପୋଷଣ ହିଁ ତାର ଏକ ମାତ୍ର କାମ । ପ୍ରତିଟି ଖାଦ୍ୟ ତାର ଚଗୁଲୁ କୁ ସମର୍ପିତ ଥିଲା । ନିଜର ଆଉ ରୁଚି ଅରୁଚି ନଥିଲା । ଚଗୁଲୁର ରୁଚି ଅରୁଚି ଭିତରେ ତା'ର ରୁଚି ଅରୁଚି ନିର୍ଲିପ୍ତ ହେଇଥିଲା । କଅଁଳିଆ ପତ୍ର ଦେଖି ଦେଖି ଛିଡାଇଲା ବେଳେ ଗଛକୁ କହୁଥିଲା " କ୍ଷମା କରଦେ ଭଉଣୀ.. ମୁଁ ତୋ କଅଁଳିଆ ପତ୍ର ଛିଡାଇ ଦେଉଛି ।ମୋ ପାଇଁ ନୁହେଁ, ମୋ ଚଗଲା ପାଇଁ ମ ।ତୁ ଏଇ ସୂରୁଜକୁ ଚାହିଁଦେବୁ ପୁଣି ପତର କଅଁଳିଯିବ ।

ଖୋଜି ଖୋଜି ବଣରୁ କୋଉଠି ଫଳଟିଏ ଦେଖଲା ତାକୁ ଆଣିବାକୁ ଶୁଣ୍ଢ ବଢାଇଲା ।ପାଟିରେ ଶୁଣ୍ଢିକୁ ପୁରାଇଲା ପରେ ଶୁଣ୍ଢିକୁ ଆଣିକି ପେଟରେ ଆଉଁସି ଦେବାଟା ତାର ଯେମିତି ଅଭ୍ୟାସଗତ ବେମାରି କି ଆଉ । ଆଉଁସିବା ବେଳେ ପଚାରିବାକୁ କେବେ ବି ଭୁଲେନି ଖାଇଲୁ ? ଭଲ ଲାଗିଲା ? " ତାର ଶୁଣ୍ଢ ପାଉଥିବା ବଣର ସବୁ ଫଳ ତା ଚଗୁଲୁକୁ ଚଖେଇ ସାରିଲାଣି ।ଦିନକର କଥା । ଗୋଟେ ସପୁରୀଟେ ଟାଣିଆଣି ପାଟିରେ ପୁରେଇଲା । ସବୁଦିନ ପରି ଚଗୁଲୁକୁ ପଚାରିଲା "ବାବା ଖାଇଲୁ" ? ସଂଗେ ସଂଗେ ଚଗୁଲୁ କହିଲା "ହଁ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମା ବଢିଆ ଲାଗୁଚି ।ଏଇଟା କଣ ? ମୁଁ ଆଉ ଖାଇବି" । ଚଗୁଲୁ ପାଖରୁ ଏଇ କଥା ଶୁଣି ପୁରା ସପୁରୀ ଗଛକୁ ଲଣ୍ଡା କରିଦେଲା ।ଖାଲି ଗୋଟେ ଗଛ ନୁହେଁ, ପାଖ ଆଖରେ ଦୁଇ ଚାରିଟା ଗଛ ଥିଲା ତାକୁ ବି ଲଣ୍ଡା କରିଦେଲା ।

ସପୁରୀ ଗଛଟି ନିଜର ଏହି ଅବସ୍ଥା ଦେଖି ଚିଡିଗଲା । ଆଉ କହିଲା " ମୁଁ ବଣୁଆ ସପୁରୀ ବେଶୀ ହାତ ମେଲେଇ ପାରୁନି । ବେଳେ ବେଳେ ବଡ ଗଛ ମୋତେ ଆଢୁଆଳ କରିଦେଉଛନ୍ତି । ମୁଁ ଠିକ ସେ ବି ଉଧେଇପାରୁନି । ସେଥିରେ ବି ମୋତେ ଲଙ୍ଗଳା କରିଦେଲୁ ।ହେଲେ ମଣିଷ ଗୁଡା ମୋତେ ଖୁବ ଯତ୍ନ ନେଇ ବଢ଼େଇଥାନ୍ତି । ମୁଁ ଖୁବ ଆନନ୍ଦରେ ବଢେ ସେମାନଙ୍କ ପାଖରେ ।ହେଲେ ମଣିଷ ମାନଙ୍କ କିଆରୀରେ ବଢୁଥିବା ମୋ ବଂଶଧରଙ୍କ ପାଖରୁ ଗୋଟେ ସପୁରୀ ଛଡ଼େଇ ଦେଖିବୁତ ଜାଣିବୁ ପ୍ରଲୋଭନ ମାନେ କଣ ?ସପୁରୀ ଗଛରୁ ଏମିତିକା ଗୋଟେ କଥା ଶୁଣି କହିଲା"ଏପଟେ କହୁଛୁ ମଣିଷ ତୋର କେତେ ଯତ୍ନ ନେଉଛନ୍ତି ସେପଟେ କହୁଛୁ କଣ ନା ପ୍ରଲୋଭନ ।ତୋତେ ତ ମୁଁ ଲଣ୍ଡା କରିଦେଲି , ସେଥିପାଇଁ ତୋ ମୁଣ୍ଡ ଠିକ୍ ନାହିଁ । ମୋ ମନ ରେ ଆଉ ଦ୍ୱନ୍ଦ ପୁରାନା ।ତୁ ଏଠି ବସି ବକ ବକ କରୁଥ ମୁଁ ଚାଲିଲି ମଣିଷଙ୍କ ପାଖକୁ ।ସପୁରୀ ଗଛକୁ ଗୋଟେ ସରୁଚାପୁଡ଼ା ଟେ ପକାଇ ପଳାଇ ଆସିଲା ।

ସେ ବୁଦ୍ଧିହୀନ ଗଜ ମନ ଚହଲି ଉଠିଲା । ମନୁଷ୍ୟର ର ମନୁଷ୍ୟତ୍ୱ ଉପରେ ଏ କି ଲାଞ୍ଛନା ? ଆଈ ଶୁଣେଇଥିବା କଥାଗୁଡିକତ ତା ମୁଣ୍ଡ ରେ ଖୋଦି ହେଇଯାଇଥିଲା । ମନୁଷ୍ୟର ମନୁଷ୍ୟତାକୁ ଉପଲବ୍ଧି କରିବାକୁ ତା ମନ ଡେଣା ଧରିଲା । ମାନବ ପ୍ରତି ତା ବିଶ୍ୱାସରେ ଯୋଉ ଚାରା ବୁଣି ଥିଲା ତା ଦେହରେ ଦୋ ମୁହାଁ ପତର କଅଁଳି ଉଠିଲା । ମାନବ ପ୍ରତି ତା ବିଶ୍ୱାସ ସୁଦୃଢ ହେଇଯାଇଥିଲା । ଧୀରେ ଧୀରେ ପାଦ ପକେଇଲା ସେଇ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କ୍ଷେତଆଡକୁ , ଯେଉଁଠି ତାକୁ ତା ଆଇ ମଣିଷଙ୍କ ବିବେକ ବୁଦ୍ଧି ବିଷୟରେ ଗାଥା ଶୁଣେଇଥିଲା ।

ବହୁତ ସଂଜତରେ ଚାଲୁଥିଲା ସେ । ତା ଚଗୁଲୁ ଦେହରେ ଟିକେ ଖରୋଚ ଆଣିବାକୁ ବି ଚାହୁଁନଥିଲା । ମମତାର ଶଗଡ଼ରେ ଚଗୁଲୁକୁ ଝୁଲେଇ ଝୁଲେଇ ନେବାର ସେ କି ଅନୁପମ ଦୃଶ୍ୟ ।କବି କଲମରୁ ସ୍ୟାହି ସରି ଯିବ, କାଗଜରେ ଫର୍ଦ୍ଦ ରହିବନି,ଭାଷା ପାଇଁ ଶବ୍ଦ କମିଯିବ ସେ ଦୃଶ୍ୟକୁ ବର୍ଣ୍ଣନା କରିବାକୁ ଗଲେ ।ଚଞ୍ଚଳା ଛଡ଼ା ଚଗୁଲୁର କିରି କିରି ହସକୁ ଅବା ତା ଖନି ଖନି କଥାକୁ କେହି ଶୁଣି ପାରୁନଥିଲେ ।ମଝିରେ ମଝିରେ ଚଗୁଲୁକୁ ଗେଲ କରିବାକୁ ଶୁଣ୍ଢଟାକୁ ପେଟ ରେ ଲଗେଇଦେଉଥିଲା ।

ଚଗୁଲୁ ପଚାରିଲା "ମା ଆମେ କୁଆଡ଼େ ଯାଉଛନ୍ତି ? କେତେ ବାଟ ଆଉ ରହିଲା ?"ଚଞ୍ଚଳା କହିଲା "ଆମେ ପରା ମଣିଷ ରାଇଜକୁ ଯାଉଛନ୍ତି ।ରହ କେତେ କଣ ଖାଇବୁ ।ସପୁରୀ ଉପରେ ସପୁରୀ ଖାଇବୁ ।ତା ସାଙ୍ଗକୁ ଆହୁରି କେତେ ଫଳ ଖାଇବୁ ।ମଣିଷଙ୍କ ପାଖରେ ବହୁତ ବୁଦ୍ଧି ଅଛି ।ସେମାନେ ପୁରା ପ୍ରକୃତି ରାଣୀକୁ ଫୁଲ ଫଳରେ ସଜେଇ ଦିଅନ୍ତି । ମଣିଷଙ୍କ କଥା ତୋତେ ଶୁଣେଇବି । ତାଙ୍କ ବିଚାର ବୁଦ୍ଧି ବିଷୟରେ ମୁଁ ତୋତେ ଶିକ୍ଷା ଦେବି ।ଆଗ ଜନ୍ମରେ ତୁ ଆଉ ବୁଦ୍ଧିହୀନ ଗଜ ପରିବାରରେ ଜନ୍ମ ହେବୁନି ।ଆଉ ଖାଲି ଗଛ ଡାଳ ଅନେଇ ବସିବୁନି । ଖାଇ ଖାଇ ପେଟ ବଢେଇବୁନି ।ମଣିଷ ଜନ୍ମ ନେଇ ନୂଆ ନୂଆ କଥା ଆବିଷ୍କାର କରିବୁ । ବିଜ୍ଞାନ କୈଶଳ ଶିଖିବୁ । ନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଆମ ଭଳି ଜୀବ ଜନ୍ତୁଙ୍କର ମଙ୍ଗଳ କରିବୁ । ।

ଚବୁଲୁ ସାଙ୍ଗରେ ଗପି ଗପି ଛୋଟ ନଈଟା ପାରହେଇ କେତେବଳେ ସେ ସବୁଜ କ୍ଷେତ ପାଖରେ ପହଞ୍ଚି ଗଲା ସେ ନିଜେ ବି ଜାଣି ପଡ଼ିଲା ନାହିଁ ।ପାଖରେ ଦୁଇଟା ବଣୁଆ ଘୁଷୁରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୋଉଠି ଥିଲେ କେଜାଣି ଦଉଡ଼ି ଆସି ତା ବାଟ ଛେକି ଦେଲେ ।ଫସଲ ଖାଇବାକୁ ଯାଉଛୁ ? ଅତି ସୁନ୍ଦର । ମଣିଷଙ୍କ ହାତ ଲାଗିକି ଫସଲଗୁଡା ମୋଟେଇ ସୋଟେଇ ଯାଇଛନ୍ତି । ଯା ପେଟ ଭାରି ଖା । ପୁଣି କ'ଣ ଭାବିଲା କେଜାଣି ତାଚ୍ଛଲ୍ୟ କଣ୍ଠରେ ତା ନାକ ଟେକି ଟେକି କହିଲା ଖା ।ଖା । ଅଖା ଧୋଉଥିବୁ ।ଗୁଣ ଗାଉଥିବୁ । ଘୁଷୁରି କଥା ଶୁଣି ତାକୁ ଲାଗିଲା ଏଟା ର କଣ ଯୋଗ୍ୟତା ଅଛି ଯେ ସେ ମଣିଷଙ୍କ ଉପରେ ଲାଞ୍ଛନା ଦେଉଛି ।ବେକାର ଟା ରେ ତା ମନ ରେ ଦ୍ୱନ୍ଦ ଆଣୁଛି ।

ଚଞ୍ଚଳା କହିଲା "କଣ ବକୁଛୁ ?"ଘୁଷୁରି ଘୁଡୁ ଘୁଡୁ ହେଇ କହିଲା"ସାବଧାନ ! ଛଳିଆ ମଣିଷ ଗୁଡ଼ାଙ୍କର ସ୍ୱାର୍ଥରେ ବାଧା ଆସିଲେ ସେ କାହାର ନୁହଁନ୍ତି । ତୋ ପାଖରେ ବଳ ଥିଲେ ମଣିଷଙ୍କ ପାଖରେ ଛଳ ଅଛି । ବଳିଆ ର ବଳ କୁଆଡ଼େ ହଜିଯିବ ଛଳିଆ ଙ୍କ ଛଳ ଭିତରେ ।ସେ ବଣୁଆ ଘୁଷୁରି କଥାଟା ଚଞ୍ଚଳାକୁ କେମିତି କେମିତି ଲାଗିଲା ।ନୀଚ ଜୀବ ତ ପୁଣି ଉଚ୍ଚ ଜୀବ ବିଷୟରେ ବିଶ୍ଳେଷଣ କରୁଛି । ଏଣୁ ତେଣୁ କହି ତା ବାଟ ଘେରୁଛି । ତା ଈର୍ଷା ଆଉ ଲୋଭଟା ପୁରା ଜଳ ଜଳ ହେଇ ଦେଖା ଯାଉଛି । ମୁରୁକେଇ ଦେଇ କ୍ଷେତରୁ କେରେ ଧାନ କେଣ୍ଡା ପୁରେଇଲା । ତା'ର ମନେ ପଡ଼ିଗଲା ଚଗୁଲୁ ପାଇଁ କିଛି ମିଠା ଫଳ ତୋଳିବା ପାଇଁ ।କଦଳୀ ଗଛରେ ଧାଡ଼ି ଧାଡ଼ି କଦଳୀ କାନ୍ଧି ଝୁଲୁଥିଲା । ଶୁଣ୍ଢ ବଢେଇଦେଲା କାନ୍ଧି ଆଡ଼କୁ ।

କ୍ଷେତ ମଝିରେ ବାଉଁଶ ରେ ବନ୍ଧା ଛଣ କୁଟା ଛାତର କୁଡିଆଟେ ଥିଲା ।ସେଇ ଘରେ ବସି ଦୁଇ ଚାରିଜଣ ଲୋକ ତାସ ଖେଳୁଥିଲେ ।ଆଉ ଦୁଇଜଣ ମୋବାଇଲରେ କଣ ଦେଖିକି ହସା ହସି ହେଉଥିଲେ ।ପୁଣି ଜଣେ ମୋବାଇଲରେ କେତେ ବେଳେ କ୍ଷେତର ଫଟୋ ନେଉଥିଲା ତ କେତେବେଳେ ତା ସେଲ୍ଫି ।ଚଞ୍ଚଳାକୁ ଦେଖି ଲୋକଗୁଡା ଦଉଡ଼ି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଳେଇ ଗଲେ ।

ଚଞ୍ଚଳା ଆଖି ଟେରେଇ ଦେଖିଲା ଗଛ ଆଢୁଆଳରେ ଲୋକ ଗୁଡା ଲୁଚି କି ବସିଛନ୍ତି । ସେ ମନେ ମନେ ଭାବିଲା ତା ମୋଟା ଚେହେରାକୁ ଦେଖି ଲୋକ ଗୁଡା ଡରିଗଲେ ।କହିଲା "ମୋତେ ଦେଖି ଡରୁଛ କି ? ମୁଁ ତୁମର କଣ କରିବି ? ତୁମେ ପରା ମୋ ସାଙ୍ଗ । ପୁଣି ମୋ ପାଇଁ କେତେ ଖାଇବା ରଖିଛ ।

ସେ ଖୁସିରେ ଆଉ ଦୁଇଚାରିଟା କଦଳୀ କାନ୍ଧି ଭାଙ୍ଗି ପକାଇଲା ।ଆଉ ଚଗୁଲୁକୁ କହିଲା ଦେଖ ଚଗୁଲୁ ତୋ ପାଇଁ କେମିତି ଏ ମଣିଷଗୁଡା କଦଳୀ ବଣ ବନାଇଛନ୍ତି । ଏହି ବୁଦ୍ଧିଆ ମଣିଷଗୁଡା ଜାଣିଛନ୍ତି ଯେ ମୁଁ ଏକା ଖାଉନି ,ମୋ ସାଙ୍ଗରେ ତୁ ବି ଖାଉଚୁ । ଚଞ୍ଚଳାକୁ ଲାଗିଲା ଯେମିତି ସେ ସ୍ୱପ୍ନ ରାଜ୍ୟର ନଇରେ କରୁଣା ଓ ପରୋପକାରର ଲେପ ନେଇ ସ୍ନାନ କରୁଛି ।

କିଛି ସମୟ ପରେ ତା କାନରେ ଲୋକ ମାନଙ୍କର ଫୁସୁରୁ ଫାସର ଶବ୍ଦ ଶୁଣା ଗଲା । ବଡ ଆଗ୍ରହ ର ସହ ତାଙ୍କ କଥାକୁ କାନେଇଲା ।ସେମାନେ କହୁଥିଲେ " ହାତୀ ଆସିଛି, ସବୁକିଛି ଯୋଗାଡ ହେଇଛି ତ, ପୁଣି ଆଉ ଗୋଟେ ସ୍ୱର ବି ତା କାନରେ ବାଜି ଉଠୁଥିଲା, ମୋବାଇଲ କେଉଁଠି ଭିଡିଓ କର ।

କଦଳୀ ଗଛରୁ ଯେମିତି ମୁହଁ ଫେରାଇଛି ସେମିତି ତା ନଜର ପଡିଗଲା ଚଗୁଲୁର ସେ ପ୍ରିୟ ସପୁରୀ ପାଖରେ । "ଆରେ ବାଃ ! କେତେ ସପୁରୀ ! ମଣିଷମାନେ ତା ପାଇଁ ସେ ସପୁରୀଗୁଡ଼ା ଖାଲି ତୋଳିକି ରଖିଦେଇଛନ୍ତି କି ଆଉ । ଭାବିଲା ଏଇ ଯୋଗାଡ଼ କଥା ବୋଧେ କହୁଥିଲେ ।କେତେ ଭଲ ତା ଖାଇବାରେ ଏତେ ଖୁସି ହେଉଛନ୍ତି ଯେ ଭିଡିଓ ନେବା ର ବ୍ୟବସ୍ଥା କରିଦେଲେଣି । ଥିଲେ କି ସବୁ ଯୋଗାଡ଼ ହେଲା ମନୁଷ୍ୟତାର ସ୍ପର୍ଶର


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଲୋଭନ ତାକୁ  ବିହ୍ୱୋଳିତ କରିଦେଇଥିଲା" ।

ଗୋଟିଏ ସପୁରୀ ଖାଇ ଖୁସିରେ ଶୁଣ୍ଢ ହଲାଇଦେଇଥିଲା । ତାପରେ ଆଉ ଗୋଟେ ସପୁରୀକୁ ଯେମିତି ପାଟିରେ ପୁରାଇଛି ହଠାତ୍ ଗୋଟେ ଢୋ କରି ଶବ୍ଦ ହେଲା । ଯେମିତି ଗୋଟେ ବିସ୍ଫୋଟକଟେ  ବିସ୍ଫୋରଣ ହେଲା କି ।  ଓଃ .... ଇଏ କଣ ତା ପାଟିରେ ନିଆଁ ଲାଗିଗଲା । .କି କଷ୍ଟ.... ।ଦେହ ମୁଣ୍ଡ  ଜଳି ଉଠୁଥିଲା । ତାର ବୁଦ୍ଧି ହଜିଗଲା  ।ସେ ଜାଣିପାରୁନଥିଲା କଣ ହୋଉଛି । ନିଆଁର ଧାସ ତା ପାଟିରୁ ଯାଇ ଶରୀରର ସବୁଆଡେ ମାଡିଯାଇଥିଲା  । ତାପରେ ହୁତୁ ହୁତୁ ହୋଇ ତା ଦେହଟା ଜଳିଉଠିଲା  । ତା ପେଟ ପାଖକୁ ଯେମିତି ନିଆଁ ଯାଇଛି, ଚଗୁଲୁ ଖୁବ୍ ଜୋରରେ ଚିଲେଇବାକୁ ଲାଗିଲା  । ମାଲୋ ମା  ତୁ କୋଇଠି ଅଛୁଲୋ ! ! ଦେହ ଜଳି ଯାଉଛି ମୋତେ ବଞ୍ଚା" ।

ତା ନିଜ ପୋଡ଼ାଜଳାର ଅସହନୀୟ ପୀଡ଼ାଠାରୁ ଚଗୁଲୁର ଚିତ୍କାର ତା ପାଇଁ  ଥିଲା ମର୍ମନ୍ତୁଦ  । କିଛି ସମୟ ପାଇଁ ସେ କିମ୍ କର୍ତ୍ତବ୍ୟ ବିମୂଢ ହେଇଯାଇଥିଲା । କୁଆଡୁ କଣ କରିବ ତାକୁ କିଛି ଜଣା ପଡନୁଥିଲା ।ପୋଡ଼ା ଦେହ ଖୋଜିଥିଲା  ପାଣି ମୁନ୍ଦେ  । ବିକଳ ହୋଇ ସେ ମଣିଷଗୁଡାଙ୍କ ଆଡେ ଚାହିଁଲା ।ଏ କଣ ଦେଖୁଛି ମଣିଷ ଗୁଡା ତାକୁ ଦେଖି ହସୁଛନ୍ତି । ତା ର ଏ  ଅବସ୍ଥାକୁ ଦେଖି ମଜା ନେଉଥିଲେ ?ଆଉ ଗୋଟେ ମୋବାଇଲରେ ଫଟୋ ଉଠେଉଥିଲା । ତା'ର ଏ ଯନ୍ତ୍ରଣାକୁ ଉପଭୋଗ କରୁଛନ୍ତି ?

ଠୋ ଠୋ  ହସ ସାଙ୍ଗକୁ ବଡ ପାଟିରେ ସେମାନେ ଯୋଉ କଥାବାର୍ତ୍ତା ହେଉଥିଲେ ତାହା ଶୁଣି ସେ ନିର୍ବାକ ଓ ବ୍ୟଥିତ ହୋଇଗଲା ।ତାଙ୍କ ସ୍ୱର ,ଶବ୍ଦ  ଆଉ ମର୍ମ ତାକୁ ସ୍ତବ୍ଧ କରି ଦେଲା ।ବାରମ୍ବାର ତା କାନରେ ସେ ଶବ୍ଦ ଗୁଡା  ବାଣ ପରି ବିନ୍ଧି ହେଇ ଯାଉଥିଲା । ସେମାନେ କଥା ବାର୍ତ୍ତା ହେଉଥିଲେ "ସପୁରୀ ଭିତରେ ବାଣଟା ଠିକ୍ କାମଦେଲା । ଠିକ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତୀ ପାଟିରେ ଫୁଟିଛି । ଆଉ ଦିନେ ଏଇ ଫସଲ ଖାଇବାକୁ ସାହସ କରିବେନି । ତା ଗୋଷ୍ଠୀ ବି ଆଉ ଏଠି ମାଟି ମାଡିବେନି ।....... ଭିଡିଓ କର....ହେଇ ଦେଖ ଦେଖ.... ହାତୀ କେମିତି ପାଗଳ ଭଳି ଘିରି ଘିରି ହୋଇ ବୁଲୁଛି ।ବାଣଟା ତା ପାଟିରେ ଏମିତି ଫୁଟିଲା ଯେ ସେ ବୋବାଇ ବି ପାରୁନି.... ହା ହା ହା,," ।

ଓଃ ! ! ତାଙ୍କର ସେ କଥୋପକଥନ ଯେମିତି ପୋଡ଼ା ଘା ରେ ଘିଅ ଢ଼ାଳୁ ଥାଏ । ତା ବିଶ୍ୱାସରେ ପୂର୍ଣ୍ଣାହୁତି ପଡ଼ିଗଲା । ଅଟ୍ଟହାସ୍ୟ ସାଙ୍ଗକୁ ସେ କ୍ରୁର କଥାର ତାକୁ ମର୍ମାହତ କରି ଦେଇଥିଲା । ତା ଦେହର ପୀଡ଼ା ସାଙ୍ଗକୁ ମଣିଷଙ୍କ ଛଳ ମିଶି ଏପରି ଏକ ଯନ୍ତ୍ରଣାର ନାଦ ଖେଳିଯାଉଥିଲା,ସେଇ ଧ୍ୱନିରେ ପ୍ରକୃତି ମା ମୂର୍ଚ୍ଛିତ ହେଇଗଲା ।

ଧରିତ୍ରୀ ମା'ର ପାଟିରୁ ଖାଲି ଏହି ଶବ୍ଦ ବାହାରିଲା "ହେ ନାରାୟଣ...ନାରାୟଣ.. "

ଜଳାଶୟର ଆଶ୍ରା ତା ପାଇଁ ଅପରିହାର୍ଯ୍ୟ ହେଇଯାଉଥିଲା । ପାଖ ନଈ ଆଡକୁ ଦୌଡିଲା ।ଜଳାଶୟ ଯେତେ ନିକଟ ହେଇ ଆସୁଥାଏ ମଣିଷଙ୍କ ସ୍ୱର ସେତେ ଅସ୍ପଷ୍ଟ ହେଇ ଆସୁଥାଏ ।ସେ ଅସ୍ପଷ୍ଟ ସ୍ୱରର ମର୍ମ ଲିପି ତା ହୃଦୟ ଶିଳାରେ ଖୋଦି ହେଇଯାଉଥିଲା ।

ସେ ଅସହ୍ୟ ଯନ୍ତ୍ରଣାକୁ ନେଇ ନଈ ଭିତରେ ପଶିଗଲା । ନଈର ପାଣି ଭିତରେ ଶୁଣ୍ଢଟାକୁ ପୁରାଇ ଠିଆ ହୋଇ ରହିଗଲା ।ନଦୀର ଥଣ୍ଡା ଜଳ ତା ଜଳା ଦେହକୁ ଟିକେ ଉପଶମ କରିଦେଇଥିଲା ହେଲେ ତା ହୃଦୟର ଅଗ୍ନିଶିଖା ଦାଉଦାଉ ହୋଇ ଜଳୁଥିଲା । ଚଗୁଲୁର ଯନ୍ତ୍ରଣାଜନିତ କାନ୍ଦ, ଆଉ ତା ଶରୀରର ପ୍ରତିଟି ଅଙ୍ଗର ଅସହ୍ୟପୀଡା ଠାରୁ ସେ ମଣିଷଙ୍କ ଅଟ୍ଟହାସ୍ୟ କାହିଁ ଅଧିକ ମର୍ମାନ୍ତୁଦ ଥିଲା

ଏତେ ବଡ ଛଳ , ଏତେ ବଡ ବିଶ୍ୱାସଘାତ ତା ବିଶ୍ୱାସରେ ।ସେ ବୁଝି ପାରିନଥିଲା ଏ ବିଶ୍ୱାସଘାତ କାହାକୁ ? ମନୁଷ୍ୟତ୍ୱକୁ ନା ପଶୁତ୍ୱକୁ ? ଏହି ବିଶ୍ୱାସଘାତ କଣ ପଶୁତ୍ୱ ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନୁଷ୍ୟତ୍ୱର  ସାମଞ୍ଜସ୍ୟ ଆଣିବାର ଏକ ଅଭିପ୍ରାୟ ! !ମନୁଷ୍ୟତ୍ୱ ଓ ପଶୁତ୍ୱ  ଭିତରେ କଣ କିଛି ବି  ପ୍ରଭେଦ ନାହିଁ ? ଉଚ୍ଚ ଜୀବ ହୋଇ ଜନ୍ମ ନେବା ଆଉ ନୀଚ ଜୀବ ହୋଇ ଜନ୍ମ ହେବାରେ କଣ କିଛି ବିବେକର ଫରକ ନାହିଁ ?  ହିଂସ୍ରତ୍ୱର  କଣ କିଛି ସୀମାରେଖା ନାହିଁ ? ଏମିତି କଣ ପରିସ୍ଥିତି ହୋଇପାରେ ଯେ ବିବେକ ପ୍ରାପ୍ତିମନୁଷ୍ୟର ବିବେକଶୂନ୍ୟ ହୋଇଯାଏ ।

ବାରମ୍ବାର ମନ ବିଶ୍ଳେଷଣ କରୁଥିଲା  ତା ଦୋଷ କୋଉଠି ରହିଲା ।କୋଉ ଅକ୍ଷମଣୀୟ ଦୋଷ ର ଏମିତି କଠୋର ଦଣ୍ଡ ?ହଁ ତାର ଦୋଷ ମାତ୍ର ଏତିକି ଯେ ସେ ପ୍ରଲୋଭିତ ହୋଇଯାଇଥିଲା ।ସେ ବୁଝିପାରୁନଥିଲା କୋଉ  ପ୍ରଲୋଭନ ପାଇଁ ତା'ର ଏ ଦୁର୍ଦ୍ଦଶା । ପ୍ରଲୋଭନ ମମତାର   ନା ମନୁଷ୍ୟଠାରୁ କରୁଣା, ପ୍ରେମ ପାଇବାର ପ୍ରଲୋଭନ ? ନା ମନୁଷ୍ୟଜନ୍ମ ପ୍ରାପ୍ତିର କାମନାର ପ୍ରଲୋଭନ ।ଏହି ପ୍ରକାର ଦ୍ୱନ୍ଦ ପ୍ରତିଦ୍ୱନ୍ଦ ତା ମନଟାକୁ ବ୍ୟାଧି ଗ୍ରସ୍ତ କରି ଦେଇ ଥିଲା ।

ଆଖିରୁ ତା'ର ଅନବରତ ଅଶ୍ରୁ ବାହାରୁ ଥିଲା  । ତା ଅଶ୍ରୁର ବନ୍ୟାରେ ସେ ନଦୀର ଧାରା ବି ତୀବ୍ର ହେଇଯାଉଥିଲା  । ଲାଗୁଥିଲା ଯେମିତି ନଦୀ ତା ଧାରାକୁ ବଦଳାଇ ଦେବ । ଆଉ ବନ୍ୟା ହେଇ ସେ ମଣିଷ ସମାଜକୁ ଧ୍ୱଂସ ବିଧ୍ୱଂସ କରିଦେବ  ଯୋଉ ସମାଜରେ ବର୍ବରତା ହିଁ ଧର୍ମର ଅଂଗ  ।

କିନ୍ତୁ ଚଞ୍ଚଳା ର ଅଶ୍ରୁ ବନ୍ୟା ଅହିଂସା ସୋପାନରେ ବହି ଯାଇଥିଲା । ତା ଅଶ୍ରୁର ପ୍ରତି ବୁନ୍ଦ  ପ୍ରୟାସ କରୁଥିଲା ପାଇବାକୁ ସେ ଉତ୍ତର । ଅଶ୍ରୁ ର ପ୍ରତି ବୁନ୍ଦା ଖୋଜିଥଲା ତା ମନ ଭିତରେ ଉଙ୍କି ମାରୁଥିବା ଦ୍ୱନ୍ଦ ପ୍ରତିଦ୍ୱନ୍ଦର ବୁଝାମଣା ।ସେହି ଦ୍ୱନ୍ଦ ପ୍ରତିଦ୍ୱନ୍ଦର ବିଷୟ ବସ୍ତୁ ମନୁଷ୍ୟ ,ବିବେକ ଓ ବିଶେଷ କରି ନିର୍ବାଣ ଉପରେ ଆଧାରିତ ଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସହନୀୟ  ପୀଡା ଆଉ ତା ଚଗୁଲୁର ବୁକୁଫଟା ଚିତ୍କାର ସହ ତିନି ଦିନ ତିନି ରାତି ସେ ନଦୀ କୋଡରେ ଜାକି ଜୁକି ହେଇ ଠିଆ ହେଇଥଲା  । ଦିନକୁ ଦିନ ତା ଦେହରେ ଅଗ୍ନିର ଧାସ ବେଶି ବଢିବାକୁ ଲାଗିଲା । ଯେମିତି ଯେମିତି ଧାସ ବଢୁଥାଏ ସେମିତି ସେମିତି ତା ଚଗୁଲର ସ୍ୱର କ୍ଷୀଣ ହେଇଯାଉଥିଲା ।

ଏ କଣ ହେଲା ଚଗୁଲୁ ର କ୍ଷୀଣ କାନ୍ଦଣା ବି ତାକୁ ଆଉ ଶୁଣା ଗଲାନି ।ଚଗୁଲ ନୀରବ ହେଇ ଯାଇଥିଲା ।ସବୁଦିନ ପାଇଁ ନୀରବ ।ସଂସାରର ଆଲୋକ ଦେଖିବା ପୂର୍ବରୁ ଗର୍ଭ କାରାଗାରର ଅନ୍ଧାରରେ ହଜିଗଲା ।ମା'ର  ପଣତ କାନି ଧରି ଧୋବାଇଆ ଗୀତ ଶୁଣିବା ପୂର୍ବରୁ ଚରନିଦ୍ରାରେ ଶୋଇଗଲା ।ଆକାର ପାଇବା ପୂର୍ବରୁ ନିରାକାର ହେଇଗଲା । ସଜୀବର ନିଃଶ୍ୱାସ ପାଇବା ପୂର୍ବରୁ ନିର୍ଜୀବର ପ୍ରଶ୍ୱାସ ଛାଡିଦେଲା । କଣ୍ଠଶିଳ୍ପୀ ହେବା ପୂର୍ବରୁ କଣ୍ଠ ହରାଇ ବସିଲା ।ଆଗମନର ସୁମଧୁର ସମ୍ବର୍ଦ୍ଧନା ଗୀତ ପୂର୍ବରୁ ବିଦାୟୀର ଦୁଃଖ ଭରା ବେସୁରା ବାଦ୍ୟ ବାଜିଥିଲା ।

ଚଞ୍ଚଳାର ସ୍ୱଳ୍ପଶକ୍ତିରେ ଅସହାୟ ଓ ବିଳାପର ଆବେଗ ଅଧିର ହେଇଗଲା  । ତା ଚାଗୁଲୁକୁ ବଞ୍ଚେଇବା ତାର ଏକ ମାତ୍ର ଲକ୍ଷ ଥିଲା । ତା ମମତା କାନି ଯଦି  ଜଳି ପୋଡ଼ି ନଷ୍ଟ ହେଇଗଲା , ତା ଜୀବନରେ ବଞ୍ଚିବାରେ ଆଉ କଣ ମୂଲ୍ୟ  । ତା ଭିତରର ଯୋଦ୍ଧାଟା ତା ଚଗୁଲୁ ସାଙ୍ଗର ନିହତ ହେଇଗଲା ।ସମସ୍ତ ସ୍ନାୟୁ ସ୍ତବ୍ଧ ହେଇଗଲା  ।ପ୍ରାଣ ଧୀରେ ଧୀରେ ଶରୀରର ସବୁ ଅଙ୍ଗ ଠାରୁ ବିଦାୟ ନେଉଥିଲା ।ପ୍ରାଣ ଶରୀରକୁ ସଂପୂର୍ଣ୍ଣ ନିର୍ଜୀବ କରି ଦେଲା ବେଳେ  ଏକ ଅଦ୍ଭୁତ ଅନୁଭୂତିକୁ ସେ ଅନୁଭବ କରିଥିଲା ।

ଗଜବାହିନୀ ଲକ୍ଷ୍ମୀ ତା ପାଖରେ ସାକ୍ଷତ  ଦଣ୍ଡାୟମାନ । ଜଗତର ଜନନୀ ନାରାୟଣୀ ତାଙ୍କ ମମତାର ଆଞ୍ଚଳରେ ଢାଙ୍କିଦେଉଥିଲେ । ଆଉ ତାକୁ କହୁଥିଲେ "କିଏ କହେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ବରତାର ଦଣ୍ଡ ନାହିଁ " ?

ମହାଭାରତର ସେହି ଚରିତ୍ରର ଦୃଷ୍ଟାନ୍ତ ଦେଇଥିଲେ । କୁଳ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱସ୍ଥମାର ଚରିତ୍ରକୁ ଆକ୍ଷେପ କରିଥଲେ ।ବର୍ବରତା , ନୃଶଂସତା , ଅମାନୁଷିକତାର ସୀମା ଲଂଘନ କରିଥିଲା ସେହିଦିନ ଯୋଉଦିନ ସେ ପାଣ୍ଡବ କୂଳକୁ ଧ୍ୱଂସ କରିବାକୁ ଚେଷ୍ଟା କରିଥିଲା । ପାଣ୍ଡବ ବଧୂ ଅଭିମନ୍ୟୁ ପତ୍ନୀ ଉତ୍ତରାର ଗର୍ଭରେ ବଢୁଥିଲା ପାଣ୍ଡବ ବଂଶର ଶେଷ ସନ୍ତକ ।ବର୍ବର ଅଶ୍ୱତ୍ଥାମା ବ୍ରହ୍ମାସ୍ତ୍ରକୁ ବରଦାନକୁ ସ୍ୱରୂପ ପାଇଥିଲା ।ମାତ୍ର ସେ ବ୍ରହ୍ମାସ୍ତ୍ରକୁ ଦୁରୁପଯୋଗ କରିଥିଲା । ବ୍ରହ୍ମାସ୍ତ୍ରକୁ ଉତ୍ତରାର ଗର୍ଭରେ ଛାଡି ଭୃଣକୁ ନଷ୍ଟ କରିବା କୁ ଚେଷ୍ଟା କରିଥିଲା ।

"ମୁଁ ପ୍ରଥମ ଥର ପାଇଁ ଲକ୍ଷ କଲି ମୋ ସଦା ସ୍ମିତହାସ୍ୟ ପ୍ରଭୁଙ୍କ ହସ କ୍ଷଣକ ପାଇଁ ବନ୍ଦ ହୋଇଯାଇଥିଲା ।ତାଙ୍କ ମୂରଲୀରେ ଯେମିତି ବିତୃଷ୍ଣାର ରାଗ ବାଜି ଉଠିଥିଲା"□
କିନ୍ତୁ ଅଶ୍ୱତ୍ଥାମା ଜଘନ୍ୟ ପାପର ଦଣ୍ଡ ମଧ୍ୟ କଠୋର ଆଉ ଅକ୍ଷମଣୀୟ ଥିଲା□ସେ ଦଣ୍ଡ ଥିଲା ମାନବ ସମାଜକୁ ଏକ ଶିକ୍ଷା ଆଉ ସତର୍କ ଥିଲା□ ଭୃଣ ହତ୍ୟା କରିଥିବା ପାପୀ କୁ ପ୍ରଭୁ ମୃତ୍ୟୁଦଣ୍ଡ ବି ଦେଇ ନଥିଲେ□ ତାକୁ ସ୍ପର୍ଶ କରିବାକୁ ସୁଦର୍ଶନ ଚକ୍ର ବି ଘୃଣା କରିଥିଲା ପ୍ରଭୁଙ୍କ ହାତରୁ ମୃତ୍ୟୁ ପାଇବାର ସୌଭାଗ୍ୟ ବି ସେ ହରାଇ ବସିଥିଲା□ □ତାର ଜୀବନ ଦାନ ,ଦାନ ନୁହେଁ ଏକ ଦଣ୍ଡ ଥିଲା"□ ପଶ୍ଚାତପ ,ଆତ୍ମଗ୍ଲାନିରେ ଯୁଗ ଯୁଗ ଧରି ଦଗ୍ଧିଭୂତ ହେବାର ପରମ ଦଣ୍ଡ ଠାରୁ ଆଉ କ'ଣ ଦଣ୍ଡ ଅଧିକ ଥାଇପାରେ?ଆତ୍ମଗ୍ଲାନି ଆଉ ଅତୃପ୍ତ ଆତ୍ମାର ବୋଝ ବୋହି ସଂସାରର ଏମୁଣ୍ଡରୁ ସେମୁଣ୍ଡକୁ ବୁଲୁ ଥିବ□ହେଲେ ତା ପାପଭାରକୁ କେହି କାନ୍ଧ ଦେବେ ନାହିଁ□ ମୃତ୍ୟୁକୁ ବିକଳରେ ହାତ ଧରି ଡାକୁ ଥିବ□ହେଲେ ମୃତ୍ୟୁ ଅଟ୍ଟହାସ୍ୟ କରି ତା ସମୀପରୁ ପଳାଉଥିବ □

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିର୍ବାଣ ପ୍ରାପ୍ତି ର ଆଶାର ଦୀପରେ ନିରାଶାର ଲେଲିହାନ ଶିଖା ଜଳୁ ଥିବ। ମା ଜଗତ ଜନନୀ ଗଜବାହିନୀ ପୁଣି ଥରେ ଚଞ୍ଚଳା ମୁଣ୍ଡରେ ତାଙ୍କ ଆଶିଷର ଫୁଲଟିଏ ପକାଇ କହିଥିଲେ, "କିଏ କହେ ଉଚ୍ଚ ଜୀବ ହିଁ କେବଳ ନିର୍ବାଣ ପ୍ରାପ୍ତ କରିବ ? ହଁ ନିଶ୍ଚିତ ରୂପରେ ନିର୍ବାଣ ପ୍ରାପ୍ତି ମଣିଷ ଜନ୍ମର ସାର୍ଥକତା ।ହେଲେ ମନୁଷ୍ୟତ୍ୱ କୁ ହରାଇ ଥିବା ମନୁଷ୍ୟ ନିର୍ବାଣ କଦାପି ପାଇପାରିବନି "।

ଧିରେ ଧିରେ ଚଞ୍ଚଳାର ପ୍ରାଣବାୟୁ ଗଜବାହିନୀ ମା'ଙ୍କ ଭିତରେ ବିଲୀନ ହେଇଗଲା।

ଡକ୍ଟର ଆଭାଞ୍ଜଳି ଶତପଥୀ, ଗବେଷିକା

ଇମେଲ୍ : avanjali@yahoo.co.uk

ଭ୍ରାମ୍ୟଭାଷ : ୯୮୮୪୦୩୪୯୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାବତ ମା



ଦେବେନ୍ଦ୍ର ସାମଲ

ଜଣେ ନାରୀର ସାବତ ମାର ଭୂମିକା । ମୁଁ ଯେତେଦୂର ମନେ ରଖିଛି, ଗୋଟିଏ ଜିନିଷ ଯାହା ମୁଁ ସର୍ବଦା ମା ହେବାକୁ ଚାହୁଁଥିଲି ମୋର ସିଦ୍ଧ ମାତା ହେବାର ସ୍ୱପ୍ନ ଥିଲା, ମୋ ପିଲାମାନଙ୍କୁ ପ୍ରେମ ଏବଂ ସ୍ନେହ ପ୍ରଦାନ କରିବା ଏବଂ ସେମାନଙ୍କୁ ସେହି ପ୍ରକାରର ସର୍ତ୍ତମୂଳକ ପ୍ରେମ ମୋତେ ଫେରାଇ ଆଣିବା ଦୁର୍ଭାଗ୍ୟବଶତଃ ।ତାହା ହେବା ପାଇଁ ଉଦ୍ଦିଷ୍ଟ ନୁହେଁ, ମନେହେଉଛି ଭଗବାନ ମୋ ପାଇଁ ଆଉ କିଛି ଗଚ୍ଛିତ କରିଛନ୍ତି, ଯାହା ମୁଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ନଥିଲି ଏବଂ ତାହା ଏକ ସାବତ ମାଙ୍କର ଭୂମିକା ଥିଲା । ଗୋଟିଏ ପିଲାକୁ ବଂଚାଇବାରେ ସାହାଯ୍ୟ କରିବା ଯାହା ଜୀବିକା ଦୃଷ୍ଟିରୁ ତୁମର ନୁହେଁ ସେମାନଙ୍କ ମଧ୍ୟରୁ ତିନୋଟି ପାଇ କଳ୍ପନା କର । ଜଣେ ସାବତ ମା ଭାବରେ ମୁକାବିଲା କରିବା ପ୍ରକୃତରେ ଏକ କାର୍ଯ୍ୟ, ପୁରସ୍କାର ଏବଂ ଆହ୍ୱାନର ପରିପୂର୍ଣ୍ଣ, ଏବଂ ସେହି ଅନେକ ଆହ୍ୱାନକୁ ବୁଝାମଣା ଆପୋଷା ପ୍ରେମ ମାଧ୍ୟମରେ ମୁକାବିଲା କରିବାକୁ ପଡିବ ।

ସାବତ ମା ହେବାରେ ମୋର ଦୁଃସାହସିକ କାର୍ଯ୍ୟ ଅକ୍ଟୋବର ୨୯ ୨୦୦୫ରେ ଆରମ୍ଭ ହୋଇଥିଲା - ଯେଉଁ ଦିନ ମୁଁ ମୋର ସ୍ୱାମୀଙ୍କୁ ବିବାହ କରିଥିଲି ।ଚାରିବର୍ଷ ଧରି ସେ ତାଙ୍କ ପୂର୍ବ ପତ୍ନୀଙ୍କଠାରୁ ଛାଡପତ୍ର ହୋଇଥିଲେ ଯେତେବେଳେ ଆମେ ଶେଷରେ ବାନ୍ଧି ହୋଇଥିଲୁ । ୨୦୦୦ରେ ଯେତେବେଳେ ମୁଁ ତାଙ୍କୁ ଭେଟିଥିଲି ସେ ତିନିବର୍ଷ ଧରି ସ୍ନାତକ ଏବଂ ଏକାକୀ ବାପା ଥିଲେ । ଅବଶ୍ୟ ସେ ଏବଂ ତାଙ୍କ ପିଲାମାନେ ଏକାଠି ରହିବା ଏବଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକତ୍ର କାର୍ଯ୍ୟ କରିବା ପାଇଁ ଅଭ୍ୟସ୍ତ ହୋଇଥିଲେ ତେଣୁ ଫିଟ୍ ହେବା ଚେଷ୍ଟା କରିବା ସହଜ ନଥିଲା - ବିଶେଷକରି ପିଲାମାନଙ୍କ ପାଇଁ ଏବଂ ସେମାନଙ୍କ ସହିତ । ସେମାନେ ଶୀଘ୍ର ମୋତେ ଜଣାଇଲେ ଯେ ସେମାନଙ୍କର ଜଣେ ମାତା ଅଛନ୍ତି ଏବଂ ଅନ୍ୟ ଜଣକୁ ପାଇବାକୁ ସେମାନେ ଆଗ୍ରହୀ ନୁହଁନ୍ତି ।

ଗୋଟିଏ ଆହ୍ୱାନ ଯାହା ଆମକୁ ଶୀଘ୍ର ସମାଧାନ କରିବାକୁ ପଡୁଥିଲା ପିଲାମାନେ ମୋତେ ଡାକିବାକୁ ଯାଉଛନ୍ତି । ଯେତେବେଳେ ଆମେ ପ୍ରଥମେ ଭେଟିଲୁ, ସେମାନେ ମୋତେ ମିସ୍ ଡେଜି ବୋଲି ଡାକିଲେ ଏବଂ ଏହା ଠିକ୍ ଥିଲା କାରଣ ଏହା ସମ୍ମାନଜନକ ଥିଲା । ସେମାନେ ଜାଣି ନଥିଲେ ଯେ ସେମାନଙ୍କ ବାପା ଏବଂ ମୁଁ ପ୍ରକୃତରେ ପରସ୍ପର ପ୍ରତି ଗମ୍ଭୀର ଏବଂ ମୁଁ ସେମାନଙ୍କ ସହିତ ପରିଚିତ ହେବା ପର୍ଯ୍ୟନ୍ତ ବିବାହର ସମ୍ଭାବନା ବିଷୟରେ କଥାବାର୍ତ୍ତା କରୁଥିଲି (ଯାହା ମୋ ସ୍ୱାମୀ ଏବଂ ମୁଁ ଡେଟିଂ ଆରମ୍ଭ କରିବାର କିଛି ମାସ ପରେ) । ଆମେ ବିବାହ ବନ୍ଧନରେ ଆବଦ୍ଧ ହେବା ପୂର୍ବରୁ, ମୋର ମନେ ଅଛି ପିଲାମାନଙ୍କୁ କହିଥିଲି ଯେ ସେମାନେ "ମିସ୍" ଛାଡି ଦିଅନ୍ତୁ ଏବଂ ମୋତେ କେବଳ ମୋର ପ୍ରଥମ ନାମରେ ଡାକନ୍ତୁ । ତାହା ସରଳ ଥିଲା, ଏବଂ ଏତେ ଅନଔପଚାରିକ ଏବଂ ସଂଲଗ୍ନ ହୋଇନଥିଲା । ସେହି ସମୟରେ ସବୁଠାରୁ କନିଷ୍ଠ, ୯ ବର୍ଷିୟ ଦେବ ଏବଂ ବୟସ୍କ, ୧୩ ବର୍ଷିୟ ହାଲି ଏହା ଏକ ଭଲ ଚିନ୍ତାଧାରା ବୋଲି ଭାବିଥିଲେ ଏବଂ କୌଣସି ଅସୁବିଧା ନକରି ତୁରନ୍ତ ପରିବର୍ତ୍ତନ କରିଥିଲେ । ଅନ୍ୟ ପଟେ ମଧ୍ୟମ ପିଲା, ୧୦ ବର୍ଷର ବାପି ପାଇଁ ଏହା ସହଜ ନଥିଲା । ତାଙ୍କୁ ସବୁଠାରୁ କଷ୍ଟଦାୟକ ସମୟ ଥିଲା କାରଣ ସେ ଏହି ଧାରଣା ଛାଡିବାକୁ ପ୍ରସ୍ତୁତ ନଥିଲେ ଯେ ବୋଧହୁଏ ତାଙ୍କ ପିତାମାତା ଏକାଠି ହୋଇଯିବେ । ଥରେ ବିବାହ ବନ୍ଧନରେ ଆବଦ୍ଧ ହେବା ଘୋଷଣା ହୋଇ ବିବାହ ଯୋଜନା ଚାଲିଥିଲା, ସେ ଚାରିପାଖକୁ ଆସିଥିଲେ । ନୀଳ ଢଙ୍ଗରୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ମୋତେ ମୋର ପ୍ରଥମ ନାମରେ ଡାକିବା ଆରମ୍ଭ କଲା ।

ଯେତେବେଳେ ସେମାନଙ୍କ ବାପା ଏବଂ ମୁଁ ବିବାହ ପରେ ସେମାନେ ମୋତେ କ'ଣ ଡାକିବେ ସେ ବିଷୟରେ କଥାବାର୍ତ୍ତା ହେଲା ମୁଁ ସେମାନଙ୍କୁ ଡେଜି ବୋଲି କହିବା ଜାରି ରଖିବାକୁ କହିଲି । ମୋତେ ଏପରି କିଛି ଡାକିବା ପାଇଁ ମୁଁ ସେମାନଙ୍କ ଉପରେ କୌଣସି ଚାପ ପକାଇବାକୁ ଚାହୁଁନଥିଲି ଯାହା ସେମାନଙ୍କୁ ଅସହଜ କରିବ । ଅଭିଭାବକ ବିଶେଷ ମାନେ କୁହନ୍ତି, “ଏକ ଘନିଷ୍ଠ ପାରିବାରିକ ପ୍ରତିଛବି ଉପସ୍ଥାପନ କରିବାକୁ ସେମାନଙ୍କର ଇଚ୍ଛାରେ ପିତାମାତା ଏବଂ ଅଭିଭାବକମାନେ ଅନେକ ସମୟରେ ମା ଏବଂ ବାପା କିମ୍ବା ମାମା ଏବଂ ପାପା କିମ୍ବା ସିଧାସଳଖ ମା ଏବଂ ବାପା ଭଳି ସମ୍ପର୍କ ସର୍ତ୍ତାବଳୀକୁ ଆଗକୁ ବୁଝିନ୍ତି । ସେମାନେ ଏହା ମଧ୍ୟ କହିଛନ୍ତି ଯେ ପିଲାମାନଙ୍କ ପାଇଁ ଏହି ସର୍ତ୍ତାବଳୀ ଜୀବିକ ପିତାମାତାଙ୍କ ବଦଳ କିମ୍ବା କ୍ଷତିର ପ୍ରତୀକ ହୋଇପାରେ ଏବଂ ପରିବାରକୁ ଏକୀକରଣ କରିବା ପରିବର୍ତ୍ତେ ଏହା ଏକ ପ୍ରତିବନ୍ଧକ ସୃଷ୍ଟି କରିପାରିବ ଏହା ନିଶ୍ଚିତ ଭାବରେ ନୁହେଁ ଯାହା ମୁଁ ଘଟିବାକୁ ଚାହୁଁଥିଲି । ସେମାନଙ୍କୁ ମୋର ପ୍ରଥମ ନାମରେ ଡାକିବାକୁ ଜାରି ରଖିବାକୁ ଅନୁମତି ଦେଇ, ଯାହା ସେମାନେ ବ୍ୟବହାର କରୁଥିଲେ ଏବଂ ସବୁଠାରୁ ଆରାମଦାୟକ ଥିଲେ, ବାବାଙ୍କ ଗର୍ଲଫ୍ରେଣ୍ଡରୁ ପତ୍ନୀ ଏବଂ ସାବତ ମା'ଙ୍କ ସ୍ଥାନାନ୍ତରଣ ସେହି କ୍ଷେତ୍ରରେ ନିରବିହୀନ ଏବଂ ଯନ୍ତ୍ରଣାଦାୟକ ଥିଲା । ମୁଁ ଜାଣେ ମୁଁ ସେମାନଙ୍କ ମା ନୁହେଁ, ଏବଂ ମୁଁ ଚାହୁଁଥିବା ଶେଷ କଥା ହେଉଛି ସେମାନଙ୍କ ମା'ଙ୍କ ପ୍ରତି ଅବିଶ୍ୱାସୀ ଅନୁଭବ କରିବାର ଚାପ ସ୍ତରକୁ ଯୋଡିବା କାରଣ ମୁଁ ବର୍ତ୍ତମାନ ସେମାନଙ୍କ ଜୀବନରେ ଥିଲି ।

ସେମାନଙ୍କ ମା ବିଷୟରେ କହିବାକୁ ଗଲେ ଆମ ଦୁହିଁଙ୍କ ସମ୍ପର୍କ ଟିକେ ହାଲୁକା ହୋଇଗଲା । ମୁଁ ନିଶ୍ଚୟ କହିବି ଏହା ଏକ ଆହ୍ୱାନ ଯାହା ମୁଁ ଭାବି ନଥିଲି ଯେ କେବେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶାନ୍ତିପୂର୍ଣ୍ଣ ସମାଧାନକୁ ଆସିବ, କିନ୍ତୁ ଏହା କିଛି ମାତ୍ରାରେ ଅଛି । ପ୍ରଥମ ଥର ଲିପୁ ଏବଂ ମୁଁ ଭେଟିବା ଅଶୁଭ ଥିଲା । ଯେତେବେଳେ ମୁଁ ପାର୍କରେ ଜୁଲାଇ ୪ରେ ପିକନିକ୍ ପାଇଁ ପିଲାମାନଙ୍କୁ ନେବାକୁ ଯାଇଥିଲୁ ସେତେବେଳେ ମୋର ସ୍ୱାମୀ ଏବଂ ମୁଁ ତଥାପି ଡେଟିଂ ମୋଡରେ ଥିଲୁ । ମୁଁ ଯଥାସମ୍ଭବ ଆନ୍ତରିକ ହେବାକୁ ଚେଷ୍ଟା କଲି, କିନ୍ତୁ ସେ ତାହା ପାଇଲେ ନାହିଁ । ସେ ମୋତେ ଶୀଘ୍ର ଏବଂ ଥଣ୍ଡା ନମସ୍କାର କଲେ, ଏବଂ ତା'ପରେ ମୋ ସ୍ୱାମୀ ଏବଂ ତାଙ୍କ ପିଲାମାନଙ୍କ ସହିତ କଥାବାର୍ତ୍ତା କରିବାର ବ୍ୟବସାୟ ବିଷୟରେ ଗଲେ ।

ମୋର ମନେ ଅଛି ମୋର ଜଣେ ଗର୍ଲଫ୍ରେଣ୍ଡଙ୍କୁ କହିଥିଲି ଯେ ମୋତେ ଏତେ ଖରାପ ବ୍ୟବହାର କରାଯାଇ ନଥିଲା ଏବଂ ଯଦି ସେ ମୋତେ ସେହିଭଳି ବ୍ୟବହାର କରିବାକୁ ଯାଉଛନ୍ତି ତେବେ ମୁଁ ସହଜରେ ପ୍ରତିକ୍ରିୟା କରିପାରେ । କିନ୍ତୁ ମୋ ଗର୍ଲଫ୍ରେଣ୍ଡ ବ୍ୟାଖ୍ୟା କରିଛନ୍ତି ଯେ ଲିପୁ ବୋଧହୁଏ କ'ଣ ଅନୁଭବ କରୁଛନ୍ତି କାରଣ ସେ ଯେତେବେଳେ ତାଙ୍କ ପୂର୍ବତନ ଗର୍ଲଫ୍ରେଣ୍ଡଙ୍କୁ ଭେଟିଥିଲେ ସେତେବେଳେ ସେ ନିଜେ ସମାନ ଅନୁଭବ କରିଥିଲେ । ଫଳସ୍ୱରୂପ ସେ ମୋତେ ସର୍ବଦା ପିଲାମାନଙ୍କର ଉତ୍ତମ ଆଗ୍ରହକୁ ଆଗରେ । "ତୁମର ଛୋଟ ପିଲାମାନେ ଜନ୍ମ ପିତାମାତା ଏବଂ ସାବତ ପିତାମାତାଙ୍କୁ ଏକ ଦଳ ଭାବରେ କାର୍ଯ୍ୟ କରିବା ମୂଲ୍ୟବାନ ଏବଂ ସାହାଯ୍ୟକାରୀ" ମୁଁ ଏହା ସତ୍ୟ ବୋଲି ପାଇଲି ଯେତେବେଳେ ମୋର ସାବତ ପିଲାମାନେ ପ୍ରଥମେ ଶୁଣିଲେ ଯେ ସେମାନଙ୍କ ପିତାମାତା ଏବଂ ମୁଁ ପ୍ରକୃତରେ ଏକାଠି ବସି ସେମାନଙ୍କ ବିଷୟରେ କଥାବାର୍ତ୍ତା କଲି, ମୁଁ ଅନୁଭବ କଲି ଯେ ସେମାନେ ଚକିତ ହୋଇଯାଇଛନ୍ତି ମୋ ସ୍ୱାମୀ,ମତାଙ୍କର ପୂର୍ବ ପତ୍ନୀ ଏବଂ ମୁଁ ସବୁବେଳେ ଯୋଗାଯୋଗର ଧାଡ଼ି ଖୋଲା ରଖିବାକୁ ଚେଷ୍ଟା କରେ  ଲେଖକ ଆନ୍ ବର୍ଟ କହିଛନ୍ତି ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସେ ଏହା ମଧ୍ୟ କହିଛନ୍ତି ଯେ ଜୀବିକା ପିତାମାତା ଏବଂ ଜଣେ ସାବତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିତାମାତାଙ୍କ ମଧ୍ୟରେ ଯେତେ ନାପସନ୍ଦ ହେଉନା କାହିଁକି "ସମ୍ମାନର ସହିତ ରୁହ ଏବଂ ନିଜ ପିଲାଙ୍କ ଆଗରେ କୌଣସି ଶତ୍ରୁତା କିମ୍ବା ବିରକ୍ତି ଦେଖାନ୍ତୁ ନାହିଁ - ମା ଏବଂ ସାବତ ମା'ଙ୍କ ପାଇଁ ବଡ଼ ହେବା ଜରୁରୀ" ।

ବର୍ତ୍ତମାନ ଆମେ ସମସ୍ତେ ଏକ ପରିବାର ଭାବରେ ବିଦ୍ୟାଳୟର ନାଟକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଉ - ଯେତିକି ଅସନ୍ତୋଷ ବିନା ଆମେ ପରିବାର ହୋଇପାରିବା ।"ଏକ ଶିଶୁର ଜନସାଧାରଣ ଇଭେଣ୍ଟ ସମଗ୍ର ପରିବାର ପାଇଁ ବନ୍ଧନ ହେବା ପାଇଁ ଏକ ସୁଯୋଗ ହେବା ଉଚିତ୍" । ମୁଁ ଭାବୁଛି ଥରେ ମୋର ସାବତ ପିଲାମାନଙ୍କର ମା 'ହୃଦୟଙ୍ଗମ କଲେ ଯେ ମୁଁ ତାଙ୍କ ପ୍ରତି ବିପଦ ନୁହେଁ ଏବଂ ତାଙ୍କୁ କେବେ ବଦଳାଯାଇ ପାରିବ ନାହିଁ, ସେ ମୋ ପ୍ରତି କମ୍ ଇର୍ଷାପରାୟଣ ହୋଇଗଲେ ଏବଂ ବର୍ତ୍ତମାନ ସେ ବନ୍ଧୁ ମଧ୍ୟ ହୋଇଗଲେ । ତାହା ଆମ ସମସ୍ତଙ୍କ ପାଇଁ ଏକ ସକାରାତ୍ମକ ହୋଇଛି ପିଲାମାନେ ତାଙ୍କୁ ନିଜ ମା ପରି ଭଲ ପାଆନ୍ତି ଏବଂ ସମ୍ମାନ କରନ୍ତି, ଏବଂ ସେମାନେ ମୋତେ ସେମାନଙ୍କ ସାବତ ମା ପରି ସମାନ ଦିଅନ୍ତି "ଏକ ପିତାମାତାଙ୍କ ସହିତ ଏକ ସୁସ୍ଥ ସମ୍ପର୍କ ବଢାଇବା ପିଲାମାନଙ୍କ ପାଇଁ ପ୍ରକୃତରେ ଭଲ" ।

ଆମେ ସମସ୍ତେ ଶୀଘ୍ର ସହମତ ହେଲୁ ଯେ ଯେତେବେଳେ ଅନୁଶାସନ ପ୍ରସଙ୍ଗ ଆସେ, ବାପା ଏବଂ ମା ତାହା ପରିଚାଳନା କରିବେ । ଅନେକ ସାବତ ମା ପରି, ବିରକ୍ତି ଭୟରେ ମୁଁ ସେହି ଦାୟିତ୍ୱ  ଚାହେଁ ନାହିଁ ଅନ୍ୟ ପଟେ, ମୁଁ ଅନୁଭବ କଲି ଯେ ମୋ ସ୍ୱାମୀ ଅତ୍ୟଧିକ ପଛରେ ପଡ଼ିଯାଇଛନ୍ତି ଏବଂ ସେହି ବିଭାଗରେ ଉନ୍ନତି ଆଣିବା ଆବଶ୍ୟକ । ପଛରେ ବସି କିଛି କହିବା ମୋ ପାଇଁ କଷ୍ଟକର ଥିଲା କିନ୍ତୁ ମୁଁ ଜାଣିଲି ଏହା ସର୍ବୋତ୍ତମ ଅଟେ ସାବତ ମା'ଙ୍କ ପାଇଁ ତାଙ୍କର ଦଶଟି ପିତାମାତାଙ୍କ ମଧ୍ୟରୁ ଗୋଟିଏରେ "ଯେତେବେଳେ ସାବତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଲାମାନେ ଅସଦାଚରଣ କରନ୍ତି, ପ୍ରଥମେ ପିଲାମାନଙ୍କ ଅପେକ୍ଷା ଆପଣଙ୍କ ସାଥୀ ଉପରେ ଧ୍ୟାନ ଦିଅନ୍ତୁ । ତାଙ୍କୁ ଧୀରେ ଧୀରେ ଏବଂ ଶାନ୍ତ ଭାବରେ ଜଣାନ୍ତୁ, ଯେ ଆପଣ ଅନୁଭବ କରୁଛନ୍ତି ଯେ ତାଙ୍କ ପିଲାମାନଙ୍କୁ ବୁଝିବାରେ ଏବଂ ବିକାଶରେ ସାହାଯ୍ୟ କରିବାକୁ, ଏବଂ ନିଜକୁ ସୁରକ୍ଷିତ ଏବଂ ସୁରକ୍ଷିତ ଅନୁଭବ କରିବାକୁ ସେ ତାଙ୍କର ଅଧିକାରକୁ ଦୃଢ କରିବା ଆବଶ୍ୟକ କରନ୍ତି । ଯଦି ସେ ଜଣେ ଶକ୍ତିଶାଳୀ ପିତାମାତା ହେବାକୁ ସକ୍ଷମ ନୁହଁନ୍ତି ତେବେ ତୁମର ଜୀବନ, ତାଙ୍କ ଜୀବନ, ଏବଂ ତୁମର ସାବତ ସନ୍ତାନଙ୍କ ଜୀବନ କ୍ଷତିଗ୍ରସ୍ତ ହେବ "ଏହା ଥିଲା ଏବଂ ତଥାପି ଏକ ସ୍ପର୍ଶକାତର ବିଷୟ ମୁଁ ମୋ ସ୍ୱାମୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯେତେ ଧୀରେ ଧୀରେ ଚେଷ୍ଟା କରେ ନା କାହିଁକି, ସେ ଏହାକୁ ଭଲ ଭାବରେ ଗ୍ରହଣ କରୁଥିବା ପରି ମନେ ହେଉନାହିଁ । ଯଦିଓ ମୁଁ ତ୍ୟାଗ କରୁନାହିଁ, କିମ୍ବା ଏହି ପ୍ରସଙ୍ଗରେ ମୋର ଭାବନା କିମ୍ବା ଚିନ୍ତାଧାରା ବାଣ୍ଟିବାକୁ ପଛଘୁଞ୍ଚା ଦେଉନାହିଁ ।

ମୋର ସାବତ ପିଲାମାନଙ୍କ ମା ସହିତ ଏକ ଆନ୍ତରିକ, କାର୍ଯ୍ୟ ସମ୍ପର୍କ ବିକାଶ କରିବାକୁ ଚେଷ୍ଟା କରିବାବେଳେ, ମୁଁ ମଧ୍ୟ ପରିବାର ଗଠନରେ ମୋର ସ୍ଥାନ ଖୋଜିବାକୁ ଚେଷ୍ଟା କରୁଥିଲି ମୁଁ ଜାଣେ ମୋ ସ୍ୱାମୀ  ମୋତେ ଭଲ ପାଆନ୍ତି, କିନ୍ତୁ ମୋର ସାମ୍ନା କରିବାକୁ ମୋର କିଛି କଠିନ ସତ୍ୟ ଥିଲା - ସେ ପୂର୍ବରୁ ବିବାହିତ ଥିଲେ ଏବଂ ତାଙ୍କର ସନ୍ତାନ ଥିଲେ ମୁଁ ମଧ୍ୟ ପୂର୍ବରୁ ବିବାହ କରିଥିଲି କିନ୍ତୁ କୌଣସି ପିଲା ନଥିଲେ । ତେଣୁ, ମୋ ସ୍ୱାମୀଙ୍କୁ ମୋର ପୂର୍ବପରି ବ୍ୟବହାର କରିବାକୁ ପଡିବ ନାହିଁ ଯେପରି ମୁଁ ତାଙ୍କ ସହିତ ମୁକାବିଲା କରିବି । ବିସ୍ତାରିତ ପାରିବାରିକ ପରିସ୍ଥିତି ତାଙ୍କ ପରିବାର କିମ୍ବା ତାଙ୍କ ପରିବାର ସହିତ ବାରମ୍ବାର ଆସିଥାଏ, ଏବଂ ସେହି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବହୁତ ଧର୍ଯ୍ୟ ଏବଂ ବୁଝାମଣା ଆବଶ୍ୟକ । ମୋତେ ଅଧିକ ସାହାଯ୍ୟ କରୁଥିବା ପରି ମନେ ହେଉଛି ମନେ ଅଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ ମୁଁ ବର୍ତ୍ତମାନ ତାଙ୍କ ପତ୍ନୀ, ଏବଂ ମୋର ମୁଖ୍ୟ ଭୂମିକା ହେଉଛି ମୋ ସ୍ୱାମୀଙ୍କ ପତ୍ନୀ ହେବା ଏବଂ ସାଥୀକୁ ସାହାଯ୍ୟ କରିବା ଏହା କରି ମୁଁ ଅନୁଭବ କରେ ଯେ ମୁଁ ମୋର ସ୍ଥାନ ପାଇଛି ।

ଆମେ ଏକତ୍ର ବଢୁଛୁ ଏବଂ ପ୍ରତ୍ୟେକ ଦିନ ଏକ ପରିବାର ଭାବରେ ବନ୍ଧନ କରୁଛୁ, ଏବଂ ଏହି ପ୍ରକ୍ରିୟା ଆଗାମୀ ବର୍ଷ ପର୍ଯ୍ୟନ୍ତ ଜାରି ରହିବ । ଗୋଟିଏ ଜିନିଷ ଯାହା ଆମକୁ କରିବାକୁ ପଡୁଥିଲା ଘର ନିୟମ ଆଣିବା ଯାହାକି ପରିବର୍ତ୍ତନ ଏବଂ ସୀମା ସ୍ଥିର କରିବା ସହିତ ଜଡିତ ଥିଲା । ପ୍ରଥମେ, ମୁଁ ସର୍ବଦା ଜଣେ ବାହାର ଲୋକ ଭଳି ଅନୁଭବ କରୁଥିଲି, ଏବଂ ମୁଁ ଭାବୁଛି ମୋର ନିଜ ଘରେ କ'ଣ କରିବାକୁ କିମ୍ବା କହିବାକୁ ଅନୁମତି ଦିଆଯାଇଛି ତାହା ଜାଣିବା ସହିତ ଏହାର ଅନେକ ସମ୍ପର୍କ ଅଛି ଥରେ ଆମେ ଗୃହ ନିୟମ ସ୍ଥାପିତ କଲୁ ଯାହା ଆମ ସମସ୍ତଙ୍କୁ ପାଳନ କରିବାକୁ ପଡିଲା, ନିୟମ ପାଳନ କରାଯାଉଛି କି ନାହିଁ ତାହା ଉପରେ ଆଧାର କରି ମୁଁ ଶେଷରେ କହିବାକୁ ସକ୍ଷମ ହେଲି ।

ଯେହେତୁ ମୋର ସାବତ ସନ୍ତାନ ଏବଂ ମୁଁ ନିକଟତର ହୋଇଛୁ, ଆମେ ଗୁଣାତ୍ମକ ସମ୍ପର୍କ ବିକାଶ କରିଛୁ । ଏହି ତିନିଜଣଙ୍କର ବହୁତ ଭିନ୍ନ ବ୍ୟକ୍ତିତ୍ୱ ଅଛି ଏବଂ ସେହି ଅନୁଯାୟୀ ଚିକିତ୍ସା କରିବାକୁ ପଡିବ । ପିତାମାତା ବିଶେଷଜ୍ଞମାନେ କହିଛନ୍ତି ଯେ ଆପଣଙ୍କ ସାବତ ସନ୍ତାନମାନଙ୍କ ସହିତ ସମୟ ଉପଭୋଗ କରିବା ଏକ ଆବଶ୍ୟକତା । ବର୍ତ୍ତମାନ ଯେହେତୁ ସେମାନେ ସମସ୍ତେ କିଶୋର ଅଟନ୍ତି, ମୁଁ ଉପଭୋଗ କରୁଥିବା ପ୍ରତ୍ୟେକଙ୍କ ସହିତ ସାଙ୍ଗ କରିବାର ଉପାୟ ପାଇଲି । ପୁରାତନ ଏବଂ ମୁଁ ଏକାଠି ସପିଂ କରିବାକୁ ଯାଏ । ଆମର ବୟସ ହେତୁ ପୋଷାକରେ ଆମର ସ୍ୱାଦ ବହୁତ ଭିନ୍ନ, କିନ୍ତୁ ସେ ମୋ ମତକୁ ଗୁରୁତ୍ୱ ଦେଉଥିବା ପରି ମନେହୁଏ ଏବଂ ମୋର ପରାମର୍ଶ ପଚାରନ୍ତି । ମୋର ମଧ୍ୟମ ସାବତ କନ୍ୟା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏବଂ ମୁଁ କେବଳ କଥାବାର୍ତ୍ତା କରିବାରେ ବହୁତ ସମୟ ବିତାଇଥାଏ । ସେ ହେଉଛନ୍ତି ଯିଏ ବହୁତ ଧ୍ୟାନ ଆବଶ୍ୟକ କରନ୍ତି, ଏବଂ ସବୁବେଳେ ତାଙ୍କ ମନରେ କିଛି ଥାଏ ଯାହା ବିଷୟରେ ସେ ଆଲୋଚନା କରିବା ଆବଶ୍ୟକ କରନ୍ତି, ତେଣୁ ମୁଁ ସେହି ଶ୍ରବଣ କାନ ପ୍ରଦାନ କରେ । ମୋର ସାବତ ପୁଅ ସହଜ ଅଟେ । ସେ ବହୁତ ସୃଜନଶୀଳ ଏବଂ ନିର୍ବାହୀ ବର୍ତ୍ତମାନ ସେ ଗୀତ ଏବଂ ରେପ୍ ଗୀତ ଲେଖିବାରେ ଲାଗିଛନ୍ତି । ସେ ମୋର ମତାମତ ଏବଂ ପରାମର୍ଶ ସବୁବେଳେ ପଚାରନ୍ତି । ସେ ଯାହା ଲେଖୁଛନ୍ତି ଏବଂ ସେ କାହିଁକି ଲେଖୁଛନ୍ତି ସେଥିପାଇଁ ମୁଁ ଏକ ଆଗ୍ରହ ଦେଖାଉଛି ଯାହା ଆମ ସମ୍ପର୍କରେ ସମସ୍ତ ପରିବର୍ତ୍ତନ ଆଣିଛି । ମୋର ସମର୍ଥନ ପାଇଁ ସେ ମୋତେ ସର୍ବଦା ଧନ୍ୟବାଦ ଦେଉଛନ୍ତି । ତୁମର ସାବତ ସନ୍ତାନମାନଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ହେଲେ ତୁମକୁ ସେମାନଙ୍କ ସହିତ କିଛି ଗୁଣାତ୍ମକ ସମୟ ବିତାଇବାକୁ ପଡିବ"ଯେହେତୁ ଗୁଣାତ୍ମକ ସମ୍ପର୍କ ଗୋଟିଏ ପରେ ଗୋଟିଏ ପାରସ୍ପରିକ ସମ୍ପର୍କରୁ ନିର୍ମିତ, ତେଣୁ ତୁମର ପ୍ରତ୍ୟେକ ସାବତ ସନ୍ତାନ ସହିତ ବ୍ୟକ୍ତିଗତ ସମୟ ବିତାନ୍ତୁ । ସାଧାରଣ ଆଗ୍ରହ ଏବଂ କାର୍ଯ୍ୟକଳାପ ଖୋଜ, ଯେପରିକି ଏକ ହବି କିମ୍ବା ଖେଳ, ସେମାନଙ୍କ ସହିତ କରିବା ପାଇଁ " । ଏହା କିଛି ସମୟ ନେଇଛି, କିନ୍ତୁ ଆମେ କୌଣସି ଅତିରିକ୍ତ ଚାପ କିମ୍ବା ଚାପ ବିନା ପରସ୍ପରକୁ ବୁଝା ଏବଂ ଗ୍ରହଣ କରୁ । ଆମେ ଯାହା ଅନୁଭବ କରୁଛୁ, ଏବଂ ତାହା ଠିକ ଅଛି "ପ୍ରେମ ହେଉଛି ଏକ ଭାବନା ଯାହା ବାଧ୍ୟ ହୋଇପାରିବ ନାହିଁ ଯଦି ତୁମେ ତୁମର ସାବତ ପିଲାମାନଙ୍କୁ ଭଲ ପାଅ, ତାହା ଚମତ୍କାର ଅଟେ । ଯଦି ଆପଣ ତାହା କରନ୍ତି ନାହିଁ, ଯେପର୍ଯ୍ୟନ୍ତ ଆପଣ ସେମାନଙ୍କ ପ୍ରତି ଦୟା, ଦୟା ଏବଂ ସମ୍ମାନ ପ୍ରଦାନ କରନ୍ତି, ତାହା ମଧ୍ୟ ଗ୍ରହଣୀୟ ଅଟେ ତୁମଠାରୁ ଆଉ କମ୍ ଆଶା କରାଯିବା ଉଚିତ୍ ନୁହେଁ "ମୁଁ ଏହା ସତ୍ୟ ବୋଲି ଜାଣିଲି ଥରେ ମୁଁ ଅନୁଭବ କଲି ଯେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ସଙ୍ଗେ ସଙ୍ଗେ ମୋର ସାବତ ସନ୍ତାନମାନଙ୍କୁ ଭଲ ପାଇବା ଦରକାର ନାହିଁ, ଏବଂ ସେମାନେ ମୋତେ ତୁରନ୍ତ ଭଲ ପାଇବାକୁ ପଡ଼ିବ ନାହିଁ, ବନ୍ଧନ କରିବା ଆମ ପାଇଁ ସହଜ ଥିଲା ଆମକୁ କେବଳ ସୁନ୍ଦର, ଦୟାଳୁ ଏବଂ ପରସ୍ପର ପ୍ରତି ସମ୍ମାନଜନକ ଥିଲା ।

ସାବତ ପରିବାରରେ ସଠିକ୍ ପରିବାର ମିଶ୍ରଣ ଖୋଜିବା ସର୍ବୋତ୍ତମ ସମୟରେ କଷ୍ଟସାଧ୍ୟ ହୋଇପାରେ । ଦୂର କରିବାକୁ ଅନେକ ବାଧାବିଘ୍ନ ଏବଂ ଭାବନାକୁ ବିଚାର କରିବାକୁ, କିନ୍ତୁ ଏହି ପରିବାର ଏକକ ଦୃଢ ହୋଇପାରେ । ଏହା ବହୁତ କଠିନ ପରିଶ୍ରମ ନେଇଛି କିନ୍ତୁ ଆମେ ବିଶ୍ୱାସ ଏବଂ ଉତ୍ତମ ଯୋଗାଯୋଗ ଦକ୍ଷତା ଉପରେ ଆଧାରିତ ଏକ ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ - ପରସ୍ପର ସହିତ ଶୁଣିବା ଏବଂ କଥାବାର୍ତ୍ତା ଆମେ ଜାଣୁ ଯେ ଆମେ "ସାଧାରଣ" କିମ୍ବା "ପ୍ରଥମ" ପରିବାରଠାରୁ ଭିନ୍ନ - ଉଭୟ ଗଠନମୂଳକ ଏବଂ ଭାବପ୍ରବଣ ।

ଆମେ ଏକ ନୂତନ ପାରିବାରିକ ପରମ୍ପରା ନେଇ ଆସିଛୁ । ମାସରେ ଥରେ ଆମେ ପରିବାର ସମାବେଶ ପାଇଁ ଏକାଠି ହୁଅନ୍ତି ଏଥିରେ ମୋ ସ୍ୱାମୀଙ୍କ ତୁରନ୍ତ ପରିବାର (ତାଙ୍କ ମା, ଭାଇଭଉଣୀ ଏବଂ ସେମାନଙ୍କ ପରିବାର) ଅନ୍ତର୍ଭୁକ୍ତ । ଏହିଠାରେ ଆମେ ସମସ୍ତେ ଏକାଠି ହୋଇ ଏକ ଥାଳି କିମ୍ବା ଦୁଇଟି ଆଣିଥାଉ ଏବଂ ଏକ ଭିନ୍ନ ଘରେ ଖାଇବା ଘୂର୍ଣ୍ଣନ କରିଥାଉ । ଏହା ହେଉଛି ଗୁଣାତ୍ମକ ପାରିବାରିକ ସମୟ ଯାହାକୁ ଆମେ ଗୁରୁତ୍ୱ ଦେଇଥାଉ ଏବଂ କରିବାକୁ ଆଗ୍ରହୀ । "ଏହି ସରଳ ରୁଟିନ୍ କିଛି ସ୍ଥିର, କିଛି ଉପରେ ନିର୍ଭର କରିବାକୁ, କିଛି" ଏହି ପରିବାର "କରିବାକୁ ଅନୁଭବ କରେ ମୋର ସାବତ ପିଲାମାନେ ସବୁବେଳେ ପଚାରୁଛନ୍ତି ଏହି ମାସ କେବେ ଏବଂ କେଉଁଠାରେ ସେମାନେ ଏହାକୁ ସଂପୂର୍ଣ୍ଣ ଭଲ ପାଆନ୍ତି, ଏବଂ ଏହା ଏପରି କିଛି ଯାହା ମୁଁ ଆସିବା ପୂର୍ବରୁ ହୋଇନଥିଲା ତେଣୁ ଏହା ପ୍ରକୃତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଅମର" ନୂତନ ପରମ୍ପରା । ଏହି ସମ୍ପ୍ରସାରିତ ପରିବାର ଏକତା ଆମର ତୁରନ୍ତ ସାବତ ପରିବାର ପାଇଁ ଭଲ ପ୍ରେମ, ଯତ୍ନ ଏବଂ ଚିନ୍ତା ଯାହା ଦେଖାଯାଏ ଯେତେବେଳେ ମୁଁ ମୋର ଶାଶୁମାନଙ୍କ ସହିତ କଥାବାର୍ତ୍ତା କରେ, ତାହା ମଧ୍ୟ ମୋ ସାବତ ପିଲାମାନଙ୍କ ସହିତ ଦୃଢ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରିଛି ।

ପରିଶେଷରେ, ଜଣେ ସାବତ ମା ଭାବରେ ମୁକାବିଲା କରିବା ମା'ଙ୍କ ଭୂମିକା ସହିତ ସମାନ ନୁହେଁ । ଏହା ବେଳେବେଳେ ଦେଖାଯାଏ ଯେ ତୁମେ ଏକ ରୋଲର୍ କୋଷ୍ଟର୍ ରାଇଡ୍ ରେ ଅଛି ଯାହା କେବେ ବନ୍ଦ ହୁଏ ନାହିଁ । ନିରାଶା, ଭୁଲ ବୁଝାମଣା, ଏବଂ ଆଘାତ ଯାହା ସେହି ରଥଯାତ୍ରାର ଅଂଶ ଅଟେ, ବେଳେବେଳେ ସହିବାକୁ ବହୁତ ଅଧିକ ସାବତ ମା ମାନଙ୍କୁ ହାଲୁକା ଏବଂ ସତର୍କତାର ସହିତ ପାଦ ଦେବାକୁ ପଡିବ । ପ୍ରତ୍ୟେକ ପରିସ୍ଥିତି ଅଲଗା ଏବଂ ଏହାକୁ ନିଜ ପଦ୍ଧତିରେ ପରିଚାଳନା କରିବା ଆବଶ୍ୟକ । ଗତ ବର୍ଷ ମଧ୍ୟରେ ଆମର ଉନ୍ନତି ଘଟିଛି, ଏବଂ ମୁଁ ନିଶ୍ଚିତ ଯେ ଆମର ଆହୁରି ଅନେକ କିଛି ରହିବ କିନ୍ତୁ ବର୍ତ୍ତମାନ ଆମର ଏକ ଦୃଢ ମୂଳଦୁଆ ଅଛି ଯେଉଁଠାରୁ କାମ କରିବା । ଆମକୁ କେବଳ ପ୍ରତ୍ୟେକ ପ୍ରସଙ୍ଗକୁ ଗ୍ରହଣ କରିବା ଏବଂ ସମାଧାନ କରିବା ଆବଶ୍ୟକ ଚାଲିଥିବା ଏହି କାର୍ଯ୍ୟ ଆମକୁ ମୂଲ୍ୟବାନ ଶିକ୍ଷାଗୁଡ଼ିକୁ ସ୍ମରଣ କରାଇବାରେ ଲାଗିବ - ଯେପରି ବୁଝିବା ଏବଂ ଆପୋଷ ବୁଝାମଣା କରିବା - ଆମ ମଧ୍ୟରେ ଅଧିକ ଶକ୍ତିଶାଳୀ, ଅଧିକ ସ୍ନେହପୂର୍ଣ୍ଣ ଏବଂ ସଫଳ ସମ୍ପର୍କ ବିକାଶ କରିବାକୁ । ଏକତ୍ର କାର୍ଯ୍ୟ କରି ଏବଂ ଆମର ମିଶ୍ରିତ ସାବତ ପରିବାରରେ ପରସ୍ପରର ଭୂମିକାକୁ ପ୍ରଶଂସା କରି, ଆମେ କିଛି ସାଧାରଣ ସ୍ଥିତିରେ ପହଞ୍ଚିଛୁ ଯାହା ଆମ ସମସ୍ତଙ୍କ ପାଇଁ କାମ କରୁଥିବା ପରି ମନେହୁଏ ।

ଚ୍ୟାଲେଞ୍ଜଗୁଡିକ ପୁରସ୍କାର ବିନା ଆସିନାହିଁ ଏବଂ ସେହି ପୁରସ୍କାର ମଧ୍ୟରୁ ଗୋଟିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପାଇଁ ବହୁତ ବଡ ଥିଲା ଗତ ମାର୍ଚ୍ଚରେ ମୋର ୫୦ ତମ ଜନ୍ମଦିନ ପାଇଁ ଏକ ଉତ୍ସବ ସମୟରେ, ମୋର ତିନି ସାବତ ସନ୍ତାନ ଭୁବନେଶ୍ୱର ଏକାଠି ଠିଆ ହୋଇଥିଲେ ଏବଂ ଆମ ପରିବାର ଏବଂ ବନ୍ଧୁମାନଙ୍କୁ କହିଥିଲେ ଯେ ସେମାନେ ମୋତେ ସାବତ ମା ଅପେକ୍ଷା ଅଧିକ ମା ବୋଲି ଭାବନ୍ତି ।ତାହା ମୋ କାନରେ ସଙ୍ଗୀତ ଥିଲା ସେମାନେ ସ୍ୱୀକାର କରିଛନ୍ତି ଯେ ମୁଁ ସେମାନଙ୍କ ଜୀବନରେ ଏବଂ ସେମାନଙ୍କ ପିତାଙ୍କ ଜୀବନରେ ଏକ ପରିବର୍ତ୍ତନ ଆଣିଛି । ଯେତେବେଳେ ସେମାନେ କହିଥିଲେ ଯେ ସେମାନେ ମୋତେ କେତେ ଭଲ ପାଆନ୍ତି ଏବଂ ପ୍ରଶଂସା କରନ୍ତି, ଏହା ମୋ ଆଖିରେ ଲୁହ ଆଣିଦେଲା ପ୍ରଥମ ଥର ପାଇଁ, ମୋତେ ଲାଗିଲା ଯେ ମୁଁ ଜଣେ ସାବତ ମା ଭଳି କିଛି କରୁଛି ।

ଦେବେନ୍ଦ୍ର ସାମଲ ୯୪୩୯୯୦୯୪୭୨,

ନୂତନ ସରକାରୀ କଲୋନୀ ଭୁବନେଶ୍ୱର ୭୫୧୦୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରହ



ତେଜସ୍ୱିନୀ ସାହୁ

ଭଗବାନ ଯେତେବେଳେ ଗୋଟିଏ ମନୁଷ୍ୟକୁ ଜନମ ଦେଇଥାନ୍ତି, ସେତେବେଳେ ସେ ମନୁଷ୍ୟକୁ କେତେକ ସାମୁହିକ ଗୁଣ ଦେଇଥାନ୍ତି । ସେଗୁଡିକ ଯଥା: ଭଲ ପାଇବା, ଘୃଣା କରିବା, ସ୍ନେହ, ଆଦର ଇତ୍ୟାଦି । ଏସବୁ ଗୁଣ ହେତୁ ମନୁଷ୍ୟକୁ ତା ଜୀବନରେ କେତୋଟି ଅବସ୍ଥା ଦେଇ ସମୟ ଅବଧି କାଟିବାକୁ ପଡ଼େ । ଏହି ଅବସ୍ଥା ମଧ୍ୟରୁ ପ୍ରିୟଜନଙ୍କ ସହ ମିଳନ ଓ ସେମାନଙ୍କ ଠାରୁ ବିରହ ଅନ୍ୟତମ । ମିଳନ ଯଦି ଜଣଙ୍କ ଜୀବନରେ ଆସିଛି ତେବେ ବିରହ ବି ସୁନିଶ୍ଚିତ, କାରଣ ମନୁଷ୍ୟ ମରଣଶୀଳ । ମିଳନ ଆନନ୍ଦଦାୟକ କିନ୍ତୁ ବିରହ ଯେତେବେଳେ ଆସେ ବିଷାଦର ଛାୟା ଖେଳିଯାଏ । ଚନ୍ଦ୍ରଙ୍କ ସହ ଚକ୍ରବାକିର କେବେ ବି ମିଳନ ହୋଇପାରିବନି ଏହା ଜାଣି ମଧ୍ୟ ସେ ଚନ୍ଦ୍ରଙ୍କୁ ଚାତକ ପରି ଚାହିଁ ରହିଥାଏ । କଥାରେ ଅଛି ଯଦି ମନୁଷ୍ୟ ଜୀବନରେ ଅନେକ ଖୁସି ଆସେ, ସେ ଭଗବାନଙ୍କୁ ଡାକିବା ଭୁଲିଯାଏ, ବୋଧେ ସେଥିପାଇଁ ଭଗବାନ ପ୍ରଥମ ମିଳନ ପରେ ବିରହ ହିଁ କପାଳରେ ଲେଖିଥାନ୍ତି ଯେ ଅନ୍ତତଃ ବିରହ ପରେ ମନୁଷ୍ୟ ଭଗବାନଙ୍କୁ ଡାକିବ ।

ମନୁଷ୍ୟ ଖୁସିର ମୁହୂର୍ତ୍ତକୁ ଅନେକ ଦିନ ମନେ ରଖେନି କିନ୍ତୁ ଜୀବନରେ ଯଦି ବିରହ କିମ୍ବା ବିଷାଦର ଛାୟା ବର୍ଷାଛିଟା ପରି ହୃଦୟରେ ପଡିଥାଏ, ତାହା ମରୁଭୂମିରେ ବର୍ଷା ହେବା ଭଳି ସାରା ଜୀବନ ମନେ ରହେ । ଯେମିତି ଶୀତଋତୁ ପରେ ବସନ୍ତଋତୁ ଆସେ ସେମିତି, ଯୌବନପ୍ରାପ୍ତି ସମୟରେ ପ୍ରାୟ ଯୁବକ ଯୁବତୀମାନେ ଭଲପାଇ ବସନ୍ତି । ସେମିତି ସମୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସିଥିଲା, ଦୁଇଜଣ ଗୋଟିଏ କଲେଜ ଓ ଗୋଟିଏ କ୍ଲାସରେ ପଢୁଥିଲେ । ଦୁଇ ଜଣଙ୍କ ମଧ୍ୟରେ ପ୍ରଥମେ ବନ୍ଧୁ ସମ୍ପର୍କ ଥିଲା । ସେ ଦୁଇ ଜଣ ପୁରା ଏକାପରି ଥିଲେ । ସମସ୍ତଙ୍କ ଜୀବନରେ ଯେମିତି ବାଲ୍ୟାବସ୍ଥା ପରେ ଯୌବନ ଆସିଥାଏ, ସେମାନଙ୍କୁ ମଧ୍ୟ ପ୍ରେମର ସ୍ପର୍ଶ ଆସିଥିଲା । ହେଲେ ଦୁହେଁ ଏହି କଥାକୁ ପ୍ରକାଶ କରିବାକୁ ଡରୁଥିଲେ, କାରଣ ଅସିତ ଭାବୁଥିଲା ଯେ, ଯଦି ମୁଁ ପ୍ରକାଶ କରିଦେଲି ହୁଏତ, ସେ ମୋ ପାଖରୁ ଦୂରେଇ ଯିବ, ଠିକ ଏହି କଥା ପ୍ରୀତି ମଧ୍ୟ ଭାବୁଥିଲା । ଏହି କଥା ଭାବି ସେମାନେ ସେସବୁରୁ ଦୂରେଇ ରହୁଥିଲେ । ଗୋଟିଏ ଦିନ ପ୍ରୀତି କଲେଜ ଆସି ନଥିବା ଦେଖି ଅସିତ ବହୁତ ବ୍ୟସ୍ତ ହୋଇପଡିଲା । ପରେ ସେ ପ୍ରୀତିର ସାଙ୍ଗ ନେହାକୁ ପ୍ରୀତି ବିଷୟରେ ପଚାରିଲା, ପ୍ରୀତିର ଦେହ ଖରାପ ଥିଲା ବୋଲି ନେହା କହିଲା ।

ରାମାୟଣରେ ହନୁମାନ ଯେମିତି ମାତାସୀତା ଓ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ମିଳନର କାରଣ ହୋଇଥିଲେ ସେମିତି ଏହି କାହାଣୀରେ ନେହା, ଅସିତ ଓ ପ୍ରୀତିଙ୍କ ମଧ୍ୟସ୍ଥି ରୂପେ କାର୍ଯ୍ୟ କରିଛି । ନେହା ପ୍ରୀତିକୁ କହିଲା ଯେ ଅସିତ ତୋ ଅସୁସ୍ଥତା ଖବର ଶୁଣି କିପରି ବିଚଳିତ ହୋଇ ପଡ଼ିଥିଲା । ଧିରେ ଧିରେ ନେହା ଅସିତକୁ ପ୍ରୀତିର ଭାବନା ବିଷୟରେ କହିଲା ।

ସର୍ବଶେଷରେ ସେ ଦୁଇଜଣ ଗୋଟିଏ ସମ୍ପର୍କରେ ଯୋଡି ହୋଇଗଲେ । ସମୟ କାହାକୁ ଅପେକ୍ଷା କରେନାହିଁ, ଏହା ଭିତରେ ଦୁଇ ଜଣଙ୍କର କଲେଜ ସରିଗଲା, ଏବେ ଅସିତ ମୁଣ୍ଡକୁ ଚିନ୍ତା ଆସିଲା ଯେ ସେ କଣ କରିବ ଏମିତି ଯାହାଦ୍ୱାରା ସେ ପ୍ରୀତିର ବାପାମାଆଙ୍କୁ ତା' ହାତ ମାଗି ପାରିବ ଓ ପରେ ପ୍ରୀତିକୁ ଖୁସି ରଖି ପାରିବ ।

ଅସିତ କେମିତି ପ୍ରୀତିକୁ ଖୁସିରେ ରଖିବ ଏହି କଥା ଭାବୁଥାଏ । କାରଣ ସେ ପ୍ରୀତିକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁତ୍ ଭଲପାଏ ଆଉ କୌଣସି ମୁହୁର୍ତ୍ତରେ ତାକୁ ହରେଇବାକୁ ଚାହେଁନି । କିଛି ମାସପରେ ତାକୁ ଓଡିଶା ବାହାରେ କାମ କରିବାକୁ ପଡିଲା । ପ୍ରୀତିକୁ ଦୂରରେ ଥାଇ ସମ୍ପର୍କ ରଖିବା କଷ୍ଟ ଲାଗୁଥିଲା । ତଥାପି ସେ ସବୁ ସହି ରହୁଥିଲା, କାରଣ ସେ ତାର ମଧ୍ୟ ସ୍ୱପନ ଥିଲା ଯେ ସେ ଅସିତକୁ କରିବ ଓ ଖୁସିରେ ଖୁସିରେ ତା ସହ ଜୀବନ ବିତାଇବ । ଦୁଇ ବର୍ଷ ହୋଇଗଲାଣି ପ୍ରୀତି ଓ ଅସିତ୍ ପରସ୍ପରକୁ ସାମନାତର ଦେଖିନାହାନ୍ତି । ଅସିତ ପ୍ରୀତିକୁ ବହୁତ ମନେ ପକାଏ କିନ୍ତୁ, ଏତେ କାମ ଥାଏ କି କେବେ ଛୁଟି ମିଳେନି ଓଡିଶା ଆସିବାକୁ । ମଝିରେ ମଝିରେ ମନର ତୃଷ୍ଣା ମେଣ୍ଟାଇବା ପାଇଁ ଭିଡିଓ କଲ ହିଁ ଏକମାତ୍ର ସାହାରା ଥିଲା ।

ଅସିତର କମ୍ପାନୀରେ ଗୋଟିଏ ନୋଟିସ ଆସିଲା କି, “ଯିଏ ଏହି ସପ୍ତାହରେ ଭଲ କାମ କରିବ ସେ ଅଧିକ ଓଡିଶାକୁ କିଛି କମ୍ପାନୀ କାମରେ ଯିବ” ଏହି ନୋଟିସ ପଢି ଅଧିକରୁ ଅଧିକ ପରିଶ୍ରମ କରି ପ୍ରୀତିକୁ ଖାସ୍ ଦେଖା କରିବ ବୋଲି ପରିଶ୍ରମ କରି ଚାଲିଲା । ସପ୍ତାହ ଶେଷରେ ଅସିତକୁ ହିଁ ଓଡିଶା ଯିବାପାଇଁ ଅନୁମତି ମିଳିଗଲା । ସେ ବହୁତ ଉତ୍ସାହିତ ଥିଲା ପ୍ରୀତିକୁ ଦେଖାକରିବା ପାଇଁ, କିନ୍ତୁ ଏ ବିଷୟରେ ସେ ପ୍ରୀତିକୁ କହି ନଥିଲା ।

ଠିକ ସେହି ସମୟରେ କଲେଜ ସମୟର ସାଙ୍ଗ ନେହାର କଲ ଆସିଲା ଓ ସେ ତା ବାହାଘର ପାଇଁ ନିମନ୍ତ୍ରଣ ଦେଲା, ଅସିତ ତାକୁ କହିଲା ଯେ ସେ ଓଡିଶା ଆସୁଛି ବୋଲି ଏବଂ ଏ କଥା ଯେମିତି ପ୍ରୀତି ନ ଜାଣେ ଓ ସେ ତା'କୁ ଆଶ୍ଚର୍ଯ୍ୟଜନକ ଭାବେ ଦେଖା କରିବାକୁ ଚାହୁଁଥିଲା । ନେହାର ବାହାଘରରେ ପ୍ରୀତି ବି ଆସିଥାଏ । ଅସିତ ତାକୁ ଲୁଚି ଲୁଚି ଦେଖୁଥାଏ ଓ ହଠାତ ପ୍ରୀତିର ସାମନାକୁ ଆସିଗଲା ।

ପ୍ରୀତି କିଛି ସମୟ ଭାବିଲା ଯେ ମୁଁ ସ୍ୱପନ, ପୁଣି ବାସ୍ତବରେ ହିଁ ଅସିତ ଆସିଛି ଜାଣି ସେ ବି ବହୁତ ଖୁସି ହେଲା, ନେହା ବାହାଘରକୁ ସେ ଦୁଇ ଜଣ ଅଧିକ ମଜା କରିଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା ହେଉ ଅପେକ୍ଷାର ଅନ୍ତ ଘଟିଛି, ଶେଷରେ ଅସିତ ଆସିଛି ଓ ଭିଡିଓ କଲ ଦେଖା ଏବେ ବାସ୍ତବିକ ଦେଖାରେ ପରିଣତ ହୋଇଛି । ଅସିତ କମ୍ପାନୀର କାମ ସାରି ପ୍ରୀତିର ହାତ ମାଗିବାକୁ ଆସିଛି ଓ ପ୍ରୀତିର ବାପାମାଆ ମଧ୍ୟ ଅସିତକୁ ଦେଖି ପସନ୍ଦ କରିଛନ୍ତି । ଏବେ ଦୁହେଁ ବହୁତ ଖୁସି, ପୁଣି ସମୟ ଆସିଲା ଅସିତ ତାଙ୍କ କମ୍ପାନୀକୁ ଫେରିଯିବ ବୋଲି । ଆଉ ସେ ଏହିଥର ଯିବା ସମୟରେ ପ୍ରୀତିକୁ କହିଛି ସେ “ମୁଁ ବହୁତ ଶୀଘ୍ର ଆସିବି ତୁମେ ବାହାଘର ପାଇଁ ପ୍ରସ୍ତୁତ କର” । କିନ୍ତୁ ଏଥର ବାହାଘର ତା' ସ୍ୱପନର ରାଜ କୁମାର ସହ ହବାକୁ ଯାଉଥିଲା ।

ପ୍ରୀତି ଅସିତକୁ ଛାଡ଼ିଦେଇ ବାହାଘର ପ୍ରସ୍ତୁତି କରିବାପାଇଁ ଚାଲିଗଲା । କୁହନ୍ତି ଯଦି ଆମେ ଅଧିକ ଖୁସି ହେଉଛେ ତା ପରେ ଦୁଃଖ ଦୁଃଖ ସଙ୍ଗେ ସଙ୍ଗେ ଆସି ପହଞ୍ଚିଯାଏ । ଦୁଃଖ ଓ ସୁଖ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି ହୋଇଥାଏ । ଅସିତ ଓଡିଶା ବାହାରକୁ ଯିବା ସମୟରେ ବିମାନ ଦୁର୍ଘଟଣା ହେଲା ଯେଉଁଥିରେ ସେ ଯାଉଥିଲା । ଏ ଖବର ଶୁଣି ପ୍ରୀତିର ମୁଣ୍ଡ ଉପରେ ଯେମିତି ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଲା । ଯେମିତି ଚନ୍ଦ୍ର ଚକ୍ରବାକି ପକ୍ଷୀକୁ ଅନେଇ ବସିଥିଲା । ଧିରେ ଧିରେ ଖାଇବା ପିଇବା ବନ୍ଦ କରିଦେବାପରେ ପ୍ରୀତି ପାଗଳୀ ହୋଇଗଲା । ଦୁଃଖ ଯେତେବେଳେ ଆସେ ସେ ତା'ର ବନ୍ଧୁବାନ୍ଧବ ସମସ୍ତଙ୍କୁ ନେଇକି ଆସେ, ଏଠି ବି ସେଇଆ ହେଲା ପ୍ରୀତିର ପରିବାର ସାଙ୍ଗରେ, ପ୍ରଥମେ ଅସିତ ଚାଲିଗଲା ଓ ତାକୁ ଝୁରି ଝୁରି ପରିବାରର ଏକମାତ୍ର ଝିଅ ବି ପାଗଳୀ ହୋଇଗଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୁଟ ଏ ବନ୍ଧନ



ସଂଜୀବ କୁମାର ଦାସ

ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀଟି ସବୁ କାମକୁ ପଛରେ ପକାଇ ସଅଳ ସଅଳ ପ୍ରସ୍ତୁତ ହେଇଯାଏ ତା'ର ଅତି ନିଜର ଭାଇଟିକୁ ରାକ୍ଷୀ ପିନ୍ଧେଇବାକୁ । ବିଶ୍ୱାସ ତାର ଏଇ ଯେ ଭାଇ ସବୁ ବିପଦ ଆପଦରେ ସହାୟ ହେବ । ଏ ବିଶ୍ୱାସ କେଉଁ କେତେକାଳୁ ଚାଲି ଆସିଛି । ଚାଲିଥିବ ବି ଆଗକୁ ଆଗକୁ । ରାକ୍ଷୀ ପିନ୍ଧା ରସମଟି କଲ୍ୟାଣୀଙ୍କ ଘରେ ଜାକଜମକରେ ହୁଏ ।

ନବଘନ ଏବଂ ଶକୁନ୍ତଳା ଯାଆଁଳା । ଜନ୍ମବେଳେ ଗାଁ ଧାଇ ଜେମା ମାଉସୀ ନବଘନଙ୍କର ନାହୀ ଆଗେ କାଟିଥିବାରୁ ସେ ବଡ ଆଉ ଶକୁନ୍ତଳା ସାନ,କେଇ ମୁହୂର୍ତ୍ତ ପାଇଁ । ଯାଆଁଳା ହେଲେବି ଦିହିଁଙ୍କ ଭିତରେ ଫରକ ବେଶୀ । କେବଳ ଯାହା ଦେଖିବାକୁ ଏକାପରି, ହେଲେ ଭାଇଟି ତାର ଭାରି ଶାନ୍ତ ସ୍ୱଭାବର । ମା କଲ୍ୟାଣୀ ଶକୁନ୍ତଳାର ଅଧିକ ଦୁଷ୍ଟାମୀରେ ମଝିରେ ମଝିରେ ଚିନ୍ତିତ ଥାଆନ୍ତି,କାଳେ ଝିଅଟା ବଡ ହେଲେ ବେଶୀ ଅମାନିଆ ହେଇ ଯିବନି ତ ? ବଡ ଭାଇ ନବଘନ ସବୁବେଳେ ଶକୁନ୍ତଳା ପାଖେ ପାଖେ ଥାଏ । ସାନଭଉଣୀ ପାଇଁ ଜିମ୍ମେଦାରୀ ତାର ବି ଅଛିନା କିଛି ! ସେଇଥିପାଇଁ କଲ୍ୟାଣୀ କିଛି ମାତ୍ରାରେ ଆଶ୍ୱସ୍ଥ ଥାନ୍ତି ।

କଲ୍ୟାଣୀ ବାଡ଼ି ଅଗଣାରେ ଲଗାଇଥିବା ପିଜୁଳି ଓ କାଗଜୀଲେମ୍ବୁ ଗଛ ଦିଟା ବଡ ହେଇ ଫୁଲ ଧରିଲେଣି ଏହା ଭିତରେ । ଅତି ଯତ୍ନରେ ବଢ଼େଇଥିବା ଉପକାରିଆ ଗଛ ମାଲିକାଣୀଙ୍କୁ ତାଙ୍କର ଋଣ ଶୁଝିବା ଉପରେ ।

ଗଡି ଚାଲିଥିବା ଦିନମାନଙ୍କ ଭିତରେ ନବଘନ ଆଉ ଶକୁନ୍ତଳା ଆଗକୁ ଯିବାରେ କିଛି

 Magazine Downloaded from www.aahwaan.com

ବି ତ୍ରୁଟି କରିନାହାନ୍ତି । ଏକକ ମାଙ୍କ ହେପାଜତରେ କଷ୍ଟ କଣ ଜାଣି ନପାରି ସେମାନେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । ଈଶ୍ୱରଙ୍କ କୃପାରୁ ସବୁ କିଛି ପାଇଛନ୍ତି ଦୁହେଁ । ଘର ସଂସାର କରି ନିଜ ନିଜର କର୍ତ୍ତବ୍ୟ ସେମାନେ ଠିକ୍ରୂପେ ପାଳନ କରିଆସିଛନ୍ତି ମା ଶକୁନ୍ତଳାଙ୍କ ପରି । ଜୀବନର ବିଭିନ୍ନ ସୋପାନ ଅତିକ୍ରମ ବେଳେ ଅବଶ୍ୟ ସେମାନଙ୍କୁ କଠୋର ପରିସ୍ଥିତିର ସାମନା କରିବାକୁ ପଡିଛି । ଦୁଃଖ ଜଂଜାଳ ଠୁ ଦୂରରେ ରଖିଥିଲେ କଲ୍ୟାଣୀ ତାଙ୍କ ପୁଅ ଝିଅଙ୍କୁ । ମା'ଙ୍କ ଇହଲୀଳା ସମ୍ବରଣ ପରେ ଭାଇ ଭଉଣୀ କେତେ ଯେ କାନ୍ଦି ଥିଲେ ! ମା କଣ ସବୁଦିନେ ପାଖରେ ରହିଥିବେ କି ? ଏମାନଙ୍କ ହେତୁ ହେଲା ପରେ ଦୁହେଁ କିନ୍ତୁ ମା'ଙ୍କ ପାରିବା ପଣରେ ବେଶ କିଛି ଅନୁପ୍ରାଣିତ ହୋଇଥିଲେ । ସବୁ କ୍ଷେତ୍ରରେ ମାପି ଚୁପି ଚାଲିବାର କୌଶଳଟା ବୋଧେ ସେମାନେ ଅକ୍ତିଆର କରିନେଇଥିଲେ ଯେଉଁଥିପାଇଁ ବାପା ମା ହେଇ ତାଙ୍କ ପିଲା ମାନଙ୍କୁ ସଠିକ ଦିଶା ଦେଇପାରିଥିଲେ । ଜନ୍ମକର୍ତ୍ତାଙ୍କ ଆଶୀର୍ବାଦରୁ ପିଲାମାନେ ତ ଜୀବନରେ କେତେ ଯେ ମୁସ୍କିଲ କୁ ସାମନା କରିପାରନ୍ତି । କଲ୍ୟାଣୀଙ୍କ ପିଲାମାନେ ସେଥିରୁ ବାଦ ଯିବେ କେମିତି ?

ନବଘନ ଏବଂ ଶକୁନ୍ତଳା ଗାଁ ଛାଡି ନାହାନ୍ତି । କାଳେ ପିଲାମାନେ ଭିଟାମାଟି ଛାଡି ଯିବାକୁ ମନ ବଳାଇବେ ,ସେଇଥିପାଇଁ କଲ୍ୟାଣୀ ତାଙ୍କ ନାଁରେ ସବୁ ସମ୍ପତ୍ତି ସମାନ ଭାଗ କରି ଯାଇଛନ୍ତି । ଭଲ ପାତ୍ର ଦେଖି ପାଖ ଗାଁରେ ଦୁଇଜଣଙ୍କୁ ବାହା ବି କରେଇ ଦେଇଛନ୍ତି । ଚାକିରୀ ଜୀବନରେ ଭାଇ ଭଉଣୀ ନିଜ ନିଜର ପରିବାର ସହିତ ବାହାରେ ରହିଥିଲେ ବି ଅବସରେ ପରେ ଗାଁ ମାଟିର ମହକକୁ ଭୁଲି ନପାରି ଫେରି ଆସିଛନ୍ତି । କଲ୍ୟାଣୀଙ୍କ ଇଚ୍ଛା ପୁରାଣ ହେଇଚି ।

ଶକୁନ୍ତଳାଙ୍କ ଅତି ଆପଣାର ଗାଁ ତାଙ୍କ ପରେ କେତେ ଯେ ବଦଳି ଯାଇଛି । ସବୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଣଓସାରିଆ ଗାଁ ଦାଣ୍ଡ ଏବେ ଚୌଡା ଆଉ କଂକ୍ରିଟ । ରାସ୍ତା ଉପରେ ଇଲେକ୍ଟ୍ରିକ ଖୁଣ୍ଟରୁ ଏଲଇଡ଼ି ବଲବମାନେ ଝଲସୁ ଛନ୍ତି । ଘରେ ଘରେ ଟିଭି,ଲାପଟୋପ,କାହିଁରେ କେତେ ଅତ୍ୟାଧୁନିକ ଜିନିଷ ସ୍ମାର୍ଟ ଫୋନ ଠୁ ଭଳିକି ଭଳି ଦରବମାନ । କେହି କିଛି ଲେଖୁ ନାହାନ୍ତି । ସବୁ ଏଇ ଫୋନ ଟିକକ କରୁଛି । ସବୁ କିଛି ହାତ ପାହାନ୍ତାରେ ମିଳିଯାଉଛି । ଲୋକେ ଭାରି ଖୁସି ଜଣାପଡୁଛନ୍ତି । ସରକାରଙ୍କର କେତେଯେ ଯୋଜନା । ଟଙ୍କାକିଆ ଚାଉଳ ଠୁ ଆରମ୍ଭ କରି କେତେ କଅଣ ।

ଭାଇ ଭଉଣୀ ଦୁଇଜଣ କେବେ କାହାକୁ ଛାଡି ପାରିନାହାନ୍ତି । ଦୁଃଖ ସୁଖରେ ପାଖେ ପାଖେ ରହିଆସିଛନ୍ତି । ନବଘନର ସ୍ତ୍ରୀ ବଡ ଏକ ଅପରେସନ ହେବାବେଳେ ଶକୁନ୍ତଳାର ଡାକ୍ତର ସ୍ୱାମୀ ବେଶ କିଛି ସହାୟତା କରିଥିଲେ । ସେମିତି ଶକୁନ୍ତଳାର ପୁଅ ଦେଶ ବାହାରେ ପଢିବାକୁ ଗଲାବେଳେ ନବଘନ ପାରୁପର୍ଯ୍ୟନ୍ତ ସାହାଯ୍ୟ ବି କରିଥିଲା । ସେମାନଙ୍କ ପିଲାମାନେ ଏବେ କଲ୍ୟାଣୀଙ୍କ ତୃତୀୟ ପିଢ଼ିର । ସଫ୍ଟୱେର କମ୍ପାନୀରେ ଚାକିରୀ କରି ଶକୁନ୍ତଳା ର ପୁଅ ଅସୀମ ଏଇଖିନା ଆମେରିକାରେ । ନବଘନର ଗୋଟିଏ ବୋଲି ପୁଅ ଆନନ୍ଦ ବ୍ୟାଙ୍କରେ ବଡ ପୋଷ୍ଟରେ ଅଛି । ସୁଖର ସଂସାର ସେମାନଙ୍କର ମୋଟାମୋଟି ଠିକ ଚାଲିଛି ।

ଏବର୍ଷ ରାକ୍ଷୀ ପାଇଁ ସେମିତି କିଛି ଉନ୍ମାଦନା ନାହିଁ । କରୋନା ମହାମାରୀ ଯୋଗୁଁ ଫିକା ପଡିଯାଇଛି ସବୁ କିଛି । ଅସୀମ ଜାଣେ ତା ମା ଶକୁନ୍ତଳା ମାମୁ ନବଘନଙ୍କୁ କେତେ ଭଲ ପାଆନ୍ତି । ଖାସ କରି ରାକ୍ଷୀ ଦିନଟା କୁ ସେମାନେ କେବବି ଭୁଲି ପାରନ୍ତି ନାହିଁ ।

ତାର ଇଛା ଥିଲା ଏଥର ଇଣ୍ଡିଆ ଆସିଲେ ରାକ୍ଷୀ ପାର କରିଯିବ । କିନ୍ତୁ ମହାମାରୀ ଟା ସବୁଥିରେ ବ୍ରେକ ଲଗେଇ ଦେଇଛି । ନବଘନଙ୍କର ସବୁ ମନେ ଅଛି । ରାଖି କଥା ପଡିଲେ

 Magazine Downloaded from www.aahwaan.com

ତାଙ୍କର ପିଲାଦିନ କଥା ମନେ ପଡ଼ିଯାଏ । ଅବସର ପରେ ଏକା ଏକା କେତେ ବସିବେ ! କୁନି କୁନି ପିଲାମାନଙ୍କୁ ଅବୈତନିକ ଭାବେ ପଢ଼ିବାକୁ ମଝିରେ ମଝିରେ ଗାଁ ପାଖ ଅରବିନ୍ଦ ଆଶ୍ରମ ଯାନ୍ତି । ଘଣ୍ଟେ ଦୁଇ ଘଣ୍ଟା ରହି ଫେରିଲା ବେଳକୁ ତାଙ୍କ ପେଟ ପୁରିଯାଇଥାଏ । ଇଛା ହେଉ ନଥାଏ ପିଲାଙ୍କ ମେଳାରୁ ଆସିବାକୁ । ପିଲାଏ ବି ଜେଜେଙ୍କ ଆସିବାକୁ ତାକି ବସିଥାନ୍ତି । କେତେବେଳେ ସାମାନ୍ୟ ଥଣ୍ଡା ଜ୍ୱର ହେଲେ ଖବରଟିଏ ପଠାଇ ଦିଅନ୍ତି ଆଶ୍ରମକୁ । ଖବର ଶୁଣି ପିଲାଙ୍କ କୌତୁହଳ ନିଆଁରେ ପାଣି ପଡିଲା ଭଳି ଭୁଷ କରି ଉଭାନ ହେଇଯାଏ । ସେମାନେ ବି ନବଘନଙ୍କ ସ୍ୱାସ୍ଥ୍ୟ କଥା ଜାଣି ଭାଙ୍ଗି ପଡନ୍ତି । ଦେହ ଭଲ ହେଲାପରେ ନବଘନ ପୁଣି ଥରେ ପହଂଚିଗଲେ ପିଲାଙ୍କ ମନ କୁଂଢ଼େ ମୋଟ ହୋଇଯାଏ । ପତ୍ନୀଙ୍କୁ ନବଘନ ବେଳେ ବେଳେ କହନ୍ତି ପିଲାଙ୍କ ସଂଗେ ମୋର ଆଉ ଗୋଟେ ସଂସାର ଆରମ୍ଭ ହେଇ ଯାଇଛି ।ପତ୍ନୀ ତାଙ୍କର ମୁରୁକି ହସି ଦିଅନ୍ତି ।

ଭଣଜା ଅସୀମ ଷ୍ଟେଟସ ରୁ ଆସୁ ପାରିନଥିବାରୁ ନବଘନ ଙ୍କ ମନ ଭଲ ନଥାଏ । ରାକ୍ଷୀର ଠିକ ଦିନେ ଆଗରୁ ଶକୁନ୍ତଳା ଏ କଥା ଜାଣିବା ପରେ ଭାଇଙ୍କୁ ପ୍ରସ୍ତାବଟିଏ ଦେଲେ । ଏହା ଆଗରୁ ଭାଉଜ ତାଙ୍କର ଭାଇ ନବଘନର ଆଶ୍ରମ ପିଲାଙ୍କ ପ୍ରତି ଅଗାଢ଼ ସ୍ନେହ କଥା କହିଦେଇଥିଲେ । ରାକ୍ଷୀ ଆଗ ଦିନ ଶକୁନ୍ତଳା ଫୋନ କରି କହିଲେ,"ଭାଇ, ମୁ ଜାଣେ ଅସୀମ ଆସୁ ନାହିଁ ବୋଲି ତୁମ ମନ ଭଲ ନାହିଁ । ଦେଖୁଛ ତ କରୋନା ର ନାଟ ! ଟିକେଟ କରି ବି କ୍ୟାନସଲ କଲା । ହଉ ଆରଥରକୁ ଆସିବନି ? ବ୍ୟସ୍ତ ହେବା କ'ଣ ଦରକାର ? ତମ ପାଇଁ ଭାରି ସୁନ୍ଦର ପ୍ରସ୍ତାବ ଟିଏ ,ଭାଇ । ତମ ଆଶ୍ରମ ର ପିଲାଙ୍କୁ ନେଇ ରାକ୍ଷୀ ଉତ୍ସବ ହେବ ହେବ ଏଥର । ସେଇ କୁନି କୁନି ପିଲାମାନେ ନିଜ ନିଜ ଭିତରେ ରାକ୍ଷୀ ବାନ୍ଧିବେ । ତମେ ମିଠାଇ ଖୁଆଇବ ସମସ୍ତଙ୍କୁ । ଭାରି ମଜା ହେବ । ନୁହଁ ?" ନବଘନଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନକୁ  କଥାଟା ପାଇଲା । ଭଉଣୀର ପ୍ରସ୍ତାବରେ ଏକାଥରକେ ରାଜି ହେଇଗଲେ ।  ଏଣେ ନବଘନର ପୁଅ ଆନନ୍ଦ ବାପାଙ୍କ ଖୁସି ଦେଖି ଅସୀମ ସହିତ କଥା ହେଲା । ସେ ଦିହେଁ ଠିକ କଲେ ସେମାନେ ଗୋଟେ ସରପ୍ରାଇଜ ଦେବେ । ବଜାରରୁ ତତକ୍ଷଣାତ ରାକ୍ଷୀ ଟିଏ ନେଇ ଆସିଲା । ତା   ବୋଉକୁ କାନ ପାଖରେ   କହିଲା ଅସୀମ କହିଛି ଶକୁନ୍ତଳା ପିଇସୀ ମା ବାପାଙ୍କ ହାତରେ ରାକ୍ଷୀ ବାନ୍ଧିବେ । ଯେତେ ଯାହା ହଉ ପଛେ ତା  ମାମୁ ଙ୍କ ହାତରେ ତା ବଉ ହିଁ ରାକ୍ଷୀ ବାନ୍ଧିବ । କରୋନା କୁ ଗୁଡ଼ ବାଏ୍ କରିବାକୁ ହେବ ।   ଆରଦିନ ସକାଳୁ ପିଲା ମାନେ ନବଘନଙ୍କ ଘରେ ହାଜର ।   ସାନିଟାଇଜର ଦେଇ ସବୁ ପିଲାଙ୍କ ହାତ ଧୋଇଦେଲା ଆନନ୍ଦ ।

ସମସ୍ତେ ଖୁସି । ପିଲାମାନଙ୍କୁ ଅଲଗା ଅଲଗା ଛଡା ଛଡା କରି  ଦୁଇ ଧାଡିରେ ବସାଇ ଦେଲା ଆନନ୍ଦ । ସମସ୍ତଙ୍କ ମୁହଁରେ ମାସ୍କ । ପୁଅ ଧାଡ଼ିଏ,ଝିଅ ଧାଡ଼ିଏ । ଝିଅଙ୍କ ହାତରେ ରାକ୍ଷୀ । ପୁଅ ଗୁଡାକ ବଲ  ବଲ କରି ଚାହିଁଛନ୍ତି । ଜେଜେ ଙ୍କୁ ଘଡ଼ିଏ ଘଡ଼ିଏ ଚାହୁଁ ଥାନ୍ତି । ଏଥର ନବଘନ ମନ୍ତ୍ର ଟିଏ ପଢି ରାକ୍ଷୀ ବାନ୍ଧିବାକୁ ଇସାରା ଦେଲେ ।  କୁନି ଝିଅଗୁଡାକ ସଂଗେ ସଂଗେ ରାକ୍ଷୀ ବାନ୍ଧିଦେଲେ ପୁଅଙ୍କ ହାତରେ । ନବଘନଙ୍କ ପତ୍ନୀ ସିନ୍ଦୁର ଚାଉଳ ତଥା ଦୀପର ର ବ୍ୟବସ୍ଥା କରିଥିଲେ ।  ଭଉଣୀମାନେ ଭାଇମାନଙ୍କୁ ସିନ୍ଦୁର ତିଳକ ଲଗାଇ ବନ୍ଦାପନା କରିଦେଲେ । ଶଙ୍ଖ ହୁଳ ହୁଳି ରେ ଘର ଉଛୁଳି ପଡିଲା । ମିଠାଇ ପୁଡିଆ ନବଘନଙ୍କ ହାତରେ । ପିଲାଙ୍କ ନିଘା ସେଇଠି  ଜେ ଜେ ଙ୍କ ଉପରେ । ହେଲେ ଏ କଣ ? ଜେ ଜେ ମିଠାଇ ଖୁଆଉ ନାହାନ୍ତି କାହିଁକି ? କିଛି ନ କହି ଗୁମ ହୋଇଯାଇଛନ୍ତି ଯେ ! ପିଲାଙ୍କୁ ନିଶବ୍ଦ ଦେଖି ନବଘନ ଟିକିଏ ଗେଲେହି ହେଇ  କହି ଉଠିଲେ ," ମୋ ରାକ୍ଷୀ ନାହିଁ ତ ,ମିଠେଇ ନାହିଁ " । ଅଡୁଆ କଥା । ସଭିଏ ସଭିଙ୍କୁ ଅନାଇଥାନ୍ତି । ତହୁଁ ଆନନ୍ଦ ଯୋଜନା ମୁତାବକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାକ୍ଷୀ ଆଉ ବନ୍ଦାପନା ଜିନିଷ ନେଇ ତା ପିଇସୀ ମା ସହିତ ହାଜର ହେଇଗଲା ଆଉ କହିଲା ," ସ ର ପ୍ରା ଇ ଜ....। ପିଲାମାନେ ତମ ଜେ ଜେ ଙ୍କ ହାତରେ ରାକ୍ଷୀ ବାନ୍ଧିବେ ତମର ଜଣେ ଜେଜେମା, ମାନେ ମୋ ପିଇସୀ । ଏଥର ଖୁସ ତମେ ସବୁ । "

ବିଧି ମୁତାବକ ସବୁ ହେଲା । କରତାଳି ଏବଂ ପିଲାଙ୍କ ଗୀତରେ ନବଘନ ଙ୍କ ଘର ଓ ସେ ଅଂଚଳ ସେଦିନ ପ୍ରକମ୍ପିତ ହେଇଯାଇଥିଲା । ଶକୁନ୍ତଳା ନବଘନ କୁ କହିଲା ," ଭାଇ, ଅଦ୍ଭୁତ ଏ ପ୍ରଥା । ଏ ବନ୍ଧନ କେତେ ଅତୁଟ ସତେ । ବଉ ଥିଲେ ବନ୍ଦାପନା ଟା କେତେ ଖୁସିରେ ଦେଖିଥାନ୍ତା ! " ନବଘନ ଙ୍କ ଆଖି ଦିଟା ଜାକି ହୋଇଯାଉଥିଲେ । ଉତ୍ସବ ଶେଷ ହେବା ମାତ୍ରେ ଆନନ୍ଦ ତା ମୋବାଇଲ ରେ ରେକର୍ଡ କରିଥିବା ୨୦୨୦ ର "ଆନନ୍ଦ ଭବନର " ରାକ୍ଷୀ ପର୍ବ କୁ ଅସୀମ ପାଖକୁ ପଠାଇ ଖୁବ ନାଚିଥିଲା ।

ପିଲାମାନଙ୍କୁ ବିଦା କଲାବେଳେ ନବଘନଙ୍କ ପୁଅ ବାପା ଓ ପିଉସୀ ଙ୍କୁ ଏହା କହୁଥିବାର ଶୁଣିଥିଲେ ତାଙ୍କ ପତ୍ନୀ ," ଏ ଅସୀମ-ଆନନ୍ଦ ର ସୀମା

କେଉଁଠି !!!"

ସିଡ଼ିଏ,

କଟକ ।

୭୩୮୧୭୯୧୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଦାରତାର ବଳ



ଭବାନୀ ଶଙ୍କର ପଟେଲ

ଘଞ୍ଚ ଅରଣ୍ୟ ମଧ୍ୟରେ ଅବସ୍ଥିତ ଏକ ସୁନ୍ଦର ଗାଁ । ଗାଁଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା । ପାର୍ଶ୍ୱରେ ବୋହିଯାଇଛି ଗୋଟିଏ ଛୋଟିଆ ନଈ । ସେହି ଗାଁରେ ଏକ ବିଧବା ବୃଦ୍ଧା ପୁଅ ଦୀନବନ୍ଧୁ ସହ ରହୁଥାଏ । ପୁଅଟି ତା'ର କର୍ମଠ । ତା' ପାଇଁ ରାଜକୁମାର ସଦୃଶ୍ୟ । ଦୀନବନ୍ଧୁ ଚାଷ କାମ କରି ନିଜ ପରିବାର ଚଳାଏ ।

ରାଜୁତି ସମୟର କଥା । ସକାଳୁ ସକାଳୁ ଚାଲିଯାଏ ଦୀନବନ୍ଧୁ ନିଜ କାମକୁ । ସବୁଦିନ ପରି ସେଦିନ ମଧ୍ୟ ସେ ଜଙ୍ଗଲକୁ ବାହାରି ଯାଇଥିଲା । ସେଦିନ ରାଜକୁମାର ଧନୁର୍ବିଦ୍ୟାରେ ଅଭ୍ୟାସରତ ଥା'ନ୍ତି । ହଠାତ୍ ତୀରଟିଏ ଆସି ଦୀନବନ୍ଧୁର ବକ୍ଷକୁ ଭେଦ କଲା । ଦୀନବନ୍ଧୁ ପାଟି ଫିଟାଇବାକୁ ମଧ୍ୟ ବଳ ପାଇଲା ନାହିଁ । ସବୁତକ ଅନ୍ଧାର ଦେଖାଗଲା, ସତେ ଯେମିତି କିଛି କ୍ଷଣ ପାଇଁ ଏ ଭୂମଣ୍ଡଳଟି ସ୍ତବ୍ଧ ହୋଇଗଲା । ନିମିଷକେ ଦୀନବନ୍ଧୁର ପ୍ରାଣ ଚାଲିଗଲା । ନିଜ ପୁଅର ମୃତ୍ୟୁଖବର ପାଇ ବୁଢ଼ୀଟିର ପାଦତଳୁ ମାଟି ଖସିଗଲା । ବହୁତ ପୀଡ଼ା ଓ ବେଦନାର କବଳରେ ବୁଢ଼ୀ ଗ୍ରାସିତ ହେଲା । କାନ୍ଦି କାନ୍ଦି ପୁଅର ଶବକୁ ନେଇ ରାଜାଙ୍କ ପାଖକୁ ଯାଇ ନିଜ ପୁଅ ପାଇଁ ନ୍ୟାୟଭିକ୍ଷା କଲା । ରାଜାରାଜୁତି ସମୟରେ ଆଇନ ବ୍ୟବସ୍ଥା କଠୋର ଥିଲା, ତିଳେ ମାତ୍ର କୋହଳ ହେଉ ନଥିଲା । ହତ୍ୟା ପରିବର୍ତ୍ତେ ଫାଶୀଦଣ୍ଡ ଦିଆ ଯାଉଥିଲା । ଦୋଷୀକୁ ତା'ର କୁକର୍ମ ଅନୁଯାୟୀ ସମପରିମାଣର ଦଣ୍ଡ ମିଳୁଥିଲା । ରାଜା ତାଙ୍କ ପୁଅର କର୍ମରେ ଚିନ୍ତିତ ହୋଇଗଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେହିଦିନ ରାଜାଙ୍କ ବିଚାରପତି ବୁଢ଼ୀ ଘରକୁ ଯାଇ ତାକୁ ସନ୍ତୋଷଜନକ ନ୍ୟାୟର ଫଳାଫଳ ପଚାରିଲେ, କାଳେ ବୁଢ଼ୀଟି ରାଜକୁମାରର ଜୀବନ ମାଗିଦେବ । ଗୋଟିଏ ଯୁବ ପୁଅର ବିୟୋଗରେ ମାଁଟିଏ କେତେ ଦୁଃଖପାଏ ତାହା ମାଁକୁ ହିଁ ଜଣା । ତେଣୁ ବୁଢ଼ୀ ଜଣକ ତା' ପୁଅର ଜୀବନ ବଦଳରେ ଅନ୍ୟର ଜୀବନ ନ ନେବାକୁ କହିଲା ଓ ଆଜୀବନ ତା'ର ଜୀବନଯାପନର ଦାୟିତ୍ୱ ରାଜା ନେବେ, ସେ ଏହା ହିଁ ଚାହିଁଲା । ପରଦିନ ନିର୍ଦ୍ଧାରିତ ସମୟରେ ସମସ୍ତେ ରାଜଦରବାରରେ ଉପସ୍ଥିତ ହେଲେ । ବୁଢ଼ୀର ଇଚ୍ଛା ମୁତାବକ, ରାଜା ଓ ରାଜକୁମାର ଦୁହେଁ ତା'ର ଶରଣାପନ୍ନ ହୋଇ ଭୁଲସ୍ୱୀକାର କଲେ । ସେ ସମୟରେ ରାଜା ଥିଲେ ସମ୍ମାନର ଅଧିକାରୀ । ତା'ଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରା ଯାଉଥିଲା । ତାଙ୍କୁ କେବେ ନତମସ୍ତକ ହେବାକୁ ପଡ଼ୁ ନଥିଲା । କିନ୍ତୁ ଆଜି ନିଜ ପୁଅର ଗୋଟିଏ ଭୁଲ୍ ଯୋଗୁଁ ସେ କ୍ଷମାପ୍ରାର୍ଥନା କଲେ ଓ ବୁଢ଼ୀଟିକୁ ନିଜ ମାଁଟିଏ ପରି ନିଜ ରାଜପ୍ରାସାଦରେ ସ୍ଥାନ ଦେଇ ତାର ଯତ୍ନ ନେଲେ । ସେହିଦିନ ଠାରୁ ରାଜାଙ୍କର ହୃଦୟ ପରିବର୍ତ୍ତନ ହେଲା ।

ପ୍ରକୃତରେ "ଉଦାରତା ହିଁ ମଣିଷର ମହତପଣିଆ"ର ପରିଚୟ ଅଟେ ଓ କ୍ଷମାଦ୍ୱାରା ମଣିଷ ଅନ୍ୟର ହୃଦୟ ଜିଣିବାରେ ବିଜୟଲାଭ ପାଇଥାଏ, ଯାହାକି ବର୍ତ୍ତମାନ ସମୟରେ ମନୁଷ୍ୟ ସମାଜ ପାଇଁ ଗୋଟିଏ ବିରାଟ ଶିକ୍ଷା ର ଉଦାହରଣ ପାଲଟିଛି ।

ସ୍ନାତକୋତ୍ତର ହିନ୍ଦୀ ବିଭାଗ ଛାତ୍ର,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର,
୭୬୭୦୦୧
ମୋ-୮୨୪୯୦୪୭୦୭୮

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ପ୍ରଥମ ପ୍ରେମ



ଇଂ ବିଦ୍ୟାଧର ପଣ୍ଡା

ଅରୁଣ ଆଜି ବିଚଳିତ । ସଦାବେଳେ ଅନ୍ୟମନସ୍କ । ସ୍କୁଲରେ କାହା ସାଙ୍ଗେ ସେତେ ମିଶାମିଶି କରୁନି । କ୍ଲାସର ପଛଧାଡ଼ିରେ ବସି ସୁଧା ପଟେଲକୁ ମଝିରେ ମଝିରେ କଣେଇ କଣେଇ ଚାହୁଁଛି । ଶିକ୍ଷକ କ'ଣ ପଢ଼ଉଛନ୍ତି କିଛି ମୁଣ୍ଡରେ ପୂରଉନି । ବଡ଼ନାନି ଅଞ୍ଜନାକୁ ପ୍ରାଣେ ଭୟ । ସାନଭାଇ ଅରୁଣର ନବମ ଶ୍ରେଣୀକୁ ବଡ଼ ଭଉଣୀ ଅଞ୍ଜନାର ଦଶମ । ଆଗରୁ ଦୁହେଁ ସାଙ୍ଗ ହୋଇ ଯିବାଆସିବା କରୁଥିଲେ, ଏଇ କିଛିଦିନ ହେଲା ଅରୁଣ ପଛେଇକି ସ୍କୁଲରୁ ଘରକୁ ଫେରୁଛି । ନାନୀ ଡାକିଲେ କହୁଛି ମୁଁ ଟିକିଏ ଖେଳିକି ଆସିବି । ସୁଧା ପଟେଲ ଝିଅ ଭିତରେ ସବୁଠାରୁ ସୁନ୍ଦର, ବଢ଼ିଲା ସମୟରେ ଝିଅ ପିଲାଟା ବୋଲି ଦେହ ଟିକିଏ ଲାଗିଯାଇଛି ବୋଲି ଗାଲଗୁଡ଼ା ପୂରିଲାପୂରିଲା ଦେଖା ଯାଉଛି । କଥାରେ ନାହିଁ ଝିଅଗୁଡ଼ା ଗଛ ଭଳି ବଢ଼ନ୍ତି, ଗୋଟାଏ ଦିଇଟା ଫଳ ଧରିଗଲେ ବୁଢ଼ୀ ହୋଇ ନଇଁ ଯାଆନ୍ତି । ଅଂଟାଯାଏ ଚୁଟି, ଆଖିରେ ଗୋଟାଏ ଅଜବ ଆକର୍ଷଣ ଅଛି । ଚାହିଁଲେ କଲିଜା ଛିଣ୍ଡେଇ ଦେଲା ପରି ଲାଗୁଛି ।

ଦିନେ ସୁଧା ଅରୁଣକୁ ହିଁ ମୁରୁକି ହସଟିଏ ହସି ତଳକୁ ମୁହଁ ପୋତିଦେଲା । ସେହି ଦିନରୁ ଅରୁଣ ସୁଧା ଚେହେରାକୁ ଭୁଲି ପାରୁନି । ପାଠସାଠରେ ମନ ନାହିଁ । ହୃଦୟରେ ଖାଲି ସୁଧା ସୁଧା ଜପ । ସ୍କୁଲ ଛୁଟି ହେଲେ, ଆଗତୁରା ନାନୀ ଆସି ସାଙ୍ଗହୋଇ ଘରକୁ ଫେରିବାକୁ ଡାକୁଛି । କ୍ଲାସ ଭିତରେ ଏତେ ଛୁଆ ଓ ଶିକ୍ଷକ । ଭଲରେ ଦେଖାସାକ୍ଷାତ ହୋଇ କଥାବାର୍ତ୍ତା ହେବାପାଇଁ ଟିକିଏ ହେଲେ ସୁଯୋଗ ନାହିଁ । ରଫ୍‌ଖାତା ମଝି ପୃଷ୍ଠାରେ ପାନପତ୍ରଟିଏ କରି ତୀର ଚିହ୍ନ ଆଙ୍କିଲା । ଛୋଟ ଛୋଟ ଅକ୍ଷର ନିଜର ପ୍ରକୃତ ଅକ୍ଷରଠାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧିକ ସୁନ୍ଦର କରି ମଠେଇ ମଠେଇ ଲେଖିଲା, - 'ସ୍ନେହର ପ୍ରିୟା, ସେଦିନଠାରୁ ମୁଁ ତୁମକୁ ଭୁଲି ପାରୁନି । ଦିନବେଳେ ଯାହା ତାହା ରାତି ହେଲେ ପଢ଼ାବହି ଖୋଲିଲେ ତୁମ ଚେହେରା ଜଳଜଳ ହୋଇ ଦିଶୁଛି । ଭାବୁଛି ତୁମ ସାଥୀରେ କୋଉଠି କିଛି ସମୟ କଥା ହେଲେ ମୋତେ ଭଲ ଲାଗନ୍ତା । ଜଣକୁ ମୋର ବହୁତ ଭୟ । ସିଏ ଜାଣିଲେ ଘରେ ବାପାଙ୍କୁ କହି ମୋତେ ମାଡ଼ ଖୁଆଇବ । ଏ' ଚିଠିର ଉତ୍ତର ବଗି ମଝିରେ ଥିବା ବେଲଗଛ ମୂଳେ ଚକୋଲେଟ୍ ଜରିରେ ଗୁଡ଼ାଇ ପକେଇଦେଲେ, ମୁଁ ନେଇ ପଢ଼ିବି । ଆଗକୁ ମୁଁ ବି ସେମିତି ସେଇ ବେଲଗଛ ମୂଳେ ତୁମ ପାଇଁ ଚକୋଲେଟ୍ ଜରିରେ ଚିଠି ଗୁଡ଼େଇ ରଖି ଦେଇ ଆସିବି । ଏକୁଟିଆ ଯାଇ ଆଣିବ । କେବେହେଲେ ଚିଠିରେ କେହି କାହାର ନାଁ ଲେଖିବାନି । କାହାକୁ କହିବନି । (ଇତି) ତୁମର ପ୍ରିୟ ।'

ସେଇ ଫର୍ଦ୍ଦଟିକୁ ଚିରି ପରୀକ୍ଷା କପି ଆକାରର ବଢ଼ିଆ ଭାଙ୍ଗିଭୁଙ୍ଗି ବାହାରକୁ ଯିବା ଫାଟକ ପାଖରେ ହାତରେ ଧରି ଅରୁଣ ସ୍କୁଲ୍ ଛୁଟିହେବାକୁ ଅପେକ୍ଷା କଲା । ସ୍କୁଲ୍ ଛୁଟି ହେବାର ପ୍ରଥମ ଦଶମିନିଟ୍ ଯାଏ ଫାଟକ ପାଖରେ ବହୁତ ଭିଡ଼ । ସୁଧା ଆସିଲେ ତା' ପାଖକୁ ଯାଇ ତା' ହାତରେ ଗୁଞ୍ଜିଦେବ ବୋଲି ଭାବି ଆଗରେ ଦୌଡ଼ିକି ଯାଇ ଅରୁଣ ଫାଟକ ଖମ୍ବ ପାଖରେ ଆଉଜି ଛିଡ଼ାହେଲା । କିଏ ପଛରୁ ଧକାଏ ଦେଲାଣି ତ କିଏ କଡ଼ରୁ ଠେଲି ଦେଉଥାନ୍ତି । ସବୁ ସହି ସହି କେତେବେଳେ ସୁଧା ପଟେଲ୍ ଆସିବ ହିଁ ରହିଥାଏ । ଅତି ଉଦ୍ୱିଗ୍ନମନା ହେତୁ ଭୟ ଲାଗୁଥାଏ । ମନରେ ଦ୍ୱନ୍ଦ୍ୱ ଉପୁଜୁଥାଏ । ଯଦି ମନାକଲା ? ଯଦି ରାଗିକି ଚିଲେଇଲା କି ନାନୀକୁ କହିଦେଲା ! ଏସବୁ ଭାବି ଭାବି ମାନସିକ ଅସନ୍ତୁଳନ ବଢୁଥାଏ । ତଥାପି ସ୍ଥିର କଲା ଚିଠି ଦେବ । ଯାହା ହେବ ପଛରେ ଦେଖାଯିବ । ପ୍ୟାର୍ କର୍ନା ହେ ତୋ ଡର୍ନା କ୍ୟା ? ସୁଧା ପଟେଲ୍ କ୍ଲାସରୁ ବାହାରିବା ଦେଖି ଅରୁଣ ସ୍କୁଲର ସ୍ଥାନଟିଏ ନିଜ ପାଇଁ ପକ୍କା କରିନେଲା । ଯୋଗକୁ ଦଶମ ଶ୍ରେଣୀର ଶିକ୍ଷକ କ୍ଲାସରୁ ବାହାରି

 Magazine Downloaded from www.aahwaan.com

ନାହାନ୍ତି, ନାନୀ ଭିତରେ ବସିଛି । ବହୁତ ପୁଅ ଏବଂ ସୁଧା ପଟେଲ୍ ସହ ନବମ ଶ୍ରେଣୀର ତିନିଜଣ ଆଉ ଅଷ୍ଟମ ଶ୍ରେଣୀର ଛଅ ସାତ ଜଣ ଝିଅ ଫାଟକ ସାମ୍ନାରେ ପହଁଚି ଭିଡ଼ରେ ବାହାରକୁ ବାହାରିଲା ବେଳକୁ ଅରୁଣ ସୁଧା ପଛରୁ ଘଷିହୋଇ ଆଗପଟକୁ ବାହାରିବା ଭିତରେ ତା' ହାତରେ କାଗଜଟିକୁ ଧରାଇଲା । ସୁଧା ବି' ମୁଠିକରି ଧରିନେଲା । ତା'ପରେ ସେଠାରୁ ଅରୁଣ ଆଖି ପିଛୁଳାକେ କୁଆଡ଼େ ଉଭାନ ହୋଇଗଲା, କେହି ଜାଣନ୍ତିନି । ଏଇସବୁ ସୁଧା ଛଡ଼ା ଅନ୍ୟ ଦୁଇଟି ଝିଅ ସେଇଠି ଦେଖିଦେଲେ । ଛୁଆଙ୍କ ଭିତରେ ଟୁପୁରୁଟାପର ହୋଇ ଦୁଇ ତିନି ଦିନ ଭିତରେ ଅଞ୍ଜନା କାନକୁ କଥା ଗଲା । ସ୍କୁଲରେ ଅଞ୍ଜନା ଅରୁଣକୁ କିଛି ନ'କହି ସିଧା ଘରେ ଆସି ମାଆକୁ କହିଲା – ତୋ' ପୁଅ ଗୋଟାଏ ଝିଅକୁ ଚିଠି ଦେଇଛି । ତାକୁ ଆସିଲେ ପର - କ'ଣ ପାଇଁ ଦେଇଛି ? ମୁଁ ଆଜି ଏକଥା ବାପାଙ୍କୁ ନିଶ୍ଚିତ କହିବି । ପଛେପଛେ ଅରୁଣ ଆସି ଅଞ୍ଜନାର ଏଇ ଶେଷ ବାକ୍ୟଟିକୁ ଶୁଣିନେଲା, ଧୀରେଧୀରେ ପଶି ସ୍କୁଲ୍ ବସ୍ତାନିଟିକୁ କାନ୍ଥ କଂଟାରେ ଝୁଲାଇ ବାହାରିଲା ବେଳକୁ ମା' ହାଜର ।

- କିରେ ! କାହାକୁ ଚିଠି ଦେଇଛୁ ?
- ଏଇଟା ପୂରା ମିଛ, ମୁଁ କାହାକୁ ବି ଚିଠିଫିଟି କିଛି ଦେଇନି । ନାନୀକୁ କିଏ ମିଛ କହିଛି, ସିଏ ଆସି ଏଠି ତୋ' ଆଗରେ କହୁଛି ।
- ଠିକ୍ ଅଛି, ବାପା ଆସିଲେ ପିଠିରେ ଗୋପାଳି ବସିଲେ ସବୁ ସତ ବାହାରିବ । ଥା' ଥା', ବାପା ଅଫିସରୁ ଫେରନ୍ତୁ" □

ଚୋର ମୁହଁ ଟାଣ ପରି, ମାଆ ଆଗରେ ଇଆଡୁ ସିଆଡୁ ଫୁଟାଣି ଦେଖେଇ ଘରୁ ଲିଗଲା ସିନା କିନ୍ତୁ ପିଳେହି ପାଣି । ବାପା ଫେରନ୍ତି ରାତି ସାତଟାରେ । ଅଠଟା କି ସାଢ଼େ ଆଠଟା ଯାଏ ଟିଭି ଦେଖି ରାତ୍ରି ଭୋଜନ ଖାଇ ନଅଟାରେ ଶୋଇ ଯାଆନ୍ତି । ଅରୁଣ ବାପାଙ୍କଠାରୁ ବଂଚିବା ପାଇଁ ସେଦିନ ଦଶଟା ରାତିରେ ଘରକୁ ଫେରିଲା । ଆସି ଦେଖୁଛି

 Magazine Downloaded from www.aahwaan.com

ସମସ୍ତେ ହିଁଛନ୍ତି, ଏ'ପର୍ଯ୍ୟନ୍ତ କେହି ଜଣେ ବି ଖାଇ ନାହାନ୍ତି । ବାପା ଚଢ଼ା ଗଳାରେ ଡାକି ପରିଲେ,

- ଏତେ ବେଳଯାଏ କୁଆଡ଼େ ଯାଇଥିଲୁ । ତୋତେ ରାତି ଜଣା ପଡୁନିକି ?
- ମହେଶ ଘରେ ଅଙ୍କ କଷୁଥିଲୁ ।
- "ଚିଠି କାହାକୁ ଦେଇଛୁ ? ସତ ମାନି ଯା, କିଛି କହିବିନି, ନଚେତ୍ ମାରିମାରି ପିଠି ଫଟେଇଦେବି" 
- ମୁଁ ଦେଇନି କି ଚିଠି ଫିଟି କିଛି ଜାଣିନି 

ଅରୁଣ କଥା ମଝିରେ ନାନୀ ଉପରେ ପଡ଼ି କହିଲା – ତେବେ ସେ ଝିଅ ଦୁଇଟା କ'ଣ ମିଛ କହିଲେ ? ଶେଷରେ ଅରୁଣଙ୍କ ବାପା ସ୍ଥିର କଲେ ଯେ କାଲି ସୁଧାକୁ ଆମ ଘରକୁ ଡାକ । ଖିରି କର । ତାକୁ ମୁଁ କଥା ହେବି, ସତ ମିଛ ସବୁ ଜଣା ପଡ଼ିଯିବ । ଅରୁଣର ମୁଣ୍ଡ କାମ କରୁ ନ'ଥାଏ, ରାତି ସାରା ନିଦ ନାହିଁ । ସ୍କୁଲ୍ ଛୁଟି ହେବା ପରେ ପିଠିରେ ପୋଖରୀ ଖୋଳା ହେବାଟା ଥୟ । ବାପା ବହୁତ ରାଗି । ଏ' ଡାହାଣି ନାନୀ ଯୋଗୁଁ ଜାଣ ଏତେ କଥା । ଦେଖାଯାଉ କ'ଣ ହେଉଛି ।

ସ୍କୁଲ୍ ଛୁଟି ହେବା ଘଂଟି ବାଜିଲା ପରେ ଅରୁଣ ଛାତି ଧଡ଼ଧଡ଼ ହେବା ଆରମ୍ଭ ହେଲା । ଅଞ୍ଜନା ନବମ ଶ୍ରେଣୀ ଗୃହକୁ ଆସି ଅରୁଣକୁ କହିଲା, ବାପା ତୋତେ ଘରେ ଅପେକ୍ଷା କରିଛନ୍ତି । ଆଜି ସିଧାସିଧା ଘରକୁ ଯିବୁ । ତା'ପରେ ସୁଧା ପଟେଲ୍ ପାଖକୁ ଯାଇ ଧୀରେଧୀରେ କ'ଣ କ'ଣ କହିଲା । ଅଞ୍ଜନା ଓ ସୁଧା ଦୁଇଜଣ ସ୍କୁଲରୁ ସାଙ୍ଗହୋଇ ଅରୁଣ ଘରକୁ ଆସିଲେ । ଅରୁଣ ବାପା ଇସାରାରେ ଅରୁଣର ମାଆକୁ କହିଲେ ଅଞ୍ଜନା ଓ ସୁଧାକୁ ନେଇକି ଶୋଇବା ଘରକୁ ଆସ । ଶୋଇବା ଘରେ ପଛ ବାରଣ୍ଡାକୁ ଗୋଟିଏ ଝରକା ଥାଏ । କାଠ ଝରକା । କଡ଼ରେ ଫାଙ୍କ ସାଙ୍ଗକୁ ଦୁଇ ତିନିଟା ଉଈଁର କଣା ବି ରହିଥାଏ । ଅରୁଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଛ ବାରଣ୍ଡାରେ ସେଇ ଝରକା କଣାରେ କାନ ଯୋଖି ଛିଡ଼ାହେଲା । କଲରାପତର ଭଳି ଗୋଟାଦେହ ଥରୁଥାଏ । ଅରୁଣ ବାପା ସୁଧାକୁ ପାଖକୁ ଡାକି ପଚାରିଲେ, – 'ମାଆ ! ତୋତେ ଅରୁଣ ଗୋଟାଏ ଚିଠି ଦେଇଥିଲା କି ?' - 'ମଉସା ! ମୁଁ ଛୁଆଙ୍କ ଭିଡ଼ରେ ଠିକ୍ କରି କାହାକୁ ଦେଖି ପାରିନି । କିଏ ଜଣେ ମୋ' ହାତରେ ଗୁଞ୍ଜି ଦେଇ ପଳେଇଲା, ମୁଁ ଭଲରେ ଜାଣି ପାରିଲିନି । ଏଇଟା ସେ' ଚିଠି । ଅରୁଣ ହସ୍ତାକ୍ଷର ସାଙ୍ଗରେ ଟିକେଟିକେ ମେଳ ଖାଉଥିବାରୁ ଛୁଆମାନେ ସେଇ ଦେଇଥାଇପାରେ ବୋଲି କହୁଛନ୍ତି । ତା'ର ଅକ୍ଷର କିନ୍ତୁ ପୂରା ମିଶୁନି ।'- 'ତୁ କ'ଣ କହୁଛୁ ? ଏଇଟା ସିଏ ଦେଇଥିବ ? ନାଁ ଆଉ କିଏ ?'- 'ମୁଁ ଠିକ୍ କହି ପାରିବିନି ମଉସା, ସିଏ ସେମିତି ତ ମୋତେ କେବେ ବି ଖରାପ କଥା କି ଅସଭ୍ୟ ବ୍ୟବହାର କରିନି' □ -'ଠିକ୍ ଅଛି, ଏବେ ଖିରି ଆଣ □ ତୁ' ଲିଯିବୁ ନା' ମୁ ସ୍କୁଟର୍ରେ ନେଇ ଛାଡିଦେବି ?' - 'ନାଇଁ ମଉସା, ମୁଁ ଏକା ପଳେଇବି ।'

ଅରୁଣ ଆଖି ଲାଲ୍ଲାଲ୍ କରି ବାଡିପଟୁ ଆସି କିଛି ନ' ଜାଣିଥିଲା ପରି ମାଆକୁ ପଚାରିଲା – କ'ଣ କହିଲା ସୁଧା ? ମାଆ କିଛି କହିବା ପୂର୍ବରୁ ଅଞ୍ଜନା ଆସି କହିଲା- ଆଜି ପୁଅ ବଂଚିିଗଲୁ । ଆଉଥରେ ସେମିତିଆ କାମ କର ମୋତେ ଚିହ୍ନିବୁ । ମୁଁ ତୋତେ ଭଲରେ ଚିହ୍ନିଛି, ମିଛେଇ ନମ୍ବର ଓାନ୍ । ମା' ବିରକ୍ତ ହେବାରୁ ଭାଇ ଭଉଣୀଙ୍କ ଯୁକ୍ତି ତର୍କରେ ବିରାମ ଲାଗିଲା, କିନ୍ତୁ ସୁଧାର କେଇପଦ କଥା ଅରୁଣର ଘାତଚନ୍ଦ୍ର ଦୋଷ କାଟିଦେଲା । ପୂର୍ବରୁ ଅରୁଣ ମନେମନେ ସୁଧାକୁ ଯେତିକି ଭଲ ପାଉଥିଲା, ତାହା ଏବେ ଶହେ ଗୁଣ ବଢ଼ିଗଲା । ଅରୁଣକୁ ଶୟନେ, ସପନେ ଅବା ଜାଗରଣେ ସ୍କୁଲ୍ ଓ ଘର ପରିବେଶ ସୁଧାମୟ ପ୍ରତୀତ ହେଲା । ଯେଉଁଆଡ଼େ ହିଁଲା ସୁଧା ପଟେଲ୍ କିନ୍ତୁ ଆଉ ଚିଠି କଥା ଭାବିବାକୁ ସାହସ ନାହିଁ । ଚିଠିରୁ ଏତେ କାଣ୍ଡ ହେଲା, ଆଉ ସେମିତି ଭୁଲ୍ ଆଉ ଥରେ ହେବ ? ମୋଟେ ନୁହେଁ ।

ଅଞ୍ଜନା ଅରୁଣକୁ ଗୋଡ଼େଗୋଡ଼େ ଜଗିଥାଏ । ଯିବା ଆସିବା ବାଟରେ ରାସ୍ତାକଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଝଙ୍କାଳିଆ ବରଗଛଟିଏ ଅଛି । ସ୍କୁଲ୍ ଛୁଟି ହେବା ମାତ୍ରେ ଅରୁଣ ଦୌଡ଼ିଦୌଡ଼ି ଆଗରୁ ସେଇ ବରଗଛ କେନାରେ ଚଢ଼ି ବସେ । ଅଞ୍ଜନା ଆସିଲା ବେଳେ ଛପି ଯାଉଛି, ସୁଧା ଆସିଲା ବେଳେ ନିଜର ପୂରା ଚେହେରା ଆଗପଟ ଡାଳକୁ ଆଣି ତାକୁ ଅଦୃଶ୍ୟ ହେବା ଯାଏ ହିଁ ରହୁଛି । ଏମିତି ଲିଥିବା ବେଳେ ଦିନେ ଅଞ୍ଜନା ସୁଧା ପଛରେ ଆସୁଥିବାରୁ ଅରୁଣକୁ ସେଇ ବରଗଛ ଆଗକେନାରେ ବସି ସୁଧାକୁ ଏକା ଲୟରେ ହିଁରହି କିଛି ଅଙ୍ଗଭଙ୍ଗି କରୁଥିବାର ଦେଖିଦେଲା । ଗଛ ପାଖକୁ ଆସି ଗଛ ଉପରକୁ ହିଁଲା ବେଳକୁ ଅରୁଣ ପଛପଟେ ଲୁଚିଥାଏ । ଜୋରରେ ତା' ନାଁ ଧରି ଡାକିବାରୁ, ଧୀରେଧୀରେ ତଳକୁ ଓହ୍ଲାଇଲା । ନାନୀ ଆଗରେ ଯେତେ ବାଆଁରେଇ ହେଲା, ଅଞ୍ଜନା କିଛି ଶୁଣିଲାନି । ସବୁ ଦେଖିଥିବା କଥା ଘରେ ଆସି କହିଲା । ମାଆ ଗାଳି କଲେ, ରାତିରେ ବାପା ଗୋଟେ ଚଟକଣି ଗାଲରେ କଷିକି ଦେଲେ ।

ସେଇ ଦିନଠାରୁ ଅଞ୍ଜନା ସାଙ୍ଗରେ କଟି । ଦୁଇ ଜଣଙ୍କ ଭିତରେ କଥା ପୂରାପୂରି ବନ୍ଦ । ଦିନେ ଅରୁଣ ଜିଦ୍ ଧରି ବସିଲା ନାନୀ କି ଝିଅପିଲା ସ୍କୁଲରେ ପଢ଼ାଅ, ନହେଲେ ମୁଁ ସେଇ ସ୍କୁଲ୍କୁ ପଢ଼ିବାକୁ ଯିବିନି । ଏଇ ଜିଦ୍ରେ ରାତିରେ ଖାଡ଼ା ଉପାସ ଶୋଇଲା । ସକାଳକୁ ମୁହଁ ପଶି ଯାଇଥାଏ । ଭୋକରେ ପେଟ ଜଳୁଥିଲେ ବି ଜିଦ୍ ଛାଡୁ ନ'ଥାଏ । 'ଆରେ ନାନୀର ଦଶମ, ଆଉ ଅଳପ ଦିନରେ ତା'ର ପ୍ରିଟେଷ୍ଟ ପରୀକ୍ଷା ସରିଲେ ସରିଲା'- ବୋଲି ମାଆ ବୁଝାଇଲେ । ଏଇ କଥାଟା ତା' ମୁଣ୍ଡରେ ପଶିଲା । ଦୁଇମାସ ପରେ ଦଶମ ଶ୍ରେଣୀର ପ୍ରିଟେଷ୍ଟ ପରୀକ୍ଷା । ତା'ପରେ ସବୁ ଘରେ ରହି ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ, ତାହାଣି ନାନୀ ସ୍କୁଲରୁ ଗେଟ୍ଆଉଟ୍ ହେଲେ ମଣିଷ ଟିକେ ଶାନ୍ତିରେ ସୁଧା ସାଙ୍ଗରେ ମିଳାମିଶା କରି ପାରିବ । ମନକୁ ଏମିତି ବୁଝେଇଦେଇ ଖିଆପିଆ ସାରି ସ୍କୁଲ୍ ଗଲା ।

ସପ୍ତାହ ପରେ କିଛି ପିଲା ବଗିର ବେଲଗଛ ପାଖରେ ବୁଲୁଥିଲେ । ଜଣେ ଦେଖିଲା ବେଲକଂଟାରେ କିଏ ବେଲଗଛ ବକଳରେ ଖୋଳିକି' ଅରୁଣ ପ୍ଲସ୍ ସୁଧା ଲେଖିଛି । ଏକଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୀରେଧୀରେ ଅରୁଣର ନାନୀ ଅଞ୍ଜନା କାନକୁ ଗଲା । ଓଲଟା ପୋଲଟା କୁହାକୁହି ହେବାରୁ ସୁଧା ସପ୍ତାହେ ସ୍କୁଲ୍କୁ ଆସିଲାନି । ସୁଧାର ବାପା ଆସି ହେଡମାଷ୍ଟ୍ରଙ୍କୁ ଅଭିଯୋଗ କଲେ । ଶ୍ରେଣୀ ଶିକ୍ଷକ କହିଲେ ଅରୁଣ ନିଜେ ଲେଖିଥିବ, ସିଏ ଟିକିଏ ବାଳୁଙ୍ଗା ଅଛି । ହେଡମାଷ୍ଟ୍ରେ ପରିବାରୁ ଅରୁଣ ମାନିଲାନି ବୋଲି ବେତବାଡ଼ିରେ ରି ପାହାର ହାତରେ ବସିଲା । ତା'ପର ଦିନ ଶ୍ରେଣୀ ଶିକ୍ଷକ ପ୍ରଥମ ପିରିୟଡ୍ରେ ଅଧା ସମୟ କାନଧରି ବେଂଚ୍ ଉପରେ ଛିଡ଼ା କରେଇଲେ । ଝିଅ ପିଲାଗୁଡ଼ା ତାକୁ ଅନେଇ ହସୁଥାନ୍ତି । ଏତେ ସବୁ ପରେ ବି' ଅରୁଣ ସୁଧାକୁ ଭୁଲି ପାରୁ ନ'ଥାଏ । ଯେତେ ବେଶି ପ୍ରତିରୋଧ କରୁଥାନ୍ତି, ସୁଧା ସହ ଅତ୍ମୀୟତା ସେତେ ଅଧିକ ହେଉଥାଏ । ଅରୁଣର ନୂଆ ନୂଆ ଟିକିଏ ଟିକିଏ ନାକ ତଳେ ନିଶରୁମ କଅଁଳୁ ଥାଏ । ସେତେବେଳେ ଶ୍ରେଣୀଗୃହ କୋଣରେ ପିଇବାପାଣି ପାଳିକରି ଝିଅଛୁଆମାନେ ଭରନ୍ତି । ଦିନେ ସୁଧା ପଟେଲ୍ ବାଲ୍ଟିରୁ ମାଠିଆକୁ ନଇଁକି ପାଣି ଭରିବା ବେଳେ ଅରୁଣ ତା'ର ଛାତିର ଅସମତଳ ଜାଗାକୁ ସାର୍ଟରେ ବେକ ପାଖରେ ଥିବା ଫାଙ୍କ ଦେଇ ଦେଖି ଦେଇଛି । ସେହି ଦିନଠାରୁ ବାବୁ ବେଶି ବାଇଆ । ସେମିତି କିଛି ଯୌନ ଲାଳସା ମନରେ ନାହିଁ, କିନ୍ତୁ କାହିଁକି କେଜାଣି ସୁଧା ଅରୁଣ ମୁଣ୍ଡରେ ସଦାବେଳ ପାଇଁ ବସା ବାନ୍ଧି ରହିଥାଏ ।

ସୁନ୍ଦରଗଡ଼ର କୋଲିୟେରି କଲୋନିରେ ଅରୁଣ ଓ ସୁଧା, ଦୁଇଜଣଙ୍କ ବାପାଙ୍କୁ କ୍ୱାଟର ମିଳିଥାଏ । ଅରୁଣ ଘରଠାରୁ ସୁଧା ପଟେଲ୍ ଘର ଦୁଇ ମାଇଲ୍ରୁ ବି କମ୍ । ଅରୁଣ ଯେତେ ଚେଷ୍ଟା କରୁଥାଏ ସମ୍ପର୍କର ଗତି ବଢ଼ାଇବାକୁ, ସଦାବେଳେ ବିଫଳ ହେଉଥାଏ । ଏମିତିରେ ଆସିଲା ପ୍ରିଟେଷ୍ଟ ପରୀକ୍ଷା । ଅରୁଣ ହିଁଛି ଦଶମ ପରୀକ୍ଷାଟି ସଇଲେ ନାନୀର ସ୍କୁଲ୍ ଯିବା ସରିବ । ଆଉ ସୁଧା ସାଙ୍ଗରେ ମିଳାମିଶା ହେବାକୁ ତା'କୁ କେହି ରୋକି ପାରିବେନି । ସେହି ଶୁଭ ଅବସରଟି ଆସି ପହଁଚିଲା । ନାନୀର ସ୍କୁଲ ଯିବା ବନ୍ଦ ହେଲା । ଅରୁଣକୁ ଏବେ ସୁଧା ଟିକେଟିକେ ହିଁଲାଣି । ଅରୁଣ ସ୍କୁଲକୁ ଆଗପରି ଠିକ୍ ସମୟରେ ଆସୁନି । ଜଲ୍ଦି ଆସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଧାର ବାଟକୁ ହିଁ ରହେ । ସ୍କୁଲରୁ ଛୁଟି ହେଲାବେଳେ ସୁଧା ପଛେପଛେ ଯାଏ । ସରସ୍ୱତୀ ପୂଜାଦିନ ସାଧା ପାନ ଖଣ୍ଡେ ବି' ଅରୁଣ କିଣି ସୁଧାକୁ ଦେଇ ସାରିଲାଣି । ସୁଧାକୁ ଯୌବନର ଫଗୁଣ ଏମିତି ଘେରିଲାଣି ଯେ ଦେହମୁହଁର ରଙ୍ଗ ବଦଳିଗଲାଣି । ସ୍କୁଲ୍ ୟୁନିଫର୍ମର ପତଳା ଚୁନୁରୀ ଜାଗାରେ ଗୋଟାଏ ବେଡ୍‌ସିଟ୍ ମୋଟାର ଦର ଛାତିରେ ପକେଇ ଆସୁଛି । ଦୁଇଜଣଙ୍କ ଭିତରେ ଦୂରତା ଦିନୁଦିନ କମିବାରେ ଲାଗିଛି । ପାଖ ହାଟରେ ବୁଲିବୁଲି ଦୁଇଜଣଯାକ କେତେଥର ଆଇସ୍କ୍ରିମ୍ ଖାଇଲେଣି । ଏମାନଙ୍କ ଭିତରେ ମଧୁର ସମ୍ପର୍କକୁ କିଛି ସାଙ୍ଗସାଥୀ ଦେଖି ହିନ୍ଦୀ ଦିଦିକୁ ଜଣେଇଲେ । ହିନ୍ଦୀ ଦିଦି ସୁଧାକୁ ଡାକି ପରିବାରୁ ସୁଧା ସବୁ ସତ ମାନିଗଲା । ଶ୍ରେଣୀ ଶିକ୍ଷକ ଓ ହେଡ୍‌ମାଷ୍ଟ୍ରେ ଦୁଇ ଜଣଙ୍କର ସମ୍ପର୍କକୁ ଗୁରୁତର ସହ ନେଇ ଦୁଇ ଅଭିଭାବକଙ୍କୁ ଡକାଇ ପଠାଇଲେ । ସମସ୍ତଙ୍କ ଉପସ୍ଥିତିରେ ଅରୁଣକୁ ପରିବାରୁ କିଛି ମାନିଲାନି, ତାରି ସାମ୍ନାରେ ସୁଧା ପଟେଲ୍ ସବୁ ଗୋଟିଗୋଟି କରି ସତ ମାନି ଅରୁଣକୁ ଧରା ପକେଇଦେଲା । ଘରେ ସେଦିନ ରାତିରେ ଅରୁଣ ପିଠି ଉପରେ କୋରଣା ହେଲା ।

ପରଦିନ ଅରୁଣର ବାପା ଯାଇ ସୁଧାର ବାପାଙ୍କୁ ସାକ୍ଷାତ କଲେ । ଛୁଆ ଦୁଇଟାଙ୍କର ଭିତରେ ଯେଉଁ ସମ୍ପର୍କ ଗଢ଼ି ଉଠୁଛି, ସେଥିରେ ବିବ୍ରତ ବ୍ୟତିବ୍ୟସ୍ତ ହୋଇ ଅରୁଣ ବାପା ସେ' ଚିଠିକଥାଠାରୁ ବେଲଗଛ ବକଳ ଖୋଳା ସହ ଆହୁରି ଅନେକ ଅଞ୍ଜନାଠାରୁ ଶୁଣିଥିବା କଥାକୁ ବିଶେଷଭାବେ ବର୍ଣ୍ଣନା କଲେ । ସୁଧା ପଟେଲର ବାପା ସବୁ ଶୁଣି ଦୀର୍ଘ ନିଶ୍ୱାସଟିଏ ମାରି ମୋତେ କେବଳ ମାସଟିଏ ସମୟ ଦିଅନ୍ତୁ, ମୁଁ ଏହାର କିଛି ବନ୍ଦୋବସ୍ତ କରୁଛି ବୋଲି କହି ଅରୁଣ ବାପାଙ୍କୁ ବିଦାୟ ଦେଲେ । ଗଲାବେଳେ ଅରୁଣବାପାଙ୍କୁ ବିଚଳିତ ହେବାର ଦେଖି ମୋତେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ଏହାର ଉପାୟ ଭାବି ସାରିଲିଣି । ସବୁକିଛି ଠିକ୍ ହୋଇଯିବ । ପରଦିନ ସୁଧାର ବାପା ସ୍କୁଲ୍ ଅଫିସ୍ରେ ଯାଇ ଦୁଇଘଂଟା ପାଖାପାଖି ବସିଲେ । ଏସବୁ ଦେଖି ଅରୁଣ ମୁଣ୍ଡ ଘାଉଁରାଉ ଥାଏ । ନାନୀର ସ୍କୁଲ୍ ବନ୍ଦ ହେବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଶଦିନ ହେଲାଣି । ଯାହା କିଛି ସ୍ୱପ୍ନ ଦେଖିଥିଲା, ଏ'ପର୍ଯ୍ୟନ୍ତ କିଛି ପୂରା ହେଉନି । ସଦାବେଳେ ସେଇ ଗୋଟିଏ ଚିନ୍ତା ସୁଧା ସୁଧା ସୁଧା । ପ୍ରେମରୋଗର ସବୁ ଲକ୍ଷଣ ଅରୁଣ ପାଖରେ ସ୍ୱଷ୍ଟ ଦେଖା ଗଲାଣି । ଲୁଲୁ ଝୁଂଟିବା, ମନେମନେ ହସିବା, କ୍ଲାସ୍ରେ ପଢ଼ା ଲିଥିବା ବେଳେ ଅନ୍ୟମନସ୍କ ହୋଇ ଗୋଟିଏ ଆଡ଼େ ଟକ୍କକି ଲଗେଇ ହିଁବା ଇତ୍ୟାଦି ଇତ୍ୟାଦି ।

ଏତିକି ବେଳେ ହଠାତ୍ ସୁଧା ସ୍କୁଲୁ ଗାଏବ୍ । ପରଦିନ ବି ଆସିଲାନି । ରିଦିନ ଯାଇ ପାଂଚଦିନ ହେଲା । ଅରୁଣ ସୁଧାକୁ ନଦେଖି ଆଉ ସମ୍ଭାଳି ପାରୁନି । ସୁଧାଘର ପାଖକୁ ଯାଇ ଦେଖିଲା ଫାଟକରେ ଗୋଟାଏ ବଡ଼ କୋଲପ ପଡ଼ିଛି । ପନ୍ଦର ଦିନ ଗଡ଼ିଗଲା, ସୁଧାର କିଛି ଟେର୍ ପାଇଲାନି କି ସିଏ ଆଉ ସ୍କୁଲ୍ ଆସିଲାନି । ଖୋଜ୍ଖବର ନେଇ ଜାଣିପାରିଲା ସିଏ ସ୍କୁଲରୁ ଟିସି ନେଇ ଯାଇଛି । ଦିନେ ସାଇକେଲ୍ ନେଇ ସୁଧାର ବାପାଙ୍କ ଅଫିସ୍କୁ ଯାଇ ବୁଝିଲା ତାଙ୍କର ଟ୍ରାନ୍ସଫର୍ ହୋଇ ସାରଲାଣି । ସେମାନେ ଆଉ ସେଠାରେ ନାହାନ୍ତି । ପ୍ରାୟ ପନ୍ଦର ଦିନ ହେବ ପଳେଇଛନ୍ତି । ତାଲଚେର୍ କିମ୍ବା ରାୟଗଡ଼ା କୁଆଡ଼େ କେହି ଠିକ୍ରେ କହି ପାରୁ ନାହାନ୍ତି । ଅରୁଣ ହିସାବରେ ଏସବୁ ନାଟର ଗୋବର୍ଦ୍ଧନ ଏବଂ ସବୁ ଅନିଷ୍ଟ ମୂଳରେ ତା'ର ନିଜ ଦିଦି । କାନ୍ଦିକାନ୍ଦି କାନ ମୁଣ୍ଡା ଆଉଁସି ଘରକୁ ଫେରିଲା, ସେହି ଦିନଠାରୁ ଅରୁଣ ସୁଧାକୁ ଖୋଜିଖୋଜି ନୟାନ୍ତ ହେଲାପରେ ଯେତେ ଭୁଲିବାକୁ ଚେଷ୍ଟା କରୁଛି ଜମାରୁ ସଫଳ ହୋଇପାରୁନି । ବଡ଼ ଅଜବ ସେ' କିଶୋର ଜୀବନ ବିଦ୍ୟାଳୟ ଦିନରେ ପ୍ରଥମପ୍ରେମ ।

ଖ- ୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି
ଭୁବନେଶ୍ୱର-୭୫୧୦୧୯, ମୋନଂ- ୯୪୩୯୧୭୮୦୫୦୬
bdpanda1@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଣି ହସିଲା ପ୍ରକୃତି...



ଆରତୀ ପଟ୍ଟନାୟକ

ଭୋର୍ ହୋଇ ଆସୁଥାଏ । କୁନା ଖୁବ୍ ଜୋର୍ ନିଦରେ ଶୋଇଥାଏ । ନିଘୋଡ ନିଦରେ ସେ ସ୍ୱପ୍ନ ଦୁନିଆରେ ହଜି ଯାଇଥାଏ । ସ୍ୱପ୍ନରେ ଦେଖୁଥାଏ-ଏକ ସୁନ୍ଦର୍ ପ୍ରାକୃତିକ ଦୃଶ୍ୟ । ଯେଉଁଠି ଚାରିଆଡ ସବୁଜିମାଭରା । ସତେ ଯେମିତି ପ୍ରକୃତିରାଣୀ ଆଜି ସବୁଜ ରଙ୍ଗର ଶାଢ଼ିରେ ନିଜକୁ ସଜେଇ ନେଇଛି । ପହିଲି ସୂର୍ଯ୍ୟର କିରଣ ଗଛ ଆଢୁଆଳରୁ ବେଶ୍ ମନଲୋଭା ଦିଶୁଥାଏ । କୁନା ସେହି ଜଙ୍ଗଲରେ ପ୍ରକୃତିର ଭରପୁର ଆନନ୍ଦ ନେଉଥାଏ । ପୁଣି ଦେଖିଲା ପାଖରେ ଥିବା ପୋଖରୀର ପାଣି କାଚକେନ୍ଦୁ ଭଳିଆ ଝଟକି ଉଠୁଛି । ପୂର୍ବ ଭଳି ଅପରିଷ୍କାର ଦେଖା ଯାଉ ନାହିଁ । ସକାଳ ସମୟର ବିଶୁଦ୍ଧ ବାୟୁ ସ୍ୱାସ୍ଥ୍ୟପ୍ରଦ ମନେ ହେଉଥାଏ । ଏହିପରି ସେ ଆଗକୁ ବଢ଼ି ଚାଲିଥାଏ ।

କିଛି ବାଟ ଆଗକୁ ଯାଇ ଦେଖେ ତ କଉତୁକିଆ ହରିଣ ଛୁଆଗୁଡିକ ଖେଳରେ ମାତିଛନ୍ତି । ପକ୍ଷୀମାନେ କଳରବ କରି ଘୂରି ବୁଲୁଚନ୍ତି । ମନେମନେ କୁନା ଭାବୁଥାଏ, ପ୍ରକୃତିର ଏତେ ସୁନ୍ଦର ଦୃଶ୍ୟ କାହିଁ ମୁଁ ତ ଆଗରୁ କେବେ ଦେଖି ନାହିଁ ! ଏହି ସମୟରେ ତା'ର ନଜର ପଡିଲା ଏକାଠି ହୋଇଥିବା କିଛି ପଶୁପକ୍ଷୀଙ୍କ ଉପରେ । ସେମାନଙ୍କ ମେଳି ଚାଲିଥାଏ । ସେମାନେ ପରସ୍ପର କଥା ହେଉଥାନ୍ତି । ସେମାନଙ୍କ କଥା ଶୁଣିବାକୁ କୁନା ଗୋଟିଏ ବଡ ପଥର ପଛରେ ଲୁଚି ରହିଲା । ସେଠାରେ ହରିଣଟିଏ କହୁଥିଲା – ଭାଇମାନେ, କିଛିଦିନ ହେବ ଜଙ୍ଗଲରେ ଭାରି ଶାନ୍ତ ବାତାବରଣ ରହିଛି । ମୁଁ ତ ମହା ଆନନ୍ଦ ରେ ଖେଳି ବୁଲୁଛି । ଗଛରେ ବସିଥିବା କଜଳପାତି ଟି ସମର୍ଥନ କରି କହିଲା – ହଁ ହଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହରିଣଭାଇ । ସତ କଥା କହିଛ । ଆମ ପକ୍ଷୀମାନଙ୍କୁ ମଧ୍ୟ ବାସହୀନ କରିବାକୁ କାହିଁ ଶିକାରୀମାନେ ଆସୁନାହାନ୍ତି । ଗଛ କାଟିବାର ଶବ୍ଦ ମଧ୍ୟ ଆମକୁ ଆଉ ଭୟଭୀତ କରୁନାହିଁ । ଗଛର ପତ୍ର ସବୁ ଧୂଳିଧୂସର ହେବା କମିଯାଇଛି । ସେଇ ପୋଖରିକୁ ଦେଖୁନା,ପାଣି କିପରି କାଚ ପରି ସଫା ଦିଶୁଛି । ସମ୍ବରଟିଏ କଜଳପାତିର କଥା ସହ ତାଳ ମିଶାଇ କହିଲା – ହଁ, କୋଳାହଳମୟ ପରିବେଶରୁ ଟିକେ ତ୍ରାହି ମିଳିଛି । ଅଙ୍ଗାରକାମ୍ଳ ଭଳି ବିଷାକ୍ତବାୟୁରୁ ମୁକ୍ତି ମିଳିଛି । ସନ୍ଧ୍ୟା ନଇଁ ଆସିଲା ବେଳକୁ ତାଜା ଅମ୍ଳଜାନଯୁକ୍ତ ଦଲକାଏ ପବନ ମନକୁ ହାଲକା କରି ଦେଉଛି । ହେଲେ କିଛିଦିନ ହେବ ଏହି  ମଣିଷମାନଙ୍କର ଦେଖାନାହିଁ କେମିତି ?? ଠେକୁଆଟିଏ ବୁଦାରୁ ଡିଆଁମାରି କହିଲା – ଭଲ ହେଇଛି । ଏହି ଦୁଇଗୋଡିଆ ପ୍ରାଣୀଠାରୁ ଟିକେ ରକ୍ଷା ମିଳିଛି । ଏମାନଙ୍କ ପାଇଁ ହିଁ  ଆମେ ଭୟରେ ଜୀବନ କାଟୁ । ଏମାନଙ୍କ ଅନୁପସ୍ଥିତି ଯେମିତି ଜଙ୍ଗଲରେ ଖୁସି ଫେରାଇ ଆଣିଛି । ହାତୀ ନିଜ ଶୁଣ୍ଢ ହଲାଇ କହିଲା – "ମଣିଷ, ନିଜ ସ୍ୱାର୍ଥ ରେ ଅନ୍ଧ ହୋଇ ପ୍ରକୃତି ଓ ପଶୁପକ୍ଷୀଙ୍କ ଉପରେ କିଭଳି ଅତ୍ୟାଚାର କରୁଛି ତାହା ଜାଣି ପାରୁନାହିଁ । ଅଧିକ ଯାନବାହାନ ଚାଳନା ଓ କାରଖାନା ଯୋଗୁଁ ବାୟୁରେ ଅଙ୍ଗାରକାମ୍ଳର ପରିମାଣ ବଢୁଛି । ମଇଳା, ଆବର୍ଜନା ଓ ପଲିଥିନ୍ ଭଳି ଜିନିଷ ମାଟିର ଉର୍ବର କମାଇ ଦେଉଛି । କାରଖାନା ପାଣି ନଦୀରେ ମିଶି ଜଳକୁ ଦୂଷିତ କରୁଛି । ଆଜି ଏମାନଙ୍କ ଅନୁପସ୍ଥିତି ଯେମିତି ଜଙ୍ଗଲ କୁ ପୁଣି ସୁସ୍ଥ କରି ଦେଇଛି । ହେଲେ, ଏ ମଣିଷମାନେ  ହଠାତ୍ ଗଲେ କୁଆଡେ ??? ଏମାନଙ୍କ ଦେଖା ମିଳୁନାହିଁ ।

ଏହି ସମୟରେ ଚତୁର ବିଲୁଆ ଗମ୍ଭୀର ସ୍ୱରରେ କହିଲା – " ଆରେ ଭାଇମାନେ, ଜାଣିଛ ନା ନାହିଁ ! ମୁଁ ଶୁଣୁଥିଲି କୁଆଡେ ଏହି ମଣିଷମାନଙ୍କୁ "କରୋନା" ନାମକ ଏକ ମହାମାରୀ ଆତଙ୍କିତ କରି ପକାଇଛି । ଅନେକ ଏଥିରେ ପ୍ରାଣ ବି ହରେଇଲେଣି । ଲୋକମାନେ ଏଣିକି ଘରୁ ଆଉ ବାହାରୁନାହାନ୍ତି । ଘରେ ଘରେ ପରିଷ୍କାର ପରିଚ୍ଛନ୍ନ ରହି

Magazine Downloaded from www.aahwaan.com

ସତର୍କତା ଅବଲମ୍ବନ କରୁଛନ୍ତି । ଆଉ କିଛି ଏହି ମହାମାରୀ ସହ ସଂଘର୍ଷ କରୁଛନ୍ତି ।

ତୁମେ ଯାହା କୁହ ଭାଇମାନେ, ମୋତେ ଏସବୁ ଶୁଣି ଭାରି ଦୁଃଖ ଲାଗିଲା । ମଣିଷ ଆମକୁ କେତେ କଷ୍ଟ ଦେଲେ ବି କିଛି ଉପକାର ମଧ୍ୟ କରେ । ସମସ୍ତଙ୍କ କଥାଶୁଣି ଶେଷରେ ପ୍ରକୃତିରାଣୀ କହିଲା – ବିଲୁଆ ଭାଇ , ତୁମ କଥା ପୂରାପୁରି ସତ । ମଣିଷ ଆଉ ପ୍ରକୃତି ପରା ଅଙ୍ଗାଅଙ୍ଗୀ ଜଡିତ । ସେମାନେ ମଧ୍ୟ ଆମର ଭାଇବନ୍ଧୁ । ସେମାନଙ୍କ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତ କଥା ଜାଣି ମନ ଟା ଫିକା ପଡିଯାଉଛି । ଭଗବାନ କରନ୍ତୁ ସେମାନଙ୍କ ଜୀବନରେ ପୁଣି ଖୁସି ଫେରିଆସୁ । ସେମାନେ ପୁଣି ହସି ଉଠନ୍ତୁ ।

ହଠାତ୍ ବାରି ଘରୁ ମା ରଡ଼ି ଛାଡ଼ିଲେ, ଆରେ କୁନା,ତୋର କଣ ରାତି ପାହିନି କି, ୭ଟା ବାଜିଲାଣି ପରା,ଜଲଦି ଉଠ୍ ।୧୦ ଟା ରେ ସବୁ ଦୋକାନ ବନ୍ଦ ହେଇଯିବ ଯେ, ପରିବା ବି ଆଣିବୁ । ୭ଟା ବାଜିଲାଣି ପରା । ଝଟ୍ କିନା କୁନାର ନିଦ ଭାଙ୍ଗିଗଲା । ଆଖି ଖୋଲି ଦେଖେ ତ ନିଜ ଖଟ ଉପରେ ବସିଛି । ସ୍‌ଵପ୍ନ ଦେଖୁ ଥିଲା ବୋଲି ମୁଣ୍ଡ ଆଉଁସିଲା । ଭାବିଲା- ସ୍ୱପ୍ନଟି କେଡ଼େ ବିଚିତ୍ର ଥିଲା ସତେ ! ଆଉ ମନସ୍ଥ କଲା, ବିଚିତ୍ର ହେଲେ ମଧ୍ୟ ସ୍ୱପ୍ନରେ ବାସ୍ତବତା ଥିଲା । ମୁଁ ଯାଇ ବାପା ମା ଓ ସାଙ୍ଗସାଥୀଙ୍କୁ ଜଣାଇବି । ଆଉ ସତର୍କ କରାଇବି । କହିବି ଯେ ଆମ ବିନା ନୁହଁ ,ଆମ ସହ ପ୍ରକୃତି ମୁହଁରେ ହସ ଭରିବା ।

ତେବେ ସାଙ୍ଗମାନେ କଣ ଭାବୁଛନ୍ତି ! କୁନାର ସ୍ୱପ୍ନଟି କେତେ ବାସ୍ତବିକ୍ ?

ଆଉ ଡେରି ନକରି ଆସନ୍ତୁ- ସଭିଏଁ ଆଜିଠୁ ଶପଥ ନେବା । ପ୍ରକୃତିକୁ ସୁନ୍ଦର ଭାବେ ଗଢି ତୋଳିବା । ଆମ ବିନା ନୁହଁ....ଆମ ସାଥିରେ ପ୍ରକୃତି ମୁହଁ ରେ ହସ ଫୁଟାଇବା ।

(ଶିକ୍ଷୟିତ୍ରୀ), ଭେଜିପଦର ପ୍ରା.ବିଦ୍ୟାଳୟ
ବିଷମକଟକ, ରାୟଗଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଷ୍ଠା : ପ୍ରେମର ଅନ୍ୟଏକ ପରିଭାଷା



ନିରୁପମା ପ୍ରଧାନ

ପ୍ରିୟା ଏବଂ ଆକାଶ ପ୍ରେମର ମୁକ୍ତାକାଶରେ ଦିନେ ଉଡିବୁଲୁଥିଲେ । ଦୁହେଁ ଦୁହିଁଙ୍କୁ ଦିନେ ନ ଦେଖିଲେ ରହିପାରୁନଥିଲେ । ତାଙ୍କ ପ୍ରେମକୁ ସଫଳ କରିବାକୁ ଯାଇ ସେମାନେ ପରିବାର ବାରଣ ସତ୍ୱେ ମନ୍ଦିରରେ ବିବାହ କଲେ ।ଆକାଶ ଗୋଟିଏ ବୋଲି ପୁଅ ଥିଲା । ଝିଅଟି ଉଚ୍ଚଜାତିର ହୋଇଥିବାରୁ ପୁଅର ପରିବାର ତାକୁ ଆପଣେଇ ଥିଲେ ।କିନ୍ତୁ ପ୍ରିୟାର ପରିବାର ତାକୁ ପରିତ୍ୟାଗ କରିଦେଲେ କାରଣ ସେ ନୀଚ ଜାତିର ପୁଅ ସହ ବିବାହ କଲା ବୋଲି । ତଥାପି ପ୍ରିୟା ଏବଂ ଆକାଶ ନିଜର ବୈବାହିକ ଜୀବନରେ ବେଶଖୁସିରେ ଥିଲେ । କିନ୍ତୁ ଦଇବର ବିଡମ୍ବନା ଯାହା କିଏ ବା କ'ଣ କରିପାରିବ । ଆକାଶ ଇରାନରେ ସଫଟୱେର ଇଞ୍ଜିନିଅର ଥିଲା । ଗୋଟିଏ ମାସର ଛୁଟିରେ ଆସି ପ୍ରିୟା ସହିତ ବିବାହ କରିଛି । ପ୍ରିୟାକୁ ସାଥିରେ ନେଇକି ଯିବା ପାଇଁ ତା'ର ପ୍ରବଳ ଇଚ୍ଛା ଥିଲା, କିନ୍ତୁ ଭିସା ହୋଇ ପାରିଲା ନାହିଁ । ତେଣୁ ବାଧ୍ୟ ହୋଇ ପ୍ରିୟାକୁ ନିଜ ଭିଟା ମାଟି ଚନ୍ଦନପୁର ଗାଁ ରେ ତା ମା -ବାପା ଏବଂ ଭଉଣୀ ସହିତ ଛାଡିକି ଚାକିରୀରେ ଯୋଗ ଦେବା ପାଇଁ ଚାଲିଗଲା ।ଗଲା ବେଳେ କଥା ଦେଇ କି ଯାଇଥିଲା ତିନିମାସ ପରେ ଆସିବ ଏବଂ ଭିସା ବନେଇ କି ଯିବା ବୋଲି ।କିଛି ଦିନ ପରେପ୍ରିୟା ଜାଣିବାକୁ ପାଇଲା ଯେ ସେ ଗର୍ଭବତୀ ଅଛି । ପ୍ରିୟା ମନରେ ଅନେକ ଆଶା ଓ ଆଶଙ୍କା ଯେ, ତା'ର ପ୍ରିୟର ମଣିଷ ସହିତ ସେ ବିଦେଶକୁ ଯିବ ;ତା'ର ରଙ୍ଗୀନ ସପନରେ ଦୁହେଁ ହଜିଯିବେ । କିନ୍ତୁ କରୋନା ରୁପି ଭୁତାଣୁ ଯେ ସମଗ୍ର ବିଶ୍ୱକୁ ଗ୍ରାସ କରିଚାଲିଛିଏବଂ ସେ ନିଜେ ଗର୍ଭବତୀ ତା' ପ୍ରାଣ ପ୍ରିୟ ଆକାଶ ସହିତ ଯାଇପାରିବ କି ନାହିଁ ସବୁବେଳେ ଚିନ୍ତାରେ ବୁଡି ରହୁଛି ।ସମଗ୍ର ବିଶ୍ୱ କରୋନା ଭୁତାଣୁରେ ସଂକ୍ରମଣ ହୋଇଥିବା ବେଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇରାନ ମଧ୍ୟ ବାଦପଡିନି । ତା'ର ମନର ମଣିଷ କଥା ଦେଇ ଯାଇଥିଲେ ତାକୁ ତିନି ମାସ ପୁରିବାକୁଅଳ୍ପଦିନ ବାକି ଅଛି କିନ୍ତୁକରୋନା ଯୋଗୁଁ ସବୁଆଡେ "ଲକ୍ଡାଉନ"ଟ୍ରେନ ଏରୋପ୍ଲାନ ବାତିଲ ।ଆକାଶ ଆସିବାକୁ ଚାହିଁଲେ ମଧ୍ଯ କେମିତି ଯେ ଆସିବ । ଭାରତରେ ମଧ୍ଯ କରୋନା କାୟା ବିସ୍ତାର କରିସାରିଛି । ଆକାଶ ର ଘର କର୍ଣ୍ଣାଟକ ର ଗୋଟିଏ ଗ୍ରାମରେ ।ଯଦିଓ ସେହି ଗ୍ରାମ ସୁରକ୍ଷିତ ଅଛିଆକାଶ ରହୁଥିବା ଆପାଟମେଣ୍ଟରେ କରୋନା ପଜିଟିଭ ବାହାରିଲାଣି । ଆକାଶ ଏହି ସବୁ କଥା ପ୍ରିୟାକୁ କହୁନାହିଁ ଭୟଭୀତ ହେବ ବୋଲି । ପ୍ରିୟା ସହିତ ଫୋନ ଏବଂ ଭିଡ଼ିଓ କଲ ମଧ୍ଯ କମ୍ କରିଦେଲା। ଏପଟେ ଅସ୍ତ ବ୍ୟସ୍ତ ହେଉଛି ଆକାଶକୁ ନେଇ । ପ୍ରିୟା ଫୋନ କଲେ କହୁଛି, "ୱାର୍କ ଫ୍ରମ ହୋମ"ଅଫିସର କାମ ବହୁତ ଅଛି ପରେ କଥା ହେବି ବୋଲି କହି କଥା ହେଉନି । କିଛି ଦିନ ପରେ ଆକାଶର ଫୋନ ସ୍ୱିଚ ଅଫ୍ ଆସିଲା ।ପ୍ରିୟାର ଆଁଖିର ଲୁହ ଆଁଖିରେ ଶୁଖୁଛି । ପୁଣି ଗର୍ଭବତୀ ହୋଇଥିବା ଯୋଗୁଁ ପ୍ରବଳ ବାନ୍ତି, ଲକ ଡାଉନ ଯୋଗୁଁ ଡ଼କ୍ଟର ପାଖକୁ ବି ଯାଇ ପାରୁନାହିଁ । ପ୍ରିୟା ତା' ମନର ଦୁଃଖକୁ କାହା ସହିତ ବାଣ୍ଟିବ, ତା'ପାଖରେ ନା ଅଛି ତା ପରିବାର, ନା ଅଛି ତା'ର ପ୍ରିୟର ମଣିଷ ଆକାଶ । ଶେଷରେ ଭଗବାନ ହିଁ କେବଳ ସାହା ଭରଷା କହି କେତେ ମାନସିକ କଲା ଠାକୁରଙ୍କ ଠାରେ । ଶେଷରେ ଭଗବାନ ପ୍ରିୟାର ଡାକ ଶୁଣିଛନ୍ତି । ଦୀର୍ଘ ଏକ ମାସ ପରେ ଆକାଶ ପ୍ରିୟା ସହିତ ଯୋଗାଯୋଗ କଲା ଏବଂ ତା 'ର ସବୁ ଦୁଃଖ ବଖାଣିଲା । ଆକାଶ କରୋନାରେ ଆକ୍ରାନ୍ତ ଥିଲା, ପ୍ରିୟା ଦୁଃଖରେ ଭାଙ୍ଗି ପଡିବ ବୋଲି ଆକାଶ କି ଆକାଶର ପରିବାର କେହିହେଲେ ପ୍ରିୟାକୁ କହୁନଥିଲେ ।ଆକାଶ ସପୂର୍ଣ୍ଣ ସୁସ୍ଥ ହୋଇ ତା'ର ଘରକୁ ଫେରିଆସିଲା । ପ୍ରିୟାର ଭଲ ପାଇବା ଏବଂ ନିଷ୍ଠାର ସହିତ ପୂଜା ଅର୍ଚ୍ଚନା ଯୋଗୁଁ ଆଜି ପୁଣି ଥରେ ପ୍ରିୟା ଏବଂ ଆକାଶ ଏକାଠି ହୋଇପାରିଲେ ।

କତରବଗା,ସମ୍ବଲପୁର

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ରହସ୍ୟମୟ ଛୋଟ ପରଦା



ଶୁଭସ୍ମିତା ପରିଡ଼ା

ପରୀ........।।

ନାଁ ଟି ତାର ପରୀଦୀପ୍ତା ଦାସ, ହଜାରୀ ଗାଁ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ! ବାପାମାଙ୍କର ଗୋଟିଏ ବୋଲି ଗେହ୍ଲି ଝିଅ । ଆଉ ଆଗକୁ ପଛକୁ କେହି ନାହିଁ । ବାପା ତାର ପେଷାରେ ଜଣେ ଚାଷୀ ଓ ମାଆ ଗୃହିଣୀ । ଏତେ ବଡ଼ ଦୁନିଆ ଭିତରେ ତାଙ୍କର ଏଇ ଛୋଟ ପରିବାରଟି । ବାପା ଯାହା ଚାଷରୁ ରୋଜଗାର କରି ଆଣେ ସେଥିରେ ପରୀର ସ୍କୁଲ ଖର୍ଚ୍ଚ ସହ ପରିବାରର ଅନ୍ୟସବୁ ଗୁଜୁରାଣ ଖୁବ୍ ଭଲରେ ମେଣ୍ଟି ଯାଏ ।

ପିଲାଟି ଦିନରୁ ପରୀର ନାଚ, ଗୀତ ଓ ଅଭିନୟରେ ବହୁତ ରୁଚି, ସ୍କୁଲର ସବୁ ବାର୍ଷିକ ଉତ୍ସବ ଓ କ୍ରୀଡ଼ା ଉତ୍ସବରେ ଅତି ଆଗ୍ରହର ସହ ସେ ସବୁରେ ଅଂଶଗ୍ରହଣ କରେ । ତାକୁ ଏ ସବୁ ସହ ଦୂରଦର୍ଶନ(ଟିଭି) ଦେଖିବାକୁ ଭାରି ଭଲ ଲାଗେ, ଟିଭିରେ ହିରୋଇନ ମାନଙ୍କୁ ଦେଖି ଦେଖି କୁହେ ମାଆ ମାଆ ମୁଁ ବଡ଼ ହେଲେ ଏମିତି ଟିଭିରେ ନାଚିବି, ଅଭିନୟ କରିବି ଆଉ ତୁ ମୋତେ ଏମିତି ଘରେ ଟିଭିରେ ଦେଖିକି ଖୁସି ହବୁ । ମୁଁ ଗୋଟେ ହିରୋଇନ ହେବି ଲୋ ମାଆ ! ତୋ ଝିଅ ଗୋଟେ ହିରୋଇନ ହବ ! ତୋତେ ଆଉ ବାପାଙ୍କୁ ସମସ୍ତେ ହିରୋଇନର ବାପାମା ବୋଲି ଜାଣିବେ । ମାଆ ସବୁ ଶୁଣି ହସିଦେଇ କହିଲା ହଉ ହଉ ଯା ଆଗ ଦଶମ ପାସ କରିବା ପାଇଁ ପାଠ ପଢିଦେ ତା ପରେ ଏତେ ସପନ ଦେଖିବୁ । ପରୀ ଚାଲିଗଲା ପଢିବାକୁ, କିଛି ଦିନ ପରିସୀମାରେ ପରୀର ମାଟ୍ରିକ ପରୀକ୍ଷା ହେଲା ଆଉ ପରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲ ନମ୍ବର ରଖି ପାସ କଲା । ତାପରେ ପାଖ ଗାଁ କଲେଜରେ +୨ ଆର୍ଟସରେ ପାଠ ପଢ଼ିଲା ।

କଲେଜର ଦ୍ୱିତୀୟ ବର୍ଷରେ, ତାଙ୍କ କଲେଜକୁ ଏକ ଟିଭି ଚ୍ୟାନେଲରୁ କିଛି ସିନେମା ନିର୍ମାତା ଆସି ଏକ ଇଭେଣ୍ଟ ଆୟୋଜିତ କରିଲେ, ଯୋଉଥିରେ କି ସେମାନେ କିଛି ଝିଅଙ୍କୁ ହିରୋଇନ ରୂପେ ଚୟନ କରିବେ । ଏକଥା ପରୀ ଶୁଣି ବହୁତ ଖୁସି ହୋଇଗଲା । କ୍ଷଣକ ପାଇଁ ସେ ଭାବିନେଲା ଯେମିତି ସେ ହିରୋଇନ ହେଇଗଲା ବୋଲି ! ନିଜ ସ୍ୱପ୍ନକୁ ପୁରା କରିବାକୁ ସେ ସେହି ଇଭେଣ୍ଟରେ ଅଡିସନ୍ ଦେଲା ଓ ସେ ଅଡିସନ୍ ଜିତି ହିରୋଇନ ହବାକୁ ପାଠପଢା ଅଧା ଛାଡିଦେଇ ସହରକୁ ଚାଲିଆସିଲା । ନୂଆ ନୂଆ ଜାଗା, ନୂଆ ନୂଆ ଲୋକ, ବଡ ବଡ କୋଠା ଦେଖି ସେ ମନେ ମନେ ଭାରି ଖୁସି ହଉଥାଏ, କହନ୍ତିନି କି ଯେମିତି "ତା ମନରେ ଖାଲି ଲଡ୍ଡୁ ଫୁଟୁଥାଏ ।" ପ୍ରଥମେ ତାକୁ ଚୟନ କରିଥିବା ନିର୍ମାତାଙ୍କ ଦ୍ୱାରା ଗୋଟେ ଟିଭି ସିରିଆଲ୍ ରେ କାମ କରିବାକୁ ମିଳିଲା । ସେ ସିରିଆଲ୍ ଟି କିଛି ମାସ ଚାଲିଲା ପରେ ବନ୍ଦ ହୋଇଗଲା । ମଝିରେ ମଝିରେ ପରୀ କିଛି ଡାନ୍ସ ଶୋ'ରେ ବି ନାଚି ରୋଜଗାର କରୁଥିଲା । ଏମିତି ଏମିତି ଟିଭିର ଛୋଟ ପରଦା ଦୁନିଆରେ ଦେଢ ବର୍ଷ ବିତିଗଲା ।

ଦିନେ ସନ୍ଧ୍ୟାରେ ପରୀ ତା ରୁମ୍ ରେ ବସି କଫି ପିଉଥାଏ, ତାର ଫୋନ ରିଂ ହେଲା, ସେ କଫିକୁ ଟେବୁଲ ଉପରେ ରଖିଦେଇ ଫୋନ ରିସିଭ କରିଲା । ଫୋନରେ ଥିଲେ ୧୫ ଦିନ ତଳେ ପରୀ ଯେଉଁ ରିୟଲିଟି ସୋରେ ଭାଗ ନେଇଥିଲା ତାର ପ୍ରଡ୍ୟୁସର । ସେ ପରୀକୁ ଏକ ବଡ ଫିଲ୍ମରେ କାମ କରିବାକୁ ଅନୁମତି ଦେବାକୁ ଫୋନରେ କହିଲେ ! ପରୀ କିଛି ନ ବୁଝି ନ ସୁଝି ସଙ୍ଗେ ସଙ୍ଗେ ହଁ କହି ରାଜି ହୋଇଗଲା । ପରୀର ଅନୁମତି ପାଇ ପ୍ରଡ୍ୟୁସର ଜଣକ ପରୀକୁ ଏକ ଠିକଣା ଦେଇ, କହିଲେ ସେଠାରେ ତା'ପର ଦିନ ଟାଇମରେ ପହଞ୍ଚିଯିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁ । ପରୀ ତାଙ୍କୁ ଆଜ୍ଞା ସାର୍ କହି ଫୋନ ରଖିଦେଲା । ତା ପରେ ଗୋଟେ ମୁରୁକୁନ୍ଦିଆ ହସ ହସି ଦେଇ ଶୋଇବାକୁ ଚାଲିଗଲା । ତହିଁ ଆର ଦିନ ସକାଳୁ ସକାଳୁ ଉଠି ନିଜର ସବୁ କାମ ସାରି ବାହାରି ଗଲା ତାକୁ ମିଳିଥିବା ଠିକଣା ଜାଗାକୁ । ସେଠାରେ ପହଞ୍ଚିଲା ପରେ ତାରା ପ୍ରଡ୍ୟୁସରଙ୍କ ସହ ଉପସ୍ଥିତ ଥିବା କିଛି ମାନ୍ୟଗଣ୍ୟ ବ୍ୟକ୍ତି ସହ ଦେଖା ହେଲା ସେ ସମସ୍ତଙ୍କୁ ସମ୍ମାନ ପୂର୍ବକ ଏକ ନମସ୍କାର  କରିଲା ଏବଂ ପାଖରେ ଥିବା ଚୌକି ଉପରେ ବସି ସମସ୍ତଙ୍କ ସହ କଥା ହେବାକୁ ଲଗିଲା । କିଛି ସମୟର ବାର୍ତ୍ତାଳାପ ଅନ୍ତରାଳରେ ହଠାତ୍ ସବୁ ଆଡ ଅନ୍ଧାର ହୋଇଗଲା ଏବଂ ୧୫ ମିନଟ୍ ପରେ ପୁଣି ପୁନର୍ବାର ଆଲୋକିତ ହୋଇଗଲା । ତା ପରେ ଡିରେକ୍ଟର ସାର୍ ଙ୍କ ପାଟିରୁ ଶୁଭିଲା 'ଆଚ୍ଛା ହଉ ପରୀ ତୁମେ ଏବେ ଯାଅ ଆମେ ଫିଲ୍ମର ଶୁଟିଂ ଆରମ୍ଭ ପୂର୍ବରୁ ତୁମକୁ ଜଣାଇବୁ ।'

ପରୀ ରୁମ୍ ରେ ଆସି ପହଞ୍ଚିଲା ପରେ ଦେଖେତ ! ହ୍ୱାଟ୍ସଆପ୍ ରେ ତାର କିଛି ଅଶ୍ଳୀଳ ଫୋଟ ଭାଇରାଲ ହୋଇଛି । ପରୀ ସେ ଫଟୋଗୁଡିକୁ ଦେଖି ସଙ୍ଗେ ସଙ୍ଗେ ଫୋନଟିକୁ ଦୂରକୁ ଫିଙ୍ଗିଦେଲା ଓ ନିଜକୁ ଗୋଟେ ରୁମ୍ ରେ ବନ୍ଦ କରିଦେଲା । ପରୀର ରୁମ୍ ରେ ଥିବା ବାନ୍ଧବୀ ଜଣଙ୍କ ବହୁତ ଡାକିଲା କିନ୍ତୁ ପରୀ କବାଟ ଖୋଲିଲା ନାହିଁ । ଏଣୁ ବାନ୍ଧବୀ ଜଣକ ଡରିଯାଇ ପରୀ ମାଆବାପାଙ୍କୁ ଫୋନ କରିଦେଲା । ପରୀର ବାପାମାଆ କିଛି ସମୟ ଭିତରେ ଆସି ପହଁଚିଗଲେ ଏବଂ ବହୁ ପ୍ରଚେଷ୍ଟାରେ ପରୀର କବାଟ ଖୋଲି ଦେଖିଲେ ତ ପରୀ ନିଶାଗ୍ରସ୍ତ ଅବସ୍ଥାରେ ତଳେ ପଡ଼ିଛି । ପରୀର ବାନ୍ଧବୀ ଜଣକ ସଙ୍ଗେ ସଙ୍ଗେ ଡକ୍ଟରଙ୍କୁ ଡାକି ପରୀର କଣ ହୋଇଛି ବୋଲି ପଚାରିବାରୁ, ଡକ୍ଟର କହିଲେ କି ପରୀକୁ ବହୁତ ହାଇ ପାବର୍ ର ନିଶା ମେଡିସିନ ଦିଆ ହୋଇଛି ଏବଂ ତାର ବଳାତ୍କାର କରାଯାଇଛି । ଡକ୍ଟର କିଛି ମେଡିସିନ ଦେଇ ପରୀକୁ ବିଶ୍ରାମ ନବାକୁ କହିଗଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୀର୍ଘ ୮ ଘଣ୍ଟା ପରେ ପରୀ ଧୀରେ ଧୀରେ ଆଖି ଖୋଲିଲା, ପାଖରେ ଥିଲେ ତାର ବାପା ମାଆ ଓ ବାନ୍ଧବୀ ଜଣକ, ସେମାନଙ୍କୁ ପାଖରେ ଦେଖି ପରୀ କହିଲା ବାପା ମୋର କଣ ହୋଇଚି, ବାପା ତା ମୁଣ୍ଡକୁ ଆଉଁସି ଦେଇ କହିଲେ ନାଇଁ ଲୋ ମା କିଛି ହେଇନି ତୁ ଟିକେ ବିଶ୍ରାମ କର ତୋ ଦେହ ଟିକେ ଦୁର୍ବଳ ହୋଇପଡିଛି । ୨ ଦିନପରେ ପରୀ ଟିକେ ସୁସ୍ଥ ଅନୁଭବ କରିଲା । ପରେ ତାର କଣ ହୋଇଥିଲା ବୋଲି ସବୁ ଶୁଣିଲା ଏବଂ ଶୁଣିଲା ପରେ ତାକୁ ତା ବାପା ପଚାରିଲେ ମା ଏ ସବୁ ଘଟଣା କେମିତି ହେଲା ପରୀ ଧୀରେ ଧୀରେ ସବୁ ମନେ ପକାଇ କହିଲା, ସେଦିନର କଥା ଯୋଉଦିନ ସେ ଡିରେକ୍ଟରଙ୍କ ସହ ଦେଖା ହେଲା । ଡିରେକ୍ଟରଙ୍କ ପାଖରେ ସେ କୋଲ୍ଡ୍ ଡ୍ରିଙ୍କ୍ ପିଇଥିଲା ଏବଂ ତା'ପରେ ଲାଇଟ୍ ଚାଲିଯାଇଥିଲା ବୋଲି କହିଲା । ଲାଇଟ୍ ଆସିଲା ପରେ ସେ ପାଣି ପିଇ ଥିଲା ଓ ତାକୁ ଡିରେକ୍ଟରଙ୍କ ଡ୍ରାଇଭର୍ ଆଣି ରୁମ୍ ରେ ଛାଡି ଦେଇଥିଲା ।

ଶାରୀରିକ ଅତ୍ୟାଚାରର ଶିକାର ହୋଇଥିବା ପରୀକୁ ବାପା ପୁଲିସ ଷ୍ଟେସନ ନେଇ, ଡିରେକ୍ଟର ଓ ପ୍ରଡ୍ୟୁସରଙ୍କ ବିପକ୍ଷରେ ଏତଲା ଲେଖିଲେ । ପୁଲିସର କିଛି ଖୋଳତାଡରୁ ଜଣା ପଡିଲା ଯେ ସେଦିନ ପରୀକୁ କୋଲ୍ଡ୍ ଡ୍ରିଙ୍କରେ ନିଶା ମେଡିସିନ ଦିଆଯାଇ ତାର ବଳାତ୍କାର ହୋଇଛି ଏବଂ ତା'ପର ଦିନ ପୁଣି ପାଣିରେ ନିଶା ମେଡିସିନ ଦିଆଯାଇଛି । ସୁତରାଂ ପରୀ ସେଦିନ ନିଶାରେ ଗୋଟେ ରାତି ସେଠାରେ ରହିଛି ଏବଂ ତାର ନିଶା ଛାଡ଼ିଲା ପରେ ତାକୁ ପୁଣି ପାଣିରେ ନିଶା ଦିଆଯାଇଛି । ଯେତେବେଳେ ପୁଲିସ ଡିରେକ୍ଟର ଓ ପ୍ରଡ୍ୟୁସରଙ୍କ ବିରୁଦ୍ଧରେ ଏତଲା ନେଇ ତାଙ୍କୁ ହାଜତରେ ପୁରାଇବାକୁ ଗଲେ, ଟଙ୍କାର ମୋହ ଦେଖାଇ ସେ ବଡ ଲୋକମାନେ ପୁଲିସକୁ ବି କିଣି ନେଲେ । ଏପଟେ ଲଜ୍ଜା ଅପମାନରେ ବାପାମାଆ ଓ ଝିଅ ଦୁଃଖରେ ଭାଙ୍ଗିପଡି ନିଜ ଗାଆଁ କୁ ଫେରିଗଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜ ଜୀବନରେ ଘଟିଥିବା ଘଟଣାକୁ ଭୁଲି ଆଗକୁ ନ ବଢିପାରିବାରୁ ପରୀ ଏବେ ପାଗଳୀ ହୋଇ ଗାଁ ସାରା ବୁଲୁଛି । ବାପାମା ଦୁଇ ଜଣ ବାର୍ଦ୍ଧକ୍ୟର ଚାପ ଓ ଝିଅର ଏପରି ଅବସ୍ଥା ସହି ନ ପାରି ଘରେ ଶଯ୍ୟାଶାୟୀ ହୋଇ ପଡିରହିଛନ୍ତି ।

ସତରେ ଏ ଦୁନିଆଟା କେତେ ନିଷ୍ଠୁର ହୋଇଯାଉଛି ନା ଦିନକୁ ଦିନ । ପରୀ ! ଗୋଟେ ସ୍ୱଚ୍ଛ ମନନେଇ ବଞ୍ଚୁଥିବା ଗାଉଁଲି ଝିଅଟି ଯିଏ ପ୍ରତିଦିନ ଛୋଟପରଦାରେ ଦୃଶ୍ୟମାନ ହେଉଥିବା ନାୟକ ନାୟିକାମାନଙ୍କୁ ଦେଖି ନିଜକୁ ନାୟିକା ରୂପେ ଦେଖିବାକୁ ସ୍ୱପ୍ନ ସଜାଇଥିଲା । କିନ୍ତୁ ସେ କଣ ଜାଣିଥିଲା ଏଇ ପରଦା ଉପରେ ହସୁଥିବା ଦୁନିଆଟାର ପଛ ଯେ ଏତେ ଭୟଙ୍କର ବୋଲି ! ଖାଲି ପରୀ ନୁହଁ ତା ପରି ବହୁ ଝିଅ ବୋଧହୁଏ ଏମିତି ଏଇ ଛୋଟ ପରଦାର ଦୁନିଆରେ ନିଜ ଜୀବନକୁ ଧୂଳିସାତ୍ କରିଦେଉଥିବେ । ପ୍ରକୃତରେ ଏଇଟା ଏବେ ଶୁଣିଲେ ଏକ ସତ୍ୟ ବଚନ ପରି ମନେ ହୁଏ ! !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭକ୍ତ ଓ ଭଗବାନ



ପ୍ରତାପ କୁମାର

ନିତ୍ୟାନନ୍ଦ ଜଣେ ବ୍ରାହ୍ମଣ ପିଲା ଥିଲେ । ସେମାନେ ସମୁଦାୟ ୩ ଭାଇ ଥିଲେ । ସେ ୩ ଭାଇଙ୍କ ମଧ୍ୟରୁ ନିତ୍ୟାନନ୍ଦ ଥିଲେ ସବୁଠୁ ସାନ ଭାଇ । ସେମାନେ ପରସ୍ପରକୁ ବହୁତ ଭଲ ପାଆନ୍ତି । ନିତ୍ୟାନନ୍ଦଙ୍କର ବିବାହ ହୋଇ ନଥାଏ । ନିତ୍ୟାନନ୍ଦଙ୍କ ବାପା ଓ ମା ଚିନ୍ତା କଲେ ଯେ, ସାନପୁଅକୁ ବିବାହ କରିବା ପାଇଁ । ଏହିପରି କିଛିଦିନ ଗଲାପରେ ନିତ୍ୟାନନ୍ଦଙ୍କ ବାପା ନିତ୍ୟାନନ୍ଦଙ୍କ ପାଇଁ ସୁନ୍ଦର କନ୍ୟାକୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଲେ । ନିତ୍ୟାନନ୍ଦ ବାପାଙ୍କର କୌଣସି କଥାକୁ ଅମାନ୍ୟ କରନ୍ତି ନାହିଁ । ନିତ୍ୟାନନ୍ଦ ସେ ବାହାଘରରେ ରାଜିହୋଇଗଲେ । ବ୍ରାହ୍ମଣ ଜାତିର ନୀତି ଅନୁସାରେ ବାହାଘରର କାର୍ଯ୍ୟ ସମ୍ପର୍ଣ୍ଣ ହୋଇଗଲା । ବାହାଘରର କିଛି ଦିନ ପରେ ନିତ୍ୟାନନ୍ଦର ବାପା ଓ ମା ଦୁହେଁ ଚାଲିଗେଲେ । ଓଡ଼ିଆରେ ଗୋଟେ କଥା ଅଛି, ଯେତେଭାଇ ସେତେ ଘର, ଭାଇ ହେଲା ଭଗାରୀ । ଏକ ପାରିବାରିକ ସମସ୍ୟାକୁ ନେଇ ସେ ୨ ଭାଇ ନିତ୍ୟାନନ୍ଦକୁ ଘରୁ ବାହାର କରିଦେଲେ ନିତ୍ୟାନନ୍ଦ କିଛି ନକହି ସେ ତାଙ୍କର ଧର୍ମପତ୍ନୀକୁ ନେଇ ବହୁତ ଦୂରକୁ ଚାଲିଗଲେ । ଏକ ଜଙ୍ଗଲ ପାଖରେ ଛୋଟ କୁଡ଼ିଆଟିଏ କରି ରହିଲେ । ନିତ୍ୟାନନ୍ଦ ସେ ୨ଭାଇଙ୍କଠୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ନିତ୍ୟାନନ୍ଦ ଥିଲେ ଶାନ୍ତ, ସରଳ, ଧର୍ମ ପରାୟଣ, ସତ୍ୟବାଦୀ, ପରଉପକାରୀ, ବ୍ରାହ୍ମଣଟିଏ । କୌଣସି ଅତିଥି ତାଙ୍କ ଛୋଟ କୁଡ଼ିଆକୁ ଆସିଲେ ସେ ଅତିଥିଙ୍କର ସୁନ୍ଦର ଭାବରେ ଅତିଥିଙ୍କ ସେବା କରେ । ପ୍ରତ୍ୟକ ଦିନ ଭିକ୍ଷା କରିବାକୁ ଯାଏ, ଯାହା ଆଣେ ସେଥିରେ ତାଙ୍କର କ୍ଷୁଦ୍ର ପରିବାର ଟି

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଆନନ୍ଦରେ ଚଳିଯାଏ । କିନ୍ତୁ ତାଙ୍କର କୌଣସି ସନ୍ତାନସନ୍ତତି ନ ଥିବାରୁ ଚିନ୍ତାମଗ୍ନ ରହୁଥିଲେ । ଏହିପରି କିଛିଦିନ ବିତିଗଲା ପରେ ଭଗବାନ ତାଙ୍କର ଡାକ ଶୁଣିଲେ ତାଙ୍କ କୋଳରେ ଏକ ସୁନ୍ଦର କୁନି ପୁଅଟେ ଦେଲେ । ପୁଅଟି ଜନ୍ମ ହେଲା ପରେ ତାଙ୍କର ଖୁସି କହିଲେ ନ ସରେ । ଏହିପରି ଭାବରେ ଦିନକୁ ଦିନ ଖୁସିରେ କଟୁଥାଏ । ଭଗବାନ ଉପରେ ସବୁକିଛି ନିତ୍ୟାନନ୍ଦର କାର୍ଯ୍ୟକଳାପ ଦେଖୁଥାନ୍ତି ।

ଦିନକର କଥା, ସ୍ୱୟଂ ଭଗବାନ ନିତ୍ୟାନନ୍ଦକୁ ପରୀକ୍ଷା କରିବେ ବୋଲି ଏକ ବ୍ରାହ୍ମଣ ବେଶ ହୋଇ ତାଙ୍କ କୁଡ଼ିଆରେ ପ୍ରବେଶ କଲେ । ଭଗବାନ କୁଡ଼ିଆରେ ପହଁଚିଲେ ପରେ, ଭଗବାନ କହିଲେ ମୁଁ ୩ ଦିନ ହେବ କିଛି ଖାଇନାହିଁ । ମତେ ଯଦି କିଛି ଖାଇବାକୁ ଦେବ ଭଗବାନ ତୁମର ମଙ୍ଗଳ କରିବେ । ବ୍ରାହ୍ମଣ ଏହା ଶୁଣି ତାଙ୍କ ଧର୍ମପତ୍ନୀକୁ କହିଲେ ଶୀଘ୍ର ଅତିଥୀଙ୍କୁ ଚର୍ଚ୍ଚା କର । ଭଗବାନ କହିଲେ ଯେ, ମୁଁ ଖାଇବା ପୂର୍ବରୁ ମୋର ୩ଟି ସର୍ତ୍ତ ଅଛି ଯଦି ସେଥିରେ ହଁ କହିବେ ତେବେ ମୁଁ ଖାଇବି ନ ହେଲେ ମୁଁ କ୍ଷୁଧାରେ ଫେରିଯିବି । ଭଗବାନ ପାଖରୁ ଏ କଥା ଶୁଣିଲା ପରେ ବ୍ରାହ୍ମଣ କହିଲେ ଆପଣଙ୍କର ସବୁ ସର୍ତ୍ତରେ ମୁଁ ରାଜି ଅଛି । ଭଗବାନ କହିଲେ ତ୍ରିବାର ସତ୍ୟ କର । ବ୍ରାହ୍ମଣ କହିଲେ ହଉ ଠିକ ଅଛି । ଭଗବାନ ତ ସ୍ୱୟଂ ଅନ୍ତର୍ଯ୍ୟାମୀ । ସେ କହିଲେ ଯେ ତୁମର ଯେଉଁ କୁନି ଶିଶୁଟିଏ ହୋଇଛି ତାକୁ ରୋଷେଇ କରିକି ଦେବ । ଏହି କଥା ଶୁଣିଲାପରେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଭାଲେଣି ପଡ଼ିଗଲା । ଯେତେବେଳେ କହିସାରିଛନ୍ତି ଆଉ କିଛି ଉପାୟ ନାହିଁ । ଶେଷରେ ହଁ ମାରିଲେ । ଭଗବାନ ପୁଣି କହିଲେ ଖାଇଲା ବେଳେ କେହି କାହାକୁ ଦେଖିବେନି । ପଛକୁ ପଛ କରିକି ସମସ୍ତେ ବସିବା । କିଛି ସମୟରେ ସେହି ଛୋଟ ଶିଶୁଟିକୁ ବ୍ରାହ୍ମଣ କାଟିକି ରୋଷେଇ କଲେ । ରୋଷେଇ ହୋଇଗଲା ପରେ କଦଳୀପତ୍ର ଆଣି ଯେମିତି ବ୍ରାହ୍ମଣ କହିଥିଲେ ସେମିତି ବସିଲେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଛକୁ ପଛ କରି । ଭଗବାନ କହିଲେ ସମସ୍ତଙ୍କୁ ସମାନ ଭାବରେ ତରକାରୀ ପରଷିବେ । ଖାଇଲା ବେଳେ କେହି କାହାକୁ ଦେଖିବେ ନାହିଁ । ତାପରେ ସମସ୍ତେ ବସିଲେ କିନ୍ତୁ ଯେତେ ହେଲେ ବି ମା' ମନ ! ସିଏ ଆଉ ରହିପାରୁନାହାନ୍ତି ଖାଇବା ସମୟରେ ସେ ପଛକୁ ବୁଲି ଚାହିପଡିଲେ ଦେଖିଲା ବେଳକୁ ସେ ବ୍ରାହ୍ମଣ ଲୋକଟି ନାହିଁ, ବ୍ରାହ୍ମଣ ଲୋକ ବସିଥିବା ସ୍ଥାନରେ ତା'ର ଶିଶୁଟି ଖେଳୁଛି । ଖାଦ୍ୟ ସେହିପରି ଭାବରେ ସମ୍ପୂର୍ଣ୍ଣ ଅଛି । ସ୍ୱାମୀ ଓ ସ୍ତ୍ରୀ ଏହି ଦୃଶ୍ୟ ଦେଖିଲା ପରେ ନିଜକୁ ଆଉ ନିୟନ୍ତ୍ରଣ କରିପାରିଲେ ନାହିଁ । ସ୍ୱୟଂ ଭଗବାନ ଆମର କୁଡ଼ିଆକୁ ଆସିଥିଲେ ଅଥଚ ଆମେ ଦୁହେଁ ଅଭାଗା ଜାଣିପାରିଲୁ ନାହିଁ । ଏହି କ୍ଷୁଦ୍ର ଗଳ୍ପରୁ ଆମେ କ'ଣ ଶିଖିଲୁ ?

ପ୍ରତାପ କୁମାର ( ବାଙ୍ଗାଲୋର)

ଦୁରଭାଷା -: +୯୧୮୫୫୩୭୧୪୪୮୦/+୯୧୮୭୯୮୭୩୯୭୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାୟୀ କିଏ



ରଞ୍ଜନ କୁମାର ପାଣିଗ୍ରାହୀ

ସେଦିନ ଥିଲା ରାଧାଅଷ୍ଟମୀ । ବୋହୂ ଘରୁ ମିଠାଭାର ଆସିଲା । ଗରିବ ହେଇଥିବାରୁ ସେମାନେ ୫-୬ ପ୍ରକାର ମିଠା ଅଳ୍ପ ଅଳ୍ପ ଆଣିଥିଲେ ।

ସେମାନେ ଯିବାପରେ ଆରମ୍ଭ ହେଲା ଶାଶୁଙ୍କର ପାଟି । "ବୋହୂ ! ତୋ ବାପଘର ଲୋକ କାହାଘରକୁ ମିଠାଭାର ଆଣିଛନ୍ତି ଜାଣିନାହାନ୍ତି କି ? ଏତେ କମ୍ କ'ଣ ଆଣିଛନ୍ତି ? ଆମେ ଖାଇବା କେତେ, ସାହିପଡ଼ିଶାରେ ବାଣ୍ଟିବା କେତେ ? କଅଣ ବୋଲି ଭାବିଛନ୍ତି କି ଆମକୁ ତୋ ବାପଘର ଲୋକ ?" ଏମିତି କେତେ କଥା । ଶ୍ୱଶୁର କାମରେ ଯାଉ ଯାଉ କହିଦେଇ ଗଲେ, "ଯାହା ଆଣିଛନ୍ତି ସେଥିରେ ସନ୍ତୁଷ୍ଟ ହୁଅ । ପାଟି କରି ଲାଭ କ'ଣ ?" ଶାଶୁଙ୍କର ପାଟି କିନ୍ତୁ ଶୀଘ୍ର ବନ୍ଦ ହେଲାନି । ସନ୍ଧ୍ୟାରେ ପୁଅ ଆସିବା ପରେ ତା ଆଗରେ ବି କେତେ କଥା କହିଲେ । ପୁଅ ମାଆକୁ ଚୁପ୍ କରାଇଲେ ।

ରାତିରେ ଖାଇସାରି ଶୋଇବାକୁ ଯାଉ ଯାଉ ବୋହୂ ପଚାରିଲା ସ୍ୱାମୀଙ୍କୁ, "ଲୋକେ କହନ୍ତି, ପୁରୁଷକୈନ୍ଦ୍ରିକ ସମାଜରେ ନାରୀ ସବୁବେଳେ ନିର୍ଯ୍ୟାତିତ । ସତରେ କ'ଣ ନାରୀ ନିର୍ଯ୍ୟାତନା ପାଇଁ କେବଳ ପୁରୁଷ ଦାୟୀ ?" ସ୍ୱାମୀ ଚାହିଁ ରହିଥିଲେ ସ୍ତ୍ରୀକୁ । ସ୍ତ୍ରୀ ଆଖିର ଲୁହ ଦେଖି ସ୍ୱାମୀଙ୍କ ଆଖିରୁ ବି ଦୁଇ ଟୋପା ଲୁହ ଝରିପଡ଼ିଲା ।

ଭୁବନେଶ୍ୱର, ଓଡ଼ିଶା
ଦୂରଭାଷ: ୭୫୪୦୯୦୬୪୫୬
ଇ-ମେଲ: ca.ranjan.kumar@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୈରାଗୀ



ବିନୟ ମହାପାତ୍ର

ମୋ ଗାଆଁ ଛାଡି, ଖାସ ତୁମରି ପାଇଁ ମୁଁ ତୁମ ସହରକୁ ଧାଇଁ ଆସିଥିଲି । ତୁମ କମନୀୟ ରୂପର ମୋହରେ ମୁଁ ମୋ ଗାଆଁ ଭିଜାମାଟିର ସେଇ ମିଠା ମିଠା ମହକକୁ ଭୁଲିଗଲି । ମୋର ସରଳିଆ ଗାଉଁଲୀ ମନ ତୁମର ଛଳନାକୁ ତୁମର ପ୍ରେମ ଭାବିନେଲା । ତୁମର ସେ ଖିଲିଖିଲି ହସ, ତୁମ ଆଖିର ଚଞ୍ଚଳତାରେ ହଜିଗଲି, ବିନା କିଛି ଆଶାରେ ମୋର ମନ ମୋର ହୃଦୟ ତୁମକୁ ସମର୍ପି ଦେଲି । ହେଲେ କିଏ ଜାଣିଥିଲା, ତୁମ ପାଇଁ ପ୍ରେମ ଏକ ଖେଳ ଥିଲା ! ତୁମେ ଖେଳି ଜାଣିଥିଲ, ମୋ ମନକୁ ନେଇ ଲୁଚକାଳି ଖେଳିଲ । ଖୁବ୍ ଭଲ ଖେଳିଲ, ଖେଳନା ଭାଙ୍ଗିବା ପର୍ଯ୍ୟନ୍ତ ତା ସହିତ ମନଭରି ଖେଳିଲ, କିନ୍ତୁ ଖେଳ ସରିଗଲା ଭାବି ଖେଳ ଅଧାରେ ଖେଳନା ଫୋପାଡି ଚାଲିଗଲ । ଖେଳନା ଭାଙ୍ଗିବା ଆଗରୁ ଫୋପାଡି କିପରି ଚାଲି ଆସିଲ ? ତୁମ ପାଇଁ ପ୍ରେମ କେବଳ ଟାଇମପାସ ଖେଳଟିଏ ଥିଲା, ତୁମେ ପ୍ରେମର ପ୍ରତିଦାନରେ ଏ କଣ ଦେଇ ଦେଲ ?

ଆସିବା ଆଗରୁ ଥରଟିଏ ବି କହିଲନି ମୋ ପାଇଁ ତୁମ ପ୍ରେମ, ପ୍ରେମ ନଥିଲା । ପ୍ରେମ ତୁମପାଇଁ ପିଲାଦିନର ମିଛ ମିଛିକା କଣ୍ଢେଇ ଖେଳଥିଲା । ତୁମେ ଚାଲି ଆସିଲ, ତୁମ ବିନା ଜୀବନଟା ଶୁନ ଶାନ ନିଝାଟିଆ ହୋଇଗଲା । ତୁମକୁ ଦେଖିବା ପାଇଁ ଗାଆଁ ଛାଡି ସହର ଚାଲି ଆସିଲି । ସେଦିନ ତୁମ ଘର ସାମ୍ନା ବତୀଖୁଣ୍ଟକୁ ଆଉଜି ସେଇଠି ସେମିତି ସାରା ରାତି ଠିଆହୋଇ ଚାହିଁ ରହିଥିଲି । ଭାବୁଥିଲି ତୁମ ପାଇଁ ମୋ ମନ ଯେପରି ବ୍ୟାକୁଳ ହେଉଛି, ତୁମ ହୃଦୟରେ ମଧ୍ୟ ମୋ ପାଇଁ ସେମିତି ପ୍ରେମର ହିଲ୍ଲୋଳ ଉଠୁଥିବ । ପ୍ରେମର ନିଆଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଆଡେ ଦୁଇ ହୃଦୟରେ ଏକାବେଳେ ଜଳିଉଠେ । ଦୁଇଟି ମନକୁ ଏକାବେଳେ ମତୁଆଲା କରିଦିଏ, ଏଇ ଟିକକ ଆଶାରେ ମୋ ଆଖି ପଲକ ପକାଇବା ଭୁଲିଗଲା, ତୁମ ଘରର ବାଲକୋନୀରେ ସେମିତି ଅଟକି ରହିଥିଲା ।

ସକାଳ ହେଲା, ତୁମେ ତୁମ ବାଲକୋନୀର କବାଟ ଖୋଲିଲ । ସେଇଠି ଠିଆ ହୋଇ ଅଳସ ଭାଙ୍ଗିଲ, ଥରେ ଆକାଶକୁ ଦେଖିଲ, ଦୂର ଦିଗବଳୟରେ ଉଇଁ ଆସୁଥିବା ନାଲିଆ ସୂର୍ଯ୍ୟକୁ ଦେଖିଲ, ତାପରେ ବହୁତ ଡେରିରେ ଥରେ ତଳକୁ ଚାହିଁଲ । ତୁମ ନଜର ମୋ ଉପରେ ପଡିଲା । ମୁଁ ଭାବୁଥିଲି ତୁମେ ମୋତେ ଦେଖି ଚମକି ପଡିବ, ଆଶ୍ଚର୍ଯ୍ୟ ହୋଇଯିବ, ବଡ ପାଟିକରି ମୋତେ ପାଖକୁ ଡାକିବ । ହେଲେ ତୁମେ ନିରବ ଥିଲ । ମୋତେ ଦେଖି ଟିକେ ହସିଦେଲ ସିନା, କିନ୍ତୁ ଥରଟିଏ ପଚାରିଲ ନାହିଁ, ମୁଁ କେତେବେଳେ ଆସିଲି, ସେଇଠି ଠିଆ ହୋଇ କଣ କରୁଛି ।

କିଛି ନଦେଖିଲା ପରି ତୁମେ ଘର ଭିତରକୁ ଚାଲିଗଲ । ଯେପରି କିଛି ସମ୍ପର୍କ ନଥିଲା, ତୁମେ ମୋତେ ଚିହ୍ନି ନଥିଲ । ସେଠାରେ ମୋର ଉପସ୍ଥିତି ତୁମ ପାଇଁ ହୁଏତ ସେମିତି କିଛି ବିଶେଷ ଘଟଣା ନଥିଲା । କବାଟ ବନ୍ଦକରି ତୁମେ ନିଜ କାମରେ ଲାଗିଗଲ । ତୁମେ ଭୁଲିଗଲ, କେହି ଜଣେ ତୁମ ପାଇଁ ତଳେ ରାସ୍ତା ଉପରେ ଅପେକ୍ଷା କରି ଠିଆ ହୋଇଛି ।

ମୁଁ ଭାବୁଥିଲି ତୁମେ ପ୍ରେମ ପାଗଳୀ ରାଧା ପରି ହୁଏତ ସୁଧବୁଧ ହରାଇ ଧାଇଁ ଆସିବ ମୋ ପାଖକୁ । ବତୀଖୁଣ୍ଟକୁ ଆଉଜି, ତ୍ରୀଭଙ୍ଗି ଠାଣିରେ ଠିଆ ଏଇ ଗାଉଁଲୀ ପ୍ରେମିକକୁ କୁଣ୍ଢେଇ ଧରିବ, ମୁଁ କେତେ ବେଳେ ଆସିଲି ବୋଲି ପଚାରିବ । ମୋ ବିନା ତୁମ ଜୀବନ ନିସଙ୍ଗ ଭାବଶୂନ୍ୟ ହୋଇଯାଇଛି କହିବ । ହେଲେ ମୋ ଭାବନା କେବଳ ଭାବନାରେ ହିଁ ରହିଗଲା । ବେଳ ଉଚ୍ଛୁର ଯାଏ ମୁଁ ସେଇଠି ଅପେକ୍ଷା କଲିଥିଲି, କିନ୍ତୁ ତୁମେ ଆସିଲନି ।


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପ୍ରେମ ପାଇଁ ମୁଁ ମୋ ଗାଆଁ ଭୁଲିଗଲି, ଗାଆଁ ଛାଡିଦେଲି, ବାପା ମାଆ ଘର ପରିବାର ସବୁ ଭୁଲିଗଲି । ହେଲେ ତୁମେ ତୁମ ସହର, ତୁମ ଆଭିଜାତ୍ୟ, ତୁମ ପ୍ରାଚୁର୍ଯ୍ୟଭରା ଉତୁଙ୍ଗ ଅଟ୍ଟାଳିକା, ତୁମର ସ୍ୱପ୍ନ ପାଇଁ ମୋ ପ୍ରେମକୁ ଭୁଲିଗଲ । ଏତେ ସବୁ ଦେଖି ବୁଝି କିଏ କଣ ପ୍ରେମ କରେ ? କହନ୍ତି ପ୍ରେମ କାଳେ ଅନ୍ଧ, ପ୍ରେମ ଅନ୍ଧ ନୁହେଁ ବରଂ ପ୍ରେମର ବଡ ବଡ ଦୁଇଟି ଆଖିଥାଏ, କିନ୍ତୁ ଆବେଗର ସେଇ ଆଖିଝଲ୍ସା କିରଣରେ ପ୍ରେମିକର ଆଖି ଜଳକା ହୋଇଯାଏ । କିଛି ଦେଖି ପାରେନା, କିଛି ବୁଝି ପାରେନା । ମୁଁ ଠିକ୍ ସେମିତି ଅନ୍ଧ ହୋଇଯାଥିଲି, କପଟି ମାଲ୍ୟାଣୀର କୁହୁକର ଇନ୍ଦ୍ରଜାଲରେ ।

ମନ ଭାବୁଥିଲା ଆଖିର କଥା, ଆଖି ଭାବୁଥିଲା ମନର କଥା । ଆଖି ଭାବୁଥିଲା, କେମିତି ବୁଝେଇଦେବ ଏଇ ପାଗଳା ମନକୁ, ଆରେ ପାଗଳା, ସବୁ ଆଖି ଦେଖା ସତ ନଥାଏ, ସବୁ ସତ ବି ଆଖିକୁ ଦିଶେନା । ଥରେ ଆଖିରେ ଆଖି ମିଶିଗଲେ କାହାକୁ ପ୍ରେମ ହୋଇଯାଏନି । ତୋତେ ଦେଖିକି କିଏ ଥରେ ହସି ଦେଲା, ତା ମାନେ ନୁହେଁ ସେ ତୋତେ ତା ହୃଦୟ ଦେଇଦେଲା । ପ୍ରେମ ଏମିତି ହୁଏନା । ପ୍ରେମ କିଛି କାମ ନୁହେଁ, ପ୍ରେମ ଏକ ତପସ୍ୟା ପ୍ରେମ କେବଳ ଏକ ଅନୁଭବ । ପ୍ରେମର ଅନୁଭବ କେବଳ ପ୍ରେମ କରି ହିଁ ଜାଣିହୁଏ କିନ୍ତୁ ତୁମେତ କେବେ ପ୍ରେମ କରି ହିଁ ନଥିଲ । ତୁମେ କେବଳ ପ୍ରେମର ଖେଳ ଖେଳିଥିଲ, ସତେ ଯେପରି କେଉଁ ନାଟକରେ ପ୍ରେମିକା ଭୂମିକରେ କିଛି କ୍ଷଣର ଅଭିନୟ ଥିଲା ତୁମପାଇଁ ।

ପ୍ରେମ କେମିତି ହୁଏ ସେ କଥା କେହି ଜାଣିନି । ସେ କେମିତି ଗଣିତ, କଣ ତାର ଫର୍ମୁଲା ସେ କଥା କେହି ଜାଣେନା । ପ୍ରେମ ଦେଖି ହୁଏନା, ପ୍ରେମକୁ ଦେଖେଇ ହୁଏନା, କେବଳ ପ୍ରେମକରି ପ୍ରେମକୁ ଅନୁଭବ କରାଯାଇ ପାରେ । ହେଲେ ମୋର ଅବୁଝା ମନ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାରି ମନୁଆ, ତୁମ ପ୍ରେମର ମରିଚିକାକୁ ଦେଖି ପାଣି ବୋଲି ଭାବିନେଲା । ମନ ଭାବୁଥିଲା ଆଖିର କଥା, ଆଖି ସବୁ ଦେଖେ କାହିଁକି ? ଦେଖିକି ବିଶ୍ୱାସ କରେ କାହିଁକି ? କାହିଁକି ଆଖିର ରାସ୍ତା ଖୋଲା ରହିଯାଏ । ହରିଣୀର ତିରଛା ନଜରର ତୀର ସିଧାଯାଇ ହୃଦୟକୁ ଘାୟଲ କାହିଁକି କରେ । ଆଖି ଦେଖାକୁ ସତ ମଣିବିନି ଯଦି ତେବେ ଦୁନିଆଁ କାହିଁକି କହେ, "ଯାହା ନ ଦେଖିବ ବେନି ନୟନେ ବିଶ୍ୱାସ ଯିବନି ଗୁରୁ ବଚନେ" ! କଣ ସତ, କଣ ମିଛ, କିଏ କହିଦେବ ମୋତେ । ମନ କହୁଥିଲା ତାର ସେଇ ପ୍ରଥମ ଦେଖା ପ୍ରେମ ଥିଲା, ଯେବେ ଆଖିରେ ଆଖି ମିଶିଲା ସେତେବେଳେ ହୃଦୟ ବୀଣାରେ ଯେଉଁ ଝଙ୍କାର ଶୁଭିଥିଲା, ସେଇତ ପ୍ରେମ ଥିଲା । ତାର ସେଇ ଲାଜୁକୀ ହସ ସତେ କହିଗଲା ସେ ମୋତେ ପ୍ରେମ କରେ । କିନ୍ତୁ ଏତେସବୁ ଘଟଣାକୁ କେବଳ ଗୋଟିଏ ଘଟଣା ବୋଲି ମାନିନେବାକୁ ମନ ପ୍ରସ୍ତୁତ ନଥିଲା । ପ୍ରେମ ଗୋଟାଏ ଘଟଣା ଅବା ଦୁର୍ଘଟଣା କିଛି ବୁଝି ପାରୁନଥିଲା ।

ପ୍ରେମ ସତେ ଯେମିତି ଗୋଟାଏ ସମ୍ମୋହନ, ଗୋଟାଏ ସ୍ୱପ୍ନ । ରାତି ପାହିଯାଏ, ସ୍ୱପ୍ନ ଭାଙ୍ଗିଯାଏ, ମନ କିନ୍ତୁ ସ୍ୱପ୍ନକୁ ସ୍ୱପ୍ନ ବୋଲି ମାନିନେଇ ପାରେନା । ସ୍ୱପ୍ନକୁ ସତ ମଣିନିଏ । ପ୍ରେମ ଗୋଟାଏ ମାୟା, ଆଉ ମନ ସେଇ ମାୟା ମୃଗର ପଛେ ପଛେ ଅଣନିଶ୍ୱାସୀ ହୋଇ ଧାଇଁ ବୁଲେ । ମାୟା ଭଲ ଲାଗେ, କିନ୍ତୁ ମାୟାରୁ ଖସି ଚାଲିଯିବା ପାଇଁ ବୈରାଗ୍ୟ ବାରମ୍ବାର ହାତଠାରି ଡାକେ । ପ୍ରେମର ପଙ୍କରେ ମନ ଯେପରି ଫସି ଯାଇଛି । ଗୋଟିଏ ହାତ ଧରି ମାୟା ଟାଣୁଛି ଅନ୍ୟ ହାତଟିକୁ ବୈରାଗ୍ୟ ଟାଣିଧରିଛି । ଗୋଟେ ଦିଗରେ ନିରାଶାର କଳା ଅନ୍ଧକାର, ଅନ୍ୟ ଦିଗରେ ଆଶାର ଉଜ୍ୱଳ ଆଲୋକ ।

ମନ ଯାହାକୁ ପ୍ରେମ କରୁଛି, ସେ ଏଇ ମନକୁ ପ୍ରେମ କରେ କି ନାହିଁ କେହି ଜାଣେନା, କିନ୍ତୁ ଯିଏ ମୋତେ ଭଲପାଏ, ମୋତେ ତାର ନିର୍ଭୟ ଅଫୁରନ୍ତ ପ୍ରେମାଲିଙ୍ଗନରେ ସାଉଁଟି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନେବାପାଇଁ ବାହୁ ପଶାରି ବ୍ୟାକୁଳ ଭାବରେ ଅନାଇ ବସିଛି, ତାର ଆମନ୍ତ୍ରଣକୁ କିପରି ଆଣଦେଖା କରିଦେବି ? ବୈରାଗ୍ୟର ହାତ ଛାଡି ମାୟାର ଘନ ଅନ୍ଧାରରେ ଆଉଥରେ କିପରି ବାଟବଣା ହୋଇଯିବି ? ଅନୁରାଗ ଅପେକ୍ଷା ବୈରାଗ୍ୟ ହିଁ ଶ୍ରେୟଂ ।

ବୈରାଗ୍ୟ ପଚାରିଲା, ପ୍ରେମିକାର ପ୍ରେମ ନପାଇ ତୁମକୁ ଦୁଃଖ ଲାଗୁନି ?

ମନ କହିଲା, ମୋତେ କାହିଁକି ଦୁଃଖ ଲାଗିବ ? ମୁଁ ଏମିତି ଜଣକୁ ହରାଇଲି, ଯିଏ ମୋତେ ପ୍ରେମ କରୁ ନଥିଲା । କିନ୍ତୁ ସେ ତାର ଅଜାଣତରେ ଏପରି ଜଣକୁ ହରାଇ ବସିଲା, ଯିଏ ତାକୁ ନିଜ ଜୀବନ ଠାରୁ ବି ଅଧିକ ଭଲ ପାଉଥିଲା, ଦୁଃଖ ତାକୁ ଲାଗିବା କଥା । ବୈରାଗୀବି ତ ପ୍ରେମିକଟିଏ । ସେ ପ୍ରଭୁ ପ୍ରେମର ଅନୁରାଗୀ- ବୈରାଗୀ ।

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅତୀତର ପଦଚିହ୍ନ



ପ୍ରୀତିସୀମା ସ୍ୱାଇଁ

ବିମଳ ସାଙ୍ଗେ ସାଙ୍ଗେ କବାଟ ଦେଇଦେଲା ଭିତରୁ । କିନ୍ତୁ ଭିତରେ ସ୍ଥିର ହୋଇ ବସିପାରିଲାନି । ଝର୍କା ଖୋଲି ବାହାରକୁ ଚାହିଁଲା । ଝର୍କା ପାଖ ଗଛର ପତ୍ରରୁ ସେ ଯାଏ ପାଣି ପଡୁଥିଲା ଟପଟପ । ଶୀତଦିନେ ପୁଣି ବର୍ଷା କ'ଣ ? ବିମଳ ଭାବିଲା । ଏମିତି ବର୍ଷା ସେ ଆଗରୁ କେବେ ଦେଖିନାହିଁ । ତାହାପୁଣି ଏଇ ହାଡ଼ଭଙ୍ଗା ଶୀତ ଦିନରେ ! ଘର ବାହାରେ ଝଡ଼ର ରୂପ ଯେତିକି ବଢୁଥାଏ ବିମଳ ମନରେ ଝଡ଼ ସେହିପରି ତୀବ୍ର ହୋଇ ଉଠୁଥାଏ । ଭାବନାର ଅନ୍ତରାଳ ସେଦିନ ଗୁଡ଼ାକୁ ସେ ମନେ ପକାଇ ଚାଲିଛି । ମାୟା.... ମାୟା... ଏ ମାୟା... କାହିଁକି ରାଗୁଛ ?ତୁମେ କ'ଣ ଜାଣିନ ତୁମ ଏ ଶୁଖିଲା ମୁହଁ, ହସ ବିହୀନ ଓଠ ମୁଁ ଦେଖିପାରେ ନାହିଁ । ତୁମକୁ ଏପରି ଦେଖିଲେ ମୋ ହୃଦୟ ଶରୀର ବାହାରକୁ ବାହାରିଗଲା ପରି ଲାଗେ । କ'ଣ ହେଇଛି କୁହନା.....

ତୁମେ କ'ଣ ସତରେ ଜାଣିନ ମୁଁ କାହିଁକି ରାଗିଛି, ନା ଜାଣି ନଜାଣିବାର ଅଭିନୟ କରୁଛ ?କେତେଥର କହିଲିଣି ଆମ ସମ୍ପର୍କ ବିଷୟରେ ଘରେ କୁହ, ତୁମେ କହୁଛ ନାଇଁ ଆଉ କିଛି ଦିନ ଯାଉ.... କେବେ କହିବ ?ଏମିତି ନହେଉ ତୁମେ କହିବା ବେଳକୁ ସବୁ ଶେଷ ହୋଇଯାଇଥିବ । ଦେଖ ବିମଳ ତୁମେ ସିନା ପୁଅ, ଘରେ ତୁମପାଇଁ ବ୍ୟସ୍ତ ହେବେନାହିଁ । କିନ୍ତୁ ମୁଁ......

ବାପାଙ୍କ ଦେହ ଖରାପ ବିଷୟରେ ତ ତୁମେ ଜାଣିଛ, ଆଉ ମା' ସେ ଚାହୁଁଛି ମୋର୍ ବାହାଘର ଜଲ୍‌ଦି କରିଦେବା ପାଇଁ । କେତେବେଳେ ଯଦି ଭଲ ପ୍ରସ୍ତାବଟାଏ ଆସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେବେ......

କ'ଣ ତେବେ ? ବିମଳ ପଚାରିଲା । ଏବେ ବିମଳ ଟିକିଏ ରାଗି ଯାଇଥିଲା । ମାୟା କୌଣସି ପ୍ରକାରେ କଥା ବଦଳେଇ କହିଲା ଆମ ସମ୍ପର୍କ କେତେ ଦିନର କହିପାରିବ ? ମୁଁ ଜାଣେ ତୁମେ କହି ପାରିବନି । କାହିଁକି କହିପାରିବିନି ? ଦୁଇବର୍ଷ ହେଲା ମୁଁ ତୁମକୁ ଜାଣିଥିଲେ ମଧ୍ୟ ଏକବର୍ଷ ଆଠ ମାସର ଆମ ପ୍ରେମ ସମ୍ପର୍କ । ଆଉ କୁହତ ମୋର ସବୁ କ'ଣ ପସନ୍ଦ ଆଉ ନା ପସନ୍ଦ । ଦେଖିବା ତୁମେ ମତେ କେତେ ଜାଣିଛ, ମାୟା ପଚାରିଲା । ବିମଳ କହିଲା, ଦେଖ ମାୟା ମୁଁ ଏସବୁ କହିପାରିବି କିନ୍ତୁ ତୁମକୁ ବି କିଛି ପ୍ରଶ୍ନ ପଚାରିବି, ଯଦି ରାଜି ହେବ ତେବେ ଉତ୍ତର ପାଇବ ।

ରାଜି ଅଛି ମହାଶୟ, ମାୟାଠାରୁ ଶୁଣି ବିମଳ କହିଚାଲିଲା ତୁମେ ତୁମ ବାପା ମା' ଙ୍କୁ ବହୁତ ଭଲପାଅ । ତାଙ୍କ ଖୁସି ପାଇଁ କିଛିବି କରି ପାରିବ । ତୁମେ ମିଛ ଆଉ ମିଛ କହୁଥିବା ଲୋକକୁ ଜମା ପସନ୍ଦ କରନି । କଥାଦେଇ ନରଖିଲେ ବହୁତ ରାଗିଯାଅ । ତୁମେ ବହୁତ ସ୍ୱାଭିମାନୀ । ଆଉ କିଛି କହିବା ଦରକାର ନାହିଁ, କହି ମାୟା ଚୁପ କରେଇଦେଲା । ବିମଳ କହିଲା ଏବେ ତୁମ ପାଳି, ମାୟା କୌଣସି ମତେ ବାହାନା କରି ସେ ସବୁ ପ୍ରଶ୍ନକୁ ଆଡ଼େଇ ଦେଲା । କହିଲା, ମୁଁ ଆସୁଛି ଏଥର, ବହୁତ ସମୟ ହୋଇଗଲାଣି । ଘରେ ସମସ୍ତେ ମୋତେ ଖୋଜୁଥିବେ । ମାୟା ଘରକୁ ଫେରି ଆସିଲା । ନିଜ କକ୍ଷରେ ବସି ବସି ଭାବି ଚାଲିଛି ବିମଳର ସେଇ ପ୍ରଶ୍ନ ଯାହାକୁ ସେ ଆଜି ବାହାନା କରି ଆଡ଼େଇ ଦେଇଛି । ବିମଳ ମୋତେ ବହୁତ ଭଲ ପାଆନ୍ତି । ହେଲେ ସବୁବେଳେ ସେଇ ଗୋଟାଏ ପ୍ରଶ୍ନ ତାଙ୍କର, ମାୟା ତମେ ମୋ ପାଇଁ କିଛି ସମୟ ଅପେକ୍ଷା କରିବତ ? ଆମ ସ୍ୱପ୍ନର ମହଲ ଗଢ଼ିବା ପାଇଁ କାଠିକୁଟା ନଯୋଗାଅ ପଛେ ମୋ ସହ ଉଡ଼ିଉଡ଼ି କାଠିକୁଟା ସନ୍ଧାନର ପଥକୁ ସହଜ କରିଦେବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତ..........

ମାଆଙ୍କ ଡାକରେ ମାୟା ସ୍ୱପ୍ନ ରାଇଜ ଛାଡ଼ି ବାସ୍ତବତାକୁ ଫେରି ଆସିଲା । ମାଆ ଯେ ବିମଳ ବିଷୟରେ ଜାଣନ୍ତିନି ସେ କଥା ନୁହେଁ, ସେ ସବୁ ଜାଣି ମଧ୍ୟ ନିରୁପାୟ । ସେ ଚାହାନ୍ତି ଜୀବନର ମୋଡ଼ ବଦଳି ମାୟା ନିଃସହାୟ ହୋଇଯିବା ପୂର୍ବରୁ କୂଳରେ ଲାଗିଯାଉ । ଏମିତି କିଛି ମାସ ବିତିଯାଇଛି । ମାୟା ବସି ବସି ଦିନ ଗଣୁଛି, କାହାନ୍ତି ବିମଳ ଛଅମାସ ପାଇଁ କଥାଦେଇ ସେ ବିଦେଶକୁ ଯାଇଥିଲେ । ଆଜିଯାଏ ଫେରିଲେନି, ଏପଟେ ନିର୍ବନ୍ଧର ଦିନ ପାଖେଇ ଆସୁଛି । ସେ କ'ଣ କରିବ କିଛି ବୁଝି ପାରୁନି । ନିଜ ପ୍ରେମକୁ ହଜେଇବାର ସାହସ ତା ପାଖେ ନାହିଁ । ବିମଳ କ'ଣ କୋଉ ବିଦେଶିନୀ ପ୍ରେମରେ ପଡ଼ି ଯାଇଛନ୍ତି କି ? ସେ ନିଶ୍ଚୟ ଫେରି ଆସିବା କଥା । ତେବେ କ'ଣ ସେ ତାଙ୍କ ମାୟାକୁ ଭୁଲିଗଲେ ?ନା ! ଏମିତି ହୋଇ ନପାରେ । ମାୟାର ଗଣ୍ଡଦେଶ ଦେଇ ଆଖି କିଆରୀରୁ ଅଶ୍ରୁ ଧାରା ଝରିବାକୁ ଲାଗିଲା । ଏବେ ମାୟାର ଦିନ ରାତି ସବୁ ସମାନ । କେବେ ସେ ହସିବାର କି ଖୁସିହେବାର ଆଉ କେହି ଦେଖିଲେନି । ବାପା ମାଆ ତାଙ୍କ କର୍ତ୍ତବ୍ୟ କରିବାକୁ ଯାଇ ଶିଳ୍ପପତି ବିକାଶ ପଟ୍ଟନାୟକଙ୍କ ସହ ମାୟାର ବିବାହ କରାଇଦେଲେ ।

ବିବାହ ବେଦିରେ ମାୟାର କଅଁଳ ମନଟି ପୋଡ଼ି ଜଳି ଭସ୍ମ ହୋଇଗଲା । ବାପା ମାଆ ଝିଅର ଖୁସିପାଇଁ ଏତେବଡ଼ ସମ୍ଭ୍ରାନ୍ତ ପରିବାରରେ ଝିଅର ବିବାହ କରିଦେଲେ । କିନ୍ତୁ ମାୟା ମନରେ କାଣିଚାଏ ବି ଖୁସି ନଥିଲା । ସେ ମନ ଭିତରୁ ଯେତେ ଦୁଃଖୀ ଥିଲେ ମଧ୍ୟ ବାହାରକୁ ଦେଖାଏ ନାହିଁ । ସେ କେବେ ବିକାଶବାବୁଙ୍କ ସ୍ତ୍ରୀ ହେବାପାଇଁ ଚାହେଁନି । ବିକାଶ ପଟ୍ଟନାୟକ ବହୁତ ଭଲ ମଣିଷ । ମାୟାର ସୁଖପାଇଁ ସେ ସବୁ କରିବାକୁ ରାଜି ଅଛନ୍ତି, ସେଥିପାଇଁ ମାୟାର ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରନ୍ତି ନାହିଁ । ତାଙ୍କ ବିବାହକୁ ତିନିମାସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଥିଲେ ମଧ୍ୟ ସେ ବିକାଶ ସହ ଭଲରେ କଥା ପଦେ ହୋଇନାହିଁ । କାରଣ ସେ ଆଜି ବି ବିମଳକୁ ଅପେକ୍ଷା କରିଛି । ଅନେକ ବାହାନା କରି ବିକାଶଠୁ ଦୂରେଇ ରହିଛି । ମାୟା ଜାଣେ ସେ ଆଉ ବିମଳର ଜୀବନ ସଙ୍ଗିନୀ ହୋଇପାରିବନି ତଥାପି କାହିଁକି ଏ ଅପେକ୍ଷା..... ?ନିଜେ ନିଜକୁ ପ୍ରଶ୍ନ କରେ, ଉତ୍ତର ନପାଇ ଦୁଇଟୋପା ଲୁହ ଗଡ଼ାଇ ନିଜ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଏ ।

ଦିନେ ମାୟା ନିଜ କାର୍ଯ୍ୟ ଶେଷକରି ଶୟନ କକ୍ଷକୁ ଫେରି ଆସୁଆସୁ ବାହାରୁ ଲକ୍ଷ୍ୟ କରିଛି ଭିତରେ ବିକାଶ ତାକୁ ଅପେକ୍ଷା କରିଛନ୍ତି । କ'ଣ କରିବ ଭାବି ନପାରି ସେ ଫେରିଯିବା ବେଳେ ପଛରୁ ଡାକ ଶୁଭିଛି ମାୟା... ମାୟା.... ଏ ମାୟା.... ଏଇ ଡାକରେ ମାୟା ଚମକି ଉଠିଛି । ବିକାଶ ମାୟାକୁ ହଲେଇ ଦେଇ ବାସ୍ତବତାକୁ ଟାଣି ଆଣିଛନ୍ତି । ମାୟା ତୁମସହ ମୋର କିଛି କଥା ଅଛି । ମାୟା ଶୁଣିବାକୁ ନିଜକୁ ପ୍ରସ୍ତୁତ କରିନେଇଛି । ମାୟା ତୁମଠାରୁ ମୁଁ ବହୁତ କିଛି ଆଶାକରି ଏ ବିବାହ ନିଷ୍ପତ୍ତି ନେଇଥିଲି ।

ଆଜିଯାଏ ତୁମେ ମୋ ସ୍ତ୍ରୀ ହୋଇପାରିଛ ନା ମତେ ତୁମର ସ୍ୱାମୀ ବୋଲି ଗ୍ରହଣ କରିଛ । ତଥାପି ଆମେ ସମାଜ ଆଖିରେ ସ୍ୱାମୀ ସ୍ତ୍ରୀ । ମୋର ଏ ସମ୍ପତ୍ତି, ପ୍ରତିପତ୍ତି, ପ୍ରତିଷ୍ଠା ପାଇଁ ମତେ ଉତ୍ତରାଧିକାରୀର ଆବଶ୍ୟକ ଅଛି । ଏଇ ବଂଶକୁ ଆଗକୁ ନେବାପାଇଁ ମୁଁ ମୋ ବାପା ମାଆଙ୍କୁ କଥା ଦେଇଛି । କଥାଦେଇ ନରଖିବା ଲୋକ ଅନ୍ତତଃ ମୁଁ ନୁହେଁ । ତୁମେ ଏଥିପାଇଁ ନିଜକୁ ପ୍ରସ୍ତୁତ କରିନିଅ । ମୁଁ ତୁମ ଇଚ୍ଛାର ସମ୍ମାନ କରେ । ଆଉ ଗୋଟିଏ ନିରାଟ ସତ୍ୟ ମୁଁ ମୋ ସ୍ୱାର୍ଥ ହାସଲ ପାଇଁ ତୁମକୁ ବିବାହ କରିଛି । ଏଥର ବିକାଶ କଣ୍ଠରେ ଦୃଢ଼ତା ନଥିଲା । ସେ ଦୈନ୍ୟ ଭାବେ କହିଲେ ମୁଁ ଆଉ କିଛିଦିନ ପରେ ତୁମ ପାଖରେ ନଥିବି । ମୋ ପାଖେ ସବୁକିଛି ଅଛି କିନ୍ତୁ ଆୟୁଷ ଆଉ ନାହିଁ । କିଛି ସମୟ ପୂର୍ବରୁ ଯୋଉ ମଣିଷଟି ପାଇଁ ମାୟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ଘୃଣା କୁରୁଳି ଉଠୁଥିଲା, ଏବେ ସମବେଦନା ଦେବାପାଇଁ ଧୈର୍ଯ୍ୟ ରହିଲା ନାହିଁ । ତା ପାଟିରୁ ଖାଲି ଏତିକି ବାହାରିଲା ହେ ଭଗବାନ ମୁଁ କ'ଣ  ଦୋଷ କରିଛି.. . ମୋ ଭାଗ୍ୟରେ ଏତେ ଦୁଃଖ  ! ! !ନିଜ ଅଜାଣତରେ ସେ ବିକାଶ ପାଇଁ ସହାନୁଭୂତି, ଆନ୍ତରିକତା ଅନୁଭବ କଲା ।

ମାୟା ଏବେ ବିକାଶର ଜୀବନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି । ନିଜ ଆୟୁଷ ବଦଳରେ ବିକାଶକୁ ବଞ୍ଚାଇବାକୁ ମିନତି କରୁଛି । ବିକାଶର ଦେଖାଶୁଣା ବହୁତ ଭଲରେ କରୁଛି, ହେଲେ ବିକାଶ ଆଉ କେତେଦିନ ବଞ୍ଚିବେ ତାର ଠିକ୍ ନାହିଁ । ବିକାଶକୁ କ୍ୟାନସର, ସେ ପୁଣି ଲାଷ୍ଟ ଷ୍ଟେଜ । ଯୋଉଠି ଡାକ୍ତର ମାନେ ହାର ମାନିନେଇଛନ୍ତି, ମାୟା ତାଙ୍କୁ କେମିତି ବଂଚେଇବ । ମାୟା ବିକାଶ ପାଖେପାଖେ ରହି ତାଙ୍କର ଯତ୍ନ ନେଉଛି । ଏମିତି ସମୟରେ ସେ ବିକାଶଙ୍କୁ ତାଙ୍କର ଖୁସି ଦେବାପାଇଁ ନିଷ୍ପତ୍ତି ନେଇଛି ।

ମାୟାକୁ କଥାଦେଇ ଆସିଥିଲି ଛଅ ମାସ ପରେ ଫେରିବି, ହେଲେ ପାରିଲିନି । ସମୟ ଏତେ ନିଷ୍ଠୁର ସାଜିବ କିଏ ଜାଣିଛି  ? ଆଜି ନିଜେ ଗୋଟେ ପାଦ ଚାଲିବା ପାଇଁ ଅନ୍ୟର ସାହାଯ୍ୟ ଲୋଡୁଛି । ମୁଁ ଠିକ୍ କରିଛି, ମାୟାକୁ ସେଦିନ ସତକଥା ଜଣାଇ ନାହିଁ । ଆଜି ସେ କାହାର  ସ୍ତ୍ରୀ ଆଉ କାହାର ମାଆ ରୂପେ ପରିଚିତ ହେଉଥିବ । ସେଦିନ ଆକ୍ସିଡେଣ୍ଟ ପରେ ଯଦି ମୁଁ ତା ପାଖକୁ ଫେରିଯାଇଥାନ୍ତି, ସେ ମତେ ଗ୍ରହଣ କରିନେଇଥାନ୍ତା । ତା ଆଖିରେ ଦୁନିଆ ଦେଖେଇବାକୁ ଚେଷ୍ଟା

କରିଥାନ୍ତା । ଏମିତି ମୁଁ ବଞ୍ଚି ପାରିନଥାନ୍ତି । ସେଦିନ ଚାକିରୀ ପାଇବାର ଖୁସି ଆଉ ମାୟାକୁ  ପାଇବାର ନିଶା ମତେ ଏତେ ପାଗଳ କରିଦେଲା ଯେ ଭଗବାନ ଏତେ ଖୁସି ସହିପାରିଲେନି । ମୋ ପାଇଁ ସାରା ଦୁନିଆ ଅନ୍ଧକାରମୟ ହୋଇଗଲା । ସବୁଦିନ ପାଇଁ ମୁଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୃଷ୍ଟି ଶକ୍ତି ହରାଇ ବସିଲି । କେବେ ଯଦି ମାୟା ସହ ଦେଖାହୁଏ ହାତଯୋଡ଼ି କଥା ରଖିପାରି ନଥିବା ଯୋଗୁ କ୍ଷମା ମାଗିନେବି । ସେହି ସମୟରେ କାହାର ଫୋନ ଆସିଛି । ଫୋନ ଜଣେ ଡାକ୍ତରଙ୍କର, ବିମଳ ସହ ସେ କିଛି କଥା ହେଉଛନ୍ତି । ବିମଳ ଫେରିଛନ୍ତି ନିଜ ଜନ୍ମମାଟିକୁ । ସେଠାରେ ତାଙ୍କର ଆଖି ଅପରେସନ ହୋଇଛି । ଆଖି ଅପରେସନ ପରେ ସେ ହସ୍ପିଟାଲର ସବୁ ଡାକ୍ତରଙ୍କୁ ପଚାରିଛନ୍ତି କିଏ ତାଙ୍କୁ ଆଖି ଦାନ କରିଛି । ବଡ଼ବ୍ୟସ୍ତ ବିବ୍ରତ ହୋଇ ଫେରିବା ସମୟରେ ନର୍ସଟିଏ ଗୋଟିଏ ଠିକଣା ଦେଇ କହିଲା, ଏହି ଠିକଣାକୁ ଗଲେ ଆପଣ ସବୁ ଜାଣିପାରିବେ । ବିମଳ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ । କିଏ ସେ ଲୋକ ଯିଏ ଦେବଦୂତ ସାଜି ମୋ ଦୁନିଆକୁ ଆଲୋକିତ କରିଛନ୍ତି । ଏମିତି ଭାବି ସେ ଉକ୍ତ ଠିକଣାରେ ପହଁଚିଲା । ଘର ଭିତରକୁ ପ୍ରବେଶ କରୁ କରୁ ଦେଖିଲା କିଛି ଲୋକ ବାହାରି ଯାଉଛନ୍ତି । ମନରେ ଅନେକ ଶଙ୍କାଥାଏ ବିମଳର, ଆଗକୁ ଯାଇ ଦେଖିଲା ଚିଂହା ଏକ ମୁହଁ । ଏ କ'ଣ ? ମାୟା.... ହାତରେ ଶଙ୍ଖା  ନାହିଁ, ମଥାରେ ସିନ୍ଦୂର ନାହିଁ, ଦେହରେ ଧଳା ଶାଢ଼ୀ । ବିମଳ ନିଜ ଆଖିକୁ ବିଶ୍ୱାସ କରି ପାରିଲାନି । ସତେ ଯେମିତି ତା' ମୁଣ୍ଡ ଉପରେ ଆକାଶ ଛିଡ଼ି ପଡ଼ିଲା । ପାଦତଳୁ ମାଟି ଖସିଗଲା । ସେ ଅଣନିଶ୍ୱାସୀ ହୋଇ ଧାଇଁବାକୁ ଲାଗିଲା । ଆଗକୁ..... ଆଗକୁ ଧାଇଁଲା । ଆଉ ତାକୁ କିଛି ଅନ୍ଧାର ଦିଶୁନାହିଁ, ଏବେ ସବୁ ପରିଷ୍କାର । ସ୍ୱଚ୍ଛ, ନିର୍ମଳ । ଠିକ୍ କଳାହାଣ୍ଡିଆ ମେଘ ଅସରାଏ ବର୍ଷୀଗଲେ ଯେମିତି ଆକାଶ ନିର୍ମଳ ଦେଖାଯାଏ । ବିମଳ, ବର୍ଷା ରାତି କିଛି ନମାନି ଆଗକୁ ଧାଇଁ ଚାଲିଲା । କହି ଚାଲିଥାଏ ଲୋଡ଼ାନାହିଁ ମୋର ଏ ଆଖି, ଯେଉଁ ଆଖିରେ........

ଆନନ୍ଦପୁର, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଃସଙ୍ଗତା



ଡା ରାଜେନ୍ଦ୍ର କୁମାର ବେହେରା

ବବିତା ରାଣୀ ଗର୍ଜିଉଠିଲା -ତୁମ ଦେହ ପବିତ୍ର ନ ହେବାଯାଏ, ତୁମ ଭାବନା ସ୍ୱଚ୍ଛ ନ ହେବା ଯାଏ ଆଉ ହୃଦୟ ସମର୍ପଣ ନ ହେବା ଯାଏ ତୁମ ସହ ସହବାସରେ ମୋତେ ଶାନ୍ତି ମିଳିବନି । ନାରୀର ଭାବନା ଏକ ଦେବୀର ଭାବନା ସହ ସମାନ । ସଂସାରୀକ ସମ୍ବନ୍ଧରେ ଯେଉଁ ଅଶାନ୍ତିର ଘୂର୍ଣ୍ଣିଝଡ ସୃଷ୍ଟି ହୁଏ କମ୍ ସେ କମ୍ ସାତ ଦିନରୁ ଏକ ମାସ ପର୍ଯ୍ୟନ୍ତ ସମୟ ନେଇପାରେ । ତାହା ତୁମେ ଏକ ନାରୀର ଶରୀର ଧାରଣ କରିଥିଲେ ଅନୁଭବ କରିପାରିଥାଆନ୍ତ । ଅସୀତ ବାବୁ ତୁମେ ଜାଣିରଖିବା ଉଚିତ୍- ଦୀର୍ଘପଥ ଅତିକ୍ରମ କରିଥିବା ଘୂର୍ଣ୍ଣିଝଡ ସ୍ଥଳ ଭାଗରେ ଛୁଇଁଲା ମାତ୍ରେ ଉଗ୍ରରୂପ ଧାରଣ କରେ ଆଉ ତାଣ୍ଡବଲୀଳା ରଚେ । ହଠାତ୍ କେତେଘଣ୍ଟାରେ ଆକାଶ ନିର୍ମଳ ହୋଇଯାଏନା । ପୃଥିବୀବାସୀ ସବୁ କଷ୍ଟ ଭୋଗିଲା ପରି ତୁମକୁ ବି ଭୋଗିବାକୁ ପଡ଼ିପାରେ । ପିଠିକୁ ପିଠି ଲାଗି ଶୋଇଥିବା ସ୍ୱାମୀ ଓ ସ୍ତ୍ରୀର ଯୁକ୍ତିତର୍କ ଦୁଇଜଣକୁ ଏତେ ଦୂରେଇ ଦେଇଛି, ଅସୀତ୍ ବାବୁ ନିଜକୁ ଥୁଣ୍ଟା ଗଛ ପରି ନିଜକୁ ଅନୁଭବ କରୁଛନ୍ତି । ନିଜର ଜନ୍ମମାଟି, ଗାଁ ମୁଣ୍ଡ ପୋଲ ଉପରେ ବସିଛନ୍ତି ଏକା ଏକା । ପିଲା ବେଳେ ଲଂଗଳା ଶରୀରରେ ଏଇ ରେଳତଡେ କେତେ ଯେ ମଳତ୍ୟାଗ କରିଛନ୍ତି । କେତେ ଯେ ଖଜୁରୀଡାଳ ଭାଙ୍ଗି ଦାନ୍ତ ଘସିଛନ୍ତି ଆଉ ସାହାଡା କୋଳି ଖାଇଛନ୍ତି ଭୁଲିବାକୁ ଚାହିଁଲେ ବି ଭୁଲି ହେଉନି । ବର୍ଷାଦିନେ ସେହି ପୋଲରୁ ଗାଡ଼ିଆକୁ ଡେଇଁ ପହଁରିଛନ୍ତି, ପାଣିରେ ଯେତେଲହଡା ଆଉ ପଙ୍କୁଆ ମଣ୍ଡ କରିଥିଲେ ବି କେହି ବାରଣ କରିବାକୁ ନ ଥିଲେ । ଡାଳକୁ ବାଡେଇ ଯେତେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୀମା କୟାଁୟା ଖାଇଛନ୍ତି କିଏ କେବେ ପ୍ରତିବାଦ କରିନି ବା ବୋତାମ ନ ଥିବା ହାଫ ପ୍ୟାଣ୍ଟଟୀ କାଢି ଫିଙ୍ଗିଦେଇ ପୋଖରୀରେ ପଶିଯାଇଚି କେବେ ବି ଦୁଃଖ କରିନି । ଗାଁ କୁକୁର ଗୁଡିକୁ ଯେତେଥର ପିଟିଲେ ବି, କାନ ମୋଡ଼ିଲେ ବି କେବେ ଦୂରେଇ ଯାଇନାହନ୍ତି ବରଂ ଆହୁରି ପାଖେ ପାଖେ ଲାଗୁଥାନ୍ତି । ଆମ ପେଟରେ ରକ୍ତ ମାଂସ ହାଡ ଜୀର୍ଣ୍ଣ ପାଇଁ ଉଦ୍ଦିଷ୍ଟ କୁକୁଡା ଗୁଡିକ କାହିଁକି ଆମ ହାତରୁ ଖୁମ୍ପି ଧାନ ଚାଉଳ ଖୁସିରେ ଖାଉଛନ୍ତି ବିଚିତ୍ର ହେଲେବି ଭାବନା ପରିସର । ସେଇ ଘାସ ଫୁଲ ସାନ ସାନ ଡେମ୍ଫରେ ଏପଟ ସେପଟ ଦୋହଲି ଖେଳୁଛନ୍ତି । କେତେବେଳେ ପ୍ରଜାପତି ତା କେତେବେଳେ ଫିରିଙ୍ଗି ସହ ହସ କଥା ହେଉଛନ୍ତି । ହସୁଛନ୍ତି । ଥଟା ତମାଶା କରୁଛନ୍ତି । ଭ୍ରମର ଗୁଡିକ ଯେତେ ଦୁଷ୍ଟ ହେଲେବି ପ୍ରତିବାଦର ସ୍ୱର ଜମା ନାହିଁ ବରଂ ନିଜର କରି ଦୁଖଃ ସୁଖର ଭାଗୀଦାର ହେଉଛନ୍ତି । ମାତ୍ର ଅସୀତ ବାବୁ ସ୍ଥାଣୁ ହୋଇ ଆଜି ବସିଛନ୍ତି । ମନରେ ଖୁସିର ଚଞ୍ଚଳ ନାହିଁ । ଓଠରେ ଆନନ୍ଦର ହସ ନାହିଁ କି ପୁଲକିତ ଆଖିର ଛଳ ଛଳ ନାହିଁ । ନିଜକୁ ଜଳାଞ୍ଜଳି ଦେଇ ଗଢିଥିବା ସଂସାର, ଘର ପାରିବାର ତା ନିଜର ହୋଇ ରହିନାହିଁ । ମନ ଭାରାକ୍ରାନ୍ତ, ଅନୁତପ୍ତ ଭାବନା, ଅବଶ ଶରୀର ଜାଣି ପାରୁନି ସୂର୍ଯ୍ୟ ଢଳି ଢଳି ଯାଉଛି ବୋଲି । ଜାଣିପାରୁନି ସେହି ରାସ୍ତାରେ ନିଜର ପରିଚିତ ମୁହଁ, ନମସ୍କାର, ହାଏ, ବାଏ, ହାଲୋ ଡାକ । ଜାଣିପାରୁନି ଯାଉଥିବା ଲୋକଙ୍କ ପାଦଶବ୍ଦ, ସାଇକେଲର ଝଣ ଝଣ ଆଉ ଯାନବାହାନର ଆବାଜ ବା ସତର୍କ କରୁଥିବା ହର୍ନଶବ୍ଦ । ସୁଖ ସମୟରେ ସାଥୀହୋଇ ରହିଥିବା ପରଝିଅ କାହିଁ ପୂର୍ବକଥା ଜାଣିବ । ବାପା ମା ପ୍ରେମ, ଭାଇ ଭଉଣୀ ସ୍ନେହ ଆଉ ଅଡ଼ିଶୀ ପଡିଶା ଆଦର ଗୌରବ, ବନ୍ଧୁବାନ୍ଧବଙ୍କ ପଚରା ସଙ୍କ୍‌ଗଳାରେ ତାର ଯାଏ ଆସେ କଣ ? ବେଦୀରେ ସାତ ଘେରା ବୁଲି ଶପଥ କରିଛ । ଆଜିଠୁ ତୁମେ ମୋର ଆଉ ମୁଁ ତୁମର, ବାକି ଦୁନିଆକୁ ଗୁଳି ମାର । ବେଦୀତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଣୀ ସେହି ସୂର୍ଯ୍ୟ ବଂଶୀ ଯେଉଁଠି ନିଜ ସ୍ୱାର୍ଥ ଛଡା କାହାରିକୁ ଦୟା ଦାନଧର୍ମର ପ୍ରଶ୍ନ ଉଠାଏନି । ସେ ବୁଝିଛି ଯେତେଦିନ ପର୍ଯ୍ୟନ୍ତ ତୁମେ ମୋ ସ୍ୱାମୀ ଠାରୁ ତାର ରୋଜଗାର, ଟଙ୍କା ପଇସା, ଧନ ରତ୍ନ, ସ୍ନେହ ଆଦର, ଆତ୍ମୀୟତା, ବୋହି ନେଉଥିଲେ ବାସ୍ ସେତିକି । ଏବେ ଆଉ ସେ ତୁମର ନୁହଁ, ସମ୍ପୁର୍ଣ୍ଣ ମୋର । ମୋ ସଂସାରର ମଣିଷ, ଦୁଃଖ ସୁଖର ସାଥୀ । ମୋର ତା ଉପରେ ଯେମିତି ଅଧିକାର, ତା ଶରୀର ଭିତର ବାହାର ଆଉ ଚତୁରପାର୍ଶ୍ୱରେ ଅଧିକାର ବି ମୋର । ମୁଁ ଆଜି ଉତ୍ତପ୍ତ, ନିଆଁ, ରାକ୍ଷସ, ଅସଭ୍ୟ ଯାହା ଭାବୁଛ ଭାବ । ମୋ ଭଲ ପାଇଁ ମୋ ସଂସାର ପାଇଁ ମୋତେ ଆଗକୁ ସାବଧନ ହେବାକୁ ହେବ । ଏପରିକି କଠୋର ହେବାକୁ ପଡ଼ିଲେବି ପଛାଇବି ନାହିଁ । ସମ୍ପର୍କ ତ ଅଦୃଶ୍ୟ , ମୋତେ କିଛି ଫରକ ପଡ଼ିବ ନାହିଁ । ଦୁନିଆଁରେ କିଏ ବା କାହାର ? ଭବିଷ୍ୟତରେ କିଏ ବା ଆସି ସାହାଯ୍ୟ କରିବ ? ଏବେଠୁ କାହାର ଯତନ ନେବାରେ ନିଜ୍‌କୁ ଉଲଗ୍ନ ହେବାକୁ ଦରକାର ନାହିଁ । ସମସ୍ତେ ସ୍ୱାର୍ଥ ପର ଭାଇ ହେଉ , ଭଉଣୀ ହେଉ , ବା ସାଙ୍ଗସାଥି , ବନ୍ଧୁବାନ୍ଧବ ହେଉ । ବବୀତା ରାଗିବାର ବି ଯଥାର୍ଥତା ଅଛି । ପଙ୍କରୁ ଜାତ ପଦ୍ମଫୁଲ ନିଜର ପ୍ରତିବାଦ , ନିଜର ସ୍ୱାର୍ଥ ତ୍ୟାଗ କରି କେବଳ ଆକାଶକୁ ଚାହିଁ ରହିଥିବ । ଯେତେ ଭ୍ରମର , ପ୍ରଜାପତି , ଫିରିଙ୍ଗି ,ପୋକଜୋକ ଝୁଣିଲେ ମଧ୍ୟ ନିଦୁଶିୟା ପଣରେ ନୀରବି ଯିବା ଆଉ ସେଇ ପାଣିରେ ବୁଡିମରି ପଙ୍କରେ ମିଶିବା କଣ ସଂସାର ସାର ? କମସେ କମ୍ କଲେଜ୍ ବାରଣ୍ଡା ମାଡ଼ିଛି । ଜାଣିଛି ଦିଆକୁ ଦିଆ , ଅଦିଆକୁ ଦୁଆର ଦିଆ । ସ୍ୱାମୀର ପଦ ପଦବୀର ମର୍ଯ୍ୟଦାକୁ ଠୋସ୍ ନ ପହଞ୍ଚାଇବ ପାଇଁ ସେ ବି ନୀରବି ରହିଛି । କେତେଦିନ ବା ରହିପାରିବ । ଦିନେ ନା ଦିନେ କହିବାକୁ ହିଁ ପଡ଼ିବ । ଅଗଧାଡ଼ିରେ ହିଁ ଠିଆ ହେବାକୁ ପଡ଼ିବ ଆଉ ଆଙ୍ଗୁଳି ଉଠାଇ ପ୍ରତିରୋଧ କରିବାକୁ ହିଁ ପଡ଼ିବ । ସେଥିପାଇଁ ତା ମୁଣ୍ଡ ବଥା ଓ ପେଟ ମୁଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାରମ୍ବାର ସହିବାକୁ ପଡୁଛି । ସବୁକଥା ପେଟ ଓ ଛାତିରେ ରଖି ତା ରାସ୍ତା ଅବରୋଧ କରି ପାଟିରେ ତାଲା ପକାଇଛି । ଗୁଳି , ତୀର ପରି ପାଟି ଥରେ କହିଦେଲେ କଥା ଆଉ ଫେରି ଆସେ ନାହିଁ ପରି ପରିସ୍ଥିତି ଉପୁଜି ପାରେ । ସଂପର୍କ ଛିନ୍ନ ହୋଇପାରେ । ପାରିବାର ଦୂରେଇ ଯାଇପାରେ । ଏକା ଏକା ହୋଇ ରହିବାର ସମ୍ଭାବନା ଅଧିକା । ସେଥିପାଇଁ ନା କହି ପରୁଛି ନା ସହିପାରୁଛି । ରାତିରେ ନିଦକୁ ହଜାଇ ଥରକୁ ଥର ଚାଉଁ ଚାଉଁ ହୋଇ ଉଠି ଖଟରେ ବସିବାକୁ ପଡୁଛି । ଗଭୀର ନିଦରେ ଶୋଇଥିବା ସ୍ୱାମୀର ଶୀତଳ ଶରୀରକୁ ବେଡ ଲାଇଟ୍ ରେ ଝାପ୍ସା ଦେଖି ଶାନ୍ତ ହେଇଛି । ବେଳେ ବେଳେ କ ଅଁଳ ଘୁଙ୍ଗୁଡି ଶବ୍ଦରେ ମଥା , ଓଠ , ଛାତି , ପେଟ ଆଉ ଜଙ୍ଘ ଉପରେ ନଜର ବୁଲାଇ ଆଙ୍ଗୁଠି ଓ ପାଦ ପର୍ଯ୍ୟନ୍ତ ଅଗଣିତ ଚୁମା ଦେଇ ଖୁସି ହେଉଛି । ଭାବୁଛି ଦୁନିଆରେ ଯାହାବି ହେଉ ଏ ଲୋକଟି ମୋ କୋଳରେ ଶାନ୍ତିରେ ଶୋଇପାରୁଛି ମାନେ ସେ ମୋର , ମୋ ନିଜର , ଏକାନ୍ତ ଆପଣାର , ମନ ଓ ହୃଦୟର । କେଉଁ କେଉଁ ଆକର୍ଷ ଜାଗାରେ ଘୋଡ଼ାଇ ହୋଇରହିଥିବା ଟର୍କିସ୍ ,ଟାୱାଲ୍ ବା ମୁହଁ ଖୋଲା ଲୁଙ୍ଗି ବାହର କରି ଏକାଥରକେ ସମଗ୍ର ଶରୀରକୁ ଦେଖି ଆଲୌକୀକ ଅନୁଭବ କରେ । ଯେଉଁଥିରେ କି ଦିନର ଚଳଞ୍ଚଳରେ ପେଟ ଓ ମୁଣ୍ଡ ବଥା ସମ୍ପୁର୍ଣ୍ଣ ଅପସରିଯାଏ । ନବ ଉନ୍ମାଦନାରେ ସ୍ୱଛଳ ଚିତ୍ତରେ ନିଜର ଶରୀରରେ ସ୍ୱାମୀର ଶରୀରକୁ ସମ୍ପୁର୍ଣ୍ଣ ଆବରଣ କରିଦିଏ । କାହିଁ କେତୋଟି କଇଁ କଇଁ ଝଙ୍କାରରେ ନିଜକୁ ହଜାଇ ଭଗବାନଙ୍କ ସାମ୍ରାଜ୍ୟରେ ପ୍ରବେଶ କରେ । ଯେଉଁଠି ଦୁଇଜଣ ଅଭିନ୍ନ , ଏକ , କିଏ ପୁରୁଷ କିଏ ସ୍ତ୍ରୀ ଜାଣିବ ମୁସ୍କିଲ୍ । ସକାଳ ହୁଏ । ଅସୀତ ବାବୁ ସଂସାର କରି କୋଡିଏ ବର୍ଷରେ ଉପନୀତ । ନିଜର ଅଧ୍ୟବସାୟ ସାରି ପ୍ରକୃତରେ ସଂସାର ବିଷୟରେ ବି ଜାଣିବାକୁ ପ୍ରବେଶ କଲେଣି । କିଛି ଶିଖିଲେଣି । ତେଣୁ ଏପଟେ କହିଲେ କୁଳ କୁଟୁମ୍ବକୁ ଲାଜ ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେପଟେ କୁଳ ଭାସି ଯାଉଛି । ଲାଜ ହେଉପଛେ କୁଳ ଭାସି ନ ଯାଉ ନୀତି ଆପନାଇ ଛନ୍ତି । ତେଣୁ ନୀରବ ନୀରବ ନୀରବ । ସଂସାର ଆଗରୁ କ୍ଷୁଧାରେ କଟିଥିବା ପ୍ରାଣ କ୍ୟାରିୟରକୁ ଆୟୁଦ୍ଧ କରି କେତେ ନ ଯୁଝିଛି । ପେଟରେ ଓଦାକନା ପକାଇ କେତେ ଦିନ ରାତି ନ ସାରିଛି । ସେଇ ମାଛ ଆଖିଆ ସାକ୍ଷୀ ଅଛି ଖାଲି ପାଦରେ କେତେ ନ ବୁଲିଛି । ହେଲେ ବି ମନରେ ଦ୍ୱିଧା , ରାଗ , ହିଂସା ନ ଥିଲା । କାହାଠାରୁ ସାହାଯ୍ୟ ନ ପାଇ ବରଂ ତାଡନା ପାଇଥିଲେ ବି ଘୃଣା , ଦ୍ୱେଷ ସମ୍ପର୍କ ଭିତରେ ପଶି ନାହିଁ । ତଥାପି ଦୁନିଆଁ ରେ ଜନ୍ମ କାହିଁ କି ହେଲି ? ମୋ ଦ୍ୱାରା କଣ ହୋଇପାରିବ ? ମୁଁ ଏକ ଅଲୋଡା ଆଖୋଜା ପ୍ରାଣୀଟିଏ ବୋଲି ପ୍ରଶ୍ନ ଆସିନାହିଁ । କିନ୍ତୁ ସଂସାର ଅର୍ଜିଲା ପରେ ଘର , ଦ୍ୱାର ଗାଡି, ସ୍ତ୍ରୀ , ସନ୍ତାନ , ସମ୍ପତ୍ତି , ଜମି , ବାଡ଼ି କଲାପରେ କହିକି ଆହେତୁକ ଭାବନା ଆସୁଛି । ଦ୍ୱନ୍ଦରେ ପଡ଼ି ଏକା ହେଉଛି ଆଉ କାହାକୁ ପଦୁଟିଏ ନ କହି ଅର୍ଜିତ କର୍ମର ଫଳ ଭୋଗିବାକୁ କହି ମୁଣ୍ଡରେ ହାତଦେଇ ବସି ଯାଉଛି । ଏହା କଣ ଜୀବନର ଗତି ? ଏହା କଣ ପ୍ରାରବ୍ଧ ? କାହାକୁ ଦୋଷ ନ ଦେଇ , ଦୋଷ ନ କରି ସବୁ ଦୋଷକୁ ମୁଣ୍ଡ ପୋତି ସହି ନେବାକୁ କାହିଁକି ଶ୍ରେ ୟ ମଣୁଛି । ସମୁଦ୍ରରେ ଲହଡ଼ା ଉଠି ଆସିଲେ ମୁଣ୍ଡ ପୋତି ବିପଦ ପରିହେଲା ପରି ନିଜକୁ ତିଆରି କରିବାକୁ ପଡୁଛି । ନା ସେ ମନା କରିପାରିବନି କାହାକୁ ଘରକୁ ନ ଆସିବା ପାଇଁ , ନା ସେ ମନାକରିପାରିବନି କାହାକୁ ଉଧାର ଦେବା ପାଇଁ , ନା ସେ ମନାକରିପାରିବନି ଅସମୟରେ ଠିଆ ହୋଇ ସାହାଯ୍ୟ କରିବା ପାଇଁ , ନା ସେ ମନାକରିପାରିବନି ସମ୍ପର୍କ ନ ରଖିବା ପାଇଁ । ତଥାପି ସେ ପାଶାଣ ପରି ସମୁଦ୍ରର ଲହଡ଼ା ମାଡ଼ , ପବନର ଧକ୍କା ,ଝଡ ବତାସ , ଘଡ ଘଡି ଓ ଶବ୍ଦର ସାମନା କରିବା ପାଇଁ ଆଡି ହୋଇ ରହୁଛି । ସେଥିରୁ ତାଙ୍କୁ କଣ ମିଳୁଛି ? ପ୍ରଶଂସା କଣ ତା ଦେହରେ ପ୍ରତିକ୍ରିୟା ସୃଷ୍ଟି କରୁଛି । ବାହା ବାହା କଣ ତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ଅସହ୍ୟ ବୋଧ୍ କରୁଛି ? ନା ଏ ସବୁ ଭାବ ତା ମନରେ ଛଳନାର ଭାବ ନେଇ ପ୍ରଲେପ ହୋଇଯାଇଛି । କଣ ଜୀବନର ମାନ ବଢାଇବା ପାଇଁ ଏ ସବୁ ଦରକାର ନୁହେଁ । ଅସୀତ୍ ବାବୁ ଭଲଭାବେ ଜାଣିଛନ୍ତି କହିବା ଓ କରିବା ମଧ୍ୟରେ ପାର୍ଥକ୍ୟ ବହୁତ୍ । ଗରମ ପାଣିରେ ଘର ପୋଡ଼ିବାର ସେ କେବେ ଦେଖି ନାହାନ୍ତି କିଏ କଣ କହୁଛି ସେ ବିଶ୍ୱାସ କରନ୍ତିନି । ଆଉ ଆଖିରେ ଦେଖନ୍ତି । କିଏ କଣ କରିଛନ୍ତି , ନିଜ ଅଧ୍ୟବସାୟରେ କେଉଁଠି ପହଞ୍ଚିଛନ୍ତି , କେଉଁ ଜାଗାରେ ଅବସ୍ଥାନ କରିଛନ୍ତି ତାହା ତାଙ୍କ ଗଣତିରେ ଯାଏ । କହିବା ଗୋଟେ ପ୍ରକାର ଓ କରିବା ଅନ୍ୟ ପ୍ରକାର ସେ ଅନେକକୁ ଦେଖିଛନ୍ତି । କେବେହେଲେ ଏମାନଙ୍କ ପରତରେ ଯିବାକୁ ପସନ୍ଦ କରନ୍ତିନି । ସେଥିପାଇଁ ଭଗିନୀଠୁ ଅଭିମାନ ଆମ ପାଇଁ କଣ କରିଛୁ ? ଭାଇ ଠୁ ତାଡନା ସେ ତା ପାଇଁ ଅର୍ଜନ କରିଛି କଣ ଆମ ପାଇଁ ? ବନ୍ଧୁବାନ୍ଧବଙ୍କ ତାଚ୍ଛଲ୍ୟ ଯେ ତାଳ ଗଛରେ ପାଚିଲେ କାଉର କି ଲାଭ ଆଉ ସାଙ୍ଗ ସାଥୀଙ୍କ ମତ ତା ଘରେ ସେ ବଡ଼ ଆମ ପାଇଁ ନୁହଁ । କେତେ କଣ । ଯେତେବେଳେ ଅସୁବିଧା ହୋଇଯାଏ , ଅସମୟ ପଡ଼େ ଭଗବାନ ଗଧର ପାଦ ଧରିଲା ପରି ତୁ ଏକା ମୋର ଭାଇ , ତୁ ଏକା ମୋର ପୁତୁରା , ତୁ ଏକା ମୋର ଦାଦା ବନ୍ଧୁ , ସାଙ୍ଗ ଇତ୍ୟାଦି ଇତ୍ୟାଦି । ସେମାନେ ଯେ ମିତି ସବୁକଥା ଭୁଲି ଲୋଡି ବସନ୍ତି । ଏ ମଣିଷ ବି ସମାଜରେ କିଛି କର୍ତ୍ତବ୍ୟ ଅଛି ବୋଲି ଯଥା କିଞ୍ଚିତ ସାହାଯ୍ୟ ସହାନୁଭୂତି ଦେଖାଇ ପାଖରେ ଛିଡ଼ା ହେବାକୁ ପଡ଼ିଥାଏ । ଯାହା ହେଲେବି ମଣିଷ , ଲାଭରେ ହିଁ ଭାବିଥାଏ । ପରିବର୍ତ୍ତନ ଦୁନିଆରେ କେତେବେଳେ କାହାର ସାହାଯ୍ୟ ଦରକାର ପଡ଼ିପାରେ କିଏ କହିବ । ଆଜି ମଲେ କାଲି ଦୁଇଦିନ । ସବୁଛାଡ଼ି ଖାଲି ହାତରେ ହିଁ ଯିବାକୁ ହେବ ଦିନେ । ମିଛ ସଂସାରରେ ମୋହ ମାୟା ସହ ସାଙ୍ଗ କରି ଲାଭ ନାହିଁ । ନିଜକୁ ବୁଝାଇ ଶାନ୍ତ କରିବାକୁ ପଡ଼ିଥାଏ । ଅବିବାହିତ ସମୟରେ ଯେଉଁ ଆଦର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭ୍ୟର୍ଥନା ଆଉ କାହାଘରେ ଦେଖିବାକୁ ନାହିଁ । କାହା ଘରେ ପଚାରୁଥିଲେ କୁଆଡେ ଯାଇଥିଲୁ ଘରକୁ ଆସୁନୁ କାହିଙ୍କି ? କିଏ ପଚାରୁଥିଲେ ଖାଇଲୁ ନା ନାହିଁ,,,,ଖାଇବୁ ଯା । ପୁଣି କିଏ ପଚାରୁଥିଲେ ଘରେ ରୁହ ଆସୁ ଆସୁ ପଳାଉଛୁ । ତ ପୁଣି କିଏ ଭୋଜି ଭାତ କରି ଖାଇବାକୁ ଆସିବାକୁ ବାଧ୍ୟ କରୁଥିଲେ ।ଯେଉଁଠିକି ଯାଓ ବା ଯାହାସହ କଥା ହୁଅ ସମସ୍ତଙ୍କ ମୁହରେ ପ୍ରସନ , ନିଜର ଭାବ । ଆଜି ତାହା ନାହିଁ । ଖରାଦିନିଆ ଅଦିନିଆ ମେଘପରେ ଆକାଶ ନିର୍ମଳ ପରି ବାହାଘର ପରେ ଯେପରି ଦୁନିଆଁ ପରିବର୍ତ୍ତନ ସେପରି ଆଗ୍ରହ , ହସଖୁସି , ନିଜ଼ର୍ ତ୍ୱ ଆଉ ନାହିଁ । ସଂସାର ଭିତରେ ପଶିଲା ପରେ ନା ସମୟ ମିଳୁଛି ସବୁଆଡେ ଟିକେ ବୁଲି ଆସିବାକୁ ନା ଭଲ ମନ୍ଦ ପଚାରିବାକୁ । ତେଣୁ ଯିଏହେଲେ ସହଜରେ ଭବିପାରିବ ସ୍ୱାର୍ଥବାଦୀ ହୋଇଗଲା , କୃପଣ ହୋଇଗଲା ବା ଗର୍ବ ବଢିଗଲା ବା ସ୍ତ୍ରୀ କଥାରେ ପରିଚାଳିତ ହେଉଛି । ନିଜକୁ ନିଜେ କେବେ ପଚାରି ବୁଝିପାରିବେନି ଯେ ସେ କେତେ ଥର ଅନ୍ୟ ଘର କୁ ଯାଇଛନ୍ତି ପଚାରି ବୁଝିବା ପାଇଁ । ତେଣୁ ଆଜି ପ୍ରଶ୍ନ କରିବାର ବେଳ ଯେ କାହିଁ କି ମୋ ଘରକୁ ଆସିବାକୁ ଆଗ୍ରହ ମଣୁନାହାନ୍ତି ? କଣ ମୋର ଏ ଡାକିବାର ଅଭାବ ? ନା ମୋ ବ୍ୟସ୍ତ ଚାକିରି ଯୋଗୁ ଘରେ ବହୁ ସମୟ ଆନୁପସ୍ଥିତି ନା ଭୋଜି ଭାତ,ପର୍ବ ପର୍ବାଣୀ ପାଳନ କରିବାରେ ଅବହେଳା । ପରୋକ୍ଷ୍ୟରେ ଘରଣୀ ଖୁସି ହେବା ସ୍ୱାଭାବିକ । ତାହାର କାରଣ ବି ଅନେକ । ହୁଏତ ଯେଉଁ ଅସୁବିଧା ସମୟରେ କେହି ସାହାଯ୍ୟ କରିନାହାନ୍ତି । ସୁବିଧା ଅସୁବିଧାରେ ପାଖରେ ଠିଆ ହୋଇ ନାହାନ୍ତି , ତେଣୁ କରି କାହିଁକି ସେମାନଙ୍କୁ ଖିଆ ପିଆ ଦେଇ ପଇସା ଖର୍ଚ୍ଚ କରିବ । ନିଜ ଘରେ ନ ରହି ତାଙ୍କ ଘରେ ପଶି ଘଣ୍ଟା ଘଣ୍ଟା ଧରି ଗପି ସମୟ ସାରିବ । ତଙ୍କର ଦୁଃଖ ସୁଖ ବୁଝିବ । ତାଙ୍କର ବୁହା ଦୁଆ କାମ କରିବ । ନିଜର ବା ନିଜ ଘରର କାମକୁ ପରେ କରିବ କହି ଏଡାଇ ଦେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଯିବା ନିଶ୍ଚୟ ଅସହ୍ୟ । ନିଜ ଶରୀର , ନିଜ ସ୍ତ୍ରୀ ପିଲା କଥା ନ ବୁଝି ହାତରୁ ପଇସା ଖର୍ଚ୍ଚ କରି ଅନ୍ୟ ମାନଙ୍କ କାମରେ ଦୌଡ଼ିବା କେତେ ଗ୍ରହଣୀୟ । ଅନେକ ପ୍ରଶ୍ନର ସନ୍ମୁଖିନ ହେବାକୁ ପଡ଼େ । ଏ ସବୁ ବି ପ୍ରମୁଖ କାରଣ ହୋଇପାରେ ଆଜି ନିଃସଙ୍ଗତାରେ ବଞ୍ଚିବା ପାଇଁ । ନିଜ ମନର ଶଙ୍କୀର୍ଣ୍ଣତା ଆଉ ଅତୀତର କିଛି ଘଟଣା ବହୁଳ ବି ଆଜି ଶୋଇବା ଶେଯରେ ସୁନାମି ଆଣିଛି ବହୁଥର । ସାବତ ମାଆର କୁଟିଳତାରେ ନିଜ ମାଆକୁ ଅଣଦେଖା , ଲାଞ୍ଛନା ଆଉ ଗାଳିଗୁଲଜ ତା ମନରେ ସେମିତି ଜୀବିତ ହୋଇ ରହିଛି । ସେ ଅଙ୍ଗେ ନିଭାଇଥିବା ଏ ସମ୍ପର୍କର ଅସାମଞ୍ଜ୍ୟସ୍ୟତାକୁ ଆଜି ଅବିଶ୍ୱାସର ପଥରେ କଢାଇ ନେଇଛି । ତେଣୁ ସେ ଆଜି କଠୋର ସନ୍ଦେହୀ ଆଉ ସଂହାର ପ୍ରତିମା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ । ନିଜର ପିତା କରିବା କର୍ମକୁ କ୍ଷ୍ୟମା ନ ଦେଇ ସମସ୍ତ ପୁରୁଷଯାତିକୁ ଅବିଶ୍ୱାସର କାଠଗଡା ରେ ଠିଆ କରାଇଛି । ପୁଅମାନଙ୍କର ମନକୁ ତନ ତନ ପରିକ୍ଷ୍ୟା ନିରେକ୍ଷ୍ୟା କରି ପ୍ରଜାପତିର ବଂଶଧର ରୂପରେ ତାଛଲ୍ୟକରିଛି ।ତାର କହିବା ଅନୁସାରେ ସବୁ ପୁରୁଷ ସେମିତି ସେମାନେ ଖାଲି ଜାଣନ୍ତି ଫୁଲଠୁ ଫୁଲ ବୁଲି ମହୁ ଶୋଷିବା । ସେମାନେ ପ୍ରତି ନାରୀକୁ ବ୍ୟବହାରକରି ସାରିଲା ପରେ ଫିଙ୍ଗିଦେବାର ଜାଣିଛନ୍ତି । କାହାକୁ ଆଦର ଦୁଖ ସୁଖରେ ସାହାଯ୍ୟ ଓ ପଚାରି ବୁଝି ,ମନକୁ ଜିଣି କିଛି କରିବ ତାଙ୍କ ମନରେ ନ ଥାଏ । ତେଣୁ ସେମାନେ ଘୃଣାର ପାତ୍ର । ପରତେ ବିଶ୍ୱାସ କରିବା ହିଁ ଭଲ । ଏହିଭଳି ପରିସ୍ଥିତିରେ ବହୁ ରାତ୍ରୀର ନିଦ ହଜ଼ିଯାଇଛି ଓ ଶେଯ ବିନା ଘୁର୍ଣୀବଳୟରେ ବି ଉଡି ଉଯାଡି ଯାଇଛି । ଏପରି ମନସ୍ଥିତିକୁ ନେଇ ପ୍ରତିରାତି ଏକ ବିଶଧର ସାପ ସହ ଶୋଇବା ସହ ଅନୁଭବ ବି କରିଛନ୍ତି ଅସୀତ୍ ବାବୁ । ଏ ପଟେ ସମାଜର ନିର୍ମଳ ଭାବ ସେପଟେ ଉଚପଦବୀ ପୁଣି ଘର ଭିତରେ ଅଗ୍ନେୟଗିରୀ । ପଣା ବୋଲି ପିଇ ହେଉଛି ନା

Magazine Downloaded from www.aahwaan.com

ପାଣି ବୋଲି ଫିଙ୍ଗି ହେଉଛି । ବମ୍ପେଲଡୁ ଖାଇ ପସ୍ତାଇବା ବହୁତ ହୋଇଗଲାଣି । ସଂସାରରେ ଆଉ କିଛି ଜାଣିବାର ନାହିଁ । ବାର୍ଧକ୍ୟ ଦାଉରୁ ବଞ୍ଚିବା ପାଇଁ ବୟସ ଥାଉ ଥାଉ ମରଣ ହୋଇଯିବା ସୁନିଶ୍ଚିତ କରୁଥାଏ ଅନ୍ତମନ । କାହାକୁ କହିବା । ସମସ୍ତେ ହସିବେ । ବାଟ ଚଲାଇ ଦେବେନି । ତଥାପି ରୋଜଗାର ସମୟରେ ସମସ୍ତଙ୍କ ପାଦରେ ପାଦ ମିଶାଇ ମୁହଁ ରେ ହସଫୁଟାଇ ହିଁ ବଞ୍ଚିବାକୁ ପଡ଼ିଥାଏ,,,,,,, ।

ଚକ୍ଷୁ ବିଶେଷଜ୍ଞ ବଡ ମେଡିକାଲ ବ୍ରହ୍ମପୁର

ମୋବାଇଲ୍ : ୯୬୬୮୧୮୧୫୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହିଁକି ଲେଖୁଛ ଗଦ୍ୟ କବିତା ?



ନାରାୟଣ ଚନ୍ଦ୍ର ସେନାପତି

ଜାନୁଆରୀ ମାସ ପାଞ୍ଚ ତାରିଖ ମଧୁମୟ ସକାଳର ମାହେନ୍ଦ୍ର ବେଳା । କବିର କଲମ କଳାରେ କଳାରେ ସଙ୍ଗୀତର ମଧୁର ତାନରେ ଦୁଲୁକି ଉଠୁଛି ପଦ୍ମଲୋଚନ ପାଠାଗାରର ଐତିହାସିକ କଳା ସାହିତ୍ୟ ସଂସ୍କୃତି ମଞ୍ଚ । ସରିଯାଇଛି ପ୍ରଥମ ପର୍ଯ୍ୟାୟର ଅଭିନବ କବିତା ପଠନ, ସୁମଧୁର ସଂଗୀତ ପରିବେଷଣ, ମନୋରମ ଅଭିନୟ, ଆସି ପହଞ୍ଚିଛି ସମ୍ମାନସ୍ୱଦ ସମ୍ବର୍ଦ୍ଧନା ସଭା, ପ୍ରତିଭା ପୂଜନ କାର୍ଯ୍ୟକ୍ରମ । ଜଣ ଜଣ କରି ଓଡ଼ିଶାର ଭିନ୍ନ ଭିନ୍ନ ଜିଲ୍ଲାରୁ ପଚିଶ ଜଣ କବି, ଅଭିନେତା ଓ ଶିକ୍ଷକଙ୍କୁ ଆମନ୍ତ୍ରିତ କରି ପୂଜ୍ୟ ପୂଜାର ଅପୂର୍ବ ସମ୍ବର୍ଦ୍ଧନା ଦେଖି ଉଲ୍ଲସିତ ହେଉଥାନ୍ତି ଶିକ୍ଷକ ନରୋତ୍ତମ ଶତପଥୀ । ମନରେ ଉଦ୍ବେଗ ଓ ଉତ୍କଣ୍ଠାମାନ ଦୌଡୁଥାନ୍ତି ମନ ପବନର ଘୋଡା ପରି । କାରଣ ତାଙ୍କୁ ନିମନ୍ତ୍ରିତ କରାଯାଇଥିଲା ଏ ସଭାକୁ । ନରୋତ୍ତମ ବାବୁଙ୍କ ମନରେ ପ୍ରଶ୍ନ ପରେ ପ୍ରଶ୍ନ ଉଙ୍କି ମାରୁଥାଏ, ହୁଏତ ତାଙ୍କୁ ଏ ଉତ୍ସବ ଉପଭୋଗ କରିବାକୁ ଡକାଯାଇଥିବ ବୋଧହୁଏ । ସଂଗେ ସଂଗେ ଏକ ଧ୍ୱନି ଶୁଭିଲା ପରି ଲାଗିଲା, ଏ ବର୍ଷର ସର୍ବଶ୍ରେଷ୍ଠ କବି ସମ୍ମାନ ପାଉଛନ୍ତି କବି ସୁଶିକ୍ଷକ ନରୋତ୍ତମ ଶତପଥୀ । ତାଙ୍କୁ ଅନୁରୋଧ ମହୋଦୟ ମଞ୍ଚରେ ପଦାର୍ପଣ ହୁଅନ୍ତୁ । ନରୋତ୍ତମ ବାବୁ ବିଶ୍ୱାସ କରିପାରୁ ନଥାନ୍ତି, ତାଙ୍କ କାନକୁ ଏ ଶବ୍ଦ ମିଛ ମିଛ ଲାଗୁଥାଏ, ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱମାନେ ତାଙ୍କୁ ବ୍ୟତିବ୍ୟସ୍ତ ଓ ବିବ୍ରତ କରୁଥାନ୍ତି । ପାଖରେ ଥିବା ଜନୈକ ଭାଇଙ୍କୁ ପଚାରିଲେ, ଭାଇ କାହାର ନାମ ଡାକିଲେ କି ?ଏ ବର୍ଷର ଶ୍ରେଷ୍ଠ କବି ପ୍ରତିଭା ନରୋତ୍ତମ ଶତପଥୀ ମହୋଦୟଙ୍କ ନାମ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ପ୍ରତ୍ୟୁତ୍ତର ପାଇଥିଲେ । ସତରେ ସେ ମୁହୂର୍ତ୍ତରେ ତାଙ୍କ ମନ, ହୃଦୟ ଆଉ ଆତ୍ମା ହିମାଳୟର ଶୀର୍ଷରେ ସତେ ଅବା ଉପବେଶନ କରୁଛନ୍ତି । ଆନନ୍ଦ ବିଭୋର ହୋଇ ଆଖି ପିଛୁଳାକେ ଛୁଟି ଗଲେ ମଞ୍ଚକୁ । ସଙ୍ଗେ ସଙ୍ଗେ ପାଠାଗାରର କର୍ମକର୍ତ୍ତା ଭାଇ ଭଉଣୀଗଣ ସାଦର ସ୍ୱାଗତ ସହ ପାଛୋଟି ନେଲେ ମଞ୍ଚକୁ । ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ସହ ମୁଖ୍ୟ ଅତିଥି ଯାତ୍ରା ସମ୍ରାଟ ଦୈତାରୀ ପଣ୍ଡାଙ୍କ ଅଭ୍ୟର୍ଥନା ତାଙ୍କୁ ଆନନ୍ଦ ସାଗରରେ ପହଁରାଇ ଦେଉଥାଏ । କାନ୍ଧରେ ଉତ୍ତରୀୟ, ହାତରେ ମାନପତ୍ର, ପକେଟରେ ଗୋଲାପ କଢ଼ ସହ ଅତିଥିଙ୍କ ସମ୍ମାନରେ ତାଙ୍କ ଆଖି ଛଳଛଳ ହୋଇଯାଉଥାଏ । ଅନୁଷ୍ଠାନ ଅଧ୍ୟକ୍ଷ ପଦ୍ମଲୋଚନ ମହାକୁଡ଼ ତାଙ୍କୁ କୁଣ୍ଢେଇ ପକାଇ ଅଭ୍ୟର୍ଥନା କ୍ରମେ କିଛି ମତ ରଖିବାକୁ କହିଥିଲେ । ନରୋତ୍ତମ ବାବୁଙ୍କ ଉଦାର ଅଭିନନ୍ଦନ ସହ ଏ ସବୁର ଶ୍ରେୟ ତାଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶକ ଜଣେ ବିପ୍ଳବୀ କବିଙ୍କ ନାମ କହିଥିଲେ ଯାହାକି ତାଙ୍କ ଉଦାରତା ଓ ମହାନତା ଦର୍ଶେଇ ଦେଇଥିଲା ।

ଆଉ କ'ଣ ଖାଇବେ ନା ରହିବେ, ମନ ଭିତରେ ଏତିକି ଉତ୍କଣ୍ଠା ଥାଏ ଯିଏ ତାଙ୍କୁ ଆଜି ଏ ସମ୍ମାନ ଦେବାରେ ଇନ୍ଧନ ଯୋଗାଇଛନ୍ତି ସେହି ମହାନ୍ ଦିଗଦ୍ରଷ୍ଟାଙ୍କୁ ଏ ସମ୍ମାନ ପାଇଁ କୃତଜ୍ଞତା ଜ୍ଞାପନ କରିବେ ଓ ଏ ସମ୍ମାନ ତାଙ୍କ ପାଦତଳେ ସମର୍ପିତ କରିବେ, ସେହି କଥା ହିଁ ଭାବୁଥାନ୍ତି ।

ତରବର ହୋଇ ନିଜ ଉତ୍କଣ୍ଠାକୁ ନିୟନ୍ତ୍ରଣ କରି ଚାଲିଲେ ରେଲୱେ ଷ୍ଟେସନକୁ ଟିକେଟ କରିବେ ଓ ଶୀଘ୍ର ଜଗତସିଂହପୁରରେ ପହଁଚି ଦେଖା କରିବେ ତାଙ୍କ ଗୁରୁ ମାର୍ଗଦର୍ଶକଙ୍କୁ । ଭିଡ଼ ଭିତରୁ ଟିକେଟ ଆଣି ପ୍ଲାଟଫର୍ମରେ ବସି ଆଉଥରେ ମାନପତ୍ରକୁ ପଢୁଥାନ୍ତି । କାହିଁକି ବା ପଢିବେନାହିଁ, ଏହା ତ ତାଙ୍କର ବହୁ ଦିନର ପ୍ରତୀକ୍ଷିତ ଦୁର୍ଲଭ ସମ୍ମାନ । ହଠାତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟେଲିଫୋନ ରିଂ ହେଲା । ତାହା ଥିଲା ଦିଲ୍ଲୀରେ ରହୁଥିବା ତାଙ୍କ ଭାଉଜ ସୁନୀତାଙ୍କର । ଭୟ ଓ ଆନନ୍ଦ ଫେଣ୍ଟାଫେଣ୍ଟି ଆବେଗର ମଝିରେ ଦଣ୍ଡାୟମାନ ସିଏ । କଣ ହେଲା ? ହଁ ଭାଉଜ କୁହନ୍ତୁ, ମୁଁ ଏବେ ଗାଁକୁ ଯିବାପାଇଁ ଟିକେଟ କାଟି ଅପେକ୍ଷା କରିଛି । କିଛି କାମ ଥିଲା କି ? ମୋ ଭାଇ, ମୁନା, ମୁନୀ ସମସ୍ତେ ଭଲରେ ଅଛନ୍ତି ତ ? ଭାଉଜଙ୍କର ଥରା ଗଳା ଓ କାନ୍ଦ ପରି ଲାଗୁଥିବା କଣ୍ଠ ଧ୍ୱନି ତାଙ୍କୁ ବିଚଳିତ କରୁଥାଏ । ଜାଣିଲା ତାଙ୍କ ଭାଇ ଗାଡି ଆକ୍ସିଡେଣ୍ଟ ହୋଇ ମେଡିକାଲ୍ ରେ ଆଡ୍‌ମିଶନ ହୋଇଛନ୍ତି । ତାଙ୍କ ପାଖରେ ସେ ଅଛନ୍ତି, ଛୋଟ ପିଲା ଦୁଇଟିକୁ ନେଇ । ଆଉ କ'ଣ ଯିବେ ଗାଁକୁ, ତାଙ୍କ ଏ ଖୁସିଟା ତ ନିମିଷକେ ମିଳେଇଗଲା । ଭାଇଟା ମରଣ ସହ ଲଢ଼େଇ କରୁଛି । ବାପା ଚାଲିଗଲା ପରେ ବାପାର ସ୍ନେହ ଦେଇ ସବୁ କଥା ବୁଝି ପାଠ ପଢେଇ ମଣିଷ କରିଛନ୍ତି ତାଙ୍କୁ । ସଂଗେ ସଂଗେ ଟିକେଟ ଏକ୍ସଚେଞ୍ଜ କରି ଚାଲିଲେ ଦିଲ୍ଲୀ ଅଭିମୁଖେ । ଭାଇଙ୍କ ଯତ୍ନ ନେଉ ନେଉ ସେ ମାସ ବି ଚାଲିଗଲା । ଭାଇ ଭାଉଜ ପୁତୁରା ଝିଆରୀ ସମସ୍ତଙ୍କୁ ତାଙ୍କ ସମ୍ବର୍ଦ୍ଧନା ଘଟଣା ଓ ତାଙ୍କ ମାର୍ଗଦର୍ଶକଙ୍କ କଥା ଜଣେଇ ସେଠାରୁ ବିଦାୟ ନେଇ ଫେରିଲେ ଗାଁ ଅଭିମୁଖେ ।

ଟ୍ରେନ ଆଖି ପିଛୁଳାକେ ପହଞ୍ଚନ୍ତା ନାହିଁ । କେତେ ସେ ଅପେକ୍ଷା କରିବେ । ଟ୍ରେନରେ ବସି ଏସବୁ ଭାବି ଖୋଲିଲେ ସେ ସେହି ମାନପତ୍ର ଓ ମନେ ପକାଇଲେ ତାଙ୍କ ଅତୀତର ତା ସହ ବୋଳା କେତେ ଖଟା ମିଠା, ହସ ଲୁହର ସାହିତ୍ୟିକ ଘଟଣା ଦୁର୍ଘଟଣା । କଣ ଗୋଟାଏ ଭାବି ଦୀର୍ଘଶ୍ୱାସଟିଏ ପକାଇଲେ ଆଉ ସ୍ମୃତି ଫୁଲଚାଙ୍ଗୁଡିରୁ ଖୋଲିଲେ ସେ ଅଭୁଲା ଅଲିଭା ଗୋଲାପ-କଣ୍ଟାମିଶା ସ୍ମୃତି ।

କାଲିପରି ଲାଗୁଛି ସେଦିନର କଥା । କୋଣାର୍କର ଏକ ସାହିତ୍ୟ ସମ୍ମିଳନୀରେ ସେ ଯୋଗଦେଇଥାନ୍ତି । ଚାଲିଥାଏ କବିତା ଆସର ପ୍ରତିଯୋଗିତାର । ତାଙ୍କ ନାମ ଡକାହେବାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଚାଲିଲେ କବିତା ପାଠ ଉଦ୍ଦେଶ୍ୟରେ । ଉତ୍ସାହିତ କରୁଥାନ୍ତି ପ୍ରଦେଶର ଭିନ୍ନ ଭିନ୍ନ ଜିଲ୍ଲାରୁ ଆସିଥିବା ସାରସ୍ୱତ ପ୍ରତିଭାଗଣ । ସମ୍ଭାଷଣ ପରେ ଆରମ୍ଭ କଲେ କବିତା ପଠନ । ସୁନ୍ଦର ଶୈଳୀ ଭାବଭଙ୍ଗୀରେ ତାଙ୍କ ପଠନ ସମସ୍ତଙ୍କୁ ଆମୋହିତ କରିଥିଲା । ଆରୋହ ଅବରୋହ ସହ ଅଭିନୟ ଭାବଭଙ୍ଗୀ ବିଶ୍ଳେଷଣାତ୍ମକ ଓ ଭିନ୍ନ ଭିନ୍ନ ରସର ବୋଳା "ଫେରିଆରେ ଧରମା" ଶୀର୍ଷକ ସଭିଙ୍କ ତନ୍ତ୍ରୀକୁ ଥରାଇ ଦେଇଥିଲା । କରତାଳିର ତାଳେ ତାଳେ ତାଙ୍କୁ ଯେମିତି କିଏ ସମ୍ମାନ ଜଣାଇଦେଇ କହୁଥିଲା ସେ ହିଁ ଆଜି କବିତା ଆସରରେ ବିଜୟୀ ହେବେ । ତାଙ୍କ ପାର୍ଶ୍ୱ ଆସନରେ ବସି ଥିବା କବି କବୟିତ୍ରୀଙ୍କ ପ୍ରଶଂସା ତାଙ୍କୁ ବିମୋହିତ କରିଥିଲା । ସରିଗଲା ଆସର, କେବଳ ରହିଲା ବିଜୟୀଙ୍କ ନାମ ଘୋଷଣା । ନରୋତ୍ତମ ବାବୁ ଭାବୁଥାନ୍ତି ସେ ନିଶ୍ଚୟ ପ୍ରଥମ ହୋଇଥିବେ । ଉତ୍କଣ୍ଠା ଗୁଡିକ ସତେ ଯେମିତି ତାଙ୍କୁ ଅସ୍ତବ୍ୟସ୍ତ କରୁଥାନ୍ତି । ଶେଷରେ ତାଙ୍କ ଭାବନାର ଅନ୍ତ ହେଲା । ବିଜୟୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଗଲା । ହେଲେ କାହିଁ ? ପ୍ରଥମରୁ ପଞ୍ଚମ କ୍ରମ ଭିତରେ ଯେଉଁ ନାମ ଘୋଷଣା କରାଗଲା ସେଥିରେ ସେ ତ ନାହାନ୍ତି ? ତାଙ୍କ ଆବେଗର ବେଗ ଧୀର ମନ୍ଥର ହୋଇଗଲା । ମୁହଁରେ ସତେ ଯେମିତି ହସଟା ନୀରବ ପ୍ରାର୍ଥନା କରୁଥାଏ । ଆଉ କାହାକୁ ଚାହିଁବା ତାଙ୍କ ପକ୍ଷରେ ଶୋଭନୀୟ ନ ଥିଲା । ଖାଲି ତାଙ୍କ କାନ ଶୁଣୁଥାଏ ବିଚାର ଠିକ୍ ହେଲାନାହିଁ । ଯିଏ ପ୍ରଥମ ହେବା କଥା ସେ ଆଦୌ କୌଣସି କ୍ରମରେ ରହିଲେ ନାହିଁ । ଏ ସାହିତ୍ୟରେ ବି ଅନ୍ୟାୟ । ତାଙ୍କ ମନ ଟିକିଏ ଓସାସ ଲାଗୁଥାଏ ଏ ସବୁ ଶୁଣି । ହେଲେ ତାଙ୍କର ଭୁଲ୍ କ'ଣ ରହିଲା ଜାଣିବାକୁ ସେ ମଞ୍ଚ ଉପରକୁ ଗଲେ, ଆଉ ଭଦ୍ର ଭାବରେ ତିନି ବିଚାରକଙ୍କୁ କ'ଣ ପଚାରିଲେ । ତାପରେ ମୁହୂର୍ତ୍ତେ ସେଠାରେ ନରହି ଅଖିଆ ଅପିଆ ଫେରିଗଲେ ନିଜ ଗାଁକୁ । ଗାଁକୁ ଆଉ ଥାଏ ୫କିମି ରାସ୍ତା । ରାସ୍ତା କଡରେ ଏକ ଅଶ୍ୱତ୍ଥ

Magazine Downloaded from www.aahwaan.com

ବୃକ୍ଷ । ତା ମୂଳରେ ନଥି କରି ବସିପଡ଼ିଲେ ।

ଖରାଦିନ । ଦଗ୍ଧ ବୈଶାଖର ତାତି ସହ ତାଙ୍କ ହୃଦୟର ତାତି ତାଙ୍କୁ ପ୍ରତି ମୁହୂର୍ତ୍ତରେ ଜାଳି ଦେଉଥାଏ । ହଠାତ୍ ଏକ ଗାଡି ଆସି ରହିଲା ସେହି ଗଛ ପାଖରେ । ଗାଡିରୁ ଓହ୍ଲାଇ ପଡିଲେ ଜଣେ ଭଦ୍ର ବ୍ୟକ୍ତି । ନରୋତ୍ତମ ବାବୁ ତାଙ୍କୁ ଅଭିବାଦନ ଜଣାଇଲେ । ନରୋତ୍ତମ ବାବୁଙ୍କ ମୁଖ ମଣ୍ଡଳରେ ବିଷାଦ ଛାୟା ଦେଖି ତାଙ୍କୁ ଭଲ ଲାଗିଲା ନାହିଁ । ଡ୍ରାଇଭରକୁ କହିଲେ ତୁମେ ଯାଅ, ମୁଁ ନରୋତ୍ତମ ବାବୁଙ୍କ ସହ ଯାଉଛି । ବାବୁ ଆଗରୁ ତାଙ୍କୁ ଜାଣିଛନ୍ତି । ଫୋନରେ ହେଉ କି ସାକ୍ଷାତରେ ହେଉ ସେ କିଛି ସାହିତ୍ୟ କଥା ତାଙ୍କ ସହ ଆଲୋଚନା କରନ୍ତି । ନିଜ ଘରକୁ ଡାକିନେଲେ ସେ । ଧୁଆ ଧୋଇ କରି ଖାଇବାକୁ କହିଲେ । ହେଲେ ଯେଉଁ ଅସମ୍ମାନର ସୁସ୍ୱାଦୁ ଭୋଜନ ସେ ମଞ୍ଚରେ ପାଇଛନ୍ତି ତାକୁ କ'ଣ ହଜମ କରିଛନ୍ତି ସେ ? ବାବୁ କହିଲେ ଆରେ କ'ଣ ହୋଇଛି ଆଲୋଚନା କରିବା, ବୁଝିବା, ତେବେ ଭୋକିଲା କାହିଁକି ରହିବ ? ବାବୁ ସାଧାରଣ ଲାଗୁଥିଲେ ବି ଜଣେ ଅସାଧାରଣ ପ୍ରତିଭା । ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତି ଜଣେ ସେ । ଉଡ଼ିଗଲା ଚଢ଼େଇର ମନ କଥା ବି ବୁଝିପାରନ୍ତି । ବହୁତ ବଡ଼ ଅନୁଭବୀ । ତେବେ ସେ ଅନୁମାନ କରିନେଲେ ନରୋତ୍ତମ ବାବୁଙ୍କୁ ବହୁତ ବାଧିଛି । ଘରୁ ଦହି ସରବତ ଗ୍ଲାସେ ଆଣି ଦେଇ ଅପେକ୍ଷା କରିବାକୁ କହିଲେ । ୧୦/୧୫ମିନିଟ ପରେ ଧୁଆ ଧୋଇ ସାରି ଓ ପୋଷାକ ବଦଳାଇ ଆସିଲେ ସେ । ଏଥର ନରୋତ୍ତମ ବାବୁଙ୍କ ସହ ଆଲୋଚନା ଆରମ୍ଭ କଲେ । ନରୋତ୍ତମ ବାବୁ ଅନୁରୋଧ କରି କହିଲେ, ଆଜ୍ଞା ମୋ ଜାଣିବାରେ ଆପଣ ଜଣେ ବହୁତ ବଡ କବି, ତେବେ ମୋ କବିତାଟି ଆପଣ ଟିକେ ଶୁଣନ୍ତୁ । କବିତା ପାଠ କଲେ ଓ ବାବୁ ଶୁଣି ଖୁସି ହେଲେ ? ବାବୁଙ୍କୁ ପଚାରିଲେ, ଆଜ୍ଞା ଏ କବିତାରେ କ'ଣ କିଛି ଭୁଲ ଅଛି ? ବାବୁ କବିତାଟିକୁ ଦୁଇ ତିନିଥର ତନ୍ନ ତନ୍ନ କରି ପଢିଲେ ଓ କହିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତି ଉତ୍ତମ, ଭାବ ଭାଷା ସଂଯୋଜନା ପାଠ ସବୁ ଉତ୍ତମ । ତେବେ ଅସୁବିଧା କଣ ?

ନରୋତ୍ତମ ବାବୁ କେଉଁଠିକୁ କାହିଁକି ଯାଇଥିଲେ ସମସ୍ତ ବୃତ୍ତାନ୍ତ ଜଣାଇଲେ । ଆଉ ଏହି କବିତା କଣ ଗଦ୍ୟ କବିତା ପଚାରିଲେ । ବାବୁ ପଚାରି ବୁଝିଲେ ଯେ ଆସରରେ ଥିବା ବିଚାରପତି ତିନିଜଣ ଏ କବିତାକୁ ତାଚ୍ଛାଲ୍ୟ କରିଛନ୍ତି । ସେ ଯେତେବେଳେ ବିଚାରପତିଙ୍କୁ ପଚାରିଲେ ମୋ କବିତା ଓ କବିତା ପାଠରେ କିଛି ଭୁଲ ରହିଲାକି ?

ଜଣେ ବିଚାରପତି କହିଲେ ଏହା ଏକ ଗଦ୍ୟ କବିତା ।

ଆଉ ଜଣେ କହିଲେ ଯେଉଁ କବିତାରେ ଛନ୍ଦ ନାହିଁ ତାହା କବିତା ନୁହଁ । ଆପଣ ଏଣୁ ତେଣୁ ଗାରେଇ ଦେଇ ଏଠି ସେଠି କମାଦେଇ ଲେଖିଦେଲେ କ'ଣ ସେ କବିତା ହୋଇଯିବ । କବିତା କଣ ଚିହ୍ନନ୍ତୁ, ବୁଝନ୍ତୁ, ତାପରେ ପାଠ କରିବେ ।

ତୃତୀୟ ଜଣଙ୍କ କହିଥିଲେ ଯେ ତାଙ୍କ କବିତା ଗଳ୍ପ କି ପ୍ରବନ୍ଧ ପରି ଲାଗିଲା ।

ଏସବୁ ଶୁଣି ବାବୁ ହସିଦେଲେ ଆଉ ସେ ବିଚାରପତିଙ୍କ ନାମ ଶୁଣି ଆହୁରି ହସିଲେ । କହିଲେ ନରୋତ୍ତମ ବାବୁ ପ୍ରଥମ ବିଚାରପତି ଜଣେ କବିତା ଚୋର, ତାଙ୍କ ଶିକ୍ଷାଗତ ଯୋଗ୍ୟତା କାହାକୁ ଅଛପା ନାହିଁ । ସେ କେବଳ ନିଜର ପ୍ରଚାର କରନ୍ତି । ସାହିତ୍ୟକୁ ସେ ପାଖରୁ ଦେଖିନାହାନ୍ତି । ଦ୍ୱିତୀୟ ଜଣକ ନିଜକୁ ଜଣେ ଶ୍ରେଷ୍ଠ ବ୍ୟଙ୍ଗ କବି ବୋଲି ନାମ ପଛରେ ଉପାଧି ଯୋଡି ଅପପ୍ରଚାର କରନ୍ତି । ବ୍ୟବହାର, ଆଚରଣ, ଭଦ୍ରତା ତାଙ୍କ ଘର ପାଖ ରାସ୍ତା ଦେଇ ଯାଇନାହିଁ । ସେ ମଝିରେ ମଝିରେ ବ୍ୟଙ୍ଗ ଛାଡି କିଛି ଅବ୍ୟର୍ଥ ପ୍ରେମ କବିତା ଲେଖନ୍ତି, ଯାହାର କୌଣସି ବାସ୍ତବତା କି ସଠିକତା ନ ଥାଏ । ଆଉ ଯେଉଁ ତୃତୀୟ ଜଣକ କଥା କହିଲ ସେ ହେଲେ ଜଣେ ମଦ ଗଞ୍ଜେଇ ଅଫିମ ଖିଆ ଲୋକ । ତାଙ୍କର ପ୍ରବଳ ମଇଳା ଦୋଷ ଅଛି, ସେ କେବଳ ମହିଳା ମାନଙ୍କୁ ପ୍ରଶଂସା କରନ୍ତି । ବାସ୍ତବରେ ତୁମ ଏ କବିତାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣି ବୁଝି ତା'ର ଭାବ ଭାଷା ଆସ୍ୱାଦନ କରି ମୂଲ୍ୟାୟନ କରିବାର କ୍ଷମତା ତାଙ୍କର ନାହିଁ ।

ନରୋତ୍ତମ ବାବୁ କହିଲେ, ସତ କୁହନ୍ତୁ ଆଜ୍ଞା, ଆପଣ ମୋତେ ଆଶ୍ୱାସନା ଦେଉ ନାହାନ୍ତି ତ । ମୁଁ ଚିନ୍ତା କରିଛି ଯଦି ମୋର ଏ କବିତା ଗଦ୍ୟ ହୋଇଥାଏ ଓ ଏତେ ଭୁଲ୍ ମୋର ଥାଏ ତେବେ ଆଜିଠାରୁ ମୁଁ କବିତା ଲେଖିବାକୁ କଦାପି ଲେଖନୀ ଧରିବି ନାହିଁ ।

ବାବୁ କହିଲେ, ଆପଣ ଏକ ରୁଢ଼ୀ ଶୁଣିଥିବେ, ଚୋର ସାଙ୍ଗରେ ମାନ ମାରି ଖପରାରେ ଖାଇବା । ମୁଁ ଆଦୌ ସାନ୍ତ୍ୱନା କି ଆଶ୍ୱାସନା ଦେଉନି ଯାହା ସତ୍ୟ ତାହାହିଁ କହୁଛି ।

ନରୋତ୍ତମ ବାବୁ ପଚାରିଲେ, ଆଜ୍ଞା ଏ ଗଦ୍ୟ କବିତା କଣ ? ମୋର ଏହି କବିତା ଗୁଡିକ କେତେକ ସାହିତ୍ୟିକ ଗଦ୍ୟ କବିତା କହି ଅଟ୍ଟହାସ୍ୟ କାହିଁକି କରନ୍ତି । ସତରେ ଏ କଣ ଗଦ୍ୟ କବିତା ? ମୋ ଶଙ୍କା ମୋଚନ କରନ୍ତୁ ଆଜ୍ଞା ।

ବାବୁ ହସିଲେ, କହିଲେ ନରୋତ୍ତମ ବାବୁ ଆପଣ କେବେ ଶୁଣିଛନ୍ତି କି ମାଇ ଷଣ୍ଢ, କି ଅଣ୍ଡିରା ଗାଇ ? ନରୋତ୍ତମ ବାବୁଙ୍କ ମୁହଁରେ ସ୍ମିତ ହସଟା ଅମାବାସ୍ୟା ରାତିରେ ବିଜୁଳି ଆଲୁଅ ପରି ଶୋଭା ପାଇଲା । ଆରେ ସାହିତ୍ୟ ତ ଦୁଇ ଭାଗରେ ବିଭକ୍ତ ତାହା ଗଦ୍ୟ ଓ ପଦ୍ୟ । ତତ୍ପରେ ଯେପରି ଗଦ୍ୟ ଭିତରେ ଗଳ୍ପ, ପ୍ରବନ୍ଧ, ନିବନ୍ଧ, ଉପନ୍ୟାସ, ଏକାଙ୍କିକା, ନାଟକ, ରମ୍ୟରଚନା... ଏହିପରି ଅନ୍ତର୍ଭୁକ୍ତ ଠିକ୍ ସେହିପରି ପଦ୍ୟ ଭିତରେ ଆମର କବିତା, ସଂଗୀତ, ଲୋକଗୀତ.. ଏସବୁ ଆସେ । ତେବେ ଗଦ୍ୟ କବିତା କ'ଣ ? ସତରେ ଯିଏ ସାହିତ୍ୟର ଅର୍ଥ, ପ୍ରକୃତି, ସ୍ୱରୂପ ଜାଣେନା, ଗଦ୍ୟ ପଦ୍ୟର ସଂଜ୍ଞା କଣ ଆଦୌ ଜାଣେନା ସେ ହିଁ କହେ ଗଦ୍ୟ କବିତା । କବିତା ହେଉଛି ଭାବନାର ସ୍ୱତଃସ୍ଫୁର୍ତ୍ତ ସ୍ଫୁରଣ ଯାହା ପ୍ରଶାନ୍ତିକୁ ସଂଗ୍ରହ କରେ ଓ ମନର, ଅନ୍ତରର, ହୃଦୟର ବେଗକୁ ଉଦ୍ଭୁତ କରେ । ଏହା ଶବ୍ଦର ଧ୍ୱନିର ଏକ ପାରସ୍ପରିକ ପ୍ରକ୍ରିୟା । ଚିନ୍ତା, କଳ୍ପନା କିମ୍ବା ଅଙ୍ଗେନିଭା ଘଟଣାର ସ୍ୱପ୍ନିଳ ପରିପ୍ରକାଶ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରୁଭୂମିରେ ସୃଷ୍ଟିକରେ ଶ୍ୟାମ ଶସ୍ୟକ୍ଷେତ୍ର ଆଉ ଅମାବାସ୍ୟାର ତୋଳେ ଚାନ୍ଦିନୀର ଜ୍ୟୋସ୍ନା । ପ୍ରକୃତରେ ପ୍ରକାର ଭେଦରେ ପଦ୍ୟକୁ ତିନୋଟି ତିନୋଟି କୋଠରୀରେ ସଜ୍ଜା ଯାଇଥାଏ ଯାହା ଗୀତି କବିତା, ବର୍ଣ୍ଣନାତ୍ମକ କବିତା ଓ ଅଭିନୟାତ୍ମକ କବିତା । ସାମଗ୍ରିକ ଭାବେ ଏସବୁକୁ ବିଭାଗିକରଣ କଲେ ଛନ୍ଦଯୁକ୍ତ ଓ ମୁକ୍ତଛନ୍ଦ ଏଇପରି ଦୁଇଟି ଭାଗରେ ବିଭକ୍ତ କରିପାରିବା ।

ଯାହାକୁ ପଢିଲେ କବିତା ଆଉ ଗାଇଲେ ଗୀତ ପରି ଲାଗେ ସେଇ ପରା ଗୀତି କବିତା । ବାସ୍ତବରେ ଗୀତି କବିତା ହେଉଛି ଭାଷାର ଶ୍ରୀକ୍ଷେତ୍ର ଆଉ ଭାବର ମଧୁ ବୃନ୍ଦାବନ । ବର୍ଣ୍ଣନାତ୍ମକ କବିତା ଆମର ଜ୍ଞାନ କୋଷକୁ ବିସ୍ତାରିତ କରେ ଆଉ ଅଭିନୟାତ୍ମକ କବିତା ବାସ୍ତବ ଜୀବନର ସ୍ୱାଦକୁ ଯାଚିକରି ଦେଇଥାଏ ।

ନରୋତ୍ତମ ବାବୁଙ୍କ ମୁହଁରେ ଖୁସିର ସୂର୍ଯ୍ୟୋଦୟ ହେଲାପରି ଲାଗୁଥାଏ । ତଥାପି ଛନ୍ଦଯୁକ୍ତ ଓ ମୁକ୍ତଛନ୍ଦ କବିତା ସମ୍ବନ୍ଧରେ ଆହୁରି ଜାଣିବାର ଆଭାସ ହେଉଥାଏ । ବାବୁ ଜାଣିପାରି କହିଲେ ଛନ୍ଦରେ ଅକ୍ଷର ସଂଖ୍ୟା, ଯତିପାତ, ପଦ୍ୟରୂପ ଉପରେ ଗୁରୁତ୍ୱ ଥାଏ । ହେଲେ ଆଜିକାଲି କେତେକ ଅକବି ନିଜକୁ ବଡ଼ କବି ଭାବି ଭାଷା ଭାବ ଉପରେ ଗୁରୁତ୍ୱ ନ ଦେଇ *ରାସ୍ତାରେ ସେ ଯାଉଥିଲା, କଣେଇ କଣେଇ ଚାହୁଁଥିଲା, ମୋ ପାଖକୁ ଦୌଡ଼ି ଆସିଲା... କିମ୍ବା ମୁଁ ତୁମକୁ ଚିଠିଟେ ଦେଲି... ତୁମେ ଆମ ଘରକୁ କାଲି ଆସିବ ବୁଲି... ଏହିପରି ଅର୍ଦ୍ଧ ଗଦ୍ୟ ଥିବା ଅଶୁଦ୍ଧ ଛନ୍ଦ କବିତା ଲେଖି ବହୁତ ବାହାଦୁରୀ ମାରୁଛନ୍ତି ସେମାନେ ତ ସମ୍ପୂର୍ଣ୍ଣ ଅଜ୍ଞ । ଅପର ପକ୍ଷରେ ମୁକ୍ତଛନ୍ଦରେ ରାଗ ଓ ତାଳ ନ ଥିଲେ ବି ଏହା ଛନ୍ଦହୀନ ନୁହେଁ । ଏଥିରେ ଅନେକ ଛନ୍ଦ ଲୁଚିକରି ଥାଏ । ଏହା ଶୃଙ୍ଖଳିତ ଆରୋହ ଅବରୋହକୁ ସମ୍ମାନ ଦିଏ । ଏଥିରେ ଆବେଗ, ସରାଗ, ଅନୁରାଗ ଓ ସମ୍ବେଦନଶୀଳତା ଥାଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନରୋତ୍ତମ ବାବୁ କହିଲେ ଆଜ୍ଞା, ସତରେ ଏ ଛନ୍ଦମୁକ୍ତ ଓ ମୁକ୍ତଛନ୍ଦ ଭିତରୁ କେଉଁଠି ଭଲ ଓ ଅଧିକ ଉପଯୁକ୍ତ ? କେତେକ ସାହିତ୍ୟିକ କାହିଁକି କହୁଛନ୍ତି ଛନ୍ଦଯୁକ୍ତ କବିତା କେବଳ ପଦ୍ୟ, ଅନ୍ୟସବୁ ନୁହଁ ?

ବାବୁ କହିଲେ ଦୁଇଟି ଯାକ ନିଜ ନିଜ ଜାଗାରେ ଶ୍ରେଷ୍ଠ । ଯିଏ ଯାହାକୁ ଭଲପାଏ ତା ରୁଚି ଅନୁସାରେ ତାକୁ ଶ୍ରେଷ୍ଠ ମଣେ । ଯାହାର ଦଖଲ ଯେତେ କମ୍ ତାର ସଙ୍କୁଚିତ ମନ, କବିତାର ବିସ୍ତୃତି ଓ ବ୍ୟାପ୍ତିକୁ ବୁଝି ସମ୍ମାନ ଦେଇପାରେନାହିଁ । କେତେକ ଅଳ୍ପ ଦଖଲଧାରୀ କେବଳ ପୂର୍ବଜଙ୍କ କଥା କହି ତାଙ୍କର ପଦିଏ ଦ୍ୱିପଦ ଗାଇ ତାଙ୍କ ପିଠିରେ ଭରା ଦେଇ ଉନ୍ନତ ମହତ ଜିନିଷ ତଥ୍ୟକୁ ଗ୍ରହଣ କରିବାକୁ ନାରାଜ କାରଣ ସେମାନେ ଉଚ୍ଚ ମହାନ୍ ବିଶାଳର ଗୁରୁତ୍ୱ ବୁଝିପାରନ୍ତି ନାହିଁ । ସେମାନେ କେବଳ କବିତାକୁ କାନ୍ଦଣା, ରାଜଗୀତ, ଚଷାଗୀତ, ଘୋଡାନାଚ, କୁଆଁପୁନେଇଁ ଗୀତ ଭିତରେ ସିମୀତ ଓ ସଙ୍କୁଚିତ କରି ରଖନ୍ତି । ସେମାନେ ଜାଣନ୍ତି ନାହିଁ ସାହିତ୍ୟ ଆଧୁନିକ ସମୟରେ କେଉଁ ଉଚ୍ଚ ସ୍ଥିତିରେ ସୂକ୍ଷ୍ମତାରେ ପହଂଚିଲାଣି । ଏହାହିଁ ଅକାଟ୍ୟ ସତ୍ୟ ଆମ ପୂର୍ବଜ ସାହିତ୍ୟିକ ଚିର ନମସ୍ୟ କିନ୍ତୁ ଏହା ବି ଅସ୍ୱୀକାର କରି ପାରିବାନି ଏବେ ଅନେକ ସାହିତ୍ୟିକ ସାହିତ୍ୟର ମହାକାଶ ଛୁଇଁଲେଣି । ଅବଶ୍ୟ  ଛନ୍ଦ କବିତା ହେଲା ଜନ୍ମରୁ ଚିର ସବୁଜ ମାତ୍ର ମୁକ୍ତ ଛନ୍ଦ ମରୁଭୂମିକୁ କରିଥାଏ ଚିର ସବୁଜ । ମୁକ୍ତଛନ୍ଦ କବିତା ବୁଝିବା ପାଇଁ ପର୍ଯ୍ୟାପ୍ତ ଜ୍ଞାନ ନିତ୍ୟାନ୍ତ ଆବଶ୍ୟକ । ପୁରାଣ ଯୁଗରେ ଯେଉଁ ଅମିତ୍ରାକ୍ଷର ଛନ୍ଦରେ କବିତା ସୃଷ୍ଟି ହେଉଥିଲା ତାହା ଅତି ମନୋରମ । ଆଦିମ ଯୁଗର ଜୀର୍ଣ୍ଣ ଶୀର୍ଣ୍ଣ କୁଟୀର ଆଜି ନଭଶୁମ୍ବୀ ପ୍ରାସାଦ ହେଲେ ବି ଯେମିତି ବାସ କରିବା ଉଭୟରେ ମୌଳିକ ଠିକ୍ ସେହିପରି ଭାଷା ସାହିତ୍ୟର ଗବେଷଣା ଧୀରେ ଧୀରେ ବହୁତ ଗଭୀର ଗମ୍ଭୀର ଓ ଉଚ୍ଚତରକୁ ଗଲାଣି ସେହି ଏଭରେଷ୍ଟ ଶୃଙ୍ଗର ନାମ ଯିଏ ଜାଣିନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ କିପରି ଏ ଶୃଙ୍ଗ ଜଣେ ଚଢିପାରେ ବିଶ୍ୱାସ କରନ୍ତା ?

ତତ୍ପରେ ସମ୍ପ୍ରତି କେତେକ ବ୍ୟକ୍ତି ମଜା ଖୁସି ଟାଇମ ପାଶ ନାମରେ ନିଜର ସାହିତ୍ୟିକ ଜ୍ଞାନ ନ ଥାଇ ଗଣମାଧ୍ୟମରେ ନିଜ ନିକୃଷ୍ଟ ଦକ୍ଷତାକୁ ଉତ୍କୃଷ୍ଟ ପ୍ରମାଣିତ କରିବାକୁ ଯାଇ ପ୍ରକୃତ ସାହିତ୍ୟିକ ମାନଙ୍କୁ ଅସମ୍ମାନ କରୁଛନ୍ତି ସେଭଳି ବ୍ୟକ୍ତିଙ୍କ କଥାରେ ବ୍ୟଥିତ ହେବା କି ପ୍ରଶଂସାରେ ଉତ୍‌ଫୁଲ୍ଲିତ ହେବା ନିର୍ବୋଧର ଏକ ଲକ୍ଷଣ ।

ନରୋତ୍ତମ ବାବୁ କହିଲେ ଆଜ୍ଞା ଛନ୍ଦ କବିତାକୁ କଣ ମୁକ୍ତଛନ୍ଦ କରିହେବ ? ମୋତେ ଟିକେ ଶିଖେଇ ଦିଅନ୍ତୁ ଆଜ୍ଞା ।

ବାବୁ କହିଲେ ନରୋତ୍ତମ ବାବୁ ବହୁତ ସୁନ୍ଦର ପ୍ରଶ୍ନଟିଏ କରିଛନ୍ତି । ଏହି ଗୋଟିଏ ଉଦାହରଣ ବୁଝାଇଦେବ ଛନ୍ଦ ଓ ମୁକ୍ତ ଛନ୍ଦ ମଧ୍ୟରେ ପାର୍ଥକ୍ୟ କ'ଣ ?

ଆକାଶ ଦିଶେ କି ସୁନ୍ଦର*
ତାହାକୁ ରଚିଲେ ଇଶ୍ୱର ।"*
ଏ ହେଲା ଛନ୍ଦ କବିତା
ଏହାକୁ ମୁକ୍ତ ଛନ୍ଦ କଲେ ମୋ ହିସାବରେ ହେବ...
ହେ ଆକାଶ*
ସତରେ ତୁ କେଡେ ସୁନ୍ଦର !*
ସ୍ୱଚ୍ଛ ନିର୍ମଳ ତୋ ରୂପ*
ସୁନୀଳ ବର୍ଣ୍ଣ କି ଅପରୂପ !*
ତୋତେ ଆଦରେ ଗଢିଛନ୍ତି ପରା*
ମୋ ପ୍ରଭୁ ପରମେଶ୍ୱର* ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ ଦେଖି,ଏଥିରେ କ'ଣ ଛନ୍ଦ ନାହିଁ ?ଏହା ପରା ଛନ୍ଦର ଗନ୍ତାଘର ।

ଟିକେ ଲକ୍ଷ୍ୟ କରନ୍ତୁ ସୁନ୍ଦର ଆଉ ପରମେଶ୍ୱର,ରୂପ ଆଉ ଅପରୂପ ।ଏହି ମୁକ୍ତ ଛନ୍ଦରେ ଅଛି ଭାବ, ଭାଷା,ବର୍ଣ୍ଣନା, ଅଭିନୟ, ବ୍ୟାକରଣ ସବୁକିଛି ।ପାଠ କରି ଜାଣିଲେ ପାଠକର ତନ୍ତ୍ରୀ ଥରି ଉଠିବ ।ହେଲେ ଏସବୁ ଜଣେ ଅନଭିଜ୍ଞ ଜାଣନ୍ତା କିପରି ? ଅବଶ୍ୟ କବିତାର ଥିବା ନୀତି ନିୟମ ଆମେ ନିଶ୍ଚୟ ମାନିବା ଆବଶ୍ୟକ ।

ନରୋତ୍ତମ ବାବୁଙ୍କ ହୃଦୟ ପୁଲକିତ ହୋଇଯାଉଥାଏ ।ପୁନଶ୍ଚ ସେ ପ୍ରଶ୍ନ କଲେ, ଆଜ୍ଞା କେତେକ କବି କବିତାରେ ଖରାପ ଭାଷା ପ୍ରୟୋଗ କରି କହୁଛନ୍ତି ଏହା ବ୍ୟଙ୍ଗ ।ତାଙ୍କୁ ଗଠନମୂଳକ ଭାବେ ଲେଖନ୍ତୁ କହିଲେ କହୁଛନ୍ତି, ବଳଦେବ ରଥ କିପରି ବ୍ୟଙ୍ଗ ଲେଖି କବିସୂର୍ଯ୍ୟ ହୋଇଗଲେ ? ସତରେ ଏ ବିଷୟରେ କିଛି କହିବେ କି ?

ବାବୁ କହିଲେ,ସାହିତ୍ୟ ବନ୍ଧୁ ସୃଷ୍ଟି କରେ, ଶତ୍ରୁ ନୁହଁ ।ଅଶ୍ଳୀଳତାର ଅରଣ୍ୟରେ ନ ଥାଏ କବିତା,ହିଂସ୍ର ଭାବନାରେ ନ ଥାଏ କବିତା,ନଗ୍ନତାରେ ନ ଥାଏ କବିତା,ଆକ୍ଷେପରେ ନ ଥାଏ କବିତା ।ବଳଦେବ ରଥଙ୍କର ବ୍ୟଙ୍ଗ ସାର୍ବଜନୀନ ଥିଲା,ସେଥିରେ କାହାକୁ ଆକ୍ଷେପ ନ ଥିଲା,ଥିଲା ଛୋଟ ଜୀବ ଛୋଟ ଜିନିଷ ଗୁଣ ନଥାଇ ବଡ଼ ହେବାର ବୃଥା ଆସ୍ଫାଳନ କଲେ କିପରି ଉପହସିତ ହୁଏ,ଏକ ଅସାଧାରଣ ସଚେତନତା ଯାହା ଜଗତେ କେଞ୍ଚଳରେ ବିଷଡଦଭାବେ ସୁସ୍ପଷ୍ଟ ।ଜାତୀୟ କବି ବୀରକିଶୋରଙ୍କ ଭାଷାରେ ଥିଲା ଉଦ୍‌ବୋଧନ, ନ ଥିଲା ହିଂସୁକ ଶବ୍ଦର ବ୍ୟବହାର,କବି ଯଦୁମଣିଙ୍କ କବିତାରେ ଥିଲା ବାସ୍ତବ ବ୍ୟଙ୍ଗ,ରାଜା ଶୁଣି ଖୁସି ହୋଇ ତା ଭିତରୁ ନୀତି ଉପଦେଶ ଛାଣି ଗ୍ରହଣ କରୁଥିଲେ ।ହେଲେ ଏବେ କେତେକ ନିଜକୁ ବ୍ୟଙ୍ଗ କବି କହି ଅଶ୍ଳୀଳ,ଅସାମ୍ବାଧନିକ ଶବ୍ଦ ପ୍ରୟୋଗ କରି ସ୍ୱପରିଚୟ ଦିଅନ୍ତି ଯେ ସେମାନେ ସାହିତ୍ୟ ଇତିହାସର ଜୟଚନ୍ଦ୍ର କି ଜାହାଙ୍ଗୀର ପରି କୂଳାଙ୍ଗାର ।ସେମାନଙ୍କର କୌଣସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶବ୍ଦ,ଵାକ୍ୟ କି ପଦେ କଥାକୁ ଆଦୌ କର୍ଣ୍ଣପାତ ନ କରିବା ସାଧୁର ମୌଳିକ କର୍ତ୍ତବ୍ୟ ହେବା ଉଚିତ ।

କବି ହୁଅନ୍ତୁ ବା ଲେଖକ ସେମାନେ ଜଣେ ଜଣେ ସାଧାରଣ ସନ୍ଥ ।ସୁସ୍ଥ ସମାଜ ସେତେବେଳେ ଗଢା ହେବ ଯେତେବେଳେ ସନ୍ଥ ଓ ଗ୍ରନ୍ଥର ଅସଲ ସମନ୍ୱୟ ଘଟିବ ।ଲୋକଶ୍ରଦ୍ଧା ହେଲେ ସାହିତ୍ୟର ସିଦ୍ଧି ଘଟେ ।କତାରେ ଅଛି ପରା ରବି ଠାରୁ କବି ବହୁତ ଆଦରଣୀୟ ।

ତେବେ ସବୁଠୁ ବଡ଼ କଥାହେଲା ଆମର ସାହିତ୍ୟ କୃତି ପାଇଁ ଲୟ ରଖିବା, ଭୟ ନୁହଁ ।ଯାହାକୁ ପ୍ରକୃତ ଦକ୍ଷ ବୋଲି ବିବେଚନା କରିବା ତାଙ୍କର ସମାଲୋଚନାକୁ ଚାଣକ୍ୟ ଶ୍ଲୋକ କିମ୍ବା ତାଙ୍କ ନୀତିବାଣୀକୁ ଗାନ୍ଧୀଙ୍କର ଅମୃତବଚନ ମନେ କରିବା ।ଯେଉଁମାନଙ୍କର ଅନ୍ତକରଣ ଅଶୁଦ୍ଧି,ତାଙ୍କ କ୍ୟାମେରାର ଛବିରେ ଛାୟାକୁ ନ ଧରି ବା ସେଭଳି  ଲୋକଙ୍କ ଗଦ୍ୟ,ପଦ୍ୟର କଦର୍ଯ୍ୟ କଦାକାର ଅଯୌକ୍ତିକ ବିଶ୍ଲେଷଣ ଓ ସମୀକ୍ଷା ଶୁଣିବା ଯାହା ନର୍ଦ୍ଦମାରେ ପୋକ ସାଉଁଟିବା ତାହା ।ତା ଅପେକ୍ଷା ସେ ସ୍ଥଳେ ଗାନ୍ଧୀଙ୍କର ତିନି ମାଙ୍କଡଙ୍କୁ ଗୁରୁ ମଣିବା ବହୁତ ଭଲ ।

ନିଶା ଗରଜୁଥିବା କାଳ ରାତ୍ରିରେ ହଠାତ କଳା ବାଦଲ ଫାଂକରୁ ପୁନେଇଁ ଜହ୍ନଟା ଆସି ମନଖୋଲା ହସିଲା ପରି ନରୋତ୍ତମ ବାବୁଙ୍କ ହୃଦୟରୁ ଏକ ହସର ପ୍ରବଳ ଜୁଆର ଆସି ତାଙ୍କ ମୁଖମଣ୍ଡଳକୁ ପ୍ରଫୁଲ୍ଲତାରେ ଭିଜେଇଦେଲା ।ତାଙ୍କ ଆଖିରେ ବନ୍ଧା କଳା ପଟି ସତେ ଯେମିତି ବାବୁଙ୍କ ଦିବ୍ୟଜ୍ଞାନ,ଆତ୍ମଜ୍ଞାନ ପ୍ରଦାନରେ ଆପେ ଖୋଲି ଗଲା ।ଖୁସି ଗଦଗଦ ହୋଇ ବାବୁଙ୍କ ପାଦ ଛୁଇଁ ପ୍ରଣାମ ଜଣାଇଲେ ।ମହାନତାର ପୁଣ୍ୟତୀର୍ଥ ସେ ମହତ ଲୋକ କ'ଣ କେଉଁ ପ୍ରତିଭାକୁ ପାଦ ଛୁଆଁଇ ଦେଇଥାନ୍ତେ ।ସଂଗେ ସଂଗେ କୌଣସି ଆବିଳତା ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖି ସହୃଦୟେ ଆଲିଙ୍ଗନ କଲେ ।କ୍ଷଣିକ ସମୟ ଲାଗୁଥିଲା ମହାନ୍ ଭାରତୀୟ ସଂସ୍କୃତିର ଗୁରୁଶିଷ୍ୟ ପରମ୍ପରାର ଏକ ଅପୂର୍ବ ଝଲକ । ନରୋତ୍ତମ ବାବୁଙ୍କ ଆଖିରୁ ବିଗଳିତ ହେଲା କେଇଟୋପା ଆନନ୍ଦାଶ୍ରୁ ।ନରୋତ୍ତମ ବାବୁ ଘରେ ଖୁଆଇ ଓ ସାହିତ୍ୟରେ ଲେଖନୀ ଚାଳନା ପ୍ରଖର କରିବାକୁ ଆଶୀର୍ବାଦ ଦେଇ ବିଦାୟ ଦେଇଥିଲେ ତାଙ୍କୁ ।ସେ ଆଉ କେହି ନୁହଁ ତାଙ୍କ ଆଦର୍ଶ ମାର୍ଗଦର୍ଶକ ଓଡ଼ିଆ ମାଟିର ବରପୁତ୍ର ପ୍ରଖ୍ୟାତ ବିପ୍ଳବୀ କବି ରବି ସିଂ ।

ଏତିକି ଭାବୁଭାବୁ ସକାଳ ୭ଟା ।ଟ୍ରେନ ପହଁଚିଲା ଷ୍ଟେସନରେ ।

ଘରକୁ ସଅଳ ସଅଳ ଆସି ସାରି ଦେଇଥିଲେ ନିତ୍ୟକର୍ମ । ମନରେ ଉଙ୍କି ମାରୁଥାଏ ତାଙ୍କ ଆଦର୍ଶ ଗୁରୁ ମାର୍ଗଦର୍ଶକଙ୍କୁ କିପରି ଯଥାଶୀଘ୍ର ଯାଇ ଦେଖା କରିବେ ।ମାଆଙ୍କୁ ଭାଇ ଭାଉଜ ପୁତୁରା ଝିଆରୀଙ୍କ କୁଶଳ ବାର୍ତ୍ତା ବଖାଣିଲେ ଆଉ ବାହାରିପଡିଲେ ଗୁରୁ ଆଦର୍ଶଙ୍କୁ ସାକ୍ଷାତ କରି ପାଦଧୂଳି ଟିକେ ଶୀଘ୍ର ନେବାକୁ । ମାଆ ବିଶ୍ରାମ ନେବାକୁ କହୁଥିଲେ ବି ଏହା ମୋର ଯଥାଶୀଘ୍ର କରିବା ଆବଶ୍ୟକ କହି ବାହାରିପଡିଲେ ସାଥିରେ ଧରି ପାଇଥିବା ମାନପତ୍ର ।

ସେଦିନ ଫେବୃୟାରୀ ମାସ ଦୁଇ ତାରିଖ ।ଶୀତର ପ୍ରକୋପ ସେଇମିତି ଆୟତ୍ତରେ ରଖିଥାଏ ଧରଣୀ ମାଆଙ୍କୁ ।କୋହଲା ପବନ ମଝିରେ ମଝିରେ ଥରାଇଦେଉଥାଏ ତା ତନୁକୁ ।ବାଡ଼ି ପାଚିଲା କଦଳୀ କେଇ ଫେଣା ନିଜ ବ୍ୟାଗରେ ଦେବାକୁ ତାଙ୍କ ମାଆ ଭୁଲି ନ ଥିଲେ ।ନିଜ ବାଇକ ଧରି ଚାଲିଲେ ନରୋତ୍ତମ ବାବୁ ।ଆଜି ତାଙ୍କ ମନ ମନ ପବନ ଘୋଡା ପରି ଉଡୁଥାଏ ।ଜୀବନର ଶ୍ରେଷ୍ଠ ଖୁସି ମୁହୂର୍ତ୍ତ ଆଉ ଖୁସିର ନିର୍ମାତାଙ୍କ ଦର୍ଶନର ମୁହୂର୍ତ୍ତମାନ ହାତ ଠାରି ତାଙ୍କୁ ଡାକୁଥାଏ ଆତ୍ମାରୁ ।ରାସ୍ତାରେ ଗାଡ଼ି ରଖି ବଜାରରୁ କିଛି ଅଙ୍ଗୁର ଓ ଗୁରୁଙ୍କ ଅତିପ୍ରିୟ କମଳା କେଇଟା କିଣି ଓ ତା ସହ ପାଖ ମିଠା ଦୋକାନରୁ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛେନାପୋଡ଼ ବ୍ୟାଗରେ ପୁରାଇ ଉଲ୍ଲସିତ ଭାବେ ଚାଲିଲେ ଗୁରୁ କବି ରବି ସିଂ ଙ୍କ ଗ୍ରାମ ଅଭିମୁଖେ ।ସତରେ ଗୁରୁ ଏସବୁ ଶୁଣି କେତେ ଖୁସି ନ ହେବେ ।ତାଙ୍କ ପାଦ ତଳେ ସେ ମାନପତ୍ରକୁ ସମର୍ପିତ କଲାବେଳେ ଗୁରୁ ନିଶ୍ଚେ ତାଙ୍କୁ ଛାତିକୁ ଆଉଜେଇନେବେ ।ଆଉ ଆଶୀର୍ବାଦ ଦେବେ, "ଅବଶିଷ୍ଟ ଜୀବନ କେବଳ ସଫଳତାର ସ୍ୱାଦ ଚାଖୁଥାଅ କହି ।"

ଭାବନା ରାଇଜରେ ହଜୁ ହଜୁ କେତେବେଳେ ସେଇ ପୁରୁଣା ମିତ୍ର  କିମ୍ବଦନ୍ତୀ ମୂକସାକ୍ଷୀ ଅଶ୍ୱତ୍ଥ ବୃକ୍ଷ ପାଖରେ ପହଂଚିଗଲେ ।ଗାଡିରୁ ଓହ୍ଲାଇପଡି ଶୁଣିଲେ ପାଖରୁ ଶୁଭୁଥିବା ରାମ ନାମ ସତ୍ୟ ହେ,ହରି ନାମ ସତ୍ୟ ହେ ଧ୍ୱନି ।କେତେକ ଦରଦୀ ଆତ୍ମୀୟଙ୍କ ଅନ୍ତର୍ଧ୍ୱନି ତାଙ୍କ ଛାତିକୁ ଥରାଇଦେଉଥିଲା ।ଅଚିହ୍ନା ଅପରିଚିତ କେଉଁ ବ୍ୟକ୍ତିର ଶବ ଯାଉଥିଲେ ବି ତାଙ୍କୁ କାହିଁକି ଲାଗୁଥିଲା ସେ ଆଉ ତାଙ୍କ ସମ୍ପର୍କୀୟ ନୁହଁ ତ ।ଧୀରେ ଧୀରେ ସେମାନେ ସେଠାରୁ ଦୂରେଇ ଗଲେ ଓ ରାମ ନାମ ସତ୍ୟ ହେ ଧ୍ୱନି କ୍ରମଶଃ କ୍ଷୀଣ ହୋଇଗଲା ।ନରୋତ୍ତମ ବାବୁ ଚାଲିଲେ ଗୁରୁଙ୍କ ଗାଁ ଭିତରକୁ ।ବହୁଦିନ ତଳେ ଆସିଥିଲେ ବି ଭୁଲିଯାଇନାହାଁନ୍ତି ସେଇ ମଣ୍ଡପ ପାଖର ବଉଳ ଗଛ ପାଖର ଘର ।ଯେଉଁ ପାଠଶାଳାରୁ ସେଦିନ ସେ ପାଇଥିଲା ଜୀବନର ପ୍ରମୁଖ ପ୍ରଶ୍ନମାଳାର ଉପାଦେଉ ଉତ୍ତର ।ବଉଳ ଗଛମୂଳେ ଗାଡି ରଖି ଧରିଲା ମାନପତ୍ର ଆଉ ଏକ ହାତରେ ଶରଧାରେ ଆଣିଥିବା କିଛି ମିଠା,ଫଳମୂଳ ।ସେସବୁକୁ ଲୁଚେଇ ରଖିଥାଏ କାରଣ ଗୁରୁ ରବି ସିଂ ବଡ଼ ସ୍ୱାଭିମାନୀ ।ଏସବୁ ଦେଖିଲେ କହିବେ କାହିଁକି ଆଣିଲେ ଏସବୁ ?ଦ୍ୱାର ନିକଟ ହେଲେ ।ଆଶ୍ଚର୍ଯ୍ୟ ଲାଗିଲା ସେ ଘର ଭିତରୁ ଭାସି ଆସୁଥିବା କରୁଣ କ୍ରନ୍ଦନ ଶୁଣି  ।ହୁଏତ ଦେଖିଥିବା ଶବ ସେହି ବ୍ୟକ୍ତିଙ୍କର ସମ୍ପର୍କୀୟ ହୋଇଥିବେ ।ଘରର କଲିଂ ବେଲ୍ ଥରେ ଟିପିଦେଲେ ।ହେଲେ କେହିବି ବାହାରିଲେ ନାହିଁ ।ହୁଏତ କାନ୍ଦ ଓ କଥାବାର୍ତ୍ତା କଲିଂ ବେଲ ଶବ୍ଦକୁ ଶୁଣାଇ ଦେଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଥିବ ।ଆଉ ଥରେ ମାରିଲେ ।ଏଥର କେହି ଜଣେ ଦ୍ୱାର ଖୋଲିଲେ ।କହିଲେ କାହାକୁ ଖୋଜୁଛନ୍ତି ?

ନରୋତ୍ତମ ବାବୁଙ୍କ ପାଟିରୁ ବାହାରି ପଡ଼ିଲା ସାର୍ ନାହାଁନ୍ତି କି ?

ରବି ସାର୍ ?

ଭୋ ଭୋ ହୋଇ କାନ୍ଦ ଭିତରୁ ସ୍ୱରଟିଏ ତାଙ୍କୁ ଶୁଭିଲା,ନାଁ ସେ ଆଉ ଏ ଦୁନିଆଁରେ ନାହାଁନ୍ତି ।ଏହା କହି କବାଟ ବନ୍ଦ କରି ସେ ଚାଲିଗଲେ ।ନରୋତ୍ତମ ବାବୁଙ୍କ ଭରସାର ନିର୍ମଳ ଆକାଶରେ ଦୁଃଖର ଧୂମକେତୁ ଉଭାହେଲା ।ତାଙ୍କ ଭାଷା ସାହିତ୍ୟ କେନାଲକୁ ଯେଉଁ ମୁଖ୍ୟ ନଦୀ ଜଳ ଯୋଗାଉଥିଲା ଆଜି ସେ ନଦୀ ଶୁଷ୍କ ମରୁଭୂମି ପାଲଟିଗଲା ।ହାତରେ ଧରି ଆଣିଥିବା ଫଳ ଓ ମିଠା ହାତରୁ ଆପେ ଆପେ ତଳେ ପଡ଼ିଗଲା ।ଏକମୁହାଁ ହୋଇ କାନ୍ଦି କାନ୍ଦି ଫେରିଆସିଲେ ସେ ସ୍ଥାନରୁ ପୁଣି ସେଇ ଅଶ୍ୱତ୍ଥ ବୃକ୍ଷ ମୂଳକୁ ।ମୁଣ୍ଡରେ ହାତଦେଇ କିଛି କ୍ଷଣ ବସି ପଡିଲେ ସେ ।ଆଖୁବୁଜି ଗୁରୁଙ୍କୁ ଜଣାଇଲେ ଭକ୍ତି ଶ୍ରଦ୍ଧାଞ୍ଜଳୀ ।ଆଉ ସେଇ ଭିତରୁ ସତେ ଯେମିତି ସିଏ ତାଙ୍କ ମୁଣ୍ଡରେ ହାତ ଆଉଁସି  ଆଶୀର୍ବାଦ କରି ହସୁଥାନ୍ତି,ଆଉ କହୁଥାନ୍ତି ଏଇତ ସଫଳତା ଆରମ୍ଭ ହେଲା ।ସାଧନା ଚାଲୁ ରଖିବେ ।ଆଉ ଆଖି ଛଳ ଛଳ କରି ସତେ ଯେମିତି କହୁଥିଲେ, ମୁଁ ତ ଆଉ ନାହିଁ, ହେଲେ କେବେ ବି ଭାଙ୍ଗି ପଡିବେନି ,ଯଦି ବି କିଏ କହେ, କାହିଁକି ଲେଖୁଛ ଗଦ୍ୟ କବିତା ?

ଜମ୍ପରା,କେନ୍ଦୁଝର*

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଏମିତି ବି ହୁଏ



ସତ୍ୟବ୍ରତ ସାହୁ

ସେଦିନ ଡ୍ୟୁଟି ସାରି ବସିଥାଏ ମୋ' ରୁମରେ । ସନ୍ଧ୍ୟା ସମୟ । ଗୋଟେ ଅଜଣା ନମ୍ବରରୁ ଫୋନ ଆସିଲା । ଜଣେ ଝିଅ କରିଥିଲା ଫୋନ । କହିଲା, ନମସ୍କାର । ଆପଣ ସତ୍ୟବ୍ରତ ସାହୁ କହୁଛନ୍ତି ? ମୁଁ କହିଲି, ହଁ । ସେ କହିଲା, ମୁଁ ମାଣିକ ସାହୁ(ଛଦ୍ମ ନାମ) କଟକ(ଛଦ୍ମ ସହର)ରୁ କହୁଛି । ଆପଣଙ୍କ କବିତା 'ସାଆନ୍ତେ' ସମାଜ ଖବରକାଗଜରୁ ପଢ଼ିଥିଲି । ବହୁତ ଭଲଲାଗିଲା କବିତାଟି । ଆପଣଙ୍କ ଲେଖା ମଧ୍ୟ ନିୟମିତ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶ ପାଏ । ମୁଁ ପଢେ ସବୁ । ମୁଁ ଧନ୍ୟବାଦ ଦେଲି ମୋ' ଲେଖା ପଢ଼ି ଫୋନ୍ କରିଥିବାରୁ । ତାପରେ ଝିଅଟି କହିଲା, ମୋତେ ଟିକେ ସାହାଯ୍ୟ କରି ପାରିବେ ? ମୁଁ କହିଲି କିପ୍ରକାର ସାହାଯ୍ୟ ପ୍ରଥମେ ଆପଣ କୁହନ୍ତୁ ତାପରେ ମୁଁ ଚିନ୍ତା କରିବି ସେ ବିଷୟରେ । ସେ କହିଲା, ଆପଣଙ୍କ ଠିକଣାରୁ ଜାଣିଲି ଆପଣଙ୍କ ଘର ଅହିୟାସ ଅଞ୍ଚଳରେ । ମୋର ଜଣେ ସମ୍ପର୍କୀୟ ଭାଇ ଅହିୟାସ ପୋଷ୍ଟ ଅଫିସରେ ଚାକିରି କରେ । ଅମ୍ଫାନ ବାତ୍ୟା ପରେ ବେଳେ ବେଳେ ତା' ଫୋନ୍ ଲାଗୁନି । ଯେବେ ବି ରିଙ୍ଗ ହେଉଛି ସେ ଫୋନ୍ ରିସିଭ୍ କରୁନି । ଅମ୍ଫାନ ଆପଣଙ୍କ ଆଡ଼େ ବେଶୀ କ୍ଷତି କରିଛି କି ? ମୁଁ କହିଲି, ନା ବେଶୀ କିଛି କ୍ଷତି ହୋଇନି । ଅଳ୍ପ ଗଛ ଭାଙ୍ଗିଛି । ଦିନେ ଦୁଇଦିନ ଭିତରେ କରେଣ୍ଟ ବି ଆସିଗଲା । ଝିଅଟି ବିଚଳିତ ହୋଇ କହିଲା, ତେବେ ସେ ଫୋନ୍ ଉଠାଉନି କାହିଁକି ? ମୋତେ ଭାରି ଦୁଃଖ ଲାଗୁଛି । ମନ ଥୟ ଧରୁନି । କ'ଣ ହେଲା ତା'ର ? ମୋ' ଉପରେ ରାଗିଛି କି ସେ ? ଏମିତି କିଛି କହିଲା ପରେ ମୁଁ କହିଲି, ହୁଏତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାଙ୍କ ମୋବାଇଲ ଖରାପ ହୋଇଥିବ ନଚେତ ହଜି ଯାଇଥିବ । ଝିଅଟି କହିଲା, ମୁଁ ଭାବୁଛି ସେ ମୋ' ଉପରେ ଅଭିମାନ କରିଛି ନଚେତ ତା' ମନ ଖରାପ ଅଛି । ଏମିତି ହେଲେ ସେ କାହା ଫୋନ୍ ଉଠାଏନି । ଏପରିକି ଅଜଣା ନମ୍ବରରୁ ଫୋନ୍ ଆସିଲେ ବି ଉଠାଏନି । ଅନଲାଇନ୍ ବି ଆସେନି । ଅନୁନୟ ହୋଇ କହିଲା, ଆପଣ ଟିକେ ପୋଷ୍ଟ ଅଫିସ ଯାଇ ଦେଖା କରିପାରିବେ ? ମୁଁ କହିଲି, ମୁଁ ବି ଚାକିରି କରେ । ମୋର ମଧ୍ୟ ରବିବାର ଛୁଟି । ମୁଁ ଗାଁରେ ରହେନି । ଶନିବାର ଘରକୁ ଯାଏ । ତେଣୁ ଦେଖା କରିବା କଷ୍ଟ । ଝିଅଟି ପୁଣି ଅନୁରୋଧ କରି କହିଲା, ସେ ରହୁଥିବା ଭଡ଼ା ଘରର ଠିକଣା ଏବଂ ତା' ଫୋନ୍ ନମ୍ବର ଦେଉଛି । ଆପଣ ଯେମିତି ହେଉ ତାକୁ ମିଶିବାକୁ ଚେଷ୍ଟା କରନ୍ତୁ । ମୁଁ ଆଶ୍ୱାସନା ଦେବାରୁ ସେ ଫୋନ୍ କାଟିଲା । ତା ପର ଦିନ ମୁଁ ଡ୍ୟୁଟିରେ ଥିବାବେଳେ ମଧ୍ୟ ଫୋନ୍ କଲା । ସାର୍, କଥା ହୋଇଥିଲେ କି ତା' ସହ ? ମୁଁ କହିଲି, ମୋର ଡ୍ୟୁଟି ସରିଲେ ସନ୍ଧ୍ୟାରେ ଫୋନ୍ ଲଗାଇବି । ଝିଅଟିର ବ୍ୟାକୁଳତା ଅନୁଭବ କରି ମନସ୍ଥ କଲି ଯେମିତି ହେଉ ତାକୁ ସାହାଯ୍ୟ କରିବି । ଯଦି ଫୋନ୍ ନଉଠାଏ ଦେଖା କରିବି ।

ସନ୍ଧ୍ୟାରେ ଫୋନ୍ ଲଗାଇଲି ଦୁଇ ଥର ରିଙ୍ଗ ହୋଇ କଟିଲା । କିଛି ଉତ୍ତର ମିଳିଲାନି । ଘଣ୍ଟାଏ ପରେ ପୁଣି ଫୋନ୍ କଲି । ଏଥର ଉତ୍ତର ମିଳିଲା- ହ୍ୟାଲୋ.. । ମୁଁ ମୋ' ପରିଚୟ ଦେଇ କହିଲି, ଆପଣ ସତ୍ୟ ମହାନ୍ତି(ଛଦ୍ମ ନାମ) କହୁଛନ୍ତି ? ସେ କହିଲେ, ହଁ । ଆପଣ ମାଣିକ ସାହୁଙ୍କୁ ଚିହ୍ନିଛନ୍ତି ବୋଲି ମୋ' ପ୍ରଶ୍ନର ଉତ୍ତରରେ ସେ କହିଲେ, ହଁ ସିଏ ମୋ' ଦିଦି । ତେବେ ଆପଣ ତାଙ୍କ ଫୋନ୍ ଉଠାଉ ନାହାନ୍ତି କାହିଁକି ? ଜାଣିଛନ୍ତି ଆପଣଙ୍କ ସହିତ ଟିକେ କଥା ହବା ପାଇଁ ସେ କେତେ ବ୍ୟସ୍ତ ଓ ବ୍ୟାକୁଳିତ ? ବଡ଼ ମନସ୍ତାପରେ ଅଛନ୍ତି ସେ । ହଁ, ଶୁଣ ମୋ' ସହିତ ତାଙ୍କ ସମ୍ପର୍କ ଜଣେ ଲେଖକ ଏବଂ ପାଠକର । ମୁଁ ଗପ, କବିତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେଖେ । ମୋ' ଲେଖା ପଢ଼ି, ଠିକଣାରୁ ଆପଣ ଆମ ଅଞ୍ଚଳରେ ଅଛନ୍ତି ଜାଣି ସେ ମୋ' ପାଖକୁ ଫୋନ୍ କରିଥିଲେ ଆପଣଙ୍କୁ ଦେଖା କରିବା ପାଇଁ । ଆପଣ ଥରେ କଥା ହୋଇ ଯାଆନ୍ତୁ ତାଙ୍କ ସହ । ତାଙ୍କ ମନ ହାଲୁକା ହୋଇଯିବ । ସେ କହିଲେ, ହଁ ମୁଁ ଆଜି କଥା ହେବି । ତାପରେ ଫୋନ୍ କାଟିଲେ । କିଛି ସମୟ ପରେ ଫୋନ୍ ଆସିଲା ସରୋଜିନୀର । ଆଜ୍ଞା, କଥା ହେଲେକି ସତ୍ୟ ସହ ? ମୁଁ ହଁ କହୁ କହୁ ତାଙ୍କ ପାଟିରୁ ବାହାରି ଆସିଲା, ସେ ମାଙ୍କଡ଼ଟା ଭଲରେ କଥା ହେଲାତ ଆପଣଙ୍କ ସହ ? ମୋତେ ଭାରି ଖୁସି ଲାଗିଲା ଝିଅଟି ମୁହଁରୁ ସେହି 'ମାଙ୍କଡ଼ଟା' ଶବ୍ଦ ଶୁଣି । ବୋଧହୁଏ ସେତିକି ଆତ୍ମୀୟତା/ଆପଣାପଣ ନଥିଲେ କେହି ହଠାତ ମାଙ୍କଡ଼ ଶବ୍ଦ ଉଚ୍ଚାରଣ କରେନି । ମୁଁ ବି ମଜାରେ କହିଲି, ହଁ ସେ ମାଙ୍କଡ଼ଟା ଆପଣଙ୍କ ସହ କଥା ହେବ ବୋଲି କହିଛି । ଫୋନରେ ବି ଗୋଟେ ଆଶ୍ୱସ୍ତିକର ଶବ୍ଦ ଶୁଣିବାକୁ ପାଇଲି ଝିଅଟି କଣ୍ଠରୁ ।

କିଛି ଦିନ ପରେ ପୁଣି ଫୋନ୍ ଆସିଲା ମାଣିକର । ଏଥର ଆଜ୍ଞାରୁ ମୁଁ ହୋଇଯାଇଥିଲି ଭାଇ । ସେ କହିଲା, ଭାଇ ଜାଣିପାରୁଛନ୍ତି ନା ମୋତେ ? ମାଣିକ କହୁଛି । ଜାଣିଛନ୍ତି ଭାଇ, ସେ ମାଙ୍କଡ଼ଟା ମୋ' ଉପରେ ରାଗିଥିଲା । ମୁଁ କାହିଁକି ଅମ୍ଫାନ ଦିନ ତାକୁ ଫୋନ୍ କଲିନି ସେଥିପାଇଁ । ସେ ଘଡ଼ଘଡ଼ି ଓ ଝଡ଼/ତୋଫାନକୁ ଡରେ । ପ୍ରକୃତରେ ମୁଁ ସେଦିନ ତାକୁ ଫୋନ୍ କରିଥିଲି । ଫୋନ୍ ଲାଗିଲାନି । ତା ପର ଦିନ ସୁଇଚ୍ ଅଫ୍ ଥିଲା । ତାପରେ ଯେବେବି ଫୋନ୍ କରେ ସେହି ରାଗରେ ସେ ରିସିଭ୍ କରେନି । ଭାରି ଗପୁଡି ଝିଅଟା । ମୋ' ସହିତ ତା'ର ଚିହ୍ନା ଜଣା କିଛି ନଥିଲା । ଅଥଚ ଅତି ପରିଚିତ ମଣିଷଟିଏ ପରି ସେ ମୋ' ସହିତ ଗପି ଚାଲିଲା କୋଡ଼ିଏ ପଚିଶ ମିନିଟ୍ । ନିଜ କଥା, ସତ୍ୟ କଥା, ପଢ଼ାପଢ଼ି କଥା, ଘର କଥା ସବୁ କହିଲା । ତା' ମନ ଭାଙ୍ଗି ନପାରି ସବୁ ଶୁଣିଲି । ଶେଷକୁ କହିଲା, ପ୍ଲିଜ୍ ଭାଇ ଆଉ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଥରେ ସତ୍ୟକୁ ଫୋନ୍ କରି କହିଦେବେ ମୁଁ କେତେ ବ୍ୟସ୍ତ ଥିଲି ତା' ଖବର ଜାଣିବା ପାଇଁ ଯେମିତି ତା' ମନରୁ ସବୁ ଅଭିମାନ ଦୂର ହୋଇଯିବ । ମୋ' ଠାରୁ ପ୍ରତିଶ୍ରୁତି ପାଇ ଫୋନ୍ କାଟିଲା । ମୁଁ ପୁଣିଥରେ ସତ୍ୟ ସହିତ କଥା ହୋଇ ସବୁକଥା କହିଲି ଓ ତାର ଅଭିମାନ ଦୂର କରିବାରେ ସକ୍ଷମ ହେଲି ।

ଏବେ ସେ ଭାଇ-ଭଉଣୀ ଦୁହେଁ ଭାରି ଖୁସି । ମୁଁ ବି ଖୁସି ଯେହେତୁ ମୋ' ଦ୍ୱାରା ସେମାନଙ୍କ ଭୁଲ୍ ବୁଝାମଣା ବା ମାନ-ଅଭିମାନ ଦୂର ହୋଇଥିଲା । ମୁଁ ନୁହେଁ ବରଂ ମୋ' ସାହିତ୍ୟ ସେମାନଙ୍କୁ ମିଶାଇ ଦେଇଛି ଏକଥା ଅନୁଭବ କଲି । ବେଳେ ବେଳେ ମାଣିକ ଫୋନ୍ କରେ । ସେ ଗପୁଡି ଝିଅଟା ସହିତ କଥା ହେବାକୁ ଭାରି ଭଲଲାଗେ । ହ୍ୱାଟ୍ସଆପରେ ଚାଟ୍ ବି କରେ । ମୋ' ଠାରୁ ଢେର ସାନ ସେ ଦୁହେଁ । ଏବେ ସେ ଭାଇ-ଭଉଣୀ ଦୁହେଁ ମୋର ବି ଭାଇ-ଭଉଣୀ ପାଲଟିଯାଇଛନ୍ତି ।

ଯେତେବେଳେ ସେ ଗପୁଡି ଝିଅଟା କଥା ଭାବେ ଭାରି ଭଲଲାଗେ । ତା' ଆପଣାପଣ ପାଖରେ ବନ୍ଧା ପଡିଗଲା ପରି ଲାଗେ । ମନ ମଧ୍ୟରେ ଗୋଟେ ଭାବନା ଆସେ ଜୀବନରେ ବେଳେ ବେଳେ ଏମିତିବି ହୁଏ ।

ଶ୍ରୀ ସତ୍ୟବ୍ରତ ସାହୁ
ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର- ୭୫୫୦୩୬
ମୋ- ୯୩୩୮୦୬୫୬୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ଷା ବନ୍ଧନ



ଲିପ୍‌ସା ଦାସ

"ଦୁନିଆ ରେ ଭାଇ ଭଉଣୀର ସମ୍ପର୍କ ଏକ ପବିତ୍ର ସମ୍ପର୍କ । ଭାଇ ସବୁବେଳେ ଭଉଣୀ ର ପାଖେ ପାଖେ ଥାଏ । ଭଉଣୀକୁ ଆତ୍ମନିର୍ଭରଶୀଳ କରି ଗଢ଼ିବାରେ ହେଉ ଅବା ଆତ୍ମରକ୍ଷା କରିବା ହେଉ, ଭାଇ ର ସବୁଠାରୁ ଅଧିକା ଅବଦାନ ଥାଏ । ସାଇକେଲ ଚଲେଇବା ବେଳେ ହାତ ଛାଡ଼ି ଦେବା ହେଉ କିମ୍ବା ନିଜ ଚକଲେଟ ରୁ ଭଉଣୀ ପାଇଁ କିଛି ରଖିବା ସବୁ କ୍ଷେତ୍ର ରେ ଭାଇ ନିଜ ଭଉଣୀ ସହିତ ଥାଏ । ଭଉଣୀର ବାହାଘର ରେ ଯେତେ ଖୁସି ହୁଏ, ସେତିକି ଦୁଃଖୀ ବି ହୁଏ ଭାଇଟିଏ । ଆଉ ଭଉଣୀ ହେଉଛି ଭାଇ ର ଦମକଳ କେନ୍ଦ୍ର । ବାପାଙ୍କ ମାଡ଼ ରୁ ରକ୍ଷା ହେଉ, ସ୍କୁଲ ର ଘର ପାଠ ହେଉ କିମ୍ବା କୌଣସି ଝିଅକୁ ପ୍ରେମ ନିବେଦନ ହେଉ, ଭଉଣୀ ସବୁବେଳେ ଭାଇ ର ସାହାଯ୍ୟ ପାଇଁ ତତ୍ପର ଥାଏ । ମୋ ଭାଇ କୁ ପାଇ ମୁଁ ବହୁତ ଖୁସି । ଭଗବାନ ଙ୍କ ପାଖରେ ପ୍ରାର୍ଥନା କରୁଛି ମୋ ଭାଇ କୁ ଘଣ୍ଟ ଘୋଡ଼େଇ ରଖିଥାନ୍ତୁ ।"

ଟିଭିରେ ରକ୍ଷାବନ୍ଧନ ଉପଲକ୍ଷେ ହେଉଥିବା ଏକ କାର୍ଯ୍ୟକ୍ରମରେ ଝିଅଟିର ଭାଇ ସମ୍ବନ୍ଧରେ ଏହି ବ୍ୟାଖ୍ୟା ଶୁଣି ଟିକେ ମୁହଁ ଶୁଖେଇଦେଲା ଦିଶା । ୨୭ ବର୍ଷ ବୟସ୍କା ଦିଶା ଏଇ ଭାଇ ପ୍ରସଙ୍ଗ କୁ ନେଇ ବେଶ ଭାବପ୍ରବଣ । ବାପା ମାଆ ଙ୍କର ଗୋଟିଏ ବୋଲି ଅଳିଅଳି ଝିଅ । ବହୁତ ଯତ୍ନରେ ବଡ଼ କରିଛନ୍ତି । କିନ୍ତୁ ଭାଇ ର ଅଭାବ ସବୁବେଳେ ରହି ଆସିଛି ତା ମନରେ । ରାକ୍ଷୀ ପୂର୍ଣ୍ଣିମା ଆସିଲେ ଯେତେବେଳେ ତା ସାଙ୍ଗ ମାନେ ନିଜ ନିଜ ଭାଇଙ୍କୁ ରାକ୍ଷୀ ବାନ୍ଧନ୍ତି, ସେତେବେଳେ ଦିଶା ର ବି ମନ ହୁଏ ରାକ୍ଷୀ ବାନ୍ଧିବା ପାଇଁ । କେତେବେଳେ ପଢ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘର ପୁଅ, କେତେବେଳେ ସ୍କୁଲ ସାଙ୍ଗଙ୍କୁ ରାକ୍ଷୀ ବାନ୍ଧି ଖୁସି ସିନା ହେଇଯାଏ ସେ କିନ୍ତୁ ସେମାନଙ୍କ ଠାରୁ ଭାଇ ର ସ୍ନେହ ର ଅନୁଭବ କେବେ ପାଇପାରେ ନାହିଁ ।

ଭଗବାନଙ୍କ ପାଖରେ ତା'ର କେବଳ ଗୋଟିଏ ଅଭିଯୋଗ ଥାଏ ଯେ ତାକୁ କାହିଁକି ଭାଇଟିଏ ଦେଲେନି ପ୍ରଭୁ । କିନ୍ତୁ ଭାଇ ବିନା ବଞ୍ଚିବା ଶିଖିଯାଇଥିଲା ସେ । ଦିଶା ଚାକିରୀ କରିଥାଏ ବାଙ୍ଗାଲୋର ର ଗୋଟିଏ କମ୍ପାନୀ ରେ । ସେଦିନ ଆପାର୍ଟମେଣ୍ଟ ଲିଫ୍ଟ ରେ ତା ସହିତ ଦେଖା ହେଲେ ଜଣେ ଯୁବକ । ବୋଧହୁଏ ନୂଆ ନୂଆ ଆସିଥାନ୍ତି ସେ । ଦିଶା କୁ ଦେଖି ସ୍ମିତହାସ୍ୟ ଟିଏ ଦେଲେ ଏବଂ କହିଲେ, "ହେଲୋ । ମୁଁ ଅଂଶୁ, ପୁରା ନାମ ଅଂଶୁମାନ । ଆଜିଠାରୁ ଏଇଠି ରହିବାକୁ ଆସିଛି । ଏଇଠି ଗୋଟିଏ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ରେ ପବ୍ଲିକ ରିଲେସନ ଅଫିସର ଅଛି । ଆଉ ଆପଣ ?" ଦିଶା ଟିକେ ସମୟ ଅଟକି ନିଜ ପରିଚୟ ଦେଲା ଆଉ ନିଜ କାମ ସମ୍ବନ୍ଧରେ କହିଲା । ସେଦିନ ସେତିକି କଥା ହୋଇ ଦିଶା ବାହାରିଯାଇଥିଲା ନିଜ ଅଫିସ କୁ ।

ଏବେ ପ୍ରାୟ ପ୍ରତିଦିନ ଦିଶା ଏବଂ ଅଂଶୁ ଦେଖା ହୁଅନ୍ତି ପରସ୍ପର ସହିତ । ବିଶେଷ କିଛି କଥାବାର୍ତ୍ତା ନାହିଁ କିନ୍ତୁ କେହି କେବେ କାହାକୁ ଅଣଦେଖା କରି ଚାଲି ଯାଆନ୍ତି ନାହିଁ । ଦିଶା ବହୁତ ଚେଷ୍ଟା କରିଲା ଅଂଶୁମାନ ଙ୍କୁ ଫେସବୁକ ରେ ଖୋଜିବା ପାଇଁ, କିନ୍ତୁ କୌଣସି ସଫଳତା ପାଇଲା ନାହିଁ । ତା ପରେ ସେ ଅଂଶୁମାନ କୁ ଫେସବୁକ ରେ ଖୋଜିବା ବନ୍ଦ କରିଦେଇଥିଲା ।

ଗୋଟିଏ ଦିନର କଥା । ଦିଶା ଅଫିସ ରୁ ଆସିବା ବେଳେ ଖୁବ ଜୋର ରେ ବର୍ଷା ହେଉଥାଏ । ଦିଶା ବସ ଷ୍ଟପ ରେ ବସ କୁ ଅପେକ୍ଷା କରିଥାଏ । ଏତିକି ବେଳେ ଗୋଟିଏ କାର ଆସି ଠିଆ ହେଲା ତା ଆଗରେ । ତା ପରେ ଅଂଶୁ ତାକୁ ଇଶାରା ଦେଲା କାର ଭିତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସି ବସିବା ପାଇଁ । ଦିଶା ସେଦିନ ଅଂଶୁ ସହିତ କାର ରେ ଆସିଲା ନିଜ ରୁମ କୁ । ବାଟରେ ଆସିଲା ବେଳେ ଉଭୟେ ପରସ୍ପର ର ଜୀବନ ଓ କାମ ବିଷୟରେ କଥା ହୋଇଥିଲେ ଏବଂ ଉଭୟଙ୍କର ଫୋନ ନମ୍ବର ମଧ୍ୟ ଆଦାନ ପ୍ରଦାନ କରିଥିଲେ ।

ତା ପରଠାରୁ ଦିଶା ଆଉ ଅଂଶୁ ର ବନ୍ଧୁତ୍ୱ ବଢ଼ିବାରେ ଲାଗିଥିଲା । ଅଂଶୁ ମଧ୍ୟ ଦିଶା ପରି ନିଜ ବାପା ମାଆ ଙ୍କର ଗୋଟିଏ ବୋଲି ପୁଅ ଥିଲା ଏବଂ ତା ହୃଦୟରେ ମଧ୍ୟ ଭଉଣୀ ପାଇଁ ଗୋଟିଏ ଶୂନ୍ୟ ସ୍ଥାନ ରହିଥିଲା । ଉଭୟେ ଅଂଶୁ ଏବଂ ଦିଶା ପରସ୍ପରର ହୃଦୟରେ ଥିବା ସେଇ ଶୂନ୍ୟ ସ୍ଥାନ କୁ ପୂରଣ କରୁଥିଲେ । ଦିଶାର କୌଣସି ସାହାଯ୍ୟ ଆବଶ୍ୟକ ହେଲେ ଅଂଶୁ ତା ପାଖରେ ଥାଏ ଆଉ ଅଂଶୁ କୁ କିଛି ଆବଶ୍ୟକ ହେଲେ ଦିଶା ସବୁବେଳେ ତତ୍ପର ଥାଏ । ଯଦିଓ ଦିଶା ଅଂଶୁ କୁ ବିଶେଷ ସାହାଯ୍ୟ କରିପାରେ ନାହିଁ କିନ୍ତୁ ଅଂଶୁ ର ଦୁଃଖ, ସୁଖ ବାଣ୍ଟିବା ପାଇଁ ତା ପାଖେ ପାଖେ ଥାଏ ।

ଅଂଶୁ ସବୁବେଳେ ଦିଶାର ପ୍ରତିଟି କାମ ଉପରେ ନଜର ରଖୁଥାଏ । ଦିଶା କାହା ସହିତ ମିଶୁଛି, କାହା ପାଖକୁ ଯାଉଛି, କାହା ସହିତ କଥା ହେଉଛି ସବୁ କିଛି । ଦିଶା ର ଛୋଟ ଛୋଟ ଭୁଲ ପାଇଁ ତାକୁ ଗାଳି ମଧ୍ୟ କରୁଥାଏ । ଯଦି ଦିଶା କୁ କେହି ଖରାପ୍ ଆଖିରେ ଦେଖିବାର ଅଂଶୁ ଦେଖେ ତେବେ ତାକୁ ନିଶ୍ଚିତ ପାନେ ଚଖେଇ ଦିଏ ।

କିନ୍ତୁ ଏ ସମାଜ ଉଭୟଙ୍କ ସମ୍ପର୍କ କୁ ପବିତ୍ର ଦୃଷ୍ଟି ରେ ଦେଖିଲା ନାହିଁ । ସମସ୍ତେ ଦିଶା ଏବଂ ଅଂଶୁର ପଛରେ ନାନା କୁତ୍ସାରଟନା କରିଲେ । ଏ ସବୁ ଧୀରେ ଧୀରେ ଦିଶା ଏବଂ ଅଂଶୁ ର କାନ ରେ ପଡ଼ିଲା । ଏ ସବୁ ଶୁଣି ଦିଶା ବହୁତ ମନ ଦୁଃଖ କରିଲା । ତା ପରେ ତାକୁ ଅଂଶୁ କହିଲା କି ରାକ୍ଷୀ ବାନ୍ଧି ତାଙ୍କ ଭାଇ ଭଉଣୀର ସମ୍ପର୍କ କୁ ସ୍ୱୀକୃତି ଦେବା ପାଇଁ ।

ଦିଶା ଅଂଶୁ କୁ କହିଲା, "ଭାଇ କଣ ଖାଲି ରକ୍ତ ସମ୍ପର୍କ ରେ ହୁଏ ? ହୃଦୟର ସମ୍ପର୍କରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ କିଛି ମୂଲ୍ୟ ନାହିଁ? କେବଳ ଗୋଟିଏ ରାକ୍ଷୀ ବାନ୍ଧି ଦେଲେ କଣ ଏ କଥା ପ୍ରମାଣିତ ହୋଇଯିବ ଯେ ମୁଁ ତୁମ ଭଉଣୀ ଆଉ ତୁମେ ମୋ ଭାଇ? ଆମ ଉଭୟଙ୍କର ଚିନ୍ତାଧାରା ର କଣ କିଛି ଅର୍ଥ ନାହିଁ? ଏଇ ସମାଜର ଭୟରେ ଲୋକ ନିଜ ପ୍ରେମିକ ହାତରେ ରାକ୍ଷୀ ବାନ୍ଧି ତାକୁ ଭାଇ ବୋଲି କହିଦେଉଛନ୍ତି । ନିଜ ରକ୍ତର ଭାଇ ରକ୍ଷକ ହେବା ବଦଳରେ ଭଉଣୀର ଇଜ୍ଜତ ର ଭକ୍ଷକ ସାଜୁଛି । କେବଳ ସମାଜ ଆଖିରେ ଧୂଳି ଦେବା ପାଇଁ ଯଦି ରାକ୍ଷୀ ର ଉଦ୍ଭାବନ ହୋଇଛି ତେବେ ମୁଁ ତୁମକୁ ରାକ୍ଷୀ ବାନ୍ଧିବା ପାଇଁ ରାଜି । କିନ୍ତୁ ଏ ସବୁ କରି ମୁଁ ସେ ପବିତ୍ର ରାକ୍ଷୀ ର ଅପମାନ କରିପାରିବି ନାହିଁ ।"

ଏ ସବୁ ଶୁଣିବା ପରେ ଅଂଶୁ କହିଲା, "ତୁମ ପରି ଗୋଟିଏ ଝିଅକୁ ନିଜ ଭଉଣୀ ରୂପେ ପାଇ ମୁଁ ଧନ୍ୟ । ମୁଁ ଭଗବାନଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରୁଛି ଯେ ମୋ ଜୀବନରେ ତୁମ ପରି ଜଣେ ଝିଅକୁ ମୋ ଜୀବନରେ ଆଣିଲେ । ଆଜି ହୁଏତ ତୁମେ ମତେ ରାକ୍ଷୀ ନ ବାନ୍ଧିପାର, କିନ୍ତୁ ଆଜି ମୁଁ ତୁମକୁ ରାକ୍ଷୀ ବାନ୍ଧିବି । ଏ ରାକ୍ଷୀ ଆମ ସମ୍ପର୍କର ସ୍ୱୀକୃତି ପାଇଁ ନୁହେଁ, ମୋର ତୁମ ପ୍ରତି ଥିବା ଭଲ ପାଇବା, ସମ୍ମାନ, ସ୍ନେହ ର ପ୍ରତୀକ ଭାବେ ରହିବ । ଏ ରାକ୍ଷୀ ବାନ୍ଧି ମୁଁ ତୁମ ପାଖରେ ପ୍ରତିଜ୍ଞା କରୁଛି କି ତୁମ ଜୀବନର କୌଣସି ବାଧାବିଘ୍ନ ତୁମକୁ ଏକା ସମ୍ମୁଖୀନ ହେବାର ସୁଯୋଗ ଦେବି ନାହିଁ ମୁଁ । ସବୁବେଳେ ତୁମ ପାଖରେ ରହିବି ତୁମ ଭାଇ ହୋଇ ।"

ସମାଜର କୁସ୍ୱାରଚନାକୁ ଖାତିର ନକରି ସେଦିନ ଦୁଇଟି ପବିତ୍ରହୃଦୟ ବାନ୍ଧି ହୋଇଯାଇଥିଲେ ସ୍ନେହର ଏକ ଅନୁପମ ବନ୍ଧନରେ, ରକ୍ଷା ବନ୍ଧନରେ ।

ଡୁମୁଡୁମା ହାଉସିଂ ବୋର୍ଡ୍ କଲୋନୀ, ଡୁମୁଡୁମା,
ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା : ଏକ ପରିବର୍ତ୍ତନ



ପ୍ରିୟଦର୍ଶିନୀ ମହାନ୍ତି

ରିତୁ ଅନେକ ଦିନ ହେଲା ତା ମା'କୁ ଦେଖିନି । ବାପାଙ୍କ ପାଖରେ ଅଳି କରେ,କାନ୍ଦେ । ବାପା ବି ଆଉ କ'ଣ କରିବେ ! ଫୋନ କରି ଶାଲିନୀ ସହ କଥା କରେଇ ଦିଅନ୍ତି । ରିତୁ କାନ୍ଦି କାନ୍ଦି କୁହେ," ମାଆ,ତୁମେ କେଉଁ ଦିନ ଡାକ୍ତରଖାନାରୁ ଫେରିବ ? ଶାଲିନୀ ଝିଅକୁ ଆଶ୍ୱାସନା ଦେଇ କୁହେ," ହଁ ରେ ମା' ଫେରି ଆସିବି ବହୁତ ଜଲଦି ।ତୁ ବାପାଙ୍କ କଥା ମାନିବୁ, ହଇରାଣ କରିବୁନି,ଠିକ୍ ସମୟରେ ଖାଇବୁ, ବାହାରକୁ ଯିବୁନି ।ମୁଁ ଆଉ କିଛି ଦିନ ପରେ ଯିବି ।ଅନେକ ପ୍ରକାର କଥା କହି ତାକୁ ଚୁପ୍ କରେଇଦିଏ ଶାଲିନୀ ।

ଶାଲିନୀ ଗୋଟେ ଡାକ୍ତରଖାନାରେ ନର୍ସ ଅଛି ।ରାତି ଡ୍ୟୁଟି ଥିଲେ ସେ ଦିନରେ ଝିଅ ସହ ସମୟ ବିତାଏ । ଆଉ ଦିନରେ ଡ୍ୟୁଟି ଥିଲେ ରାତିରେ ସମୟ ବିତାଏ । ପାଞ୍ଚ ବର୍ଷର ଝିଅ ରିତୁ ।କିନ୍ତୁ ଏ କରୋନା ରୂପୀ ଭୟଙ୍କର ମହାମାରୀ ଭାରତକୁ ଗ୍ରାସ କରି ଓଡିଶା ପହଁଚିବା ଠାରୁ ଶାଲିନୀକୁ ସେଇ ଡାକ୍ତଖାନାରେ ରହିବାକୁ ପଡୁଛି । ସବୁବେଳେ ସେଇ ଗୋଟିଏ ରୋଗର ନୂଆ ନୂଆ ରୋଗୀଙ୍କ ସହ ଶାଳିନୀର ମୁକାବିଲା ହୁଏ ।ଖାଇବା ,ପିଇବା ଶୋଇବା ଯେମିତି ଏକପ୍ରକାର ଭୁଲି ଯାଇଛି ସେ ।

କରୋନା ଏକ ମାରାତ୍ମକ ସଂକ୍ରାମକ ରୋଗ । ସରକାର ପକ୍ଷରୁ ସମସ୍ତ ଗଣମାଧ୍ୟମରେ ଘନ ଘନ ସଚେତନତାର ବାର୍ତ୍ତା । ସାମାଜିକ ଦୂରତା ବଜାଇ ରଖନ୍ତୁ । ବାରମ୍ବାର ହାତ ଧୁଅନ୍ତୁ । ଅଯଥା ବାହାରକୁ ଯାଆନ୍ତୁ ନାହିଁ ।ପରିବାର ସହ ସମୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିତାନ୍ତି ।ଏ  ମହାମାରୀକୁ ସମୂଳେ ନାଶ କରିବାକୁ ଡାକ୍ତର ତଥା ସମସ୍ତ ସ୍ୱାସ୍ଥ୍ୟକର୍ମୀ ଯଥାସାଧ୍ୟ ଉଦ୍ୟମ କରିବାରେ ଲାଗିଛନ୍ତି । ଏଭଳି ଏକ ଭୟଙ୍କର ପରିସ୍ଥିତିରେ ସେ କିପରି ବା ଯିବ ଝିଅକୁ ଦେଖିବାକୁ ! ଅନେକ ଦିନର ବ୍ୟବଧାନରେ ଝିଅକୁ ଦେଖିବାକୁ ଯଦି ସେ ଯାଏ ତାର ମାତୃତ୍ୱ ନିଶ୍ଚୟ ବନ୍ଧ ତେଇଁବ ।ଝିଅକୁ କୋଳାଗ୍ରତ କରିବାର ଅଭିଳାଷ ଝିଅକୁ ଦେଖିବା ମାତ୍ରେ ଉଦ୍ରେକ ହେବ ।ସେଥିପାଇଁ ଶାଳିନୀ ଚାହେଁନି ଝିଅ ସହ ଭେଟ ହେବାପାଇଁ ।

କରୋନା ୱାର୍ଡରେ ରାତି କାଟିବା ବେଳେ ଶାଳିନୀ

ବସି ଭାବୁଥାଏ ନୀଚ ଜାତିରେ ଜନ୍ମ ହୋଇଥିବାରୁ ଅନେକ ତାକୁ ହୀନ ଦୃଷ୍ଟିରେ ଦେଖନ୍ତି । ତା' ଝିଅ ରିତୁ ଅନ୍ୟ ପିଲାଙ୍କ ସହ ଖେଳିବାର ଦେଖିଲେ ମଧ୍ୟ ଅନେକ କଥା ଶୁଣାନ୍ତି ଆପାର୍ଟମେଂଟରେ ରହୁଥିବା ଲୋକମାନେ ।ପିଲା ଲୋକ ସେ ବା କାହିଁ ବୁଝିବ ଲୋକମାନଙ୍କର ମାନସିକତା ।କାନ୍ଦି କାନ୍ଦି ସବୁ କଥା ମୋ ଆଗରେ କୁହେ । ମୁଁ ବି ବିଚାରି କଣ କହି ଆଶ୍ୱାସନା ଦେବି ଜାଣିପାରେନି ।

ଏବେ ଏହି କରୋନା ଯୋଗୁ ସବୁଆଡ଼ ଲକ୍ ଡାଉନ୍  । କେହି ବାହାରକୁ ଯାଉନଥିବେ ।ସମସ୍ତେ ନିଜ ନିଜ ଘରେ ବନ୍ଦୀ । ପିଲାଙ୍କର ଖେଳା ବୁଲା ବି ବନ୍ଦ ।ଯିଏ ଯାହା ଘରେ ନିଜ ନିଜର ପରିବାର ସହ ।ଏବେ କେହି ସୁଯୋଗ ପାଉନଥିବେ ରିତୁର କଅଁଳ କୋମଳ ହୃଦୟକୁ ଆଘାତ କରିବାକୁ । ସେ ଯାହା ହେଉ ପ୍ରତ୍ୟେକ ଦିନ ରିତୁ ର ସେଇ ଅଭିଯୋଗ ଆଉ ଲୋକମାନଙ୍କର କଟୁକଥାରୁ ତ୍ରାହି ମିଳିଲା ।

ଏହିଭଳି ଶାଳିନୀ ଭାବୁ ଭାବୁ ଫୋନ ରିଙ୍ଗ ହେଲା । ଆରେ, ଏତେ ରାତିରେ ରିତୁ ବାପାଙ୍କ ଫୋନ । ବ୍ୟସ୍ତ ବିବ୍ରତ ହୋଇ ଫୋନ ରିସିଭ କରିବା ମାତ୍ରେ ସେପଟୁ ରିତୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିକଳ କ୍ରନ୍ଦନ ।କାନ୍ଦି କାନ୍ଦି ରିତୁ କହୁଛି,"ମାଆ, ତୁମେ କେବେ ଆସିବ? ମୋର ବହୁତ ମନେ ପଡୁଛି ତୁମ କଥା । କାଲି ଯଦି ନ ଆସ ତେବେ ମୁଁ ଚାଲିଯିବି ଡାକ୍ତରଖାନା ।" ଝିଅର ବୁକୁଫଟା କାନ୍ଦ ଶୁଣି ଶାଲିନୀ ନିଜକୁ ଆଉ ସମ୍ଭାଳି ପାରିଲାନି । " ହଁ,ରେ ମାଆ ମୁଁ କାଲି ନିଶ୍ଚୟ ଯିବି ତତେ ଦେଖିବାକୁ । ଆଉ କିଛି କହିନପାରି ଫୋନ ରଖିଦେଲା ଶାଲିନୀ ।

ସକାଳ ହେବାରୁ ଶାଲିନୀ ଡାକ୍ତରଙ୍କୁ କହି  ଗୋଟେ ଘଣ୍ଟା ପାଇଁ ଘରକୁ ଯିବାକୁ ଅନୁମତି ନେଇ ଗଲା ।ସେହି ୟୁନିଫର୍ମ,ଗ୍ଲୋବସ୍, ମାସ୍କ ପିନ୍ଧି ହିଁ ଯିବାକୁ ପଡିଲା ଶାଲିନୀକୁ ।ସ୍କୁଟିରେ ଆସୁଥିବା ସମୟରେ ଶାଲିନୀକୁ ଲୋକମାନେ ପୁଷ୍ପବୃଷ୍ଟି କରୁଥାନ୍ତି । ଶାଲିନୀକୁ ବହୁତ ଖୁସି ଲାଗୁଥିଲା ହୀନ ଦୃଷ୍ଟିରେ ଦେଖିଥିବା ଲୋକମାନଙ୍କର ପରିବର୍ତ୍ତନକୁ ଦେଖି ।ବାଲକୁନିରେ ଠିଆ ହୋଇଥିଲେ ରିତୁ ଆଉ ତା' ବାପା ।  ଶାଲିନୀକୁ ଦୂରରୁ ଆସୁଥିବାର ଦେଖି ରିତୁ ଧାଇଁଲା ବିଲ୍ଡିଂଗ ବାହାରକୁ । ପଛେ ପଛେ ଧାଇଁଥାନ୍ତି ରିତୁର ବାପା । ରିତୁ ତଳକୁ ଆସି ୱାଚମ୍ୟାନକୁ ଗେଟ୍ ଖୋଲିବାକୁ କହିଲା କିନ୍ତୁ ସେ ଖୋଲିଲା ନାହିଁ । ରିତୁ ଗେଟକୁ ଧରି ବହୁତ କାନ୍ଦିଲା ।ରିତୁକୁ ପଛ ପାଖରୁ ଧରିଥାନ୍ତି ତା' ବାପା । ଗେଟ୍ ବାହାରେ ଶାଲିନୀ ପାଟିକରି କହୁଥାଏ," ନା, ଲୋ ମାଆ ମୋ ପାଖକୁ ଆସେନା ,ମତେ ଛୁଏଁନା ।ବହୁତ ଜଲ୍‌ଦି ମୁଁ ଘର ଭିତରକୁ ଯିବି ।କିନ୍ତୁ ଏ ରୋଗ ଆଉ ମୋ ବୃତ୍ତି ପାଇଁ କିଛି ଦିନ ତତେ ମୋ ଠାରୁ ଅଲଗା ରହିବାକୁ ପଡିବ । ଶାଲିନୀ ଆଖିର ତତଲା ଲୁହରେ ମାସ୍କ ଭିଜୁଥିଲା ।ରିତୁର ବାପା ମଧ୍ୟ ରିତୁକୁ ଅନେକ ବୁଝେଇଲେ । ସୁନା ଝିଅ ରିତୁ ମଧ୍ୟ ସବୁ ବୁଝିଗଲା ପରି ଶାଲିନୀ ଉଦ୍ଦେଶ୍ୟରେ ପବନରେ ଚୁମ୍ବନଟି ଆଙ୍କିଦେଲା ।ଶାଲିନୀ ଫେରିଗଲା ତା' କର୍ମସ୍ଥଳକୁ । ରିତୁ ତା' ବାପା ପିଠିରେ ଲାଉ ହୋଇ ଚାଲିଗଲା ଘରକୁ ।

କିନ୍ତୁ ରିତୁ ମନରେ ଗୋଟିଏ ପ୍ରଶ୍ନ ଖେଳୁଥିଲା । ପ୍ରଶ୍ନର ଉତ୍ତର ଜାଣିବା ପାଇଁ ସେ ତା'

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପାଙ୍କୁ ପଚାରିଲା," ବାପା, ଆଜି ଆମ ବିଲ୍ଡିଂଗ ଆଉ ପାଖ ବିଲ୍ଡିଂଗର ସବୁ ଅଙ୍କଲ, ଆଣ୍ଟି କ'ଣ ପାଇଁ ମାଆ ଉପରକୁ ଫୁଲ ଫିଙ୍ଗୁଥିଲେ ?ସେମାନେ ତ ମା'କୁ ପସନ୍ଦ କରନ୍ତିନି । ରିତୁର ବାପା ଟିକିଏ ହସି କହିଲେ," ତୋ ମାଆ କୁ ସମସ୍ତେ ଏବେ ବହୁତ ଭଲ ପାଉଛନ୍ତି । ସେ ଅନେକ ଲୋକଙ୍କୁ ସେବା କରି କରୋନା ରୁ ଆରୋଗ୍ୟ କରିଛି ସେଥିପାଇଁ । " କଥା ନ ସରୁଣୁ ରିତୁ କହିଲା," ହଁ ବାପା ଠିକ୍ ତୁମେ ଯେମିତି  ଅଳିଆ ଉଠେଇବା ଚାଚାଙ୍କ ସହ ମୁଁ କଥା ହୁଏ ଆଉ ସେ ମତେ ଚକଲେଟ ଦିଅନ୍ତି ବୋଲି ତାଙ୍କୁ ରାଗିକି ଅନେକ କଥା କୁହ ।ମତେ ଜୋର କରି ଘର ଭିତରକୁ ନେଇ ଆସ । ଆଉ ଏଇ କିଛି ଦିନ ତଳେ ତାଙ୍କ ସହ ହସି ହସି କଥା ହୋଇ ଶହେ ଟଙ୍କିଆ ନୋଟଟି ହାତକୁ ବଢ଼େଇଦେଲ । ରିତୁର କଥା ଶୁଣି ତା' ବାପା ତାକୁ କୋଳକୁ ଟାଣି ଆଣି ସାମାନ୍ୟ ହସି ମନେ ମନେ ଭାବୁଥାନ୍ତି ସତରେ, ଏ କରୋନା କେତେ ପରିବର୍ତ୍ତନ ଆଣିଦେଲା !

ପ୍ରିୟଦର୍ଶିନୀ ମହାନ୍ତି(ଶିକ୍ଷୟିତ୍ରୀ)

ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହତଭାଗା ପୁଅ



ଅନନ୍ତ କୁମାର ସାହୁ

ସବୁ ମା ବାପା ଚାହାଁନ୍ତି, ମୋ ପିଲା ମଣିଷ ହେଉ ଭଲ ଚାକିରି କରୁ ଖୁସିରେ ରହୁ, ଦିନେ ମୋ ବାପା ମା" ବି ଦେଖିଥିଲେ ଏମିତି ସ୍ୱପ୍ନ, ଲାଗି ପଡିଥିଲେ ଆମ ଭାଇ ଭଉଣୀଙ୍କୁ ପାଠ ପଢାଇ ମଣିଷ କରିବାରେ, ବାପା ମୋର ଦିନ ମଜୁରିଆ ପର ବିଲରେ ମୂଲ ଲାଗିଲେ, ଆମ ପରିବାରର ଗୁଜୁରାଣ ମେଣ୍ଟେ ।

ଯାହା ମୂଲ ଲାଗନ୍ତି ଆମ ଭାଇ ଭଉଣୀଙ୍କ ପାଠ ପଢାରେ ଖର୍ଚ୍ଚ ହେଇ ଯାଏ, ଆଉ ପରିବାର ବହୁତ କଷ୍ଟରେ ଚଳେ, ବେଳେ ବେଳେ ଭାଇ ଭଉଣୀ ଖାଇସାରିଲା ପରେ, ବାପା, ମା,"ଙ୍କ ପାଇଁ କିଛି ଖାଇବା ନ ଥାଏ, ଭୋକ ଉପାସରେ ବାପା, ମା" ରାତି କଟାନ୍ତି , ଯେତେ କଷ୍ଟ ହେଉ ପଛେ, ଆମ ଭାଇ ଭଉଣୀ ଦୁହିଁଙ୍କୁ କେବେ କୌଣସିରେ ଅବହେଳା କରି ନାହାଁନ୍ତି, ବାପାଙ୍କର ଏ ସବୁ କଷ୍ଟ ଦେଖି ଆମେ ଭାଇ ଭଉଣୀ ଚାହିଁଲେ ବି କିଛି କରି ପାରୁ ନ ଥାଉ, ଯାହା ହେଉ, ବହୁତ କଷ୍ଟରେ ମୁଁ ଦଶମ ଶ୍ରେଣୀ ପରୀକ୍ଷା ଦେଇ, ଭଲ ନମ୍ବର ରଖି ପାସ କଲି, କଲେଜରେ ପାଠ ପଢିବା ପାଇଁ ଇଛା ଥିଲେବି, ଅର୍ଥ ସାଜୁଛି ବାଧକ, କାରଣ ବାପାଙ୍କ ପାଖେ ସେତିକି ପୁଞ୍ଜି ନଥାଏ, ମୋତେ କଲେଜରେ ପାଠ ପଢାଇବାକୁ, କିନ୍ତୁ ବାପାଙ୍କର ଏକାନ୍ତ ଜିଦ୍ ମୋତେ କଲେଜରେ ପାଠ ପଢାଇବାକୁ, କିନ୍ତୁ ମୋର କଲେଜରେ ପାଠ ପଢିବାକୁ ଇଛା ଥିଲେ ବି, ପରିସ୍ଥିତି ମୋତେ ଅଟକାଉଛି, କିନ୍ତୁ ବାପାଙ୍କ ଜିଦରେ ଶେଷରେ କଲେଜରେ ନାମ ଲେଖାଇଲି,+୨ ପାଠ ପଢିଲି, ପାସ୍ ବି କଲି, +୨ ପରୀକ୍ଷା ସରିଲା ବେଳକୁ ମୋ ସାନ ଭଉଣୀର ଦଶମ ଶ୍ରେଣୀ ପରୀକ୍ଷା ସରିଲା, ବାପା ତାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେଜରେ ପାଠ ପଢାଇବାକୁ ଜିଦ୍ ଧରିଲେ, କିନ୍ତୁ ମୋ ସାନ ଭଉଣୀ ବାପାଙ୍କ ଦୁଃଖ ଦେଖି, ପାଠ ପଢିବାକୁ ମନା କଲା, ମୁଁ ବଡ ଭାଇ ହେଇ ଭଉଣୀକୁ ପାଠ ପଢାଇବା ପାଇଁ ଇଛା ଥିଲେ ବି,

ମୁଁ କିନ୍ତୁ ନିରୁପାୟ, ଚାହିଁଲେ ବି କିଛି କରିପାରୁନି, ବାପାଙ୍କ ଦୁଃଖ ଆଉବି ମୁଁ ଦେଖି ପାରୁନି, ଶେଷରେ ନିଷ୍ପତ୍ତି ନେଲି, ବାହାରକୁ ଯାଇ ଚାକିରି କରିବି, ହେଲେ ବାପା ମୋତେ ଛାଡିବାକୁ ନାରାଜ, ବାପା ଚାହାଁନ୍ତି ସବୁ ବେଳେ ମୁଁ ତାଙ୍କ ପାଖରେ ରହେ, ଯାହା ହେଉ ବହୁତ ବାଧା ବିଘ୍ନ ସ୍ୱତେ ମୁଁ +୩ ପରୀକ୍ଷା ଦେଇ ପାସ କଲି, ତା ପରେ ମୁଁ ଚାକିରି ପାଇଁ ବହୁତ ଆଡେ ଖୋଜିଲି, ହେଲେ ସବୁ ଆଡେ ମୁଁ ନିରାଷ ହେଲି,ଶେଷରେ କରିବି କଣ ଚିନ୍ତା କଲି, ମୋତେ କିଛି ଭଲ ଲାଗୁନି ଏମିତି ବାପାଙ୍କ ଦୁଃଖ ଆଉ, କାରଣ ବାପା ମୂଲ ଲାଗିବାକୁ ଆଉ ବୟସ ନାହିଁ, ତା ପରେ ସାନ ଭଉଣୀ ମୁଣ୍ଡ ଉପରେ ବାହା ହେବାକୁ ହେଇ ଗଲାଣି, କଣ କରିବି, ଏହା ଭାବି ମୋର ଜଣେ ସାଙ୍ଗ ମୁମ୍ବାଇରେ ଚାକିରି କରିଥାଏ, ମୁଁ ତାକୁ ଫୋନ କଲି, କହିଲି ମୋ ପାଇଁ ଚାକିରି ଗୋଟେ ଦେଖ, ସେ କହିଲା ହଉ ଦେଖିକି କହୁଛି, ମୁଁ ଏହି କଥା ବାପା ମା, "ଙ୍କୁ ଜଣାଇଲି, କିନ୍ତୁ ବାପା, " ମା " କେହି ବାହାରକୁ ଛାଡିବାକୁ ରାଜି ହେଲେ ନାହିଁ, ବହୁତ କଷ୍ଟରେ ବୁଝା ସୁଝା କରି ରଖିଲି, ଦୁଇଦିନ ପରେ ସାଙ୍ଗ ଫୋନ କଲା କହିଲା ଯିବା ପାଇଁ, ଚାକିରି କରିବାକୁ, ବାପା, ଆଉ " ମା ଶୁଣି ଯିବା କଥା କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିଗଲା, ଯାହା ହେଉ ବାପା, ମା, ଆଉ ସାନ ଭଉଣୀକୁ ବୁଝେଇ ବାଝେଇ ବାହାରିଲି, ସାଙ୍ଗ ପାଖକୁ ମୁମ୍ବାଇ, ସାଙ୍ଗ ପାଖେ ଯାଇ ପହଞ୍ଚିଲି, ସତ କିନ୍ତୁ ମନ ଥାଏ ଘରେ ବାପା, ମା " ଆଉ ମୋ ଭଉଣୀ ପାଖରେ, ସବୁ ପରେ ବି ଛାତିକୁ ପଥର କରି, ଚାକିରି କଲି, ଘରକୁ ପଇସା ପଠେଇଲି ,ଘର ଚଳୁଥାଏ, ଠିକ୍ ଠାକ୍ ରେ, ବହୁତ ଖୁସି ଲାଗିଲା ବାପା ଆଉ ମୂଲ ଲାଗିବାକୁ ଗଲେନି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ୧ ବର୍ଷ ପରେ ଭଉଣୀର ବାହାଘର ଲାଗିଲା, ବାହାଘର ମାସେ ଥାଏ, ମୁଁ ଯିବା ପାଇଁ ପ୍ରସ୍ତୁତ ହେଲି, ଠିକ୍ ଏହି ସମୟରେ ମହାମାରୀ କୋରନା ମାଡି ଆସିଲା, ଯାହାକି ବହୁତ ଭୟଙ୍କର,ସବୁ ବନ୍ଦ ହେଇଗଲା ଯାନ ବାହନ, କେମିତି ଯିବି ମୁଁ ଚିନ୍ତାରେ ପଡିଗଲି,ବାପା, ମା, " ଭଉଣୀ ବହୁତ ମନ ଦୁଃଖ କଲେ, ମୁଁ ବି ବହୁତ କାନ୍ଦିଲି, ମୋ ଭଉଣୀ ବାହାଘର ହେବ, ହେଲେ ମୁଁ ହତ ଭାଗା ଭାଇ ଯାଇ ପାରୁନି, ଏମିତି ଅସୁବିଧାରେ, ଶେଷରେ ବାପାଙ୍କୁ ପଇସା ପଠେଇଲି, ଭଉଣୀ ବାହାଘର ଶେଷରେ ହେଲା, ବହୁତ କାନ୍ଦି କାନ୍ଦି ରହିଲି,, ଭଉଣୀ ବାହା ହେଇ ଶାଶୁ ଘର ଗଲା ଖୁସିରେ ରହିଲା, ହେଲେ ବାପା ଆଉ "ମା" ଘରେ ଏକା ହେଇ ଗଲେ, କିଏ ତାଙ୍କୁ ରୋଷେଇ କରି ଖାଇବାକୁ ଦେବ, ତାଙ୍କ ସେବା କିଏ କରିବ, ଏହି କଥା ମୁଁ ଭାବି ଭାବି, ମୁଁ ବହୁତ ଚିନ୍ତାରେ ପଡିଗଲି, ଇଛା ଥିଲେବି ଏ ମହାମାରୀ କୋରନା ବାଟ ବନ୍ଦ କରିଦେଇଛି, "ମା" ମୋ କଥା ଭାବି ଭାବି , ଆଉ ଭଉଣୀ କଥା ଭାବି ହଟାତ୍ " ମା"ଙ୍କର ଦେହାନ୍ତ ହେଇଗଲା, ବାପା ମୋତେ ଫୋନ କରି କହିଲେ, ମୁଁ କାନ୍ଦି କାନ୍ଦି ମୁଁ ପାଗଳ ପରି ହେଇ ଗଲି, ଇଛା ହେଉଥିଲା ନିଜକୁ ସେଇଠି ମାରିଦେବାକୁ,

କାରଣ ଏମିତି ମୁଁ ହତଭାଗା ପୁଅଟେ ଭଉଣୀର ବାହାଘର ହେଲା ଯାଇ ଦେଖି ପାରିଲିନି, ଶେଷରେ ମୋ ଜନ୍ମ କଲା ମା ଆଜି ମରି ଶୋଇଛି, ମୁଁ ଯାଇ ଶେଷ ଥର ତା ମୁହଁ ଦେଖି ପାରିବିନି କି କାନ୍ଧରେ ଟିକେ ନେଇ ପାରିବନି,ସବୁ ବାପା ମା ଚାହାଁନ୍ତି ପୁଅ କିଛି ଦେଉ ନ ଦେଉ ମଲା ପରେ ତ କାନ୍ଧରେ ଟିକେ ମଶାଣୀ ନେବ, ସେତିକି ଟିକେବ ମୁଁ ହତଭାଗା ପୁଅ କରି ପାରିଲିନି, ସବୁ ଆଜି ଉଜୁଡି ଗଲା ଏଇ କୋରନା ପାଇଁ,

ପାଲିଆବିନ୍ଧା, ତିହିଡି,

ଯୋଗାଯୋଗ-୮୩୩୯୯୩୯୯୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ଚିଠି



ଦୁଷ୍ମନ୍ତ ବେହେରା

ଧେମାମଣିପୁର ଗାଁ ରେ ଶହେ ପଚାଶରୁ ଶହେ ସାଠିଏ ପରିବାର ବାସ କରନ୍ତି । ସେଇ ଗାଁରେ ବାପା ମାଆ ଚେଉଣ୍ତ ଶୁଭମ୍ ଦିବେଦକର ଙ୍କ ଘର । ଦୁଃଖ ଓ ବଞ୍ଚିବା ପାଇଁ ଅନେକ ଯନ୍ତ୍ରଣା ଭରିଦେଇଥିଲା ଜୀବନ ରେ । ଅନାଥ ଆଶ୍ରମରେ ଦଶମ ପାସ୍ କରି କଲେଜ ରେ ସରକାର ଙ୍କ ତରଫରୁ ନାମ ଲେଖା ହୋଇଗଲା ।

ଛୁଟରୁ ଫୁଟିଲା ପରି ଫୁଟି ବାସୁଥିଲା । କବିତା ଲେଖା ରେ ରୁଚି ରହିଥିଲା । ପତ୍ର ଓ ପତ୍ରିକା ରେ ପ୍ରକାଶ ପାଉଥିଲା ।

ନୂଆ ନୂଆ କଲେଜ ଯିବା ଓ ପଇସାର ଅଭାବ ଜୀବନରେ ସାଉଟା ଲୁହ କହି ଦେଉଥିଲା ଏ ଦୁଃଖ ତ ନୁହଁ ଦୁଃଖ ର ଲହୁ । ଭାଙ୍ଗି ଜାଇ ଥିବା ମନ ଓ ସ୍ୱପ୍ନ ଟିକକ ଯେମିତି ମରିଚିକା ପରି ଲାଗୁଥିଲା । ଶୁଭମ୍ ଜୀବନରେ ।

ଅଭାବ ଅନଟନ ଭିତରେ ରୁଚି ରହିଥିଲା କବିତା ଲେଖିବା ରେ । ନୂଆ କଲେଜ ରେ ନୂଆ ସାଙ୍ଗ ଙ୍କ ସହିତ ଭେଟ ହୋଇଥିଲା ।

ଜ୍ୟୋତି ସାମନ୍ତରାୟ ନୂଆ କରି କଲେଜ ଆସୁଆସୁ ପ୍ରଥମ ଭେଟ ଶୁଭମ୍ ଙ୍କ ସହିତ । ଆଖିର ଆଖି ଏ ଚାହାଣି ମନ ମନର ଲେଉଟା ପ୍ରେମ ସତେ ଯେପରି କହୁଥିଲା ତୁମେ ମୋର ।

ଜ୍ୟୋତି ପଚାରିଲା ତୁମେ ନାମ କଣ-

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଭମ୍

ଜ୍ୟୋତି - ପୁରାନାମ କଣ ?

ଶୁଭମ୍ ଦ୍ୱିବେଦ କର

ଜ୍ୟୋତି - ଓଃ ଯିଏ କବିତା ଲେଖନ୍ତି ?

ଶୁଭମ୍-ହଁ

କଥା ସାରି ନିଜ ନିଜ କ୍ଲାସରୁମ୍ କୁ ଚାଲିଗଲେ । କ୍ଲାସରୁମ୍ ରେ ବସି ଶୁଭମ୍ ପ୍ରଥମ ଚିଠି ଲେଖିଲେ

ପ୍ରିୟା ଜ୍ୟୋତି

ପ୍ରଥମେ ଦେଖିଲି ପ୍ରଥମ ଛବି

ଲେଖୁଛି ମୁଁ ତୁମ ନାମକୁ ନୀତି

କଣ କହିବି ନିଳିମାଖି ଆଖି

ମୋନ ମୋର ନେଉଛ

ତୁମ ପାଖକୁ ଟାଣି

ତନୁପାତଳି ଗୋ ପ୍ରିୟା

ତୁମ ଦେହ ଯୌବନ

ମନ ମୋର ଲାଖିଯାଏ

ତୁମ ରୂପ ମଧୁବନ

ଆସନ୍ତ ନି ଆମ

ଘର ଆଡେ ବୁଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଅନ୍ତି ତୁମକୁ ମୋର

ପ୍ରେମ ରେ ଭିଜେଇ

ଶୁଭମ୍ ଚିଠିର କାଗଜକୁ ଭାଙ୍ଗି ଜ୍ୟୋତି ପାଖକୁ ଫିଙ୍ଗିଲା କିନ୍ତୁ ବେଞ୍ଚରେ ବାଜି ସାରଙ୍କ ପାଖରେ ପଡିଲା । ସାର୍ ଖୋଲି ପଢିଲେ ପ୍ରେମର ଚିଠିଟି ଚାରିଆଡେ ଗୁଞ୍ଜରିତ ହୋଇଗଲା । ଜ୍ୟୋତି ଶୁଭମ୍

ଶୁଭମ୍ ଓ ଜ୍ୟୋତି କ୍ଲାସରୁମ୍ ରୁ ବାହାରି ଚାଲିଗଲେ ଘରକୁ । ସେହିଦିନଠାରୁ ଶୁଭମ୍ ଆଉ କଲେଜକୁ ଆସିଲା ନାହିଁ । ଜ୍ୟୋତିର ପ୍ରେମ ଭରା ମନଟି ଯେ ଶୁଭମ୍ କୁ ଖୋଜୁଥିଲା । ଦିନ ରାତିର ଲୁଚକାଳିରେ ଅପେକ୍ଷା କରି ଶୁଭମ୍ ଆଉ ଆସିଲେ ନାହିଁ ।

ଜ୍ୟୋତି ସ୍ଥିର କଲା ଶୁଭମ୍ ର ଘରକୁ ଯିବାପାଇଁ । ଜ୍ୟୋତି ଧେମାମଣିପୁର ଗାଁରେ ପହଞ୍ଚିଲା । ଗାଁର ଜଣେ ଲୋକଙ୍କୁ ପଚାରିଲା ଶୁଭମ୍ ଦିବେଦକରଙ୍କ ଘର କେଉଁଠି । ଲୋକଟି କହିଲା ପାହାଡ ତଳେ ଯେଉଁ ଭଙ୍ଗା ଚାଳଘର ଦେଖାଯାଉଛି ସେ ହେଉଛି ଶୁଭମ୍ ଦିବେଦ କରଙ୍କ ଘର ।

ଜ୍ୟୋତି ଚାଲି ଚାଲି ଯାଇ ପାହାଡ ତଳ ଚାଳ ଘରେ ପହଞ୍ଚିଲେ । ଜ୍ୟୋତି ଦେଖିଲେ ଘର ତାଟି ଭଙ୍ଗା । ଚାଳ ଭଙ୍ଗା, ଖୁଣ୍ଟ ଭଙ୍ଗା, ମାଟି ପିଣ୍ଡା ବି ଭଙ୍ଗା, ମାଟିର ମାଠିଆ ଟି ଭଙ୍ଗା, ଗ୍ଲାସ ଭଙ୍ଗା, କବାଟ ବି ଭଙ୍ଗା ଜ୍ୟୋତି କବାଟକୁ ଠେଲି କବାଟର କଁ କଁ ଶବ୍ଦ ଶୁଣି ଘର ଭିତରକୁ ଗଲା ଦେଖିଲେ ଶୁଭମ୍ ଚୌକିରେ ବସି କବିତା ଲେଖୁଛନ୍ତି । ଜ୍ୟୋତି ଡାକିଲେ ଶୁଭମ୍ ।

ଶୁଭମ୍ ଜ୍ୟୋତିକୁ ଦେଖି, ତୁମେ ଏଠି କି କଣ ପାଇଁ ଆସିଛ । ଜ୍ୟୋତି କହିଲା ତମ ପ୍ରେମ ମୋତେ ଏଠିକି ଟାଣି ଆଣିଛି ଶୁଭମ୍ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଭମ୍ କହିଲା ଜ୍ୟୋତି ତୁମେ ଏପରି ଛିଡା ହୋଇ କଥା ହେଉଥିବ ନା ଚୌକିରେ ବସିବ । ବସିବା ପାଇଁ ଚୌକି ଦଉ ଦଉ ଚୌକି ର ଗୋଡଟି ଖସି ପଡିଲା ଚୌକି ବି ଭଙ୍ଗା ।

ଜ୍ୟୋତି ଟେବୁଲ୍ ଉପରେ ହାତ ଦଉ ଦଉ ଟେବୁଲ୍ ଖସିପଡିଲା । ଟେବୁଲ୍ ବି ଭଙ୍ଗା । ତଳେ ପଡିଯାଇଥିବା କଲମଟିକୁ ଗୋଟାଇ ଜ୍ୟୋତି ଦେଖିଲେ କଲମ ବି ଭଙ୍ଗା ।

ଛଳ ଛଳ ଆଖିର ଲୁହରେ ଶୁଭମ୍ କହିଲେ ଜ୍ୟୋତି ତୁମେ ଚାଲିଯାଅ । ଏ ଯେ କବି କବିତା ଲେଖୁଥିବା ଘର ଏଠି ସବୁ ଭଙ୍ଗା । ମନଟା ଏପରି ଭାଙ୍ଗି ଯାଇଛି ଯେ ଯୋଡିବା ବଡ କଷ୍ଟ । ଭାଙ୍ଗି ଯାଇଥିବା ମନ, ଘର, ପ୍ରେମ, କଣ ଅଛି ଯେ ତୁମକୁ ଦେଇ ଖୁସି କରିବି ।

ଜ୍ୟୋତି କହିଲା ଶୁଭମ୍ ଦେଇଥିବା ମନ, ପ୍ରେମ, ଭାଙ୍ଗେନି ଶୁଭମ୍ । ତୁମେ ଯେମିତି ଭଙ୍ଗା ଚାଳଘର ରହିବ ମୁଁ ବି ସେମିତି ଭଙ୍ଗା ଚାଳଘରେ ରହିବି । ତୁମେ ଯେଉଁଠି ରହିବ ଶୁଭମ୍ ମୁଁ ସେଇଠି ରହିବି । କାହିଁକି ନା ତୁମ ମୋର ପ୍ରଥମ ପ୍ରେମ, ପ୍ରଥମ ଚିଠି, କେମିତି ଭୁଲିବି ତୁମ ପ୍ରଥମ ଚିଠି ଚିଠି ଚିଠି ଚିଠି...........

ରାସୋଳ-ମୁଣ୍ଡିଆପଣି

ଢେଙ୍କାନାଳ

ମୋ ନଂ-୯୯୩୭୬୫୬୫୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାରୋଟି ଅଣୁଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

। । ଲକଡାଉନ ପରେ..... । ।

ବିଜୁଳୀ ପୋକ ଭଳି ଝିଲମିଲ ହେଉଥିବା ଦୀପର ପ୍ରକାଶରେ ବସି ରୁଟି ଖାଉ ଖାଉ ମାନୁ ତା ମା'କୁ ପଚାରିଲା, ମା' ମୋ ଜନ୍ମ କେବେ ହୋଇଥିଲା ?

ପୁଅର ଏଭଳି ପ୍ରଶ୍ନରେ ତାବାରେ ପଡିଥିବା ରୁଟି ଅଙ୍ଗାର ଭଳି ଦେଖାଗଲା । ଚୁଲି ନିଆଁର ଧାସରେ ମା'ର ଦେହ ସ୍ୱେଦରେ ଭରି ଯାଉଥାଏ । କଣ୍ଠ ଶୁଖି ଯାଉଥାଏ । କରୁଣ ସ୍ୱରରେ କହିଲା, କାହିଁକି ? କିଏ ତୋତେ ପଚାରିଲା ?

ଆରେ ସେଇ ରାହୁଲ । ଯିଏ ମୋଠାରୁ ଦୁଇବର୍ଷ ସାନ ବୋଲି କହିହୁଏ । ଏତେ ଲମ୍ବା ହେଇଛି ସେଥିରେ ପୁଣି କହୁଛି ମୋଠାରୁ ଦୁଇବର୍ଷ ସାନ । ମାନୁ ତା ମା'କୁ ଜଣାଇଲା ।

ରୁଟିକୁ ଚିମୁଟାରେ ଓଲଟେଇ ତା ମା' ପଚାରିଲା, ରାହୁଳ କେବେ ଜନ୍ମ ହୋଇଛି ବୋଲି କହୁଛି ?

ସେ ତ କହୁଥିଲା ଲକଡାଉନର ଗୋଟେ ବର୍ଷ ପରେ ଜନ୍ମ ହୋଇଛି ।

ଲକଡାଉନ କଥା ଶୁଣି ମା'ର ହୃଦୟ କମ୍ପି ଉଠିଲା । ସେ ବ୍ୟାକୁଳ ହୋଇ କହିଲା, ତୁ ବି ତ ଲକଡାଉନର ୫ମାସ ପରେ ଜନ୍ମିଥିଲୁ । ତୁ ପେଟରେ ଥାଉ ତୋ ବାପା ଚାଲିଗଲେ ।ମୁଁ ତ ଏତେ ପାଠ ଶାଠ ପଢିନି, ବାବୁ ଲୋକମାନେ କହୁଥିଲେ ଉଡାଜାହାଜରେ ବସି ଅନ୍ୟ ଦେଶରୁ କରୋନା ଭଳି ବଡ଼ ବେମାରି ଆଣିଥିଲେ । ସେତେବେଳେ ସରକାର ସାରା ଦେଶକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଦ କରିଦେଲା ।ସବୁ କଳ କାରଖାନା,ବସ, ରେଳ,ମଟର ଗାଡି ବନ୍ଦ ।ସେଇବେଳେ ତୋ ବାପା ମୁମ୍ବାଇରେ ଥିଲେ ।କାମ ନାହିଁ ପଇସା ଅଭାବରୁ ଖାଇବାକୁ ପାଇଲେନି ।ଦିନେ ତୋ ବାପା ଓ ତାଙ୍କ ସାଙ୍ଗମାନେ ମିଶି ରେଳ ଧାରଣା ଉପରେ ଚାଲି ଚାଲି ଗାଁକୁ ଫେରୁଥାନ୍ତି ।ସମସ୍ତେ ଆଗକୁ ଆଗକୁ ମାଡି ଚାଲି ଥାନ୍ତି ଗାଁ ମାଟି ଓ ପରିବାର ପରିଜନଙ୍କ ମୋହରେ ।ହଠାତ ଖୁବ ବେଗରେ ଆସୁଥିବା ମାଲଗାଡି ସମସ୍ତଙ୍କୁ ମାରିଦେଲା ।ସେମାନଙ୍କ ମଧ୍ୟରେ ତୋ ବାପା ବି.... ।

ସେ ଆଉକିଛି କହିପାରିଲାନି ।ତାବାରେ ପଡିଥିବା ରୁଟି କୁହୁଳୁ ଥାଏ ତା ସହ ତା ମା'ର ହୃଦୟ ।ଲୁଗାକାନିରେ ଲୁହ ପୋଛି ସେ ତା ପୁଅକୁ କହୁଥାଏ,ବାପାରେ,ଯେତେ କଷ୍ଟ ହେଉପଛେ ତୁ ଏଇ ଗାଁରେ ରହିବୁ ।ସହରକୁ ଯିବୁନି ।ସହର ଆମମାନଙ୍କ ପାଇଁ କାଳ ହୋଇ ଯାଇଛି ।

## । । ଧନ୍ୟବାଦ କରୋନା । ।

ଆକସ୍ମିକ ତାଙ୍କ ଶରୀର ତୁଳା ପରି ହାଲୁକା ହୋଇ ଆକାଶ ରେ ଉଡିବାକୁ ଲାଗିଲା ।ସେ କିନ୍ତୁ ଭାରି ଭୟଭୀତ ହୋଇ ପଡ଼ିଥାନ୍ତି ।ଶୁଭ୍ର ମେଘଖଣ୍ଡକୁ ପାରିହୋଇ ନୀଳ ନଭରେ ବିଚରଣ କରୁଥିବା ଜାଣି ଚକିତ ହେଲେ ସେ ।ଆଖି ମଳି ଦେଖିଲେ ଜଣେ କଳା ଭୁଶଣ୍ଡ ଭୀମକାୟ ଲୋକ ତାଙ୍କୁ ଟାଣି ଟାଣି ନେଉଛି ।

ମନର ଧୈର୍ଯ୍ୟ ତାଙ୍କର ଭାଙ୍ଗି ଚୁରମାର ହୋଇଗଲା ।ସହସା ସେ ପଚାରିଲେ,ହେ ମହାମହିମ ! ଆପଣ କିଏ ?ମୋତେ କେଉଁଠିକୁ ନେଉଛନ୍ତି ?

ଭୀମକାୟ ଲୋକଟି ମୁହଁ ଫେରାଇ ତାଙ୍କୁ ଗୋଡ଼ରୁ ମୁଣ୍ଡଯାଏ ଦେଖିନେଲା ।ତା'ପରେ କର୍କଶ କଣ୍ଠରେ କହିଲା,ତୁ ଜାଣିନୁ ମୁଁ ହେଉଛି ଯମରାଜା ।ତୋର ମୃତ୍ୟୁ ହୋଇସାରିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ମୁଁ ତୋତେ ଯମପୁରକୁ ନେଇଯାଉଛି ।ପୃଥ୍ୱୀ ଲୋକରେ କରୋନା ମହାମାରୀ ଏବେ ମୋ କାର୍ଯ୍ୟକୁ ବହୁତ ବଢ଼େଇ ଦେଇଛି ।ତୁ ମଧ୍ୟ ସେଇ ମହାମାରୀର ଶିକାର ହୋଇଛୁ ।ଶୀଘ୍ର ଚାଲ ଆହୁରି ଅନେକଙ୍କୁ ଆଣିବାକୁ ହେବ ।

ସେ ମରି ଯାଇଛନ୍ତି ବୋଲି ଯମରାଜାଙ୍କ ନିକଟରୁ ଶୁଣି ଶିହରି ଉଠିଲେ ।ପୁଣି ମନକୁ ଦୃଢ଼ କରି କହିଲେ,ହେ ମୃତ୍ୟୁରାଜ !ମୋତେ କେବଳ ଥରୁଟିଏ ମୋ ପରିବାରଙ୍କୁ ଦେଖିବା ପାଇଁ ଆଜ୍ଞା ଦିଅନ୍ତୁ ।

ଯମରାଜା ତାଙ୍କ ଅନୁରୋଧ ଶୁଣି ଲାଲ ଲାଲ ଆଖି କାଢି କହିଲେ,ତୁମ ମନୁଷ୍ୟ ଜାତି ଭାରି ଲୋଭୀ ।ମରିସାରିବା ପରେ ବି ମାୟା ମୋହକୁ ଛାଡି ପାରୁନାହଁ ।ହଉ ଠିକଅଛି,ମୋ ଦିବ୍ୟ ଶକ୍ତି ବଳରେ ଏଇଠାରୁ ଦେଖ ।

ତାପରେ ସେ ଏକ ଜିଜ୍ଞାସା ଦୃଷ୍ଟିରେ ନିଜ ଘର ପରିବାରକୁ ଦେଖିବାକୁ ଲାଗିଲେ ।ସେତେବେଳେ ତାଙ୍କ ମୃତ ଶରୀର ଦାଣ୍ଡ ବାହାରେ ଅନାଥ ଭଳି ପଡି ରହିଥାଏ ।ଚାରିପଟେ ମାଛି ଭଣ ଭଣ ହେଉଥାନ୍ତି ।ଗଳିର କୁକୁର କେତୋଟି ଏପଟ ସେପଟ ହେଉ ଥାନ୍ତି ।ପତ୍ନୀ ଓ ପିଲାମାନେ ଛାତ ଉପରେ ଠିଆହୋଇ କାହାକୁ ଅପେକ୍ଷା କଲାଭଳି କେବେ ରାସ୍ତାକୁ ତ କେବେ ତାଙ୍କ ମୃତ ଶରୀରକୁ ଦେଖୁଥାନ୍ତି ।ଗଳିରେ ଥିବା ପଡ଼ୋଶୀମାନେ ମଧ୍ୟ ଛାତ ଉପରେ ଠିଆହୋଇ ତାଙ୍କ ମୃତ ଶରୀରକୁ ଦେଖି ଫୁସ ଫୁସ କଥାରେ କଣସବୁ ଆଲୋଚନା କରୁଥାନ୍ତି ।

ନଗର ପାଳିକାର ଗାଡି ଆସୁଥିବାର ଶବ୍ଦ ଶୁଣି ସମସ୍ତେ ଅସ୍ୱସ୍ତି ଅନୁଭବ କଲେ ବୋଧେ ।ଗାଡି ଆସି ଗେଟ ନିକଟରେ ଛିଡା ହେଲା ।ତା ମଧ୍ୟରୁ ପିପିଟି କିଟ ପିନ୍ଧିଥିବା ୨ଜଣ କର୍ମଚାରୀ ଓହ୍ଲେଇ ତାଙ୍କ ମୃତ ଶରୀରକୁ ଟାଣିଆଣି ଅଳିଆ ଫିଙ୍ଗିଲା ଭଳି ଗାଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଳାକୁ ଫିଙ୍ଗିଦେଲେ ।

ଏଭଳି ଦୃଶ୍ୟ ଦେଖି ତାଙ୍କ ଆତ୍ମା କୋହରେ ବିଳାପ କରି ଉଠିଲା ।ସାରା ଜୀବନ ଯେଉଁମାନଙ୍କ ପାଇଁ ସେ ନିଜେ ଜଣେ ଘର ହୋଇ ଯାଇଥିଲେ ଶେଷରେ....... ।ସେ ଆଉକିଛି ଭାବି ପାରିଲେନାହିଁ ।ସେତେବେଳକୁ ଯମରାଜା ତାଙ୍କୁ ଟାଣି ଟାଣି ଯମପୁରକୁ ନେଇ ଯାଉଥାନ୍ତି ।

## । । ମାନ ଅପମାନ । ।

ସେଦିନ ଜଣେ ଚିତ୍ରକର ବହୁତ ଖୁସି ଥାଆନ୍ତି ।ତାଙ୍କ ପତ୍ନୀ ଏହାର କାରଣ ପଚାରିବାରୁ ସେ କହିଲେ,ଆଜି ମୋ ପେଣ୍ଟିଂ ସହରର ବଡ଼ ପ୍ରଦର୍ଶନୀରେ ଲାଗିଥିଲା ।ପେଣ୍ଟିଂଟି ସର୍ବଶ୍ରେଷ୍ଠ ଭାବେ ବିବେଚିତ ହୋଇ ନିଲାମ ହୋଇଛି । ମୋତେ ବି ଆଜି ଅନେକ ଟଙ୍କା ମିଳିଛି ।

କାହିଁକି କଣ ଏମିତି ଥିଲାକି ତମ ପେଣ୍ଟିଂରେ ?ପତ୍ନୀ ପୁଣିଥରେ ଜିଜ୍ଞାସା କଲେ ।

ସେ ପେଣ୍ଟିଂଟି ବଡ଼ ଚମତ୍କାର ହୋଇଛି ।ସେଥିରେ ଥିବା ଶୀର୍ଷକଟି ହେଉଛି ଜଣେ ନାରୀ ଶ୍ରମିକ ନିଜର ସବୁ ବୋଝକୁ ମୁଣ୍ଡରେ ଲଦି ରାସ୍ତାରେ ଚାଲିଛି ।ତା ପିଲାମାନେ ପଡି ହାବୁଡି ମା'ର ରାସ୍ତାକୁ ଅନୁଶରଣ କରୁଛନ୍ତି ।ଏଭଳି ଏକ ବାସ୍ତବିକ ଦୃଶ୍ୟକୁ ମୋ ପେଣ୍ଟିଂରେ ସ୍ଥାନିତ କରିଛି ।ଚିତ୍ରକର ନିଜ ଗର୍ବ ଓ ଗୌରବର ବଡିମା ବଖାଣିଲେ ।

ଏଥିରେତ ସେମିତି କିଛି ବିଶେଷତା ନାହିଁ । ଲକଡାଉନ ସମୟରେ ଏହାଠାରୁ ଆହୁରି ଭୟଙ୍କର ଦୁର୍ଘଟଣା ଘଟିଛି ।କୋଉଠି ମାଲଗାଡି ଧକ୍କାରେ ଶ୍ରମିକମାନେ ମରିଛନ୍ତି,କୋଉଠି

ଭୋକ ଓପାସରେ ରାସ୍ତାରେ ଚାଲୁ ଚାଲୁ ଢ଼ଳି ପଡିଛନ୍ତି,ଆଉ କୋଉଠି ସାଇକେଲରେ ଫେରୁଥିବା ଶ୍ରମିକମାନଙ୍କୁ ଟ୍ରକ ଏକ୍ସିଡେଣ୍ଟ କରିଛି ।ଲକଡାଉନର ଦୁଃଖଦ ପରିସ୍ଥିତିକୁ ପତ୍ନୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣାଇଲେ ।

ତୁମେ ଯାହା କହୁଛ ଠିକ ।କିନ୍ତୁ ମୁଁ ସେହି ସ୍ତ୍ରୀ ଓ ତା ପିଲା ମାନଙ୍କର ଯନ୍ତ୍ରଣାକୁ ନିଜ ପେଣ୍ଟିଂରେ ନିବିଡ଼ତାରେ ସ୍ଥାନ ଦେଇଛି ।ସେଇଥିପାଇଁ ତ ବେଶୀ ଦାମରେ ବିକ୍ରି ହେଲା ।ଆତ୍ମଗର୍ବରେ ଫୁଲି ଉଠୁଥାନ୍ତି ଚିତ୍ରକର ।

ଗରିବ ଶ୍ରମିକମାନଙ୍କର ଯନ୍ତ୍ରଣାକୁ ନିଜ କାନଭାସରେ ସଜେଇ,

ଭାଷଣରେ ସଂଯୋଜନା କରି,ଲେଖନୀରେ ଲେଖି ଧନ ଓ ଯଶ ହାସଲ କରିପାର,ହେଲେ କେବେ ଥରେ ସେମାନଙ୍କ ଦୁଃଖ ଯନ୍ତ୍ରଣାକୁ ଅନୁଭବ କରିପାରିଛ ।ପାରିବନି କାରଣ ନିଜ ସ୍ୱାର୍ଥରେ ସମସ୍ତେ ଅନ୍ଧ ।ପତ୍ନୀ ନିରୋଳ ସତ କଥା ଜଣାଇଲେ ।

ପତ୍ନୀଙ୍କଠାରୁ ଏଭଳି କଥା ଶୁଣି ଚିତ୍ରକର ସ୍ତବ୍ଧ ଚକିତ ।ତାଙ୍କୁ ଜଣା ଯାଉଥାଏ ଉତ୍ସବରେ ସମ୍ମାନିତ କରିବା ବଦଳରେ

ଅନେକେ ତାଙ୍କୁ ଅପମାନିତ କରି ସେଇ ଗୋଟିଏ ପ୍ରକାର ପ୍ରଶ୍ନ ପଚାରୁଛନ୍ତି ।

## । । ମାସ୍କ କାଳ । ।

ଏବେ ଧରିତ୍ରୀ ପୃଷ୍ଠରେ ମାସ୍କ କାଳ ଚାଲିଛି ।ଘରେ ଖାଇବାକୁ ଥାଉ ବା ନଥାଉ ହେଲେ ମୁହଁରେ ମାସ୍କ ଲଗାଇବା ଜରୁରୀ ହୋଇପଡିଛି ।ମାସ୍କ ଆଜି ଖୁସି ଓ ଶ୍ରୀହୀନକୁ ଏକାକାର କରି ଦେଇଛି ।ତେବେ ମାସ୍କ ପିନ୍ଧିଥିବା ଲୋକଠାରେ ସୁଖରେ ଅଛି କି ଦୁଃଖରେ ଅଛି କିଛିବି ଅନୁମାନ କରିହେଉନି ।ଏହା ସତ ମାସ୍କ କାଳରେ ଆଉ କେହି ଛେପ ପକାଇ ପାରିବେନି କିବା କେହି ଯଦି ଗାଳି ଦେଉଥାଏ ତାହେଲେ ତାହା ଛାଣିହୋଇ ବାହାରିବ ।

ଲକଡାଉନ ବେଳେ ଘରେ ରହିବାର ଦୁଃସ୍ୱରିଣାମ ଏମିତି ହେଲା ଯେ ଥରେ ବିନୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାବୁଙ୍କ ସ୍ତ୍ରୀ କହିଲେ,୨୪ ଘଣ୍ଟା ସେଇ ଗୋଟିଏ ଚେହେରାକୁ ଦେଖି ଦେଖି ମଣିଷ ଝୋର ହୋଇଗଲାଣି ।ସେଇଦିନଠାରୁ ବିନୟ ବାବୁ ପଣ କରିନେଲେ ଘରେ ବି ମାସ୍କ ଲଗେଇବେ ।ଏପରିକି ସକାଳୁ ଉଠି ବାସି ମୁହଁ

ଧୋଇବା ମଧ୍ୟ ମାସ୍କ ଲଗେଇ କଲେ ।

ମାସ୍କ କାଳରେ ମୁହଁ ଲୁଚେଇ ଜିଇବା ଅଭିଶାପ ନୁହେଁ ପ୍ରତି ବଦଳରେ ଡାକୁ,ଡ଼କ୍ଟର,କାଣ୍ଡକ୍ଟରଙ୍କୁ ମଧ୍ୟ ସମଦର୍ଶୀ କରି ଦେଇଛି ।ସତରେ ମାସ୍କ କାଳ ଲିପଷ୍ଟିକର ମହତ୍ତ୍ୱକୁ ବି ଶେଷ କରି ଦେଇଛି ।ମାସ୍କ ଆଜି ଶୃଙ୍ଗାର ରସକୁ ଏକ ନୂଆ ମୋଡ଼ ଦେଇଛି ।ଓଢଣା ବଦଳରେ ମାସ୍କ ସେହି ସ୍ଥାନ ଗ୍ରହଣ କରିବ ।ପଗଡ଼ି ଭଳି ପୁରୁଷ ମାନଙ୍କର ପ୍ରତିଷ୍ଠା ହୋଇଯିବ ।ପୁରା ଦୁନିଆ ମାସ୍କ ଲଗେଇ ଆଗେଇବ ।

ସଲ୍ଟଲେକ, କୋଲକାତା
email-s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଳ୍ପସ୍ପର୍ଦ୍ଧା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦ୍ୱିତୀୟ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗିତା ୨୦୨୦

## ଏହି ସ୍ପର୍ଦ୍ଧା ପାଇଁ ଲେଖା ଗ୍ରହଣର ଶେଷ ତାରିଖ : ସେପ୍ଟେମ୍ବର ୩, ୨୦୨୦

ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା ନିମନ୍ତେ ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ(ପାରାଗ୍ରାଫ୍)କୁ ଅନ୍ତର୍ଭୁକ୍ତ କରି ଆପଣ ନିଜସ୍ୱ ଗଳ୍ପ ରଚନା କରିବେ । ଆପଣଙ୍କ କାହାଣୀରେ ଏହି ଅନୁଚ୍ଛେଦ ନିଶ୍ଚୟ ଭାବରେ ରହିଥିବ । ଆପଣ ନିଜସ୍ୱ ସୁବିଧା ଅନୁସାରେ ଅନୁଚ୍ଛେଦକୁ କାହାଣୀର ଆରମ୍ଭରେ, ମଝିରେ କିମ୍ବା ଶେଷରେ ରଖି ପାରିବେ । ଧ୍ୟାନ ଦିଅନ୍ତୁ, ଅନୁଚ୍ଛେଦକୁ ବଦଳାଇ ପାରିବେ ନାହିଁ, କିମ୍ବା ଏଠାରେ ଦିଆଯାଇଥିବା କୌଣସି ଶବ୍ଦକୁ ପରିବର୍ତ୍ତନ କରି ପାରିବେ ନାହିଁ ।

ଆପଣଙ୍କ ଲିଖିତ କାହାଣୀ (ଗଳ୍ପ) ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଓଡ଼ିଆରେ ଟାଇପ୍ କରି ଆମ ନିକଟକୁ ଶେଷ ତାରିଖ ସୁଦ୍ଧା ପଠାଇବେ । କାହାଣୀ ସହିତ ନିଜର ଏକ ପାସପୋର୍ଟ୍ ସାଇଜର ଫଟୋ ଏବଂ ଇମେଲ୍ ଠିକଣା ଲେଖି ପଠାଇବେ ।

କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯିବ । ସମସ୍ତଙ୍କୁ ଅଂଶଗ୍ରହଣ ମାନପତ୍ର ଦିଆଯିବ । ଉପସ୍ଥାପିତ ସମସ୍ତ ଗଳ୍ପ ଆହ୍ୱାନରେ ପ୍ରକାଶିତ ହେବ ।

+====================+

ସେମାନେ ବହୁତ ଖୁସିରେ ଥିଲେ । ରବି ଦିନମଜୁରିଆ ଭାବରେ ଯାହା ବି ପାଉଥିଲା, ସେଥିରେ ଘର ଚଳିଯାଉଥିଲା । ରାଧା ପରଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହେଇ ଚାରିବର୍ଷ ହେଇଗଲା, ଦିଲ୍ଲୀ ଭଳି ସହରରେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବଥିଲା, ଘରେ ପିଲାଟିଏ ନଥିଲା । ତେଣେ

 Magazine Downloaded from www.aahwaan.com

ଗାଁରୁ ବାପାମା' ବାରମ୍ବାର ପଚାରୁଥିଲେ, ପିଲାଝିଲା କିଛି କରିବନି କି ? ରାଧାକୁ ପିଲା କଥା କହିଲେ ସେ ଚିଡୁଥିଲା । ଦୁଇପ୍ରାଣୀ ଚଳିବା ବେଳକୁ କେତେ କଷ୍ଟ ଗାଁରେ ବାପାବୋଉ କେମିତି ଜାଣିବେ ? ପିଲାଟେ ଆସିଲେ ତା ପାଇଁ କ୍ଷୀରଡବା, ଔଷଧ, ଖେଳନା ସବୁ କିଣିବା କେମିତି ? ତାକୁ ରଖିବା କୋଉଠି ? ରବି କହିଲା, "ତମେ ଗାଁକୁ ଚାଲିଯାଅ । ମୁଁ ଏଇଠି ରହି କାମ କରିବି । ଗାଁରେ ଘର ଅଛି, ଖର୍ଚ୍ଚବାର୍ଚ୍ଚ ବି କମ ।" ରାଧା କିନ୍ତୁ ରାଜି ହେଉନଥିଲା । ସେ ଜାଣିଥିଲା, ସେ ଗାଁକୁ ଚାଲିଗଲେ, ରବି ପୁଣିଥରେ ସାଙ୍ଗସାଥୀରେ ମାତି ମଦପିଇ ସବୁ ଟଙ୍କା ଉଡ଼େଇ ଦେବ ।

+====================+

ଚଳିତ ମାସର ଗଳ୍ପସ୍ପର୍ଦ୍ଧା ପାଇଁ ସମୁଦାୟ ଉଣେଇଶି ଜଣ ଅଂଶ ଗ୍ରହଣ କରିଥିଲେ । ଏହା ଅତ୍ୟନ୍ତ ଖୁସିର ବିଷୟ । କିନ୍ତୁ ଅନେକ ପ୍ରତିଯୋଗୀ ପ୍ରତିଯୋଗିତାର ନିୟମକୁ ଭଲ ଭାବରେ ବୁଝି ପାରିନଥିଲେ । ତେଣୁ ଆମେ ଦେଇଥିବା ଅନୁଚ୍ଛେଦକୁ ନିଜ କାହାଣୀରେ ସଠିକ୍ ଭାବରେ ଅନ୍ତର୍ଭୂକ୍ତ କରି ପାରିନଥିଲେ । ମନେ ରଖନ୍ତୁ, ଆପଣଙ୍କୁ ଅନୁଚ୍ଛେଦକୁ ଯେମିତି ଦିଆଯାଇଛି ଠିକ୍ ସେମିତି ହିଁ ନିଜ କାହାଣୀରେ ରଖିବେ । ଏହାକୁ ଭାଗ ଭାଗ କରି ପାରିବେ ନାହିଁ, କିମ୍ବା କୌଣସି ସ୍ଥାନ, ପାତ୍ର ବା ଚରିତ୍ରର ନାମ ବଦଳାଇ ପାରିବେ ନାହିଁ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଆହା କଣ ହେବ ସେମାନଙ୍କର



ସୁଦୀପ ରୋହନ୍ ବାଘ

ସକାଳୁ ଚାହା ଟିକେ ପିଉ ପିଉ, ଖବର କାଗଜ ଟାକୁ ଏପଟ ସେପଟ କରି କଣ ଯେମିତି ଖୋଜୁଥିଲେ ରମେଶ ବାବୁ । ସଚିନ୍ ର ମେସେଜ ଉପରକୁ ନଜର ତ ଗଲା । ଆରେ ଆଜି ରାତି ୮ଟାରେ ପ୍ରଧାନ ମନ୍ତ୍ରୀ ଦେଶକୁ ଉଦବୋଧନ ଦେବେ । ଟିକେ ଭୟ ପାଇ ଯାଇଥିଲେ ରମେଶ, ଆର ଥର ଭଳି ଏଥର ସଚିନ୍ କହିବନି ତ ମୋର ୫୦,୦୦୦ ପୁରୁଣା ଟଙ୍କା ଟିକେ ବ୍ୟାଙ୍କ୍ ରେ ବଦଳେଇ ଦବୁ ।

ନାଇଁ ନାଇଁ, ଏବେ ପରା ନୋଟ୍ ବନ୍ଦୀ ହେଇଥିଲା, ଆଉ କଣ ହେବ ?

ନା ଆଉ କୋଉ ବିଷୟରେ ତାହାଲେ, ଗିଲଗିଟ୍ ବାଲ୍ଟି ସ୍ତାନ୍ କୁ ଅଧିକାର କୁ ନେବେ ? ନା ଜମ୍ମୁ ରେ ଆଉ କିଛି କରିବେ ? ନା ଚାଇନା କୁ ଆକ୍ରମଣ ? ନାଇଁ ସେଇଟା ହେଇ ନପାରେ । କଣ ଯେ କରିବ ମଣିଷ, ଏପଟେ ରାଜ୍ୟକୁ କରୋନା ସଂକ୍ରମଣ ଧୀରେ ଧୀରେ ଆସୁଛି । ଯେତେ ଥାଳି ବାଡେଇଲେ କି ଦୀପ ଜାଳିଲେ କଣ କରୋନା ପଳେଇବ ?

ଆଜି କଣ ସେଇ ଖବର କାଗଜରେ ଅଫିସ୍ ହେବକି ? ଯିବାର ନାହିଁ ନା କଣ ? ପ୍ରକୃତିସ୍ଥ ହେଲେ ରମେଶ ବାବୁ ପତ୍ନୀ ସୋମା ଙ୍କ ଡକରେ । ମ୍ୟାନେମେଣ୍ଟ ପରେ ବେସରକାରୀ ହସ୍ପିଟାଲ୍ ର ମ୍ୟାନେଜର ରମେଶ ବାବୁ, ଗାଧେଇ ଠାକୁରଙ୍କୁ ମୁଣ୍ଡିଆ ମାରି ଖାଇବା ଟେବୁଲ୍ ଉପରେ ବସିପଡିଲେ ଟିଭି ଟା ଲଗେଇ ଦେଇ । ସବୁ ଆଡେ ସେଇ ତାଲାବନ୍ଦ ଆଉ କରୋନା ପରିସଂଖ୍ୟାନ ର ଖବର । କଣ ଟିକେ ଖାଇ ଉଠିଗଲେ । ବାହାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଗଲେ ପରିବା ସଉଦା ଲିଷ୍ଟ ମେସେଜ କରିବାକୁ । ଗଞ୍ଜାମ ପରିସ୍ଥିତି ଯାହା ହେଲାଣି, କେତେବେଳେ ଯେ କଣ ହେବ କହି ହଉନି ।

"ଟିଂ ଟି ତିଟିଂ ", କଣ ଛାଡ଼ିଲେ କି ଭାବି ଦଉଡ଼ି ଯାଇ କବାଟ ଖୋଲିଲା । ରିତୁ ଆସିଥିଲା, କରୋନା ହେବା ଦିନଠୁ ସେ ଆସିବା ବନ୍ଦ୍ । କାଳେ ସେ ରହୁଥିବା ବସ୍ତି ର ସଂକ୍ରମଣ ପାଇଁ ଏମାନେ ସଂକ୍ରମିତ ହେବେ, ସେଥିପାଇଁ ସେ ଆସିବା ବାରଣ କରିଛନ୍ତି ସୋମା ଦେବୀ ।

ଦିଦି, ଦିଦି, ଡାକରେ ଭାବନା ରାଇଜରୁ ଆସିଲେ ସୋମା ଦେବୀ ।

- ମୁଁ ଗର୍ଭ ହେଇଚି । ମୋ ପେଟରେ ପିଲାଟିଏ ଅଛି ।

- ଆରେ ରିତୁ ଖୁସି ଖବର, ଆଉ ଦେହ ପା ଭଲ ଅଛି ତ ।

- ଭଲ ଅଛି ଦିଦି, ସିଏ ଭାରି ଯତ୍ନ ନଉଛନ୍ତି, ଖବର ଶୁଣିବା ଦିନରୁ ତାଙ୍କ ମଦ ପିଆ ବନ୍ଦ୍ ।

- ଭଲ ହେଲା କହ କଣ କହିବୁ,

- ମୋ ଦେହ ଟା ଦେଖୁଚ, ବଳ ପାଉନି, ଡାକ୍ତର କହିଛନ୍ତି କଣ ଗୋଟେ ଭିଟାମିନ ଖାଇବାକୁ, ପଇସା ଅଭାବ, ଟିକେ ପଇସା ସାହାଯ୍ୟ କରନ୍ତନି ?

- ହଁ, କହ କେତେ ନେବୁ ?

- ଦିଦି ୫୦୦ ଦେଇଥା, କାମ କରି ସୁଝିଦେବି, ଏଇ ବାଡିପଡ଼ା କରୋନା ଟା ସରିଲେ ସବୁ ସୁଝିଦେବୀ ।

- ଆରେ ନାଇଁ, ସୁଝିବା ଦରକାର୍ ନାଇଁ, ୧୫୦୦ ଟଙ୍କା ବଢେଇ ଦେଇ କହିଲେ, ଏଇଟା ମୋ ତରଫରୁ ରଖ୍ । ଦରକାର୍ ହେଲେ କହିବୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

- ଓଦା ଆଖିରେ ଅନେଇ, ପାଦ ଛୁଇଁ ଜୁହାର ହେଇ କହିଲା ଆସୁଛି ଦିଦି ।

ସୋମା ଦେବୀ ଭାବୁଥିଲେ, ଯିଏ ଏତେ ବର୍ଷ ଧରି ଏଇ ଘର ସଫା ରଖିଚି ତାକୁ ବସିବାକୁ କହି ପାରିଲିନି, ଯାଇଥିଲେ ବିଶୋଧକ ମାରିଥିଲେ ହେଇଥାନ୍ତା । କେମିତି ଗୋଟେ ଦୋଷୀ ଦୋଷୀ ଲାଗୁଥିଲା । ସୋଫା ଉପରେ ବସି ଟିଭି ଖୋଲିଲେ, ନ୍ୟୁଜ ଚାନେଲ୍ ରୁ ଶୁଭୁଥିଲା, ଦିଲ୍ଲୀ ରେ ଗର୍ଭବତୀ ପତ୍ନୀ ଙ୍କ ଧରି ଡାକ୍ତରଖାନା ରୁ ଡାକ୍ତରଖାନା ବୁଲିଲେ ସ୍ୱାମୀ, ଚିକିତ୍ସା ଅଭାବରୁ ପ୍ରାଣ ହରାଇଲେ ପତ୍ନୀ । ସାମାନ୍ୟ କରୋନା ଲକ୍ଷଣ ପାଇଁ କେହି ଚିକିତ୍ସା କଲେ ନାହିଁ । ଓ ହୋ କି ଦୁଃଖ ଖବର, କାଇଁ ଟିଭି ଲଗାଉଥିଲି କହି ବନ୍ଦ୍ କରିଦେଲେ ସୋମା ଦେବୀ । ଏମିତି ଭାବି ଦିନ ବିତି ସନ୍ଧ୍ୟା ହେଲା ।

ରମେଶ ବାବୁ ଆସି ପହଁଚିଲେ, ଲିଷ୍ଟ ରେ ଥିବା ସବୁ ଜିନିଷ ଆଣି । ଆଜି କାଇଁ ସୋମା ଦେବୀ ଟିକେ ଅଲଗା ଦୁନିଆ ରେ ଥିବା ଭଳି ଅନୁମାନ କରି ପାରୁଥିଲେ ରମେଶ ବାବୁ, ବିଶୋଧିତ ହଉ ହଉ ପଚାରିଲେ, କଣ ହେଲା, କୋଉଠି ହଜି ଯାଇଛ ?

ନାଇଁ, କିଛି ନାଇଁ, ତମେ ଗାଧେଇ ଆସ । ରମେଶ ବାବୁ ଭାବିଥିଲେ କହିବେ ନାହିଁ କି ଟାଙ୍କେଲ ଟା କାଇଁ ରଖିନ ବୋଲି । ତଥାପି ପଚାରିଲେ, କଣ ହେଇଚି ?

-ଆଜି ଗୋଟେ ସମାଚାର ଦେଖିଲି, କରୋନା ଲକ୍ଷଣ ଥିବାରୁ ସେ ବିନା ଚିକିତ୍ସା ରେ ଗର୍ଭବତୀ ପ୍ରାଣ ହରାଇଲେ, ଲକ୍ଷଣ ଥିବାରୁ କେହି ଭର୍ତି କଲେ ନାହିଁ, କି ଚିକିତ୍ସା କଲେ ନାହିଁ ।

-ହଉ, ସେଇଟା ଦିଲ୍ଲୀ ଖବର, ତମର କଣ ହେଲା ?

-ନାଇଁ, ରିତୁ ଆସିଥିଲା, ପଇସା କିଛି ଦେଲି । ସେ ଗର୍ଭବତୀ ।

ଭାବୁଚି ସେ ଗଲା ବେଳୁ ଯେ ତାର କଣ ହେବ ? ତା ଭଳି ଅନେକ ସ୍ତ୍ରୀ ଲୋକ କଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବେ ? କରୋନା ପାଇଁ କଣ ଜନନୀ ସୁରକ୍ଷା ଯୋଜନା ବନ୍ଦ୍ କରିଦେବେ ସରକାର ? "ସେମାନେ କଣ କରିବେ ?" ବିଚଳିତ ହେଇ ପ୍ରଶ୍ନ କଲେ ସୋମା ଦେବୀ । ହାଲିଆ ହୋଇ ହସ୍ପିଟାଲ୍ ରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବ । ସକାଳ ୮ ଟା ରୁ ଯାଇଥିଲା ଯେ, ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ୪ ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡି ଉଠିଲା ଆଉ କହିଲା "ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କେଉଁଠି ପାଣି ଟୋପେ ପିଇଚି କି ନାଇଁ ପଚାରିବା ଦୂରର କଥା, ହାତକୁ ଗାମୁଛା ଟା ବଢେଇବା କୁ କଷ୍ଟ ହେଉଛି । ବାଇମୁଣ୍ଡି କୁ ....."

ସୋମା କିଛି କହିଲାନି, ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, " ଖାଇବା ସବୁ ଥଣ୍ଡା ହେଇ ଯାଇଛି, ଟିକେ ଅପେକ୍ଷା କର ଗରମ୍ କରିଦେବି ।"

ରମେଶ ଗାମୁଛା ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର । ମୋ ପେଟ ଜଳିଲାଣି ।"

ଯେବେଠୁ କରୋନା ହେଲାଣି, ରମେଶ ଆସି ଘରେ ଖାଆନ୍ତି । ଖାଇବା ଗରମ୍ କରୁ କରୁ ସୋମା ଦେବୀ ଭାବୁଥିଲେ, ଝିଅଟା ଆମ ଘରେ କାଇଁ କୋଉ ବର୍ଷ ରୁ କାମ କରି ଆସୁଛି, ତା ପାଇଁ ଟିକେ ଚିନ୍ତା କରିବା କଣ ଖରାପ୍, ରମେଶ କଣ ପାଇଁ ବିରକ୍ତ ହେଲେ ? ହଉ ଛାଡ଼ ଯାହା ଭାଗ୍ୟ ରେ ଯାହା ଲେଖା ହେଇଚି ସେଇଆ ହେବ ।

ଗାଧୋଇ ସରି, ଖାଇ ବସିଲେ । ଖାଇବା ପରେ ଯେମିତି ଆତ୍ମା ଶାନ୍ତି ହେଲା ଭଳି ଲାଗିଲା । କ୍ଲାନ୍ତ ଶରୀର ଟାକୁ ଖଟ ଉପରେ ଗଡ଼େଇ ଦେଇ ଭାବୁଥିଲେ, ବେଶୀ ବିରକ୍ତ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଇନି ତ, ସୋମା ରାଗିବନି ତ ? ବ୍ୟସ୍ତ ହେଇ ଡାକ୍ତର ମହାପାତ୍ର ଙ୍କୁ ମେସେଜ କଲେ, ମୋର ଚିହ୍ନା ଜଣେ ପ୍ରେଗ୍ ନାଣ୍ଟ ଅଛନ୍ତି, ଏଭଳି ମହାମାରୀ ସମୟରେ ଯୋଉଠି ସବୁ ଡାକ୍ତର ଖାନା ବନ୍ଦ୍ ହଉଚି, କଣ କରିବ ? ଡାକ୍ତର ମହାପାତ୍ର ହସି ହସି କହିଲେ ମାନେଜର୍ ବାବୁ, ଆପଣ କହିଲେ ଡାକ୍ତର ଯାଇ ଘରେ ଡେଲି ଭରି କରେଇ ଆସିବେ ।

କାମ ସାରି ସୋମା ଦେବୀ ଆସିଲେ ବେଡ୍ ରୁମ୍ କୁ, ଟିକେ ଅଭିମାନ ଭରା ମନକୁ ନେଇ ରମେଶ ବାବୁ ଙ୍କୁ କିଛି ନକହି ଗୋଟେ କଣ କୁ ଗଡ଼ି ପଡିଲେ । ରମେଶ ବାବୁ ଟିକେ ସୋମା ଆଡ଼କୁ ଆସି କହିଲେ, ବ୍ୟସ୍ତ ହୁଅନି ମ, ଡାକ୍ତର ମହାପାତ୍ର ଙ୍କୁ କହିଲେ ସେ ଆସି ସାହାଯ୍ୟ କରିବେ । ଅଭିମାନ ନଥିଲା ଆଉ, ଭାଙ୍ଗି ଯାଇଥିଲା ଦୁଇପଦ କଥାରେ । ହେଲେ ମନରେ ଉଙ୍କି ମାରୁ ଥିଲା ଆଉ ଗୋଟେ ପ୍ରଶ୍ନ, ଯଦି ଡାକ୍ତର ମହାପାତ୍ର କରୋନା ରେ ଆକ୍ରାନ୍ତ ହୁଅନ୍ତି ?

ଭାରତୀୟ ଷ୍ଟେଟ ବ୍ୟାଙ୍କ, ଆଞ୍ଚଳିକ ଶାଖା, ବ୍ରହ୍ମନଗର, ବ୍ରହ୍ମପୁର

ଇମେଲ୍ : sudeep.bagh@sbi.co.in / sudeeprohan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ ପ୍ରତିମା



ତୋଷବନ୍ତ ମେହେର

ରାତି ଗୋଟାଏ କି ଦି ଟା ହୋଇଥିବ । ଅନୁପମା ଆଖିକୁ ନିଦ ଆସୁ ନ ଥାଏ । ଥର ଥର କରି ଘଣ୍ଟା ଆଡେ ତା' ନଜର ଅପଣାଛାଏଁ କେମିତି ଚାଲିଯାଏ ସେ ଜାଣି ପାରେନି ।ସକାଳ କେତେବେଳେ ହେବ ? ସାରଙ୍କ ବ୍ୟସ୍ତ ବିବ୍ରତ ମୁହଁ ଦେଖିଲା ପରଠୁ ଅନୁପମା ମନରେ ଅନେକ ପ୍ରଶ୍ନ ! ଏଭଳି ଅବସ୍ଥାରେ ସେ ସାରଙ୍କୁ କେବେ ଦେଖି ନ ଥିଲା । ସକାଳ ହେଲେ ସାରଙ୍କୁ ସେ ଦେଖା କରିବ ।ମନେ ମନେ ଭାବୁଥାଏ ..ଓଃ ଏ ରାତ୍ରି ଟା କେତେ ଲମ୍ବା କେଜାଣି .. ! ! ଏମିତି ଭାବୁ ଭାବୁ ଅନୁପମା କେତେବେଳେ ଯେ ଶୋଇ ପଡିଥିବ ସେ ଜାଣିନି । ହଠାତ ତାର କାନରେ ପ୍ରତିଧ୍ୱନିତ ହେଲା ଡ୍ରାଇଭରର ହର୍ଣ୍ଣ... । ସକାଳ ୧୦ଟା ବାଜି ଯାଇଥାଏ । ଡ୍ରାଇଭର ଅନୁପମାକୁ ନେବାକୁ ଆସିଥାଏ । ଅନୁପମା ଚମକି ପଡି ଦେଖିଲା—

"ଆଲୋ ମା ଲୋ...୧୦ ଟା ହେଇଗଲାଣି .. ! !" କହି ଝାଡ଼ିଝୁଡ଼ି ହୋଇ ଉତ୍ତର ଦେଲା ଟିକେ ସମୟ ରୁହ ମୁ ବାହାରୁଛି ।

ଅଧ୍ୟାପନା ଜୀବନର ୫ ବର୍ଷ ପୁରିଛି । ଅନୁପମା କଲେଜରେ ପାଠପଢ଼ାଇ ଆସିଲା ପରେ ଘରର ଚର୍ଚ୍ଚା କରିବା,ଲେଖାଲେଖି କରିବା ଆଉ କେବେ କେମିତି ସ୍ୱାମୀଙ୍କ ମନ ଜାଣି ରୋଷେଇ କରିବାରେ କେବଡ଼ ବି ଅବହେଳା କରନ୍ତି ନାହିଁ ଅନୁପମା । ଧନୀ ଘରର ଝିଅ ହେଲେ ବି ତାଙ୍କ ମନରେ ଟିକିଏ ବି ଗର୍ବ କି ଆତ୍ମବଡିମା ନାହିଁ ।ଜଣେ ସାଧାରଣ ଘରର ଝିଅ ଭଳି ନିରାଡ଼ମ୍ବର ଜୀବନଯାପନ ଆଉ ବେଶଭୁଷାରେ ବେଶ ଖୁସି ପାଆନ୍ତି ଅନୁପମା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ସବୁ ଗୁଣ ନିଜ ପିଲାବେଳ ଗୁରୁ ମଧୁମାଷ୍ଟ୍ରେଙ୍କ ଠାରୁ ଶିଖିଛନ୍ତି ଓ ତାକୁ ଅକ୍ଷରେ ଅକ୍ଷରେ ପାଳନ କରି ଆଜି ଜୀବନର ମାନଚିତ୍ର ଅଙ୍କିଚାଲିଛନ୍ତି ।

ଏଇ କିଛି ଦିନ ତଳେ ମଧୁମାଷ୍ଟ୍ରେଙ୍କ ସହିତ ଅନୁପମାର ଦେଖା ହୋଇଥିଲା ସମ୍ବଲପୁରର ଗୋଲ ବଜାର ଛକରେ । ଅତି ଶ୍ରଦ୍ଧା ଓ ଭକ୍ତି ସହ ପ୍ରଣିପାତ ଜଣାଇ ଅନୁପମା ସାରଙ୍କୁ ପଚାରିଥିଲେ-

" ସାର କେମିତି ଅଛନ୍ତି ?"

ଅନୁପମାକୁ ଦେଖି ସାରଙ୍କ ଉଦାସ ଆଖିରେ ହସର ଫଗୁ ଟିକେ ବୋଲି ହୋଇଗଲା ସେଦିନ ।ମଧୁମାଷ୍ଟ୍ରେ ହସ ହସ ମୁହଁରେ କହିଲେ – " ଭଲ ଅଛି ଲୋ ମା "

ହଠାତ ଅନୁପମାର ମୁହଁ ଶୁଖିଗଲା ସାରଙ୍କ କଥା ଶୁଣି । ତାର ମନେ ଅଛି ସାରଙ୍କୁ ଭେଟିଲେ ସାର ତାକୁ କେମିତି ମୋ ସୁନା ଲକ୍ଷ୍ମୀ ପ୍ରତିମା କହି ଗାଲକୁ ଟିକେ ଚିମୁଡ଼ି ଦେଇ ଅତି ଉତ୍ସାହ ସହ କେତେ କଥା ପଚାରିପକାଉଥିଲେ ।ଆଜି କିନ୍ତୁ ସାରଙ୍କ ମୁହଁରେ ସେ ଭାବ ନାହିଁ । "କଣ ହୋଇଛି ସାରଙ୍କର ... ! ?" ଅନୁପମା ମନରେ ପ୍ରଶ୍ନ ବସା ବାନ୍ଧୁଥାଏ ।

ଅନୁପମାର ଏକମାତ୍ର ପଥପ୍ରଦର୍ଶକବ ପିଲାଦିନ ଅବଧାନ ହେଉଛନ୍ତି ମଧୁସୂଦନ ପଢ଼ିଆରୀ । ଗାଁ ଲୋକ ତାଙ୍କୁ ଶ୍ରଦ୍ଧାରେ ମଧୁମାଷ୍ଟ୍ରେ ବୋଲି ଡାକନ୍ତି । ଗାଁ ପ୍ରାଥମିକ ସ୍କୁଲରେ ଶିକ୍ଷକ ଓ ପରେ ପ୍ରଧାନ ଶିକ୍ଷକ ହେଉ ହେଉ ମଧୁମାଷ୍ଟ୍ରେଙ୍କ ନାଁ ଚାରିପାଞ୍ଚଖଣ୍ଡ ଗାଁ ସମେତ ସ୍ଥାନୀୟ ଅଂଚଳ ବାହାରେ ମଧ୍ୟ ବେଶ ସୁନାମ ଅର୍ଜନ କରିସାରିଥିଲା । ନିରୀହ ସରଳ ଓ ମଧୁଭାଷୀ ମଧୁମାଷ୍ଟ୍ରେ ଥିଲେ ଜଣେ ଛାତ୍ରବତ୍ସଳ ଶିକ୍ଷକ । ତାଙ୍କ ସଂସାର କହିଲେ ତାଙ୍କ ସ୍ତ୍ରୀ ଓ ଗୋଟିଏ ପୁଅ ଆଉ ଗୋଟିଏ ଝିଅ । ସ୍ତ୍ରୀ ତାଙ୍କୁ ଛାଡି ଆରପାରିକୁ କେବେଠୁ ଚାଲିଗଲେଣି । ଗାଁ ଭିଟାମାଟି ଛାଡି ଏବେ ଅବସର ନେଇ ସମ୍ବଲପୁରରେ ଅବସ୍ଥାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଛନ୍ତି ନିଜ ପିଲାଙ୍କୁ ପାଠପଢ଼ାଇ ମଣିଷ କରିବା ପାଇଁ । କିନ୍ତୁ ଜୀବନର ସବୁ ଦୁର୍ବିପାକରେ ସାହସ ରଖି ହସହସ ମୁହଁଟେ ଆଜି କିମ୍ପା ଶୁଖି ଯାଇଛି ତାର ମାନେ ଅନୁପମା ବୁଝିପାରିନି ଏଯାଏ ।

ଅନୁପମାର ମନେ ପଡିଯାଉଥାଏ ଗାଁରେ ଥିଲାବେଳେ ସାରଙ୍କ ଝିଅ ବବିତା ସହିତ ଅନୁପମା କେତେ ଲାଡ଼ ଗେଲ ହେଉଥିଲା । ଘଣ୍ଟା ଘଣ୍ଟା ଧରି ତା ସାଥିରେ ବୋହୁଚୋରୀ, ପୁଚି ଖେଳୁଥିଲା । ପୁଣି ସାରଙ୍କ ବାଡ଼ିପଟରୁ ଆମ୍ବତୋଳି ଲୁଣ ଲଙ୍କା ସହ ଖାଇବାର ମଜା ଏଯାଏ ଭୁଲିନାହିଁ ଅନୁପମା ।ବବିତା ସାଙ୍ଗରେ ଥିଲେ ସେ ଘର ଦ୍ୱାର ଭୁଲି ଯାଉଥିଲା । ନିଜ ଭଉଣୀଠୁ ବେଶି ଭଲପାଉଥିଲା ବବିତାକୁ । ସାର ବି ଅତି ସରଗରେ କହୁତଜିଲେ ଅନୁପମା ମୋର୍ ଛାତ୍ରୀ ନୁହେଁ ମୋର୍ ଆଉ ଗୋଟିଏ ଝିଅ । ସାରଙ୍କ ମୁଖରୁ ଏକଥା ଶୁଣି ଅନୁପମା ନିଜକୁ ଧନ୍ୟ ମନେ କରୁଥିଲା । ବବିତା ସହ ବିତାଇଥିବା ସେ ଅମୁଲ୍ୟ ମୁହୂର୍ତ୍ତ ଆଉ ଅତୀତକୁ ଏବେ ବି ଅନୁପମା ଖୋଜନ୍ତି । ଏ ସବୁ ମନରେ ରୋମନ୍ଥନ କରୁକରୁ ଅନୁପମା ପଚାରିଲେ-

"ବବିତା କେମିତି ଅଛି ସାର ? ସେ ଆଉ ମୋତେ ମନେ ରଖିଛି କି ନାହିଁ । ନା ସେ ମୋତେ ଭୁଲିଗଲାଣି .. !"

ମଧୁମାଷ୍ଟ୍ରେଙ୍କ ମୁହଁରୁ ଉତ୍ତର ଫିଟିପାରୁ ନ ଥାଏ କେମିତି କେଜାଣି । ଟିକିଏ ଏପଟ ସେପଟ ଚାହିଁ କିଛି ଉତ୍ତର ଦେବାକୁ ଚାହିଁଲେ ନାହିଁ । ଯିବାକୁ ଉଦ୍ୟତ ହେଉ ହେଉ କହିଲେ –" ଘର ଆଡ଼େ ଆସିବୁ ଲୋ ମା ସମୟ ମିଳିଲେ । ଡେରି ହେଉଛି ଲୋ ମା ଘରକୁ ଟିକେ ଯିବାକୁ ହେବ । ପରେ କେତେବେଳେ କଥା ହେବା ।" କହି ବାଟ ଭାଙ୍ଗି ଚାଲିଯାନ୍ତି ମଧୁମାଷ୍ଟ୍ରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରଙ୍କ ଯିବା ପରେ ପରେ ଅନୁପମାର ପାଦ ସେଇଠି ରହିଯାଇଥାଏ । ଆଉ ଆଗକୁ ଯିବାର ବଳ ପାଉ ନ ଥାଏ ଯେପରି । ଆଖିରେ ଭାରି ଆସୁଥାଏ ଅମାନିଆ ଅଭିମାନିନୀର ଅବୁଝା ଲୁହ । ହୁଏତ ଏ ଲୁହ ସାର ପ୍ରଶ୍ନର ଉତ୍ତର ଦେଲେ ନାହିଁ, ସେଥିପାଇଁ ନୁହେଁ । ସାରଙ୍କ ଚିନ୍ତିତ ମାନସ ଆଉ ଅସହାୟ ଭାବଭଙ୍ଗୀ ଅନୁପମା ଆଖିରେ ଲୁହ ଭରିଦେଲା । ସାରଙ୍କ ପ୍ରତି ତାର ଯେଉଁ ଅଚଳା ଭକ୍ତି, ଅନୁରକ୍ତି ବୋଧ ହୁଏ ଆଜିର ସମାଜରେ ଖୁବକମ ଦେଖିବାକୁ ମିଳେ ଗୁରୁଶିଷ୍ୟ ସମ୍ପର୍କରେ । ହାୟ, ବିଧାତା ଜାଣନ୍ତି ଆଜି ପୁଣି ଏ କି ସମୟ … !

ଦ୍ୱିପହର ବେଳ । ସାରଙ୍କ କଥା ରଖି ଅନୁପମା ଆସୁଥିଲା ସାରଙ୍କୁ ଦେଖା କରିବାକୁ । ସାଙ୍ଗରେ ତା ହାତ ତିଆରି ରୁଟି ଆଉ କ୍ଷୀରି ନେଇ । ସାରଙ୍କୁ ଖାଦ୍ୟ ଟିଫିନ ବଢ଼ାଇ ଦେଉ ଦେଉ କହିଲା—

-"ଏଇଟା ଆପଣଙ୍କ ପାଇଁ ଗୋଟିଏ ଛୋଟିଆ ଉପହାର ।"

-" ହେଉ ମା ରଖିଦେ ଟେବୁଲରେ ।" ଟିକିଏ ସ୍ମିତ ହସ ହସି କହିଲେ ମଧୁମାଷ୍ଟ୍ରେ ।

ଖାଦ୍ୟ ଟିଫିନ ଟି ଟେବୁଲରେ ରଖି ଦେଉ ଦେଉ ଅନୁପମା ପ୍ରଶ୍ନ କଲା—"କିଛିଦିନ ହେଲା ଆପଣ ବିଚଳିତ ଜଣା ପଡୁଛନ୍ତି । କଣ ହୋଇଛି ଆପଣଙ୍କର.. ! ! ?" ସାରଙ୍କ ପାଟିରୁ ଯାହା କିଛି ଶୁଣିଲା ସେଦିନ, ଅନୁପମାର ପାଦ ତଳୁ ମାଟି ଖସିଗଲା… ।

୪୦ ବର୍ଷର ଶିକ୍ଷକତା ଭିତରେ ଯେଉଁମାନଙ୍କୁ ସେ ଆଜି ମଣିଷ କଲେ ସେମାନେ ଆଜି ସାରଙ୍କୁ ମନେ ରଖନ୍ତୁ ଅବା ନ ରଖନ୍ତୁ ତାଙ୍କ ତିଳେ ମାତ୍ର ଦୁଃଖ ନାହିଁ । କିନ୍ତୁ ନିଜ ପୁଅ ତାଙ୍କୁ ଭୁଲିଯାଇଛି ସେଟା ହେଉଛି ତାଙ୍କ ପାଇଁ ବଡ଼ ଦୁଃଖ । ପୁଅକୁ ଡାକ୍ତର କରିବାର ସ୍ୱପ୍ନ ନେଇ ଭୁବନେଶ୍ୱରରେ ଛାଡ଼ି ଆସିଥିଲେ ପଢିବା ପାଇଁ ।ସେଠି ରହି କଣ କରୁଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଜାଣି ଝିଅଟିକୁ ପ୍ରେମ କରି ସୁରଟ ଯାଇ ସୂତାକଳ କାମ କରି ଏବେ ଫେରି କ୍ୱାରେଣ୍ଟିନରେ ଅଛି । ରିପୋର୍ଟରୁ ଜଣା ପଡ଼ିଛି ତାର କରୋନା ପଜିଟିଭ ବାହାରିଛି । ଏହି ଘଟଣାର ୧୮ ଦିନ ପରେ ଝିଅ ବବିତା ଧର୍ଷଣର ଶିକାର ହୋଇ ହସ୍ପିଟାଲରେ ପୀଡ଼ିତା । କେଉଁଠି ଆଘାତ ପାଇ ଦେହରୁ ବହୁତ ରକ୍ତ ଚାଲିଯାଇଛି । ପ୍ରତି ଘଣ୍ଟାରେ ତାକୁ ବ୍ଲଡ଼ ଦରକାର ହେଉଛି । ତାର ଓ ପଜିଟିଭ ବଡ଼ ଗ୍ରୁପ । ହସ୍ପିଟାଲ ବ୍ଲୁଡ଼ ବ୍ୟାଙ୍କରେ ସେ ପ୍ରକାର ବ୍ଲଡ଼ ନାହିଁ ଆଉ । ଅଂଶୁମାନ ବାବୁ କହୁଛନ୍ତି ଆଜି ପାଇଁ ଯେତିକି ବ୍ଲୁଡ଼ ଦରକାର ଅରେଞ୍ଜ ହୋଇଯିବ । କାଲି ପାଇଁ ଯୋଗାଡ଼ କରନ୍ତୁ ନ ହେଲେ ଝିଅର ଜୀବନ ପ୍ରତି ବିପଦ । ମାତ୍ର ଚାରି ପ୍ରତିଶତ ବ୍ଲଡ଼ ଅଛି ଦେହରେ । ନର୍ସ କହିଲେ ଆଉ ଏମିତି ବ୍ଲୁଡ଼ ତ ଦେଇ ହେବନି ମାଗଣାରେ ଆପଣ ବ୍ଲୁଡ଼ ଏକ୍ସଚେଞ୍ଜ କରନ୍ତୁ । ନ ହେଲେ କାଲି ପାଇଁ ବ୍ଲୁଡ଼ ମିଳିବ ନାହିଁ । ବବିତା ସାରଙ୍କ ଜୀବନର ଶେଷ ଆଲୋକ ଦୀପ । ଅନୁପମା ଏ ସବୁ ଶୁଣିବା ପରେ ନିଜେ ବି କିଛି ସ୍ଥିର କରି ପାରୁ ନ ଥାଏ ସେ କଣ କରିବ । ଆପଣାର ଆଉ ବବିତାର ଖୁସିରେ ସାରଙ୍କ ଜୀବନ ଅବଲମ୍ବିତ ଏ କଥା ଅନୁପମା ଛଡା କିଏ ବୁଝିବ ଯେ ... ?

ତଥାପି ସାରଙ୍କୁ ଆଶ୍ୱାସନା ଦେଇ ଅନୁପମା କହୁଥାନ୍ତି—" ଆପଣ ଚିନ୍ତା କରନ୍ତୁ ନାହିଁ । ସବୁ ସୁବିଧା ହୋଇଯିବ । ଆପଣ ଟିକିଏ ଧୈର୍ଯ୍ୟ ରଖନ୍ତୁ ।"

ଅନୁପମାଙ୍କ ସ୍ୱାମୀ ଅଂଶୁମାନ ଫାର୍ମାସିଷ୍ଟ ଡାକ୍ତର ଥିଲେ ସେହି ହସ୍ପିଟାଲରେ ଯେଉଁ ହସ୍ପିଟାଲରେ ବବିତା ଆଡ଼ମିଟ ହୋଇଛନ୍ତି । ଅନୁପମା ନିଜ ଭଲପାଇବାର ସବୁ ପରିଧି ଭିତରେ ଅଂଶୁମାନଙ୍କୁ ସେ ବାନ୍ଧି ରଖିଛନ୍ତି । ଜଣେ ରୋଗୀ ପ୍ରତି ଅଂଶୁମାନ ଯାହା କର୍ତ୍ତବ୍ୟ ତାହା ସୁଚାରୁରୂପେ ସମ୍ପାଦନା କରିସାରିଛନ୍ତି । ଏଣେ ଅନୁପମା ବି ସ୍ୱାମୀଙ୍କୁ ଆଉ କଣ କହି ବବିତାର ସ୍ୱାସ୍ଥ୍ୟ ପ୍ରତି ସଜାଗ ହେବାକୁ କହିବେ ସେ ବି କିଛି ଭାବି ପାରୁନାହାନ୍ତି । ତଥାପି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବ୍ଲଡ଼ ପାଇଁ ସ୍ୱାମୀଙ୍କୁ କିଛି ସୁବିଧା କରିବା ପାଇଁ ଗୁହାରି କରିବା ଛଡା ଆଉ କଣ ଅଛି ଯେ ... ! ? ବବିତା ପ୍ରତି ଅନୁପମାର ଭଲ ପାଇବା , ଗୁରୁ ପ୍ରତି ଭକ୍ତି ଓ ଶ୍ରଦ୍ଧା ସ୍ୱରୂପ କିଛି ତ୍ୟାଗ କରିବାର ଆଉ ସ୍ୱାମୀ ପ୍ରତି ନିଜ କର୍ତ୍ତବ୍ୟକୁ ସମ୍ଭାଳିବାର ତ୍ରିଚକ୍ରରେ ଆଜି ଅନୁପମା ସାଜିଛନ୍ତି ଅଭିମନ୍ୟୁ । ଏମିତି ଏନେକ କଥା ଅନୁପମାଙ୍କ ମନରେ ଘାରୁଥିଲା ବେଳେ ହଠାତ ସାର ଓରସନ କରନ୍ତି-

-ମା ଗୋଟେ କଥା ପଚାରିବି କହିବୁ ?”

- ପଚାରନ୍ତୁ”

- କାଳେ ଯଦି ବବିତାର କିଛି ହୋଇଯାଏ ତେବେ ତୁ ମୋ ଝିଅ ହୋଇ ରହିବୁ ଲୋ ମା । ଏ ଘରଟା ଭୁତ ମଶାଣି ହେବା ଆଗରୁ ତୁ ତାକୁ ଦେବତାଙ୍କ ଘରର ମର୍ଯ୍ୟାଦା ଦେଇ ପାରିବୁ କି ମା.. ?” ( ଆଖି ଛଳଛଳ ହୋଇ ଯାଉଥାଏ ମଧୁମାଷ୍ଟ୍ରେଙ୍କ)

- ଆପଣ ଏମିତି କାହିଁକି ଭାବୁଛନ୍ତି । ମୁ ଥିବା ଯାଏ ବବିତାର କିଛି ହେବନି ସାର । ଆପଣ ତୁନି ହୁଅନ୍ତୁ “ ( ଆଶ୍ୱାସନା ଦେଇ କହୁଥାଏ ଅନୁପମା)

ସାରଙ୍କ ଠାରୁ ବିଦାୟ ନେଉ ନେଉ ଅନୁପମା ଖାଲି ଏତିକି କହିଗଲା ଯେ- “ଆପଣ ନିଶ୍ଚିନ୍ତ ଥାନ୍ତୁ । ମୋ ସ୍ୱାମୀଙ୍କୁ କହି କିଛି ଗୋଟେ ସୁବିଧା ନିଶ୍ଚୟ କରେଇବି ।“ ଅନୁପମାର ଏଇ ଦୁଇପଦ କଥା ମଧୁମାଷ୍ଟ୍ରେଙ୍କୁ ଟିକିଏ ଆଶ୍ୱସ୍ତି ଦେଇଥିଲା ଯେମିତି ।

ଦିନ ଅଢେଇଟା ହେବ । ସ୍ୱାମୀ ଅଂଶୁମାନ ହସପିଟାଲରୁ ଘରକୁ ଫେରିଥାନ୍ତି । ଅନୁପମା ଏଣେ ଅସ୍ଥିର । ବବିତା ଆଉ ସାରଙ୍କ ଅସହାୟତା ତାକୁ ବିଚଳିତ କରୁଥାଏ ।

ହେଇଟି ଶୁଣୁଛ । ଖାଇବାକୁ ବାଢ଼ ଭୋକ ହେଲାଣି ।“ – ଅଂଶୁମାନ ଡାକ ପକାଉଥାନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନୁପମା ଚେୟାରରୁ ଉଠିଯାଇ ଅଂଶୁମାନ ପାଖକୁ ଯାଇ ପଚରନ୍ତି- " କେତେବେଳେ ଫେରିଲ । ବବିତାର ସ୍ୱାସ୍ଥ୍ୟ କେମିତି ଅଛି ?" ( ଉତ୍କଣ୍ଠା ସହ ପଚାରନ୍ତି ଅନୁପମା )

-ଆମ ଆଡୁ ସବୁ ପ୍ରକାର ଚେଷ୍ଟା ଚାଲିଛି । ବ୍ଲୁଡ଼ ମିଳୁନାହିଁ । ତେଣେ ଭଗବାନ ହିଁ ସାହା ଭରସା । କାଲି ଯାଏ ବ୍ଲଡ଼ ମିଳିଗଲେ ବବିତା ଭଲହୋଇଯିବେ । ଆଉ କଣ କରାଯାଇପାରେ ? ବବିତାର ଭାଇର ବ୍ଲଡ଼ O+ କିନ୍ତୁ ସେ ତ କରୋନା ସଂକ୍ରମିତ । ବ୍ଲୁଡ଼ ଦେଇ ହେବନି । ହେଉ ଯାହା ହେବା କଥା ହେବ । କାଲିକି ଦେଖିବା । ତମେ ଖାଇବା ରେଡି କର କହିଲି ପରା... ! !

ସ୍ୱାମୀଙ୍କ ମୁଖରୁ ଏ ପ୍ରକାର ନିରାଶ ହ୍ୱାକ୍ୟ ଶୁଣି ଅନୁପମା ସମ୍ପୂର୍ଣ୍ଣ ହତାଶ ହୋଇବ ପଡିଲେ । ଅତି ଅସହାୟ କଣ୍ଠରେ କହିଲେ—

- " ତେବେ ସେମାନେ ଏବେ କଣ କରିବେ... ! ! ?"

ହାଲିଆ ହୋଇ ହସପିଟାଲରୁ ଫେରିଥିବା ଅଂଶୁମାନ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବ ଓ ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ସନ୍ଧ୍ୟା ସାଢେ ଚାରିଟା ବାଜିଲାଣି । ବିରକ୍ତ ହୋଇ ଚିଡି ଯାଇ ଅଂଶୁମାନ କହିଲା-

-" ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନ ସାରା ପାଣି ଟୋପେ ପିଇଛି କି ନାଇଁ ପଚାରିବାର ତ ଦୂରର କଥା ହାତକୁ ଗାମୁଛା ଟେ ବି ବଢ଼େଇଦେବାକୁ କଷ୍ଟ ହେଉଛି ବାଇମୁଣ୍ଡିକୁ.."

ଅନୁପମା କିଛି କହିଲେନି । ଚେୟାର ଉପରେ ଆଣି ଗାମୁଛାଟେ ଥୋଇ ଦେଉ ଦେଉ କହିଲା-

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-"ଖାଇବା ସବୁ ତ ଥଣ୍ଡା ହୋଇ ଯାଇଛି ।ଅପେକ୍ଷା କର ମୁ ଗରମ ଡାରି ନେଇ ଆସୁଛି ।"

ଅଂଶୁମାନ ଗାମୁଛା ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲା—"ଶୀଘ୍ର କର । ମୋ ପେଟ ଜଳିଲାଣି ।"

ସ୍ୱାମୀକୁ ଖାଇବା ଦେଇ ଅନୁପମା ଭାବୁଥାଏ-" ଯଦି ରକ୍ତ ନ ମିଳେ ତେବେ କଣ ହେବ ବବିତାର.. ! ? ଭାବୁଥାଏ ନିଜେ ବ୍ଲୁଡ୍ ଏକ୍ସଚେଞ୍ଜ କରି ପାରିବ କି ? କିନ୍ତୁ ସେ ଜାଣନ୍ତି ସ୍ୱାମୀ ତାଙ୍କୁ ଅନୁମତି ଦେବେ ନାହିଁ । ପରପାଇଁ ଏତେ ବ୍ୟସ୍ତ ହେବାରେ ସେ ଜମା ବ ସମର୍ଥନ ନେବେ ନାହିଁ । କିନ୍ତୁ ଅନୁପମା ଜାଣନ୍ତି ବବିତା ତାଙ୍କ ପାଇଁ ପର ନୁହନ୍ତି । ଏ କଥା ସ୍ୱାମୀ ଜାଣିଲେ ବି ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ । ଗୋଟିଏ ନାରୀ ମନ ଆଉ ଗୋଟେ ନାରୀ ପାଇଁ କେବେ ବି ଏତେ ନିଷ୍ଠୁର ହୋଇ ପାରିବ ନାହିଁ ।ମଧୁମାଷ୍ଟ୍ରେ ଆଉ ବବିତା ଖୁସି ପାଇଁ ଅନୁପମା ନିଜ ଜୀବନକୁ ବି ତ୍ୟାଗ କରିଦେବାରେ ପଛଘୁଞ୍ଚା ଦେବେ ନାହିଁ । ଏମିତି ମନମନ୍ଥନ କରୁ କରୁ ଅଂଶୁମାନ ଖାଇସାରି ଟିକେ ରେଷ୍ଟ ନେବାକୁ ଯାଉ ଯାଉ ଅନୁପମାକୁ ଦେଖି ଟିକିଏ ଗମ୍ଭୀର ହୋଇଗଲେ ଆଉ କିଛି ସମୟ ଛିଡା ହୋଇ ସମ୍ବେଦନଶୀଳ କଣ୍ଠରେ କହିଲେ-

-" ଅନୁପମା କାଲି ହସ୍ପିଟାଲ ଯାଇ ଅନୁପମାକୁ ଦେଖି ଆସିବ । ସେ ତମକୁ ଖୋଜୁଛି ।କିଏ ଜଣେ କାଲି କଣ ହେବ ... ! ?"

ଅଂଶୁମାନଙ୍କ କଥା ଶୁଣି ଅନୁପମାର ଆଉ ଥୟ ରହିଲା ନାହିଁ । ସେ ସଂଗେ ସଙ୍ଗେ ବହାରିପଡନ୍ତି ହସ୍ପିଟାଲ ଯିବା ପାଇଁ । ହସ୍ପିଟାଲ ପହଂଚି ଦେଖନ୍ତି ମଧୁମାଷ୍ଟ୍ରେ ଗାଲରେ ହାତ ଦେଇ ଚୁପ ହୋଇ ବସି ରହିଛନ୍ତି । ଚିକିତ୍ସା ସମ୍ପର୍କରେ ପଚାରୁ ପଚାରୁ ଜାଣିବାକୁ ପାନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଅଳ୍ପ ମାତ୍ର ସମୟ ଅଛି ତାଙ୍କ ପାଖରେ । ଅନୁପମା କିଛି ନ ବୁଝି ସାରଙ୍କୁ କହିଲା---

-“ ଆପଣ ମୋ ଗୁରୁପ୍ରତିମ । ଆପଣ ମୋତେ ଶକ୍ତି ମୁକ୍ତି ଶିକ୍ଷା ଦୀକ୍ଷା ସବୁ ଦେଉଛନ୍ତି । ଏଇ ଶିକ୍ଷାର କିଛି ମୂଲ୍ୟ ନାହିଁ । ଯଦି ମୁ ଆପଣଙ୍କୁ ଏଭଳି ସମୟରେ ସହଯୋଗ କରି ନ ପାରୁଛି.. !

- ତୁ କଣ କରି ପାରିବୁ ଲୋ ମା । ତୁ ଘରକୁ ଯା । ଈଶ୍ୱର ଥିଲେ ମୋ ଝିଅକୁ ଭଲ କରିଦେବେ ।

ଅନୁପମା କହିଲା—” ମୁ ମୋର ବ୍ଲଡ଼ ଏକ୍ସଚେଞ୍ଜ କରି ବବିତା ପାଇଁ ବ୍ଲଡ଼ ଯୋଗାଡ଼ କରି ପାରିବି ସାର । ଆପଣ ମୋତେ ଅନୁମତି ଦିଅନ୍ତୁ ।“ ସେପଟେ ନର୍ସ ଆସି ବାରମ୍ବାର ପଚାରୁଥାଏ ବ୍ଲଡ଼ ପାଇଁ କିଛି ସୁବିଧା କଲେବିକି ଆଜ୍ଞା ?

ମଧୁମାଷ୍ଟ୍ରେ ଉତ୍ତର ଦେଉଥାନ୍ତି—ନା” ( ଅସହାୟ ଭାବେ)

ଅନୁପମାର କଥା ଶୁଣି ମଧୁମାଷ୍ଟ୍ରେ ଟିକିଏ ହସିଲେ ଆଉ କହିଲେ—ତତେ ଶିକ୍ଷା ଦେଇ ମୁଁ ଦ୍ରୋଣ ହେବାକୁ ଚାହେଁ ନାହିଁ ଲୋ ମା । ତୋ ଦେହରୁ ରକ୍ତ ନେଇ ମୋ ଝିଅକୁ ବଞ୍ଚାଇବା ଭଳି ସ୍ୱାର୍ଥପର ମୁ ହୋଇ ପାରିବିନି । ତୋ ସଂସାର ଆଉ ତୋ ସ୍ୱାମୀ ପ୍ରତି ମୋର ଅନ୍ୟାୟ ହେବ । ତୋ ସ୍ୱାମୀ ବବିତା ପାଇଁ ବହୁତ କିଛି କଲେ । ସେ ମହାନ । ତୁ ବି ମହାନ ଲୋ । ଶେଷରେ ନିଜ ରକ୍ତ ଦେଇ ମୋ ଝିଅର ଜୀବନ ବଞ୍ଚିଇବାକୁ ଧାଇଁ ଆସିଛୁ । ମୋତେ ଲାଗୁଚି ଯଦି ବବିତା ଚାଲିଯାଏ ତୁ ହି ମୋର ସବୁ ସ୍ୱପ୍ନ ପୁରା କରିବୁ ଲୋ ମା । ଆଉ ତୁ ରକ୍ତ ଦେଇ ଦେଲେ ବବିତା ବଂଚିଯିବ ଏହା ମୁ ଚାହେଁ କିନ୍ତୁ ତୋ ସଂସାର ଉଜାଡ଼ି ନୁହେଁ । ତୋ ସ୍ୱାମୀ ସମର୍ଥନ ଦେଲେ ଯାଇ ମୁ ଆଗକୁ ଭାବିବି ଲୋ ମା ।“

ସାରଙ୍କ କଥାର କିଛି ତାତ୍ପର୍ଯ୍ୟ ବୁଝି ପାରୁଥିଲା ଅନୁପମା । କିନ୍ତୁ ସାରଙ୍କ ମହାନତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରେ ତାର ମୁଣ୍ଡ ନଇଁ ଯାଉଥାଏ । ଗୋଟିଏ ପଟେ ଝିଅର ଜୀବନ ଆଉ ଗୋଟେ ପଟେ ମୋ ସୁଖ ସଂସାରକୁ ଦେଖି ସାର ଏତେ ବଡ଼ ବିଚାର ରଖିବେ ବୋଲି ଅନୁପମା କଳ୍ପନା ସୁଦ୍ଧା କରି ନ ଥିଲା । ଅନୁପମା କାନ୍ଦି କାନ୍ଦି କହିଲା—

ବବିତାକୁ ଟିକେ ଦେଖିବି ସାର । ଚାଲନ୍ତୁ ଟିକେ ଯିବା ..."

ମଧୁମାଷ୍ଟ୍ରେ ହସିଲେ ଓ କହିଲେ – ବବିତାକୁ ଦେଖି କଣ କରିବୁ ଲୋ ମା ।

କିନ୍ତୁ ଅନୁପମାର ମନମାନୁ ନ ଥାଏ ଛୋଟ ପିଲାଙ୍କ ଭଳି କହୁଥାଏ—" ପ୍ଲିଜ ସାର ମୋତେ ଟିକେ ଦେଖା କରାନ୍ତୁ ।"

ମଧୁମାଷ୍ଟ୍ରେ ଉତ୍ତର ଦେଲେ-"ହେଉ ମା ତୁ ଆଉ କାନ୍ଦନା ମୁ ତତେ ରୁମନମ୍ବର କହିଦେବି ତୁ ଦେଖି ଆସିବୁ । କିନ୍ତୁ ମୁ ଏଠୁ ଗଲାପରେ ... ।"

କିଛି ସମୟ ପରେ ମଧୁମାଷ୍ଟ୍ରେ ସେଠୁ ଚାଲିଯାଇଥାନ୍ତି । ଅନୁପମା ସାର ଦେଇଥିବା ରୁମନମ୍ବର ପାଖରେ ଛିଡା ହୋଇଥାଏ । କବାଟ ଖୋଲିଲେ ଭିତରକୁ ଯିବ । ବାରମ୍ବାର ସେ ପଟେ ଅଂଶୁମାନଙ୍କ ଫୋନ ଆସୁଥାଏ । କିନ୍ତୁ ଅନୁପମା ଆଉ ରିସିଭ କରିବାର ମୋଡ଼ରେ ନ ଥାନ୍ତି ।ତାଙ୍କ ଖାଲି ଗୋଟିଏ ଇଚ୍ଛା ବବିତାକୁ ଥରେ ଦେଖିବ । ପୁଣି ଫୋନ ଆସିଲା । କିନ୍ତୁ ଅନୁପମା ରିସିଭ କଲେନି । ଦୀର୍ଘ ୨ ଘଣ୍ଟା ପରେ କବାଟ ଖୋଲିଲା ଆଉ ଅନୁପମା ରୁମ ଭିତରକୁ ଯାଇ ସାର କହିଥିବା ବେଡ଼ ରୁମ ନମ୍ବର ଆଡେ ଆଖି ପକାନ୍ତି ତା ସେଠାରେ କୌଣସି ରୋଗୀ ନ ଥିବା ଦେଖନ୍ତି । ନର୍ସ ଆସି କହିଲେ ଏହି ବେଡ଼ ନମ୍ବରର ରୋଗୀଙ୍କ କେବେ ମୃତ୍ୟୁ ହୋଇ ସାରିଲାଣି । କିଛି ପିଲା ଆସି ତାଙ୍କୁ ନେଇଗଲେଣି ।

ଅନୁପମା ଭାବୁଥିଲା ଯେଉଁ ଝିଅଟି ଧର୍ଷଣ ହୋଇ ଏଠି ଛଟପଟ ହେଉଥିଲା ସେ ନ୍ୟାୟ ତ ପାଇଲାନି ରକ୍ତ ବି ପାଇଲାନି ଆଉ ମୋ ଗୁରୁ ପ୍ରତିମ ମୋତେ ଥରୁଟିଏ ତାଙ୍କୁ ଦେଖିବାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଯୋଗ କାହିଁକି ଦେଲେ ନାହିଁ । ଅନୁପମା କାନ୍ଦି କାନ୍ଦି ହସ୍ପିଟାଲରୁ ଫେରୁ ଫେରୁ ସାରଙ୍କୁ ବାହାରେ ଦେଖିଲା । ସାର ହାତରେ ଗୋଟେ ଖାତା ଧରି କିଛି ଗୋଟେ ଲେଖୁଥାନ୍ତି । ଅନୁପମା ଆସି ପଚାରିଲା—

ବବିତା ଚାଲିଗଲା କି ? ଆପଣ ଏଠି କଣ କରୁଛନ୍ତି ?" ମୋତେ ବବିତା ସହ ଦେଖା କରାଇବେ ବୋଲି କହିଥିଲେ ନା ?"

ମଧୁମାଷ୍ଟ୍ରେ ହସିଲେ ଆଉ କହିଲେ—" ବବିତା ତୋର କିଏ ? ତାକୁ କଣ ପାଇଁ ଖୋଜୁଛୁ ? ଏଇଆ ଯେ ତୁ ତାକୁ ପିଲାଟି ଦିନରୁ ଜାଣିଛୁ ବୋଲି । ଏଇ ହସ୍ପିଟାଲରେ କେତେ ଯେ ବବିତା ସମାଜର ଲୋଲୁପତାର ଶିକାର ହୋଇ ଜୀବନ ବିକଳରେ ଛଟପଟ ହେଉଛନ୍ତି, କେତେ ବବିତାର ହସ ହସ ମୁହଁ ଏଠି ଚିରଦିନ ପାଇଁ ଚୁପ ହୋଇ ଯାଇଛି । ସେ କଥା କେବେ ଭାବିଛୁ । ସେ ବବିତାକୁ କେବେ ଖୋଜିଚୁ । ସେମାନେ ବି ଆମ ବବିତା ପରି ଗୋଟେ ଗୋଟେ ଆଦର୍ଶ ଶିକ୍ଷକ ଆଦର୍ଶ ମଣିଷର ଝିଅ । ତାକୁ ଥରେ ଖୋଜିବୁ ଯା... ଯେଉଁମାନେ କିଛି କାରଣ ନ ଥାଇ ବି ଏଠି ମରୁଛନ୍ତି । ଆଉ ମୋ ଝିଅକୁ ରକ୍ତ ଦେଇଦେଲେ କଣ ହେବ ଲୋ ମା ସେ ରକ୍ତ ଶୋଷିବାକୁ ତ ସମାଜରେ ପିଶାଚର ଅଭାବ ନାହିଁ । କେତେ ରକ୍ତ ଦେଇ ପାରିବୁ ?"

ଅନୁପମାକୁ ଆଉ କିଛି ବୁଝିବାର ବାକି ନ ଥିଲା । ସେ ବୁଝିଯାଇଥିଲା ଗୁରୁ ପ୍ରତିମଙ୍କ ଶେଷ ନିର୍ଦ୍ଦେଶ ବାଣୀ ଆଉ ସମାଜର ପ୍ରକୃତ ଚାହାଣି । ସେ ଖାଲି ଏତିକି ଭାବୁଥାଏ ବବିତାର ପୁନର୍ଜନ୍ମ କେବେ ହେବ ଏ ରକ୍ଷସରୂପୀ ସମାଜର ଅନ୍ତ ପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁବିଧାବାଦୀ



ସମ୍ବେଦନା ମିଶ୍ର

"ସେମାନେ ଏବେ କଣ କରିବେ ?" ବିଚଳିତ ହୋଇ ସୋମା ପ୍ରଶ୍ନ କଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିବା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡ଼ି ଉଠିଲା ଆଉ କହିଲା, "ସେମାନେ ଯାହା କରିବେ, ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାହିଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି ବାଇମୁଣ୍ଡିକୁ...."

ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, "ଖାଇବା ସବୁ ତ ଥଣ୍ଡା ହୋଇଯାଇଛି । ଟିକେ ଅପେକ୍ଷା କର ଗରମ କରିଦେବି ।"

ରମେଶ ଗାମୁଛା ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର, ମୋ ପେଟ ଜଳିଲାଣି ।"

ସୋମା ରୋଷେଇ ଘରକୁ ଯାଇ ତରତର ହୋଇ ସବୁ ଜିନିଷ ଗରମ କରିବାରେ ଲାଗିଗଲା । ରମେଶ ଟିକିଏ ବି ଭୋକ ସମ୍ଭାଳି ପାରେନାହିଁ । ଏମିତିରେ ହସପିଟାଲରେ କଣ ସବୁ ଘଟିଥିବ ତାହା ବି ଜଣାନାହିଁ, ସବୁ ତକ ରାଗ ସୋମା ଉପରେ ହିଁ ବାହାର କରିବ । ତେଣୁ ସେ ଗାଧୁଆଘର ଭିତରୁ ବାହାରିବା ଭିତରେ ଡାଇନିଂ ଟେବୁଲ୍ ଉପରେ ପ୍ଲେଟ୍ ସଜାଡ଼ି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରିଥିଲା ସୋମା ।

ରମେଶ ନିଜର ପେଣ୍ଟସାର୍ଟ୍ ପିନ୍ଧି ଖାଇବା ପାଇଁ ଆସି ବସିଲା । ସୋମା ଓ ସେ ଦୁହେଁ ଚୁପଚାପ ଖାଉଥାନ୍ତି । ମଝିରେ ମଝିରେ ସୋମା କଣେଇ କଣେଇ ଟିକେ ରମେଶ ମୁହଁକୁ ଚାହୁଁଥାଏ । ଘଟଣା ବିଷୟରେ ଜାଣିବାକୁ ତାର ପ୍ରବଳ ଆଗ୍ରହ । କିନ୍ତୁ ରମେଶକୁ ଆଉ ଥରେ ସିଧାରେ ପଚାରିବାକୁ ତା'ର ସାହାର ନଥାଏ । କଣ ହେଲେ ଓଲଟା ସିଧା କଥା କହି ସେ ସୋମା ଉପରେ ହିଁ ବର୍ଷିବ ।

କିଛି ସମୟପରେ ରମେଶ ଖାଇବା ଭିତରେ ମନକୁ ମନ କହିବାକୁ ଲାଗିଲା, "କେତେଥର ମୁଁ ମଉସାଙ୍କୁ ବୁଝେଇଛି ଟଙ୍କା ପଇସା କାରବାର କଲାବେଳକୁ ଟିକେ ଭାବିଚିନ୍ତି କାମ କର । ଯିଏ ଯାହା କହିଲା ତାର କଥାରେ ବିଶ୍ୱାସ କରିବାର ଏବେ ଫଳ କଣ ହେଲା ? କିଏ ଆସୁଛନ୍ତି ତମ କଥା ବୁଝିବାକୁ ? ଆରେ ତମ ହାତରେ ତ ଖଡ଼ା ଶିଝିବାର ନାହିଁ, ତୁମେ କାହିଁକି ସେ ଚିଟଫଣ୍ଡ ବିଜିନେସରେ ପଶୁଥିଲ ? ଏବେ ନାମ ନିଅ ।"

"ମଉସାଙ୍କର ତା ହେଲେ କଣ ହୋଇଛି ?" ସୋମା ପଚାରିଲା ।

"କଣ ହେଇଛି କିଏ ଜାଣେ ? ମାଉସୀଙ୍କ କହିବା କଥା ହେଲା ମଉସା ଜଳଖିଆ ଖାଉଥିଲେ, ସାଙ୍ଗେ ସାଙ୍ଗେ ଛାତି କାଟୁଛି କହି ତଳେ ଗଳିପଡ଼ିଲେ । ପାଖରେ ତମର ପୁଅ ନାହିଁ । ଯାହା ରୋଜଗାର କରିଥିଲ ସବୁ ଟଙ୍କା ଏବେ ଚିଟଫଣ୍ଡରେ ଲଗାଇ ଦେଲ । ଟିକିଏ ଚିନ୍ତା କରି ସିନା କାମ କଲେ ହୁଅନ୍ତା । ଥରେ ହସପିଟାଲ ଗଲେ କେତେ କଣ କଣ ରୋଗ ବାହାରିବ କିଏ ଜାଣେ । ଯାହା ଡାକ୍ତର କହିବେ ତୁମକୁ ସେଇଆ ହିଁ କରିବାକୁ ହେବ । ପାଖରେ ଖାଲି ରୁନି ଆଉ ଟୁନି ଥିଲେ । ସେମାନେ କଣ ସବୁ କଥା ବୁଝିପାରିବେ ? ସବୁ ପାଇଁ ତ ଟଙ୍କା ଦରକାର ନା !" ରମେଶ ଏତିକି କହି ହାତ ଧୋଇବା ପାଇଁ ଗଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମଉସା ତା ହେଲେ ହସପିଟାଲରେ ଆଉ କେତେ ଦିନ ରହିବେ ? ତୁମେ ରାତିରେ ଆଉ ଥରେ ଯିବ କି ? ଝିଅ ଦିଇଟା ଏକୁଟିଆ ଥିବେ । ମାଉସୀଙ୍କ ଅବସ୍ଥା ବି କଣ ଥିବ ?" ସୋମା କହିଲା ।

"ମୋତେ ଆଉ ବେଶୀ କିଛି ଶିଖାନା । କଣ କରିବା କଥା ମୁଁ ଜାଣିଛି । ଏ ପ୍ରକାର ସମୟରେ ଯିଏ ପାଖକୁ ଯିବ ତାକୁ ଏଇଟା କରିଦେ ସେଇଟା କରିଦେ ବୋଲି ସମସ୍ତେ ସାହାଯ୍ୟ ନାଁରେ ସମୟ ଆଉ ପଇସା ବରବାଦ କରାଇବେ । ମୋର ଆଉ ସେଇଠିକୁ ଯିବାର ନାହିଁ କି ସେ ଝମେଲାରେ ପଶିବାର ନାହିଁ । ତୋର ପାଖକୁ ଯଦି ସେମାନେ ଫୋନ କରନ୍ତି ତୁ ଜମାରୁ ଉଠେଇବୁ ନାହିଁ । ଚାରିପାଞ୍ଚଦିନ ଯାଉ ଯାହା ହେବାର ଅଛି ହେଇଯାଉ ତା'ପରେ ଦେଖିବା, ତାଙ୍କ ଖବର ନେବା । ଏବେ ତାଙ୍କ ପାଖକୁ ଗଲେ ମାଉସୀ ମନେ ପକାଇ ପୁଣି ମୋତେ ତାଙ୍କର ଦୁଇଲକ୍ଷ ଟଙ୍କା ମାଗିବ । ମଉସାଙ୍କର ଯଦି କିଛି ହୋଇଯାଏ ଚାରିଶହ କି ପାଞ୍ଚଶହ ଟଙ୍କା ଦେଇଦେଲେ ଆମ କାମ ସରିବ । ସେମାନଙ୍କର ଯାହା ଅବସ୍ଥା ଅଛି କୁଆଡ଼େ ଯିବେ କଣ କରିବେ ତାର କିଛି ଠିକଣା ନାହିଁ । ଆଉ ଟଙ୍କା ଫେରସ୍ତ କିଏ କରୁଛି ? ଆଜି ସାଙ୍ଗରେ ନେଇ ହସପିଟାଲରେ ଆଡ଼ମିଟ୍ କରିଦେଲି ସେଇଟା କଣ କମ କଥା ଯେ ଆହୁରି କାମ କରିବି ? ମଉସାଙ୍କୁ ସିନା ବିଜିନେସ୍ ଆସେନି, ମୋତେ କିନ୍ତୁ ଠିକ୍ ବିଜିନେସ୍ ଆସେ ।" ରମେଶ ଅହଙ୍କାର ସହ କହିଦେଇ ନିଜର ରୁମ୍‌କୁ ଯାଇ ଟିଭି ଲଗାଇ ବସିଗଲା ।

ରମେଶର ସୁବିଧାବାଦୀ କଥା ଶୁଣି ନିରୁପାୟ ସୋମା ଚୁପଚାପ୍ ରୋଷେଇ ଘରକୁ ଚାଲିଗଲା ।

ସମ୍ବେଦନା ମିଶ୍ର, ଭୁବନେଶ୍ୱର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତିର ଲୁହ



ସୂର୍ଯ୍ୟକାନ୍ତ ମଲିକ

ସମୟ ପ୍ରାୟସକାଳ ଆଠଟା, ରମେଶ ଓ ତାର ସାଙ୍ଗ ଦୁଇ ଜଣ ନିଦରୁ ଉଠି କୌଣସି ଏକ କଥା ଉପରେ ଯୁକ୍ତି ତର୍କ କରୁଥିବା ବେଳେ ବାହାରୁ ଶୁଭିଲା ଆମ୍ବୁଲାନ୍ସର ହୁ'ହୁ ଶବ୍ଦ । ଯାହାକୁ ଶୁଣି ହଡ଼ ବଡ଼ ହୋଇଗଲେ ରମେଶର ସାଙ୍ଗ ! ପରେ ପରେ ରମେଶକୁ ଏଠୁ ବିଦା କରିବାକୁ ଚେଷ୍ଟା ମଧ୍ୟ କଲେ ।

ସକାଳର ସୂର୍ଯ୍ୟ ଧୀରେ ଧୀରେ ଯେତେ ପ୍ରଖର ହବାକୁ ଲାଗୁଥିଲା ରମେଶ ମନ ସେତେ ବ୍ୟାକୁଳ ହୋଇ ଉଠୁଥିଲା ! କେମିତି ଏହି ବିପଦ ସମୟରେ ତା ସାଙ୍ଗ ମାନଙ୍କୁ ଛାଡି ଘରକୁ ଯିବ ? ଯେତେ ଦିନ ହେଲା ରହିଲେଣି ସମସ୍ତେ ସମସ୍ତଙ୍କ ବିପଦରେ ଭାଇ ଭାଇ ଭାବି ସହଯୋଗ କରିଛନ୍ତି ହେଲେ ଆଜି ଏଇ ବିପଦ ବେଳାରେ ମୁଁ କେମିତି ବା ତୁମମାନଙ୍କୁ ଛାଡିକି ଯିବ ? ଏମିତି କାନ୍ଦି କାନ୍ଦି ରମେଶ ଯେତେ କୋଉଥିଲେବି ତା ସାଂଗ ମାନେ କିଛି ଶୁଣିବାକୁ ଅରାଜି ହେବା ସହିତ ଜବରଦସ୍ତ ରମେଶକୁ ଠେଲି ବିଦାକରିବାକୁ ତତ୍ପର ହୋଇ ଉଠିଲେ । କାରଣ କିଛି ଦିନ ହେବ ରମେଶର ସାଙ୍ଗ ଦୁଇଜଣଙ୍କୁ କାଶ, ଥଣ୍ଡା ଓ ଛିଙ୍କ ହବାରୁ ସେମାନଙ୍କର ରକ୍ତ ନମୁନା ପରୀକ୍ଷାରୁ ଜଣା ପଡିଛି ଯେ ସେମାନେ କରୋନା ଆକ୍ରାନ୍ତରେ ଆକ୍ରାନ୍ତିତ । ସେଥିପାଇଁ ସରକାରୀ ଡାକ୍ତରୀ ଦଳ ଆମ୍ବୁଲାନ୍ସ ମାଧ୍ୟମରେ କରୋନା ହସ୍ପିଟାଲକୁ ନବା ପାଇଁ ଆସୁଛନ୍ତି । କିନ୍ତୁ ରମେଶର ରକ୍ତନମୁନାରେ ଫଳ ଆସିନଥିବାରୁ ସେଥିପାଇଁ ରମେଶକୁ ତା ସାଙ୍ଗ ମାନେ ସେଠୁ ବିଦା କରିଦେଉଛନ୍ତି

 Magazine Downloaded from www.aahwaan.com

ଗାଁଙ୍କୁ ।

ରମେଶର ମନରେ ଅନେକ ଭାବନା, "ଆମେ ଗୋଟିଏ ଜାଗାରେ ରହୁଥିଲେ ସେମାନଙ୍କର ନମୁନା ପଜିଟିଭି ! କିନ୍ତୁ ମୋର ଏଯାଏ ଆସିନି, କଣ ହବ ? କଣ ନାଇଁ ? ହେ ଭଗବାନ ତୁ ଏକା ଭରସା " ଏମିତି ଆଶା ଆଶଙ୍କାରେ ଭାବି ଭାବି ଘରକୁ ପଳିଆସିଲା ସତ ହେଲେ ମନ ତାର ଠିକ୍ ନଥାଏ ! କିଛି ସମୟ ବିତିଲା ପରେ ସବୁ କଥା ସ୍ତ୍ରୀ ସୋମା ନିକଟରେ ପ୍ରକାଶ କରୁଥିବା ବେଳେ ହଠାତ ଫୋନ ଆସିଲା "ଆପଣ ରମେଶ ବାବୁ କଉଛନ୍ତି ? ହଁ ମୁ ହିଁ ରମେଶ ! ଆଚ୍ଛା ଶୁଣ ଆପଣଙ୍କ ରକ୍ତ ନମୁନାର ଫଳ ଆସିଛି ! କିଛି ବେସ୍ତହବାର ନାଇଁ ଆପଣଙ୍କର ନେଗେଟିଭ ଆସିଛି !କିନ୍ତୁ ହମ୍ମ ଆପଣ ଏଇ କେତେଦିନ ହୋମକ୍ୱାରେଣ୍ଟାଇନରେ ରହିବେ !ଏଉ କାଲି ସକାଳୁ ଆସି ହସ୍ପିଟାଲରେ ଦେଖା କରିବ" । ରିପୋଟ କଥା ଶୁଣି ସୋମା ଅତ୍ୟନ୍ତ ଖୁସି ହୋଇଗଲେ ! ହେଲେ ରମେଶ ଦୁଇ ସାଙ୍ଗଙ୍କ ପାଇଁ ବେସ୍ତ ହେଉଥିଲା ।

ସକାଳ ହେଲା ଖିଆ ପିଆ ନାଇଁ,ବାହାରିଗଲା ହସ୍ପିଟାଲକୁ । ହସ୍ପିଟାଲର ଷ୍ଟାଫ ମାନେ ବ୍ୟସ୍ତ ଥିବାରୁ ରମେଶର କାମ ସରୁ ସରୁ ଟିକେ ବିଳମ୍ବ ହେଲା । ସେ ଯା'ବି ହେଉ କାମ ସାରିକି ଘରକୁ ଫେରିଲା ରମେଶ । ସୋମା ରମେଶର ବାଟ ଚାହିଁ ବସିଥିଲା ! ରମେଶ ଆସୁ ଆସୁ;

"ସେମାନେ କଣ କହିଲେ ? ଯଦି ସେମିତି କିଛି ହୋଇଥାନ୍ତା ସେମାନେ କଣ କରିଥାନ୍ତେ ? ଏମିତି ବିଚଳିତ ହୋଇ ସୋମା ପ୍ରଶ୍ନ କରିବାକୁ ଲାଗିଲା । କିନ୍ତୁ ହାଲିଆ ହୋଇ ହସ୍ପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା, କେମିତି ଶୀଘ୍ର ସେ ଗାଧୋଇ ପକାଇବ ! ଓ ପରେ କଣ ଦିଟା ଟିକେ ଖାଇବ । ସକାଳ ଆଠଟାରୁ ସେ ଯାଇଥିଲା ଫେରିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଳକୁ ଏଇ ସନ୍ଧ୍ୟା ସାଢେ ଚାରି ବାଜିଲାଣି । ବିରକ୍ତ ହୋଇ ରମେଶ ଚିଡି ଉଠିଲା ! ଆଉ କହିଲା "ସେମାନେ ଯା କରିବେ ସେମାନେ ସେ କଥା ବୁଝିବେ, ତୁମକୁ ଅତେ ଚିନ୍ତା କାଇଁକି ? ଲୋକଟା ଦିନ ସାରା କୋଉଠୁ ପାଣି ଟୋପେ ପିଇଛିକି ନାଇଁ ପଚାରିବା ତ' ଦୂରର କଥା ! ହାତକୁ ଗାମୁଛାଟାଏ ବି ବଢେଇବାକୁ କଷ୍ଟ ହେଉଛି ବାଇମୁଣ୍ଡିକୁ.. "।

ସୋମା ଆଉ କିଛି ନ କହି ଚେୟାର ଉପରେ ଟାୱେଲ ଥୋଇ ଦେଉ ଦେଉ କହିଲା " ଖାଇବା ସବୁତ ଥଣ୍ଡା ହୋଇଯାଇଛି, ଟିକେ ଆପେକ୍ଷା କର ଗରମ କରିଦେବି ।"

ତାପରେ ରମେଶ ଗାମୁଛା ଟିକୁ ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲା "ଶୀଘ୍ର କର ମୋ ପେଟ ଜଳିଲାଣି ", ହଁ ହଁ ମୁ କରୁଛି ତୁମେ ଜଲ୍‌ଦି ଆସ ଜଲ୍‌ଦି "ଏମିତି ବିଳିବିଳି ହୋଇ କହି ଉଠିପଡ଼ିଲା ସୋଇଥିବା ଖଟ ଉପରୁ ସୋମା । ଆଉ ତଳେ ପାଦ ଦଉ ଦଉ ଚମକି ଉଠିଲା ଫୁଲହାର ପଡ଼ିଥିବା ରମେଶର ଫୋଟୋ ପାଖରେ ଖୁବ ଜୋରରେ ଜଳୁଥିବା ଦୀପ କୁ ଦେଖି । ଆଉ ସେତିକିବେଳେ ଓଠ ଭିଜିବାକୁ ଚାହୁଁଥିଲା ନୟନାରୁ ବହି ଯାଉଥିବା ରମେଶର ସ୍ମୃତିର ଲୁହରେ

ହଁ ସ୍ମୃତିର ଲୁହରେ ॥

ନାମ : ସୂର୍ଯ୍ୟକାନ୍ତ ମଲିକ, ଘଣ୍ଟପଦା, କେନ୍ଦ୍ରାପଡ଼ା

ଇମେଲ : suryakantamanlik2014@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ନାତୁଣୀ ସବୁ ଜାଣିଛି



ବାପୁଜୀ କୁମାର ସାହୁ

ଆଲୋ ଏ ରୀତା ! ତୋ ଇସ୍କୁଲୁ ନାଇ କିଲୋ ? ଦେଖୁଛି ଖାଲି ଘରେ ବସୁଛୁ । ବୈଶାଖ ଯାଇନି ସେ ରଇଶୁଆ ସରକାର ଛୁଟି କରିଦେଲା ? ଗଲା ଗଲା । ସବୁ ଗଲା । ସବୁ ପାଠ ଏବେ ଚୁଲିକି ଯିବ । ତୁ ଯେମିତି ତୋ ବାପା ସେମିତି । ଦେଖୁଛି ସେ ମିଶା ତାପି ଧରୁନି । ଖାଲି ଘରେ ବସି ଗେମ୍ପା ମାରୁଛି । ସେ ଉଦଣ୍ଡୀ ସୀତା ! ହଁ ତୋ ବୋଉ । ଗୋଡ଼ ଉପରେ ଗୋଡ଼ ପକେଇ ଖାଲି ଥେଇ ଥେଇ ହୋଇ ନାଚୁଛି । ଯେମିତି ସ୍ୱର୍ଗରୁ ତୁମ ପାଇଁ କାଳିଆ ପଠେଇ ଦେବ ଅବଢ଼ା ପୁଡା ଖାଇବ । ଅନେଇ ଥା ।

ହଁ ଯେ ଜେଜେମା ଟିକେ ଶୁଣୁ । ବିଶ୍ୱରେ କ'ଣ ଚାଲିଛି ଟିକେ ବୁଝ । ତାହେଲେ ତୁ ଟିକେ ଚୁପ ରହିବୁ ।

ଆଉ ମୋତେ ବୁଝାନା । ତୋ ବାପା ରାମ । ବଜାରକୁ ଯାଉଛିଯେ ମୁହଁ ଘୋଡ଼େଇକି । ମୁଁ ଆଉ ଦେଖୁନିନା କଣ ? ଆସିଲେ ହାତ ଧୋଇ ଘରେ ପଶୁଛି । ବଡ଼ ରାଜାର ପୁଅ ତ । ହାତରେ ମଇଳା ପଶି ଯାଉଛି ଯେମିତି ।

ତୋ ମା କାଲି ମୁହଁ ଘୋଡ଼େଇ କ୍ଷୀର ଆଣି ଯାଇଥିଲା । ମୋ ଆଖି ପଡ଼ି ଯାଇଛି । ହଠାତ କବାଟ ଖୋଲିଲା ବେଳକୁ କିଏ ବୋଲି ବାଡ଼ି ବଢ଼େଇ ଦେଲି । ମୁହଁ ଖୋଲିଲା ବୋଲି ସିନା । ନହେଲେ ଖାଇଥାତା ।

ତୁ କୁଆଡ଼େ ଯିବୁ କିଲୋ ? ମୁଁହରେ ବାନ୍ଧିଲୁଣି । ଘଇତା ଦେଖିଦେବଲୋ ମା । ମୁହଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘୋଡ଼େଇଦେ । ଆଜି କାଲିର ପିଲାକୁ ଆଉ ପାରି ହେବନି ।

ରୀତା ମେଡ଼ିକାଲରୁ ଫେରିଲା ।

ଜେଜେମା ତା ଫେରିବା ବାଟକୁ ଚାହିଁ ରହିଥିଲେ । ଦୁଆର ମୁହଁରୁ ଆରମ୍ଭ କରିଦେଲେ ।

ହଁ ହାତ ଧୋଇପକା । ତୋ ବାପାରତ ସାବୁନ ଫେକିଟିରି । ପଇସା ଖାଲି ଝରୁଛି ।

ତୁ ଜାଣିନୁ ଜେଜେମା । ଜାଣିଲେ ଏମିତି କୁହନ୍ତନି । ଏବେ କରୋନା ଭୂତାଣୁ ବାହାରିଛି । ନହେଲେ ଆମେ କଣ ଘରେ ବସୁଥିଲୁ ? ବାପା ପରା ଖରା ,ବର୍ଷା ,ଶୀତ କାମ କରନ୍ତି । ମା ତାଙ୍କୁ ସାହାଯ୍ୟ କରେ । ମୁଁ ପାଠ ପଢ଼େ ।

ନାକ , ପାଟି ,ହାତ ଦେଇ ସେ ଭୂତାଣୁ ଦେହରେ ପହଁଚେ । ସବୁ ବୟସର ଲୋକଙ୍କ ପାଇଁ ଏହା କ୍ଷତି ହେଲେ ବୁଢା ବୁଢ଼ୀ ପାଇଁ ଟିକେ ଅଧିକା ବିପଦ । ମଣିଷରୁ ମଣିଷକୁ ଡେଉଁଥିବାରୁ ସରକାର ସବୁ କାମ ବନ୍ଦ କରି ଦେଇଛନ୍ତି । ଖାଲି ସାମାଜିକ ଦୂରତା ପାଇଁ । ବେମାର ଠାରୁ ଲୋକଙ୍କୁ ବଞ୍ଚେଇବା ପାଇଁ । ଡାକ୍ତର , ପୋଲିସ , ସ୍ୱାସ୍ଥ୍ୟ କର୍ମୀ ,ସଫେଇ କର୍ମଚାରି ଦିନରାତି ଲାଗିଛନ୍ତି । ତୁ ଖାଲି ଘର ମୁହଁରେ ବସି ଗାରୁଗାରୁ ହେଉଛୁ ।

ସତ କହିବି ରୀତା । ମୋ ପାଇଁ ତ ସବୁଦିନେ ଲକ ଡାଉନ । ଖାଲି ତୁମକୁ ପାଖରେ ପାଇ ମୋତେ ଭାରି ଭଲ ଲାଗୁଛି । ଭିଡ଼ କଅଁଳ ବୁଝିବା ପାଇଁ ସେମିତି କହୁଥିଲି । ମୋ ପିଲା ମାନଙ୍କୁ କରୋନା । ତାର ବଇଁଶ ବୁଡ଼େଇଦେବି । ଆଉ ମୋ ଦୁଆର ମାଡିବ ରଇଶୁଆ ।

ସମସ୍ତେ ଘରେ କିଛିଦିନ ପାଇଁ ହଉ ମିଶିକି ରହିଲେ ।

ଜେଜେମା ଆଖିରେ ଲୁହ ଖସି ଆସୁଥାଏ । ପୋଛିଦେଇ କହିଲା , "ମୁଁ ସବୁ ଜାଣିଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। ସେଥି ପାଇଁ ପରା ଘର ଜଗିଛି । କିଏ ତୁଣ୍ଡି ନଦେଇ ଘରୁ ପଦାକୁ ଯିବ ତାର ଗୋଡ଼ ଭାଙ୍ଗିଦେବିନି । ଚିହ୍ନିନେ ମୋତେ । ହାତରେ ସାବୁନୁ ଦେବ ଘରେ ପଶିବ । ଖାଲି ମୁଁ ପରୀକ୍ଷା କରୁଥିଲିନା । ଦେଖିଲା ବେଳକୁ ; ମୋ ନାତୁଣୀ ସବୁ ଜାଣିଛି ।"

କୁନ୍ଦୁରା , କୋରାପୁଟ

ଫୋନ - ୭୩୭୦୨୧୪୯୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଉତୁଣୀ



ଧରିତ୍ରୀ ଗୌଡ଼

ରମେଶ ନିଜ ଗାଁ ମାଟି ଛାଡି ସହରରେ ଗୋଟିଏ ଲାଇବ୍ରେରୀରେ କାମ କରେ । ସେ ମାସକୁ ଥରେ ତା ଗାଁ ମଧୁପୁରକୁ ଯାଏ । କିନ୍ତୁ ସେ ସେଠାରେ ବେଶି ଦିନ ରହିପାରେ ନାହିଁ । କାରଣ ସେ କାମ କରୁଥିବା ଲାଇବ୍ରେରୀକୁ ଆସେ ସୁନୀତା ପୁସ୍ତକ ପଢିବା ପାଇଁ । ପ୍ରଥମ ଦେଖାରେ ଦୁହେଁ ଦୁହିଁଙ୍କୁ ଭଲ ପାଇବସିଲେ । ସୁନୀତା ଅନାଥ ଥିଲା ଏଣୁକରି ରମେଶ ତା ଦୁଃଖ ସହିନପାରି ତାକୁ ଘରେ ନଜଣେଇ ବିବାହ କରିନେଲା ଓ ସୁଖରେ ସଂସାର କଲେ ।

କିଛିଦିନ ପରେ ମା'ଙ୍କ ଅସୁସ୍ଥତା ଖବର ଶୁଣି ରମେଶ ସୁନୀତାକୁ ସହରରେ ଏକୁଟିଆ ଛାଡି ଗାଁକୁ ଚାଲିଆସିଲା । ସୁନୀତା ମଧ୍ୟ ରମେଶକୁ ଶୀଘ୍ର ଚାଲିଆସିବାକୁ କହିଲା ।

ରମେଶ ଆସି ଦେଖେ ତ ମା' ତାର ଶେଷ ଶଯ୍ୟାରେ ମୃତ୍ୟୁ ସହ ଲଢୁଛି । ଏବଂ ରମେଶ ଆସିବା ପରେ ତା ମା' ତାକୁ ମୁଣ୍ଡ ଛୁଆଁଇ ଶପଥ କରାଇନେଲେ ଯେ ମୁଁ ମରିବା ଆଗରୁ ତୋ ବାହାଘର ଦେଖିବାକୁ ଚାହୁଁଛି । ଏବଂ ସେ ବାଛିଥିବା ଗ୍ରାମର ଗୋଟିଏ ଝିଅ ମମତା ସହ ରମେଶର ବାହାଘର କରାଇଦେଲେ । ରମେଶ କିଛି ବୁଝିବା ଆଗରୁ ତା ବାହାଘର ସରିଯାଇଥାଏ । ଏବଂ କିଛି ଦିନ ପରେ ମା' ମଧ୍ୟ ଆଖି ବୁଜିଦେଲେ । ରମେଶଙ୍କ ବାପା ଆଗରୁ ନଥିଲେ ଏଣୁକରି ଗ୍ରାମବାସୀମାନେ ରମେଶକୁ ଗାଁରେ ରହି ଘର ଓ ସ୍ତ୍ରୀ କଥା ବୁଝିଲେ ଭଲ ବୋଲି ପରାମର୍ଶ ଦେଲେ । ଏଣୁ ଏହାକୁ ଅମାନ୍ୟ ନକରି ରମେଶ ସହରକୁ ଗଲା ନାହିଁ । ଗାଁରେ ହିଁ ରହିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏପଟେ ସୁନୀତା ବାର ବାର ଚିଠି ଲେଖୁଥାଏ କିନ୍ତୁ କିଛି ପ୍ରତ୍ୟୁତ୍ତର ମିଳିଲା ନାହିଁ । ଏବେ ସୁନୀତା ନିଜର ଗର୍ଭବତୀ କଥା ଲେଖି ଚିଠି ପଠାଇଲା । ଏହି ଚିଠି ପାଇ ରମେଶ ମମତାକୁ ନିଜ ସହରୀ ସାଙ୍ଗମାନଙ୍କ ଦୁର୍ଘଟଣା ହେବା କଥା କହି ସହର ଯିବାକୁ ବାହାରିଗଲା । ସେଠାରେ ପହଞ୍ଚି ସେ ସୁନୀତାକୁ ହସପିଟାଲ୍ ନେଲା ଓ ସେଠାରେ ସେ ଗୋଟେ ଛୁଆଟିଏ ଜନ୍ମଦେଲେ । ଏବଂ ରମେଶ ନିଜର ସମସ୍ତ କଥା ସୁନୀତାକୁ କହିଲା । ସୁନୀତା କାନ୍ଦି କାନ୍ଦି କହିଲା ମତେ ବି ତମ ସହ ଗାଁକୁ ନେଇଯାଅ ମୁଁ ସୁଖ ଦୁଃଖରେ ସେଠାରେ ରହିଯିବି । ମୁଁ ଏକୁଟିଆ ଏଠାରେ ପାରୁନି କିନ୍ତୁ ରମେଶ ଗାଁରେ ନିଜର ବଦନାମ୍ ହେବା ଭାବି,ସୁନୀତାକୁ ବାହାନା ଦେଇ, ଅପରାହ୍ନ ରେ ଗାଁକୁ ଚାଲି ଆସିଲା ।

ରମେଶ ସହର ରୁ ଫେରିବା କ୍ଷଣେ ମମତା ବିଚଳିତ ହୋଇ ପ୍ରଶ୍ନ କଲା ତମ ସାଙ୍ଗମାନେ କିପରି ଅଛନ୍ତି, ସେମାନେ ଏବେ କ'ଣ କରିବେ ? ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲାବେଳକୁ ଏଇ ସନ୍ଧ୍ୟା ସାଢେ ଚାରି ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡି ଉଠିଲା ଆଉ କହିଲା,ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ?ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୁରର କଥା,ହାତକୁ ଗାମୁଛାଟାଏ ବି ବଢେଇବାକୁ କଷ୍ଟ ହେଉଛି । ବାଇମୁଣ୍ଡିକୁ...

ମମତା କିଛି କହିଲାନି । ଚେୟାର ଉପରେ ଆଣି ଟାୱେଲ ଥୋଇ ଦେଉ ଦେଉ କହିଲା," ଖାଇବା ସବୁ ତ ଥଣ୍ଡା ହୋଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି ।


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା,"ଶୀଘ୍ର କର । ମୋ ପେଟ ଜଳିଲାଣି"

ପ୍ରତ୍ୟେକ ଦିନ ଭଳି ସୁନୀତା ଚିଠି ଲେଖି ଚାଲୁଥାଏ । କିନ୍ତୁ ରମେଶ ସବୁକୁ ପଢି ଧିରେ ରହିଯାଏ । କିନ୍ତୁ ଗୋଟେଦିନ ରମେଶ ନଥିବା ଯୋଗୁଁ ଚିଠିବାଲା ମମତାକୁ ଚିଠି ଦେଇ ଚାଲିଗଲା । ମମତା ଚିଠି ଖୋଲି ଯାହା ଦେଖିଲେ ସେଥିରେ ସେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଜାଣିବାକୁ ପାଇଲେ ଯେ ତାଙ୍କ ସଉତୁଣୀ ଏବେ ବି ତାଙ୍କୁ ଭରସା କରି ସେ ସହରରେ ଏକାନ୍ତରେ ଛଟପଟ ହେଉଛି । ସେ ଏହା ଜାଣି ସାରିଲା ପରେ ରମେଶଙ୍କୁ କିଛି କହିଲେନି । କାରଣ ରମେଶଙ୍କ ବିନା ଇଛା ଅନୁସାରେ ସବୁକିଛି ହୋଇଯାଇଛି । ଏବଂ ରମେଶ ପ୍ରାୟ ମୁକ ଭଳି,ଚିନ୍ତାଗ୍ରସ୍ତ ଜୀବନ କାଟୁଛନ୍ତି ।

ସେହି ଦିନ ରମେଶ ଘରକୁ ଫେରି ଦେଖିଲା ମମତା ଘରେ ନାହିଁ ।ସମୟ ପରେ ସମୟ ଗଡି ଚାଲି ରାତି ହେଲା । ରମେଶ ଗାଁର ସବୁଆଡେ ଖୋଜି ଚାଲିଲା କିନ୍ତୁ ମମତାର ଖବର ମିଳିଲା ନାହିଁ । ରାତି ନଅ ଟା ପରେ କବାଟ ଠକ୍ ଠକ୍ ଶୁଭିଲା ରମେଶ ଖୋଲି ଦେଖେ ତ ମମତା,ସୁନୀତାର ହାତ ଧରି ଆଣି ଦୁଆରେ ଠିଆ ହୋଇଛି । ମମତା ଚିଠିରେ ଥିବା ଠିକଣା ପଢି ସହରୁ ନିଜ ସଉତୁଣୀକୁ ନେଇ ଆସିଛି । ସେମାନେ ରମେଶକୁ ପ୍ରତିଜ୍ଞା କଲେ ଆମେ ଦୁଇ ସଉତୁଣୀ ନାହିଁ ଦୁଇ ଭଉଣୀ ଭଳି ରହିବୁ । ପରଦିନ ସକାଳୁ ରମେଶ ଗାଁ ବାଲାଙ୍କ ସାମ୍ନାରେ ସୁନୀତା ଓ ମମତାଙ୍କୁ ପୁଣି ବିବାହ କଲା ଏବଂ ସେମାନେ ଆଜୀବନ ଖୁସିରେ ଜୀବନଯାପନ କଲେ ।

୯୬୭୮୧୧୦୯୬୬
ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନୁତପ୍ତ



ବାଦଲ ମହାରଣା

ଶ୍ରଦ୍ଧାପୁର ଗ୍ରାମର ମୁଖିଆ ଅଟନ୍ତି ରମାକାନ୍ତ । ପତ୍ନୀ ଓ ଦୁଇ ଝିଅଙ୍କୁ ନେଇ ସଂସାର । ଆଜୀବନ ସେ ଗ୍ରାମ ଓ ଗ୍ରାମବାସୀଙ୍କ ନିମନ୍ତେ କାର୍ଯ୍ୟ କରି ଆସିଛନ୍ତି । ସମସ୍ତଙ୍କ ଦୁଃଖ କଷ୍ଟରେ ଠିଆ ହୋଇଛନ୍ତି । ଆଜି ତାଙ୍କୁ ପ୍ରାୟ ପଞ୍ଚଷଠି ବୟସ କିନ୍ତୁ ତାଙ୍କ ଦୁଆରକୁ କେହି କିଛି ସାହାଯ୍ୟ ପାଇଁ ଆସିଲେ ଖାଲି ହାତରେ ଫେରେ ନାହିଁ ।

ପ୍ରାୟ ତିରିଶି ବର୍ଷ ପୂର୍ବେ ସେହି ଗ୍ରାମର ଗୋଟିଏ ଅନାଥ ଶିଶୁ ରମେଶକୁ ସେ ଆପଣାଇ ନେଇଥିଲେ । ରମାକାନ୍ତଙ୍କ ପରିବାର ରମେଶକୁ ଏତେ ସ୍ନେହ ଦେଲେ ଯେ ସେ କେବେ ତା ମୃତ ପିତାମାତାଙ୍କ କଥା ଭାବିନି । ରମେଶର ସବୁ ଦୁଷ୍ଟାମି ସହିଛନ୍ତି ରମାକାନ୍ତ । ଯାହା ଦରକାର ସବୁ ଆଣି ଅଜାଡ଼ି ଦେଇଛନ୍ତି । ରମେଶ ବଡ଼ ହେବା ପରେ, ବାବୁଙ୍କର ବ୍ୟବସାୟ ଓ ହିସାବ ନିକାଶ କାର୍ଯ୍ୟ ସମ୍ଭାଳେ । ରମେଶର ମନ୍ଦ ପ୍ରକୃତି ଯୋଗୁଁ ସେ ବାବୁଙ୍କୁ ନ ଜଣାଇ ଟଙ୍କା ପଇସା ଖର୍ଚ୍ଚ କରେ, ଘରର ଛୋଟ ମୋଟ ଜିନିଷ ଚୋରି କରେ ।

ରମେଶର ଏହି ସବୁ କାର୍ଯ୍ୟ ବାବୁଙ୍କୁ ଜଣାପଡ଼େ ଅନ୍ୟ ଚାକର ବା ରୋଷେୟାଙ୍କ ଠାରୁ । ରମେଶକୁ ଠିକ୍ ରାସ୍ତାକୁ ଆଣିବାକୁ, ସେ ରମେଶର ବିବାହ ଠିକ୍ କଲେ ପାଖ ଗ୍ରାମର ଏକ ଝିଅ ସୋମା ସହ, ସୋମା ଦେଖିବାକୁ ସୁନ୍ଦର, ଶାନ୍ତ, ସରଳ, କର୍ତ୍ତବ୍ୟପରାୟଣୀ । ବାହାଘର ପରେ ରମେଶ, ବାବୁଙ୍କୁ କହି ନିଜ ପାଇଁ ଏକ ନୂଆଁ କୋଠା ଗଢ଼ିଦେଲା ଏବଂ ଆବଶ୍ୟକ ଥିବା ସମସ୍ତ ସାମଗ୍ରୀ ମଗାଇ ନେଲା । ରମେଶର ପ୍ରକୃତି ଜାଣିବା ପରେ ସୋମା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ତାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କଲା । କିଛି ଲାଭ ହେଲା ନାହିଁ । ରମେଶ ଦିନକୁ ଦିନ ଯାହାର ଖାଇ ବଞ୍ଚୁଥିଲା ତାହାର ହିଁ ହାନି କରିବାକୁ ଚେଷ୍ଟା କଲା ।

ଦିନେ ରମେଶ ଚିନ୍ତା କଲା ଯେ ରମାକାନ୍ତ ବାବୁଙ୍କ କୌଣସି ପୁଅ ନାହିଁ, ଯଦି ରମାକାନ୍ତଙ୍କ ମୃତ୍ୟୁ ହୁଏ, ତେବେ ସବୁ ସମ୍ପତି ମୋର । ଏହା ଚିନ୍ତା କରି ସେ ରମାକାନ୍ତଙ୍କୁ ମାରିବାକୁ ଚେଷ୍ଟା କଲା । ସେ ବଜାରରୁ ବିଷ ଆଣି ରମାକାନ୍ତଙ୍କୁ ମାରିବାକୁ ନିଷ୍ପତି ନେଲା । ସୋମା ମଧ୍ୟ କିଛି ଅଘଟଣର ଅନୁମାନ କରି ରମେଶକୁ ବୁଝାଇବାକୁ ଲାଗିଲା । ଗୋଟେ ଦିନ ରମେଶ ନିଜ କାର୍ଯ୍ୟରେ ସଫଳ ମଧ୍ୟ ହେଲା । ସେ ରମାକାନ୍ତଙ୍କ ସକାଳ ଜଳଖିଆରେ ବିଷ ମିଶାଇଦେଲା । ରମାକାନ୍ତ ଖାଦ୍ୟ ଖାଇବା ପରେ ଅସୁସ୍ଥ ହୋଇପଡ଼ିଲେ । ସେ ବେହୋସ୍ ହୋଇଗଲେ । ରମେଶ  ମିଛ ଅଭିନୟ କରି ରମାକାନ୍ତଙ୍କୁ ହସପିଟାଲ ନେଲା ଏବଂ ରମାକାନ୍ତ ଓ ତାଙ୍କ ପରିବାରକୁ ସେଠାରେ ଛାଡି ଅପରାହ୍ନରେ ଘରକୁ ଆସିଲା ।

ସେମାନେ ଏବେ କଣ କରିବେ ?" ବିଚଳିତ ହୋଇ ସୋମା ପ୍ରଶ୍ନ କଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧେଇ ପକାଇବା ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡ଼ି ଉଠି କହିଲା, "ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି । ବାଇମୁଣ୍ଡିକୁ.....

ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଇ ଦେଉ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହିଲା, "ଖାଇବା ସବୁ ତ ଥଣ୍ଡା ହୋଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି ।"

ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର ।ମୋ ପେଟ ଜଳିଲାଣି ।"

ରମେଶକୁ ଖାଇବାକୁ ଦେଇ, ସୋମା ଲୁଚି ଯାଇ ଥାନାରେ ପହଁଞ୍ଚିଲା ଏବଂ ରମାକାନ୍ତଙ୍କ ଘରୁ ଚୋରି ଓ ରମାକାନ୍ତ ବାବୁଙ୍କ ଏହି ଅବସ୍ଥା ପାଇଁ ରମେଶ ଦୋଷୀ ବୋଲି ବଖାଣିଲା । ଏହି ଖବର ପାଇ ପୋଲିସ୍ ରମେଶକୁ ଉଠେଇ ରମାକାନ୍ତଙ୍କ ନିକଟକୁ ନେଲା । ଡାକ୍ତରମାନେ ଲାଗି ପଡ଼ି ରମାକାନ୍ତଙ୍କୁ ହୋସ୍ ରେ ଆଣି ସାରିଥିଲେ, ସମସ୍ତ ପ୍ରିୟଜନ ତାଙ୍କର ସେବା କରୁଥାନ୍ତି । ସେଠାରେ ସମସ୍ତେ ରମେଶକୁ ଦେଖି ଧିକ୍ ଧିକ୍ କଲେ ରମେଶକୁ ଉତ୍ତମ ଶାସ୍ତି ଦେବା ପାଇଁ ପୋଲିସ୍ କୁ କହିଲେ କିନ୍ତୁ ରମାକାନ୍ତ ସମସ୍ତଙ୍କୁ ଚାଲିଯିବାକୁ ପରାମର୍ଶ ଦେଲେ । ଏବଂ ପୋଲିସ୍ କୁ ମଧ୍ୟ ରମେଶକୁ ଛାଡିଦେବା ନିମନ୍ତେ ପାଇଁ ଅନୁରୋଧ କଲେ ।

ରମେଶ ରମାକାନ୍ତଙ୍କ ପାଦତଳେ ପଡ଼ିଗଲା । ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା । ସେ କହିଲା ଆପଣ କେତେ ମହାନ୍ ମୋର ସବୁ ଦୋଷ ଜାଣି ମୋତେ କ୍ଷମା କରିଦେଲେ । ମୋତେ ଦୟାକରି ପୁଣି ଥରେ କ୍ଷମା କରିଦିଅନ୍ତୁ ।

ରମାକାନ୍ତ କହିଲେ ତୁ ଆଗରୁ କରିଥିବା ସମସ୍ତ କାର୍ଯ୍ୟ ମୁଁ ଜାଣିଥିଲି, ତୋର ସବୁ ଭୁଲକୁ ମୁଁ କ୍ଷମା କରି ଦେଉଥିଲି ନିଜ ପୁଅ ଭାବି । କିନ୍ତୁ ଆଜି ତୋର ସେହି ଲୋଭ ଏତେ ବଢିଗଲା ତୁ ମୋ ଜୀବନ ନେବାକୁ ପଛାଇଲୁନି । ଏଣୁ କରି ତୁ ମୋ ଆଖି ସାମ୍ନାରୁ ଚାଲିଯା ।

ଏହା ଶୁଣି ରମେଶ ରମାକାନ୍ତଙ୍କ ଚରଣରେ ଶୋଇ ପଡ଼ିଲା । କ୍ଷମା କରିଦେବା ପାଇଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆକୁଳ ନିବେଦନ କଲା । ଯଦି ଆପଣ କ୍ଷମା ନ କରିବେ ତେବେ ମୁଁ ମୋ ଜୀବନ ହାରିବି ବୋଲି ରମେଶ କହିଲା । ଏହା ଶୁଣି ରମାକାନ୍ତଙ୍କ ହୃଦୟ ବିଘଳିତ ହେଲା । ସେ ରମେଶକୁ କୋଳ କରି କହିଲେ, ତୁ ମୋ ପୁଅଟାରେ ଧନ । ଆଜିଠାରୁ ସେ ଲୋଭ ଛାଡ଼ି ଏକ ନୂଆଁ ଜୀବନ ଆରମ୍ଭ କର ।

ଶୁଣାଯାଏ ରମାକାନ୍ତଙ୍କ ପରେ ରମେଶ ଗାଦି ସମ୍ଭାଳିଚ଼ି ଆଉ ପତ୍ନୀ ସୋମା ସହ ମିଶି ଗ୍ରାମବାସୀଙ୍କୁ ସାହାଯ୍ୟ କରି ଆସୁଛି ।

୮୫୯୮୦୮୦୩୯୩
ହାଉସିଂବୋର୍ଡ,
ବ୍ରହ୍ମପୁର , ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିପିଇ କିଟ୍



ପଲ୍ଲବୀ ଦାସ

ରମେଶ ଚନ୍ଦ୍ର ମଲ୍ଲିକ, ପେଷାରେ ଜଣେ ଜଣାଶୁଣା ସରକାରୀ ଓକିଲ । ସହର ଭିତରେ ନିଜର ଦୁଇମହଲା ବିଶିଷ୍ଟ ବଡ଼ ଘରଟିଏ ଥିଲା ସତ କିନ୍ତୁ ରହିବାକୁ କେବଳ ତିନୋଟି ପ୍ରାଣୀ । ସେ ଆଉ ତା ସ୍ତ୍ରୀ ବ୍ୟତୀତ ତାଙ୍କ ଘରେ କାମ କରୁଥିବା ବାଇମୁଣ୍ଡି । ସୋମାର ଦେହ ଭୀଷଣ ଖରାପ ଥିଲା ତେଣୁ ଅନବରତ କେହି ଜଣେ ଦେଖାଶୁଣା କରିବା ପାଇଁ ଦରକାର ହଉଥିଲା । ସମ୍ବଲପୁର ରେ ରହଣି ବେଳେ ଗୋଟେ ଗାଁରୁ ଅନାଥ ବାଇମୁଣ୍ଡିକୁ ଆଣି ଘରେ ରଖାଯାଇଥିଲା । ସେଦିନ ଠାରୁ ବାଇମୁଣ୍ଡି ଘରର ଅନ୍ୟ ଏକ ସଦସ୍ୟ ପାଲଟି ଯାଇଥିଲା । ତଥାବି ଘରଟା ନିଛାଟିଆ ମନେ ହୁଏ । ସେଥିପାଇଁ ସ୍ୱାମୀ ସ୍ତ୍ରୀ ଦୁହେଁ ସ୍ଥିର କରି, ତଳ ଘରଟିକୁ ଭଡ଼ାରେ ଲଗେଇ ଦେଇଥିଲେ । ସେଇ ସହରକୁ ନୂଆ କରି ବଦଳି ହୋଇ ଆସିଥିବା ଜଣେ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର କିଶୋର ଆଚାର୍ଯ୍ୟ ନିଜ ସପରିବାର ସହ ସେଇ ଘରେ ଆସି ରହୁଥିଲେ । ସ୍ତ୍ରୀ, ପୁଅ, ଝିଅ ବ୍ୟତୀତ ନିଜ ବାପା ମାଆ ମଧ୍ୟ ସାଙ୍ଗରେ ରହୁଥିଲେ । ବେଶ୍ ହସ ଖୁସିରେ ଦିନ କାଟୁଥାଆନ୍ତି । ତାଙ୍କର ଅବସର ସମୟ ପାଖେଇ ଆସୁଥିଲା ଅତି ବେଶୀରେ ଆଉ ମାସ କେତେଟା ବାକିଥିବ । ପୁଅଝିଅ ମଧ୍ୟ ବିବାହ ଯୋଗ୍ୟ ହୋଇ ଯାଇଥିଲେ । ଘରେ ବଢ଼ିଲା ଝିଅ ଏବଂ ବିବାହ ଯୋଗ୍ୟ ବେରୋଜଗାରିଆ ପୁଅ ଥିଲେ ଯେ କେହି ଚିନ୍ତାରେ ଦିନ କାଟିବ, କିନ୍ତୁ କିଶୋର ବାବୁଙ୍କୁ ଦେଖିଲେ ସେହିପରି କେବେ ଅନୁଭୂତ ହୁଏ ନାହିଁ । ସବୁ ବେଳେ ହସ ହସ ମୁହଁରେ ସମସ୍ତଙ୍କ ସହ ମିଶିଯାନ୍ତି । କିଶୋର ବାବୁଙ୍କୁ କରୋନା କାଳରେ ମଧ୍ୟ ବ୍ୟାଙ୍କ ଯାଇ କାମ କରିବାକୁ ପଡୁଥିଲା । ସେଠାରେ ସେ ସାମାଜିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୂରତା ରକ୍ଷା କରି ଲୋକଙ୍କ ସହ ମିଳାମିଶା କରୁଥିଲେ ମଧ୍ୟ ହଠାତ୍ ଦିନେ ସେ ଜ୍ୱରରେ ଆକ୍ରାନ୍ତ ହେଲେ । ଘରେ ସମସ୍ତଙ୍କୁ ସନ୍ଦେହ ହଉଥିଲା ତେଣୁ ସେ କରୋନା ଟେଷ୍ଟ କରି ଜାଣିବାକୁ ପାଇଥିଲେ ଯେ ସେ କାରୋନା ଆକ୍ରାନ୍ତ ବୋଲି । ପ୍ରଥମେ ଭାବିଲେ ଘରେ ରହି ନିଜର ଚିକିତ୍ସା କରାଇବାକୁ କିନ୍ତୁ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭୂତ ହେବାରୁ ସେ ଡାକ୍ତରଖାନାକୁ ଫୋନ୍ କରି ଜଣାଇଥିଲେ ତାଙ୍କୁ ନେଇଯିବାକୁ କିନ୍ତୁ କେହି ଆସି ତାଙ୍କୁ ନେଇ ନଥିଲେ । ଶେଷରେ ଘର ଲୋକ ଆମ୍ବୁଲାନ୍ସକୁ ଫୋନ୍ କରି ଡ଼କାଇଥିଲେ ।

ଆମ୍ବୁଲାନ୍ସ ଆସିଲା ସତ କିନ୍ତୁ ସାଙ୍ଗରେ କରୋନା ରୋଗୀଙ୍କୁ ନବାକୁ ମନା କରିଦେଲା । ବହୁତ କାକୁତିମିନତି ହୋଇ ଆଚାର୍ଯ୍ୟ ବାବୁଙ୍କ ପରିବାର ଘର ମାଲିକ ରମେଶକୁ ଜଣାଇଥିଲେ । ରମେଶ ବିଳମ୍ବ ନକରି ନିଜର ପି.ପି.ଇ କିଟ୍ ପିନ୍ଧି କିଶୋର ବାବୁଙ୍କୁ ନିଜ ଦୁଇ ହାତରେ ଟେକି ନେଇ ନିଜ ଗାଡ଼ିରେ ବସାଇ, ହସ୍ପିଟାଲ୍ ଅଭିମୁଖେ ଯାତ୍ରା କରିଥିଲା । ସେଠି ବହୁତ କଷ୍ଟରେ ବେଡଟିଏ ମିଳିଥିଲା କିଶୋର ବାବୁଙ୍କୁ । ସବୁ ବୁଝାସୁଝା କରି ଶେଷରେ ରମେଶ ଘରକୁ ଫେରିଥିଲା । ଫେରିବା ରାସ୍ତାରେ ସ୍ତ୍ରୀ ସୋମା ପାଇଁ ମନେ ମନେ ବହୁତ ଗର୍ବ କରୁଥିଲା ରମେଶ । ଯାହା ହଉ ଆଜି ସ୍ତ୍ରୀଙ୍କ ଅନଲାଇନ୍ ଶପିଂ କାମରେ ଆସିଗଲା । ପି ପି ଇ କୀଟ୍ ବିନା କରୋନା ରୋଗୀଙ୍କୁ ସାଙ୍ଗରେ ନବା ବହୁତ ବିପଦପୂର୍ଣ୍ଣ । ଖାଲିଟାରେ ରମେଶ ଚିଡୁଥିଲା ସୋମା ଉପରେ, ସେ ପି ପି ଇ କୀଟ୍ ମଗେଇ ଘରେ ରଖିଥିଲା ବୋଲି । ଘରେ ପହଂଚିବା ଭିତରେ ସୋମାକୁ କିଶୋର ବାବୁଙ୍କ କରୋନା ବିଷୟରେ ତାଙ୍କ ଘର ଲୋକ ସମସ୍ତେ ଜଣାଇ ସାରିଥାନ୍ତି । ରମେଶକୁ ଦେଖୁ ଦେଖୁ ସୋମା ତା ପାଖକୁ ଦୌଡ଼ି ଆସିଲା;

"ସେମାନେ ଏବେ କଣ କରିବେ ?" ବିଚଳିତ ହୋଇ ସୋମା ପ୍ରଶ୍ନକଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା

 Magazine Downloaded from www.aahwaan.com

ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି । ବିରକ୍ତ ହୋଇ ରମେଶ ଚିଡ଼ି ଉଠିଲା ଆଉ କହିଲା, "ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି । ବାଇମୁଣ୍ଡିକୁ, ପାଣି ଗୋଟେ ଗ୍ଲାସ୍ ଆଣିବାକୁ କହି ନିଜ ମୋବାଇଲ୍ ଆଉ ମନି ପର୍ସକୁ ସାନିଟାଇଜ୍ କରିବାକୁ ଲାଗିଲା ।

ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, "ଖାଇବା ସବୁ ତ ଥଣ୍ଡା ହେଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି ।"

ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର । ମୋ ପେଟ ଜଳିଲାଣି ।"

ଗାଧେଇ ସାରି, ଆସିବା ବେଳକୁ ସୋମା ଖାଇବା ବାଢ଼ିଦେଇ, ଖାଇବା ପାଖରେ ଜଗିକରି ବସିଥାଏ । ରାମେଶର ଖାଇବା ସରିଆସିବା ବେଳକୁ ସୋମା ପୁଣି ପଚାରିଲା - କିଛି କହୁନ ଯେ, ସେମାନେ ଏବେ କଣ କରିବେ ? ବାଇମୁଣ୍ଡି ମଧ୍ୟ ଖାଇବା ପାଖରେ ଆସି ପଚାରି ଦେଇଗଲା - ବାବୁ କିଶୋର ବାବୁ କେମିତି ଅଛନ୍ତି ? ରମେଶ ଖାଇବା ଥାଳିରୁ ମୁଣ୍ଡ ହଟେଇ ଦୁଇ ଜଣଙ୍କୁ ଟିକେ ଭଲ କରି ଦେଖି ନେଇ କହିଲା- କିଶୋର ବାବୁ ଏବେ ଭଲ ଅଛନ୍ତି ଆଉ ୧୫ଦିନ ପରେ ସେ ଘରକୁ ପୁଣିଥରେ ସୁସ୍ଥ ହୋଇ ଫେରି ଆସିବେ । ଧନ୍ୟବାଦ ସୋମା ତୁମ ପି ପି ଇ କୀଟ୍ ଆଜି ବହୁତ କାମରେ ଲାଗିଲା । ସୋମା ଏବେ ଟିକେ ଆଶ୍ୱସ୍ତି ଅନୁଭବ କରୁଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାବାନ୍ତର



ରୀତା ସାମନ୍ତରାୟ ମଲ୍ଲିକ

ଭାବାନ୍ତର ସକାଳୁ ସକାଳୁ ଫୋନ୍ ଆସିଲା, ବିନୟ ବାବୁ ଆଉ ନାହାଁନ୍ତି । କିଛି ଦିନ ଧରି କରୋନା' ମହାମାରୀ ସହିତ ସଂଗ୍ରାମ କରି ଶେଷରେ ସବୁଦିନ ପାଇଁ ଆଖି ବୁଜି ଦେଲେ । ଆରେ.. ଶୁଣୁଚ, ମତେ ଟିକେ ହସ୍ପିଟାଲ ଯିବାକୁ ହେବ । ହେଲେ ତାଙ୍କୁ ଛୁଇଁବାକୁ କି ପାଖକୁ ଯିବାକୁ ତ ଦେବେନି ବୋଧହୁଏ କହିଲେ ସରିତା । ତଥାପି ଯିବାକୁ ତ ପଡ଼ିବ ନା । ଅଫିସର ଅନ୍ୟ ସଦସ୍ୟମାନେ ମଧ୍ୟ ଆସିଥିବେ । ସାର୍ ଙ୍କ ଅନ୍ତେଷ୍ଟି ପାଇଁ କିଛି ଗୋଟେ ବ୍ୟବସ୍ଥା କରିବାକୁ ପଡ଼ିବ । ଆଗରୁ ଥୁଆ ହେଇଥିବା ଥଣ୍ଡା ଚାହା ଆଉ ଦି'ଖଣ୍ଡ ବିସ୍କୁଟ ଖାଇ ଜଲଦି ଜଲଦି ବାହାରି ପଡ଼ିଲେ ସୁରେଶ ବାବୁ । ଆସୁ ଆସୁ ମୋର ଟିକେ ଡେରି ହୋଇପାରେ, ଅପେକ୍ଷା କରିବନି ଖାଇ ନେବ । ଯିବା ବାଟକୁ ଚାହିଁ ନୀରବରେ କବାଟ ବନ୍ଦ କଲେ ସରିତା । ରୋଷେଇ ବାସ କି ଘରକାମ ରେ ଆଦୌ ମନ ଲାଗୁନଥିଲା ତାଙ୍କର । କେତେ ଭଲ ମଣିଷ ଥିଲେ ବିନୟ ବାବୁ ସତରେ । ନାଁ ଟି ଯେମିତି ଲୋକ ଟି ବି ସେମିତି । ପିଲାମାନେ କେହି ହେଲେ ମଣିଷ ହେଇନାହାଁନ୍ତି । ଅଧାବାଟରେ ଅସହାୟ କରି ଛାଡ଼ି ଚାଲି ଗଲେ ସେ । ସ୍ତ୍ରୀ ଓ ପିଲାଙ୍କ ଅବସ୍ଥା ଯେ, କ'ଣ ହେବ ତାହା ଭାବି ବ୍ୟସ୍ତ ହୋଇ ପଡୁଥିଲେ ସରିତା । ବିନୟ ବାବୁ ଆଙ୍କର ସିନିୟର୍ ଅଫିସର ଥିଲେ । ସମୟ ଅସମୟରେ ସମସ୍ତଙ୍କୁ ଅନେକ ସାହାଯ୍ୟ କରିଛନ୍ତି ସେ । ଅତି ଭଦ୍ରଲୋକ । ନିଜକୁ ପ୍ରସ୍ତୁତ କରିନେଲେ ସରିତା । କିଛି ଜଳଖିଆ ନ ଖାଇ ସ୍ୱାମୀ ତା'ର ଚାଲିଗଲେ, ଆସୁ ଆସୁ କେତେ ଡେରୀ ହେବ କିଏ ଜାଣେ । ଏଥର ରୋଷେଇରେ ଲାଗିପଡିଲେ ସେ । ସ୍ୱାମୀ ତା'ର ଭୋକିଲା ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରିଥିବେ । ଜଲଦି ଜଲଦି ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ । ଆସିବା ପୂର୍ବରୁ ସବୁ ସରିଥିବା ଦରକାର । ଦିନ ଦୁଇଟା ବାଜିଲା, ହେଲେ ବାବୁଙ୍କ ଦେଖାନାହିଁ । ଖାଇବାକୁ ଆଦୌ ଇଚ୍ଛା ହଉନି ସରିତାର । ଆସନ୍ତୁ ... ସାଙ୍ଗହୋଇ ଖାଇବା । ଥକାମାରୀ ବସି ପଡିଲେ ସେ । କେଉଁଠୁ ଆସିଲା ଏ କରୋନା' ମହାମାରୀଟା କେଜାଣି ? 'ଜୀବନ ପ୍ରବାହ'କୁ ପୂରା ଠପ୍ କରି ଦେଲା ମୂହୁର୍ତ୍ତକରେ । ସମଗ୍ର ବିଶ୍ୱକୁ ଗ୍ରାସ କରିଗଲା । ୟା' ସହିତ ମନ ଓ ହୃଦୟକୁ ସଂପୂର୍ଣ୍ଣ ଭାବେ କବଳିତ କଲା । ଟେଲିଭିଜନ ଠାରୁ ଆରମ୍ଭ କରି ସମସ୍ତ ଗଣମାଧ୍ୟମରେ କେବଳ ତାହାର ଚର୍ଚ୍ଚା । ମୂହୁର୍ତ୍ତକ ପାଇଁ ଭୁଲିବାର ସୁଯୋଗ ନାହିଁ । କିଏ ଜାଣିଥିଲା ଏମିତି ଗୋଟେ ସମୟ ଆସିବ ? ମନୁଷ୍ୟ କିଂ କର୍ତ୍ତବ୍ୟ ବିମୁଢ ହୋଇପଡିବ । ପ୍ରତି ଦିନ ହଜାର ହଜାର ଲୋକ ବଳି ପଡୁଛନ୍ତି, କରୋନା' ମହାମାରୀର କରାଳ ମୁଖରେ । କେତେ ଯେ ଜୀବନ ସଂଗ୍ରାମ ଚଳାଇଛନ୍ତି, ମୃତ୍ୟୁ ଠାରୁ ଜୀବନକୁ ଛଡାଇବାର ନିରନ୍ତର ପ୍ରୟାସରେ ।

ଭୟରେ ମନଟା ଭାରାକ୍ରାନ୍ତ ହୋଇଉଠୁଛି ସଦାସର୍ବଦା । ଲକ୍‌ଡାଉନରେ ଜୀବନର ଧାରା ଅନ୍ୟ ଏକ ନୂଆ ମୋଡ଼ ଦେଇ ଗତି କରୁଥିବା ସମୟରେ, ଏହି ଗୃହବନ୍ଦୀ ଜୀବନ ବେଶ୍ ଆକଣ୍ଠ ହେବାରେ ଲାଗିଛି । କେତେବେଳେ ଯେ, ମୃତ୍ୟୁ ଧସେଇ ପଶିଆସିବ ଆମ ଅଗଣା ମଧ୍ୟକୁ କିଏ ଜାଣେ । ଦୂରରେ ଥିବା ନିଜର ପ୍ରିୟଜନ ମାନଙ୍କୁ ଦେଖିବାକୁ ମନ ଅଧିର ହୋଇ ଉଠେ । ହେଲେ ନିରୁପାୟ,ଘରୁ ଗୋଡ଼ କାଢିଲେ ବାହାରେ ବିପଦ । ଘରେ ରହନ୍ତୁ, ସୁରକ୍ଷିତ ରହନ୍ତୁ । ସବୁବେଳେ ସବୁଆଡେ କେବଳ ଏହି ବାର୍ତ୍ତା ।ପିଲାଦିନର ସେହି କବିତା ଟି ବାରମ୍ବାର ମନେପଡେ ।'ନିର୍ବାସିତର ବିଳାପ' ର ଏକ ପଂକ୍ତି__ "ଥାଆନ୍ତା ଯଦି ମୋର, ବିହଙ୍ଗ ପକ୍ଷ, ଲଂଘି ଭୀଷଣ ଗିରି, ସମୁଦ୍ର ବକ୍ଷ । ଦେଖନ୍ତି ପ୍ରିୟଜନ,ମୁଖ କମଳ, ହୁଅନ୍ତା ଏ ସନ୍ତପ୍ତ,ପ୍ରାଣ ଶୀତଳ । କଳାପାଣି'ଭୋଗୁଥିବା ଜଣେ ବନ୍ଦୀର ଆତ୍ମକଥା । ମନରେ ଭୀଷଣ ଆଘାତ ଲାଗେ । ଭୁଲିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ପାରେନି ସରିତା । ଭାରି

 Magazine Downloaded from www.aahwaan.com

କୋମଳ ମନଟା ତାର । କାହା ଦୁଃଖ କଷ୍ଟ, ସେ ସହି ପାରେନା । ସତରେ ଜୀବନ ଯାତ୍ରାରେ ଯଦି 'ମାୟା'ର ଭୂମିକା ନଥାନ୍ତା, ତେବେ ସମସ୍ତେ ପରସ୍ପର ଏମିତି ଛନ୍ଦାଛନ୍ଦି ହୋଇ ଏକାଠି ରହିପାରି ନଥାନ୍ତେ । ନୁହେଁ କି ?ମୋ ଘର,ମୋ ସ୍ୱାମୀ,ମୋ ପିଲେ ଇତ୍ୟାଦି । ଏହି ମୋ'ଶବ୍ଦଟି ହେଉଛି 'ମାୟା', ଯାହାର ମୋହରେ ପଡ଼ି ମଣିଷ ବାନ୍ଧି ହୋଇ ଛନ୍ଦି ହୋଇଯାଏ । ଏଥିରୁ ମୁକୁଳିବା ଏତେ ସହଜ ନୁହେଁ । ଆତ୍ମବିଶ୍ୱାସ ହିଁ ଜୀବନର ମୂଳଦୁଆ ଅଟେ । ଯୁଗେ ଯୁଗେ ଧର୍ମର ପ୍ରତିଷ୍ଠା ପାଇଁ ତୁମେ ଅବତାର ନେଇଛ ପ୍ରଭୁ । ଏବେ ତୁମର ଏଇଟା "କରୋନା" ଅବତାର ନୁହେଁ ତ ଠାକୁରେ ? ଅଧର୍ମର ବିନାଶ ପାଇଁ ଏ ମୃତ୍ୟୁର ତାଣ୍ଡବଲୀଳା ନୁହେଁ ତ ? ସାରା ଜଗତ, ଆଜି ତ୍ରସ୍ତ । ପ୍ରତି ମୂହୁର୍ତ୍ତରେ ସେ ଅନୁଭବ କରୁଛି ନିଜର ଅସହାୟତାକୁ । ଆଉ କେତେ ଦିନ ଏମିତି ଏ ଦୁର୍ଦ୍ଦିନର ସାମନା କରିବାକୁ ପଡ଼ିବ, କିଏ ଜାଣେ ? ଧୈର୍ଯ୍ୟର ବନ୍ଧ ଭାଙ୍ଗିବାକୁ ବସିଲାଣି । ଆଉ ଡେରି କରନା ପ୍ରଭୁ । ଦୁଇହାତ ଟେକି ଦେଲା ସରିତା, ସେହି ଅଲୌକିକ ଅଦୃଶ୍ୟ ଶକ୍ତିଙ୍କ ଉଦ୍ଦେଶ୍ୟରେ । ହେ ପ୍ରଭୁ ପରଂବ୍ରହ୍ମ ! ତୁମେ ହିଁ ଭରସା । ହୃଦୟକୁ ସରଳ ନିଷ୍କପଟ କରାଇ ପାରିଲେ ସବୁକିଛି ସରଳ ଓ ସହଜ ହୋଇ ପାରିବ ଏହା ମୋର ବିଶ୍ୱାସ । ଈଶ୍ୱରଙ୍କ ଠାରେ ପୂର୍ଣ୍ଣ ଆସ୍ଥା ଥିବା ସତ୍ତ୍ୱେ, କେଜାଣି କାହିଁକି ବେଳେବେଳେ ମାନସିକ ସନ୍ତୁଳନ ଇତଃସ୍ତତ ହେଲାଭଳି ପ୍ରତୀୟମାନ ହୁଏ । ପ୍ରେମ ଭକ୍ତିରେ ଈଶ୍ୱରଙ୍କୁ ଆୟତ୍ତ କରାଯାଇପାରେ ଆଉ ଅସାଧ୍ୟ ସାଧନ କରାଯାଇପାରେ । ଆଉ କେତେ ପରୀକ୍ଷା ନେବ ପ୍ରଭୁ । ଭଲ ହେଉ ଅବା ମନ୍ଦ ସବୁତ ତୁମରି ସନ୍ତାନ । ଦୁଷ୍ଟ ପିଲାଟିକୁ ମାଆ ତାର କ'ଣ କେବେ ତ୍ୟାଗ କରିପାରେ ? ବାଟକୁ ଆଣିବା ପାଇଁ ତାକୁ ଶାସନ କରେ ସିନା ନିଜ ଠାରୁ କେବେ ତାକୁ ଦୂରେଇ ଦେଇ ପାରେନା । କରୋନା ସହିତ ଏଇ କେତେ ଗୁଡିଏ ଶବ୍ଦ ଯେମିତି କି, ଲକ୍‌ଡାଉନ,ସଟ୍‌ଡାଉନ୍,କ୍ୱାରେନ୍‌ଟାଇନ୍,କୋଭିଡ୍ ଇତ୍ୟାଦି ଶୁଣି ଶୁଣି ଭାରି ବ୍ୟସ୍ତ ବିବ୍ରତ ଲାଗିଲାଣି ।


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘଣ୍ଟାକୁ ଚାହିଁଲା ସରିତା ଚାରିଟା ବାଜି ପନ୍ଦର ମିନିଟ୍ । ଏତେ ବେଳ ହେଲାଣି କୁଆଡେ ଯେ, ଗଲେ ! ଭୋକରେ ପେଟ ଜଳିଲାଣି, ସିଏ ବି କଣ ଖାଇଥିବେ କି ନାହିଁ । ଘର ଭିତରେ ଏପାଖ ସେପାଖ ହେବାକୁ ଲାଗିଲା ସରିତା । ହଠାତ୍ କଲିଂବେଲ୍ ବାଜିଲା । ତରତର ହୋଇ କବାଟ ଖୋଲି ଦେଲା । ଦେଖିଲା ସୁରେଶ । __କ'ଣ ସବୁ କାମ ଭଲରେ ଭଲରେ ହେଇଗଲା ? __ନାଁ.. ଆଜି ଆଉ ହେଲା ଭଳି ଆଶା ନାହିଁ । __ଦୁନିଆଁ ଫର୍ମାଲିଟି ପୂରଣ କରିବା ପାଇଁ ପଡିବ । __

ସେମାନେ ଏବେ କ'ଣ କରିବେ ? ବିଚଳିତ ହୋଇ ସରିତା ପ୍ରଶ୍ନ କଲା । ହାଲିଆ ହୋଇ ହସ୍ପିଟାଲରୁ ଫେରିଥିବା ସୁରେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପଡି,କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ, ସନ୍ଧ୍ୟା ସାଢ଼େ ଚାରିଟା ବାଜିଲାଣି । ବିରକ୍ତ ହୋଇ ସୁରେଶ ଚିଡି ଉଠିଲା ଆଉ କହିଲା, ସେମାନେ ଯାହା କରିବେ ସେମାନେ ସେକଥା ବୁଝିବେ । ତୁମକୁ ଏତେ ଚିନ୍ତା କାହିଁକି ?ଲୋକଟା ଦିନସାରା କୋଉଠି ପାଣି ଟୋପାଏ ପିଇଛି କି ନାହିଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢେଇବାକୁ କଷ୍ଟ ହେଉଛି ।ବାଇମୁଣ୍ଡିକୁ"......

ସରିତା କିଛି କହିଲାନି । ଚେୟାର ଉପରେ ଗାମୁଛାଟା ଥୋଇ ଦେଉ ଦେଉ କହିଲା," ଖାଇବା ସବୁତ ଥଣ୍ଡା ହୋଇଯାଇଛି , ଟିକେ ଅପେକ୍ଷାକର ଗରମ କରିଦେବି" ।

ସୁରେଶ ଗାମୁଛା ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲା , "ଶୀଘ୍ର କର ।ମୋ ପେଟ ଜଳିଲାଣି । କିଛି ନ କହି ଖାଇବା ଗରମ କରିବାରେ ଲାଗିପଡିଲା ସରିତା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଣିଷପଣିଆ



ପ୍ରିୟଦର୍ଶିନୀ ମହାନ୍ତି

ମଣିଷପଣିଆ ଟିଭିରେ ଘନ ଘନ ନ୍ୟୁଜ ମହାମାରୀ କରୋନାରେ କେଉଁ ଜିଲ୍ଲାରେ କେତେ ଆକ୍ରାନ୍ତ, କେତେ ଆରୋଗ୍ୟ ଆଉ କେତେ ମୃତ୍ୟ ବରଣ କରିଲେଣି । ସକାଳୁ ଟିଭି ଲଗାଇ ସୋମା ଦେଖୁଥିଲା ନ୍ୟୁଜ । ଟିଭି ବନ୍ଦ କରି ଦୀର୍ଘ ନିଃଶ୍ୱାସଟିଏ ମାରି ସୋମା ମନେ ମନେ ଭାବୁଥାଏ । ଏମିତି ପରିସ୍ଥିତି ଆସିବ ବୋଲି କିଏ କେବେ ଭାବିଥିବ କି ଭଲା ! ! ପୋକ ମାଛି ପରି ଲୋକ ମରୁଛନ୍ତି । ସବୁଆଡେ ତାଲା ବନ୍ଦ । ମଣିଷ ହୋଇ ମଣିଷକୁ ସାହାଯ୍ୟ କରିବାକୁ ବି ଡରୁଛନ୍ତି । ଏଇ ଭୁତାଣୁ ସଂକ୍ରମଣ ରୋଗ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ । ଅନେକ ଲୋକ ଚାକିରିରୁ ଛଟେଇ । ରୋଜଗାରର ବାଟ ବନ୍ଦ । ପ୍ରାୟ ସବୁଆଡେ ଅନାହାର । ପ୍ରବାସୀ ଓଡ଼ିଆମାନେ ନିଜ ରାଜ୍ୟକୁ ଆଗମନ କରିଲେଣି । ଏଗୁଡା ପ୍ରତ୍ୟହ ଟିଭିରେ ଶୁଣି ଶୁଣି ଭାରି ଡର ଲାଗିଲାଣି ସତରେ । କ'ଣ ଯେ ହେବ ଆଗକୁ ଭଗବାନ ହିଁ ଜାଣନ୍ତି.. ।

ନୂଆ ନୂଆ ବାହାଘର ହୋଇଥାଏ ସୋମା ଆଉ ରମେଶର । ଶାଶୁଶଶୁର ଦୁହେଁ ନଣନ୍ଦଙ୍କ ଘରକୁ ବୁଲିବାକୁ ଯାଇ ଲକ୍ ଡାଉନରେ ଫସି ସେଇଠି ଅଛନ୍ତି । ରମେଶ ଏକ ଡାକ୍ତରଖାନାରେ ଆକାଉଣ୍ଟାଟ ଭାବେ କାମ କରେ । ସେଥିପାଇଁ ସୋମାକୁ ଟିକେ ଡର ଲାଗେ । ସେ ରମେଶକୁ ଯତ୍ନରେ ଚଳିବାକୁ କୁହେ । ଡାକ୍ତରଖାନାରେ ବାରମ୍ବାର ହାତକୁ ସାନିଟାଇଜ କରିବା, ଗ୍ଲୋବସ ପିନ୍ଧିବା, ମାସ୍କ ବ୍ୟବହାର କରିବାକୁ ମନେ ପକେଇଦିଏ । ସେଦିନ ସକାଳ ଆଠଟାରୁ ରମେଶ ଡାକ୍ତରଖାନାକୁ ଚାଲିଗଲା । ସୋମା ଆଉ କରିବ ବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ ଘରେ ଏକୁଟିଆ । ନିଜର କାମ ସାରି ସବୁଦିନ ପରି ଟିଭି ଲଗେଇ ବସିଥିଲା । ହଠାତ ଆମ୍ବୁଲାନ୍‌ସର ସାଇରନ୍ ଶବ୍ଦ ଶୁଣି ଗେଟ ପାଖକୁ ଗଲା । ଆମ୍ବୁଲାନ୍‌ସଟି ଲାଗିଲା ପଡିଶା ଘର ଆଗରେ । ସୋମା କିଛି ଭାବିବା ଆଗରୁ ପଡ଼ିଶାଘର ସନ୍ଧ୍ୟା ଅପା, ତାଙ୍କ ସ୍ୱାମୀ ଏବଂ ଶାଶୁ ଆମ୍ବୁଲାନ୍‌ସରେ ବସି ଚାଲିଗଲେ ।

ସଙ୍ଗେ ସଙ୍ଗେ କିଛି ଲୋକ ଆସି ତାଙ୍କ ଘର ସାନିଟାଇଜ କରିଲେ । ତାଙ୍କର ତଳ ଉପର ହୋଇ ଦୁଇଟି ପୁଅ ବୟସ ପାଖାପାଖି ଦଶ ଆଉ ବାର ବର୍ଷ ହେବ । ସୋମା ଭଳି ସମସ୍ତେ ନିଜ ନିଜ ଘର ଭିତରେ ଥାଇ ଦେଖୁଥାନ୍ତି ଏ ଦୃଶ୍ୟ । ସୋମା ଘର ଭିତରକୁ ଆସି ଥକ୍କା ମାରି ସୋଫା ଉପରେ ବସିଲା । କିଛି ଦିନ ପୂର୍ବରୁ ସନ୍ଧ୍ୟାଅପାଙ୍କ ସ୍ୱାମୀ ଓଡ଼ିଆ ବାହାରୁ ଆସି ସଂଘରୋଧ କେନ୍ଦ୍ରରେ ଥିଲେ । ଚଉଦ ଦିନ ପରେ ମଧ୍ୟ ତାଙ୍କର କିଛି ଲକ୍ଷଣ ଆସିନଥିଲା । କିନ୍ତୁ ପାଖାପାଖି ମାସେ ପରେ ଲକ୍ଷଣ ଆସିବାରୁ ଘରର ସମସ୍ତେ କୋଭିଡ଼ ଟେଷ୍ଟ କରିଥିଲେ । ସନ୍ଧ୍ୟା ଅପା, ତାଙ୍କ ସ୍ୱାମୀ ଆଉ ଶାଶୁଙ୍କର ପଜେଟିଭ ଆସିଛି । ଛୁଆ ଦୁଇଟାଙ୍କର ବୋଧ ହୁଏ ନେଗେଟିଭ । ଛୁଆ ଦୁଇଟାଙ୍କର କଥା ମନେ ପଡିବା ପରେ ସୋମା ପୁଣି ଧାଇଁଲା ଗେଟ ଆଡେ । ପିଲା ଦୁଇଟି ଘର ପିଣ୍ଡାରେ ମନ ଦୁଃଖ କରି ବସିଥିଲେ । ପଡିଶା ଘରୁ ପଜେଟିଭ ବାହାରିବାର ଦେଖି ସମସ୍ତେ ନିଜ ନିଜ ଘର ସାନିଟାଇଜ କରିବାରେ ବ୍ୟସ୍ତ ।

ସନ୍ଧ୍ୟା ସାଢ଼େ ଚାରିଟାରେ ରମେଶ ଡାକ୍ତରଖାନାରୁ ଆସିଲା । ରମେଶକୁ ଜଣା ସବୁ ଆଜିର ଘଟଣା ବିଷୟରେ । କାରଣ ସେ କାମ କରୁଥିବା ହସ୍ପିଟାଲରେ କୋଭିଡ ସେଣ୍ଟର ଅଛି ।

"ସେମାନେ ଏବେ କଣ କରିବେ" ? ବିଚଳିତ ହୋଇ ସୋମା ପ୍ରଶ୍ନ କଲା । ହାଲିଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ସେ ଶୀଘ୍ର ଗାଧୋଇ ପକେଇବା ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି । ବିରକ୍ତ ହୋଇ ରମେଶ ଚିଡି ଉଠିଲା ଆଉ କହିଲା," ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତୁମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନ ସାରା କୋଉଠି ପାଣିଟୋପେ ପିଇଛି କି ନାହିଁ ପଚାରିବା ତ ଦୂରର କଥା ହାତକୁ ଗାମୁଛାଟିଏ ବି ବଢ଼େଇବାକୁ କଷ୍ଟ ହଉଛି । ବାଇମୁଣ୍ଡିକୁ..." ସୋମା କିଛି କହିଲାନି ।

ଚେୟାର ଉପରେ ଆଣି ଟାଵେଲ ଥୋଇ ଦେଉ ଦେଉ କହିଲା," ଖାଇବା ସବୁ ତ ଥଣ୍ଡା ହୋଇଯାଇଛି । ଟିକେ ଅପେକ୍ଷାକର ଗରମ କରିଦେବି ।" ରମେଶ ଗାମୁଛା ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲା ," ଶୀଘ୍ର କର । ମୋ ପେଟ ଜଳିଲାଣି ।"

ରମେଶ ଗାଧୋଇସାରି ଖାଇ ବିଶ୍ରାମ ନେଲା । ସୋମା ପୁଣି ଗେଟ ପାଖକୁ ଗଲା । ପିଲା ଦୁଇଟି ସେମିତି ଘର ବାହାର ପିଣ୍ଡାରେ ବସିଥାନ୍ତି । ସୋମା ସେ ଦୁଇଜଣଙ୍କୁ ଡାକିଲା । ପିଲା ଦୁଇଟିଙ୍କୁ ପଚାରି ବୁଝିଲା କଣ ଖାଇଛ କି ନାହିଁ ? ଭାରି କରୁଣ, ନିରୀହ ଚାହାଣୀରେ ଚାହିଁ ପିଲା ଦୁଇଟି ସକାଳୁ ପାଉଁରୁଟି ଖାଇ ଅଛନ୍ତି ବୋଲି କହିଲେ । ହଁ, ଏ ସମୟରେ କେଉଁ ସମ୍ପର୍କୀୟ ବି ସାହାଯ୍ୟ କରିବାକୁ ଆସିପାରିବେନି । ସୋମା ଅପେକ୍ଷା କରିବାକୁ କହି ଘର ଭିତରକୁ ଯାଇ ଗରମ କରିଥିବା ଖାଦ୍ୟ ଆଣି ଦୁଇଜଣଙ୍କୁ ବଢ଼ାଇଦେଲା । ପିଲା ଦୁଇଟି ଖାଇବା ନେଇ ଘରକୁ ଗଲେ । ସନ୍ଧ୍ୟା ପ୍ରାୟ ସାତଟା ବେଳକୁ ରମେଶକୁ ପିଲା ଦୁହିଁଙ୍କ କଥା କହିଲା । କ'ଣ ଖାଇବେ ସେମାନେ ? କେମିତି ରହିବେ ? ରମେଶ ବୁଝିପାରିଲା ସୋମା ମନକଥା । ସନ୍ଧ୍ୟା ଅପାଙ୍କର ସ୍ୱାମୀଙ୍କ ଫୋନ ନମ୍ବର ରଖିଥିଲା ରମେଶ । ଫୋନ କରି ଭଲ ମନ୍ଦ ବୁଝିଲା ସେମାନଙ୍କର । ଶେଷରେ ସୋମା ସନ୍ଧ୍ୟା ଅପାଙ୍କୁ କହିଲା, "ଯଦି ଅନୁମତି ମିଳେ

 Magazine Downloaded from www.aahwaan.com

ତୁମେ ସବୁ ଆସିବା ପର୍ଯ୍ୟନ୍ତ ପିଲା ଦୁଇଟି ଆମ ଘରେ ରୁହନ୍ତୁ । ସେପଟୁ ସନ୍ଧ୍ୟା ଅପା ଛୋଟ ପିଲା ପରି କାନ୍ଦି କାନ୍ଦି କହିଲେ" ଏଥିରେ ଅନୁମତି କ'ଣ ନେବା ଦରକାର ? ଭାବିଥିଲି ତତେ ଫୋନ କରି ପିଲାଙ୍କ ଦାୟିତ୍ୱ ଦେବି ବୋଲି କିନ୍ତୁ ପରେ ବିବେକ ମୋର ମନା କରିଲା । ଯୋଉଠି ନିଜ ଲୋକ ଛୁଇଁବାକୁ ଡରୁଛନ୍ତି । ସେଠି ତତେ କେମିତି କହିଥାନ୍ତି । ଦିନସାରା ଆଜି ପିଲାଙ୍କ ଚିନ୍ତା ଲାଗୁଥିଲା । ମୋ ମନ କଥା ତୁ ଜାଣିପାରିଲୁ । ଆଜି ବି ତୋରି ପରି କିଛି ମଣିଷଙ୍କ ପାଖରେ ମଣିଷ ପଣିଆ ଅଛି ବୋଲି ସଂସାରଟା ଚାଲିଛି । ତୁ ନିଜର ନ ହୋଇ ମଧ୍ୟ ଯେଉଁ ଉପକାର କରିଲୁ ତାହା ମୁଁ ସାତ ଜନ୍ମରେ ବି ସୁଝିପାରିବିନି ।" ସନ୍ଧ୍ୟା ଅପାଙ୍କୁ ଆଶ୍ୱାସନା ଦେଇ ସୋମା କହିଲା, "ହଉ ଅପା, ତୁମେ ଆଉ କାନ୍ଦନି ଜଲ୍ଦି ସୁସ୍ଥ ହୋଇ ଫେରିଆସ । ପିଲାଙ୍କ କଥା ଚିନ୍ତା କରନି । ତମେ ଆସିବା ପର୍ଯ୍ୟନ୍ତ ପିଲାମାନେ ମୋ ଦାୟିତ୍ୱ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରୋନା ଭୟ



ପ୍ରଶାନ୍ତ କୁମାର ନାଥ

ମହାମାରୀ କରୋନା ସାରା ବିଶ୍ୱକୁ କବଳିତ କରି ରଖିଛି ସବୁଆଡେ ସଟଡାଉନ ଆଉ ଲକଡାଉନ । ବାହାରକୁ ବାହାରି ହେଉନି । ଏମିତି ନିତ୍ୟ ବ୍ୟବହାର ଜିନିଷ କିଣିବାକୁ ମଧ୍ୟ ନାକେଦମ ହେବାକୁ ପଡୁଛି । ସମସ୍ତଙ୍କ ମୁହଁରେ ସେହି ଗୋଟିଏ କଥା କେବେ ଆଉ କେଉଁଦିନ କରୋନା ହଟିବ । ଏହାର ଟୀକା ବାହାର କରିବା ପାଇଁ ମଧ୍ୟ ସବୁ ଦେଶ ତତ୍ପର । ଆଜି କାଲି ହସ୍ପିଟାଲ କଥା ନକହିବା ଭଲ । ଅନେକ ହସ୍ପିଟାଲରେ କରୋନା ଆକ୍ରାନ୍ତ ବାହାରୁ ଥିବାରୁ ହସ୍ପିଟାଲ ଗୁଡିକ ମଧ୍ୟ ସିଲ ହୋଇଯାଉଛି । ହସ୍ପିଟାଲ ବାହାରେ ହିଁ ଜଣଙ୍କୁ ବସେଇ ଦେଉଛନ୍ତି ସାନିଟାଇଜର ଆଉ ଟେମ୍ପରେଚର ଚେକ ମେସିନ ଧରେଇ । ଜ୍ୱର ହୋଇଥିଲେ ସେଇ ବାହାରୁ ହିଁ ସେ ବିଦା କରି ଦେଉଛନ୍ତି । ଆରେ ବାବା ଏ ସମୟରେ ଡାକ୍ତରଖାନାକୁ କିଏ କଣ ବୁଲିବା ପାଇଁ ଆସିବ । କି ଜ୍ୱର ହୋଇଛି କଣ କରିଛି ତୁମେ ଟିକେ ଚେକ କରିବନି ? ସରକାର ବାରମ୍ବାର କହୁଛନ୍ତି ସବୁ ଥଣ୍ଡା କି ଜର କରୋନା ନୁହେଁ । ତଥାପି... ଏମାନଙ୍କୁ କିଏ ବୁଝାଇବ । ସକାଳୁ ଅନେକ ହସ୍ପିଟାଲରେ ବୁଲି ବୁଲି ଶେଷରେ ଗୋଟେ ହସ୍ପିଟାଲ ଚିକିତ୍ସା କରିବା ପାଇଁ ରାଜି ହେଲା । ରମେଶ ଫୋନ କରି ମଧ୍ୟ ଏକଥା ସୋମାଙ୍କୁ କହି ସାରିଥିଲା । ସେମାନଙ୍କୁ ସେଠାରେ ଛାଡି ରମେଶ ଆସି ଘରେ ପହଞ୍ଚୁ ପହଞ୍ଚୁ;

"ସେମାନେ ଏବେ କଣ କରିବେ ?" ବିଚଳିତ ହୋଇ ସୋମା ପ୍ରଶ୍ନକଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି । ବିରକ୍ତ ହୋଇ ରମେଶ ଚିଡ଼ି ଉଠିଲା ଆଉ କହିଲା, "ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି ବାଇମୁଣ୍ଡିକୁ ..." ସୋମା କିଛି କହିଲାନି ।

ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, "ଖାଇବା ସବୁ ତ ଥଣ୍ଡା ହେଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି ।" ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର । ମୋ ପେଟ ଜଳିଲାଣି ।"

ରମେଶ ରାଗରେ ଜଳୁଥାଏ । ସକାଳୁ ସକାଳୁ ସୋମା କହିଲା, ମାନସ ଆଉ ତା' ସ୍ତ୍ରୀ ଦୁଇ ଜଣଙ୍କୁ ଭୀଷଣ ଜର । ସବୁ ବନ୍ଧୁବାନ୍ଧବ ଚାଲିଗଲେଣି । ମା କୁଆଡୁ କଣ କରିବେ । ଆଜି ମୋତେ ଫୋନ କରି ମାନସ କାନ୍ଦୁଥିଲା, ତୁମେ ଟିକେ ଯାଇ ସେମାନଙ୍କୁ ହସ୍ପିଟାଲରେ ଦେଖେଇ ଆସନ୍ତନି । ରମେଶ କହିଲା ମୁଁ କହୁଛି ଏବେ ବାହାଘର କରନି । କି ଅର୍ଜେଂଟ ଥିଲା ତୁମ ଭାଇର ବାହାଘର କରିବା । କହିଲ କଣ ନା ଲକଡାଉନରେ ତ ପୁଣି ଏତେ ବାହାଘର ହେଉଛି । ଏତେ ବାହାଘର ହେଉଛି ତୁମକୁ ଦେଖାଗଲା କିନ୍ତୁ ବାହାଘର ହେବା ଦ୍ୱାରା ଲୋକମାନେ ସାମାଜିକ ଦୂରତ୍ୱ ଭୁଲି ଯାଉଛନ୍ତି ଫଳରେ ଅନେକ ପିଜେଟିଭ କେସ ବାହାରୁଛି ସେସବୁ ଦେଖା ହେଉନି । ଜଣଙ୍କ ପାଇଁ ଏଠି ସମସ୍ତଙ୍କୁ ହଇରାଣ ହେବାକୁ ହେବାକୁ ପଡୁଛି । ରମେଶ ରାଗରେ ସିନା ଏସବୁ କହିଦେଲା କିନ୍ତୁ ସକାଳୁ ସକାଳୁ ବାହାରିଗଲା ନିଜର ଶଶୁର ଘରକୁ । ଅଫିସ ବନ୍ଦ ଥିବାରୁ ଏବେ ୱାର୍କ ଫ୍ରମ ହୋମ ମାନେ ଘରେ ରହି କାମ କରିବାର ଅନୁମତି ମିଳିଛି । ଦିନ ଗୋଟାଏରେ ଭିଡିଓ କନଫରେନ୍ସରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଟିଙ୍ଗ ମଧ୍ୟ ଥିଲା । ଭାବିଥିଲା ଡାକ୍ତରଙ୍କୁ ଦେଖେଇ ଯଥେଷ୍ଟ ସମୟ ପୂର୍ବରୁ ଆସି ପହଞ୍ଚି ଯିବ ବୋଲି କିନ୍ତୁ କୌଣସି ହସ୍ପିଟାଲ ରୋଗୀ ଦେଖିବାକୁ ନାରାଜ । ସକାଳୁ ବୁଲି ବୁଲି ନୟାନ୍ତ ହୋଇ ପଡିଲେଣି । ଅଫିସରୁ ବାରମ୍ବାର ଫୋନ ଆସୁଥାଏ ସେଥିପାଇଁ ସେ ମୋବାଇଲ ମଧ୍ୟ ସୁଇସ ଅଫ କରିଦେଲା । ଲକଡାଉନ ଯୋଗୁଁ ହୋଟେଲ ମଧ୍ୟ ଖୋଲା ହେଉନି । ଯେଉଁ ଗୋଟେ ଗୋଟେ ହୋଟେଲ ଖୋଲା ସେଠି ଖାଇବା ପିଇବା ପାଇଁ ମଧ୍ୟ ଡର ଲାଗୁଛି । ଉପାସ ଭୋକରେ ଦିନ କଟିଗଲାଣି । ବହୁତ ଆଡେ ବୁଲି ବୁଲି ଫେଲ ମାରିବା ପରେ ସେ ତା'ର ସାଙ୍ଗ ଅଶୋକକୁ ଫୋନ କରି ଜଣେଇଲା । ସାଙ୍ଗମାନଙ୍କ ମଧ୍ୟରେ ଅଶୋକ ହିଁ ଏମିତି ଜଣେ ପିଲା କହିବା ମାତ୍ରେ ସବୁ ସମସ୍ୟାର ସମାଧାନ କରି ଦେଇଥାଏ ସେ । ଅଶୋକ ଡାକ୍ତରଙ୍କ ସହିତ କଥା ହୋଇ କ୍ୟୁରୋଫାଷ୍ଟ ହସ୍ପିଟାଲକୁ ଯିବା ପାଇଁ କହିଲା । ସେଠାକାର ଡାକ୍ତର ଅଶୋକ ସାଙ୍ଗ ଥିଲେ । ଶେଷରେ ମାନସ ଓ ତା ସ୍ତ୍ରୀକୁ ନେଇ ସେଠାରେ ଆଡ଼ମିଟ କରାଇ ପାଖ ଦୋକାନରୁ କିଛି ବ୍ରେଡ଼, କଦଳୀ ଓ ପାଣି ବୋତଲ କିଣି ସେମାନଙ୍କୁ ଦେଇ ଘରକୁ ଫେରିଲା । ସେମାନଙ୍କୁ କହି ଆସିଥିଲା ଯେ ମୁଁ ରାତିରେ ପୁଣି ଆସିବି ବୋଲି । ଆଉ ଡାକ୍ତରଙ୍କ ସହିତ ପରାମର୍ଶ ମଧ୍ୟ କରିଥିଲା ସେ । ଆଉ ଡାକ୍ତରଙ୍କୁ ଡ଼ାଇରେକ୍ଟ ପଚାରିଥିଲା ସେମାନଙ୍କ ପାଖରେ କିଛି କରୋନା ଲକ୍ଷଣ ନାହିଁତ । ଆଜିକାଲି କାହାକୁ ବି ଭରଷା ନାହିଁ । ଏମିତିକି ନିଜ ଲୋକମାନଙ୍କୁ ମଧ୍ୟ । ସେମାନଙ୍କୁ ସେ ହିଁ ନିଜ କାରରେ ଆଣିଥିଲା ।

ଏପଟେ ଘରେ ପହଞ୍ଚୁ ପହଞ୍ଚୁ ସୋମା ଆରମ୍ଭ କରିଦେଲା । ଆଉ ପଚାରିବା ମଧ୍ୟ ସ୍ୱାଭିବିକ । କିନ୍ତୁ ସବୁ କଥାର ଗୋଟାଏ ସୀମା ଥାଏ । ରମେଶ କଣ ନିଜେ ନିଜେ ସୋମାଙ୍କ ପାଖରେ ଏସବୁ କଥା କହିନଥାନ୍ତେ । କିନ୍ତୁ ଘରେ ପହଞ୍ଚୁପହଞ୍ଚୁ ସୋମା ଆରମ୍ଭ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେଇଥିଲା । ମଣିଷ ଭୋକ ଉପାସରେ ରହିଲେ ହିଁ ଅଧିକ ରାଗ ଲାଗେ ଆଉ ସେ ବିରକ୍ତି ପ୍ରକାଶ କରିଥାଏ । ଦିନମାନେ ଉପାସରେ ରହିଥିବା ରମେଶ ବା ସେଥିରୁ ବାଦ ପଡ଼ିଥାନ୍ତା କେମିତି । ଏପଟେ ଭୋକ ଉପାସରେ ରହିବା ସହିତ ଦିନ ତମାମ ତୁଣ୍ଡି ପରି ମୁହଁରେ ମାସ୍କ ବାନ୍ଧି ରହିବା ବି କମ କଷ୍ଟସାଧ୍ୟ ନଥିଲା । ରମେଶ ସିନା ରାଗରେ ସୋମାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲା । କିନ୍ତୁ ସେ ମଧ୍ୟ ବୁଝି ପାରିଥିଲା ଯେ ଏ ସମୟରେ ଜଣେ ଭାଇର ଏମିତି ଦେହ ଖରାପ ହେଲେ ତାର ଭଉଣୀର ଅବସ୍ଥା କଣ ହୁଏ । ରମେଶ ମଧ୍ୟ ଜାଣିଥିଲା ଯେ ସେ ସିନା ବ୍ୟସ୍ତତା ଆଉ ଅସୁବିଧା ଯୋଗୁଁ ଖାଇ ପାରିନଥିଲା ସୋମା କିନ୍ତୁ ଦୁଃଖରେ ସେମାନଙ୍କ କଥା ଭାବି ଭାବି କିଛି ଖାଇ ନଥିବ ବୋଲି । ଗାଧୋଇ ସାରି ଆସିଲା ବେଳକୁ ଖାଦ୍ୟ ଗରମ ହୋଇ ସାରିଥିଲା ।

ସୋମାଙ୍କ ମୁହଁ କିନ୍ତୁ ଏକ ଧାନଉଁସା ହାଣ୍ଡି ପରି ହୋଇଯାଇଥିଲା । ସୋମା ଖାଦ୍ୟ ବାଢ଼ି ଦେଲା । ରମେଶ ପଚାରିଲା ତୁମେ ଖାଇଛ..... ? ସୋମା କିଛି କହିଲାନି । ମାନସ ଆଉ ଅଙ୍କିତାଙ୍କର କଣ ହୋଇଛି ବୋଲି ପଚାରିବାକୁ ଭାବି ମଧ୍ୟ ପଚାରି ପାରୁନଥାଏ .... କେବେଳ ଗୋଟିଏ କଥା ହିଁ ଶୁଣିବାକୁ ଚାହୁଁଥିଲା । ତା'ମନରେ ଆସିଥିବା ସନ୍ଦେହକୁ ସେ ଦୂର କରିବାକୁ ଚାହୁଁଥିଲା । କାହିଁକିନା ବର୍ତ୍ତମାନ ଯେଉଁ ସମୟ କରୋନା କେତେବେଳେ ବି କାହାକୁ ଗ୍ରାସ କରିପାରେ । ରମେଶ କହିଲା ବ୍ୟସ୍ତ ହୁଅନି । ମାନସ ଆଉ ଅଙ୍କିତାଙ୍କର ସେମିତି କିଛି ହୋଇନି ବାରମ୍ବାର ଯିବା ଆସିବା କରିବା ଅପେକ୍ଷା ଆଜି ସେଠାରେ ରହିବାକୁ ଡାକ୍ତର କହିଲେ । ଦିନ ତମାମ ଛୁଆ ଦୁଇଟା କିଛି ଖାଇ ନାହାନ୍ତି । ଭାବିଲି ଘରକୁ ଯାଇ କଣ ଦିଟା ଖାଇଦେଇ ସେମାନଙ୍କ ପାଇଁ କିଛି ନେଇ ଆସିବି ବୋଲି । ତୁମେ ଖାଇଦିଅ । ମୁଁ ଟିକେ ବସଙ୍କ ସହିତ କଥା ହୋଇଯାଏ । ଆଜି ମିଟିଙ୍ଗରେ ନଥିଲି । ସେ ଅନେକ ଥର କଲ

 Magazine Downloaded from www.aahwaan.com

କରିଛନ୍ତି । ତାଙ୍କୁ ଏ ଅସୁବିଧା ବିଷୟରେ ନିହାତି ଅବଗତ କରାଇବାକୁ ହେବ । ସୋମା ଖାଇସାରି ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ଯାଉଥିଲେ ହଠାତ ମାନସର ଫୋନ ଆସିଲା କହିଲା ଦିଦି ଡାକ୍ତର କହିଲେ ଆମର ଏଠାରେ ରହିବା ଆଉ ଆବଶ୍ୟକ ନାହିଁ । ଆମେ ଘରକୁ ଯାଇ ପାରିବୁ । ଭାଇନାଙ୍କୁ କହିବ ଆସିବା ପାଇଁ । ଏଥର ସୋମାଙ୍କ ମୁହଁରେ ଟିକେ ହସ ଖେଳିଗଲା । ରମେଶକୁ ଏକଥା କହିବାରୁ ରମେଶ କହିଲା ତୁମେ ତୁମ ମାମାଙ୍କୁ ଫୋନ କରିଦିଅ । ଆଜି ସେମାନଙ୍କୁ ମୁଁ ଆମ ଘରକୁ ନେଇ ଆସିବି । ସୋମାର ମୁହଁରେ ଏକ ଖୁସିର ଝଲକ ଖେଳିଗଲା । ସେ ନିଜର ମାମାଙ୍କୁ ଫୋନ ଲଗାଇଲା.....ଆଉ ରମେଶ ବାହାରି ଗଲା ହସ୍ପିଟାଲ ଅଭିମୁଖେ..... ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହଯୋଗର ପ୍ରତିଫଳନ ଅଚିହ୍ନା



ଲିମନ୍

ସହରର ଶେଷକୁ ଫକୀରପୁର ଗାଁର ଆରମ୍ଭ । ସହରର ପାଣି ପବନ ଅଳ୍ପେବହୁତେ ଗାଁକୁ ବାଜୁଥାଏ । ଗାଁ ମୁଣ୍ଡକୁ ଥାଏ ମହାବିଦ୍ୟାଳୟଟିଏ । ସହରକୁ ଯିବା ତ ଅସମ୍ଭବ । ଗାଁ ପାଖରେ ମହାବିଦ୍ୟାଳୟ ଅଛି ବୋଲି କାଁ ଭାଁ ପିଲା ପଢିବାକୁ ଯାଆନ୍ତି । ଫକୀରପୁର ଗାଁ ପାଖକୁ ଲାଗି ମଦନପୁର । ଦୁଇ ଗାଁର ପିଲା ଯେମିତି ଫକୀରପୁର ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ, ସେମିତି ପଢିବାକୁ ବାହାରିଲେ ମହାବିଦ୍ୟାଳୟକୁ । ପିଲାଦିନୁ ପରିଚିତ । ତେଣୁ କିଛି ଅସୁବିଧା ହୁଏନି । ସାଙ୍ଗ ସାଥି ହୋଇ ସବୁ କଥାକୁ ସରଳରେ ସମାଧାନ କରିଦିଅନ୍ତି । ମହାବିଦ୍ୟାଳୟର ସମସ୍ତ ଦିବସକୁ ଅତି ଆନନ୍ଦରେ ପାଳନ କରନ୍ତି । ଧନୀ ଗରିବ କିଛି ନଥାଏ । କିଏ ଧନରେ ସାହାଯ୍ୟ କରେ ତ କିଏ କାମରେ । ଏମିତି ବିତି ଯାଏ ପାଠପଢା ଜୀବନ । ହେଲେ ସେହି ଭିତରେ କେହି କେହି ଠିକ୍ କରିଥାନ୍ତି ଆଗାମୀ ଦିନ ପାଇଁ ସାଥୀ । କଥା ଦେଇ ବିଦାୟ ନିଅନ୍ତି ମହାବିଦ୍ୟାଳୟରୁ । ସେଭଳି ଏକ ବ୍ୟାଚ୍ ଥିଲା ଫକୀରପୁର ମହାବିଦ୍ୟାଳୟରେ । ସୁଶୀଳା, ରାଜେଶ, ସୋମା, ରମେଶ, ଶୋଭା, ସୁରେନ୍ଦ୍ର - ଛଅ ଜଣ ଏମିତି ସାଙ୍ଗ ଥିଲେ ଯେ ଜଣେ ନଆସିଲେ ବି ଶ୍ରେଣୀରେ ଅଧ୍ୟାପକ ପଚାରନ୍ତି "ତୁମ ଆର ସାଙ୍ଗ କୁଆଡେ ଗଲା ?" କିନ୍ତୁ ରମେଶ ଆଉ ସୋମାଙ୍କ ଭାବ ଟିକେ ଅଲଗା ସ୍ୱଭାବର । ରମେଶ ଥିଲା ଗରିବ ଘରର । ହେଲେ ଆଚରଣରେ ଓ ପାଠପଢାରେ ପ୍ରଥମ । ସୋମା ସେତିକି ନହେଲେ ବି ରୂପରେ କମ୍ ନୁହେଁ । ସେଥିପାଇଁ ରମେଶ ଟିକେ ଢଳିଯାଏ । ସୁରେନ୍ଦ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହିଁଥିଲେ ବିଲାତରେ ପଢିପାରିଥାନ୍ତା ।ହେଲେ ସାଙ୍ଗମାନଙ୍କ ନିଶା ତାକୁ ଗାଁରେ ରଖିଦେଲା ।ଏଣେ ମନ ନିର୍ମଳ ସିନା, ପାଠ ଦୁର୍ବଳ । ସୁଶୀଳା, ରାଜେଶ ଆଉ ଶୋଭା - କେହି କାହାକୁ କମ୍ ନୁହଁନ୍ତି । ପରିଶ୍ରମ ଅନୁସାରେ ସମସ୍ତେ ପାସ୍ କରିଗଲେ । ମାତ୍ର ରମେଶର ସ୍ଥାନ ବହୁତ ଉଚ୍ଚରେ ।ସମସ୍ତେ ପଢାରେ ଡୋରୀ ବାନ୍ଧିବା ପାଇଁ ମନ କଲାବେଳେ ରମେଶର ମନ ବିଲାତି ପଢାରେ ।ହେଲେ ସବୁରି ମୂଳରେ ତ ଠନ୍‌ଠନ୍ ଗୋପାଳ । ମନମାରି ଡୋରୀ ବାନ୍ଧିବାକୁ ବାଧ୍ୟ । ମନ କଥା ବୁଝିପାରିଲା ସୁରେନ୍ଦ୍ର ।ବାପାଙ୍କୁ ବୁଝାଇ ସବୁ ବ୍ୟବସ୍ଥା କରିଦେଲା । ଚାକିରୀ କଲେ ସବୁ ଫେରାଇ ଦେବାର ପ୍ରତିଶୃତି ଦେଇ ରମେଶ ବାହାରିଗଲା ବିଦେଶକୁ । ଥରକୁ ଥର ଅର୍ଥ ଯୋଗାଡି ପଠାଉଥାଏ ସୁରେନ୍ଦ୍ର........ । ଫେରିଲା ବେଳକୁ ଅନେକ ପରିବର୍ତ୍ତନ ; ଯାହା ସବୁ ସୋମାର ଚିଠିରୁ ପଢିଥିଲା ।ସମସ୍ତେ ହାତକୁ ଦି'ହାତ....... ହେଲେ ସୋମା ଚାହିଁଥାଏ ରମେଶ ପଥ....... । ଦୁହେଁ ମଧ୍ୟ ଦି'ହାତ ହୋଇଗଲେ । ସେହି ଉତ୍ସବ ଥିଲା ବୋଧେ ବ୍ୟସ୍ତବହୁଳ ଜୀବନରେ ଆନନ୍ଦଦାୟକ । କାର୍ଯ୍ୟାଳୟର ଆରାମଦାୟୀ ଚାରି କାନ୍ଥ,ଲୋକଙ୍କ ଆକୁଳ ପ୍ରାର୍ଥନା ଏବଂ ପୁଅର ପାଠରେ ଅଧିକ ନମ୍ବର ରମେଶର ଆଖିରେ ଧୀରେ ଧୀରେ ଗର୍ବର ପରଳ ପକାଇଦେଲା । କିନ୍ତୁ ଏପଟେ ସାଙ୍ଗସାଥିଙ୍କ ସହ ଗପସପ, ପୂଜାପାଠ ସୋମାକୁ ତିଳେ ହେଁ ବଦଳାଇ ନଥିଲା । ସମୟ ଚକରେ ଘୂରି ଘୂରି କିଏ, କେଉଁଠି, କେମିତି..... ତା'ର ଖବର କେବଳ ଟେଲିଫୋନରେ । ରମେଶ ଚାକିରୀ କରୁକରୁ ବଡ ବ୍ୟବସାୟୀ ହେଇଯାଇଛି ।ବଙ୍ଗଳା, ଗାଡି, ଧନର କଳନା ନାହିଁ । କଥାରେ ଅଛି ଲକ୍ଷ୍ମୀ ରହିଲେ ସରସ୍ୱତୀ ନାହିଁ ; ସରସ୍ୱତୀ ରହିଲେ ଲକ୍ଷ୍ମୀ ନାହିଁ ।ସୁରେନ୍ଦ୍ରର ବାପା ଯାହା କରିଥିଲେ, ସୁରେନ୍ଦ୍ର ଅମଳ ପାହିଗଲା । ହେଲେ ଆଉ ଯେତିକି ବଢାଇଥିଲା ଦୁଇ ପୁଅଙ୍କୁ ଅଣ୍ଟିଲାନି ।ନିଜ ରାସ୍ତା ନିଜେ ଦେଖିନେଲେ । ଯେତିକି କରଜ କରିଦେଇ ଯାଇଥିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିରାଟ ଘରଟିକକ ବି ବଞ୍ଚିଲାନି । ରାସ୍ତାକଡର ଗଛ ମୂଳ ହିଁ ଦୁଇ ପ୍ରାଣୀଙ୍କୁ ସାହା । ନଜରରେ ପରେ ଟେଲିଫୋନ ଘର ।ମନରେ ଥାଏ କିଛି ନମ୍ବର । ଆପଣାର ଭାବି ଲଗାଇଦେଲା । ଆତ୍ମା ବିକଳରେ ସବୁ ଘଟଣା କହି ସାହାଯ୍ୟ ପାଇଁ କହିଲା ବେଳକୁ ସେପଟୁ ହାକିମଭଙ୍ଗୀରେ ଉତ୍ତର ଆସିଲା " ହେ..... କିଏ ଗୋଟେ ପାଗଳଙ୍କ ପରି ଗପୁଛି ? ସୁର କିଏ ମୁଁ ଜାଣିନି..... ।" ଫୋନ୍‌ଟି ହାତରୁ ଖସିପଡିଲା । ଫୋନ୍‌ଟି କ'ଣ ହେଇଛି କି ନାହିଁ, ଦୋକାନୀ ଟଙ୍କା କଥା କହି ବାହାର କରିଦେଲା ।ଆତ୍ମହରା ହୋଇଗଲା । ଅଖିଆ ପେଟକୁ ବଳ ନାହିଁ । "ରବି ବାପା......ରହିଯାଅ....." କହିଲା ବେଳକୁ ଗାଡି ପିଟି ପାର୍ । ଅବସ୍ଥା ଗୁରୁତର । ରମେଶ ପ୍ରାତଃଭ୍ରମଣରୁ ଫେରୁଫେରୁ ସୋମା ଫୋନ ଛାଡି ଲୁହ ଛଳଛଳ ଆଖିରେ ପଠାଇଦେଲା ହସ୍ପିଟାଲକୁ । ବାଟରେ ଯାଉ ଯାଉ କାର୍ଯ୍ୟାଳୟ ପଡିଲା ।ଯେଉଁ ସମ୍ମାନ ସହ ଡକାଗଲା ନଯିବାଟା ଅନୁଚିତ ହେବ । ହଁ ମ ତରତର ହେବାର ବି କାରଣ ନାହିଁ । ଦିନ ୧୨ଟାରେ ହସ୍ପିଟାଲରେ ପହଞ୍ଚି ସମ୍ମାନ କଥା ଭାବି ଅତି କଷ୍ଟରେ ଗୋଟିଏ ଚେକ୍ ଦେଇ ଫେରି ଆସିଲା । “ସେମାନେ ଏବେ କଣ କରିବେ ?” ବିଚଳିତ ହୋଇ ସୋମା ପ୍ରଶ୍ନକଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି । ବିରକ୍ତ ହୋଇ ରମେଶ ଚିଡ଼ି ଉଠିଲା ଆଉ କହିଲା, “ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି । ବାଇମୁଣ୍ଡିକୁ ...” ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, “ଖାଇବା ସବୁ ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥଣ୍ଡା ହେଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି ।" ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର । ମୋ ପେଟ ଜଳିଲାଣି । ମୋତେ ପୁଣି ସାହୁବାବୁଙ୍କୁ ନାତିର 21st day ପାର୍ଟିକୁ ଯିବାର ଅଛି ।" ରାତି ପ୍ରାୟ ୧୦.୩୦ । ଫୋନରେ ଶୋଭାର କୋହଭରା କଣ୍ଠରୁ ବାହାରି ଆସିଲା" ସୁର ଆଉ ନାହିଁରେ......... ଏତେ ବଦଳିଗଲୁ....... ? ଏୟା କ'ଣ ଆମ ବନ୍ଧୁତା......... ଛି......"

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କର ଅନ୍ତରାଳେ



ଅଶୋକ କୁମାର ସେଠୀ

ସଂଘର୍ଷ ମୟ ଜୀବନର ସମୟ ସହ ସମନ୍ୱୟ ରଖି ଚାଲିବା ସହଜ ନହେଲେ ମଧ୍ୟ ସମୟ ହିଁ ଆପଣା ଛାଏଁ ସବୁ ଶିଖେଇ ଦିଏ । ଝୁଣ୍ଟି ପୁଣି ଉଠିବାର ସାହସ ଯୋଗାଏ । ପଛକୁ ପଛକରି ଆଗକୁ ଚାଲିବାର ବାଟ ଦେଖାଏ । ସମସ୍ୟା ସହ ରହି ତା'ସମାଧାନ ଖୋଜିବାକୁ ଶିଖାଇ ଦିଏ । ସମୟ ସ୍ରୋତରେ ତା ସହିତ ହିଁ ଚାଲିବାକୁ ହୁଏ । କେତେ କେତେ ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଏ ଧରାରେ ଧସେଇ ପଶିଲେ ବି ହାର ମାନିନି ମଣିଷ । ଭାଙ୍ଗି ପଡିନି । କଳେବଳେ କୌଶଳେ ସେଥିରୁ ସେ ବାହାରିଛି । ଯଦିଓ ପ୍ରକୃତି କେବେ ଜାଣିଶୁଣି ଦୁର୍ବିପାକ ମହାମାରୀ ଭିଆଏନି ଏହା ପ୍ରକୃତିର ପ୍ରତିକ୍ରିୟା ମାତ୍ର । ପ୍ରକୃତିକୁ ଆମେ ଯାହା ଦେଇଥାଉ ସେ ଆମକୁ ସେଇଆ ହିଁ ଫେରାଏ ଏବଂ ଚେତେଇ ଦିଏ । ପ୍ରକୃତି ବିରୋଧରେ ଯିବାର ପରିଣାମ, ଯାହା ଏବେ ସାରା ବିଶ୍ୱ ଜୁଝୁଛି । ସବୁଥର ପରି ଏ ଦୁଃସମୟ ବି ଟଳିଯିବ ନିଶ୍ଚିତ ।

ଏବେ କରୋନା ସାରା ବିଶ୍ୱକୁ ନାକେଦମ କରି ସାରିଲାଣି । ପୋକମାଛି ପରି ଲୋକ ମରୁଛନ୍ତି । କରୋନା ତାର କାୟା ଏମିତି ବିସ୍ତାର କରୁଛି, କେହି ବି ତା କବଳରୁ ବର୍ତ୍ତିବାର ଜୁ ନାହିଁ । ଆବାଳବୃଦ୍ଧବନିତା ସଭିଏଁ ତା କବଳରେ । ଅନେକ ପ୍ରାକୃତିକ ଦୁର୍ବିପାକ, ମହାମାରୀ ଆସିଛି ଯାଇଛି; ହେଲେ ଏ କରୋନା ଏମିତି କଲବଲ କରେ ଟିକେ ଅସାବଧାନ ହେଲେ ଅସମ୍ଭାଳ .. ! କେତେ ଯୋଦ୍ଧା ନିଜ ଜୀବନକୁ ବଳି ଦେଇସାରିଲେଣି । ଏ ମହାମାରୀ ଏମିତି କାୟା ବିସ୍ତାର କରୁଛି ସତେ ଯେମିତି ତାର ଦୃଢ ସଂକଳ୍ପ ସେ ପ୍ରତିଟି ବ୍ୟକ୍ତିକୁ

 Magazine Downloaded from www.aahwaan.com

ଛୁଇଁବ । ଏ ଯୁଦ୍ଧରେ ପ୍ରମୁଖ ଭୂମିକା ନିଭାଉ ଥିବା ଯୋଦ୍ଧାମାନେ ଜୀବନକୁ ପାଣି ଛଡେଇ ସେଥିରେ ସାମିଲ ।

ରମେଶ ମଧ୍ୟ ଜଣେ ଯୋଦ୍ଧା ଏ ଯୁଦ୍ଧରେ । ପେଶାରେ ଜଣେ ଡାକ୍ତର । ରମେଶ ଆଜି କାଲି ଖୁବ୍ ବ୍ୟସ୍ତ ଓ ବିବ୍ରତ ହୋଇପଡୁଛି । ହବନି କେମିତି ଯେ ! ତା କର୍ତ୍ତବ୍ୟ ପ୍ରତି ନିଷ୍ଠା, ଖୁବ୍ ଜଣାଶୁଣା । କିନ୍ତୁ ବିବ୍ରତର କାରଣ ଆଉ କିଛି ବି ହୋଇପାରେ । ଏବେ ପ୍ରାୟତଃ ସେ କୋଭିଡ୍ ସେଲରେ ସମୟ ବିତାଉଛି । କର୍ତ୍ତବ୍ୟର ଆଉ ସେମିତି କିଛି ସମୟ ସୀମାନାହିଁ । ଦିନରାତି ଏବେ ଏକାକାର । ଘରେ ତେଣେ ସୋମା ଏକୁଟିଆ । ରମେଶ ଏଣେ ଦିନ ଦିନ ଧରି ରହିଯାଏ ମେଡିକାଲରେ । ଯେତେବେଳେ ଗଲେ ସୋମା ପଚାରି ବୁଝେ ଆମୂଳଚୂଳ । ସାମ୍ପ୍ରତିକ ଅବସ୍ଥିତି, କୋରାନାରେ ଯୁଝୁଥିବା ରୋଗୀ ଏବଂ ସେମାନଙ୍କ ପରିବାର ଲୋକଙ୍କୁ କୋଠିଗାଁରୁ ବାଛନ୍ଦ କଲେଣି ତ କୋଠି ନିଜ ଆତ୍ମୀୟମାନେ ବି ଆଉ ମୁହଁ ବୁଲେଇ ଚାହୁଁନାହାନ୍ତି । କିଏ ମରିଗଲେ; ଶବସତ୍କାର ଦୂରେ ଥାଉ ପାଖତଡ଼ ମାଡୁନାହାନ୍ତି । ମାନବିକତାର କି ଅବକ୍ଷୟ ... !

ରମେଶ ଯେବେଠୁ ଜାଣିଲା ମନୀଷାର ମାଆ ଏଥିରେ ସଂକ୍ରମିତ ଓ ସେ ଏଇ ମେଡିକାଲରେ କୋଭିଡ୍ ୱାର୍ଡରେ ଅଛନ୍ତି । ମନୀଷା ବି ଆଜିକାଲି ଖୁବ ଉଦାସ ଉଦାସ ଲାଗୁଛି । ରମେଶ ବୁଝିପାରୁଛି ମନୀଷାର ମାନସିକ ଅବସ୍ଥା । ସେ ମନୀଷାକୁ ସାନ୍ତ୍ୱନା ଦେଉଛି, ତୁମେ ଏମିତି ଭାବପ୍ରବଣ ହେଲେ ହେବ ! ମନୀଷା ଖୁବ ଶାନ୍ତ ଓ ସରଳ । ଏ ବର୍ଷ MBBSର ତୃତୀୟ ବର୍ଷ । ମନୀଷା ରମେଶକୁ ମା'ଙ୍କ ପରିଚୟ କରିବାର ଅବ୍ୟବହିତ ପୂର୍ବରୁ ଉଭୟେ କିଛି ମୁହୂର୍ତ୍ତ ନିର୍ବାକ, ପାଷାଣ ପରାୟେ ସ୍ଥାଣୁ ପାଲଟି ଗଲେ । ହଠାତ ଚମକି ଗଲେ ଆପଣା ଆପଣ ମଧ୍ୟରେ ସେମାନେ । ନିଶବ୍ଦରେ ସତେ ଯେମିତି ଏକ କାଚର ଅଟ୍ଟାଳିକା

Magazine Downloaded from www.aahwaan.com

ଭୁଶୁଡି ପଡୁଛି । ସତେ ଯେମିତି ବନିସୀରେ ପାଣିରୁ ମାଛକୁ ମାଟି ଉପରକୁ ଛାଟି ଆଣୁଛି । ଛଟପଟ ପରାୟେ ତା ଭିତରର ଆଲୋଡନ । ଅତୀତ ସ୍ମୃତି ହୋଇ କଡ଼ ଲେଉଟାଉଛି । ରମେଶ ଥ..ଥ..ମ..ମ ହୋଇ ସେଇଠୁ କେମିତି ମୁକୁଳିବ ବାଟ ଖୋଜୁଥିଲା । ନିଜ ଚାମ୍ବରକୁ ଫେରି ରେମେଶ ଗୁମ୍ ମାରି ବସିଛି । ତା' ମନ କିନ୍ତୁ କେଉଁ ଏକ ଗଭୀର କଥାକୁ ଉଖାରୁଛି । ଦୀର୍ଘ ନିଃଶ୍ୱାସଟିଏ ମାରି ମନେ ମନେ କହିଲା, "ମନୀଷା ତେବେ ଅମିତା ଦିଦିର ଝିଅ... !" ସେଇବେଳୁ ଅମିତା ଦିଦିର ସେ ଖୁବ ନିଘା ରଖୁଛି ।

ଅମିତା ଦିଦି କୋଭିଡ୍ ସହ ସଂଘର୍ଷରତ, ମନୀଷା ସମାଜରେ ତିଷ୍ଠି ରହିବାର ସଂଘର୍ଷ, ସୋମା ମାନସିକ ସଂଘର୍ଷ ଭିତରକୁ ପଶିବା ପଶିବା ହେଉଛି ଆଉ ରମେଶ ନିଜ ସହ ନିଜେ କସରତ କରୁଛି ସେଥିରୁ ମୁକୁଳିବା ପାଇଁ । ଅଜାଗା ଘା' ଦେଖି ହେଉଛି ନା ଦେଖେଇ ହେଉଛି । ରମେଶ କେତେ ଥର ସଭିଙ୍କ ଅଗୋଚରରେ ଅମିତା ଦିଦି ପାଖକୁ ଯାଏ । ପୁଣି ଫେରିଆସେ କ୍ୟାରମ୍ ଖେଳର ନିଷ୍ଫଳ ରିବାଉଣ୍ଡ ପରି । ବ୍ୟାକୁଳତା ବେଳୁ ବେଳୁ ବଢୁଥାଏ । ଘନୀଭୂତ ହେଉଥାଏ ପ୍ରହେଳିକା । ଅମିତା ଦିଦି ହିଁ ସବୁ ପ୍ରଶ୍ନର ଉତ୍ତର । ମନ ଅସ୍ଥିର ରମେଶର ନା ଭୋକ ନା ନିଦ ଅଛି ଆଖିରେ । ଘରେ ତେଣେ ସୋମା ଏକା, ଯେମିତି ହେଲେ ଯିବାକୁ ହେବ ଘରକୁ । ଘରେ ନ ପଶୁଣୁ ସୋମା ପଚାରିଲା କରୋନାର ସ୍ଥିତି । ହଁ, କିଛି କୋଭିଡ଼ ଯୋଦ୍ଧା ବି ସଂକ୍ରମିତ ଆଉ ତାଙ୍କ ପରିବାର ସଦସ୍ୟ ମଧ୍ୟ । ଆଉ କିଛି ପଚାରନି ବିରକ୍ତି ହୋଇ କହିଲା ରମେଶ !

"ସେମାନେ ଏବେ କଣ କରିବେ ?" ବିଚଳିତ ହୋଇ ସୋମା ପ୍ରଶ୍ନ କଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବା । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ଏଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ଧ୍ୟା ସାଢେ ଚାରି ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡି ଉଠିଲା ଆଉ କହିଲା, "ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣି ଟୋପେ ପିଇଛି କି ନାହିଁ ପଚାରିବା ଦୂରର କଥା, ହାତକୁ ଗାମୁଛାଟାଏ ବି ବଢେଇବାକୁ କଷ୍ଟ ହେଉଛି । ବାଇ ମୁଣ୍ଡିକୁ .... "

ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟାୱାଲ ଥୋଇ ଦେଉ ଦେଉ କହିଲା, "ଖାଇବା ସବୁ ତ ଥଣ୍ଡା ହୋଇ ଯାଇଛି, ଟିକେ ଅପେକ୍ଷା କର ଗରମ କରିଦେବି । ରମେଶ ଗାମୁଛା ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲା ଶୀଘ୍ର କର । ମୋ ପେଟ ଜଳିଲାଣି ।

ସେମିତି ଏକ ଅବକାଶ ଜୁଟିନି ନିଜ ଭିତରର ଆଲୋଡନକୁ ପ୍ରଶମିତ କରିପାରିବ ରମେଶ ।

ଅତୀତର ସେଇ ଘଟଣା ଧସି ପଶିବାକୁ ଉଦବିଗ୍ନ । ଏଇ ୨୦ ବର୍ଷ ତଳର କଥା କି ଅଧିକ ହେବ । ରମେଶ ସେତେବେଳେ କଟକରେ ରହି ମେଡିକାଲ ପାଇଁ ପ୍ରସ୍ତୁତ ହେଉଥାଏ । ଅମିତାଦିଦି ଥିଲେ ରମେଶର ପଡୋଶୀ । ସେ ଏକା ସେଠି ଭଡ଼ାରେ ରହୁଥିଲେ । ସେତେବେଳୁ ଅମିତା ଦିଦି ସହ ପରିଚୟ । ସେ କୌଣସି ଏକ କଲେଜରେ ପ୍ରାଣୀ ବିଜ୍ଞାନର ଅତିଥି ଅଧ୍ୟାପିକା ଥାନ୍ତି । ଖୁବ୍ ଶାନ୍ତ ଓ ସ୍ୱଳ୍ପ ଭାଷୀ । ରାତି ପାହିଲେ ମୁହଁ ଚାହାଁଚାହିଁ । କିନ୍ତୁ କେବେ କଥା ପଦେ ହୁଅନ୍ତି ନାହିଁ । ନିଜକାମରେ ସେ ସବୁବେଳେ ବ୍ୟସ୍ତ ।

ନିଶ୍ଚିତ ଭାବେ ଜଣେ ଜ୍ଞାନୀ ମହିଳା ଏବଂ ପରୋପକାରୀ ବୋଲି ସେଦିନ ରମେଶ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଲା । ଦିନେ ରମେଶର ଦେହ ଖୁବ୍ ଅସୁସ୍ଥ ଥାଏ । ନିଜେ ଉଠି ବସିପାରିବାକୁ ବଳ ନଥାଏ । ବାହାରକୁ ବାହାରିବା ଦୂର କଥା । ମୁହଁ ସଞ୍ଜ ଘନେଇ ଆସୁଥାଏ ଅମିତା ଦିଦି ଆସି ରମେଶର ଦୁଆର ମୁହଁରେ, "ତୋ' ଦେହ ଭଲ ନାହିଁ କିରେ.. ! ଆଜି ସକାଳେ ତତେ ଦେଖି ପାରିଲିନି । ମତେ ଲାଗୁଥିଲା ଦେହପା.. କି ସେମିତି କିଛି.. ! ତା ପରେ ସେ ରମେଶର ସେବାରେ ଆଉ ତିଳେ ମାତ୍ର ଅବହେଳା କରି ନାହାନ୍ତି ।

ତା' ପରଠୁ ସବୁଦିନ ନହେଲେ ବି ପ୍ରାୟ ସମୟ ସେ ରମେଶ ପାଇଁ ରୋଷେଇ କରିଦେଇଥାନ୍ତି । ରମେଶର ପରୀକ୍ଷା ପାଖେଇ ଆସୁଥାଏ । କୋଚିଂରୁ ଆସି ପାଠ ପଢା ସହ ରୋଷେଇ କରିବା ତା ପାଇଁ ବଡ଼ କଷ୍ଟକର ହେଉଥାଏ । ମଝିରେ ମଝିରେ ଅମିତା ଦିଦି ତା ପଢାପଢି କଥା ବି  ପଚାରି ବୁଝନ୍ତି ।

ଏମିତି ଦିନକର କଥା ସେଦିନ ମାଛି ଅନ୍ଧାର ଗଡିସାରିଥାଏ । ବର୍ଷା ଅସରାଏ ହୋଇ ଛାଡ଼ି ଯାଇଥାଏ ଆଉ କିଛି ବାକିଥାଏ ତିନ୍ତେଇ ଦେବାପାଇଁ । ଅନ୍ୟଦିନ ଠାରୁ ସେଦିନ ଅଲଗା ଥିଲା ବୋଲି ସମୟର ପ୍ରତିକ୍ଷଣ ଶଗଡ ଗୁଳାରୁ ବାହାରି ଯିବାକୁ ଉଦ୍ୟତ ପ୍ରାୟେ । ଠିକ୍ ସମୟକୁ ଲାଇନ ବି ଚାଲିଯାଇଥାଏ । ସମୟ ଅନ୍ଧାରର ଚାଦର ଘୋଡ଼ି ହୋଇଥାଏ ଅବା ଘୋଡ଼ାଉଥାଏ । ବାହାରେ ଝିଙ୍କାରି ମାନଙ୍କ ଶବ୍ଦ ରାହାଧରିଥାଏ । ବେଙ୍ଗ କେତେଟା ବି ସେମାନଙ୍କ ତାଳରେ ରଡି ଛାଡୁଥାନ୍ତି । ରମେଶ ସୋଫାରେ ବସିଥାଏ ତା ପାଖରେ ଅମିତା ଦିଦି ବସିଥାନ୍ତି । ସେ ଆଜି କିନ୍ତୁ ଥିଲେ ଖୁବ ପ୍ରଗଳ୍ଭ । କେଜାଣି  କାହିଁକି ଏମିତି ପ୍ରଶ୍ନଟିଏ ସେ ପଚାରିଲେ । ଆଚ୍ଛା ରମେଶ ! ଅନ୍ଧାର ଥାଏ ନା ଆଉକିଛି ଅନ୍ଧାରକୁ ମାଡି ବସିଥାଏ ? ଏଇ ଯେମିତି ଆଲୋକ ଥିଲେ ଅନ୍ଧାର ହଟିଯାଏ ନା ଆଲୋକ ତାକୁ କବଳିତ କରିବସେ ?

: ଦିଦି ଆପଣ ବିଜ୍ଞାନ ପଚାରୁଛନ୍ତି ନା ଦର୍ଶନ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

: ମୁଁ ପଚାରିବାର ଅର୍ଥ ଅନ୍ଧାର ସବୁବେଳେ ଥାଏ ନା ଆଲୋକ ?

: ଦିଦି ଠଉରାଇ ପାରୁଛି କିନ୍ତୁ ଧରି ପାରୁନି । ମୋ ମୁଣ୍ଡରେ କିଛି ଭେଦ କରୁନି... !

: ଆଚ୍ଛା, ହଉ ଛାଡ ସେ କଥା, ଅନ୍ଧାର ସବୁବେଳେ ନିରବର ପ୍ରତୀକ । ସେ ଥାଏ ; ସେ ଥାଏ ବୋଲି ଅନ୍ୟମାନେ ନଥାନ୍ତି । ଏମିତି କି ଆଲୋକ ଥିଲେ ବି ଅନ୍ଧାର ଥାଏ ।

ତୋର ପରୀକ୍ଷା କେବେ ହଉଛି ? ପ୍ରସଙ୍ଗ ଏମିତି ହଠାତ ବଦଳି ଗଲେ ବି ବଦଳିଲା ପରି ଲାଗୁନଥିଲା । ସତେ ଯେମିତି ଏକ ବଡ ଜାହାଜ ହଠାତ ଛୋଟ ବୁଲାଣି ଧରୁଛି । ଦିଦିଙ୍କ ସ୍ୱର ଗମ୍ଭୀର ଓ ଭାରି ଭାରି ଲାଗୁଥିଲା । ସେ ମୋ ପାଖକୁ ଲାଗି ଆସିଥିଲେ ବୋଲି ରମେଶ ଅନୁଭବ କରିପାରୁ ଥିଲା । ସେତେବେଳେ ନିଜ କଥା ନିଜକୁ ଶୁଭୁନଥିଲା ; ହୁଏତ ସେ କିଛି ଉଚ୍ଚାରଣ କରିଛି କି ନାହିଁ ସେ ନିଶ୍ଚିତ ନୁହଁ । ଦିଦିଙ୍କ ହାତର ସ୍ପର୍ଶ ଥିଲା ଭିନ୍ନ । ରମେଶର ରୁମ ମୂଳ ସବୁ ଆହୁରି ଜୀବନ୍ତ ହେଉଥାନ୍ତି । ସେ ବିବଶରେ ଛେପ ଢୋକୁଥାଏ । ଦିଦିଙ୍କ ଉଷ୍ଣ ନିଶ୍ୱାସ ରମେଶ ଦେହରେ ଅଜବ ଶିହରଣ ତୋଳୁଥାଏ । ତାଙ୍କର ବାହୁ ବନ୍ଧନରେ ରମେଶ ଗୋଟାପଣ କବଳିତ । ଶତତ ଚେଷ୍ଟା ସତ୍ତ୍ୱେ ସେ ମୁକୁଳି ପାରୁନି ନା ତା ଚେଷ୍ଟାରେ ଜୀବନ ନାହିଁ ...

ଦିଦି ମତେ ଅସହଜ ବୋଧ ହେଉଛି ;ଏ ସବୁ ଠିକ୍ ନୁହଁ, ପାପ..

ପାପ.. ! ଟିକେ ମୁରୁକି ହସି ଦିଦି କହିଲେ ...

ପାପ କଣ ?

ଯାହାର ସ୍ଥିତି, ଅନୁଭୂତି ଆଉ ଅବସ୍ଥିତି ଏକ ଶୂନ୍ୟ କାଳ୍ପନିକ ଶବ୍ଦ । ଅଥଚ ଯାହା ସଚରାଚର, ଆପାଦମସ୍ତକ ଅନୁଭୂତ ପ୍ରତ୍ୟେକ ଇନ୍ଦ୍ରିୟ ରେ ସେ ତା ସ୍ଥିତି ଜାହିର କରୁଛି। ତାକୁ ତୁମେ ଏକ କାଳ୍ପନିକ ଆଖ୍ୟା ଦେଇ ଉପେକ୍ଷା କରୁଛ ନିଶ୍ଚୟ ... !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ସମୟ଼ ଯାହା ଚାହେଁ ତା କଣ ପ୍ରକୃତିର ବିରୋଧାଭାସ ନୁହଁ ? ବୁଦ୍ଧି, ମନ ଓ ବିବେକ ଠାରୁ ବେଳେ ବେଳେ ଶରୀର ତା'ର ଆବଶ୍ୟକତା ଖୁବ୍ ଲୋଡିଥାଏ । ସେତେବେଳେ ଦେହ ଏକ ପରିବେଶ ଖୋଜିନିଏ ତା' ଆପଣା ପଣରେ । ସର୍ବାଙ୍ଗ ଶରୀରେ ଏଇ ଯୋ ଅପୂର୍ବ ଆଲୋଡନର ଶିହରଣ ପ୍ରତିଟି ଅଙ୍ଗରେ ଧାଉଁଛି , ଏହା କଣ ତୁଚ୍ଛ ତୁମ ସେ ଅଳୀକ ପରିଭାଷା ଆଗରେ । ଯାହା ତୁମ ଆୟତରେ ନାହିଁ ସେ ଅଣାୟତ ସ୍ରୋତ ଆଗରେ ତୁମର ପ୍ରଚେଷ୍ଟା ଏକ ଶୁଖିଲା ପତ୍ର ପରି । ସତ୍ୟତାର ଉପଲବ୍ଧି କରି ବି ତୁମେ ଜାଣିଶୁଣି ଅବହେଳା କରି ଚାପି ଦେବାକୁ ଚାହୁଁଛ ; ତୁମେ ପ୍ରକୃତିର ବିରୋଧରେ ଯାଉଛ ଏହା କଣ ତେବେ ପାପ ନୁହଁ ? ଏହା ଆମ ଶରୀରର ଏକ ଜୈବିକ ଆକର୍ଷଣ, ପ୍ରକୃତିର ପରିପନ୍ଥୀ ନୁହଁ ।

ରମେଶ ନିର୍ବାକ ହୋଇ ଛିଡ଼ା ହୋଇଥାଏ ସିନା ସବୁ କଥା କିନ୍ତୁ ତୀର ଭଳି ବିନ୍ଧି ଯାଉଥାଏ ତା ଦେହରେ । ପାଟିରୁ କଥା ଲେଉଟୁ ନଥାଏ ।

: ଦିଦି, ହୁଏତ ଆପଣଙ୍କ ବଳିଷ୍ଠ ଯୁକ୍ତିକୁ ମୁଁ ସମ୍ମୁଖୀନ ହୋଇ ପାରୁନି ..! କିନ୍ତୁ ଗୀତରେ ଯାହା ଉଲ୍ଲେଖ ଅଛି ..

:ଅସ୍ପଷ୍ଟ ହସ ସହ ଅମିତା ଦିଦି କହିଲେ ,ଯଦି ଗୀତା କଥା କହୁଛ ତେବେ ଗୀତାର ସ୍ରଷ୍ଟାଙ୍କୁ ଜାଣିଥିବ ନିଶ୍ଚିତ ! ସେ ଯୋ' ମାଧ୍ୟମ ଦେଇ ଏ ଧରାକୁ ଆସିଛନ୍ତି ସେ ତେବେ କେଉଁ ପ୍ରକାରର ପରିଭାଷା ! ଆଉ ଆଗକୁ ଯେଉଁ ରାସ୍ତା ଦେଖାଇ ଦେଇଛନ୍ତି ସେ କଣ ତୁମ ପରିଭାଷା ସହ ସାମଞ୍ଜସ୍ୟ ରଖୁନାହିଁ ?? ଅର୍ଜୁନକୁ ଯିଏ ଗୀତାର ମର୍ମ ବୁଝାଉଥିଲେ ..

ହଠାତ ତାଙ୍କ କଥାରେ ବାଧା ଦେଇ ରମେଶ କହିଲା ..

: ତାହାର କିଛି କାରଣ ଥିଲା ,ଏକ ମହତ ଉଦ୍ଦେଶ୍ୟ ବି ..! ସେ ସବୁ ଇଶ୍ୱରଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇଙ୍ଗିତରେ ହୁଏ ..

: ଅନେକ ଦୃଷ୍ଟାନ୍ତ ଅଛି ଉଖାରିଲେ ଅଧିକ କ୍ଷତାକ୍ତ ହେବା ଯାହା ସାର ହେବ । ¡ଏକ ଲୟରେ ଅମିତା ଦିଦି ରମେଶ କୁ ଚାହିଁ କହିଦେଇଗଲେ ।

ରମେଶ କୋଉବେଳୁ ଗୋଟା ପଣ ଧରାଦେଇସାରିଥିଲା । ସତେ ଯେମିତି ଜଳନ୍ତା ଉଦ୍ଗିରଣ । ପ୍ରଶମିତ ହେବାକୁ ନା ଧରୁନି । ଅହେତୁକ ଆକର୍ଷଣ ତାକୁ ଆହୁରି ଆହୁରି ରୋମାଞ୍ଚିତ କରୁଥାଏ । ସେତେ ସେତେ ନିବିଡ଼ତର ହେଉଥାନ୍ତି ପରସ୍ପର । ସେ ସୁଅରେ ଭାସିଯିବାକୁ ଉଦଭିଗ୍ନ । ଓଲଟା ସୁଅରେ ଯିବା ଏମିତି ସହଜ କଥା ନୁହେଁ । ଘନ ଅନ୍ଧାରରେ ବି ଅମିତା ଦିଦିଙ୍କ ମୁହଁ ଝଲସୁ ଥିଲା । ରମେଶର ହାତ ଦୁଇଟା କେତେ ବେଳେ ତାଙ୍କ ବେକକୁ ଛନ୍ଦି ସାରିଥାଏ ।

: ଦିଦି ଏ ଅପୂର୍ବ ଶିହରଣ ବି ତାଙ୍କର ସୃଷ୍ଟି । ଯାହା ବି ହେବାକୁ ଯାଉଛି ଏହା ବି ତାଙ୍କର ଇଙ୍ଗିତ । ଠିକ ନା .. !

ଉଷ୍ମ ନିଶ୍ୱାସ ଆହୁରି ପ୍ରଖର ହେଉଥାଏ । ଉଭୟେ ହଜିଗଲେ କେଉଁ ଅଜଣା ଦୁନିଆରେ ...

ସବୁ ଅନ୍ଧାର ଆହୁରି ଗାଢ ହେଉଥାଏ ।

ଅମିତା ଦିଦିଙ୍କ ଘରୁ ରମେଶ ଗୋଡ଼ କାଢିଛି କି ନାହିଁ । ହଠାତ୍ ଅଗଣାର ବତୀ ଜଳି ଉଠିଲା । ଅନ୍ଧାର ସେମିତି ଲୁଚିଥାଏ ଆଲୁଅ ତଳେ । ସତେଯେମିତି ଆଲୋକ ବି ସମର୍ଥନ କରୁଥିଲା ।

ଆଉ ତା ପରଠୁ କେବେ ଥରଟେ ବି ତାଙ୍କ ଘରକୁ ଯାଇନି, ରମେଶ । ଆଉ ମୁହଁ ଟେକି କଥାହେବା ଦୂରେ ଥାଉ । ଯଦି ଥରେ ଅଧେ ସେ ତାକୁ ଡାକିଛନ୍ତି ଶୁଣି ନଶୁଣିଲାପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଚାଲିଯାଏ ।ପରୀକ୍ଷା ସମୟ ଏ ଭିତରେ ପାଖେଇ ଆସିଥାଏ । ଅନ୍ୟ ସହରକୁ ପରୀକ୍ଷା ଦେବାକୁ ସେ ଯାଇଥାଏ । ଫେରି ଦେଖିଲି ଅମିତା ଦିଦି ଘର ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି । ସବୁଠି ନିରାଶ ହେଲା ତାଙ୍କ ଠିକଣା ଖୋଜିବାରେ ।

ସେଦିନ କିନ୍ତୁ ଅମିତା ଦିଦିଙ୍କ ସ୍ମୃତି ଆପଣ ଛାଏଁ ଧସି ପଶିଲା । ରମେଶ ବହୁତ ଖୋଜିହେଲା ମନେ ମନେ । ସେ କେତେ ଖୁସି ହୋଇଥାନ୍ତେ ରମେଶ ର ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଖବରରେ !! ଦୁଇ ଦଶନ୍ଧି କି ତା ଠୁ ଅଧିକା ହେବ ଏତେ ଦିନ ପରେ ଭେଟ । ତା ପୁଣି ଏ ଅବସ୍ଥାରେ

ଅମିତା ଦିଦିଙ୍କ ସ୍ୱାସ୍ଥ୍ୟ ଏବେ ସଙ୍କଟାପର୍ଣ୍ଣ । ରମେଶ ଓ ଅନ୍ୟ ସହଯୋଗୀ ଡାକ୍ତରଙ୍କ ଉଦ୍ୟମ ସତ୍ତ୍ୱେ ନିରାଶ ହେବାକୁ ପଡିଛି । ସେ ସବୁଦିନ ପାଇଁ ନିରବ ହେଇଗଲେ । ରମେଶ ମନ ଭିତରେ ଏକ ଗଭୀର କ୍ଷତ । ଭିତରେ ଭିତରେ ଛଟପଟ ହେଉଛି । ମୁକୁଳି ପାରୁନି କାହିଁକି କେଜାଣି । ସେ ଏବେ ପ୍ରଶ୍ନ ର ପାହାଡ଼ ଉପରେ ଛିଡା ହୋଇଛି । ଭାସିଯାଉଥିବା ବେଳେ କୁଟା ଖିଏଟିଏ ସାହା ଭରସା ପରି ଏଇଠି ସେଇଠି ସବୁଠି ଖୋଜିବୁଲୁଛି ଉତ୍ତର । ଅତି ଦୟନୀୟ ଭାବେ ନିରାଶ ହେବାକୁ ପଡୁଛି । ସତରେ କଣ ସେ ସ୍ୱାର୍ଥପର ହେଇଯାଇଛି ... ! ସେଏବେ ପ୍ରତି ମୁହୂର୍ତ୍ତରେ ମରୁଛି । ଏହାର ନିଷ୍କର୍ସ ଲୋଡ଼ା .. ! ଏମିତି କେତେ କଣ ମନେ ମନେ ଭାବି ଚାଲୁଛି ରମେଶ ।

ମନୀଷା ବ୍ୟତିରେକ ଏହାର ବିକଳ୍ପ ଉତ୍ତର ଆଉ କିଛି ନଥାଇ ପାରେ !

ହେଲେ ସେ ଏବେ ଯୋ ମାନସିକତାରେ ତାକୁ ପଚାରିବା କଣ ଠିକ ହେବ !

ହଠାତ ମନୀଷା ପଶି ଆସୁଛି ରମେଶ ଚାମ୍ବରକୁ । ସାର, ଆପଣ ଏତେ ବିବ୍ରତ ଜଣା ପଡୁଛନ୍ତି ଯେ .. ! ଆପଣଙ୍କ କର୍ତ୍ତବ୍ୟ ଆପଣ କରିଛନ୍ତି .. ! ସବୁ ଈଶ୍ୱରଙ୍କ ଇଙ୍ଗିତ .. ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରମେଶ ଚିହିଁକି ଉଠିଲା ସତେ ଅବା କିଏ ଉତୁରୁଥିବା ଭାତ ହାଣ୍ଡିରେ ପାଣି ଛିଟା ମାରିଲା ପରି ..

ରମେଶ ତା ଉତ୍କଣ୍ଠା ସମ୍ବରଣ ନ କରିପାରି ପଚାରିଲା, " ଆଚ୍ଛା ମନୀଷା ତମ ଘରେ ଆଉ କିଏ କିଏ ଅଛନ୍ତି ମାନେ ତୁମ ବାପା କଣ କରନ୍ତି ?

: ମୁଁ ବର୍ତ୍ତମାନ ଏକା, ମା ଚାଲି ଯିବା ପରେ । ପିଲାବେଳୁ ମୁଁ ବାପାଙ୍କୁ ଦେଖିନି ହେଲେ ...

ମା କହୁଥିଲା ମୋ ବାପା ଜଣେ ଡାକ୍ତର ...

ତା' ପରେ ମନୀଷା କଣ କହିଚାଲିଥାଏ ସେଇବେଳୁ ରମେଶକୁ କିନ୍ତୁ ଆଉ କିଛି ଶୁଭୁନଥାଏ...

ଅଶୋକ କୁମାର ସେଠୀ

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ,

ସେକ୍ଟର -୨,ରାଉରକେଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ମୂଲ୍ୟାୟନ



ପ୍ରଜ୍ଞାଲୀନ ସାହୁ

ସୁନ୍ଦର ମନଲୋଭା ପରିବେଶରେ କୋଠା ଘରଟି ନିଜକୁ ସୁସଜ୍ଜିତ କରି ନିଜର ହସ ହସ ମୁଖରେ ପୂର୍ବ ଦିଗକୁ ଠିଆ ହୋଇ ସମସ୍ତଙ୍କୁ ନିଜ ରୂପରେ  ମୁଗ୍ଧ କରି ସତେ ଯେପରି ତା' କୋଳକୁ ଡାକି ନେଉଛି । ଏପରି କୌଣସି  ବ୍ୟକ୍ତି ନାହିଁ ସେ ଘର ବାଟ ଦେଇ ଯାଇଛି ଆଉ ତା' ମନରେ ଇଛା ଆସିନି ଟିକେ ସେ ଘରର ପରଶେ ଯିବାକୁ । ଆଜ୍ଞା ସେହି ଘରର ମାଲିକ ହେଉଛନ୍ତି ରାମ ଦାଶ, ବ୍ରାହ୍ମଣ ସାଇ କୃଷ୍ଣପୁର ଗ୍ରାମର ଜଣେ ବାସିନ୍ଦା । ରାମ ଦାଶଙ୍କ ପରିବାର କହିବାକୁ ଗଲେ ତାଙ୍କ ଧର୍ମପତ୍ନୀ, ବୁଢ଼ୀ ଶାଶୁମାଆ ଆଉ ଗୋଟେ ପୁଅ ରାହୁଲ । ପରିବାରଟି ବହୁତ ଶିକ୍ଷିତ କିନ୍ତୁ ପୁଅ ରାହୁଲ ଛୋଟ ବେଳୁ ଟିକେ ଜିଦିଆ । ଘରର ଗୋଟେ ପୁଅ ବୋଲି ରାହୁଲ ବାପା ମାଆ ବିଶେଷ କିଛି କୁହନ୍ତିନି, ଭାବନ୍ତି ବଡ଼ ହେଲେ ସେ ନିଜେ ନିଜେ ଠିକ ହୋଇଯିବ । ଏମିତି ବି ଗୋଟେ ବୋଲି ପୁଅ ସବୁ ତ ତାହାରି । ରାମ ଦାଶ ଗୋଟେ ମହାବିଦ୍ୟାଳୟରେ ଅଧ୍ୟାପକ, ତେଣୁ ସେ ଦେଖିଛନ୍ତି ପିଲାଙ୍କୁ ଛୋଟ ବେଳୁ ତାଗିଦ କଲେ ସେମାନେ ଭୁଲ ବାଟ ଆପଣାଉଛନ୍ତି ଆଉ ଏ ପଟେ ରାହୁଲ ମାଆ ବି କିଛି ରାହୁଲକୁ କୁହନ୍ତିନି, କାରଣ ସେ ଦେଖିଛନ୍ତି ତାଙ୍କ ନିଜ ଭାଇ କିପରି ବ୍ୟବହାର କରିଛି ନିଜ ଜନ୍ମ କଲା ମାଆ ସହ.. ଯାହାଲାଗି ମାଆ ଆସି ଝିଅ ଘରେ ।

ଏମିତି ସମୟ ଗଡ଼ି ଗଡ଼ି ଚାଲିଛି, ରାହୁଲ ଆସି ମହାବିଦ୍ୟାଳୟରେ ଅଧ୍ୟୟନ କରିଲାଣି । ରାହୁଲକୁ ଏବେ ଜଣା ପଡ଼ିଲାଣି ତାକୁ କୋଉଠି କୋଉ ଅଭିନୟ କରିବାକୁ ପଡିବ । ସେଥିଲାଗି ରାହୁଲ ଘରେ ଏପରି ବ୍ୟବହାର କରେ  ଆଉ ସରଳ ଭାବେ କାର୍ଯ୍ୟରତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରେ, ସେସବୁ  ଦେଖି ରାମ ଦାଶ ଏବଂ ତାଙ୍କ ପତ୍ନୀ ବହୁତ ଖୁସି ହୁଅନ୍ତି, ମନେ ମନେ ଗର୍ବ କରି କୁହନ୍ତି  ସତରେ ଆମ ମାନଙ୍କ ସଂସ୍କାର ପରା ତା' ରକ୍ତ ରେ ଅଛି, ତେଣୁ ଏମିତି ବ୍ୟବହାର କରିବା ସ୍ୱାଭାବିକ । ଆଜ୍ଞା କଥାରେ ଅଛି ଯୋଉଁ ବାପା ମାଆ ନିଜ କର୍ତ୍ତବ୍ୟ ଭୁଲିଯାଆନ୍ତି ସନ୍ତାନ ମୋହରେ ... ସନ୍ତାନକୁ ଏକା ଛାଡି ଦିଅନ୍ତି ତା' ନିଜ ଜୀବନ ସେ ନିଜେ ଗଢୁ ବୋଲି, ତେବେ ସେ ଜମିରେ କେବେ ବିହନ ଫଳେନି ବରଂ ଫଳେ ଖାଲି ବାଳୁଙ୍ଗା କାରଣ ଧାନ ତ ବୁଣା ହୋଇନି ବିହନ ଆସିବ କୋଉଠୁ । ଏ ସବୁ କହିବାର ଯଥାର୍ଥ ରାହୁଲ ଘରୁ ମିଛ ସତ କହି ଅନେକ ଟଙ୍କା ନିଏ ଆଉ ତାକୁ ସବୁ ନିଶାଦ୍ରବ୍ୟରେ ଉଡାଇ ଦିଏ ।ଅନେକ ଥର ସେ ଘରୁ ଚୋରୀ କରିଛି, କିନ୍ତୁ ମାଆ ସବୁ ଜାଣନ୍ତି, ପୁଅ ମୋହରେ ସେସବୁ କଥାକୁ ରାମ ଦାଶ ପାଖରେ ଲୁଚାଇ ରଖନ୍ତି ।ଦିନକର ଘଟଣା ରାହୁଲ ଆସି ଦଶ ହଜାର ଟଙ୍କା ମାଆକୁ ମାଗିଲା, ମାଆ କହିଲେ ଏତେ ଟଙ୍କା ତୋର କଣ ହେବ... ଏବେ ପରା ନେଇଥିଲୁ ନାମ ଲେଖା ଲାଗି ।ରାହୁଲ କହୁଛି ଓଃ ମା ତୁ କଣ ଜାଣିଛୁ ମହାବିଦ୍ୟାଳୟ ବିଷୟରେ, ମୋର କାଲି ଜନ୍ମଦିନ,  ତେଣୁ ମୁଁ ସାଙ୍ଗ ମାନଙ୍କୁ ଖାଇବାକୁ ଦେବି ।ପୁଅ ପାଟିରୁ ଜନ୍ମ ଦିନ କଥା ଶୁଣି ସାଙ୍ଗେ ସାଙ୍ଗେ ରାହୁଲ ମାଆ ବଢ଼ାଇଦେଲେ ଦଶ ହଜାର ଟଙ୍କା କାରଣ ବାହାର ଲୋକ ମାନଙ୍କ ପାଖରେ ବଡ ଲୋକର ପରିଚୟ ଦେବାକୁ ଏମାନଙ୍କୁ ଭଲ ଲାଗେ ।ଯୋଉ ଟଙ୍କାକୁ ନେଇ ରାହୁଲ  ସେଇ ଦିନଠୁ ଜୁଆ ଏବଂ ବ୍ରାଉନ ସୁଗାର ଖିଆ ଆରମ୍ଭ  ଗଲା.. ଯିଏ କି ବହୁତ ବିଷାକ୍ତ ଦେହ ଲାଗି ।ବାରମ୍ବାର ଭିନ୍ନ ଭିନ୍ନ ଆଳ ଦେଖେଇ ରାହୁଲ ଘରୁ ଟଙ୍କା ନେଇ ନିଶାରେ ବୁଡି ରହିଲା  ଆଉ ଧୀରେ ଧୀରେ ଘରକୁ କମ ଯିବା ଆସିବା କଲା ।ମାଆ ଏ ସବୁ ଦେଖି ଦିନେ ସନ୍ଦେହରେ ପଚାରିଲେ ହଇରେ ରାହୁଲ ତୁ ଏ ମଝିରେ ମଝିରେ କୋଉଠି ରହୁଛୁ, ରାହୁଲ ହସି କହିଲା ମାଆ ମୁଁ କଣ ଛୋଟ ପିଲା ହେଇ ଯାଉଛି, ତା' ପରେ ଏବେ ପରୀକ୍ଷା ପାଖେଇ ଆସିଲାଣି ତେଣୁ ମୁଁ ସାଙ୍ଗ ଘରେ ରହି ସାଥି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ପାଠ ପଢେ, ଏତିକି କହୁ କହୁ ରାହୁଲ ଖୁଁ ଖୁଁ ହେଲା ।ଏହା ଦେଖି ରାହୁଲ ମାଆ କହିଲେ ମୁଁ କେତେ ଦିନ ହେବ ଦେଖୁଛି ତୁ ଏହିପରି ଖୁଁ ଖୁଁ ହେଉଛୁ, କେତେଥର ବାପାଙ୍କୁ କହି ଡାକ୍ତରଖାନରେ ଟିକେଟ କଟା ହେଉଛି.. ହେଲେ ତୁ ସେଠି ପହଂଚିବାର ନାହିଁ ।ରାହୁଲ ଶୁଣି ବିରକ୍ତି ଭାବେ କହିଲା, ଦେଖ ମାଆ ମୁଁ ରାତି ଅନିଦ୍ରା ହୋଇ ପାଠ ପଢୁଛି ବୋଲି ପେଟ ଗରମରୁ କାଶ ଟିକେ ହେଉଛି... ଅଯଥାରେ ମୁଣ୍ଡ ନିଜର ଖରାପ କରୁଛ ତା' ସହ ମୋ ନିଜର ମଧ୍ୟ ।ମାଆ ବି ପୁଅର ବିରକ୍ତି ଦେଖି କିଛି ଟଙ୍କା ଦେଇ କହିଲେ ହଉ ନେ ତୋ ଖର୍ଚ୍ଚ..ବାହାରେ ରହୁଛୁ ବେଳେ ବେଳେ ସେଥିଲାଗି ଦେଲି ।

ଏମିତି ଦଶ ଦିନ ଅତିକ୍ରମ କରିଛି, ଥରେ ରାହୁଲ ମହାବିଦ୍ୟାଳୟ ଯାଇଛି ଯେ ଯାଇଛି, ଘରେ ସମସ୍ତେ ଟିକେ ବ୍ୟସ୍ତ କାରଣ ଗୋଟେ ଦୁଇ ଦିନ ହେଲେ ଅଲଗା କଥା, ପରନ୍ତୁ ପାଞ୍ଚ ଦିନ ହେବ ରାହୁଲର ଦେଖା ନାହିଁ । ବହୁତ ବିଚଳିତ ହୋଇ ସବୁ ସାଙ୍ଗ ମାନଙ୍କୁ ଫୋନ କରି ପଚାରିଲେ ରାହୁଲ ବିଷୟରେ, କିନ୍ତୁ କିଛି ଫଳପ୍ରଦ ନାହିଁ । ଘରେ ପୁଅର ଅତ୍ତାପତ୍ତା ନ ପାଇ ରାହୁଲ ମାଆ ଦୌଡ଼ି ଯାଇଛି ଭାଇର ସାହାଯ୍ୟ ନେବାକୁ । ଆଜ୍ଞା ଭାଇ ରମେଶ ଯିଏ ଭଲ ପାଇ ସୋମାକୁ ବିବାହ କରି ବାହାରେ ରୁହେ.. କାରଣ ସୋମାର ଜାତି ନିମ୍ନ ଶ୍ରେଣୀର ଆଉ  ରମେଶ ଜାତିରେ ଉଚ୍ଚ ବ୍ରାହ୍ମଣ ।ସେଥିଲାଗି ରମେଶ ମାଆ ବୋହୁକୁ ଗ୍ରହଣ ନ କରି ଝିଅ ପାଖେ ରହୁଛନ୍ତି ।ରାମ ଦାଶ ପରିବାର ଶିକ୍ଷିତ ସତ, କିନ୍ତୁ ଅହଂ, ବଡ଼ ପଣିଆ ବଡ଼ିମା ଯୋଗୁଁ, ବେଶୀ କେହି ଲୋକ ତାଙ୍କୁ ଖାତିର କରନ୍ତିନି ।କିନ୍ତୁ ରମେଶ ଭଉଣୀ ପାଖରୁ ସବୁ ଶୁଣି ଭଣଜାକୁ ଖୋଜିବାକୁ ଗଲା, ଶେଷରେ ଗୋଟେ ସାଙ୍ଗ କହିଲା ସିଏ ଏହି ଗଳିରେ ଜଣଙ୍କ ଘରକୁ ସବୁବେଳେ ଯାଏ, ଆପଣ ସେମାନଙ୍କୁ ପଚାରନ୍ତୁ...ସେମାନେ କିଛି କହି ପାରିବେ ।ରମେଶ ଆଉ ରାହୁଲ ମାଆ  ଗଲେ ସେହି ଗଳିକୁ, ଦେଖିଲେ ଗଳି ସାରା ଖାଲି ମଦୁଆ.. କିଏ ରାସ୍ତାରେ ଶୋଇଛି ତ କିଏ ନାଳ ପାଖେ ଶୋଇଛି, ଆଦି ଏମିତି କିଛି ରୂପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

।ହଠାତ ଆଖି ପଡିଲା ରାହୁଲ ମାଆର  ସେ ବରଗଛ ମୂଳେ ଯୋଉଠି ରାହୁଲ ତଳେ ଶୋଇ ଗୋଟାସୁଦା ଥରୁଛି ।ରାହୁଲ ମାଆ ରାହୁଲ ରାହୁଲ କହି ଦୌଡ଼ି ଗଲେ ଆଉ ସାଙ୍ଗେ ସାଙ୍ଗେ ତାକୁ ଡାକ୍ତର ଖାନା ନେଇଗଲେ ଏବଂ ଏ ପଟେ ରାମ ଦାଶକୁ ଡକାଇ ପଠାଇଲେ ।ରମେଶ କହିଲା ଦେଖିଲୁ ଦିଦି ତୁମ ମାନଙ୍କ ବେଶାସନ ଆଉ ଅନ୍ଧ ଭଲ ପାଇବା ଯୋଗୁଁ ପିଲାଟା ଆଜି ଏ ଦିଗରେ ପାଦ ବଢ଼େଇଛି, ତେଣୁ ଏବେ କାନ୍ଦିଲେ କଣ ହେବ ।ଡାକ୍ତର ବାବୁ ରାହୁଲକୁ ଦେଖି କହିଲେ ଦେଖନ୍ତୁ ଆଜ୍ଞା ଆପଣଙ୍କ ପୁଅ ନିଶାଦ୍ରବ୍ୟ ଖାଇ କୀଡୀନିକୁ ପୁରା ନଷ୍ଟ କରିସାରିଲାଣି, ଯଦି ଆପଣ କୀଡୀନି ଡୋନର ଯୋଗାଡ଼ କରି ପାରିବେ...ମୁଁ ଚେଷ୍ଟା କରିବି ବଞ୍ଚାଇବା ଲାଗି ।ଏ ସବୁ ଶୁଣି ରାହୁଲ ମାଆ ଏବଂ ବାପା  କହିଲେ ଆଜ୍ଞା ଡାକ୍ତର ବାବୁ ଆମ  କୀଡୀନି ଗୋଟେ ନେଇ ଆମ  ପୁଅକୁ ବଞ୍ଚାଇ ଦିଅ ।ଡାକ୍ତର କହିଲେ ଆଜ୍ଞା ସେମିତି କିପରି ହେବ, ମୋତେ ବହୁତ ପରୀକ୍ଷା କରିବାକୁ ହେବ କାରଣ ଆପଣଙ୍କ କୀଡୀନି ତାଙ୍କୁ ସପୋର୍ଟ କରିବକି ନାହିଁ ।ତଥାପି ଆସନ୍ତୁ ପରୀକ୍ଷା କରିନେବା, କାରଣ ସମୟ ଆମ ହାତରେ ବହୁତ କମ ।ସବୁ ପରୀକ୍ଷା ସରିଲା ବେଳକୁ ତିନିଟା ବାଜିଲାଣି, ଡାକ୍ତର କହିଲେ କାଲି ରିପୋର୍ଟ ଆସିଲେ ମୁଁ ଯାହା ଆପଣଙ୍କୁ କହି ପାରିବି ।ଆଜି ଖାଲି ପିଲାଟିକୁ ସାଲାଇନ ଦିଆଯିବ କାରଣ ସେ ଖାଦ୍ୟ ନ ଖାଇ ବହୁତ ଦୁର୍ବଳ ହୋଇ ଯାଇଛନ୍ତି ।ଡାକ୍ତରଙ୍କ ଠାରୁ ଶୁଣି ଏହି କଥା ରାହୁଲ ମାଆ ରମେଶକୁ କହିଲେ ତୁ ରମେଶ ଘରକୁ ଯାଆ, ସେପଟେ ଗର୍ଭବତୀ ସ୍ତ୍ରୀ ଟା ଏକା ଅଛି ।ରମେଶ ଭିଣେଇ  ଭଉଣୀଙ୍କୁ ଖାଦ୍ୟ ହୋଟେଲରୁ ଆଣି ଦେଲା, କହିଲା ତୁମେ ଖାଇଦେବ ଦୁଇ ଜଣ, ମୁଁ ଯାଉଛି ଘରେ ଖାଇବି ।

ରମେଶ ଆସି ଘରେ ପହଞ୍ଚିଛି ତ , "ସେମାନେ ଏବେ କଣ କରିବେ ?" ବିଚଳିତ ହୋଇ ସୋମା ପ୍ରଶ୍ନକଲା।ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବ। ସକାଳ ଆଠଟାରୁ ଯାଇଥିଲା ଯେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି।ବିରକ୍ତ ହୋଇ ରମେଶ ଚିଡ଼ି ଉଠିଲା ଆଉ କହିଲା, "ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ, ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି ବାଇମୁଣ୍ଡିକୁ ..."ସୋମା କିଛି କହିଲାନି, ଚେୟାର ଉପରୁ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, "ଖାଇବା ସବୁ ତ ଥଣ୍ଡା ହେଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି"ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର ! ମୋ ପେଟ ଜଳିଲାଣି".ତା'ପରେ ଖାଇ ସାରି ରମେଶ ସବୁ କଥା ସୋମାକୁ କହିଲା ।ସୋମା ଶୁଣିସାରି କହିଲା, କାଲି ତୁମେ ଡାକ୍ତର ଖାନା ଗଲାବେଳେ ମୋତେ ଟିକେ ସାଥିରେ ନେଞ୍ଚ , ମୁଁ ବି କେବେ ଭଣଜା ମୁହଁ ଦେଖିନି, ଏହା ଶୁଣି ରମେଶ କହିଲା ନା ନା ତୁମେ ଅସଜ ଲୋକ ସେଠିକି ଯିବା ଠିକ କଥା ନୁହେଁ ।ତା'ପର ଦିନ ଡାକ୍ତର ଖାନା ରମେଶ ସକାଳୁ ସକାଳୁ ଗଲା, ସେଠି ଯାଇ ଦେଖେ ଯେ ରାହୁଲ ଯୋଉ ବେଡ଼ରେ ଥିଲା ସେଠି ଆଉ ନାହିଁ, ସାଙ୍ଗେ ସାଙ୍ଗେ ରମେଶ ଦୌଡ଼ି ଗଲା କାଉଣ୍ଟର ପାଖକୁ ଆଉ ସେଠୁ ଜାଣିବାକୁ ପାଇଲା କାଲି ରାତିରୁ ରାହୁଲର ମରଣ ଖବର ।ରମେଶକୁ ଲାଗୁଥାଏ ସତେ ଯେପରି ପାଦ ତଳୁ ମାଟି ଖସି ପଡିଛି, ସାଙ୍ଗେ ସାଙ୍ଗେ ଧାଇଁଛି ଭଉଣୀ ଘରକୁ, ସେଠି ଯାଇ ଦେଖେ ନିଜ ମାଆ ନାତିର ମରଣ ଖବର ଶୁଣି ସେ ବି ଶେଷ ନିଶ୍ୱାସ ତ୍ୟାଗ କରିଛି ।ଦୁଇ ଦୁଇଟା କୋକେଇ ଆଉ ଭିଣେଇ ଭଉଣୀଙ୍କ ପାଗଳାମି ରୂପ ରମେଶକୁ ଦୁଃଖରେ ମର୍ମାହତ କରି ପାଗଳ କରି ଦେଉଥିଲା ।ଶବ ସତ୍କାର ପରେ ରମେଶ ଜାଣିବାକୁ ପାଇଲା ଭିଣେଇ ଭଉଣୀ ସତରେ ପାଗଳ ହୋଇ ଯାଇଛନ୍ତି, ସେଥିଲାଗି ସବୁ କର୍ମ ସରିଲା ପରେ ସୋମା ରମେଶକୁ କହିଛି ଆମେ ଦିଦି ଭାଇଙ୍କୁ ଆମ ଘରକୁ ନେଇଯିବା ଆଉ ସେଇଠି ଚିକିତ୍ସା କରାଇବା କାରଣ ଏ ଘରେ ରହିଲେ ପାଗଳାମି ବଢିବ ପଛେ କମିବାର

Magazine Downloaded from www.aahwaan.com

ନାମ ନେବନି ।ରମେଶ ସୋମା କଥା ମାନି ନିଜ ଘରକୁ ଭିଣେଇ ଭଉଣୀକୁ ନେଇ ନିଜେ ସେବା କରି ତାଙ୍କ ଚିକିତ୍ସା କରୁଛି ।ଏ ପଟେ ଯୋଉ ରାମ ଦାଶ ଘର ଦେଖି ପାଦ ଅଟକି ଯାଉଥିଲା ସବୁ ବାଟୋଇ ମାନଙ୍କର , ଏବେ ସେଇ ଘରକୁ ଦେଖିଲେ ଭୟ ଆସୁଛି ।ଲୋକ ମାନେ କଥା ହେଉଛନ୍ତି ଏତେ ଧନ ଥାଇ ବି ରାମ ଦାଶ ନିଜର କି ପରିବାର କାହାର ଜୀବନକୁ ଠିକ ଭାବେ ମୂଲ୍ୟାୟନ କରି ପାରିଲା ନାହିଁ ।ସେଥିଲାଗି ଏତେ ସୁନ୍ଦର ଘରଟି ଆଜି ଭୁତଖାନା ହୋଇ ପଡିଛି ।

ଏହି ଗଳ୍ପଟିର ମର୍ମ, ଏପରି ଭାବେ ପ୍ରେମ, ଅହଂ, ରୋଷରେ  ମୋହ ହୋଇ ନିଜ କର୍ତ୍ତବ୍ୟ ଥିବା କାର୍ଯ୍ୟକୁ ଭୁଲନ୍ତୁ ନାହିଁ ।କାରଣ ଯୋଉ କାର୍ଯ୍ୟ ଯେତେବେଳେ ହେବା କଥା ଯଦି ସେତିକି ବେଳେ କରାଯିବ , ତେବେ ସେ କାର୍ଯ୍ୟର ମୂଲ୍ୟ ଦିନେ ନା ଦିନେ ତୁମ ଜୀବନର ମୂଲ୍ୟାୟନଙ୍କୁ ଗର୍ବିତ କରାଇବ, ହଁ ଏଇଟା ସତ କଥା କାର୍ଯ୍ୟ ପୂର୍ଣ୍ଣ କରିବା ଲାଗି ବିଘ୍ନ ଆସିବ ସତ କିନ୍ତୁ ଆମକୁ ତାକୁ ସାମ୍ନା କରି ଆଗକୁ ବଢିବାକୁ ହେବ ।ତେବେ ଯାଇ ଶୋଭା ପାଇବ ଆମ ମୁଖେ କର୍ମର ଫଳ ସର୍ବଦା ମିଠା ।

ଜଗତସିଂହପୁର, ବାଲିକୁଦା
ଇମେଲ :papamaaprangyalins@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା ବେଦନା



ଦମୟନ୍ତୀ ଜେନା

ସବିତା ମାଉସୀ ଜଣେ ଧର୍ମପରାୟଣ ମହିଳା ଥିଲେ, ସେ ପୂଜା ପାଠ ଓ ଘରୋଇ କାର୍ଯ୍ୟରେ ନିଜ ସମୟ ଅତିବାହିତ କରୁଥିଲେ । ପରିବାର କହିଲେ ସେମାନେ ଦୁହେଁ ସ୍ୱାମୀ ସ୍ତ୍ରୀ, ପୁଅ ଆକାଶ ଓ ଝିଅ ସୁମନ୍ । ବେଶ୍ ହସ ଖୁସିର ପରିବାର । ମଉସା କଲେକ୍ଟର ଅଫିସ୍ ରେ କ୍ଲର୍କ ଚାକିରିଟିଏ କରୁଥିଲେ । ସୁଃଖ ଦୁଃଖର ସଂସାରଟିଏ । ଗୋଟିଏ ବୋଲି ପୁଅକୁ ବିଦେଶକୁ ପଠାଇବା ପାଇଁ ବାପାଙ୍କ ଇଚ୍ଛା କମ୍ ଥିଲା ବେଳେ, ମା କିନ୍ତୁ ସବୁବେଳେ ଠାକୁରଙ୍କ ପାଖରେ ପୁଅର ଭଲ ଡାକ୍ତରୀ ପାଠ ସହ ବିଦେଶ ଗସ୍ତ କଥା କାମନା କରୁଥିଲେ । ବାପା କିନ୍ତୁ କହନ୍ତି ପୁଅ ଯାହା କରୁନା କାହିଁକି କେବେ ଘରଠୁ ଦୂର ରେ ନ ରହୁ ସବିତା ।

ଆକାଶ ପିଲାବେଳେ ହିଁ ଜଣେ ମେଧାବୀ ଛାତ୍ର ଥିଲା ପାଠ ସହ ଅନ୍ୟ ସହଶୈକ୍ଷିକ କାର୍ଯ୍ୟରେ ମଧ୍ୟ ଅତି ଧୁରନ୍ଧର ଥିଲା । ଏହା ଦେଖି ମା ବହୁତ୍ ଖୁସି । ସୁମନ ବି ଆକାଶ ଠାରୁ କୌଣସି ଗୁଣରେ କମ୍ ନଥିଲା । ଆକାଶ ମା'ଙ୍କ ମନ ଜିତିଥିବା ସହ ସୁମନ ବାପାଙ୍କର ଗେହ୍ଲି ଥିଲା । ସମୟର ତାଳ ସହ ତାଳ ଦେଇ ଚାଲୁ ଚାଲୁ ବୟସ ମଧ୍ୟ ସ୍କୁଲ ବେଳରୁ ଗଡି ଯାଇ କଲେଜ୍ ଯିବା ବୟସରେ ପହଞ୍ଚିଥିଲା । ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ ପାସ କରି ଆକାଶ ଭଲ ନମ୍ବର ରଖିଲା ଓ ଡାକ୍ତରୀ ମଧ୍ୟ ପଢିଲା । ଏହି ସମୟରେ ସୁମନର ବାହାଘର ଠିକ୍ ହୋଇଯାଇଥାଏ । ଅତି ଧୁମ୍ ଧାମରେ ଭଉଣୀର ବାହାଘର ସରିବା ପରେ ଆକାଶ ବିଦେଶ ଯାଇ ଗବେଷଣା କରିବାରେ ବ୍ୟସ୍ତ ଥାଏ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବିତା ମାଉସୀ ଆଜି ବି ମନ୍ଦିର ଯାଉଛି ପୁଅର ଖୁସି ପାଇଁ ଓ ଉନ୍ନତି ପାଇଁ । ସେ ଭାବୁଥାଏ ଠାକୁରେ ମୁଁ ଯାହାଁ ଚାହିଁଛି ସବୁ ପାଇଁଛି । କେମିତି ଏକ ପ୍ରତିପତ୍ତିଶାଳୀ ଧନାଢ଼ ବ୍ୟକ୍ତିଙ୍କ ଘରେ ଆକାଶର ବାହାଘର ହେଇଯାଇଥିଲେ ମୁଁ ଚିର ଉପକୃତ ହୁଅନ୍ତି । ଶେଷରେ ସେ ଇଛା ବି ସମ୍ପନ୍ନ ହୋଇଛି ।

ବିବାହ ପରେ ଆକାଶ ତା'ର ସ୍ତ୍ରୀ କୁ ନେଇ ବିଦେଶ ଚାଲିଗଲା । ସେମାନେ ସେଠି ବଡ ଘରଟିଏ ବି କିଣିଲେ । ଏହା ଶୁଣି ସବିତା ମାଉସୀର ଛାତି କୁଣ୍ଢେ ମୋଟ । ସାହି ପଡିଶା ସମସ୍ତଂକୁ ଡାକି ଡାକି ପୁଅର ପ୍ରଶଂସା କରୁଥାଏ । କିଛି ଦିନ ପରେ ଧୀରେ ଧୀରେ ଫୋନ୍ କଲ୍ ଆସିବା ବନ୍ଦ ହୋଇଗଲାଣି । ବାପା ବ୍ୟସ୍ତ ହୋଇ ଯେତେ ଫୋନ କଲେବି ତା'ର କୌଣସି ଉତ୍ତର ମିଳିଲା ନାହିଁ । ସବିତା ମାଉସୀ ପାଟିରେ ଲୁଗା ଦେଇ ରାତିରାତି ଲୁଚିଲୁଚି କାନ୍ଦେ ପୁଅକୁ ମନେପକାଇ । ତଥାପି ତା'ର ପୁତ୍ରପ୍ରୀତି କେବେବି ଊଣା ହୋଇନି ।

କିଛି ଦିନପରେ ଗୋଟାଏ ଦିନ ହଠାତ ମଉସାଙ୍କ ଦେହ ବିଗିଡିବାକୁ ଲାଗିଲା । ସବିତା ସବିତା ବୋଲି ଜୋର ପାଟି କରି ଉଠିଲେ । ନିଶ୍ୱାସ ନେବାରେ ମୋର ଅସୁବିଧା ହେଉଛି ବୋଲି ବାରମ୍ବାର କହୁଥାନ୍ତି । ଉପାୟ ଶୂନ୍ୟ ମାଉସୀ ଶୀଘ୍ର ଦୌଡି ଯାଇ ପଡୋଶୀ ଘରେ ରହୁଥିବା ସୋମାକୁ ସବୁ ଜଣାଇଲେ । ସୋମା ତାଙ୍କୁ ଧୈର୍ଯ୍ୟର ସହ ନିଜକୁ ସମ୍ଭାଳିବାର ଆଶ୍ୱାସନା ଦେଇ ନିଜ ସ୍ୱାମୀ ରମେଶକୁ ସବୁକଥା କହିଲା । ରମେଶ ମଉସାଙ୍କୁ ନେଇ ଶୀଘ୍ର ହସ୍ପିଟାଲ୍ ଦୌଡ଼ିଲେ । ତାଙ୍କ ପୁଅ ଆକାଶକୁ ମଧ୍ୟ ଫୋନ କରି ଜଣାଇଲେ । ହସ୍ପିଟାଲ୍ ରେ ଜଏନ୍ କରି ମଉସାଙ୍କୁ ICUରେ ଭର୍ତ୍ତି କରି କିଛି ଖାଇବା ପାଇଁ ଘରକୁ ଆସିଲେ । କବାଟରେ ଶୁଣାଗଲା ଠକ୍ ଠକ୍ ଶବ୍ଦ । ବ୍ୟସ୍ତ ବିବ୍ରତ ହୋଇ ଘରେ ଥିବା ସୋମା କବାଟ ଖୋଲିଲା, “ସେମାନେ ଏବେ କଣ କରିବେ ?” ବିଚଳିତ ହୋଇ ସୋମା ପ୍ରଶ୍ନକଲା ?? ? ? ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡ଼ି ଉଠିଲା ଆଉ କହିଲା, "ସେମାନେ ଯାହା କରିବେ ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି । ବାଇମୁଣ୍ଡିକୁ ..."

ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, "ଖାଇବା ସବୁ ତ ଥଣ୍ଡା ହେଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି ।"

ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର । ମୋ ପେଟ ଜଳିଲାଣି ।"

ଶିକ୍ଷୟିତ୍ରୀ, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଥାଟି ସତ



ବାସନ୍ତୀଲତା ଜେନା

ମୁଁ ଜଣେ ଶିକ୍ଷୟିତ୍ରୀ । ଘର ଠାରୁ ସ୍କୁଲର ଦୂରତା ୧୦ କି. ମି. । ମୁଁ ମୋ ପରିବାର ସହିତ ରହି ଥାଏ । ମୋ ପରିବାରରେ ମୋର ସ୍ୱାମୀ, ଦୁଇ ପୁଅ, ଶାଶୁ, ଶଶୁର ଏବଂ ଜଣେ ନଣନ୍ଦ ରହନ୍ତି । ଶଶୁର ଅବସର ପ୍ରାପ୍ତ, ଶାଶୁ ଗୃହିଣୀ ଓ ନଣନ୍ଦ କଲେଜରେ ପାଠ ପଢ଼ନ୍ତି । ସ୍ୱାମୀ ଆନ୍ଧ୍ର ପ୍ରଦେଶରେ ପୋଲିସ ବିଭାଗରେ କାମ କରନ୍ତି । ଆପଣ ମାନେତ ସମସ୍ତେ ଜାଣନ୍ତି, ସାରା ବିଶ୍ୱକୁ କରୋନା ଗ୍ରାସିଛି । ମହାମାରୀ ରୂପକ କରୋନା ପ୍ରତି ହୃଦୟରେ ଆତଙ୍କ ସୃଷ୍ଟି କରିଛି । ଆମ ଦେଶ ସେଥିରୁ ବାଦ ଯାଇ ନାହିଁ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲକ

ଡାଉନ ପିରିୟଡ଼ । ରେଡ ଜୁନ ମଝିରେ ମଝିରେ ସଟଡାଉନ ହେଉଛି । ମୋର କୋଭିଡି -୧୯ ନିଜ ସ୍କୁଲ କରେନଣ୍ଟାଇନ ଡ୍ୟୁଟି ପଡିଛି । ସକାଳ ୭ଟାରୁ ଦିନ ଦୁଇଟା ପର୍ଯ୍ୟନ୍ତ । ମୁଁ ପ୍ରତି ଦିନ ସାଢେ ଚାରିଟାରୁ ଉଠି ମୋର ନିତ୍ୟ କର୍ମ ସାରି ଜଳଖିଆ କରି ଦେଇ ସ୍କୁଲକୁ ଚାଲିଯାଏଁ । ଡ୍ୟୁଟି ସାରି ଘରେ ପହଞ୍ଚିଲା ବେଳକୁ ପ୍ରାୟ ସାଢେ ଦୁଇଟା ହୋଇ ଯାଇ ଥାଏ । ସ୍କୁଟିରେ ଯିବା ଆସିବା କରେ । ଘରେ ଆସି ଦେଖେ ଶାଶୁ ନଣନ୍ଦଙ୍କ ମୁହଁ ଫୁଲି ଯାଇ ଥାଏ । କରଣ : ମଧ୍ୟାହ୍ନ ଭୋଜନ ପାଇଁ ଶାଶୁ ମା ଓ ନଣନ୍ଦଙ୍କୁ ରୋଷାଇ କରିବାକୁ ପଡି ଥାଏ । ବେଳେ ବେଳେ ସେମାନେ ଖାଇ ଦେଇ ସାରି ଥାନ୍ତି, ଆଉ ଯେଉଁ ଦିନ ନ ଖାଇ ଥାନ୍ତି ମୁଁ ଆସି ଗୋଡ଼ ହାତ ସାବୁନରେ ଧୋଇ, ଲୁଗା ଡେଟଲରେ ଧୋଇ ଶୁଖାଇବା ପରେ ଖାଇବା ପାଇଁ ବଢ଼ା ବଢି କରେ । ସେତେ ବେଳକୁ ସମୟ ପ୍ରାୟ ଅପରାହ୍ନ ତିନିଟା ହୋଇ ଯାଇ ଥାଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। କୋଭିଡି ଡ୍ୟୁଟି ପଡିବା ଠାରୁ ମୋତେ ଶାଶୁ ମାଙ୍କ ଠାରୁ ସବୁ ଦିନ କିଛିନା କିଛି ଶୁଣିବାକୁ ପଡେ । ନଣନ୍ଦ ରେଖା କହେ ଭାଉଜ, ତୁମେ କୋଭିଡି ଡ୍ୟୁଟି କେନସେଲ କରି ଦେଉନ । ସବୁ ବେଳେ କାହିଁକି ଯାଉଛ ? ମା ବୁଢୀ ହେଲେଣି, ତୁମେ ଜାଣି ପାରୁନ ?

ମୁଁ ନଣନ୍ଦ ରେଖାକୁ ସାନ ଭଉଣୀ ଭଳି ଭଲ ପାଏ । ତାକୁ କହିଲି ରେଖା ! ଚାକିରୀ କରିଛି ପରା, କେମିତି ମନା କରିବି ? ସବୁ ଲେଡି ଟିଚରଙ୍କୁ ଡ୍ୟୁଟି ପଡିଛି । ଯାହାର ପଡି ନାହିଁ, ସେମାନେ ଅନ ଲାଇନ ଟିଚିଙ୍ଗରେ ଅଛନ୍ତି । ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି, ତୁଲାଇବାକୁ ପଡ଼ିବନା । ସମସ୍ତେ ଯଦି କୋଭିଡି ଡ୍ୟୁଟି ନ କରିବାକୁ କହିବେ , ତେବେ ବହୁତ ଅସୁବିଧା ହେବ । ପ୍ରବାସୀ ଓଡ଼ିଆଙ୍କୁ ଜଗିବ କିଏ ? ସେମାନଙ୍କର ଭଲ ମନ୍ଦ ବୁଝିବ କିଏ ? ତାଙ୍କର ଦାୟିତ୍ୱ ନେବ କିଏ ? କିଛି ଦିନର କଥା । ଟିକେ ଚଳେଇ ନିଅ ।

ଏ କଥା ଶୁଣି ଶାଶୁ ମୋର ଜୋରରେ ପାଟି କରିବାକୁ ଲାଗିଲେ । ତୁ ସରକାରଙ୍କର ଭଲରେ କାମ କରୁଥା, ଆମେ ମରୁ କି ବଞ୍ଚୁ । ସେଥିରୁ ତୋର କଣ ଯାଉଛି ? ରମେଶର ବାପା ଜଣେ ସୁଗାର ପେସେଣ୍ଟ । ସେ କଣ ନ ଖାଇ ଏତେ ଡେରି ପର୍ଯ୍ୟନ୍ତ ରହି ପାରିବେ ? ଜଳଖିଆ ଟିକେ କରି ଦେଇ ଯାଉଛୁ । ବାକି କାମ କିଏ କରିବ ? ମୋର କଣ ଦିନକୁ ଦିନ ବଳ ବୟସ ଆସୁଛି । ସବୁ କାମ ତୁଲାଇ ନେବାକୁ ?

ଏ କଥା ଶୁଣି ସେ ଦିନ ମୋତେ ବହୁତ କଷ୍ଟ ଲାଗିଲା ।

ଆଖିରୁ ମୋର ଟପ ଟପ ଲୁହ ଝରି ପଡୁ ଥିଲା । ମୋ ମାଙ୍କ କଥା ବହୁତ ମନେ ପଡିଲା । ମୁଁ ଯଦି ବାହା ନ ହୋଇ ବାପ ଘରେ ଥାନ୍ତି, ମୋ ମା ମୋତେ ଏବେ ଭାତ ବାଢି ଦେଇ ଥାନ୍ତା । ମୋ ପାଇଁ ବ୍ୟସ୍ତ ହେଉ ଥାନ୍ତା । କିନ୍ତୁ ମୁଁ ଶାଶୁ ଘର ବହୁ । ଝିଅ କେମିତି ହୋଇ ପାରିବି । ଚିନ୍ତା ଆଉ ଦୁଃଖରେ ଭରି ଯାଇଥିଲା ମୋ ହୃଦୟ । ଖାଇବାକୁ ଇଚ୍ଛା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଉ ନ ଥାଏ । ଚୁପ ଚାପ ମୁଁ ମୋ ରୁମର ଖଟ ଉପରେ ବସି ଥାଏ । ଏତିକି ବେଳେ ଶଶୁର ଆସି କହିଲେ ମା, ସୁକାନ୍ତି ! ଯା, ଖାଇ ଦେବୁ ଯା । ବସିଛୁ କାହିଁକି । ବାପାଙ୍କୁ ହଁ ବୋଲି କହିଲି ।

ବାସନ୍ତୀ ଲତା ଜେନା, ଗାନ୍ଧିନଗର, ନବରଙ୍ଗପୁର, ପିନ କୋଡ଼ : ୭୬୪୦୫୯

ଇମେଲ୍ : basantijena67@gmail. Com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନାର ଭୟ



ଲୀଳାମୟ ଶତପଥୀ

କହିବାକୁ ଗଲେ ସୃଷ୍ଟିର ପରିସ୍ଥିତି ଏବେ ସଙ୍କଟାପନ୍ନ । କରୋନାର ଭୟାବହତା, ଏକ ଅଦୃଶ୍ୟ ଶୋକର ଛାୟା ଯେମିତି ଘେରି ରହିଛି ଏ ଧରା ପୃଷ୍ଠକୁ । ଚାରିଆଡେ ବାଜୁଚି କରୋନା କୋକୁଆ ଭୟର ଡିଣ୍ଡିମ, ଚାଲିଗଲା ଆଷାଢ଼, ବାହା ତିଥି ହେଲେ ଶୁଭିଲାନି ତୂରୀ ମହୁରୀର ସ୍ୱର, ଶୁଭିଲା ତ କେବଳ ମହାମାରୀ ବିଭୀଷିକାର ଗର୍ଜନ ଆଉ ଗରିବ ଭୋକିଲା ପେଟରେ ଆର୍ତନାଦ, କିଏ କୁଆଡେ ଯେ ଯାଉଛି ଖାଦ୍ୟ ଅନ୍ୱେଷଣରେ । ନା ଅଛି ଅର୍ଥ ନା ଅଛି ଅର୍ଥନୀତି । ଆଉ ଅର୍ଥାଭାବରୁ ଆଗମନ ହେଉଚି ମା ମାଟିକୁ ପ୍ରବାସୀମାନଙ୍କର । ତନ୍ମଧ୍ୟେ ପଳାଶପଡା ରମେଶର  ଶାଳକ ହରି ଫେରିଛି ସୁରତରୁ ଏଇ ଗତ ପାଞ୍ଚ ଛଅଦିନ ହେବ, ସେ ପୁଣି କୌଣସି ଏକ ମାଲବାହୀ ଗାଡ଼ିରେ, କୋରୋନାର ପ୍ରତିକାର ପାଇଁ ତ ସରକାରଙ୍କର ନିୟମାବଳୀ ଅନୁଯାୟୀ ପ୍ରବାସରୁ ଆସୁଥିବା ଲୋକମାନେ ପ୍ରଥମେ ସଙ୍ଗରୋଧ କେନ୍ଦ୍ରରେ ରହିବେ, ହେଲେ ହରି ଅମାନିଆ ସେ ସବୁକୁ ଆକ୍ଷେପ ନ କରି ଲୁଚି ଲୁଚି ସିଧା ପହଞ୍ଚିଛି ତା ଘର ନିମାପଡ଼ାରେ ଯାହାକି ପଳାଶ ପଡା ଠାରୁ ୭-୮ କି,ମି ଦୂର ହେବ, ରମେଶ ଟିକେ ଥିଲାବାଲା ଲୋକ ଯାହା କିଛି ବି ଶଶୁର ଘରେ ହୁଏ ସବୁ ତାକୁ ଜଣାନ୍ତି । ହରି ଆସିବାର କଥା ମଧ୍ୟ ସେ ଜାଣିଛି ଆଉ ସେ କଥାକୁ ନେଇ ଚିଡିଛି ମଧ୍ୟ । ଆଉ ସଂଗରୋଧ କେନ୍ଦ୍ରକୁ ଯିବା ପାଇଁ କହିଛି । ହେଲେ ହରି ତ ଅମାନିଆ, କିନ୍ତୁ ଗାଁ ଲୋକଙ୍କୁ କିଏ ବା ଅଟକେଇ ପାରିବ, ସବୁ ହରି ଆସିବାକୁ ନେଇ ଟୁପୁରୁ ଟାପୁରୁ । ତନ୍ମଧ୍ୟରୁ କିଏ ବିନା ଶୁଳ୍କ କୋରୋନା ପଞ୍ଜିକରଣ ବିଭାଗକୁ ଫୋନ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେଇଛି । ସେଦିନ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ସାତ । ରମେଶ ପାଖକୁ ଫୋନ ଆସିଲା କି ଶଶୁରଘର ସବୁଲୋକଙ୍କୁ ହସ୍ପିଟାଲ୍ ନିଆଯାଇଛି । କାରଣ ବୁଝିବାରୁ ଜଣାପଡ଼ିଲା କି କୋରୋନା ପରୀକ୍ଷା ପାଇଁ । 'ସୋମା' ଏଇ ରମେଶର ପତ୍ନୀ ଯେତେବେଳେ ଜାଣିଲା ଏ କଥା ସେ କି ଆଉ ତ୍ରାହି ଦେବ ରମେଶକୁ । ସାଙ୍ଗେ ସାଙ୍ଗେ ଯିବାକୁ କହିଲା । ଆଉ ରମେଶ କିଂକର୍ତ୍ତବ୍ୟବିମୁଢ଼ ହେଇ ବାହାରିଗଲା ହସ୍ପିଟାଲ୍ କୁ ଚାହା ଟିକେ ପିଇ ଦେଇ ।

ସେଠି ପହଞ୍ଚି ଦେଖେ ତା ଶଶୁର ଘର ସଭିଙ୍କର କୋରୋନା ପରୀକ୍ଷା ପାଇଁ ନମୁନା ନିଆ ସାରିଥିଲା । ଆଉ ସେଠି ସେମାନଙ୍କୁ ପରୀକ୍ଷା ଫଳ ନ ବାହାରିବା ପର୍ଯ୍ୟନ୍ତ ସମସ୍ତଙ୍କୁ ରହିବାକୁ ହେବ ବୋଲି ଡାକ୍ତରବାବୁ କହିଲେ । ରମେଶ ଆଉ କଣ କରିବ ସେଠି ସେମାନଙ୍କର ରହିବା ଖାଇବା ବ୍ୟବସ୍ଥା କରି ଫେରୁ ଫେରୁ ପ୍ରାୟ ଚାରିଟା ବାଜିଗଲାଣି । ରାସ୍ତାରେ ଆସୁ ଆସୁ ସୋମାକୁ ଫୋନ କରି କହିଦେଲା ସେ ଫେରୁଛି ଘରକୁ ବୋଲି ଆଉ ଭାବୁ ଥାଏ ଘରେ ପହଂଚି ଗାଧୋଇ କଣ୍ ଦି'ଟା ଖାଇ ଦେବି । ଭୋକରେ ତାର ସର୍ବାଙ୍ଗ ଜଳୁଥାଏ । ଏପଟେ ସୋମା ମନେମନେ ବିଚଳିତ ହେଉଥାଏ, 'ଏ ତ ଆସିଗଲେ ସେମାନେ ସେଠି ଏକୁଟିଆ ଜାଣିନାହାନ୍ତି କିଛି' । ସେଇ ସମୟରେ ରମେଶ ଆସି ଘରେ ପହଂଚିଗଲା । ଆଉ ହଠାତ

"ସେମାନେ ଏବେ କଣ କରିବେ ?" ବିଚଳିତ ହୋଇ ସୋମା ପ୍ରଶ୍ନକଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲା କେମିତି ଶୀଘ୍ର ସେ ଗାଧୋଇ ପକାଇବା ପରେ କଣ ଟିକେ ଖାଇବ । ସକାଳ ଆଠଟାରୁ ଯାଇଥିଲା ଯେ ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡ଼ି ଉଠିଲା ଆଉ କହିଲା, "ସେମାନେ ଯାହା କରିବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ ସେ କଥା ବୁଝିବେ । ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣିଟୋପେ ପିଇଛି କି ନାଇଁ ପଚାରିବା ତ ଦୂରର କଥା, ହାତକୁ ଗାମୁଛାଟାଏ ବି ବଢ଼େଇବାକୁ କଷ୍ଟ ହେଉଛି । ବାଇମୁଣ୍ଡିକୁ ..."

ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟାୱେଲ୍ ଥୋଇ ଦେଉ ଦେଉ କହିଲା, "ଖାଇବା ସବୁ ତ ଥଣ୍ଡା ହେଇଯାଇଛି, ଟିକେ ଅପେକ୍ଷାକର ଗରମ କରିଦେବି ।"

ରମେଶ ଗାମୁଛା ନେଇ ଗାଧୁଆଘରକୁ ପଶି ଯାଉ ଯାଉ କହିଲା, "ଶୀଘ୍ର କର । ମୋ ପେଟ ଜଳିଲାଣି ।"

ରମେଶ ଗାଧୋଇ ସାରି ବସିପଡ଼ିଲା ଖାଇବାକୁ । ଆଉ ସୋମା ଲାଗିପଡିଲା ତଦନ୍ତ କାର୍ଯ୍ୟରେ । ଟିକିନିକି ଖବର ବୁଝିଲା । ରମେଶ ମଧ୍ୟ ବିରକ୍ତ ପ୍ରକାଶ କଲାଣି ବାରମ୍ବାର ଉତ୍ତର ଦେଇ ଦେଇ କିନ୍ତୁ ସୋମା କି ଛାଡେ । ଲାଗିଥାଏ ରମେଶ ପଛରେ ଯୋକ ଭଳି । ସନ୍ଧ୍ୟା ପ୍ରାୟ ସାଢ଼େ ଛଅ ହେବ ଫୋନ ଆସିଲା କି ସମସ୍ତେ କୋରୋନା ନେଗେଟିଭ ଅଛନ୍ତି । ତା ପରେ ରମେଶ ମନରେ ଟିକେ ଆଶ୍ୱସ୍ତି ଆସିଲା ଆଉ ସୋମା ମଧ୍ୟ ଖୁସି ହେଲା । କିନ୍ତୁ ସେମାନଙ୍କୁ ଚଉଦ ଦିନ ସଂଗରୋଧ କେନ୍ଦ୍ରରେ ରହିବାକୁ ହେଲା । ହରିର ଏହି ପ୍ରକାରର ଭୁଲ୍ ପାଇଁ ସମସ୍ତଙ୍କୁ ହଇରାଣ ହବାକୁ ପଡ଼ିଲା । ହଁ ଆଜ୍ଞା ଏ ତ ଥିଲା ଗଳ୍ପ ସ୍ୱର୍ଦ୍ଧା ପାଇଁ ଗଳ୍ପଟିଏ, କିନ୍ତୁ ସାରାଂଶ କହିବାକୁ ଗଲେ କୋରୋନା ମହାମାରୀକୁ ଆମେ ହିଁ ରୋକି ପାରିବା । ଆମ ମାନଙ୍କର ଛୋଟ ପ୍ରୟାସରେ । ଯଦି ଆମେ ସମସ୍ତେ ସତର୍କତା ଅବଲମ୍ବନ କରିବା । ସରକାରଙ୍କ ନୀୟମାବଳିକୁ ମାନି ଚଳିବା । ଆମେ କୋରୋନା ସହିତ ଲଢି ପାରିବା ।

ଗରିବ ପେଟକୁ ଆହାର ଦେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତର୍କ,ସାବଧାନ ହୋଇ

ଯଦି ଚାଲିବା ଭଉଣୀ ଭାଇ

ଏ କୋରୋନା ରହିବ ନାହିଁ ,

ଏ କୋରୋନା ରହିବ ନାହିଁ

ନାମ: ଲୀଳାମୟୀ ଶତପଥି

ଠିକଣା:- ଗ୍ରା- କାନ୍ଥିସାହି, ଅରଣ୍ଡୁଆ

ବାସୁଦେବପୁର, ଭଦ୍ରକ

ପିନ ନ -୭୫୬୧୨୫

ଦୁରଭାଷ : ୮୯୧୭୩୮୫୭୨୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପୂର୍ବ ପ୍ରକାଶିତ ପରେ...

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ "୨")

ଅଳୀକ ନୁହଁଇ ସତକୁ କହଇ
ସାହିତ୍ୟ ଜଙ୍ଗଲ ପାଇଁ,
ଅନେକ ରାଜ୍ୟର ସାଥେ ତହୁଁ ବର
ସଂପର୍କ ଆସି ମିଶଇ ।
ଅୟୁତ ଅୟୁତ ଜୀବଙ୍କୁ ପ୍ରାପତ
କରିବ ବନ ମଧ୍ୟରେ,
ଅନେକ କେବଳ ସିଂହ, ମହାବଳ,
ଭାଲୁ, ହରିଣ, ସମ୍ବରେ ।
ଅତି କ୍ଷୁଦ୍ରଠାରୁ ବୃହଦାକାର ବି
ହାତୀ, ଗଣ୍ଡା, ଅଶ୍ୱ, ଚିତା,
ଅଞ୍ଜନା, ମୟୂର, କୋଇଲି, ମର୍କଟ
ପଶୁପକ୍ଷୀଙ୍କ ପାଳିତା ।
ଅଗନା ଅଗନୀ ଅରଣ୍ୟ ଅବନୀ
କୋଳରେ ଶୋଭିତ ଏହି,
ଅଧିପତି ଯେତେ ଆରାଧ୍ୟ ସଂଗତେ
ରକ୍ଷନ୍ତି ଏ ପ୍ରାଣ ଦେଇ ।
ଅଗମ୍ୟ ମଧ୍ୟରେ ଭାଷାରାଜ ରାଜ୍ୟ
ରାଜଧାନୀର ମହଲ,
ଅନଳ ପରାୟ ସଭିଙ୍କର ଭୟ
ଲକ୍ଷଜନରେ ଚହଳ ।
ଅଜସ୍ର ସମୟ ଅର୍ଥରେ ନିର୍ମିତ
ଅତିଚ ବୃହଦାକାର,
ଅଭେଦ୍ୟ ପୁଣି ତ ଘେରି ଚତୁଃଦିଗ
ପ୍ରସ୍ତର ଗୋଟି ପ୍ରାଚୀର ।
ଅଟନର ପାଇଁ ମୁଖ୍ୟଦ୍ୱାର ଥାଇ
ଶତସୈନ୍ୟ କର୍ମରତ,
ଅଜ୍ଞାନ ବ୍ୟକ୍ତିକୁ ଏଣୁ ପଶିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଟକ କରିବେଶତ ।
ଅଟ୍ଟାଳିକା ପୁଣି ପରସ୍ତପରସ୍ତ
ଦଶ ପରସ୍ତରେଠିଆ,
ଅତିରଞ୍ଜିତ ଏ ଶୁକ୍ଳପଥରରେ
ନାଲିନେଳୀକେତେ ଥୁଆ ।
ଅତିଶକ୍ତବୋଲିକାନ୍ଥତାରଖାଲି
ମସୃଣପଥର ଜୋଡ଼,
ଅମରରହିଛି ଅନେକବର୍ଷରୁ
ଅଟ୍ଟାଳିକାଏହିବଡ଼ ।
ଅତିମାନୁଷ ଏ ମହଲବିହୁଏ
ଶତ ଦାସଦାସୀଜହିଁ,
ଅନବରତ ଯେ ଏଠିକର୍ମରତ
ସୁନ୍ଦରଜୀବନ କହି ।
ଅଟ୍ଟାଳିକାଘେରିରହିଛିସେପରି
ବଗିଚାଚାରୁସବୁଜ,
ଅନେକ ପ୍ରକାରକୁସୁମ ଫଳର
ସାମାହାରଚତୁଃଭୂଜ ।
ଅନୁପମ ପୁଣିକେତେକୁନିକୁନି
ଜଳାସୟ ଏ ନିର୍ମିତ,
ଅଦିନିଆ ପାଣିଲଭିବଏଇଠି
ଅଳ୍ପ ଗଭିରେଶୋଭିତ ।
ଅନ୍ତପୁରତ୍ୟାଗି ଅଦୂରରେତିଳେ
ଗୋଟି ଅଛିସରୋବର,
ଅନିଶକେବଳ ନିର୍ମଳ ଏ ଜଳ
ରାଜଗୃହେବ୍ୟବହାର ।
ଅନିନ୍ଦ୍ୟପଥର ପଥରେ ପ୍ରାଚୀର
ଶୋଭିତଶୁକ୍ଳବରଣେ,
ଅନୁମେୟ ପୁଣି ପଦ୍ମ ନୀଲୋତ୍ପଳ
କୁସୁମ ଫୁଟେକିରଣେ ।
ଅଶ୍ୱଶାଳଚାହିଁ ଅଶ୍ୱବହୁ ଥାଇ
କୃଷ୍ଣ ଶୁକ୍ଳରେବିଚିତ୍ର,
ଅନ୍ତପୁର ପାଇଁସର୍ବଶୋଭା ପାଇ
ସୁନ୍ଦର ଦୃଶ୍ୟ ପବିତ୍ର ।
ଅଟ୍ଟାଳିକାଯେତେସଜ୍ଜିତସହିତେ
ନଅର ଶୋଭିତକରେ,
ଅତିସାର ପୁଣି ପ୍ରଜାରାଜାଶୁଣି
ଏକତ୍ରଛତ୍ର ନଅରେ ।
ଅଦ୍ୱିତୀୟସର ଅଦ୍ୟରେ ନଅରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୋଭିତକମଳ ଫୁଟି,
ଅଦ୍ଭୁତପଥର ଘେରାରେ ପ୍ରାଚୀର
ନୀଲୋତ୍ପଳ ପୁଣିକୋଟି ।
ଅକଳୁସଜଳ ପୁରିଛିକେବଳ
ଅକାତକାତଗଭିର,
ଅନ୍ତପୁର ଦାସୀ ପ୍ରଜା ଦୂରଦେଶୀ
ମାନଙ୍କସ୍ନାନଆଗାର ।
ଅଧ୍ୟୟନ ପାଇଁକେତେଗୁରୁଗୃହ
ଯୁବକ ଯୁବତୀମିଶି,
ଅସ୍ତ୍ରଶିକ୍ଷାଦିକ୍ଷାଲାଭକରିସାରି
ସେବକ ଯେ ଦିବାନିଶି ।
ଅନିଶକେବଳ ଆଶ୍ରମେ ଚଞ୍ଚଳ
ରହନ୍ତିଶିଷ୍ୟ ପଣ୍ଡିତ,
ଅନୀତବିଦ୍ୟାରରହିଛିଭଣ୍ଡାର
ଏଣୁଏଠାରେ ପ୍ରାପତ ।
ଅନୁପମଜାଣି ଆରାଧନା ମଣି
ମନ୍ଦିରଶତଶୋଭିତ,
ଅନୁନୟ ପାଇଁସର୍ବସେଠି ଯାଇ
ଯହିଁ ପୂଜକ ପଣ୍ଡିତ ।

ଅନୁଦ୍ଧତସିଏସଭିଙ୍କରହୁଏ
ଉଚ୍ଚ ନୀଚହୀନ ଜାତି,
ଅନୁମତିଲଭିମନ୍ଦିରେ ପ୍ରବେଶି
ପୂଜକ ନିଜେସାଜନ୍ତି ।
ଅନେକମନ୍ଦିରମଠଗିର୍ଜାଘର
ମସଜିଦ୍ରହେବୋଲି,
ଅଯୁତଲୋକଙ୍କଭିନ୍ନ ଧର୍ମ ଏକ
ରାଜ୍ୟରେସମତାଖେଲି ।
ଅପବିତ୍ରକେହିହୁଅନ୍ତିନି ଯାଇ
ଜଣେ ଅନ୍ୟର ପୂଜାରେ,
ଅନିନ୍ଦ୍ୟ ଆନନ୍ଦ ମଧ୍ୟରେସମୃଦ୍ଧ
ଐକ୍ୟ, ଭ୍ରାତୃତ୍ୱଏଠାରେ ।
ଅଧିପତିବଳେକୃଷକଚାହିଁଲେ
ସଭିଙ୍କସୁଖଜୀବନ,
ଅନୁଭବିବୋଲି ଅଳ୍ପ କରଢାଳି
କରନ୍ତିଜଳସେଚନ ।
ଅନୁମେୟବଳେଏଣୁ ତ ଜାଣିଲେ
ଅଧିପତିଭାଷାରାଜ,
ଅସୁବିଧାଜାଣିକ୍ଷମାଦାତାମଣି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଭିଙ୍କରଗୋଟି ପୂଜ୍ୟ ।

ଅଧିପତିକୋଳେକନ୍ୟାଗୋଟିଖେଳେ

ଯୌବନ ସରୁଛିଜାଣି,

ଅନ୍ତପୂରେ ନିଜସ୍ୱୟମ୍ବରକାର୍ଯ୍ୟ

କରିବେସୂଚନାଶୁଣି ।

ଅବନୀରେଟାଣି ଆଣିଛିରଜନୀ

ଅନ୍ଧକାରସର୍ବଦିଗ,

ଅନୁସାରୀଗଣତତ୍ପର ଯେ ଜାଣ

ଦୀପକଜାଳିବେ ଆଗ ।

ଅଗଣାରଜଳେ ଦୀପକରବଳେ

ଆଲୋକିତ ଏ କିଞ୍ଚିତ,

ଅଦୂରରେଖାଳି ନିଜକରଢାଳି

ତାରକାକରଶୋଭିତା(କ୍ରମଶଃ..)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେପଡ଼େ ଆଜି ସେହି ପିଲାଦିନ



ପ୍ରଭାତ ମିଶ୍ର

ମନେ ପଡ଼େ ଆଜି ସେହି ପିଲାଦିନ
ଯାହା କୋଳରେ ମୁଁ ନେଲି ଯେ ଜନମ
ଯାହା ହାତ ଧରି ଦେଖିଲି ଭୁବନ
ମନେ ପଡେ ଆଜି ସେହି ପିଲାଦିନ ।

ଯାହା ଆଖି ଆଗେ କଟିଲା ସେ ଦିନ
ଯାହା ମମତାରେ ହେଲା ମୋ ପାଳନ
ଯାହା ଆଦର୍ଶରେ ଗଢିଲି ଜୀବନ
ମନେ ପଡେ ଆଜି ସେହି ପିଲାଦିନ ।

ଯାହା ହାତ ଧରି କଲି ମୁଁ ଗମନ
ଯାହା ବେତ ଧରି ଖେଳିଲା ମୋ ମନ
ଅଧା ପେଟ ଖାଇ ଦେଲା ଯେ ଭୋଜନ
ମନେ ପଡେ ଆଜି ସେହି ପିଲାଦିନ ।

ଲେଖାଇଲା ଯିଏ ଧରି ଏହି ତନ
ଗୁରୁ ଯେ ସାଜିଲା ଦେଇ ସତ୍‌ଜ୍ଞାନ
ରକ୍ତ ଢାଳି ନିଜ କଲା ଯେ ଗଠନ
ମନେ ପଡେ ପୁଣି ସେଇ ପିଲା ଦିନ ।

ସୁଖ ଦେଇ ଦୁଃଖ କଲା ଯେ ବରଣ
ନାନା ଅପବାଦ କଲା ସେ ଗ୍ରହଣ
ଦୁଖଃ ସହି ସୁଖ କଲା ଯିଏ ଦାନ
ଭୁଲି ହେଉନି ସେଇ ଆମ ପିଲାଦିନ ।

ସଂଘର୍ଷ ବିଷକୁ କଲା ଯିଏ ପାନ
ସୁଖ ଅମୃତ କୁ କଲା ମୋତେ ଦାନ
ଦୁଇ ଟି ଜୀବନ କଲା ଯେ ଗଠନ
ମନେ ପଡେ ପୁଣି ସେହି ପିଲା ଦିନ ।

ଇମେଲ – prabhat11499@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ ଆକାଶ



ଅମରନାଥ ବାରିକ

ସତେ କି ହସୁଛି କୁମୁଦ କମଳ
ନୀଳ ଆକାଶ କୁ ଚାହିଁ
ସ୍ୱଚ୍ଛ ନିରିମଳ ପୁଷ୍କରିଣୀ ଜଳ
ସୁନ୍ଦର ଦିସଇ କଇଁ ।

କଇଁ ସିନା ଦୁରେ ନୀଳ ଆକାଶ ଠୁଁ
ରହିଛି ସମ୍ପର୍କ ଦୃଢ଼
ପବନ ମୋଡ଼ରେ ଲହରୀ ପାଣିରେ
ମାରୁଥାଏ କେବେ ବୁଡ଼ ।

ନୀଳ ଆକାଶ କୁ କଇଁ ଛୁଇଁବାକୁ
ଝୁରୁଥାଏ ତାର ମନ
ହେଲେ ପାରେ ନାହିଁ ବିତିଯାଏ ପୁଣି
କେତେ ରାତି କେତେ ଦିନ ।

ଚଷା ଭାଇ ଯେବେ ହଳ କରୁଥାଏ
ବଳଦ ଦୁହିଁଙ୍କୁ ଧରି
ନ ଚାଲି ପାରିଲେ ଟିକେ ରହିଗଲେ
ବାଡାଏ ପାଞ୍ଚାଣ ଧରି ।

ବଳଦ ଦୁଇଟି ଥକି ପଡି ଗଲେ
ନୀଳ ଆକାଶ କୁ ଚାହେଁ
କାହିଁକି ଗଢିଲ ପଶୁ ଜଗତ ରେ
କହୁଛନ୍ତି ମନେ ଦୁହେଁ ।

ଯାଜପୁର, ମଙ୍ଗଳପୁର, କଣ୍ଟୁ
୯୫୪୦୩୦୦୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି ଫୁଲ



ପ୍ରିୟଦର୍ଶିନୀ ମହାପାତ୍ର

କିଛି ଫୁଲ ବାସ ମହାକାଏ ଏଠି
କିଛି ଫୁଲ ଥାଏ ତାଜା
କିଛି ଫୁଲ  ଶୋଭା ବିଭୂଙ୍କ ପାଖରେ
ଆଉ କିଛି ହୁଏ ସଜା  ।

ମୋ ଜୀବନ  ଏକ ଏମିତିକା ଫୁଲ
ନାହିଁତ ବାସନା ଏଠି
ଛୁଇଁ ପାରେନାହିଁ ଠାକୁର ଚରଣ
ଜାଗ ଯଜ୍ଞ ବା କୋଉଠି  ।

ବଞ୍ଚିବା ପାଇଁକି ସଂଗ୍ରାମ କରେ
ମନେ ମୁଁ ଗୁମୁରି ଗୁମୁରି
ଏ ଆଖିରୁ ଲୁହ ନିତି ଝରୁଥାଏ
ଭାଗ୍ୟକୁ ସୁମରି ସୁମରି  ।

କେଉଁ ପାପ ପାଇଁ ପାଇଥିଲି ଏଇ
ନରକ ଯନ୍ତ୍ରଣା ଜୀବନ
ଫୁଲ  ପରି  ମହାକାଇ ପାରୁନାହିଁ
କାହିଁକି ମୁଁ ମୋର ସପନ  ।

ଜୟଦେବବିହାର
ପୋଲିସ କଲୋନି
ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝରାଫୁଲ



ସ୍ୱାତୀସ୍ମିତା ବାରିକ

ଭାଗ୍ୟରେ ମୋର ନାହାନ୍ତି ହରି
ଧରା ରେ ଆଜି ମୁଁ ପଡ଼ିଛି ଝରି
ବଗିଚାରେ ମୋତେ ଦେଖିଲା ମାଳି
ବୁଝିଲା ନାହିଁ ସେ ମୋର ଅଳି
ନିଜେ ମୁଁ ଜାଣିନି ନିଜର ମୂଲ୍ୟ
ଲୋକଙ୍କ ମତରେ ମୁଁ ଝରାଫୁଲ ...........୧

ପ୍ରେମ ଭରା ସ୍ପର୍ଶ ଦେଲା ପ୍ରେମିକ
ହସଖୁସି କଲା ସିଏ ଅନେକ
ଯତ୍ନ ନେବ ବୋଲି ପ୍ରତିଶ୍ରୁତି ଦେଲା
ସମୟ ସ୍ରୋତରେ ସବୁ ଭୁଲିଗଲା
ନିଜେ ମୁଁ ଜାଣିନି ନିଜର ମୂଲ୍ୟ
ଲୋକଙ୍କ ମତରେ ମୁଁ ଝରାଫୁଲ ............୨

କେତେଯେ ଚୁମ୍ବନ ଦେଲା ଭ୍ରମର
ଲାଜରେ ମୁଁ ହେଉଥିଲି ଅଧିର
ମଧୁର ପାଶେ ଯେ ବନ୍ଧା ତା ଡୋରୀ
କେମିତି ଜାଣିବି କରୁଥିଲା ଚୋରି
ନିଜେ ମୁଁ ଜାଣିନି ନିଜର ମୂଲ୍ୟ
ଲୋକଙ୍କ ମତରେ ମୁଁ ଝରାଫୁଲ...........୩

ରାତିରେ ମୃତ୍ୟୁ ଦେଲା ମନ୍ତ୍ରଣା
ପାଉଥିଲି ମୁଁ ଯେ କେତେ ଯନ୍ତ୍ରଣା
ସ୍ୱାର୍ଥୀବିଶ୍ୱ ବୋଲି କହିଲା ଯମ
ପଚାରିବେ ନାହିଁ ନଥିଲେ କାମ
ନିଜେ ମୁଁ ଜାଣିନି ନିଜର ମୂଲ୍ୟ
ଲୋକଙ୍କ ମତରେ ମୁଁ ଝରାଫୁଲ ...........୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉତ୍ତପ୍ତ ବାୟୁ ରେ ଝରିପଡେ ଅଙ୍ଗ

ଅପସରି ଯାଏ ଜୀବନର ରଙ୍ଗ

କ୍ଷଣେ ମୁଁ ଚିନ୍ତିତ କ୍ଷଣେ ମୁଁ ଆଶ୍ଚର୍ଯ୍ୟ

ନାହିଁ କ'ଣ କିଛି ମୋ ଜୀବନେ ଲକ୍ଷ୍ୟ ?

ନିଜେ ମୁଁ ଜାଣିନି ନିଜର ମୂଲ୍ୟ

ଲୋକଙ୍କ ମତରେ ମୁଁ ଝରାଫୁଲ ।............୫

ସ୍ୱାତୀସ୍ମିତା ବାରିକ

ଅନୁପଲା, ତିର୍ତ୍ତୋଲ,

ଜଗତସିଂହପୁର, ୭୫୪୧୬୨

୭୭୩୫୦୫୦୪୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧନ୍ୟବାଦ



ରାମ ପ୍ରସାଦ ସିଂହ

କାହିଁ କରିବି ଅଭିମାନ,
ସବୁ ତ ପାଇଛି
ମିଳିଛି ଏଇ ଦୁର୍ଲଭ ଜୀବନ
ତଥାପି କାହିଁ ପାଇବା ଆଶା ?

ଅଜଣା ମୁହିଁ କି ରୂପ
ଗତ ଜନମେ ମୋର,
କୃପା ତୁମରି ଆଦରେ
ଏଇ ମଣିଷ ଜନମ ପୁଣ୍ୟର ।।

ଧନ୍ୟବାଦ ତୁମକୁ ଠାକୁରେ
ଅନ୍ତର ସହ କୋଟି କୋଟି,
ଧନ୍ୟ ହୋଇବ ଏଇ ଜୀବନ
ଯେବେ ତୁଣ୍ଡେ ତୁମ ନାମଟି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ନଉକାରେ



ଦୁଷ୍ମନ୍ତ ବେହେରା

ଜୀବନ ନଉକାରେ

ଜୀବନ ଭାସୁଛି

ଜୀବନର ଭାଗ୍ୟ

ନଉକାରେ

ଜୀବନର ଭାଗ୍ୟ

ବାସ୍ନା ଖୋଜୁଛି

ଜୀବନର ଭାଗ୍ୟ

ନଉକାରେ

ଜୀବନର ନଉକାରେ

ଜୀବନ ଜାତନା

ଜୀବନରେ ପାଏ

ଜୀବନର ଭାଗ୍ୟ

ଜାତନାରେ

ଜୀବନର ସୁଃଖ

ଦୁଃଖରେ ଭରିଲ

ଭରିଲ ଜୀବନେ ଦୁଃଖ

ଜୀବନର ନଉକାରେ

ମଣିଷ ଜୀବନରେ

ଦେହ ହାଡ ମାଂସ

ରକ୍ତରେ ଗଢିଲ

ମଣିଷ ଜୀବନେ

ଭରିଲ ଲୋହ

ଲୁହ ତ ଭରିଲ

କଷ୍ଟ ବି ଭରିଲ

ଭରିଲ ଜୀବନେ ଦୁଃଖ

ଜୀବନର ନଉକାରେ

ଦୁଃଖ ଭରି ତମେ

ପ୍ରେମ ଭରିଲ

ଭରିଲ ଜୀବନେ ସୁଃଖ

ଜୀବନ ନଉକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାସ୍ନା ଖୋଜୁଛି

ଜୀବନର ନଉକାରେ

ଜୀବନର ବିନ୍ଦୁ

ଶେଷ ବିନ୍ଦୁ ଯାଏ

ଖୋଜି ବୁଲୁଛି

ଜୀବନର ଆଲୋକ

ଜୀବନର ଆଲୋକ

ଲିଭିବା ଆଗରୁ

ଜୀବନ ବଞ୍ଚିବାକୁ

ଇଛା ହୁଏ

ଜୀବନର ନଉକାରେ

ଦୁଷ୍ମନ୍ତ ବେହେରା

ରାସୋଳ(ମୁଣ୍ଡିଆପଷି)

ଢେଙ୍କାନାଳ

ମୋ ନଂ-୯୯୩୭୬୫୨୫୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ



ଅରୁଣ କୁମାର ଦତ୍ତ

ସମ୍ପର୍କର ପରିଭାଷା ଅନେକ
ଅନେକ ମଧ୍ୟରେ ପୁଣି ଅଟଇ ଏକ ।
ଗୁରୁ ଶିଷ୍ୟ ସମ୍ପର୍କ ଯେଅଟଇ ଶ୍ରେଷ୍ଠ
ପରିବାରର ସମ୍ପର୍କ ଅଟଇ ଅତୁଟ ।।
ଗଢି ତୋଳେ କେତେ ଯେ ସେ ଆଶା ଓ ଭରଷା
ବୁଣି ଚାଲେ ସେ ବାଇ ଚଢେଇର ବସା ।।
ସମ୍ପର୍କ ଅଟଇ ଏକ ସୁକ୍ଷ୍ମ ସରୁ ସୂତା
କେବେ ଛିଣ୍ଡେ ନାହିଁ ଯେବେ ଥାଏ ମନୁଷ୍ୟତା ।।
ସାରା ସଂସାରେ ଯେତେ ଅଛନ୍ତି ପ୍ରାଣୀ
ସମସ୍ତେ ଚଳନ୍ତି ଆଗକୁ ସମ୍ପର୍କ କୁ ମଣି ।।
ସମ୍ପର୍କ କୁ ସଦା ଆମେ ମଣିବା ଈଶ୍ୱର
ତାକୁ ପାଥେୟ କରି ହେବା ଅଗ୍ରସର ।।
ରଥ ରୂପକ ସଂସାରେ ଅଟଇ ସେ ଡୋର,
ତା ବିନା ଯାଇ ପାରେନା ଆଗକୁ ସଂସାର ।।

ଯୋଗାଯୋଗ -7064808367
ମାଣିଆବନ୍ଧ, ବଡ଼ମ୍ବା କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ଅଲେଖ ମେହେର

ରାଗ- ଧନାଶ୍ରୀ

ଉତ୍ପତ୍ତି କାରିଣୀ ଜନନୀ ଭଗିନୀ ପ୍ରେମ ସ୍ନେହମୟୀ ଜାୟା,

କେତେବେଳେ କାଳୀ ରୂପେ ଦିଅ ଦଳି ସର୍ବ ସହା ମହାମାୟା ।

ନାରୀ ତୁମେ ମହାନ,

ଉତ୍ଥାନ ପତନ ର କାରଣ ।

ତୋ ପଣତ ତଳେ ସ୍ୱର୍ଗୀୟାନୁଭୂତି ଚିତ୍ତଥାଏ ଉତ୍‌ଫୁଲ୍ଲିତେ,

ଧୂଳି ଧୂଷରିତ ତନୁରେ ଉନ୍ମାଦ ପୋଛି ଦେଉ ଯେବେ ହାତେ ।

ମାତା କରୁଣା ଧାମ,

ବାତ୍ସଲ୍ୟ ସ୍ନେହ,ପ୍ରେମ ନିଷ୍କାମ ।

ମନେପଡେ ଆଜ ବାଲ୍ୟକାଳ କଥା ଅଝଟ କ୍ରନ୍ଦନ ରୋଳ,

ତୋ କୋଳ ସରଗେ ଉଠାଇ ସରାଗେ କରୁ କେତେ ଲାଡ ଗେଲ ।

ଶାନ୍ତ କରୁଣା ମୂର୍ତ୍ତି,

ଅଙ୍ଗେ ଭରୁଥିଲ କେତେ ସ୍ଫୁର୍ତ୍ତି ।

ଦୁହିତା ରୂପରେ ନିଃସ୍ୱାର୍ଥ ସେବାରେ ଜିଣି ସର୍ବ ମତିଗତି,

ତୁଳସୀ ଚଉଁରାମୂଳେ ସଂଜ୍ଞବତୀ ଜାଳି ମନାସୁ ପ୍ରଗତି ।

ଭଗ୍ନି  ଅମୂଲ ମୂଲ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୃଦ ଅଗଣାର ଦାମୀ ଫୁଲ ।

ପିତୃକୁଳ ମର୍ଯ୍ୟାଦା କରରେ ଧରି ହେଲେ କାହାଘର ବୋହୁ

କରୁଣା ସେବାକୁ ପାଥେୟ କରିଣ ସମସ୍ତଙ୍କ ମନ ମୋହୁ

ନାରୀ ଜଗତ ଜିତା,

ଯୁଗେ ଯୁଗେ ସେ ଅପରାଜିତା ।

ଦୁର୍ଗତି ନାଶିନୀ କରୁଣା ଦାୟିନୀ କେତେବେଳେ ମହାକାଳୀ,

ମହାଲକ୍ଷ୍ମୀ ରୂପେ ଅର୍ଣ୍ଣ ଦେଇ ମୁଖେ କ୍ଷୁଧା ତୃଷା ଦେଉ ଦଳି ।

କରୁଅଛି ନମନ,

ରସା ରାଇଜର ଭଗବାନ ।

ଅଲେଖ ମେହେର୍ ଯାଯାବର

ମୋ-୬୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାବାହୁ



ବାସନ୍ତୀଲତା ଜେନା

ବିଶ୍ୱ ବ୍ରହ୍ମାଣ୍ଡର ଆହେ ଅଧିପତି
କି ଗୁଣ ଗାଇବି ତୋର
ଯାହା ମୁଁ ଦେଖୁଛି ସବୁତ ତୁମର
କିଛି ନାହିଁ ପରା ମୋର ।୧।

ତୁମେ ପରଂବ୍ରହ୍ମ ତୁମେ ସନାତନ
ତୁମେ ହିଁ ଅଖିଳ ପତି
ତୁମେ ଅଧିଶ୍ୱର ମୋ ମନ ମନ୍ଦିର
ସତ୍ୟ କ୍ଷମା ଦୟା ଶାନ୍ତି ।୨।

ନୈଇବେଦ୍ୟ ମୋର କିଛି ନାହିଁ ପ୍ରଭୁ
ବିକଳେ ପ୍ରାର୍ଥନା କରେ
ଅନ୍ତରେ ଭକତି ଭର ପୁର ମୋର
ମନ କଥା ବୁଝ ବାରେ ।୩।

ଦାସିଆର ଭକ୍ତି ମୋ ପାଖରେ ନାହିଁ
ସାଲବେଗ ଭକ୍ତି ନାହିଁ
ବଳରାମ ଭକ୍ତି ନାହିଁ ମୋ ପାଖରେ
କି ଦେଇ ପୂଜିବି ମୁହିଁ ।୪।

ଦିନ ଦୁଃଖି ଅଟେ ତୋ ଭବ ସଂସାରେ
ଶ୍ରୀକ୍ଷେତ୍ର ନ ପାରେ ଯାଇ
ଧୂପ ଦୀପ ଜାଳେ ତୋର ନାମ ଧରି
କରୁଣା କରିବ ସାଇଁ ।୫।

ଚନ୍ଦନ ଘୁରୁଛି ଠାକୁର ଘରରେ
ବଢ଼ାଇଣ ନିଅ ହାତ
ଫୁଲ ତୁଳସୀରେ ନିତି ସଜାଉଛି
ମୁଁ ପରା ତୋର ଭକତ ।୬।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାଗ ହିଂସା ଘୃଣା ଦୂର କରି ଦିଅ

ଜଗତ କଲ୍ୟାଣ ପାଇ

ପ୍ରେମର ବାରତା ସଭିଙ୍କୁ ଦେବି ମୁଁ

ତୋର ଗୁଣ ଗାଇ ଗାଇ ।୭।

ମଙ୍ଗଳ ମୟ ହେ ମଙ୍ଗଳ କାରକ

ଅଧୀର ହୁଏ ମୋ ମନ

ତୋ ସୁନା ସଂସାରେ ଖୁସି ଭରି ଦିଅ

ଦୁଃଖ ହଟୁ ଚିର ଦିନ ।୮।

ସମସ୍ତଙ୍କ ପ୍ରାଣେ ପ୍ରେମ ଭରି ଦିଅ

ମିଥ୍ୟା ସ୍ୱାର୍ଥ ଦୂର ହେଉ

ଏ ପୂଣ୍ୟ ଜଗତେ ସ୍ୱର୍ଗର ସୁଷମା

ହେଉ ଥାଉ ମହାବାହୁ ।୯।

ସମସ୍ତଙ୍କ ମନ ଏକ ମନ ହେଉ

ନିଃସ୍ୱାର୍ଥର ସେବା କରି

ତୋର ନାମ ଜପି ଦିନ ବିତି ଯାଉ

ଏତିକି ସୁଦୟା ହରି ।୧୦।

ଅଧମ ସନ୍ତାନେ କ୍ଷମା କର ପ୍ରଭୁ

ଆଲୋକର ଜ୍ଞାନ ଦେଇ

ମନ ପ୍ରାଣ ମୋର ତବ ଶ୍ରୀଚରଣେ

ଦେଇ ଅଛି ପରା ଥୋଇ ।୧୧।

ଆହେ ମହାବାହୁ ଆରାଧ୍ୟ ଦେବତା

ଏତିକି କର କରୁଣା

ଯିବ ଯିବା ବେଳେ ଦରଶନ ଦେଇ

ଦେବ ମୋ ମୁକ୍ତି ପାଉଣା ।୧୨।

ବାସନ୍ତୀ ଲତା ଜେନା, ଗାନ୍ଧିନଗର, ନବରଙ୍ଗପୁର,

ପିନ କୋଡ଼ : ୭୬୪୦୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାହାନ୍ତି ଖରାବେଳ



ପୁଷ୍ପାଞ୍ଜଳୀ ପଣ୍ଡା

ବେଳେବେଳେ, କେବେ କେବେ
ଭାତଖିଆ ଛାଇଛାଇଆ ନିଦରେ
ପାହାନ୍ତିଆ ଖରାବେଳେ
ତୁମେ ବେଶିଜୋରରେ ନୁହଁ,
ଖୁବ୍ ଧୀରେଧୀରେ ଅକ୍ତିଆର କର
ମୁଦିହୋଇଆସୁଥିବା ଆଖିପତା ଓ ଘୁମେଇ
ପଡୁଥିବା ମୋ ଦୁଇ ଆଖି କୁ,
ମୁଁ କିଛିମିଠା ମିଠା ଶବ୍ଦଶୁଣେ
ସ୍ୱପ୍ନ ରେ,ନା ସତରେ !
ଫରକ ଧରାପଡେନି
ମନ ଠିକ୍ ଜାଣିପାରେ, ବୁଝିପାରେ ଫିସ୍ ଫିସ୍
କଥା
ମନ ସହ ମନର ସଂପର୍କ ହୋଇଛି ସାଇତା ।
ଏଠି ବି ଆଖି ବୁଜି ଦେଖିପାରେ
କିଏ ଜଣେ ନିଜର ଚୁପିଚୁପି
ଦେଖୁଥାଏ ମତେ ପ୍ରେମରେ.. !
ଇଛା ସବୁ ବେଗମତୀ ନଦୀ ସାଜେ,
ମନ ଦେହ ମାଜେ, ଚାହେଁ,
ମତେ ଆଉ ଟିକେ ଜଡେଇ ଧରନ୍ତୁ କି !
ଇସ୍ ....., ପରିତୃପ୍ତି ର ହସ ତମ ମୁହଁ ରେ
ମୋ ମୁହଁରେ ବି ।
ତୁମ ନିଶ୍ଚୟ ହସୁଛ ।
ଇଛା ମାନେ ଫଳବତି ହୁଅନ୍ତି
ପ୍ରେମ ଫୁଲ ପାଖୁଡା ମେଲି ଖୋଲି ଯାଏ ,
ଫୁଟୁଥାଏ, ମୋ ସ୍ୱପ୍ନ ଅଗଣାରେ । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତ୍ତାହୀନ ସତ୍ତ୍ୱେ, ସତ୍ତାହୀନ ହୋଇବି

ମୁଁ ଅଙ୍ଗସଙ୍ଗ ଲୋଡେ ଆହୁରି ।

ତୁମେ ନିଶ୍ଚୟ ଜାଣିଛ

ସେଇଥିପାଇଁ ତ ଏଯାଏ ଆବୋରି ବସିଛ ।

ସାଙ୍ଗହୋଇ, ଏକାତ୍ମ ହେବାର ମଜା ବି ନେଉଛ ।

ତୁମ ଆଖି, ଆଖିପତା,ପାଟି,ଓଠ,

ଦୃଷ୍ଟି,ଦୁଷ୍ଟାମୀ,ଆବେଗ,ଅନୁଭବ

ସବୁ ଅମାନିଆ ।

ଅକ୍ତିଆର ର ବାହାରେ ନାଚୁଥାନ୍ତି ।

ଏତେ ଅଝଟିଆ ସାଜନ୍ତି

ପାହାନ୍ତି ଖରାବେଳେ ଟାରେ ।

ତମେ ଆଗରୁ ଜାଣିଥିଲ କି !

ସେଇଥିପାଇଁ କି ସାଙ୍ଗରେ ନେଇ ଆସିଛ

ବେପଥୁ ସ୍ପନ୍ଦନ, ପ୍ରଖର ନିଶ୍ୱାସ

ଆଉପ୍ରଗାଢ ବିଶ୍ୱାସ ।

ଦେଖ,ଖରାବେଳ ସରିସରି ଆସୁଛି

ଖୁବ୍ ବେଶୀ ତାତି ନାହିଁ ଆଉ

ଡ଼ର କି ଭିତି ବି ନାହିଁ ଆଉ ।

ନା ଦେହରେ ନା ବାହାରେ ।

ଓଃ !ଏଇ କଣ ସେ ଖରାବେଳର

ମୁଗ୍ଧ ମୋହନ ମାୟା !

ଯିଏ ପାଲଟାଇ ଦିଏ କାୟା... !

ଛନ୍ଦ ଲୟର ତାଳ ନେଇ

ଜୀବନକୁ ସଙ୍ଗୀତର ମୂର୍ଚ୍ଛନାରେ

ପ୍ରାପ୍ତି ର କାମନାରେ

ଦଉଛି ସଜାଇ ! !

ଦେଖ ଏବେ ବି ପାଦ ଟଳମଳ

ଯଦିଓ ,ଏବେ ଧୁଧୁ ପାହାନ୍ତି ଖରାବେଳ ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର

ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟ ଏ ଭାରତବର୍ଷ



ମଧୁସ୍ମିତା ସେନାପତି

ମହାନ ଆମ ଏ ଭାରତବର୍ଷ
ଭେଦ ଭାବର ନଥାଏ ଏଠି ବାସ
ଆମ ଦେଶର ମାଟି ଯେ କେତେ ସରସ
ତାହା ପ୍ରମାଣ କରିଛି ଆମ ଏ ଦେଶ........ ! !

ଭାରତ ଯେ ସହନଶୀଳର ପ୍ରତିକଟିଏ
ବିଶ୍ୱାସରେ ସେ ମହାନ, ଉଦାରତାର ଲିପିଟିଏ
ଏ ତ ଭାରତମାତାର ମହାନତା
ଯେ ତ ଉଦାହରଣର ସୃଷ୍ଟି ଟିଏ......... !

ଆମ ଦେଶର ବୀର ପୁରୁଷ
ଆଙ୍କି ଯାଇଛନ୍ତି ନିଜ ରକ୍ତ ଟୋପରେ
ଭାରତମାତା ର ଅନେକ ଯଶ
ଏ ତ ଭାରତମାତାର ସନ୍ତାନ ଯେ ରଖିଛନ୍ତି ଜାରି ନିଜ ଅଭ୍ୟାସ..... ! !

ପୁରପଲ୍ଲୀ ରେ ଥାଏ ଏଠି
ପାରମ୍ପରାର ସେ ଅଦ୍ଭୁତ ଗାନ
ପିଠା ପଣାରେ ପୂର୍ଣ୍ଣ ଆମ ଏ ଦେଶ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ତ ଭାରତର ଅନନ୍ୟ ଅବଦାନ.......... ! !

ମିଳେ ନାହିଁ ଏଠି ଭେଦଭାବର ମନବୃତ୍ତି
ଏଠି ପ୍ରତ୍ୟେକ ନାଗରିକ ଭାରତ ର ଏକ ଅମୂଲ୍ୟ ସମ୍ପତ୍ତି
ନିସହାୟ କୁ ମିଳେ ଏଠି ଆଶାର ସଦଗତି
ଏଠି ଜାତି, ଧର୍ମ,ବର୍ଣ୍ଣ ଶେଷରେ ଥରେ ନାଗରିକତ୍ୱର ନୀତି......... ! !

ଗଣତନ୍ତ୍ର ନୀତିରେ ସୃଷ୍ଟି ଆମ ଏ ଦେଶ
ସାଉଁଟି ରଖିଛି ସେ ନିଜର ଅନେକ ଜଶ
ଜନମୀଛନ୍ତି ଏଠି କେତେ ଯେ ମହାପୁରୁଷ
ଯେ ଦେଇଛି ପ୍ରତ୍ୟେକ କ୍ଷଣ, ଭାରତକୁ କରିବା ପାଇଁ ବିକାଶ........... ! !

ମହାନ ଆମ ଏ ଭାରତବର୍ଷ
ଭୁଲ ନାହିଁ କେବେ ଭାରତମାତା ର ଆଶିଷ
ସର୍ବଦା ଆମେ ରଖି ଥାଅ ଭାରତମାତା ର ଯଶ
ଚେଷ୍ଟିତ ରୁହ ସର୍ବଦା, ଦେଶକୁ କରିବା ପାଇଁ ବେଶଷ .......... ! !

ସ୍ଥାନ- ଫୁଲନଖରା, କଟକ
ଫୋନ୍ ନଂ-୮୧୧୨୯୯୦୫୭୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂପର୍କ



ପ୍ରଶାନ୍ତ କୁମାର ମହାନ୍ତି

ସ୍ୱାର୍ଥପରତାର ଆଧୁନିକତା ଭିତରେ
ଖଣ୍ଡ ବିଖଣ୍ଡିତ ଆଜି ସମ୍ପର୍କର ରଜ୍ଜୁ
ନା ଅଛି ସଦଭାବନା, ନା ଅଛି କର୍ତ୍ତବ୍ୟର ମୋହ
ପରସ୍ପର ଭଲ ପାଇବାକୁ କବର ଦେଇ
କଳୁଷିତ ସମ୍ପର୍କ ଭରିଛି ଆଜି ଆଖିରେ ଆଖିଏ ଲୁହ...

ନିଜ ରକ୍ତ ଆଜିପରା ନୁହଁଇ ନିଜର
ଜନ୍ମକଲା ବାପାଟାକୁ ପୁତ୍ର କରେ ପର
ନିଜ ଦେହୁ ରକ୍ତ ଦେଇ ବଡ଼ କଲା ଯିଏ
"ଡାକମୁନ୍‌ସୀ" ସାଜି ପୁଅ ଇଂଲିଶି ଭୁଷା ଦିଏ
ଦଶମାସ ନିଜ ଅନ୍ତେ ରଖିଥିଲା ଯେଉଁ ମାଆ
ପୁଅ କହେ ଜାଗା ନାହିଁ, ବୃଦ୍ଧାଶ୍ରମେ ଯାଆ
ପ୍ରଶ୍ନ ମୋର ହେ ଶିକ୍ଷିତ ଆଧୁନିକ ନର
କେଉଁ ନାମ ଦିଆଯିବ ଏଇ ରକ୍ତ ସମ୍ପର୍କର ??.....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଣ୍ଟି ଛୁରୀ ସାଜି ତଣ୍ଟି କାଟେ ଆଜି ଭାଇ

ନିଜ ଲୋକ ନିଜ ପାଇଁ ଖୋଳୁଛନ୍ତି ଘାଇ

ଭାଇ ସାଜେ ଭାଇ ପାଇଁ ଆଜି ଯେ ବଇରୀ

ସମ୍ପର୍କଟା ମୂଲ୍ୟହୀନ କେହି ନୁହେଁ କାହାରି

ଗୁରୁ ଶିଷ୍ୟ ସମ୍ପର୍କ ଯେ କଳୁଷିତ ଆଜି

ଦେଶପାଇଁ ପ୍ରାଣଦେବାକୁ ସଭିଏଁ ଅରାଜି

ସମ୍ପର୍କ ର ପବିତ୍ରତା ଆଜି ଭୂଲୁଣ୍ଠିତ

ଦେହସୁଖ ଲାଗି ହୁଏ ପ୍ରେମ କଳଙ୍କିତ....

ସମ୍ପର୍କ ର ଗଭୀରତା ଆଜି ପାଣିଚିଆ

ଭାଇ, ବନ୍ଧୁ, ସ୍ନେହ, ପ୍ରେମ ଲୋକଦେଖାଣିଆ

ସ୍ୱାର୍ଥହୀନ ସମ୍ପର୍କ ଯେ ରହେ ଚିରନ୍ତନ

ଅତ୍ମୀୟତା ଭରିଥିଲେ ହୁଏ ମୂଲ୍ୟବାନ

ବିଶ୍ୱାସ, ଭରସା ସାଥେ ପ୍ରେମ ଯୋଡିଦେଇ

ସେ ସମ୍ପର୍କର ସୂତାକୁ କେ ପାରେନା ଛିଣ୍ଡେଇ

ଚିରସ୍ଥାୟୀ ରହେ ହୃଦନିଃସୃତ ସମ୍ପର୍କ

ମୂଲ୍ୟ ବୁଝି ମୂଲ୍ୟ ଦିଏ ଉପଯୁକ୍ତ ଲୋକ.....

କାକଟପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଇକବିତା ଧାର



ଆଶୁତୋଷ ମେହେର

## ପ୍ରଥମଧାର --ଚିଠି ଲେଖା

ଚିଠି ଲେଖିବାକୁ କଲମ ଡାଇରୀ
କାଢ଼ି ମୁଁ ରଖିଲି ସିନା
ଚିଠି ଲେଖା ହେଲେ ସେଇଠି ସରିଲା
ହୃଦୟ କରିଲା ମନା ।
ମନ ଭାଙ୍ଗି ଯିଏ ପର କରି ଗଲା
ଆପଣାର ରାହା ଧରି
ସ୍ମୃତି ସବୁ ହେଲା ଜଳି ଜଳି ଖାର
ମନେ ଅବଶୋଷ ଭରି ।
ଅବଶୋଷ କିଆଁ କରିବି ତା'ପାଇଁ
ଜୀବନ ଟା ସାତ ତାଳ
ଗହିର ଭାବର ନିଥର ପାଣି ସେ
ହାର ମାନି ଥାଏ କାଳ ।

## ଦ୍ୱିତୀୟଧାର----ବାଟ

ବାଟ କ'ଣ ରଖେ ବାଟୋଇ ଠିକଣା
ପରିଚୟ ଦୁଇ ଧାଡ଼ି
ପରଖି କି ଦେଖେ ବେଳ ଅବେଳରେ
ସ୍ମୃତିର ଶାମୁକା କାଢ଼ି ?
ଏଇ ବାଟେ ଗଲେ ଯେତେ ରାହା ଧରି
ନିଜର କାହାଣୀ ଲେଖି
କାହାର ବଳିଛି ସମୟ ହାତରେ
ତଉଲିବ ତା'ରେ ଦେଖି ।
ସ୍ମୃତି କରେ ନାହିଁ ଭାରି ଭାବ ଭରି
ପଥକୁ ତ ବାଟ ବଣା
ଅତି ଆପଣାର ସାଥୀ ଭାବେ ବାଟ
ହେଉଥାଏ ସଦା ଗଣା ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିକଶିତ ଭାରତ



ନିର୍ମଳ ଚନ୍ଦ୍ର ସ୍ୱାଇଁ

ଦିନ, ମାସ, ବର୍ଷ ବିତିଯେ ଗଲାଣି
ତ୍ରିରଙ୍ଗା ଉଡିବା ପରେ,
ସ୍ୱାଧୀନ ଭାରତ ନାଗରିକ ଭାବେ
ମନ ଉଡେ ସ୍ୱପ୍ନର ଧାରେ ।।

ସତ୍ୟ ମେବ ଜୟତେ ଦେଶର ଆଦର୍ଶ
ସତ୍ୟର ହୁଏ ଜୟ,
ଜନ ଗଣ ମନ ବନ୍ଦନା କରିଲେ
ମନ ପ୍ରାଣ ଆନନ୍ଦମୟ ।।

ଶିକ୍ଷା ଦୀକ୍ଷା ଆଜି ଜ୍ଞାନର ପରିଧି
ଏଠି ବିକଶିତ ପାଠଶାଳା,
ପାଠପଢା ସାଙ୍ଗେ ବୁଦ୍ଧିର ବିହଙ୍ଗେ
ଶିଖୁଛି ଅନେକ କଳା ।।

କେତେ ଯେ ଉନ୍ନତି ଅନେକ ପ୍ରଗତି
ସଫଳତାର ପାଦ ଚିହ୍ନ,
ବିଜ୍ଞାନ ମହାନ ତାର ଜୟଗାନ
ଆଣେ ବିଜୟର ସନ୍ଧାନ ।।

ସହରରୁ ଗ୍ରାମ ନଗରରୁ ଧାମ
ସବୁଠି ଜଳୁଛି ବିଜୁଳି ବତୀ,
ଆଲୋକର ମାଳ ହୋଇ ଜଳ ଜଳ
ସମାନ ହେଲାଣି ଦିନ ଆଉ ରାତି ।।

ଗମନା ଗମନ ହେଲାଣି ସୁଗମ
ଗାଁ କୁ ଲମ୍ବିଛି କଂକ୍ରିଟ ରାସ୍ତା,
ଜ୍ଞାନ କୌଶଳରେ ବିଜ୍ଞାନ ବଳରେ
ମଙ୍ଗଳ ଯାନରେ କରୁଛି ଯାତ୍ରା ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେତେ କୋଠା ବାଡ଼ି ଧାଡି କୁ ଧାଡି
ମୁଣ୍ଡ ଟେକି ଉଠିଲେଣି,
ବିକାଶର ପଥେ କେତେ ଶିଳ୍ପାଞ୍ଚଳ
ଅର୍ଥନୀତି ଗଡ଼ିଲେଣି ।।

ଦୂରସଂଚାରର ଜ୍ଞାନ ଗାରିମାରେ
ଆକାଶେ ଶବ୍ଦର ତରଙ୍ଗ,
କୋଶ କୋଶ ଦୂରୁ ଦରିୟାସେପାରିରୁ
ପ୍ରିୟା ସାଙ୍ଗେ ପ୍ରେମ ପ୍ରସଙ୍ଗ ।।

ଚାରିକାନ୍ଥ ଭିତରେ ଆବଦ୍ଧ ଅବଳା
ଆଜି ପୁରୁଷଙ୍କ ସମକକ୍ଷ,
କର୍ମକ୍ଷେତ୍ର ଠାରୁ ଚନ୍ଦ୍ରପୃଷ୍ଠ ଯାଏ
ନାରୀଶକ୍ତି ଆଭିମୁଖ୍ୟ ।।

ଓଲା ଠୁ ଉବେର ଫେସବୁକ କୋହର
ମୋର ଡିଜିଟାଲ ସାଙ୍ଗ ସାଥି,
ହ୍ୱାଟ୍ସସପ କଲ ରେ ପ୍ରିୟତମା ମୋର
ଦେଖାଉଛି ନାଲି ଆଖି ।।

ଉନ୍ନତିର ପଥେ ମୋ ଦେଶ ଜଗତେ
ସୁନାମ ଅର୍ଜିତ କରୁ,
ମାଟିରୁ ପାଣି ପବନ ଆକାଶେ
ସବୁଠି ବିଜୟ ପାଉ ।।

ସବୁଠି ଉଡୁ ତ୍ରିରଙ୍ଗା ର ବାନା
ଗାଇ ବିଜୟର ଗାନ,
ରକ୍ଷକ ସାଜିବା ଭାରତ ମାତା ର
ରଖିବା ତାହାର ମାନ ।।

ଅନନ୍ତପୁର, ସୋର, ବାଲେଶ୍ୱର
ମୋ : ୯୦୦୪୦୯୦୦୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଟବଲ୍



ଶୁଭକାନ୍ତ ସାହୁ

ମୁଁ ଏବେ ଗୋଟେ ଫୁଟବଲ

ମୋତେ ନେଇ ତୁମେ ଖେଳ

ତୁମ ପାଖକୁ ଗଲେ ପାଦେ ଠେଲ

ସମାବସ୍ଥା କରନ୍ତି ଆଉ ଦଳ

ମୋ କଥା ବୁଝିବାକୁ କାପଖେ ଅଛି ବେଳ ?

ନିଜ ହରା-ଜିଣା ନେଇ କର କଳିଗୋଳ

କିଏ ଜିତ ବା ହାର ମୋର କି ଯାଏ ? ?

ତୁମ ଖେଳ-ମୋ ପାଇଁ କାଳ !

ନିଜର ଅହଂ,ବଡିମା ଓ ବଳ

ପ୍ରଦର୍ଶନ କରିବାକୁ ଚାହିଁଛ ସକଳ

ଥରୁଟିଏ ଭାବିବାକୁ ନାହିଁ ତୁମ ବେଳ

ଏତେ ସଂଘାତ ସହିବାକୁ ଥିବକି ମୋ ବଳ !

ହେଲେ ମନେ ରଖ ଅହଙ୍କାରୀ ଦଳ !

ସର୍ବ ନିୟନ୍ତା ଦେଖନ୍ତି ସକଳ

ତାଙ୍କ ଠାଇଁ ଦିନେ ହେବ ମୋ ପରି ଫୁଟ

ବଲ୍

ତୁମ ରାଗ,ଦ୍ୱେଷ,ଘୃଣା, ଅହଙ୍କାର

ସବୁ ଅଚିରେ ହୋଇଯିବ ଗୋଲ୍

ମୋ ପରି ସେଦିନ ଭଜୁଥିବ ସକଳ

ହେ ଈଶ୍ୱର ! ମୋତେ ରକ୍ଷା କର ରକ୍ଷା କର ।

ଦେଉଳପଲ୍ଲୀ, କଳମ୍ବ, ପୋଲସରା, ଗଞ୍ଜାମ ।

ପିନ୍: ୭୬୧୧୦୫

ମୋ: ୯୮୬୧୭୩୨୨୫୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ମୃତ୍ୟୁ ଆଜି ତୁମେ ଖାଲିହାତ ଯାଅ



ସଂଯୁକ୍ତା ମହାପାତ୍ର

ହେ ମୃତ୍ୟୁ !
ଆଜି ତୁମେ ଫେରି ଯାଅ,
ଆଉ ଦିନେ ଆସିବ,
ମୋ ପ୍ରିୟ ସଙ୍ଗେ
ମୋତେ ଆଉ କିଛି ଦିନ ରହିବାକୁ ଦିଅ ।
କିଏ ଜାଣିଛି,
ଏ ସମୟ ଆଉ ଆସିବ କି ନାହିଁ,
କେତେ କଥା ବାକି ଅଛି,
କହିବାକୁ ଶୁଣିବାକୁ,
ସ୍ୱପ୍ନ କେତେ ବାକି ଅଛି,
ସାଥି ହୋଇ ଦେଖିବାକୁ,
ପଥ ଥିଲା ଅନେକ ଦୂର,
ସାଥେ ସାଥେ ଚାଲିବାକୁ ।
କିନ୍ତୁ,
କିଏ ଜାଣିଥିଲା, ଏଇମିତି
ଅଧା ବାଟେ ସଙ୍ଗ ତୁଟି ଯିବ ?

ହେ ମୃତ୍ୟୁ ସତେ କେତେ ନିଷ୍ଠୁର ତୁମେ,
ବୁଝ ନାହିଁ ଆମ କଥା,
ଆମ ନିବିଡତା, ଆମ ଅନ୍ତର ବ୍ୟଥା ।
ହେ ମୃତ୍ୟୁ ଏତେ ଅବୁଝା,
ଅମାନିଆ ଆଉ ହୁଅ ନାହିଁ,
ଆଜି ତୁମେ ଖାଲିହାତ ଫେରିଯାଅ
ପ୍ରିୟ ସାଥେ କିଛିଟା ମୁହୂର୍ତ୍ତ କିବା
ତୁମେ ପାରିବନି ଦେଇ ?

ହେ ସମୟ ରହି ଯାଅ ଥରେ,
ମୋ ପ୍ରିୟଙ୍କୁ ବୁଝାଇ ଦେବି,
ତାଙ୍କ ଆଖି ଲୁହ ପୋଛିବାକୁ
ମୋ ପଣତଯେ ଥିବ ନାହିଁ ଆଉ,
ଲୁହ ନଢାଳିବାକୁ ଆଖିକୁ ତାଙ୍କର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟିକିଏ ବୁଝେଇ ଦେବି ।

ଖେଳ ଭାଙ୍ଗି ଗଲି ବୋଲି

ଅଭିମାନ କରିବେନି କେବେ ।

ମୋତେ ତ ଯିବାକୁ ହେବ,

ସଙ୍ଗ ଥିଲା ଏତିକି ସମୟ,

କିଛି ପ୍ରିତି, କିଛି ସ୍ମୃତି ଦେଇଯିବି

ପ୍ରିୟତମଙ୍କୁ, ପୋଛି ନେବି ଲୁହ,

ଆଉ ଦିନେ ଆସିବ ହେ ମୃତ୍ୟୁ

ଆଜି ତୁମେ ଖାଲି ହାତ ଯାଅ ।

ମାର୍ଫତ- ବିନୟ ମହାପାତ୍ର, ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଗାଆଁ ବାଉରୀ ପଧାନ



ବିନୟ କୁମାର ପତି

ପିଜୁଳି ତୋଳିବାକୁ
ମୁଁ ଯେବେ ଆଙ୍କୁଡି ସଜାଡୁଥିଲି
ଆମ ଗାଁ ବାଉରୀ ପଧାନ
ଟିକିଏ ହସି ଦେଇ କହିଲା ,
"ବାବୁ, ସେମିତି ହୁଏନା"  ।
ମନେ ମନେ ଭାବୁଥିଲି,
ସେ ଜାଣିନି,ମୁଁ ଯେ ପଢିଛି,
ମାର୍କ୍ସ ,ହୋବ୍‌ସ, ରୂସୋ ଆଦି
ମହାନ ଦାର୍ଶନିକ ତତ୍ତ୍ୱ,
ଇତିହାସ, ଅର୍ଥନୀତି, ମନସ୍ତତ୍ତ୍ୱ
ପଢିଛି ଅନେକ ରାଜନୀତି ଶାସ୍ତ୍ର  -
ହେଲେ, ଆଜି ଆବିଷ୍କାର କଲି,
ବାଉରୀର
ସରଳତାର ଗାମ୍ଭିରତା,
ଆଉ ତାର ଗମ୍ଭିରତା ଭିତରେ
ଲୁଚିଥିବା ତାର ସରଳତାକୁ  ।
ଗର୍ବ ଗାମ୍ଭିର୍ଯ୍ୟର ମୁଖାତଳେ
ଲୁଚି ରହିଥିବା ମୋ ଚରମ ମୁର୍ଖତାକୁ  ।

ସେ ଜୀବନକୁ ଜିଇଁଛି ଖୁବ୍ ନିକଟରୁ
ସେ ପଢିଛି
ପ୍ରକୃତିର ଜଟିଳ ସରଞ୍ଜନାକୁ,
ଦରିଦ୍ରତା ର ମାନବୀୟ  ସମ୍ବେଦନତାକୁ
ବନ୍ଧୁର ସୌହାର୍ଦ୍ୟକୁ
ଆଉ ସାହି ଭାଇ ଆତ୍ମୀୟତାକୁ .
ସେ କହିଲା,
"ବାବୁ, ପିଲାଦିନେ,
ପ୍ରତିଥର କବାଡି ଖେଳରେ
ମୁଁ ସିନା ଜିତି ଯାଉଥିଲି,
ହେଲେ ଜୀବନ ଯୁଦ୍ଧରେ ତୁମେ ଜିତିଗଲ  ।
ହେଲେ, ସେ ଜାଣିନି
ମୁଁ କିନ୍ତୁ ଆଜି ଜିତିକି ବି ହାରିଗଲି
ଆଉ ସେ ହାରିକି ବି ମୋତେ ଜିତିଗଲା  !

ଡିଏନ୍ ଅକ୍ସି ପାର୍କ୍, ଡୁମୁଡୁମା, ଭୁବନେଶ୍ୱର, ୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ



ଅନନ୍ତ କୁମାର ସାହୁ

ରାତିରେ ଅନ୍ଧାରେ ଫୁଟେ ଯେ ସେଇ,
ଦିନରେ ସାରା ସଂସାରକୁ ଦିଏ ମହକାଇ,
କେତେବେଳେ ଯାଏ ମନ୍ଦିରକୁ,
କେତେବେଳେ ଯାଏ ମଶାଣୀକୁ,
ଯଣା  ନ ଥାଏ କାହାରିକୁ,
କେତେବେଳେ ପ୍ରେମି ମାନଙ୍କ ହାତରେ ,
କେତେବେଳେ ପୁଣି ପ୍ରଜାପତି ତା ଉପରେ,
ସମସ୍ତଙ୍କୁ ହସ ଦେଇ,
ଶେଷରେ  ନିଜେ ମଉଳଇ,

ଅନନ୍ତ କୁମାର ସାହୁ, ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୁବ ମଜା



କାହ୍ନୁଚରଣ ସାହୁ

ଏକାଏକା ବଞ୍ଚିବା
ସତରେ ଖୁବ ମଜା
କେବେ ନିଜେ ନିଜେ ହିଁ
ଅଭିନୟ କରିବାକୁ ହୁଏ
କେବେ ପ୍ରେମିକ ତ
ଆଉ କେବେ ପ୍ରେମିକା ରୂପେ !

ନା ଥାଏ କାହା ଆଖିରେ ଲୁହ
ନା ଓଠରୁ ଉଛୁଳୁ ଥାଏ ଛାତିର କୋହ
ବାସ୍ ! ଗୋଟେ ଖୁସିରେ
ୟୁଟ୍ୟୁବ ଭିଡିଓର କେବେ ବିରହ
କେବେ ରୋମାଣ୍ଟିକ ନିଶାରେ
ଏକାଏକା ହିଁ ଅଙ୍ଗେ ନିଭେଇବାକୁ ହୁଏ ସବୁ !

କେବେ ଫ୍ରାଙ୍କ ଭିଡିଓ ହସାଏ
ମୋଟିଭେସନାଲ ଭିଡିଓ ନୂଆ ଏକ ଉଦ୍ଦୀପନା
ଅନ୍ତରରେ ଭରି ଦେଇ ଆଖିରୁ
ନିରାଶାର ଧାରେ ସ୍ରୋତ ଝରେଇ ଦିଏ
ବାସ୍ ମଜା ହିଁ ତ ମଜା !!

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ମୋ: ୮୨୪୯୫୨୦୮୮୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଦଳିବ ଆମ ସମୟ



ରୋଜାଲୀନ ପଣ୍ଡା

ବିନା ଭକତେ ଗଲ  ମାଉସୀ ମା ଘର ବୋଲି
କରିନାହିଁ ଅଭିମାନ ଜମା
ଆର ବରଷ କୁ ଜମେଇ ଦେବା ଯାତରା
	କୋଳାହଳ ପୁଣି ଦୋକାନ
	ବଜାର ଆସରା.......

ଦେଖାଗଲେ ନାହିଁ ତୁମ ସବୁ ଦାସ
	ଟାଣିଲେ ନାହିଁ ତୁମ
	ତାଳଧ୍ୱଜ,ଦେବଦଳନ
ନନ୍ଦିଘୋଷ  ....

କର ନାହିଁ ହେ ପ୍ରଭୁ ଅବଶୋଷ
ତୁମ ଆଶିଷେ ଏ ମହାମାରୀ ହେଲେ ଶେଷ
	ଆସନ୍ତା  ଥରକୁ ପୂର୍ଣ୍ଣ ହେବ
	ଆମର ତୁମ୍ଭର ଅଭିଳାଷ........

ଯାତରା ନାହିଁ, ଚହଳ ନାହିଁ,ଶବଦ ନାହିଁ
	ତୁମ ଚକା ନୟନେ
	ଥରୁଟିଏ ଦିଅ ଚାହିଁ
	ଚାଲିଯିବ ଏ ସଙ୍କଟ
	ଉଭେଇବ କରୋନା ର ଉତ୍ପାତ......

ଏ ଦୁର୍ଦ୍ଦଶା ବେଳ ଗଲେ ଟଳି
	ବାଜିବ ଶଙ୍ଖ ,ଶୁଭିବ ପୁଣି
	ମା ମାଉସୀ ଙ୍କ ହୁଳହୁଳି .......
ଓ
କରୋନା ର ହେବ ପରାଜୟ
	ପରମ୍ପରା ର ହେବ ବିଜୟ
	ତୁମ ଆଶୀର୍ବାଦ ଘେନି
	ସାହସେ ଆମ ହେବ ବିଜୟ  ......

ନହେଉ ଏଥର ଭେଟଘାଟ
	ତୁମ ସାଥେ ଆମର
		ବଦଳିବ ପରିସ୍ଥିତି
			ବଦଳିବ ଏଇ ସମୟ........

ପାରଳାଖେମୁଣ୍ଡି, ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଲାଦିନ ସ୍ମୃତି



ରାମଚନ୍ଦ୍ର ପ୍ରଧାନ

ପିଲାଦିନ ସ୍ମୃତି ମନେ ପଡିଗଲେ
ଆନମନା ହୁଏ ମନ
ଯେତେ ଭାବିଲେ ବି ଫେରେନାହିଁ ଆଉ
ପଛକଥା ପଛଦିନ ।
ଅଛି ଏ ଆକାଶ ଅଛି ତାଳବଣ
ନାହିଁ ମୋ ସେ ପିଲାବେଳେ
ତଥାପି ଯେବେ ମୁଁ ଯାଏ ତୋଟାମାଳେ
ମନେପଡେ ସାଙ୍ଗମେଳ ।
କେତେ ବୁଲୁଥିଲୁ କୋଳି ଖାଉଥିଲୁ
ବଣ ପାହାଡକୁ ଯାଇ
ଥଟ୍ଟାମଜା କରି କଳି କରୁଥିଲୁ
କଣ୍ଢେଇ ଖେଳକୁ ନେଇ ।
ସବୁ ମନେ ଅଛି ଭୁଲିନି ସେଦିନ
ସ୍ମୃତିର ସେ ଧୂଳିଘର
ରଜଦୋଳି ଖେଳ ମେଳା ମଉଛବ
ଥିଲା ମୋ ଭାରି ଆଦର ।
ହେ ଅତୀତ ତୁମେ କାହିଁ ଚାଲିଗଲ
ଫେରିଆସ ଫେରିଆସ
ପିଲାଦିନ ସ୍ମୃତି ମନେ ଭରି ଦେଇ
ମୁହଁରେ ଖେଳାଅ ହସ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ :୯୮୬୧୬୩୮୭୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଛ ପ୍ରେମ



ସୌଭାଗ୍ୟବତୀ ଗିରି

ଗରିବ ମୁଁ ଥିଲି ମିଛ ପ୍ରେମ କରି
ଝିଅ ଫସେଇଲି ବଡଲୋକିଆ
ସେଇଦିନ ଠାରୁ ସବୁଦିନ ପାଇଁ
ବଦଳିଗଲା ତ ମୋର ହୁଲିଆ
ସହରର ସବୁ ବ୍ରାଣ୍ଡେଡ୍ ଦୋକାନେ
ତା ସାଥେ ଯାଇ ମୁଁ ପାଦ ଥାପିଲି
ପ୍ରେମିକା ଟଙ୍କାରେ ମନ ଭରି କରି
କେତେ ନୂଆନୂଆ ଡ୍ରେସ୍ କିଣିଲି
ଆଜି ଏ ହୋଟେଲ୍ କାଲି ରେଷ୍ଟୁରାଣ୍ଟ
ଖାଦ୍ୟ ଖାଇଲି ମୁଁ କେତେ ବଢିଆ
ଏମିତି ଅୟସ୍ କରିଲି ମୁଁ ସତେ
କରି ନ ଥିଲେ ମୋ ବଡବଡୁଆ

ବ୍ରେକଫାଷ୍ଟ ଠୁ ଆରମ୍ଭ କରିକି
ଲଞ୍ଚ୍ ସାଥିରେ ପୁଣି ଡିନର
କଲେଜ୍ ଫିସ୍ ଟଙ୍କା ବି ଭରିଲା
ନ ହୋଇ ଟିକେହେଁ ସିଏ କାତର
ନିଜେ ଖର୍ଚ୍ଚ କଲି କିଛି ବଳେଇଲି
ଦେଲି ନେଇ ପୁଣି ଘରଲୋକଙ୍କୁ
ଏମିତି ପ୍ରେମିକା ସମସ୍ତଙ୍କୁ ମିଳୁ
ମୁଣ୍ଡିଆ ମାରିଲି ମହାବାହୁଙ୍କୁ

ପଟାମୁଣ୍ଡାଇ, କେନ୍ଦ୍ରାପଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟିର ମଣିଷ



ଫିରୋଜ କୁମାର ପଟେଲ

ମାଟି ସାଙ୍ଗରେ ମାଟି ହୋଇ
ଉଲଗ୍ନ ଦେହରେ
ସେ ସହିପରେ
ଖରା ବର୍ଷା ଶୀତ
ଦରଭଙ୍ଗା ମାଟି କାନ୍ଥ
ଚାଳ ଛପର ଘରୁ ବାହାରି
ସେ ଗାଇ ପାରେ
ମେଘ ର ସଙ୍ଗୀତ ।

ନିଜ ପେଟ ର ଭୋକ କୁ ଜାଳି
ସେ ଜାଳି ପାରେ
ଅନେକ ଘରର ଚୁଲୀ
ହାଡଭଙ୍ଗା ପରିଶ୍ରମ ଦେଇ
ପଥର ର ସହରରେ ବି
ସେ ଇଛି ପାରେ
ବାସ ମହମହ ମଲ୍ଲୀ ।

ମାଟି କୁ ଚନ୍ଦନ କରି
କଂକ୍ରିଟ ସଭ୍ୟତାରେ ଗାର ଦେଇ
ସେ ଏକା ଲେଖି ପାରେ
ତା ଦୁର୍ଭାଗ୍ୟର ଇତିହାସ
ମାଲ ମାଲ ବଡଲୋକ
ବଡବାବୁ ର ଦୁନିଆଁ ରେ
ମାଟି କୁ ମାଁ କହୁଥିବା
ସେହି ଏକା ମାଟିର ମଣିଷ ।

ଅବନକେଲା,ସୁନ୍ଦରଗଡ଼-୧୯
ଅଧ୍ୟାପକ ,ପ୍ରୟାସ ଡିଗ୍ରୀ କଲେଜ, ସୁନ୍ଦରଗଡ
ମୋ-୯୭୭୭୬୩୨୩୩୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର କୋଣାର୍କ



ପ୍ରଶାନ୍ତ କୁମାର ପ୍ରଧାନ

ପ୍ରେମ  କୋଣାର୍କରେ  ଲାଗିଲା ଶିଉଳି
ହୋଇଗଲା ଜରାଜୀର୍ଣ୍ଣ
ହୃଦୟରୁ ମୋତେ ଫିଙ୍ଗିଦେଇ ଯେବେ
ସାଜିଲ   ହୃଦୟହୀନ  ।।
ବାରଶ   ବଢ଼େଇ   ଗଢ଼ିଥିଲେ   ସିନା
କୋଣାର୍କ ସୂର୍ଯ୍ୟ ମନ୍ଦିର
ଲହୁଲୁହ  ସାଥେ  ଏକା   ତୋଳିଥିଲି
କୋଣାର୍କଟିଏ ପ୍ରେମର  ।।
ସାଇତିଥିଲି   ଗୋ   ପ୍ରତିମୂର୍ତ୍ତି   ତୁମ
ଏ ଦେହ କୋଣାରକରେ
ତୁମରି   ସ୍ପର୍ଶରେ   ପ୍ରଥମ   କିରଣ
ପଡୁଥିଲା ମୋ ଛାତିରେ ।।

ନିଜେ ସାଜି ତୁମେ କଳାପାହାଡ଼ତେ
ରଚିଲ  ବିଲୟ  ସାଥି
ଆବଦ୍ଧ କୋଠରୀ ଭିତରେ ଏକା ମୁଁ
କାଟେ ଏବେ ଦିନରାତି ।।
କି ଲାଭ ପାଇଲ ଖେଳିଲ ମୋ ସାଥେ
ପ୍ରେମ ଖେଳ ଲୁଚକାଳି
ଫେରି ଚାହିଁଲନି ଦେହସାରା ମୋର
ଛଳନାର ରଙ୍ଗବୋଳି  ।।
କ୍ଷତାକ୍ତ  ହୋଇ  ମୁଁ  ତଥାପି  ବଞ୍ଚିଛି
ସ୍ମୃତିକୁ  ସାଉଁଟି  ରଖି
ଦେହ  ଦେଉଳକୁ   ନିତି   ଭିଜାଉଛି
ଶ୍ରାବଣ ସାଜି ଏ ଆଖି ।।

ପ୍ରଶାନ୍ତ କୁମାର ପଧାନ, ବୁରୋମୁଣ୍ଡା,
ଗାଇସିଲାଟ, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ବିଦ୍ରୋହ



ସୁମନ କଲ୍ୟାଣ ଦାଶ

ଜାଣିଛି ମୋର ବି ଅଧିକାର ଅଛି

ଆବାସ ଗୃହରେ

ମାଗଣା ଶିକ୍ଷାରେ

ମାଗଣା ସ୍ୱାସ୍ଥ୍ୟରେ

କିନ୍ତୁ ମୁଁ ବିରୋଧ କରେନି

ଯଦିଓ ବଞ୍ଚିତ ଏ ସବୁଥିରେ ।

ଏହା ବି ଜାଣିଛି ଯେ

ମୋ ପରିଶ୍ରମର ମୂଲ୍ୟ ଅଛି

ନିର୍ଦ୍ଧାରିତ ଓ ବାଧ୍ୟତାମୂଳକ

ମାତ୍ର କେବେ ଦାବି କରିନି

କାରଣ ମୁଁ ଅବୋଧ ଶ୍ରମିକ ।

ହେଲେ ବିଦ୍ରୋହ କେମିତି କରିବି

ଯେତେବେଳେ ମୋ ମାଲିକ ମଧ୍ୟ

ବିଦ୍ରୋହ କରୁଛି ମୁକ୍ତି ପାଇଁ,

କେବେ ସ୍ୱାସ୍ଥ୍ୟ ପାଇଁ ତ

କେବେ ଅଧିକ ଐଶ୍ୱର୍ଯ୍ୟ ପାଇଁ ।

ସମସ୍ତେ ବିଦ୍ରୋହି ଏଠି

ଭିନ୍ନ ଭିନ୍ନ ଆଶା ପାଇଁ

ମୁଁ କିନ୍ତୁ ଖୁସ୍ ଏଠି

ମୋ ସୀମିତ ବିଦ୍ରୋହ ସହ

ଓ ଏକ ଚିନ୍ତା ମୁକ୍ତ ନିଦ ପାଇଁ ।।

ସୁମନ କଲ୍ୟାଣ ଦାଶ
କୁଚିପାଲି, ବରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପରିବର୍ତ୍ତନ



କୃଷ୍ଣଚନ୍ଦ୍ର ଡାକୁଆ

ପୃଥିବୀଟା ଆଜି ଲୁହରେ ଭିଜୁଚି
କରିଥିଲେ କିଏ କାହିଁ ପାପ
ଅଜଣା ରୋଗରେ-
ସ୍ତବ୍ଧ ଆଜି ମଣିଷ ସମାଜ
ମହି ହୁଏ ଥରହର

ପିଲା ଦିନେ ଶୁଣିଥିଲେ ଆମେ
ପୃଥିବୀ କ୍ଷଣ କ୍ଷଣକେ ଆନ
ଆଜି ତାହା ବିଶ୍ୱାସ ହେଉଛି
ଏ ସମୟ ତାଣ୍ଡବ ରଚୁଚି ଦେଖ

ଈଶ୍ୱରଙ୍କ ସୃଷ୍ଟିରେ
ଈଶ୍ୱର ଗଢିଥିଲେ ଦିନେ ପୃଥିବୀ ପୃଷ୍ଠକୁ
ସୁନ୍ଦର ସବୁଜମୟ
ହିଂସ୍ର ମଣିଷ ନାରଖାର କଲା
ପୃଥିବୀ ପୃଷ୍ଠକୁ ଗଢିଲା
ଦୁର୍ଗନ୍ଧ ଆବର୍ଜନା ପ୍ରଦୂଷିତମୟ

ଆଗଭଳି ପୃଥିବୀ ପୃଷ୍ଠଟା
ଆଜି ଆଉ ନାହିଁ
ବଦଳି ଗଲାଣି ରୂପ ରଙ୍ଗ ତାର
ଶ୍ରେଷ୍ଠ ଯିବ ବୋଲି ମଣିଷ ସମାଜ
ଦିନ ଦି'ପହରେ ବୃକ୍ଷ ଲତା କାଟି
ସୁନ୍ଦର ଭୂମିକୁ ଟାଙ୍ଗରା କରୁଛି ଦେଖ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୃକ୍ଷ ଲତା ଆମ ଶତ୍ରୁ ନୁହେଁ ଭାଇ

ଦେଉଛି ସେ ବିନା ମୂଲେ ଅନେକ ସମ୍ପଦ

ବିନା କାରଣରେ ତାକୁ ହତ୍ୟା କରିବା ନାହିଁ

ଆଜି ଆମେ ଚିତ୍ତ ମନେ ନେବା ଶପଥ

ଜଙ୍ଗଲ ଯିବ ଜନ୍ତୁ କଥା ନ'କହିଲେ ଭଲ

ଭୋଗୁଛନ୍ତି ସିଏ ବୃକ୍ଷ ଲତା ଭଳି ସମଦଶା

ଅକାରଣେ ମୃତ ଘଟୁଅଛି ତାଙ୍କ ଜୀବନ୍ତ ଶରୀର

ରାକ୍ଷସ ମଣିଷ ବନାଉଛି ଦେଖ ଭୋଜି ଭାତ ଆସର

ଶୁଦ୍ଧ ପବିତ୍ରତା ମନେ ଭାଇ

ସଭିଏଁ ଟିକେ ବିଚରା କର

ଆମ ପାଇଁ କ'ଣ ଭଲହେବ

ବେଳ ଥାଉ ଥାଉ

ଏବେ ଉଦ୍ୟମ ଆରମ୍ଭ କର

ହଁ ଏବେ ଉଦ୍ୟମ ଆରମ୍ଭ କର........ ! !

କରଚୁଲି(ବୁଗୁଡ଼ା)ଗଞ୍ଜାମ

ପିନ୍ ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶଙ୍କାରେ ଜୀବନ



ପବିତ୍ର ଦାସ

କ'ଣ କରି ନ ଦେଲା ଏ ସମୟ !
ଏଠି ସେଠି ସବୁଠି, ଯେଉଁଠି ଦେଖ
ଭୟରେ ବାତାବରଣ ମଧ୍ୟରେ
ବଞ୍ଚିବାକୁ ହୁଏ, ତମାମ ଜୀବନ ।।୧।।

ଗାଁ ଠୁ ସହର, ଆଉ ସହରଠୁ ଗଡ଼ଜାତ
ଭଲ ଲୋକ, ମନ୍ଦଲୋକ, ଧନୀ, ନିର୍ଦ୍ଧନ
ସବୁ ଆଜି ଭୋଗୁଛନ୍ତି,ଜୁଝୁଛନ୍ତି
ବିଶ୍ୱତମାମ, ମହାମାରୀ ଜ୍ୱାଳା କରୋନାର ।।୨।।

ସବୁଠି ଲକଡାଉନ,ସଟଡାଉନ
ତାଲାବନ୍ଦର ଘୋଷଣା ଭିତରେ ଚାଲିଛି
କୋଭିଡ-୧୯ର ସଂକ୍ରମଣ, ଆକ୍ରାନ୍ତ
ଆଉ ମୃତ୍ୟୁର ଡେଲି ଡେଲି ହିସାବ ।।୩।।

କେଉଁଠି ବଢିଛି ତ, କେଉଁଠି କମିଛି
ଲୁଚାଛପା ହାରଜିତରେ, ପ୍ରତିଦିନ ଚାଲୁଅଛି
ରାଜ୍ୟରେ, ନୂଆ ନୂଆ ଉପାୟରେ
ମହାମାରୀ କରୋନାର ନିୟନ୍ତ୍ରଣ ।।୪।।

ତଥାପି ମନରୁ ହଟୁନାହିଁ, କି ଟଳୁନାହିଁ
ଏଇ ପୃଥିବୀରେ, ମହାବିପତ୍ତିର ଗନ୍ଧ;
ଦିନୁଦିନ ବଢ଼ିଚାଲିଛି, ମନରେ ଆତଙ୍କ
ଦେହରେ ଅବସାଦ ଆଉ ଭୟର ମିଶ୍ରଣ ।।୫।।

ଦ୍ୱନ୍ଦ ଆଉ ଆଶଙ୍କାରେ,ଜୀଉଛନ୍ତି
ପୃଥିବୀର ସମଗ୍ର ମନୁଷ୍ୟ;
ନା ଅଛି ଧନ ପ୍ରତି ଲୋଭ,ନା ଅଛି ମୋହ
ମରିବାଟା ସାର ଏଠି; ବଞ୍ଚିବା ରହସ୍ୟ ।।୬।।

ଗବେଷକ,ରେଭେନ୍ସା ବିଶ୍ୱବିଦ୍ୟାଳୟ
କଟକ
ମୋ-୭୦୦୮୪୮୯୭୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୈନିକ ମୁଁ ସୀମାନ୍ତଯୋଦ୍ଧା



ହାସ୍ୟମୟୀ ରାଜ

ଦେଶ ରକ୍ଷା ଲାଗି କରିଛି ମୁଁ ପଣ
ମୁଁ ସୀମାନ୍ତ ସୈନିକ ଯୋଦ୍ଧା
କର୍ତ୍ତବ୍ୟ ମୋ ପାଇଁ ସବୁଠାରୁ ବଡ
ମାନେ ନାହିଁ କେବେ ବାଧା ।।

ମୋ ମାଟି ମାଆର ସ୍ୱାଭିମାନ ରକ୍ଷା
କରିବାକୁ ଆଗଭର
ସେବାରେ ଢାଳିଛି ଜୀବନକୁ ଯହିଁ
ରହି ସଦା ଉଜାଗର ।।

ଯବାନ ମୁଁ ବୀର ନୁଆଁଏନି ଶିର
ଶତ୍ରୁ ଆଗରେ କେବେ
ମରିବା ମାରିବା ଧର୍ମ ମୋହର
ହଟେନି କା ପରାଭବେ ।।

ଗୁଳି ଗୋଳା ଆଉ ବନ୍ଧୁକ ମୁନକୁ
କରିଛି ମୁଁ ଆପଣାର
ଖରା ବର୍ଷା ଶୀତ ଖାତିର କରେନା
ଥାଏ ସଦା ହୁସିଆର୍ ।।

ମୋ ଦେଶ ମୋ ପାଇଁ ପୂଣ୍ୟ ତୀର୍ଥଭୂମି
ପୂଜୁଛି ସଦା ଅନ୍ତରେ
କରୁଛି ତାହାର ଚରଣ ବନ୍ଦନ
ସେବୁଛି ମୁଁ ନିରନ୍ତରେ. ।।

ନିଜ ସ୍ୱାର୍ଥ ପାଇଁ ଜୀବନ ମୋ ନୁହେଁ
ଜାଗ୍ରତ ମୁଁ ଦେଶପାଇଁ
ତା ପାଇଁ ଯୁଝୁଛି ସୀମାନ୍ତରେ ରହି
ଦିନ ନାହିଁ ରାତି ନାହିଁ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନକୁ ମୋର ଲୋଟାଇ ଦେବି ମୁଁ
ପ୍ରିୟ ମାତୃଭୂମି ପାଇଁ
ଶତ୍ରୁକୁ ରୋଧିବି ଯଶ ରଖିଯିବି
ଲକ୍ଷରେ ସ୍ଥିର ରହି ।

ଏ ମାଟି ମୋ ପାଇଁ ସରଗଠୁ ବଢ
ମୁଁ ଯୋଦ୍ଧା ସୈନିକ ଚିର
ପଛଘୁଞ୍ଚା ମୋର ଜତକରେ ନାହିଁ
ସୀମାନ୍ତ ମୋ ସହଚର ।।

ମୋ ଦେହର ଯଦି ଶେଷ ରକ୍ତ ବିନ୍ଦୁ
ତୋଳେ ବିଜୟର ସ୍ୱର
ସେଇ ହେବ ମୋର ପୂଣ୍ୟ ପରିଚୟ
ଯବାନ ମୁଁ ଯୋଦ୍ଧା ବୀର ।।

ସହିଦ୍ ହୁଏ ମୁଁ ମାଆ ମାଟି ପାଇଁ
ସାର୍ଥକ ହେଉ ଜୀବନ
ଇତିହାସ ଲେଖୁ ପ୍ରତି ରକ୍ତବିନ୍ଦୁ
କରୁ ଶତ୍ରୁକୁ ନିଧନ ।।

*ଓରାଳି, ହାଟଡିହି, କେନ୍ଦୁଝର ।*

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମ ଆଗମନେ



ସମ୍ୟଜିତ ପାତ୍ର

ତୁମ ଆଗମନରେ
ଧରା ଶ୍ୟାମଳ ରଂଗେ ହୁଏ ସୁଶୋଭିତା,
ପୁଣି ତୁମ ଅନୁପସ୍ଥିତିରେ
ମନ ହୁଏ ପରିତ୍ୟକ୍ତା ।
ପତିତ ଉଦ୍ଧାର ପାଇଁ ତୁମେ
ଶ୍ରୀମନ୍ଦିର ବାହାର ହୁଅ
ନନ୍ଦିଘୋଷ ରଥେ ବସି
ଭକ୍ତକୁ ଦରଶନ ଦିଅ ।
ତୁମ ଆଗମନରେ
ଚଣ୍ଡାଳୁ ବ୍ରାହ୍ମଣଯାଏ ହୁଅନ୍ତି ବ୍ୟତିବ୍ୟସ୍ତ
ଜଗତ ଜନଙ୍କ ଉଦ୍ଧାର ପାଇଁ
ପ୍ରଭୁଙ୍କ ଆଜ୍ଞା ହେଉଥାଏ ମନସ୍ଥ ।

ପ୍ରଭୁ ତୁମ ଆଗମନରେ ଏ ପିଣ୍ଡରେ ଯେ ପରାଣ ଆସିଲା
ରଥଯାତ୍ରା ବନ୍ଦ କଥା ଶୁଣି ଏ ଜୀବନ ଅଣନିଃଶ୍ୱାସୀ ହୋଇ ପଡିଲା
ତଥାପି ଭକତ ମନକଥା ଜାଣି
ଆସିଲ ତ ବଡ଼ଦାଣ୍ଡକୁ,
ବଡ଼ଦାଣ୍ଡରେ ପତିତପାବନ ରୂପ ଦେଖି
ଖୁସିରେ ଆତ୍ମହରା କଲ ଏ ଅଜ୍ଞାନକୁ ।

ଗ୍ରାମ/ପୋଷ୍ଟ-ଗଡିଆ
ଜିଲ୍ଲା-ମୟୂରଭଂଜ
ପିନ-୭୫୭୦୨୩

Magazine Downloaded from www.aahwaan.com

# ହଁ ତୁମେ ମୋର ବନ୍ଧୁ



କ୍ଷୀରସିନ୍ଧୁ ନାଏକ

ସେହି ପାହାନ୍ତିଆ ସକାଳ
ସୂର୍ଯ୍ୟର ଆଗମନ ସମୟ ।
ପ୍ରତିଦିନର ସେହି ରାସ୍ତା,
ସେହି ବରଗଛ ,
ଠିକ୍ ସେହି ସମୟ ।

ସେହି ଗଛମୂଳରେ ଗାଲରେ
ହାତଦେଇ ଚିନ୍ତାମଗ୍ନରେ
ଅନ୍ୟମନସ୍କ ହୋଇ ବସିଛି ।

ଚିରିଙ୍ଗ୍ ଚିରିଙ୍ଗ୍ ଶବ୍ଦର
ସମାହାରରେ,
ଦେଖିଲି ପକ୍ଷୀ ଟିଏ ।

ତାର ସେହି ଦୁଇ ନୟନ
ସତେ ଯେମିତି ମୋତେ ଅନେଇଛି ।

ସତରେ ଯେମିତି କହୁଛି
ଚିନ୍ତାକର ନହିଁ ।
ଯାହା ହେଇଛି ଭଲ ହେଇଛି ,
ଯାହା ହେଉଛି ଭଲ ହେଉଛି,
ଆଉ ଆଗକୁ ଭଲ ହେବ ।

ମାତ୍ର ଏତିକି କହୁଛି କର୍ମରେ ଧ୍ୟାନ ଦିଅ
ବନ୍ଧୁ, ଧ୍ୟାନ ଦିଅ ।

ସତେ ଅବା ତାର ଚିରିଙ୍ଗ୍
ଚିରିଙ୍ଗ୍ ଶବ୍ଦରେ କହୁଛି ,
ମୋତେ ଚିହ୍ନି ପାରୁନୁ
ମୁଁ ତୋର ପୁନର୍ଜନ୍ମର ବନ୍ଧୁ ।
ଚିରିଙ୍ଗ୍ ଚିରିଙ୍ଗ୍ ଶବ୍ଦରେ ପୁଣି ଚେତେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହୁଛି ,

ତୋ କର୍ମଫଳରେ ତୋରାସ୍ତାରେ ।

ମୋ କର୍ମ ଫଳରେ ମୋ ରାସ୍ତାରେ ।

ଚିରିଙ୍ଗ୍ ଚିରିଙ୍ଗ୍ ଶବ୍ଦ କରି

ପୁଣି ନିଜ କର୍ମରେ ଲିପ୍ତ ହୋଇଛି ।

ବାସ୍ତବରେ ପକ୍ଷୀ ରୂପରେ

ତୁମେହି ମୋର ବନ୍ଧୁ ।

+୨(କଳା)

ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,

ବେହେରା, କଳାହାଣ୍ଡି (ଓଡ଼ିଶା)

ପିନ୍ - ୭୬୬୧୦୩ ମୋବାଇଲ ନୋମ୍ବର୍ - ୮୨୬୦୩୪୮୫୬୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଦାଦନ ଶ୍ରମିକ କହୁଛି



ଦେବାଶିଷ ପଧାନ

୧. ଭୋକିଲା ପେଟରେ ଲଙ୍ଗଳା ପାଦରେ ରାଜରାସ୍ତାରେ ମୁଁ ଚାଲିଛି !
ଆଖିର ଲୁହକୁ ଓଠରେ ପିଇମୁଁ ମୋ ଭୋକକୁ କବର ଦେଇଛି !!
ମୁଁ ଦାଦନ ଶ୍ରମିକ କହୁଛି (୧)

୨. ଯୋଉ ଭୋକ ମତେଦାଦନ କରିଲା ସେ ଭୋକ ଭିଟାମାଟିକୁ ଠେଲୁଛି !
ଭୋକ ଭୂଗୋଳରେ ମୁଁ ବିସ୍ତାରି ବିସ୍ତାରି ପେଟେ ପଇନ୍ତରା ମାରୁଛି !!
ମୁଁ ଦାଦନ ଶ୍ରମିକ କହୁଛି (୨)

୩. କୋରନା ଦୁର୍ଦ୍ଦିନ ଅସହାୟ କରି ଜୀବିକା ଛଡାଇ ନେଇଛି !
ନାଦୁଃଖ କମୁଛି ନା ବାଟସରୁଛି ଆଖି ମୋବତୁରି କାନ୍ଦୁଛି !!
ମୁଁ ଦାଦନ ଶ୍ରମିକ କହୁଛି (୩)

୪. ଆକାଶ କଇଁଆ ଚିଲିକା ମାଛ ସରକାରୀ ଯୋଜନା ସାଜିଛି !
ରେଳଗଡିଲେ କି ଉଡ଼ାଜାହାଜ ଉଡିଲେ ମୋକଥା ବା କିଏ ଭାବୁଛି !!
ମୁଁ ପରା ଦାଦନ ଶ୍ରମିକ କହୁଛି (୪)

୫. ଭୋକର ଭାରକୁ ଉଦରରେ ବୋହି କଷ୍ଟରେ ଗଣ୍ଠିଲି ବୋହୁଛି !
କାହାକୁ କହିବି କିଏବା ଶୁଣିବ ଆଜି ଆହାରେ ପାହାଡ ପଡିଛି !!
ମୁଁ ଦାଦନ ଶ୍ରମିକ କହୁଛି (୫)

୬. ମୋ ଅସହାୟ ଚିତ୍ର ଟିଭିରେ ଦେଖିକି ଚୁଲି ମୁହେଁ ସ୍ତ୍ରୀ ମୋର କାନ୍ଦୁଛି !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଣିପାଇଁ ଅଭିଯୋଗ କରିବାରୁ ମୋ ଚଉଦ ପୁରୁଷ ଦାଦନ ବୋଲି ବିଡ଼ିଓ ମତେ କହୁଛି !!

ମୁଁ ଦାଦନ ଶ୍ରମିକ କହୁଛି (୬)

୭. ମୋ ପାଇଁ ଯୋଜନା ଯୋଜନ ଦୂରରେ ପାଦମୋର ବୁଝିସାରିଛି !

ଦରପୋଡା ଉଠେ ଲୁଣଭର୍ତ୍ତି ଲୁହ ତଥାପି ଆଗକୁ ଚାଲିଛି !!

ମୁଁ ଦାଦନ ଶ୍ରମିକ କହୁଛି (୭)

୮. ଜୀବନ ଜଞ୍ଜାଳ ଜାଳିଜାଳି ମତେ ମନ ମୋ ନିରବି ଯାଇଛି !

ଖୋଲା ଆକାଶରେ ତାରକା ମେଳରେ ଜହ୍ନବି ତାସଲ୍ୟ କରୁଛି !!

ମୁଁ ଦାଦନ ଶ୍ରମିକ କହୁଛି (୮)

୯. କେ ଦେଖିଛ କୁହ ସୁନାର ଭାରତ ମୁଁ ରାଜରାସ୍ତାରେ ଭାରତ ଦେଖୁଛି !

କୋରନା ଦୁର୍ଦ୍ଦିନ ମୁଁଯେ ପ୍ରବାସୀ ଦାଦନ ଏଠିମୋକଥା କିଏ ବା ଶୁଣୁଛି !!

ଆଜ୍ଞା ମୁଁ ପରା ଦାଦନ ଶ୍ରମିକ କହୁଛି (୯)

ଗ୍ରା/ପୋ-ରିନବଚନ

ବ୍ଲକ-ଆଗଲପୁର

ଜିଲ୍ଲା-ବଲାଙ୍ଗୀର

ପିନ୍-767022

ମୋବାଇଲ-9178360631

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ



କୁମରଲାଲ ରଣା

କୁମ୍ଭାର ପୁଅରେ
କଥାଟି  ଶୁଣରେ
ଦେଉଛି ତୋତେ ଆହ୍ୱାନ ।
ତୋର ଅଜା ଦାଦୀ
ଥିଲେ କାରିଗର
ଦେଶକୁ କଲେ ସୁବର୍ଣ୍ଣ ।
କୁମ୍ଭହାଣ୍ଡି ଗଢ଼ି
ଦେଉଛନ୍ତି ସିନା
ଛପନ ଭୋଗ ତିଅଣ ।
ଏହି ଭୋଗେ ପ୍ରଭୁ
ସନ୍ତୋଷ ଲଭନ୍ତି
ହରି କୁମ୍ଭାର କଷଣ ।
ଦେଲେ ସୁରସେନ
ଚକ୍ର ମହାପ୍ରଭୁ
କୁମ୍ଭାର ହାତେ ଅରପି ।
କୁରାଲ ଚକ୍ରଯେ
ନାମଟି ପାଇଲା
କଳସ ଗଢ଼ିଲେ ଜପି ।
ଧନ୍ୟ ମହାପ୍ରଭୁ
ତୁମରି ଲୀଳାଟି
ଜଗତରେ ଲଭ ସାର ।
ତୁମ ବିନୁ ପ୍ରଭୁ
କେ ଅଛି ଜଗତେ
କହ ହେବି ମୁଁ କାହାର ।
ଆହ୍ୱାନ ଦେଉଛି
କୁମ୍ଭାର ବୃତ୍ତିର
କାର୍ଯ୍ୟ ବେଗେ ସିଦ୍ଧକର ।
ହେଉ ଜଗତର
କୌଳିକ ବୃତ୍ତିର ସଫଳ ସାର ସଂସାର ।

ଗ୍ରାମ-ମହୁଆଭଟା, ନୂଆପଡ଼ା
ଜିଲ୍ଲା-ନୂଆପଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ



ଶରତ କୁମାର ନାଏକ

ଆହ୍ୱାନ ଦେଉଛି ଦେଶ ମାତୃକା ଆଜି
ହେବାକୁ ବୀର ସୈନିକ,
କରି ଶତ୍ରୁ ଜୟ ନ କରି ତିଳେ ଭୟ
ରଖିବା ଦେଶର ଟେକ ।।

ଆହ୍ୱାନ ଦେଉଛି ସମୟ ଦେବତା
ଚାଇନା ବସ୍ତୁ କର ବର୍ଜନ,
ସ୍ୱଦେଶୀ ବ୍ୟବହାର ବିଦେଶୀ ବହିଷ୍କାର
ତୁଣ୍ଡେ ଥାଉ ଦେଶର ଜୟଗାନ ।।

ଆହ୍ୱାନ ଦେଉଛି ଏକତାର ରଜ୍ଜୁ
ହୋଇ ସବୁ ଭାରତୀୟ ଏକ,
ହାରିବ କୋରୋନା ହଜିବ ତା ଠିକଣା
ଆମେ ମାନିବା ସବୁ ନିୟମ ଯାକ ।।

ଆହ୍ୱାନ ଦେଉଛି ମାନବିକତା ଆଜି
ନାରୀଙ୍କୁ ଦିଅରେ ସମ୍ମାନ,
ନୁହେଁ ଅବଳା ସେ ନୁହେଁ ଦୁର୍ବଳା
ଦେବୀ ରୂପେ ଜାଣେ ଜଗତଜନ ।।

ଆହ୍ୱାନ ଦେଉଛି କଲମରୂପୀ ଦୂତ
ଅନ୍ୟାୟ ବିରୁଦ୍ଧେ କରିବାକୁ ବିପ୍ଳବ,
ତା'ର ତୀକ୍ଷ୍ଣ ମୁନ କରେ ଜଗତ୍ ପରିବର୍ତ୍ତନ
ପ୍ରକାଶି ହୃଦୟ ଭାବ ।।

ଆହ୍ୱାନ ସବୁକୁ ସ୍ୱୀକାର କରି ଆମେ
କରିବା ମଙ୍ଗଳ କାର୍ଯ୍ୟ,
ଆସିବ ସେ ଦିନ ଜୀବନ ହେବ କ୍ଷୀଣ
ମୃତ୍ୟୁକୁ ନ ଥିବ ଧୈର୍ଯ୍ୟ ।।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା,
କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୀର ସଂଗ୍ରାମୀ



ଲୀଳାମୟ ଶତପଥୀ

ଗୋଳା ବାରୁଦକୁ ନକରି ଭୟ
ସତ୍ୟ ଅହିଂସା ମାର୍ଗେ
ନିଜ ଜୀବନକୁ ଉତ୍ସର୍ଗ କରି ହସି
ଚଢ଼ିଲେ ଫାଶୀ ଫାନ୍ଦେ (୧)

ବିକ୍ଷୋଭ କରି ସହିଦ ହେଲେ
ନୁଆଇଁ ଲେ ନାହିଁ ମଥା
ତିଳ ତିଳ କରି ରକତ ଢାଳି
ଆଣିଥିଲେ ସ୍ୱାଧୀନତା (୨)

କେହି ନୁହଁ ଆମ ସ୍ୱାଧୀନ ସଂଗ୍ରାମୀ,
ବୀର ଦର୍ପର ପ୍ରତୀକ ଜାଣ
ନିର୍ଭୀକ ଭାବେ ବଳିଦାନ ଦେଇ
ପେଶିଲେ ଅହିଂସା ବାଣ (୩)

ଆଜିବି ଲଢେ ଆମ ଯବାନ, ସିଂହ ସମାନ
ବୋର୍ଡର ପାଖେ ଯାଇ
ହିମ ବୀର ଯେ ଆମ ଯବାନ
ଅଗ୍ନି ତେଜ ସମାନ ସେହି (୪)

ତ୍ରିରଙ୍ଗା ତଳେ ପ୍ରଣତି ଢାଳି
କାମନା କରେ ଆଶିଷ
ଗଢିତୋଳ ମୋତେ ବୀର ଯବାନ
ରଖିବି ଦେଶର ଯଶ (୫)

ଭାରତ ମା'ର ଗୌରବ ନହେବ ବଖାଣି
ନାହିଁ ଜମା ତାର ଶେଷ
ତାର ଗାରିମା ଆଜି ପ୍ରସାର ସର୍ବତ୍ର
କରେ ନମନ ସାରା ବିଶ୍ୱ (୬)

ଠିକଣା:- ଗ୍ରା- କାନ୍ଥିସାହି, ଅରଣ୍ଡୁଆ
ବାସୁଦେବପୁର, ଭଦ୍ରକ
ପିନ ନ -୭୫୬୧୨୫
ଦୁରଭାଷ : ୮୯୧୭୩୮୫୭୨୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ନୂଆ ଏକ ସମ୍ପର୍କ



ବିଶ୍ୱରଞ୍ଜନ ଦାସ

ସମ୍ପର୍କର ହଜାରେ ଆଖି ଜାଣେ
ଆକାଶ ପରି
ସମ୍ପର୍କର ହଜାରେ ଗୋଡ ଜାଣେ
ବରଗଛ ପରି
ଦଦରା ପଣତ ଆମ ସମ୍ପର୍କରେ କିନ୍ତୁ
ସିଲେଇବାକୁ ଆଉ ଶକ୍ତି ନାହିଁ ମୋର
ଅବିଶ୍ୱାସ ଚାଦରରେ ଢାଙ୍କି ହେଇଛି ଯାହା
ପରସ୍ତ ପରସ୍ତ କରି,
ତମ ପ୍ରତିଶ୍ରୁତି ର ବହଳ ପେଚ୍
ଆଉ କାମ ଦେବନି ବୋଧେ ମୁଁ ଭାବେ ।

ଯୋଗାଡ଼ କରିନିଅ ଆଉ ହାତେ
ନୁଆଁ ସମ୍ପର୍କର ଅଚିରା କନା
ମୂଳରୁ ସଯତ୍ନେ ଭରିବ ପ୍ରେମମୟ ଛୁଆଁ,
ସାଇତି ରଖିବ
ତମ ଓଠର କଉ ଅଦୃଶ୍ୟ କୋଣରେ,
ଲେଖିଦିଅ
ନୁଆଁ ଏକ ସମ୍ପର୍କର ଅୟମାରମ୍ଭର ଗପ,
ହେଲେ ମନେ ରଖ
ସେ ଗପ ର ଶୀର୍ଷକରେ ନ ରହିବା ଭଲ
ଆମ ମଲା ସମ୍ପର୍କର କିଛିବି ଶବ୍ଦ ।।

ଉଫୁଲା, ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୮୧୧୫୯୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କର ପରିଭାଷା



ଭାସ୍କର ଚନ୍ଦ୍ର ଖଣ୍ଡା

ବନ୍ଧା ସେତ ଅଦୃଶ୍ୟ ରଜ୍ଜୁରେ
ହୁଏ ନାହିଁ କରି ତାକୁ ସ୍ପର୍ଶ
ଭାବନାର ଜୁଆର ଦେଇ
ପଢାଯାଏ ତାକୁ
ସେ ତ ପରା ହୃଦୟର ଭାଷା ।୧ ।

ପାଇ ତିକ୍ତତା ଆଉ ମଧୁରତାର ପରଶ
ବଢେ ସେ ଆଗକୁ
ଜୀବନର ଛନ୍ଦରେ ଆଣେ ସେ ବସନ୍ତ
ଶୁଭେ କୋଇଲିର କୁହୁ କୁହୁ ସ୍ୱର
ଆହା ସେ ଅନ୍ତର୍ଧ୍ୱନିର କି ମଧୁର ତାନ ।୨ ।

ବାନ୍ଧି ହୋଇ ସେ ବନ୍ଧନରେ
ମାନଭଂଗ ପାଇଁ ଚାହିଁଥାଏ ପ୍ରିୟା
ସତେ ଅବା ସ୍ୱାଦ ଚାଖି ରସଗୋଲାର
କରନ୍ତି ଉନ୍ମୁକ୍ତ ସେଇ ସମ୍ପର୍କର ଦ୍ୱାର
ଜଗତର ଠାକୁରାଣୀ
ଜଗତର ନାଥ ଜଗନ୍ନାଥଙ୍କ ପାଇଁ
ନୈସର୍ଗିକତାର ସ୍ରୋତରେ ପ୍ରବାହିତ
ତା'ର ସେଇ କୁଳୁକୁଳୁ ନାଦ

ମାନବୀୟ ଲୀଳାର ଠାଣି
ଦିଏ ବାନ୍ଧି ହୃଦୟରେ ବସା
ଇଚ୍ଛା ହୁଏ ରଖିବାକୁ ସାଇତି
ସମ୍ପର୍କର ମଧୁର ସ୍ୱାଦକୁ
ଚିର ଦିନ ପାଇଁ ।୩ ।

ଭୁଲିଯାଇ ସବୁ ରାଗ ରୋଷ
ବନ୍ଧୁର ମାନ ଅଭିମାନ
କରିଥାଏ ଭାବନାର ଉଦ୍ରେକ
ଫେଲାଇ ଦେଇ ସେଇ ସ୍ୱାଗତର ହାତ
ଶୁଣିବାକୁ ବସନ୍ତର ମଧୁର ସଂଗୀତ
ଆପଣାଇ ଥାଏ ତାକୁ
କେତେବେଳେ ପଢିଥାଏ
ପ୍ରିୟା ଆଖିର ଅକୁହା ଭାଷା
ଯା ନାମ "ସମ୍ପର୍କର ପରିଭାଷା" ।୪ ।

ରୋଡ ନଂ ୩, ଜଗନ୍ନାଥ ନଗର
ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବୁଝା ମନ



ସୁବ୍ରତ କୁମାର ଗିରି

ନଇ ପାଣି ଶେଷେ ନଇକି ଗଲା
ତୋ ସିଲଟଟା ଶୁଖିଗଲା,
ମୋ ମନ ସିଲଟ ତୋ' ସ୍ମୃତିରେ ଭରା
ଓଦାଥିଲା  ଓଦା ରହିଗଲା....... !

ହେଲା ବର୍ଷା ହେଲା ଘଡ଼ଘଡ଼ି
ତଥାପି ତୋ' ରଥ ଗଲାରେ ଗଡ଼ି,
ମୋ ହାତରେ ପରା ପଡ଼ିଥିଲା  ବେଡି
ପାରିଲିନି ଜଗା ତୋ ରଥ ଭିଡ଼ି........ !

ତୁ ଦାଣ୍ଡେ ବୁଲି ପାଇଗଲୁ ମଜା
ମୁଁ  ଘରକୋଣେ ବସି ପାଉଅଛି ମଜା,
ତୋ ଓଠରେ ହସ ମୋ ଓଠେ ତୋ ନାମ
ଦୁଇ ଆଖି ମୋର ଲୋତକରେ ଭିଜା........ !

ଏଇ ବରଷରେ ନ ହେଲା ନାହିଁ
ତୋ ରୂପ ଭାବି ଗଲି ତୁନି ହୋଇ,
କରିବୁନି ଆଉ ବରଷେ ଏମିତି
ମୁଁ ତୋ ଭକ୍ତ ସୁବ୍ରତ ଗିରି.......... !

କନିଷ୍ଠ ଶିକ୍ଷକ
ମୋ - ୭୮୯୪୮୦୩୩୧୯
ତଳାପାତି, ଅଶନା, ମୟୂରଭଞ୍ଜ - ୭୫୭୦୩୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଣି ବର୍ଷା



ଦିଲିପ୍ କୁମାର
ତ୍ରିପାଠୀ

ପୁଣି ବର୍ଷା !

କିଛି କୁହନି ଆଉ ,

ମୁଁ ଜାଣିଛି ,

ସ୍ଥିର ସମୁଦ୍ରର ଭିତିରି କଥା

ଅନାବଶ୍ୟକ ନୀରବତାର

ଅସଲ ପରିଚୟ ,ବୁଝିଛି

ଧୀର ପାଣି କାହିଁକି ପଥର କାଟେ ?

ତଥାପି ଯଦି, କହିବ କହିବ ବୋଲି ଭାବୁଛ

ତେବେ କହିଦିଅ , ହାଲ୍କା କର ନିଜକୁ

ଢାଳି ଦିଅ, ସାରା ଅକାଶଟା ର ବର୍ଷା

ଗୋଟିଏ କ୍ଷଣରେ ,

କାଟି ଦିଅ ସମ୍ପର୍କର ଖିଅ ପଦିଏ ନା' ରେ ।

ଆଉ ପଛେଇ ପଛେଇ ଚାଲନି,

ଏବେ ପଛ କରି ଦୌଡି ପାର !

ମିଶିଯାଇ ପାର ବଢୁଥିବା ଭିଡ ଭିତରେ

ମୋ କଥା ଭାବୁଛ କି ? ଭାବନି !

ମୋ ଅପଲକ ଦୃଷ୍ଟି ତ ସେଇମିତି ରହିଥିବ

ତୁମେ ଧୀରେ ଧୀରେ ଅଦୃଶ୍ୟ ହେଇ,

ବିନ୍ଦୁ ଟିଏ ହବାଯାଏ ।

ଢେଙ୍କାନାଳ, ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ

ଇ-ମେଲ୍ ଠିକଣା:dkt.writer@gmail.com

ଦୂରଭାଷ:୯୭୭୮୧୦୬୧୦୫/୯୯୧୬୦୬୫୮୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ସାଥୀ



ରାଜୁ କୁମାର ପାତ୍ର

ତୁମେ ଜହ୍ନ ତାରା ଆଣିଦିଅ ବୋଲି
କେବେ ତ ଜିଦ୍ କରିନି
ହେଲେ ଯେବେ କାମରୁ ଫେରିବ
ମୁହେଁ ତୁମ ଖୁସିର ଫୁଆରା ଟିକେ
ଭରିକି ଆସି ତ ପାରିବ ।।

ମନଭରି ଅହରହ ପ୍ରେମ କରିବାକୁ
କେବେ ତ କହିନି ତୁମକୁ
ହେଲେ ଥରୁଟିଏ ପ୍ରେମ ତୀର
ହୃଦୟରେ ମୋର ମାରି ତ ପାରିବ ।।

ତୁମେ ମୋତେ ପସନ୍ଦ କର ବୋଲି
କେବେ ତ ବାଧ୍ୟ କରିନି
ହେଲେ କଣ ସବୁ ପସନ୍ଦ କର
ଥରୁଟିଏ ତ କହିପାରିବ ।।

ମୋ ଭୁଲ ପାଇଁ ଦଣ୍ଡିତ କରିବନି ବୋଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବେ ତ କହିନି
ଦଣ୍ଡ ଦେବା ଆଗରୁ
ଥରେ ମୋ କଥା ତ ଶୁଣି ପାରିବ ।।

ଜନ୍ମ ଦିନରେ ମୋର
ଦାମୀ ଉପହାର ଦିଅ ବୋଲି
କେବେ ତ ଅଭିମାନ କରିନି
ହେଲେ ତୁମ ପ୍ରେମ ସାଗରରେ
ଥରୁଟିଏ ତ ବୁଡ଼େଇ ପାରିବ ।।

ପଞ୍ଚ ତାରକା ହୋଟେଲ ର
ସୁସ୍ୱାଦୁ ଭୋଜନ ଲୋଡ଼ା ବୋଲି
କେବେ ତ କହିନି
ହେଲେ ଭଲ ପାଇବାର
ବାସି ପଖାଳ ମୁଠେ
ଦେଇ ତ ପାରିବ ।।

କାମରେ ସାହାଯ୍ୟ କର ବୋଲି
କେବେ ତ କହିନି
ହେଲେ ଦିନସାରା କାମର ଯନ୍ତ୍ରଣା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନୁଭବ ଟିକେ ତ କରିପାରିବ । ।

ପ୍ରେମଭରା ସମ୍ବୋଧନରେ ଡାକିବାକୁ
ମୋତେ କେବେ ତ କହିନି
ହେଲେ ଥରୁଟିଏ ହୃଦୟରୁ
ଡାକି ତ ପାରିବ । ।

ତୁମର ସବୁ କଥା କହିବାକୁ
କେବେ ତ କହିନି
ହେଲେ ମୋର କେଉଁ କଥା
ତୁମ ଛାତିରେ ଦାଗ ଦିଏ
ତାହା ତ କହିପାରିବ । ।

ମୋ ଅସ୍ଥିକୁ ପବିତ୍ର ଗଙ୍ଗା ଜଳରେ
ବିସର୍ଜନ କରିବାକୁ କେବେ ତ କହିନି
ହେଲେ ସାତ ଜନ୍ମର ସାଥି ହେବାପାଇଁ
ଥରୁଟିଏ ତ କଥା ଦେଇ ପାରିବ । ।

ଭରସୁଜା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ମୋର ପରିଚୟ



ନେପାଳ କୁମାର ବେହେରା

କେହି !
ପଚାର ନା ଆଉ
ତମେ କ'ଣ କର ବୋଲି,
ମାଗନାହିଁ ପରିଚୟ ମୋର,

ପଚାର ନା,
କ'ଣ କର ?
କେମିତି  କଟୁଛି ଦିନ ?
ସ୍ୱପ୍ନ ତବ କ'ଣ ବୋଲି
ମାର ନାହିଁ ପ୍ରଶ୍ନବାଣ ?
ଅଛନ୍ତି କି କେହି ଆପଣାର
ସେକଥା ବି ପଚାରନା ଆଉ ।

ମୁଁ ଯେ ଅର୍ଦ୍ଧ ପାଗଳଟାଏ
ଭାବନାରେ ବୁଡିରହେ
ସଞ୍ଜରୁ ସକାଳ ଯାଏଁ
ପୁଣି ସକାଳରୁ ସଞ୍ଜ ।

ଖୋଲା ଡାଏରୀରେ ଆଙ୍କିବସେ
ଯାହାସବୁ ଭାବନାର ଚିତ୍ର
କଲମର ସାହାରା ନେଇ । ।

ବାସ୍  !
ଏଇତ ମୋର ପରିଚୟ ,
ଏଇତ ମୋ ନିତ୍ୟକର୍ମ
ମୋ ସ୍ୱପ୍ନବି ଏଇ
ଇଏ ହିଁ ତ
ମୋ ନିଜର
ଆଉ ଆପଣାର । । । ।

ଭ୍ରାମ୍ୟଭାଷ : ୮୧୪୪୧୮୧୫୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ହସରେ



ଅଜୟ୍ କୁମାର ଜେନା

ସୂର୍ଯ୍ୟ ସେପାରି ମୂଳକର
କାନ୍ ଭାସ୍ ଭିତରେ
ଖୋଜୁଛି ମୁଁ ,
ତୁମର ସେ ଇପ୍ସିତ
ହସ ଟିକକ ।

ସେ ଖାଲି ହସ ନୁହେଁ,
ତା'ଭିତରେ ମୁଁ ମୋର
ସମୁଦ୍ରର ଶୋଷକୁ
ଶାନ୍ତ କରିପାରେ,
ଆଉ ପବନରେ
ଉଡେଇ ପାରେ,
ମୋ ଭିତରେ ଥିବା
ପାହାଡ଼ର ଦୁଃଖକୁ ।

ହେଲେ ତା'ର ସେ
କ୍ଷଣପ୍ରଭା ପରି
କ୍ଷଣିକ ଚମକ୍ ରେ
ମୁଁ ବାରମ୍ବାର କ୍ଷତାକ୍ତ ହୁଏ,
ଆଉ ମୋ ହୃଦୟର
ରଙ୍ଗୀନ ଇଲାକାରେ,
କଳାମେଘି ବାଦଲଟା
ସମୟର ଧୂଳିଝଡ଼ ସୃଷ୍ଟିକରେ ।

ଜାଣିଛ !
ମୁଁ ଏବେ ନିଷ୍ପେସି ଇଲାକାର
ବାସିବିଛଣାରେ ପଡିରହିଛି,
ତୁମ ହସରେ ତଲ୍ଲୀନ ହେବାପାଇଁ ।

ଏ କ'ଣ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହରେ ମୋ

ଗୋଲାପୀ ଶିହରଣ !

ସତରେ !

ସତରେ କ'ଣ,ତୁମେ ଏବେ ହସିବ ?

ହେ ପ୍ରିୟା....

ତୁମେ ଥରେ ହସି ଦିଅନ୍ତନି ?

ତୁମର ସେ ହସରେ....

ମୁଁ ଆଙ୍କିଦିଅନ୍ତି

ଜୀବନର ଅର୍ଧଦଗ୍ଧ ସ୍ୱପ୍ନ ସବୁକୁ

ମୋ ରଙ୍ଗୀନ ମାନସ ପଟରେ,

ଆଉ ତୁମକୁ

ରଙ୍ଗାୟିତ କରିଦିଅନ୍ତି

ଆକାଶ ଆରପଟ ଇନ୍ଦ୍ରଧନୁରୁ

ଚିମୁଟେ ପ୍ରେମର ରଙ୍ଗ ନେଇ ।

ବଡ଼ରମ୍ପାସ, କେନ୍ଦୁଝର

୬୩୭୨୨୬୦୪୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ମୋ ଉତ୍କଳଦେଶ



ଅଶୋକ କୁମାର ପ୍ରଧାନ

ଏଇ ମୋ ପ୍ରିୟତର ଉତ୍କଳ ପ୍ରଦେଶ
ଶୌର୍ଯ୍ୟ ବୀରତ୍ୱର ଭୂମି
ତା'ର ପାଦ ତଳେ କୋଟି ଓଡିଆଙ୍କ
ମଥା ଯାଏ ନିତି ନମି ।
ନଦନଦୀ ବନ ନିଘଞ୍ଚ କାନନ
ପାହାଡ ପର୍ବତ ଘେରା
ସବୁଜ ସୁନ୍ଦର  ଶସ୍ୟ ବୃକ୍ଷ ରାଜି
ଦେଖି ମନ ହୁଏ ହରା ।
ମନ୍ଦିର ମାଳିନୀ  ଭାସ୍କର୍ଯ୍ୟ ଖୋଦିତ
ପ୍ରସ୍ତର ପ୍ରତିମା ଦେହ
କୀର୍ତ୍ତି ବିମଣ୍ଡିତା  ସୌନ୍ଦର୍ଯ୍ୟ ଅଙ୍ଗରେ
ଦିଶେ କାରିଗର ମୁହଁ ।
ବିହଙ୍ଗର ଡାକ ଦର୍ଦ୍ଦୁରର ଶୋକ
ଶୁଣି ଭୁଲେ ନିତ୍ୟ ଦୁଃଖ
ପଶୁପକ୍ଷୀ କୁଳ ପ୍ରେମରେ ପାଗଳ
ହୋଇ ଦ୍ୟନ୍ତି ସଦା ସୁଖ ।

ଜଗନ୍ନାଥ ନୀତି ସଂସ୍କୃତିକୁ ଘେନି
ବାର ମାସେ ତେର ଯାତ
କେତେ ପିଠାପଣା ପରବ ପସରା
ମଜା ସେ ପଖାଳ ଭାତ ।
ଏ ମାଟିର ପାଣି ପବନ ମୋ ଦେହେ
ଶକତି ଭରଛି ଦେହେ
ତାରି ଅବଦାନେ ବାନ୍ଧି ହୋଇ ଆମେ
ବଢିଛୁ ତାହାରି ସ୍ନେହେ ।
ଓଡ଼ିଆ ଭାଷା ମୋ ଭାରି ମନ ଛୁଆଁ
ମନକୁ ଲାଗଇ ହିତ
ଜାତି ଧର୍ମ ଭୁଲି ମାଟି ମାଆ ପାଇଁ
ବସିଛୁ ତା ସାଥେ ମିତ ।
ମୋ ମାଟି ଧରମା ଗୋପବନ୍ଧୁ ସେବା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଜି ରାଉତର ଦାନ

ଦେଶ ସେବା ଗୀତି ହୃଦେ ଜଗାଇଛି

ପ୍ରତି ଓଡ଼ିଆଙ୍କ ମାନ ।

ପ୍ରୀତି ମୈତ୍ରୀ ପୂର୍ଣ୍ଣ ମୋ ମାଟିର କଥା

ହୃଦୟେ ଭରିଛୁ ଆମେ

ସ୍ୱର୍ଗୀୟ ଲାଗୁଛି ମୋ ଉତ୍କଳ ଭୂଇଁ

କିଏ ହେବ ତାହା ସମେ ।

ଶିକ୍ଷକ, ରୋହିଗାଁ, ଗଞ୍ଜାମ

ମୋ-୮୨୪୯୧୯୧୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା



ଶର୍ମିଳା ସାହୁ

ସମୟ ଆଣିଛି ଏଠି କରୋନାର ଝଡ,
ଲୁହର ଓଜନ ଏଠି ଲୁହାଠାରୁ ବଡ ।
ରକତ କହୁଛି ଏଠି ରକତକୁ ଝୁରି,
ଏମନ କାନ୍ଦୁଛି ଆଜି ଗୁମୁରି ଗୁମୁରି ।
କେମିତି ବଦଳିଗଲା ଜୀବନର ମୋଡ,
ସମୟ ଆଣିଛି ଏଠି କରୋନାର ଝଡ ।
ଏମିତି ସେ ମହାମାରୀ କାହାକୁ ନାହିଁ ଛାଡ,
କରେନାହିଁ ଭେଦଭାବ ଏ କରୋନାଝଡ ।
କାଲି ଯିଏ ସାଥୀ ଥିଲା ମୋ ମନର ମିତ,
କେମିତି ଛାଡିବି କୁହ ଆଜି ତାର ହାତ ।
ସମୟ ହାତରେ ପରା ଏ ସଂସାର ଡୋର,
କେମିତି ବଦଳିଗଲା ସମୟର ମୋଡ ।

କେହି ନଛୁଇଁବେ ଏଠି କାହାରିକୁ ଆଜି
ସଂସାର ଡୋରରେ ବନ୍ଧା ଜୀବନ ଆଜି ।
କେମତି କହିବି ମୁଁ ଏ ଦୁଃଖର କାହାଣୀ,
କରୋନାର ଭୟ ହୋଇଛି ଆଜି ଭାରି ।
ଏମିତି ସେ ମହାମାରୀ ନାମ ତା କରୋନା,
କାହାରିକୁ ଦେଖେନାହିଁ, କେ ପର କେ ଆପଣା ।
ବିଶ୍ୱରେ କରୋନା ରଚେଇଲା ତାଣ୍ଡବଲୀଳା,
ସଚେତନ ନହେଲେ ବୁଡିବ ମାନବ ସମାଜର ଭେଳା ।

ଛାତ୍ରୀ, ରୋଲାଣ୍ଡ ଫାର୍ମାସୀ କଲେଜ,
ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇତ ଜୀବନ



ପ୍ରଭାସିନୀ ସେନାପତି

କାହାରି ଜୀବନ ନୁହେଁ ଚିରସ୍ଥାୟୀ
ଧନୀ ହେଉ ବା ଗରିବ..
ଅଭିନୟ ଶେଷେ ଅଫେରା ରାଇଜେ
ଦିନେ ତ ଯିବାକୁ ହେବ ।(୧)

ଅଧା ରହିଯିବ ଯେତେ ସବୁ ସ୍ୱପ୍ନ
ଅଧା ରହିଯିବ ଆଶା..
ପକ୍ଷୀ ଉଡ଼ିଯିବ ସବୁ ଦିନ ପାଇଁ
ଖାଲି ପଡ଼ିଥିବ ବସା ।(୨)

ଦଶ, ବାର ଦିନ ପକାଇଣ ମନ
ଝୁରିବେ ଆପଣା ଜନେ..
କିଛି ଦିନ ପରେ ଭୁଲି ଯିବେ ସବୁ
କେହି ରଖିବେନି ମନେ ।(୩)

ଜନମ, ମରଣ ଏଇତ ଜୀବନ
ଆସିବା, ଯିବା ର ଖେଳ..
ଅଳପ ଦିନର ଗଳପ ସରିଲେ
ଡ଼ାକି ନେବ ଦିନେ କାଳ ।(୪)

ତଥାପି ବୁଝେନା ଏ ଅବୁଝା ମନ
କ୍ଷଣିକ ସୁଖରେ ଅନ୍ଧ..
ଗଲା ବେଳେ ସାଥେ କିଛି ବି ନେବନି
ବୋହି ନେବେ ଚାରି କାନ୍ଧ ।(୫)

ଜୁଇ ର ଖଟରେ ଏଇ ଶରୀର ଟା
ହୋଇଯିବ ଦିନେ ଲୀନ..
ମାଟିର ଏ ଘଟ ମାଟିରେ ମିଶିବ
ରହିବନି କିଛି ଚିହ୍ନ ।(୬)

ଭିଙ୍ଗାରପୁର, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧୁରା ପ୍ରେମ



ଶିଶିର କୁମାର ସାମଲ

ଜୀବନ ଯୁଦ୍ଧରେ ହାରିମୁଁ ସାରିଛି
ଜିତିବାକୁ ଇଚ୍ଛା ଥାଇ,
ସମୟ ସାଥୀରେ ବାଟ ଚାଲିବାକୁ
ସାଥୀ ମୋର କେହି ନାହିଁ ।।

ପ୍ରେମର ଫୁଲକୁ ସଜାଇ ରଖିଛି
ହୃଦୟ ଭିତର ଥୋଇ,
ବଣମଲ୍ଲୀ ସେତ ଅକାଳେ ଝଡୁଛି
ସତେ ବାସ ହରା ହୋଇ ।।

ଫୁଟୁନାହିଁ ଆଉ ମନ ଉପବନେ
ପ୍ରେମର ପ୍ରୀତି ସୁମନ,
ଶୁଭୁନାହିଁ ଆଉ ଭ୍ରମରର ସ୍ୱର
ମଧୁମକ୍ଷୀ ର ଗୁଞ୍ଜନ ।।

ହୃଦୟ କାନ୍ଦୁଛି ଗୁମୁରି ଗୁମୁରି
ନାହିଁ ଆଜି ପ୍ରେମ ତାର,
ସରଗ ରାଇଜେ ଘର ତୋଳିଥିଲା
ହୋଇଗଲା ଯାଯାବର ।।

ଅଧା ରହିଗଲା ପ୍ରେମର କାହାଣୀ
ହେବନାହିଁ କେବେ ପୂରା,
ଆର ଜନମକୁ ବାକି ରହିଗଲା
ସପନ ହେଲା ଅଧୁରା ।।

କଣ୍ଟିପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମମତାମୟୀ ମାଆ



ବେଣୁଧର ସୁରୁଜାଳ

ତ୍ୟାଗର ମୂରତି , କରୁଣାବାରିଣୀ,
ଜନ୍ମଦାତ୍ରୀ ମାଆ ବାତ୍ସଲ୍ୟ-ମମତାମୟୀ ।
ଜଗତରେ ଶ୍ରେଷ୍ଠ ତାହାରି ସାଧନା
ରକ୍ତଦେଇ ଏ ଦୁନିଆକୁ ଗଢିଛି ସେହି ।। (୧)

ତା ଗର୍ଭଗୃହେ ଅତି ସରାଗରେ
ଜୀବନ ହେଲା ମୋ ଅୟମାରମ୍ଭ ।
ତା ପଣତକାନୀ ସୁଶୀତଳ ଛାଇ
ଚଳାପଥେ ଭରିଦେଲା କେତେ ସୌରଭ ।। (୨)

ଆଖି ଲୁହ ଛିଂଚି ଖତ,ସାର ଦେଇ
ଛୋଟ ଚାରାଟିକୁ ବଡ଼ ବୃକ୍ଷ କରିଲା ।
କଂଚା, ପଥୁରିଆ ମଟାଳ ମାଟିକୁ
ନିଜ ରକ୍ତ, ମାଂସେ ନୂତନ ଆକୃତି ଦେଲା ।। (୩)

ଥିଲି ସୁନାପୁଅ ତା କୁଳନନ୍ଦନ
ସେନେହେ ଡାକୁଥିଲା ନୟନତାରା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହୁଥିଲା ତାର ଅସମୟେ ବୃଦ୍ଧାକାଳେ
ତାର ଅନ୍ଧରଳଉଡି ହେବ ସାହାରା । । (୪)

ବଡ଼ ଅଫିସର ହୋଇ, ସୁନ୍ଦରୀ ସ୍ତ୍ରୀ ପାଇଲି,
ମାୟା ବନ୍ଧନରେ ନିଜକୁ ହଜେଇ ଦେଲି ।
ସ୍ତ୍ରୀ ବ୍ୟୟବରାଦରେ ବ୍ୟସ୍ତ ରହି ପୁଣି
ମାଆର ମମତା ସବୁ ଭୂଲି ମୁଁ ଗଲି । । (୫)

ଭୂଲିଗଲି ଭୋକ ଉପାସରେ ରହି ଯିଏ
ଦିନେ ପେଟ ପୂରା ମୋତେ ଖୁଆଉଥିଲା ।
ସୁଖେ ନିଦ୍ରା ଯିବି ବୋଲି ନିଜ ସେଜ ଦେଇ
ନିତି ଓଦା ସେଜରେ ସେ ଶୋଉଥିଲା । । (୬)

ଆଜି କୋଟିପତି ହୋଇ ମୁଁ ଗଲି,
ମମତା ବନ୍ଧନ ଛାଡି ଆସିଲି ।
ପାଇଲି ବଂଗଲା, ପୋଷା କୁକୁର
ବୃଦ୍ଧାଶ୍ରମ ହେଲା ମୋ ମାଆର ଘର । । (୭)

ଦେଇ ନାହିଁ କେବେ ସନ୍ତାନର ସେବା
ତାର ଅସମୟେ ଦୁର୍ଦ୍ଦିନେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଆ ବୋଲି ଆଜି କେମିତି ଡାକିବି,
ନିଜ କୁକର୍ମ ପାଇଁ ନିନ୍ଦିତ ହେଉଛି ମନେ ।।(୮)

ସଂସାର ପଥରେ ହାତ ଧରି ମୋର
ବାଟ ଚାଲିବା ଯିଏ ଶିଖେଇ ଥିଲା ।
ବଡ ହୋଇ ଆଜି ତାକୁ ଭୁଲିଗଲି
କୋମଳ ଓଠେ ଯେ ଭାଷା ସଂଚରି ଥିଲା ।।(୯)

ନିସ୍ୱାର୍ଥପର ତା'ର ସ୍ନେହ ମମତା
କାର୍ଯ୍ୟ ଯାର ସଦା ଭଲପାଇବା ।
ସୁରକ୍ଷାକବଚ ଅଟେ ତାର ପ୍ରେମ
କଣ୍ଟକିତ ପଥେ ପୁଷ୍ପ ବୃଷ୍ଟି କରିବା ।।(୧୦)

ମା' ପରି ଦେବୀକୁ ଗୃହ-ମନ୍ଦୀରରେ
ଯେଣୁ ସ୍ଥାନ ଟିକେ ଦେଇପାରିଲି ନାହିଁ ।
ଦାନଧର୍ମ କରି କୋଟି ଖର୍ଚ୍ଚ କଲେ
ମୁଁ ମଣିଷେ ଗଣନା ହୋଇବି କାହିଁ ।।(୧୧)

ତା' ସ୍ୱପ୍ନ ମହଲ ପରିପୂର୍ଣ୍ଣ ହେଉ,
ସଂକଳ୍ପ ନିଅହେ ସନ୍ତାନଗଣ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତା' ଚରଣ ତଳେ ଯୋଡ଼ ହସ୍ତ ହୋଇ

ନିତି ଅରପିବା ଶ୍ରଦ୍ଧା ସୁମନ ।। (୧୨)

ମାଆର ତୁଳନା ମାଆ ଏକା ସିନା

ତାହାକୁ କିଏ ବା ସରି ।

ଦିନ ରାତି ବସି ତା'ର ଗୁଣ ରାଶି

ଭାଷିଲେ କି ଯିବ ସରି ।।

ବେଣୁଧର ସୁରୁଡାଳ
ସୋନପୁର, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୀର ଜାତକେ ନାହିଁ ଡର ଭୟ



ଆଶିଷ ଜ୍ୟୋତିଷ

ଗୁଳି ବର୍ଷୁଛି  ସୀମାରେ ଆଜି କ୍ଷଣକୁ କ୍ଷଣ ,

ଅଗ୍ନି ଖେଳୁଛି  ନଗରେ ପଲ୍ଲୀରେ ସେଥି ପାଇଁ  ଜଳୁଛି ବଣ,,

ଯୁଦ୍ଧଯାନରେ ଆମର  ଯାଆନ୍ତି ଯେତେକ ସଇନ୍ୟ ,

ରକ୍ତ ଗରମ ଆମର ଆଗରେ କରେ ଯେବେ ସତୃ ଜଘନ୍ୟ,,

ସୀମା ରେ ଥାଇ ଶତୃର ପଥକୁ ଲକ୍ଷ କରନ୍ତି ,

ଶତୃ ଆଗରେ ବନ୍ଧୁକ ଧରି ଦମ୍ଭେ ଧରି ଉଭା ହୁଅନ୍ତି ,,

ଚୀନ ଦେଶ ଆମର ସୀମା କୁ ଲଙ୍ଘି ଆସୁଅଛି,

ସଇନ୍ୟ ମାନେ ତାକୁ ମୁହ ତୋଡା ଜବାବ ଦେଇଛି,,

ସଂଗ୍ରାମ ରତେ ଅଛନ୍ତି  ଆମର ଯବାନ ବୀର ,

ସୀମା ରେ ଆଜି ଭାରତ ମାଁ ଗାନ କମ୍ପି ଉଠୁଛି ସ୍ୱର ,,

ସୀମା ରେ ଥାଇ ଏପଟ ସେପଟ ଦୃଷ୍ଟି ପକାଉଥାନ୍ତି ଦୂରକୁ ଦୂର ,

ଗୀଷ୍ମ ,ବର୍ଷା, ଶୀତ ସବୁ ସହ୍ୟ କରୁଛନ୍ତି ଆମରୀ ସଇନ୍ୟ ବୀର,,

ଶସ୍ୟ ଶ୍ୟାମଳ ପଲ୍ଲୀ ମାୟା ସବୁ କୁ ଛାଡିବାକୁ ପଡେ ,

ଦେଶ ପାଇଁ ସେ ସତୃ ସଙ୍ଗେ ଜୀବନ ସହିତ ଲଢେ,,

ଯେବେ ଆସିବ ବୀର ଗ୍ରାମ କୁ ବରଷ କୁ ଥରେ,

ଚାହିଁ ରହିଥାଆନ୍ତି ବାଟକୁ ମା ବାପା ଭାଇ ଭଉଣୀ ଘରେ,,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସିଛି ବଲି ଗାଁ ଲୋକ ଆମ ଘରେ ସବେ ଭିଡ ହୁଅନ୍ତି ,

ମତେ ଦେଖି ସମସ୍ତଙ୍କର ମନ ଟିକିଏ ହୁଅଇ ସାନ୍ତି,,

ଗୁଲି ବାରୁଦ କଥା ସବୁ ପଚାରନ୍ତି ,

ସୀମା କଥା କହିଲେ ସମସ୍ତେ ଡରି ଯାଇଥାଆନ୍ତି,,

କେତେ ଯେ କହନ୍ତି ସଖା ସହୋଦର,

ଗୁଲି  ବାରୁଦ ଫୁଟୁଥାଏ  ତତେ ନ ଲାଗେ ଡର,,

ମୁଁ କହୁଥାଏ ଏକା ସାଙ୍ଗ ଥାଉ ସମସ୍ତେ ବୀର,

ଗୁଲି ଏ ପଟରୁ ସେପଟରୁ ଆସୁଥାଏ ବାରମ୍ବାର ,,

ଯେତେ ବୀର ଜାତକେ ନାହଁ ଡର ଭୟ

ସମସ୍ତେ ଆମେ ଭାରତୀୟ ଏଇଠି ଆମର ପରିଚୟ

ଗ୍ରାମ- ଯୁବାଖୋଲ ,ପୋ-କଟାବାହାଲ,

ବ୍ଲକ- ଗାଇସିଲେଟ୍,ଜିଲ୍ଲା- ବରଗଡ, (ଓଡିଶା)

ପିନ୍-୭୬୮୦୩୬

ମୋ-୭୬୮୩୮୭୦୬୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବର୍ଷା ହେବାପରେ



ପ୍ରଭାତ ବଳ

ହଠାତ୍ କିଛି ସମ୍ମୋହନି ଶବ୍ଦର
ଚାପ ଗୁଞ୍ଜରଣେ ମୁଁ ହତବାକ୍,
ମୋ ଫର୍ଚ୍ଚା ଝର୍କା ର ଦର ଆଉଜା କବାଟ
ଫାଙ୍କେ ।

ମୃଦୁ ମଧୁ ମିଶା ଅମୃତ କେଇ ବୁନ୍ଦା
ଅଳ୍ପ ଅଳ୍ପ ହୋଇ ଆଙ୍କି ଦେଲା
ମୋ ଶିହରିତ ବୟସର ଜଖମୀ ଯୌବନକୁ,
ମୋ ଉଦାସୀନତାର
ଧୂସରିଆ କାନଭାସ ଉପରେ ।

ହେଲେ ମୁଁ କିନ୍ତୁ ମୁଦି ଦେଇ
ମୋ ଆଖି,ହୃଦୟ ଓ ଝର୍କା କୁ,
ଲେଉଟିବାର ଠିକ ପୁର୍ବରୁ
ପଥରୁଦ୍ଧ କଲେ ମୋତେ
ମେଞ୍ଚାଏ ବେଦରଦି ସମୀର,
ଫୁଟାଇ ମୋ ଶୁଷ୍କ ବୈଶାଖୀ ଶରୀରେ
ଶ୍ରାବଣର ଅଳ୍ପକ୍ଷଣି ରକ୍ତଜବା ।
ଦେହ,ମନ ଆଉ ଝର୍କା
ସମସ୍ତେ ତ ଭିଜିସାରିଥିଲେ ଅବାଧ୍ୟେ ।
ପରୋକ୍ଷରେ ମୁଁ ବି !
ଆମେ ସମସ୍ତେ ଏବେ ସମର୍ପିତ
ଶିଶୁଟିଏ ପରି ବର୍ଷାର ପହିଲି ପଣତେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଟି ସହ ଆକାଶର ଘଟିସାରିଥିଲା ସମ୍ବନ୍ଧ,

ନାକ ଓ ମନ ଅଘ୍ରାଣ କରୁଥିଲେ

ପ୍ରିୟାର ପ୍ରଖାଳିତ କେଶ,

ଠିକ ଯେମିତି ଭିଜା ମାଟିର ତାଜ଼ା ଗନ୍ଧ ।

ବାରିପଟ ଗୁହାଳ ମଥାନ ଉହାଡୁ

ଠାଏ କରି ପିଟିଲା ଘଡଘଡି,

ସେଠି ତୁମ ବୁକୁରେ ଖସୁଥିଲା

ମିଳନର ପୌନପୁନଃ ଅତଡା ।

ମୁଁ ଏଠି ଖୋସି ହେଉଥିଲି ସାଜି ତୁମ ଗଭାର

ଅଦିନିଆ ଶ୍ରାବଣର କଳ୍ପିତ କୃଷ୍ଣଚୂଡା ।

ଏଇ ଏବେ ଛିଟିକି ପଡିଲା

ଓଳାପାଣି କେଇ ବୁନ୍ଦା,

ଠିକ ଯେମିତି ତୁମ ଭିଜିଲା କେଶ ଓ ବେଶରୁ

ଥପ୍ ଥପ୍ ହୋଇ ଝରୁଥିଲା

ଲାଜ ମିଶା ପ୍ରେମ ବୁନ୍ଦା ବୁନ୍ଦା ।

ମୁଁ ଚିହିଁକି ଉଠିଲି

ଦଲକାଏ ଶୀତୁଆ ପବନରେ ,

ବୋଧେ ବର୍ଷା ଟୋପା ସବୁ

ଅଭିମାନେ କରିସାରିଥିଲେ ପ୍ରସ୍ଥାନ

ମୋ କଳ୍ପନାର ନକଲି ନର୍କରୁ,

ମୋ ଠୁ ମୋ କ୍ଷୀଣ ଯୌବନକୁ ଲୁଟିନେବା ପରେ ।

ଦାଣ୍ଡେ ଓଳାପାଣି ସବୁ

ଗୁମୁରି ଗୁମରି କାଟୁଥିଲେ ସୂଅ,

ଭାସୁଥିଲେ ଶୂନଫୋଟକା ।

ଠିକ ଯେମିତି ତୁମ ଓଠର ତାମ୍ବୁଳ ଦେଇ

ଭାସୁଥିଲା ଆମ ମିଳନରେ ମଧୁ ଲୁହ,

ମୋ ଛାତିରେ ହଜାରେ ଛନକା

କରଣପୋଖରି, ଭଦ୍ରକ

୯୭୭୭୬୬୮୦୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର ପ୍ରଭୁ ଶଙ୍ଖନାଦ



ମନୋରଞ୍ଜନ
ସୁରୁଜାଳ

ମେଘ ମେଦୁରିତ ତନୁ ପୁଲକିତ
ପ୍ରତିଟି ନିଶ୍ୱାସ ଖରେ
ନିକୁଞ୍ଜ କାନନେ ଦେଖି ନବଘନେ
ଯେହ୍ନେ  ଶିଖୀ ପୁଚ୍ଛ ଥରେ ।
ସତେକି କାଳିଆ ଭାବର ଭୋଳିଆ
ବସେଇ ଦେଇଛ ହାଟ
ଉଜାଣି ଯମୁନା ଡାକେ କାହ୍ନା କାହ୍ନା
ହଟିଆ ଲଗାଏ ନାଟ ।
ଆଖିର କଜ୍ୱଳେ ଗୋପୀ ଖୋଜିବୁଲେ
ମନ ମତାଣିଆଁ ବେଣୁ
ହେ ନଟ ନାଗର ଖୋଜିବୁଲ ସର
ଖୋଜୁଛ ଭାବର ରେଣୁ ।
ପାଇବ କି ଥରେ ଏ କଳିଯୁଗ ରେ
ଗୋପିକା ଭାବ ତୁମର
ସେ ବଂଶୀ ସ୍ୱନକୁ ନିରେଖି ତାହାକୁ
କିଏ କରିଛି ନିଜର  ?

ନିଜ ପାଇଁ ଶୁଳ ସଜା ହୁଏ ଫୁଲ
କଂସ ସାଜିଛି ମାନବ
ତୁମ ନାମ ରସ ମଧୁର ପରଶ
ପିଏଇ ଦିଅ କେଶବ ।
ଭକତର ଡାକ ଶୁଣିଲ କି ଠିକ
ଭକ୍ତ ଶୂନ୍ୟ ବଡଦାଣ୍ଡ
ନିଆରା ଦର୍ଶନ ଆରତ ଭଞ୍ଜନ
ତୁମ ଆଗେ ସବୁ ପଣ୍ଡ ।
ତୁମେ ଥାଉ ଥାଉ ଆହେ ମହାବାହୁ
କରୋନା ଉଡାଏ ନିଦ
ପେଶି ଦିଅ ଚକ୍ର ନାଶ ଯାଉ ନକ୍ର
କର ପ୍ରଭୁ ଶଙ୍ଖନାଦ ।

ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିତ୍ର କଳ୍ପ



ସୌମ୍ୟରଞ୍ଜନ କ୍ଷେତି

ଫାଲଗୁନ ପୂର୍ଣ୍ଣିମାର ସୁବର୍ଣ୍ଣ ତିଥିରେ,

ବତାୟନ ପାଶେ ପ୍ରିୟା କାହା ଅପେକ୍ଷାରେ.. !

କେତେ ଦିନ ତଳେ ଥରେ

ଦେଖିଥିଲି ତାକୁ

ମନ ଝୁରୁଥିଲା ତା'ର

ଷୋଡଷୀ ରୂପ ଦେଖିବାକୁ

ସେହି ଘନ କୃଷ୍ଣ କେଶ

ସେହି ଶୁଭ୍ର ସୂକ୍ଷ୍ମ ବାସ

ଗୋଲାପି ଅଧରେ ପୁଣି

ମୁରୁକି ମୁରୁକି ହସ

ତା'ର ଲାଜୁଆ ଚାହାଣୀ

ତା'ର ରାଜହଂସୀ ଠାଣି

ହୃଦୟକୁ ସତେ ମୋର

ନେଉଥିଲା କିଣି

ଅନ୍ଧାର ପାହଚ ଡେଇଁ ସୂର୍ଯ୍ୟ ଯେବେ

ମୋ ଘର କାନ୍ଥରେ ଲେଖିଲା କବିତା

ମୋ ମନର କାନଭାସରେ ଆପେ ଆପେ

ଆଙ୍କିହେଲାପ୍ରିୟା ତୋ ମୁହଁର ନୀଳଜହ୍ନ ନକ୍ସା

ସୁବର୍ଣ୍ଣପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହ



ପୂର୍ଣ୍ଣିମା ଲେଙ୍କା

କେତେବେଳେ ଦୁଃଖ ରେ

କେତେବେଳେ ସୁଖ ରେ

ସାଙ୍ଗ ଦେବାକୁ,

ବୋହି ଆସେ ଦୁଇ ଟୋପା ଲୁହ ।

ତାର ବି ଅନେକ କାହାଣୀ

ଅନେକ ଉପନ୍ୟାସ

ଅନେକ କବିତା

ଅନେକ ଗିତି କବିତା ଅଛି ।

କେତେ ବେଳେ ଆଖି କଣ୍ କୁ ଜକେଇ ହେଇ ଆସେ

କେତେବେଳେ ଆଖିରେ ସୃଷ୍ଟି ହେଇ ଆଖିରେ ହିଁ ନିଜ ଥୋମି ଯାଏ

ଆଉ କେତେବେଳେ ବନ୍ୟା ର ଧାର ପରି

ଆଖିରୁ ଝରି ଆସି.....

ଚୁବୁକ୍ ର ପାହାଡ କୁ ଅତିକ୍ରମ କରି

ବୋହି ଚାଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେଳେ ବେଳେ ତାକୁ...

ନିଜ ରୂପ ଲାବନ୍ୟା ରେ ସମାହିତ କରିନିଏ ଓଠ,

ଆଉ ବେଳେ ବେଳେ ଓଠ ର ମାୟା ରେ

ନ ପଡି ବୋହି ଚାଲେ ହୃଦୟ ଅଭିମୁଖେ

ହୃଦୟ କୁ ସ୍ୱର୍ଶ କରି,

ଟିକେ ସାନ୍ତ୍ୱନା ଦେବା ପାଇଁ ।

ବେଳେବେଳେ ଅନ୍ଧାର ରାତି ରେ

ତକିଆ ଉପରେ ନିଜ କୁ ଆତ୍ମସାତ କରି ଦିଏ,

ଆଉ ବେଳେ ବେଳେ ଯିବାର ପ୍ରମାଣ ସ୍ୱରୂପ

ଆଖିର ଦୁଇ ଧାର

ଛାପ ଛାଡି ଦେଇ ଯାଏ ।

କେତେବେଳେ ତାକୁ ହାତ ପଛିନିଏ

ଆଉ କେତେବେଳେ

ଅଝାଟିଆ ପିଲା ଟେ ପରି

ଚିତ୍କାର କରି

ବୋହି, ଚାଲିଯାଏ ।

ଆଇ. ଆଇ. ଟି, ଧାନବାଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁନିଆର ଅଜବତା



ଜ୍ୟୋତିଶ୍ରୀ ପାଣିଗ୍ରାହୀ

କିଏ ଉଚ୍ଚରେ ତ କିଏ ନିଚରେ,
କିଏ ଆଗରେ ତ କିଏ ପଛରେ,
କିଏ ସୁଖରେ ତ କିଏ ଦୁଃଖରେ,
ଦୁନିଆର ଅଜବତା ବୁଝାଯାଇ ନପାରେ ।(୧)

ନଖାଇପାରି କିଏ ପକାଏ ଡଷ୍ଟବିନ୍ ରେ,
କାହା ପେଟ, ବିକଳ କ୍ଷୁଧାର୍ତ ନିଆଁ ରେ,
କିଏ ଦିନ କାଟେ ଖୁସି ସର୍ଗମ ରେ,
କାହା ରାତି ପାହେ ଦୁଃଖର ଦାଦନ ମୁଖାରେ,
ଦୁନିଆର ଅଜବତା ବୁଝାଯାଇ ନପାରେ ।(୨)

ସୋ ରୁମ୍ ରେ ପୋଷାକ, କଣ୍ଢେଇ ଦେହରେ,
ରାସ୍ତା କଡ଼ରେ କିଏ ଶୀତରେ ଥରେ,
ବର୍ଷାର ତ ଘନତାକୁ ଅଟକାଏ, କିଏ ରେନକୋଟ ରେ,
ତ,କାହା ଲୁହ ଲୁଚିଯାଏ ଅଛପର ଘରେ,
ଦୁନିଆର ଅଜବତା ବୁଝାଯାଇ ନ ପାରେ ।(୩)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହା ଖରାଦିନ ବିତେ ଏ.ସି. ଆଉ ଥମ୍ସପ୍ ରେ,
କାହା ପାଇଁ ତପ୍ତ,ହୁଏ ତୃପ୍ତି ଆମ୍ବଗଛ ତଳେ,
କିଏ ଲକ୍ଷ ଲକ୍ଷ ର ମାଲିକ, ଗୋଟେ ଦସ୍ତଖତ ରେ,
ତ,କାହା ଦିନ ବିତିଯାଏ, ବିଲବାଡ଼ି ଅନୁଭୂତିରେ,
ଦୁନିଆର ଅଜବତା ବୁଝାଯାଇ ନପାରେ । ( ୪)

ଉଚ୍ଚ ନିଚ୍ଚ ମଧ୍ୟେ ଭେଦଭାବ କରେ,
ଗରିବର ଗରିବିକୁ ପରିହାସ କରେ,
ଦୁଃଖୀର ଅସହାୟତା କୁ ଗୋଇଠା ମାରେ,
ନିଜ ଖୁସି ପାଇଁ ଧନୀର ଗୋଡ଼କୁ ଧରେ,
ଦୁନିଆର ଅଜବତା ବୁଝାଯାଇ ନପାରେ । (୫)

ନୋଟ ଭାରିପଡେ ମନ୍ଦିର ଦାନ ବାକ୍ସରେ,
ଭିକାରୀଟି ଭାରିପଡେ ନିନ୍ଦା,ଅପବାଦର ତଳେ,
ଉଚ୍ଚଲକ୍ଷ୍ୟ ଭାରିପଡେ ଲାଞ୍ଛିତାର ତଳେ,
ମନ କହେ,ସମାଜ ବଦଳି ଯାଆରେ,
ସତରେ,ଦୁନିଆର ଅଜବତା ବୁଝାଯାଇ ନପାରେ ।(୬)

ଗ୍ରା/ପୋ: ଅନ୍ତେଇ, ବ୍ଲକ୍: ମାର୍ଶାଘାଇ,
ଥାନା:ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା, ମୋ:୬୩୭୦୮୦୬୧୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷାଭିଜା ପ୍ରିୟା



ରମାକାନ୍ତ ସେଠ

ପ୍ରିୟା ତମେ ବର୍ଷାରେ ଭିଜୁଛ
ନା ବର୍ଷା ଭିଜଉଛି ତୁମକୁ ତା କାମନାର ସ୍ପର୍ଶରେ
ତା ରିମ୍‌ଝିମ୍ ଟୋପା ଆଉ
ବେଙ୍ଗର କେଁ କଟର ଶବ୍ଦରେ,
କାଳେ ଲୁଟିନେବ ତୁମର ସମସ୍ତ ସୌନ୍ଦର୍ଯ୍ୟ
ଆଉ ମୁଗ୍ଧହେବ ଓଦାବସ୍ତ୍ର ଆଢୁଳରେ ଲୁଚିରହିଥିବା
ତମ ଅର୍ଦ୍ଧନଗ୍ନ ଶରୀରକୁ ଦେଖି,
ଅକାରଣରେ ତମେ ପାଲଟିଯିବ ଅନ୍ତଃସ୍ୱତା ନାରୀିଟିଏ
କାଳେ ସମାଜ କହିବ ତୁମକୁ ନିଷ୍କପଟ କଳଙ୍କିନୀଟେ,
ଫେରିଆସ ପ୍ରିୟା
ଏ ବଣ୍ଡିଳ ଦିଗ୍ ବଳୟକୁ
ମୁଁ ତୁମକୁ ଏଠି ଅପେକ୍ଷା କରିଛି
ଜଣେ ଅଭିଶପ୍ତ ଡିମିରିଫୁଲ ପରି ।

ମୁଁ ସେଇ ଅଭିଶପ୍ତ ଡିମିରିଫୁଲଟେ
ଯିଏ ଅଦୃଶ୍ୟ ହୁଏ ସକାଳର ପହିଲି ସ୍ପର୍ଶରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଣମଲ୍ଲି ପରି ବଣରେ ଝରିଯାଏ

ଏକ ଦୀଗହୀନ ଦୀଗନ୍ତ ଅନୁକୋଣରେ,

ଆଉ ଅଭିଶପ୍ତ ହୋଇ ଭାସିଭାସି ଚାଲିଯାଏ

ଭାର୍ଗବୀ ନଦୀର ବଢିପାଣିରେ ।

କାଳେ ତମେ ଫେରିଆସିବ ସଞ୍ଜବତୀ ନାରୀହୋଇ

ଗାଁ ତୁଠର କେଉଁ ଏକ ନିକାଞ୍ଚ ବନରେ

ତୁମ ସହ ହେବମୋର ଗୁପ୍ତପ୍ରଣୟ ,

ଏ ଅଭିଶପ୍ତ ଜୀବନ ହେବ ସାର୍ଥକ

ମୁଁ ଅପେକ୍ଷା କରିଛି ପ୍ରିୟା

ଅପେକ୍ଷା କରିଛି ।.

ସ୍ନାତକତ୍ତୋର ଷଷ୍ଠ ବର୍ଷ, ସାମନ୍ତ ଚନ୍ଦ୍ରଶେଖର

ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀ,

ପାରିଦୋବନ୍ଧା, ବସୁଦେବପୁର, ପୁରୀ

ମୋ : ୮୨୪୯୦୪୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାନ ଯୋଦ୍ଧା



ସ୍ମୃତିରଞ୍ଜନ ବାରିକ

ବିରି,କୋଳଥ,ଧାନ,ମୁଗ,

ଗରୀବର ଏହେଉଛି ପ୍ରିୟ ସାଂଗ ।

ଦୁନିଆରେ ସେ ହିଁ ଭଲ,

ଯାହାପାଖେ ଥାଏ ମା'ରୁପି ବିଲ ।

ଦିନରାତ୍ରକୁ ଭୁଲି କରେ ସେ ଫସଲ,

ସମାଜକୁ ବାଣ୍ଟିଥାଏ ଫୁଲ ହିଁ ଫୁଲ ।

ହାରିଯାଏ ତା'ପାଖେ ବର୍ଷା,

କେବେ ନଥାଏ ତା'ମନେ ଈର୍ଷା ।

............(୧)

କରେ ସେ ଶ୍ରମ ମାରି ଖଣ୍ଡିକାସ,

ଜମିରେ ପଡେ ଧରି ମାସ ମାସ ।

ପକାଏ ବିପଦେ ତାକୁ ପାଣିପାଗ,

ତଥାପି ନଡରି କରେ ଶାଗ,ମୁଗ ।

ଅମଳ କରେ ସେ ଉଡ଼ାଇ ହଂସା,

କେବେ ଦୁଃଖ ଦେଇଯାଏ ମୂଷା ।

ଭାରୀ ସ୍ୱାଭିମାନୀ,କହେ ନାହିଁ ମାଗ,

ସବୁବେଳେ ବୋଲେ ତୁମେ ଲାଗ ଲାଗ ।

............(୨)

କ୍ଷତି ସହେ ସିନା ନଥାଏ ରାଗ,

କିନ୍ତୁ କପଟିଆ ଲଗାଏ ଦାଗ ।

ଯଦି ହୁଏ ବର୍ଷା,ସବୁ ମୁଗ ଗଜା,

ସର୍କାର ଦିଏ ଚାଷୀକୁ ସଜ୍ଜା ।

ସାହୁ, ମହାଜନର ଅଧିକ ଅମଳ,

ଚାଷୀ କରିଥାଏ କଷ୍ଟ ପ୍ରବଳ ।

ନେଇଥାନ୍ତି ସହରୀ,ଅଧିକ ମଜ୍ଜା,

ଖାଇକି ଚାଷୀ ଦ୍ରବ୍ୟ ପିଜ୍ଜା ।

......................(୩)

ତ୍ୟାଗ ଦେଇ ନିଜ ଖୁସିକୁ ଖାସ,

ଫଳାଇ ଥାଏ ଅନ୍ୟ ମୁହେଁ ହସ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁହେଁ ତା ସ୍ଲୋଗାନ,ହେ ଚାଲ,ଚାଲ...

କିଏ ବା ଦେବ ତାହାରି ମୂଲ ।

..................(୪)

ନଥାଏ ସମୟ ନାତିକୁ ଗେଲ,

କିନ୍ତୁ ପରିଶ୍ରମୀ ଯୋଗାଏ ତେଲ ।

ନିକଟେ ନଥାଏ କୁଡିଆ କୁଶ,

ତଥାପି ହସାଏ ଦିଗ ଦଶ ଦଶ ।

.........(୫)

ଦେଇ ପାରିବାନି ତା'ସହ ତାଳ,

କିନ୍ତୁ କଥାହୋଇଥାଉ ହେଇ ମାଳ ମାଳ ।

ଗିଳିଥାଏ ସେ ସର୍ବଦା ନିଆଁ,

ହଁ ସେଥିପାଇଁ ତ ହସେ ଦୁନିଆ ।

...  ......(୬)

ତଥାପି ଅମୀର କହେ ତାକୁ ମଳ,

କବିର ଆଗରେ କିନ୍ତୁ, ସେ ସବୁଠୁ ସବଳ ।

ନିଜର ଜୀବନ କରି ନିଆଦିଆ,

ଗଢିଥାଏ ସେ ସୁନାର ଶୁଆ ।

ତା'ପାଖେ ନୁହେଁ ବଡ଼ ତା'ଛୁଆ,

ସବୁବେଳେ କହେ ମୋ ମାଟି ମା,ମୋ ମାଟି ମାଆ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

.......(୭)

ସ୍ୱାର୍ଥର ଦୁନିଆ ଦିଏ ତାକୁ ଲଜ୍ଜା,

ସ୍ୱାର୍ଥପାଇଁ ମଧ୍ୟ ପଡ଼ିଥାଏ ଖୋଜା ।

ନଥାଏ ତା'ପାଖେ ସୁନାର କଂସା,

କହେତ ! ବଳିଆ ମହାନ୍ ଚଷା,ମହାନ୍ ଚଷା ।

.........(୮)

ଗ୍ରାମ-ଅନୁପଲା,
ପୋ.ଅ-ଅନ୍ତେଇ,
ବ୍ଲକ-ତିର୍ତ୍ତୋଲ,
ଗ୍ରା.ପ-ସାମନ୍ତରାପୁର,
ପିନ୍-୭୫୪୧୭୨
ଜିଲ୍ଲା-ଜଗତସିଂହପୁର,
ମୋ-୬୩୭୦୮୦୭୧୮୭ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝଡ଼ି ବରଷା



କୁମାର ଲୋକେଶ୍

ସେଦିନର ସେଇ ଝଡି ବରଷାରେ
ଖୋଜୁଥିଲି ପ୍ରିୟା ତତେ
ପାଇଲିନି ଚିହ୍ନ ମିଳିଲାନି କିଛି
ବାଧିଲା ଲୋ ଭାରି ମୋତେ,
କଣ ପାଇଲୁ ଧୋକା ଦେଇ ସତେ
ଅଶାନ୍ତିରେ ବଞ୍ଚି ବଞ୍ଚି
ଆଜିବି ଖୋଜୁଛି ପାଗଳ ପରିକା
ସମାଧି ପାଖରେ ବସି,
କଥା ଦେଇଥିଲୁ ସାତ ଜନମକୁ
ରହିବା ଏକାଠି ହୋଇ
କୋଉଠୁ ଆସିଲା ଝଡ ତୋଫାନ ଲୋ
ସବୁ କିଛି ନେଲା ଧୋଇ,

ଆଖିରେ ରହିଛି ପ୍ରେମ ର ନିଶା ଲୋ
ଓଠରେ ପ୍ରେମର ଭାଷା
ଅଧା ବାଟେ ପ୍ରିୟା ଛାଡି ଚାଲିଗଲ
ଭାଙ୍ଗି ଦେଇ ମୋର ଆଶା,
ସେଦିନୁ ଦେଖିଲେ ଝଡି ବରଷାକୁ
ମନରେ ଆଶଇ ଭୟ
ରହିଛି ରହିବି ସମାଧି ପାଖରେ
ହଉ ପଛେ ଝଡ ଥୟ,
ଝଡ ନ ଥମିଲେ ମନେ ପଡିବ ଲୋ
ପୁରୁଣା ଦିନର କଥା
ଭାବିଲା  ବେଳକୁ ମନରେ ଏସବୁ
ଘୂରି ବୁଲେ ମୋର ମଥା  ।

ଢେଙ୍କାନାଳ , ଗୋରଡାପାଳ
୭୯୮୦୩୧୦୭୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ



ଦେବେନ୍ଦ୍ର ସେଠୀ

ପ୍ରଥମଥର ଦେଖିଲି

ସମାଜରୁ ଲିପ୍ତ

ବିଶ୍ୱାସର ସ୍ପର୍ଶ

ଆଉ ଛୁଉଁନି କାହାକୁ

ସେ ଏବେ ପରଜୀବୀ

ତା କଙ୍କାଳରେ

ହୁତ ହୁତ୍ ବ୍ୟାକ୍ଟେରିଆ

ଶୈବାଳର ଦୁର୍ଗନ୍ଧ.. । ।

ବାହାରେ ଜୀବନ୍ତ,

ଭିତରେ କ୍ରୋଧ

ଆଉ ଅହଂକାରକୁ

ନେଇ ଖୁଞ୍ଜା ଖୁଞ୍ଜି । ।

ଏଠି,

ନାରୀର ପ୍ରତିଶ୍ରୁତି

ଛଳନା ନା ରେ

ମାଆର ପ୍ରେମ

ବଜାର ଘାଟରେ

ନିଶ୍ୱାସରୁ ବିଶ୍ୱାସକୁ

କଲରା ପିତା

ଥୁ ଥୁ ପରି ଲାଗୁଛି । ।

ତୁମେ କହୁନ

କେଉଁ ବିଶ୍ୱାସ ଆଉ

ଜନ୍ମାଇବି ତୁମ

ମନରେ,ମସ୍ତିଷ୍କରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୃତପିଣ୍ଡରେ,ଦ୍ୱିଧାରେ

ସେ ସବୁର କଣ

ପରାମର୍ଶଦାତା କେବଳ ମୁଁ !

ହଁ ତୁମ ବିଶ୍ୱାସରେ

ହଜାର ହଜାର ନିଶ୍ୱାସ,

ମୋ ପ୍ରଶ୍ୱାସକୁ ସୁଦୃଢ଼ କରି

ଦେଇପାରିବି ତୁମକୁ

ମୋ ବିଶ୍ୱାସନୀୟ

ସ୍ୱାଦ ପୁଞ୍ଜିର ଦୁର୍ବଳରୁ

ସବଳ ମୁଠାଏକୁ । ।

ଠିକ,

ଯେମିତି ଉତ୍ସର୍ଗୀକୃତ

ହେଲା ପରି !

ବଡ଼ରମ୍ପାସ,ହାଟଡ଼ିହୀ

କେନ୍ଦୁଝର ।

ଭ୍ରାମ୍ୟଭାଷା-୭୦୭୭୫୪୭୯୭୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ କଥା ଆଜି ବେଶି ମନେପଡ଼େ



ବାଲାଜୀ ସେଠୀ

ବସନ୍ତର ମୃଦୁ ମଳୟ ପବନେ
ଆମ୍ବ ବଉଳରୁ ମଧୁ ଝରିପଡ଼େ
ମନର ନିଭୃତ କୋଠରୀ ଭିତରେ
ତୁମ କଥା ଆଜି ବେଶି ମନେପଡେ ।
ଜୀବନର ମରୁ ଚୋରାବାଲି ପଥେ
ମନ ମୋର ଅଟେ ତହୁଁ ପାନ୍ଥଶାଳା
ତୁମେ ଗଲାପରେ ବାହୁନି କାନ୍ଦୁଛି
ସହି ପାରୁନାହିଁ ଅନ୍ତରର ଜ୍ୱାଳା ।
ପାହାନ୍ତି କାକର ନିଦ ଭାଙ୍ଗେ ମୋର
ଦୂରୁ ଶୁଭେ କାହା ପାଦ ରୁଣୁଝୁଣୁ
କବାଟ ଖୋଲେ ମୁଁ ତୁମ ପ୍ରତୀକ୍ଷ୍ୟାରେ
ହସେ ଦୁର୍ବାଦଳ ଶିଶିରର ରେଣୁ ।
ହଳଦୀବସନ୍ତ ଖଣ୍ଡିଉଡେ ଡାଳେ
କୋଇଲି ଡାକୁଛି କରିବାକୁ ପ୍ରିତୀ
ବୁଲିଯାଏ ଯେବେ ଆମ୍ବତୋଟାମାଳ
ପବନରେ ବୋଳି ହୁଏ ତୁମ ସ୍ମୃତି ।
ନବ ପଲ୍ଲବୀତ ମହୁଲ ଡାଳରୁ
ବୃନ୍ତଚ୍ୟୁତ ଫୁଲ ଯେବେ ଝରିପଡ଼େ
ମନର ନିଭୃତ କୋଠରୀ ଭିତରେ
ତୁମ କଥା ଆଜି ବେଶି ମନେପଡେ ।
ଫଗୁଣ ପରସେ ମଳୟ ବାସିଲେ
ତନ, ମନ ବିଦ୍ଧ ମଦନର ଶରେ
ପ୍ରେମ ପ୍ରଣୟିନୀ, ମନର ମାନସୀ
ପଦ ଚିହ୍ନ ଛାଡ଼ିଗଲ ମୋ ଛାତିରେ ।
ଇନ୍ଦ୍ରଧନୁ ରଙ୍ଗ ଆଣିଛି ଫଗୁଣ
ସରମରେ ଜହ୍ନ ମେଘ ତଳେ ଲୁଚି
ବିରହ ଅନଳ ସହିହୁଏ ନାହିଁ
ନୀରବରେ ଲୁହ ଯାଉଛି ଖସି ।
ଚୋରା ଚଇତିର ଚାନ୍ଦିନୀ ରାତିରେ
କଥା ଦେଇଥିଲ ବସି ମୋର କୋଳେ
ଠକି ଦେଇ ଗଲ ଫେରିଲନି ଆଉ
ତୁମ କଥା ଆଜି ବେଶି ମନେପଡେ । ।

ଚିତ୍ରକୋଣ୍ଡା, ମାଲକାନଗିରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଜନ୍ମଭୂମି



ଜିତେନ୍ଦ୍ର ପାଣ୍ଡେ

ଜନନୀ ଗର୍ଭରୁ ଜନମ ହୋଇ ମୁଁ
ପଡିଲି କୋଳେ ଯାହାର,
ସ୍ୱର୍ଗଠୁ ସୁନ୍ଦର ଚତୁର୍ଦ୍ଦିଗ ଶୋଭା
ସେ ତ ଜନ୍ମଭୂମି ମୋର ।।

ମହୋଦଧି ଯାର ଚରଣ ଯୁଗଳ
ଧୋଇଦିଏ ଧୀରେ ବହି ,
ଯା କୋଳେ ବଢିଲି ମୁକ୍ତଭାବେ ମୁହିଁ
ସେ ମୋ ପ୍ରିୟ ଜନ୍ମଭୂଇଁ ।।

ନଦନଦୀ ତାର ଗିରି,ବନ,ହ୍ରଦ
ଶୋଭାକରେ ଦୁଇଗୁଣିତ,
ଅଚଳ ବକ୍ଷରୁ ଝରି ନିର୍ଝରଣୀ
ଗାଏ ମଧୁର ସଂଗୀତ ।।

ତା କୋଳରେ ଥାଇ ଜହ୍ନ ମୁଁ ଦେଖିଛି
ଦୂର ନୀଳ ଆକାଶର ,
ବିହଙ୍ଗର ଗୀତ କର୍ଣ୍ଣେ ମୁଁ ଶୁଣିଛି
ମୁଗ୍ଧକର ସୁମଧୁର ।।

ସ୍ୱର୍ଗୀୟ ସୁଷମା ଯା ଆଗରେ ଫିକା
ହିମଗିରି ଶୋଭେ ଶିରେ,
ମୋ ଜନ୍ମଭୂମିର ସରି କେହି ନୁହଁ
ଏଇ ବିଶ୍ୱ ବ୍ରହ୍ମଣ୍ଡରେ ।।

ଏ ଭୂମିରେ ଦିନେ ଜନ୍ମ ନେଇଥିଲେ
ନେହେରୁ,ସୁବାସ,ଗାନ୍ଧୀ ,
ଦେଶ ସ୍ୱ ।ଧିନତା ପାଇଁ ଲଢିଥିଲେ
ମନରେ ସାହସ ବାନ୍ଧି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେତେ ଜାତି,ଧର୍ମ,ବର୍ଣ୍ଣ ଥାଇ ଆମେ
ବନ୍ଧା ଗୋଟିଏ ଡୋରିରେ ,
ଗର୍ବ କରି କହେ ଛାତିକୁ ଫୁଲାଇ
ଜନ୍ମ ମୋର ଭାରତରେ । ।

ପ୍ରଥମ ବର୍ଷାର ଜଳବିନ୍ଦୁ ପଡି
ବାସେ ମୋର ଜନ୍ମଭୂଇଁ,
ଶସ୍ୟକ୍ଷେତେ ସ୍ୱର୍ଣ୍ଣ ଫସଲ ଫଳାଏ
ମୋ ଭୂଇଁର ଚାଷୀଭାଇ । ।

ଯେଉଁଠି ଥିଲେ ମୁଁ ଯାହା କରୁଥିଲେ
ଝୁରେ ଜନ୍ମଭୂମି କଥା,
ଜୁହାର କରେ ମୁଁ ଅତି ସରାଗରେ
ତା ଚରଣେ ରଖି ମଥା । ।

ତାହାରି ସନ୍ତାନ ଅଟୁଁ ଆମେ ସର୍ବେ
ନାହିଁ ତାର ପଟାନ୍ତର ,
ତା ଟେକ ରଖିବା ପାଇଁ ହେବ ଯଦି
କାଟିଦେବା ଆମ ଶିର । ।

ବାଗଉଡାର, ବେଲପଡା,ବଲାଙ୍ଗିର
ମୋ- ୬୩୭୦୯୭୯୬୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାହାଡ଼ର ଶବ୍ଦ



ଦମୟନ୍ତୀ ଜେନା

କଠିନ ଶିଳାରେ ଆବୃତ
ଦେହ ତାର କଣ୍ଟକିତ....
ଜଙ୍ଗଲ ତା ବାସ ସ୍ଥାନ
ରହିଥାଏ ଚିରନ୍ତନ....
ସବୁଜ ଘେରାରେ ପୂର୍ଣ୍ଣ
ଗଛ ଲତା ତରୁ ଡାଳେ....
ଝରଣା ବହିଯାଏ
ତା' ବୁକୁ ତଳେ....
କୁଳୁ କୁଳୁ ନାଦ କରି
ପ୍ରଚଣ୍ଡ ଶବ୍ଦ କରେ....
ସତେ ଯେମିତି ଡାକୁଥାଏ
ପାଖକୁ ଟିକେ ଆସରେ....
କେତେ ପଶୁ ପକ୍ଷୀ ମଣିଷ
ଯାଆନ୍ତି ତାର ନିକଟେ....
ଧନ୍ୟବାଦ ଜଣାଇ ଫେରନ୍ତି
ନିଜ ନିଜ ବାଟେ....

ବର୍ଷାଦିନେ ମେଘମାଳ
ଘୂରିବୁଲନ୍ତି ତା' ଶିଖରେ....
ସତେ ଯେମିତି ଧଳା ଫୁଲ ଫୁଟିଛି
ଆଜି ତା ଦେହରେ....
ନିର୍ଜୀବ ବୋଲି ଭାବୁ ସିନା
ସଜୀବ ଲାଗନ୍ତି ସତେରେ....
ଅକୁହା ପଥର କଥା କହିଥାଏ
କଷ୍ଟ ହେଲେ ତା ଛାତିରେ.....
କେତେ ଯେ ଶବ୍ଦ ଘୂରିବୁଲେ
ଏଇ ଜଙ୍ଗଲ ଭିତରେ.....
ସତେ ଯେମିତି ସେ ଆଶ୍ରୟ ଦେଇଛି
ନିଜ ସନ୍ତାନକୁ ଗର୍ଭରେ.....
ସ୍ୱାର୍ଥ ମଣିଷ ଆଜି ଅନ୍ଧ ହୋଇ
ପଥର ଭଙ୍ଗେ ବୋମା ଫୁଟାଇ.....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉନ୍ନତି କରିବାକୁ ଚାହିଁ
ଅବନ୍ନତିର ପଥେ ଚାଲିଛି ଆଗେଇ....
ସହସ୍ର ଗଛକୁ କାଟି ପ୍ରତିଦିନ
ବୋଲାଏ କୋଟିପତି....
ସହସ୍ର ପଶୁପକ୍ଷୀଙ୍କୁ କରି ଦହନ
ଟେକି ଉଚ୍ଚ ଅଟାଳିକା ନୀତି....
ହାଏରେ ବିଧାତା
ହେଲୁକି ନିଷ୍ଠୁର ଆଜି....
ସବୁଜୀବ ମଧ୍ୟେ ସାର
ମଣିଷ ଜୀବନ
ବୋଲାଉଥିବା ମଣିଷଟାକୁ
ବାଟ ବଣା କାହିଁ କରୁଛୁ ଆଜି....

ଶିକ୍ଷୟିତ୍ରୀ, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଙ୍ଗୁଡ଼ିଏ ନିଦ



ସୁବ୍ରତ ପାତ୍ର

ବାକିଅଛି
କିଛି ସ୍ୱପ୍ନ ପୁରା କରିବାକୁ
ଚାଙ୍ଗୁଡ଼ାଏ ନିଦ ଦେଇ
କିଛି କହିସାରିଛି
ଆଉ କିଛି ବାକିଅଛି
ଆଗାମୀ କାଲି ପାଇଁ
କାଲିର ସ୍ମୃତିଗୁଡ଼ା
ଆଉଟୁ ପାଉଟୁ ହେଉଥାନ୍ତି
ମୋ ମନ ଭିତରେ
ବାହାର କରି ଦେଖେ ତ
ତୁମ ସ୍ମୃତିଛଡ଼ା ଅନ୍ୟ କିଛି ନୁହେଁ ।
ଆହୁରି ମଧ୍ୟ ନିଜକୁ
ଗଢିବାର ଯେଉଁ ଅଭିଳାଷ
କଲବଲ କରୁଥାଏ ମତେ
ଇଚ୍ଛା ତ ହୁଏ
ତୁମ ସହ
ବିତେଇଥିବା
ସମୟକୁ
ଲାଞ୍ଚ ଦେଇ
ଫେରେଇ ଆଣନ୍ତି
ଏଇ ସମୟ ପାଖରୁ
କିନ୍ତୁ ଏ ବଦଳୁଥିବା ସମୟ
ପ୍ରତି ମୁହୂର୍ତ୍ତରେ ଅଲଗା କରୁଥାଏ
ମତେ ତୁମଠୁ ଆଉ ମୋ ନିଜଠୁ
ପରିସ୍ଥିତିର ଚାପରେ
ଜଳି ଜଳି ପାଉଁଶ
ହୋଇସାରିଲିଣି
ଦେଖିଥିବା ସ୍ୱପ୍ନସବୁ
ଧୂଳିସାତ ହୋଇଗଲାଣି
ଖାଲି ବାକି ଅଛି ଦେଖିବାକୁ
ନୂଆ ସକାଳର ନୂଆ ରୂପକୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାମାରୀ ବେଳେ



ତପନ କୁମାର ସ୍ୱାଇଁ

ରାଗିବୁନି ବୋଉ କଥାଟେ କହିବି
ବଜାର ଆସିବା ବାଟରେ,
ଦେଖିଲି ଜଣିଏ ବୁଢା ମଉସାକୁ
ଆମ ଗାଆଁ ପାଖ ହାଟରେ ।

ନୁଖୁରା ମୁଣ୍ଡରେ ତେଲ ବାଜି ନାହିଁ
ଚିକିଟା ମଇଳା ଦିଶୁଛି,
ତଥାପି ଶୁଖିଲା ମୁହଁରେ ଯାହାକୁ
ଦେଖିଲେ କାହିଁକି ହସୁଛି !

ଆମେତ ସଭିଏଁ ସଚେତନ ଅଛୁ
ବାହାର ଜିନିଷ ଖାଉନୁ,
ଯିଏ ଦେଉ ପଛେ ଧନକି ଦରବ
କାହାରି ହାତରୁ ଛୁଉଁନୁ ।

ତାକୁ ବାବୁ ମାନେ ପଇସା ଦିଅନ୍ତି
ଦିଅନ୍ତି ଖାଇବା ଦରବ,
ତା'ପାଇଁ କିଛିତ ଫରକ ପଡେନି
ଯେମିତି ସତେତା ପରବ ।

କହିଲୁ ତାକୁଏ ମହାମାରୀ ବେଳେ
କିଏ ଆହା ପଦ କହିବ,
ତାର'ଏ ଭୋକିଲା ପେଟ ପାଇଁ କିଏ
ଭାତ ଥାଳି ଆଣି ଥୋଇବ ।

ଦେଇଥିଲୁ ଯେଉଁ କିଣିବାକୁ ମୋତେ
ବାଟେ ଗଲାବେଳେ ପଇସା ,
କିଣି ଦେଇଅଛି ମୁଖାଓ ସାବୁନୁ
ବ୍ୟବହାର ପାଇଁ ମଉସା ।

ବୋଉ ଶୁଣିସାରି କହିଲା ଧନରେ
ଭଲ କାମଟିଏ କରିଛୁ,
ଦୁଃଖୀ ଲୋକ ଦେଖି ସାହାଯ୍ୟ କରିବା
ପାଇଁ ଏତେ କିଆଁ ଡରୁଛୁ ।

ଅଇବିଲି, ଜଗତସିଂହପୁର ।
ମୋ-୯୦୪୦୦୩୩୩୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତତେ କାହିଁକି ଖୋଜୁଛି ମୁଁ ?



ବୈଦ୍ୟନାଥ ପଣ୍ଡା

ପାହାନ୍ତି ରାତିର ନିଦୁଆ ଆଖିର
ମିଠା ସପନ ଟେ ତୁ
ଶରତ ଋତୁର  ନୀଳ ଆକାଶରେ
ଧଳା ମେଘ ଖଣ୍ଡେ ତୁ
ପାଇବାକୁ ତତେ ଭାରି ମନ ହୁଏ
ସତେ କେତେ ସୁନ୍ଦର ତୁ
କହ କହ...........
ତତେ କାହିଁକି ଭାବୁଛି ମୁଁ
ପାହାନ୍ତି ରାତିର........... ||

ତୋ ରୁପକୁ ଯେବେ ମନରେ ଭାବୁଛି
ଲେଖିବାକୁ ହୁଏ ମନ
ତୋ କଥାକୁ ଭାବି ରାତିରେ ଶୋଇଲେ
ଦେଖୁଛି ତତେ ସପନ
କହିବାକୁ ତତେ ମନ କଥା ଯେତେ
କେତେ ସୁଯୋଗ ଖୋଜେ ମୁଁ
କହ କହ..........
ତତେ କାହିଁକି ଖୋଜୁଛି ମୁଁ
ପାହାନ୍ତି ରାତିର............. ||

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମତେ ଲାଗେ ସତେ ଇନ୍ଦ୍ରଧନୁ ଠାରୁ

ଚୋରାଇ ତୁ ରଙ୍ଗ ତାର

ତା ସାତରଙ୍ଗରେ ସଜାଇ ହେଇ ତୁ

ଲାଗୁଛୁ ଏତେ ଏତେ ସୁନ୍ଦର

ହସିଦେଲେ ତୁହି ବିଜୁଳି ଚହଟେ

ସତେ ବିଚିତ୍ର ବର୍ଣ୍ଣା ତୁ

କହ କହ........

କାହିଁକି ଏମିତି ଲାଗୁଛୁ ତୁ

ପାହାନ୍ତି ରାତିର...............II

ମୋ ସୁର ସାଙ୍ଗରେ ସୁର ମିଳାଉଛୁ

ସାଜି ମୋର ସ୍ୱରବର୍ଣ୍ଣା

ତୋ ପାଇଁ ଦିନେ ମୁଁ ପ୍ରେମକୁ ଜିତିଛି

ଆଗୋ ମୋ ବିଚିତ୍ରବର୍ଣ୍ଣା

ପରି ରାଇଜର ଅକୁହା କାହାଣୀ

ବିଚିତ୍ର ଗଳ୍ପ ଟିଏ ତୁ

କହ କହ...........

କାହିଁ ତତେ ପଢିବାକୁ ଖୋଜେ ମୁଁ

ପାହାନ୍ତି ରାତିର......... II

ଅବଦଲପୁର, ଯାଜପୁର , ଦୂରଭାଷ : ୯୪୩୯୮୫୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ମୋର ପ୍ରିୟା ଚନ୍ଦ୍ରମା



ଲିଟନ୍ କୁମାର ବେହେରା

ହେ ମୋର ପ୍ରିୟା ଚନ୍ଦ୍ରମା,
କିଏ ବା କହୁଛି ସେ
ତୁମ ଦେହେ ଲାଗିଛି କଳଙ୍କର ଦାଗ ,
ତୁମେ ତ ଲାବନ୍ୟର ଅଧିକାରୀ
ସୁନ୍ଦରଠୁଆହୁରି ସୁନ୍ଦର ,
ସେ ଲାଗି ତ ମଥାରେ କଳା ଟୀକା
ବୋଧହୁଏ ଲାଗିଯିବ କାହା ନଜର .... ୧

ନା ନା ,
ବାଦଲ ତମକୁ ଦେଇନି ଢାଙ୍କି ତା
ଛାୟା ଚାଦରେ
ଲାଗୁଛି ଏମିତି ସତେ ଯେମିତି
ଲାଜର ଓଢଣୀ ଟାଣି
ଚାହୁଁଛ ଚୋରା ଚାହାଣି ରେ,
ଯେତେବେଳେ ରାତ୍ରିର ଅବନୀ ଆଡେଇ ଦିଏ
ତୁମ ତେଜସ୍ୱୀ ଜ୍ୟୋସ୍ନା,
ମଳୟ ବା ରେ ଭାସିଆସେ
ଗୋଟେ ଅଜବ ପ୍ରେମର ବାସ୍ନା ,
ଆଉ ସେ ପବନର ସ୍ପର୍ଶ ପାଇ
ଦେହରେ ଖେଳୀଯାଏ ଶିହରଣ... ୨

ଆଉ କାହିଁକି କେଜାଣି
ମୁଁ ପାଗଳଙ୍କ ପରି ହସିଉଠେ ,
ମନେମନେ କହିବାକୁ ଲାଗେ
ହେ ରୂପସୀ ତୁମେ ତ ସୌନ୍ଦର୍ଯ୍ୟର ଗନ୍ତାଘର
ଜେତଦେଖିଲେବି ମନ ଭରୁନି କାହିଁ ,
ମୋ କମ୍ପିତ ହୃଦୟେ , ବିମୋହିତ ମନରେ
ଅଧୁରା ପ୍ରେମ ମୋର ତୁମ ପାଇଁ... ୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୁସିର ଉଦ୍ୟାନ



ସରୋଜିନୀ ମିଶ୍ର

ଖୁସିର ଉଦ୍ୟାନ ପାଇଁ
ଖୋଜୁଥିଲି ଶାନ୍ତିରୂପୀ ଚାରା
ଅନତି ଦୂରରେ ଥିଲା
ଅନିଷ୍ଟ କରତା ସହ ପରୋପକାରିତା
ପାଶେ ମୁହିଁ କରିଲି ଗମନ
ଧିରେ ନେଇ ପରୋପକାରିତା
ମନର ମୁଣିରେ ତାକୁ କରିଲି ସ୍ଥାପନ ।

ଆଗେ ପଦ କଲି ସଂଚାଳନ
ସ୍ୱାର୍ଥ,ନିଃସ୍ୱାର୍ଥ ଦୁଇଚାରା ଆକର୍ଷଣେ
ମନ୍ତ୍ରମୁଗ୍ଧ କଲା ନିଃସ୍ୱାର୍ଥର ସମ୍ମୋହନ
ନେଇ ମୁହିଁ ନିଃସ୍ୱାର୍ଥ ଭାବକୁ
ମନର ମୁଣିରେ ତାକୁ କରିଲି ସ୍ଥାପନ ।

କିଛିବାଟ ପୁଣି ଆଗେଇଲି
ଲୋଭ ,ଦାନ ବିପରିତ ମୁଖେ
ଅଙ୍କୁରନ୍ତି ବୀଜର ପ୍ରଭାବେ
ଦାନ କିଣି ନେଲା ମୋର ମନ
ମନର ମୁଣିରେ ତାକୁ କରିଲି ସ୍ଥାପନ ।

ସମ୍ମୁଖେ ପଡିଲା
ହିଂସା ଅହିଂସାର ଚାରା
ଅହିଂସାର ଗଠନଟି
କଲା ଆକର୍ଷଣ
ମନର ମୁଣିରେ ତାକୁ କରିଲି ସ୍ଥାପନ ।

ବାମପଟେ ରାଗ ଶାନ୍ତ
ଅଙ୍କୁରଙ୍କୁ ଦେଖି
ଧିରେ ଧିରେ କରିଲି ଗମନ
ଶାନ୍ତର ସ୍ନିଗ୍ଧତା ଛୁଇଁଗଲା ମୋର ପ୍ରାଣ

Magazine Downloaded from www.aahwaan.com

ମନର ମୁଣିରେ ତାକୁ କରିଲି ସ୍ଥାପନ ।

ସରଳତା ,ଅଭିମାନ

କଥୋପକଥନେ

ମଜ୍ଜିଥିବା ଦେଖି ପାଶେଗଲି

ସରଳର ନିବିଡତା ବାନ୍ଧିଲା ନୟନ

ମନର ମୁଣିରେ ତାକୁ କରିଲି ସ୍ଥାପନ ।

ପଛପଟୁ ଡାକଦେଲା

ମୋହରୂପୀ ଚାରା

ବୁଲିଟିକେ ଦେଲି ମୁଁ ଅନାଇ

ବିବେକ ମୋ କାନେ ଦେଲା କହି

ଯଦି ହେବୁ ମୋହ ର ନିକଟ

ମାୟାର ଜାଲରେ ପଡି

ହେବୁ ଛଟପଟ

ବିକଳେ ମୁଁ କରିଲି ଗମନ

ମନର ମୁଣିରେ ତାକୁ ନ କରି ସ୍ଥାପନ ।

ଖୁସିର ଉଦ୍ୟାନେ ପୋତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମସ୍ତ ଚାରାଙ୍କୁ

ତୋଳିବାକୁ ଚେଷ୍ଟାକରେ

ଶାନ୍ତିର ସୁମନ

ଭଜିବାକୁ ଚେଷ୍ଟାକରେ

ଦୁଃଖବିନାଶନ

ନିରାକାର ,ପରଂବ୍ରହ୍ମ ନିତ୍ୟ ନିରଞ୍ଜନ

ଭକ୍ତି ,ଶକ୍ତି ,ମୁକ୍ତି ଦାତା ପ୍ରଭୂ ନାରାୟଣ ।

ଆଲୋକ ନଗର ,ଆମ୍ବପୁଆ

ବ୍ରହ୍ମପୁର , ଗଂଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ବି ତୁମେ ସରକାର



ବିଶ୍ୱଜିତ୍ ନାଥ

କାହିଁକି ସରକାର କାହିଁକି
ତୁମେ ଏତେ ନିଷ୍ଠୁର, ଆଉ ନିର୍ମମ,
ତୁମେ ଗଣତନ୍ତ୍ରର ରକ୍ଷକ
ନା ଦରିଆର ଜଳଦସ୍ୟୁ
ତୁମେ ଜନ ମାନସର ଈଶ୍ୱର
ନା ନାଗରିକଙ୍କ ପାଇଁ ଯମ ଫାସ
"ମୁଁ କହୁଛି ଆଜି , "
ନାଁ ତୁମେ କାହାରି ରକ୍ଷକ
ନାଁ କାହାରି ଈଶ୍ୱର
ତୁମେ କାଳ ରୁପି ମୃତ୍ୟୁ ସୌଦାଗର
କାରଣ ! !
ସାମ୍ୟ ନାମେ ଶାସନ କରୁଛ
ହେଲେ ବୈଷମ୍ୟତା ରେ ସୃଷ୍ଟି କର ଦଙ୍ଗା
ଧନୀ ଲୁଟି ନେଇ ଦେଶ ଛାଡୁଛୁ
ଭୋକିଲା ଦରିଦ୍ର ଏଠି ଆମ୍ବ ଟାକୁଆ ଧରେ
ସ୍ୱଚ୍ଛତା ନାମରେ ଦୁନ୍ଦୁଭି ବଜାଉଅଛ

Magazine Downloaded from www.aahwaan.com

ଲକ୍ଷ ଲକ୍ଷ କୋଟି ଏଠି ଆପଣା ସ୍ୱାର୍ଥରେ ଯାଏ

ପ୍ରଗତୀ ସଙ୍ଗୀତ ନୀତି ଶୁଣାଉ ଅଛ

ପ୍ରଗତୀ କଣ ଚାଳ ଘର କୁହେ

ଭୋକ ଉପାସରେ ଗରିବ ମରୁଅଛି

ମିଛ ପ୍ରତିଶୃତି ଖାଲି ନିର୍ବାଚନରେ

ସ୍ୱାଧୀନତାର ସ୍ଲୋଗାନ ଦେଉଅଛ

ନିର୍ଭୀକତାର ପ୍ରମାଣ ଦେଖାଉଅଛ

ହେଲେ ଦିନ ଦି ପ୍ରହର ରେ ନିର୍ଭୟା କାନ୍ଦେ

ନିର୍ଭୟା ର ଲୁହ  ପ୍ରଳୟ ର ଉପନ୍ୟାସ ଲେଖେ

ବାଃ ବାଃ ସରକାର

କେବେ ଆଉ ସୁଧୁରିବ ତୁମେ

କେବେ ଆଉ ନିଲବର୍ଣ୍ଣ ଶୃଗାଳ ରୁ ସିଂହ ହେବ,

ଆଜିବି ତୁମେ ଗଣତନ୍ତ୍ରର କଳଙ୍କ

ରକ୍ତସୋଷୀ ମୁଦ୍ରା ରାକ୍ଷସ । । ।

ପତିତପାବନ ମହାବିଦ୍ୟାଳୟର  ସାଇଁକୁଲ୍ ର ଶେଷ ବର୍ଷ ର ଛାତ୍ର,  ଗ୍ରାମ,- ଉଲ୍ଲୋଳ,

ପୋଷ୍ଟ_ବଳିବାରୁଆଁ,  ଘଷିପୁରା, କେନ୍ଦୁଝର,,, ଯୋଗାଯୋଗ_୯୪୩୭୫୯୪୩୫୯....

Magazine Downloaded from www.aahwaan.com

# କାରଗିଲ୍ ବିଜୟଦିବସ



ଅଭୟ କୁଣ୍ଡ

ଯିଏ ଭାରତ ମାକୁ ଫେରେଇଛି ତା ପୁତ୍ର
ଯିଏ ସାଜିଥିଲା ଦେଶର ରକ୍ଷକ
ସବୁକିଛି ଦାନ କରି ସାଜିଲା ଭିକ୍ଷୁକ
ସିଏ ପରା ବୀର ପୁତ୍ର ବୀର ସୈନିକ
ଯିଏ ନିଜ ପ୍ରାଣ ଦେଇ ରଖିଗଲା ଯଶ
ତା ପାଇଁ ପାଳିବା ଆମେ ବିଜୟ ଦିବସ

ଯିଏ ଶୀତ କାକରକୁ କରିନାହିଁ ଭୟ
ଯିଏ ନିଜ ଛାତି ତଳେ ଚାପିରଖି କୋହ
ଯାର ଚେଷ୍ଟା ପାଇଁ ମିଳିଛି ଆମ ମାଟି
ଯିଏ ଗୁଳିଗୋଳା ଆଗେ ପତେଇଛି ଛାତି
ଯାର ଚେଷ୍ଟା ପାଇଁ ମାତୃଭୂମି ହସେ
ମନେ ପକାଇବା ଏହି ବିଜୟ ଦିବସେ

ଯିଏ ନିଜ ବଳିଦେଇ ଜିତାଇଲା ଦେଶ
ଯିଏ ହସି ହସି ନିଜେ ହେଲା ନାଶ
ଯିଏ ଶତ୍ରୁକୁ କରିଥିଲା କଲବଲ
ତାଠୁ ଛଡେଇ ନେବ କିଏ କାରଗିଲ
ନିଜେ ସିନା ଗଲା ଚାଲି ରହିଲା ଏ ଦେଶ
ତା ପାଇଁ ପାଳିବା ଆମେ ବିଜୟ ଦିବସ

ବରଫଗଦାରେ ନିଜଶେଯ ସାଜିଥିଲା
ନିଜ ଶରୀରରୁ ଲୁହଲହୁ ଦେଇଥିଲା
ପାକ ଆତଙ୍କବାଦୀ ପାଇଁ ବଳି ହେଲା
ଜୀବନକୁ ଦେଇ  ଦେଶ ରକ୍ଷା କଲା
ସେହି ପ୍ରତିଦାନେ ଦିଏ ଆମ
ତାସ୍ମରଣେ ପାଳ ସଭିଏଁବିଜୟ ଦିବସ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୋଛିହେଲା କେତେ ନାରୀର ସିନ୍ଦୁର

ଖସିଗଲା ଜ୍ୟୋତି ଭଉଣୀ ଆଖିର

ବାପ ସଜାଡ଼ିଲା ପୁଅର କୋକେଇ

ମା କାନ୍ଦେ କଇଁ କଇଁ ଛାତିକୁ ଫଟାଇ

ପାକ୍ ପାରିଲା ନାହିଁ କାରଗିଲ ନେଇ

ଆମସୈନ୍ୟଆଣିଦେଲେଜୀବନଦେଇ

ଉଣେଇଶ ଅନେଶ୍ୱତ ଜୁଲାଇ ଛବିଶ

ପାଳିବା କାରଗିଲ ବିଜୟ ଦିବସ ।

ସହକାରୀ ଶିକ୍ଷକ

ମହିଷାପାଟ ଆଶ୍ରମ ବିଦ୍ୟାଳୟ

ସଦର, ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ସମର୍ପିତ ଦିବସ



ଚିତ୍ତରଞ୍ଜନ ବାରିକ

ମହାବୀରଙ୍କର ମହାପ୍ରୟାଣରେ
ତ୍ରିରଙ୍ଗା ଯାଇଛି ନଇଁ,
ଶହଶହ ବୀର ଅନନ୍ତ ନିଦ୍ରାରେ
ଏଠି ଯାଇଛନ୍ତି ଶୋଇ ।
ଗୁଳିର ଭୀମଭୈରବ ଧ୍ୱନିରେ
ଭୟେ ପ୍ରକମ୍ପିତ ହୋଇ,
ସ୍ତମ୍ଭିତ ହୋଇଛି କାରଗିଲ ଆଜି
ସ୍ତମ୍ଭିତ ଭାରତ ଭୁଇଁ ।
ଶୁଖିଲା କଣ୍ଠରେ ଉଲଗ୍ନ ପାଦରେ
ଜନନୀ ଆସଇ ଧାଇଁ,
ଅନେକ ବୀରଙ୍କୁ ସିଏ ସମୟକୁ
ଦେଇ ପଛରେ ପକାଇ ।
ସିନ୍ଦୂର ଲିଭାଇ ସିନ୍ଥିରୁ ତାହାର
ଆଉଜା ଦରଜା ଧରି,
ବୀରଙ୍ଗନା ବୁକୁ ଅଧିର ହୋଇଛି
ପ୍ରିୟଙ୍କ ସ୍ମୃତିକୁ ଭରି ।

ଭଗିନୀ ସାଜିଛି ଅଭାଗିନୀ ଆଜି
ରାକ୍ଷିକୁ ହାତେ ଧରିଛି,
ଚିଡାଉ ଥିବା ତା' ଭାଇର ହାତଟି
କେଉଁଠି ହଜିଯାଇଛି ।
ସନ୍ତାନ ଖୋଜୁଛି ବାପାଙ୍କୁ ତାହାର
ଭାଇଟି ଖୋଜୁଛି ଭାଇ ,
ବୃଦ୍ଧ ବାପା ଗର୍ବେ ଅଶ୍ରୁ ନିଗିଡ଼ାନ୍ତି
ବାତ୍ସଲ୍ୟ ପ୍ରେମ ଦେଖାଇ ।
ଖଣ୍ଡଖଣ୍ଡ ହୋଇ କଟିଯିବି ପଛେ
ଖଣ୍ଡେ ଗୋଡ଼ି ଦେବି ନାହିଁ,
କହୁଥିବା ବୀର ଯାଇଛନ୍ତି କଟି
ଆମ ମାଟି ମାଆ ପାଇଁ ।
ସଭିଏଁ ଗାଅରେ ଅମର ମନ୍ତର
ଯବାନ ଭାଇଙ୍କ ପାଇଁ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମ୍ମାନ ଦେବାକୁ ବୀରଙ୍କୁ ଆମର

ଖାଲିପାଦେ ଆସ ଧାଇଁ ।

ସୀମିତ ଜ୍ଞାନରେ ଲେଖି ମୁଁ ପାରୁନି

ବୀରଙ୍କ ବୀରତ୍ୱ ଗାଥା,

ଖଦ୍ୟୋତ ଜୀବଟି କେମନ୍ତ ଚାହିଁବ

ସୂର୍ଯ୍ୟଙ୍କୁ ଉଠାଇ ମଥା ।

ବୀର ପ୍ରସବିନୀ ହେ ବୀର ପାଳିନୀ

କେହି ନୁହେଁ ତୁମ ସମ,

ସେହି ମାଆ ପାଦେ ଛାର ମଣିଷ ମୁଁ

କରେ ଶତତ ପ୍ରଣାମ ।

ହାତରେ କୁସୁମ ଅନ୍ତରୁ ସମ୍ମାନ

ଧରିଣ ଆଗେଇ ଆସ,

ସମର୍ପି ଦେବାକୁ ବୀରଙ୍କୁ ଆମର

ଏଇ ବିଜୟ ଦିବସ ।

ଅନୁପଲା,ଅନ୍ତେଇ,

ଜଗତସିଂହପୁର

ମୋ-୯୮୬୧୬୪୭୦୮୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇନ୍ଦ୍ରଧନୁ



ପୁଷ୍ପଲତା ସାହୁ

ନୀଳାଭ ନୀଳିମା ଆକାଶର କୋଳେ
କଳା ବାଦଲଟି ଭାସେ
ଧରି ରଖିଛି ତା ଦେହେ ଜଳବିନ୍ଦୁ
ପାଣି ହୋଇ ବରଷେ ।।

ଟୋପି ଟୋପି ବର୍ଷା ଜଳ ଆକାରରେ
ଧରଣୀ ବୁକୁରେ ପଡି
ଶୀତଳ ସମୀରେ ତନୁ ମନ ପ୍ରାଣେ
ପୁଲକ ପଡଇ ଝଡି ।।

ଫକଫକ ହୋଇ ବେଙ୍ଗ ରାଜା ଡିଏ
ଆଜି ତାର ବାହାଘର
ମେଘ ବଜାଇବ ରୋଷଣୀ ମାଦଳ
ସାଜିବ ବେଙ୍ଗଟି ବର ।।

ବେଙ୍ଗୁଲୀ ନାନୀଟି ସାରୁ ବୁଦା ମୂଳେ
କନିଆ ସାଜିଛି ଦେଖ
ମନ ଫୁଲାଣୀଆ ଗୀତ ଗାଉଅଛି
ଯିବ ସେ ବେଙ୍ଗର ପାଖ ।।

ଆକାଶେ ବିଜୁଳି ଚମକି ଯାଉଛି
ପଡୁଛି ଆଲୋକ ମାଳା
ଇନ୍ଦ୍ରଧନୁ ଦେହେ ସଜେଇ ହୋଇଛି
ସାତ ରଙ୍ଗ ବର୍ଣ୍ଣମାଳା ।।

ସାତ ରଙ୍ଗ ଭରି ଆକାଶ ବୁକୁରେ
ଶୋଭା ତାର ବିକାଶଇ
କେତେ ମନଲୋଭା ରୂପଟି ତାହାର
ମନରେ ରଙ୍ଗ ଭରଇ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇନ୍ଦ୍ରର ଦେବତା ବିଛାଡ଼ି ଦିଅନ୍ତି
ଆକାଶେ ତାଙ୍କରି ଧନୁ
ଦୂର ହୋଇଯାଏ ହୃଦୟରୁ ଦୁଃଖ
ଦେଖି ତାର ରୂପ ତନୁ ।।

ଧନୁ ନୁହେଁ ସିଏ ବିଜ୍ଞାନର ଖେଳ
ଏ କଥା ରଖିଥା ମନେ
ସୂର୍ଯ୍ୟ କିରଣରୁ ସାତ ରଙ୍ଗ ଆସି
ପଡେ ଆକାଶର ବନେ ।।

ସାତ ରଙ୍ଗ ମିଶି ସାଜେ ଧଳା ରଙ୍ଗ
ଶାନ୍ତି ମୈତ୍ରୀର ପ୍ରତୀକ
ଶଶାଗରା ଏଇ ଧରଣୀ ବକ୍ଷରେ
ହୋଇବା ସଭିଏଁ ଏକ ।।

ସହକାରୀ ଶିକ୍ଷୟିତ୍ରୀ
ମକୁନ୍ଦପୁର ଉ ପ୍ରା ବିଦ୍ୟାଳୟ
ଜଗତସିଂହପୁର
ଫୋନ ନମ୍ବର -୯୬୫୮୫୫୩୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଦ



ସୌମ୍ୟରଞ୍ଜନ ପାଲ

ଚପଲର ଛୁଆଁ ପାଇପାରିନାହିଁ ଧୂଳିରେ ଚାଲୁଛି ପାଦ
ଗୁମରର ପେଡ଼ି ଖୋଲିପାରିନାହିଁ ଗଳିରେ ବୁଲୁଛି ପାଦ
ଯୌତୁକ ବୋଝ ବୋହିପାରିନାହିଁ ଜୁଇରେ ଜଳୁଛି ପାଦ
କରଜର ଭାର ସହିପାରିନାହିଁ ଶୁନ୍ୟରେ ଝୁଲୁଛି ପାଦ ।।

କରମର ପାପ ଧୋଇପାରିନାହିଁ ଗଙ୍ଗାରେ ବୁଡ଼ୁଛି ପାଦ
ବିଫଳର ଗାର ପୋଛିପାରିନାହିଁ ପାହାଡ଼ ଚଢୁଛି ପାଦ
ସୁନାମର ମୋହ ଛାଡିପାରିନାହିଁ ଆକାଶେ ଉଡୁଛି ପାଦ
ପରିବାର ଦୁଃଖ ଦେଖିପାରିନାହିଁ ସମର ଲଢୁଛି ପାଦ ।।

ବିରହର କଥା କହିପାରିନାହିଁ ଅଳତା ନାଉଛି ପାଦ
ଜୀବନର ବାଟ ରୋକିପାରିନାହିଁ ଦୁନିଆଁ ଦେଖୁଛି ପାଦ
ଦରଜର ଦାଗ ଭୁଲିପାରିନାହିଁ ଗଜଲ ଗାଉଛି ପାଦ
ମରଣର ଭୟ ଭାଙ୍ଗିପାରିନାହିଁ ଆଗେଇ ନଉଛି ପାଦ ।।
ଆପଣାର ଘର ମିଳିପାରିନାହିଁ ଠିକଣା ଖୋଜୁଛି ପାଦ
ସମୟର ଦାୟେ ଶୋଇପାରିନାହିଁ କାହାଣୀ କହୁଛି ପାଦ ।।

ଗ୍ରାମ/ପୋ: - ବଡ଼ଶୋଳ, ଥାନା - ଝାରପୋଖରିଆ, ଜିଲ୍ଲା - ମୟୂରଭଞ୍ଜ
ପିନ - ୭୫୭୦୮୬, ମୋ- ୯୯୩୭୮୯୮୩୩


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ମୋର ଜୀବନ ଜୀବିକା



କମଳ ଲୋଚନ ମଲ୍ଲିକ

କେବେ ତୁମେ ମୋ ପାଇଁ କବି, ଆଉ କେବେ ପୁଣି କବିତା ,,
କେବେ ହାତଲେଖାର ଦୁଇଧାଡ଼ି, ଆଉ କେବେ ପୁଣି ହୃଦୟର କଥା ।

କେବେ ତୁମେ ମୋ ପାଇଁ ସଞ୍ଜ, ଆଉ କେବେ ପୁଣି ସଳିତା ,,
କେବେ ତୁମ ଆଗେ କରେ ପ୍ରାର୍ଥନା, ଆଉ କେବେ ପୁଣି ପାଏ ସାନ୍ତ୍ୱନା ।

କେବେ ତୁମେ ମୋ ପାଇଁ ବନ୍ଦୀ, ଆଉ କେବେ ପୁଣି ବନ୍ଦିତା ,,
କେବେ ତୁମଠାରେ ହୁଏ ମୁଁ ସ୍ତବ୍ଧ, ଆଉ କେବେ ପୁଣି ଖୋଜେ ସୁନ୍ଦରତା ।

କେବେ ତୁମେ ମୋ ପାଇଁ ନାରୀ, ଆଉ କେବେ ପୁଣି ଜୀବନ ଗୀତା ।
କେବେ ତୁମଠାରୁ ଶିଖେ ବଞ୍ଚିବାର ଭାଷା, ଆଉ କେବେ ପୁଣି ଗଢ଼େ ଜୀବନର ନୂଆ ରାସ୍ତା ।

କେବେ ତୁମେ ମୋ ପାଇଁ ପାଠ, କେବେ ପୁଣି ପାଠିକା ,,
କେବେ ତୁମଠାରୁ ଶିଖେ ସବୁକିଛି
କାହିଁକିନା ତୁମେ ମୋ ପାଇଁ ଜୀବନ ,
ଆଉ ତୁମେ ମୋ ପାଇଁ ଜୀବିକା ।।

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା, ଜିଲ୍ଲା - ବାଲେଶ୍ୱର
ପିନ୍ - ୭୫୬୦୪୪,ଦୂରଭାଷ - ୬୩୭୦୦୯୧୫୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ... ଲତା



ମମତା ପ୍ରିୟଦର୍ଶିନୀ ସାହୁ

ମୁଁ .......

ଲତା ପରା

ଦ୍ରୁମ ହେବାର କଳ୍ପନା

କଦାପି  କରିନାହିଁ  ।

ହଁ ......

କିନ୍ତୁ ଯୋଉ ଦ୍ରୁମକୁ ଦେଖିଲି

ଲଟେଇବାର ସୁଯୋଗ

ଜମା ବି ହାତରୁ  ଖସେନା  ।

ଏ ପ୍ରେମ  ଦୁନିଆ ବୁଝେନା

ଯାବତୀୟ ଅତ୍ୟାଚାର ସହି

ମଳିଦଳି ହେବାର ଭୟ ତଳେ

ମୁଣ୍ଡ ଟେକି ନିଏ

ଧର୍ମ ପାଳେ ତଥାପି

ସ୍ନେହ ର ଧାରା ଢାଳେ  ।

ଟାହିଟାପରା  ଗୁଂଜରି ଉଠେ

"ବିଟପୀ ମନ" ର ଆଖ୍ୟା

ଲୁହ ଢାଳେ ଶ୍ୟାମଳିମା ଅନ୍ତରାଳେ  ।

ନରାଧମ ଠେଲିଦିଏ ଅପନ୍ତରା କୋଳେ

ହସାଏ  ରସାଏ ମଜାଏ

ନିତ୍ୟକାଳ କର୍ମ ରତ ହୁଏ  ।

କିଏ  ତୃପ୍ତ ସାଧନ ସଜେଇ

ହୃଦୟ କାର ପ୍ରବୋଧ ପାଏ

ତିଳ ତିଳ ଖଣ୍ଡ ଚ୍ୟୁତ କରି ଦେଇ ।

ହଁ  ହଁ  ହଁ

ମୁଁ  ଲତା

ଯା  ପାଇଁ  ଏ କବିତା

ବିକ୍ଷିପ୍ତ  ତୁମର  ସକଳ ଚିନ୍ତା  । ।

ଓଡିଆ ଅଧ୍ୟାପିକା, ସରକାରୀ ଏସ୍ ଏସ୍ ଡି, ଏବଂ

ଏସ୍ ଏସ୍, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,

ବାଲିଶଙ୍କରା, ସୁନ୍ଦରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଭାରତ



ଅଜୟ କୁମାର ବେହେରା

କେଡ଼େ ବିଶାଳ ଦେଶ
ଏ ମୋ ଭାରତ ଭୂଇଁ
ତା ପରିକା ଦେଶଟେ
ସତେ ମିଳିବ କାହିଁ ।୧ ।
ବିଶ୍ୱ ଦରବାରେ ଯା
ସ୍ଥାନ ଅଟେ ଅତୁଟ
କେଡ଼େ ସୁନ୍ଦର ପୁଣି
ଏଠି ଛତିଆ ମଠ ।୨ ।
ସାରା ସଂସାରେ ଦେଖ
ଖ୍ୟାତ କୋଣାର୍କ ପୁରୀ
ସାକ୍ଷାତ ଦେବତା ସେ
ଥା'ନ୍ତି ହୃଦେ ସବୁରି ।୩ ।
ଭାଇ ଭାଇ ଆମେ ଯେ
ରହୁ ଏହି ଦେଶରେ
ସୁ ବୁଝାମଣା ଥାଏ
ସତେ ଆମ ଭିତରେ ।୪ ।
କେଡ଼େ ବିଚିତ୍ରମୟ
ଅଟେ ଦେଶ ଆମର
ସୁନ୍ଦର ଲାଗେ ପୁଣି
ଆମ ପୂଜା ସଂସ୍କାର ।୫ ।
ହିଂସାବାଦ ନ ରଖି
ଏଇ ମନ ମଧ୍ୟରେ
ବ୍ୟସ୍ତ ରହୁ ଆମେ ଯେ
ନିଜ ନିଜ କର୍ମରେ ।୬ ।
ନବ ରବି କରେ ତ
ନେଉ ଆମେ ଶପଥ
ଚାଲିବା ବାଟ ସାଥେ
ଧରି ଆପଣା ପଥ ।୭ ।
ପଛ ଘୁଞ୍ଚା ନାହିଁଟି
ନିଜ ନିଜ କର୍ମରେ
ଜୀବନ ଦେବୁ ପଛେ
ରହି ନିଜ ଧର୍ମରେ ।୮ ।

ମୋରଡ଼ା,ମୟୂରଭଞ୍ଜ ।
୯୭୭୬୦୨୫୪୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନନ୍ଦିଘୋଷ



ଅଜୟ କୁମାର ମହାନ୍ତି

ପ୍ରସ୍ତୁତିର ପର୍ବ ପ୍ରାୟ ଶେଷ
ବଡ଼ଦାଣ୍ଡରେ ସଜ୍ଜିତ ତିନି ରଥ
ସବୁ ଚାଲିଛି ବ୍ୟବସ୍ଥା ମୁତାବକ
ଅଣସରରେ ବ୍ୟସ୍ତ ଜଗନ୍ନାଥ । ।

କୋର୍ଟ ନିର୍ଦ୍ଦେଶ ଅକସ୍ମାତ
ଚମକି ପଡ଼ିଲା ଦେଶ ଦଶ
ରଥ ଯାତ୍ରା ହେବ ବନ୍ଦ
ଦାଣ୍ଡେ ଗଡିବନି ନନ୍ଦିଘୋଷ । ।

ନେତାଙ୍କ ବିଶ୍ୱାସ ଅଭାବ
ଗୃହବନ୍ଦୀର ବଢିଲା ମିୟାଦ
ବିଶ୍ୱାସ ସଙ୍କଟରେ ଭକ୍ତ
ପତିତପାବନ ଦର୍ଶନ ବଞ୍ଚିତ । ।

ସଚରାଚର ବିଶ୍ୱ ଯା'ର ସୃଷ୍ଟି
ହୁଏନା ତାର ଇଚ୍ଛାପୂର୍ତ୍ତି
ଭକ୍ତର ବିପଦ ଅପ୍ରମିତ
ସାହାଯ୍ୟ ପାଇଁ ଅସମର୍ଥ । ।

କାହାକୁ କହିବେ ବା ଦୁଃଖ
ସହିବା ଶକ୍ତି ତାଙ୍କର ଅଶେଷ ।
ଲୋକମୁଖରେ ଜଗନ୍ନାଥ
ସର୍ବାଗ୍ରେ ଚର୍ଚ୍ଚିତ ନାୟକ । ।

ଅଦୃଶ୍ୟ ଶତ୍ରୁ ସହ ଯୁଦ୍ଧ
ଚାଲେ ଜୀବିକା ପୁର୍ନନାସ ।
ଭକ୍ତଙ୍କ ଫେରନ୍ତା ବିଶ୍ୱାସ
ଦାଣ୍ଡେ ଗଡିଲେ ନନ୍ଦିଘୋଷ । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣୀ



ଦଣ୍ଡାସୀ ପ୍ରଧାନ

ମୁଁ ମାଟି ଲଗ୍ନା ହୋଇ ଵି
ଆଜି ଶୂନ୍ୟର ଶ୍ରାବଣୀ ।
ଏଠି ନାହିଁ ମାଟି'ର ମୃଦୁ ଗନ୍ଧ ,
ନାହିଁ ପାହାଡ଼ର ଆଦର ଆଲିଙ୍ଗନ !
ନାହିଁ ଇନ୍ଦ୍ରଧନୁର ରଂଗ --
ନା ସଦ୍ୟ ରସସିକ୍ତ ଶୋଭା
ମନମୁଗ୍ଧକର ଅପୂର୍ବ ଶୀତଳ ଶିହରଣ ,
ମୁଲାୟମ ପବନର ଅଫୁରନ୍ତ ଅନୁଭୂତି !! ୦୧

ହେ ତୁମେ ମୋ ପ୍ରିୟ ମାଟିର ନାୟକ !
ସବୁ କିସମ ଆଦର ଐଶ୍ୱର୍ଯ୍ୟର ଉପଭୋକ୍ତା ।
ମୋ ଶ୍ୟାମଳିମା
ଘନ ସୌରଭ ଅଙ୍ଗେ ଅଙ୍ଗେ
କାହିଁ ସେହି ଅଦ୍ଭୁତ ସୃଜନ,
ଚପଳାର ଚମକ ଚାଞ୍ଚଲ୍ୟ ?
ମାଟି ଛୁଆଁର ଦୁର୍ଲ୍ଲଭ ପରଶ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ଶରୀରରେ , ସରଜେ ନାହିଁ ଆଜି କିଆଁ ;

ବିଚିତ୍ର ଚିତ୍ରମୟତାର ଆବେଗିକ ଆକର୍ଷଣ ?

ଆଙ୍କେ ନାହିଁ ଶକ୍ତି ତରଙ୍ଗ , ବିଜୁଳିର ଝଲକ --

ଅଲୌକିକ ଦିବ୍ୟ ଦର୍ଶନ, କାହିଁକି ??

ଖାଲି ଏଠି ଏପଟରୁ ସେପଟକୁ ,

ବାଆ ବତାସର ଜଞ୍ଜାଳ ,

ଭାସି ଭାସି ଦିବା ନିଶି ଦହଗଞ୍ଜ-- ।

ଏବେ ଶ୍ରାବଣୀ, ନା ତୁମ ମାଟିର, ନା ସ୍ୱର୍ଗର ।୦୨

ମୁଁ ଧରା ଓ ଧାରାର ଶ୍ରାବଣୀ--

ଏବେ କିନ୍ତୁ ଖରା ଓ ତାରାରେ ଲାଞ୍ଛିତା ।

ଖୁବ୍ କଷ୍ଟ ହୁଏ ମୋତେ !

ଝରିବାର ଆନନ୍ଦକୁ ଝୁରି ଝୁରି ;

ସେ ଅପବାଦର ଅନୁଭବକୁ

ତୁମେ ଅବା ଜାଣିବା କେଉଁ ମତେ ?

ତୁମେ ତ ଗୁରୁଗମ୍ଭୀର ମୌନୀ 'ମାଟି' ପ୍ରେମୀ

ବିଭୋରିତ ପାର୍ଥିବ ପୁରୁଷ ଜଣେ । ,

ନିଜ ସ୍ୱଭାବରେ 'ବିତରଣର' ଧରିତ୍ରୀ ସୁମନ୍ତ ।

ମୋର ଚରମ ପରିତୃପ୍ତିରେ ଆଶ୍ୱସ୍ତିର ଦୀର୍ଘ ନିଶ୍ୱାସକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକଳନ କରିପାରି ନାହଁ ସମୟର ସାନ୍ଦ୍ରତାକୁ ।
କେବଳ ଆନୁମାନିକତା ଆଶ୍ରାରେ ଚାଲିଛି ---
ସ୍ମରି ସ୍ମରି ଫି ବର୍ଷ, ସମ୍ଭାବନାକୁ ଆବୋରି ।
ମୋ ଋତୁଚର୍ଯା କର୍ତ୍ତବ୍ୟ ପାଳନର ଦକ୍ଷତା ,
ଅତି ଓ ଇତିରେ ଭାସିଯାଏ ;
ଅମୃତ ଅନୁଭବ ଅର୍ପଣର ଶ୍ରାବଣୀ ବୋଲି ।୦୩

ଆଜି ତୁମେ ଭାବୁଛ,
ମୁଁ ତୁମ ମାଟିକୁ ଠେଲି ଦେଇଛି ---
ନିରାଶା ନିର୍ଜଳା 'ସାହାରା'କୁ
ଖାଲିଶୂନ୍ୟତାର ମରୀଚିକା ସାଗରକୁ ;
ଠକିନେବା ବାହାନାରେ,
ଏଠିକାର ଚାଟୁକଥାରେ ହଜିଯାଇ ଏବେଏବେ ।
ତୁମ ନିରୀହ ନିରୋଳା ଅନନ୍ତମୟତାର
ସରଳ ଭଲପାଇବାକୁ ଦଳିଦେଇଛି
ଏଠିର ଲାଳସା ଲୋଭରେ
ପ୍ରତାରଣାର ଆନ ମନସ୍କରେ ।୦୪

ତୁମକୁ ନ ପାଇବାର ମୋ ଅନ୍ତର ଯନ୍ତ୍ରଣା ,


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହକୁ ତାତିରେ ଜଳାଇ ଜୀଇଁଛି , ଅସ୍ତବ୍ୟସ୍ତ ଜୀବନ ।

ତୁମ ମାଟିର ନରମ କଅଁଳ ପରଶକୁ

ଝୁରି ଝୁରି ଅହର୍ନିଶି

ଦେଖୁଦେଖୁ ଗଡିଯାଏ ଆୟୁଷ ।

ମାଟିକୁ ନେଇ ମୋର କେତେ ଯେ ସ୍ୱପ୍ନ ,

ଆଶା,ବିଶ୍ୱାସ ଓ ଶ୍ରଦ୍ଧାର ଭରସା ଅଟକିଅଛି,

ଆସିବି ଆସିବାରେ ତୁମେ ବୁଝି ପାରନାହଁ ।୦୫

ମୋର ବା ଦୋଷ କଣ ?

ଶୂନ୍ୟ ଏ ଦୋହଲାପଣରେ ।

ହେ ମାଟି ସମ୍ରାଟ !

ତୁମେ କିଛି କରହେଲେ ,

ପ୍ରତିବନ୍ଧକ ଅତିକ୍ରମଣୀୟ ସୂତ୍ର ଭଲେ ।

ମୋ ନିବୃତା ଜୀବନର ଉପଶମ ପାଇଁ,

ତୁମ ପୌରୁଷ ଦ୍ୱାହିରେ

ହଟାଇ ନିଅ ମାଟି ଓ ମୋ ମଝିରେ ଥିବା

ଶକ୍ତ ଉତ୍ତପ୍ତ ବାଡକୁ ।

ସ୍ୱାଭାବିକ ସ୍ୱାଚ୍ଛନ୍ଦ୍ୟ ପ୍ରାକୃତିକ ପ୍ରତିଷ୍ଠାପନ/

ପହଞ୍ଚିବାକୁ ତୁମ ସନ୍ନିଧାନ ।୦୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତିରେ ଝରିପଡିବି ହେଲେ,

ସହଜେ ଧରା ଦେଇ ଟପ୍ ଟପ୍ ହୋଇ ।

ଅସରା ଅସରା ଢାଳିଦେଇ ,

ଆତ୍ମତୃପ୍ତିର ଅମୃତମୟ ଧାରା --

ଚରମ ଚରନ୍ତନୀ ପ୍ରତିବଦ୍ଧତା ,

ସବୁଜିମାକୁ ନାଇ ।

ତୁମ ଜଗତକୁ ଭୋଗରୁ ଖୁସି ଅର୍ପି ,

ପୂର୍ଣ୍ଣାବରଣରେ ସଜେଇ ଦେଇ,

ଗିରି କନ୍ଦରରୁ ଅନ୍ତର୍ଦେଶ ପର୍ଯ୍ୟନ୍ତ--

ପୃଷ୍ଠରୁ ଆଭ୍ୟନ୍ତରଣ ବିବିଧତାରେ ,

ନିଜକୁ ଲଟେଇ ଦେଇ ,

ସେହି ଆଗ୍ରହ ଅଗଣାରେ--

ତୁମରି ପବିତ୍ର ସେବାରେ ;

ଏ ଶ୍ରାବଣୀର ଶେଷ ଇଚ୍ଛା --

ମର୍ଯାଦାର ସମ୍ମାନକୁ ନେଇ । ।୦୭

ଶ୍ରୀଯୁକ୍ତ ଦଣ୍ଡାସି ପ୍ରଧାନ, ସମ୍ପାଦକ(ସାହିତ୍ୟ)

ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବାସଂସଦ,

ପାତ୍ରପୁର,ଗଞ୍ଜାମ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର୍ମ



ବିଶ୍ୱରଞ୍ଜନ ବାରିକ

ଏ ମାଟିର ଦେହ ଦିନେ ମାଟିରେ ମିଶିବ,
ଯେଉଁ କର୍ମ କରିଥିବା ତାହା ହିଁ ବଂଚିବ ।

ଜୀବକାଳେ ଭାଇ ମୋର ଯେଉଁ କିର୍ତ୍ତୀ ଅରଜିବ,
ଦେହ ଛାଡି ଗଲାପରେ ତା' ଏସଂସାରେ ଗରଜିବ ।

ଯେବେ ଦୁଃଷ୍ଟ ଦାନବ ସଂସାରେ କୁକରମ କରିବ,
ଧରାପୃଷ୍ଟେ ଜନ୍ମି ଆବତାରୀ ତା'ର ସଂହାର ରଚିବ ।

କେତେ ରାଜ୍ୟେ କେତେ ରାଜ୍ୟ କାଳକ୍ରମେ ମିଶିବ,
ହେଲେ ରାଜ୍ୟର ରାଜା କିର୍ତ୍ତୀ କାଳେକାଳେ ଗର୍ଜିବ ।

ଯେବେ ଗ୍ରୀଷ୍ମଦିନେ ଗ୍ରୀଷ୍ମ ବର୍ଷାଦିନେ ବର୍ଷା ଆସିବ,
ପଶୁପକ୍ଷୀ, ପ୍ରକୃତି ଆଉ ଆମ ଚାଷୀପୁଅ ହସିବ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ କରଇ ଧନୀ ପୁଣି କେବେ ଗରିବ,

ଏ'ଜୀବ ଆସା ବାନ୍ଧଇ ଭଲ ଦିନ ଆସିବ ।

ଯେବେ ଗିରି ବୁକୁ ଜଳର ଧାର ଗଡିବ,

ଶେଷେ ସେ ଜଳ ଧାର ସାଗରରେ ମିଶିବ ।

ଗ୍ରାମ : ଅନୁପଲା, ପୋ : ଅନ୍ତେଇ,

ଭାୟା : କୋଳର, ଥାନା : ତିର୍ତ୍ତୋଲ,

ଜିଲ୍ଲା : ଜଗତସିଂହପୁର, ପିନ୍ : ୭୫୪୧୬୨

ମୋ : ୯୬୯୨୨୫୩୪୮୧

ମେଲ୍ ଠିକଣା : b.rbarik93@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତିର ସ୍ମାରକ, ବିଜୟ ମହାନ୍ତି



ଛବିରାଣୀ ପତି

ଏକାଧାରେ ଥିଲ ନେତା,ଅଭିନେତା
ନାଟ୍ୟକାର , ନିର୍ଦ୍ଦେଶକ
ହାସ୍ୟ,ନାୟକ ଓ ଖଳନାୟକରେ
ବାନ୍ଧିଥିଲ ସ ଦର୍ଶକ ।।

ସିନେ ଜଗତର ପ୍ରବାଦ ପୁରୁଷ
କେନ୍ଦ୍ରାପଡ଼ା ବରପୁତ୍ର
'ଜନ୍ମଦାତା ' ନାମ ସ୍ୱର୍ଣ୍ଣାକ୍ଷେ ଲେଖିଲ
ଉଡ଼ାଇ 'ବିଜୟ' ନେତ ।।

'ଚିଲିକା ତୀରେ' ଓ 'ଅଭିମାନ' ଠାରୁ
'ଶାସ୍ତି' , 'ଜଗାହାତେ ପଘା '
'ପୁଅ ମୋହର କଳା ଠାକୁର' ଅବା
' ତପସ୍ୟା ' , 'ସହରୀ ବାଘ ' ।।

ସହର ଜଳୁଛି ' , ' ଦଇବ ଦଉଡ଼ି '
ସାବିତ୍ରୀ ', ' ସୁନା ପଞ୍ଜୁରୀ '
'ସାକ୍ଷୀ ରହିଲା ମୋ ଶଙ୍ଖା ସିନ୍ଦୂର' ଓ
'ମାଣିକ', 'ଭାଗ୍ୟ ହାତେ ଡୋରି ' ।।

'ଗୋପରେ ବଢୁଛି କଳାକହ୍ନେଇ' ଯେ
'ଅସ୍ତରାଗ', ' ଦଣ୍ଡା ବାଲୁଙ୍ଗା'
ମନ ପବନର ନଉକା ତୁମର
ଗଲାଣି ଅଦେଖା ଗାଆଁ ।।

ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାନା ମୁନୀ ନାନା ମତ



ନୂତନ କୁମାର
ବେହେରା

ଯେବେଠାରୁ ସୃଷ୍ଟି ହୋଇଛି ଏ ଜଗତ
ଦିଆ ଚାଲିଛି ନାନା ମୁନିଙ୍କର ନାନା ମତ,
ସେ ମତରେ କାହାର କେତେ ସତ
ନ କଲେ ଅଙ୍ଗେ ଅନୁଭବ ଲାଗେ ବିପରୀତ ।
ପ୍ରତିଟି ଜୀବନ ଦୀପର ଜଳନ୍ତା ଶିଖା
ଜଳି ଜଳାଇବାର ଅନ୍ୟକୁ ଦିଏ ଶିକ୍ଷା,
କେହି ବି କରି ପାରେ ତାକୁ ଉପେକ୍ଷା
ଅବା କେହି କରି ପାରେ ପରୀକ୍ଷା ।
ଯିଏ କେବେ ଜଳି ନାହିଁ ଦେବାକୁ ଆଲୁଅ
ତାର ମତ ହୋଇ ପାରେ ସତ,
ହେଲେ ପାରେନା ଅନ୍ୟ ଦୀପକୁ ଜଳାଇ
ବାହୁଲ୍ୟ ତାର ଯେତେ ମତାମତ ।
ଜୀବନ ଏକ ସାଧନାର ଅସୀମ କ୍ଷେତ୍ର
ଯେତିକି ଯାହାର ସିଦ୍ଧି ସେତିକି ବୁଦ୍ଧି,
ଅନୁଭୂତି ଅଭିଜ୍ଞତାରୁ ଦିଏ ଯା' ସିଦ୍ଧାନ୍ତ
ସେ ସବୁ ସମୀକ୍ଷା ନ କରି ପୁଙ୍ଖାନୁପୁଙ୍ଖ
ଦେଲେ ମନ୍ତବ୍ୟ ତାର କରି ଦିଏ ବିଭ୍ରାନ୍ତ ।
ପ୍ରତିଟି ମନର ଅଛି ଏକ ମାନସିକ ସ୍ତର
ସେ ସ୍ତର ଯାଏଁ ନ ଯିବା ପର୍ଯ୍ୟନ୍ତ,
ସଠିକରେ କରିହୁଏ ନା ତାର ମୂଲ୍ୟାୟନ
ଲାଗେ ଅବାସ୍ତବ ମିଳେନା କିଛି ଆଦି ଅନ୍ତ ।
ସୃଷ୍ଟିର ବିଧାନ ପ୍ରତିଟି ଅନନ୍ୟ ଅଦ୍ୱିତୀୟ
ସମୟାନୁସାରେ ହୋଇଥାଏ ବିଦିତ,
ପରବର୍ତ୍ତୀ ମୁହୂର୍ତ୍ତରେ ଲାଗେ ଅନୁଚିତ
ରାତିର ଅନ୍ଧାର ପରି ସୂର୍ଯ୍ୟ ନଥିଲେ ଉଦିତ ।
ବିଭିନ୍ନତା ମଧ୍ୟରେ ଏକତାର ସମନ୍ୱୟ
ବିବେକ ବିଚାର ବୁଦ୍ଧିକୁ କରେ ନିପୁଣ,
ତ୍ରୁଟି ଖୋଜି ଚାଲିଥିଲେ ଆସେ ବିରକ୍ତି
ମାର୍ଜିତ ହୁଏ ନାହିଁ କେବେ ତାର ଆଚରଣ ।
ନାନା ମୁନିଙ୍କର ନାନା ମତ କରି ଗ୍ରହଣ
ବିନିଯୋଗ କରି ହୁଏ ଯିଏ ଉପକୃତ,
ଆସେ ତାର ପୂର୍ଣ୍ଣ ଭରସା ଅଟଳ ବିଶ୍ୱାସ
ହୁଏ ନାହିଁ କର୍ମ ପଥରୁ ସେ କେବେ ବିଚ୍ୟୁତ ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସହାୟ ଭାରତୀ



ପ୍ରଜ୍ଞାଭାରତୀ ପାଣି

କେମିତି କହିବି ମୁଁ ମୁକ୍ତ ବୋଲି
ଅସୁମାରୀ ଲୁହ ନୟନୁ ଯେ ଯାଉଛି ଝରି,
କିଏ ଖେଳେ ଟଙ୍କା ରେ ପୁଣି କିଏ ଖାଏ ଗୁଳି
ମୋ ଦେହ ଭିଜାଇ ପୁଣି ନିରୀହ ରକତ ଝରାଇ ।

କେଉଁଠି କୋମଳ ଶିଶୁ ହାତେ ଲାଗେ
ପରିବାର ସମ୍ଭାଳିବା ଦାୟିତ୍ୱ ର ଡୋରି,
ପୁଣି କେଉଁ ହାତ ବଡ଼ ଲୋକ ର ବୋଲି
ଅନୀତି ଟଙ୍କାରେ କିଣେ ଅପରାଧ ଡାଏରୀ ।

ଆଜି ବି ମୋ ଝିଅ ଏକାନ୍ତ ରେ ହୁଏ
ମଣିଷ ରୂପୀ ପଶୁଙ୍କ ଶିକାର,
ଜଳିଯିବ କାଳେ ଯୌତୁକ ନିଆଁରେ ବୋଲି
ଝିଅ ଜନ୍ମ କୁ ଡର ଥାଏ ଗରିବ ମାଆ ର ।

ବୀର ପ୍ରସବିନୀ ମୁହିଁ ଆଦି କାଳୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ବୁଦ୍ଧିଜୀବି ଜନମନ୍ତି ମୋ କୋଳରେ,
ହେଲେ କିଛି ହୀନ ରାଜନୀତି ଦୃଢ଼ ହେବ ବୋଲି
କେତେ ବୀରତ୍ୱ ଓ  ବୁଦ୍ଧି ଆଜି ଅନ୍ଧାର ରେ ।

ଦିନ ଥିଲା ବିଶ୍ୱଗୁରୁ ରୂପେ ପରିଚିତ ଥିଲି
ଆଜି ହଜି ଯାଇଛି ବିଶ୍ୱର କୋଉଁ କୋଣ ରେ,
ବିଦେଶୀ ସହ ସମକକ୍ଷ ବୋଲାଇବି ବୋଲି
ମୋ ସଂସ୍କୃତି ଆଜି ହଜିଛି ମୋହରି ଘରେ ।

ଗୋଟେ ଇଷ୍ଟ ଇଣ୍ଡିଆ କମ୍ପନୀ ବଦଳରେ ଆଜି
ଅସଂଖ୍ୟ ବିଦେଶୀ କମ୍ପାନୀ ବ୍ୟବସାୟ କରେ,
ସମୟ ସହ ନିଜକୁ ବିକଶମୁଖୀ କରିବା ବୋଲି
ପୁଣି ପରାଧିନତା ଆଡକୁ ଯାଉନାହିଁ କିରେ ?

ସ୍ୱର୍ଣ୍ଣ ପ୍ରସୁ ଭାରତ ପରିଚୟ ମୋହରି
ପୁଣି ସବୁ ସମୟେ ଶତ୍ରୁ ଲୋଲୁପ ନଜରେ,
ସଂଙ୍କାହୀନ ଚରିତ୍ର ସମାଜର ନରନାରୀ ବୋଲି
ମୁଁ ଆଜି ବଞ୍ଚିଛି ନିଜ ଅସ୍ତିତ୍ୱ ନାଶ ଭୟରେ ।

ରୂପ୍ସା, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି ଭୁଲିବି ମୁହିଁ



ରୋହିତ ସେଠୀ

ନିଶା ନୁହେଁ କି ପେଶା ନୁହେଁ ମୋର
ତଥାପି ସାହିତ୍ୟ ପଛରେ ଧାଏଁ,
ଓଡ଼ିଶା ମୋର ଜନ୍ମଭୂଇଁ ବୋଲି
ଓଡ଼ିଆ ଭାଷାକୁ ବି ଭଲପାଏ ।।

ମାତୃଭୂମି ଆଉ ମାତୃଭାଷାକୁ
ଛାଡ଼ି କେବେ ରହି ପାରିବି ନାହିଁ,
ଯାହା କୋଳେ ବଢ଼ି ମଣିଷ ହୋଇଛି
ତାହାକୁ କେମିତି ଭୁଲିବି ମୁହିଁ ।।

ନିଶା ନୁହେଁ କି ପେଶା ନୁହେଁ ମୋର
କବିତାକୁ ଭାବେ ଜୀବନ ବୋଲି,
ଯେବେଠୁ ମୋ ସାଥେ ଭେଟ ହେଲା ସିଏ
ଧିରେ ଧିରେ ଲେଖା ଆରମ୍ଭ କଲି ।।

ହୃଦୟ କାନ୍ଥରେ ଲାଖି ରହିଅଛି
ଛାଡୁନାହିଁ କେବେ ମୋହର ପାଶ,
ବିଷାଦ ମନକୁ ଦୂରକରି ସେତ
ବାଣ୍ଟିଦିଏ ପୁଣି ଚେନାଏ ହସ ।।

ନୂଆ ଦୁନିଆକୁ ନେଇଯାଏ କେବେ
ଭାବନା ସ୍ୟନ୍ଦନେ ବସାଇ ମୋତେ,
ଶବ୍ଦ ଉଦ୍ୟାନରୁ ଶବ୍ଦ କଳି ତୋଳି
ଦେଉଥାଏ ମନେ ପ୍ରେରଣା କେତେ ।।

ଶିକ୍ଷକ, ଖଜୁରୀପଡ଼ା,କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାକାଳ



ଶରତ କୁମାର ଦାସ

ମୋ ଏକଲା ପଣର ଅମାନିଆ
ଇତସ୍ତତଃ ଇଚ୍ଛାମାନଙ୍କୁ ଲଦିଦେବି ବୋଲି
ଅନ୍ଧାର ବି ଲୁଚିଯାଏ ଦୃଶ୍ୟ ଅଦୃଶ୍ୟରେ,
ଲଗାମହୀନ ଘୋଡା ଭଳି ଧାଉଁଥାନ୍ତି
ଅସ୍ପଷ୍ଟ ଛାଇ କେତୋଗୋଟି
ଉତ୍ତର ମେରୁରୁ ଦକ୍ଷିଣ ମେରୁ ଯାଏ  ।

କଙ୍କାଳର ଅର୍ଗଳି ଭିତରେ
ଯୁଦ୍ଧ କରୁଥାନ୍ତି ଅହରହ କେତେ ଅଶରୀରୀ
ହାଡ-ମାଂସ-ମଗଜର
ଏକ ଭିନ୍ନ ଆକର୍ଷଣରେ  ।

ପାହାନ୍ତା ରାତିର ମେଂଚାଏ ଥଣ୍ଡା ପବନକୁ
କୋଳେଇ ନେଇ ସ୍ୱପ୍ନମାନେ ଲୁହ ଝାରୁଥାନ୍ତି
ନିଶୀଥ ପ୍ରହରେ ଦୃଶ୍ୟମାନ
କମନୀୟ ଚିତ୍ରିତ ମୋହକୁ ଛାତିରେ ଜାବୁଡି
।

ଅଯୁତ ଦିନରୁ ବହିଯାଉଥିବା ନଇଟିଏ
ସ୍ଥାଣୁ ପାଲଟି ଯାଏ କ୍ଷଣିକ ପାଇଁ ,
ଖାଲ ଢିପ ପଥର ସନ୍ଧିରେ
ମୁହଁ ଲୁଚାଇ ଚାହୁଁ ଥାଏ ଆକାଶକୁ
ଖୁବ୍ ବିମର୍ଶ ହୋଇ
ନା ଘୁଞ୍ଚି ପାରେ ଆଗକୁ ନା ପଛକୁ  ।

ହତବାକ ହୁଏ ମୁଠାଏ ଆୟୁଷ
ଲାଲ୍ ଟହଟହ ଜିଭ କାଢେ ମହାକାଳ
ଆଲିଙ୍ଗନ କରେ ସମଗ୍ର ଛାଇକୁ
କବ୍ଜା କରେ ନୀଳ ସାଗରର ଢେଉକୁ
କଅଁଳ ଫୁଲର ରେଣୁକୁ  ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁସଜ୍ଜିତ ସମସ୍ତ ଚିନ୍ତା ଓ ଚେତନା

ଭାବ ଓ ଭାବନା

ରାଗ ଓ ଅନୁରାଗ

ମୂର୍ଚ୍ଛିତ ହୁଅନ୍ତି ଆଖି ପଲକରେ

କାଳରାତିର କଳା ମଚ୍ ମଚ୍

କଳାଛାଇର ସୁଦୀର୍ଘ ପରଦା ତଳେ ।

ସଂଚାରିଯାଏ ଶିରା ପ୍ରଶିରାରେ

ଅସମାପ୍ତ ଅବସୋସ

ତୀବ୍ର ଅବିଶ୍ୱାସ ଓ ଅସଂଯତ ଅନ୍ତର୍ଦାହ

ପୋଛିହୋଇଯାଏ ଐକାନ୍ତିକ ଆବେଗ ଓ ଆଗ୍ରହ

କଡ ଲେଉଟାଏ  ଜମାଟ ବନ୍ଧା

ଲୁହ ଓ କୋହର ବିଷାକ୍ତ ନାଗସାପ ।

ପଚାରିବାକୁ ଇଚ୍ଛା ହୁଏ ଜୀବନକୁ

ଏତିକି ନା ଆଉ କିଛି ବାକି ଅଛି ଆଗକୁ ?

ଉତ୍ତର ତ ଅପହଂଚ

ବରଂ ଲମ୍ବି ଲମ୍ବି ଯାଏ ଅସହାୟତାର ଦୀର୍ଘଶ୍ୱାସ

ପୁଣି,ଆତଙ୍କ....ଉଦବେଗ ...ଉତ୍କଣ୍ଠା..ତ୍ରାସ ।



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲକ୍ଷ୍ୟ ପ୍ରଦାନ କରେ ସନ୍ତର୍ପଣେ

ସକଳ ପରିତୃପ୍ତିର ଆତ୍ମବିଶ୍ୱାସ

ହୁତୁହୁତୁ ଜଳୁଥିବା ଯନ୍ତ୍ରଣାର ଆଗ୍ନେୟଗିରିକୁ,

କମ୍ପିଉଠେ ଦେହର ସର୍ବାଙ୍ଗ ଅବୟବ

ହଜିବାର.....ହଜାଇବାର ଭୟରେ

ମହାକାଳର ଆବର୍ତ୍ତ ମଧ୍ୟରେ ।

ବଡବିଲ ମହାବିଦ୍ୟାଳୟ, ବଡବିଲ

ଜିଲ୍ଲା-କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ



ଚିନ୍ମୟ ଶୁଭ୍ରାଂଶୁ

ବରଷଟା ସାରା ଲାଗନ୍ତି ଝଗଡା
ଟମ ଆଣ୍ଡ ଜେରୀ ପରି,
ନ ଦେଖିଲେ କ୍ଷଣେ ଏକେ ଅପରକୁ
ଖୋଜନ୍ତି ନିଃଶ୍ୱାସ ପରି ।

ରିମୋଟ ପାଇଁ ଯେ ଲାଗନ୍ତି ଝଗଡା
ଯେମିତିକା ବିଶ୍ୱଯୁଦ୍ଧ,
ଆମ୍ପୁଡା ରାମ୍ପୁଡା ବିଧା ଓ ଚାପୁଡ଼ା
ନାମରେ ମାଙ୍କଡ଼ ଗଧ ।

ଛୋଟିଆ କଥାରେ ଲାଗନ୍ତି ଝଗଡା
ପାତି ମାଙ୍କଡ଼ଙ୍କ ପରି,
ମାଡ଼ ବାଜିଗଲେ କ୍ରନ୍ଦନ ବଢ଼ଇ
ଯେନ ଟ୍ରେନ ଛାଡ଼େ ହୁରି ।

ସବୁ ରାଗ ରୁଷା ଉଭେଇଣ ଯାଏ
ରକ୍ଷୀଟି ଆସିଲା ପରେ,
ରାକ୍ଷୀ ଯୋଡେ ଭାଇ ଭଉଣୀ ସମ୍ପର୍କ
ସରୁ ସରୁ ସୂତା ଧାରେ ।

ଭଉଣୀଟେ ମାଗେ ସୁରକ୍ଷା ସାହସ
ଜଗତ ଯାକର ଯେତେ,
ଭାଇ କହିଦିଏ ଠିଆ ହବ ସିଏ
ଦରକାର ହବ ଯେବେ ।

ସମ୍ମାନ କରିବା ପ୍ରତି ଭଉଣୀଙ୍କୁ
ହଉସେ ଅନ୍ୟ କାହାର,
କଲେ ସମ୍ମାନ ଯେ ରଖିବେ ସଭିଏଁ
ସମ୍ମାନ ଭଉଣୀଙ୍କର ।

ଗ୍ରାମ/ପୋ: - କୁଆମରା, ଥାନା - ଖୁଣ୍ଟା, ମୟୂରଭଞ୍ଜ
ପିନ - ୭୫୭୦୨୭, ଦୂରଭାଷ - ୯୭୭୬୦୫୦୬୬୭

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ



ମନୋରଞ୍ଜନ ମୁଦୁଲି

ସୁତାଖିଏ ପଛେ ବାନ୍ଧିଦେବି ନେଇ
ତୁମରି ହାତରେ ଭାଇ,
ନକଲି ଚାଇନା ରାକ୍ଷୀ କିଣିବିନି
କହୁଛି ମୁଁ ରାଣଦେଇ ।

ଆମରି ସୀମାରେ ଚାଇନା ଲଢୁଛି
ଆମ ଅର୍ଥ ସବୁ ନେଇ
ଆମରି ସୈନିକ ଛାତି ରକତରେ
ହୋଲି ଖେଳ ହେବନାହିଁ ।

କାନ୍ଦୁଥିବେ କେତେ ମୋ ପରି ଭଉଣୀ
ଭାଇକୁ ହରେଇ ଦେଇ
ସ୍ନେହ ମମତାର ପବିତ୍ର ବନ୍ଧନ
ଚାଇନା ରାକ୍ଷୀରେ ନାହିଁ ।

କିଣିବାନି ଆମେ ଚାଇନା ରାକ୍ଷୀ
ସଭିଏଁ ଶପଥ ନେଇ
ସୁତାଖିଏ ପଛେ ବାନ୍ଧିଦେବୁ ନେଇ
ତୁମରି ହାତରେ ଭାଇ ।

ତୁମ ହୃଦୟରେ ଜାଗା ମୁଁ ନେଇଛି
ସୁଭଦ୍ରା ଭଉଣୀ ହୋଇ
ସୁତାଖିଏ ପଛେ ବାନ୍ଧିଦେବି ନେଇ
ରାକ୍ଷୀ ପୂର୍ଣ୍ଣିମାରେ ଭାଇ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ



ସମ୍ବେଦନା ମିଶ୍ର

ଏଥର ପାଳିବା ନିଆରା ରାକ୍ଷୀ
ସଭିଏଁ ରହିବେ ତାହାର ସାକ୍ଷୀ
କରୋନା ସାଜିଛି ଏବେ ବଇରୀ
କେମିତି ବାନ୍ଧିବା ସେନେହ ଡୋରି ?

ବଜାରେ ନାହିଁ ରାକ୍ଷୀ ପସରା
ଧାରା ଶିରାବଣେ ନାହିଁ ଭରସା
ସବୁ ପରିସ୍ଥିତି ଏବେ ଓଲଟା
ମାସ୍କ, ସାନିଟାଇଜରକୁ ଭରଷା ।

ଭାଇଙ୍କ ପାଖକୁ ରାକ୍ଷୀ ପଠାଇ
ସେନେହ ଶରଧା ବାରତା ଦେଇ
ଆତ୍ମସୁରକ୍ଷାର ବଚନ ନେଇ
ଅନଲାଇନରେ ଥାଳି ଦେବା ସଜେଇ ।

ଆର ବରଷକୁ ହୋଇବ ଭେଟ
ଦୂର ହେବ ସରକାରୀ ଆକଟ
ସରାଗେ ଭଉଣୀ ଦେଖୁଛି ବାଟ
ଟଳିବ କେବେ କରୋନା ସଂକଟ ।

ସମ୍ବିତ ଭିଲ୍ଲା, ଘାଟିକିଆ,
ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାର୍ଥପର ମଣିଷ



ବିଜୟଲକ୍ଷ୍ମୀ ଭୋଇ

ସ୍ୱାର୍ଥକୁ ନିଜର କରି
ଆଜି ମଣିଷ ବଞ୍ଚିଛି
ଛଳନାର ଲୁହ ଗଡାଇ
ଦୁନିଆକୁ କିଣି ନେଇଛି ।

ମନତ ତାର ଘୃଣାର ବଗିଚା
ବିଷାକ୍ତ ଫୁଲର ବଣ
କେମିତି ଆସିବ ସୁଗନ୍ଧ ମହକ
ବିଷରେ ଭରା ତା ଶରୀର ।

ଇର୍ଷା, ଅସୂୟାକୁ ସାଥି କରି
ଗଢିଛି ଏକ ମାୟା ନଗରୀ
ସଂପର୍କର ଭାବନା ତା ମନରେ ନାହିଁ
ସ୍ୱାର୍ଥପରତା ଗୁଣରେ ଅନ୍ୟକୁ କଷ୍ଟ ଦିଅଇ ।

ସଂସାରରେ ବଞ୍ଚିବା ଭାଇ
ଆଉ କେତେ ଦିନ ।
ନିଜ ଦୋଷ ଦୁର୍ବଳତାକୁ ଲୁଚାଇ
ଦୁନିଆକୁ ବିଦ୍ରୂପ କରି
ମିଛ ମାୟା ଜାଲ ବିଛାଇ
ଏ ସ୍ୱାର୍ଥପର ମଣିଷ ଆଜି ।

ନାହଳପୁର, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିମଳ ସମ୍ପର୍କର ସାକ୍ଷୀ



ଅନାମ ଚରଣ ସାହୁ

ଭାଇପଥ ଚାହିଁ ଭଉଣୀ ରହିଛି
ବିଦେଶେ ରହୁଛି ଭାଇ
ପରିବାର ପାଇଁ ଦାଦନ ଖଟୁଛି
ଦୁଃଖେ କାଳ କଟୁଥାଇ ।
ରାକ୍ଷୀପୁନେଇଁରେ ଭାଇଙ୍କ ହସ୍ତରେ
ଇଚ୍ଛା ସେ ବାନ୍ଧିବ ରାକ୍ଷୀ
ସିନ୍ଦୂର କଲିକୁ ଚନ୍ଦନ ଟିପାଟି
ଖୁସି ହେବ ଥରେ ଦେଖି ।
କାମଧନ୍ଦା ନାହିଁ ରୋଜଗାର କାହିଁ
ତାଲା ପଡିଅଛି କାମ
ପକେଟ ଭାଇର ହେଲାଣି ଶ୍ରୀହୀନ
ଅପୂର୍ଣ୍ଣ ତା ମନସ୍କାମ ।

ଫେରିବାକୁ ଇଚ୍ଛା ଜନମ ମାଟିକୁ
ହେଲେ ପାରୁନାହିଁ ଫେରି
କରୋନା ଭୂତାଣୁ ଚତୁର୍ଦ୍ଦିଗେ ମାତି
ବିପଦେ ପକାଏ ଭାରି ।
ରକ୍ଷାସୂତ୍ର ଗୋଟି ଭଉଣୀ ବାନ୍ଧିଣ
କୁହନ୍ତା କରିବୁ ରକ୍ଷା
ଧନ ଦରବରେ ନାହିଁ ଆଶା ମୋର
ସ୍ନେହ ସୁଧା କରେ ଭିକ୍ଷା ।
ଏତିକି ଶ୍ରବଣେ ଭାଇର ହୃଦୟ
ଆନନ୍ଦେ ଯାଆନ୍ତା ଭରି
ଭାଇ ଭଉଣୀର ବିମଳ ସମ୍ପର୍କ
ଅମଳିନ ଯୁଗ ସରି ।

ବିଭୂତିପୁର, କାକଟପୁର,ପୁରୀ
ମୋ-୯୯୩୭୨୧୦୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଳ ନୁହେଁ, କର୍ତ୍ତବ୍ୟ ତୁମ ହାତରେ...



ଅନସୂୟା ପଣ୍ଡା

ଆଜିଯାଏ ଆମେ ଖାଲି ଖୋଜି ଆସିଛୁ,
"ସୁଖ, ଶାନ୍ତି, ବିଶ୍ୱାସ, ପ୍ରଶଂସା, ସମ୍ମାନ,
ଭଲପାଇବା, ଦାୟୀତ୍ୱବୋଧ, "
ନିଜ ଠାରୁ ନୁହେଁ, ଅନ୍ୟ ମାନଙ୍କ ଠାରୁ ।

ଅନେକ ନିଜ ଦାୟିତ୍ୱବୋଧର ଦ୍ୱାହି ଦେଇଛୁ,
ନୀତି ନିୟମର ଡେଙ୍ଗୁରା ପିଟିଛୁ,
ସତ୍ୟକୁ ପ୍ରଣାମ କରିବାକୁ,
ନିଜକୁ ଠିକ ବୋଲି,
ପ୍ରଚାର ପତ୍ର ବାଣ୍ଟିଛୁ ।
ଦୋଷୀକୁ ଦଣ୍ଡ ଦେବାକୁ,
ନିଜକୁ ଜୟୀ କରିବାକୁ,
ଶାନ୍ତିର ଯୁଦ୍ଧ କରିଛୁ ।

ନିୟମ କୁହେ :
ଯାହା କରିବ, ତାହା ପାଇବ,
କୌଣସି ପରିଶ୍ରମ ବୃଥା ଯାଏନି,
ଯିଏ ଯେତିକିର ଲୋକ, ତାକୁ ସେତିକି ମିଳିବ,
ସୁଖ ବାଣ୍ଟିଲେ ବଢେ,
ଦୁଃଖ ବାଣ୍ଟିଲେ କମେ ।

ସବୁ କଣ ନିୟମ ଅନୁସାରେ ହୁଏ ?
ହଁ ହୁଏ !
ନିଜ ଭାବନା ଅନୁସାରେ ହିଁ ଫଳ ମିଳେ ।
ବିଶ୍ୱାସ ରଖ ଗୋଟେ ଛୋଟ ପିଲାର ମନ ପରି,
ଉପରକୁ ଉଠାଇ ହାତ ଛାଡି ଦେଲେବି ସେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହସୁଥିବ,

ନିଶ୍ଚୟ ତୁମେ ତାକୁ ଧରିବ,

ତଳେ ପକାଇ ଦେବନି ।

ମନ ତ ଏକ ସଫା କପଡା,

ଏଥିରେ ଯେଉଁ ରଙ୍ଗ ଯେମିତି ରଙ୍ଗାଇବ

ସେମିତି ରଙ୍ଗିଯିବ ।

ସୁଖ ଦୁଃଖ:

ତୁମ ମନର ଅବସ୍ଥା,

ତୁମ ଘରେ ଅତିଥି ପରି,

କାହାକୁ ଚିର ଦିନ ଘରେ ରଖିବ,

କାହାକୁ ତଡ଼ିବ,

ତୁମ ଉପରେ ନିର୍ଭର କରେ ।

କେହିବି ସୁଖୀ ନୁହଁନ୍ତି ଦୁନିଆରେ,

ପୁଳାଏ ଦୁଃଖକୁ ନିଜ ଭିତରେ ଚାପିରଖି,

ସଭିଏଁ ବଞ୍ଚିବାର ପ୍ରୟାସ କରୁଛନ୍ତି ।

ନିଜ ପାଇଁ ନିଜ ଦୁଃଖ ଖୁବ୍ ବଡ,

କିଏବା, ତୁମ ଦୁଃଖ ନେଇ ସୁଖ ଦେବ ?

ସ୍ୱର୍ଗ ନର୍କ ସବୁ ଏଠି,

ଅଶାନ୍ତିରେ ଜଳି ଜଳି ସୁଖକୁ ଖୋଜିବା ହିଁ ନର୍କ,

ସବୁ ପରିସ୍ଥିତିରେ ସ୍ଥିର ରହିବା ହିଁ ସ୍ୱର୍ଗ ।

ସବୁ ଆମ ପାଖରେ ଅଛି,

ଆମ ହାତ ମୁଠାରେ ।

ସତରେ କଣ ସବୁ ଆମ ହାତ ମୁଠାରେ ?

କିଛି ଜିନିଷ ଆମେ ଯେତେ ଚାହିଁଲେବି,

ଯତ୍ନ କଲେବି,

ନିଜ ଅକ୍ତିଆରରେ ରଖିପାରେନି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁବେଳେ ଆମେ,
ନିଜକୁ ନୁହେଁ, ଅନ୍ୟକୁ ସୁଖୀ କରିବାକୁ,
ଅନ୍ୟକୁ ନିଜ ଅନୁସାରେ ବଦଳାଇବାକୁ,
ଏମିତିକି ଅନ୍ୟ ପାଇଁ ହିଁ ବଞ୍ଚୁ ।

ଆଗକୁ କଣ ହେବ ଆମକୁ ଜଣା ନାହିଁ,
ବର୍ତ୍ତମାନର ବାସ୍ତବତାକୁ ଗ୍ରହଣ କରି,
ନିଜକୁ ବଦଳାଇ ପାରିଲେ,
ଚିର ସୁଖ, ଶାନ୍ତି, ବିଶ୍ୱାସ, ପ୍ରଶଂସା, ସମ୍ମାନ,
ଭଲପାଇବା, ଦାୟିତ୍ୱବୋଧର ଧନ କେବଳ
ହିଁ ତୁମର ହେବ ।

କେବେ ଭୁଲନାହିଁ,
ଫଳ ନୁହେଁ, କର୍ତ୍ତବ୍ୟ ତୁମ ହାତରେ ।

କାର୍ଡଗୁଡି, ବାଙ୍ଗାଲୋର,
୯୮୪୦୭୦୭୧୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାଟ ସଉଦା



ନାରାୟଣ ଚନ୍ଦ୍ର
ସେନାପତି

ହାଟ ସିନା ବସେ ସପ୍ତାହକୁ ଥରେ ଦୁଇଥର
ହେଲେ ସଂସାର ହାଟଟା ତ ଖୋଲାଥାଏ ପ୍ରତି ମୁହୂର୍ତ୍ତ
କରୁଥାଏ ଭଲ ମନ୍ଦ ଲାଭ କ୍ଷତିର କିଣାବିକା କାରବାର
ପାଳି ସୃଷ୍ଟି ସ୍ରଷ୍ଟାର ମହତ୍ତ୍ୱ ଗୁରୁତ୍ୱ ।

କେଉଁ ଏକ ଅଜଣା ରାଇଜରୁ ହାତ ଧରି
ମୋତେ ଆଣି ମାଆ କୋଳେ ଛାଡିଦେଲେ ମୋ ବାପା
କହିଲେ ଦେଖ ଏ ସଂସାର ହାଟ
କିଣି ଯା ତୋ ଆବଶ୍ୟକତା ସଉଦା
ବାଲ୍ୟକାଳଟା କଟିଗଲା ଆନନ୍ଦରେ
କରି ମିଛି ମିଛିକା ଦୋକାନର ଖେଳ
କୈଶୋରବି ଆବେଗର ସମ୍ଭାରରେ ପକାଇଲା
ହସଖୁସିର ମାଳ
ଆଉ ଅବଶିଷ୍ଟ ଜୀବନଟା ଲକ୍ଷ୍ୟ ପୂରଣ ଦିଗରେ
ସହିଲା ଘାତ ପ୍ରତିଘାତ
କେବେ ସୁଖର ବିଭୋର ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖ ଫେଡ଼ିବାକୁ ହେଲା ଓହଳ ବିକଳ ।

ହେତୁ ହେବା ଦିନୁ ଦେଖିଲି
ଏଠି ଚାଲିଛି ଏକ ଆଶ୍ଚର୍ଯ୍ୟ ଜନକ ବେପାର
କ୍ଷମତା ପ୍ରଶଂସା ପଦବୀ ପାଇଁ
କିଏ ନିଜ ନିଜତ୍ୱ ବ୍ୟକ୍ତିତ୍ୱ ବିକି ସାଜିଲାଣି
ଦେଶଦ୍ରୋହୀ କ୍ରୀତଦାସ ଚାକର ତ
କେ ବା କାହା ପ୍ରାଣର ସଉଦା କରି
ସୁନା ସଂସାର କଲାଣି ନାରଖାର
ସ୍ନେହ ଶ୍ରଦ୍ଧା ପ୍ରେମ ପ୍ରୀତି ସବୁ ବିକ୍ରିହେଲାଣି କୃତଘ୍ନର ଦୋକାନରେ
ସାହାଯ୍ୟ ସହାନୁଭୂତି ପଣ୍ୟଦ୍ରବ୍ୟ ମାନ ଏତେ ମୂଲ୍ୟହୀନ ଯେ
କେହି ବି କିଣନ୍ତି ନାହିଁ ମୋଫତ
ମହଙ୍ଗା ପଡିଛି ହିଂସା ଦ୍ୱେଷ ଛନ୍ଦ କପଟର ଜିନିଷଗୁଡ଼ାକ
ମାଡ଼ ବସା ବସି ହୋଇ କିଣୁଛି ମଣିଷ ଅଦିନିଆ ଛତୁ କି ଫୁଲକୋବି
ସତେ କି ଆଲୋକ  ଚତୁର୍ପାର୍ଶ୍ୱେ
ସାଲୁ ସାଲୁ ପୋକଜୋକ ।

ସବୁଜ ପନିପରିବା ସବୁ କାନ୍ଦିଲେଣି ଆମିଷାଷୀଙ୍କ ବହୁଳତା ଦେଖି
ଛେଳି କୁକୁଡ଼ା ଗୁଡାକ ଟିକିଏ ଆଶ୍ୱସ୍ତି ହେଲିଣି

 Magazine Downloaded from www.aahwaan.com

ମଣିଷର ମଣିଷ ଖିଆ ଦେଖି

ବିଦ୍ୱାନ ସଂସ୍କାରୀ ପ୍ରତିଭାଧାରୀ ପୁଅ ଗୁଡାକ

ବିକ୍ରି ହୋଇ ଧରିଲେଣି କୁସଂସ୍କାରୀ ଝିଅଙ୍କ ହାତ

ବ୍ୟଭିଚାରୀ କୁବେରଙ୍କ କେଇଟା ଧନରେ

ସମ୍ପର୍କର ଦର ଏଠି ବହୁତ କମ

ସତ୍ୟ ନ୍ୟାୟ ନିଷ୍ଠାମାନ କାନ୍ଦି ଡାକିଲେଣି ରାମ ରାମ

କେବଳ ଅସଭ୍ୟ ଇତରଙ୍କ ପ୍ରାଦୁର୍ଭାବ

ବଢ଼ାଇ ଦେଉଛି ହାଟର ଦମ୍ ।

ସଦ୍ ଗୁଣ ସଦାଚାର ଅଳଙ୍କାର ସବୁ

ଅଲୋଡା ହେଲାଣି ଏ ହାଟରେ

ମୂଲ୍ୟହୀନ ଆଭୂଷଣ ଦେଖି

ଲୋଭାସକ୍ତଙ୍କ ଫୁଲି ଉଠିଲାଣି ଛାତି

ପାଇବାକୁ କମ୍ ଦାମରେ

ଜାଣେନା ମୁଁ ଲାଭ କଲି କି କ୍ଷତି

ହେଲେ ଯେଉଁ ହାଟରେ ସ୍ୱୟଂ ଭଗବାନ ପରିଚାଳକ

ଶୁଣିବିନି ଅଧା ରହିଲା ମୋ ହାଟ ସଉଦା

କରିବି କର୍ମ ପାଳିବି ଧର୍ମ

ଏହି ମୋର ଦୃଢ଼ ପ୍ରତିଶ୍ରୁତି ।

ଜମ୍ବୁରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ସୁନ୍ଦରୀ



ସନ୍ତୋଷ କୁମାର
ନାୟକ

ଆଖି ବୁଜିଦେଲେ ପାଖେଇ ଆସେ ସେ
ଆଖି ଖୋଲିଦେଲେ ନାହିଁ,
ଛୁଇଁବାକୁ ଯେବେ ବଢ଼ାଏ ମୁଁ ହାତ
ଚାଲିଯାଏ ଦୂରେ ଧାଇଁ ;
ମାନବୀ ନା ସିଏ ପରୀ,
ନା ବିଧାତାର ହାତେ ଗଢା ମୂରତି ଟେ
ନା ଖାଲି ସ୍ୱପ୍ନ ସୁନ୍ଦରୀ ?

ଆଇନାରେ ଯେବେ ଦେଖେ ନିଜ ମୁହଁ
ଦିଶିଯାଏ ତାର ଛାଇ,
ହସି ହସି ମୋତେ ହାତ ଠାରି ଡାକେ
ଚାଲିଯାଏ ଦୂରେ ଧାଇଁ;
ଝିଅ ନା ସେ ଅପସରୀ,
ନା ଚିତ୍ରକର ହାତେ ଅଙ୍କା ଛବି ଗୋଟେ
ନା ଖାଲି ସ୍ୱପ୍ନ ସୁନ୍ଦରୀ ।

ରାତି ଆକାଶରେ ଜହ୍ନରୁ ଓହ୍ଲେଇ
ଚୁପି ଚୁପି ଆସେ ସେଇ,
ନିଦ ଭାଙ୍ଗିଦେଇ ପ୍ରେମରେ ଭିଜେଇ
ଚାଲିଯାଏ ଦୂରେ ଧାଇଁ ;
ଚାନ୍ଦିନୀ ନା ରୂପା ଜରି
ନା କବିର କଲମେ ଲେଖା କବିତା ଟେ
ନା ଖାଲି ସ୍ୱପ୍ନ ସୁନ୍ଦରୀ ।

ବିଷମ କଟକ (ରାୟଗଡ଼ା)
ମୋ - ୮୨୪୯୪୯୯୫୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ ଦେଉଛି ରାକ୍ଷୀ



ଗୌରୀ ପଣ୍ଡା

ରାକ୍ଷୀ ଆଜି ଆସିଛିରେ
ବାନ୍ଧିବ ସେନେହ ଡୋରେ ।
ସେ, ସେନେହ ପୁରାତନ
ରହିବ ସେ ଆଜୀବନ ।
ଭଉଣୀ ବାନ୍ଧିବ ରାକ୍ଷୀ
ଭାଇ ରହିବ ତା'ସାଖି ।
ରହିଥାଉ ଏ ବନ୍ଧନ
ଆଜି ନୁହେଁ ସବୁଦିନ ।
ଦେଖିବ ଦୁନିଆ ସାରା
ରାକ୍ଷୀ ଆମ ପରମ୍ପରା ।
ପରମ୍ପରା ର ସୁରକ୍ଷା
ପାଇଛୁ ଆମେ ରେ ଶିକ୍ଷା ।
ରାକ୍ଷୀ ବାନ୍ଧି ଭାଇ ହାତେ
ଝିଅ ରୁହ ମଜବୁତେ ।
ନିଜକୁ ସୁଦୃଢ଼ କର
ମନ ଆଉ ବ୍ୟବହାର ।
ନିଜ ହାତେ ରାକ୍ଷୀ ବାନ୍ଧି
ରହିବନି ଆଉ କାନ୍ଦି ।

ଅଜି ଏଇ ରାକ୍ଷୀ ଦିନେ
ପଣ କର ଝିଅ ମାନେ ।
ଏ ରକ୍ଷା ବନ୍ଧନ ମୃଲ
ଝିଅ ମାନେ କର ତୁଲ ।
ନିଜ ସନମାନ ନିଜେ
ରଖିବାକୁ ହେବା ସଜେ ।
ଭାଇ ଆସିବା ଆଗରୁ
ମୁକ୍ତ ହେବା କଳଙ୍କ ରୁ ।
ଧୈର୍ଯ୍ୟ ର ଅସୀମ ଡୋରୀ
ସମୁଦ୍ର ହୋଇବା ପାରି ।
ଆଜି ଏଇ ରାକ୍ଷୀ ଦିନେ
ଦୃଢ ହୁଅ ଝିଅ ମାନେ ।
ରାକ୍ଷୀର ଆହ୍ୱାନ ଏଇ
ଝିଅ ଲଢ ମାନ ପାଇଁ ।

ଜୟପୁର, କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ ପୂନେଇଁଟା ଲାଗିଲାଫିକା



ଶିଶିର କୁମାର ପଣ୍ଡା

ଆସି ଚାଲିଗଲା ରାକ୍ଷୀ ପୁନେଇଁ ମୁଁ
ଯାଇ ପାରିଲିନି ଭଉଣୀ ଘର
କରୋନା ଆସିକି ସବୁ ସାରିଦେଲା
ତାଆ ପାଇଁ ସିନା ହୋଇଲି ପର !

ସବୁ ବରଷ ମୋ ଭଉଣୀ ଆସଇ
ଶାଶୂଘରୁ ରାକ୍ଷୀ ବାନ୍ଧିବା ପାଇଁ
ଆମ ଘରଠାରୁ ଦଶକୋଶ ଦୂର
ଗାଡ଼ିର ସେମିତି ସୁବିଧା ନାହିଁ ।

ତଥାପି ସେ ଆସେ ଅଟୋ ଭଡ଼ାକରି
ଏଥର ଆସିନି କରୋନା ଡରେ
ସରକାରଙ୍କର ନିୟମ ମାନିକି
ଏବେ ସବୁଆମେ ରହିଛୁ ଘରେ ।

ବାରମାସେ ତେର ପରବ ପାଳୁଛୁ
ଏ ବରଷ କିନ୍ତୁ ମୂଳରୁ ଫିକା
କେତେଦିନ ଯାଏ ଦହଗଞ୍ଜ ହେବା
କେବେ ଆସିବ ଏ କରୋନା ଟୀକା ?

ଡାକତର ମାନେ ଲାଗିପଡିଛନ୍ତି
ଓଉଷଧ ବୋଧେ ବାହାରି ଯିବ
ଆଉ ସବୁରୋଗ ପରିକା ଇଏବି
ଆମ ମାନଙ୍କର ଦେହରେ ଥିବ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ବିନ୍ଦୁ



ମନ୍ମଥ କୁମାର ଦଳେଇ

ବିନ୍ଦୁଟିଏ ବଢ଼ି ବଢ଼ି
ପୂର୍ଣ୍ଣତାର ଆଲୋକ ଦେଖାଏ
ନାରୀତ୍ୱର ମହା ଶୂନ୍ୟତାରେ ,
ସମ୍ପର୍କର ନିବିଡ଼ତା ପାଇଁ
ପିତାଙ୍କ ସ୍ନେହ ଆଗରେ
ନିଅଣ୍ଟ ପଡେ ଆକାଶ,
ମାଆଙ୍କ ମମତା ପାଖରେ
ନ୍ୟୁନ ଲାଗେ ସମୁଦ୍ରର ଗଭୀରତା,
ମାନବିକତାର ଆହ୍ୱାନରେ
ମଣିଷ ଗଢ଼ିପାରେ ସ୍ୱର୍ଗ
ସେ ପାଲଟିଯାଏ ଦେବତା ।

ଆକାଶରେ ଝଟକିଲା ଭଳି
ତେଜିୟାନ ସୂର୍ଯ୍ୟ,
ସଧବା ମଥାରେ ଝଟକୁଥାଏ
ବିନ୍ଦୁଏ ସିନ୍ଦୁର,
କୃଷ୍ଣଚୂଡ଼ା ମୁହଁ ପରି
ଏହି ନାଲି ସିନ୍ଦୁରରୁ ଲମ୍ବିଯାଏ
ହୃଦୟର ନାଲି ନାଲି ହସ,
ସାକ୍ଷୀ ରଖି ବାୟୁ
ସାକ୍ଷୀ ରଖି  ଅଗ୍ନି ଓ ବସୁଧା
ସେହି ହସ ଅଶ୍ୱ ହୋଇ
ଟାଣୁଥାଏ ସଂସାରର ରଥ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିନ୍ଦୁ ବିନ୍ଦୁ ତତଲା ଲୁହରେ

ଯେଉଁ ନଈ ବୋହିଥିଲା

ସେଥିରେ ତରଳି ଯାଇଥିଲା ସୁବର୍ଣ୍ଣ ଲଙ୍କା

ଭାସିଗଲା କୌରବ ସାମ୍ରାଜ୍ୟ,

ଲୁହର ପ୍ରଳୟ ବନ୍ୟାରେ

କଚାଡି ହୋଇ ମରିଥିଲା କଂସ

ଲୁହର ଲୁହା ଶିକୁଳିରେ

ବନ୍ଧା ଆଜି ଅନେକ ଅସୁର ।

ଅନ୍ୟର ବୁହାଏ ଲୁହ ବଦଳରେ

ଯେଉଁ ମଦ, ମାଛ, ମାଂସ ପରଷାଯାଏ

ତାହା ହଳାହଳ ବିଷ ।

ବିନ୍ଦୁ ବିନ୍ଦୁ ଝାଳ ବଦଳରେ

ଯେଉଁ ଅନ୍ନ ମୁଠାଏ ମିଳେ

ତାହାହିଁ ତ ଅମୃତ ।

ମ୍ୟାନେଜର, ଜାତୀୟ ତାପଜ ଉର୍ଜା କେନ୍ଦ୍ର, କଣିହା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି ବଞ୍ଚିବି ତୋ ବିନା



ଚିତ୍ତରଞ୍ଜନ ବେହେରା

ଚାଲି ଗଲୁ ପ୍ରିୟା ମୋ ହୃଦୟ ଭାଙ୍ଗି କଲିଜା ଥିଲୁ ତୁ ମୋର ।
ମୋ ଭଲପାଇବା ମିଛ ଥିଲା କି ହେଇ ଗଲୁ ଅନ୍ୟ କାହାର ।।

ନିସ୍ୱାର୍ଥ ମନରେ ଭଲ ପାଉଥିଲି କରୁଥିଲି ତତେ ପୂଜା ।
କାଚ ଘର ଭାବି ସମ୍ପର୍କ ଭାଙ୍ଗିଲୁ ଦେଇ ଗଲୁ ମୋତେ ସଜା ।।

କହୁଥିଲୁ ମୋତେ ଜୀବନ ସାଥୀ ଅଧା ବାଟେ କଲୁ ଏକା ।
ଛଳନା ଛୁରୀରେ ଛାତି ଚିରିବାକୁ ମିଳିଗଲା ତତେ ମଉକା ।।

ଯେଉଁ ଆଖି ଦିନେ ତୋ ପ୍ରେମକୁ ନେଇ ଦେଖିଥିଲା କେତେ ସପନ ।
ସପନ ମୋର ଚୁନା ହେଇଗଲା ଲୁହରେ ଭିଜିଲା ନୟନ ।।

ମୋ ପ୍ରେମକୁ କାହାର ନଜର ଲାଗିଲା ସାଥୀ ଛାଡ଼ିଗଲା ମୋତେ ।
ତୋ ବିନା ଧନ କେମିତି ବଞ୍ଚିବି ଉତ୍ତର ଦେ ପ୍ରିୟା ମୋତେ ।।

ହୃଦୟେ ତୋର ବିଷ ଥିଲା ବୋଲି ମୁଁ ବା କେମିତି ଜାଣିବି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ପ୍ରେମ ମୋତେ ଘୃଣା କଲା ବୋଲି କାହାକୁ ଯାଇ କହିବି ।।

ଦୁଃଖରେ କେମିତି ବଞ୍ଚିଛି ଲୋ ପ୍ରିୟା ଦେଖିବାକୁ ଥରେ ଆ ।
ହସି ହସି କରି ତୋ ନିଜ ହାତରେ ବିଷ ମୋତେ ଦେଇ ଯା ।।

ନୂଆ ପ୍ରେମୀ ସାଥେ ସାରା ଜୀବନ ପ୍ରିୟା ହସରେ ହସରେ କାଟିବୁ ।
ମୋ ରାସ୍ତାରୁ ଗୋଟେ କଣ୍ଟା ଗଲା ବୋଲି ମୁଁ ମଲା ପରେ ଭାବିବୁ ।।

ତୋ ନିଜ ହାତରେ ମୋ ସବୁ ସ୍ମୃତି କୁ ମୋ ସମାଧିରେ ନେଇ ଥୋଇବୁ ।
ନୂଆ ସାଥୀର ହାତକୁ ଧରି ହସି ହସି ଚାଲି ଆସିବୁ ।।

ଯାଉଛି ଲୋ ପ୍ରିୟା ତୋ ଦୁନିଆ ଛାଡି ବହୁତ ଖୁସିରେ ରହିବୁ ।
ପ୍ରେମ ରେ ଆମର ଯାହା ବି ଘଟିଛି ରାତିର ସ୍ୱପ୍ନ ବୋଲି ଭାବିବୁ ।।

ମାଝିସାହି, ବଘିଆପଡା,ବୌଦ୍ଧ
ଭ୍ରାମ୍ୟଭାଷ : ୯୪୩୮୭୨୦୩୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖାଇଲେ ଜାଣିବୁ



ସୌଭାଗ୍ୟ ରଞ୍ଜନ
ମହାପାତ୍ର

ଓଡ଼ିଆମାଟିର  ଖାଇବା ସିଏ
କିଏ ହେବ ତା ସରି
ଖାଇନି ଯିଏ ଜୀବନ ଯାକ
ହେଉଥିବ ସେ ଝୁରି  । ।

ଖଜା ଭିତରେ ରାଜା ସିଏ
ପୁରୀ ସହର ଖଜା
ଗଜା ଭିତରେ ବାଲେଶ୍ୱର
ପ୍ରସିଦ୍ଧ ଛେନା ଗଜା  । ।

କେନ୍ଦରାପଡା ସେ ମନଲୋଭା
ମିଠା ସେ ରସାବଳି
ବାରିପଦାର ମୁଢ଼ି ସାଙ୍ଗକୁ
ସେ ମାଂସ ତରକାରୀ  । ।

ଜଗତସିଂହପୁରର ସେଇ
ଚିଙ୍ଗୁଡ଼ି ଝୋଳ କଙ୍କଡା
ଢେଙ୍କାନାଳର ବଡ ପ୍ରସିଦ୍ଧ
ଘୁଗୁନି ବିରି ବରା  । ।

ଦୁନିଆଁ ମଧ୍ୟେ ନମିଳେ ସେଇ
ବଡ଼ି କେନ୍ଦୁଝରର
ମନ୍ ଲାଖି ଯାଏସି ଚାଉଲ୍
ବରା ବଲାଙ୍ଗୀର୍ ର  । ।

ଖୋରଧା ମାଟି ସେ କୋରାଖଇ
ପାଲୁଆ ଲଡୁ ଭଦ୍ରକ
ଦୁନିଆ ମନ ହରଣ କରେ
ଦହିବରା କଟକ  । ।

ନଇଆଗଡ ର ଛେନାପୋଡ଼
ଦେବୁ ତୁ ମୁଁହେ ଯେବେ
ଓଡ଼ିଆ ମିଠା କେତେ ପ୍ରସିଦ୍ଧ
ଜାଣିପାରିବୁ ସେବେ  । ।

ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର
ଟିଟିଲାଗଡ଼, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ



ଆଶିଷ ବେହେରା

ଜୀବନ ଗୋଟିଏ ରଙ୍ଗମଞ୍ଚ ଅଟେ

କଳା ଏଠି ପ୍ରଦର୍ଶନ

ଜୀବନ ନାଟକ ସରିଲେ ଯେ ଆମେ

ମିଶିଯିବା ମାଟି ଜାଣ

ଏଇ ଦୁଇଦିନିଆ ମଞ୍ଚ ରେ ଆମେ

ଯେତେ ଦିନ ରହିଥିବା

ଚିରକାଳ ପାଇଁ ସୁଖ ବାଣ୍ଟି ଆମେ

ଶରୀର କୁ ଛାଡିଯିବା

ଭଲ କର୍ମ ଯଦି କରିଥିବା ଆମେ

ହୃଦୟେ ପାଇବା ସ୍ଥାନ

ମନ୍ଦ କର୍ମ କରି ମୃତ୍ୟୁ କୁ ଲଭିଲେ

ପାଉଥିବା ଗାଳି ମାନ ।।

କୁମ୍ଭାରୀ, ସାଇଁନ୍ତଳା

୭୩୨୭୦୨୮୪୯୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରହ



ସୂର୍ଯ୍ୟକାନ୍ତ ମଲ୍ଲିକ

ତୁମେ

ସର୍ଜନତାର ଅନ୍ତରେ ଢାଙ୍କି ଦିଅ

ବୈଦେହି ଭାବର ଅନୁଭବର

ସଂଜୀବନୀ,

ଚିର ମୁଗ୍ଧ

ତୁମ ପ୍ରଣୟର ପ୍ରଲୋଭ,

ପୁଣି,ନଇରାସ ଓ ବିଷମ

ଆନନ୍ଦିତ, ପଙ୍କିଳ

ଜୀବନର ମୁହୁର୍ତରେ ଭରିଦିଅ

ସୌଜନ୍ୟ ପ୍ରୀତିୟତାର ସ୍ପନ୍ଦନ

ଶେଷରେ

ମୁଁ ଅପେକ୍ଷାର ଅନ୍ତରେ

ଖୋଜିବୁଲେ ତୁମ ସ୍ମୃତିର ପ୍ରଖର

ସ୍ରୋତ ଭିତରେ ତୁମକୁ ।

ହୁ ହୁ ହୋଇ ଜଳୁଥିବା

ଅଗ୍ନିବି ନିରବ ପ୍ରାୟେ

ତୁମ ଅସ୍ଥିର ସ୍ଥିତି ମଧ୍ୟେ,

କୁହୁଳୁ ଥାଏ, ଆଉ

ଆସ୍ତେ ଆସ୍ତେ ଲିଭିବାକୁ ଚେଷ୍ଟାରେବି

ମ୍ରିୟମାଣ ହୋଇ ଥକି ପଡେ

ଅଧା ଅଧା ଓଠ ଭିଜା

ସ୍ମୃତିର ଲୁହରେ

ହଁ ସ୍ମୃତିରେ ଲୁହରେ ॥

ଘଣ୍ଟପଦା, କେନ୍ଦ୍ରାପଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆକାଂକ୍ଷିତ ମୁହୂର୍ତ୍ତ



ଡଃ ମନୋରଞ୍ଜନ ବିଷୋୟୀ

କେବେ ନ ଆସିବାକୁ
ବାରମ୍ବାର ତାଗିଦ୍ ପରେ ବି
ବେଳେ ବେଳେ ଫେରିଆସେ
ମୋ ଅତୀତ ।
ଦେଖିବାକୁ
କେମିତି କାଟୁଛି ମୁଁ
ବର୍ତ୍ତମାନର ମୁହୂର୍ତ୍ତ ।
ହେଲେ ଅତୀତ ଓ ବର୍ତ୍ତମାନର
ଏ ଅଜବ ଖେଳ ଭିତରେ
କେହି ଜିତନ୍ତି ନାହିଁ
ଲୁହ ଢାଳିବା ବ୍ୟତୀତ ।
ତେଣୁ ମୋ ଅତୀତ
ଏବେ ବର୍ତ୍ତମାନ ସହ
ଚୁକ୍ତି କରିଛି
ଭବିଷ୍ୟତରେ ପାଇବାକୁ
ଆକାଂକ୍ଷିତ ମୁହୂର୍ତ୍ତ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
ଭ୍ରାମ୍ୟଭାଷ : ୮୮୯୪୧୪୧୭୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ଓ ରୂପାଜହ୍ନ



ଡା ସୌମ୍ୟରଞ୍ଜନ ମିଶ୍ର

ରୂପାଜହ୍ନ ଦିନେ ହୋଇଥାଏ ସ୍ମୃତି
ଯିଏ ବଢ଼େ ସିଏ ଛିଡ଼େ
ରୋକି ପାରେନାହିଁ ତାକୁ
କୁମୁଦର ଉନ୍ମୁକ୍ତ ପୀରତି ।

ସ୍ମୃତି କିନ୍ତୁ ବାରବାର ଫେରେ
ନିଭୃତ ପ୍ରଣୟ ନିଭାଇ
ଆଉ ଏକ ବନ୍ଧନରେ ଫସିବାକୁ
ରସିବାକୁ ନିଭୃତରେ ।

ସ୍ମୃତି ଉଙ୍କିମାରେ
ଆଖିର ତତଲା ଲୁହରେ
ମୁକ୍ତି ଖୋଜି ବୁଲୁଥାଏ
ଚିରନ୍ତନ ସମୟ ସୁଅରେ ।

ଢିଲାକଲେ ହଜେଇବା ଭୟ
ଜାବୁଡ଼ି ଧରିଲେ ଖସିଯିବା ଥୟ
ମଝାମଝି ବାଟ ବି ତ ନାହିଁ
ମୁକ୍ତ କରିଦେବାଟା ହିଁ ଶ୍ରେୟ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ
କେନ୍ଦ୍ରାପଡ଼ା, ୭୫୪୨୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୭୩୭୬୩୪୨
ଇମେଲ୍ : dr.srmishra@gmail.com

Magazine Downloaded from www.aahwaan.com

# ବାପା



ରାଜେନ୍ଦ୍ର ବୋଡ଼କିଆ

ଦୁନିଆର ସବୁଠାରୁ ନିଃସ୍ୱାର୍ଥପର
ପୃଥିବୀର ସବୁଠାରୁ ଦୟାବନ୍ତ
ଏ ଜଗତର ସବୁଠାରୁ କ୍ଷମାଶୀଳ
ଧରିତ୍ରୀ ପରି ଯାହାର ହୃଦୟ
ସେ ହେଉଛନ୍ତି ବାପା... ୧

ନିଜ ସୁଖକୁ ବଳିଦାନ ଦେଇ
ଆମକୁ ସୁଖ ଦେଇଥାନ୍ତି
ନିଜେ ନ ହସି ଆମକୁ ହସାନ୍ତି
ପରିବାର ପାଇଁ କିଛି ବି କରନ୍ତି
ସେ ହେଉଛନ୍ତି ବାପା... ୨

ଯୁଧିଷ୍ଠିରଙ୍କ ପରି ଦୟାବନ୍ତ
ବଶିଷ୍ଠଙ୍କ ପରି ବିଶାଳ ହୃଦୟ
ଯାହାଙ୍କ ପାଇଁ ପରିବାର ହସିଉଠେ
ସେ ତ ଈଶ୍ୱରଙ୍କ ଠୁ ବି ମହାନ
ସେ ହେଉଛନ୍ତି ବାପା... ୩

ପିଲାଟି ଦିନରୁ ହାତଧରି ଆମକୁ ଚାଲିବା ଶିଖାଇଛନ୍ତି
ଏ ପୃଥିବୀପୃଷ୍ଠକୁ ଆଣି ଏ ଦୁନିଆ ଦେଖାଇଛନ୍ତି
ସତ୍ୟ, ଧର୍ମ, ନ୍ୟାୟ ପଥରେ ଚାଲିବା ଶିଖାଇଛନ୍ତି
ଅବାଟକୁ ଗଲେ ବାଟକୁ ଟାଣି ଆଣନ୍ତି
ସେ ହେଉଛନ୍ତି ବାପା... ୪

ରାଜେନ୍ଦ୍ର ବୋଡ଼କିଆ
+୩ ତୃତୀୟବର୍ଷ, ଓଡ଼ିଆ ବିଭାଗ,
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭବାନୀପାଟଣା

Magazine Downloaded from www.aahwaan.com

# କବିର ସ୍ୱାଧୀନତା



ଦୀପକ କୁମାର ଦାଶ

ମୁକ୍ତ ମଶାଣି ତଳେ
ଶାଗୁଣାଟି ଥଣ୍ଟରେ ଖୁମ୍ପି ଖୁମ୍ପି
ମାଂସ ଖାଇବାର ଦୃଶ୍ୟ ଦେଖି
ସ୍ୱାଭିମାନୀ ମୋ ଚେତନ ମତେ ଶକ୍ତ
ଚଟକଣିଟିଏ ଦେଇ ପଚାରିଲା
ଆରେ ମୂର୍ଖ, ତୁ କେତେ ସ୍ୱାଧୀନ ନିଜେ ବୁଝ !

ଆଶାର ବୈତରଣୀକୁ ଏପାର ସେପାର
କରୁଥିବା ମୋ ହଂସ ହଠାତ କିଛି କ୍ଷଣ
ନିର୍ବାକ ହୋଇ ରହିଗଲା ।
ଏବଂ ମୋ ନଦୀ ଭିତରେ ମୀନଦ୍ୱୟ
କଥାବାର୍ତ୍ତା ହେଲେ,
ସ୍ୱାଧୀନଚେତନାରେ ବଶବର୍ତ୍ତି ହୋଇଥିବା
ଜୀବଟି ବହୁତ ନିର୍ବୁଦ୍ଧିଆ ଓ କାପୁରୁଷ ।

ସ୍ୱାଭିମାନର ଇଜ୍ଜତ ଉପରକୁ
ଆଞ୍ଚ ଆସିବାପରେ
ଅନେକ ଚିତ୍କାରକଲା ମୋ ମନ
ଶେଷରେ ଥକିଯାଇ
ଶବ ସହ ମନଇଚ୍ଛା ଶୂନ୍ୟରେ ଗପିଲା,
ବହୁତ କିଛି ଗପିବାପରେ
ଶୂନ୍ୟରୁ ଉତ୍ତର ମିଳିଲା
ହେ କବି ! ଆଜି ତୁମ ଅବସ୍ଥା ଠିକ୍ ଶବପରି
ଯେଉଁଠି ଅନେକ ଛଞ୍ଚାଣ ତୁମକୁ କ୍ଷତାକ୍ତକରି
ଶବଭଳି ଝୁଣି ଝୁଣି ଖାଆନ୍ତି ।
ଆଉ ତୁମେ ସେହି କ୍ଷତାକ୍ତ ସମୟକୁ
ନିଜର ସୌଭାଗ୍ୟଭାବି
ଗର୍ବରେ କୁହ ମୁଁ ସ୍ୱାଧୀନ,
ମୋ ଲେଖା ସ୍ୱାଧୀନ ।

ଭ୍ରାମ୍ୟଭାଷ : ୯୭୨୭୩୬୭୦୭୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ ଆସିବ ବୋଲି



ମୃତ୍ୟୁଞ୍ଜୟ ପଣ୍ଡା

ତମେ ଆସିବ ବୋଲି ପ୍ରକୃତିକୁ କହିଛି
ନୂତନ ରୂପରେ ସଜେଇ ହେବାକୁ,
ବର୍ଷାକୁ କହିଛି ମେଘର ଆସରରେ
ତୁମକୁ ସ୍ୱାଗତ କରିବାକୁ,
ବସନ୍ତକୁ କହିଛି ଫୁଲର ଗାଲିଚା
ତୁମର କୋମଳ ପାଦତଳେ ବିଛେଇ ଦେବାକୁ,
ଫଗୁଣକୁ କହିଛି ସାତରଙ୍ଗରେ
ତୁମକୁ ରଙ୍ଗେଇ ଦେବାକୁ,
ହେଲେ ପ୍ରଜାପତିକୁ ମନା କରିଛି
ତୁମକୁ ସ୍ପର୍ଶ କରିବାକୁ ।

ଛୁଇଁଦେଲେ କାଳେ ତୁମେ
ବଦଳିଯିବ କଢ଼ିରୁ ଫୁଲରେ,
ମନରେ ଭୟଥାଏ
ସବୁବେଳେ ସବୁ ମୁହୂର୍ତ୍ତରେ ।

ତୁମେ ଆସ ତୁମ ବାସ୍ତବତାରୁ
ମୋ ସ୍ୱପ୍ନକୁ ଓହ୍ଲେଇ,
ଭରିଦିଅ ମୋ ହୃଦୟର ଶୂନ୍ୟତାକୁ
ତୁମ ପାଉଁଜିର ରୁଣୁଝୁଣୁ ଶବ୍ଦରେ,
ତୁମେ ଆସ ସ୍ୱପ୍ନରେ ଅବା ସତରେ
ବାସ୍ ଗୋଟିଏ ଥର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଓ ମୁଁ



ସୀତାକାନ୍ତ ମହାପାତ୍ର

ତୁମେ ଦିଶୁଥିଲ    କାଶତଣ୍ଡୀ ଫୁଲ
ଉଲ୍ଲସିତ ପୁଲକିତ
ମୁଁ ଦେଖୁଥିଲି    ସୁନ୍ଦରୀ ସରଳ
ଗଣିତର ସ୍ଥଳସୂତ୍ର ।
ତୁମେ ନାଚୁଥିଲ    ଶରତ ଧାରାରେ
ସଙ୍ଗୀତର ସାତସୁରେ
ମୁଁ ରଚୁଥିଲି    ସାହିତ୍ୟ ଫର୍ଦ୍ଦରେ
ପୀରତିର ଗନ୍ତାଘରେ ।

ତୁମେ ଉଚ୍ଛାଟିଲ    ସ୍ୱାଭିମାନୀ ମଥା
ସାହିତ୍ୟ ସୂତ୍ରକୁ ଧରି
ମୁଁ କଷୁଥିଲି    ବିଜ୍ଞାନର ଗାଥା
ପଦାର୍ଥ ବିଜ୍ଞାନୀ ପରି ।
ତୁମେ ହସୁଥିଲ    ଶ୍ୟାମଳ ଶଯ୍ୟାରେ
ଚହଟାଇ ଦିବ୍ୟବାସ
ମୁଁ ଖୋଜୁଥିଲି    ଜଟିଳ କାର୍ଯ୍ୟରେ
ସଜେଇ ସୂତ୍ର ସମାସ ।
ତୁମେ ମାପୁଥିଲ    ସମ୍ପର୍କ ଗଭୀର
ସକଳ ଆପଣା କରି
ମୁଁ ଜପୁଥିଲି    ତର୍କ ଜ୍ୟାମିତିର
କଳକୁ କଳ୍ପନା କରି ।

ବାଙ୍କୀ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ଖଗେନ୍ଦ୍ର ପାତ୍ର

ସବୁ ଦୁଃଖକୁ କରେ ଯେ ନିଜର
ନିଜ ସୁଖ ଭୁଲିଯାଇ
ସାରା ଦୁନିଆରେ ମହାନ୍ ଅଟେ ସେ,
ତା'ପରି ନାହିଁ କେହି ।
ସମସ୍ତଙ୍କୁ ସିଏ କରଇ ନିଜର
କେହି ନାହିଁ ତାର ପର
ସମସ୍ତ ପ୍ରାଣୀର ଅତି ଆପଣାର
ଗଭୀର ହୃଦୟ ଯା'ର ।
ଖରା ହେଉଥିଲେ ଛାଇ ଦେଇଥାଏ
ତା ପଣତ କାନି ତଳେ
ତା ଓଠୁଁ ସର୍ବଦା ମଧୁ ଝରୁଥାଏ
ଦିବାନିଶି ସବୁବେଳେ ।
ଭଗବାନଠାରୁ ଅତି ସେ ଉଚ୍ଚରେ
ଦେବତା ପୂଜନ୍ତି ଯା'କୁ
ତା ଆଶିଷ ପାଇଁ ସମଗ୍ର ଜଗତ
ଶିର ନତ କରେ ତାକୁ ।
କୋମଳ ହୃଦୟ ରହିଛି ଯାହାର
ମନେ ଟିକେ ନାହିଁ ମାୟା
ସମସ୍ତଙ୍କୁ ସିଏ ବାଣ୍ଟି ଚାଲିଅଛି
ସ୍ନେହ, ପ୍ରେମ, କ୍ଷମା, ଦୟା ।
ପୃଥିବୀଠାରୁ ସେ ଗରୀୟାନ ଅଟେ
ସବୁବେଳେ ହୁଏ ସାହା
ଦୁନିଆ ଜାଣିଛି ସିଏତ ନିଜର
ଆମ ଜନ୍ମଦାତ୍ରୀ ମାଆ ।

ସହକାରୀ ଶିକ୍ଷକ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂନହାଡ଼
ବେଲପଡ଼ା, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ନିରଞ୍ଜନ ସାହୁ

ସାରା ଜଗତର ସଭିଙ୍କର ପ୍ରିୟ
ସର୍ବଦା ଅଟଇ ମାଆ
ମାଆର ଚରଣ ବନ୍ଦନା କରିବା
ଯିଏ ଯେଉଁଠାରେ ଥାଆ ।

ବିନା ମାଆରେ ଏ ସଂସାର ସର୍ଜନା
କେମିତି ହୋଇବ ତାହା
ଜନମଦାତ୍ରୀ ସେ କଲ୍ୟାଣଦାତ୍ରୀ ସେ
ନିଷ୍କପଟେ କରେ ଆହା
ମା’ ହାତ ପରସା ଅମୃତ ଲାଗଇ
ଯେତେ ଯାହା ଯିଏ ଖାଆ ।

ମାଆ ବିନା ସର୍ବ ଜୀବନ ଅଧୁରା
ମାଆ ଜୀବନର ରାହା
ଜୀବନର ସବୁ ସଙ୍କଟ କାଳରେ
ମାଆ ହୋଇଥାଏ ସାହା
ଯେତେପାର ସେତେ ନିର୍ମଳ ମନରେ
ମାଆର ମହିମା ଗାଆ ।

ନିହଲପ୍ରସାଦ, ଗନ୍ଦିଆପଟଣା
ଢେଙ୍କାନାଳ, ୭୫୯୦୧୬
ଭ୍ରାମ୍ୟଭାଷ : ୯୯୩୮୭୪୧୨୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ଚିତ୍ରକିଶୋର ମାଝୀ

ମାଆ ମୋ ସରଗର ତାରା ତା ବିନା
ଜୀବନ ଅଧୁରା
ଛୋଟା ରୁ ବଡ଼ କରିଛି ଆମକୁ ସେ
ଆମ ଜୀବନର ଧାରା
ଦଶମାସ ଗର୍ଭେ ଧରି ଦେଇଛି
ଆମକୁ ଜନମ
କେତେ କଷ୍ଟ କେତେ ଯାତନା ସହି
କରିଛି ଦୁଃଖକୁ ପତନ
ମାଆ ଠାରୁ ଦୁନିଆରେ ଆଉ
ନାହିଁ କେହି ବଡ଼
ସ୍ନେହ,ମମତାରେ ବାନ୍ଧି ରଖେ ସେ
ତା ପାଖରେ ସବୁ କ୍ଷୁଦ୍ରତର
ଜୀବନର ସବୁ ଦୁଃଖକୁ କରିଛି
ଏକା ସେ ବହନ
ମାଆ ଆମ ଜଗତରେ
ସବୁଠୁ ସେ ମହାନ

ମାଆ ବୋଲି ଡାକିଦେଲେ ହୃଦୟେ
ସିଂହରଣ ଭରିଯାଏ
ଆକାଶରୁ ମାଟି ଯାଏଁ
ପ୍ରତିଧ୍ୱନି ଖେଳିଯାଏ
ଜୀବନର ଚଲାପଥେ ମାଆର
ମମତା ଏକା ସାହାରା
ଜଗତରେ ତା ପ୍ରେମରେ ଭରି
ରହିଛି କେତେ ନିଆରା
ମାଆ ବିନା ଜୀବନ ଆମ
ସବୁକିଛି ଅସାର
ମାଆ ଆମ ରହୁଥାଉ
ଚିରଦିନ ହୋଇ ସେ ଅମର

ଯୁକ୍ତ ତିନି ପ୍ରଥମ ବର୍ଷ( ଓଡ଼ିଆ ବିଭାଗ),ସର୍ବ
ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟ,ଗୋଲାମୁଣ୍ଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂସାରର ଦୁର୍ଦ୍ଦଶା



ଦିବ୍ୟାନ୍ତ ପଟ୍ଟନାୟକ

ଏ ଜୀବନଟା ଅଟେ ପାଣି ଫୋଟକା
ମୃତ୍ୟୁପରେ ହେବ ଯମ ସହ ଦେଖା
ବଞ୍ଚି ରହୁ ରହୁ କିଆଁ ଉପଭୋଗ ନ କରିବୁ
ଝାଳବୁହା ଧନସବୁ ଏ କାଙ୍ଗାଳୀଙ୍କୁ ଦେବୁ ?

ରାତି ପାହିଲେ ସଂସାରର କଳି
ଧାର ନ ଶୁଝିଲେ ଲୋକେ ଦିଅନ୍ତି ଗାଳି
ଏ କି ଆନନ୍ଦହୀନ ଜୀବନ
ଶାନ୍ତିଟିକେ ଲାଗି ଭଜେରେ ଶ୍ୟାମଘନ ।

ମୁଠେ ପଖାଳ ସଙ୍ଗେ କଂସେ ତୋରାଣି
ଧନ ସଂଚିଛୁ କିରେ କିଣିବୁ ଧରଣୀ
ଏ କି ମାୟାରେ ତୁ ଛନ୍ଦିଛୁରେ ବାୟା
ମରଣକାଳେ କେହି ନୋହିବେରେ ସାହା ।

ଯେତେ ଧନ ଅରଜିଲେ ହୁଅଇ ତତେ ଊଣା
ଦୁନିଆର ଲୋଭ, ମାୟା କରିଛିରେ ବାଟବଣା
ଏହା ହିଁ ସଂସାରର ଦୁର୍ଦ୍ଦଶା
ଏ ଦୁର୍ଦ୍ଦଶା ଦେଖି ତୁଣ୍ଡେ ନାହିଁ ମୋର ଭାଷା ।

ଶାଶୁ ବୋହୁଙ୍କର ନିତି ଝଗଡ଼ା
ୟାଙ୍କ କଥାଯାକ ସବୁ ଅଟେ ମନଗଢ଼ା
ଅଶାନ୍ତି ଜୀବନରେ ଦିଶଇ ଏ ସବୁ ଲକ୍ଷଣ
ମୋ କ୍ଷୁଦ୍ର କବିତାଟି ଜ୍ୱଳନ୍ତ ଉଦାହରଣ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଳଦର ଅଭିଶାପ

ଗ୍ରହାଣୁ ଦିବସ, ୨୦୨୦



ଲିମନ୍

କେବେ ଦେଖିଛ କି ବନ୍ଧୁ

ହସ ପଛର ଲୁହକୁ ?

କେମିତି ଦେଖିବ...

ଦେଖିନ ତ କେବେ ହସକୁ ?

ଏଡ଼େ ସ୍ୱାର୍ଥପର !

ହିସାବ କର ପ୍ରତ୍ୟେକ ଦାନା କଣିକାର...

ବଳିଲେ ଦିଅ ନ ହେଲେ ନାହିଁ

ବାସି ତୋରାଣି କି ଅଇଁଠା ନେଇ...

କହିବାର ତ କ୍ଷମତା ନାହିଁ

କାଳେ କିଛି ତୁମ ଦବୁକି ଖାଇ...

ତୁଣ୍ଡି ବାନ୍ଧି ବୁଲାଅ

ଶଗଡ଼େ ଶଗଡ଼େ ବୁହାଅ...

ସହିଛି... ଦେଇନି ଅଭିଶାପ...

କିନ୍ତୁ କିଏ ନେବ କଲାକର୍ମର ପ୍ରକୋପ...

ଆପଣା ମୁହେଁ ଆପେ ଦେଇ ତୁଣ୍ଡି...

ବୁଲୁଛ କାଳେ ରୋଗ ନେବ ଭଣ୍ଡି...

ଦୟାଧର୍ମ ରଖି ଡାକ ତ୍ରାହି ତ୍ରାହି...

ଅକାଳୁ ବଞ୍ଚାନ୍ତୁ ବନ୍ଧୁ ଭାବଗ୍ରାହୀ....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚେତା



ପରମାନନ୍ଦ ରାଜହଂସ

ଆକୃତି ଆକର୍ଷେ ବିକର୍ଷେ ପ୍ରକୃତି
ପୁଷ୍ପଦ୍ୟାନେ ଭ୍ରମେ ଯେହ୍ନେ ପ୍ରଜାପତି
ପାର୍ଥିବ ପରଶେ ପଥଚ୍ୟୁତ ସ୍ଥିତି
ବେଦବାକ୍ୟ ନିନ୍ଦେ ସେହୁ ମୁଢ଼ମତି ।

ମନର ମାଧୁର୍ଯ୍ୟ ଐଶ୍ୱର୍ଯ୍ୟ ଚନ୍ଦନ
ବିଲୁପ୍ତ କରଇ ବିଭୁ ଚିନ୍ତାମାନ
ଅନ୍ତିମ ଆୟୁରେ ଉଦେ ବୁଦ୍ଧିଜ୍ଞାନ
ପଶ୍ଚାତାପେ ଜୀବ କରଇ କ୍ରନ୍ଦନ ।

ପୂର୍ବକୃତ ଫଳେ ଭୋଗେ ଦୁଃଖକଷ୍ଟ
ପ୍ରାରବ୍ଧ ଆଣଇ ଜୀବନେ ଅରିଷ୍ଟ
ବେଦବିଧାନରେ ପ୍ରାପ୍ତ ଏକା ଇଷ୍ଟ
ଅନୁଧ୍ୟାନ ବଳେ ଲଭେ ମୁକ୍ତି ଶିଷ୍ଟ ।

ଅନର୍ଗଳ ବାରି ଦିଅଇ ବଉଦ
ଧରାପରେ ତାହା ହୁଏ ଭେଦାଭେଦ
ବୁଦ୍ଧିଜ୍ଞାନ ପ୍ରାଣ ଦେଇଛି ସେ ହୃଦ
କିଏ ଲୋଡ଼େ ପୂଣ୍ୟ କିଏ ବା ସମ୍ପଦ ।

କ୍ଷଣିକ ଭଙ୍ଗୁର ଉଚ୍ଚାସନ ଯଶ
ଦୁର୍ଗମର ପଥ ଧର୍ମ କରେ ନାଶ,
ଧର୍ମାନୁବଲମ୍ବୀ ହୁଏ ପ୍ରଭୁଦାସ
କବଳିତ ସୃଷ୍ଟି ବେଗେ ହେବ ଶେଷ ।

ଜ୍ୟୋତିଷାଚାର୍ଯ୍ୟ
ଭ୍ରାମ୍ୟଭାଷ : ୮୯୧୭୬୬୬୨୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପାଙ୍କ ଉପଦେଶ



ଜଗଦୀଶ ସାହୁ

ଯେଉଁଦିନ ପୁଅ ଖୁସିରେ କହିଲା ଚାକିରୀ ପାଇଲି ବୋଲି

ସବୁ ତୁ ଖାଇବୁ ବିଷ୍ଠା ନ ଖାଇବୁ ବୁଝାଇ ତାକୁ କହିଲି

ଶୁଣୁଥିଲା କାନଖୋଲି

ସରକାର ଯାହା ଦେବେ ତୁ ଚଳିବୁ ଆଶୀର୍ବାଦ ତୋତେ ଦେବି

ପରଧନକୁ ତୁ ବିଷଭଳି ଭାବି ଦୂରେଇ ରଖିବୁ ମନ

ମନଠାରୁ ବଡ଼ ବିବେକ ଅଟଇ ଜାଣିଥାରେ ବାପଧନ

ଜୀବନଟା ଛକି ଶୂନ

ମିଛରେ କାହିଁକି ପାପଭାର ବୋହି ଯିବୁ ଶମନଭୁବନ ।

ଏବେ ଆସି ପୁଅ କହୁଛି ବାପା ହେ, ବହୁତ ଖୁସିରେ ଅଛି

ଦରମା ଟଙ୍କାରେ ଘର ଚଳାଇବା ଅସୁବିଧା ନାହିଁ କିଛି

ଲାଞ୍ଚକୁ ବିଷ ଭାବିଛି

ତା'ଠାରୁ ଦୂରେଇ ଆନନ୍ଦରେ ରହି ନିଜକୁ ଧନ୍ୟ ମଣୁଛି ।

ସଂଜପଡ଼ା, ହିନ୍ଦୋଳ, ଢେଙ୍କାନାଳ, ୭୫୯୦୨୮

ଭ୍ରାମ୍ୟଭାଷ : ୯୦୭୮୧୮୫୨୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ଇତିଶ୍ରୀ ମଲ୍ଲିକ

ନାରୀ ଶବଦରେ ଲୁଚି ରହିଛି ଆହା ଦୁନିଆର କେତେ କଥା
ନାରୀ ନୁହେଁ ସିଏ ନାରାୟଣୀଟିଏ ସହିଯାଏ ସବୁ ବ୍ୟଥା ।
ମନରେ ତାର ଅସୁମାରୀ ଆଶା କେତେ ଯେ ସ୍ୱପ୍ନ ଆଖିରେ
ଜଗତ କଲ୍ୟାଣେ ଜଳାଞ୍ଜଳୀ ଦିଏ ଯେତେ ଇଚ୍ଛାଥାଏ ମନରେ ।
ପ୍ରସ୍ଫୁଟିତ ହୁଏ ପ୍ରତିଭା ତାହାର ଜଗତ ନ ପାରେ ଜାଣି
ସବୁ ଦୁଃଖ ସହି ଆପଣାଇ ନିଏ ଦୁନିଆକୁ ପାରେ ଜିଣି ।
ପରାଜୟ ତା'ର ଭାଗ୍ୟରେ ନାହିଁ ତେଣୁ ସେ ଅପରାଜିତା
ଜଗତକୁ ପାଳି ସୁଖରେ ଚଳଇ ହୋଇ ସେ ଆମର ମାତା ।
ବଣମଲ୍ଲୀ ପରି ଫୁଟି ଝଡ଼ିଯାଏ ଦିନେ ସେ ସେଇ ବଣରେ
ଉନ୍ନତି ତା'ର ହୋଇପାରେ ନାହିଁ ମିଛ ମାୟା ଦୁନିଆରେ ।
ଆଖିରୁ ଝରାଇ ନୟନର ଧାରା କାନ୍ଦୁଥାଏ କଇଁ କଇଁ
ଭାଙ୍ଗିଯାଏ ନାହିଁ ଡରିଯାଏ ନାହିଂ ସତ୍ୟର ବାଟକୁ ଚାହିଁ ।
ନାରୀଟିଏ ଯେବେ ହସିଦିଏ ଆହା ପୃଥିବୀ ହୁଅଇ ଶାନ୍ତି
ପ୍ରକୃତି ନାଚଇ ଦେଖି ନାରୀ ଖୁସି ଟେକି ରୂପ ଶୋଖାକାନ୍ତି ।

ଖମିଗାଁ, ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତଥାପି ବଞ୍ଚିବାର ଆଶା ରହିଛି



ସରୋଜ କୁମାର ତରାଇ

ଦୁଇହଜାର ଉଣେଇଶି ଗଲା

ଦିନମାସ ବର୍ଷକୁ ପାଛୋଟି ନେଲା

ସ୍ମୃତିର ଭଣ୍ଡାର ଉପହାର ସ୍ୱରୂପ ପ୍ରଦାନକଲା...

ଦେଖୁ ଦେଖୁ ଦୁଇହଜାର କୋଡ଼ିଏ ଆସି ପହଞ୍ଚିଗଲା

ଶୁଭ ଓ ସୁଖ ବର୍ଷ ହେବବୋଲି ସମସ୍ତେ କହିଲେ

ନାନା ଶୁଭେଚ୍ଛା ନାନା ଆଶୀର୍ବାଦ ପ୍ରେରଣ କଲେ

ଲାଗୁଥିଲା କିଛି ନୂତନତା ପଛେ ଆଗେଇଯିବ

କିଏ ଜାଣିଥିଲା ମାନବତାର ଅପୂରଣୀୟ କ୍ଷତି ଘଟେଇ ଦେବ

ସେ ଯାହାହେଉ,

ତଥାପି ବଞ୍ଚିବାର ଆଶା ରହିଛି

ନୂତନତା ପଛେ ଆଗେଇ ଯିବାକୁ ଆହୁରି ପ୍ରେରଣା ମିଳୁଛି ।୧

କରୋନା ଆସିଲା ବିପଦ ଘଟିଲା

ଟିକେ ଅସାବଧାନ ଯୋଗୁଁ ମହାମାରୀ ବିଶ୍ୱବ୍ୟାପୀ

ଖିନଭିନ୍ କରି ଗ୍ରାସିଲା

ମାନବ ସଭ୍ୟତାକୁ ଅସ୍ତବ୍ୟସ୍ତ କରି

ବିପଦରେ ନେଇ ପ୍ରେସିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଯାହା ହେଉ,

ତଥାପି ବଞ୍ଚିବାର ଆଶା ରହିଛି

ନୂତନତା ପଛେ ଆଗେଇ ଯିବାକୁ ଆହୁରି ପ୍ରେରଣା ମିଳୁଛି ।୨

ବିଶ୍ୱ ଅର୍ଥନୀତି ଏବେ ମାନ୍ଦାବସ୍ଥାରେ ଧିମା ଗତିରେ ଚାଲିଛି

ଲୋକେ ରୋଜଗାର ବୃତ୍ତି ହରେଇ ବେକାର ହୋଇଣ ବୁଲୁଛି

ରୋଗ ଘରର କବାଟ ପାଖରେ ନିତି ଖଟଖଟ କରୁଛି

ରୋଗର ଆଶଙ୍କା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି

କେତେବେଳେ କ'ଣ ହୋଇଯିବ, କିଏ ଜାଣିଛି

ସେ ଯାହା ହେଉ,

ତଥାପି ବଞ୍ଚିବାର ଆଶା ରହିଛି

ନୂତନତା ପଛେ ଆଗେଇ ଯିବାକୁ ଆହୁରି ପ୍ରେରଣା ମିଳୁଛି ।୩

ସ୍କୁଲ, କଲେଜ ବନ୍ଦ, ଶିକ୍ଷାନୁଷ୍ଠାନ ଏବେ ସମସ୍ତଙ୍କୁ ବାରଣ

ଅନଲାଇନ୍ ପାଠପଢ଼ାର ସ୍ଥିତି ଆକାଶ ପୃଥିବୀ ସମାନ

ନୂତନ ଭବିଷ୍ୟତ କଥା କ'ଣ ହେବ ଚିନ୍ତାରେ ବିଦ୍ୟାର୍ଥୀଗଣ

ସତରେ ଭବିଷ୍ୟତରେ ଘଟିବ ସମସ୍ୟା ଘନ ଘନ

ସେ ଯାହା ହେଉ

ତଥାପି ବଞ୍ଚିବାର ଆଶା ରହିଛି

ନୂତନତା ପଛେ ଆଗେଇ ଯିବାକୁ ଆହୁରି ପ୍ରେରଣା ମିଳୁଛି ।୪

ପ୍ରତିଷେଧକ ଟୀକା ଖୋଜିବାରେ ସବୁ ଦେଶ ଲାଗିପଡ଼ିଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସମ୍ଭବକୁ ସମ୍ଭବ କରିବାରେ ନିତି ପ୍ରୟାସ କରୁଛି

ମାସ୍କ ସାବୁନ୍, ଦୁଇ ଗଜର ଦୂରତା

ଏବେ ରହିଛି ବହୁତ ଆବଶ୍ୟକତା

ସେ ଯାହା ହେଉ

ତଥାପି ବଞ୍ଚିବାର ଆଶା ରହିଛି

ନୂତନତା ପଛେ ଆଗେଇ ଯିବାକୁ ଆହୁରି ପ୍ରେରଣା ମିଳୁଛି । ❖

+୩ ଦ୍ୱିତୀୟ ବର୍ଷ, ରାଜନୀତି ବିଜ୍ଞାନ

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଓଡ଼ିଶା



ରବୀନ୍ଦ୍ରନାଥ
ବାହିନୀପତି

ରାଜ୍ୟର ମଧ୍ୟରେ ଓଡ଼ିଶା ଅଟଇ
ସଭିଙ୍କ ମଧ୍ୟରେ ସାର
ସ୍ୱଚ୍ଛ ପରିବେଶ ଜମି ଓ ଜଙ୍ଗଲ
ଅଟେ ତାର ଗଳାହାର ।

କୋଣାର୍କ ମନ୍ଦିର ନୀଳାଚଳ ଧାମ
କଳାରେ ତ ଭରପୂର
ଜଗତ ଠାକୁର ଭାଇ ବଳରାମ
ବିଜେଟି ନୀଳକନ୍ଦର ।

ମହାନଦୀ, ଦୟା ବ୍ରାହ୍ମଣୀ, ଭାର୍ଗବୀ
ଧୁଅନ୍ତି ଯାହାର ପାଦ
ମହେନ୍ଦ୍ରତନୟା ଆଉ ବଂଶଧାରା
ଧନ୍ୟ ହୋଇଛି ମୋ ରାଜ୍ୟ ।

କଟକର ଲୁଗା ପାରଳା ପାନିଆ
ଧନ୍ୟ ପିପିଲି ଚାନ୍ଦୁଆ
ହାତବୁଣା ଲୁଗା ତାରକସି କାମ
ଦେଖି ବିଦେଶୀ ବାଇଆ ।

ଜଙ୍ଗଲ ସାଥିରେ ଅଭୟାରଣ୍ୟରେ
ଜୀବଜନ୍ତୁଙ୍କର ଖେଳ
ଜଳଭଣ୍ଡାରରେ ପରିପୂର୍ଣ୍ଣ ହୋଇ
ରହିଅଛି ପରା ଜଳ ।

କେତେ ସେ ସୁନ୍ଦର ରାଜ୍ୟଟି ଅଟଇ
ମାତୃଭାଷା ମୋ ମଧୁର
ସଂସ୍କାର, ସଂସ୍କୃତି କୀର୍ତ୍ତି ଗୌରବରେ
ରାଜ୍ୟ ଅନନ୍ୟ ଆମର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଜୟଙ୍କ ସ୍ମୃତିରେ



ପ୍ରକାଶ ଚନ୍ଦ୍ର ପଣ୍ଡା

ଆହେ ମହାରଥୀ        ବୁଜିଦେଲ ଆଖି
ସପ୍ତ ଦଶକରେ ତୁମେ
ତୁମ ବିନା ଆଜି        ଅଭୁଲା ଏ ସ୍ମୃତି
ରହିଗଲା ତୁମ ନାମେ । ୧
ଚାରି ଦଶକର        ଦେଇଥିବା ଦାନ
ପାଶୋରି ପାରିବୁ କାହୁଁ
ପ୍ରତି ଓଡ଼ିଆର        ହୃଦୟ ଆବେଗେ
ତୁମ ସ୍ମୃତି ସଦା ରହୁ । ୨
ପ୍ରତ୍ୟେକ ଚରିତ୍ର        ଅଭିନୟେ ତୁମ
ଗୋଟେଠାରୁ ଆନ ବଳି
ପ୍ରେକ୍ଷାଳୟ କମ୍ପେ        ତୁମ ଆଗମନେ
ଶୁଭେ ଆନନ୍ଦର ତାଳି । ୩
ପରପାରେ ତୁମ        ଆତ୍ମାର ସଦଗତି
ହେଉ ହେ ମହାନାୟକ
ଜୀବନ ଯୁଦ୍ଧରେ        ଜିତିଗଲ ତୁମେ
ଅମର ତୁମରି ଟେକ । ୪
ନେଇ ପାରିବନି        କେହି ତୁମ ସ୍ଥାନ
ସବୁଠୁ ତୁମେ ନିଆରା
ଓଡ଼ିଆ ଜଗତେ        ଭରିଥିଲ ଜ୍ୟୋତି
ତୁମେ ଏକା ଧ୍ରୁବତାରା । ୫
ଅନ୍ଧକାର ଆଜି        ସେ ଆକାଶ ଦିଶେ
ନାହିଁ ବିଜୟର ଜ୍ୟୋତି
ପରପାରେ ତୁମେ        ରୁହ ସଦା ଖୁସି
ଏତିକି ଆମ ବିନତି । ୬
ଈଶ୍ୱରଙ୍କ ପାଖେ        ଜାଳି ଦୀପଜ୍ୟୋତି
ଲୋତକର ଇନ୍ଧନରେ
ଉଡୁ ତୁମ ନାମେ        ବିଜୟର ବାନା
ଗଳିକନ୍ଦି ପୁର ପୁରେ । ୭
ଓଡ଼ିଆ ମାଟିର        ହେ ଲଢୁଆ ପୁଅ
ପଡିଲ ଶେଷରେ ଥକି
ଅବଶୋଷ କିଛି        ରହିଗଲା ମନେ
ସଭିଙ୍କ ହୃଦୟେ ବାକି ।

ବିଜ୍ଞାନ ଶିକ୍ଷକ
କଲ୍ୟାଣପୁର, ଭୁଇଁପୁର, ପାଣିକୋଇଲି, ଯାଜପୁର
ଭ୍ରାମ୍ୟଭାଷ : ୮୨୪୯୫୯୯୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳୁଷିତ ସମାଜ



ମୀନକେତନ
ବୋଡ଼କିଆ

ଦୂର୍ନୀତି ବୈଷମ୍ୟ ହୋଇଲା ନଗଣ୍ୟ
ଏ ତ ସମାଜ ସମସ୍ୟା
କନ୍ୟାଜାତ ହେତୁ କଳଙ୍କ ସମାଜେ
କରୁଛନ୍ତି ଭୃଣହତ୍ୟା । ୧

ନାରୀକୁ ସମ୍ମାନ ନାହିଁ ସ୍ୱାଭିମାନ
ଅନ୍ୟାୟର ଗନ୍ତାଘର
ଯୌତୁକର ହେତୁ ପତିବ୍ରତା ନାରୀ
ହୁଏ ଆଜି ଅତ୍ୟାଚାର । ୨

ତୁଣ୍ଡରେ ସଜ୍ଜନ ମନେ ସ୍ୱାର୍ଥପଣ
କହୁଛନ୍ତି ରାଜନେତା
ଧନୀକକୁ ଧନ ଗରୀବ ଶୋଷଣ
ଭୁଲିଗଲେ ନୈତିକତା । ୩

ସମାଜ ଶାସକ ମନ ମୁତାବକ
ଗଢ଼ିଲେ ସମାନ ନୀତି
ଦୋଷୀ କରେ ଆଜି ନ୍ୟାୟର ବିଚାର
ନିର୍ଦ୍ଦୋଷକୁ ମିଳେ ଫାଶୀ । ୪

ମଣିଷ ଶବକୁ ଛୁଇଁଦେଲେ ପାପ
ପଶୁ ଶବ ଭକ୍ଷେ ନିତି
ରୀତିନୀତି ପ୍ରଥା ହୋଇଗଲା ବୃଥା
ଏ କି ସାମାଜିକ ରୀତି ? ୫

ମଦମାଂସ ନିଶା ହୋଇଗଲା ପେଶା
ବିତ୍ତଶାଳୀ ଜନଙ୍କର
ପିତୃମାତୃ ସେବା ଭୁଲିଗଲା ପୁତ୍ର
ଭୁଲିଗଲା ସୁସଂସ୍କାର । ୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୋକା



ଡମ୍ବରୁଧର ଦାଶ

(ରାଗ - ରାମକେରୀ)

ଏତେ ବଡ଼ ଏଇ ସଂସାରେ କିମ୍ପା ଲାଗଇ ଏକା
ପ୍ରେମ ବଦଳରେ ମୋପାଇଁ ରଖିଥିଲ କି ଧୋକା ।
ହସ ଖୁସି ଭରା ସଂସାରେ ପ୍ରାଣ ଲାଗୁଛି ବୃଥା
ଶାନ୍ତି ଟିକେ ପାଇଁ ଖୋଜୁଛି ଆଜି ମୁଁ ନିରବତା ।
ଭାବେ ବେଳେବେଳେ ଯାଆନ୍ତି ଏଇ ଦୁନିଆଁ ଛାଡ଼ି
ନିଜ ଆଖି ଲୁହ ସରିତେ ନିଜେ ଯାଉଛି ବୁଡି ।
କେଉଁ ଦୋଷ ପାଇଁ ଛଡ଼ାଇ ନେଲ ଓଠରୁ ଖୁସି
ଡରେ ତୁମଛବି ହୃଦୟୁ ଲୁହେ ଯିବକି ଭାସି ।
ସାଇତି ଥିଲି ମୁଁ ହୃଦୟେ ସାରାଜୀବନ ପାଇଁ
ହୃଦୟ ଭାଙ୍ଗିଣ ଜୀବନ କାଢ଼ିନେଲ କିମ୍ପାଇଁ ।
ହୋଇପାରିଲିନି ତୁମର ନିଜ ଜୀବନ ଦେଇ
ଭାବିଲି ସାଥୀରେ ଜିଇଁବି ତୁମେ ଦେଲ ଦୂରେଇ ।
ନିଦ ହଜିଯାଏ ଆଖିରୁ ଝୁରେ ତୁମକୁ ମନ
ପଲକ ପଡେନି ଆଖିରେ ଦେଖେ ତୁମ ସପନ ।
ଆଖିଆଗେ କିଏ ହସିଲେ ଦେହ ଯାଏ ମୋ ଜଳି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଲକଥା କିଏ କହିଲେ ଲାଗେ ଥଟ୍ଟା ଓ ଗାଳି ।

ଜୀବନେ ତୁମଠୁ ଚାହିଁଲି ମାତ୍ରଟିକିଏ ଖୁସୀ

ଖୁସୀ ବଦଳରେ ସଂସାରେ ମୋତେ କରିଲ ଦୋଷୀ ।

ପ୍ରେମ କରିଥିଲି ତୁମକୁ ଜମା ଛଳନା ନୁହଁ

ମୋତେ ଧୋକା ଦିଅ ସତେକି ତୁମ ନାହିଁ ହୃଦୟ ।

ବାଧ୍ୟମୁଁ କରୁନି ତୁମକୁ ଭଲ ପାଇବା ପାଇଁ

ମୋତେ ଭୁଲି ସୁଖେ ରହିବ ବୁଲି ଚାହିଁବ ନାହିଁ ।

ଖୁସିରେ ସଂସାର କରିବ ଆଉ ହେବନି ଦେଖା

ଭାବିନେବି ଏଇ ଜୀବନେ ପ୍ରେମ ହେଇନି ଲେଖା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାୟିକା



ଅବିନାଶ ମାନସିଂ

ଅଜଣା ଖୁସିର ସ୍ପର୍ଶ
ମୋ ଜୀବନେ ଛୁଇଁ ଥିଲା
ଯେବେ ତୁମେ ଆସିଥିଲ

ସାଜିଥିଲ ମୋ ନିଃଶ୍ୱାସ
ସାଜିଥିଲ ମୋ ବିଶ୍ୱାସ
ସୂର୍ଯ୍ୟପରି ସବୁ ଅନ୍ଧାରକୁ ଚିରି
ମୋ ଦୁନିଆକୁ ଆଲୋକିତ କରିଥିଲ

ଡର ତ ଥିଲା ଅନେକ
ସେ କେଉଁ ଅନିମନ୍ତ୍ରିତ ସମୟର
ଅବା ହେଉ ଭୟଟିଏ
ତୁମକୁ କ୍ଷଣେ କ୍ଷଣେ ହରାଇ ଦେବାର

ମୋ ସମ୍ମାରେ ତୁମ ନୀରବତା
ଦେଖିଛି ତ ଅନେକ ଥର
ବୁଝିବାକୁ ଚେଷ୍ଟା ତ କରିଛି
ହେଲେ ଯେମିତି ହାରିଛି ବାରମ୍ବାର

ତୁମେ ଏବେ ଅନେକ ଦୂରରେ
ତଥାପି ତୁମ ଶବ୍ଦ ମୁଁ ସତେ ଶୁଣିପାରେ
ତୁମ ଇଲାକରୁ ମୋ ଇଲାକାକୁ
ସଂଯୋଗ କରିଥିବା ନଈ ପରି
ଲାଗେ ରହିଅଛ ମୋର ହିଁ ପାଖରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଁ ସାହାରା ସାଜିଛି ଆଜି
ମୋ ଲାଗି କେବଳ ତୁମ ଛବି
ତଥାପି ପାରିବିନି କେବେ
ତୁମ ପାଇଁ ମୁଁ ତୁମ ଆଖି ଲୁହ ସାଜି...

ସ୍ୱପ୍ନରେ ତ ସବୁଦିନ ଆସ
ହେଲେ ଜାଣିଛି ସତରେ ଆଉ ଆସିବନି
ରାତିର ଆୟୁଷ ସହ ସ୍ୱପ୍ନ ସରିଲା ପରି
ତୁମେ ଆଉ କେବେ ଫେରିବନି

ମୋ ଜୀବନରେ
ତୁମେ ଥିଲ ରହିଥିବ
ସେ ହେଉ ପଛେ ପରୋକ୍ଷରେ
ରହିଥିବ ଚିର ମୋ କବିତା ପୃଷ୍ଠାରେ
ଆଉ ଜୀଇଁ ଥିବା ଯାଏଁ ଏଇ ହୃଦୟରେ....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ପରମେଶ୍ୱର



ଜୟନ୍ତ କୁମାର ସାହୁ

ତୁମେ ଅନନ୍ତ ଅକ୍ଷର

ତୁମେ ସତ୍ୟ ଶିବ ସୁନ୍ଦର

ତୁମେ ଆରମ୍ଭ

ତୁମେ  ବିନାଶ କର୍ତ୍ତା ଶିବ ।

ତୁମେ ନିରାକାର୍

ତୁମେ ହିଁ ଆକାର

ତୁମେ ଯୋଗୀ

ତୁମେ ତ୍ରିଶୂଳ ଧାରୀ ଶଙ୍କର ।

ତୁମେ ପ୍ରେମ

ତୁମେ ସ୍ୱପ୍ନ

ତୁମେ ସଂସାର

ଆଉ ତୁମେ ରକ୍ଷକର୍ତ୍ତା ହର ହର ।

ତୁମେ ନୀଳକଣ୍ଠ

ତୁମେ କୈଳାସ ବାସି

ତୁମେ ଆଲୋକର ଧାର

ଆଉ ତୁମେ ହିଁ ଅନ୍ଧାର ।

ତୁମେ ତ୍ରିଲୋଚନ

ତୁମେ ସତୀ ପତି

ତୁମେ ମନ୍ଦିର ର ଜଡ ପଥର

ଆଉ ତୁମେ ବାବା ବେଲେଶ୍ୱର ।

ତୁମେ ମୃତ୍ୟୁ ପରେ ଧରିଥିବା ହାତ

ତୁମେ ଜନ୍ମର ପ୍ରଥମ ପ୍ରଶ୍ୱାସ

ତୁମେ ଜଟାଧାରୀ

ଆଉ ତୁମେ ପବିତ୍ର ଗଙ୍ଗା ର ଧାର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ କଳାକାର

ତୁମେ ପୁଣି ଦର୍ଶକ

ତୁମେ କଳଙ୍କ ଅଙ୍ଗାର

ଆଉ ତୁମେ ପୁଣି ମହେଶ୍ୱର ।

ତୁମେ ଚାଲୁଥିବା ରାସ୍ତା

ତୁମେ ଛାୟା ଦେଉଥିବା ଗଛ

ତୁମେ ଭୂଲ୍ ଠିକ୍ ର ଅନ୍ତର

ଆଉ ତୁମେ ମନର ଅହଙ୍କାର ।

ତୁମେ ବିଦ୍ୟା

ତୁମେ ପୁଣି ଚାରି ବେଦ

ତୁମେ ରୁଦ୍ର ଧବଳେଶ୍ୱର

ଆଉ ତୁମେ ଅନନ୍ତ ବ୍ରହ୍ମ ପ୍ରଭୁ ନିରାକାର ।

ତୁମେ ନିର୍ବାଣ ରୁପ

ତୁମେ କଳା ସାଧି ପୁରୁଷ

ତୁମେ ପୁଣି ବିଦ୍ରୋହ ର ଅକ୍ଷର

ଆଉ ତୁମେ ପ୍ରଭୁ ପରମେଶ୍ୱର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିରକାଳ ପ୍ରକୃତି କୋଳରେ



ନୀଳମାଧବ କର

ବରଷାରେ ତିନ୍ତି
ସବୁଜିଆ ଶାଢୀଟେ ଗୁଡ଼େଇ
ପାହାଡ଼ଟା ଠିଆ ହୋଇଥିଲା
ଆକାଶକୁ ଅନେଇ
ତା ଦେହରୁ ଗଡ଼ି ଗଡ଼ି
ପାଣି ଆସି ଛୁଉଁଥିଲା,
ଚମକ ଆଣୁଥିଲା
ଦେହରେ ମନରେ

.

ବଗ ସବୁ ଉଡୁଥିଲେ
କଳା ଘୁମର ଆକାଶର ପରଦାରେ
କପାଳର ସାଜ ପରି
କୁହେଳୀର ଛଟା ଟାଣି

.

ଏ ଅଭିନବ ରୂପ ସମ୍ଭାରକୁ
ଛାତିରେ ଜାବୋଡ଼ି ଧରି
ଗରବରେ ଫାଟି ପଡୁଥିଲେ
କିଆରୀ କିଆରୀ ପାଣିର
ହଜାରେ ଆରିଶି

.

ତାଙ୍କୁ ସବୁ ଥିରି ଥିରି
ଦୋହଲେଇ, ଶୀତ ଶୀତ ବାଆ
ସ୍ଥାଣୁତ୍ୱ ଭାଙ୍ଗୁଥିଲା
ମନ ଉଲ୍ଲସା ସ୍ୱପ୍ନରେ
ବିଭୋର କରୁଥିଲା ହୃଦକୁ

.

ସ୍ୱପ୍ନ ସବୁ ସାକାର ହେଇଯିବାର
ବିଶ୍ୱାସ ଜଗାଉଥିଲା
ପ୍ରକୃତି, ଚିରକାଳ
ଚିରାଚରିତ ଭାବେ

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତିମ ସତ୍କାର



ଦେବାଶିଷ ମହାପାତ୍ର

କେତେ ଦିନ ଆଉ ଏମିତି
କରୁଥିବ ଛଳନା, ଭାଇ,
ବ୍ରହ୍ମପୁର୍ କୁ ବୁହାନ୍ କରିଲ
କୋରୋନାର ନାଁ ନେଇ ।।୧

ଛଡାଇ ନେଲ
ପକେଟ୍ ରୁ ଅର୍ଥ, ହାତରୁ କର୍ମ
ହୃଦୟ ରୁ ଦୟା ଓ ଧର୍ମ
ସବୁକିଛି କାଢି ନେଇ,
ଭରିଦେଲ ହିଂସା, ଦ୍ୱେଷ
କୋରୋନାର ନାଁ ନେଇ ।।-୨

ନିମିଷେକ ମଧ୍ୟେ
କରିଲ ଦାଣ୍ଡର ଭିକାରୀ
ଭୋକ ଉପାସରେ ସଢାଇ,
ଗଢିଲ ଜୀବନ୍ତ ମଢର ପିରାମିଡ୍
କୋରୋନାର ନାଁ ନେଇ ।।-୩

ଏ ମାନବକୃତ କୋରୋନା କାଳରେ
ବିଶୁଦ୍ଧ ଜଳ, ସ୍ଥଳ ଓ ବାୟୁ ମଣ୍ଡଳର
ଲାଭ କଣ ???
ରୋଗୀ ମଣିଷର ସେବା ପାଇଁ ନାହିଁ କେହି
ଆହା ବୋଲି ବାକୁ ନାହିଁ କେହି
କେହି କୁଆଡେ ନାହିଁ ଗୋଟେ
ମୃତ ଲୋକ କୁ ଦେବାପାଇଁ କାନ୍ଧ
ସମବେଦନା ର ଦୁଇ ପଦ ନାହିଁ,
ସତରେ ବା ମିଛରେ କାହିଁରେ ବି
କାଳ କୋରୋନାର ନାଁ ନେଇଁ ।।-୪

ଯୁଗ ଯୁଗ ଧରି ସାକ୍ଷି ଏଇ ଧରା
ଯେତେବେଳେ ବଢ଼ିଛି ପାପ
ଖେଳିଛି ବ୍ୟଭିଚାର ର ପସରା
ବଢିଛି କଂସ, ରାବଣ, ଜରାସନ୍ଧ
ଚଣ୍ଡାଶୋକ, ଧନାନନ୍ଦ ର ଅତ୍ୟାଚାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେତେବେଳେ ଲୋକ ସାଧାରଣ

କରେ ତାଂକ ଅନ୍ତିମ ବିଚାର

ମିଳେନାହିଁ ତାଙ୍କୁ ସ୍ମଶାନ ର ଭୁଇଁ,

ହୁଏ ଯାହା ସିଏ,

ଶ୍ୱାନ, ଶୃଗାଳ,ଚିଲ, ସାଗୁଣା ଆହାର,

ନିଜ ଲୋକ ମଧ୍ୟ ଘୃଣା କରେ

ଦେବା ପାଇଁ ମୁଖେ ତାର ଅନ୍ତିମ ସତ୍କାର ।।-5

କାହିଁକି ନା ମାନବିକତାର ଚିହ୍ନ

ହୃଦୟ ରୁ ଯାଇଅଛି ଶେଷ ହୋଇ,

କେବଳ କାଳ  କୋରୋନାର ନାଁ ନେଇ

କେବଳ କାଳ କୋରୋନାର ନାଁ ନେଇ ।।-6

+++++++++++++++++++++++

ସିରିଜ୍@କୋରୋନାର ମେଜର୍ ଇଫେକ୍ଟ-3.

++++++++++++++++++++++++

Magazine Downloaded from www.aahwaan.com

# ମାଆମାଟି କଥା



ଇଂ ବିଦ୍ୟାଧର ପଣ୍ଡା

ବିଦେଶୀ ଓଡିଆଙ୍କ ପାଇଁ ସନ୍ଦେଶ   ମାଆମାଟି କଥା

ଓଡିଶାବାସୀ ହେ ! ବିଦେଶ ମାଟିରେ, ଶୁଣ ମାଆମାଟି କଥା

ସତ ଜାଣିଗଲେ ଲୁହ ବାହାରିବ, ହୃଦୟରେ ହେବ ବ୍ୟଥା   -୦-

ପ୍ରାୟ ଅପରାଧି ଲୋକ ପ୍ରତିନିଧି, ସ୍ୱାର୍ଥକୁ କରନ୍ତି ଆଗ

ଦେଶଦଶ ପାଇଁ ତିଳେ ଚିନ୍ତାନାହିଁ, ଚଉକି ପାଇଁକି ବାଘ

ଚଷାପୁଅ ଦୁଃଖୀ ଚୋରଖଂଟ ସୁଖି, ଦୋଷୀପାଇଁ ନାହିଁ ଦଣ୍ଡ

ସିବିଆଇ ଶୋଇ ତଦନ୍ତ କରଇ, ଗରିବ ଗଣୁଛି ତଣ୍ଡ

ସ୍ୱାଧୀନତା ପରେ ଆମ ରାଇଜରେ, ବେଶୀ ସ୍ୱାର୍ଥବାଦୀ ନେତା

ରାଜ୍ୟଚିନ୍ତା ଛାଡି ନିଜେ ଗଲା ବଢି, ଧନ କ୍ଷମତାରେ ମଥା

ଓଡିଶାବାସୀ ହେ ! ବିଦେଶ ମାଟିରେ, ଶୁଣ ମାଆମାଟି କଥା   -୧-

ଓଡିଶା ପ୍ରସିଦ୍ଧ କ୍ରୋମାଇଟ ପାଇଁ, ଭାରତେ ସ୍ଥାନ ପ୍ରଥମ

ଲୁହାପଥରର ଉନ୍ନତ ମାନରେ. କେହି ନୁହେଁ ଆମ ସମ

ଦୁଇ ତୃତୀୟାଂଶ ମାଙ୍ଗାନିଜ ଆମ, ଓଡିଶା ଗରଭେ ଅଛି

ପରମାଣୁ ଶକ୍ତି ପାଇଁ ଉପଯୋଗୀ, ଗ୍ରାଫାଇଟ୍ ବି ମିଳୁଛି

ପଶ୍ଚିମ ଓଡିଶା ପାହାଡ ପର୍ବତେ, ବକ୍ସାଇଟ୍ ଖଣି ଭରା

ଚୀନାମାଟି ଅଭ୍ର ନିକେଲ ସାଥିରେ ଅଛିକିଛି ହୀରାନୀଳା

ଟଙ୍କାରେ ଉଳ ଦିଟଙ୍କାରେ ଡାଲି ପାଇକି ଖୁସି ଜନତା

ଦୁର୍ନୀତି ଖଜାନା ଆହାର ଯୋଜନା, ମନ୍ତ୍ରୀ କାଟୁଛନ୍ତି ଫିତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଓଡିଶାବାସୀ ହେ ! ବିଦେଶ ମାଟିରେ, ଶୁଣ ମାଆମାଟି କଥା -୨-

ନିର୍ବାଚନ ବେଳେ ମଦ ମାଂସ ଟଙ୍କା, ବାଂଟିଦେଲେ ଗାଆଁ ଗଣ୍ଡା

ଛୁଆଠାରୁ ବୁଢା ନେତାଙ୍କ ପଛରେ, ବୁଲନ୍ତି ହୋଇକି ମେଣ୍ଢା

ଦୁର୍ନ୍ନୀତି ପାଇଁକି ଅନୁକୁଳ ଯେତେ, ଯୋଜନା ସବୁ ହେଉଛି

କାଳିଆଯୋଜନା ଅଧା ସରଗରେ , ବଳିଆ ମୁଣ୍ଡ ଟେକିଛି

ମମତା ଆରମ୍ଭ ହରିଶ୍ଚନ୍ଦ୍ର ଶେଷ, ଲୋକ ବୁଦ୍ଧି ବାଟ ବଣା

ଅମଲା ରାଇଜେ ଶାସନ କରନ୍ତି, ଅନ୍ଧ ପଛେ ଲେ କଣା

ବୁଦ୍ଧିଜୀବୀମାନେ ଅନନ୍ତ ଶୟନେ, ଶୋଷଣ କରନ୍ତି ନେତା

ରକ୍ଷକ ହୋଇକି ଭକ୍ଷକ ସାଜିଲେ, କି ଲାଭ ପଟିକି ମଥା !

ଓଡିଶାବାସୀ ହେ ! ବିଦେଶ ମାଟିରେ, ଶୁଣ ମାଆମାଟି କଥା -୩-

ଗୁମୁରି କାନ୍ଦୁଛି ବୀର ପ୍ରସବିନୀ, ପଣତେ ମୁହଁ ଲୁଇ

ଯୋଗାପୁଅ ଯାକ ବିଦେଶକୁ ଟେକ, ସ୍ୱଦେଶେ ସୁଯୋଗ ନାହିଁ

ସତେ କି ଏମିତି କାନ୍ଦୁଥିବ ମାଆ, କାଳ ଯାଉଥିବ ବିତି

ସାହିତ୍ୟ ମନ୍ଥନ ଜାଗରଣ ବଳେ, ଉଠିପାରେ ଆମ ଜାତି

କେହି ରହିବେନି ଭୋକ ଉପାସରେ, ଦାଦନ ଯିବେନି ଜଣେ

ବେକାର ସମସ୍ୟା ମୂଳୁ ମରିଯିବ, ବସିବେନି ଯୁବା କ୍ଷଣେ

ଶିଳ୍ପରେ ସମୃଦ୍ଧ ହେଲେ ଆମରାଜ୍ୟ, ହିଁବେନି କେହି ଭତ୍ତା

ଦୁନିଆ କହିବ ଓଡିଶାର ଅଛି , ଆତ୍ମ ନିର୍ଭର କ୍ଷମତା

ଓଡିଶାବାସୀ ହେ ! ବିଦେଶ ମାଟିରେ, ଶୁଣ ମାଆମାଟି କଥା -୪-

ଏମ୍. ଟେକ୍. ସିଭିଲ, ଏଲ୍. ଏଲ୍. ବି.
ଖ-୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର-୧୯
ଜି; ଖୋର୍ଦ୍ଧା, ଓଡ଼ିଶା, ମୋ-୯୪୩୭୯୧୨୮୦୫୦

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ମହାବାହୁ



ଶିବଶଙ୍କର ସାହୁ

ସବୁକିଛି ଅଜାଡ଼ି ଦେଲି
ମୋର ବୋଲି ବିଶ୍ୱାସରେ
ସାଇତା ମୁଁ ନିଜେ ବି
ବନ୍ଧା ପଡିଚି ତମ ଠି ।
ଯେବେ ମୋ ସତ୍ତାକୁ ଆବୋରି ନେଲା
ତମ ଅଭୟ ମୁଦ୍ରା
ମୁଁ ବିଲୀନ ହେଇ ସାରିଛି !
ତଥାପି ପଟେଇଛ ହାତ ହସିହସି
ଆଉ କଣବା ଅଛି ଦେବାକୁ
ହେ ନାଟୁଆ ନାଗର,
ସବୁତ ତମର
ସଚରାଚର !

ତମର ଗୋଟିଏ ଡାକ
ଏତେ ଆତ୍ମହରା କରିଦେଉଛି ଯେ
ମୁଁ ବାହାରି ପଡୁଛି ଅଥୟ ହେଇ,
ଆନମନା ହେଇ ,
ପଥ ନ ପଚାରି ।

ସବୁବେଳେ ମନେ ହେଉଛି;
ତମେ ହିଁ ତାରାଟିଏ ହେଇ
ବାଟ କଢେଇ ନବ, ଅନ୍ଧାରରେ
ଛାଇପରି ସାଥୀ ହେଇ
ଘୋଡେଇ ରଖିବ, ସବୁ କଣ୍ଟାଝଟାରୁ ।

ସବୁକିଛି ସହିନେବି ।
ତମ ଉପଦ୍ରବ ଓ ତଥାସ୍ତୁପଣ
ତମ ପୁରୁଷପଣିଆ ଓ ପରୀକ୍ଷା
ବିଶ୍ୱାସ, ଅବିଶ୍ୱାସର ଚଉହଦି ଡେଇଁ
ମୁଁ ମାନି ନେବି ତମକୁ
ସମର୍ପି ଦେଇ ମୋ ପାରିବାପଣ
ବଳକା ଆୟୁଷର କ୍ଷମା ମାଗିନେବି ।

ସଂପର୍କ: ରେଳସଦନ, ଭୁବନେଶ୍ୱର
@୯୪୩୭୫୮୪୫୮୯ / ୮୪୫୫୮୫୨୧୯

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ନାରୀ ମୁଁ



ନିବେଦିତା ଜେନା

ନାରୀ ମୁଁ
ଛୋଟ ଏକ କବିତା ପରି
ଖୁବ୍ କମ୍ ଶବ୍ଦ ସଂଯୋଜନା ରେ
କହିଯାଏ ଅନେକ କାହାଣୀ...

ନାରୀ ମୁଁ
ଚଞ୍ଚଳ ଏକ ଝରଣା ପରି
ଉତ୍ପତ୍ତି ମୋ ଭୁଲି ପାରେ ନାହିଁ
ଲକ୍ଷ୍ୟ ପଥରେ ଧାଉଁ ଥାଏ ମୁହିଁ.....
ନାରୀ ମୁଁ

ଧରା ଗର୍ଭ ରୁ କେତେ ଉତ୍ତାପ
ଆଉ ଚାପ ର ସମ୍ମୁଖୀନ ହୋଇ
ପଥର ରୁ ହୀରା ବନେ ମୁହିଁ.....

ଅନେକ ଦ୍ୱିଧା ଅଛି...କିନ୍ତୁ ସଠିକ୍ ମୁଁ
ଅନେକ ଅସମ୍ପୂର୍ଣ୍ଣତା ...କିନ୍ତୁ ସମ୍ପୂର୍ଣ୍ଣ ମୁଁ
ଅନେକ ନିରାଶା ର ବାଦଲ...କିନ୍ତୁ ଆଶା ର
ଆଲୋକ ମୁଁ.....
ଜନ୍ମଦାତ୍ରୀ ମୁଁ
ନାରୀ ସୁରକ୍ଷା ପାଇଁ ପ୍ରତିଶ୍ରୁତବଦ୍ଧ ମୁଁ...
ନାରୀ ମୁଁ

ସର୍ବଂସହା ରୁ ଜ୍ୱାଳାମୁଖୀ ର
ଉଲକା ମୁଁ....
ପ୍ରଗତି ର ପଥ ରେ
ନିଜର ପ୍ରତିଦ୍ୱନ୍ଦୀ ମୁଁ.........

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଭାରତବର୍ଷ



ଦୀପକ ଷଡ଼ଙ୍ଗୀ

ସ୍ୱାଧୀନ ଭାରତ ବର୍ଷର

ପରାଧୀନ ପ୍ରଜା ଆମେ

ବିଦେଶୀ ପୋଷାକ ବିଦେଶୀ ଯନ୍ତ୍ରର

ବ୍ୟବହାର କରି ସାରା ଦେଶ ଆଜି ଝୁମେ ।

ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ

ପୂରଣ କରିଛି ଏ ଭାରତ ବର୍ଷ

ପଚାଶ ବରଷ ପରେ ମଧ୍ୟ ଏ ଦେଶେ

ମେଣ୍ଟିପାରିନାହିଁ ହିନ୍ଦୁ ମୁସଲିମର ଦ୍ୱେଷ ।

ଆଧୁନିକତାର ସ୍ପର୍ଶପାଇ ଦିଗହରା

ହୋଇଛି ଆମର ଏ ଦେଶ

ସମ୍ପ୍ରଦାୟିକତାର ନିର୍ମମ ପ୍ରହାରରେ

ଯୋଡି ହୋଇଛି କେତେ କଷ୍ଟ ଆଉ କ୍ଲେଶ ।

ପଡୋଶୀ ରାଷ୍ଟ୍ରର ଗୁଳିମାଡରେ

ପଡିଛି କେତେ ଯବାନର ରକ୍ତଛିଟା

ହଟିଯାଇନି ରଣଭୂମିରୁ ସେ ସହିଦ

ହୋଇଛି ପୁଣି ଦେଖାଇ ନିଜ ପରାକାଷ୍ଠା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧର୍ମ ନାମରେ ଚାଲେ ଏଠି କେତେ

ବାବାମାତାଙ୍କର କଳାକାରନାମା

ଗଣମାଧ୍ୟମ ଓ ସମ୍ବାଦପତ୍ର ରେ

ଏମାନେ ହୋଇଥାନ୍ତି ଶିରୋନାମା ।

ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ କରିଛି

ଏ ଦେଶ ବହୁ ଅଗ୍ରଗତି

ରୁଗଣ ମାନସିକତାର ପରିଚୟ ଦେଇ

ଦେଶବାସୀ କରନ୍ତି ଦେଶର ବହୁ କ୍ଷତି ।

ଯାହା ହେଉ ପଛେ ଏ ଦେଶ ଆମର

ଆମେ କହୁ ସଦା ଜୟଜବାନ ଜୟକିଶାନ

ରହିଥିଲା, ରହିଛି ଓ ରହିଥିବ ମଧ୍ୟ

ଆମ ଏ ଭାରତବର୍ଷ ଚିରକାଳ ପାଇଁ ମହାନ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ,

ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଥର



ଆଶିଷ କୁମାର ବାରିକ

ଜନ୍ମ ମାଟି ଛାଡି କାହିଁ କେତେ ଦୂର
ଆସିଛି ସୁଦୂର ଚାଲି ।
ଥିଲେ ଯେତେ ଦୂରେ ତୋର ପାଦ ଧୂଳି
ହେଉଛି ମୋ ମୁଣ୍ଡେ ବୋଳି ।

ମନେ ପଡେ ଆଜି ପିଲାଦିନ କଥା
ଜମାରୁ ପାରୁନି ଭୁଲି ।
ସାଙ୍ଗ ସାଥି ମେଳେ ଖେଳୁ ଥିଲୁ ଖେଳ
ସେ ସମୟ ଗଲା ଚାଲି ।

ଦୂରେ ଥାଇ ତତେ କରୁଛି ଗୁହାରି
ଘେନ ବାରେ ନିବେଦନ ।
ସତ କହୁଛି ଲୋ ଅବୁଝା ପିଣ୍ଡ ମୋ
ସାଥେ ରହିବାକୁ ମନ ।

ମାନୁଛି ତୋ ପ୍ରତି ଅନ୍ୟାୟ କରିଛି
ପରିଲି ଆଜି ତ ବୁଝି ।
ଶେଷ ଥର ପାଇଁ ଆସିଛି ତୋ ପାଖ
କ୍ଷମାର ପାତ୍ର ମୁଁ ସାଜି ।

ସିହିନୀ, ବେଲପଡା, ବଲାଙ୍ଗିର
୯୯୩୮୩୩୦୮୭୪/ ୯୪୩୮୦୫୧୭୮୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଧବବୋହୂ



ରାଧାମୋହନ ପୂଜାହାରୀ

ନାଲି ଟୁକୁଟୁକୁ ସାଧବ ବୋହୂ
କେଡ଼େ ମନଲୋଭା ଦିଶଇ,
ବରଷା ଋତୁରେ ଧରା ପୃଷ୍ଠକୁ ସେ
କୁନିକୁନି ପାଦେ ଆସଇ ।

ସବୁଜ ବନାନୀ ପୃଥିବୀ ବକ୍ଷରେ
ଠୁକୁଠୁକୁ ପାଦେ ଚାଲୁ ଆନନ୍ଦେ,
ଦେଖିଦେଲେ ତୋ ସୁନ୍ଦର ରୂପ କୁ
ପିଲାଏ ଧରନ୍ତି ପାରମାନନ୍ଦେ ।

କୁନି ପିଲାଙ୍କର ତୁ ଅତି ପ୍ରିୟ
ଅଟୁ ତୁହି ତାଙ୍କ ପରମ ସଖି,
ଘେନି ଯାଆନ୍ତି ଲୋ ଘରକୁ ତାଙ୍କ
ହାତ ପାପୁଲି ରେ ସାଇତି ରଖି ।

ଭାରି ଚିକ୍କଣିଆ ଶରୀର ତୋର
ମଖମଲୀ ଓଢଣୀ ନାଲି ରଙ୍ଗର,
ତୁଳା ପରି ତୁହି ନରମି ଥାଉ,
ସରମିଲତା ମୋ ଗଜମୁକୁତା ଲୋ
ଛୁଇଁ ଦେଲେ ତୋତେ ସରମି ଯାଉ ।

ବରଷକୁ ଥରେ ଦେଖଇ ତୋତେ
ମନେ ପଡ଼େ ପିଲାଦିନ ମୋ ମୋତେ,
ସାଧବପୁଅ ର ସିନ୍ଦୂର ନେଇ
ବୋଲି ହୋଇଅଛୁ ହୃଦୟ ଦେଇ ।

ଦର୍ଶନ ଦେଇ ତୁ କରିଛୁ ଋଣୀ
ଦେଖା ହେବ ଆଉ ବରଷେ ପୁଣି,
କଳୁଷ ସମାଜ ର ନ ପଡୁ ଦୃଷ୍ଟି
ପ୍ରକୃତି ର ତୁ ଯେ ସୁନ୍ଦର ସୃଷ୍ଟି ।

ଗ୍ରାମ : ଲସ୍ତଲା, ବ୍ଲକ : ଉଲୁଣ୍ଡା
ଜିଲ୍ଲା : ସୋନପୁର
ମୋବାଇଲ ନମ୍ବର : ୮୯୧୭୪୦୬୮୫୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍‌ଡାଉନରେ ଝିଅଦେଖା



ଏସ ଶ୍ରୀମନ୍
ନାରାୟଣ ପାତ୍ର

ଦେଖିବାକୁ ଯାଇଥିଲି ମୁଁ ଗୋଟିଏ ଝିଅ ।
କାତ୍ରିନା ପରି ସୁନ୍ଦର ତାର ମୁହଁ ।।୧।।

ପରିବାର ଲୋକେ କହିଲେ କାତ୍ରିନା ପରି ସୁନ୍ଦରୀ ।
ମାସ୍କ ଭିତରୁ ସତ କି ମିଛ ପାରିଲିନି ବାରି ।।୨।।

ଲକଡାଉନ୍‌ରେ ଦରକାର ହେଲାନି କାର ।
ବୁଲେଟ ପରି ଅଛି ପରା ସାଇକେଲ ମୋର ।।୩।।

କହିଲେ ପଚାର ଝିଅକୁ କରିଦିଅ ଇନିକ୍ୱାରି ।
ପରେ କିନ୍ତୁ କହିବନି ପାରିଲିନି ପଚାରି ।।୪।।

କଣ ପଚାରିବି ଏ ତ ପ୍ରଥମ ଝିଅ ଦେଖା ।
ଆଗରୁ ଟ୍ରେନିଂ ଦେଇଥିଲା ମୋର ସଖା ।।୫।।

କହିଲି ଦରକାର ନାହିଁ ମୋର ସୁନ୍ଦର ମୁହଁ ।
ଖୋଜୁଅଛି ମୁଁ ଗୋଟେ ପାଠୋଇ ଝିଅ ।।୬।।

ଖାଇବାକୁ ଦେଲା ହାତ ତିଆରି ପିଠା ।
ଗୀତ ଗାଇ କଥା କହିଲା ମିଠା ମିଠା ।।୭।।

ଖାଇବାକୁ ଦରକାର ମୋତେ ନିତି ନାନା କିସମ ।
ସାଥିରେ ରହିବକି ପରିସ୍ଥିତି ହଉ ଯେତେ ବିଷମ ।।୮।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ ନବ ଯୌତୁକ ଜ୍ୱାଇଁ ପୁଅ ଭାବିକି କୁହ ।
ଆମର ବି କିଛି ଜାଣିବାର ଅଛି ଧର୍ଯ୍ୟ ଧରି ରୁହ ।।୯।।
ମାଗିଲି କାର୍ ସହ ପେଟ୍ରୋଲ ଟଙ୍କା ବି ଦିଅ ।
ନ ହେଲେ ଯୌତୁକ ନେବା ପାଇଁ ମୋର ଇଛା ନୁହଁ ।।୧୦।।
ଖାଲି ଗାଡ଼ି ନେଲେ ତମ ଝିଅକୁ ପାରିବିନି ବୁଲାଇ ।
ପେଟ୍ରୋଲ ରେଟ୍ ଯେମିତି ହବନି ତେଲ ପକାଇ ।।୧୧।।
ପଚାରିଲେ ସହରରେ କି କାମ ତୁମେ କରୁଛ ।
ନା ଆଜି ବି ବାପା ପଇସାରେ ବସି ଖାଉଛ ।।୧୨।।
ପ୍ରାଇଭେଟ୍ ଚାକିରିଆ ମୁଁ ଆୟ ଟିକେ କମ୍ ।
ପେଟକୁ ପିଠିକୁ ଦରମା ପୁରା ସମାନ୍ ।।୧୩।।
ସରକାରୀ ଚାକିରୀ ନୁହଁଇ ଏତେ ସହଜ ।
ପ୍ରାଇଭେଟରେ ସନ୍ତୁଷ୍ଟ ମୋର ମଗଜ ।।୧୪।।
କୁହ କୁହ ଅଛି କେତେଟା ଘର ଜମିବାଡି ।
ଦେଇପାରିବକି ଝିଅକୁ ଜନ୍ମଦିନରେ ସୁନା ଚୁଡି ।।୧୫।।
ହନିମୁନରେ ନବକି ତାକୁ ଫରେନ ଟୁର ।
ଏହି ସର୍ତ୍ତ ପାଇଁ ତୁମେ ନ ହେବ ନିଷ୍ଠୁର ।।୧୬।।
ସ୍ୱଳ୍ପ ଆୟରେ ପରିବାର ଚଳାଏ ମୁହିଁ ।
ଏତେ ସ୍ୱପ୍ନକୁ ରାତି ମୋର କାହିଁ ।।୧୭।।
ପାରିବିନି ଏତେ ଖର୍ଚ୍ଚ ତମ ଝିଅ ପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କ୍ଷମା କର ବାଟେବାଟେ ଯାଉଅଛି ମୁହିଁ । ।୧୮ । ।

ବେସରକାରୀରେ ଦରମା ବେଶୀ କାହିଁ ।

ଚାକିରୀ ଆଜି ଅଛି କାଲିକି ନାହିଁ । ।୧୯ । ।

ଆମ ଝିଅ ବାହା ହେବ କୋଟିପତି ଘରେ ।

ଏକୁଟିଆ ସ୍ୱାମୀ ସହ ରହିବ ଆପାର୍ଟମେଂଟରେ । ।୨୦ । ।

ଶାଶୁ ଶ୍ୱଶୁର ଜଞ୍ଜାଳ ପାରିବନି ସେ ସହି ।

ଅର୍ଡର ଦେବାକୁ ସେବା କରିବାକୁ କହିବେନି କେହି । ।୨୧ । ।

ଭାଗ୍ୟରେ ଥିଲେ ସେମିତି ପୁଅ ନିଶ୍ଚିତ ମିଳିବ ।

ମନେପକାଇ ଭୋଜି ଖାଇବାକୁ ମୋତେ ଡାକିବ । ।୨୨ । ।

ପୃଥିବୀ ଛାଡି ଆଜି ଲୋକ ଚନ୍ଦ୍ରରେ କିଣିଲେଣି ଜାଗା ।

ମୁଁ କିନ୍ତୁ ପରିବିନି କରି ଏକଥା ହେବିନି ଅଭାଗା । ।୨୩ । ।

ଝିଅ ଖୋଜା ଅଭିଯାନ ପ୍ରଥମରୁ ହେଲା ଚୁରମାର ।

ଜାଣିଦେଲି ଜୀବନରେ କେତେ ଔକାତ ମୋର । ।୨୪ । ।

ସେଟା ହିଁ ପ୍ରଥମ ଶେଷ ଝିଅ ଦେଖା ମୋ ପାଇଁ ।

ଭାଇ, ମୋର ଆଉ ବିବାହ କରିବାର ନାହିଁ । ।୨୫ । ।

ବଡଗଡ଼, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତଫାତ ଏତିକି



ସଂଜୀବ ଦାସ

ବେଳେବେଳେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଏମିତି ବି ହୁଏ ।

କିଛି ବୁଝିହେଉଥିବା ବେଳେ ଆଉ କିଛିର ସାର ଓଲଟା ପୁରାପୁରି ।

କାଚ ବୟମରେ ଅଧା ପାଣି ରଖି ପ୍ରଶ୍ନ କରିଥିଲି ତୁମକୁ

" କଣ ଦେଖୁଛ ,କହିଲ ଦେଖି ?"

ଗାଁ ମାଷ୍ଟ୍ରଙ୍କ କଡା ପ୍ରଶ୍ନ ଭାବି ତମେ ତେବେ ଡ଼ରିଗଲ ଚେନାଏ,

ଆଉ ନିଜକୁ ସଜାଡି ନେଇ 'ହୁଁ 'ଟିଏ କରି ଅନେଇ ଦେଲ ।

"କଣ,....ଅଧା ଖାଲି, ଆଉ ଅର୍ଧେକ ପାଣି ,ଅଧିକ କଣ ?"

"ଉପରକୁ ନୁହେଁ, ତଳକୁ ନିଘା କର, ଦେଖ ନିରିଖେଇ, ବୟମଟା ପରା ଭରିଛି ଅଧେ " ।

"ମାନେ ?.... କଥା ଆଗଭଳି, ଯାହା ମୁଁ ଦେଖିଲି, ଯାହା ମୁଁ କହିଲି" ।

ଆମ ଛ' ବରଷର କାହ୍ନା ନାତିଆ ଭଳି ଦେଇଥିଲ ଉତ୍ତର ତମେ ।

ସବୁ ଠିକ କହି ତମେ ସେଦିନ ମୋ ପରୀକ୍ଷାରେ କିନ୍ତୁ ଉତ୍ତୀର୍ଣ ହେଇ ନଥିଲ ।

ଏମିତି ପ୍ରଶ୍ନ ପଚାରିଥିଲି ମାପିବାକୁ ତମ ମନ କଥାର ଉଚ୍ଚତା ।

ଅଧା ଅଧାରେ ଜୀବନ ଚକ ଗଡିବ କେମିତି ?

ଖାଲି ଖାଲିରେ କିଛି ବି ଚଳେନି । ଏମିତି କିଛି କହିଥିଲ ତମେ ସେଦିନ ।

ଅଧା ଥାଇ କଣ ସନ୍ତୁଷ୍ଟ ହେବାନି ?

ପାଶେ ଯାଇ କରିଥିଲି ପ୍ରଶ୍ନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୌଥ ପରିବାରର ଜୁଆଳି ଏବେ ଆମ କାନ୍ଧରେ

ଯିବାକୁ ହେବ ଆଗକୁ ସଭିଙ୍କୁ ନେଇ

ମନେ ହୁଏ ଆମେ ବଦଳି ଯାଇଛେ ଟିକେ

ଆଗକୁ ବଢ଼ିବାର ପ୍ରୟାସବେଳେ ଝୁଂଟି ଯାଉଛନ୍ତି କି ଆମେ !

ନ ପାରିବାର ଅସହାୟତା ପଛକୁ ଭିଡି ନେଉଅଛି ଅବା !

ଦେଇ ଦେଲେ ସରିଯିବନି ,ନିଜେ ଜୀଇଁ ଅନ୍ୟକୁ ତ ସାଙ୍ଗେ ନେବାକୁ ହେବ ।

କହିଥିଲି କିଛି କଥା ଏଇମିତି ତମକୁ ।

ମନର କେଉଁ କୋଣରୁ ଖିଅଟିଏ ଟାଣି କହିପାର

ଏତେ ଜଂଜାଳ ଭିତରେ ବୁଡିଯିବାର ମାନେ କିଛି ହୁଏନା ।

ସବୁ ଦେଇ ହାତ ଟେକି ଦେବାର ନା ଅଛି ବଳ ନା ଅଛି ବୟସ ।

ଆଉ ଦାନ କରି ବୀରର ଶ୍ରେୟ ନେବାରେ ମନ କି ବଳେ !

ସେଇଥିପାଇଁ ବୋଧହୁଏ ହାତ ଝାଡିଦେଲେ ନେଇହେବ ମନଭରି ନିଶ୍ୱାସ ।

କଥାରେ ତମର ସମ୍ମତ ହେବିନି କେବେ ଯେଣୁ

ଅଧା ଭିତରୁ କିଛି ଅଧା ଚାଲିଗଲେ ମିଳେ ଯେଉଁ ଉଲ୍ଲାସ

କେବଳ ବିଭୋର ହୃଦୟ ଟିକକ ବାରିପାରେ ତାର ଅନନ୍ୟ ଉଚ୍ଛାସ ।

ରିକ୍ତସ୍ଥାନ ରହିବେକି କାଳ କାଳକୁ !

ବୟସର ପାଣି ଯାହା ପ୍ରତୀକର ଚିହ୍ନ

କେଉଁ ଛଟକରେ ଅଧା ହୋଇଥିବା ଜାଗାଟି ହୋଇଯିବ ସଂପୂର୍ଣ୍ଣ,ପରିପୂର୍ଣ୍ଣ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ ବା ଜାଣିଚି !

ତଫାତ ଏତିକି ଆମେ ଦେଖୁଥିବା ବୟମଟି ନୁହେଁ ଚଂଚଳ

ସ୍ଥିତପ୍ରଜ୍ଞ ସନ୍ୟାସୀ ପରି ସଂକେତ ଦିଏ ଯାହା

ଖାଲିଥିବା ଅର୍ଧେକଟି ପୁରିଯିବ ନିଶ୍ଚେ

ଯଦି ଦେଖ ନିର୍ମିଶେଷ ନୟନରେ ,ପୋଛିଦେଇ ମ୍ଲାନ ଶରୀରରୁ

ସବୁ ଅନାବନା ଧୂସରିତ ଅତିଷ୍ଠ ଭାବନା ।

ସଂଜୀବ ଦାସ

କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଷ୍ପପୁର ରମଣୀ



ଲିଟୁ ନାୟକ

ପୁଷ୍ପ ବିଭୂଷିତ ପୁଷ୍ପରେ ପୂରିତ, ପୁଷ୍ପପୁରେ ତାର ଘର
ପୁଷ୍ପମାଳ ଘେନି ବେନି ହସ୍ତେ ତାର, ବରଣେ ପ୍ରଭୁ ପୟର ।
ପୁଷ୍ପ ସଜ୍ଜା ତାଙ୍କ ଶ୍ୟାମଳ କେଶଟି, ଲାଗେ ଚିଲିକାର ଜଳ
ପୁଷ୍ପ ମାଳ ଗୋଟି ଲାଗଇ ଯେସନେ, ମୁକ୍ତା, ମଣି ଓ ପ୍ରବାଳ ।
ପୁଣ୍ୟ ସେ ଭୂମିରେ ଜନମିଛି ସତେ, ପୁଣ୍ୟ ମନଟିଏ ନେଇ
ପୂଜାଫୁଲ ପରି ସତେଜ ମନଟି, ମନ ଉଲ୍ଲାସେ ଭରଇ ।
ପ୍ରଭାତ ଆକାଶେ ରବି ଉଦୟରେ, ଯେମନ୍ତ ରୂପ ମହୀର
ପୁଣ୍ୟମୟୀ ସେ ରମଣୀର ମୁଖ, ଲାଗଇ ସେତେ ମଧୁର ।
ପୁଣ୍ୟବତୀ ଗୋ ପଦ୍ମାବତୀ ଜେମା, ନୀଳାଞ୍ଚଳଧାମ ରାଣୀ
ପୁଣ୍ୟତୀର୍ଥ ତୀରେ ସ୍ୱପ୍ନର ସାଗରେ, ଉଭାହେଲେ ବେଣୁପାଣି ।
ପ୍ରଫୁଲ୍ଲିତ ଚିତ୍ତ ମନ ଉତ୍‌ଫୁଲିତ, ନରପତି ପାଶେ ଯାଇ
ପୂର୍ବ ରାତ୍ରି ସ୍ୱପ୍ନ ସମସ୍ତ ବୃତ୍ତାନ୍ତ, ଦାରୁ ବ୍ରହ୍ମ କଥା କହି ।
ପୂଣ୍ୟଭରା ମାଟି ସାଗର କୂଳରେ, ସମୁଦ୍ର ଲହଡି ଖେଳେ
ପରାକ୍ରମୀ ବୀର ଇନ୍ଦ୍ରଦ୍ୟୁମ୍ନ ସେ, ମନ୍ଦିର କାର୍ଯ୍ୟାରମ୍ଭିଲେ ।
ପୂରୁବ ଗୌରବ ଉତ୍କଳ ଆଦ୍ୟ, ଡିଣ୍ଡିମ ମନରେ ବାଜେ
ପୂର୍ବ ପୁରୁଷଙ୍କ କୃତିତ୍ୱର ଗାଥା, ଏ ମନ ମଧ୍ୟରେ ଜାଗେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୂର୍ବ କୀର୍ତ୍ତିମାନ ଅର୍ଜିଛନ୍ତି ଯେତେ, ସେ ଅଟେ ଉତ୍କଳମାନ

ପୁରୁଷୋତ୍ତମଙ୍କ ରତ୍ନ ସିଂହାସନ, ଚାରିଧାମରେ ମହାନ ।

ପୁରୀରେ ବିଜେ ସେ ଜଗତର ନାଥ, ଦୀନ, ଦୁଃଖିଙ୍କର ସଖା

ପୂଜାର୍ଚ୍ଚନା ବିନା ହୃଦୟ ଭକତେ, ଭକ୍ତଙ୍କୁ ଦିଅନ୍ତି ଦେଖା ।

ପୁରାଣ ପୋଥି ଯେ କେତେ ଜନଗାଥା, ପ୍ରଭୁଙ୍କ ନାମରେ ଲେଖା

ପୁଣି ସାଲବେଗ ଦାସିଆ ବାଉରୀ, ପାଇଥିଲେ ତାଙ୍କ ଦେଖା ।

ପୁରୁଷ ଉତ୍ତମ ସେ ପୁରୁଷୋତ୍ତମ, ଭକତ ଜନ ନାଉରି

ପୂର୍ବାର୍ଜିତ ପାପ ଅନ୍ତ କଲେ ପ୍ରଭୁ, ପାପରୁ କରନ୍ତି ପାରି ।

ପୁଷ୍ପେ ବନ୍ଦେ ତବ ପୟରେ ହେ ନାଥ, ଭବ ସାଗରୁ କର ହେ ମୁକ୍ତି

ପୁଷ୍ପାଞ୍ଜଳି ଅର୍ପି ତୁମରି ଚରଣେ, ସ୍ତୁତି କରୁଥିବି ନିତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରିକ୍ସାବାଲା



ବର୍ଷାରାଣୀ ବିଶ୍ୱାଳ

ଗରିବ ଗଣନାରେ ସେ ଗଣନୀୟ
ଜୀବନ ଉଲ୍ଲାସ ଭରା
ଯାତ୍ରୀଙ୍କ କାର୍ଯ୍ୟରତ ମଣି ନିଜକୁ
ନୁହେଁ ସେ ସର୍ବହରା ।।

ମୁଠାଏ ଭରଣାଦାତା ସାଜି ନିଜେ
ଥାଏ ସେ କାର୍ଯ୍ୟରେ ରତ
ଠାକୁରେ ବିକଳାଙ୍ଗ ତାକୁ ନକରି
ମନ ତାର ପ୍ରଫୁଲ୍ଲିତ ।।

କର୍ମଠମୟ କାର୍ଯ୍ୟ ରତରେ ମଜ୍ଜି
ନାମ ତାର ରିକ୍ସାବାଲା
ସଞ୍ଜସକାଳ ଦ୍ୱିପ୍ରହର ବ୍ୟସ୍ତତା
ଦୁଇ ଟଙ୍କା ସେ ମୂଲିଆ ।।

ରିକ୍ସା ଟାଣି ସେ କୋଠରତା ମଧ୍ୟରେ
ଦିଏ ହସ ପରିବାରକୁ
ସୁଖ ଶାନ୍ତିମୟ ଜୀବନ ଠୁ ମଧ୍ୟ
କି ଲୋଡ଼ା ଅନ୍ୟ କାର୍ଯ୍ୟକୁ ।।

ଖରା,ବର୍ଷା, ଶୀତ ନକରି ଖାତିର
ସଭିଏଁ ତା ପ୍ରିୟ ସାଥି
କରୁଣା କର ପ୍ରଭୁ ଦିଏ ଟିକେ ବଳ
ହେବ ସମସ୍ତଙ୍କ ସାରଥୀ ।।

କଳାହାଣ୍ଡି ଭବାନୀପାଟଣା(ଉଦୟପୁର)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପବିତ୍ର ଭାରତ ଭୂଇଁ



ଆରତୀ ପଟ୍ଟନାୟକ

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା...
ଚିର ହାସ୍ୟମୟୀ ଜହିଁ...
ଆନ କେହି ନୁହଁ
ସେହି ଅଟେ ମୋ ପବିତ୍ର ଭାରତ ଭୂଇଁ... ।
(୧)

ଦିଗନ୍ତ ବିସ୍ତାରୀ ଯା 'ର କିର୍ତ୍ତୀରାଜି...
ମର୍ମେ ମର୍ମେ କହେ ବିରଙ୍ଗନା ସାଜି
ଉଠ ହେ ସନ୍ତାନ... ଧର ହେ କମାଣ
ଗୁଂଜୁ ପୁଣି ବୀରଧ୍ୱନି ଆଜି
ଇତିହାସ ଅଟେ ସାକ୍ଷୀ ଯା ର ତହିଁ..
ଆନ କେହି ନୁହଁ ସେହି ଅଟେ ମୋର
ବୀର ପ୍ରସବିନୀ ପବିତ୍ର ଭାରତ ଭୂଇଁ ।(୨)

ଅନେକ ଫୁଲ ର ମାଳଟିଏ ପରି
ଭିନ୍ନ ଜାତି ଧର୍ମେ ସବୁ ଗୁନ୍ଥା ଏକା ପରି..
ମନ୍ଦିର, ମସଜିଦ୍, ଗୀର୍ଜା ଘରରେ
ଇଶ୍ୱର ପୂଜନ୍ତି ଏଠି ସବୁରି ହୃଦରେ...
ଭାଇଚାରା ର ବାରତା ବିଶ୍ୱେ ଭରେ ଜହିଁ...
ଆନ କେହି ନୁହଁ ସେହି ଅଟେ ମୋର
ମହାନ ଭାରତ ଭୂଇଁ ।(୩)

ଗର୍ବେ ଆଜି ମୁହିଁ କରେ ଉଚ୍ଚ ଶିର...
ଲଭିଛି ଜନମ ମାଟି ରେ ତାହାର
ରଖିବି ତା ଯଶ... ରଖିବି ତା ଟ ଟେକ
ଦୃଢେ କରେ ଏ ଶପଥ ମୁହିଁ...
ଆନ କେହି ନୁହଁ ସେହି ଅଟେ ମୋର
ଚିର ବନ୍ଦନୀୟା ପବିତ୍ର ଭାରତ ଭୂଇଁ । (୪)

(ଶିକ୍ଷୟିତ୍ରୀ )
ଭେଜିପଦର ପ୍ରା ବିଦ୍ୟାଳୟ, ବିଷମକଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଜାଣେନା



ଲକ୍ଷ୍ମଣ ମହାନ୍ତି

ଜାଣେନା ମୁଁ କବିତାର ଅର୍ଥ,

ଜାଣେନା ମୁଁ ସ୍ୱନ୍ଦନର ଅର୍ଥ

କେବଳ ଲେଖି ଚାଲିଛି

ମୋ ଜୀବନର

କିଛି ବାସ୍ତବ ଅନୁଭୂତି.....

ଜାଣେନା ମୁଁ କବି ର ଅର୍ଥ,

ଜାଣେନା ମୁଁ ଲେଖକ ର ଅର୍ଥ

କିନ୍ତୁ ସମୟ

ମୋତେ ଉପନୀତ କଲା

କୁଷୁମ ମଣ୍ଡିତ ଏକ ରମ୍ୟ ସ୍ଥାନରେ,

ଯେଉଁଠି ଦେଖିଥିଲି

ଲାବଣ୍ୟମୟୀ ମୋ ପ୍ରୀୟାକୁ.....

ସେବେଠୁ ଲେଖୁଛି କବିତା,

ଗାଉଛି ଗୀତ, ମୋ ପ୍ରୀୟା ପାଇଁ.....

କଲମ ମୁନରେ, ହୃଦୟ କାନ୍ଥରେ

ଲେଖି ଚାଲିଛି ହୃଦୟର ଅଭୁଲା ସ୍ମୃତି.....

ଚାହିଁ ନଥିଲି ମୁଁ

କବି ହେବାକୁ, କବିତା ଲେଖିବାକୁ

କିନ୍ତୁ, ସମୟ ସୁଅରେ

ଭାସି ଯାଇଛି ମୁଁ ଅନେକ ଦୂର.....

ଆଉ ଫେରି ପାରୁନି

କେବଳ ଲେଖି ଚାଲିଛି,

ଜାଣେନା ମୁଁ , ଜାଣେନା କାହିଁକି.....

ସୌରୀପାଲି, ଖଟଖଟିଆ, ବୌଦ୍ଧ, ୭୬୨୦୩୦
ଭ୍ରାମ୍ୟଭାଷ : ୭୩୭୦୪୫୦୮୩୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣର ଶ୍ରାବଣୀ



ଅଭିମନ୍ୟୁ ବେହେରା

ଶ୍ରାବଣରେ ........

ମୋ ବିଗତ ଶ୍ରାବଣ

ମୋ ଅତୀତ ଶ୍ରାବଣ

ଆସିବାର ଅଛି ତୁ ଆସିବୁ

ତୁ ଆସିଲେ ଆ

ମନା ନାହିଁ କିନ୍ତୁ ମନେ ପକେଇବୁ ନାହିଁ

ଶ୍ରାବଣର ସେ ଶ୍ରାବଣୀ କଥା

ବର୍ଷା ଭିଜା ଓଦା ଆଖିପତା

ଦିନେ ମୋତେ ନୀରବରେ କହିଥିଲା କେତେ

କଥା

ବିଜୁଳିର ଚମକରେ ଡରି ଯିଏ

ମୋ ଛାତିରେ ରଖିଥିଲା ମଥା

ସେ ମଥାରେ ସିନ୍ଦୁର ଲାଗିଗଲା ପରେ

ସେ ମଥାରେ ଓଢଣି ସଜ ହେଲା ପରେ

ମୁଁ ଏମିତି ଏକା ଏକା ....... ତୋତେ ସାକ୍ଷୀ

ରଖିଛି

ଶ୍ରାବଣରେ କହ ଥରେ ଦୋଷ ଏଠି କାହାର

ତୋର ନା ଶ୍ରାବଣୀର ନା ମୋ

ଭାଗ୍ୟର .........

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ

ସ୍ୱାମପାଟଣା,କେନ୍ଦୁଝର

ମୋ - ୯୯୩୮୧୭୦୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯନ୍ତ୍ରଣା



ତନ୍ମୟ କବି

ତୁମେ କୁହ ଜୀବନଟା ମାନିନୀ ଝରଣା

ପଥୁରିଆ ପଥ ତାର ପଥରୋଧ କରାଇ ପାରେନା

କୁଳୁ କୁଳୁ ଗୀତସୁରେ କର୍ତ୍ତବ୍ୟ କରଇ

କଷଣର ଯନ୍ତ୍ରଣାକୁ ସୁରେ ତା'ର ଗାଇ

ବ୍ୟଥିତ ସେ ପ୍ରଣୟିନୀ ଯାଏ କାନେ କହି

ବିଜୟିନୀ ସ୍ରୋତସ୍ୱିନୀ ହାରିଯାଇନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋ କରୋନା ଗୋ



ସୁଧାଂଶୁ ମୋହନ ସାହୁ

କରୋନା ନାଚୁଛି ତାଣ୍ଡବ ଲୀଳା
ଦୁଷ୍ଟ ରାକ୍ଷସ ଯେ ସାଜି
ମାନବ ସମାଜ ଚିତ୍କାର କରୁଛି
ରକ୍ଷା କର ପ୍ରଭୁ ଆଜି ।

କି ନାରୀ ପୁରୁଷ କି ବୃଦ୍ଧ ବାଳକ
ଦୟା ମାୟା ତାର ନାହିଁ
ଭୟଭୀତ ସବୁ ବଞ୍ଚି ରହିବାକୁ
ପାଆନ୍ତି ନାହିଁ ଯେ ତ୍ରାହି ।

କେଉଁଠୁ ଆସିଲା ଏମିତି ଦାନବ
ଯିବାକୁ ସେ କୁଣ୍ଠା କରେ
ବିଜ୍ଞାନଭିତ୍ତିକ ଗବେଷଣା ସବୁ
କିବା ଘଉଡେଇ ପାରେ ।

ଏତେ ଶକ୍ତିଶାଳୀ କେମିତି ବନିଲୁ
କି ଖାଦ୍ୟ ଖାଇଛୁ ଆରେ
ଚିପା ନାକିଆ ଆଉ ପୋତା ଆଖିଆଟା
ତୋତେ ଆକଟ ନ କରେ ।

ବିଶ୍ୱ ବ୍ରହ୍ମାଣ୍ଡକୁ ସବୁ ତ ଗ୍ରାଷିଲୁ
ପେଟ ଭରୁ ନାହିଁ ତୋର
ପଳାୟନ କର ଏ ଭୂମି ପୃଷ୍ଠରୁ
ଆସୁଛି ତୋ ଉପଚାର ।

ଲଢି ନ ପାରିବ ଏ ଛାର ମଣିଷ
ମନେ ରଖ ନାହିଁ ଦ୍ୱିଧା
ମଣିଷ ସହିତ ଈଶ୍ୱର ଅଛନ୍ତି
ନ ଦେଇ ପାରିବୁ ବାଧା ।

ଚାଇନା ଦେଶରୁ ଆସିଛୁ ତୁ ପରା
ଚାଇନାକୁ ଫେରି ଯାଆ
ଭାରତବାସୀଙ୍କୁ କ୍ରୋଧାନ୍ୱିତ କଲେ
ହେବେ ନାହିଁ କେହି ସାହା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋ କରୋନା ଗୋ  ହୁଙ୍କାରରେ

ଆମେ ତଡି ଦେବୁ ତୋତେ

ଏଇଟା ଭାରତ ଚାଇନା ନୁହେଁ ରେ

ମୋଦି ଅଛନ୍ତି ଆମ ସାଥେ  ।

ଜି ପୀଙ୍ଗ ସେତ ଛନ୍ଦ କପଟିଆ

ହିଂସାଦ୍ୱେଷରେ ଭରା ତା ମନ

ବିପଦ ବେଳେ ଯେ ବିପରୀତ ବୁଦ୍ଧି

ସାଥି ତାର ଦିଏ ପାକିସ୍ତାନ  ।

ନିଶ୍ଚୟ କରୋନା ଧ୍ୱଂସ ପାଇଯିବୁ

ଯେତେ ଶୀଘ୍ର ଏଠୁ ପଳା

ଜଗତକୁ ପରା ଉଦ୍ଧାର କରିବ

ଦେଖୁଛି ମୋ ଚକାଡୋଳା  ।

ବି ଏଚ ଇ ଏଲ, ହାଇଦ୍ରାବାଦ

ମୋବାଇଲ - ୮୯୧୯୫୦୩୪୧୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ ପ୍ରଣାମ



ଅଲିଭା ସାହୁ

ନାହିଁ ପରିଚୟ ନାହିଁ ଠିକଣା
ଅନାଥାଶ୍ରମ ମୋର ଅଗଣା ।।
ବାପା ମା ସ୍ନେହ ପାଇନି କେବେ
ପଣତ କାନିରେ ଲୁହ ପୋଛି ନି କେବେ ।।
କିଏ ସେ ଇଶ୍ୱର କରୁଛି ଜୁହାର
ଚାଲିବା ଶିଖିଲି ଧରି ହାତ କୁ ତାହାର ।।
ଓଠେ ଦାନା ଦେଇ ରଖିଲା ଜୀବନ
ମୋ ପାଇଁ ସାଜିଲା ଦେବତା ସମାନ ।।
ପାଠ ପଢି ଯେବେ ମଣିଷ ମୁଁ ହେଲି
ତୋ ଆଶିର୍ବାଦୁ ମା ସୈନିକ ସାଜିଲି ।।
କେତେ ଭାଗ୍ୟବାନ ନିଜ କୁ ମଣିଲି
ତୋ ପଣତ ଛୁଆଁ ଯେବେ ପାଇଲି ।।
ଧନ୍ୟ ହୋଇଗଲା ଜୀବନ ମୋର
ମାଟି ମା ହେଲା ମୋର ନିଜର ।।

ଦେହରୁ ରକତ ନିଗିଡ଼ି ଯାଉ
ମୋ ଭାରତ ମା ଭଲରେ ଥାଉ ।।
ଜୀବନ ଯୁଦ୍ଧରେ ଜିତିଲି କେତେ
ଗୋଳା ବାରୁଦରେ ଛାତି ମୋ ଫାଟେ ।।
କୋଳେଇ ନେବୁ ମା କୋଳକୁ ତୋର
ଭାବିନେବୁ ମା ମୁଁ ସନ୍ତାନ ତୋର ।।
ପଣତ କାନିରେ ତୋର ଘୋଡ଼େଇ ଦେବୁ
ଲୁହ ଦୁଇ ଧାର କେବେ ନ ଢାଳିବୁ ।।
ଅନାଥ ବୋଲି କେବେ ନଭାବିବୁ
ଭାରତ ମାଟି ରେ ପୁଣି ଜନମ ଦେବୁ ।।
ବିଦାୟ ନେଉଛି ମା ଗାଇ ତୋ ନାମ
ଅନାଥ ର ନେବୁ ଶେଷ ପ୍ରଣାମ ।।

ତିରୁଚିରାପଲ୍ଲି ତାମିଲନାଡୁ
(ଆନନ୍ଦପୁର ଓଡ଼ିଶା)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଧ୍ୟାତାରା



ସତ୍ୟସୁନ୍ଦର ରାଉତ

ତୁମେ ଆସିଥିଲ ସଂଧ୍ୟାତାରା ହୋଇ
ଚିକ୍ ମିକ୍ ଆଲୁଅ ଦେଇ
ତୁମ ସ୍ୱପ୍ନ ଜ୍ୟୋସ୍ନାରେ ଭିଜେଇ ଦେଲ
କିଛି କ୍ଷଣ ହେଲେମଧ୍ୟ ଅଫୁରନ୍ତି ଆନନ୍ଦ ଭରିଦେଲ ।

ତୁମ ଝିକମିକ ଚେହେରାକୁ ଶେଫାଳିର ବାସ୍ନା
ବିଭୋର ହେଉଥିଲା ମନଟା ମେଣ୍ଟୁଥିଲା ତୃଷ୍ଣା ।

କିଏ ଜାଣେ କାହିଁକି ତୁମେ ହଠାତ୍ ଲୁଚିଗଲ,
ପୁଳାପୁଳା ଅନ୍ଧାର ଫିଙ୍ଗି, ଏ ମନ ଆକାଶରୁ ସବୁଦିନ ପାଇଁ ଲିଭିଗଲ ।

ଆଜିବି ଖୋଜୁଛି ତୁମକୁ ଶେଫାଳିର ବାସ୍ନାରେ ସେହି ସନ୍ଧ୍ୟାବେଳକୁ,
ସତେ ଅବା ଚାଲିଗଲ ଆଉ ଫେରିବନି, ମାୟାମୃଗ ସାଜି କେଉଁ ଏକ ଗହନ ବନକୁ ।

ଅରଡ଼ିଛକ, ଭଦ୍ରକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଅଛ ବୋଲି



ପ୍ରକାଶ କୁମାର ଚାନ୍ଦ

ତୁମେ ଅଛ ବୋଲି ପଳାଶ ପିଠିରେ
ଛବି ଆଙ୍କେ ତାର ଜହ୍ନ
ତୁମେ ଅଛ ବୋଲି ତୁଠସାରା ଖାଲି
କୁଆଁରୀଙ୍କ ପାଦଚିହ୍ନ ।

ତୁମେ ଅଛ ବୋଲି ମାଟି ଦର୍ପଣରେ
ଆକାଶେ ଦେଖେ ତା ମୁହଁ
ତୁମେ ଅଛ ବୋଲି ବିନା ମଳୟରେ
ବଉଳ ବାସେ ମୋ ଦେହ
ତୁମେ ଅଛ ବୋଲି ଗଙ୍ଗଶିଉଳିଟି
ଲାଗେ କାହିଁ ଆଜି ଭିନ୍ନ ।

ତୁମେ ଅଛ ବୋଲି ଫଗୁଣ ଶ୍ରାବଣ
ହୁଅନ୍ତି ତ କୋଳାକୋଳି
ତୁମେ ଅଛ ବୋଲି କାଞ୍ଚନ ଖେଳୁଛି
ଅଦିନେ ରଙ୍ଗର ହୋଲି
ତୁମେ ଅଛ ବୋଲି ରବି ଆସେ ନିତି
କରିକି ବାରୁଣୀ ସ୍ନାନ ।

ଜୟପୁରଶାସନ, ପିପିଲି, ପୁରୀ
ଭ୍ରାମ୍ୟଭାଷ : ୯୮୫୩୩୫୪୯୩୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦ୍ୟାଳୟର ପ୍ରଥମଦିନ



ସେବକାନ୍ତ ନନ୍ଦ

ସନ୍ଧ୍ୟା ସମୟରୁ ହେଲି ଘରୁ ବାହାର
ବସରେ ବସିଲି ହେଇ ଅସ୍ଥିର ।
ନିଦ ଲାଗୁନାହିଁ, ଆଖିରେ ମୋର
ରାସ୍ତାର ଉଭୟ ପାର୍ଶ୍ୱକୁ ଦେଖି ଲାଗୁଚି ଡର ।
ଏହି ଭୟଙ୍କର ଅରଣ୍ୟ ଭିତରେ
ଗାଡ଼ିଟି ଚାଲିଥାଏ ଧିରେ ଧିରେ ।
ଆସିଗଲା ନିଦ ଏହି ସମୟରେ
ଶୋଇଗଲି ମୁଁ ନିରବରେ ସିଟ୍ ଉପରେ ।
ଖୋଲି ଦେଲି ଯେବେ ଆଖି ମୋହର
ଦେଖିଲି ବ୍ରହ୍ମପୁର ସହର ।
ସେହିଠୁ ବାହାରିଲି ଛତ୍ରପୁର
ଧରି ଗୋଟେ କେନ୍‌ଟର ।
ବାଏପାସରେ ଓହ୍ଲାଇ ଚାରିଆଡ଼େ ଦେଲି ଅନାଇଁ
ଗାଡ଼ି ମଟର କିଛି ଦେଖାନାହିଁ ।
କଷ୍ଟରେ ଗୋଟିଏ ବସ ଗାଡ଼ି ପାଇ
ହୁମ୍ମା ଛକେ ଗଲି ଓହ୍ଲେଇ ।
ଧରିଲି ଗୋଟେ କେନ୍‌ଟର
ମୋ ରାସ୍ତାରେ ହେଲି ବାହାର ।
ଓହ୍ଲାଇଲି ଯାଇ କୁଶପଲ୍ଲି
ସେଇଠୁ ଗଲି ମୁଁ ଚାଲି ଚାଲି ।
ପାହାଡ଼ ଜଙ୍ଗଲ ଦେଖି
ମନ ହେଲା ଅସ୍ଥିର
ମନେ ମନେ ଭାବିଲି
ଏ କି ଲେଖାଥିଲା ଭାଗ୍ୟରେ ମୋର ।
ବିଦ୍ୟାଳୟକୁ ପହଞ୍ଚି ଦେଲି ଅନାଇଁ
ଧିରେ ଧିରେ ମୋ ମୁଣ୍ଡ ଗଲା ଘୁରି
ଲାଗିଲା ମତେ ସାତ ନଈ ତେର ଦରିଆ
ଡେଇଁ ଆସିଲା ପରି ।

ବନ୍ଧପାଲି, ବଲାଙ୍ଗିର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହ



ବେବିସ୍ମିତା କର

ଲୁହ ଥରେ ଝରିଥିଲା
ତୁମରି ଆଖିରେ
ଲୁହ ଆଜି ଝରେ ପୁଣି
ମୋ ଆଖି କୋଣରେ ।

ଫରକ୍ ଅନେକ ଆମ
ଦୁହିଁଙ୍କ ଭିତରେ
ଫରକ କାହିଁ ନ ହେବ
ଏ ଲୁହ ଭିତରେ
ଯୋଉ ଲୁହ ଝରିଥିଲା
ମୋ ପାଇଁ ସାଥିରେ
ଭିଜା ଆଖି କହେ
ମିଛ ଆଜିର ଲୁହରେ ।

ପ୍ରେମର ବଜାରେ
ଆଜି ଲୁହ ଲାଗେ ଶସ୍ତା
ତୋ ପାଇଁ ମୁଁ ଭୁଲିଥିଲି
ମୋ ଜୀବନ ରାସ୍ତା ।
ଆଜି ତୋର ଏଇ ଲୁହ
ମୋ ହୃଦୟ କିଣି
ବିକିଦେଲା କାହା ପାଖେ
ସବୁ ଜାଣିଶୁଣି...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଣେଷ ବନ୍ଦନା



କ୍ଷମାନିଧି ସାହୁ

ଜୟ ଗଜାନନ     ପାର୍ବତୀ ନନ୍ଦନ
ଏକଦନ୍ତ ଦୟାମୟ
ତବ ଶୁଭାଶିଷେ     ପ୍ରଦୀପରେ ହସେ
ଜ୍ଞାନବହି ମୂର୍ଖଗଣ୍ଡ
ଆହେ ଅପର୍ଣ୍ଣା ସୂତ...
ନିତି ବୋଲଇ ତୁମ୍ଭରି ଗୀତ । ୧

ହୈମବତୀ ଅଂଶେ     କୃତ୍ତିବାସ ବଂଶେ
ଜନମ ଲଭିଲ କୋଳେ
ଚତୁଃହସ୍ତଧାରୀ     ଦୈତ୍ୟଙ୍କୁ ସଂହାରୀ
କ୍ଷୀତିରକ୍ଷା ତୁମ୍ଭବଳେ
ହେଲ ବିଘ୍ନରାଜନ...
ସର୍ବବିପତ୍ତି କଲ ଦମନ । ୨

ମାତାଙ୍କ ଆଜ୍ଞାରେ     ବାସ ଜଗିବାରେ
ପିତାଙ୍କୁ କଲ ବାରଣ
ଫଳରୂପେ ନିଜେ     ବାରଣ ମସ୍ତକେ
ହେଲ ଯେ ଅବତାରଣ
ଆହେ ବିଘ୍ନନାଶନ...
ଘେନ ଆମ୍ଭ ଭକ୍ତି ଦିଅ ଜ୍ଞାନ । ୩

ଆହେ ବିନାୟକ     ମଥାରେ ତିଳକ
ବାହାନ ମୂଷିକରାଜ
ବିଚଳିତ ମନ     ସାତ୍ତ୍ୱିକ
ଭୋଜନେ
ଆହାର ହୋଇଛି ସଜ
ତୁମ୍ଭ ଲମ୍ବ ଉଦର...
ତେଣୁ ନାମ ତବ ଲମ୍ବୋଦର । ୪

ଗଣେଷ ନାମରେ     ଗଣାଧିପ ନାମେ
ଅବତୀର୍ଣ୍ଣ ଅଚଳାରେ
ଭାଦ୍ରବ ମାସରେ     ଚତୁର୍ଥୀର ବାରେ
ତୁମ୍ଭରି ଆଶିଷ ଝରେ
ଆଶ୍ରା ତୁମ୍ଭ ପୟର...
ବୁଦ୍ଧିଦିଅ ଜଣାଣ ଆମ୍ଭର । ୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଶ୍ନ - ସନ୍ଦେହ



ସନ୍ତୋଷ କୁମାର ବାରିକ

ନିଜକୁ ଛଳନା କରି ଭଲ ପାଇବାକୁ
ବୟସର ଭୁଲ ଆଖ୍ୟା ଦେଇ
ମନକୁ ସଂକୁଚିତ କରିବାରେ
ଭଲା କି ଲାଭ ପାଅ ତୁମେ ?

ସେ ବିରହ ଲୋତକ ଧାରାକୁ
ଟଳଟଳ ଆଖି ପରଦା ପଛରେ
କେତେ ଦିନ ଆଉ ଏମିତି
ଅଟକାଇ ରଖି ପାରିବ ?

ପରିତ୍ୟକ୍ତ ଅତୀତକୁ ଖଙ୍ଗାଳି,
କ୍ଷୁଦ୍ର ମନ ନୌକାଟିକୁ
ଅଶାନ୍ତ ସମୁଦ୍ର ଝଡ ଭିତରକୁ ଠେଲି
ଭଲା ତୁମ ହୃଦୟକୁ ସନ୍ତୋଷ ମିଳେ କି ?

ଅଯଥା ଅଭିମାନର ଅବଧି
ଶେଷ ହେବା ପରେ ମଧ୍ୟ ଯଦି
ମନରେ କିଛି ପ୍ରଶ୍ନ-ସନ୍ଦେହ ଥାଏ
ତାହେଲେ ନିଃସଙ୍କୋଚ ପଚାରୁନ କାହିଁକି ?

ଖାଲି ଅକାରଣେ ସ୍ମୃତି ପୃଷ୍ଠାର କିଛି
ପାଦ ଚିହ୍ନକୁ ଆଗ ପଛ କରି
ଭୌତିକ ପରିବର୍ତ୍ତନ କରିବା
ବର୍ତ୍ତମାନ ପାଇଁ ସମ୍ଭବ କି ?

ତାହେଲେ, ଏ ନିଷ୍ଠୁର ଅସହନୀୟ
ନିରବ ଯନ୍ତ୍ରଣାର ଅଭିଶାପ
ତୁମେ କାହା ପାଇଁ ଦିଅ ଆଜି ?

ଦୁର୍ଗାନଗର, ଝାରସୁଗୁଡ଼ା
ଓଡ଼ିଶାଭ୍ରାମ୍ୟଭାଷ : ୮୦୧୮୦୧୨୭୩୯

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ବ୍ୟାଙ୍କ୍ କର୍ମଚାରୀ



ପ୍ରସନ୍ନ କୁମାର ବଳ

ପେଷା ଓ ନିଶା ତ ମାନବ ଜୀବନେ ମୁଦ୍ରାର ଦୁଇଟି ପାର୍ଶ୍ୱ
ପେଷା କରିବାଟା ନିଶାପରି ସତେ ମନେ ଦିଏ କେତେ ହର୍ଷ । ୧
ସଂସାର ମଧ୍ୟରେ ବଞ୍ଚିବାର ଲାଗି ପେଷା ଅଟେ ଅନିବାର୍ଯ୍ୟ
ଭିନ୍ନ ଭିନ୍ନ ପେଷା କରିଥାଏ ସର୍ବେ ନିଜ ଲକ୍ଷ୍ୟ ରଖି ଧାର୍ଯ୍ୟ । ୨
କିଏ କରେ ସରକାରୀ ପେଷା ପୁଣି କିଏ ବା ବେସରକାରୀ
ସର୍ବେ କିନ୍ତୁ ନିଜ ପେଷା ପ୍ରତି ପୁଣି ଲଗାନ୍ତି ପ୍ରେମର ଡୋରୀ । ୩
ମନ ଖୁସିକରି କର୍ମ କଲେ ପୁଣି ମିଳଇ ପରମତୃପ୍ତି
ଲୋକଙ୍କର ସେବା ମହାପୁଣ୍ୟ ଅଟେ ମନରେ ମିଳଇ ଶାନ୍ତି । ୪
ସବୁ କର୍ମପରି ବ୍ୟାଙ୍କ କର୍ମଚାରୀ କରିଥାଏ ନିଜ କର୍ମ
ଦେଶର ପ୍ରଗତି ପଥରେ ସେ ପୁଣି ନିଭାଏ ନିଜର ଧର୍ମ । ୫
ଗ୍ରାମ ଗ୍ରାମାନ୍ତରେ ପାହାଡ଼ ମଧ୍ୟରେ ଅବା ପର୍ବତ ଶିଖରେ
ଗ୍ରାହକ ସେବାରେ ନିବୃତ୍ତ ରହି, ରହେ ଜନମାନସରେ । ୬
ଗ୍ରାହକ ସେବାରେ ବ୍ୟାଙ୍କ କର୍ମଚାରୀ ରହିଥାଏ ତ ସଜାଗ
ସବୁ ପ୍ରକାରର ସେବା ତ ଯୋଗାଇ ମନରେ ପାଏ ସନ୍ତୋଷ । ୭
କରୋନା ଡରରେ ସାରା ବିଶ୍ୱ ଆଜି ଗୃହମଧ୍ୟେ ଯେବେ ବନ୍ଦୀ
ବ୍ୟାଙ୍କ କର୍ମଚାରୀ ଅତ୍ୟନ୍ତ ତତ୍ପର ଆଶୁ ସେବାଦେବା ଲାଗି । ୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନ ସାଧାରଣ ଜୀବିକା ଯାଇଛି ଏହି ଘଡ଼ିସନ୍ଧି କ୍ଷଣେ

ଗରୀବ ଜନତା ଗୃହେ ଆଜି ବନ୍ଦୀ ଜୀବିକାର ପ୍ରତିଦାନେ । ୯

ବିଚାରା ମଣିଷ ବଞ୍ଚିବ କିପରି କିଛି ରୋଜଗାର ନାହିଁ

ସରକାରୀ ସାହାଯ୍ୟ ତ ଏକ ରାସ୍ତା ଜୀବନ ବଞ୍ଚିବା ପାଇଁ । ୧୦

ସାହାଯ୍ୟ ତ ଯେତେ ସ୍ୱଳ୍ପ ହେଉପଛେ ରାହା ଏହି ମୁହୂର୍ତ୍ତରେ

ସିଧା ସଳଖ ତ ଗ୍ରାହକର ନାମେ ଜମା ହୋଇ ଯାଇଥାଏ । ୧୧

ସେଥିପାଇଁ ପରା ପ୍ରତି ଶାଖା ଆଗେ ଲମ୍ବା ଲମ୍ବା ଲାଗେ ଧାଡ଼ି

ସାମାଜିକ ଦୂରତାକୁ ଭୁଲିଯାଇ ଗ୍ରାହକ ଆସନ୍ତି ମାଡ଼ି । ୧୨

'ଅନ୍ନ ଚିନ୍ତା ଚମତ୍କାରଃ' ଯାହାପାଇଁ ସୁରକ୍ଷା କଥା ନ ଭାବେ

ବିଚାରା ବ୍ୟାଙ୍କର କର୍ମଚାରୀଟିର ସୁରକ୍ଷା କିଏ ପଚାରେ ? ୧୩

ସେବା ଦେବା ଯା'ର ଜୀବନର ବ୍ରତ, ଚାକିରୀର ମୂଳ ଲକ୍ଷ୍ୟ

ଯେତେ ସେବା ଦେଲେ ଗ୍ରାହକ ବୁଝେନା, ଆଶା ହୁଏନାହିଁ ପୂର୍ଣ୍ଣ । ୧୪

ରକ୍ତ ମାଂସଧାରୀ ମାନବ ଜାତିର ଆଶାର ତ ଅନ୍ତ ନାହିଁ

କିବା କରିପାରେ ବ୍ୟାଙ୍କ କର୍ମଚାରୀ ଖାଲି ଚେଷ୍ଟା କରିଥାଇ । ୧୫

ବ୍ୟବସାୟ ଲକ୍ଷ୍ୟ ଏତେ ଉଚ୍ଚଥାଏ ପୂରଣ କରିବା କଷ୍ଟ

ବଦଳରେ ପୁଣି ଚିନ୍ତା କରି କରି ହୁଏ ସ୍ୱାସ୍ଥ୍ୟ କେତେ ନଷ୍ଟ । ୧୬

ପାଞ୍ଚ ବରଷରେ ଦରମା ବଢ଼ିବା ପ୍ରଥା ପୁଣି ରହିଥାଏ

କେତେ ରକ୍ତ ଦେଇ, ସଂଗ୍ରାମ କରି ନ୍ୟାଯ୍ୟ ଦାବୀ ବି ନ ପାଏ । ୧୭

ସରକାରଙ୍କର ସବୁ ଲକ୍ଷ୍ୟପୁଣି ଜନତାର ସେବାପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟାଙ୍କ ହିଁ ମାଧ୍ୟମ ସବୁ କିଛି ପୁଣି ଲାଗୁ କରିବାର ପାଇଁ । ୧୮

ଏତେ କାମ ସବୁ କରଇ ସେମାନେ ଏହି ବିପର୍ଯ୍ୟୟ କାଳେ

କେବେ କେହି କିନ୍ତୁ ଏହି କାମ ପାଇଁ ପ୍ରଶଂସା କରିନଥାଏ । ୧୯

କେବେ କା'ର ଯଦି ମୃତ୍ୟୁ ହୋଇଯାଏ, ସେବା ଦେବା ଅନ୍ତରାଳେ

କରୋନା ଯୋଦ୍ଧାର ମୁକୁଟ ପାଏନା, ସଂସାର ଉଜୁଡ଼ିଯାଏ । ୨୦

ହେଲେ ମୁଁ କହିବି, ସବୁ ଚାକିରୀଠୁ ବ୍ୟାଙ୍କ ଚାକିରୀ ହିଁ ପୂଣ୍ୟ

ଜନସେବା କରି ସବୁ କର୍ମଚାରୀ ଜୀବନକୁ କର ଧନ୍ୟ । ୨୧

ସାବାସ, ବାହାବା ଦରକାର ନାହିଁ, କେଉଁ ସରକାର ଠାରୁ

ଗ୍ରାହକ ସନ୍ତୋଷ ସର୍ବୋପରି ସତେ ମନେ ଉଙ୍କି ମାରୁଥାଉ । ୨୨

ଉପ-ମହାପ୍ରବନ୍ଧକ

ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ

କୋଲକାତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୃକ୍ଷ



ଭକ୍ତବନ୍ଧୁ ବିଶ୍ୱାଳ

ବୃକ୍ଷ ହିଁ ଜୀବନ କରିବା ରୋପଣ
ଆସ ହେ ବାଳକଗଣ,
ଭାଇ ଓ ଭଉଣୀ ନାଚି ଗୀତଗାଇ
କରିଣ ଆନନ୍ଦ ମନ ।

ଆମ ବିଦ୍ୟାଳୟେ ଲଗାଇ ଗରବେ
ପାଇବା ଯେ ଅମ୍ଳଜାନ
ଇତର ଠୁ ପ୍ରାଣୀ ପାଇ ଶୁଦ୍ଧ ବାୟୁ
ସ୍ୱଚ୍ଛ ଜୀବନ ପବନ ।

ଆଜି ଛୋଟ ଚାରା କାଲି ହିଁ ପସରା
ଶାଖା ପ୍ରଶାଖା ଯେ ହସେ
ପତ୍ର ପୁଷ୍ପ ଫଳ ହସର ଜୁଆର
ଏଇତ ସଂସାର ଭାଷେ ।

ଏ ଜୀବ ବ୍ରହ୍ମାଣ୍ଡ ଆତପେ ପ୍ରଚଣ୍ଡ
ଶୀତଳ ସମାରେ ଶାନ୍ତ
ପଥିକ ପଥରେ ସୁଶାନ୍ତି ଜୀବନେ
ଲଭଇ ଲାଘବ କ୍ଳାନ୍ତ ।

ଘସିଏନ୍, ପାଟନାଗଡ଼, ବଲାଙ୍ଗିର
ଭ୍ରାମ୍ୟଭାଷ : ୯୩୪୦୯୫୯୮୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୂଳ



ସୁବାସ ଚନ୍ଦ୍ର ମୁଦୁଲି

ଅନାମ ତୋ ନାମ

ନାମ କାଳିଆ

ଅରୂପ ତୋ ରୂପ

ରୂପ କାଳିଆ

ନାମ ରୂପ ରସ ଗନ୍ଧ ତୋର ବଢିଆ

ଗାଳି ମୁଁ କରିଛି

ଗୁହାରି କରୁଛି

ନାହିଁ ଚାଳ କୂଳ

ଆଶ୍ରା ତୋର କୂଳ

ଯେଉଁ କୁଳେ ଲଗା

ନିଳାଚଳ ଅବା ସୁନ୍ଦରାଚଳ

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟ , ସମ୍ବଲପୁର
ମୋ - ୯୪୩୭୭୮୧୦୫୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଙ୍ଗରୋଧ କେନ୍ଦ୍ରର ସ୍ମୃତି



କୈଳାଶ ଚନ୍ଦ୍ର ସାହୁ

ସଙ୍ଗରୋଧ କେନ୍ଦ୍ର ନୁହେଁ
ସେ ତ ଜେଲ ଖାନା,
ଦିନ ରାତି କେମିତି କଟେ
ତାହା ମୁଁ ଜାଣେନା ।
ଦିନ ପରେ ଦିନ ଗଣୁଥାଏ
ଗୋଟିଏ କୋଠରୀ ଭିତରେ ବସି,
କେମିତି ଯିବ ଯେ ଚଉଦ ଦିନ
ତାହା ଭାବୁଥାଏ ବସି ।
ପ୍ରଥମ ଦିନ ର ଅଚିହ୍ନା ଅଜଣା ଚେହେରା
କେମିତି ଲାଗେ ଯେ ଅତି ନିଜର,
ଚାରି ପାଞ୍ଚ ଦିନ ରହଣି ଭିତରେ
ତାହା ବି ମୁଁ ଜାଣେନା ।
ଘର ଲୋକ ଙ୍କ ବ୍ୟସ୍ତତା
ସାଙ୍ଗ ସାଥି ଙ୍କ ଚିନ୍ତା,
ସମସ୍ତଙ୍କ ମନ ରେ ଗୋଟିଏ ପ୍ରଶ୍ନ ?
କେମିତି କଟୁଛି ମୋ ଦିନ !

ମୋର କିନ୍ତୁ ଦିନ କଟିଯାଏ
ଗୋଟେ ସେଜ ରେ,
ଗାଁ ସଙ୍ଗରୋଧ କେନ୍ଦ୍ର ରେ
ଘର ସଂସାର ଆଉ ସାଙ୍ଗ ସାଥି,
କଥା ଭାବି ଭାବି ଦିନ କଟିଯାଏ
ତାହା ମୁଁ ଜାଣିପାରେନା ।
ଏହାରି ଭିତରେ କରୋନା ର ଭୟ,
ମନ ରୁ ଯାଏ ଚାଲି
ଘରକୁ ଯିବା ର ଖୁସି
ତାହା ବି ଜାଣିପାରେନା ।
ତାହା ବି ଜାଣିପାରେନା
ତାହା ବି ଜାଣିପାରେନା.......

ବେଳବାହାଳି, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଜିଲା ଶ୍ରାବଣ



ଶୁଚିସ୍ମିତା ଗୌଡ଼

ଟୋପି ଟୋପି ଜଳ ବୁନ୍ଦା ତ ପଡେ ନାହିଁ ଝରି
ଧାରା ଶ୍ରାବଣ ସତେ ମନୁ ଯିବକି ପାସୋରି ।
ବଇଶାଖ ଗଲା , ଜ୍ୟେଷ୍ଠ ବି ତ ଗଲାଣି ସରି
ଆସିବ ଆଷାଢ ବୋଲି ଆଶାହେଲା ସଞ୍ଚରି
ବରଷିବ ଜଳରାଶି ତୃପ୍ତି ଲଭିବ ଧରା
ଶ୍ରାବଣରେ ବହିଯିବ ବାରି ଧାରାକୁ ଧାରା ।
ଚାହୁଁ ଚାହୁଁ ଆସି ଉପନ୍ନିତ ହେଲା ଭାଦ୍ରବ
ମିଳିଲାନି ଟିକେ ଜଳ ପ୍ରାଣୀଏ ପ୍ରକମ୍ପିତ ।
ବଦଳିଲା ପାଣିପାଗ ବଦଳିବ ଜୀବନ
ଭଳିକି ଭଳି ରଙ୍ଗେ ଧରା ହେବ ମଗନ ।

ବର୍ଷା ଋତୁରେ ନାନା କୀଟ ହୁଅନ୍ତି ଉତ୍ପନ୍ନ
ଦେଖିବାକୁ ସୌନ୍ଦର୍ଯ୍ୟ ସମ୍ପଦ ମନ ଉଚ୍ଛନ୍ନ ।
ବେଙ୍ଗଫୁଲା , ପ୍ରଜାପତି ଓ ସାଧବ ବୋହୁଟି
ସଜାଅନ୍ତି ପୃଥ୍ୱୀକୁ ନିଜ ସ୍ନେହ ପ୍ରେମ ବାଣ୍ଟି ।
ଗାଁ ଦାଣ୍ଡ ମଣ୍ଡି ହୁଏ କାଗଜ ଡଙ୍ଗାରେ
ଧରଣୀ ହସିଉଠେ ନାନା ଶସ୍ୟର ସମ୍ଭାରେ ।
ଦେଖିବାକୁ ଶିରୀ ମନେ ଇନ୍ଦ୍ରୀୟଙ୍କ ମେଳଣ
ଆଷାଢ଼ ଗଲା ପୁଣି ହଜିଲା କି ଶ୍ରାବଣ ।

ଶିକ୍ଷୟିତ୍ରୀ
ସ. ନୂ. ଉ. ପ୍ରା. ବି. ଲୁଚୁକିବାହଲ
ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଗଷ୍ଟ ପନ୍ଦର



ଚନ୍ଦ୍ରଶେଖର ଗୌଡ଼

ଅଠର ଶହ ମସିହାର କଥା
ଗୋରା ସାହେବ ମାନେ ଭାରତକୁ ପାତି ଆସିଲେ ମଥା ।
ଭାରତକୁ ଆସିଥିଲେ କରିବା ପାଇଁ ବାଣିଜ୍ୟ ବେପାର
ମଉକା ଦେଖି ଛଡ଼ାଇ ନେଲେ ଆମ ଶାସନ ଭାର ।
ହୀରା, ନୀଳା , ମୋତି, ମାଣିକ୍ୟ ଆଉ ଯେତେ ରତ୍ନ
ଲୁଟିନେଇ ଛାଡିଗଲେ କରି ଦେଶକୁ ଉଲଗ୍ନ ।
କଲେ ଯେତେ ଅତ୍ୟାଚାର ଆଉ କେତେ ଶୋଷଣ
ମହାପୁରୁଷ ମାନେ ଦେଖି ରାଗରେ ଜର୍ଜରିତ ହେଲେ ଭୀଷଣ ।
ଗୋପବନ୍ଧୁ, ସୁବାଷ ଚନ୍ଦ୍ର ବୋଷ ଓ ବଲ୍ଲଭ ଆଚାର୍ଯ୍ୟ
ନିଜ ଦକ୍ଷତା ବଳରେ ଗୋରାଙ୍କୁ କରିଲେ ଆଶ୍ଚର୍ଯ୍ୟ ।
ମହାତ୍ମା ଗାନ୍ଧୀ ଯେ ଆମ ଜାତିର ପିତା
ତାଙ୍କରି ଆନ୍ଦୋଳନ ସହ୍ୟ ନକରିପାରି ଗୋରାଏ ପିଟିଲେ ମଥା ।
ଶେଷରେ ଅସହ୍ୟ ହୋଇ ଛିଣ୍ଡାଇଲେ କେଶ
ସାତ ନଦୀ ସାତ ସମୁଦ୍ର ଡେଇଁ ଚାଲିଗଲେ ନିଜ ଦେଶ ।
ଉଣେଇଶ ସତଚାଳିଶି ମସିହା ଯେ ଥିଲା
ଅଗଷ୍ଟ ପନ୍ଦର ତାରିଖ ଯେ ହୋଇଥିଲା ।
ସମଗ୍ର ଭାରତ ବର୍ଷ ଉଠଇ ପଡ଼ଇ
ଗର୍ବ ରେ ଭାରତୀୟ ଛାତି ଫୁଲି ଉଠଇ ।

ଦଶମ ଶ୍ରେଣୀ, ବୀରମହାରାଜପୁର, ସୋନପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଳିଟିଏ ପ୍ରଭୁ



ସରୋଜିନୀ ଦାସ

ଆହେ ପ୍ରଭୁ ଚକାନୟନ
କାହିଁକି ରହିଛ ଏତେ ମଉନ ।
କରୋନାର ଲୀଳା ଦେଖି କି ପାରୁନ ?
ସାରା ବିଶ୍ୱଟାକୁ କରୁଛି ଦମନ ।
ଧୀରେ ଧୀରେ ବଢି ଚାଲେ ତା ପ୍ରକୋପ,
ପୋକମାଛି ପରି ମରୁଛନ୍ତି ଲୋକ ।
ମାୟାରୂପୀ ଭୂତାଣୁଟି ଯାହାକୁ ଗ୍ରାସୁଛି
କି ଦୟନୀୟ ଅବସ୍ଥା ତାର ଯେ ହେଉଛି !
ମରିପଡିଥିଲେ ପଚାରୁନାହାନ୍ତି ,
ପରିବାର ଲୋକେ କେହି ନ ଆସନ୍ତି ।
କି ଦଷା ହେଲା ଏ ମଣିଷର ଆଜି ,
ମାନବିକତାର ମୂଲ୍ୟବୋଧ ଗଲାଣି ହଜି ।
ଏମିତି କଣ ପାପ କମ୍ ଥିଲା ପ୍ରଭୁ ?
ତା ଉପରେ ପୁଣି କରୋନାର ଦାଉ !
କଳିର କରାଳ ତାଣ୍ଡବ କେତେ ଯେ ସହିବୁ,
କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିଯାଏ ସବୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭକତର କଥା କଣ ମନେ ପଡୁନାହିଁ ?

ଆଉ କେତେ ଦିନ ରହିବ ମୂହଁ ଲୁଚାଇ ?

କାହାକୁ ଅପେକ୍ଷା କରି ବସିଛ,

ଚକା ଡୋଳା କାହିଁ ବୋଲାଇଛ ?

ସବୁ ଦେଖି ଶୁଣି ନୀରବେ ବସିଛ,

ଚାରିପଟେ ହାହାକାର କେମିତି ସହୁଛ ?

ଆସ ପ୍ରଭୁ ଧରାପୃଷକୁ ଓହ୍ଲାଇ ,

ଶଙ୍ଖ ଚକ୍ର ଗଦା ପଦ୍ମ ହସ୍ତେ ନେଇ ।

ବିନାଶ କର ହେ କରୋନାର ଭୟ,

ତମ ମାନବସମାଜର ହେଉ ଜୟ ।

କଲ୍ପକ୍କମ୍, ତାମିଲନାଡୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀଭାଇ



ଆଲୋକ କୁମାର ସାହୁ

ଚାଷୀ ଅଛି ଯାହାର,
କେତେ ସୁଖ ତାହାର ।
ଦେବତାଙ୍କଠୁ କମ୍ ନୁହେଁ,
ଦିଏ ସଭିଙ୍କୁ ଆହାର ।

ଦେଶର ବୀର ଯୋଦ୍ଧା ଟି ସିଏ
ତା ପାଇଁ ସାରା ସଂସାର ଯିଏ,
ଭୁଲ ନାହିଁ ତାକୁ କେହି
ସେ ପରା ଆମ ଚାଷୀ ଭାଇ ।

ସପନେ ରାଇଜ ଭରା ତାର ମନ
ଚାଳ ଘରେ ତାର ଦେଖାଯାଏ ଜହ୍ନ ,
ଭୁଲ ନାହିଁ ତାକୁ କେହି
ସେ ପରା ଆମ ଚାଷୀ ଭାଇ ।

ସକାଳୁ ପହରୁ ହଳ ନେଇଯାଏ,
ତୋରାଣି ମୁନ୍ଦିଏ ପି ,
ସଭିଙ୍କ ମୁହଁରେ ହସ ଭରିଦିଏ
ଦାନା ମୁହଁରେ ଦେଇ ।

ମୁଣ୍ଡରେ ପଗଡ଼ି ହାତରେ ବାଡି
ଡଗ ଡଗ କରି ଯାଉଛି ମାଡି ,
ହାତରେ ଲଙ୍ଗଳ କଣ୍ଟିକି ଧରି
ଜମିରେ ଚଷୁଛି ହଳ ଧରି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାସି ପଖାଳ କୁ ଆମ୍ବୁଲ ଖଟାରେ
ପୂରିଯାଏ ତାର ପେଟ ,
ଦିନରାତି ପୁଣି କରୁଥାଏ ସେ
ମଣିଷ ପାଇଁକି ନାଟ ।

ଖରା,ବରଷାରେ ଖଟିଥାଏ ସେ
ଦେହକୁ କରି ପଥର,
ସଭିଙ୍କ ମୁହଁରେ ଦେବାପାଇଁ
ମୁଠିଏ ଆହାର ।

ଚାଳ ଛପରାରେ ରହେ ତାର
ଛୋଟ ପରିବାର,
ବରଷା ରାତିରେ ରହିଥାଏ
ନୀତି ସେ ଉଜାଗର ।

ରୋଗପୋକରେ ଫସଲ ମରେ ତା
ଦିଏ ମୁଣ୍ଡରେ ହାତ,
ଓଳିଏ ଖାଇଲେ, ଓଳିଏ ଉପାସ
ପାଏ ନାହିଁ ମୁଠେ ଭାତ ।

ଫସଲ ନଷ୍ଟ ରେ ଭାଙ୍ଗିପଡେ ସେ
ହେଲେ କେବେ ହାରେ ନାହିଁ,
ଦୁନିଆରେ କେବେ ଏମିତି ଲୋକକୁ
କେଉଁଠି ଦେଖିଛ ଭାଇ ?

ସେ ପରା ଆମରି ଚାଷୀ ଭାଇ ।
ପିନ୍ଧାଇପାରେନି ଭଲ ବସ୍ତ୍ରଟିଏ ସ୍ତ୍ରୀ, ପିଲାକୁ ,
ଅମଳ ଟଙ୍କା ସବୁ ଦେଇଦିଏ ସାହୁକାରକୁ ।
ଋଣ କରଜରେ ବୁଡି ରହିଥାଏ

ସମସ୍ତଙ୍କୁ ଖୁସି ଦେଇ,
ଏପରି ଲୋକଙ୍କୁ କିଏସେ ଜାଣିଛ
ସେ ପରା ଆମ ଚାଷୀ ଭାଇ ।
ମାଟିର ମଣିଷ, ମାଟି ସଙ୍ଗେ ମାଟି ହୋଇ
କେବେ ଅଣଦେଖା କର ନାହିଁ ତାକୁ ଭାଇ ।

ବିଧାରପୁର, ଗନ୍ଦିଆ, ଢେଙ୍କାନାଳ
ଭ୍ରାମ୍ୟଭାଷ : ୬୩୭୦୬୫୮୫୫୨

Magazine Downloaded from www.aahwaan.com

# ଚିତ୍ରପଟ



କିଶୋର ମହାନ୍ତି

ତୁ କଲ୍ଲୋଳିନୀ ପୂର୍ଣ୍ୟତୋୟା...
ଅସୀମ ଆଲୋକର ବର୍ଣ୍ଣିଳ ଉଦ୍‌ଭାସ
ଜୀବନର ମରିଚୀକା ପଥେ
ତୁ ସତେ ଅନ୍ତହୀନ ଶୋଷ...
ସଂପର୍କର ଆଉ ବିଶ୍ୱାସର ତୁ ଲୟ ଓ ବିଲୟ
ପାହାଣ କେଦାର ଧୁନର ତୁ ବିସ୍ମୟ ଅନୁପମ ରାଗ
ପଥଶ୍ରାନ୍ତ ପଥିକର ଅପହଞ୍ଚ ଦୂର ଦିଗବଳୟ ।
କେବେ ବର୍ଷଣମୁଖୀ ସଂଜର
ତୁ କୃଷ୍ଣକାୟ ମେଘ
ବଂଶୀର ଧୂନଟିଏ ଶୀତଳ ଜ୍ୟୋସ୍ନାରେ
ତୁ ସତେ ଚେନାଏ ରାଧା ପ୍ରେମଭାବ,
ମାଟିର ବାସ୍ନା ପରି ବିଭୋରିତ ମନ ତୋର
କେତେବେଳେ ଫାଜିଲ ମୌସୁମୀ
କେତେବେଳେ ମଧୁମାଳତୀ ମଳୟ... ।
ତାପିତ ନିଦାଘ ଶେଷେ ତୁ
ଐଦାର୍ଯ୍ୟ ପ୍ରାକୃତ
ଆଶାର ଆଆଶେ ତୁ ଇନ୍ଦ୍ରଧନୁର ଚିତ୍ରିତ ଚିତ୍ରପଟ
ସମୁଦ୍ରର ନୀଳ ଉର୍ମିମାଳା ତୁ
ତୁ ଲାଗୁ ସତେ ଯେମିତି
ବିସ୍ମୟ ପ୍ରଗଳ୍ଭ ସମୟ...

ଇ/୫୦, ସେକ୍ଟର ୭, ସିଡ଼ିଏ, କଟକ
ଭ୍ରାମ୍ୟଭାଷ : ୯୪୩୭୭୨୮୪୭୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଲକର ସ୍ୱପ୍ନ



ସରୋଜ କୁମାର ସାହୁ

ତୁମେ ଆସିବାର ବାହାନାରେ ଆଣିଥିଲ
ମେଞ୍ଚାଏ ଶୀତଳ ସ୍ପର୍ଶ
ପ୍ରଚଣ୍ଡ ରୌଦ୍ରତାପରେ ବି
ଥୁଣ୍ଟାଗଛରେ କଅଁଳି ଯାଇଥିଲା ସବୁଜପତ୍ର
ବହିଥିଲା ମଳୟର ସୁଅ
ଶୀତଠାରୁ ଢେର ଅଧିକ
ମିଠା ମିଠା ଶୀହରଣର ବର୍ଷାଟୋପା ।

ପଲକର ସ୍ୱପ୍ନ ଆଖି ଧାରଦେଇ
ଛୁଇଁଯାଇଥିଲା ହୃଦୟକୁ
ଖୋଜୁଥିଲା ସାତସୁରର ଝଙ୍କାର
ଉଷ୍ମତା ଭରି ଯାଇଥିଲା ଅପେକ୍ଷାରେ
କାନ୍ଥ ବି ଆଙ୍କୁଥିଲା ତମର ଗଭାସଜ୍ଜିତ
କେଶର କମନୀୟ ପ୍ରତିବିମ୍ବ ।

ସ୍ୱପ୍ନ ହେଉ କି ବାସ୍ତବ
ସୁସଜ୍ଜିତ ରଙ୍ଗୀନ ଫୁଲର ଶେଯରେ
ଅପେକ୍ଷାରତ ପକ୍ଷୀ ସାଜି
ସାଉଁଟୁଥିଲି ତାରାମେଳିରେ ଜହ୍ନଟିର
ରୋମାଞ୍ଚକର ଅନୁଭବ
ସେ ନୀଡ ହେଉ କି
ମେଘାଛନ୍ନ ଆକାଶର କ୍ଷୀଣ ଆଲୁଅ ।

ଆଠଗଡ଼, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ସଇରାତ୍ ସତ୍ୟଜିତ

ବର୍ଷା ! ବର୍ଷା ! ଚାରିଆଡ଼େ ବର୍ଷା !
ନିଦାଘର ବୁକୁ ତଳେ ରୌଦ୍ରର ବର୍ଷା
ଫଗୁଣର ପହିଲି ସ୍ପର୍ଶରେ ପ୍ରୀତିର ବର୍ଷା
ଶୀତର ଚଦର ତଳେ ପ୍ରଣୟର ବର୍ଷା
ମୁଁ ଏଠି ଭିଜେ ! ଆଉ ତୁମେ ସେଠି !
ବର୍ଷା ଏଠି ହେଲେ ବନ୍ୟା ସେଠି !

ତୁମ ଓଠ ସ୍ପର୍ଶରେ
ଅଙ୍କୁରିତ ହୁଏ ଭାବନା ସବୁ
କେହି କିଛି ଜାଣିବା ପୂର୍ବରୁ ହୋଇଯାଏ
ପ୍ରେମ ପ୍ରଣୟର ମହାଦ୍ରୁମ

ତୁମେ ଦୂର ଦିଗନ୍ତରୁ ଉଡି ଆସି
ବସା ବାନ୍ଧି ଦିଅ ମୋ ମନ ଡାଳରେ
ଯେତେ ଚାହିଁଲେ ବି ଦୂରେଇ ପାରେନା
ଆଜି ଭାରି ମୁସ୍କିଲ୍ ମୋ ଜିଇଁବା
ତୁମ ବିନା ! !

ସେ ପ୍ରେମ ପ୍ଲାବିତ ଦିନ ଗୁଡାକ
ଭାରି ଆଜି ମନେ ପଡେ
ମୌସୁମୀ ମେଘ ଇନ୍ଦ୍ରଧନୁର ସାତ ରଙ୍ଗ
ଆଜି କାଇଁ ନୁଖୁରା ଲାଗେ
କଳା ବାଦଲର ବହଳେ କଳା ତଳେ
ଲୁଚି ଯାଏ ଆମ ସମ୍ପର୍କର ସୂର୍ଯ୍ୟ
ଭୁଲ୍ କଲି ଭାବି ପ୍ରେମ
ନିର୍ମାଲ୍ୟ – ମହାର୍ଘ୍ୟ !

ପ୍ରତାରଣା ଅନ୍ତରାଳେ କାହିଁକି ମୁଁ ପ୍ରେମକୁ ଖୋଜିଲି
ଭାବୁଚି ମୁଁ କାହିଁକି ସେ ବର୍ଷାରେ ଭିଜିଲି !

ଅଧ୍ୟାପକ, ଫୁଲବାଣୀ
ମୋ : ୭୦୦୮୭୦୪୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜ୍ୟୋତ୍ସ୍ନା



ଆଭାଞ୍ଜଳି ଶତପଥୀ

ଜହ୍ନର ଶକ୍ତି-ଭକ୍ତି, ତନୁ-ମନ ଭାବ -ଅନୁଭବ,
ଅସ୍ତିତ୍ୱ ତ ତୁମେ ଜ୍ୟୋସ୍ନା ।
ଆଗୋ ଶ୍ୱେତସ୍ନିଗ୍ଧା, ଶୁଭ୍ରସ୍ମିତା, ଶଶାଙ୍କସଜନୀ !
ତୁମେ ତ ସେ ଶୁଭ୍ରାଂଶୁର ସ୍ୱଚ୍ଛତା, ଶୁଭ୍ରତା
ତୁମେ ପୁଣି ଭରି ଦିଅ ତା ଦେହେ ସୁନ୍ଦରତା ।

ସ୍ପର୍ଶେ -ପ୍ରତିସ୍ପର୍ଶେ, ବିମ୍ବେ ପ୍ରତିବିମ୍ବେ ଥାଏ ଯେବେ ନିବିଡତା,
ନାମ ରୂପ ନେଇ ଜନ୍ମେ ପୂର୍ଣ୍ଣିମା,
ପାଇ ପବିତ୍ରତା,
ଧରା ବକ୍ଷେ ଶୀତଳତା,
ପ୍ରଣୟେ ଉଷ୍ମତା ,
ରଜନୀ ଉଜ୍ୱଳେ ସଜ୍ଜିତା,
କୁମୁଦିନୀ ଯୌବନେ ଲଜ୍ଜିତା,
ସୌର୍ଯ୍ୟ ବୀର୍ଯ୍ୟ ଔଷଧୀୟ ତରୁ ପ୍ରସନ୍ନତା,
ପ୍ରୀତିସ୍ନାତା ସାଗରିକା ହୁଏ ଉତ୍ତେଜିତା
ଭୁଲି ସରିତାର ଆଲିଙ୍ଗନ ଆବେଗତା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାନ୍ଦିନୀ ଗୋ ! ଚାଳିକା ତୁମେ ଚନ୍ଦ୍ରମାର ,

ଭାବଭଙ୍ଗୀ, ଅଙ୍ଗ ରଙ୍ଗ ସକଳ କଳାର ,

ଏକ ପକ୍ଷେ ମିଳନ ତ

ପରେ ଯେ ବିରହ ,

ଏକ ପକ୍ଷେ ଆଲୋକ ତ

ତାପରେ ଅନ୍ଧାର,

ବିରହରେ ମିଳନର କାମନା ତ,

ମିଳନରେ ଆସନ୍ନ ବିରହ ବେଦନା,

କାହୁଁ ବୁଝେ ସେ ଶଶଧର

ଏ ଜୀବନଚକ୍ର ର ସତ୍ୟତା ।

ଡକ୍ଟର ଆଭାଞ୍ଜଳି ଶତପଥୀ, ଗବେଷିକା

ଇମେଲ୍ : avanjali@yahoo.co.uk

ଭ୍ରାମ୍ୟଭାଷ : ୯୮୮୪୧୩୪୯୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ବନ୍ଧୁ ବିଦାୟ



ମଞ୍ଜୁରାଣୀ ମିଶ୍ର

ଆମରିରେ ବର୍ଷା

ପୋର୍ଟିକୋ ତଳେ ଆଶା ଆଉ ନିରାଶାର ଲୁଚକାଳି ଖେଳ

ଥାକ ଥାକ କ୍ଲାନ୍ତିର ଗଣ୍ଠିଲି

ଭଙ୍ଗାରୁଜା ସମ୍ପର୍କର ଭାଷା

ବେଳେ ବେଳେ ଦିଶିଯାଉଛି ବେଦନାରେ ଝଲମଲ ସୂର୍ଯ୍ୟ

ପବନରେ ଆଉ କିଛି ବେସୁରା ସଂଳାପ

ଆଶ୍ୱାସନାର ପ୍ରଲେପ

ହାରଜିତ୍ ଧାଁଧଉଡ଼ ଖେଳ ପଶାପାଲିର ଗାଲିଚା

ନିଜକୁ ବାଜି ଲଗାଇ କେଉଁ ଅନ୍ଧମୁହାଣୀ ଛକରେ

ଆତ୍ମୀୟ ସ୍ୱଜନ ବନ୍ଧୁ ପରିଜନଙ୍କ ମେଳରେ

ହଁ ନାହିଁର ଆଲୋଡ଼ନ ଅକୁହା ସ୍ପନ୍ଦନ

ହେ ଠାକୁରେ ମାଗୁଣି ଶୁଣମୋର

କାଳପୁରୁଷର ଲୋମଶ ହାତରେ ଭାଙ୍ଗିଯାଉଛି ଘର

ଧ୍ୱସ୍ତ ବିଧ୍ୱସ୍ତ ଲାଗୁଛି ଜୀବନ

ସରି ସରି ଆସୁଛି ଦିପାଳୀରୁ ତେଲ

ଝାଉଁଳି ଯାଉଛି ମନ ଉପବନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମ୍‌ରିରେ ତୁହାକୁ ତୁହା ବର୍ଷା

ଶୋଷି ନେଉଛି ଜୀବନର ନିଶ୍ୱାସକୁ

ମୁଠା ମୁଠା ବିଶ୍ୱାସକୁ ହଜେଇ ଦେଉଛି

ବାଲି ଦେଉଳଟେ ଗଢୁଛି ମୁଁ ନିଜପାଇଁ

କାଳେ କିଛି ଘଟିଯିବ ଆଚମ୍ବିତ

ଯମୁନାରେ ଉଜାଣି ବହିବ

ଭଙ୍ଗାଘର ଯୋଡ଼ି ହୋଇଯିବ

କିଛି ବି ଘଟୁନି

ହାତ ବଢ଼େଇଲେ ଘୁଞ୍ଚିଯାଉଛି ପଦ୍ମ

ମିଳୁନାହିଁ ସବୁଜ ସଙ୍କେତ

ଲିଭିଯାଉଛି ସବୁ ସମ୍ଭାବନାର ମୁହୂର୍ତ୍ତ

ସରି ସରି ଯାଉଛି ସବୁ ସ୍ୱପ୍ନର ମଧୁର ଗୁଞ୍ଜନ

ଆମ୍‌ରିର ବର୍ଷା ଧୋଇଦେଉଛି ସବୁ ସୁଖ ସିନ୍ଦୁରର ଦାଗ

ଛଡ଼ାଇ ନେଉଛି ଫୁଲରୁ ପରାଗ

ସବୁ ତ୍ୟାଗ ଅନୁରାଗ

ମିଛ ମିଛ ଲାଗୁଛି ତୁଳସୀସ୍ତବକ ଧଣ୍ଡାମାଳ ମାନସିକ ଭୋଗ

ଫେରି ଚାହୁଁଛି ଜୀବନ ନିଜକୁ ଓଲଟା ରାସ୍ତାରେ

ମୋହମାୟା ସଂସାରର କୁହୁଡ଼ି ଘେରରେ

ଏବେ ସବୁ ଶୂନ୍ୟତାର ଧୂସର ପ୍ରାନ୍ତର, ସ୍ୱର୍ଗଦ୍ୱାର ସୀମାନ୍ତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାଆଣିଆ ଖରା ଲିଭିଯାଉଛି ମନ୍ଦିର ଚୂଡ଼ାରେ

ଭେଟି ଦେଉଛି କୁଢ଼କୁଢ଼ ଦୁଃଖର ଦସ୍ତାବେଜ

ନିଷ୍ଠୁର ସମୟ

ହେ ବନ୍ଧୁ ବିଦାୟ, ହେ ବନ୍ଧୁ ବିଦାୟ

ହାଇଦ୍ରାବାଦ, ତେଲେଙ୍ଗାନା

ଭ୍ରାମ୍ୟଭାଷ : ୭୩୮୧୨୭୫୭୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ସହଦେବ ପ୍ରଧାନ

ରାଗ: - ଚୋଖି

ତୁହିମା ଜନମ ଭୂମି – ବୃତ୍ତେ

ଆଷାଢ ଶ୍ରାବଣ ମାସ     ବର୍ଷା ପାଇଁ ସେ ବିଶେଷ
ଅହର୍ନିଶି ବର୍ଷା ହୁଏ ଯେ ଚଉଦିଶ
ଆକାଶେ ମେଘ ଗରଜ    ବିଜୁଳି ସାଙ୍ଗକୁ ବଜ୍ର
ଏହି ଦୃଶ୍ୟ ଦେଖି କମ୍ପେ ଜନମାନସ
ନଈ ନାଳ ପୋଖରୀ ବନ୍ଧ
ଜଳମଗ୍ନ ହୋଇ କରେ ଅତି ଉନ୍ମାଦ  ।୧ ।

ରାସ୍ତାଘାଟ ଜଳପୂର୍ଣ୍ଣ     ପଥେ ପଥୀକ ବିଷର୍ଣ୍ଣ
ଯାନବାହନ ଗମନେ ହତାଶ ମନ
କ୍ଷୁଧାରେ ବାଛୁରି ଗାଇ   କ୍ଷେତରେ ଘାସ ନ ପାଇ
ଛାଡନ୍ତି ଯେ ହମ୍ବାରଡ଼ି ବିକଳ ହୋଇ
ଦିନ ମଜୁରିଆ ଶ୍ରମିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମରୁ ବଞ୍ଚିତ ହୋଇ ସହଇ ଭୋକ ।୨ ।

କ୍ଷେତରେ କୃଷକଭାଇ  ମନରେ ଉଲ୍ଲାସ ହୋଇ
ମଜ୍ଜିଯାଏ  କୃଷିକର୍ମେ ସଂଙ୍ଗୀତ ଗାଇ
ସାଙ୍ଗେ ଥାଏ ତା ଘରଣୀ ମୁଣ୍ଡରେ ହାତେ ଓଢ଼ଣୀ
ହୁଳହୁଳି ଦେଇ ପରା ରୋପଇ ନେଇ
ନିଜେ ଭୋକ କଷ୍ଟକୁ ସହି
ଜଗତକୁ ଖାଦ୍ୟ ବସ୍ତ୍ର ଦ୍ୟନ୍ତି ଯୋଗାଇ ।୩ ।
ଦେଖ ପର୍ବତ ଉପର  ପୁଚ୍ଛ ବିସ୍ତାରୀ ମୟୁର
ମେଘ ଦେଖି ନାଚେ ହୋଇ ହର୍ଷ ବିଭୋର
ସଞ୍ଜରେ ବେଙ୍ଗ ବେଙ୍ଗୁଲି ଛାଡନ୍ତି କେ କା ବୋବାଳି
ଯେହ୍ନେ ମଦ୍ୟପ ନିଶାରେ ଦିଅନ୍ତି ଗାଳି
ସରୀସୃପ କୀଟ ଅବର
ବୁଲୁଥାନ୍ତି ଏଣେତେଣେ ହରାଇ ଘର ।୪ ।

ବେଳେବେଳେ ବନ୍ୟାଜଳ  ଉଲଙ୍ଘଣ ନଦୀକୂଳ
ମାଡ଼ିଯାଏ  ଅତିବେଗେ ଗ୍ରାମ ସହର
ପଶୁପକ୍ଷୀ  ହନ୍ତସନ୍ତ  ଧନଜନ କ୍ଷତିଗ୍ରସ୍ତ
ବିଧାତାର ଖେଳ ଏହି ଅତି ନିଷ୍ଠୁର


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭିକାରୀ ଯେ ଦୁଃଖ ଆଦରି
ଉପବାସେ ମରେ ଭିକ୍ଷା ନ କରି ପାରି ।୫ ।

ଛତୁ ଯେ ଛତର ପ୍ରାୟେ ଧରାପୃଷ୍ଠେ ଶୋଭାପାଏ
ନାଲିରଙ୍ଗେ ବୁଲୁଥାଏ ସାଧବବୋହୂ
ଡ଼ାହୁକ ଯେ କୁମ୍ଭାଟୁଆ ବଣି କାକ ଶାରୀ ଶୁଆ
ଡ଼ାଳେ ବସି ଯେତେ କଷ୍ଟ କହିବା ନୋହୁ
ଏଇ ସ୍ଥିତି ବରଷା ଦିନେ
ଚିତ୍ତ ଥାଉ ସଦା ଜଗନ୍ନାଥ ଚରଣେ ।୬ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଥୀ ତୁମପାଇଁ



ସୌମ୍ୟରଞ୍ଜନ ପାତ୍ର

ମୁଁ ଯେ ସାଗରର ସଫା ଜଳ
ତମେ ପାହାଡି ଝରଣା ନଈ
କେତେ ଯେ ସପନ ମିଛ ହୋଇଗଲା
ଟୋପାଏ ସିନ୍ଦୁର ପାଇଁ
ମୁଁ ଯେ ସାଗରର ସଫା ଜଳ
ତମେ ପାହାଡି ଝରଣା ନଈ, ଝରଣା ନଈ,
ଝରଣା ନଈ ।

ଫୁଲ ମାଗିଥିଲି ଦିନେ
ତମେ କାନନ ଦେଇଦେଲ
ଏମିତି କେମିତି ପ୍ରିୟା
ମତେ ଭଲ ପାଇଲ
ତମ ପ୍ରେମ ପାଗଳ ମୋ
ମୋର ସେହି ପ୍ରୀତି ପାଇଁ
ମୁଁ ଯେ ସାଗରର ସଫା ଜଳ
ତମେ ପାହାଡି ଝରଣା ନଈ, ଝରଣା ନଈ,
ଝରଣା ନଈ ।

ଭୁଲି ପାରିବିନି ପ୍ରିୟା
ସେ ଫଗୁଣ ମଧୁ ରାତି
କେମିତି ଭୁଲିବି ସତେ
ଆମ ସେ ଅଭୁଲା ସ୍ମୃତି
ଜଳୁଛି ମୁଁ ତୁମ ପାଇଁ
ଜଳୁଥିବି ଦିନ ରାତି
ମୁଁ ଯେ ସାଗରର ସଫା ଜଳ
ତମେ ପାହାଡି ଝରଣା ନଈ, ଝରଣା ନଈ,
ଝରଣା ନଈ ।

ଗ୍ରାମ/ପୋଷ୍ଟ: ଖଡିଅଙ୍ଗ
ଜିଲ୍ଲା: ଯାଜପୁର (୭୫୫୦୪୯)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଲାଦିନ



ଚୈତନ୍ୟ ପ୍ରସାଦ ମେହେର

କାହିଁ ସେଇ ଦିନ...

ଦିନ ଦଶଟା ରେ ସ୍କୁଲ ଆଗମନ

ସନ୍ଧ୍ୟା ଚାରିଟାରେ ଘର ପ୍ରସ୍ଥାନ

ସେଇ ହାପ୍ ପ୍ୟାଣ୍ଟ ପିନ୍ଧା ପିଲା ଦିନ,

ନ ଥାଏ କିଛି ଚିନ୍ତା କି ଧ୍ୟାନ

ଖୋଲା ପଡ଼ିଆର ବିହଙ୍ଗ ମନ ।

କାହିଁ ସେଇ ଦିନ...

ବହି ବସ୍ତାନି ଫିଙ୍ଗି ପଡିଆ ରେ ରେଳ

ହାତ ତିଆରି ବ୍ୟାଟ୍ ରେ କ୍ରିକେଟ୍ ଖେଳ,

ଲୁଚ କାଳି ଖେଳେ ଅହରହ ସାଥି ମେଳ

ସୂର୍ଯ୍ୟାସ୍ତ ପରେ ଯାଇ ଘରେ ସାମିଲ

ଘରେ ପହଂଚୁ ପହଂଚୁ ଖୋଜେ ମା କୋଳ ।

କାହିଁ ସେଇ ଦିନ...

ପେଶା, ପଇସାରେ ନ ଥାଏ ବିଚାର

ଜଣା ପଡ଼େନି କଣ ସେଇ, ଗର୍ବ ଅହଂକାର

ସ୍ନେହ, ଶ୍ରଦ୍ଧା ଖୋଜେ ଚଂଚଳ ମନ ମୋର

ଜେଜେ ମା ର ରାଜା ରାଣୀ ଗପ ସମ୍ଭାର

ସବୁଦିନ ସନ୍ଧ୍ୟା ତା ପାଖେ ଆସର ।

ଦିନ ପରେ ଦିନ ଗଲା ବିତି

ପିଲା ଦିନ ସବୁ ହୋଇଗଲା ସ୍ମୃତି

ଜୀବନର ଶ୍ରେଷ୍ଠ ଅତୀତର ଗତି

ମନେପଡେ ବିନା ତାଳ, ଲୟର ଗୀତି ।

କାହିଁ ସେ ଅଭୁଲା ଦିନ...

କାହିଁ ସେ ପିଲା ଦିନ ...

ସିଂହନପୁର, ପଦ୍ମପୁର

ମୋ : ୮୨୪୯୧୧୫୬୬୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଣ୍ଣାଧାରେ କରୋନା



ଜ୍ୟୋତ୍ସ୍ନାମୟୀ ପଲେଇ

ଅ- ଅକାଳ ମରଣ କାହୁଁ ଗଲା ଆସି
ଭୟରେ କମ୍ପିତ ସାରା ବିଶ୍ୱବାସୀ ।

ଆ – ଆଇଲା କରୋନା ଚାଇନା ପିଚାଶୀ
ବିକଟ ରୂପ ତା ରକତ ପିପାସୀ ।

ଇ- ଇଗଲ ଭଳିଆ ଝାମ୍ପି ପରେ ସତେ
ବିଚାରେ ନା କାହା ଆୟୁଷ ବା କେତେ ।

ଈ- ଈଶ୍ୱର ହିଁ ଏକା ବଞ୍ଚିବାର ସାହା
ନାହିଁ ଆଉ କେହି କହିବାକୁ ଆହା ।

ଉ- ଉତ୍ପାତରେ ତାର ଅସହ୍ୟ ମାନବ
କାହୁଁ ବା ଆସିଲା କୋଭିଡ୍ ଦାନବ ।

ଊ - ଉତ୍ପତ୍ତି ହୋଇଛି ଚାଇନା ମାଟିରେ
କୋଶ କୋଶ ମାଡ଼ିଚାଲେ ପବନରେ ।

ଋ - ଋତୁ ପରେ ଋତୁ ମାସ ପରେ ମାସ
ମାନବ କରେ ତା ନିଷ୍ଫଳ ପ୍ରୟାସ ।

ଏ - ଏଡ଼ିବାକୁ ତା'ର ପ୍ରାଦୁର୍ଭାବ ମାନ
କରୋନା ଆଗେ ସେ ଝିଣ୍ଟିକା ସମାନ ।

ଐ - ଐଶ୍ୱର୍ଯ୍ୟ ସୁଖ ତା ହୋଇଛି ଲୁଣ୍ଠିତ
ପ୍ରକୃତି ଦ୍ୱାରା କି ହୋଇଛି ଶାପିତ ?

ଓ - ଓହ୍ଲି ଆସିଛି କି ସତେ ମହାକାଳ
ଫେରସ୍ତ କରିବ ଆମ କର୍ମଫଳ ।

ଔ - ଔଚିତ୍ୟ କର୍ମର ବାଣ୍ଟିଦେବ ଫଳ
ସତେ କି କରୋନା ରୁଦ୍ର ମହାକାଳ ।

କ - କଲିଜା ଥରୁଛି ରଡ଼ିରେ ତାହାର
ଡରି କି ଘରୁ କେ ନ ହୁଏ ବାହାର ।

ଖ - ଖଟଖଟ କରେ ଦାଣ୍ଡ ଦରଜାରେ
ସତେ ଅବା ମୃତ୍ୟୁ ଜଗିଛି ପିଣ୍ଡାରେ ।

ଗ - ଗନ୍ଧେ ଆଜି ଶବ ନ ହୋଇ ସତ୍କାର
ପୁଅ ଛୁଏଁ ନାହିଁ ଶବକୁ ବାପର ।

ଘ - ଘୋର ଗର୍ଜନ ପୁଲିସୀ ବାବୁର
ଘରୁ ପଦାକୁ କେ ନୋହିବ ବାହାର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚ - ଚକଚକ୍ କରେ ବଜାର ଘାଟ
ସତ ହେଲା ଅବା ସ୍ୱଚ୍ଛଭାରତ ।
ଛ - ଛୁଟି ପରେ ଛୁଟି ବଢିଲା ଦିନ
ଲକ ଡାଉନ କୁ ସଟ ଡାଉନ ।
ଜ - ଜୀବନ ଜୀବିକା ସବୁ ଘାଇଲା
ଭୋକ ଉପାସରେ ଜୀବନ ଗଲା ।
ଝ - ଝଡିଗଲା ସବୁ ରଙ୍ଗୀନ ଆଶା
କରୋନା ସାଜିଲା କୁହୁଡ଼ିବର୍ଷା ।
ଟ - ଟଙ୍କାପଇସା ବା ମିଳିବ କାହିଁ ?
ପୃଥିବୀ ସାଜିଛି ମଶାଣି ଭୂଇଁ ।
ଠ - ଠକାମୀ ଜାଲରେ ନିଜେ ମଣିଷ
ପ୍ରକୃତି କି ସତେ ହେଲା ବୈରସ ।
ଡ - ଡରି ଡରି ବଞ୍ଚେ ପ୍ରତି ମୁହୂର୍ତ୍ତ
ହେଇଯିବ କାଳେ କରୋନକ୍ରାନ୍ତ ।
ଢ - ଢାଙ୍କୁଁଣି ଢାଙ୍କୁଁଚି ତୁଁଣ୍ଡରେ ତାର
ହାତେ ମାରେ ନିତି ସାନିଟାଇଜର ।
ତ - ତଟସ୍ଥ ମଣିଷ ଖୋଜୁଛି ବାଟ
ଦେଖି ପ୍ରକୃତିର ଏ ହାଟନାଟ ।
ଥ - ଥରଥର କରେ ନୂଆ ପ୍ରୟାସ
କି ଅସ୍ତ୍ରେ ହୋଇବ କୋଭିଡ୍ ନାଶ ?
ଦ - ଦଣ୍ଡ ମହାକାଳୀ ଯାଁକୁ ଡରିଲା
ରଜ ଦୋଳି ଯହିଁ ଫିକା ପଡିଲା ।
ଧ - ଧର୍ମକର୍ମ ସ୍ଥଳେ ତାଲା ଝୁଲିଲା
ହାଏ ରେ ଦଇବ ଇଏ କି କଲା ?
ନ - ନିତି ହୁଏ ତେଲ ଲୁଣ ଯୋଜନା
ବାଣ୍ଟିଦିଏ ଖାଦ୍ୟ ନବୀନ ନନା ।
ପ - ପୂଜା ପର୍ବ ଗଲା ସବୁ ମିଳେଇ
ଦୁଃଖରେ ବସିଚି କାଉଁରୀ ଭାଇ ।
ଫ - ଫୁଲେଇ ଭଉଣୀ ହୁଏ ସକେଇ
ଫିକା ପଡିଗଲା ରାକ୍ଷୀ ପୂନେଇ ।
ବ - ବୈଦିକ ରୀତି ଯେ ଉଭେଇଗଲା
ଭିଡିଓରେ ଭାଇ ବିବାହ କଲା ।
ଭ - ଭାରତବାସୀ ଯେ ଭାରି ସାହସୀ
ସ୍ୱଦେଶୀ ସାଜିଲେ ଛାଡି ବିଦେଶୀ ।
ମ - ମୋଦୀ ଜୀ ଦିଅନ୍ତି ଉଦବୋଧନ
ଜନତା କର୍ଫ୍ୟୁକୁ ସଭିଏଁ ମାନ ।
ଯ - ଯନ୍ତ୍ରଣାରେ ସଢେ ଆଜି ପ୍ରବାସୀ
ସରକାର ଗଢେ ଯୋଜନା ରାଶି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ର - ରାଜନୀତିରେ ବି କରୋନା ଚାଷ

କା'ର ସର୍ବନାଶ କାହାର ପୌଷ ।

ଲ - ଲମ୍ବା ଲମ୍ବା ଲମ୍ବେ ବେକାର ଧାଡ଼ି ।

ବିଶ୍ୱ ଅର୍ଥନୀତି ଯାଏ ଭୁଷୁଡ଼ି ।

ବ - ବଦଳି ଯାଇଚି ବଞ୍ଚିବା ମାନ

ଭିଟାମାଟି ଦିଏ ନୂଆ ଜୀବନ ।

ଶ - ଶିକ୍ଷା ବ୍ୟବସ୍ଥା ଯେ ହୁଗୁଳି ଗଲା

ଅନ୍ ଲାଇନ୍ ଶିକ୍ଷା ରାହା ମିଳିଲା ।

ଷ - ଷଡଯନ୍ତ୍ର କରେ କରୋନା କୋଭିଡ୍

କେଉଁ ମୁହୂର୍ତ୍ତରେ ଆସିବ ମାଡି ।

ସ- ସର୍ବଦା ରହ ତୁ ଜାଗ୍ରତ ହୋଇ

ସାହି ପଡ଼ୋଶୀଠୁ ରହ ଦୂରେଇ ।

ହ - ହାତ ମିଳାଇଲେ ହୋଇବ ରୋଗ

ନମସ୍କାର କଲେ ପ୍ରାଣ ବଞ୍ଚିବ ।

କ୍ଷ - କ୍ଷଣଟେ ହୋଇଲେ ଅସାବଧାନ

ହରେଇବା ବହୁମୂଲ୍ୟ ଜୀବନ ।

ଲ - ଲଙ୍ଘିବୁନି ଘର ଲକ୍ଷ୍ମଣ ରେଖା

କରୋନା ଠୁଁ ତେବେ ପାଇବୁ ରକ୍ଷା ।

ବାଣତମ୍ଭ, ବେଲଗୁଣ୍ଠା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୂକ୍ତିସୁଧା



ପ୍ରବୋଧ ଚନ୍ଦ୍ର ମୁଦ୍ରା

କି ସୁନ୍ଦର ସତେ ଅତି ମନୋହର, ଏହି ଯେ ବିଶ୍ୱବ୍ରହ୍ମାଣ୍ଡ ।
ବିଧାତାଙ୍କ ସୃଷ୍ଟି ଅତୀବ ବିଚିତ୍ର, ଲାଗଇ ପରମାନନ୍ଦ ।୧
ବିଶାଳ ପୃଥ୍ୱୀ ଯେ ବିଭାଣ୍ଡର ସମ, ଗଗନ ଅଟେ ପିଧାନ ।
ଦହନ ଶକ୍ତିର ଆଧାର ଯେ ସୂର୍ଯ୍ୟ, ଦିବାରାତ୍ରି ଯେ ଇନ୍ଧନ ।୨
ମାସ-ଋତୁ ଦୁହେଁ ଚଟୁ ସମ କାର୍ଯ୍ୟ, କରନ୍ତି ପରିଘଟନ ।
କାଳ ଯେ ପାଚକ ରୂପରେ ପ୍ରାଣୀଙ୍କୁ, ସଦା କରଇ ରନ୍ଧନ ।୩
ଅନିତ୍ୟ ଅଟଇ ଏହି ସଂସାରଟା, ଏହା ଅଟେ ସତ୍ୟବାର୍ତ୍ତା ।
ଆପଣାକୁ ନର ଚିରଞ୍ଜିବୀ କହେ, ଏ ବଡ଼ ଆଶ୍ଚର୍ଯ୍ୟ କଥା ।୪
ସମୟ ସ୍ରୋତରେ ସମସ୍ତ ପ୍ରାଣୀ ଯେ, ଯାଆନ୍ତି ଯମ ସଦନ ।
ତଥାପି ମନୁଷ୍ୟ ଅମର ହେବାକୁ, ବଳାଇଥାଏ ଯେ ମନ ।୫
ସଂସାରେ ସେ ନର ଅଟେ ମହାସୁଖି, ଶାକ-ତଣ୍ଡୁଳ ଯେ ଖାଏ ।
ଅପ୍ରବାସୀ ହୋଇ ଆପଣା କୂଟୀରେ, ଋଣୀ ଯେ ହୋଇନଥାଏ ।୬
ବେଦ-ଧର୍ମଶାସ୍ତ୍ର-ପୁରାଣ ବାକ୍ୟ ଯେ, ମୂନି-ଋଷିଙ୍କ ବଚନ ।
ବିବାଦୀୟ ଅଟେ ସମସ୍ତ ପ୍ରମାଣ, ପ୍ରଶସ୍ତ ଯେ ମହାଜନ ।୭
ମହାଜନ ଯେଉଁ ନୀତି ଆଦର୍ଶରେ, ହୁଅଇ ଅନୁପ୍ରାଣିତ ।
ସେହି ସନ୍ମାର୍ଗଟି ସଦା ଧ୍ୟେୟ ହେଉ, ଯାହା ହୋଇଛି ଦର୍ଶିତ ।୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଳର କବଳେ ସର୍ବେ କବଳିତ, ଏହା ଅଟେ ଧ୍ରୁବସତ୍ୟ ।
କେଉଁ ଶକ୍ତିଶାଳୀ ତାକୁ ରୋକିବାକୁ, ନୁହେଁ କଦାପି ସମର୍ଥ । ୯
ସମୟ ରଜ୍ଜୁରେ ଆବଦ୍ଧ ଯେ ପ୍ରାଣୀ, ଭୋଗୁଥାନ୍ତି ସୁଖ-ଦୁଃଖ ।
କୃତକର୍ମ ଫଳ ଅବଶ୍ୟ ଭୋକ୍ତବ୍ୟ, ନ ହୋଇ କଦା ବିମୁଖ । ୧୦
ଶ୍ରେଷ୍ଠ ଜନ୍ମ ଅଟେ ମାନବ ଜୀବନ, ମର୍ତ୍ତ୍ୟରେ ତାହା ଦୁର୍ଲଭ ।
ଜ୍ଞାନାର୍ଜନ କରି ହୁଅଇ ସେ ଶ୍ରେଷ୍ଠ, ବିଦ୍ୟା ପୁଣି ସୁଦୁର୍ଲଭ । ୧୧
ଉଚ୍ଚ କୂଳେ ଜନ୍ମ ଅଟେ ଦୈବାୟତ, ପୌରୁଷତ୍ୱ ମଦାଧୀନ ।
ଏପରି ଭାବନା କରିଣ ମନୁଷ୍ୟ, ଅର୍ଜିଥାଏ ଯଶ-ମାନ । ୧୨
ବ୍ୟକ୍ତିର ପୁରୁଷ ପଣିଆଟି ଅଟେ, ଦୟା-ସ୍ନେହ-ଉପକାର ।
ସତ୍ୟ-ଧର୍ମପଥେ ଚଳେ ଯେଉଁ ନର, ସିଏ ମାନବରେ ସାର । ୧୩
ଜଗତେ କେବଳ କର୍ମ ହିଁ ଈଶ୍ୱର, ଏହା ଯେ ଶାସ୍ତ୍ର ପ୍ରମାଣ ।
କର୍ମ ବିନା ନର ହୁଏ ହତଶ୍ରୀରି, ନ ଲଭେ ଖ୍ୟାତି-ସମ୍ମାନ । ୧୪
ଅକୃତ କର୍ମଟି ସଦା ପରିହାର୍ଯ୍ୟ, ଯଦି ଚାଲିଯାଏ ପ୍ରାଣ ।
କର୍ତ୍ତବ୍ୟକୁ କେବେ ତ୍ୟାଗ ନ କରିବା, ତାହା ଧର୍ମ ସନାତନ । ୧୫
ମହାତ୍ମାମାନଙ୍କ ଏକତ୍ୱ ଭାବନା, କର୍ମ-ମନ ଓ ବଚନ ।
ସ୍ୱକୀୟ ଧର୍ମରେ ରହିଣ ଅଟଳ, କରନ୍ତି ସତ୍କର୍ମ ମାନ । ୧୬
ମନରେ ଚିନ୍ତିତ କାର୍ଯ୍ୟକୁ କଦାପି, ବଚନେ ପ୍ରକାଶ ନ କର ।
ଅନ୍ୟ ଦ୍ୱାରା ସେହି ଲକ୍ଷିତ କାର୍ଯ୍ୟର, ନ ହୁଏ କେବେ ସଫଳ । ୧୭
ଧୈର୍ଯ୍ୟ-ବୁଦ୍ଧି ପୁଣି ଉତ୍ସାହ-ସାହାସ, ଶକ୍ତି ଆଉ ପରାକ୍ରମ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁଠାରେ ଷଡ଼ଗୁଣ ରହିଥାଏ, ଦେବ ହୁଅନ୍ତି ପ୍ରସନ୍ନ । ୧୮

ଯେଉଁଠାଏ ନାରୀମାନଙ୍କୁ ସର୍ବଦା, କରାଯାଏ ସୁସମ୍ମାନ ।

ସକଳ ଦେବତା ସର୍ବଦୈବ ସେଠାରେ, କରିଥାନ୍ତି ଯେ ଭ୍ରମଣ । ୧୯

ଅହିଂସା ଯେ ଅଟେ ପରମଧରମ, ଅହିଂସା ଯେ ଶ୍ରେଷ୍ଠ ତପ ।

ପରମ ସତ୍ୟଟି ଅଟଇ ଅହିଂସା, ଧର୍ମର ସେ ପରିମାନ । ୨୦

ସାଙ୍କୁଡ଼ା, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୭୮୯୪୯୧୬୧୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୂଆଁ



ସନାତନ ମହାକୁଡ଼

ନିଆଁ ଅଛି ବୋଲି ତ ଧୂଆଁ

ମନ ଅଛି  ବୋଲି ତ ଇଚ୍ଛା

ଇଚ୍ଛା ପହଁରେ

ଧୂଆଁର ବୁକୁରେ

ସିଗାରେଟର ପ୍ରତିଟି ଢୋକରେ

ଜାଳିଚାଲେ ନିଜ ଆୟୁରୁ କିଛି କିଛି  ।

ଧୂମପାନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ସେ ପଢ଼ିପାରେ

କାରଣ ସେ ପାଠୁଆ,

ସବୁ ଜାଣି

ନିଜକୁ ନିଜେ ଜାଳେ

ପ୍ରତି ମୁହୂର୍ତ୍ତରେ

ମହମବତୀଟିଏ ଭଳି  ।

ବେରୁଆଁବାରୀ, ୭୫୨୦୮୨

ଜିଲ୍ଲା:ନୟାଗଡ଼, ଓଡ଼ିଶା ।

ଦୂରଭାଷ: ୯୩୩୯୭୧୦୧୬୮

ଇମେଲ୍: sanmahakud@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଧୁଆ ମାଧିଆ ଜୀବନଗାଥା



ସନ୍ତୋଷ ପଟ୍ଟନାୟକ

ରାଧୁଆ ମାଧିଆ ପିଲାବେଳୁ ସାଥି
ପାଠରେ ଶାଠରେ ଦୁହେଁ ଏକାଠି
ଉଚ୍ଚ ଶିକ୍ଷା ପରେ ଜୀବନ ଜୀବିକା
ଦୁହିଁଙ୍କୁ କରିଛି ଆଜି ଅଲଗା ।।

ରାଧୁଆର ନାହିଁ ଅର୍ଥ ଅଭାବ
ସମାଜରେ ତା'ର ଖ୍ୟାତି ଅନେକ
ରାଜଧାନୀ ତୀରେ ପେଶାକୁ ତୋଳି
ଖୁସିରେ ବିତାଏ ଜୀବନ ଶୈଳୀ ।।

ମାଧିଆଟା ତାର ପିଲାଦିନ ସାଥି
ତା'ର ବି ରହିଛି ସାହିତ୍ୟ କୃତୀ
ଲେଖିଲାଣି କେତେ ଭଳି ଭଳିକା
ଗାଁ ଦାଣ୍ଡ ଶୋଭା ଦେଶ ସମସ୍ୟା

ରାଧୁଆର ଆଜି ସମ୍ମାନ ସହରେ
ପ୍ରତିଷ୍ଠିତ ସିଏ ସାହିତ୍ୟର ଦ୍ୱାରେ
ପତ୍ରିକାରେ ଲେଖା ପ୍ରକାଶିତ ତାର
ସାହିତ୍ୟ ସଂସଦ ଅଛି ଗୋଟେ ତା'ର

ସାଉଣ୍ଟିଛି ସିଏ ପ୍ରଶଂସା କେତେ
ମାନପତ୍ର କିନ୍ତୁ ନାହିଁ ତା' ହାତେ
ଅଭାବୀ ଜୀବନେ ଗରିବ ଟିଏ
ମାନପତ୍ର କାହୁଁ କିଣିବ ସିଏ .... !

ଗଞ୍ଜାମ । ଭ୍ରାମ୍ୟଭାଷ : ୭୯୪୨୫୯୦୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପୁଙ୍କ ବାଣୀ ସବୁ ଭୁଲିଗଲେଣି



ସରୋଜ କୁମାର ଜେନା

ରାମ ରାଜ୍ୟ ତୁମ ଅଧୁରା ରହିଲା
ଦେଖି ଯାଅ ବାପୁ ଥରେ,
ସ୍ୱାଧୀନ ଭାରତ ପରାଧୀନ ଭଳି
ନିତି ଲାଗୁଛି ଏଠାରେ ।।୧।।

କାଟି ପିନ୍ଧ କୁଟି ଖାଅ ତୁମ ବାଣୀ
ସବୁ ଏଠି ଭୁଲିଲେଣି ,
ନୂତନ ଯୁଗର ଚିରା ବସନକୁ
ଫେସନ୍ ରେ ପିନ୍ଧିଲେଣି ।।୨।।

ଅର୍ଦ୍ଧ ଲଗ୍ନ ଭଳି ସର୍ବେ ଲାଗୁଛନ୍ତି
ଏହା କଣ ହିନ୍ଦୁ ଧର୍ମ ,
ମଦର ପ୍ରକୋପ ବଢ଼ିଣ ଲାଗିଛି
ତା ସଙ୍ଗେ ଗଣ ଦୁଷ୍କର୍ମ ।।୩।।

ଆଜିବି ଲାଗୁଛି ଇଂରେଜ ସଦୃଶ
ହେଉଛେ ଆମେ ଶୋଷଣ ,
ମିଥ୍ୟା ପ୍ରତିଶୃତି ଦେଇ ନେତାଗଣ
କରନ୍ତି ଏଠି ଲୁଣ୍ଠନ ।।୪।।

ଭୁଲିଗଲେ ସବୁ ଅହିଂସାର ଧର୍ମ
ତିନି ମର୍କଟର କଥା ,
ଦୂରେ ଥାଇ ସବୁ ଦେଖୁଥାଅ ବାପୁ
ତୁମେ ବା ଜାତିର ପିତା ।।୫।।

ଦରଦୀ କବି - ସରୋଜ କୁମାର ଜେନା
ବାଲିଝରୀ, ନରସିଂହପୁର, କଟକ
ମୋ -୯୩୪୮୭୮୩୭୯୧,୮୦୧୮୫୭୬୫୩୬

Magazine Downloaded from www.aahwaan.com

# ବାଇ ଚଢ଼େଇ ଓ ପିମ୍ପୁଡ଼ି ଭାଇ



ପୂଜା ପାଣିଗ୍ରାହୀ

ଆକାଶେ ମେଘ ମାଳମାଳ
ଆସିଲା ଘୋର ବର୍ଷାକାଳ
ଗରଜି ବରଷୁଛି ତ ପ୍ରବଳ ॥୧ ॥

ଏକାକୀ ମାଆ ବାଇ ଚଢେଇ
କଅଁଳା ଛୁଆ ଦୁଇଟିକୁ ନେଇ
ଅନେକ କଷ୍ଟେ ମଷ୍ଟେ ଚଳଇ ॥୨ ॥

ତାଳଗଛେ ଘର କରି ରୁହଇ
ପବନ ମାରିଲେ ସାଇଁ ସାଇଁ
ମନରେ ବଡ ତାଟକା ପଶଇ ॥୩ ॥

ବରଷା ଜମା ଥମିଲା ନାହିଁ
ଖୁଦ କଣାଟେ ଜମାରୁ ନାହିଁ
ଖାଇବା ଏଣେ ମିଳଇ ନାହିଁ ॥୪ ॥

ପିଲାଏ ଭୋକରେ ଛଟପଟ
କରନ୍ତି ମା ପାଶେ ହୁରି ହାଟ
ରଡିକି ଗଡିଣ ଏପଟସେପଟ ॥୫ ॥

ମାଆ ପକ୍ଷୀ ମନ ଭାରି କଷ୍ଟ
ଦିଶେ ନାହିଁ ଜମା ବୁଦ୍ଧି ବାଟ
ଓଦାରେ ଥରୁଛି ପାଦରୁ ଅଣ୍ଟ ॥୬ ॥

ଆଧାର ଯୋଗାଡ ନୋହିଲା
ପୋକ ଯୋକ ବି ନମିଳିଲା
କିବୁଦ୍ଧି କରିବ ସେ ବୋଇଲା ॥୭ ॥

ମନରେ ଏକ ଉପାୟ କରେ
ଋଣ ନେବାକୁ ସ୍ଥିରଟି କରେ
ପହଞ୍ଚି ପିମ୍ପୁଡି ଭାଇ ପାଖରେ ॥୮ ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଢି ପିମ୍ପୁଡି ବକସ ନଦିଏ
ଅଲଟି ହଜାରେ କଥାକୁହେ
ଗର୍ବେ କେତେ ଦେଖଇ ହୁଏ ॥୯ ॥

ଚଢେଇ ମନ ବିସ୍ତାପ କଲା
ଦୁଃଖରେ ବସାକୁ ଫେରିଲା
ଅନ୍ୟ ବ୍ୟବସ୍ତାରେ ଲାଗିଲା ॥୧୦ ॥

ଏମିତି କେତେ ଦିନ ଗଲା
ପମ୍ପୁଡି ପାଳି ଏଥୁ ଆସିଲା
ତାକୁ ଘୋର ବିପଦ ପଡିଲା ॥୧୧ ॥

ପିମ୍ପୁଡି ଭାସେ ଜଳ ସ୍ରୋତେ
ପଡିଣ ମରଣ ମୁହଁରେ ସତେ
ଚିନ୍ତାକରଇ ବଞ୍ଚିବ କେମନ୍ତେ ॥୧୨ ॥

ଚଢେଇ ଦେଖେ ପିମ୍ପୁଡି ଭାଇ
ଜୀବନ ବିପଦ ପଡିଚି କାହିଁ
ଆଗ କଥାକୁ ନଧରିଣ ସେଇ ॥୧୩ ॥

ସଅଳ ଗଲା ବାଇଚଢେଇ
ପ୍ରଖର ସ୍ରୋତକୁତ ଅନାଇ
ପତ୍ର ଟିଏ ଦେଲା ଥୋଇ ॥୧୪ ॥

ସହଜେ ପିମ୍ପୁଡି ପତର ଚଢି
ଜୀବନ ବଞ୍ଚିଲା ସେଇ ଘଡି
ବଡ ବିପଦ ଗଲା ଯେ ଛାଡି ॥୧୫ ॥

ଏଥିରୁ ଶିକ୍ଷା ଟିଏ ମିଳଇ
ଦେଇ ଥିଲେ ନିଷ୍ଠେ ପାଇ
ରୁଇ ଥିଲେ ସଶ୍ୟକୁ ଦାଇ ॥୧୬ ॥

ହୋଇଣ ସାଙ୍ଗ ସାହି ଭାଇ
ଅସମୟରେ ହାତ ବଢାଇ
ବିପଦ ଯିବ ତରିକି ଦୂରେଇ ॥୧୭ ॥

ଓଡିଶା ଆଦର୍ଶ ବିଦ୍ୟାଳୟ
ସିଦ୍ଧେଶ୍ୱର ଦିଗପହଣ୍ଡି, ଗଞ୍ଜାମ
ଦୂରାଭାଷ-: ୭୮୯୪୫୮୦୫୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଇବୁ ପ୍ରଗତି ଗୀତ



ଶରତ ଚନ୍ଦ୍ର ଜାଲି

ଶିଶୁଟିଏ ଆମେ ହୀରାଟିଏ ଆମେ
ଗାଇବୁ ପ୍ରଗତି ଗୀତ
ଏଦେଶ ଜାତିର କୋଣଅନୁକୋଣେ
କରିବୁ ସଭିଙ୍କ ହିତ ।

ମନପ୍ରାଣ ଦେଇ ପଢ଼ିବୁ ଯତନେ
ଗଢ଼ିବୁ ସୁନାର ଦେଶ
ପଡ଼ିବୁ ଉଠିବୁ ଜୀବନେ ତଥାପି
ଚମକିବ ଆମ ବେଶ ।

ହେବୁନାହିଁ ଆମେ ଶ୍ରମିକ କଦାପି
ଖଟିବୁନି ପର ଘରେ
ଦୁଃଖକଷ୍ଟେ ସିନା ବଞ୍ଚିବୁ ଜୀବନେ
ପାତିବୁନି ହାତ ଥରେ ।

ଅନ୍ଧ ଇଲାକାର ଅନ୍ଧବିଶ୍ୱାସକୁ
ସମୂଳେ କରିବୁ ନାଶ
ଶିକ୍ଷାର ମହକ ବିତରିବୁ ଆମେ
ମହକିବ ଚଉପାଶ ।

ହସିହସାଇବୁ ଏ ସାରା ଦୁନିଆ
କରି ଦୀନଜନ ସେବା
ଦିନ ବିତେଇବୁ ପରମ ଆନନ୍ଦେ
ବିଶ୍ୱ ଦେଖି ହେବ କାବା ।

ପରିବେଶ ପ୍ରତି ରଖିବୁ ମମତା
ହୋଇବୁ ପ୍ରକୃତିବନ୍ଧୁ
ପରିଷ୍କାର,ପରିଚ୍ଛନତା ଦିଗରେ
ଢାଳିବୁ ସେନେହ ମଧୁ ।

ଆହ୍ୱାନ ଇ-ପତ୍ରିକା

ସତ୍ୟପଥେ ଧର୍ମ ପଥରେ ଚାଲିବୁ

ଆସୁ ଝଡଝଞ୍ଜା ଯେତେ

ଅନ୍ୟାୟ ସାଥିରେ ଲଢେଇ କରିବୁ

ମାରିବୁ ଶତ୍ରୁକୁ ହାତେ ।

ଶୋଷଣ,କଷଣ ଦୂର କରିବାକୁ

କରିଅଛୁ ସର୍ବେ ପଣ

ହାରିବାର ନାହିଁ ଲଲାଟ ଲିଖନେ

ନିର୍ଭୟେ କରିବୁ ରଣ ।

ମରିବା ଆଗରୁ ଯଶ,କୀର୍ତ୍ତି ସବୁ

ସାଉଁଣ୍ଟିବୁ ହୃଦୟରେ

ଧ୍ରୁବ,ପ୍ରହଲ୍ଲାଦ,ଧରମାର ରକ୍ତ

ବହୁଅଛି ଏ ଦେହରେ ।

ସୁନାପିଲା ହୋଇ ସୁନାର ଫସଲ

ଭେଟିଦେବୁ ଖୁସିଚିତ୍ତେ

କି ଦିନ କି ରାତି ଜନ୍ମଭୂମି ପ୍ରୀତି

ଝରୁଥିବ ପ୍ରାଣପଥେ ।

ଶିକ୍ଷକ

ପଥରା, ଖଲ୍ଲିକୋଟ, ଗଂଜାମ,

ମୋ-୭୮୭୩୯୧୭୬୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଁଅଲିଆ



ସାଇ ପ୍ରସାଦ ସାହୁ

ମାଖନୁ ପଧାନ ଗାଁର୍ ପିଲା ଆଏ । ଗାଁ ଗଁଅଲିର୍ ଲୋକ୍ ସହରର୍ ଚାଲି ଚଲନ୍ ନାଇଁ ଜାନିପାରେ ଯେ, ତାକେ ଟିକେ ଅକଲିଆ ଲାଗ୍ ସି । ହେତିର୍ ଲାଗି ସହର୍ କେ ଗଲେ ଯେନ୍ ଟା ବି ଦେଖ୍ ଲେ ଧୁତୁମ୍ ବାଗିର୍ ହେଉଥିସି । କୋର୍ଟ, କଚେରୀ, ବଡ୍ ବଡ୍ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଆର୍ ଥାନା, ସବୁଠାନେ ବୁପ୍ ରା ହଏରାନ୍ ହେସି । ଗାଡି ମଟରର୍ ଭଡା ହଉ କି ଆର୍ କାନା ଘିନା ବିକା ହେଲେ ଠକେ ପଡ୍ ସି । ଗାଁ ଗଁଅଲିର୍ ଲୋକ୍ କେ ଯଦି ଜାନ୍ ଲା ଶୁନ୍ ଲା ଲୋକ୍ ସାହାଯ୍ କର୍ ତେ ବେଲେ ସେମାନେ ହଏରାନ୍ ହେତେ ନାଇଁ ବଲି ଥରେ ଥରେ ଭାବ୍ ସି । କେତେ ଲୋକର୍ ମୁହେଁ ଶୁନ୍ ବାର୍ କେ ମିଲ୍ ସି ଆର୍ କେତେ ଲୋକ କହେସନ୍ ବି ଗଁଅଲିଆ ଆଉ କାଏଁ ରେ ? ଗଁଅଲିଆ ବଏଲେ ତାକର୍ ଲାଗି ଭକୁଆ ନାଇଁ ହେଲେ ବେଡା ଆଏ । ସହରର୍ ଲୋକ୍ ଯେନ୍ ତା ସହରିଆ ସେନ୍ ତା ଗାଁର ଲୋକ୍ ଗଁଅଲିଆ । ଗଁଅଲିଆ ବେଲେ ଭକୁଆ କି ବେଡା ନୁହେ ସେ । କେତେ ଲୋକ୍ ଅଛନ୍ ଯେନ୍ ମାନେ ଟିକେ ଭୁଲ୍ ଦେଖ୍ ଲେ ସଙ୍ଗେ ସଙ୍ଗେ କହି ନେସନ୍, ଗଁଅଲିଆ ବୁଧି ଅଛେ କାଏଁ ହୋ ? ଆଜିକାଲି ଗାଁର୍ ପିଲା ଟୁକେଲ୍ ମାନେ ସହରଥି ପଢି କରି ଶିକ୍ଷିତ୍ ହେଲେ ଯେ, ନିଜର୍ ଗାଁର୍ ମାଁ/ବୁଢୀ ମାଁ ମାନ୍ କୁ ଗଁଅଲିଆ ବଲି କରି କହିନେଉଛନ୍ । ଇଥି ନୁ ଆର୍ ଲାଜର୍ କଥା କାଣା ହେଇପାର୍ ବା । ଇ କଥାକେ ଭାବି ଭାବି ମାଖନୁ କେ ରାତି ଝୁମ୍ ରା ନାଇଁ ପଡେ ।

ସିନ୍ଧେକେଲା , ବଲାଙ୍ଗୀର, ଗ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ନୂଆଁଖାଇ



ନୀଳାମ୍ବର ମହାନନ୍ଦ

(ଓଡିଶାର୍ ସବ୍ କେ ମୋର ନୂଆଁଖାଇ ଜୁହାର୍ )

ଆଏଲା ଆଏଜ୍ ନୂଆଁଖାଇ
ଦୁଲ୍ କି ଯିବା ଗାଁ ଭୂଇଁ
ହସୁଚେ ମାଁ ସମଲେଇସିରି
ଛୁଆ ପୁତାକେ ତାର୍ ଦେଖିକରି

ପଶ୍ଚିମ୍ ଓଡିଶାର ଗରବ୍ ଗୌରବ୍
ନୂଆଁଖାଇ କେ ପାଇ
ରାଗ୍ ରିସିମି ଭୂଲି କରି
ଆଏସନ୍ ସବୁ ଧେଇଁ

ନୂଆ ଧାନର୍ ନୂଆଁ ଚିହିରା
ମା'ର ଗୁଡିନେ ଭୋଗ
ହେଟା ଖାଇକରି ଆମର ମନର୍
ମିଟି ଯାଏସି ଭୋକ୍

ମିଶା ମୁସି ଠୁଲେ ଠୁଲେ
ଧଙ୍ଗରା ଧାଙ୍ଗିରି ଜାନି
କହୁ ଥିସନ୍ ବଡ୍ ବଡକା୍ କେ
ନୂଆଁଖାଇ ଜୁହାର ବଲି

ସମଲପୁରୀ ତାଲେ ତାଲେ
ଡାଲ୍ ଖାଇର୍ ମଜା
ଧଙ୍ଗରା ବୁଡା ନାଚୁ ଥିସନ୍
ବୁଲି ପରା ପରା

ନୂଆଁଖାଇର୍ ବାସି ବଡେ ମଜା
ଆଏବ ସତେ ଦେଖି
ନୂଆଁଖାଇର୍ ମଜା ପେଇ
ମାତି ଯିବ ଭେଇ

ଗ୍ରାମ - ଆମ୍ବଗୁଡା ବ୍ଲକ - ଗୋଲାମୁଣ୍ଡା
ଜିଲ୍ଲା - କଳାହାଣ୍ଡି ମୋ - ୯୩୪୪୨୦୪୫୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଁଖାଇ ତିହାର୍



ବେଦବ୍ୟାସ ମାଝୀ

ନୂଆଁଖାଇ ତିହାର୍ ଆଜି
ନୂଆଁଖାଇ ତିହାର୍
ଛୋଟ୍ ମାନ୍‌କୁ ସ୍ନେହ ଆଉ
ବଡ୍ ମାନ୍‌କୁ ଜୁହାର୍ ।୧

ଭୁଦୋ ମାସେ ତ ନିସାନ୍ ତାସା
ବାଜି ଯାଏସି ଢୋଲ୍
ନୂଆଁଖାଇ ଆସ୍‌ଲେ ସଭେଁ
ଘରେ ହେସନ୍ ଠୋଲ୍ ।୨

ପହ ପହନୁ ନୂଆଁଧାନ୍ ଯେ
ଘରେ ଦେସି ଝାକର୍
ନୂଆଁଖାଇ କେ ନୂଆଁଚରା
ଖାଏସୁ ଗାଁ ଯାକର୍ ।୩

ନୂଆଁଖାଇର୍ ନୂଆଁଚରା ଖାଇ
ପୁରି ଯାଏସି ପେଟ୍
ଖାଇ ସାଏଲେ ନୂଆଁଚରା
ହେସୁ ସଭେଁ ତ ଭେଟ୍ ।୪

ଛୋଟ୍‌କୁ ଦେଇ ଆଶିରବାଦ୍
ବଡ଼କୁ କରୁ ଜୁହାର୍
ସବୁଠାନୁ ଯେ ଅଲଗା ଆମର
ନୂଆଁଖାଇ ତିହାର୍ ।୫

କେନ୍ ଠାନେ କା ହାଣିପିଟାନି
କେନ୍ ଯେ ବାଡ଼ି ଖେଲ୍
ତାସ୍ ଖେଲର୍ ଯମକ୍ ପଡ଼େ
ହେଇ ବସୁଥିଲେ ବେଲ୍ ।୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେଲ୍ ବୁଢ଼ାକେ ଗାଆଁର ସଭେଁ

ଗୁଟେ ନ ଭେଟ୍ ଘାଟ୍

କିଏ ପିନ୍ଧିଥେ ନୂଆଁ ଧୂତି, କିଏ

ସମ୍ବଲପୁରୀ ପାଟ୍ । ୭

ଢୋଲ୍, ମୁହୁରି, ତାସା ବାଜଲେ

ଗର୍‌ଜି ଯାଏସି ଖୁଲି,

ନୂଆଁଖାଇର୍ ସେ ଭେଟ୍‌ଘାଟ୍

ନାଇ ହୁଏ ଯେ ଭୁଲି । ୮

ଗୁଟେ ଡୁରେ ବାନ୍ଧି ରଖିଛେ

ଆମର୍ ଇ ତିହାର୍

ଛୋଟ୍ ମାନ୍‌କୁ ସ୍ନେହ ଆଉ

ବଡ଼୍ ମାନକୁ ଜୁହାର୍ । ୯

କୁଚିପାଲି, ବରଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ଜଗାମା ଗଛ୍



ହେମନ୍ତ ଦାଶ

ଶରାବନ୍ ମାସେ ଟାଏଁ ଟାଏଁ ଖରା
ଝଉଥିଁ ଯଉଛୁଁ ସିଝି,
କାଏଁ ଯୁଗ୍ ହେଲା ଇ କରମ୍ ହେଲା
ନାଇଁ ପାରୁଛୁଁ ହୋ ବୁଝି ?

ଚାସ୍ ବାସ୍ ହେଲା ଗଜା ମର୍'ଡି ହୋ
ଚସା ଭୁଗୁଛେ ତ ଦସା,
ଚାତକ୍ ଲେଖେନ୍ ବାଦଲ୍ କେ ଦେଖି
ତଥାପି ବାନ୍ଧୁଛେ ଆସା ।

ଜଁଗଲ୍ ଆଏତ ମଁଗଲ୍ ଆମର୍
ତାହାକେ ଦଉଛ କାଟି,
ଧର୍'ସା ବନାଥି ଭରସା କଟୁଛେ
ହୁରୁଦ୍ ଯଉଛେ ଫାଟି ।

ଆର୍ ନାଇଁ ଭାଲ ଆଗକେ ଚାଲ ହୋ
ସବୁକେ ପକେଇ ପଛ୍,

ଆସ ଭାଏ ଦଦା କକା ବବା ବଡି
ଜଗାମା ଗୁଟେ ହୋ ଗଛ୍ ।

ବନ୍ ମହୋଛବ୍ ପାଲମା ସଭେ ହୋ
ଗଛ୍ ଗୁଟେ ଗୁଟେ ଗାଡି,
ଗଛର୍ ପିଛାଥିଁ ବଛରେ ପତେ ହୋ
ନାଇଁ ଯଉଁ ଆମେ ଛାଡି ।

ତେହେଁରୁ ସିନାହୋ ବଡ୍ ହେଇ ଗଛ୍
ଦେବା ଛାଏଁ, ଫଲ୍, ଫୁଲ୍,
ରଝୋ ରଝୋ କିନା ବରସା କେଁଚବା
ହଁସୁଥିମା ମୁଲ୍ ମୁଲ୍ ।

ଆଶୁକବି ହେମନ୍ତ ଦାଶ
ସଂପାଦକ 'ନିଷାନ୍'
ତୁଷୁରା, ବଲାଙ୍ଗିର
ମୋ-୯୯୩୭୬୮୮୫୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେ ପଡୁଛେ ମୋର୍ ଗାଁ



ହୃଷିକେଶ ସାହୁ

ମନେ ପଡ୍ ସି ସେ ଛୋଟ୍ ଗାଁଟେ
ଯେନ୍ ଟା ଆଏ ସରଗ୍
ଛୋଟ୍ ଟେ ଘରେ ରହି ଥିଲେ ଭି
ଆଏଜ୍ ଲାଗେ ଗରବ୍
ବୁଢି ଆଇର୍ କଥାନି କୁହା
ଲାଗୁଥିଲା ଯେନ୍ ମଜା
କାହିଁ ପାଏବୁ ଏଡ୍ କି ସୁଖ୍
ହେଲେବି ମନ୍ତ୍ରୀ ରଜା
ବୁଢା ଅଜାର୍ କାହାଲି ପିଆ
ମାଁ ହାତର୍ ତୁନ୍ ରନ୍ଧା
ସୋର୍ ଲାଗେ ଗାଁର୍ ଲୋକ୍ ଯେନ୍
ଭାବେଁ ହେଇଥିଲା ବନ୍ଧା

ଖେଲି କୁଦି ଆଏଲା ବେଲ୍ କେ
ବୁଆ ହଉ ଥିଲା ରାଗ୍
ରିସ୍ ମି ହେଇ କହେ ଆମ୍ କୁ
ଯାଆତୁଇ ଘରୁ ଭାଗ୍
କିଏ କର୍ ବା ଲାଡ୍ ଗେଲ୍ ରେ
କିଏ ଦେସି ଆରୁ ଗାଲି
ସମିୟାଁ ଭିତ୍ ରେ ସବୁ ହଜି
ସୋର୍ ରହି ଗଲା ଖାଲି
ଏଭେ ସ୍ୱାର୍ଥପର୍ ହେଲାଁ ଏଜ୍
ଜନମ୍ ମାଏଟ୍ ଭୁଲି
ନୁହେସେ ଆମେ ଗଅଁଲି ପିଲା
କହେସୁ ସହରି ବଲି
କହେସୁ ସହରି ବଲି

ତାଣ୍ଡୋଲ୍ , ସୋହେଲା , ବରଗଡ଼
୬୩୭୨୩୭୦୬୬୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁନୁଷ୍ ଜୀବନ୍



ବିଶ୍ୱନାଥ୍ ଭୁଏ

ସମିଆଁର୍ ଲହଡ଼ାଥି
ମୁନୁଷ୍ ଜୀବନ୍ ଟା
ଉହୁଲି ଉହୁଲି ଯଉଛେ,
ଦୁନିଆଁର୍ ଭିଡ୍ ଭିତରେ
ସୁଖର୍ ଜୀବନ୍ ଟା
ହଜି ହଜି ଯଉଛେ..... ।

ହଁକାରର୍ ଜୁଏ ଥି
ସଂପର୍କର୍ ଡୁରୀ ଟା
ଜଳି ଜଳି ଯଉଛେ,
ଧୋକାର୍ ନଏଦ୍ ଥି
ବିଶ୍ୱାସର୍ ଡଂଗା ଟା
ବୁଡ଼ି ବୁଡ଼ି ଯଉଛେ...... ।

ମଶିନର୍ କୁହୁଲା ଥି
ଉଗ୍'ବୁଗେଇ କରି
ବାଟ୍ ଯେତେ ଭୁଲି ଯଉଛେ,
ଫିର୍ ଭି ମୁନୁଷ୍ କହୁଛେ
ଠିକ୍ ବାଟର୍ ବଢ୍'ତି ଦିଗେ
ଉପର୍ କେ ସେ ଚଢୁଛେ..... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୬୮୮୭୮୪୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ପ୍ରସନ୍ନ ପ୍ରୟାସ ଭୁଏ

ଅଶାଢ଼ ମାସର ଝଁକେର ପାନି
ଭୁଇଁକେ ଆଏଲେ ଉତୁରି,
କେଁ କଟରେ ସ୍ୱାଗତ୍ କଲା ଧରତୀ
ନାଚି ଡେଗି ସେରନା କୁତୁରି ।

ଧୋପ୍ ଫରଫର କୁରେଫୁଲ ଫୁଟି
ଧରତୀ ଦିଶେ ଉବାଗର୍,
ତାର ମହକନ୍ ଚହଟେ ଚାରହିକୁତି
ଘରେ ହଁସି ଖୁସିର ଲହର୍ ।

ଶୁଖା ନଏଦ୍ ଗରଭ୍ ଉଠଲା ଉଛୁଲି
ଖୁସିର ଲୁହୁ ଦୁଇ ଧାରେ,
ଉସତ୍ ଆନନେ ସରଗ୍ ସମାନ ଘର୍
ମଡ଼ା ପିଠା ପୁରେ ପୁରେ ।

ସାଗୁଆ ଧରତୀ ଦେଖ୍ ଚାରହିକୁତି
ଧୁକାଥି ମାରେ ସାଁପ ଲହରି,
କୁରେ ଚଁପା ମଲି ଟଗର୍ ଫୁଲେ
ଚନ୍ଦନ ଅଁତର୍ ବାସ କହଁରି ।

ନୁଆଁ ଆଶାର୍ ଗଜା ମନ ଭିତରେ
ପିଲକେଇ ଧରେ ନୁଆଁ ପତର୍,
ହଲ୍ କରି ଖେତେ ଆଁଖିର ସପନ୍
ବୁନେ ମାଏଟକେ ଦେଖି ବତର୍ ।

ଗଜାନୁ ପତର, ପତରନୁ ଗଛ୍
ଗଛନୁ ଧରେ ଫୁଲ୍ ଫଲ୍,
ଜତନ୍ କଲେ ଯାଇ ମିଲେ ରତନ୍
ଫଲଟା ହେବା ଭଲ୍ ।

ଭାବ୍ ଅଛେ ବଲି ମାଏଟ୍ ଆକାଶର୍
ବାଟ ଚାଲୁଛନ୍ ମିଲେଇ ତାଲ୍,
ରାଗ ରସମି ସାଂଗେ ଭାବ୍ ଦିଆ ନିଆ
କେଭେ ନାଇଁ ହଏ ତାକର୍ କାଲ୍ ।

ପ୍ରଧାନପାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୋର୍ ଲାଗି ମୁଇଁ ଛୁଆ



ସତ୍ୟନାରାୟଣ ମିଶ୍ର

ମା ଗୋ ମା ତୋର୍ ଠାନେ ମୁଇଁ
ସବୁ ଦିନର୍ ଲାଗି ଛୁଆ ,
ହାତ କେ ଦି ହାତ କଲା ଉତ୍ତୁରୁ ବି
ମତେ କରୁଥିସୁ ଆହା ଗୋ ମା ,
ତୋର ଠାନେ ମୁଁଇ ସବୁଦିନର୍ .......

ବୁହାଲୁ ତ ଗୁଟେ ଘରର୍ ଜଞ୍ଜାଲ୍
ସମାଲମି ତାକେ ଥିମି ଯେତେ କାଲ୍
ଛାତି କେ କରିଛେଏଁ ଟାନ୍ ଗୋ ମା !
ସମାଲି ରଖସି ପିଲାଛୁଆ
ମୁଇ ବି ତ ଗୁଟେ ମା ଗୋ ମା ! ହାରି ନାଇଁ
ଦିଏଁ ହିଆ

ଦୁଃଖେ ସୁଖେ ମୋର୍ ଘର ଚଲସି
ଅପଦ ବିପଦ ସାମନା ହେସି
କବାର ବୁତା ସବୁ କର୍ସିଇଁ
ସେନ ମମତାର ସାଜି ମୂର୍ତ୍ତି ।

ବନେ ନୁହେ ତୋର ଝି ବୋଲି କରି
ନାଇଁ ପକେଁ ତୋର୍ ନାଁ ଗୋ ମା .......

ଝି ଜନମ ତ ପର ଘରକେ
ଦଇବ ବିଧାତା ଲେଖି ରଖିଛେ
ମତେ ବିହା ଦେଇ ଧରମ୍ କଲୁ
କନିଆଁ ଦାନ ର୍ ଫଲ୍ ପାଏଲୁ
ଦୁହିତା ପରେ ଗୋ ଦୁହି କୁଲ ର୍ ହିତା
ଶିଖେଇ ଦେଇଛୁ ମାଆଁ ,
ତୋର ଠାନେ ମୁଇ ସବୁ ଦିନର୍ ଲାଗି ଛୁଆ ।

ସିଂଧେକେଲା, ବଲାଙ୍ଗିର, ଓଡ଼ିଶା
ଭ୍ରାମ୍ୟଭାଷ : ୯୫୮୩୭୦୫୯୧୫

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଟୁକେଲ୍ ଦେଖା



କ୍ଷମାନିଧି ସାହୁ

ଭେଣିଆ ପୁଓର୍ ସମିୟା ଦେଖି
ଭାବଲେ ମାଆ ବୁଆ
ଘରକେ ଚେହିଁ ଭୁଆସେନ୍'ଟେ ହେଲେ
ହେତା ଆମକୁ ସାହା..

ବୁଆର୍ ସଏତେ ମାମୁ,ପିଇସା
ଛୁଟଲେ ଟୁକେଲ୍ ଦେଖି
ଗୁଡୁଁ ମୁଡତକ୍ ନିଘା ନଜର୍
ଦେଖୁଛନ୍ ତାଖି ତାଖି..

ଗୁଟେ ଗାଁ ନେ ପସନ୍ ନାଇଁ ହେଲେ
କୁଦଲେ ଅଲଗା ଠାନ୍
ବୁରି ବସଲେ ସୁନ୍ଦରି ଟୁକେଲ୍ ସାଙ୍ଗେ
ଚାଲି ଚଳନ୍ ସନମାନ୍..

ବାବୁର୍ ମନଟା ପଦ୍ମିନୀ,ହଂସିନୀ
ଦରକାର୍ ହେନ୍ତା ଟୁକେଲ୍
ଶଂଙ୍ଖିନୀ,ଚିତ୍ରାଣୀ ଗୁନ୍ ନାଇଥିଲେ
ସବୁ ହେଇଯିବା ଫେଲ୍..

କେନ ଦେଁଖଲେ ବାଙ୍ଗରି ବୁଠି
କେନ ଡେଙ୍ଗୁଡି ଲହ
ଲମରି ନାକିକେ କାଳି ଭୁସକି
କାଣା କରବେ ବହ..

କେନ୍ ଠାନେ ଦାଁତରି,ଲମରି ମୁହିଁ
କେନ ଖେରପିଗୁଡି
କେନ ସୁନ୍ଦରି ମାଗୁର୍ ଗୁରି ହେଲେ
କେନ୍ ଠାନେ ବୁଟିମୁଡି..

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟୁକେଲ୍ ଖୁଜାଥି ଧେଇଁ ଧେଇଁକରି
ଫଟଫଟିର୍ ନାଇନ ହେଜା
ପେଟ୍ରୋଲ୍ ଖଏରଚା ବାଧସି;ହେଲେ
ମିଳସି ଟିଫିନ୍ ଖଜା..

ପାଠ୍ ଟିକେ ଯଦି ପଢିଛେ ବୁଇ
ଟୁକେଲ୍ ଘରର୍ ଦାବି
କାଣା କରୁଛନ୍ ବାବୁ ଆମର୍
ଚାକିରିଆ ଆନ୍ କି ଚାଷୀ..

ଲେଟ୍ରିଙ୍ଗ୍,ବାଥରୁମ୍ ପହେଲା ପଚରାସନ୍
ଅଛେ କିନି ବଲି ଘରେଁ
ନାଇନ ବଏଲେଁ ଝି ର୍ ଗୁଲଗୁଲା
ଯିବାର୍ ଲାଗି ଧରସା ତରେଁ..

ନିଜର୍ ନୁ ବଡ୍'ଘର୍ ଜିବାର୍ ଟା ଭୁଲ୍
ବାଆନିସନ୍ ଯେତେ ତେତେ
ଛୋଟ୍ ଘର୍ ପଛେ ଟୁକେଲ୍ ନୁକୋ ଥିଲେ
ଆଏ କେତେନିକେତେ..

ମନକେ ପାଏଲା ଭଲ୍ ବୁଇଟେ
କିହେ ନାଇହନ୍ ତାର୍ ସରି
ଯେନ୍ତା ଖୁଜୁଥିଲେ ଚାର୍ହି ଗୁନଟା
ସବୁ ରହିଛେ ଭରି..

ବୁଆର୍ ପରେ କୁଦଲା ପୁଓ
ସେଣ୍ଟ୍ ପଉଡର୍ ମାଖି
ବୁଆର୍ ପସନ୍ ଟା ଏକଦମ୍ ବଢିଆ
ଖୁସ୍ ହେଇଗଲା ଦେଖି..

ଦୁଇ ପୁରିଆ ଠାଟ୍,କୁଚକୁଚିଆ ବାଲ୍
ପଦମ୍ ଫୁଲିଆ ମୁହୁଁ
କଥାଥି ତାର୍ ଝରି ପଡୁଥିଲା
ପଏରଛା ଖାଣ୍ଟି ମହୁ..

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁହି ଘରର୍ ମନକେ ପାଏଲା
ହୁହେ କଲେ ହଁ ହାଁ
କାଗଜ୍ ଖଁଣ୍ ଥି ଲେଖି ଦେଲା ବୁଇ
ଜନମ୍ କରମ୍ ନାଁ ଗାଁ..

ସୁଝେଇ ବଏଲେ ରାଜ୍ ଜୁଟକ୍ ଆଏ
କରଲେ ଲଗନ୍ ପାଗନ୍
ଘରକେ ଆନଲେ ନୂଆଁ ଭୁଆସେନ୍
କରି ବିହା ବରପନ୍..

କେତେ ଦେଖବ ଫେର୍ କଟାବଛା ଇଥି
କରସନ୍ ଲୋକ୍ କେତେ
ପଶୁଠାନୁ ହୀନ୍ ଛିଟିଆ ବୁଧିଥିଁ
ନିଲଜ୍ ଆନ୍ ଇ ମୁନୁଷ୍ ଜାତେ..

ନିଜର୍ ପସନ୍'ଟା ନାଇଁ ମିଳେ ଜଲଦି
କପାଲେ ନାଇଁଥିଲେ ଲେଖା
ଖୁଜୁଥିବାର୍ ତକ୍ ଉସ୍ତାର୍ ନାଇନ ଯେହିଁ
ସେଟା ଆଏ "ଟୁକେଲ୍ ଦେଖା"..

 କ୍ଷମାନିଧି ସାହୁ(ପରିକ୍ଷିତ୍)...
ଜାମପାଲି, ମେଲଛାମୁଣ୍ଡା, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକ୍ ଲା



ଯୁବରାଜ କୁଦେଇ

ତୁଇ ବି ଏକ୍ ଲା ମୁଇଁ ବି ଏକ୍ ଲା
ଆମେ ସଭେ ଅଉଁ ଏକ୍ ଲା ,
କାମ୍ କବାରେ ଲଏ ରଖିଥିମା
ନାଇଁ ହେଇକରି ଭେକ୍ ଲା ॥
ଆଇଛୁଁ ଏକ୍ ଲା ଯିମା ବି ଏକ୍ ଲା
ଏକ୍ ଲା ପନ୍ ଟା ସାର୍ ,
ଏକ୍ ଲା ହେଇ ବି ସବୁ କରି ହେସି
ନାଇଁ ମାନ୍ ଲେ ହାର୍ ॥
କରମ୍ ଫଲ୍ କେ ଏକ୍ ଲା ଭୁଗ୍ ବୁ
ଇଟା ହେଇଛେ ଲେଖା ,
ପାପ୍ ପୁଇନ୍ ତୋର୍ ହିସାବ୍ କର୍ ବାର୍ କେ
ଉପ୍ ରେ ତତେ ଏକ୍ ଲା ଝନେ ଦେବା ଦେଖା
॥
ତୋର୍ ଚାରି କୁତି କେତ୍ ନି ଲୋକ୍ ଅଛନ୍
ଏକ୍ ଲା ନିଜ୍ କେ ନାଇଁ ଭାବ୍ ,
ବିପଦ୍ ବେଲାକେ ସଭେ ହାତେ ପାତେ ଦେଇ
କରି ଦେବେ ସବୁ ଥାବ୍ ॥

ପାପ୍ କରୁଥିଲେ ସର୍ ସି ଇଜତ୍
ତତେ କିଏ ଯଦି ଦେଖି ଲା ,
ନାଇଁ ଅଟ୍ କିବୁ ଜିବନର୍ ବାଟେ
କିଏ କେଭେ ଯଦି ଛେଁକ୍ ଲା ॥
ଏକ୍ ଲା କରିଛେ କିଏ କାଣା ଯେ
ଲେଖି ବସ୍ ଲେ ଭାଇ ,
ତାକର୍ କଥାଟା ଲମି ଲମି ଯାଇ
ହେଇ ଯିବା ଗୁଟେ ବହି ॥
ଏକ୍ ଲା ଜିବ୍ ନେ ଥିସି ଭଲ୍ ଅସାର୍
ଚଲି ଜାନ୍ ଲେ ହେଲା ,
ଏକ୍ ଲା ରହି କରି ବୁଡ୍ ରି ଦେଲେ ହୋ
ବୁଡି ଯାଏସି ଭେଲା ॥

ଗ୍ରା/ପୋ- ଇଛାପୁର, ଥା- ଡୁଙ୍ଗୁରିପାଲି
ଜି- ସୋନପୁର, ମୋ-୭୯୭୮୭୧୯୫୬୩-
୯୯୩୮୮୧୩୨୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହିଟି ପଡୁଥିସି ମୁଇଁ



ଦେବାଶିଷ ପଧାନ

୧. ଦୁଇ ବଛର୍ ତକ ଚାକିରିନେଇ କହିଦେଲେ ସର୍କାର୍ !

ଇନୁଇଆଡ୍ କେ ପାଠ ପଢାବାର୍ କାଏଁଜେ ସିନେ ଦର୍କାର !!

୨. ଥିସଥିସ ଆରୁ ତମେହୋ ସର୍କାର୍ ଫଏସଲା କର୍ ସ ଅଜବ !

ସୁନିକରିସଭେ ହିଆହାରି ଦେସନ୍ ବିଚାରଆଏ ତମର ଗଜବ !!

୩. ଯେନ୍ ଟା କରୁଛ ଠିକ୍ ସେ କରହୋ ନାହେଲେ ଜନ୍ ତା ଉଠୁବେ ମାତି !

ଥରେ ଜାଗିଗଲେ ଜନ୍ ତା ଜନାର୍ଦ୍ଦନ୍ ବୁଡେଇଦେବେ ତମରଗତି !!

୪. ଚୁଟିଛୁ ବଲୁଛ ସବୁଆଡେତମେ ମଦ୍ ଭାଟି ଅଛେଖୁଲା !

ବନ୍ଦ କରିଦେଲ ସ୍କୁଲ କଲେଜ ସବୁ ପାଠପଡା ଗୁଲ୍ ଗୁଲା !!

୫. ଅନ୍ ଲାଇନ୍ ଥି ପାଠପଡ ବଲି ଆମ୍ କୁ ଦେଲନଘାଟି !

ବଡ଼ଫୁନ୍ ଯେନଛୁଆର୍ ଘରେନାଇଁ ସେନାଇଁ ପାର୍ ବାର୍ ଦେଖି !!

୬. ସଭେପଢ଼ବେ ସଭେବଢ଼ବେ ଇଟା କାଏଁକିଏ ନେଇଁ ଜାନି !

ଖାଏବାର୍ ଲାଗି ଯାର୍ ଘରେ ମୁଠେନେଇଁ ଫୁନ୍ ପାର୍ ବା କାଏଁସେ ଘିନି !!

୭. ଏସି କୁଆଟରେ ବସିକରି ଯଦି ବନାବ ଶିକ୍ଷାର୍ ନିତି !

ସବୁଯୋଜନା ଫେଲ୍ ମାର୍ ବା ତଲ୍ ମୁହାଁତାରଗତି !!

୮. ରାଏତ୍ ସର୍ ତା ଉସିଂହ୍ର ! ହେଇ ଖେଳିଦଉଛ କୁମ୍ ନା !

ସଖାଲ୍ ପୁହାକେ ହିଟାଲାବେଲେ ପଠେଝୁରି ନାଇଁ ଲାଗିଛେ ବଢ଼େ ଧମ୍ ନା !!

୯. ଫିଲ୍ କେ ଘାଏ ଉତ୍ ରି ଦେଖ ସର୍କାର୍ କେତେସତ୍ କେତେମିଚ୍ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଏନ୍ ବାଗିର୍ ଜେନ୍ ପଇସା ଖର୍ଚା ହେଇଜଉଛେ ଛିସ୍ !!

୧୦. ଏଭେଘାଏ ଫେର୍ କହିଥିଲ ତମେ ମଦ୍ ଯିବା ଘର୍ ଘର୍ !

ଥାକିଫୁକି କରି ପିଇବେ ମଦୁଏ ଦିନ୍ କେ ଥର୍ କେ ଥର୍ !!

୧୧. ଯିଏଜହ ମଦ୍ ବିକିବା ପରେ ପୁରସ୍କାର୍ ପାଏବା ସିଏ !

ସୁନ୍ ଲେ ଲାଗୁଛେ ମାହା ମୁସ୍କିଲ ଇଟା କେନ୍ତା ହୋ ନିଏ !!

୧୨. ରାଏଜେ ନାଇଁ କମନ୍ ବେକାରୀ ଆଉର୍ ଇହାଦେ ଦଉଛବଢ଼େଇ !

ପିଲା ଟୁକେଲ୍ କର୍ ଚାକିରି ଆସ୍ ତମେତ ନେଲେନ ଛଡେଇ !!

୧୩. ତାକର୍ ମାଁ ବୁଆ ପାଠପଡେଇ ଥିଲେ ଜମିବାଡି ବନ୍ଧାପକେଇ !

ରଙ୍ଗୀନ୍ ସପନର୍ ସୁଆଦ୍ ଚାଖିଥିତେ ମାଏଁକି ଦେଲନ ଝୁକେଇ !!

୧୪. ରାତିର୍ ସପନ ସାଏଁକରି ଭାଙ୍ଗେ ସକାଲ୍ ଗଲେ ପାହି !

ସେସପନ୍ କେ ଝୁରୁଥିସି ମନ୍ କାହାକେ ନାଇଁ ହୁଏ କହି !!

୧୫. ଗାଁ ମାଏଟ୍ ଛାଡିକେତେ ଲୋକ୍ ଫେର୍ ଖଟି ଯଉଛନ ଦାଦନ୍ !

ହାତ୍ ଗୋଡ଼ ହରେଇ ସେନ ସେମାନେ ଭୋଭୋ ହେଇ କାନ୍ଦନ୍ !!

୧୬. ରୋଜ୍ ଗାର୍ ଯଦି ଜୁଗେଇ ନାଇଁ ପାର ଜଲ୍ ଦି ଛାଡ ହୋ କୁର୍ ଚି !

ବଢ଼ା ଦୁର୍ ବଳିଆ ସର୍କାର୍ ତମେ ପାଏନ୍ ଛଡେଇକରି ତମ୍ କୁ ଦଉଛୁ ମୁର୍ ଛି !!

୧୭. ସବୁକଥାକେ ଦେଖି ସୁନିକରି ବୁଦ୍ଧି ଯାଏସି ମୋର୍ ଗୁଇଁ !

ସୋଜ୍ ସୋଜ୍ ସତେ ଘାଏକେ ଛନ୍ କେ ହିଟିପଡୁଥିସି ମୁଇଁ !!

ଗ୍ରା/ପୋ-ରିନବଚନ, ବ୍ଲକ-ଆଗଲପୁର,

ଜିଲ୍ଲା-ବଲାଙ୍ଗୀର, ପିନ୍- ୭୬୭୦୨୨, ମୋବାଇଲ-୯୧୭୮୩୬୦୭୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝରି ଝରି ସରାବନ



ଅରୁଣ କୁଲିହା

ଝରି ସରାବନେ ଝକେର ସମିଏ
ଗଦ୍ ଗଦ୍ ବହେ ଝାଲ୍
ଚଷା ବୁପରାର ଝୁମରା ହଜିଛେ
ଡୁଲି ଫାଟି ହେଲା ଫାଲ୍
ଇଟା ହେଲା କାଏଁ କାଲ୍
ପରକୁତି ସବୁ ବଦଳି ଗଲାନ
କଲିକେ ଲାଗଲା ଜାଲ୍ । ।

ଯୁଗ ଶେଷ କଥା ପୁରାନେ ଶୁନିଛୁଁ
ଗୁଟେ ପରେ ଗୁଟେ ଆସେ
ପ୍ରଲୟ ହେଉକି ମହାମାରି ହେଉ
ଭଗବାନ ପକେ ଫାସେ
ପାପି ଦୁନିଆର ନାସେ
ପାପିର ସାଙ୍ଗେ ସବୁ ଲୋକମାନେ ଭି
ଦୁଃଖର ସାଗରେ ଭାସେ । ।

ସୁଖ୍ ରେ ସମିଆ ବିତୋଉ ଥିଲେଭି
ଦୁଃଖର ଭି ନେବୁ ମଜା
ଭଗବାନ ନାଁକେ ଟୁଁଡେ ଧରୁଥିଲେ
ବାଧା ବି ସୁଖର ଖଜା
ନାଇଁମିଲେ କିଛି ସଜା
ଇଯୁଗେ ଜନ୍ ମେ ଭଲ କରିଥିଲେ
ଆର ଜନ୍ମେ ହେବୁ ଗଜା । ।

ଉଲୁଣ୍ଡା
ସୁବର୍ଣ୍ଣପୁର ୯୬୬୮୩୮୯୬୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୋଟ୍



ଅରୁଣ କୁଳିହା

ଭୋଟ ଦିନା ଦୁକ କକା ବବା
ସଂକର୍ ସଙ୍ଗେ ଲେତାଘେତା ।।
ଭିତିରିଆ ସାରି ସବୁ ପେଳିକରି
ବଲୁ ଅଛ ଆମେ ନେତା ।।
ଗାଁ କେ ଆମର କାମ୍ ଟେ ଦେଇକି
ସରପଞ୍ଚ କରୁଛେ ନାଟ୍ ।।
ପଲ୍ଲୀ ସଭାନ ମାଟ୍ ବୁହା ଲେଖା ଲେ
ବହାରୁଚେ ପାହାଚ୍ । ।।
ସେଟା  କାର୍ବା କେ ମାଡ଼ ମର୍ଦ୍ଦନ
ଗାଁ ସବୁ କୁଜି ନେତା । ।।
ଜେନ ବନ୍ଧେ ପାନ୍ ନାଇ ନ
ସେନ ହେବା  ପାହାଚ୍ । ।।
ଦସ୍ ଟା ଘାଟେ ଗୁଟେ ପାହାଚ
କେନ୍ ଘାଟ୍  କର୍ବା ରେ ଠିକାଦାର୍
ଫୋନ୍ କରି ଅଥା ହେଲାନ । ।।
ନାଇ ହେବାର ସମାଧାନ
ସରପଞ୍ଚ ବଲୁଚେ ଜେନ ନେ ହେଉଚେ ହେଉ
ଆମର ପିସି ଭାଗ ଟା ପଟି ଥାଉ । ।।

ଉଲୁଣ୍ଡା, ସୁବର୍ଣ୍ଣପୁର ୯୬୭୮୩୮୯୭୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେଟା ସ୍କେଚ୍ କବିତା



ପୁସ୍ତମ୍ ଯୁଆଡ଼ି

(୧)

ଆସ ଆସ

ଆର୍ ଆର୍ ଆସ

ବହୁତ ଖାଲି ଅଛେ

ଦୁଖ ଆସ୍ ସୁଖ ବି ଆସ  ! !

(୨)

ଯଦି ବିର୍ ବାହାନ୍ ଚଢ଼ିଛେ

ମତେ ଥରେ ମନ୍ତ୍ରିରି ଦିଅ,

ମୁଇଁ ଗର୍'ରା ପଟେ ହେଇ ରହେମି

ତମର କାବୁଥି

ଅଁଠିପହର  ।

(୩)

ତନ୍ ବୁଢା ହେଲା ବଲି

କାଏଁ କଥା ଟେ

ମନ୍'ଟେ ଲସଲସଉ ଥାଉ

କଅଁଲି ପତର୍ ବାଗିର,

ହୁରୁଦ୍ ଖଲ ଖଲଉ ଥାଉ

ମଧୁର୍ ଝରନ୍ ବାଗିର  ।

(୪)

ଲନ୍ଦ୍ ଫନ୍ଦ୍'ର ସଁସାର୍ ବଲି

ଜାନିଛ କିନି

ସତ୍ ଥି ଚଲମା ଯଦି

ମନ୍ଦିର ମସଜିଦ କାଏଁ କାମେ ହେ୍ବା  ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତ୍ କହି ସତୀ ହେଇଦେଖ ତୋ......

ପରାବୁଲା ଗଞ୍ଜାକେ ପରେ

ଏଭେ ଖୋବ୍ ଅପରତେ

ସାଏଁକାରର୍ ଉଜନ୍ କମିଛେ ବଲି ।

(୫)

ଆସିପାର ମନାନାଇଁ,

ନାଇଁ ଭାବ ଯେ ଏକଲାପନ ଥି

ବନାଲହ ମାଡ଼ିଦେମି ।

ମୋର ଖୋଜ ମରନ୍ ସୁନ୍ଦରୀ ସଂଗେ

ଗୁଟେ ଯୋଦ୍ଧାର କାନା ଥିସି ଯେ ? ?

ସମିଆ ସାଙ୍ଗେ ଯୁଝି ଯୁଝି

ମରନ୍ କେ ଫୁଲମାଲ କରି

ଉଲେଇ ହେବାର୍ ଜୁନୁନ୍ ଏଖା

ତାର୍ ଜିତାପଟ୍ !!

ଭୁତିବାହାଲ,ଗାଇସିଲାଟ୍,ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନ୍ ହଉ ପୂରଣ୍



ଥବିର ରଣା

ବାପ୍ ମତେ ସୁରଷ୍ଟି କରଲେ
ମାଁ ଧରଲା ଯଠେ
ମଙ୍ଗଲ୍ ବିଧାତାର୍ ଦୟାବଲେ
ପଡଲି ମୁଇଁ ମରତେ ।
କେତେ ଦୁଃଖ କଷ୍ଟ ସହି କିନା
ଚାଁଟିକେ କଲେ ହାତୀ
ଆଁଖିର୍ ଝୁମରା ପେଟର୍ ଭୋକ୍
କେତେ କଥା ଗଲା ବିତି ।
ଶିଖାଲେ ଚଢାଲେ ବାପ୍ ମାଁର୍ ନାଁ
ଇ କଥା କରି ସୁରତା
ମୋର ଜୀବନର ମଙ୍ଗଲ୍ ଲାଗି
ଭରଲେ ଜ୍ଞାନ ସଲତା ।
ଗୋଡ଼ କେ ପଏଁରୀ ବାଛିନିଛି କରି
କରି ଦେଲେ ଜୁଡିଜାଟ୍
ଇହାଦେ ସେ ଦୁଇ ଆମର୍ ଉପରେ
ରଖିଛନ୍ କେତେ ଆଶ୍ ।
ହେତିର୍ ଲାଗି ଆମର୍ ଗୁସେନ୍ କେ କହେଁସି
ଇ ଦୁଇ ମୂରତି ପାଖେ ଚାଏର୍ ଧାମ୍
ତରି ଯିମୁ ସେବା କରି
ଜୀଅଁତ୍ ଦେବତା ଆଏଁଖ୍ ସାମନାନେ
ଇଟା ଆମର୍ ସରଗ୍ ପୁରି ।
ଆଶିର୍ବାଦ କର ଜଗତ କରତା ହୋ !
ତମର୍ ପାଖେ ମାଗୁଁ ଶରଣ୍
ତାକର୍ ସେବାଥି ଆମର୍ ଦିନ୍ ବିତୁ
ସପନ୍ ହଉ ପୂରଣ୍ ।।

ମଖନାମୁଣ୍ଡା , ପାଇକମାଲ
ବରଗଡ଼, ଓଡ଼ିଶା
ମୋ -୯୭୭୭୭୦୭୧୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶ୍ରମ୍ ଜୀବନ୍



ଅରୁଣ କୁମାର ଭୋଇ

ଆଶ୍ରମ୍ ଜୀବନ୍ ଥି ଉଜୁଗ୍ ହେସି
ଅକଲ ଉହାଟର୍ ମୁଲ୍
ପରିବାର ଠାନୁ ଅଧିକା ଜିନିଷ୍ ଟା
ଶିଖାସି ଆମକୁ ସ୍କୁଲ୍
ଚାରିହି ଆଡୁ କୁଷେ ବାଟୁ
ସଭେ ଲେଖାସନ୍ ନାଁ
କାହାରିର୍ ମୁହେଁ ଡୁଏ ପାଏନ୍ ନି
ଲାଗୁଥିସନ୍ ନୁଆଁ ନୁଆଁ
ମା ବୁଆ ମାନେ କହି ଯାଇଥିସନ୍
ଲଏ କରି ପାଠ୍ ପଢବୁ
ଗାଲି ଝଗର୍ ତୁଇ ନାଇ ହେବୁ ପୁତା
ସମକିରର୍ ସାଙ୍ଗେ ମିଶିଗୁଲି କରି ରହେବୁ
ଖାଏଦ୍ ପିନ୍ଧନ୍ ସବୁ ଦେବେ
ଅଏନ୍ ମଜ଼ା ହେଇ ରହେବୁ
ଆଜ୍ଞା ଦିଦିର୍ କଥା କେ ରେ ବୁଆ
ମାନିଗୁନି କରି ଚଲବୁ
ନୁନ୍ଗି,ମିରଚା, ଉଇଲ୍ ମଗା ହଁଡ଼ା ମଜା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ କେ ଲାଗସି ସୋର୍
ମୁଁହୁଁ କାନ୍ ସବୁ ଶୁଖି ଯାଇଥିବା
ହେଜା ନି ଥାଏ ତୋର୍
ଧିରତାବାର୍ ଲାଗି ପଡସି ରେ ବାବୁ
ସେ ୨ଥରିଆ ଖାଆନା କେ
ସୋର୍ ଲାଗେ ସେ ସକାଳୁ ବେଳବୁଡ଼େ
୩ ଥରିଆ ପାରଥନା କେ ଫେର୍
କୃଷି ଘଣ୍ଟା ବାଜଲା ବଏଲେ
କାନେ ପିଟି ହେସି କୃଷି ଆଙ୍କାର୍ ଡକରା
ଯିବେ ଆର୍ କେନ୍ କେ
ଆପେ ଧରା ପଡ଼ବେ କଧରିଆ
ନିୟମ ସବୁ ମାନବାର୍ କେ ପଡ଼ସି
ନିଜର ଆଏତେ ନି ହଏ କିଦ୍ରା ମଲ୍ଲା
ବାକି ଟା ତୁଇ ଶିଖ୍ ନି ଶିଖ୍
ବାଏଜତ୍ ଶିଖବୁ "ଶୃଙ୍ଖଳା"
କାନ ଡେରି କରି ଟାକିଥିବୁ
କତେବେଲେ ସେ ଖାଇ ଘଣ୍ଟା ଟା ବାଜବା
ଆଲମାଲ୍ ଯଦି ବାଜି ଗଲା ବଏଲେ
ସେ ଥାଳି ଗିନା ବଜା କିଏ ସୁନବା
ଘରୁ ଯେଭେ ଦେଖି ଆଏବେ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜାତରା ଟାକର୍ ଉସତ୍ କେତନିକେତେ
ଟଁକା ୧୦ ଟା ଧରେଇ ଦେବେ
ଫେର୍ ଗଲା ଯେ ମାସେ ଅଧେ
ମୁନୁଷ୍ ବନା କାରଖାନା ବଲି
କହେସନ୍ ସତ୍ କେ ସତ୍
ମନ୍ତ୍ରୀ,ନେତା ଅମଲା, ଅଫିସର୍
ବାହାରୁଛନ୍ ଜଜ୍ ବଜ୍
ପାଠ୍ ସାଠ୍ ପଢ଼ା ସରଲା ଉତାରୁ
ଯେନ୍ ଦିନେ ସ୍କୁଲ୍ ଛାଡବୁ
ହେକେଇ ହେକେଇ ଯେନତା କଲେ ବି
୨ ଅଛରା ହେଲେ କାନ୍ଦବୁ
ବାର ବଛର୍ ପରେ ସାଙ୍ଗ ବାଏ ସାଙ୍ଗେ
ଯେଭେ ପଡିଯିବୁ ଭେଟ୍
ଦାଢ଼ି ମେଛା ଠାଟ୍ ବାଟ୍ ଦେଖି
ବୁଡିଯିବା ହେତ୍ ଚେତ୍
ଯେତେବେଳେ ସୋର୍ କରବୁ ଆଶ୍ରାମ ର କଥା
ମୁଡ଼େ ହାତ୍ ଦେବୁ କିନ୍ଦରି ଯିବା ତୋର୍ ମଥା

ଧଉଁରାଦାଦର୍, ରାମପୁର, ବଲାଙ୍ଗୀର୍
ଫୁନ୍ ନମର୍- ୯୯୩୮୭୩୨୩୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଲି ଆକାଶର୍ ତଲେ



ମନୋରଞ୍ଜନ ସୁରୁଜାଳ

ସମିଆଁ ବହଁକି କିନଦ୍ରୁଛେ ଚକା
ନାଇଁ ଥକେ ବୁପରା ବୁହୁଛେ ଧୁକା
କେଭେଁ ନାଇଁହନ୍ ଅଥା
ଧରତି ମାଆଁ ଭିଲ ବୁଲେ କିନଦ୍ରେ
ଯୁଗ ଯୁଗର ଇ କଥା । (୧)

ସତ ତିରତିଆ ଦୁଆପର କଲି
ଯୁଗ ପରେଁ ଯୁଗ ସମକର ପାଲି
ରହିଛେ ଗା ଇତିହାସ
ସମିଆଁ ଚକରି କିନ୍ଦିରି କିନ୍ଦିରି
ଆଇଛେ ଆମର ପାସ । (୨)

ଉପରେ ଆକାଶ ତଲେ ସମଦର
ଫୁଲ ଫଲ ଗଛ କେତେ ଉବାଗର
ସୁରୁଜ ଚନ୍ଦର ତାରା
ବନ ପରବତ ଚରେ ଚିରଗୁନ
ଲହକା ସାଗୁଆ ଘେରା । (୩)

ପଶୁ ଯଁତୁ ପୋକ ମୁନୁସ ମାକର
ଖେତ ଖଲା ନାଲ ଧରସା ଡଗର
ସଭୁକେ ବେଢ଼ଁତି ଘେରି
ଗୁଟେ ଛତ ତଲେ ସଭେ ଲୁଡ଼ୁଁପୁଁଡୁ
ଧରିଛେ ଆବରି କରି । (୪)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାରୁ ପତର ତଳେ ବେଙ୍ଗ ଯେନତା

ନିଲି ଆକାଶ ତଳେ ଆମେ ହେନତା

ଖୁଲା ଅଛେ ନିଲି ଛତା

ବଁଚେଇ ରଖୁଁ ଇ ସାଗୁଆ ସଁସାର

ହେଇ ଇ ବାରିର ବତା । (୫)

ବିଧାତା ଦେଇଛେ ଆମକୁଁ କରମ

କରି ଯାଉଁ ଆମେ ମୁନୁସ ଧରମ

ଆମର ଗୁଟେ ଧରତି

ନିଲି ଆକାଶ ତଳେ ରହେମା ସଭେ

ତାର ବନାଲା ପୁରଥି । (୬)

ମନୋରଞ୍ଜନ ସୁରୁଜାଲ
ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମିଆଁର୍ କର୍'ପନେ



ମନୋଜ କୁମ୍ଭାର

ସମିଆଁର୍ କର୍'ପନେ
ସୁର୍'ତା
ସେ ହୁଜ୍'ହୁଜିଆ ସଜା
ଛନେକେ ବାରଟା କଥା
ଆର ଘଡିକେ ଖଣ୍ ଖିର୍'ସା ।।

ଧୁର୍'କୁଟା
ଯେନ୍ ଟା କେ ସେଟା
ବଁକା ଲେଙ୍ଗ୍ କେଁ ଛାଟ୍ ହେତା
ଇଆଡ୍ ସିଆଡ୍ ହଟ୍ ହଟା ।।
ମା'ବୁଆର୍ ଟୁଣ୍ ଫୁଟ୍'ଲେ
ହାତ୍ ଉଠ୍'ଲେ
ଅଜାଆଇର୍ ଚକେଲ୍ ପିଠା
ଚୁପ୍'କୁଚୁପା କୁଟ୍ କୁଟା ।।

ସମିଆଁର୍ କର୍'ପନେ
ସୋର୍ ପଡ୍'ସି
ହେ ବକ୍ ବକ୍ କଅଁଲି କଥା
ଶୁନ୍'ଲା ଲୁକର୍ ମୁଡ୍ ବଥା
ପଚ୍'ରା ଉଚ୍'ରା ଗଦା ଗଦା
ଗୁଟ୍ ଗୁଟ୍ କରି ଖଣ୍ ମିଠା
ମାଆବୁଆ ମୋର୍ ଉତ୍ତର୍ ଦାତା ।।

ଜାନି ଜାନି କରି ଘିଚାରପ୍'ଟା
ତତେ କମ୍ ମତେ ଜହ ମିଲ୍'ତା
ନିଜେ କମ୍ ବୁହେନ୍ ଅଧା
ଭାଏ କେ ଅଧା
ଲାଡର୍ ଗେଲର୍ କଡା କଥା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେବା ବଲି ବୁଦ୍ଧି ବେଏଶା
କହି ଆନୁଥିବା ବଡ୍'ଖା ଦଦା ।।

ସମିଆଁର୍ କର୍'ପନେ
ହେତୁ ହେସି
ମନ୍ କୁ ମନ୍ ବୁଲା କିନ୍ଦ୍ରା
ବଡ୍'ଖା ଲୁକର୍ ଭୋବୋ ଡରା
ଡରି ଡରି କରି ଭମ୍'କା ଚମ୍'କା
ସୋର୍ କରି କରି ଲାଗ୍'ସି ହଁସା ।।

କେତେ ଖେଲ୍'କୁଦ୍ ଉତ୍'କା ଡେଗା
ଖେଲ୍'କୁଦ୍ ସଂଗେ ସାଂଗ୍ ସର୍'ସା
ଘିଚାରପ୍ 'ଟା ଖିଜା ବିର୍'ଝା
ମଜା ମଜା କହ ଗୁର୍'ଦୁ ମଜା ।।

ପାଠ୍ ପଢା ସାଂଗ୍ ବହିବସ୍ତା
କାଏଁ ଶୀତ୍ ଖରା ପାଏନ୍ ବର୍ଷା
ଫିଦିନ୍ ଲେଖା ପଢା ସଂଗେ ଦଶ୍ ପଏସା
ମୂଷାବୁଢାର୍ ଚନା ପାପଡ୍ ତା'ର୍ ଫୁଙ୍'ଲା ହଁସା
ସମିଆଁର୍ କର୍'ପନେ
ସୋର୍ ଲାଗ୍'ସି
ଛନେ ଦୁଖ୍ ଛନେ ଲାଗ୍'ସି ହଁସା ।।

ସାନ ଫାସଡ
ବଲାଙ୍ଗୀର
ମୋ : ୭୦୦୮୬୯୪୩୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆରେ ବର୍ଷା ଆ



ତ୍ରିଲୋଚନ୍ ବୁଡ଼େକ

ଆ ରେ ବର୍ ଷା ଆ ନ ଚାଲି ଆ
କାଏଁ ଯେ ରହିଛୁ ଗା ଦୁରିଆ,
ତୋର୍ ବିନେ ଲାଗେ ଶୁନ୍ ଶାନ୍
ଲାଗୁଛେ ଫେର୍ କେତେ ଅଡୁଆ ।।

ମାଏଟ୍ ଯାଉଛେ ଚଡ୍ କି ଗା
ଢୁଡ଼ା ନଲିଆ ଗଲା ନ ଶୁଖି,
ବେଙ୍ଗ୍ ରଡୁଛେ ଆକୁଲେ ଫେର୍
ଟିଠେଇ ରଡେ ଗା ତତେ ଦେଖି ।।

କେନୁ ଅଛୁ ମୁହୁଁ କେ ଫୁଲେଇ
ନାଇଁ ପାଏବାର୍ ତୋର୍ ପତା,
ଡାକି ଡାକି ଟଁଟି ଚିଆଁଲା ନ
ଲାଗେ ଫେର୍ କେତେ ଅଥା ବିତା ।।

ନାଇଁ କର୍ ଆର୍ ଗୁଲ୍ ଗୁଲା
ହଁସି ଖେଲି କରି ଥରେ ଯାଆ,
ଖଦ୍ ଖଦାତେଲ୍ ପୁର୍ଥି ହଁସୁ
ଦିସ୍ ବା ଫେର୍ ଘାଏ ସାଗୁଆ ।।

ଶରାବନେ ମୁଡ୍ ଫଟା ଖରା
ପାଏନ୍ କେ ଲାଗୁଛେ ଗା ନୁରା,
ପାନିର୍ ବିନେ ଶୋଷ୍ ନି ମେଟେ
ନି ଯାଏ ଫେର୍ ଟୁଁଡ୍ କେ ଚରା ।।

ଗଇନପୁରା,ଧମା
ସମ୍ବଲପୁର

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ମୋର୍ ଭାରତ୍ ମହାନ୍



ରମଣୀକାନ୍ତ ସାହୁ

ଆମେ ସଭେଁ ଭାରତ୍ ବାସି, ଭାରତ୍ ଆମର୍ ମାଁ
ଆମେ ସଭେଁ ମିଲିମିଶି ରଖ୍ ମା ତାର୍ ନାଁ
ଅଲଗ୍ ଅଲଗ୍  ଖାନା, ପିନ୍ଧନା, ଅଲଗ୍  ଚାଲିଚଲନ୍
ଫିର୍ ବି ଆମେ ଗୁଟେ ଜୀବନ୍, ମଜବୁତ୍ ଆମର୍ ଭାବର୍ ବଂଧନ୍
ଭାରତ ମୋର୍ ମହାନ୍, ଭାରତ୍ ମୋର୍ ମହାନ୍ ।

ଆମର୍ ନାରା ଜୟ୍ ଜବାନ୍, ଜୟ୍ କିସାନ୍
ଭିନ୍ ତା  ଭିତ୍ ରେ ଏକ୍ ତା,  ଆଏ ଆମର୍ ପଏଚାନ୍
ନାଇ ମାଡିଦଉ ଆମର୍ ସିମାନା, ଚୀନ୍ ହଉ କି ପାକିସ୍ତାନ୍
ଏକଜୁଟ୍ ହେଇ ଲଢ୍ ମା ଆମେ, ରଖ୍ ମା ଭାରତ୍ ମା ର୍ ମାନ୍
ଫର୍ ଫର୍ ହେଇ ଉଡୁଥିବା ତାର୍ ବିଜୟ୍ ବାନା, କରୁଥିମା ଗୁଣଗାନ୍
ଭାରତ୍ ମୋର୍ ମହାନ, ଭାରତ୍ ମୋର୍ ମହାନ୍ ।

ଜବାନ୍ ଭାଇ ପହଁରା ଦଉଛେ ସିମାନାନେ, ଜୀବନ୍ କେ କରି ପନ୍
ଛାତିଡେରି ଠିଆ ହେଇଛେ ନାଇନ ଗୁଲି କେ ଡର୍
ମା ର୍ ସେବାଲାଗି ହାତେ ଧରିଛେ ବନ୍ଧୁକ୍, ଛାଡିଛେ ଘର୍ ଦୁ ଆର୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ଚେତିଥିସି ବଲି ,ଆମେ ସୁଇପାର୍ ସୁ ନାଇଥାଏ ଆମର୍  ଡର୍
ଏନ୍ ତା ବୀର୍ ମାନ୍ କର୍ ଲାଗି ଦେଶ ହେଇପାରିଛେ ମହାନ୍
ଭାରତ୍ ମୋର୍ ମହାନ୍, ଭାରତ୍ ମୋର୍  ମହାନ୍ ।

ଚାସିଭାଇ ଦାନା ଦଉଛେ ଦେସ୍ କେ, ନିଜେ ପିଇ ବାସି ଥିର୍
ସରାବନର୍ ଝକେର୍ ହଉ କି ଭୁଦୋର୍ ଖରା ,ନାଇନ ଟିକେ ବି ଖାତିର୍
ଲଟ୍ କି ଥିସି ଚାସ୍ କାମ୍ ଥି, ଛିଡିଜିବାର୍ ତକ୍ ଜୀବନ୍ ଡୋର୍
ଖେତର୍ କାଦୋ ଥି ଘାଟିସାନି ହେଇ କାଦୋ ହେଇଗଲାନ ତାର୍ ଜୀବନ୍
ଫିର୍ ବି ଖଟୁଥିସି ରାଏତ୍ ଦିନ୍, ଦେମିବଲି  ଦେସ୍ କେ ମୁଠେ ଅରନ୍
ଗରବ୍ ଥି କହେସି ମୁଁଇ  ଭାରତ୍ ମୋର୍ ମହାନ୍, ଭାରତ୍ ମୋର୍  ମହାନ୍ ।

କତରବଗା
ସମ୍ବଲପୁର
ମୋବାଇଲ : ୯୪୩୭୭୩୬୬୧୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୁହାର୍ ମା



ରାଜେଶ ରଥ

ସମ୍ବଲପୁରୀ ସମଲେଇ ମାଁ ଜୁହାର ଗୋ ତତେ

ତୋର ଆଶିଷ ଲାଗି ଧାଇଁ ଆସିଛି ମାଁ ଦୂରଦେଶରୁ କେତେ

ତୋର ସାଁଗେ ଉଦିଆଁ ବିଲର ଭାବଟା ଟିକେ ରହୁ

ସକାଲୁ ସକାଲୁ ଫୁଟ୍‌ଲା ଫୁଲ୍‌ଟା ତୁମ୍ ହେ କହଁର୍ ଦେଉ

ମୋର୍ ପାଖେ ସିନା କିଛି ନାଇଁନ ଦେବାର ଲାଗି ତତେ

ହେଲେ ଭକ୍‌ତି ଟିକେ ଅଜାଡ଼ି ଦେବି ମାଁ ପାଦତଳେ ଟିକେ

ସକାଲ୍ ହଉ ତୋର୍ ଆଶିଷେ ଶୁଭ ହେଉ ମୋ ଦିନ

ଚଲାବାଟେ ମୋ ବର୍ଷା ହେଉ ଯେତେ ଅଛି ମାଁ ଖୁସି

ଦୁଃଖର୍ ଦିନ ନାଇଁ ଦେଖ ମାଁ ସବୁଦିନ ହେଉ ସୁଖୀ

ତୋର୍ ଛୁଆ ଗୁଟେ ଆଏଁ ଗୋ ମାଁ ନାଇଁ ଯିବୁ କେବେ ମତେ ଭୁଲି

ମନ ଭିତରୁ ଜୁହାର୍ ଗୋଟେ କରୁଛେ ମାଁ ତୁଇଁ ମୋର ସବୁକିଛି

ଦୁଃଖ୍ ସୁଖ୍ ବେଳେ ସାହା ହୋଇଥିବୁ ଢାପି ତୋର୍ ପନତକାନି

ଗଣିତ ଶିକ୍ଷକ, ଆସ୍କା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତାରେ ସ୍ୱାଧୀନତା, ଦେଶପ୍ରେମ



କୁଞ୍ଜ ବିହାରୀ ସାହୁ

ଆମେ ଭାରତୀୟ, ଭାରତ ଆମର ମାଆ । ଆମେ ସ୍ୱାଧୀନ ଦେଶର ସନ୍ତାନ । ଭାରତ ସ୍ୱାଧୀନତା ଲାଭ କଲା ପରେ ସମସ୍ତ ଭାରତୀୟଙ୍କ ଏହିଭଳି ଭାବନା ଯୁକ୍ତିଯୁକ୍ତ ।

ଆମ ହାତପାହାନ୍ତାରେ ଅଗଷ୍ଟ ପନ୍ଦର । ଆମ ଦେଶକୁ ମୁକ୍ତି ଦେବାରେ, ଅସୀମ ସାହସର ସହ ଲଢ଼ିଥିବା ଶହୀଦମାନଙ୍କର ସ୍ମୃତିଚାରଣର ଦିବସ । ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ, ଅବିରତ ପରିଶ୍ରମ, ଅକୁଣ୍ଠ ତ୍ୟାଗ ବାସ୍ତବିକ ଆମପାଇଁ ଅଭୁଲା ମୁହୂର୍ତ୍ତ । ଆମେ ସ୍ୱାଧୀନତା ପାଇଛୁ କେବଳ ପୂର୍ବସୂରୀଙ୍କ ଯୋଗୁଁ ।

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଭୂମିକା ଅଦ୍ୱିତୀୟ । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ଓ ପରେପରେ ସିପାହୀ ବିଦ୍ରୋହର ସୂତ୍ରପାତ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ଘନୀଭୂତ କରିବାକୁ ଲାଗିଲା । ଇଂରେଜମାନଙ୍କୁ ପରାହତ କରି ଓଡ଼ିଶାମାଟିକୁ ଶାସନମୁକ୍ତ କରିବାରେ ନେଇଥିବା ଆନ୍ଦୋଳନତ୍ମକ ଭୂମିକା ପ୍ରକୃତରେ କାଳଜୟୀ । ପାଇକପୁଅ ସ୍ୱାଭିମାନୀ । ହାରିବାର ସ୍ୱପ୍ନ ଦେଖିନି । ବ୍ରିଟିଶର ଲୋମହର୍ଷଣକାରୀ ଦୃଶ୍ୟରେ ସେ ମୁହ୍ୟମାନ ନୁହେଁ । ଅବିଚଳିତ ଢଙ୍ଗରେ ତଲବାର, ଖଣ୍ଡା ଚଳାଇ ବ୍ରିଟିଶ ଶାସନକୁ ଅଣାୟତ୍ତ କରିପାରିଛି । ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିପ୍ଳବୀ କବି ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଲେଖିଛନ୍ତି-

'ପାଇକ ପୁଅର ଢାଲ ତଲବାର କଳଙ୍କ ଲାଗିବ ନାହିଁ
ଏବେ ବି ଜାଗିଛି ଖୋରଧା ପାଇକ ମୁକ୍ତି ସଂଗ୍ରାମ ପାଇଁ ।'

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ସୌଜନ୍ୟ-ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବ ର ସ୍ମରଣିକା-ଶୌର୍ଯ୍ୟ)

ଏହି କବିତାରୁ ସ୍ପଷ୍ଟ ଯେ ଓଡ଼ିଆ ପାଇକ ବୀର ନିଜ ସ୍ୱାଭିମାନକୁ ହରେଇ ନାହିଁ । ସେ ଆପଣା ଜନ୍ମମାଟିର ସୁରକ୍ଷା ପାଇଁ ସଦା ସଦାସର୍ବଦା ନିଜକୁ ବଳିଦାନ ଦେବାକୁ ଆଗେଇ ଆସୁଥିଲେ । ସେଥିପାଇଁ ତ ଓଡ଼ିଆ ପାଇକ ବୀର ସବୁବେଳେ ମହୀୟାନ ଓ ସମସ୍ତଙ୍କର ପ୍ରଶଂସାର ପାତ୍ର ।

ଅନେକ ଦେଶପ୍ରେମୀ ଓଡ଼ିଆ କବି ନିଜର ଶାଣିତ ଲେଖନୀମୁନରେ ନିଜ ଅନୁଭବର ଦେଶାତ୍ମବୋଧକ କବିତା ରଚନା କରିଥିଲେ । କବିତାର ବିପ୍ଳବାତ୍ମକ ଚେତନା ମନପ୍ରାଣରେ ଜାଗରଣ ସୃଷ୍ଟି କରିଥିଲା । ଯାହାଫଳରେ ତାହା ସମୟାନୁକ୍ରମେ କାଳଜୟୀ ହୋଇପାରିଥିଲା ।

ଜାତୀୟ କବି ବୀରକିଶୋର ଦାସଙ୍କ କବିତାଗୁଡ଼ିକ ଅନ୍ତରଭିତରେ ଗୁଣୁଗୁଣୁଇଲେ ଦେହ ଶିତେଇ ଯାଏ ଆପଣାଛାଏଁ । କାରଣ ସେ କବିଙ୍କର ଓଜସ୍ୱିନୀ କବିତାର ଧାରା ଏବେ ବି ଓଡ଼ିଆବାସୀଙ୍କ ହୃଦୟରେ ଅନୁରଣିତ ହୁଏ । ପରାଧୀନତାର ଦୁଃଖଦ ସମୟରେ ସେ କବିତାରେ ବିପ୍ଳବର ସୁଅ ଛୁଟେଇଥିଲେ । ନିମ୍ନଲିଖିତ କେତୋଟି ପଦ ମନେପକାଇଦିଏ ଗୋରା ସିପାହୀର ଶାସନ କଥା –

ସାରା ଭାରତରେ ହା.. ହା.. କାର ଆମେ ପକାଇଦେବୁ
ଗୋରା ଶାସନକୁ ଏ ପାରି ସେ ପାରି ନଚାଇ ଦେବୁ ।

ଦେଶ ପୀରତି ବଡ଼ ଗହନ କଥା
ମଧୁର ମଧୁର ଆକାଶରୁ ଦୂର
ମରଣରୁ ବଳି ପରାଣବ୍ୟଥା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଧୁନିକ ଓଡ଼ିଶାର ନିର୍ମାତା, ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍କଳର ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନର ପୁରୋଧା ତଥା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଭାବେ ନିଜକୁ ପରିଚୟ ଦେଇଥିଲେ । ଦେଶ ଓ ଜାତିର ଉନ୍ନତି ନିମନ୍ତେ ତାଙ୍କ ପ୍ରାଣ ବିଳପି ଉଠୁଥିଲା । ଦେଶବାସୀଙ୍କ ପାଇଁ ଲେଖିଥିଲେ -

'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ,

ପୂରୁବ ଗୌରବ, ପୂରୁବ ମହିମା ପଡୁନାହିଁ କିରେ ମନେ ।'

କବି ସଚ୍ଚି ରାଉତରା ଓଡ଼ିଆ କାବ୍ୟ ସାହିତ୍ୟର ଦିଗଦର୍ଶକ । ଆଧୁନିକ କବିତାରେ ନୂଆ ଧାରା ତିଆରି କରିଛନ୍ତି । କବିତାଗୁଡ଼ିକ ସାବଳୀଳ ଓ ସାମାଜିକ ପରିପ୍ରେକ୍ଷୀରେ ଚିର ସବୁଜ । ବିଭିନ୍ନ କବିତାରେ ବୈପ୍ଳବିକ ଚିନ୍ତାଧାରାକୁ ସାମିଲ କରି ବ୍ରିଟିଶ ଶାସନରେ ନିଆଁ ଲଗେଇଛନ୍ତି । ସେ 'ବାଜିରାଉତ' କବିତାରେ ବାଜିରାଉତକୁ ଜଣେ ସାହସୀ,ଦେଶପ୍ରେମୀ ବୋଲି ବର୍ଣ୍ଣନା କରି ଲେଖିଛନ୍ତି-

ନୁହେଁ ବନ୍ଧୁ ନୁହେଁ ଏ ସଳିତା,

ଏ ଦେଶ ତିମିର ତଳେ ଏ ଅଲିଭା ମୁକତି ସଳିତା । ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ୱାଧୀନତା ଆନ୍ଦୋଳନର ଏକ ଚର୍ଚ୍ଚିତ ନାଁ । 'ବନ୍ଦେ ଉତ୍କଳ ଜନନୀ 'କବିତା ରଚନା କରି ଉତ୍କଳ ଜନନୀ ପ୍ରତି ନିଜର ଭକ୍ତିଭାବ ପ୍ରଦର୍ଶନ କରିଥିଲେ । ନିମ୍ନ କବିତାରେ ଜାତିପ୍ରେମ ସ୍ଫୁଲିଙ୍ଗ ସହଜରେ ବାରିହୋଇପଡ଼େ ।

ଅରି ଫେରିନାହିଁ ଯୁଦ୍ଧ ସରିନାହିଁ

ଆସ ମୋ ଶିବିରେ ଆସ ଭାଇ

ହିମାଚଳେ ଶିରେ ଶବଦ ଶୁଭଇ

ଡର ନାହିଁ ଆଉ ଡେରି ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱଭାବକବି ଗଙ୍ଗାଧର ମେହେର ନିଜର କାବ୍ୟିକ ମହିମାରେ ମହିମାନ୍ୱିତ । ଓଡ଼ିଆ ଭାଷା ପ୍ରତି ଯେତିକି ସମ୍ମୋହିତ, ଜାତୀୟତାରେ ବି ସେତିକି ଅନୁରକ୍ତ । କବିତାର ପ୍ରତିଟି ଛନ୍ଦେ ଛନ୍ଦେ ଉଦ୍ବୋଧନୀ ସ୍ୱର ଝଙ୍କୃତ ହୋଇଛି ।

'ଉଠ ଭାଇ ଉଠ ନବୀନ ଆଲୋକେ
ଶୋଇଥିଲେ ଚାହିଁ ହସୁଥିବେ ଲୋକେ
ଶୁଭକର୍ମ ପଥେ ହୁଅ ଅଗ୍ରସର
ଚକ୍ଷୁ ମିଳିବାକୁ ନାହିଁ ଅବସର ।'

ଜାତୀୟ କବି ବାଂଛାନିଧି ମହାନ୍ତି କିଶୋର ଅବସ୍ଥାରୁ ଭଦ୍ରକ ଜିଲ୍ଲାର ଇରମ ଗ୍ରାମବାସୀଙ୍କର ଦୁଃଖ-ଦୁର୍ଦ୍ଦଶା, ଜନ୍ମମାଟିର ହାହାକାରମୟ ଚିତ୍ର ଦେଖି ବ୍ୟଥିତ ହୋଇପଡ଼ିଥିଲେ । ଯାତ୍ରା, ଥିଏଟର, ସଭା ସମିତିରେ ନିଜେ ଗୀତ ଲେଖି ସୁନ୍ଦର ସୁଲଳିତ ଢଙ୍ଗରେ ଗାୟନ କରୁଥିଲେ । ମହତ୍ମାଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଜାତୀୟ ଜାଗରଣ ଏବଂ ସ୍ୱାଧୀନତା ସଂଗ୍ରାମର ମହନୀୟତାକୁ ଅନୁଭବ କରିପାରିଥିଲେ । ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଭାଗ ନେଇଥିଲେ । କଟକରେ ଅନୁଷ୍ଠିତ ନିଖିଳ ନେତା ସମ୍ମିଳନୀରେ କବି ଏକ ଯୁଗାନ୍ତକାରୀ କବିତାଟିଏ ଗାଇ ସମସ୍ତଙ୍କୁ ଚେତେଇଦେଇଥିଲେ –

କହ କେଉଁ ଜାତି ପାଇଁଛି ମୁକତି
କରି ହୁରି ହାରି ଗୁହାରୀ,
ପାଇଛି କେ ସୁଖ ଲିଭାଇଛି ଦୁଃଖ
ମାଗି ମାଗି ପଥ ଭିକାରି ।

ଓଡ଼ିଶାର ଗୌରବମୟ ଇତିହାସ, ଓଡ଼ିଆର ମାନମର୍ଯ୍ୟାଦା କ୍ଷୁର୍ଣ୍ଣ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଉଥିବାବେଳେ ପଣ୍ଡିତ ଗୋଦାବରୀଶ ମହାପାତ୍ର 'ଉଠ କଙ୍କାଳ ' କବିତା ରଚନା କରିଥିଲେ ଏବଂ ସମଗ୍ର ଓଡ଼ିଆବାସୀଙ୍କୁ ଓଡ଼ିଶାର ହୃତ ଗୌ÷ାରବକୁ ଫେରାଇ ଆଣିବାକୁ ଆହ୍ୱାନ ଦେଇଥିଲେ ।

'ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ ।
ପୃଥ୍ୱୀ ବିଦାରି ବାରବାଟୀ ମଢା ଉଠ ଉଠ ଚଂଚଳ
ଖୋର୍ଦ୍ଧାର ଶତ ସର୍ଦ୍ଦାର କର ଶିର ଉନ୍ନତ ଭର
ଉଠ କଙ୍କାଳ ଛିଡୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ।'

ନାରୀକବି କୁନ୍ତଳା କୁମାରୀ ସାବତ ସ୍ୱାଧୀନତା ଆନ୍ଦାଳନରେ ଇଂରେଜୀମାନଙ୍କ ବିଦ୍ରୂପ ଶୁଣିଛନ୍ତି । ଓଡ଼ିଆ ଦେଶପ୍ରେମୀର ଦୁଃଖ କାହାଣୀ ଶୁଣି କାତର ହୋଇଛନ୍ତି । ସରଳ, ତରଳ ମା' ମନ କାନ୍ଦିଉଠିଛି । ସେ ଲେଖିଛନ୍ତି-

'ପଖାଳ ଗଣ୍ଡାକୁ ଟିପେ ନାହିଁ ଲୁଣ, ବାହୁନିବା କିସ ଶାସନର ଗୁଣ
ଅପୂର୍ବ ରଚନା ଶାସନ ପ୍ରଣାଳୀ, ତେତ୍ରିଶକୋଟି ଯା' କବଳେ କାଙ୍ଗାଳୀ ।'

ରଣପୁର ମାଟିର ସୁଯୋଗ୍ୟ ସନ୍ତାନ ଶହୀଦ ଦିବାକର ପରିଡ଼ା ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ଗଡଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ । ଓଡ଼ିଆ ସଂସ୍କୃତି, ଜନସାଧାରଣଙ୍କ ପ୍ରତି ଶ୍ରଦ୍ଧା ଏପରିକି ମାତୃଭୂମି ପ୍ରତି ମୋହ, ମାୟାକୁ ସାଉଁଟୁ ଥିଲେ । ବ୍ରିଟିଶ ବାହିନୀକୁ ପରାହତ କରି ଦେଶ ସ୍ୱାଧୀନ କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ନିଜ ଜୀବନକୁ ପାଣି ଛଡେଇ ଦେଶମାତୃକାର ସେବାରେ ବ୍ରତୀ ହୋଇଥିଲେ । ସେ ଲେଖିଥିବା ଏକ କବିତାର କିୟଦଂଶ ହେଲା-


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ସ୍ୱାଧୀନ ରଖିବେ ଜନମଭୂଇଁକି
ଚିର ଦିନ ପାଇଁ ତ୍ରିରଙ୍ଗାକୁ ଟେକି
ପୂର୍ଣ୍ଣ ହେବ ସତେ ଦିବାକର ଆଶା
ସୁଜଳା, ସୁଫଳା, ସମୃଦ୍ଧ ଓଡ଼ିଶା ।'

ଓଡ଼ିଶା ସ୍ୱାଧୀନ ଲାଭ କଲା । ସୁଜଳା ସୁଫଳା ଓଡ଼ିଶା ମାଟିରେ ଜନ୍ମିତ ବୀର ଶହିଦ ଦିବାକର ପରିଡାର ଆଶା ପୂର୍ଣ୍ଣ ହୋଇଗଲା ।

କବିମାନଙ୍କ କଲମମୁନ ସବୁବେଳେ ଗତିଶୀଳ । ଯେ କୌଣସି ମୁହୂର୍ତ୍ତରେ ସେ କବିତାଟିଏ ରଚନା କରି ଆତ୍ମତୃପ୍ତି ପାଏ । ସେହିଭଳି ଜଣେ ସ୍ୱାଧୀନଚେତା ପ୍ରଥିତଯଶା ଶିଶୁ ସାହିତ୍ୟିକ ତଥା ଗବେଷକ ଡଃ ଦିଗରାଜ ବ୍ରହ୍ମା । କବି ଗଣତନ୍ତ୍ରର ପ୍ରକୃତ ଦାୟାଦ ଭାବରେ ଭାରତର ସ୍ୱାଧୀନତାକୁ ମୂଳମନ୍ତ୍ର କରି ନିଜର ସ୍ୱାଭିମାନ, ଐତିହ୍ୟକୁ ବଜାୟ ରଖିଛନ୍ତି । ଗର୍ବରେ ଛାତି ଫୁଲେଇ ଲେଖିଛନ୍ତି କବିତା 'ଜୟ ମୋ ଭାରତ ଦେଶ' ।

ସ୍ୱାଧୀନତା ଆମ ମୂଳତନ୍ତ୍ର
ଜୀବନର ଧର୍ମ ଗଣତନ୍ତ୍ର
ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଆମେ ସବୁ ଭାରତୀୟ
ସଂସ୍କୃତି ଆମର ଚିର ଉନ୍ନତ ଐତିହ୍ୟ ନମନୀୟ । (୧)
ସ୍ୱାଧୀନତା ଆମ ବୁଦ୍ଧ ଗାନ୍ଧୀ
ସ୍ୱାଧୀନତା ଆମ ଜୟହିନ୍ଦ୍
ସ୍ୱାଧୀନତା ଆମ ଗୁରୁ ଗଉରବ ଆମେ ସବୁ ଭାରତୀୟ
ବିଶ୍ୱ ଇତିହାସେ ଆମେ ସଂଭ୍ରମ ଉନ୍ନତ ନମନୀୟ । (୨)

ଶିଶୁ ସାହିତ୍ୟରେ ରାମକୃଷ୍ଣ ନନ୍ଦଙ୍କ ନାମ ଘରେ ଘରେ ପରିଚିତ । ସରଳ, ତରଳ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାବଳୀଳ ଭାଷାରେ କବିତା ରଚନା କରି ସମସ୍ତଙ୍କ ମନ ଜିଣିପାରିଛନ୍ତି । ନିଜକୁ ଭାବିଛନ୍ତି ସ୍ୱାଧୀନ ଦେଶରେ ପ୍ରକୃଷ୍ଟ ଦାୟାଦ । ଓଡ଼ିଆ ବୋଲି ସୁନ୍ଦର ଭାବନାଟିଏ ତାଙ୍କ ମନ ଭିତରେ ଉଙ୍କି ମାରିଛି । ତାଙ୍କର କବିତା ସଂକଳନ 'ଝୁମୁକା ' ର 'ଓଡ଼ିଶା ମୋର ଦେଶ ' ରେ ଲେଖିଛନ୍ତି-

'ଏଇ ଦେଶର ପାଣି ପବନେ ଶରୀର ହେଲା ଗଢା<br>
ଏଇ ଦେଶର ଚାଟଶାଳୀରେ ଶିଖିଲୁ ପାଠ ପଢ଼ା ।<br>
ଏଇ ଦେଶର ସେବାରେ ଆମ ଜୀବନ ହେଉ ଶେଷ,<br>
ଓଡ଼ିଆ ଆମେ, ଓଡ଼ିଆ ଆମେ, ଓଡ଼ିଶା ଆମ ଦେଶ ।'

ଶିଶୁ କବିତାର ବରେଣ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ କୋମଳମତି ଶିଶୁମାନଙ୍କ ମନରେ ଦେଶପ୍ରତି ବୀରତ୍ୱ ଭାବ ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ସମର କଳାରେ ପାରଦର୍ଶିତା ଦେଖାଇବାର ସୁଯୋଗ ତିଆରି କରିଛନ୍ତି । ନିଜ କବିତା ସଂକଳନ ଦେଶ ଓ ଦଶ ରେ ସ୍ଥାନିତ କବିତା 'ମୋ ଭାଇଟି ଓଡ଼ିଆ ' ରେ ଲେଖିଛନ୍ତି-

' ମୋ ଭାଇଟି ଓଡ଼ିଆ ଥିଲାରେ ଦିନେ ଓଡ଼ିଆ<br>
ମଣୁଥିଲା ସେ ରଣଭୂଇଁକୁ ପିଲାଙ୍କ ଖେଳ ପଡ଼ିଆ ।<br>
ବୀରମଦରେ ଗାଇଲା ଗୀତ ଯେବେ ମୋ ଭାଇ ଫୁଲାଇ ଛାତି<br>
ଥରାଇଦେଲା କୋଟି ଅରାତି କରାଇ ହଡ଼ବଡ଼ିଆ ।'

ମାସିକ ଶିଶୁ ଓ କିଶୋର ପତ୍ରିକାର ସଂପାଦିକା ତଥା ସୁସାହିତ୍ୟିକା ଅନସୂୟା ଚମତ୍କାର ଢଙ୍ଗରେ କବିତା ଲେଖିପାରନ୍ତି । ଏପରିକି ସ୍ୱାଧୀନ ଭାରତର ସନ୍ତାନ ବୋଲି ଗର୍ବ କରି ଓଡ଼ିଶା ମାଟିରେ ଜନ୍ମ ହୋଇ ନିଜ ଜୀବନକୁ ସାର୍ଥକ ମଣନ୍ତି । ମାଟି ଓ ପାଣି-ପବନକୁ ଭଲ ପାଉଥିବା କବୀଟିଏ ନିଜ କବିତାରେ ଓଡ଼ିଶା ଗାଁ ର ସୁନ୍ଦର ଚିତ୍ରଟିଏ ଆଙ୍କିଛନ୍ତି । ଭାବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଞ୍ଜୁଳ ଶବ୍ଦ ଭିତରେ ସେ ତାଙ୍କର କବିତା 'ଆମେ ସବୁ ବଢ଼ିଆ' ରେ ଉପସ୍ଥାପନା କରିଛନ୍ତି ଏଇଭଳି -

ପୂର୍ଣ୍ଣିମୀ ରାତିରେ ଯେବେ ଆକାଶରେ ଚାନ୍ଦ ଉଏଁ
ପଲ୍ଲୀବାଳା ଚେଇଁଉଠେ କଇଁକୁ ଜଗାଇଥାଏ ।
ଜୋଛନାର ରୁଣୁଝୁଣୁ ଭରିଦିଏ ପୁଲକ
ଇଏ ତ କେବଳ ଆମ ଓଡ଼ିଶାର ମହକ ।
XX xx XX xx XX
ବରଷାର ଝରଝର ଝରଣାର ପାଣିରେ
ପାହାଡ଼ କନ୍ଦରେ ଶୁଭେ ବେଦମନ୍ତ୍ର ବାଣୀରେ
ମଧୁ ସମୀରଣ ଗାଏ ଓଡ଼ିଆଙ୍କ ଗରିମା
ଇଏ ତ ଆମର ଏକା ଓଡ଼ିଶାର ମହିମା ।

କବିମାନେ ଚିର ସବୁଜ । ସ୍ୱାଧୀନ ଦେଶର ସନ୍ତାନ ହୋଇ ବରିଷ୍ଠ ଶିଶୁ ସାହିତ୍ୟିକ ରଘୁନନ୍ଦନ ମହାପାତ୍ର କବିତାରେ ସ୍ୱାଧୀନତାକୁ ଉଚ୍ଚ ଆସନ ଦେଇଛନ୍ତି । ନିଜର ଅଭିଳଷିତ ଇଛାକୁ ବ୍ୟକ୍ତ କରିଛନ୍ତି 'ଆମେ ସ୍ୱାଧୀନ' କବିତାରେ ।

ସ୍ୱାଧୀନ ଦେଶର ସନ୍ତାନ ଆମରେ
ମନ ଖୋଲି କଥା କହିପାରୁ
ନିରବରେ ପୁଣି ସହିପାରୁ
ସହି ପୁଣି ସବୁ ଭୁଲିପାରୁ
ଆମେ ବନ୍ଧୁତାର ହାତ ମେଲିପାରୁ ।

ଦେଶର ଗର୍ବ ଓ ଗୌରବ ତ୍ରିରଙ୍ଗା ପତାକା ଆକାଶରେ ଉଡ଼ାଇଲା ବେଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେପଡ଼ିଯାଏ ପାଠ୍ୟ ପୁସ୍ତକର କବିତାଟିଏ-

ବଜାରେ ବଜା ବାଇଦ ବଜା,
ଚଉଦିଗ ଆଜି ସଜାରେ ସଜା ।
କେତେ ନୂଆ ଆଶା ଆନନ୍ଦ ଆଣି,
ଅଗଷ୍ଟ ପନ୍ଦର ଆସିଛି ପୁଣି ।
ଏହି ଦିନ ଆମେ ସ୍ୱାଧୀନ ହେଲୁ,
ବିଦେଶୀ ହାତରୁ ଶାସନ ନେଲୁ ।
ଆମେ ଚଳାଉଛୁ ଦେଶ ଆମରି,
ଆମରି ନାଆରେ ଆମେ ନାଉରି ।
ଏଇ ପତାକାକୁ କର ସଲାମ,
ଉଡ଼ାଅ ଏହାକୁ ଦେଶ ତମାମ ।

ଆପଣମାନେ ଟିକିଏ ଭାବିଲେ- ସତରେ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିବା ମହାମନୀଷୀମାନେ କେତେ ମହାନ୍ ! ନିଜର ଅଦମ୍ୟ ସାହାସ, ଧୈର୍ଯ୍ୟ, କର୍ମକୁଶଳତା, ଏକାଗ୍ରତା, ପାରିଲାପଣିଆରେ ହଜେଇଦେଇ 'ଅସୀ ଠାରୁ ମସୀ ବଡ଼' ର ପରିଚୟ ଦେଇପାରିଥିଲେ । ସାଂସାରିକ ମୋହମାୟାକୁ ଏଡ଼ାଇ ପ୍ରିୟ ମାତୃକାର ସମ୍ମାନକୁ ଉଚ୍ଚରେ ରଖିବାକୁ ସତତ ପ୍ରୟାସ ଜାରିରଖିଥିଲେ । ଶାଣିତ କାବ୍ୟକବିତାରେ ବ୍ରିଟିଶବାହିନୀକୁ ପରାସ୍ତ କରି ସ୍ୱାଧୀନତାର ସ୍ୱାଦ ଚାଖିଥିଲେ ।

ତେଣୁ କହିବାକୁ ଗଲେ, ସ୍ୱାଧୀନତାର ବୀଜମନ୍ତ୍ରରେ ନିଜକୁ ନିମଜ୍ଜିତ କରି ଅନେକ ଓଡ଼ିଆ କବି ସୁନ୍ଦରତମ କବିତା ଲେଖିଛନ୍ତି ଯାହାକି ଚିରକାଳ ବଂଚିରହିଛି ସାହିତ୍ୟ ପୃଥିବୀରେ । ଏ ପ୍ରବନ୍ଧଟି ଉପସ୍ଥାପନା କଲାବେଳେ ସେମାନଙ୍କର ନାମ ଓ କବିତା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସନ୍ନିବେଶିତ ହୋଇପାରି ନ ଥିଲେ ବି ମୁଁ ସେମାନଙ୍କୁ ପ୍ରଣାମ କରୁଛି । ସେମାନେ ମୋର ଚିର ନମସ୍ୟ । ସେମାନଙ୍କ କବିତାକୁ ଶ୍ରେୟ ଦେଉଛି କାରଣ ସେ କବିତାଗୁଡ଼ିକ ମୋ ପାଇଁ ପ୍ରେରଣାର ଉତ୍ସ । ଯେଉଁ କବିମାନେ ସେମାନଙ୍କର ଚିର ସବୁଜ ସୃଷ୍ଟିକୁ ମୋ ପାଖରେ ପହଂଚେଇପାରିଛନ୍ତି ସେମାନଙ୍କ ନିକଟରେ ଚିର ଋଣୀ ।

ଭାରତବର୍ଷ ସ୍ୱାଧୀନତା ଲାଭ କରିଛି । ଚାରିଆଡ଼େ ତ୍ରିରଙ୍ଗା ପତାକା ଫରଫର ହୋଇ ଉଡୁଛି ପୂର୍ବସୂରୀଙ୍କ ବଳିଦାନକୁ ସମ୍ମାନ ଜଣେଇ । ହଁ, ଏବେ ଆସିଛି ସ୍ୱାଧୀନତାଦିବସ ଚିରାଚରିତ ଢଙ୍ଗରେ । ମାତ୍ର କରୋନାରେ ଆଁ ରେ ସମଗ୍ର ଭାରତ ଭୂଖଣ୍ଡ । କୋଟି କୋଟି ଆବାଳ ବୃଦ୍ଧ ବନିତା କରୋନା ଭୂତାଣୁର ଅଚାନକ ସଂକ୍ରମଣରେ ଭୟଭୀତ । ବିଶେଷ କରି ସାମାଜିକ ଦୂରତା ଏକ ପ୍ରତିବନ୍ଧକ ରୂପେ ଠିଆ ହୋଇଛି ସାମଗ୍ରିକ ଭାବେ । ଜାତୀୟ ସଂଗୀତ ଯେମିତି ଉପହାସିତ ହୋଇଯାଇଛି ଆପେ ଆପେ । ଏମିତି ଏକ ଭୟାନକ ପରିସ୍ଥିତି ଆମ ପାଖରେ ଉପସ୍ଥିତ ଯେ, ସେଥିରୁ ମୁକୁଳିବା ସହଜସାଧ୍ୟ ନୁହେଁ । ଶିକ୍ଷାଳୟ, କାର୍ଯ୍ୟାଳୟ, ନ୍ୟାୟାଳୟ ଏପରିକି ବିଭିନ୍ନ ସଂସ୍ଥାମାନଙ୍କରେ କରୋନା ଭୁତାଣୁର ଗୋପନ ସଂକ୍ରମଣ ମନରେ ଆଶା ଓ ଆଶଙ୍କା ଭରୁଛି କେବଳ ମାନସିକତାର ସହ ଏହି ସ୍ୱାଧୀନତା ଦିବସକୁ ପାଳନ କରିବାକୁ ପଡୁଛି । ଗଳିକନ୍ଦିରେ ବି କରୋନାର ଭୟ । ସଙ୍ଗରୋଧରେ ମଣିଷ ଅହରହ ଜଳୁଛି । ସତରେ ଏ ଅଗଷ୍ଟ ପନ୍ଦର ଆଜିର ଏ ଦିନରେ କ'ଣ ସୁଖ ଦେଇଛି !

ଆଜି ଅଗଷ୍ଟ ପନ୍ଦର ଆସିଛି । ପୁରପଲ୍ଲୀଠୁ ଆରମ୍ଭ କରି ସହର- ସବୁଠି ଚାରିଆଡ଼େ ସ୍ୱାଧୀନତାର ତ୍ରିରଙ୍ଗା ପତାକା ଉଡୁଛି ଫରଫର ହୋଇ । ପ୍ରତ୍ୟେକ ସ୍ୱାଧୀନ ମଣିଷ ଖୁସିରେ ବିଭୋର । ପୂର୍ବସୂରୀଙ୍କ ମହନୀୟତାକୁ ସ୍ମରଣ କରି ଜୟଜୟକାର କରୁଛି ।

ଏମିତି ଏକ ପରିବେଶରେ ମୁଁ ଜାତୀୟ ପତାକାକୁ ଚାହୁଁଛି । ସ୍ୱାଧୀନତା କଥା ଭାବୁଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ଆଉ କବିତାରେ ଭାବବିଭୋର ହୋଇ  ମୁଁ ମୋର କବିତାଟିଏ ବାଢ଼ିଦେଉଛି -

'ହେ ପ୍ରିୟ ମୋର ତ୍ରିରଙ୍ଗା ପତାକା,
ଆଜି ପୂଣ୍ୟ ଅଗଷ୍ଟ ପନ୍ଦରେ
ପବନରେ ଉଡୁଥାଅ ଫରଫର ହୋଇ
ତୁମ ପାଦେ ଜଣାଉଛି ନିର୍ଲିପ୍ତରେ କୋଟି ନମସ୍କାର
ଏକତାର ଗୀତ ଗାଇଗାଇ ..ା
ହେ ପ୍ରିୟ ସ୍ୱାଧୀନ ପ୍ରତିଭାଧର,
ଲେଖନୀରେ ବିପୁଳ କାବ୍ୟପ୍ରତିଭା
ମାଟିରୁ ଆକାଶ ଯାଏଁ ହୋଇଅଛି ବ୍ୟାପ୍ତି
ଶାଣିତ ଶବ୍ଦର ଝଙ୍କାର
ମୋ ସରଳ ମନ-ପ୍ରାଣେ ଆଣିଅଛି ଦୀପ୍ତି  ।'

ଏଲ୍.ଆଇ.ଜି-୧୫ ନୟାପଲ୍ଲୀ ବ୍ରୀଟ୍ କଲୋନୀ
ଭୁବନେଶ୍ୱର ୭୫୧୦୧୨ (୯୪୩୭୯୨୯୮୭୯)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ଷାବନ୍ଧନ ଉତ୍ସବ



ସୌଭାଗ୍ୟରଞ୍ଜନ ମହାପାତ୍ର

## ଉତ୍କଳର ଗୌରବମୟ ପର୍ବ-ରକ୍ଷା ବନ୍ଧନ ଉତ୍ସବ

ବାର ମାସରେ ବାରଗୋଟି ପୂର୍ଣ୍ଣିମା ଉତ୍କଳର ସଂସ୍କୃତିମୟ ପୃଷ୍ଠକୁ ମହିମାମୟ ତଥା ଗୌରବମୟ କରିଥାଏ । ଯଥା:-

ଆଷାଢ଼ ମାସର ଗୁରୁପୂର୍ଣ୍ଣିମା ବା ବ୍ୟାସପୂର୍ଣ୍ଣିମା, ଶ୍ରାବଣ ମାସର ରାକ୍ଷୀ ପୂର୍ଣ୍ଣିମା, ଭାଦ୍ରବମାସର ଇନ୍ଦ୍ରଉତ୍ସବ ପୂର୍ଣ୍ଣିମା, ଆଶ୍ୱିନମାସର କୁମାର ପୂର୍ଣ୍ଣିମା, କାର୍ତ୍ତିକମାସର ରାସ ପୂର୍ଣ୍ଣିମା, ମାର୍ଗଶୀର ମାସର ପଣ୍ଟୁ ପୂର୍ଣ୍ଣିମା, ପୌଷ ମାସର ଅଭିଷେକ ପୂର୍ଣ୍ଣିମା, ମାଘମାସର ଅଗ୍ନିଉତ୍ସବ ପୂର୍ଣ୍ଣିମା, ଫାଲ୍ଗୁନମାସର ଦୋଳ ପୂର୍ଣ୍ଣିମା, ଚୈତ୍ରମାସର ମଧୁ ପୂର୍ଣ୍ଣିମା, ବୈଶାଖମାସର ଚନ୍ଦନ ପୂର୍ଣ୍ଣିମା ଓ ଜ୍ୟେଷ୍ଠମାସର ସ୍ନାନ ପୂର୍ଣ୍ଣିମା ଇତ୍ୟାଦି ।

ଏଥି ମଧ୍ୟରୁ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ । ଏହାକୁ ଗହ୍ମା ପୂର୍ଣ୍ଣିମା ବା ଗହ୍ମାଡିଆଁ ପୂର୍ଣ୍ଣିମା ବୋଲି ମଧ୍ୟ କୁହାଯାଏ । ଏହି ତିଥିରେ ଶ୍ରୀ ବଳଭଦ୍ରଙ୍କ ଜନ୍ମ ମଧ୍ୟ ପ୍ରତିପାଳନ କରାଯାଏ । ପୁରାଣ କିମ୍ବଦନ୍ତୀ ଅନୁଯାଇ ରୋହିଣୀ ନାମକ ଏକ ଗାଈ ଗର୍ଭାବସ୍ଥାରେ ଥିବା ସମୟରେ ସେହି ଗର୍ଭକୁ ନେଇ ରୋହିଣୀ ନକ୍ଷତ୍ର ଯିଏକି ବାସୁଦେବଙ୍କର ଅନ୍ୟ ଏକ ପତ୍ନୀ ତାଙ୍କ ଗର୍ଭରେ ଛାଡ଼ି ଦିଆଯାଇଥିଲା ଏବଂ ସେହି ଗଭିରୁ ଜନ୍ମ ହେଲେ ବଳଦେବ । ରୋହିଣୀଙ୍କ ଗର୍ଭ ଠାରୁ ବଳଭଦ୍ର ସମ୍ଭୂତ ହୋଇଥିବାରୁ ତାଙ୍କର ନାମ "ରୋହିଣେୟ" । ତେଣୁ ଏହି ତିଥି ବଳଭଦ୍ର ଜନ୍ମ ରୂପେ ପରିଚିତ । ବଳଭଦ୍ର ହେଉଛନ୍ତି କୃଷି ଓ କୃଷକର ପ୍ରତୀକ । ତେଣୁ ଏହି ତିଥିଟି କୃଷକମାନଙ୍କ ପାଇଁ ଆନନ୍ଦ ଉଲ୍ଲାସରର ପର୍ବ । ଧାନ ବିଲରେ ନବ୍ୟ ଫସଲ ଦେଖି କୃଷକ ଆନନ୍ଦିତ ହୁଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଦିନରେ ଗ୍ରାମ ଶିବ ମନ୍ଦିରରେ ମୃତ୍ତିକାରେ ଏକ ଷଣ୍ଢ ତିଆରି କରାଯାଇ ଛୋଟ ବାଛୁରୀକୁ ଡିଆଁଯାଏ, ତେଣୁ ଏହି ପର୍ବର ନାମ ଗମ୍ହାଡିଆଁ ପର୍ବ । ଆମ ସଂସ୍କୃତିରେ ଆମ ମର୍ଯ୍ୟାଦାରେ ଆମ ମହନୀୟ ସେବା ପୂଜା ଭିତରେ ଆମେ ଗାଇମାନଙ୍କୁ ମାନ୍ୟବର ସ୍ଥାନ ଦେଇଛେ । ଗୋ ହେଉଛି ଆମ ସାଂସ୍କୃତିକ ଇଲାକାର ଏକ ମାନନୀୟ ପ୍ରତିଭା । ତେଣୁ ବ୍ୟାସ ବ୍ରାହ୍ମଣ ଓ ଗାଇକୁ ଗୋଟିଏ ସମାନ ନିକିତିରେ ବସାଇଛନ୍ତି । ତେଣୁ ସଂସ୍କୃତ ସାହିତ୍ୟ ପ୍ରମାଣ ଦିଏ -:

*"ନମୋ ବ୍ରହ୍ମଣ୍ୟେ ଦେବାୟ*
*ଗୋ ବ୍ରାହ୍ମଣ୍ୟ ହିତାୟ ଚ*
*ଜଗଦ୍ଧିତାୟ କୃଷ୍ଣାୟ*
*ଗୋବିନ୍ଦାୟ ନମୋନମଃ । ।"*

ଧରାଧାତ୍ରୀ ଧରିତ୍ରୀରେ ସେତେବେଳେ ଭଗବାନ ନିରାକାରରୁ ନରାକାର ମାଧବରୁ ମାନବ ଜନାର୍ଦ୍ଦନରୁ ଜନତା ନାରାୟଣରୁ ନର ଅବତାର ଧାରଣ କରନ୍ତି ଯେତେବେଳେ ଅନ୍ୟାୟ ଅନୀତି ତାର କାୟା ବିସ୍ତାର କରି ସଜ୍ଜନମାନଙ୍କୁ ପୀଡା ଦିଏ । ଠିକ୍ ସେମିତି ଗୋକୁଳର ରକ୍ଷା ନିମନ୍ତେ ଏହି ପୂର୍ଣ୍ଣିମାଦିନ ଶ୍ରୀ ସିଦ୍ଧ ବଳଦେବଜୀଉ ଜନ୍ମ ଗ୍ରହଣ କରିଥିଲେ । ସେ ହେଉଛନ୍ତି ଷଣ୍ଢର ପ୍ରତୀକ । ତେଣୁ ଏହି ଅବସରରେ ଗୋମାନଙ୍କୁ ପୁର ପଲ୍ଲୀରେ ପୂଜା ମଧ୍ୟ କରାଯାଏ ।

ଏହି ଦିନଟି ମଧ୍ୟ ରକ୍ଷାବନ୍ଧନ ଉତ୍ସବ ବା ରାକ୍ଷୀ ପୂର୍ଣ୍ଣିମା ଭାବରେ ବେଶ୍ ପ୍ରସିଦ୍ଧ । ରାକ୍ଷୀ ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ । ଏହି ପର୍ବ ଉଭୟ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ କରିଥାଏ । ଏହିଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତା'ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରି-ଥାଏ । ବଦଳରେ ଭାଇ ତା'ର ଭଉଣୀକୁ ରକ୍ଷା

 Magazine Downloaded from www.aahwaan.com

କରିବାର ସଂକଳ୍ପ ନେଇଥାଏ । ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ ।

ତେବେ ଅନ୍ୟ ରାଜ୍ୟ ଗୁଡିକରେ ଏହି ଶ୍ରାବଣ ପୂର୍ଣ୍ଣିମାର ପର୍ବ ଅନ୍ୟ ରୀତିରେ ପାଳିତ ହୋଇଆସୁଛି । ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା 'ନାରିକେଳ ପୂର୍ଣ୍ଣିମା' ଭାବେ ପାଳିତ ହୋଇଥାଏ । ଏହି ଦିନ ଜଳ ଦେବତା ବରୁଣଙ୍କୁ ନାରିକେଳ ପ୍ରଦାନ କରାଯାଇଥାଏ । ସାଧାରଣତଃ ଏହା ଉପକୂଳବର୍ତ୍ତୀ ଅଞ୍ଚଳ ଯେଉଁମାନେ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରନ୍ତି ସେଇ ସ୍ଥାନମାନଙ୍କରେ ପାଳିତ ହୋଇଥାଏ । ଉତ୍ତର ଭାରତରେ ଏହି ପର୍ବ 'କାଜିର ପୂର୍ଣ୍ଣିମା' ନାମରେ ଜଣାଶୁଣା । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଛତିଶଗଡର କେତେକ ସ୍ଥାନରେ ମଧ୍ୟ ଏହି ପର୍ବ ପାଳିତ ହୋଇଥାଏ । ଦକ୍ଷିଣ ଭାରତରେ ଏହି ତିଥିକୁ 'ଅବନୀ ଅଭିକମ' ନାମରେ ମଧ୍ୟ ପାଳନ କରାଯାଇଥାଏ । ଏହାକୁ ଓଡିଶାର ବ୍ରାହ୍ମଣ ଶାସନରେ 'ଶ୍ରାବଣୀ ବେଦଉପକର୍ମ' ମଧ୍ୟ କୁହାଯାଏ ।ରାକ୍ଷୀ ପୂର୍ଣ୍ଣିମା କେବଳ ଏକ ପର୍ବ ନୁହେଁ, ଏହା ଭାଇ ଓ ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ ଅଧିକ ମଜଭୁତ କରିଥାଏ । ହିନ୍ଦୁ ଧର୍ମରେ ରାକ୍ଷୀ ପୂର୍ଣ୍ଣିମାକୁ ମଧ୍ୟ ଗହ୍ମା ପୂର୍ଣ୍ଣିମା କୁହାଯାଇଥାଏ । ଯାହାକୁ ସାରା ଦେଶରେ ବଡ ଧୁମଧାମ୍ ଓ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥାଏ ।ଏହିଦିନ ଭଉଣୀ ଭାଇର ହାତରେ ରାକ୍ଷୀ ବାନ୍ଧିବା ସହ ତା'ର ଉଜ୍ୱଳ ଭବିଷ୍ୟତ କାମନା କରିଥାଏ । ଏହା ବଦଳରେ ଭାଇ ତା'ର ଅଲିଅଳ ଭଉଣୀକୁ କିଛି ଉପହାର ଭେଟି ଦେବା ସହ ତା'ର ସୁରକ୍ଷା କରିବା ଲାଗି ପ୍ରତିଜ୍ଞା ଦେଇଥାଏ । ଏହି ପର୍ବକୁ କେବଳ ହିନ୍ଦୁ ତା' ନୁହେଁ ଅନ୍ୟ ଧର୍ମାବଲମ୍ବୀ ବ୍ୟକ୍ତିମାନେ ମଧ୍ୟ ପାଳନ କରିଥାନ୍ତି ।ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ରାକ୍ଷୀ ପୂର୍ଣ୍ଣିମା ପ୍ରତିବର୍ଷ ଶ୍ରାବଣ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମାରେ ପାଳନ କରାଯାଇଥାଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଇ-ଭଉଣୀର ଏକ ପବିତ୍ର ସମ୍ପର୍କ ରାକ୍ଷୀ ପୂର୍ଣ୍ଣିମା । ଏହି ବନ୍ଧନ ଭାଇ-ଭଉଣୀ ମଧ୍ୟରେ ଭଲପାଇବା ଏବଂ ସମ୍ମାନ ବିସ୍ତାର କରିବା ପାଇଁ ପାଳନ କରାଯାଇଥାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିବା ପରେ ଭାଇ ସାରା ଜୀବନ ଭଉଣୀ ରକ୍ଷା କରିବ ବୋଲି ଶପଥ ନେଇଥାଏ ।ତେଣୁ ପ୍ରକୃତରେ ରାକ୍ଷୀ ପୂର୍ଣ୍ଣିମାର ଅସ୍ତିତ୍ୱ ଅତିବ ମହତ୍ତ୍ୱର ।ପ୍ରାଚୀନ ଯୁଗରୁ ରକ୍ଷା ବନ୍ଧନର ପରମ୍ପରା ରହିଆସିଛି । କାରଣ ପ୍ରାଚୀନ କାଳରେ ଦେବତା ଏବଂ ରାକ୍ଷାସମାନଙ୍କ ମଧ୍ୟରେ ଯୁଦ୍ଧ ଲାଗିବା ସମୟରେ ରାକ୍ଷାସମାନଙ୍କୁ ରକ୍ଷା କରିବା ପାଇଁ ଇନ୍ଦ୍ରାଣୀ ନିଜ ପତି ଇନ୍ଦ୍ରଙ୍କ ହାତରେ ଭଗବାନ ବିଷ୍ଣୁ ଦେଇଥିବା ଏକ ଡାଗାକୁ ବାନ୍ଧି ଦେଇଥିଲେ ।

ଅନ୍ୟ ଏକ ଶାସ୍ତ୍ରମତ ଅନୁଯାୟୀ ରାକ୍ଷସମାନେ ଯୁଦ୍ଧରେ ବିଜୟ ହୋଇ ସ୍ୱର୍ଗକୁ ନିଜର ଅକ୍ତିଆର କରିଦେଇଥିଲେ । କିନ୍ତୁ ଏହା ଦେଖି ଭଗବାନ ଇନ୍ଦ୍ର ଖୁସି ନଥିଲେ । ତେଣୁ ସେ ଏନେଇ ଗୁରୁ ବୃହସ୍ପତି ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ ଗୁରୁ ବୃହସ୍ପତି ସେହି ସମୟରେ ଏକ ରକ୍ଷା ସୁତ୍ର ତିଆରି କରି ଇନ୍ଦ୍ରଙ୍କୁ ପିନ୍ଧିବା ପାଇଁ ଉପଦେଶ ଦେଇଥିଲେ ।

ରକ୍ଷା ବନ୍ଧନର ପରମ୍ପରା ମହାଭାରତରେ ମଧ୍ୟ ଦେଖିବାକୁ ମିଳିଥାଏ । ଉଲ୍ଲେଖ ରହିଛି ମହାଭାରତରେ ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କ ହାତ କଟିଯାଇଥିଲା । ଫଳରେ ଦ୍ରୌପଦୀ ନିଜ ପିନ୍ଧା ଶାଢୀ ଚିରି ତାଙ୍କ ଆଙ୍ଗୁଠିରେ ଗୁଡାଇ ରକ୍ତ ଶ୍ରାବ ବନ୍ଦ କରିଥିଲେ । ଯେତେବେଳେ କୌରବ ମାନେ କୁରୁସଭାରେ ଦ୍ରୌପଦୀଙ୍କୁ ବିବସନା କରୁଥିଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ତାଙ୍କ ସମ୍ମାନ ରକ୍ଷା କରିଥିଲେ ।

ଭାଇ ପରେ ସବୁଠାରୁ ସମର୍ପଣର ମହତ୍ୱପୂର୍ଣ୍ଣ କାହାଣୀ ହେଉଛି ସମ୍ରାଟ ହିମାୟୁଙ୍କର, ଯିଏ ନିଜ ସେନାଙ୍କ ସହ ମେୱାଡ ଯାଇଥିଲେ । ସେହି ସମୟରେ ସେଠାରେ ଶାସନ

 Magazine Downloaded from www.aahwaan.com

କରୁଥିବା ରାଣୀ କର୍ଣ୍ଣାବତୀ ତାଙ୍କର ସାହାଯ୍ୟ ଭିକ୍ଷା କରିଥିଲେ । ମେୱାଡରେ ବାହାଦୂର ଶାହ ଦ୍ୱାରା ଦୁଇ ଥର ଆକ୍ରମଣ କରାଯାଇଥିଲା ଏବଂ ଆଶାର କିରଣ ରୂପେ ସେମାନେ ହିମାୟୁଙ୍କ ନିକଟକୁ ଏକ ପତ୍ର ପଠାଇ ରାକ୍ଷୀ ମାଗିଥିଲେ । ସେହିସମୟରେ ସମ୍ରାଟ ଏକ ସୈନ୍ୟ ଅଭିଯାନ ମଧ୍ୟରେ ରହିଥିଲେ ମଧ୍ୟ ସବୁ କିଛି ଛାଡି ରକ୍ଷା କରିବା ପାଇଁ ଚାଲି ଯାଇଥିଲେ ।

ରାକ୍ଷୀ ସିକନ୍ଦର ଦି ଗ୍ରେଟଙ୍କର ମଧ୍ୟ ଜୀବନ ବଞ୍ଚାଇଥିଲା । ଯେତେବେଳେ ସେ ଭାରତ ଉପରେ ଆକ୍ରମଣ କରିଥିଲେ, ସେହି ସମୟରେ ତାଙ୍କ ପତ୍ନୀ ରୋକ୍ସାନା କଟୋଚ ରାଜା ପୋରସଙ୍କ ନିକଟକୁ ରାକ୍ଷୀ ପଠାଇଥିଲେ ଏବଂ ସେ ତାଙ୍କ ପତିଙ୍କ ରକ୍ଷା କରିବା ପାଇଁ ମଧ୍ୟ ଶପଥ ନେଇଥିଲେ । ଏହି କାରଣରୁ ଯୁଦ୍ଧ କ୍ଷେତ୍ରରେ ସେ ସିକନ୍ଦଙ୍କୁ ମାରିବା ସମୟରେ ରାକ୍ଷୀ ଦେଖି  ତାଙ୍କୁ ଛାଡି ଦେଇଥିଲେ ।

ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳେ ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ପ୍ରଥମଥର ପାଇଁ ଭାରତର ରାଜା ପୁରୁଙ୍କ ଠାରୁ ପରାସ୍ତ ହୋଇଥିଲେ ।ଏତଦଦ୍ୱାରା ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏହିରାକ୍ଷୀ ପ୍ରେରଣ କରିଥିଲେ ।ଯାହାଦ୍ୱାରା ପୁରୁ ମାସିଡୋନିଆର ରାଣୀଙ୍କୁ ନିଜ ଭଗିନୀ ରୂପରେ ସ୍ୱୀକାର କରିଥିଲେ ।

ପୁରାଣରେ ଅଛି ବଳିରାଜା ସପ୍ତପାତାଳ ର ରାଜାହେବା ପରେ ନିଜ ପୂଣ୍ୟ ବଳରେ ବାମନରୂପୀ ନାରାୟଣ ଙ୍କୁ ନିଜ ଦ୍ୱାର ଦେଶରେ ଜଗୁଆଳି କରି ରଖିଥିଲେ । ଭଗବାନ ବିଷ୍ଣୁ ମଧ୍ୟ ବୈକୁଣ୍ଠ ତ୍ୟାଗ କରି ତାଙ୍କ ରାଜପ୍ରସାଦରେ ଅବସ୍ଥାନ କରିଥିଲେ  । ଭଗବାନ ତାହୁଁ ନଥିଲେ ତାଙ୍କ ଉପରେ କିଛି ବିପଦ ଆସୁ  । ଏହା କିନ୍ତୁ ମାତା ଲକ୍ଷ୍ମୀଙ୍କୁ ପସନ୍ଦ ଆସିନଥିଲା । ତେଣୁ ସେ ବ୍ରାହ୍ମଣୀ ବେଶରେ ବଳିଙ୍କ  ରାଜନଗର ରେ ରହିବାକୁ ଚାହିଁଲେ । ବଳି ଙ୍କର ସ୍ତ୍ରୀ ହେଲେ ବିନ୍ଧ୍ୟାବଳୀ ମାତା ରତ୍ନାଞ୍ଜଳୀ ।କୌଣସି ଭଉଣୀ ତାଙ୍କର ନ ଥିଲା । ତେଣୁ ସେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେହି ବ୍ରାହ୍ମଣୀ କନ୍ୟା କୁ ନିଜର ଭଉଣୀ ରୂପେ ରଖିଲେ ।ପରବର୍ତ୍ତୀ କାଳରେ ସେହି ବ୍ରାହ୍ମଣୀକନ୍ୟା ବଳି ହାତରେ ରାକ୍ଷୀ ବାନ୍ଧି ତାଙ୍କୁ ଅନୁରୋଧ କରିଥିଲେ ଯେ ସେ ସେହି ଗେଡା ବ୍ରାହ୍ମଣ ଙ୍କୁ ବିବାହ କରିବାକୁ ଚାହୁଁଛନ୍ତି । ଏଥିରେ ବଳି ସହମତ ହୋଇ ରାକ୍ଷୀ ପାଉଣା ଭାବରେ ବାମନ ଙ୍କ ସହ ତାଙ୍କର ବିବାହ କରାଇଥିଲେ । ବିବାହ ପରେ ସେ ବ୍ରାହ୍ମଣୀ କନ୍ୟା ଓ ବାମନ ଙ୍କ ଲକ୍ଷ୍ମୀନାରାୟଣ ସ୍ୱରୂପ ଦର୍ଶନ କରି କୃତାର୍ଥ ହୋଇଥିଲେ । ଓ ନାରାୟଣ ରୂପୀ ବାମନ ଙ୍କୁ ନିଜ ବଚନ ରୁ ମୁକ୍ତ କରାଇ ବୈକୁଣ୍ଠ ପ୍ରସ୍ଥାନ ପାଇଁ ଅନୁମତି ଦେଇଥିଲେ । ବଳି ଙ୍କର ଏହି କାଳଜୟୀ ଭକ୍ତି କୁ ଆଜି ମଧ୍ୟ ରାକ୍ଷୀ ବାନ୍ଧିବା ସମୟରେ ସ୍ମୃତିଚାରଣ କରାଯାଇ କୁହାଯାଏ ।

*"ଯେନ ବଦ୍ଧ ବଳିରାଜା ଦାନବେନ୍ଦ୍ର ମହାସୁର*

*ତେନ ତ୍ୱମ ଅପି ବଦ୍ନାମି ରକ୍ଷମାଂ ଚଲମାଚଲ । ।"*

ଏହା ଥିଲା ପୌରାଣିକ ଏବଂ ଐତିହାସିକ କଥା । ରାକ୍ଷୀ ପୂର୍ଣ୍ଣିମା ଭାରତ ବର୍ଷରେ ପାଳିତ ହେଉଥିଲେ ମଧ୍ୟ ଏହା ଓଡିଶାର ଏକ ପ୍ରମୁଖ ପର୍ବ । ଏହି ପୂର୍ଣ୍ଣିମାରେ ଭଗବାନ ବଳଭଦ୍ରଙ୍କର ଜନ୍ମ । ଶ୍ରାବଣର ଆରମ୍ଭରେ ଏହି ପର୍ବ ପ୍ରତ୍ୟେକ ପୁରପଲ୍ଲୀରେ ଆଲୋଡନ ସୃଷ୍ଟି କରିଥାଏ । ଏହିଦିନଟି ଭାଇ ଓ ଭଉଣୀ ମାନଙ୍କ ନିମନ୍ତେ ଏକ ପବିତ୍ର ଦିନ । ଏହିଦିନ ଭଗିନୀ ନିଜ ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଯଶ ମନାସୁଥିବା ବେଳେ ଭାଇ ତା'ର ପ୍ରତିଟି କର୍ତ୍ତବ୍ୟ ସୂଚାରୁ ରୂପେ ପାଳନ କରିବାର ପ୍ରତିଶ୍ରୁତି ବଦ୍ଧ ହୋଇଥାଏ । ଯେତେଦୂରରେ ଥିଲେ ମଧ୍ୟ ଏହି ଦିନ ଭାଇ ଓ ଭଉଣୀ ମାନଙ୍କର ସାକ୍ଷାତ ହୋଇଥାଏ । ପୁରପଲ୍ଲୀରେ ଏହାର ଚିତ୍ର ନିଆରା । ଏହିଦିନ ଘରେ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଯାହାକୁ ସେବନ କରି ସମସ୍ତେ ଖୁସିରେ ଦିନ କାଟିଥାନ୍ତି ।

ଓଡ଼ିଶାକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ଫଳରେ ଓଡ଼ିଶାବାସୀ ତତ୍ପର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ପଡ଼ନ୍ତି କୃଷିକାର୍ଯ୍ୟ କରିବା ପାଇଁ । ସାଧାରଣତଃ କର୍ମଜଞ୍ଜାଳ ପରିବେଶ ମଧ୍ୟରେ ଉତ୍କଳୀୟମାନେ ମହାଆଡ଼ମ୍ବର ଓ ମର୍ଯ୍ୟାଦାର ସହ ପାଳିଥାନ୍ତି ବହୁ ପର୍ବପର୍ବାଣି ଓ ଯାନିଯାତ୍ରା । ସେଥିପାଇଁ ଆମର ଏହି ଓଡ଼ିଶା ସଂସ୍କୃତି ସମୃଦ୍ଧ ରାଜ୍ୟ ଭାବେ ମହିମାମଣ୍ଡିତ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଦୃଷ୍ଟିରୁ ଏଠାରେ କୃଷିଭିତ୍ତିକ ବା କୃଷି ସମ୍ବନ୍ଧୀୟ ପର୍ବପର୍ବାଣି ପାଳନ ହେବା ସ୍ୱାଭାବିକ । ଏତଦ୍ ବ୍ୟତୀତ ଦେବଦେବୀଙ୍କ ବିଷୟରେ ଲୋକ ବିଶ୍ୱାସ ଓ ପରମ୍ପରାଗତ ଭାବେ ପର୍ବପର୍ବାଣି ମହାସମାରୋହରେ ଅନୁଷ୍ଠିତ ହୋଇଥାଏ ।

ଆମ ସଂସ୍କୃତିରେ ପ୍ରଚଳିତ ପର୍ବପର୍ବାଣି ଓ ଓଷାବ୍ରତ ଗୁଡ଼ିକ ମଧ୍ୟରୁ ଅଧିକାଂଶ ତିଥି ଓ ବାରକୁ କେନ୍ଦ୍ରକରି ହୋଇଥାଏ । ତିଥିମାନଙ୍କ ମଧ୍ୟରେ ଅମାବାସ୍ୟା, ପୂର୍ଣ୍ଣିମା, ଏକାଦଶୀ, ସଂକ୍ରାନ୍ତି ଓ ଚତୁର୍ଦ୍ଦଶୀ ପ୍ରଧାନ । ପ୍ରାୟତଃ ପ୍ରତ୍ୟେକ ଅମାବାସ୍ୟା ଗୋଟିଏ ଗୋଟିଏ ପର୍ବଦିନ । ଏହି ଅମାବାସ୍ୟା ମଧ୍ୟରେ ମହାଳୟା ଅମାବାସ୍ୟା, ଦୀପାବଳୀ ଅମାବାସ୍ୟା, ସପ୍ତପୁରୀ ଅମାବାସ୍ୟା, ଜାଗର ଅମାବାସ୍ୟା, ଚିତାଲାଗି ଅମାବାସ୍ୟା ପ୍ରଧାନ । ସେହିପରି ପୂର୍ଣ୍ଣିମା କଥା ବିଚାର କଲେ ପୌଷ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ବୈଶାଖ ପୂର୍ଣ୍ଣିମା, ଦେବସ୍ନାନ ପୂର୍ଣ୍ଣିମା, ଅଗିଲାଗି ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଇନ୍ଦୁ ପୂର୍ଣ୍ଣିମା ଇତ୍ୟାଦି ଗୋଟିଏ ଗୋଟିଏ ପବିତ୍ର ଦିନ ହୋଇଥିବାବେଳେ ଠିକ୍ ସେହିପରି ଏକ ପବିତ୍ର ଦିବସ ହେଉଛି ଗହ୍ମା ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମା । ଉକ୍ତ ଦିବସଟି ତିନୋଟି କାରଣ ଯୋଗୁଁ ସନାତନ ଧର୍ମରେ ପବିତ୍ରତା ବହନ କରିପାରିଛି । ପ୍ରଥମତଃ, ଗହ୍ମା ପୂର୍ଣ୍ଣିମାରେ ପ୍ରତ୍ୟେକ ଭଗ୍ନୀ ତା'ର ଭାଇକୁ ଶ୍ରଦ୍ଧାର ସହିତ ରାକ୍ଷୀ ପିନ୍ଧାଇଥାଏ । ଦ୍ୱିତୀୟତଃ, ଭଗବାନ ଶ୍ରୀବିଷ୍ଣୁଙ୍କ ଅଷ୍ଟମ ଅବତାର ଯାହାକି ଶ୍ରୀବଳରାମଙ୍କ ଜନ୍ମ ଦିବସ ରୂପେ ପରିଗଣିତ ହୋଇଥାଏ । ସେ ମାତା ରୋହିଣୀଙ୍କ ଗର୍ଭରୁ ଜନ୍ମଲାଭ କରିଥିଲେ ଓ ତାଙ୍କୁ କୃଷିର ଦେବତା ରୂପେ ଗ୍ରହଣ କରାଯାଏ । ଅନ୍ତିମ କାରଣଟି ହେଉଛି ଶ୍ରାବଣ ମାସର ଶୁକ୍ଳପକ୍ଷ ଦଶମୀଠାରୁ ଭାଦ୍ର ମାସର କୃଷ୍ଣପକ୍ଷ ପ୍ରତିପଦା ପର୍ଯ୍ୟନ୍ତ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଶ୍ରୀଜଗନ୍ନାଥଙ୍କ ପବିତ୍ର ଝୁଲଣଯାତ୍ରା ଅନୁଷ୍ଠିତ ହୁଏ । କେବଳ ଶ୍ରୀମନ୍ଦିର ବା ଶ୍ରୀକ୍ଷେତ୍ରରେ ନୁହେଁ, ସମଗ୍ର ଉତ୍କଳରେ ଏହା ପ୍ରଚଳିତ । ତେଣୁ ରାକ୍ଷୀ ପୂର୍ଣ୍ଣିମା ଏହି ସମୟ ସୀମା ମଧ୍ୟରେ ପଡୁଥିବାରୁ ସମ୍ଭବତଃ ଲୋକାଚାରରେ ଶ୍ରାବଣ ମାସର ପୂର୍ଣ୍ଣିମାକୁ ମଧ୍ୟ ଝୁଲଣ ପୂର୍ଣ୍ଣିମା କହିବା ସମୀଚୀନ ମନେହୁଏ ।

ସନାତନ ଧର୍ମରେ ରକ୍ଷାବନ୍ଧନ ଦିନ ଗୋପୂଜା ପ୍ରଚଳନ ଅଛି । ଏହି ଦିନ ପ୍ରତ୍ୟେକଙ୍କ ଘରେ ଘରେ ଗାଈ, ବଳଦ ପ୍ରଭୃତି ପୂଜା ଅର୍ଚ୍ଚନା ହେବା ବିଧେ ନିହିତ । ସମ୍ଭବତଃ ଏହି କାରଣରୁ ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା କହିବା ଅସଙ୍ଗତ ନୁହେଁ ବରଂ ଅଧିକ ଯୁକ୍ତିଯୁକ୍ତ । ଗୋମାତାଙ୍କୁ କାହିଁକି ଗୋ-ଅଷ୍ଟମୀ ବା ଶୁକ୍ଳ ଅଷ୍ଟମୀ, ଫାଲ୍‌ଗୁନ ପୂର୍ଣ୍ଣିମା ବା ଦୋଳ ପୂର୍ଣ୍ଣିମା ବ୍ୟତୀତ ଶ୍ରାବଣ ପୂର୍ଣ୍ଣିମା ବା ବଳଦେବ ମହାପ୍ରଭୁଙ୍କ ଜନ୍ମ ତିଥି ଦିନ ଗୋ-ପୂଜା ଓ ଉପାସନାର ବିଧି ପ୍ରଚଳିତ । ଏହି ଦିନ ଗାଈଗୋରୁମାନଙ୍କୁ ପୁଷ୍ପମାଳରେ ସଜିତ କରାଇ ତା'ର ମସ୍ତକରେ ସିନ୍ଦୂର ଚନ୍ଦନାଦି ଲଗାଇ ବିଭିନ୍ନ ଭୋଜ୍ୟ ପଦାର୍ଥମାନ ଖାଇବାକୁ ଦିଆଯାଏ । ଏହା ବିଶେଷତଃ ଗୋପାଳ ପରିବାରରେ ବିମତ ଭାବେ ପାଳନ କରାଯାଏ । ବଳଦେବ ମଧ୍ୟ ଗୋପାଳ ଜାତିରେ ଜନ୍ମିତ ହୋଇଥିଲେ । ତାଙ୍କୁ ଉତ୍କଳୀୟମାନେ କୃଷିର ଦେବତା ଭାବେ ଗ୍ରହଣ କରିଥାନ୍ତି ଏବଂ ତାଙ୍କର ଆୟୁଧ ମଧ୍ୟ ଲଙ୍ଗଳ ଓ ମୂଷଳ ରୂପେ ଦୁଇ ହସ୍ତରେ ଶୋଭା ପାଇଥାଏ ।

ଏହି ପର୍ବ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ । ଶ୍ରାବଣ ମାସର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣିମାରେ ଏହି ପର୍ବ ବହୁତ ଆଡ଼ମ୍ବର ସହିତ ପାଳିତ ହେଇଥାଏ ।

ଉତ୍ତରଭାରତରେ ଏହି ପର୍ବ କାଜରି ପୂର୍ଣ୍ଣିମା ଭାବେ ଜଣାଶୁଣା । ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହେଇଥାଏ । ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ ଅବନୀ ଅଭିଟମ୍ ରୂପେ ପାଳନ କରାଯାଇଥାଏ । ଅନ୍ୟ ରାଜ୍ୟମାନଙ୍କରେ ଏହି ଶ୍ରାବଣ ପୂର୍ଣ୍ଣିମାର ପର୍ବ ଭିନ୍ନ ରୀତିରେ ପାଳିତ ହେଇଆସୁଛି । ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମାକୁ ନାରିକେଳ ପୂର୍ଣ୍ଣିମା ଭାବେ ପାଳିତ ହେଇଥାଏ । ଏହି ଦିନ ସମୃଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଏ ।ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାଖୀ ବାନ୍ଧିବା ଏବଂ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ବ୍ରାହ୍ମଣମାନେ ଏହି ଦିନ ମନ୍ତ୍ରରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି, ଏହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ମଧ୍ୟ ବିଶ୍ୱାସ ରହିଛି ।

ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ।ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ ।ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣମୀ ଦିନ ପାଳନ କରାଯାଇଥାଏ ।ତେବେ ଅନ୍ୟ ରାଜ୍ୟମାନଙ୍କରେ ଏହି ଶ୍ରାବଣ ପୂର୍ଣ୍ଣିମାର ପର୍ବ ଭିନ୍ନ ରୀତିରେ ପାଳିତ ହେଇଆସୁଛି । ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ନାରିକେଳ ପୂର୍ଣ୍ଣିମା ଭାବେ ପାଳିତ ହେଇଥାଏ । ଏହି ଦିନ ସମୃଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଏ । ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷ କରି ଯେଉଁମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି ସେମାଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱ ରଖେ । ଗୁଜରାଟରେ ଏହି ଦିନ ପବିତ୍ରୋପନ ମଧ୍ୟ ପାଳିତ ହୋଇଥାଏ । ଶ୍ରାବଣର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣିମାରେ ଏହି ପର୍ବ ବହୁତ ଆଡ଼ମ୍ବର ସହିତ ପାଳିତ ହେଇଥାଏ । ଉତ୍ତରଭାରତରେ ଏହି ପର୍ବ କାଜରି ପୂର୍ଣ୍ଣିମା ଭାବେ ଜଣାଶୁଣା । ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ । ତେବେ ଏହା ସବୁ ସ୍ଥାନରେ ନୁହେଁ, ସ୍ଥାନୀୟ ଭାବେ ପାଳିତ ହୋଇଥାଏ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହେଇଥାଏ । ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ ଅବନୀ ଅଭିଟମ୍ ପାଳନ କରାଯାଇଥାଏ । ଏହାକୁ ଓଡ଼ିଶାର ବ୍ରାହ୍ମଣଶାସନରେ ଶ୍ରାବଣୀ ବେଦଉପାକର୍ମ ମଧ୍ୟ କୁହାଯାଏ । ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି । ବ୍ରାହ୍ମଣଙ୍କ ଦ୍ୱାରା କରାଯାଉଥିବା ଉତ୍ସବକୁ ବ୍ରହ୍ମଯଜ୍ଞ ମଧ୍ୟ କୁହାଯାଏ ।

ପବିତ୍ର ରାକ୍ଷୀ ପୂର୍ଣ୍ଣିମା । ଭାଇ-ଭଉଣୀଙ୍କ ମଧ୍ୟରେ ପବିତ୍ର ବନ୍ଧନର ପ୍ରତୀକ ହେଉଛି ଏହି ରାକ୍ଷୀ । ପିଲାଠୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଉତ୍ସାହ । ଏଥିପାଇଁ ଗାଁରୁ ସହର ସବୁଠି ଉତ୍ସବମୁଖର ପରିବେଶ ।ସାରା ଦେଶରେ ହସଖୁସି ଓ ଆନନ୍ଦ ଉଲ୍ଲାସରେ ପାଳିତ ହୁଏ ରାକ୍ଷୀ ପୂର୍ଣ୍ଣିମା । ଆଜି ଶ୍ରୀବଳଭଦ୍ରଙ୍କ ଜନ୍ମ ତିଥିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ରୀତିନିତି ଅନୁଷ୍ଠିତ ହେବ । ଆଜି ସୁଦର୍ଶନ ମହାପ୍ରଭୁ ଚଉଦଳରେ ବିଜେ ହୋଇ ମାର୍କଣ୍ଡ ପୁଷ୍କରଣୀରେ ବିଜେ କରିବେ । ମୁଖ୍ୟତଃ ଏହା ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ ।ବ୍ରାହ୍ମଣମାନେ ଏହି ଦିନ ମନ୍ତ୍ରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି, ଏହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ବିଶ୍ୱାସ ରହିଛି ।ଶ୍ରାବଣ ମାସରେ ଶୁକ୍ଳ ପକ୍ଷ ଦଶମୀଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ୭ଦିନ ଏହି ଝୁଲଣ ଯାତ୍ରା ପର୍ବ ପାଳନ କରାଯାଏ । ଭଗବାନ କୃଷ୍ଣ ଏବଂ ରାଧା ଏହି ବର୍ଷା ଋତୁରେ ଦୋଳି ଖେଳି ଆନନ୍ଦ ନେଇଥାନ୍ତି । ରାଧା କୃଷ୍ଣଙ୍କୁ ଝୁଲଣରେ ସଜାଯାଇ ଦୋଳି ଖେଳା ଯାଇଥାଏ ।

ରାକ୍ଷୀ ପୂର୍ଣ୍ଣିମା ଏମିତି ଏକ ପର୍ବ ଯାହାର ଅପେକ୍ଷା ସବୁ ଭାଇ ଭଉଣୀ କରନ୍ତି । ଏହି ଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ।ପ୍ରତି ବର୍ଷ ସମଗ୍ର ଭାରତରେ ଏହି ପର୍ବ ବେଶ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଭାଇ ଭଉଣୀଙ୍କ ପ୍ରେମର ପ୍ରତୀକ ବା ସାକ୍ଷୀ ହେଉଛି ରାକ୍ଷୀ ପୂର୍ଣ୍ଣିମା ।ଏହି ଦିନ ମଧ୍ୟ ଭଗବାନ ବଳରାମଙ୍କ ଜନ୍ମଦିନ । ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀ ନିଜ ଭାଇ ହାତରେ ରାକ୍ଷୀ ବାନ୍ଧିବା ସମୟରେ ଭାଇର ଅଧିକ ଆୟୁ ପାଇଁ ପୂଜା କରିଥାଏ । ଏହା ସହ ଭଉଣୀ ଭାଇର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମଧ୍ୟ ପ୍ରାର୍ଥନା କରିଥାଏ । ଅପରପକ୍ଷରେ ଭାଇ ନିଜ ଭଉଣୀକୁ ସବୁବେଳେ ରକ୍ଷା କରିବା ସହ ସବୁ ସମସ୍ୟାରୁ ଉଦ୍ଧାର କରିବା ପାଇଁ ସଂକଳ୍ପ ନେଇଥାଏ ।

ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର
ଟିଟିଲାଗଡ଼, ବଲାଙ୍ଗୀର

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ବିସ୍ତାରବାଦ ଉପରେ ବିକାଶବାଦ ଭାରି



ଇଂ ବିଦ୍ୟାଧର ପଣ୍ଡା

ବହୁତ ଦିନତଳେ କେଉଁ ଏକ ଟିଭି ଧାରାବାହିକରୁ କାହାଣୀଟିଏ ମନେପଡେ ଯେ ଗୋଟିଏ ରାଜ୍ୟର ରାଜାଙ୍କ ଜୀବନରକ୍ଷା କରିଥିବା ଜନୈକ ପ୍ରଜା ପରଶୁକୁ ରାଜା ପୁରସ୍କାର ଦେବାକୁ ହିଁଲେ । କଟୁଆଳ ହାତରେ ସେହି ପରଶୁକୁ ଡକାଇ ତା'ର ମନବାଂଛା ବିଷୟରେ ଅବଗତ ହୋଇ ଜାଣିପାରିଲେ ଯେ ସିଏ ପୁରସ୍କାର ବାବଦକୁ କିଛି ଜମି ଆଶାକରୁଛି । ରାଜା ଖୁସିହୋଇ କହିଲେ, 'କାଲିପ୍ରଭାତରେ ତୁମେ ରାଜପ୍ରାସାଦକୁ ଆସ । ରାଜପ୍ରାସାଦର ଦୁଆରବନ୍ଧ ଛୁଇଁ ଠିକ୍ ସୂର୍ଯ୍ୟୋଦୟ ସମୟରେ ବାହାରିଯିବ । ତୁମେ ଯେଉଁସବୁ ଜମିରିପଟେ ବୁଲି ଠିକ୍ ସୂର୍ଯ୍ୟାସ୍ତର ମୁହୂର୍ତ୍ତେ ପୂର୍ବରୁ ଫେରିଆସି ସେହି ରାଜପ୍ରାସାଦର ଦୁଆରବନ୍ଧ ଛୁଇଁଦେବ, ସେ ସମସ୍ତଜମି ତୁମର ହୋଇଯିବ ।' ଲୋକଟି ଆନନ୍ଦରେ ବିଭୋର ହୋଇଗଲା । ଘରକୁ ଫେରି ପରଶୁ ରାତିପାହିବାକୁ ଅପେକ୍ଷା କଲା । ରାତିସାରା ଅନିଦ୍ରା ଓ ଉତ୍ସାହ ହେତୁ ପରଶୁର ବଳକମି ଶରୀର ଦୁର୍ବଳ ଲାଗିଲା । କିନ୍ତୁ ରାଜାଙ୍କ ନିର୍ଦ୍ଦେଶାନୁସାରେ ସୂର୍ଯ୍ୟୋଦୟ ଅଧଘଂଟା ପୂର୍ବରୁ ରାଜପ୍ରାସାଦରେ ହାଜର ହେଲା । ମନରେ ଅଭିଳାଷ ଅନେକ, ଆଶା ଅସୁମାରୀ । ଆଜିର ସନ୍ଧ୍ୟାରେ ସିଏ ହେବ ଜମିଦାର । କାଲିର ସୂର୍ଯ୍ୟୋଦୟ ସହ ତା'ର ଭାଗ୍ୟୋଦୟ ହେବ । ଆବେ ପରଶୁ ଯାବେ ପରଶୁ ଆଉ କେହି କହିବାକୁ ସାହସ କରିବେନି । ଅତିକମରେ ପଚାଶ ଏକରରୁ ଷାଠିଏ ଏକର ସମ୍ପତ୍ତି ଚାରିପଟେ ସିଏ ନିଶ୍ଚିତ ଭାବରେ ବୁଲିଆସିବ । ଏତେବଡ ଜମିଦାର ହେଲାପରେ ସମସ୍ତଙ୍କ ମୁହଁରୁ ବାହାରିବ ବାବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରଶୁରାମ୍ । ଜମିଦାର ହେଲା ପରେ ଭଳିଭଳି ରଙ୍ଗବେରଙ୍ଗ ପୋଷାକ ପିନ୍ଧିବ । ଯାହା ଇଚ୍ଛା ତାହା କିଣି ଖାଇବ । ଦେଶବିଦେଶ ତୀର୍ଥକରି ସବୁ ଦର୍ଶନୀୟ ସ୍ଥାନ ବୁଲିବ । ଚାକରବାକର ରଖି ଅଯେସରେ କାଳାତିପାତ କରିବ । ପୂର୍ବଦିଗରେ ସିନ୍ଦୁରା ଫାଟିଲା ବେଳକୁ ରାଜପ୍ରାସାଦର ଦୁଆରବନ୍ଧରେ ହାତଛୁଆଁଇ ରଖିଲା । ସୂରୁଜଉଇଁବା ମାତ୍ରେ ଦୌଡିବ । ରାଜାଙ୍କ ନିର୍ଦ୍ଦେଶରେ ଆରକ୍ଷୀମାନେ ପରଶୁର ପଛେପଛେ ଦୌଡିବା ପାଇଁ ପ୍ରସ୍ତୁତ ରହିଲେ । ସେ ଶୁଭସମୟ ଆସିଲା । ପରଶୁ ଆଗେଆଗେ ଦୌଡିଲା, ପଛେପଛେ ରାଜାଙ୍କ ଲୋକ । ସୂର୍ଯ୍ୟମାହାପ୍ରୁ ମୁଣ୍ଡଉପରେ ହେଲାରୁ ଭାବିଲା ଅଧାସମୟ ଆଗକୁ ଆସିଲିଣି, ଏବେ ଫେରିବାକୁ ହେବ । କିନ୍ତୁ ଟିକିଏ ଆଗରେ ବିରାଟବଡ ଜଳାଶୟ । ଭାବିଲା ଏହି ଜଳାଶୟଟି ମୋ'ଜମିର ଜଳସେଚନର କାମରେ ଆସିବ । ଏଇଟା ତ ନିହାତି ଦରକାର । ଫେରିଲାବେଳେ ଟିକିଏ ଜୋରରେ ଦୌଡିଲେ ପହଁଚିଯିବ ।

ଲୋଭ ସମ୍ବରଣ କରିନପାରି ସେ ଜଳାଶୟ ଚାରିପଟେ ବୁଲୁବୁଲୁ ଅପରାହ୍ନ ଦୁଇଟା ହୋଇଗଲା । ପରଶୁ ଦୌଡିଦୌଡି ଧଇଁସଇଁ ହେବାକୁ ଲାଗିଲା । ଆରକ୍ଷୀମାନେ କ୍ଳାନ୍ତ ହୋଇ ପଡିଲେ । ଅଶ୍ୱାରୋହୀମାନେ ଅଧାରାସ୍ତାରେ ସକାଳୁ ଆସିଥିବା ଆରକ୍ଷୀମାନଙ୍କୁ ବିଶ୍ରାମ କରିବାକୁ କହି ପରଶୁର ପଛେପଛେ ଅନୁଗମନ କଲେ । ଦିଗବଳୟର ଅଳ୍ପ ଉପରକୁ ସୂର୍ଯ୍ୟ ଥିବାବେଳେ ପରଶୁ ଦେଖିଲା ରାଜପ୍ରାସାଦ ଆଉରି ଆଗକୁ ଚାରିକୋଷ ବାଟ ଅଛି । ପାଦ ଚଳୁନାହିଁ । ଶରୀର ବଳଶୂନ୍ୟ । ସୂର୍ଯ୍ୟୋଦୟରୁ ଏପର୍ଯ୍ୟନ୍ତ ଅଧିକ ଜମି ଅଧିଗ୍ରହଣ କରିବାପାଇଁ ଘଡିଏ ବି ବିଶ୍ରାମ କରିନି କି ଖାଦ୍ୟପାନୀୟ କିଛି ପାଟିରେ ଦେଇନି । ତଥାପି ହାରିଲାନି । ବହୁତ କଷ୍ଟରେ ତିନିକୋଷ ଅତିକ୍ରମ କଲାପରେ ଗୋଟେ ଖାଲରେପଡି ଆଣ୍ଠୁଗଣ୍ଠି ଛିଣ୍ଡିଗଲା । ଘୁଷୁରିଘୁଷୁରି ଅଧାକୋଷ ଯିବାପରେ ବେହୋସ ହୋଇଗଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଛେପଛେ ଆସୁଥିବା ଅଶ୍ୱାରୋହୀମାନେ ମୁହଁରେ ପାଣିଛିଂଚିବାରୁ ପରଶୁର ଚେତା ଫେରିଲା । ସଙ୍ଗେସଙ୍ଗେ ପଶ୍ଚିମ ଦିଗକୁ ହିଁ ପୁଣି ଦୌଡିଲା । ସୂର୍ଯ୍ୟ ବୁଡିବାକୁ ଅଳ୍ପବାକି ଥାଏ । ସୂର୍ଯ୍ୟକୁ ଚାହିଁଚାହିଁ ଦୌଡିବା ବେଳେ ଗୋଟିଏ ପଥର ଝୁଂଟି ପୁଣିଥରେ ପଡିଗଲା ଯେ ଆଉ ଉଠିପାରିଲାନି । ସେହିଠାରୁ ରାଜପ୍ରାସାଦର ସେହି ଦୁଆରବନ୍ଧ ମାତ୍ର ପଚାଶଫୁଟ ଭିତରେ । ସାରା ଶରୀରରେ କ୍ଷତହୋଇ ରକ୍ତ ବୋହୁଥାଏ । ତା'ର ସେ'ସବୁକୁ ତିଳେମାତ୍ର ଖାତିର ନଥାଏ । ଗତରାତିର ଅନିଦ୍ରା, ଦିନଯାକ ବିଶ୍ରାମ ନାହିଁ କି ଖିଆପିଆ ନାହିଁ । ଘୁଷୁରିଘୁଷୁରି ରାସ୍ତାଉପରେ କୋଡିଏଫୁଟ ଅତିକ୍ରମ କଲାପରେ ପ୍ରଚୁର ରକ୍ତସ୍ରାବ ହେତୁ ରାଜପ୍ରାସାଦର ସେହି ଦୁଆରବନ୍ଧ ଆଡକୁ ହାତ ଲମ୍ବାଇ ଆଖି ବୁଜିଦେଲା । ସେହିଠାରେ ପରଶୁର ପ୍ରାଣବାୟୁ ଉଡିଗଲା । ମାତ୍ର ଦଶଫୁଟ ଦୂରତା ପାଇଁ ସେ ସବୁତକ ଜମି ହରେଇବା ସଙ୍ଗେସଙ୍ଗେ ନିଜପ୍ରାଣର ବି ଆହୁତି ଦେବାକୁ ହେଲା । ପ୍ରାୟ ବିସ୍ତାରବାଦୀ ଚିନ୍ତାଧାରା ରଖୁଥିବା ଲୋକମାନଙ୍କୁ କି ଦେଶମାନଙ୍କୁ ଏହି ଫଳ ଭୋଗିବାକୁ ହୁଏବୋଲି ନିଃସନ୍ଦେହରେ କୁହାଯାଇପାରେ । ଏକବିଂଶ ଶତାବ୍ଦୀର ବିଶ୍ୱ ବିସ୍ତାରବାଦୀଙ୍କର ନୁହେଁ ବରଂ ବିକାଶବାଦୀଙ୍କ ସପକ୍ଷରେ ହେବାଭଳି ଅନୁମାନ କରାଯାଏ ।

ଏବେ ଚୀନର ବିସ୍ତାରବାଦୀ ମନୋଭାବ ଯୋଗୁଁ ଭାରତ ସହିତ ଗୁରୁତର ମତଭେଦ ସୃଷ୍ଟି ହୋଇଛି । ଭାରତର ସୀମା ସମସ୍ୟା କହିଲେ ମୁଖ୍ୟତଃ ଚୀନ୍ ସମସ୍ୟା । ଚୀନ୍ଠାରୁ ଭିତିରିଆ ସମର୍ଥନ ପାଇ ଉତ୍ତର-ପଶ୍ଚିମ ଦିଗରେ ପାକିସ୍ଥାନ ଭାରତ ସହିତ ବାରମ୍ବାର ସିଜ୍‌ଫାୟାର୍ ଉଲ୍ଲଙ୍ଘନ କରିବାରେ ଲାଗିଛି । ଚୀନ ଓ ଭାରତ ଉଭୟେ ପୃଥିବୀର ପ୍ରାଚୀନ ସଭ୍ୟରାଷ୍ଟ୍ର । ପରସ୍ପର ପଡୋଶୀ ଥିବାହେତୁ ଧାର୍ମିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ସମ୍ପର୍କ ପୁରାକାଳରୁ ଅଛି । ଦିନେ ବୁଦ୍ଧଦେବଙ୍କ ବାଣୀ ପୁରା ଏସିଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମହାଦେଶକୁ ବାଟ ଦେଖାଉଥିଲା । ସତ୍ୟ ଓ ଅହିଂସାର ପୂଜାରୀ ବୁଦ୍ଧଙ୍କର ରାସ୍ତାରେ ଚୀନ୍ ଚାଲୁଚାଲୁ ହଠାତ୍ ବ୍ୟତିକ୍ରମ ଦେଖାଦେଇଛି । ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ସାମ୍ରାଜ୍ୟବାଦ ପ୍ରଭାବରୁ ଉଭୟେ ଚୀନ ଓ ଭାରତ ନିଜକୁ ମୁକ୍ତ ରଖିବାକୁ ନିଷ୍ଚୟ କରିଥିଲେ । ୧୯୩୭ରେ ଚୀନ୍ ଓ ଜାପାନ ଭିତରେ ଯୁଦ୍ଧହେବା ସମୟରେ ଚୀନ୍‌ପ୍ରତି ଭାରତ ସହାନୁଭୂତି ଦେଖାଇ ଜାପାନୀଦ୍ରବ୍ୟ ବର୍ଜନ କରିବାପାଇଁ ନିଷ୍ପତ୍ତି ନେଇଥିଲା । ଏହାପରେ ଚ୍ୟାଙ୍ଗ କାଇଶେକ୍ ୧୯୪୨ରେ ଭାରତଭ୍ରମଣରେ ଆସି ଆମ ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଜଣାଇଥିଲେ । ଚୀନକୁ ଜାତିସଂଘର ସଭ୍ୟ ଶ୍ରେଣୀଭୁକ୍ତ କରିବାକୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କର ଅଗ୍ରଣୀ ଭୂମିକା ଥିଲା, ଯେଉଁ ଶକ୍ତିବଳରେ ଚୀନ ପାକିସ୍ଥାନକୁ ସାହାଯ୍ୟ କରିବାକୁ ଯାଇ ଆଜି ଭାରତକୁ ଅଡୁଆରେ ପକାଉଛି । ସୀମାବିବାଦର ଅୟଂଆରମ୍ଭ ତିବ୍ବତ ରାଜ୍ୟରୁ । ହିମାଳୟର ଉପରିଭାଗରେ ଏହି ଛୋଟିଆ ତିବ୍ବତ ରାଜ୍ୟ ଅବସ୍ଥିତ । ଚୀନ ସାଙ୍ଗରେ ୧୯୧୧ ମସିହାରେ ସ୍ୱାଧୀନ ହୋଇଥିଲା । ଚୀନର ସଦାସର୍ବଦା ନିଜର ସାର୍ବଭୌମତ୍ୱ ତିବ୍ବତ ଉପରେ ଜାହିର କରିବାରେ ଇଚ୍ଛା । କିନ୍ତୁ ତିବ୍ବତବାସୀଙ୍କର ସବୁବେଳେ ସ୍ୱାଧୀନ ରହିବାପାଇଁ ମନ । ତିବ୍ବତର ଲୋକମାନେ ଦଲାଇଲାମାଙ୍କୁ ତାଙ୍କର ଶାସନମୁଖ୍ୟ ରୂପେ ମାନନ୍ତି । ଚୀନ୍ ତିବ୍ବତକୁ ନିଜସାଥିରେ ମିଶାଇଦେବାର ମନସାରଖି ଦଲାଇଲାମାଙ୍କୁ ବହୁବାର ନିର୍ଯ୍ୟାତନା ଦେଇଛନ୍ତି । ୧୭୦୬ରେ ତତ୍କାଳୀନ ଦଲାଇଲାମାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲା । ଚୀନ୍‌ଭୟରେ ଦଲାଇଲାମା ଭାରତରେ ସସମ୍ମାନେ ରାଜଶରଣାର୍ଥୀ ପରି ଅନେକ ବର୍ଷ ବିତାଇଛନ୍ତି । ତିବ୍ବତ ଉପରେ ଏବେ ବି ଚୀନର ଲୋଲୁପଦୃଷ୍ଟି ଅଛି ଏବଂ ଚୀନର ଏହି ବିସ୍ତାରବାଦୀ ରାସ୍ତାରେ ଭାରତ କଂଟା ହେଉଥିବାରୁ ଚୀନ ଭାରତ ସହ ଶତ୍ରୁପରି ଆଚରଣ କରୁଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୯୧୪ ମସିହାରେ ବ୍ରିଟିଶ ପ୍ରତିନିଧି ମ୍ୟାକମୋହନ୍‌ଙ୍କ ଅଧ୍ୟକ୍ଷତାରେ ସିମଲାଠାରେ ଭାରତ-ଚୀନ-ତିବ୍ଵତ ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ ହୋଇ ଭାରତ ଓ ଚୀନ ସୀମାରେଖା ନିର୍ଣ୍ଣୟ କରାଯାଇଥିଲା ଯାହାକୁ ସଦାବେଳେ ଭାରତ ମାନ୍ୟତା ଦେଇଆସିଛି । କିନ୍ତୁ ଚୀନ୍ ଏହାକୁ ଆଦୌ ମାନେନି । ଏହା ସୀମା  ବିବାଦର ଦ୍ୱିତୀୟ କାରଣ । ୧୯୬୨ରେ ହଠାତ୍ ଚୀନ୍ ଅରୁଣାଚଳପ୍ରଦେଶ ଅଂଚଳରେ ସୈନ୍ୟ ମୁତୟନକରି ଅତର୍କିତ ଯୁଦ୍ଧଘୋଷଣା କରିବାବେଳେ ଭାରତ ପ୍ରସ୍ତୁତ ନଥିବାରୁ ଅନେକ ଅଂଚଳ ଚୀନସେନା କବଳକୁ ଚାଲିଗଲା । ଚୀନ ଭାରତ ସହ ଛଳକପଟର ଆଶ୍ରୟ ନେଇ ହିନ୍ଦୀ-ଚୀନ ଭାଇଭାଇ କହି ବହୁତ ଅଂଚଳ ଦଖଲ କରିନେଲା । ଏବକାର ରାଜନୀତି ବିଶେଷଜ୍ଞ ମାନେ କୁହନ୍ତି ଯେ ଏଥିପାଇଁ ପ୍ରକୃତରେ ଦାୟୀ ତତ୍କାଳୀନ ପ୍ରଧାନମନ୍ତ୍ରୀ, କିନ୍ତୁ ସେତେବେଳେ ତାଙ୍କର ଦବଦବା ଆଗରେ କେହି ଜଣେ ବି ସତ୍ୟ କହିବାକୁ ସାହସ କରି ପାରୁନଥିଲେ । ତେଣୁ ଭାରତର ଏହି ଯୁଦ୍ଧରେ ପରାସ୍ତ ଏବଂ ଚୀନର ଅତିକ୍ରମଣ ସହ ଅନେକ ଭାରତୀୟ ଅଂଚଳକୁ ଦଖଲ କରିବାର ଦୋଷ ମୁଣ୍ଡେଇଲେ ତତ୍କାଳୀନ ରକ୍ଷାମନ୍ତ୍ରୀ କୃଷ୍ଣ ମେନନ୍ । ତାଙ୍କୁ ପରୋକ୍ଷରେ କମ୍ୟୁନିଷ୍ଟ ପ୍ରୀତିର ପୃଷ୍ଠପୋଷକ ବୋଲି ପରିଚିତ କରାଇ ସର୍ବସାଧାରଣରେ ନିନ୍ଦିତ କରାଗଲା । ଭାରତର ଉତ୍ତର-ପଶ୍ଚିମ ସୀମାନ୍ତରେ ଅବସ୍ଥିତ ସିଆ-ଚୀନ ଅଂଚଳ ବି ସୀମା ବିବାଦର ତୃତୀୟ କଡି । ୧୯୬୨ ଯୁଦ୍ଧପରେ ଚୀନ୍ ଏହାକୁ ଚାଲାକକରି ପାକିସ୍ଥାନକୁ ଦେଇଦେଇଛି, କିନ୍ତୁ ନିଜ ଆୟତ୍ତରେ ରଖିଲାପରି ରଖିଛି । ଏହି ବାଟଦେଇ ଚୀନ୍ ଓ ପାକିସ୍ଥାନର ଗମନାଗମନ ପଥ ଏବଂ ସଡକ ପରିବହନ ବ୍ୟବସ୍ଥା ଚାଲିଛି, ଯାହାକି ସାମରିକ ଦୃଷ୍ଟିକୋଣରୁ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତର କିଛି ତୁଙ୍ଗନେତାଙ୍କର ଚାଇନା ପ୍ରୀତି ଆଗରେ ମାତୃଭୂମିର ପ୍ରେମ କମ ପଡିବାରୁ ସେ ସଂସଦରେ କହିଥିଲେ, 'ଅକସାଇ-

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚୀନରେ ଦୁବଘାସ ବି କଅଁଳୁନି, ଚୀନ୍ ନେଉ ।' ଭାରତର ଅକସାଇ-ଚୀନ୍ ଉପରେ ନ୍ୟାର୍ଯ୍ୟ ଅଧିକାର ଥାଇମଧ୍ୟ ଚୀନ ଜବରଦସ୍ତି ଅଧିକାର କରି ଏପର୍ଯ୍ୟନ୍ତ ତା ଅଧିନରେ ରଖିଛି ।

ଏବେ ଅନେକକିଛି ପୁରୁଣାତଥ୍ୟ ଧିରେ ଧିରେ ଲୋକଲୋଚନକୁ ଆସୁଛି । କେବଳ ମାତ୍ର ଗୋଟିଏ ପରିବାର ବିଦେଶରୁ ଭାରତ ଆସି ତିନିଭାଇଙ୍କ ସନ୍ତୁଷ୍ଟିକରଣ ପାଇଁ ଅଖଣ୍ଡ ଭାରତକୁ ଭାଗ ଭାଗ କରାଯାଇ ଧାରା୩୭୦ ଓ ୩୫(କ) ଭଳି କେତେକ ନିୟମମାନ ତିଆରି କରାଯାଇଥିଲା । ଏବେ ଗଲୱାନ ଘାଟିରେ କ'ଣ ବାସୁମତି ଚାଉଳ ଚାଷ ହେଉଛି ? ଯେଉଁଦଳର ନେତା ଦିନେ ଘାସ କଅଁଳୁନଥିବା କହି ଅକସାଇ-ଚୀନ ଛାଡିଦେଲେ ସେମାନେ ଯଦି ଆଜି କ୍ଷମତାରେ ଥାଆନ୍ତେ ତେବେ ଚୀନ ଗଲୱାନ୍ ଘାଟି ଦଖଲକରି ସାରନ୍ତାଣି । ଭାଗ୍ୟଭଲ ଭାରତବାସୀ ସେମାନଙ୍କୁ ଭଲରେ ଚିହ୍ନି କ୍ଷମତା ବାହାରେ ରଖିଛନ୍ତି । ଯେଉଁ ଦଳର ତିନିପୁରୁଷଙ୍କ ମୁଖିଆଙ୍କ ନାଁରେ ୧୯୬୨ରେ ଚୀନ୍‌ସହ ଭିତିରିଆ ସଲାସୁତୁରା, ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ଓ ବୋଫର୍ସ ପରି ସାଙ୍ଘାତିକ ଦେଶଦ୍ରୋହ ଅଭିଯୋଗମାନ ରହିଛି ସେମାନେ ଏ ଅସମୟରେ ବାରମ୍ବାର ପ୍ରମାଣମାଗି ସେନାର ମନୋବଳ ଭାଙ୍ଗିବା ସହ ମା ଭାରତୀ ବିରୁଦ୍ଧରେ ଚୀନ୍‌କୁ ସାହାଯ୍ୟ କରିବାଛଡା ଅନ୍ୟକିଛି କରୁନାହାନ୍ତି । ଏହି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତ ରାଜନୈତିକ ଦଳ ସରକାରଙ୍କ ସପକ୍ଷରେ ଯିବାବେଳେ ଗୋଟିଏ ଦଳ କାହିଁକି ସବୁଥିରେ ପ୍ରମାଣ ଖୋଜୁଛି ? ଏଥିରେ ବୁଦ୍ଧିଜୀବୀ ମନମୋହନ ସିଂ, ପି. ଚିଦାମ୍ବରମ୍ ଓ ଶଶିଥରୁର୍ ଶ୍ରୀପାଳିଆ ମାନଙ୍କପରି ସ୍ୱରମିଶାଣ ବି ଅତ୍ୟନ୍ତ ନିନ୍ଦନୀୟ । ସେମାନେ ଭାବୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାନସମ୍ମାନ କ୍ଷତି କରିବାକୁ ଏସବୁ କରୁଛନ୍ତି, କିନ୍ତୁ ପ୍ରକୃତରେ ବିଶ୍ୱ ସମୁଦାୟରେ ଭାରତର ସ୍ଥିତି ବହୁତ ଦୁର୍ବଳ ହେଉଛି । ଗଣମାଧ୍ୟମମାନଙ୍କୁ ଅନୁରୋଧ ଏଭଳି ଟୁକୁଡେ ଟୁକୁଡେ ଗ୍ୟାଙ୍ଗରେ ଟ୍ୱିଟର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଉଁଟ୍ ସନ୍ଦେଶକୁ ଗୁରୁତ୍ୱଦେଇ ସମୟ ଅପଚୟ କରିବା ପରିବର୍ତ୍ତେ ଅନ୍ୟ କିଛି ମନୋରଞ୍ଜନଧର୍ମୀ ଧାରାବାହିକ ପ୍ରସାରଣ କଲେ ଜନସାଧାରଣ ଉପକୃତ ହୁଅନ୍ତେ ।

ପ୍ରକୃତରେ ସ୍ୱାଧୀନତାର ଦୁଇବର୍ଷ ପୂର୍ବରୁ ଏବଂ ଦୁଇବର୍ଷ ପରେ ଯଦି ଭାରତୀୟ ଦେଶପ୍ରେମୀଙ୍କ ମୃତ୍ୟୁସଂଖ୍ୟା ଯୋଡାଯାଏ ତେବେ ତିରିଶ ଲକ୍ଷ ଉପରେ ହେବ । ଆଣ୍ଡାମାନ୍ ନିକୋବରର ସେଲୁଲାର୍ ଜେଲ୍ ଯିଏ ଦେଖିଛି, ସିଏ ଭାରତୀୟ ଦେଶପ୍ରେମୀଙ୍କ ତ୍ୟାଗ ସହଜରେ ବୁଝିପାରିବ । କିନ୍ତୁ ଆମ ଇତିହାସ କୁହେ ବିନା ରକ୍ତପାତରେ ଆମେ ସ୍ୱାଧୀନତା ହାସଲ କରିଛେ । ସେହିପରି କେତେ ମିଛକଥା ଆମେ ପଢୁଛେ, 'ସାବରମତିକି ସନ୍ଥ ତୁନେ କରଦିୟା କମାଲ୍ । ଦେ ଦି ହମେ ଆଜାଦି ବିନା ଖଡ୍ଗ ବିନା ଢାଲ୍ ।' ନିକଟରେ ବରିଷ୍ଠ ଓକିଲ ମହେଶ ଜେଠାମାଲିନୀଙ୍କ ଚୀନ୍ ଓ କଂଗ୍ରେସଦଳର ସମ୍ପର୍କ ବିଷୟରେ ଅନୁସନ୍ଧାନ ହେବା ଆବଶ୍ୟକ ଅଛି ବୋଲି ଦାବୀ ଏବେ ସମ୍ପୂର୍ଣ୍ଣ ଯଥାର୍ଥ ମନେହୁଏ । ଦେଶଦ୍ରୋହୀ ମାନଙ୍କ ପାଇଁ କଠୋର ନୂତନ ଏକ ନିୟମ ସୃଷ୍ଟି କରିବାର ମଧ୍ୟ ସମୟ ଆସିଛି । ଏପରି ହେଲେ ଆମର ବିରୋଧୀଦଳର ନେତା ତୁଣ୍ଡ ଖୋଲିଲା ପୂର୍ବରୁ ମୁଣ୍ଡ ଖର୍ଚ୍ଚ କରିବେ । ନହେଲେ ପକ୍ଷୀ ପାଇଖାନା କଲାଭଳି ତଳ ଉପର କିଛି ଦେଖିବାର ନାହିଁ ଯାହା ପାଟିକୁ ଆସିଲା ବକିଦେଲେ ଚଳିବ ! ଗଣତନ୍ତ୍ରରେ ଏହା କ'ଣ କଥାକହିବାର ସ୍ୱାଧୀନତା ! ପଡୋଶୀ ଶତ୍ରୁଦେଶର ମୁଖିଆ ତା'ଙ୍କ କଥାକୁ ଜାତିସଂଘରେ କହି ଭାରତକୁ ଅଡୁଆରେ ପକାଇଲେ ବି ତା'ଙ୍କର କିଛି ଚିନ୍ତା କରିବାର ନାହିଁ । ଏସବୁ ଭୁଲପାଇଁ କିଛି ଶାସ୍ତି ରହିବା ଦରକାର । ଏବେ ଇତିହାସର ପ୍ରତ୍ୟେକ କଡିକୁ ଆଲୋଚନା ପର୍ଯ୍ୟାଲୋଚନା କରି ସଂଶୋଧନ କରିବାର ବି ସମୟ ଆସିଛି । ଭାରତବାସୀ ପ୍ରକୃତ ସତ୍ୟଜାଣିଲେ ବହୁତ ଉପକୃତ ହେବେ । ନହେଲେ ଗଣତନ୍ତ୍ରର ସୁବିଧା ଆଢୁଆଳରେ ଆମରି ଭିତରୁ କିଛି ଘରଢିଙ୍କି କୁମ୍ଭୀର ସାଜି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିସ୍ତାରବାଦୀଙ୍କ କଥା ଆମ ଲୋକମାନଙ୍କ ମଧ୍ୟରେ ପ୍ରଚାରପ୍ରସାର କରି ଆମ ଭାରତମାତାକୁ ବିଶ୍ୱ ଦରବାରରେ ନିନ୍ଦିତ କରିବାକୁ ଏମିତି ଅନେକ ସୁଯୋଗ ପାଇବେ । ଏ ସବୁର ପୁନରାବୃତ୍ତି ନହୋଇ ଆଶୁ ସମାପ୍ତି ହେବା ବାଂଛନୀୟ ।  ଭାରତ ଏବେ କରୋନା ମହାମାରି ସାଙ୍ଗରେ ଲଢିଲଢି ବେଦମ୍ ହେଲାବେଳକୁ କରୋନାର ଜନ୍ମଦାତା ଚୈନା ସୀମାବିବାଦରେ ଯୁଦ୍ଧଭଳି ସ୍ଥିତି ଉତ୍ପନ୍ନ କରୁଛି । ଏତିକିବେଳକୁ ଆମର ଚିରଶତ୍ରୁ ଜାମ୍ମୁ କାଶ୍ମିରୀରେ ଆତଙ୍କ ଖେଳାଇବା ଯୋଜନା ସହ ମଝିରେମଝିରେ ସୀମାରେ ସିଜ୍‌ଫାୟାର ଉଲ୍ଲଂଘନ କରି ଗୁଳିବର୍ଷଣ କରୁଛି । ବିକାଶବାଦର ଚାଦର ତଳେ ଭାରତ ଶାନ୍ତିର ନିଶ୍ୱାସ ମାରିବାକୁ ଖୋଜିଲାବେଳେ ବିସ୍ତାରବାଦୀ ଚୀନ୍ ଭାରତକୁ ଅସ୍ଥିର କରିବା ଯୋଜନାରେ ଲାଗିପଡିଛି । କିନ୍ତୁ ଏଥର ଆମସେନା ଯେଉଁପରି ମୁହଁତୋଡ ଜବାବଦେଇଛି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଲାଦାଖ ଲେହ ଗସ୍ତ ଆଦିରେ ଚୀନ୍ ଭୟଭୀତ ହୋଇ ପଛଘୁଂଚା ଦେଇଛି ସତ କିନ୍ତୁ ଆମକୁ ସଦାସର୍ବଦା ସଜାଗ ରହିବାକୁ ହେବ । ଆଉ କେବେ ବି ଚୀନ୍‌କୁ ବିଶ୍ୱାସ କରିବା ଅନୁଚିତ୍ । ଚୀନର ଏପରି ନରମା ବ୍ୟବହାରକୁ ଭାରତର ଏକ ବିରାଟ କୁଟନୈତିକ ବିଜୟବୋଲି ବିଶ୍ୱର ବୁଦ୍ଧିଜୀବୀମାନେ କହୁଛନ୍ତି ଏବଂ ଚୀନ୍ ଭଲଭାବରେ ଜାଣିଗଲା ଯେ ଆଜିର ନୂଆ ଭାରତ ୧୯୬୨ର ଭାରତଠାରୁ ସମ୍ପୂର୍ଣ୍ଣ ଭିନ୍ନ । ୫୯ଟି ଆପ୍‌କୁ ନିଷିଦ୍ଧ କରି ଭାରତ ସରକାର ଚୀନ୍‌କୁ କଡା ଚୁନୌତି ଦେଲାପରେ ବିଶ୍ୱର ଅନେକ ସମୃଦ୍ଧରାଷ୍ଟ୍ରମାନେ ଭାରତର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ତେଣୁ ଆଜି ବିସ୍ତାରବାଦ ଉପରେ ବିକାଶବାଦ ଭାରି ବୋଲି ସ୍ପଷ୍ଟ ହୋଇଯାଇଛି ।

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

Magazine Downloaded from www.aahwaan.com

# ଭୟ



ପଙ୍କଜ କୁମାର
ପାଣିଗ୍ରାହୀ

ଧନ/ଜୀବନ ବିପନ୍ନ ଓ ସାମାଜିକ ଦୁର୍ନାମ ମଧ୍ୟରେ
ମୁଖ୍ୟତଃ ମଣିଷର ସମସ୍ତ ଭୟ କେନ୍ଦ୍ରୀଭୂତ,
ଯାହା ମାନସିକ ଦୁର୍ବଳତା କିମ୍ବା ଅଜ୍ଞାନ ଜନିତ ନିର୍ବୋଧତାରୁ ସୃଷ୍ଟି !
ନିର୍ଧନ, ଶୃଜନ, ସଚେତନ ସର୍ବଦା ନିର୍ଭିକ ହୋଇଥାନ୍ତି !!

ଚରାଚର ଜୀବଜଗତର ସମସ୍ତ ପ୍ରାଣୀଙ୍କ ମନରେ ଭୟ ରହିଥାଏ ଯାହା ଏକ ପ୍ରକୃତି ପ୍ରଦତ୍ତ ଗୁଣ । ମଣିଷ ବ୍ୟତୀତ ଅନ୍ୟ ସମସ୍ତ ପ୍ରାଣୀଙ୍କ ପାଖରେ ଧନ କିମ୍ବା ସାମାଜିକ ସମ୍ମାନର କୌଣସି ସଜ୍ଞା ନଥିବାବେଳେ ସେମାନେ କେବଳ ନିଜ ଜୀବନ ବିପନ୍ନତା ପ୍ରତି ସଚେତନ ରହିଥା'ନ୍ତି । ସେହିଭଳି ମଣିଷ ମଧ୍ୟ ସେହି ଦୁଇଟି ବିଷୟ ବ୍ୟତୀତ ସବୁଠାରୁ ଅଧିକ ଭୟ କରୁଥା'ନ୍ତି ଜୀବନ ବିପନ୍ନତାକୁ, ଯାହା ସମ୍ପୂର୍ଣ୍ଣ ଭାବେ ଏକ ପ୍ରାକୃତିକ ଗୁଣ । ଅର୍ଥାତ ପ୍ରାୟତଃ କହିବାକୁ ଗଲେ ସଂସାରର ସମସ୍ତ ପ୍ରାଣୀ ଏବଂ ମଣିଷ ସାଙ୍ଘାତିକ ଭୟ କରିଥା'ନ୍ତି କେବଳ ନିଜ ଜୀବନକୁ । ହେଲେ କୌଣସି ବାହ୍ୟ ରୋଗ ପ୍ରତି ସଚେତନ ରହିବା ପାଇଁ ମଣିଷ ପାଖରେ ଯେଉଁ ଜ୍ଞାନ ଅଛି ତାହା ଅନ୍ୟାନ୍ୟ ପ୍ରାଣୀଜଗତରେ ଦେଖିବାକୁ ମିଳୁନାହିଁ, ଯଦ୍ୱାରା ସେମାନେ ଅନେକ ସମୟରେ ବିଭିନ୍ନ ରୋଗରେ ପୀଡିତ ହୋଇ ମରିଯାଉଥିବା ଦେଖିବାକୁ ମିଳୁଥିବାବେଳେ କାହାର ଆକ୍ରମଣର ଶିକାର ହୋଇ ଜୀବନକୁ ପ୍ରତିରକ୍ଷା କରିବାରେ ସେମାନେ ମଣିଷଠାରୁ ଯଥେଷ୍ଟ ସଚେତନ ଯାହା ମଣିଷଙ୍କ ପାଖରେ କ୍ଷୀଣ ମାତ୍ରାରେ ଦେଖିବାକୁ ମିଳିବ । ତେଣୁ ମଣିଷ ସମାଜରେ ସୁରକ୍ଷା ବ୍ୟବସ୍ଥା କରାଯାଇ ବାହ୍ୟ ଆକ୍ରମଣ ଜନିତ ଦାଉରୁ ରକ୍ଷା କରିବା ପାଇଁ ସାଧାରଣ ନିରାପତ୍ତା ବ୍ୟବସ୍ଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇଥିବା ହେତୁ ଆକ୍ରମଣ ଜନିତ ଜୀବନବିପନ୍ନତା ଖୁବ କମ ଦେଖିବାକୁ ମିଳୁଛି । କିନ୍ତୁ ନିଜ ପ୍ରତିରୋଧକ କ୍ଷମତା କିମ୍ବା ବାହ୍ୟ ଜୀବାଣୁ ଜନିତ ରୋଗାକ୍ରାନ୍ତ ହେବାରୁ ନିଜେହିଁ ସତର୍କ ନରହିଲେ ସାମାଜିକ ବ୍ୟବସ୍ଥା ତାହାର ସମାଧାନ ପାଇଁ ଚିକିତ୍ସା ବ୍ୟବସ୍ଥା ରଖିଥିଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ନିଶ୍ଚିତତା ନଥାଏ ଜୀବନ ନୌକା କେଉଁ ଦିଗକୁ ଯିବ ?! ଅର୍ଥାତ ରୋଗ ସଂକ୍ରମଣ ଦାଉରୁ ନିଜକୁ ରକ୍ଷା କରିବା ଦାଇତ୍ୱ ସମ୍ପୂର୍ଣ୍ଣଭାବେ ବ୍ୟକ୍ତିଗତ ବିର ଉପରେ ନିର୍ଭର । ଅସଚେତନ ନିର୍ବୋଧ ବିଶେଷ କରି କୌଣସି ବିଷୟକୁ ଗବେଷଣାତ୍ମକ ଭାବେ ପରୀକ୍ଷଣ କରି ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିପାରିବାଭଳି କ୍ଷମତା ନଥାଇ ଅନ୍ୟକୁ ଅନୁସରଣ, ଅନୁକରଣ କରିଲିବା ଉପରେ ନିର୍ଭର କରୁଥିବା ମଣିଷ ଅନେକ ସମୟରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି ! ଆଲୋଚ୍ୟ ବିଷୟଟିରେ ଭୟ ଏବଂ ଅହେତୁକ ଭୟ ଉପରେ ଦୃଷ୍ଟିପାତ କରି ମଣିଷ ମନର ଶଙ୍କା ଜନିତ ଭୟକୁ ତର୍ଜମା କଲେ ଜାଣିହେବ ଯେ..............

କୌଣସି ବା ଅନେକ ସମୟରେ ମଣିଷ ନିଜ ବୁଝିବା କ୍ଷମତା ବହିର୍ଭୂତ ବିଷୟକୁ ନେଇ ଅହେତୁକ ଭୟର ସମ୍ମୁଖୀନ ହେଉଥିବା ଏକ ସାଧାରଣ କଥା ! ଉଦାହରଣ ସ୍ୱରୂପ ଭୁତ ! ଆଜିଯାଏ ଭୁତ କେହି ଦେଖିନାହାନ୍ତି ! କିଛି ଲୋକ ଭୁତ ଦେଖିଥିବା ଦାବିକରି ସମାଜକୁ ଯେଉଁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରନ୍ତି ବା ଭୁତର କାରୁକାର୍ଯ୍ୟ / କ୍ଷମତା ବିଷୟରେ ଯେଉଁଭଳି ବର୍ଣ୍ଣନା କରିଥା'ନ୍ତି ସେସବୁ ଶୁଣିଲେ ଶରୀରର ଲୋମ ଟାଙ୍କୁରୀ ଉଠେ ! ଆଉ ନିଜେ ଦେଖିଲେ ଯାହାହେବ ଭାବନା ବହିର୍ଭୁତ ବିଷୟ ! ତେଣୁ ପ୍ରାୟତଃ ସମସ୍ତ ମଣିଷ ଭୁତ ପ୍ରତି ଏକରକମ ଅହେତୁକ ଭୟରେ ରହୁଥିବା ଅସ୍ୱୀକାର କରିହେବ ନାହିଁ । ହେଲେ ଭୁତକୁ ନିଜେ ଦେଖିଥିବା ଦାବିକରୁଥିବା ମଣିଷ ଗୁଡିକ ବାସ୍ତବିକ ଭୁତ ଦେଖି ତାହାର ବର୍ଣ୍ଣନା କରିଥା'ନ୍ତି ନା ସେମାନଙ୍କ ଉଦେଶ୍ୟ ଭିନ୍ନ ସେସବୁକୁ ଗବେଷଣାତ୍ମକ ଜ୍ଞାନ ନଥିବା ମଣିଷ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅନୁଶୀଳନ କରିବାରେ ଅସାମର୍ଥ୍ୟ ହେତୁ ଏକ ଅହେତୁକ ଭ୍ରାନ୍ତିକର ପରିସ୍ଥିତିରେ ଭୟ କରିଥା'ନ୍ତି । ଅନ୍ୟ ପକ୍ଷରେ କହିବାକୁ ଗଲେ ଭୁତ ଦେଖିଥିବା ଦାବି କରୁଥିବା ମଣିଷ ଗୁଡିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ଗୋଷ୍ଠୀ ଭୁତ କାହାକୁ କୁହାଯାଏ, ଭୁତ ଦିଶେ କେମିତି ଏବଂ ତାହାର ବାସ୍ତବ ସତ୍ୟାସତ୍ୟ କ'ଣ ଇତ୍ୟାଦି ନଜାଣିପାରି ସେମାନେ ଦେଖିଥିବା କୌଣସି ଦୃଶ୍ୟମାନ, ଅଦୃଶ୍ୟ ମାନସର ଆକାରକୁ ଭୁତ ବୋଲି ଭାବି ତାହାର ପ୍ରକୋପ ଗୁଡିକ ବିଷୟରେ ବର୍ଣ୍ଣନା କରିଥା'ନ୍ତି ଯାହା ଜନମାନସକୁ ଥରହର କରିଦିଏ । ଭୁତ ଦେଖିନଥିବା ସାଧାରଣ ମଣିଷ ସେସବୁ ବର୍ଣ୍ଣନା ଗୁଡିକ ଶୁଣି ଏତେ ଭୟଭୀତ ହୋଇଥା'ନ୍ତିଯେ କୌଣସି କାରଣରୁ ସେମାନଙ୍କୁ ଭୁତ ନଦିସୁ ବୋଲି ବିଭିନ୍ନ ଉପାୟ ଅବଲମ୍ବନ କରିଥା'ନ୍ତି ଯାହା ସେମାନଙ୍କ ମନମାନସକୁ ଶକ୍ତି ଯୋଗାଇଥାଏ । ଅନ୍ୟ ଏକ ଗୋଷ୍ଠୀ ଭୁତ ନଦେଖି ମଧ୍ୟ ଭୁତର ବର୍ଣ୍ଣନା ଏତେ ସାଙ୍ଘାତିକ ରୂପରେ କରିଥା'ନ୍ତି ଯାହା ଭୁତ ଦେଖିଥିବା ମଣିଷଙ୍କ ଠାରୁ ମଧ୍ୟ ଆହୁରି କଠୋର ହୋଇଥାଏ । ସେହିମାନେ ମଣିଷ ସମାଜରେ ନିଜର କପୋଳକଳ୍ପିତ କିମ୍ବା ପ୍ରାୟୋଜିତ ବିରଧାରାକୁ ନେଇ ଯେଉଁ ଭୁତର ଭୟ ସୃଷ୍ଟି କରିଥା'ନ୍ତି ସେମାନଙ୍କ ଉଦେଶ୍ୟକୁ ନବୁଝି ଅଜ୍ଞାନ, ନିର୍ବୋଧ ମଣିଷ ଏତେମାତ୍ରାରେ ଭୟଭୀତ ହୋଇଥା'ନ୍ତିଯେ ତାହାର ସତ୍ୟାସତ୍ୟ କହିବାକୁ ଗଲେ କେବଳ ଚପଲରେ ମାରିବା ଛଡା ଆଉ କିଛି ବିର ଆସିବନାହିଁ ସେମାନଙ୍କ ମନକୁ । ତେଣୁ ଚେତନାଶୀଳ ମଣିଷମାନଙ୍କ ସଚେତନତା ସେହି ଭ୍ରାନ୍ତିକର ତଥ୍ୟକୁ କାଟୁ ନକରି ପ୍ରାୟତଃ ସମାଜରେ ସମସ୍ତେ ଭୁତ ପ୍ରତି ଏକ ରକମ ଅହେତୁକ ଭୟରେ ଜୁଡୁବୁଡୁ ହେଉଥିବା ସ୍ୱୀକାର ଯୋଗ୍ୟ ।

ଅନୁରୂପ ଅନେକ କଥାକୁ ନେଇ ଆମ ଦେଶର ଧର୍ମଭୀରୁ, ପ୍ରାଣଭୀରୁ ମଣିଷ ମାନଙ୍କୁ କୌଣସି ଅଦୃଶ୍ୟ ଅଲୌକିକ କଥା କହି ଭୟଭୀତ କରାଇବା ଅତ୍ୟନ୍ତ ସହଜ । କାରଣ ଆମଦେଶର ଶିକ୍ଷିତ, ଅଶିକ୍ଷିତ ପ୍ରାୟ ସମସ୍ତେ ନିଜର ସୃଜନଶୀଳତା ନଥାଇ ମାନସିକ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁର୍ବଳତା କିମ୍ବା ଅଜ୍ଞାନ ଜନିତ ନିର୍ବୋଧତା କାରଣରୁ ବିଭିନ୍ନ ବିଭ୍ରାନ୍ତିକର, ଅତାର୍କିକ ଅଲୌକିକ ବିଷୟ ପ୍ରତି ନିଦ୍ୱନ୍ଦ୍ୱ ଭୟାବହ ବିଶ୍ୱାସ ଭାବନା ରଖିଥାନ୍ତି, ଯାହା ସେମାନଙ୍କ ଶେଷ ନିଷ୍ପତ୍ତିରେ ପରିଣତ ହୋଇଥାଏ । ତାର୍କିକ ଅନୁଭୂତି କାହାର ହେଲେ ନଥିବା ପ୍ରାୟତଃ ଦେଖିବାକୁ ମିଳୁଛି ଆମ ଚତୁର୍ପାର୍ଶ୍ୱର୍ରେ । ପୁଣି କୌଣସି ତାର୍କିକ ପରିବେଶରେ ସାଧାରଣ ଲୋକ ବିଚଳିତ, କ୍ରୋଧାନ୍ୱିତ ହୋଇ ସେହି ଭିତ୍ତିହୀନ ଅଲୌକିକ ଅବାନ୍ତର ଭୟାବହ କଥାଗୁଡ଼ିକୁ ପରିତ୍ୟାଗ କରିବା ପାଇଁ ଆଦୌ ରାଜି ନୁହନ୍ତି । ସେମାନଙ୍କ ଦ୍ୱାରା ସେସବୁର ସତ୍ୟାସତ୍ୟ ଅନୁସନ୍ଧାନ ଅସମ୍ଭବ ବୋଲି ଭାବି ପୂର୍ବକାଳରୁ ହେଉ କିମ୍ବା ବର୍ତ୍ତମାନର କୌଣସି ଚତୁର କେଳେଙ୍କାରୀ ଗୋଷ୍ଠୀଙ୍କ ଦ୍ୱାରା ଯାହା କୁହାଯାଉଛି ତାହାହିଁ ଠିକ ବୋଲି ଭାବି ମାନିନେବା ଆମଦେଶ ଲୋକଙ୍କ ଏକପ୍ରକାର ଜିନଗତ ଚରିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ସେହି ବିରଧାରାକୁ ନେଇ ପ୍ରାୟତଃ ସମସ୍ତେ ସବୁଦିନେ ଅନେକ କଥାରେ ଠକିହେଉଥିବା ଦେଖିବାକୁ ମିଳିବ ଯାହା ଅନ୍ୟାନ୍ୟ ଦେଶ ମାନଙ୍କରେ ନଥିବ । ଅତଏବ ଆମଦେଶ ଲୋକଙ୍କୁ ଠକି ଯାହା କରିବାର ଅଛି ଏମିତି କିଛି ଅଦୃଶ୍ୟ, ଅଲୌକିକ ବିରଧାରାରେ ସନ୍ନିବେଶିତ କରାଇଦେଲେ ଯଥେଷ୍ଟ ଯାହା କିଛି ଚତୁର ଗୋଷ୍ଠୀ ସବୁବେଳେ କରି ଅନେକ ଲାଭ ଉଠାଇଥା'ନ୍ତି ସମସ୍ତଙ୍କ ପାଖରୁ ।

କହିବାକୁ ଗଲେ କୌଣସି ଅଦୃଶ୍ୟ, ଅବୁଝା କଥାକୁ ନିଦ୍ୱନ୍ଦ୍ୱରେ ଗ୍ରହଣ କରିବା ପୂର୍ବରୁ ସେହିକଥାର ସତ୍ୟାସତ୍ୟ ଜାଣିବା ପାଇଁ ଚେଷ୍ଟା ନକରି ସାଦରେ ଗ୍ରହଣ କରିନେଲେ କୌଣସି କ୍ଷେତ୍ରରେ ମଧ୍ୟ ନିଜର ଲାଭ ନଥାଇ ଅନେକଦିଗରୁ କ୍ଷତିରେ ପଡ଼ିବାର ସମ୍ଭାବନା ଥାଏ । ଯେକୌଣସି ବିଷୟକୁ ମର୍ମକୁ ନିଆଯିବା ପୂର୍ବରୁ ବିଭିନ୍ନ ତାର୍କିକ ମତବାଦକୁ ଆଧାରକରି ବାସ୍ତବତାର ପ୍ରମାଣ ମିଳିଲେହିଁ ଗ୍ରହଣ କରାଯିବା କଥା, ଯାହା ଆମେ କରୁନାହୁଁ । ସଚେତନ ମଣିଷ କିନ୍ତୁ ସବୁବେଳେ ତାର୍କିକ ମତବାଦ ଉପରେ ଆଧାରିତ ତଥ୍ୟ ଗ୍ରହଣ


ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

କରି ଅଯୌକ୍ତିକ କଥାକୁ ପ୍ରତ୍ୟାଖ୍ୟାନ କରିଥାନ୍ତି, ଯାହା ସେମାନଙ୍କ ଜୀବନଶୈଳୀକୁ କୁଠାରଘାତ କରିବାରେ ସକ୍ଷମ ହୋଇନଥାଏ ! ତେଣୁ ଜୀବନର ପ୍ରତ୍ୟେକ ସମୟରେ ସବୁକଥାରେ ଅନ୍ଧ ବିଶ୍ୱାସ ରଖି ମାନିନେଇ ଅଜସ୍ର କ୍ଷତିରେ ପଡୁଥିବା ଜୀବନଧାରାକୁ ବଦଳାଇ ପ୍ରତି ସମୟରେ / କ୍ଷେତ୍ରରେ ସଚେତନ ହେବାକୁ ଚେଷ୍ଟା କରାଗଲେ ନିଜର ଚେତନାଜ୍ଞାନ ଉଦୟ ପୂର୍ବକ ସାମାଜିକ ମଙ୍ଗଳ ଦିଗରେ ଲାଗିପାରିବ ବୋଲି ଆମ ବିରରେ ଆପଣଙ୍କ ମତାମତ ଦେବେ ବୋଲି ଆଶା..... !

ନିର୍ଧନ କୌଣସି କାରଣରୁ ଧନ କ୍ଷତି ପାଇଁ ଭୟ ରଖିନଥା'ନ୍ତି । ଅନୁରୂପ ଯିଏ କୌଣସି ଅକର୍ତ୍ତବ୍ୟ, ଅସାମାଜିକ, ଅମାନବୀୟ କର୍ମରେ ଲିପ୍ତ ନଥାଏ ତାହାର କୌଣସି ସାମାଜିକ ସମ୍ମାନ କ୍ଷୁର୍ଣ୍ଣ ହେବା ଭୟ ନଥାଏ ! ହେଲେ ମୃତ୍ୟୁ ଭୟ କାହାକୁ ଛାଡେନି ! କାରଣ ମୃତ୍ୟୁ କାହାକୁ କହି ଅସିନଥାଏ ! ତେଣୁ ସମସ୍ତେ ପ୍ରାୟ ମୃତ୍ୟୁକୁ ଭୟ କରୁଥିବା ଏକ ନିରୋଳା ସତ୍ୟ ! ଅନକ ଦୁର୍ଘଟଣା ଜନିତ ମୃତ୍ୟୁ ହେବା କାହା ହାତର କିମ୍ବା ଜ୍ଞାତଶୀଳ କଥା ନୁହେଁ । କିନ୍ତୁ ବିଭିନ୍ନ ସୂତ୍ରରୁ ସୂଚନା ଦେଇଆସୁଥିବା ମୃତ୍ୟୁକୁ ସହଜରେ ନିୟନ୍ତ୍ରଣ କରାଯାଇପାରେ । ଏବଂ ସେହି ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇନଥାଏ, ସେମାନଙ୍କ ନିର୍ବୋଧତା କାରଣରୁ । ସୃଜନ କିନ୍ତୁ ନିଜର ବିରଶୀଳ ମାନସମନ୍ଥନ କରି ସୂଚିତ ମୃତ୍ୟୁକୁ ଜୟ କରିପାରନ୍ତି । ଅଜ୍ଞାନ ବିଭିନ୍ନ ସୂଚିତ ମୃତ୍ୟୁ ପ୍ରତି ଗଭୀର ଶୋକାକୁଳ ପରିସ୍ଥିତି ହେତୁ ଅନ୍ୟକୁ ଅନୁକରଣ କରିବା କିମ୍ବା ବିଶ୍ୱାସ କରି ଅନେକ ଅନାବଶ୍ୟକ ଉପାୟ ଅବଲମ୍ବନ କରିଥା'ନ୍ତି ଯାହା ସବୁବେଳେ ସତ୍ୟ ଉପରେ ଆଧାରିତ ହୋଇଥାଏ କି ନାହିଁ, ଏକ ଅଲୌକିକ ବିଷୟ ! ତଥାପି ବୁଡ଼ିଯାଉଥିବା ଜୀବନ କୁଟାଖିଅକୁ ଆଶ୍ରା କଲାଭଳି ଅହେତୁକ ଅବିରିତ ଭାବେ ଗ୍ରହଣ କରିନେଇଥା'ନ୍ତି ସବୁକଥା କେବଳ ବିଶ୍ୱାସରେ ! ହେଲେ ସେହି ବିଶ୍ୱାସ ପଛର ରହସ୍ୟ ଜାଣିବା ଏବଂ ଚକ୍ରବ୍ୟୂହ ଭାଙ୍ଗିବା

 Magazine Downloaded from www.aahwaan.com

ସେମାନଙ୍କ ପକ୍ଷରେ ସମ୍ଭବ ନଥିବା ବେଳେ ଜୀବନ ଯିବା ଆଶଙ୍କା ଠାରୁ କେତେଯେ କ୍ଷତିରେ ପଡ଼ିଥା'ନ୍ତି ସେମାନଙ୍କ ଜ୍ଞାତ, କଳ୍ପନା ବହିର୍ଭୁତ ହୋଇଥାଏ ! ତେଣୁ ଯେକୌଣସି ବିଷୟକୁ କାହିଁକି ଓ କେମିତିର କାରଣ ନଜାଣି ନିଦ୍ୱନ୍ଦ୍ୱରେ ଗ୍ରହଣ କରିବା ବିଶ୍ୱାସ ଅନ୍ଧ !

ଶେଷରେ ସମସ୍ତଙ୍କୁ ଆମର ଅନୁରୋଧ ଜୀବନରେ କାହାର କୌଣସି କଥାକୁ ଅନ୍ଧଭାବେ ଗ୍ରହଣ କରି ବିଶ୍ୱାସ ନକରି ତାର୍କିକ ଅନୁଶୀଳନ କରି କଥାଟିର ସତ୍ୟାସତ୍ୟ ଜାଣିବା ପାଇଁ ଚେଷ୍ଟା କଲାପରେ ଯଦି ତାହା ଶତପ୍ରତିଶତ ସତ୍ୟ ସାବ୍ୟସ୍ତ ହେଲେହିଁ ତାକୁ ଗ୍ରହଣ କରନ୍ତୁ । ବିଶ୍ୱାସରେ କୌଣସି ମତବାଦକୁ ଗ୍ରହଣ କରନ୍ତୁ ନାହିଁ । ସତ୍ୟକୁ ଜାଣିବା କଥାକୁ ବିଶ୍ୱାସ ବୋଲି କୁହାଯାଏନାହିଁ ! ବିଶ୍ୱାସ ଶବ୍ଦର ଅର୍ଥ କେବଳ ଅନ୍ଧତ୍ୱ ପାଖରେହିଁ ଉପଯୋଗ ହୋଇଥାଏ । ଯାହା ସତ୍ୟ ତାକୁ ଗ୍ରହଣ କରାଯିବା ପ୍ରକ୍ରିୟାକୁ ବିଶ୍ୱାସ ବୋଲି କୁହାଯାଏନାହିଁ ! ତେଣୁ ବିଶ୍ୱାସ କଲେ ବିଷ ମିଳିବା ନିଶ୍ଚିତ ! କାରଣ ଆଜି ଦିନରେ ସଂସାରର ପ୍ରାୟତଃ ସବୁ ମଣିଷ ବିଶ୍ୱାସଯୋଗ୍ୟ ନୁହଁନ୍ତି, ଯାହା ପ୍ରାଚୀନ ସମୟରେ ଥିଲା ! ବିଶ୍ୱାସ କିପରି ଅନ୍ଧ ତାହାରି ଉପରେ ପରବର୍ତ୍ତୀ ଆଲେଖ୍ୟରେ ବିଶ୍ଳେଷଣାତ୍ମକ ତଥ୍ୟ ଦିଆଯିବ । ଆପଣଙ୍କ ମତାମତ କିମ୍ବା ଜିଜ୍ଞାସା ଜଣାଇବେ ବୋଲି ଅନୁରୋଧ ପୂର୍ବକ ରହିଲି......

ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗଂଜାମ ।
ଦୂରଭାଷ-୯୪୩୭୩୨୪୯୧୭.

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଆମେ କେତେ ସ୍ୱାଧୀନ ?



ସରୋଜ ପରିଡ଼ା

ମୁଁ ଭାରତୀୟ, ଭାଇଚାରାର ସୁବାସିତ ସୁଗନ୍ଧରେ ବିଶ୍ୱକୁ ମହକେଇଥିବା ଏ ମହାନ ଦେଶ ଭାରତବର୍ଷର ମୁଁ ଅଧିବାସୀ, ଧର୍ମନିରପେକ୍ଷତାକୁ ମୌଳିକତା ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶ୍ୱର ଅନନ୍ୟ ଦେଶ ଭାରତବର୍ଷର ମୁଁ ଅଧିବାସୀ, ଯାହାର ସ୍ୱଭାବ ଶାନ୍ତ ଆଉ ଯାହାର ମନ୍ତ୍ର ଅହିଂସା ଅଟେ, ଅହିଂସା ପରମ ଧର୍ମ ଏହାକୁ ପାଥେୟ କରି ଯେଉଁ ଦେଶ ତା ଭାତୃତ୍ୱକୁ ବଜାୟ ରଖି ଆଗେଇ ଚାଲିଛି ସେ ଦେଶର ଅଧିବାସୀ ମୁଁ ।

"ବସୁଧୈବ କୁଟୁମ୍ବକମ୍" ଅର୍ଥାତ ସମଗ୍ର ବିଶ୍ୱକୁ ନିଜର ପରିବାର ଭାବିନେଇଥିବା ଏଇ ମହାନ ଚିନ୍ତାଧାରାରେ ମନ୍ତ୍ରମୁଗଧିତ ଏଇ ଭାରତ ବର୍ଷର ମୁଁ ଅଧିବାସୀ ଅଟେ, ଯେଉଁ ଦେଶରୁ ଦିନେ ମହାନ ସଭ୍ୟତାର ଆରମ୍ଭ ହୋଇଥିଲା, ସାମାଜିକ ବିଧିବ୍ୟବସ୍ଥାର ଅଙ୍କୁରୋଦଗମ ହୋଇଥିଲା ସେଇ ଦେଶର ଅଧିବାସୀ ମୁଁ, ଏଥିପାଇଁ ମୁଁ ଗର୍ବିତ, କାରଣ ମୋ ଦେଶ ମୋ ଅଭିମାନ, ଯେଉଁ ଦେଶରେ ସ୍ୱର୍ଗର ଦେବାଦେବୀ ବି ଜନ୍ମ ନେବା ପାଇଁ ଇଚ୍ଛୁକ ସେଇ ମହାନ ଐତିହାସିକ ସମ୍ପର୍ଣ୍ଣ ଦେଶର ବାସିନ୍ଦା ମୁଁ ।

ସ୍ୱର୍ଣଗର୍ଭା ଏ ଅମୂଲ୍ୟ ଦେଶ ଉପରରେ ଅତୀତରେ ବହୁତ ଆତତାୟୀଙ୍କ ଲୋଲୁପ ଦୃଷ୍ଟି ପଡିଛି, ଖଜଣାରେ ପରିପୂର୍ଣ ତାହାଏ ବିରାଟ ସାମ୍ରାଜ୍ୟରେ ଅନେକ ବିଦେଶୀଙ୍କର ସ୍ୱାର୍ଥ ଜନିତ ଢାଲ ମାଡ଼ରେ ଖିନଭିନ ହୋଇଛି, ପ୍ରଥମେ ଅଜ୍ଞାତ ସାମ୍ରାଜ୍ଞି ଏବଂ ପରେ ମୋଗଲ ଆଉ ତା ପରେ ଇଂରେଜ ସାମ୍ରାଜ୍ୟ ନିଜର କୋଷାଗାର ପୂର୍ଣ୍ଣ କରି ନେଇଛନ୍ତି ତଥାପି ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶର ଅସ୍ତିତ୍ୱ ଏବେ ବି ଚକମକ କରୁଛି ଦୁର୍ଲଭ ହୀରା ଭଳି, କେହି ଜଣେ କହିଥିଲେ "ଯାହା ନାହିଁ ଭାରତେ ତାହା ନାହିଁ ଜଗତେ" ଅର୍ଥାତ ଯାହା ଭାରତରେ ନାହିଁ ତାହା ହୁଏ ତ ଏ ମର୍ତ୍ତ୍ୟରେ ନାହିଁ ଖାସ ଏଇଥି ପାଇଁ ହୁଏ ତ ବିଦେଶୀଙ୍କର ଆମିଷ ଦାନ୍ତରେ କାହୁଁ କେତେବାର ଏ ମାଟିର ସମ୍ପତିକୁ ଝୁଣିଛି ହେଲେ ତଥାପି ଏ ଦେଶ ହସୁଛି । ତେବେ ସବୁର ଅନ୍ତ ଘଟି ଆମ ଦେଶ ପାଇଛି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା, ଏହି ଗଣତନ୍ତ୍ର ଯିଏ ଲୋକଙ୍କୁ ଶାସନ କରେ ସେ ପୁଣି ଲୋକମାନଙ୍କ ଦ୍ୱାରା, ଏହା ଏତେ ସହଜରେ ହୋଇନଥିଲା ଏଥିପାଇଁ କେତେବଳେ ରକ୍ତର ନଦୀ ବହିଛି ତ କେତେବେଳେ ବାରୁଦର ପାହାଡ଼ ଧ୍ୱଂସ ହୋଇଛି, କେତେବେଳେ, ନିଷ୍ଠୁର ଇଂରେଜ ସେନାର ଅସୀମିତ ବେତ ଆଉ ଚାବୁକ ପାହାରରେ ଲୋକଙ୍କ ପିଠି ଫାଟିଛି, କାହାକୁ ଫାଶୀ ଦିଆଯାଇଛି ତ ପୁଣି କିଏ ଜନସ୍ୱାର୍ଥର ବୈପ୍ଳବୀଙ୍କ ପରିବର୍ତ୍ତନ ଆଣି ସମୟ ସ୍ରୋତରେ ନିଜର ଠିକଣା ହଜେଇଛି, ପରିଶେଷରେ କିଛି ମୁଷ୍ଟିମେୟ ଲୋକଙ୍କ ଚଣକ୍ୟ ନୀତିରେ ଇଂରେଜ ସେନା ବାଧ୍ୟ ହୋଇଛନ୍ତି ଏ ଦେଶ ଛାଡିବାକୁ ।

ତେବେ ୧୯୪୭ମସିହା ଅଗଷ୍ଟ ମାସ ୧୫ ଆଉ ଆଜି ୨୦୨୦

୨୦୨୦ର ଅଗଷ୍ଟ ୧୫ ଆମେ ଆଜି ପାଳନ କରୁଛେ ସ୍ୱତନ୍ତ୍ରତା ଦିବସ ବା ୭୪ ତମ ସ୍ୱାଧୀନତା ଦିବସ, ଅର୍ଥନୀତି ଏବଂ ରାଜନୀତି ମଧ୍ୟରେ ଆଜି ଆମ ଭାରତ ଶିକ୍ଷାର ଚରମ ସୀମାରେ ବି ପହଂଚି ସାରିଛି, ନୂତନ ଆବିଷ୍କାର ଆଉ ଉଦ୍ଭାବନ ମଧ୍ୟରେ ମୋ ଦେଶ ଭାରତ ଆଜି ପ୍ରମୁଖ ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ, ଆଜି ଶତ୍ରୁକୁ ଡର ନାହିଁ, ଭୋକକୁ ହେଳା ନାହିଁ, କାହାର ଚାପ ନାହିଁ ଆମେ ଏକ ଖୋଲା ଆକାଶର ମୁକ୍ତ ବିହଙ୍ଗ ପରି ଏ ଦେଶରେ ଅଛେ, ସେଥିପାଇଁ ତ ଆଜିର ଏହି ସ୍ୱାଧୀନତା ଦିବସରେ ଆମେ ଆମ ଜାତିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶ୍ରେଷ୍ଠ ଝଣ୍ଡା ଉଡାଉଛେ ଆଉ ଗାଉଛେ "ବନ୍ଦେ ମାତାରମ" ।

ହେଲେ କିଛି କିଛି ଏମିତି ବ୍ୟତିକ୍ରମ ଆମକୁ କୋଉଠିନା କୋଉଠି ଭାବିବାକୁ ବାଧ୍ୟ କରିଥାଏ, ପ୍ରଶ୍ନ କରିବାକୁ ବାଧ୍ୟ କରିଥାଏ, ଉତ୍ତର ପାଇବାକୁ ଇଚ୍ଛା କରିଥାଏ ସେଇ ପ୍ରଶ୍ନଟି ହେଲା "ସତରେ କଣ ଆମେ ସ୍ୱାଧୀନ ? ସତରେ କଣ ଆମେ ଆମର ନଗରିକତା ପରିପ୍ରକାଶ ଆଉ ପ୍ରଦର୍ଶନରେ ସ୍ୱାଧୀନତା ପାଇଛୁ ?" ଆସନ୍ତୁ କିଛି ଦିଗ ପ୍ରତି ଆଲୋଚନା କରିବା ।

ଯଦି ଆମେ ସ୍ୱାଧୀନ ତେବେ ରାତି ଅଧରେ, ଝିଅଟିଏ ପଦାକୁ ଗଲେ ବାପା ମାଆଙ୍କର ଚିନ୍ତା ବଢେ କାହିଁକି ? ଅନ୍ୟାୟ ବିରୋଧରେ ସ୍ୱର ଉଠେଇଲେ ସ୍ୱରକୁ ନରମ କରିବାକୁ ବାଧ୍ୟ କରାଯାଏ କାହିଁକି ? ଶିକ୍ଷା ସ୍ୱାସ୍ଥ୍ୟଭଳି ମୌଳିକ ବ୍ୟବସ୍ଥାରୁ ଆଜିବି କଣ ପାଇଁ ଗରିବ, ନିରୀହ ଲୋକଟି ବଂଚିତ ହେଉଛି, ଦେଶକୁ ଖାଦ୍ୟ ଦେଉଥିବା କୃଷକଟି ଆଜି ବି କଣ ପାଇଁ ଭୋକରେ ରହୁଛି କଣ ପାଇଁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି, ଦେଶର ପ୍ରଗତିରେ ଗୁରୁ ଦାୟିତ୍ୱ ବହନ କରୁଥିବା ଶ୍ରମିକଟି ଆଜିବି କଣ ପାଇଁ ଦିଓଳି, ଦିମୁଠା ଖାଇବାକୁ ପାଉନି, କଣ ପାଇଁ ଅଜବ ଅଜବ ଆଉ ଅନାବଶ୍ୟକ ଟ୍ୟାକ୍ସରେ ଗରିବ ଆଉ ନିମ୍ନ ଶ୍ରେଣୀ ଲୋକମାନେ ଛନ୍ଦି ହେଉଛନ୍ତି ? ଆଜିବି ବହୁତ ଗାଁକୁ ରାସ୍ତା ନାହିଁ, ଆଜି ବି ବହୁତ ଗାଁରେ ରାତିରେ ଡିବିରି ଅବା ଲଣ୍ଠନ ଜଳୁଥାଏ, ଏଭଳି ହଜାରେ କାରଣ ଅଛି ।

ସରକାର ତ ପ୍ରତିବର୍ଷ ଆର୍ଥିକ ବଜେଟ ତିଆରି କରୁଛନ୍ତି ତଥାପି ଏ ଦେଶରେ କିଛି ଲୋକ ଜରାଜୀର୍ଣ୍ଣ ଅବସ୍ଥାରେ କଣ ପାଇଁ ଏଥିପାଇଁ ଆମେ ହିଁ ଦାୟୀ । ହଁ ଆମେ କାରଣ ଆମେ ଟିଭି ଫିଲ୍ମରେ କୌଣସି ଟ୍ରେଜେଡି ସିନ ଦେଖି ଲୁହ ଗଦେଇଦଉଛେ ସିନା ଅସଲରେ କାହାକୁ ସାହାଯ୍ୟ କରିବାକୁ ଆମ ପାଖରେ ସମୟ ନାହିଁ, ଅନ୍ୟାୟ ଅନୀତିକୁ ସତେ ଯେମିତି ଆମେ କାଠଚଷମା ପିନ୍ଧି ଦେଖୁଛେ ନିଜର ସ୍ୱାର୍ଥ ପାଇଁ ଆମେ ଆଜି ଏକାନ୍ତରେ ସମୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଟୁଛେ, କୁଜି ନେତାଙ୍କ ହାତବାରିସୀ ସାଜୁଚେ କଣ ଏଇଥି ପାଇଁ ?

କଣ ଏଇ କଥା ଆମକୁ ଗାନ୍ଧୀ ଶିଖେଇଛନ୍ତି, କଣ ଏହା ପାଇଁ ଆମ ନେତାଜୀ ଜୀବନକୁ ଉତ୍ସାର୍ଗ କରିଥିଲେ କଣ ଏହା ପାଇଁ ଭଗତ ସିଂହ ଫାଶୀ ପାଇଥିଲେ କଣ ଏଇଥିପାଇଁ ଖୁଦୀରାମ ଜୀବନ ଦେଇଥିଲେ, ଆମେ ଭାରତବାସୀ ଆମ ଦେଶ ହିଁ ଆମ ଅଭିମାନ ଏ ଦେବତାର ମାଟିକୁ ଆମେ ସମ୍ମାନ ଜଣାଇ ଆମେ ଆମର ଦେଶ ପ୍ରତି କର୍ତବ୍ୟକୁ ନିଭେଇବା ଦରକାର ତା ପରେ ହିଁ ଆମେ ନିଜକୁ ସ୍ୱାଧୀନ ଭାବିବା ଆଉ  ହିନ୍ଦୁସ୍ତାନର ପ୍ରତ୍ୟେକ ବ୍ୟକ୍ତି ନିଜକୁ ସ୍ୱାଧୀନ ଭାବିବ, ମନରେ ଏକ ସମୟରେ ଆସୁଥିବା ଲକ୍ଷାଧିକ ବାକ୍ୟରୁ ଏହା ମୋ କେଇପଦ କଥା ଭୁଲ ଥିଲେ କ୍ଷମା ଦେବେ ।

ଜୟ ହିନ୍ଦ, ଜୟ ଭାରତ ମାତା, ଜୟ ଶ୍ରୀ ରାମ, ଜୟ ଜଗନ୍ନାଥ

ସରୋଜ ପରିଡା,

ଦାଣ୍ଡମୁକୁନ୍ଦପୁର ,ପିପିଲି,ପୁରୀ

sarojparida631@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ ଡାଉନ୍ : ଆତ୍ମସମୀକ୍ଷାର ବେଳ



ଦେବଦତ୍ତ ସ୍ୱାଇଁ

## "ଲକଡାଉନ" ଭାରତୀୟ ଯୁବାଙ୍କ ପାଇଁ ଆତ୍ମସମୀକ୍ଷାର ବେଳ !

କୋଭିଡ-୧୯ର ମାରାତ୍ମକ ପ୍ରକୋପରେ ସାରା ବିଶ୍ୱ ହନ୍ତସନ୍ତ ହେଉଛି, ଏବଂ ଏହାର ପ୍ରକୋପରେ ଭାରତର ଅବସ୍ଥା ଅତ୍ୟନ୍ତ ଖରାପ । ଜୁଲାଇ ମାସର ଦ୍ୱିତୀୟ ସପ୍ତାହ ବେଳକୁ ଦେଶରେ କରୋନା ଦ୍ୱାରା ଦୈନିକ ପ୍ରାୟ ୨୫୦୦୦ ଲୋକ ଆକ୍ରାନ୍ତ ହେଉଛନ୍ତି । ଏହା ଦେଶପାଇଁ ଅତ୍ୟନ୍ତ ଚିନ୍ତାଜନକ ବିଷୟ । ଏହି ସମୟରେ ଦେଶରେ ପ୍ରାୟ ୧୫କୋଟି ଜନତା ନିଜର କର୍ମସଂସ୍ଥାନ ହରେଇଛନ୍ତି । ଏହା ସହ ମୁଖ୍ୟତଃ ଦେଶର କ୍ଷୁଦ୍ର ଶିଳ୍ପ ପ୍ରଭାବିତ ହେଇଛି ।

ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଭଳି ଦେଶର ଅର୍ଥନୀତି ବହୁତ ତଳକୁ ଖସିବାକୁ ଲାଗିଛି । ଆମ ଦେଶର ଅର୍ଥନୀତି ମଧ୍ୟ ଶିଳ୍ପଭିତ୍ତିକ ଉତ୍ପାଦନ କ୍ଷେତ୍ରରେ ତଳକୁ ଖସିଛି କିନ୍ତୁ ସାମୁହିକ ଅର୍ଥନୀତିର ଭାର ଦେଶର କୃଷି ସମ୍ଭାଳି ରଖିଛି ।

ବିଗତ କିଛି ଦଶକରେ ଦେଶର କୃଷିରେ ବୈପ୍ଲବିକ ପରିବର୍ତ୍ତନ ଆସିଥିଲେ ସୁଦ୍ଧା ଅନ୍ୟ ବିକଶିତ ରାଷ୍ଟ୍ର ତୁଳନାରେ ଆମ କୃଷି ସେତେମାତ୍ରାରେ ପରିବର୍ତ୍ତନ ହୋଇନାହିଁ, ଯାହା ଅତ୍ୟନ୍ତ ଚିନ୍ତାଜନକ । ଏହାର ମୁଖ୍ୟ କାରଣ ହେଉଛି ପାରମ୍ପରିକ ପ୍ରଣାଳୀ ।

ବର୍ତ୍ତମାନ କରୋନାର ସ୍ଥିତି ଠିକ ହେବାପାଇଁ ଅଧିକ ସମୟ ଆବଶ୍ୟକ, ଏହା ମଧ୍ୟରେ କର୍ମନିଯୁକ୍ତି ହରାଇଥିବା ଯୁବାଙ୍କ ପାଇଁ ନୂତନ କର୍ମନିଯୁକ୍ତି ପାଇବା କାଠିକର ପାଠ । ତେଣୁ ସମସ୍ତ ଯୁବଗୋଷ୍ଠୀଙ୍କୁ ବ୍ୟକ୍ତିଗତ, ସାମୁହିକ ଏବଂ ଦେଶର ଆର୍ଥନୀତିକ ସ୍ଥିତିରେ ସୁଧାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଣିବାକୁ ହେଲେ ସିଧାସଳଖ କୃଷିରେ କିମ୍ବା କୃଷିଭିତ୍ତିକ ଶିଳ୍ପରେ ନିୟୋଜିତ ହେବା ଆବଶ୍ୟକ ।

ବର୍ତ୍ତମାନ ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟର ସରକାର ନୂତନ ଭାବେ କୋଭିଡ ପ୍ୟାକେଜ ଘୋଷଣା କରିଛନ୍ତି ଯାହା ଫଳରେ ଅତି ସ୍ୱଳ୍ପ ପ୍ରତିଶତ ସୁଧ ଦେଇ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ନିଜର ନୂତନ କର୍ମସଂସ୍ଥାନ ଖୋଲିପାରିବେ ।

ଦେଶର ଯୁବଗୋଷ୍ଠୀ ନିଜର ପୁରାତନ ବୃତ୍ତିକୁ ଆପଣେଇ ନେବାରେ ସଂକୋଚ ନକରି, ପାରମ୍ପରିକ ପଦ୍ଧତି ବଦଳରେ ନୂତନ ପଦ୍ଧତି ସହ କୃଷିକାର୍ଯ୍ୟ କଲେ, ଆର୍ଥିକ ମାନ୍ଦାବସ୍ଥା ଦୁରେଇ ପାରିବା । ଏବଂ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରି ନିଜ ସହ ଅନ୍ୟ ମାନଙ୍କ ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆଣି "ଆତ୍ମନିର୍ଭର ଭାରତ" ଗଠନ କରିବାରେ ସକ୍ଷମ ହୋଇପାରିବା ।

ଦେବଦତ୍ତ ସ୍ୱାଇଁ
ଯୁକ୍ତ-୩, ତୃତୀୟ ବର୍ଷ,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଆସିକା ବିଜ୍ଞାନ ମହାବିଦ୍ୟାଳୟ
ଦୂରଭାଷ - ୭୩୭୭୭୭୫୦୦୨

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଈଶ୍ୱର ଆରାଧନା



ସତ୍ୟନାରାୟଣ ମିଶ୍ର

କର୍ମ ବହୁଳ ମାନବ ଜୀବନ । ସଦାସର୍ବଦା ବ୍ୟସ୍ତ ବିବ୍ରତ । ସ୍ୱାର୍ଥ ସାଧନ, ଅର୍ଥ ଉପାର୍ଜନ ତଥା ଗୌରବ ଅର୍ଜନ ସକାଶେ କି ଦିନ କି ରାତି ମାନସିକ ଓ ଶାରୀରିକ କ୍ଳାନ୍ତିକୁ ବେଖାତିର କରି ମଣିଷ ଦୌଡ଼ିଛି କାମ ପଛରେ । କାର୍ଯ୍ୟଟି ସତ୍ ହଉ କି ଅସତ୍ ସେ ପ୍ରତି ପରୁବାଏ ନାହିଁ । କିନ୍ତୁ, ତା ମାଧ୍ୟମରେ କାମନା ବାସନା ଚରିତାର୍ଥ ହେଇପାରିଲେ ଯଥେଷ୍ଟ । ତେବେ କାମନାର କଣ୍ ସୀମା ଥାଏ ! ମଣିଷ ଏଇଥିପାଇଁ ତ ଖାଇବା ପିଇବା ଭୁଲି ବେଳେବେଳେ ନିଜକୁ ବି ଭୁଲି ଯାଏ । ସେ ଆଉ ଭଗବାନ ଭଗବତୀଙ୍କୁ ମନେ ପକାଇବ କେତେବେଳେ ?

କେବଳ ଦୁଃଖ ଆଉ ଅସୁବିଧା ବେଳେ ହୁଏତ ସେ ପ୍ରଭୁଙ୍କୁ ସ୍ମରଣ କରେ କଷ୍ଟ ଲାଘବ ପାଇଁ । ଆସ୍ଥା ପ୍ରକଟ କରେ ନିଜକୁ ଆୟତ୍ତ କରିବା ପାଇଁ, କିନ୍ତୁ ସେ ସମୟ ଟିକକ ଚାଲିଗଲେ, "ଯଥା ପୂର୍ବମ୍ ତଥା ପରମ୍" । ମଣିଷର ଏଇ ଖିଆଲି ମନକୁ କେମିତି ଭଗବତ ଚିନ୍ତନ ପ୍ରତିନିବେଶ କରାଯିବ, ଆକର୍ଷିତ କରାଯିବ ସେ ଉଦ୍ଦେଶ୍ୟ ନେଇ ଆମେ ଦେଖୁଥିବା ମନ୍ଦିର ଗୀର୍ଜା ମସଜିଦ ଆଦି ଆରାଧନା ପୀଠ ସବୁ ନିର୍ମିତ । ଯଦ୍ୱାରା ମଣିଷ ସମୟ ବାହାର କରି ଏସବୁ ସ୍ଥଳରେ ପୂଜା ଆରାଧନା କରି ଈଶ୍ୱରଙ୍କୁ କିଛି ସମୟ ଲାଗି ସ୍ମରଣ କରୁଛି । ଭକ୍ତି ପ୍ରଦର୍ଶନ କରୁଛି । ଈଶ୍ୱର ଉପସ୍ଥିତି ଅସ୍ତିତ୍ୱକୁ ଉପଲବ୍ଧି କରି ମନରେ ସ୍ୱତଃ ରୋମାଞ୍ଚ ଅନୁଭବ କରୁଛି । ଅସ୍ଥିର ମନ ଶାନ୍ତ ଶୀତଳ ପରିବେଶରେ ସ୍ଥିର ହୋଇ ଶ୍ରଧା ସମ୍ମାନ ଜାଗ୍ରତ ହେଉଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବଳ ସେତିକି ନୁହଁ । କାର୍ଯ୍ୟବ୍ୟସ୍ତତା ଭିତରେ ଥାଇବି ଯଦି ଦୂରରୁ ମନ୍ଦିର ଚୁଡା ଦୃଷ୍ଟି ଗୋଚର ହୁଏ । ସ୍ୱତଃ ହାତଟା ଉଠିଯାଇଥାଏ ପ୍ରଭୁ ଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବାକୁ । ଉପଲବ୍ଧି ହୁଏ ଯେମିତି ଦୁର୍ବଳ ଅବଶ ଶରୀରରେ ଉର୍ଜାର ପ୍ରବେଶ । ବାହାରେ ସୂର୍ଯ୍ୟଙ୍କ ଆଲୋକ । କିନ୍ତୁ ଘରକୁ ଅନ୍ଧାର କରି ଯେମିତି ରାତିର ଅନୁଭବ କରିହୁଏ, ସେମିତି ଈଶ୍ୱର ସର୍ବତ୍ର ଥିଲେ ବି ତାଙ୍କୁଏକ ସୀମିତ ସ୍ଥାନରେ ଅବସ୍ଥିତ କରି ତାଙ୍କ ଉପସ୍ଥିତିକୁ ଉପଲବ୍ଧି କରାଯାଏ । ଘରେ ବି ନାନା ରୂପର ବିଗ୍ରହଙ୍କୁ ପୂଜା କରାଯାଏ ।

ଅଧୁନା ଆମେ ଯେତେ ସବୁ ଉପାସନା ପୀଠକୁ ଦେଖୁ ସେ ସବୁ ଜାଗାରେ ପୂଜାର୍ଚ୍ଚନା ଚାଲିଛି ସତ କିନ୍ତୁ, ସତ କହିବାକୁ ଗଲେ କିଛି ଲୋକଙ୍କ ମନରେ ସେତେଟା ଭକ୍ତି ଭାବ ରହୁ ନାହିଁ । କିଛି ଆସନ୍ତି ନିଜ ନିଜ ଷ୍ଟାଟସ ସୋ ପାଇଁ । କିଏ ଆସେ ବୁଲିବା ପାଇଁ ତ କିଏ ଆସେ ତା କଥା ଦେଇଥିବା ପ୍ରେମିକା କୁ ଦେଖିବା ପାଇଁ । ଏସବୁ କଣ ପ୍ରକୃତ ଭକ୍ତି ଭାବ ନା ଦିଅଁ ଦର୍ଶନ ? ମନରେ ଭକ୍ତି ନଥାଇ ଭକ୍ତ ସାଜିଲେ ହୁଏତ ଲୋକ ଠକିଯିବେ କିନ୍ତୁ ଈଶ୍ୱରଙ୍କୁ ଠକିହେବ ନାହିଁ । ସିଏ ଜାଣନ୍ତି ତାଙ୍କ ପ୍ରକୃତ ଭକ୍ତ କିଏ ! ସେଥିପାଇଁ ତ ଶ୍ରୀବିଷ୍ଣୁ ନାରଦଙ୍କୁ କହିଛନ୍ତି "ନା ଅହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାମ୍ ହୃଦୟେ ନ ଚ, ମତ ଭକ୍ତ ଜତ୍ର ଗାୟନ୍ତେ ତତ୍ର ତିଷ୍ଠାମି ନାରଦ" !

ସତ୍ୟନାରାୟଣ ମିଶ୍ର
ସିଂଧେକେଲା, ବଲାଙ୍ଗୀର
ମୋ ୯୫୮୩୬୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗର୍ବ ଓ ଅହଂକାର



ଅରୁଣ କୁମାର ଦତ୍ତ

ଆଜିବି ଏ ଇତିହାସ ଓ ଶାସ୍ତ୍ର ସାକ୍ଷୀ ଅଛି, ଯେଉଁଠି କି ଦେଖିଛି କାହିଁ କାହିଁ ଲୋକଙ୍କ ଗର୍ବ ଓ ଅହଂକାର । ଜାଣି ପାରେନା ବହୁତ ବହୁତ ଶକ୍ତିଶାଳୀ, ଉଚ୍ଚପଦସ୍ଥ, ବ୍ୟକ୍ତି କାହିଁକି ଅହଂକାର ପ୍ରଦର୍ଶନ କରନ୍ତି । ମନେ ହୁଏ ସେଦିନ ର ମହାଭାରତ କଥା କର୍ଣ୍ଣ ଅର୍ଜୁନଙ୍କ ଦ୍ୱାରା ନିହତ ହେବା ପରେ ଅର୍ଜୁନ ଶ୍ରୀକୃଷ୍ଣ ଙ୍କ ଆଗରେ ଯୁକ୍ତି ବାଢ଼ିଥିଲେ କି ସେ ସବୁଠାରୁ ଶ୍ରେଷ୍ଠ ଯୋଦ୍ଧା ମାତ୍ର ଶ୍ରୀକୃଷ୍ଣ ଙ୍କ ଉତ୍ତର ଦେଇଥିଲେ କି "ନା " ବାସ୍ତବିକ କର୍ଣ୍ଣ ଥିଲେ ଶ୍ରେଷ୍ଠ ଯୋଦ୍ଧା କାରଣ କର୍ଣ୍ଣ ଙ୍କ ଶରରେ ଏତେ ଶକ୍ତି ଥିଲା ଯେ ବ୍ରହ୍ମାଣ୍ଡ କର୍ତ୍ତା, ତ୍ରିଲୋକ୍ୟ ନାଥ ଶ୍ରୀକୃଷ୍ଣ ଙ୍କ ରଥ ଅର୍ଥାତ ଅର୍ଜୁନ ଙ୍କ ରଥ କୁ ମଧ୍ୟ ପଛ କୁ ଘୁଞ୍ଚାଇ ଦେଇ ପାରିଥିଲା, ମାତ୍ର କର୍ଣ୍ଣ ଙ୍କ ମୃତ୍ୟୁ ର କାରଣ ଥିଲା ଅଧର୍ମ ବାଟ ରେ ଯିବା ଓ ଅଭିଶାପ । ଅର୍ଜୁନ ଙ୍କ ଅହଂକାର ଭାଙ୍ଗି ଯାଇଥିଲା.।

ଅହଂକାର ଓ ଗର୍ବ କ୍ଷଣସ୍ଥାୟୀ । ଯେବେ ଯେବେ ଉଚ୍ଚ ରେ ଥିବ ଅହଂକାର ଭାବନା ଥିବ ଆଉ ଯେଉଁ ଦିନ ସେ ପଦ ରୁ ଖସି ଯିବ ସେଦିନ ଲୋକେ ଘୃଣା କରିବେ କାରଣ ପୂର୍ବରୁ ଥିବା ତୁମର ସେ ଗର୍ବ ଓ ଅହଂକାର ରୂପକ କାର୍ଯ୍ୟ ପାଇଁ ଜୀବନ ସାରା ଦୁଃଖରେ ଚଳିବାଟା ସୁନିଶ୍ଚିତ ଏଥିରେ ଦ୍ୱୟମତ ନାହିଁ ।

ଏଇ ଶସ୍ୟ ଶ୍ୟାମଳା ପୃଥିବୀରେ ଏତେ ଏତେ ସୁନ୍ଦର ଫୁଲ, ବୃକ୍ଷ ଅଛି, ମାତ୍ର ସେ କେବେ ନିଜର ସୌନ୍ଦର୍ଯ୍ୟତା ପାଇଁ ଗର୍ବ କରିନି । ଏଇ ଅହଂକାର ମଣିଷ କୁ କେବେ ବି ବିଶ୍ୱ ରେ ପରିଚୟ ଦେଇ ପାରିବ ନାହିଁ । ତ ଗର୍ବ ଓ ଅହଂକାର କଣ ପାଇଁ.....

ମାଣିଆବନ୍ଧ, ୭୦୬୪୮୦୮୩୬୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜିର ଶାସନ ବ୍ୟବସ୍ଥା



ପି. ପୁରବୀ ମହାନ୍ତି

ଶାସନ ନିୟନ୍ତ୍ରିତ ହୁଏ ଶାସନକର୍ତ୍ତାଙ୍କ ଦ୍ୱାରା । ଜନସାଧାରଣ ତାଙ୍କ ବହୁ ମୂଲ୍ୟ ସରଳ ଭାଷାରେ କହିଲେ ତାଙ୍କ ବିଶ୍ୱାସରେ ବାଛନ୍ତି ଶାସନ ମୁଖ୍ୟଙ୍କୁ ଆଉ ସେ ଶାସନ ମୁଖ୍ୟ ଛିଡା ହୁଏ ଅସଂଖ୍ୟ ଲୋକଙ୍କ ପାଇଁ । ତେଣୁ ମୁଖ୍ୟ ହେଉଛି ଗଣ ବା ଜନତା ତା ପରେ ଆସେ ଗଣ ଦ୍ୱାରା ବଛାଯାଇଥିବା ମୁଖ୍ୟ ବା ମୁଖିଆ । ଯଦି ଗଣ ଦ୍ୱାରା ବା ଜନସାଧାରଣ ଦ୍ୱାରା ଶାସନ ମୁଖିଆ ନିୟନ୍ତ୍ରିତ ହେଉଛି ତା ହେଲେ ସେମାନଙ୍କ ସ୍ଥର ଭିନ୍ନ କଣ ପାଇଁ ? ଲୋକମାନଙ୍କ ପାଇଁ ସେ ଯଦି ରାଜଗାଦିରେ ବସିଛି ତେବେ ଲୋକମାନେ କଣ ତା ପାଦ ତଳେ ବସିବାକୁ ବାଧ୍ୟ ! ସେ ଶାସକ ବୁଝିବା ଉଚିତ୍ କି ଯେଉଁ ମାନଙ୍କ ପାଇଁ ସେ ଆଜି ରାଜସିଂହାସନରେ ବସିଛି ସେହିମାନେ ତା ଉପରେ ନିଜର ଆଉ ନିଜ ଆତ୍ମୀୟମାନଙ୍କ ସୁଖସୁବିଧାକୁ ନ୍ୟସ୍ତ କରିଦେଇଛି । ପୌରାଣିକ ରାମରାଜ୍ୟର ସବୁଠାରେ ଉଦାହରଣ ଦିଆଯାଏ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ନିଜ ପ୍ରଜାମାନଙ୍କ ପାଇଁ ଥିଲେ ଉତ୍ତମ ଶାସକର ଚିରନ୍ତନ ସାକ୍ଷ୍ୟ । ମହାଭାରତର ପିତାମହ ଭୀଷ୍ମ ସରଶଯ୍ୟାରେ ଧର୍ମ ରାଜା ଯୁଧିଷ୍ଠିରଙ୍କୁ ଉତ୍ତମ ଶାସକର କର୍ତ୍ତବ୍ୟ ବିଷୟରେ ବୁଝାଇଥିଲେ । ଆମେ ସବୁ ସେହି ମହାବେଦ, କାବ୍ୟ ପୁରାଣରୁ କଣ ବା ତୁଳନା କରିପାରିବା । ସେସବୁ ଏବେ କହିବାକୁ ଗଲେ ଗୋଟିଏ ସ୍ୱପ୍ନ ଛଡ଼ା କିଛିବି ନୁହେଁ । ଅଧର୍ମ, ମିଥ୍ୟା ପ୍ରତିଶୃତି, ପାପାଚାର, ଲୁଣ୍ଠନ ଆହୁରୀ କେତେ କଣ ଦିନକୁ ଦିନ ବଢ଼ିବାରେ ଲାଗିଛି । ଶୁଣିବାକୁ କେହି ନାହାନ୍ତି ଆଉ ଯିଏ ଶୁଣୁଛି ସେ କାନରେ ତୁଳା ମେଣ୍ଡାଏ ଖୁଞ୍ଜି ଶୁଣିବାର ଅଭିନୟ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକଙ୍କୁ ନାନା ରକମର ଠକୁଛି । ଯଦି ଶୁଣିବାକୁ କେହିଥାନ୍ତେ ତାହେଲେ ରାସ୍ତା କଡ଼ରେ ଯେଉଁସବୁ ଚିତ୍କାର ଶୁଭୁଛି ଆଉ ରାତ୍ରୀଅନ୍ଧାରରେ ସେ କୋହଭରା ଚିତ୍କାରକୁ ଲିଭେଇଦିଆ ଯାଉଛି ସେମାନେ ସବୁ କିଏ । ସେମାନେ କଣ ସେହି ଜନତା ବା ଗଣ ନୁହନ୍ତି ଯେ ନିଜ ରାଜା ଅର୍ଥାତ୍ ଶାସକଙ୍କୁ ଚୟନ କରିଛି ନିଜ ସୁରକ୍ଷାପାଇଁ । ଆଜି ବିପଦରେ ପଡି ଡାକିଲେ ସେହି ଶାସନକର୍ତାମାନେ ଆସିବେ ନିଶ୍ଚିନ୍ତ, ଖାଲି ଏକୁଟିଆ ଆସିବେନି ଆସିବେ ମିଡ଼ିଆଙ୍କୁ ସାଙ୍ଗରେ ଧରି । ଏସବୁ ପ୍ରମାଣ ରଖିବ କିଏ, ତେଣୁ ଏସବୁ ପ୍ରମାଣ ରୁହେ ମିଡ଼ିଆ ମାଧ୍ୟମରେ ଦେଖୁଥିବା ସାଧାରଣ ଲୋକଙ୍କ ମାନସିକ ଜଗତରେ । ଗୋଟିଏ ନେତା ପାଖରେ ଅସମ୍ଭବ କିଛି ନଥାଏ ସେ ଲୋକମାନଙ୍କ ପାଇଁ ଅସମ୍ଭବକୁ ଯଥାସମ୍ଭବ କରିଦେଇପାରେ କିନ୍ତୁ ଆଜି ବିଡମ୍ବନା

ଏକ ଶାସନରେ ଆଜି ବନ୍ଧା ପଡ଼ିଛି

ଜନ ସମାଜ ଲୁହ ଧାଳୁଛି ।

ରାଜା ର ଯୋଗ୍ୟତା ମାପିବା ପାଇଁ

ପଇସାର ଖେଳ ଉଙ୍କି ମାରୁଛି ।

ନାମ - ପି. ପୁରବୀ ମହାନ୍ତି

ବଣାଇଁଗଡ଼ , ସୁନ୍ଦରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଣେ ଅଜାତଶତ୍ରୁଙ୍କ ମହାପ୍ରସ୍ଥାନ



ସନାତନ ମହାକୁଡ଼

୨୦୨୦ ମସିହା ଜୁଲାଇ ୨୭ ତାରିଖ ଦିନ ଭାରତ ମାତା ତା'ର ଜଣେ ଅଜାତଶତ୍ରୁଙ୍କୁ ହରାଇଲା । ଯେ କି' "ସରଳ ମହାତ୍ମା" ରୂପେ ପରିଚିତ ଥିଲେ । ସେ ହେଉଛନ୍ତି ପୂଜ୍ୟ ଶ୍ରୀ ଟି ମୋହନ । ଯାହାଙ୍କ ଜନ୍ମ ୧୯୪୯ ମସିହା ଅପ୍ରେଲ ୩ ତାରିଖ ଦିନ ରାଜସ୍ଥାନର ବିକାନିରଠାରେ ହୋଇଥିଲା । ପରିବାରର ସମସ୍ତ ସଦସ୍ୟ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(RSS) ପ୍ରତି ସମର୍ପିତ ଥିବାରୁ ସେ ବାଲ୍ୟବସ୍ଥାରୁ ଏଥିପ୍ରତି ଆକୃଷ୍ଟ ହୋଇଥିଲେ । ନିଜର ସ୍ନାତକ ଶିକ୍ଷା ସମାପ୍ତପରେ ପ୍ରଥମେ ସଂଘରେ ସକ୍ରିୟ ଯୋଗଦାନ କରିଥିଲେ ଏବଂ ପରେ ଏକନାଥ ରାନାଡେଙ୍କ ସଂପର୍କରେ ଆସି ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀର ଆଜୀବନ ସଦସ୍ୟତା ଲାଭ କରିଥିଲେ । ଯେଉଁଠି ତାଙ୍କର ପରିଚୟ ହୋଇଥିଲା ନାସାରୁ ଫେରନ୍ତା ବୈଜ୍ଞାନିକ ତଥା ଯୋଗ ଗୁରୁ ଡଃ ଏଚ୍ ଆର ନାଗେନ୍ଦ୍ରଙ୍କ ସହିତ । ଏହାଥିଲା ତାଙ୍କ ଜୀବନର ବିଶାଳ ପରିବର୍ତ୍ତନ । ଦୁହେଁ ମିଳିତଭାବରେ ବାଙ୍ଗାଲୋରଠାରେ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନର ସ୍ଥାପନା କରିଥିଲେ । ଏହି କାର୍ଯ୍ୟକାଳ ଅବସରରେ ସୁଭଦ୍ରା ଦେବୀଙ୍କ ସହ ସାକ୍ଷାତ ହୋଇଥିଲା, ଯେ କି ଜୀବନ ସାଥୀ ରୂପେ ନିଜକୁ ଶ୍ରୀ ଟି ମୋହନଙ୍କୁ ଉତ୍ସର୍ଗ କରିଥିଲେ ।

ଦୁହିଁଙ୍କର ତ୍ୟାଗମୟ ଓ ଯୋଗ ଜୀବନ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନର ମୁଖ୍ୟ କାର୍ଯ୍ୟାଳୟ ପ୍ରଶାନ୍ତି କୁଟୀରମ୍ ର ରୂପ ଦେଇଥିଲା । ଯେଉଁଠି ମୋହନଜୀ ନିଜର ସଂପୂର୍ଣ୍ଣ ଜୀବନ ଯୋଗ ଶାସ୍ତ୍ରର ପ୍ରସାର ଓ ଆଧ୍ୟାତ୍ମିକ ସାଧନାରେ ମଗ୍ନ କରିଥିଲେ । ଯାହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ତ୍ତମାନ ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ (ଡିମଡ୍ ବିଶ୍ୱବିଦ୍ୟାଳୟ) ରୂପ ନେଇଛି ।

ଶ୍ରୀ ଟି ମୋହନ ନିଜର ଆଧ୍ୟାତ୍ମିକ ଜୀବନ କାଳମଧ୍ୟରେ କିଛି ସମୟ ଗୁଜୁରାଟର ଗାନ୍ଧୀନଗରଠାରେ ଅବସ୍ଥିତ ସମଦର୍ଶନ ଆଶ୍ରମରେ ନିଜ ଗୁରୁମା ସମାତ୍ମାନନ୍ଦଙ୍କ ସାନିଧ୍ୟରେ ଅତିବାହିତ କରିଥିଲେ । ମୋହନଜୀ ନିଜର ଶାନ୍ତ ସ୍ୱଭାବ, ହସ ହସ ମୁହଁ ଓ ସରଳ ଗୁଣ ଦ୍ୱାରା ସମସ୍ତଙ୍କ ମନ ହୃଦୟକୁ ଜିଣି ପାରୁଥିଲେ । ଏଥିପାଇଁ ତାଙ୍କୁ କେହି କେହି 'ଅଜାତଶତ୍ରୁ' ବୋଲି କହିଥାନ୍ତି । କାରଣ ଜଣେ ଏଭଳି ବ୍ୟକ୍ତିତ୍ୱର କିଏ ବା ଶତ୍ରୁ ହୋଇପାରେ ? କେବଳ ଏତିକି ନୁହେଁ, ସେ ନିଜର ଜୀବନକାଳ ମଧ୍ୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ବିଶାରଦାନନ୍ଦ, ସ୍ୱାମୀନୀ ସଦାନନ୍ଦଜୀ ଏବଂ ପ୍ରଫେସର୍ ସତ୍ୟ ନାରାୟଣ ଶାସ୍ତ୍ରୀ ଆଦି ମହାପୁରୁଷଙ୍କ ସଂସ୍ପର୍ଶରେ ଆସିଥିଲେ । ଏମାନେ ହିଁ ଥିଲେ ତାଙ୍କ ଆଧ୍ୟାତ୍ମିକ ସାଧନାର ମୂଳ ଉତ୍ସ । ମୋହନଜୀଙ୍କ ସରଳ ସୁଲଭ ଗୁଣ ଓ ଅନାବିଳ ବ୍ୟବହାର ପାଇଁ ସ୍ୱାମୀନୀ ତାଙ୍କୁ ' ସରଳ ମହାତ୍ମା' ବୋଲି କହୁଥିଲେ ।

ମୋହନଜୀ ଜଣେ ଗୁରୁ ତଥା ଯୋଗ ପ୍ରଶିକ୍ଷକ ଭାବରେ ହଜାର ହଜାର ଶିକ୍ଷକଙ୍କ ମାର୍ଗଦର୍ଶକ ଥିଲେ । କ୍ରୀଡା ଯୋଗ, ସରଳୀକୃତ ଯୋଗ ଶାସ୍ତ୍ର ଯଥା- ପତଞ୍ଜଳୀ ଯୋଗସୂତ୍ର, ହଠଯୋଗ ପ୍ରଦୀପିକା, ଘେରଣ୍ଡ ସଂହିତା, ରାଜଯୋଗ ଆଦିକୁ ସେ ଅତି ସରଳ ଓ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟାନ କରୁଥିଲେ । ଭାରତ ସହିତ ୟୁରୋପ ଓ ଆଫ୍ରିକା ଆଦି ଅନେକ ଦେଶରେ ମଧ୍ୟ ତାଙ୍କ ପ୍ରଶିକ୍ଷିତ ବହୁତ ଶିଷ୍ୟ ଶିଷ୍ୟା ଅଧୁନା କର୍ତବ୍ୟରତ ।

ଜୀବନର ଶେଷ ପର୍ଯ୍ୟନ୍ତ ସେ ଅଦ୍ୱୈତ ବେଦାନ୍ତର ଭାଗବତ ଚର୍ଚାରେ ଅତିବାହିତ କରିଥିଲେ । ଯୁବାବସ୍ଥାରେ ବାଙ୍ଗାଲୋର ସହରରୁ ପ୍ରଶାନ୍ତି କୁଟୀରମ୍‌କୁ (ପ୍ରାୟ ୩୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଲୋମିଟର) ଅନେକ ଥର ପାଦରେ ଚାଲି ଚାଲି ଆସିଥିବା ସେହି କର୍ମବୀର, ତ୍ୟାଗୀ, ସରଳ ମହାତ୍ମା ଓ ଅଜାତଶତ୍ରୁ ଆଜି ଆମମାନଙ୍କୁ ଛାଡି ଇହଲୀଳା ତ୍ୟାଗ କରିଛନ୍ତି । ତାଙ୍କର ଆବର୍ତ୍ତମାନରେ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ ଓ ଅଗଣିତ ଯୋଗ ଶିକ୍ଷାର୍ଥୀଙ୍କ ମନରେ ଯେଉଁ ଶୂନ୍ୟତା ସୃଷ୍ଟି କରି ଯାଇଛନ୍ତି, ତାହା ଅପୂରଣୀୟ ରହିବ । ଈଶ୍ୱର ତାଙ୍କର ଅମର ଆତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ ।

ବେରୁଆଁବାରୀ ୭୫୨୦୮୨
ଜିଲ୍ଲା:ନୟାଗଡ଼, ଓଡିଶା ।
ଦୂରଭାଷ: ୯୩୩୯୭୨୦୧୬୮
ଇମେଲ୍: sanmahakud@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ କେତେ ସଚେତନ ?



ସୌଭାଗ୍ୟବତୀ ଗିରି

ବର୍ତ୍ତମାନ ସମୟରେ ଯଦି କେହି ମତେ କେବଳ ଗୋଟିଏ ଶବ୍ଦରେ କିଛି ସଚେତନତା ବାର୍ତ୍ତା ଦେବା ପାଇଁ କୁହେ ମୁଁ କହିବି ବୃକ୍ଷରୋପଣ । ବୃକ୍ଷରୋପଣ ପାଇଁ ଏବେ ଜଙ୍ଗଲ ବିଭାଗ, ଅନ୍ୟ କେତେକ ବିଭାଗ ସହିତ କିଛି ସଚେତନ ଜନ ସାଧାରଣ ଅତି ତତ୍ପର ହୋଇଉଠିଛନ୍ତି । ବୃକ୍ଷରୋପଣ ବିଷୟରେ ଅତି ଉପାଦେୟ ଲେଖାମାନ ବି ଆଜିକାଲି ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଛି । କିନ୍ତୁ ଅଧିକାଂଶ ଲୋକଙ୍କ ପାଇଁ ଏ ବୃକ୍ଷରୋପଣ ଶବ୍ଦଟି ଏକ ମୂଲ୍ୟହୀନ ଶବ୍ଦ । ସବୁବର୍ଷ ପରି ଏବର୍ଷ ଏ ମହାମାରୀ ମଧ୍ୟରେ ବି ୭୧ତମ ବନମହୋତ୍ସବ ପାଳନ କରାଗଲା । ବନମହୋତ୍ସବରେ ବୃକ୍ଷରୋପଣ ସହିତ ଅନେକ ଅର୍ଥବ୍ୟୟ କରି ଚାରାବଣ୍ଟନ ମଧ୍ୟ କରାଗଲା । କିଛି ପ୍ରକୃତିପ୍ରେମୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ସହଯୋଗର ହାତ ବଢାଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବହୁ ମାତ୍ରାରେ ଆଗେଇ ନେଲେ । କିନ୍ତୁ ବନମହୋତ୍ସବ ପାଳନ କରି କେବଳ ଚାରାରୋପଣ କରିଦେଲେ ତ ହେବନି । ଗଛଟିଏ ହେଉଛି ଶିଶୁଟିଏ । ତାକୁ ବି ଶିଶୁବତ୍ ପାଳିବାକୁ ପଡିବ । ସେ ଚାରାଟି ଚେର ବିସ୍ତାର କରି ବଞ୍ଚି ରହିଲା କି ନାହିଁ ସେଥିପ୍ରତି ବି ଧ୍ୟାନ ରଖିବାକୁ ପଡିବ । ଏକା ପ୍ରକାରର ବୃକ୍ଷରୋପଣ କଲେ ଜୈବବିବିଧତା ମଧ୍ୟ ହ୍ରାସ ପାଏ । ତେଣୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କେଉଁ ପ୍ରକାରର ବୃକ୍ଷରୋପଣ କରାଯିବ ସେ ପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ୍ । ରୋପଣଯୋଗ୍ୟ ବୃକ୍ଷମାନଙ୍କ ମଧ୍ୟରେ ଆମ୍ବ,ପଣସ,ବର, ଅଶ୍ୱତ୍ଥ,ଶାଳ,ପିଆଶାଳ,ଶାଗୁଆନ ଥିବାବେଳେ ଅନ୍ୟ ସମସ୍ତ ପ୍ରକାର ବୃକ୍ଷ ରୋପଣ କରାଯାଇପାରେ । ଦିନକୁ ଦିନ ବିଜ୍ଞାନର ଉନ୍ନତି ଘଟି ଚାଲିଛି । କିନ୍ତୁ ମଣିଷ ବଞ୍ଚି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରହିବା ପାଇଁ ବୃକ୍ଷରୋପଣର ମହତ୍ତ୍ୱକୁ ଏବେ ବି ଅଧିକାଂଶ ଲୋକ ବୁଝି ନାହାନ୍ତି । ବାରମ୍ବାର ବୃକ୍ଷରୋପଣର ବାର୍ତ୍ତା ଦିଆଗଲେ ମଧ୍ୟ ଲୋକେ ସେଥିପ୍ରତି ବିଶେଷ ଧ୍ୟାନ ଦେଉ ନାହାଁନ୍ତି । ସମସ୍ତେ ଥରେ ଭାବି ଦେଖିଲେ, ଏମିତି ମାସ୍କ ଲଗେଇ ବୁଲିବାକୁ ପଡିବ ବୋଲି କ'ଣ ଆମେ ଆଗରୁ ଜାଣି ନଥିଲେ ନା ଜାଣିକି ବି ସୁଖସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇପାରୁ ନଥିଲେ ? ବିଜ୍ଞାନ ଅଗ୍ରଗତି କରି ଚାଲିଛି ବୋଲି ଡିଣ୍ଡିମ ପିଟିବାରେ ବ୍ୟସ୍ତ ଥିଲେ ଆମେମାନେ । ଆଉ ଏବେ ଆମେ ଜାଣିସାରିଛେ ଆଗକୁ ଆମକୁ ସାଙ୍ଗରେ ଅମ୍ଳଜାନ ଥଳି ଧରି ବୁଲିବାକୁ ପଡିବ । ତଥାପି ଆମେ ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ଆଗରୁ ନ ବୁଝିଛୁ ନାହିଁ । ଅନ୍ତତ: ଏବେ ଆମେ ବୁଝିଯିବା ନା ଆହୁରି ଅବୁଝା ରହି ଆମ ଉତ୍ତରପିଢୀକୁ ମୃତ୍ୟୁଗହ୍ୱରକୁ ଠେଲି ଦେଇଯିବା ? ଯଦି ଆମେ ଆମ ଉତ୍ତରପିଢୀ ପାଇଁ ଟିକିଏ ବି ଚିନ୍ତାଶୀଳ ତାହେଲେ ଗୋଟିଏ ଲୋକ ଅତି କମ୍ ରେ ଗୋଟିଏ ଗଛ ଲଗାଇବା ଅତି ଜରୁରୀ ।

ବୃକ୍ଷରୋପଣ ଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ହେଉଛି ପୁରୁଣା ବୃକ୍ଷର ସୁରକ୍ଷା । ଯଦିଓ ବୃକ୍ଷ ଓ ବନସ୍ପତି ଗୁଡିକର ଅପାର ମହତ୍ତ୍ୱକୁ ଦୁଇ ଧାଡିରେ ବର୍ଣ୍ଣନା କରିବା ଆଦୌ ସମ୍ଭବ ନୁହେଁ,ତଥାପି ଏହାର ମହତ୍ତ୍ୱକୁ ପଛକୁ ଠେଲି ଦେଇ ନିଜର ସ୍ୱାର୍ଥ ପୂରଣ ପାଇଁ ଅନାୟାସରେ ଗଛକଟା ଚାଲିଛି । ତେଣୁ ଏହାର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଯୁଗଯୁଗ ଧରି ଜୀବଜଗତକୁ ସେବା ଯୋଗେଇ ଦେଇ ଆସୁଥିବା ଜଙ୍ଗଲ ସମ୍ପଦ ଏବେ ଦୁର୍ଦ୍ଦଶାର ସମ୍ମୁଖୀନ । ବୃକ୍ଷଛେଦନର ଏହି ପ୍ରକ୍ରିୟା ମଣିଷକୁ ଜୋର୍ ଜବରଦସ୍ତ କରି ବିପର୍ଯ୍ୟୟ ଭିତରକୁ ଠେଲି ଦେଇଛି । ବିଜ୍ଞାନ ଆଜି ଅତି ବିଳାସପୂର୍ଣ୍ଣ କୃତ୍ରିମ ପରିବେଶ ସୃଷ୍ଟି କରିବା ସହିତ ଅଙ୍ଗାରକାମ୍ଳର ଗାଢତା ବଢେଇବାରେ ଲାଗିଛି । ଅନେକ ସମୟରେ ଶିଳ୍ପ ସଂସ୍ଥା ଗୁଡିକୁ କଞ୍ଚାମାଲ୍ ଯୋଗାଇବା ପାଇଁ ଖଣିଜପଦାର୍ଥ ଉତ୍ତୋଳନ କରାଯାଇ ଶହଶହ ବର୍ଷର ପୁରୁଣା ବୃକ୍ଷକୁ ବଳି ପକାଯାଉଛି । ବୃକ୍ଷଛେଦନ ସମସ୍ତ ପ୍ରକାର ପରିବେଶୀୟ ବିଶୃଙ୍ଖଳାକୁ ଜନ୍ମ

 Magazine Downloaded from www.aahwaan.com

ଦେଉଛି । ବୃକ୍ଷହାନି ହେଲେ ଯେଉଁ ମୂଖ୍ୟ ବିପଦ ଗୁଡିକ ଆକ୍ରମଣ କରନ୍ତି ସେମାନେ ହେଲେ - ବନ୍ୟା,ବାତ୍ୟା,ମରୁଡି,ତାପମାତ୍ରା ବୃଦ୍ଧି ଇତ୍ୟାଦି । ୨୦୧୯ ମସିହା ମେ ମାସରେ ହୋଇଥିବା ଫନି ବାତ୍ୟାରେ ବ୍ୟାପକ ବୃକ୍ଷହାନି ଘଟିଥିବା ବେଳେ ଏବର୍ଷ ଅମ୍ଫାନ୍ ପୁଣି ବହୁମାତ୍ରାରେ ବୃକ୍ଷହାନି ଘଟାଇ ସାରିଛି । ଏହି ବୃକ୍ଷହାନିର ଫଳ ସ୍ୱରୂପ ମଣିଷ ଅନେକ ବିକଟ ସମସ୍ୟାର ସମ୍ମୁଖୀନ ହେଉଛି । ଜଙ୍ଗଲ ସମ୍ପଦକୁ ଧନର ମାତ୍ରା ବିଚାରିଲେ ଆମେ ଏବେ ଖୁବ୍ ଗରିବ । ଯଦିଓ ଏବେ କିଛିଟା ଜଙ୍ଗଲ ଅଛି କିନ୍ତୁ ଉଚିତ୍ ଘନତ୍ୱ ହିସାବରେ ବୃକ୍ଷ ନାହିଁ । ବୈଜ୍ଞାନିକଙ୍କ ମତରେ ଭୂଭାଗର ଏକ ତୃତୀୟାଂଶ ସ୍ଥାନରେ ଜଙ୍ଗଲ ରହିବା ଉଚିତ୍ । କିନ୍ତୁ ଏକ ରିପୋର୍ଟ ଅନୁସାରେ ୨୦୦୯ ରୁ ୨୦୧୭ ମଧ୍ୟରେ ଓଡିଶାରେ ଜଙ୍ଗଲର ଆୟତନ ମାତ୍ର ୨୪୯୦ ବର୍ଗ କିଲୋମିଟର ବୃଦ୍ଧି ପାଇଛି । କାରଣ ପ୍ରାକୃତିକ ଜଙ୍ଗଲ ସୃଷ୍ଟି ବହୁତ୍ ସମୟସାପେକ୍ଷ । ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରିବା ପାଇଁ ଶହଶହ ବର୍ଷ ସମୟ ଲାଗିଥାଏ । ତେଣୁ  ବୃକ୍ଷରୋପଣ ଯେତିକି ଦରକାରୀ,ଜଙ୍ଗଲ ସମ୍ପଦକୁ ବେଆଇନ୍ ଜଙ୍ଗଲ କଟାଳୀଙ୍କ ଠାରୁ ରକ୍ଷା କରିବା ବି ସେତିକି ଦରକାରୀ । ଏବେ ଯେଉଁ ପରିମାଣରେ ଆଖିବୁଜା ବୃକ୍ଷଛେଦନ ଚାଲିଛି ସେହି ଅନୁପାତରେ ଚାଲିଲେ ପୃଥିବୀପୃଷ୍ଠରେ ମଣିଷ ବଞ୍ଚି ରହିବା ବି ଏକପ୍ରକାର ଅସମ୍ଭବ ହୋଇପଡିବ ।

ବୃକ୍ଷ ଯୋଗୁଁ ମୃତ୍ତିକା ସଂରକ୍ଷଣ ହୋଇଥାଏ ।  ବୃକ୍ଷରୋପଣ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରାକୃତିକ ଜଙ୍ଗଲର ସୁରକ୍ଷା । ଜଙ୍ଗଲ ହ୍ରାସ ପାଇବା ଦ୍ୱାରା ଜଙ୍ଗଲ  ପରିସଂସ୍ଥାର କ୍ଷତି ଘଟେ । ଜଙ୍ଗଲ ହ୍ରାସ ଯୋଗୁଁ କେତେକ ପ୍ରାଣୀ ବିଲୁପ୍ତ ହୋଇ ଯାଇଥିବା ବେଳେ ଅନ୍ୟ କେତେକ ପ୍ରାଣୀ ଲୁପ୍ତପ୍ରାୟ ।  ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ଆମଦେଶରେ ୧୯୨୭ ମସିହାରେ ଜଙ୍ଗଲ ଆଇନ୍ ଓ ୧୯୮୮ ମସିହାରେ ଜାତୀୟ ଜଙ୍ଗଲ ନୀତି ପ୍ରଣୟନ କରାଯାଇଛି । କିନ୍ତୁ କୌଣସି ଆଇନ୍ କୁ ଭ୍ରୁକ୍ଷେପ ନକରି ବେଆଇନ୍ ଗଛକଟା ଚାଲିଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକଥା ବେଳେବେଳେ ଜଙ୍ଗଲ ବିଭାଗ ଅଧିକାରୀଙ୍କ ପାଖରେ ମଧ୍ୟ ପହଞ୍ଚି ପାରୁନି । ଏବେ ବି ଅନେକ ଲୋକଙ୍କର ଧାରଣା ଯେ ଜଙ୍ଗଲ କେବଳ ସରକାରଙ୍କର । ସେ ବିଷୟରେ ସରକାର ଚିନ୍ତା କରିବେ । କିନ୍ତୁ ଲୋକମାନେ ସଚେତନ ହେବା ଆବଶ୍ୟକ । ଜଙ୍ଗଲ ସୁରକ୍ଷା ବିଷୟରେ ଜନସଚେତନତା ସୃଷ୍ଟି କରିବା ମଧ୍ୟ ନିହାତି ଦରକାର । ଜଙ୍ଗଲ ସମ୍ପଦର ବୃଦ୍ଧି ପାଇଁ ଜଙ୍ଗଲ ବିଭାଗ ସ୍ଥାନୀୟ ଜନତାମାନଙ୍କର ସାହାଯ୍ୟ ନେବା ଉଚିତ୍ । କାରଣ ଓଡିଶାରେ ପ୍ରାୟ ଦଶହଜାର ରୁ ଅଧିକ ଜନଗୋଷ୍ଠୀ ଜଙ୍ଗଲକୁ ସୁରକ୍ଷା ଦିଅନ୍ତି । ଜଙ୍ଗଲ ସୁରକ୍ଷା ଦିଗରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କଠୁ ଅଧିକ ତତ୍ପର ସ୍ଥାନୀୟ ଜନସାଧାରଣ ଥା'ନ୍ତି । ସେମାନେ ଜଙ୍ଗଲର ଜଗାରଖା ଦାୟିତ୍ୱ ସମ୍ପାଦନ କରିବା ସହିତ ବେନିୟମ ଜଙ୍ଗଲକଟା ବିଷୟରେ ଜଙ୍ଗଲ ଅଧିକାରୀଙ୍କୁ ସୂଚନା ଦେବା ଜରୁରୀ । ସରକାର ବୃକ୍ଷରୋପଣ ଉପରେ ଧ୍ୟାନ ଦେବା ସହିତ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ପାଇଁ ଯତ୍ନଶୀଳ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା ।

ବୃକ୍ଷରୋପଣ କରିବା ଓ ପୁରୁଣା ବୃକ୍ଷକୁ ସୁରକ୍ଷା ପ୍ରଦାନ କରିବା ପ୍ରତ୍ୟେକ ଜନସାଧାରଣଙ୍କର ଏକ ଗୁରୁ ଦାୟିତ୍ୱ । ବୃକ୍ଷକୁ ପରିବାରର ଏକ ଅଙ୍ଗ ଭାବେ ବିବେଚନା କରି ସେମାନଙ୍କର ଯତ୍ନ ନେବା ନିହାତି ଦରକାର । ଏକଥା ସ୍ମରଣ ରଖିବା ଉଚିତ୍ ଯେ ଯଦି ବୃକ୍ଷ ନ ରହେ ତାହାଲେ ଆମ ମାନଙ୍କର ଅସ୍ତିତ୍ୱ ମଧ୍ୟ କିଛି ନାହିଁ । ଆମେ ନିଜେ ମନେ ରଖିବା ଉଚିତ୍ ଯେ ବୃକ୍ଷ ବି ଆମ ପରିବାରର ଜଣେ ସଦସ୍ୟ । ତେଣୁ ସମସ୍ତେ କିଛିକିଛି ବୃକ୍ଷରୋପଣ କରି ତାକୁ ଶିଶୁବତ୍ ବଢାଇଲେ ଆମ ଉତ୍ତରପୀଢିକୁ ଏକ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇ ପାରିବା ।

ପଟ୍ଟାମୁଣ୍ଡାଇ
କେନ୍ଦ୍ରାପଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଜୀବ ରତ୍ନ ଗାନ୍ଧୀ



ଦେବେନ୍ଦ୍ର ସାମଲ

## ରାଜୀବ ରତ୍ନ ଗାନ୍ଧୀଙ୍କ ଜନ୍ମ ବାର୍ଷିକ ଅବସରରେ

ଗାନ୍ଧୀ ରାଜନୀତିକ ଶକ୍ତିଶାଳୀ ନେହେରୁ ଗାନ୍ଧୀ ପରିବାରର ଥିଲେ । ଯାହା ଭାରତୀୟ ଜାତୀୟ କଂଗ୍ରେସ ଦଳ ସହ ଜଡିତ ଥିଲା । ତାଙ୍କର ପିଲାଦିନର ଅଧିକାଂଶ ସମୟ ପାଇଁ ତାଙ୍କ ମାତା ଦାଦା ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଥିଲେ । ଗାନ୍ଧୀ ବ୍ରିଟେନର କଲେଜରେ ପଢୁଥିଲେ । ସେ ୧୯୬୬ ମସିହାରେ ଭାରତକୁ ଫେରିଥିଲେ ଏବଂ ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ଏୟାରଲାଇନ୍ସ ପାଇଁ ଜଣେ ପେସାଦାର ପାଇଲଟ୍ ହୋଇଥିଲେ । ୧୯୬୮ ମସିହାରେ ସେ ସୋନିଆ ଗାନ୍ଧୀଙ୍କୁ ବିବାହ କରିଥିଲେ । ଏହି ଦମ୍ପତି ନିଜ ସନ୍ତାନ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ଏକ ଘରୋଇ ଜୀବନ ସ୍ଥିର ହୋଇଥିଲେ । ତାଙ୍କ ମା ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଏବଂ ଭାଇ ସଞ୍ଜୟ ଗାନ୍ଧୀ ଜଣେ ସାଂସଦ ଥିଲେ; ଏହା ସତ୍ତ୍ୱେ ରାଜୀବ ଗାନ୍ଧୀ ନୀତିନିୟମରେ ଥିଲେ । ୧୯୮୦ରେ ବିମାନ ଦୁର୍ଘଟଣାରେ ସଞ୍ଜୟଙ୍କ ମୃତ୍ୟୁ ପରେ ଗାନ୍ଧୀ ଅନିଚ୍ଛା ସତ୍ତ୍ୱେ ଇନ୍ଦିରାଙ୍କ ନିର୍ଦ୍ଦେଶରେ ରାଜନୀତିରେ ପ୍ରବେଶ କରିଥିଲେ । ପରବର୍ତ୍ତୀ ବର୍ଷ ସେ ଆମେଥୀ ଭାଇଙ୍କ ସଂସଦୀୟ ଆସନ ଜିତି ଲୋକସଭାର ସଦସ୍ୟ ହୋଇଥିଲେ । ଭାରତ ସଂସଦର ନିମ୍ନ ଗୃହ । ରାଜନୀତର ଏକ ଅଂଶ ଭାବରେ ରାଜୀବଙ୍କୁ କଂଗ୍ରେସ ଦଳର ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ୧୯୮୨ ଏସିଆନ ଗେମ୍ସର ଆୟୋଜନ କରିବାରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

୩୧ ଅକ୍ଟୋବର ୧୯୮୪ ଦିନ ସକାଳେ ତାଙ୍କ ମାଙ୍କୁ ଜଣେ ଅଙ୍ଗରକ୍ଷୀ ହତ୍ୟା କରିଥିଲେ; ସେହିଦିନ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା । ଆଗାମୀ କିଛିଦିନ ମଧ୍ୟରେ ତାଙ୍କ ନେତୃତ୍ୱ ପରୀକ୍ଷା କରାଯାଇଥିଲା ଯେହେତୁ ସଂଗଠିତ ମାଓବାଦୀମାନେ ଶିଖ ସମ୍ପ୍ରଦାୟ ବିରୁଦ୍ଧରେ ଦଙ୍ଗା କରିଥିଲେ ଯାହାଫଳରେ ଦିଲ୍ଲୀରେ ଶିଖ ବିରୋଧୀ ଦଙ୍ଗା ହୋଇଥିଲା । ସେହି ଡିସେମ୍ବର ମାସରେ କଂଗ୍ରେସ ଦଳ ସର୍ବବୃହତ ଲୋକସଭା ସଂଖ୍ୟାଗରିଷ୍ଠତା ହାସଲ କରି ୫୪୨ଟି ମଧ୍ୟରୁ ୪୧୧ଟି ଆସନ ଜିତିଥିଲା । ବୋଧହୁଏ ସବୁଠାରୁ ବଡ ସଙ୍କଟ ହେଲା ଭୋପାଳ ବିପର୍ଯ୍ୟୟ, ବୋଫର୍ସ ଦୁର୍ନୀତି ଏବଂ ଅହମ୍ମଦ ଖାନ ବନାମ ଶାହା ବାନୋ ବେଗମ୍ ୧୯୮୮ରେ, ସେ ମାଲଦ୍ୱୀପରେ ହୋଇଥିବା ପୁଲୱାମା ଆକ୍ରମଣକୁ ଓଲଟାଇ ପ୍ଲୋଟ୍ ଭଳି ସନ୍ତ୍ରାସବାଦୀ ତାମିଲ ଗୋଷ୍ଠୀକୁ ବିରୋଧ କରି ୧୯୮୭ରେ ଶ୍ରୀଲଙ୍କାକୁ ଶାନ୍ତି ରକ୍ଷାକାରୀ ସେନ୍ୟ ପଠାଇଥିଲେ । ୧୯୮୭ ମଧ୍ୟଭାଗରେ, ବୋଫର୍ସ ଦୁର୍ନୀତି ତାଙ୍କ ଦୁର୍ନୀତିମୁକ୍ତ ଭାବମୂର୍ତ୍ତିକୁ ନଷ୍ଟ କରିଦେଲା ଏବଂ ୧୯୮୯ ନିର୍ବାଚନରେ ତାଙ୍କ ଦଳ ପାଇଁ ଏକ ବଡ଼ ପରାଜୟ ଘଟିଲା ।

ରାଜୀବ ଗାନ୍ଧୀ ୨୦ ଅଗଷ୍ଟ ୧୯୪୪ରେ ବମ୍ବେରେ ଜନ୍ମ ଗ୍ରହଣ କରିଥିଲେ ତାଙ୍କ ମା ଇନ୍ଦିରା ଗାନ୍ଧୀ ପିତା ଫିରୋଜ ଗାନ୍ଧୀ । ୧୯୫୧ ମସିହାରେ ରାଜୀବ ଏବଂ ସଞ୍ଜୟଙ୍କୁ ଶିବ ନିକେତନ ବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ଶିକ୍ଷକମାନେ କହିଥିଲେ ଯେ ରାଜୀବ ଲଜ୍ଜାଜନକ ଏବଂ ଅନ୍ତର୍ନିହିତ ଥିଲେ ଏବଂ ଚିତ୍ର ଆଙ୍କିବା ଏବଂ ଚିତ୍ର ଆଙ୍କିବାରେ ସେ ବହୁତ ଉପଭୋଗ କରୁଥିଲେ । ତାଙ୍କୁ ୧୯୫୪ ମସିହାରେ ୱେଲହମ୍ ବାଳକ ବିଦ୍ୟାଳୟ, ଦେହରାଡୁନ୍ ଏବଂ ଡନ୍ ସ୍କୁଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ଦୁଇ ବର୍ଷ ପରେ ସଞ୍ଜୟ ତାଙ୍କ ସହ ଯୋଗ ଦେଇଥିଲେ । ୧୯୬୧ ମସିହାରେ ରାଜୀବଙ୍କୁ ଏ-ସ୍ତର ଅଧ୍ୟୟନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଲଣ୍ଡନ ଯାଇଥିଲା । ରାଜୀବ ସ୍ୱିଜରଲ୍ୟାଣ୍ଡର ଏକ ଆନ୍ତର୍ଜାତୀୟ ବୋର୍ଡିଂ ସ୍କୁଲର ଇକୋଲ୍ ଡି'ହ୍ୟୁମାନିଟେ ଅଧ୍ୟୟନ କରିଥିଲେ । ୧୯୬୨ରୁ ୧୯୬୫ ପର୍ଯ୍ୟନ୍ତ ସେ କେମ୍ବ୍ରିଜ୍ ଟ୍ରିନିଟି କଲେଜରେ ଇଞ୍ଜିନିୟରିଂ ପଢିଥିଲେ, କିନ୍ତୁ ଡିଗ୍ରୀ ହାସଲ କରିନଥିଲେ । ୧୯୬୬ ମସିହାରେ ସେ ଇମ୍ପେରିଆଲ୍ କଲେଜ ଲଣ୍ଡନରେ ମେକାନିକାଲ୍ ଇଞ୍ଜିନିୟରିଂରେ ପାଠ୍ୟକ୍ରମ ଆରମ୍ଭ କରିଥିଲେ, କିନ୍ତୁ ତାହା ଶେଷ କରିନଥିଲେ ଗାନ୍ଧୀ ପ୍ରକୃତରେ ଯଥେଷ୍ଟ ପରିଶ୍ରମୀ ନଥିଲେ, କାରଣ ସେ ପରେ ଏ କଥାକୁ ସ୍ୱୀକାର କରିଛନ୍ତି ।

୧୯୬୬ ମସିହାରେ ତାଙ୍କ ମା ପ୍ରଧାନମନ୍ତ୍ରୀ ହେବାପରେ ଗାନ୍ଧୀ ଭାରତ ଫେରିଥିଲେ । ସେ ଦିଲ୍ଲୀଯାଇ ଫ୍ଲାଇଙ୍ଗ କ୍ଲବର ସଦସ୍ୟ ହୋଇଥିଲେ । ଯେଉଁଠାରେ ତାଙ୍କୁ ପାଇଲଟ ଭାବରେ ତାଲିମ ଦିଆଯାଇଥିଲା ।୧୯୭୦ରେ ସେ ଏୟାରଇଣ୍ଡିଆ ଦ୍ୱାରା ପାଇଲଟ୍ ଭାବରେ ନିଯୁକ୍ତ ହୋଇଥିଲେ; ସଞ୍ଜୟଙ୍କ ପରି ସେ ରାଜନୀତିରେ ଯୋଗଦେବାକୁ କୌଣସି ପ୍ରକାର ଆଗ୍ରହ ଦେଖାଇ ନଥିଲେ । ୧୯୬୮ ମସିହାରେ ତିନିବର୍ଷର ପ୍ରେମସମ୍ପର୍କ ପରେ ସୋନିଆ ଗାନ୍ଧୀଙ୍କୁ ବିଭା କରିଥିଲେ । ସେମାନଙ୍କର ପ୍ରଥମ ସନ୍ତାନ, ରାହୁଲ ଗାନ୍ଧୀ ୧୯୭୦ରେ ଜନ୍ମଗ୍ରହଣ କରିଥିଲେ । ୧୯୭୨ ମସିହାରେ ଏହି ଦମ୍ପତିଙ୍କର ଝିଅ ପ୍ରିୟଙ୍କା ଗାନ୍ଧୀ ଯିଏ ରୋବର୍ଟ ଭଦ୍ରାଙ୍କୁ ବିବାହ କରିଥିଲେ । ରାଜୀବ ଗାନ୍ଧୀଙ୍କ ଶେଷ ସାଧାରଣ ସଭା ୨୧ମଇ ୧୯୯୧ରେ, ମାଡ୍ରାସ (ବର୍ତ୍ତମାନର ଚେନ୍ନାଇ) ଠାରୁ ପ୍ରାୟ ୪୦କିଲୋମିଟର ଦୂରରେ ଥିବା ଶ୍ରୀପେରୁମ୍ବୁଦୁର ଠାରେ ହୋଇଥିଲା, ଯେଉଁଠାରେ ସେ ଶ୍ରୀପୁରୁମ୍ବୁଦୁର ଲୋକସଭା କଂଗ୍ରେସ ପ୍ରାର୍ଥୀ ପାଇଁ ପ୍ରଚାର କରୁଥିବା ସମୟରେ ତାଙ୍କୁ ହତ୍ୟା କରାଯାଇଥିଲା । ରାତି ୧୦:୧୦ ରେ ଜଣେ ମହିଳା ତୋମୋଜି ରାଜାରତନାମ୍ ସର୍ବସାଧାରଣରେ ଗାନ୍ଧୀଙ୍କ ନିକଟକୁ ଯାଇ ତାଙ୍କୁ ଅଭିବାଦନ ଜଣାଇଲେ । ତା'ପରେ ସେ ତାଙ୍କ ପାଦକୁ ଛୁଇଁବା ପାଇଁ ଆଣ୍ଠେଇଲେ ଏବଂ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାଙ୍କ ପୋଷାକ ତଳେ ୭୦୦g RDX ବିସ୍ଫୋରକ ସାମଗ୍ରୀ ଥିବା ଏକ ବେଲ୍ଟ ବିସ୍ଫୋରଣ କଲେ ।

ଦିଲ୍ଲୀର ଭୀର ଭୁମି, ଯେଉଁଠାରେ ରାଜୀବ ଗାନ୍ଧୀଙ୍କୁ ଶବଦାହ କରାଯାଇଥିଲା । ଏହି ବିସ୍ଫୋରଣରେ ଗାନ୍ଧୀ, ରାଜାରତନାମ୍ ଏବଂ ଅନ୍ୟ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା । ଏହି ହତ୍ୟାକାଣ୍ଡକୁ ଜଣେ ୨୧ ବର୍ଷ ବୟସ୍କ ସ୍ଥାନୀୟ ଫଟୋଗ୍ରାଫର କାବୁ କରିଥିଲେ, ଯାହାର କ୍ୟାମେରା ଏବଂ ଚଳଚ୍ଚିତ୍ର ଉକ୍ତ ସ୍ଥାନରୁ ମିଳିଥିଲା । ଏହି ବିସ୍ଫୋରଣରେ ହରିବାବୁ ନାମକ କ୍ୟାମେରାମ୍ୟାନଙ୍କର ମୃତ୍ୟୁ ଘଟିଥିଲା କିନ୍ତୁ କ୍ୟାମେରା ଅକ୍ଷୁର୍ଣ୍ଣ ରହିଥିଲା । ପୋଷ୍ଟମର୍ଟମ ଏବଂ ଶବ ବ୍ୟବଚ୍ଛେଦ ପାଇଁ ଗାନ୍ଧୀଙ୍କ ଅସ୍ଥିର ଶରୀରକୁ ନୂଆଦିଲ୍ଲୀର ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସକୁ ପଠାଯାଇଥିଲା ।

୨୪ ମଇ ୧୯୯୧ରେ ଗାନ୍ଧୀଙ୍କ ପାଇଁ ଏକ ରାଜ୍ୟ ସମାଧି ଅନୁଷ୍ଠିତ ହୋଇଥିଲା; ଏହା ସିଧାପ୍ରସାରଣ ହୋଇଥିଲା ଏବଂ ୬୦ରୁ ଅଧିକ ଦେଶର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଯମୁନାନଦୀ କୂଳରେ ଥିବା ତାଙ୍କ ମାତା ଇନ୍ଦିରା ଗାନ୍ଧୀ, ଭାଇ ସଞ୍ଜୟ ଗାନ୍ଧୀ ଏବଂ ଦାଦା ଜବାହରଲାଲ ନେହେରୁଙ୍କ ଶ୍ରଦ୍ଧାଳୁ ନିକଟରେ ଭେର ଭୁମିରେ ତାଙ୍କୁ ଶବଦାହ କରାଯାଇଥିଲା ।୧୯୯୧ ମସିହାରେ ଭାରତ ସରକାର ଗାନ୍ଧୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରିଥିଲେ ।

ତାଙ୍କ ମୃତ୍ୟୁ ପରଠାରୁ, ୨୧ ମଇକୁ ଭାରତରେ ଆତଙ୍କବାଦ ବିରୋଧୀ ଦିବସ ଭାବେ ଘୋଷଣା କରାଯାଇଛି ।

ଦେବେନ୍ଦ୍ର ସାମଲ ୯୪୩୯୯୦୯୪୭୨,
ନୂତନ ସରକାରୀ କଲୋନୀ ଭୁବନେଶ୍ୱର ୭୫୧୦୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷକ ଦେଶର ମେରୁଦଣ୍ଡ



ଅଜିତ ପଧାନ

ସମୟଥିଲା ଦିନେ ଶିକ୍ଷାର୍ଥୀମାନେ ଆଗ୍ରହର ସହିତ ଖେଳକୁଦ, ମୌଜ ମସ୍ତିକରି ପାଠପଢ଼ିବାର ଯେଉଁ ସୁଯୋଗ ପାଉଥିଲେ ଶିକ୍ଷାକେନ୍ଦ୍ରରେ ତାହା ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ପାଇଁ ବାଧା ଉପୁଜାଇଛି । ସେମାନେ ବର୍ତ୍ତମାନ ଘରେ ବସି ଦୂରଦର୍ଶନ, ମୋବାଇଲ ଏମିତି ବିଭିନ୍ନ ପ୍ରକାରର ଦୃଶ୍ୟଶ୍ରାବ୍ୟ ଉପକରଣର ବ୍ୟବହାର କରି ପଢୁଛନ୍ତି । ଯାହା କେତେକ ପିଲାଙ୍କୁ ମଧ୍ୟ ପଥଭ୍ରଷ୍ଟ କରୁଛି ।

ଯେଉଁ ବାପାମାଆ ଦୁଇଓଳି ଖାଇବାପାଇଁ ସେମାନଙ୍କୁ ଦିନମଜୁରିଆ ଭାବେ କାମ କରିବାକୁ ପଡିଥାଏ ଆଜି ସେହି ବାପାମାଆ ନିଜର ସନ୍ତାନମାନଙ୍କ ପାଠ ପାଇଁ ଆଣ୍ଡ୍ରୋଏଡ୍ ମୋବାଇଲ୍ କିଣିବାକୁ ବାଧ୍ୟ ହେଉଛନ୍ତି ନଚେତ ନିଜ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି । କେବଳ କଣ ମୋବାଇଲ୍ କିଣିଦେଲେ କଥା ସରିଯାଉଛି ! ସେଥିରେ ପୁଣି ମାସକୁ ଦୁଇଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି, ଯଦ୍ୱାରା ତାଙ୍କର ପରିସ୍ଥିତି ଅତି ଶୋଚନୀୟ ହୋଇପଡୁଛି । ଆଜିର ଏହି ଅନଲାଇନ ଶିକ୍ଷା ପଦ୍ଧତିଟି କେବଳ ଶିକ୍ଷକକୈନ୍ଦ୍ରିକ ପନ୍ଥା ହେଉଥିବା ହେତୁ ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ବୁଝିବାକୁ ଓ ନିଜର ସମସ୍ୟାର ସମାଧାନ କରିବାକୁ ତାଙ୍କ ପ୍ରତି ବାଧକ ସାଜିଛି ।

ଜଣେ ଶିକ୍ଷକ ସର୍ବଦା ଶିକ୍ଷାର୍ଥୀମାନଙ୍କର ଭଲ ହିଁ ଚାହିଁଥାନ୍ତି । ସେମାନେ କେବେହେଲେ କୌଣସି ଶିକ୍ଷାର୍ଥୀଙ୍କ ମଧ୍ୟରେ ପାତରଅନ୍ତର ଭାବନା ରଖିନଥାନ୍ତି । କାରଣ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ତାଙ୍କରି ହାତରେ ନ୍ୟସ୍ତ ଥାଏ, ଶିକ୍ଷାର୍ଥୀ ହେଉଛନ୍ତି ଦେଶର ଭବିଷ୍ୟତ । ତେଣୁ ସେମାନେ କୌଣସି ଶିକ୍ଷାର୍ଥୀଙ୍କୁ ପଛରେ ରହିବାକୁ ଦେଇନଥାନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେମାନେ ଶିକ୍ଷାର୍ଥୀ କିପରି ସହଜ ଓ ସରଳ ମାଧ୍ୟମରେ ଶିଖିପାରିବେ ସେଥିପ୍ରତି ସର୍ବଦା ଚେଷ୍ଟିତ ଥାଆନ୍ତି । ସେଥିପାଇଁ ଶିକ୍ଷକ ସମାଜକୁ ଏହି ମାଧ୍ୟମରେ ଶିକ୍ଷାଦାନ କରିବାକୁ ପସନ୍ଦ ଲାଗୁନଥିଲେ ମଧ୍ୟ ସେମାନେ କିନ୍ତୁ ବାଧ୍ୟ ବାଧକତାରେ ଅନଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରୁଛନ୍ତି ।

ଯେତେବେଳେ ଜଣେ ଶିକ୍ଷକ ଶ୍ରେଣୀରେ ଶିକ୍ଷାଦାନ କରିଥାନ୍ତି, କେତେକ ଶିକ୍ଷାର୍ଥୀ ବୁଝିପାରିଲା ବେଳେ ଆଉ କେତେକ ଶିକ୍ଷାର୍ଥୀ ବୁଝିବାକୁ ଅସମର୍ଥ ହୋଇଥାନ୍ତି । ସେହି ସମୟରେ ଶିକ୍ଷକ ଜଣକ ଅନେକ ବିକଳ୍ପ ନେଇ ତାଙ୍କୁ ବୁଝାଇଥାନ୍ତି । କିନ୍ତୁ ଅନଲାଇନ୍ ମାଧ୍ୟମରେ ଯେତେବେଳେ ଶିକ୍ଷକଜଣକ ଶିକ୍ଷାଦାନ କରୁଛନ୍ତି, କଣ ସମସ୍ତେ ସେଠି ଅଂଶଗ୍ରହଣ କରୁଛନ୍ତି ? ନା, ଅନେକ ଶିକ୍ଷାର୍ଥୀ ସେଥିରୁ ବଞ୍ଚିତ ହେଉଛନ୍ତି । କାରଣ ହୁଏତ ସେମାନଙ୍କ ପାଖରେ ମୋବାଇଲ ନ ଥାଇପାରେ, ନେଟୱାର୍କର ସମସ୍ୟା ମଧ୍ୟ ଥାଇପାରେ ଏମିତି ଆହୁରି ଅନେକ । ତଥାପି ସେହି ଶିକ୍ଷକଙ୍କୁ ଶିକ୍ଷାଦାନ କରିବାକୁ ପଡିଥାଏ । ତେବେ ଏଠାରେ ମୋ ମନରେ ପ୍ରଶ୍ନ ଉଠେ ସେହି ଶିକ୍ଷାର୍ଥୀଙ୍କର ପରବର୍ତ୍ତୀ ସମୟ କଣ ହେବ ? ସେମାନେ ପଢିବେ କେମିତି ? ଏମିତି ଆହୁରି ଅନେକ । ଶିକ୍ଷାକୁ ସହଜ ଓ ସରଳ କରିବାପାଇଁ ଜଣେ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ନେଇ ଅନେକ ସ୍ୱପ୍ନ ଦେଖିଥାନ୍ତି । ସେମାନଙ୍କ ପାଇଁ ନିଜ ଦରମାରୁ ଖର୍ଚ୍ଚ କରି ଅନେକ ଉପକରଣ ତାଙ୍କୁ ଯୋଗାଇଥାନ୍ତି । ତଥାପି ଆଜି ସରକାର ଶିକ୍ଷକ ସମାଜକୁ ଅଣଦେଖା କରୁଛନ୍ତି ଯଦ୍ୱାରା ଶିକ୍ଷକମାନଙ୍କ ମନୋବଳ ଭାଙ୍ଗିପଡୁଛି । ଏହା ସମସ୍ତେ ଜାଣିଛନ୍ତି ଯେ ଯଦି ଶିକ୍ଷକ ସମାଜ ଦୁର୍ବଳ ହୋଇପଡେ ତାହେଲେ ଦେଶର ଅବସ୍ଥା କଣ ହେବ ତାହା ଚିନ୍ତା କରିପାରୁଥିବେ, ତେଣୁ ସେମାନଙ୍କୁ ହେୟ ମନେ କରିବା ଉଚିତ୍ ନୁହେଁ । କାରଣ ସେମାନେ ଦେଶର ମେରୁଦଣ୍ଡ ।

ଅଜିତ ପଧାନ, କଳାପଥର
ସୁବର୍ଣ୍ଣପୁର ୮୦୧୮୧୬୭୭୧୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ସେପ୍ଟେମ୍ବର ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ସେପ୍ଟେମ୍ବର ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : September 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ପିଡ଼ିଏଫ୍ କେବଳ ଗୋଟିଏ ପୃଷ୍ଠାର ଆଲେଖ୍ୟ ପାଇଁ ଗ୍ରହଣ କରାଯିବ । ଅଧିକ ପୃଷ୍ଠାର ଆଲେଖ୍ୟକୁ ଟାଇପ୍ କରି ପଠାଇବା ଅନିବାର୍ଯ୍ୟ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଏକାଧିକ ଆଲେଖ୍ୟ ପଠାଉଥିବା ବନ୍ଧୁଙ୍କ ଆଲେଖ୍ୟକୁ ଗ୍ରହଣ କରାଯିବ ନାହିଁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପଠାନ୍ତୁ ଏବଂ ବାରମ୍ବାର ଇମେଲ୍ କରନ୍ତୁ ନାହିଁ । ଥରେ ପଠାଇବା ଯଥେଷ୍ଟ ।